ମୋ ଜୀବନ ମୋ ସାହିତ୍ୟ

ସମ୍ପାଦନା

ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ
ଡକ୍ଟର ଗିରୀଶ ଚନ୍ଦ୍ର ସାହୁ

ମୋ' ଜୀବନ ମୋ' ସାହିତ୍ୟ

ସମ୍ପାଦନା :

ଡ. କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରଫେସର

ସ୍ନାତକୋତ୍ତର ଓଡ଼ିଆ ବିଭାଗ

ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର

ଡ. ଗିରୀଶ ଚନ୍ଦ୍ର ସାହୁ, ପ୍ରାଧ୍ୟାପକ

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ

କେନ୍ଦ୍ରାପଡ଼ା

ଚିନ୍ମୟ ପ୍ରକାଶନ

ବିନୋଦ ବିହାରୀ, କଟକ-୨

Digitized by srujanika@gmail.com

ମୋ' ଜୀବନ ମୋ' ସାହିତ୍ୟ

ସମ୍ପାଦନା :
ଡ. କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରଫେସର
ସ୍ନାତକୋତ୍ତର ଓଡ଼ିଆ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର

ଡ. ଗିରୀଶ ଚନ୍ଦ୍ର ସାହୁ, ପ୍ରାଧ୍ୟାପକ
କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ
କେନ୍ଦ୍ରାପଡ଼ା

ପ୍ରକାଶକ:
ଚିନ୍ମୟ ପ୍ରକାଶନ
ବିନୋଦ ବିହାରୀ, କଟକ-୨

ଅକ୍ଷର ବିନ୍ୟାସ :
ବାବାଗତିଶ୍ୱର ଡିଟିପି ସେଣ୍ଟର
ବିଡ଼ାନାସୀ, କଟକ-୧୪

ମୁଦ୍ରଣ :
ସତ୍ୟନାରାୟଣ ପ୍ରେସ୍
ଡଗରପଡା, କଟକ-୨

ପ୍ରଥମ ସଂସ୍କରଣ : ୨୦୧୪

ମୂଲ୍ୟ :
ଟ.୧୭୫ ଟଙ୍କା ମାତ୍ର

Mo' Jibana Mo' Sahitya

Edited by :
Dr. Krushna Chandra Pradhan, Prof.
Dr. Girish Chandra Sahoo, Reader

Publisher:
Chinmay Prakashan
Binod Bihari, Cuttack-2

DTP :
BabaGatiswar DTP Center
Bidanasi, Cuttack-14

Printing:
Satyanarayan Press
Dagarpara, Cuttack-2

First Edition : **2014**

Price:
Rs.175 /- Only

Digitized by srujanika@gmail.com

ଏପରି ସଂକଳନର ଯୋଜନା ସମ୍ପର୍କରେ

ବିଶ୍ୱର ବହୁବିଦ୍ୱାନ ସ୍ୱୀକାର କରନ୍ତି ଜୀବନଟା ସବୁଠାରୁ ଉତ୍କୃଷ୍ଟ ସାହିତ୍ୟ । କିଏ କେତେ ବାଗରେ ଜୀବନକୁ ଦେଖେ, ତା'ର ହିସାବ କାହିଁ ? ତେବେ ସାଧାରଣ ଦୃଷ୍ଟି ଓ ସ୍ରଷ୍ଟାର ଦୃଷ୍ଟି ମଧ୍ୟରେ କିଛି ନା କିଛି ତାରତମ୍ୟ ରହିଛି ନିଶ୍ଚୟ । ଏ ତାରତମ୍ୟର ମୂଳ ନିର୍ଦ୍ଧାରଣ ହୁଏତ ସମ୍ଭବ ନୁହେଁ । ତଥାପି ଜୀବନ ବେଳାଭୂମିରୁ ଅନୁଭୂତିର ଶାମୁକା ଖୋଜିବାରେ ସ୍ରଷ୍ଟାଟିଏ ପରାଙ୍‌ମୁଖ ହୋଇନାହିଁ । ଏହି ଅନୁଭବକୁ ଯଥାସମ୍ଭବ ସେ ସାଇତି ରଖିବାକୁ ଚେଷ୍ଟା କରିଛି ତାର ସୃଷ୍ଟି ମଧ୍ୟରେ । ସମସ୍ତ ସ୍ରଷ୍ଟାଙ୍କ ସୃଷ୍ଟି ପାଠ କରିବା ପାଠକମାନଙ୍କ ଦ୍ୱାରା ହୁଏତ ସମ୍ଭବ ହୋଇନପାରେ; କିନ୍ତୁ ସ୍ରଷ୍ଟାଟିକୁ ଜାଣିବାର ଉତ୍କଣ୍ଠା ପ୍ରତ୍ୟେକ ସଚେତନ ପାଠକର ହୃଦୟକୁ ଆଲୋଡ଼ିତ କରିଥାଏ । ସ୍ରଷ୍ଟା ନିଜ ଜୀବନର ଆଭିମୁଖ୍ୟ ତା' ସୃଷ୍ଟିରେ କିପରି ରୂପ ଦେଇଛି, ତା'ଠାରୁ ଆଉ କିଏ ସେ ସମ୍ପର୍କରେ ଅଧିକ ଜାଣେ ? ସ୍ରଷ୍ଟା ମାଧ୍ୟମରେ ସୃଷ୍ଟି ଓ ତା' ଜୀବନକୁ ଜାଣି ଜଣାଇବାର ଅଭିଳାଷରୁ ଏପରି ଏକ ସଂକଳନ ଜନ୍ମ ନେଇଛି ।

ସ୍ରଷ୍ଟା ସୃଷ୍ଟିର ମହତ ଜୀବ । ତା' ଜୀବନର ବ୍ୟାପକ ଅନୁଭୂତି ବ୍ୟକ୍ତି ମଣିଷ ତଥା ସମାଜ ମଣିଷର ଚରିତ୍ର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିପାରେ । ସବୁ ମଣିଷ ପରି ସ୍ରଷ୍ଟା ମଣିଷଟିଏ ମଧ୍ୟ ଅମର ନୁହେଁ; ଅଥଚ ତା'ପରେ ବି ତାର ସୃଷ୍ଟିଟି ପରବର୍ତ୍ତୀ ପାଠକକୁ ଅନେକ ପ୍ରଶ୍ନଜାଲରେ ଛନ୍ଦି ଦେଇପାରେ । ସ୍ରଷ୍ଟା ବ୍ୟକ୍ତିତ୍ୱ ଓ ତାର ବ୍ୟକ୍ତି ବ୍ୟକ୍ତିତ୍ୱ ମଧ୍ୟରେ ଯେଉଁ ସମ୍ପର୍କ ରହିଛି, ତାହା ଜାଣିବା ପ୍ରତ୍ୟେକ ଜାତିର ପାଠକ ପକ୍ଷରେ ଏକ ମୌଳିକ କର୍ତ୍ତବ୍ୟ । ଆମେ ଏହି ସଂକଳନରେ ଏକତିରିଶ ଜଣ ସ୍ରଷ୍ଟାଙ୍କ ତାଙ୍କ ଜୀବନ ଓ ସାହିତ୍ୟ ସମ୍ପର୍କରେ ସେମାନଙ୍କର ନିଜସ୍ୱ ବକ୍ତବ୍ୟ ଉପସ୍ଥାପନ କରିବାର ଦାୟିତ୍ୱଟିଏ ନିର୍ବାହ କରିଛୁ । ଉଦ୍ଦେଶ୍ୟ ସ୍ରଷ୍ଟା ସହିତ ପାଠକର ଭେଟ ସମ୍ଭାଷଣ; ଅବଶ୍ୟ ପରୋକ୍ଷରେ । ଯେଉଁ ସ୍ରଷ୍ଟାଟିକୁ ପାଠକ ପଢୁଛି, ତାର ଜୀବନାନୁଭୂତି କିପରି ତା' ସୃଷ୍ଟିରେ ପ୍ରତିଫଳିତ ହୋଇଛି, ଅଥବା ଜୀବନ ପ୍ରତି ତାର ଦୃଷ୍ଟିଭଙ୍ଗୀ କିପରି ରହିଛି ତାହା ଜାଣିବା ପାଇଁ ଏହି ସଂକଳନରେ କିଛି ସ୍ରଷ୍ଟାଙ୍କ ଜୀବନବେଦ ସଂଗ୍ରଥିତ କରିଛୁ । ଏମିତି ଅନେକ ସ୍ରଷ୍ଟା ସମୟସ୍ରୋତରେ ସବୁଦିନ ପାଇଁ ଆମଠାରୁ ବିଚ୍ଛିନ୍ନ ହୋଇଯାଇଛନ୍ତି, ତାଙ୍କ ଜୀବନାନୁଭୂତି ଆମ ନିକଟରେ ସବୁଦିନ ପାଇଁ ଅଜଣା ରହିଗଲା । ଏହି ସଂକଳନରେ କିଛି ସ୍ରଷ୍ଟାଙ୍କ ଅନୁଭୂତି ରହିଛି; ଅଥଚ ସେମାନେ ଆମ ପାଖରେ ନାହାନ୍ତି । ଯେଉଁମାନେ ଆମ ସାହିତ୍ୟର ସାରସ୍ୱତ ସାଧକ, ସେମାନଙ୍କୁ ପାଠକମାନଙ୍କ ସହିତ ପରିଚୟ କରାଇଦେବାର ଦାୟିତ୍ୱବୋଧରୁ ସଂକଳନଟି

Digitized by srujanika@gmail.com

ପ୍ରସ୍ତୁତ ହୋଇଛି । ଅତୀତରେ ଡ. ଗୌରାଙ୍ଗ ଚରଣ ଦାଶ ଏହି ଶିରୋନାମାରେ ପୁସ୍ତକଟିଏ ମଧ୍ୟ ପ୍ରକାଶ କରିଥିଲେ, ଅଳ୍ପ କିଛି ସାରସ୍ୱତ ସାଧକଙ୍କୁ, ତାଙ୍କ ମହାବିଦ୍ୟାଳୟର ଆଲୋଚନାଚକ୍ରକୁ ନିମନ୍ତ୍ରଣ କରି । ସେହି ସଂକଳନରୁ ଆମେ କିଛି ସ୍ରଷ୍ଟାଙ୍କ "ମୋ' ଜୀବନ ମୋ' ସାହିତ୍ୟ" ସଂପର୍କୀୟ ବକ୍ତବ୍ୟକୁ ଏଥିରେ ସ୍ଥାନିତ କରିଛୁ । ଶିରୋନାମା ପାଇଁ ଏବଂ ଡ. ଦାଶଙ୍କ ସଂକଳନରୁ ଗ୍ରହଣ କରିଥିବା ସ୍ରଷ୍ଟାଙ୍କ ବକ୍ତବ୍ୟ ପାଇଁ ଆମେ ତାଙ୍କ ନିକଟରେ କୃତଜ୍ଞ । ଆମେ ଅନେକ ସ୍ରଷ୍ଟାଙ୍କଠାରୁ ତାଙ୍କ ଜୀବନ ଓ ସାହିତ୍ୟ ସମ୍ବନ୍ଧରେ ବହୁ ବକ୍ତବ୍ୟ ପାଇଛୁ । ସବୁଗୁଡ଼ିକ ସଂକଳିତ କରିବା ସମ୍ଭବ ନହେବାରୁ ଅଳ୍ପ କେତୋଟିକୁ ଏହି ସଂକଳନରେ ସାମିଲ କରିଛୁ । ପୁଣି ଆମେ ଚିନ୍ତା କରିଥିଲୁ ବୟସାନୁଯାୟୀ ଲେଖାଗୁଡ଼ିକୁ ସ୍ଥାନିତ କରିବୁ । ମାତ୍ର ଯଥା ସମୟରେ ଆମର ଅନୁରୋଧ ସତ୍ତ୍ୱେ ବହୁ ସ୍ରଷ୍ଟା ସେମାନଙ୍କର ବକ୍ତବ୍ୟ ପଠାଇପାରିଲେ ନାହିଁ । ଆମଦ୍ୱାରା ହସ୍ତଗତ ହୋଇଥିବା ଲେଖାଗୁଡ଼ିକୁ ଯେମିତି ପାଇଥିଲୁ, ସେମିତି ସଜାଇ ସ୍ଥାନିତ କରିଛୁ । ପରେ ବହୁ ପ୍ରବନ୍ଧ ଓ ବୟସ୍କ ସ୍ରଷ୍ଟାଙ୍କ ଲେଖା ଆମର ହସ୍ତଗତ ହୋଇଛି; ମାତ୍ର ଛାପାକାର୍ଯ୍ୟ ଶେଷ ହୋଇଯାଇଥିବାରୁ ସେଗୁଡ଼ିକ ଏହି ସଂକଳନରେ ସ୍ଥାନ ପାଇପାରିନାହାନ୍ତି । ଏକାଧିକ ସଂକଳନ ପ୍ରସ୍ତୁତ କରିବାର ଉଦ୍ଦେଶ୍ୟ ଥିବାରୁ ପରବର୍ତ୍ତୀ ସଂକଳନରେ ସେଗୁଡ଼ିକୁ ସଂକଳିତ କରିବୁ । ଏହି ସଂକଳନ ମାଧ୍ୟମରେ ଅନ୍ୟସ୍ରଷ୍ଟାଙ୍କୁ ମଧ୍ୟ ଅନୁରୋଧ କରୁଛୁ, ସେମାନେ ସେମାନଙ୍କର ମୂଲ୍ୟବାନ ବକ୍ତବ୍ୟ "ମୋ' ଜୀବନ ମୋ' ସାହିତ୍ୟ" ଶିରୋନାମାରେ ପଠାଇ ଆମକୁ ସହଯୋଗ କରନ୍ତୁ । ସେମାନଙ୍କ ସହଯୋଗ ବ୍ୟତିରେକେ ଏପରି ଏକ ବିରାଟ ଯୋଜନା ସଫଳ ହେବା ସମ୍ଭବ ନୁହେଁ ।

ଶେଷରେ ଆମର ଏହି ଯୋଜନାଟିକୁ ବେଶ୍ ଆଗ୍ରହର ସହିତ ସାକାର କରିଥିବାରୁ ସତ୍ୟନାରାୟଣ ବୁକ୍ ଷ୍ଟୋର୍‌ର ସ୍ୱତ୍ତ୍ୱାଧିକାରୀ ସତ୍ୟବାବୁ, ବୁନୁବାବୁ ତଥା ପରିଚାଳକ ରମେଶବାବୁଙ୍କୁ ବିଶେଷ ଧନ୍ୟବାଦ । ପାଣ୍ଡୁଲିପି ସଂଶୋଧନରେ ସାହାଯ୍ୟ କରିଥିବାରୁ ଗଙ୍ଗାଧର ମେହେର ସରକାରୀ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟାପକ ଡ. ଶ୍ୟାମ ଭୋଇ ଗବେଷକ ସୁରେନ୍ଦ୍ର ଓ ଶାନ୍ତନୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ । ଆମର ଏହି ସଂକଳନ ସଂପର୍କରେ ଗଠନାତ୍ମକ ପରାମର୍ଶ ସୁଧୀ ପାଠକ ଓ ଆଲୋଚକମାନଙ୍କଠାରୁ ଆଶା କରୁଛୁ; ଯାହା ପରବର୍ତ୍ତୀ ସଂକଳନକୁ ଅଧିକ ରୁଚିସମ୍ପନ୍ନ ଓ ତଥ୍ୟନିଷ୍ଠ କରିପାରିବ ।

— ସଂପାଦକ

Digitized by srujanika@gmail.com

ସୂଚୀପତ୍ର

ମୋ' ଜୀବନ ମୋ' ସାହିତ୍ୟର ସ୍ରଷ୍ଟାଗଣ

ସ୍ରଷ୍ଟା	ପୃଷ୍ଠା
୦୧ । ଫତୁରାନନ୍ଦ	୦୭
୦୨ । ଚିତ୍ତରଞ୍ଜନ ଦାସ	୧୨
୦୩ । ଡ. ଜାନକୀ ବଲ୍ଲଭ ମହାନ୍ତି(ଭରଦ୍ୱାଜ)	୨୨
୦୪ । ମାଧବ ଚନ୍ଦ୍ର ଶତପଥୀ	୩୨
୦୫ । ଡ. ନୃସିଂହ ଚରଣ ପଣ୍ଡା	୩୬
୦୬ । ଡ. ଭାବଗ୍ରାହୀ ମିଶ୍ର	୫୬
୦୭ । ଡ. ଶରତ ଚନ୍ଦ୍ର ପ୍ରଧାନ	୭୦
୦୮ । ଡ. ନିତ୍ୟାନନ୍ଦ ଶତପଥୀ	୭୯
୦୯ । ଡ. ରବୀନ୍ଦ୍ର କୁମାର ପ୍ରହରାଜ	୮୪
୧୦ । ହରିଶଙ୍କର ବଡ଼ପଣ୍ଡା	୯୫
୧୧ । ରାସ ବିହାରୀ ବେହେରା	୧୦୦
୧୨ । ଅନ୍ନଦା ପ୍ରସାଦ ରାୟ	୧୧୧
୧୩ । ଡ. ବୈଷ୍ଣବ ଚରଣ ସାମଲ	୧୧୫
୧୪ । ଡ. ଗଗନେନ୍ଦ୍ର ନାଥ ଦାଶ	୧୨୪
୧୫ । ଇଂ ଗୋବିନ୍ଦ୍ର ଚନ୍ଦ୍ର ସାହୁ	୧୨୯
୧୬ । ଡ. ରମେଶ ପ୍ରସାଦ ପାଣିଗ୍ରାହୀ	୧୩୬

Digitized by srujanika@gmail.com

୧୭ ।	ଡ. ପ୍ରତିଭା ଶତପଥୀ	୧୫୦
୧୮ ।	ସଦାଶିବ ଦାଶ	୧୫୬
୧୯ ।	ନନ୍ଦ ମହାନ୍ତି	୧୬୨
୨୦ ।	କାଳିନ୍ଦୀ ଚରଣ ଜେନା	୧୮୪
୨୧ ।	ଡ. ନୀଳାଦ୍ରି ଭୂଷଣ ହରିଚନ୍ଦନ	୧୯୩
୨୨ ।	ଡ. ଅଜାମ୍ବର ମଲ୍ଲ	୨୧୩
୨୩ ।	ଡ. ଆଦିକନ୍ଦ ସାହୁ	୨୨୧
୨୪ ।	ଡ. ପ୍ରସନ୍ନ କୁମାର ପଟ୍ଟନାୟକ	୨୪୦
୨୫ ।	ରବି ସ୍ୱାଇଁ	୨୪୪
୨୬ ।	ଡ. ସଂଘମିତ୍ରା ମିଶ୍ର	୨୬୯

●●●

Digitized by srujanika@gmail.com

ମୋ' ଜୀବନ ମୋ' ସାହିତ୍ୟ

ଫତୁରାନନ୍ଦ (୧୯୧୫-୧୯୯୫)

ନିଜ ଜୀବନ ଓ ସାହିତ୍ୟ ବିଷୟରେ କହିବାଠାରୁ ନିହାତି ମନ୍ଦକଥା ଆଉ କିଛି ନାହିଁ । ତେବେ ମୋଭଳି ଲୋକଟେ ତାର ଜୀବନ ତାର ସାହିତ୍ୟ ବିଷୟରେ ଆପଣମାନଙ୍କୁ ଆଉ କ'ଣ କହିବି ? ସବୁଠାରୁ ମଜାକଥା ହେଲା ମୋର ଯେତେବେଳେ ଜୀବନ ଥିଲା ସେତେବେଳେ ସାହିତ୍ୟ ନଥିଲା । ସାହିତ୍ୟ ଯେତେବେଳେ ଆସିଲା ସେତେବେଳେ ଜୀବନ ଚାଲିଗଲା ।

ପିଲାଦିନେ ପଢୁଥିବାବେଳେ ଯେଉଁଗୁଡ଼ାକ କ୍ଲାସ୍‌ରେ ପଢ଼ା ହୁଏ, ପରୀକ୍ଷାରେ ପଡ଼େ, ଏବଂ ମୁଁ ତାର ଉତ୍ତର ଦିଏ ତାକୁ ମୁଁ ସାହିତ୍ୟ ବୋଲି ଭାବୁଥିଲି । ମାତ୍ର ବିଜ୍ଞାନ ପ୍ରତି ମୋର ଦୁର୍ବଳତା ଥିଲା । ଏ ସାହିତ୍ୟ ପ୍ରତି ମୋର ଜମା ଅନୁରକ୍ତି ନ ଥିଲା । ସେତେବେଳେ ମୁଁ ଗୋଟିଏ ବୈଜ୍ଞାନିକ ହେବି ବୋଲି ମୋର ଭାରି ଆଶା ଥିଲା । ତେବେ କୌଣସିମତେ ମାଇନର୍ ପାସ୍ କଲି, ହାଇସ୍କୁଲ୍ ପାସ୍ କଲି ଭାବୁଥିଲି କଲେଜ୍‌ରେ କେମିତି ପଢ଼ିବି । କିନ୍ତୁ ଘରେ ତ ଆମର ବାପା ବୈଦ୍ୟ । ସେ ମୋତେ ଡାକ୍ତରୀ ପଢ଼ିବା ଲାଗି କହିଲେ । ମୁଁ ବହୁତ କଷ୍ଟରେ ଡାକ୍ତରୀ ପଢ଼ିବା ଆରମ୍ଭ କଲି । ସେ ଯାହା ହେଉ ସାହିତ୍ୟ ବିଷୟରେ ମୁଁ ବୁଝୁଥିଲି କ'ଣ ଭାବୁଥିଲି କ'ଣ ? ସେତେବେଳେ ସାହିତ୍ୟ ପଢ଼ିବା ହେଉଛି ସମୟ ଗଡ଼ାଇବାରେ ଗୋଟିଏ ପ୍ରକ୍ରିୟା । ଯେଉଁମାନଙ୍କୁ ସମୟ କେମିତି କଟେଇବେ ବୋଲି ଉପାୟ ଦିଶୁନଥିଲା, ସେମାନେ ସାହିତ୍ୟ ପଢୁଥିଲେ । ସାହିତ୍ୟ କହିଲେ ମୁଁ ବୁଝୁଥିଲି, ଗପ, ଉପନ୍ୟାସ ଏସବୁ । ଏହାକୁ ସବୁ କେବଳ ପଢ଼ାଯାଏ, ମାତ୍ର ଏହା ବାସ୍ତବରେ ଆମ ଜୀବନରେ କୌଣସି ଉପକାରରେ ଆସେନି । ଏସବୁ ଭାବିଭାବି ମୋ ଜୀବନଟା ଆଗେଇ ଚାଲିଥିଲା । ସେତେବେଳେ ମୋ ଜୀବନରେ ଖୁବ୍ ପ୍ରାଚୁର୍ଯ୍ୟ ଥିଲା । ଆଉ ମୁଁ ଜୀବନ ଉପରେ ଘୋଡ଼ା ଚଢୁଥିଲି । ଜୀବନରେ ମୁଁ ଖୁବ୍ ବିଳାସ କରିଛି, ବହୁତ ଆଡ଼େ ଭ୍ରମଣ କରିଛି - ଏଇ ଜୀବନ ଉପରେ ଚଢ଼ିକରି । କିନ୍ତୁ ଯେତେବେଳେ ଜୀବନଟା ସାହିତ୍ୟ ଫାନ୍ଦରେ ପଡ଼ିଗଲା, ସେତେବେଳେ ସବୁ ଓଲଟା ହୋଇଗଲା । ସାହିତ୍ୟ ମୋ ଉପରେ ଘୋଡ଼ା ଚଢ଼ିଲା । ଯେତେବେଳେ ସାହିତ୍ୟ ଭିତରକୁ ପଶିଗଲି ଜୀବନରେ ବହୁତ କଷ୍ଟ ପାଇଲି ।

Digitized by srujanika@gmail.com

ଡାକ୍ତରୀ ପଢ଼ିଲାବେଳେ ମୋର ପ୍ରଥମେ ଜ୍ଞାନ ହେଲା ଯେ, ସାହିତ୍ୟ କଲେ କିଛି ପଇସା ମିଳିଥାଏ । ସେତେବେଳେ ମୋର ଜଣେ ସାଙ୍ଗ ଜୟକୃଷ୍ଣ ମହାନ୍ତି, ଯିଏକି ମୋର କ୍ଲାସ୍‌ମେଟ୍ ଥିଲେ ଏବଂ ପରେ ଜଣେ ଭଲ ଅଧ୍ୟାପକ ରୂପେ ଖ୍ୟାତି ଅର୍ଜନ କରିଥିଲେ । ସେ ଦ୍ୱିତୀୟ ବାର୍ଷିକରେ ପଢ଼ିବାବେଳେ ଗୋଟାଏ କ'ଣ ବହି ଲେଖୁଥାନ୍ତି । ବହିଟାକୁ ଲିଖୁଛି କିଏ । ତାକୁ ପଢ଼ିବ ବା ଶୁଣିବ କିଏ ? ଶୁଣିଲେ ବା ଲାଭଟା କ'ଣ ? ଏମିତି ଅନେକ କଥା ମୁଁ ଭାବୁଥାଏ । ମାତ୍ର ସେତେବେଳେ ତା ଲେଖା ଆଉ କେହି ପଢ଼ିଲେନିକି, ଶୁଣିଲେନି । ସେ ମୋତେ ଡାକିଲେ ହେ ରାମ, ରାମ ବସ , ଶୁଣ୍ ଆ । ମୋତେ ବସେଇଲା କହିଲା, ଶୁଣିଲୁ ଏଇଟା, ତାପରେ ସେ ଗୋଟାଏ ଖାତା ଧରି ପଢ଼ିଗଲା । ମୁଁ ଶୁଣି ଭାବିଲି - ଏତ ଗୋଟାଏ ସାହିତ୍ୟଭଳି ଜଣାପଡୁଛି । ସାହିତ୍ୟର ଉପନ୍ୟାସ ଭଳି ଲାଗୁଛି । ମୋତେ ଭାରି ବିରକ୍ତ ଲାଗିଲା । ବହୁ ସମୟ ପଢ଼ିବାପରେ ମୋତେ ଭାରି ଅବଶ ଲାଗୁଥାଏ ଏବଂ ମୁଁ ଭାବିଲି କେତେବେଳେ ସରିବ । ମୁଁ ତ ବାଁ ଖାଡ଼ିଆ ମାରି ବୁଲିବା ଲୋକ । ମୋର ଏସବୁ ଏ କାନରେ ପଶି ସେ କାନଦେଇ ବାହାରି ଯାଉଥାଏ । ସେ ପ୍ରାୟ ପନ୍ଦର ମିନିଟ୍ ଭିତରେ କିଛିଅଂଶ ପଢ଼ିଗଲା । ପଢ଼ିକରି କହିଲା - କେମିତି ହୋଇଛି ? ମୁଁ କହିଲି ଭଲ ହୋଇଛି । ସେ ସେଠୁ ପଚାରିଲା କେଉଁଟା ଭଲ ଲାଗୁଛି କହିଲୁ ? ମୁଁ କହିଲି ହଁ ସେଇଟା ଭଲ ହୋଇଛି । ସେ ଆଉଟିକେ ଲମ୍ୱେଇ କରି କହିଲା - ଏ ଉପନ୍ୟାସଟାକୁ ମୁଁ ନେଇଥିଲି ଗୋଟିଏ ପବ୍ଲିଶର୍‌କୁ ଦେବାକୁ ସେ କହିଲା ମୋତେ ଦୁଇଶହଟଙ୍କା ଦେବ । ମୁଁ ନଦେଇ ଫେରି ଆସିଲି । ମୁଁ ଭାବିଲି ଏ ତ ବଡ଼ ଆଶ୍ଚର୍ଯ୍ୟ କଥା । ମୁଁ ତାକୁ ପଚାରିଲି ତୁ ତ ଦେଲୁ, ସେ ଛାପି ଦେଇଥାନ୍ତା । ତୋତେ ସେ ପଇସା ଦେବ କାହିଁକି ? ଆମେ କେତେବେଳେ କାର୍ଡ଼ ଛାପିଲେ ସେ ତ ଆମଠୁ ପଇସା ନିଅନ୍ତି, ତୋ'ଠୁ ଛାପିବାକୁ ନେଲା, ଅଥଚ ତୋତେ ପଇସା କାହିଁକି ଦବ । ମୁଁ ତାପରେ ଭାବିଲି ସେ ଗୋଟାଏ ପାଗଳ ନା କ'ଣ ? ସେ ମୋତେ ବୁଝାଇ ଦେଲା ଆରେ ଲେଖକମାନେ ବହି ଲେଖନ୍ତି, ପବ୍ଲିଶର୍‌ମାନେ ତାଙ୍କଠାରୁ ସେଗୁଡ଼ାକ କିଣିନିଅନ୍ତି, ତାକୁ ବିକ୍ରି କରି ତା ଦେହରୁ ବହୁତ ପଇସା ପାଆନ୍ତି । ଯାହାଠାରୁ ସେ ସେମିତି ନେଇଥିବେ ସେ ବହି ବିକ୍ରିକରି, କିଛି ଲାଭାଂଶ ଲେଖକକୁ ଦିଅନ୍ତି । ତାକୁ ରୟାଲ୍‌ଟି କହନ୍ତି, ମୋର ଟିକେ ମୁଣ୍ଡ ଏପଟସେପଟ ହୋଇଗଲା । ମୁଁ ଭାବିଲି ରୟାଲ୍‌ଟି ବୋଲି ଗୋଟାଏ କିଛି ଜିନିଷ ଅଛି । ସାହିତ୍ୟରେ ଗୋଟାଏ ବହି ଲେଖିଦେଲେ ପଇସା ମିଳେ ଏକଥା ମୁଁ ସେଇଠି ଜାଣିଲି ।

ମୁଁ ମେଡ଼ିକାଲ୍ ସ୍କୁଲ୍ ଜୀବନଟାକୁ ତ ବେଶ୍ ଉପଭୋଗ କରିଛି । ମୁଁ ତ ପ୍ରଥମରୁ ଆପଣଙ୍କୁ କହିଛି, ସେତେବେଳେ ମୋ ଜୀବନଟାରେ ବହୁତ ପ୍ରାଚୁର୍ଯ୍ୟ ଥିଲା । ଖେଳ, ନାଚ, କୁଦ ସବୁଥିରେ ମୁଁ ଟପି ଯାଇଥିଲି । ତାପରେ ଆଉ ଗୋଟିଏ ଜ୍ଞାନ ମିଳିଲା ଯେ, ବହିଟା ଲେଖିଲେ ରୟାଲ୍‌ଟି ନାମକ ଗୋଟେ ଜିନିଷ କ'ଣ ମିଳେ । ଆଉଥରେ କ'ଣ

Digitized by srujanika@gmail.com

ହେଲା - ସେ ସମୟରେ ଡଗର ପତ୍ରିକା ନୂଆ କରି ବାହାରିଲା । ପତ୍ରିକାଟି ସେତେବେଳେ ମୋତେ ଭାରି ଭଲ ଲାଗିଲା । ପନ୍ଦର ଦିନରେ ଥରେ ବାହାରୁଥାଏ । ହକରଟିଏ ଆସି ମୋତେ ଖଣ୍ଡିଏ ଡଗର ପତ୍ରିକା ଦେଇଗଲା ଏବଂ ସେଇଟା ପଢ଼ି ମୋତେ ଭାରି ଭଲ ଲାଗିଲା । ସେତେବେଳେ ତାର ଦାମ୍ ଥାଏ ଚାରି ପଇସା । ମୁଁ ତାକୁ ଆଗ୍ରହରେ ରଖୁଥିଲି । ସେତେବେଳେ ଅଣାଟିଏବି ପାଇବା ପାଇଁ ଭାରି କଷ୍ଟ ହେଉଥିଲା । କାରଣ ସିଗାରେଟ୍, ଚା, ପାନ ବାବଦରେ ତ ପଇସା ଚାଲିଯାଉଥିଲା । ମାତ୍ର ପତ୍ରିକାରେ ଖାଲି ହ୍ୟୁମର ଥିଲା ବୋଲି ମୋତେ ଭାରି ଭଲ ଲାଗୁଥିଲା । ମୂଳରୁ ମୋର ସେଇ ହ୍ୟୁମରଟା ପ୍ରତି ଗୋଟେ ଦୁର୍ବଳତା ଥିଲା । ତେଣୁ ମୋତେ କିଣିବାକୁ ବଡ଼ କଷ୍ଟ ହେଉଥିଲା । ସେଇଠୁ ଆଉଦିନେ ଦେଖିଲି ଜଣେ ଭଦ୍ର ଲୋକ ତାଙ୍କ ହାତରେ ଗୋଟାଏ ଡଗର ପତ୍ରିକା ଧରିଛନ୍ତି । ମୁଁ ତାଙ୍କୁ ପଚାରିଲି - ହଇହୋ ଏଇଟା କ'ଣ କିଣିଛନ୍ତି । ସେ କହିଲେ - ନାହିଁ, ମୁଁ ଗୋଟାଏ କମ୍ପ୍ଲିମେଣ୍ଟାରି ପତ୍ରିକା ପାଇଛି । ମୁଁ କହିଲି ସେଇଟା ପୁଣି କ'ଣ ? ପୁଣି କମ୍ପ୍ଲିମେଣ୍ଟାରୀ ପତ୍ରିକା । ସେ କହିଲେ - ଆମେ ଗୋଟେ ଲେଖାଦେଉଁ । ସେ ଲେଖା ପତ୍ରିକାରେ ବାହାରିଲେ- ପବ୍ଲିଶର୍ ଆମକୁ ଖଣ୍ଡିଏ ପତ୍ରିକା ମାଗଣାରେ ଦେଇଥାନ୍ତି । ମୁଁ ଏଇଠୁ ଦୁଇଟା ଜ୍ଞାନ ପାଇଲି । ମେଡିକାଲ୍‌ରେ ପଢୁଥିବା ସମୟରେ ଗୋଟିଏ ହେଲା ରୟେଲ୍‌ଟି ଓ ଅନ୍ୟଟି କମ୍ପ୍ଲିମେଣ୍ଟାରୀ କପି । ମନରେ ରଖିଥାଏ ସେ କଥା । କାଳକ୍ରମେ ମେଡ଼ିକାଲ୍ ଛାଡ଼ିଲି । ମୁଁ ତ ଆଉ ଡାକ୍ତରୀ ହୋଇପାରିଲି ନାହିଁ ସେ ସମୟରେ ମୋର ଦେହ ଖରାପ ହେଲା । ପଢ଼ୁଥିବା ସମୟରେ ସିନା ଘରୁ ପଇସା ନେଇ ବୁଲାବୁଲି କରୁଥିଲି । ମାତ୍ର ତାପରେ ଆଉ ଘରୁ ପଇସା ମାଗିବାକୁ ଭଲ ଲାଗିଲାନି । ମାତ୍ର ଚାରି ବର୍ଷ ପାଠକୁ ମୁଁ ସାତବର୍ଷ ଲଗେଇ ଦେଇଥିଲି । ତେଣୁ ଯିଏ ମୋତେ ପଚାରେ ହଇରେ ତୁ ମେଡ଼ିକାଲ୍ ପାଠ ଚାରି ବର୍ଷକୁ, ସାତବର୍ଷ କେମିତି ଲଗେଇଦେଲୁ । ମୁଁ ତାକୁ ରୋକ୍‌ଠୋକ୍ କହେ, ସାତବର୍ଷ କାଳ ଘସିମାଜି ପାଠ ପଢ଼ିଛି; କ'ଣ ତମଭଳିଆ ହୋଇଛି । ଏମିତି କହି ଥଟ୍ଟା କରେ । ଏହାପରେ ମୁଁ ଭାବୁଥାଏ ଏମିତି ଆଉ କିଛି ବର୍ଷ ଯାଇଥିଲେ ଭଲ ହୋଇଥାନ୍ତା । ଯାହା ହେଉ ସେ ସବୁ ସରିଲା । ମୁଁ ଘରେ ଯାଇ ବସିଲି । ଘରେ ସିନା ବସିଲି କେମିତି କ'ଣ କରିବି ? ହଠାତ୍ ସେ ଜ୍ଞାନ ଦୁଇଟା ମୋ ମୁଣ୍ଡରେ ପଶିଗଲା - ଭାବିଲି, ଆରେ ସେତ କ'ଣ କହିଥିଲା - ଗୋଟିଏ ବହି ଲେଖିଲେ ଦୁଇଶହ ଟଙ୍କା ମିଳିବ । ମୁଁ ସେଇଠୁଁ ମନେ ମନେ ଭାବିଲି - ସମସ୍ତେ ବହି ଲେଖୁଛନ୍ତି, ମୁଁ କାହିଁକି ଗୋଟାଏ ଲେଖିବିନି ? ଆଉ, ସେତେବେଳେ ଗୋଟାଏ ଡାକ୍ତରର ଦରମା ଥାଏ ଷାଠିଏ ଟଙ୍କା । ସେମାନେ ଷାଠିଏ ଟଙ୍କା ମାସକୁ ପାଉଛନ୍ତି, ମୁଁ ମାସକୁ ଗୋଟିଏ ବହି ଲେଖି ଦୁଇଶହ ଟଙ୍କା ନେଇଆସିବି । ମୋର ମାସକୁ ଦୁଇଶହଟଙ୍କା ହେବ । ଚାକିରି ନହେଲା ନାହିଁ । ଡାକ୍ତରୀ ନହେଲା ନାହିଁ ।

Digitized by srujanika@gmail.com

ସେଇଠୁ ବସି ବସି ମୋର ପ୍ରଥମ ଉପନ୍ୟାସ "ନାକ୍‌ଟା ଚିତ୍ରକର" ଆରମ୍ଭ କଲି । ତାକୁ ପୁଣି ଲେଖିଲାବେଳକୁ ମୋର ମାସରେ ସରିଲାନି, ମୋତେ ତାହା ତିନିବର୍ଷ ଖଣ୍ଡେ ଲାଗିଗଲା । ଏତେ ସମୟ ମୁଁ କେଉଁଠୁ ପାଇବି ? ଡଗରତ ମାଗଣାରେ ପାଇବି ନାହିଁ । କ'ଣ କରିବି ? ଡଗର ପାଇଁ ରୀତିମତ ଗପ ଲେଖିଲି, ଏସବୁ ନିଜ ମନରୁ ଫାନ୍ଦି ଲେଖିଲି । ସେଇଟା ଯାହା ହେଉ ମୋତେ ଭାରି ଅସାଣ୍ଟୁଆ ହେଲା । ତେଣୁ ସମ୍ପାଦକ ମୋତେ ବାରମ୍ବାର ଲେଖା ପଠାଇବା ପାଇଁ ଜଣାଇଲେ । ଲେଖିଲି, ଗୋଟେ କମ୍ପ୍ଲିମେଣ୍ଟାରୀ କପି ମଧ୍ୟ ଆସିଗଲା । ଦ୍ୱିତୀୟ ପାଠଟି ପଢ଼ିଥିଲି ସେ କାମବି ମଧ୍ୟ ହୋଇଗଲା । ମାତ୍ର ପ୍ରଥମେ ଯେଉଁ କାମଟି; ଲେଖିଲେ ଯେ ଟଙ୍କା ମିଳେ, ସେଇଟା ଆଉ ହେଲା ନାହିଁ । ଆଜି ବି ସେଇ ସମସ୍ୟା । ଲେଖୁଚି ସିନା, ହେଲେ ପଇସା ମିଳୁନି । ଉପନ୍ୟାସ "ନାକ୍‌ଟା ଚିତ୍ରକର" ଲେଖୁ ଲେଖୁ ତିନିବର୍ଷ ଲାଗିଗଲା । ତାକୁ ଛାପିବ ବା କିଏ ? କେହି ପବ୍ଲିଶର୍ ତାକୁ ଛାପିଲେ ନାହିଁ । ଯିଏ ତାକୁ ପଢ଼ିଲା ସିଏ ମୋ ପାଖକୁ ଫୋପାଡ଼ିଲା । କେହି ଛାପିଲେ ନାହିଁ । ସବା ଶେଷରେ କଟକରେ ଗୋଟାଏ ନୂଆ ବଡ଼ ସାହିତ୍ୟ ଅନୁଷ୍ଠାନ ଗଢ଼ା ହେଉଥିଲା, ସେଥିରେ ଯେଉଁ ଜେନେରାଲ୍ ମ୍ୟାନେଜର୍ ଥିଲା ସେ ଥିଲା ଓଡ଼ିଆ ଏମ୍.ଏ. । ସେ ଏହି ପାଣ୍ଡୁଲିପି ଉପରେ ଲେଖିଲେ ଯେ, Why such a poor Attempt ମୁଁ ଚୁପ୍‌ଚାପ ହୋଇବସିଲି । ଦେଖିଲି କେହି ତାକୁ ଆଉ ଛାପିଲେ ନାହିଁ । ମୋର ଚେତା ପଶିଲା ମୁଁ କାହିଁକି ଅଯଥା ଏତେ ଚେଷ୍ଟା କରୁଥିଲି ? ଏଇଟା ବୋଧେ ନିଜର ଭୁଲ୍ । ଯାହାକୁ ମୁଁ ଦେଖିପାରୁନି । ଏଇଆ ହୋଇ ମୋର ଜୀବନଟା ଛାଡ଼ିଗଲା ବୋଲି ମନେ ହେଲା । ମଲା ଘୋଡ଼ାଟିଏ କାନ୍ଧରେ ପକାଇ ଚାଲିଲି । ସେହିପରି ସାହିତ୍ୟଟା ମୋ ଉପରେ ସବାର ହୋଇ ମୋତେ ଏମିତି ହନ୍ତସନ୍ତ କଲା । ମୁଁ ଠୁକୁରୁ ଠୁକୁରୁ ହୋଇ, ଆଣ୍ଠେଇ ଆଣ୍ଠେଇ ବାଟ ଚାଲିଥିଲି । ପ୍ରଥମରେ ମୋର ଜୀବନଟା ଥିଲା ଓ ସାହିତ୍ୟ ନଥିଲା । ଦ୍ୱିତୀୟରେ ଆସିଲା ସାହିତ୍ୟ ସେଠି ଜୀବନ କୁଆଡ଼େ ଉଭେଇଗଲା । ସେମିତି ଲେଖିଲି ସବୁ ଆଡୁ ପ୍ରଶଂସା ମିଳିଲା । ତାପରେ ଯେଉଁଠି ମୁଁ ବହି ନେଇଦେଲି ସମସ୍ତେ ଖାଇଲେ । ମୁଁ ଦୁଇଟା ଏଡିସନ୍ ମୋ ହାତରେ ଛାପିଦେଲି । ମୋ ନିଜ ହାତରେ ସବୁ କଟିଗଲା, କିନ୍ତୁ ପଇସା ମିଳିଲାନି । ଯାହା ପାଖକୁ ଗଲି ସେମାନେ କହିଲେ, ନା ନା ସେଗୁଡ଼ାକ ବିକ୍ରି ହୋଇନାହିଁ । ମାତ୍ର ପଇସା ମିଳିଲା ନାହିଁ । ଯାହା କିଛି କଷ୍ଟକରି ଛାପିଥିଲି ସବୁ ଚାଲିଗଲା । ଦଶ, କୋଡ଼ିଏ ଟଙ୍କା ପାଇଛି ଦ୍ୱିତୀୟ ଏଡିସନ୍ ଆଉ ତୃତୀୟ ଓ ଚତୁର୍ଥ ଏଡିସନ୍ ବେଳକୁ ସେମିତି ଫୁସ୍ । ଏମିତି ହୋଇ ମୋ ଜୀବନଟା ନାହିଁ କହିଲେ ଚଳେ । କିନ୍ତୁ ସାହିତ୍ୟଟା ଠିକ୍ ତା ବାଟରେ ଚାଲିଥାଏ ।

ସେତେବେଳେ କଟକରୁ ବାହାରୁଥିବା ଡଗର ପତ୍ରିକା ସହିତ ମୁଁ ଯୋଖି ହୋଇଯାଇଥିଲି । ବାରହା, କାଦୁଅ ପଙ୍କରେ ଲଟରପଟର ହେଲା ଭଳି ମୁଁ ସାହିତ୍ୟ ପଙ୍କରେ

Digitized by srujanika@gmail.com

ଘାଣ୍ଟି ହୋଇ ଯାଇଥିଲି । ଫତୁରାନନ୍ଦ ନାମଟି ମୁଁ ଛଦ୍ମରେ ଧରିଥିଲି । ମୋର ଭୟ ଥିଲା, କାଳେ ମୋ ଲେଖାଗୁଡ଼ାକ ଭଲ ଭଲ ଲେଖକମାନଙ୍କୁ ଭଲ ନଲାଗିବ; ମୁଁ ମନେ ମନେ ଠିକ୍ କରିଥିଲି ଯେ ସାହିତ୍ୟିକ ପଣ୍ଡିତମାନେ ଯେବେ ମୋ ଲେଖାକୁ ଭର୍ତ୍ସନା କରିବେ, ତେବେ ମୁଁ ସେଗୁଡ଼ିକ ଫତୁରାନନ୍ଦ ପାଖକୁ ପଠେଇଦେବି ଓ ପୂର୍ବପରି ଅଜ୍ଞାତ ରାମଚନ୍ଦ୍ର ମିଶ୍ର ହୋଇ ରହିଯିବି । ଡଗରକୁ ସେତେବେଳେ ପ୍ରାୟ ସବୁ ଶ୍ରେଣୀର ଲେଖକମାନେ ଆସୁଥାନ୍ତି । ସେମାନଙ୍କର ଦୃଷ୍ଟି ମୋ ଉପରେ ପଡ଼ିବ ବା କାହିଁକି ? ଅଳ୍ପ କେତେକ ଥିଲେ, ଦ୍ୱିତୀୟ ଶ୍ରେଣୀର ଲେଖକ (ଅବଶ୍ୟ ମୋ ଆଖିରେ ସେମାନେ ଥିଲେ ପ୍ରଥମ ଶ୍ରେଣୀରେ) ମୋର ଛଦ୍ମନାମକୁ ଜାଣିଥିଲେ, ଏବଂ ମଝିରେ ମଝିରେ ମୋ ଆଡ଼େ ଚାହିଁ ଗୋଟିଏ ଗୋଟିଏ ମୁରୁକୁନ୍ଦିଆ ହସ ମୋ ଉପରକୁ ଫୋପାଡ଼ି ଦେଇ ଚାଲିଯାଉଥିଲେ । ସେହି ମୁରୁକୁନ୍ଦିଆ ହସ କେତୋଟି, ମୋତେ ବସ୍ତାଏ ବସ୍ତାଏ ସୁନା ମୋହର ପରି ଜଣାଯାଉଥିଲା । ବଡ଼ ବଡ଼ ଲେଖକମାନଙ୍କର ମୋ ଲେଖା ଉପରେ ପ୍ରାୟ ଦୃଷ୍ଟି ପଡୁଥିଲା, କ୍ରମେ ମୁଁ ଶୁଣିପାରିଲି ଯେ, ପାଠକମାନେ ମୋ ଲେଖାକୁ ଖୁବ୍ ପସନ୍ଦ କରୁଅଛନ୍ତି । ଏହା ମୋତେ ଅଧିକ ଲେଖାଲେଖି କରିବାଲାଗି ପ୍ରେରଣା ଯୋଗେଇଥିଲା । ଧୀରେ ଧୀରେ ସାହସ ସଞ୍ଚୟ କରି ଫତୁରାନନ୍ଦ ମଣ୍ଡପ ଉପରେ ବସିଥିବା ସାହିତ୍ୟର ବଡ଼ ପଣ୍ଡାମାନଙ୍କର ପଛରେ ଗୁଞ୍ଜି ହେବାକୁ ଲାଗିଲା । ଚୁଚୁନ୍ଦ୍ରା ଗନ୍ଧରେ ବିରକ୍ତ ହୋଇ ସେମାନେ ଦୂର୍‌ଦୂର୍, ମାର୍‌ମାର୍ କରି ମୋତେ ଛାଞ୍ଚୁଣି ମୁଠା ଧରି ସେଠାରୁ କାଢ଼ି ଦେବାକୁ ଲାଗିଲେ, ଚୁଚୁନ୍ଦ୍ରା ଗନ୍ଧ ଥରେ ଦେହରେ ଲାଗିଗଲେ ସହଜେ ଛାଡ଼େ ନାହିଁ, ତେଣୁ ସେମାନଙ୍କର ଘୃଣା ଓ ବିରକ୍ତି ଏଯାଏ ବି ରହିଅଛି । ସେମାନଙ୍କ ପଛରେ ବି ମୋର ସ୍ଥାନ ନାହିଁ । ତାଙ୍କ ପାଖରେ ବସିବା ପାଇଁ, ଭାବିବା ମୋର ମୂର୍ଖତା ଥିଲା ।

ମୋ ଆଗରୁ ଏପରି ବଡ଼ ପଣ୍ଡାମାନଙ୍କର ଆଚରଣ କେମିତି ଥିଲା ଓ ପରେ କିପରି ହେବ ସେଥିପ୍ରତି ମୁଁ ଆଉ ଭାବିବାର ଇଚ୍ଛାଟାକୁ ମନରୁ ଧୋଇଧାଇ ସଫା କରିଦେଇଛି । ଆଉ ଗୋଟିଏ ବିଷୟ ମୋତେ ଏସବୁପ୍ରତି ଧ୍ୟାନ ଦେବାକୁ କଠୋର ଭାବେ ଗ୍ରହଣ କଲା ।

ମୋର ଜୀବନ ଓ ସାହିତ୍ୟ ଥିଲା ଏଇଆ । କ'ଣ ଆଉ କହିବି ? ବର୍ତ୍ତମାନ ଏସବୁ ଛାଡ଼ିଦେଇଛି । ସାହିତ୍ୟ କ'ଣ ହେଉଛି ହେଉ, ମୋ ଜୀବନତଗଲାଣି । ସାହିତ୍ୟତ ରହିଛି ସବୁ ଯାଉଛି ଯାଉ । ଆଉ ଅଧିକ କ'ଣ କହିବି, "ମୋ ଜୀବନ ଓ ସାହିତ୍ୟ" ଉପରେ ଏତିକି କହି ସମସ୍ତଙ୍କୁ ଧନ୍ୟବାଦ ଦେଇ ରହୁଛି ।

●●●

Digitized by srujanika@gmail.com

ମୋ' ଜୀବନ ମୋ' ସାହିତ୍ୟ

ଚିତ୍ତରଞ୍ଜନ ଦାସ (୧୯୨୩-୨୦୧୧)

ମୁଁ ଭାବୁଛି, ଆମ ଜୀବନ ସହିତ ଯଦି ସାହିତ୍ୟର ଯଥାର୍ଥ ସମ୍ପର୍କ ରହିଥାନ୍ତା, ତେବେ ଏଠି ଜୀବନ ଅଲଗା ପ୍ରକୃତିର ହୋଇ ଦେଖାଯାଉଥାନ୍ତା, ସାହିତ୍ୟ ମଧ୍ୟ ଅଲଗା ପ୍ରକୃତିର ହୋଇ ଦେଖା ଯାଉଥାନ୍ତା । ଜୀବନ ନୀରସ ହେବାରୁ ସାହିତ୍ୟ ନୀରସ, ସାହିତ୍ୟ ନୀରସ ହେବାରୁ ଜୀବନ ମଧ୍ୟ ନୀରସ । ଆମର ଏଠି, ଅର୍ଥାତ୍ ଓଡ଼ିଶାରେ ବା ଭାରତବର୍ଷରେ ଗତ ଚାଳିଶିବର୍ଷ ହେଲା ଯାହାକିଛି ହେଉଛି ତାର ଯଥାର୍ଥ ଜୀବନ ସହିତ ତାର କିଛି ସମ୍ପର୍କ ଅଛି ? 'ରସକଲ୍ଲୋଳ'ର ଘୋର ଅଧ୍ୟୟନ କରି ଆପଣମାନଙ୍କୁ ଜୀବନର, ପ୍ରକୃତିର ରସ ସଂଗ୍ରହ କରିବାରେ କିଛି ସହାୟତା ମିଳିଛି ? ଯେଉଁ ମହାପୁରୁଷମାନେ ବା ସଫଳ ପୁରୁଷମାନେ ଆମ ଦେଶରେ ଚାକିରି କରିଛନ୍ତି, ସେମାନଙ୍କ ଚାକିରି ସହିତ ସେମାନଙ୍କ ଜୀବନର କିଛି ସମ୍ପର୍କ ଅଛି ? ଯେଉଁମାନେ ଚିତା, ପଇତା ଲଗାଇ ଆଚାର୍ଯ୍ୟ, ଅଧ୍ୟାପକ, ଗୁରୁ ଇତ୍ୟାଦି କଣ ସବୁ ହୋଇଛନ୍ତି, ସେମାନଙ୍କ ଜୀବନ ସହିତ ସେମାନଙ୍କର ମହାବାଣୀଗୁଡ଼ିକର କିଛି ସମ୍ପର୍କ ଅଛି ? ଏବଂ ଯେଉଁମାନେ ସାହିତ୍ୟ କରିଛନ୍ତି, କୌଣସି ଏକ ଅଞ୍ଚଳର ପ୍ରାୟ ହଜାର ବର୍ଷର ଗୋଟାଏ ସାହିତ୍ୟକୁ ସ୍ୱର୍ଗକୁ ଟେକିନେବେ ବୋଲି ଗୋଟାଏ ଛୀବନରେ କେତେ ଦିବାସ୍ୱପ୍ନ ଦେଖି ଆସୁଛନ୍ତି, ସେମାନଙ୍କ ଜୀବନ ସହିତ ସେମାନଙ୍କର ବାଣୀଗୁଡ଼ିକର କିଛି ସମ୍ପର୍କ ଅଛି ? ତା' ହେଲେ, ଆପଣମାନେ ଆଜିର ଆଲୋଚନା ପାଇଁ କାହିଁକି ଏଭଳି ବିଷୟଟିଏ ରଖିଲେ ? ଜୀବନ ସହିତ ସାହିତ୍ୟ, ପୁଣି ମୋ' ଜୀବନ ଓ ମୋ' ସାହିତ୍ୟ, - ଆମକୁ ସବୁ ଧରାପକାଇ ଦେବାକୁ ଆପଣମାନେ ଏସବୁ ବିଷୟ ରଖିଛନ୍ତି କି ?

ମୁଁ ସାହିତ୍ୟର ଛାତ୍ର ନୁହେଁ । ମୋ'ର ଭାଗ୍ୟ ଯେ, ମୁଁ କେବଳ ସାହିତ୍ୟର ଛାତ୍ର ନୁହେଁ । ମୁଁ ଜାଣେ, ସାହିତ୍ୟଠାରୁ ଜୀବନ ଅନେକ ବଡ଼ । ଯିଏ ଜୀବନକୁ ଯେତିକି ବୁଝେ, ତା'ର ସାହିତ୍ୟ ଠିକ୍ ସେତିକି ଔଜ୍ଜ୍ୱଲ୍ୟ ବହନ କରେ । ଜୀବନର ଦୁଃଖ ଓ ସୁଖ ଭିତରେ ଯିଏ ଯେତିକି ଘଷିମାଜି ହୁଏ; ତା'ର ଦେହରୁ ସେତିକି ପରିମାଣରେ ନାନା ପ୍ରକାରର

Digitized by srujanika@gmail.com

ମୋହ, କ୍ଷୁଦ୍ରତା ଓ ସଂକୀର୍ଣ୍ଣତାର ମଳି ଝଡ଼ିପଡ଼େ । ଓଡ଼ିଶା ହିସାବରେ, ଓଡ଼ିଆ ଭାଷାଭାଷୀ ହିସାବରେ ଏହି ରାଜ୍ୟର ଲୋକମାନଙ୍କର ଖୁବ୍ ଅଳ୍ପ ଦିନର ଅଭିଜ୍ଞତା ଅଛି । ପ୍ରାୟ ଶହେବର୍ଷ ପୂର୍ବେ ଏହି ରାଜ୍ୟର ତୁଙ୍ଗ ସାହିତ୍ୟିକମାନେ ଓଡ଼ିଆ ଭାଷା କାହିଁକି ବଡ଼ ନହେବ, ବଙ୍ଗାଳୀମାନଙ୍କ ସହିତ ସେଥିପାଇଁ କଳହ କରୁଥିଲେ । ଓଡ଼ିଶାର ବରିଷ୍ଠ ସାହିତ୍ୟିକମାନେ ଯାହାଙ୍କୁ କୁଳବୃଦ୍ଧ ବୋଲି କହିଛନ୍ତି, ନିଜ ସମୟରେ ସିଏ ମଧ୍ୟ ଘରେ କାହା ସହିତ ଓଡ଼ିଆରେ କଥାବାର୍ତ୍ତା କରୁନଥିଲେ । ସେହି ଅମଳର ଗୁହଗୁଡ଼ାକ ଏକାଳରେ ଆମ ମୁଣ୍ଡରେ ମଧ୍ୟ ନେଷା ହୋଇ ରହିଛି । ସମ୍ଭବତଃ ସେଥିପାଇଁ ଆମେମାନେ ଆମ ନିଜ ଢୋଲଗୁଡ଼ାକ ଭିତରୁ; ଘୁମଗୁଡ଼ାକ ଭିତରୁ ଏବେ ମଧ୍ୟ ବାହାରିପାରୁନାହୁଁ ।

ଜୀବନ ଅନେକ ବଡ଼ ବୋଲି ମୁଁ ବିଶ୍ୱାସ କରେ । ସେଥିପାଇଁ ଦୁଃଖ ବିଷୟରେ ସାହିତ୍ୟ ଲେଖିହୁଏ, ସୁଖ ବିଷୟରେ ବି ସାହିତ୍ୟ ଲେଖିହୁଏ । କିନ୍ତୁ ନିଭାଇବା ଜୀବନକୁ ବା ସାହିତ୍ୟକୁ ନେଇ ସଭାରେ କିଛି କହି ହୁଏ ନାହିଁ । ଆପଣମାନେ ପୁଣି ଏହି ଉତ୍ସବରେ ମୋ'ଠାରୁ ମୋ' ଜୀବନର କଥା ଶୁଣିବା ପାଇଁ ମୋତେ କହିଛନ୍ତି । ଉତ୍ସବ ଭିତରେ ଏମିତି ଏକ ଘଣ୍ଟ କଥାଟିଏ କହିବାକୁ ଯେ ଆପଣମାନେ ମୋତେ ଅନୁରୋଧ କରିଛନ୍ତି, ସେହି କଥାଗୁଡ଼ିକୁ ପ୍ରକୃତରେ ଶୁଣିବାକୁ ଇଚ୍ଛା କରୁଛନ୍ତି ବୋଲି ଏହି ଅନୁରୋଧ କରିଛନ୍ତି ନା ତାଳି ମାରିବେ ବୋଲି କରିଛନ୍ତି ଓ ଏପରି ବିଷୟଟିଏ ବାଛିଛନ୍ତି ? ଆମ ଦେଶରେ କଲେଜଠାରୁ ଆରମ୍ଭ କରି ସଭାମାନଙ୍କ ପର୍ଯ୍ୟନ୍ତ ଯାହାସବୁ ବିଷୟ ରହିଥାଏ, ସେଗୁଡ଼ିକ ବିଷୟରେ କେବେ କୌଣସି ଆଲୋଚନା ହୁଏ ? ସିଲାବସ୍‌ରେ ଯାହାସବୁ ରହିଥାଏ, ଆମ ସାର୍‌ମାନେ କ୍ଲାସ୍‌ରେ ସେସବୁର ଆଲୋଚନା କରନ୍ତି ? ଯଦି କରୁଥାନ୍ତେ, ତେବେ ଏହି ଦେଶରେ କଦାପି ଗାଇଡ୍ ବହିମାନ ଲେଖା ହେଉନଥାନ୍ତା । ଗୋଟିଏ ଗୁରୁଙ୍କୁ କ୍ଲାସ୍ ଭିତରେ ବାହା ହୋଇ କ୍ଲାସ୍ ବାହାରେ ଆଉ ଜଣେ ଗୁରୁଙ୍କୁ ବାହା ହେବାର ଦୁର୍ଭାଗ୍ୟ ଏ ଦେଶର ପିଲାମାନଙ୍କର ହେଉନଥାନ୍ତା । ତେଣୁ, ଆଜି ମୁଁ ଯାହା କହିବି, ତାହା ମୋ' ଅଙ୍ଗେ ନିଭାଇଥିବା କଥା କହିବି । ତାହା ନିଶ୍ଚୟ ଅପ୍ରୀତିକର ହେବ ।

ଯେଉଁଦିନ ଜଣେ ସ୍ୱାମୀ ତାଙ୍କ ପତ୍ନୀଙ୍କ ଆଗରେ ନିଜର ଅଙ୍ଗେ ନିଭାଇଥିବା କଥାମାନ କହିବସିବେ ଅଥବା ଯେଉଁଦିନ ଜଣେ ପତ୍ନୀ ନିଜର ଅଶେଷ ମହିମାମୟ ଅନେକ ଚାକିରି ବିଭୂଷିତ ପତିଙ୍କ ଆଗରେ ନିଜର ଅଙ୍ଗେ ନିଭାଇଥିବା କଥାମାନ କହି ବସିବେ, ସେଦିନ ସେମାନଙ୍କର ବାସର ଘରଟା ହୁଏତ ଦୁଇଭାଗ ହୋଇଯିବ । ସାହିତ୍ୟ ତ ବାସର ଘରଠାରୁ ଆହୁରିଅଧିକ ଅଭିନୟମୟ । ବିଶେଷ କରି, ଯେଉଁ ଦେଶରେ ଶହେରେ ତିରିଶି ଜଣ ଲୋକ ଅକ୍ଷର ଶିଖି ଜାଣିଛନ୍ତି, ସେହି ଦେଶର ସାହିତ୍ୟ କେବଳ

Digitized by srujanika@gmail.com

ଅଭିନୟ । ସେହି ଭାଷାକୁ ଧିକ୍,ଯେଉଁ ଭାଷାରେ ସ୍ୱାଧୀନତା ପାଇବାର ଦୀର୍ଘ ଚାଳିଶି ବର୍ଷ ପରେ ଶହେରେ ମୋଟେ ତିରିଶିଜଣ ଲୋକ ନାଆଁ ଦସ୍ତଖତ କରି ଜାଣିଛନ୍ତି ଏବଂ ଯଦି ଆମରିମାନଙ୍କ ଭଳି ଚଣ୍ଡାଳମାନଙ୍କ ହାତରେ ଏହି ଦେଶର ଭାଗ୍ୟନିର୍ଦ୍ଧାରଣ କରିବାର ଦାୟିତ୍ୱ ଦିଆଯାଏ, ତେବେ ଶହେବର୍ଷ ପରେ ସମ୍ଭବତଃ ଆମକୁ ମାରି ଆମର ଉପରେ ନୂଆ ଭାଷା ତିଆରି ହେବ ଏବଂ ତାହାହିଁ ଯଥାର୍ଥ ଓଡ଼ିଆ ଭାଷା ହେବ ।

ଅଧ୍ୟାପକମାନଙ୍କର କ୍ଲାସ୍‌ରେ ଆପଣମାନେ ବଢ଼ିଆ ଶ୍ଳୋକଟିଏ ଶୁଣିଥିବେ । ଏହି ସାହିତ୍ୟର ପ୍ରଥମ ଉନ୍ମେଷ କେଉଁଠୁ ହେଲା, ତାହାରି ସମ୍ବନ୍ଧରେ । ଏକଦା ବାଲ୍ମୀକି ଋଷି ଥିଲେ, ରାମାୟଣ ରଚନା କରିବା ପୂର୍ବରୁ ସିଏ ସଂପୂର୍ଣ୍ଣ ମୂର୍ଖ ଥିଲେ, ଦସ୍ୟୁ ବି ଥିଲେ । ସିଏ କେଉଁଠି କ'ଣଗୋଟାଏ କାରୁଣ୍ୟ ଦେଖିଲେ । ସେ ଜଙ୍ଗଲ ଭିତରେ ଦୁଇଟା ଚଢ଼େଇଙ୍କର କାରୁଣ୍ୟ ଦେଖିଲେ ଓ ତାଙ୍କ ମୁହଁରୁ ଏକ ଶ୍ଳୋକ ବାହାରି ଆସିଲା । ରତ୍ନାକର ଦସ୍ୟୁ ଅଣ୍ଡିରା ଚଢ଼େଇଟିକୁ ଜଣେ ବ୍ୟାଧ ତୀର ବିନ୍ଧି ମାରିଦେବାର ଦେଖିଲା, ଏବଂ ସେହି ଦସ୍ୟୁ ଭିତରେ, ଦୈତ୍ୟ ଭିତରେ କେଉଁଠି କେଉଁ ଘୋର ସୁଗଭୀର, ପ୍ରଚ୍ଛନ୍ନ, ପ୍ରଗାଢ଼, ଅପ୍ରକେତ ଅବଚେତନ ଭିତରେ ତଥାପି ଏକ ମାନବ ସୁଲଭ, ଭଗବତ୍ ସୁଲଭ କାରୁଣ୍ୟ ଥିଲା, ଯାହାକି ଉଦ୍‌ଗାରିତ ହୋଇଆସିଲା । ଏହିଠାରୁ ସାହିତ୍ୟର ସୃଷ୍ଟି ହେଲା ବୋଲି ଆମ ଅଧ୍ୟାପକମାନେ କହନ୍ତି । ନିବନ୍ଧମାନଙ୍କରେ ଲେଖନ୍ତି । ମାତ୍ର, ତାପରେ ବାଲ୍ମୀକିଙ୍କର ଜୀବନରେ କ'ଣ ଘଟିଲା, ଅଧ୍ୟାପକମାନେ ସେକଥା ମୋଟେ କହନ୍ତି ନାହିଁ । ସେହି ମୁହୂର୍ତ୍ତରେ ତା'ର ଜୀବନ ବଦଳିଗଲା । ରତ୍ନାକର ବଦଳିଗଲା, ବାଲ୍ମୀକିରେ ପରିଣତ ହେଲା ।

ଅର୍ଥାତ୍, ସାହିତ୍ୟ ହେଉଛି ଏକ ଆଲ୍‌କେମି-ଯାହାକୁ ସଂସ୍କୃତ ସାହିତ୍ୟରେ ରସବିଦ୍ୟ ବୋଲି କୁହାଯାଇଛି । ସାହିତ୍ୟ ହେଉଛି ଏକ ରସବିଦ୍ୟା । ଆଧୁନିକ ରସାୟନ ଶାସ୍ତ୍ରର ପୂର୍ବପୁରୁଷ ହେଉଛି ଆଲ୍‌କେମି । କେବଳ ପ୍ରାଚୀନ ଭାରତବର୍ଷରେ ନୁହେଁ, ପ୍ରାଚୀନ ଗ୍ରୀକ୍ ସମାଜରେ, ମିଶର୍‌ରେ ଏବଂ ପୁରାତନ ଆହୁରି କେତେକ ସଭ୍ୟତାରେ, ଆରବ ସଭ୍ୟତାରେ ମଧ୍ୟ ଆଲ୍‌କେମିର ଚର୍ଚ୍ଚା ହେଉଥିଲା ଏବଂ ସାହିତ୍ୟର ପ୍ରଭାବ ପ୍ରକୃତରେ ଏକ ଆଲ୍‌କେମିର ପ୍ରଭାବ । ତାହା ବଦଳାଇ ଦିଏ ଏବଂ ପୃଥିବୀକୁ ବଦଳାଇ ଦେବାର ଭାଣ୍ଡାମି କରିବା ପୂର୍ବରୁ ପ୍ରଥମେ ତାହା ଆମ ନିଜକୁ ବଦଳାଇ ଦିଏ । ପୁଅଟିଏ ଜନ୍ମ ହୋଇ ପୃଥିବୀରେ ନାଆଁ କରିବା ପୂର୍ବରୁ ସିଏ ଯେପରି ସବାଆଗ ତାକୁ ପ୍ରସବ କରିବାରେ ନିମିତ୍ତ ହୋଇ ସାହାଯ୍ୟ କରିଥିବା ବାପାମାଆଙ୍କ ମନରେ ଅହେତୁକ ଆନନ୍ଦ ଆଣିଦିଏ, ଠିକ୍ ସେହିପରି, ଯିଏ ସାହିତ୍ୟ କରେ, ସାହିତ୍ୟ ପାଖରେ ସେଇ ପ୍ରଥମେ

Digitized by srujanika@gmail.com

ବଳିପଡ଼େ । ପଦେ ଲେଖିଲା ପରେ ସିଏ ଆଉ ଅଭିନୟ କରିବାକୁ ଗ୍ଲାନିବୋଧ କରେ । ସେଇଥିପାଇଁ ସାହିତ୍ୟ ଆଉ ଜୀବନ ପରସ୍ପରର ଏତେ ପାଖାପାଖି ।

ପ୍ରକୃତ କାରୁଣ୍ୟ ଥାଏ ଜୀବନରେ । ଜୀବନକୁ ଛାଡ଼ି, ସାହିତ୍ୟର କାରୁଣ୍ୟ ହେଉଛି ଏକ ଭାରି ଭେରେଷା କାରୁଣ୍ୟ । ଅନେକ ସମୟରେ ଯେଉଁମାନେ ଜୀବନରେ ଦହଟ୍ଡ଼ା ହୋଇ ଯାଆନ୍ତି, ସେମାନେ ଟିକିଏ ଭୁଲିପାରିବେ ବୋଲି ଓ ତଦ୍ୱାରା ଟିକିଏ ଆନନ୍ଦ ଅନୁଭବ କରିବେ ବୋଲି, ଆଉ କୋଉଠି ଟିକିଏ ରସ ଗ୍ରହଣ କରିବେ ବୋଲି ସାହିତ୍ୟ ଭିତରକୁ ଯାଆନ୍ତି । ଏଭଳି ସାହିତ୍ୟିକ ଅଛନ୍ତି, ସେମାନଙ୍କୁ ଗୋଟିଏ ଅର୍ଥରେ ହୁଏତ ଅତିସାହିତ୍ୟିକ ବୋଲି କୁହା ଯାଇପାରିବ । ଆପଣା ଜୀବନରେ ସେମାନେ ଦୈତ୍ୟ ସହିତ ତୁଳନୀୟ ହୋଇ ରହିଥାନ୍ତି ଏବଂ ଦୈତ୍ୟ ହେବାର ଯେଉଁ ପାପ, ଯେଉଁ ଅବସାଦ, ଯେଉଁ ବିଷାଦ, ଯେଉଁ ଅନ୍ତର୍ବିଷାଦ, – ତାହାରିଦ୍ୱାରା ସନ୍ତପ୍ତ ହୋଇ ସେମାନେ ସାହିତ୍ୟକୁ ଜୀବନର ସବୁକିଛି ବୋଲି କହି ବିଳାପ କରିବାରେ ଲାଗିଥାନ୍ତି । ମୁଁ ସେମାନଙ୍କ କଥା କହୁନାହିଁ । ମୁଁ କହୁଛି, ବାଲ୍ମୀକି ଯେଉଁମୁହୂର୍ତ୍ତରେ ସାହିତ୍ୟର ଫାନ୍ଦ ଭିତରେ ଯାଇ ପଡ଼ିଗଲା, ସେହି ମୁହୂର୍ତ୍ତରେ ତା'ର ଜୀବନ ସତକୁସତ ବଦଳିଗଲା । ଏଇଟା ହେଉଛି ଠିକ୍ ପ୍ରେମରେ ପଡ଼ିଲା ପରି । ସତକୁ ସତ ପ୍ରେମରେ ପଡ଼ିଲେ କୋଳାହଳ ବନ୍ଦ ହୋଇଯାଏ, ଜୀବନ ବଦଳିଯାଏ ।

ଜୀବନ ଏବଂ ସାହିତ୍ୟ ପରସ୍ପର ଅନେକ ନିକଟବର୍ତ୍ତୀ । ଯେଉଁ ସାହିତ୍ୟ ସହିତ ଜୀବନର ଡୋର ଲାଗିନାହିଁ, ସେହି ସାହିତ୍ୟ ସମ୍ରାଟମାନଙ୍କର ସାହିତ୍ୟ । ସମ୍ରାଟମାନେ ଅଧିକାର କରନ୍ତି, ଭଲ ପାଇପାରନ୍ତି ନାହିଁ । ସେମାନେ ପ୍ରେମରେ ପଡ଼ିପାରନ୍ତି ନାହିଁ । ସମ୍ରାଟମାନେ ମଧ୍ୟଯୁଗରେ ଥିଲେ, ବର୍ତ୍ତମାନ ମଧ୍ୟ କମ୍ ନାହାନ୍ତି । ଯିଏ ପ୍ରେମରେ ନପଡ଼ିଛି, ସିଏ ବି ସାହିତ୍ୟ ଲେଖିପାରିବ । କିନ୍ତୁ ସେହି ସାହିତ୍ୟ ତା'ର ଜୀବନରେ ଆଦୌ କିଛି ଘଟାଇ ପାରିବ ନାହିଁ । ଶାନ୍ତିନିକେତନରେ ୟୁରୋପର ଦାର୍ଶନିକ ବେନେଡିକ୍ଟ ସ୍ପିନୋଜାଙ୍କର ଦର୍ଶନ ସମ୍ବନ୍ଧରେ ମୁଁ ମୋ'ର ପ୍ରଥମ ନିବନ୍ଧ ପ୍ରସ୍ତୁତ କରିଥିଲି । ସ୍ପିନୋଜା ଏପରି ଜଣେ ଦାର୍ଶନିକ ଥିଲେ ଯିଏକି ନିଜର ଦର୍ଶନ, Conviction ବା ଦାର୍ଶନିକସଂପ୍ରତ୍ୟୟ ଅନୁସାରେ ନିଜର ଜୀବନ ବଞ୍ଚିଥିଲେ । ସେତେବେଳେ ମୋତେ ପ୍ରାୟ ପଚିଶିବର୍ଷ ବୟସ । ସ୍ୱାଧୀନତା ଆସିଥାଏ ମୋଟେ ବର୍ଷେ କି ଦି' ବର୍ଷ ହେଲା । ଏହି ଦେଶ କ'ଣ ହେଲା ବୋଲି ଯେଉଁମାନେ ଏବେ ବାହୁନୁଛନ୍ତି, ସେତେବେଳେ ସେମାନେ ଘୋଡ଼ାରେ ଚଢ଼ି ସ୍ୱାଧୀନତା ନାମକ କାଞ୍ଚିକାବେରୀଙ୍କୁ ଜୟ କରି ଜଗନ୍ନାଥଙ୍କ ସ୍ତୁତି କରୁଥାନ୍ତି । ମୁଁ ଜେଲ୍‌ରୁ ବାହାରି ଶାନ୍ତିନିକେତନ ଯାଇଥିଲି, ଏବଂ ଭାବିଥିଲି ଯେ ଏଇଟା ସମ୍ଭବତଃ ଭାରତବର୍ଷର ସର୍ବପ୍ରଧାନ ଆହ୍ୱାନ, ମୋ' ନିଜ

Digitized by srujanika@gmail.com

ଜୀବନର ମଧ୍ୟ ସର୍ବପ୍ରଧାନ ଆହ୍ୱାନ, I must be what I believe in, ଜୀବନରେ କିଛି ପ୍ରତ୍ୟୟ ରହିଥିବା ଦରକାର ଏବଂ, ସେହି ପ୍ରତ୍ୟୟ ଯେ ମୋ' ଭିତରେ ରହିଛି, ତା'ରି ପ୍ରମାଣ ହେଉଛି, ତାକୁ ମୁଁ ନିଜ ଜୀବନରେ ବଞ୍ଚିବି ।

ମୁଁ ଜୀବନଯାକ କବାଟ ଅପେକ୍ଷା ଝରକା ଉପରେ ବେଶୀ ବିଶ୍ୱାସ କରିଆସିଛି । କବାଟଟା ହେଉଛି ଘରର ଆବଶ୍ୟକତା । ପୃଥିବୀରେ ଅନେକ ଆଦିବାସୀ ସମାଜ ଅଛି, ଯେଉଁମାନଙ୍କର ଘରେ କବାଟ ଅଛି, ଝରକା ନାହିଁ । ବୋହୂମାନେ ଆଗେ ଯେଉଁ ଘରେ ରୋଷେଇବାସ କରୁଥିଲେ, ସେଥିରେ କବାଟ ଥିଲା, ମାତ୍ର ଝରକା ନଥିଲା । ଓଡ଼ିଆ ସାହିତ୍ୟରେ ସେହିପରି ବହୁସଂଖ୍ୟକ ଝରକା ରହିଥିବା ଦରକାର । କାରଣ, ଓଡ଼ିଆ ସାହିତ୍ୟ କୂଅ ଭିତରେ ପଡ଼ି ସ୍ଥାନୀୟ ହିରୋମାନଙ୍କର କବଳରେ ପଡ଼ି ବଡ଼ ଛଟପଟ ହେଉଛି । ଏହି ସାହିତ୍ୟର, ଏହି ରାଜ୍ୟର ଆଦୌ କୌଣସି ଝରକା ନରହୁ ବୋଲି ଏବେ ମଧ୍ୟ ଆମ କଲେଜ୍‌ମାନଙ୍କରେ ଓ ସଭାମାନଙ୍କରେ ଷଡ଼ଯନ୍ତ୍ର ହେଉଛି । ପୃଥିବୀ ହେଉଛି ଏକ ମୁକ୍ତ ପ୍ରାଙ୍ଗଣ । ଆମର ଯଦି ଝରକା ନରହିବ, ତେବେ ଆମ ଘରକୁ ଆସିବ କ'ଣ ?

ବେନେଡିକ୍ଟ ସ୍ପିନୋଜା ହେଉଛନ୍ତି ସପ୍ତଦଶ ଶତାବ୍ଦୀ ୟୁରୋପର ଲୋକ । ସିଏ ଇହୁଦୀ ପରିବାରରେ ଜନ୍ମଗ୍ରହଣ କରିଥିଲେ । ସ୍କୁଲରେ ପାଠ ପଢୁଥିବା ସମୟରେ ଥରେ ଜଣେ ସାଙ୍ଗପିଲା ସହିତ ଈଶ୍ୱରଙ୍କ ବିଷୟରେ କଥା ହେଉଥିଲେ । କହୁ କହୁ ସ୍ପିନୋଜା କହିଦେଲେ ଯେ, ଭଗବାନଙ୍କୁ ତ ଆମେ କେହି ଦେଖିନାହୁଁ, ଯାହାଙ୍କୁ ନଦେଖିଛୁ, ଯାହାଙ୍କୁ ଅନୁଭବ ନକରିଛୁ, ଆମେ ତାକୁ କାହିଁକି ବିଶ୍ୱାସ କରିବା ? ସାଙ୍ଗପିଲାଟି କଥାଟିକୁ ଆଣି ଶିକ୍ଷକଙ୍କ ପାଖରେ ଫୋଡ଼ିଦେଲା, ଶିକ୍ଷକ ସ୍ପିନୋଜାଙ୍କୁ ଡାକି ବୁଝାଇଲେ, ସତର୍କ କରିଦେଲେ । ମାତ୍ର, ସ୍ପିନୋଜା ନିରସ୍ତ ହେଲେନାହିଁ, ଆଉ କେତେଥର ବି ଧରାପଡ଼ିଲେ । ଫଳରେ ସ୍କୁଲରୁ ବିତାଡ଼ିତ ହେଲେ । ଚବିଶି ବର୍ଷ ବୟସରେ ସେ A Treatise on Theology and Politics ବୋଲି ଗୋଟିଏ ବହି ଲେଖିଲେ । ସେହି ଦୋଷରେ ତାଙ୍କୁ ସମାଜରୁ ବାସନ୍ଦ କରାଗଲା । Let nobody spit on his grave ବୋଲି ବାସନ୍ଦପତ୍ରରେ ଲେଖା ଯାଇଥିଲା । ସ୍ପିନୋଜା ଗୋଟିଏ ଛୋଟିଆ ଗାଁରେ ଯାଇ ରହିଲେ । ସେହିଠାରେ ଦର୍ଶନର ଅନୁଶୀଳନ କଲେ । ଚଷମାର ଲେନ୍‌ସ ତିଆରି କରି ତାହାକୁ ବିକି ନିଜର ଭରଣପୋଷଣ କଲେ । ତାଙ୍କର ସବୁଯାକ ଗ୍ରନ୍ଥ ସେ ସେହିଠାରେ ଲେଖିଛନ୍ତି । ବିଶ୍ୱବିଦ୍ୟାଳୟରୁ ତାଙ୍କୁ ଅଧ୍ୟାପକପଦ ଯଚା ହୋଇଛି । ତାଙ୍କ ନାମରେ ବହିଟିଏ ଲେଖି ଉତ୍ସର୍ଗ କରିଦେଲେ ସେ ରାଜାନୁଗ୍ରହ ପ୍ରାପ୍ତ ହେବେ ବୋଲି ଜଣେ ସ୍ଥାନୀୟ ରଜା ମଧ୍ୟ ତାଙ୍କ ପାଖକୁ ଖବର ପଠାଇଥିଲେ । ସ୍ପିନୋଜା କୋଉଁଥିରେ ବି ସମ୍ମତ ହୋଇନଥିଲେ ।

Digitized by srujanika@gmail.com

ନିଜର ଏକ ଚିଠିରେ ସ୍ପିନୋଜା ଲେଖିଥିବା ଗୋଟିଏ ବାକ୍ୟ ସତେଅବା ମୋ' ଜୀବନରେ ଏକ ମନ୍ତ୍ର ହୋଇରହିଗଲା । ସେହି ବାକ୍ୟଟି ହେଉଛି: Do not weep, do not wax indignant, understand – ମୂଳ ଲାଟିନ୍ ଭାଷାରେ ଏହି ବାକ୍ୟଟିକୁ ସେ ଏହିପରି ଲେଖିଥିଲେ: Non Ridere, Non Lugere, Neque detestari, sed Intelligere – କାନ୍ଦ ନାହିଁ, ନ୍ୟାୟ କରିବାର ଫାନ୍ଦରେ ପଡ଼ିନାହିଁ, କ୍ରୁଦ୍ଧ ହୋଇ ଭର୍ତ୍ସନା କରନାହିଁ, ବୁଝିବାକୁ ଚେଷ୍ଟା କର । ଏହି ବାକ୍ୟଟି ମୋ'ର ଜୀବନକୁ ବଦଳାଇ ଦେଲା । ଅନେକତଃ ସେଇଥିପାଇଁ , ମୁଁ ଶାନ୍ତିନିକେତନରେ ଦର୍ଶନଶାସ୍ତ୍ର ଅଧ୍ୟୟନ କରିସାରିବା ପରେ ଯେତେବେଳେ ୟୁରୋପ ଗଲି, ସେଠାରେ ମନୋବିଜ୍ଞାନ ପଢ଼ିଲି । ଏବେ ମନୋବିଜ୍ଞାନକୁ Science of Understanding ବୋଲି କୁହାଗଲାଣି । To understand everything is to change everything । କେବଳ ଜାଣିବାଦ୍ୱାରା ପ୍ରାୟ କୌଣସି ପରିବର୍ତ୍ତନ ହୁଏନାହିଁ । ବୁଝିଲେ ମଣିଷ ନିଜେ ବଦଳିଯାଏ ଓ ସଂସାରକୁ ବଦଳାଇ ଦିଏ । ଆମେ ଅଧିକାଂଶ ମଣିଷ ଖାଲି ଜାଣିବାକୁ ହିଁ ଯଥେଷ୍ଟ ବୋଲି ମନେକରୁ । ଜାଣିବାଟା ଯେତିକି ନିରାପଦ, ବୁଝିବାଟା ସେତିକି ବିପଦସଙ୍କୁଳ । You have to be the first convert - ଭଗବାନ ସତକୁ ସତ ଅଛନ୍ତି ବୋଲି ବିଶ୍ୱାସ କଲେ ନିଜେ ଭଗବାନଙ୍କର ଭକ୍ତ ହୋଇଯିବାକୁ ହୁଏ । ସଂସାରରେ ପ୍ରେମ ହିଁ ସବୁଠାରୁ ବଡ଼ ସମ୍ପଦ ବୋଲି ବିଶ୍ୱାସ କଲେ ପ୍ରେମିକଟିଏ ହେବାକୁ ହୁଏ ।

ସାହିତ୍ୟ ହେଉଛି ପରିବର୍ତ୍ତନର ଏକ ମାଧ୍ୟମ । ସାହିତ୍ୟ ଭିତରେ ବଦଳାଏ, ବାହାରେ ବି ବଦଳାଇବାର ସ୍ପର୍ଦ୍ଧା ରଖିଥାଏ । ପୃଥିବୀରେ ବଦଳାଇବାର କେତେ ପ୍ରକାର ରହିଛି । କିଏ ଖଣ୍ଡାଦ୍ୱାରା ବଦଳେଇଛି, କିଏ ରାଜନୀତିଦ୍ୱାରା, କିଏ ଉପଦେଶଦ୍ୱାରା ବଦଳେଇଛି । କିଏ ବିଷ୍ଣୁଶର୍ମା ହୋଇ ରାଜପୁତ୍ରମାନଙ୍କୁ ବଦଳାଇବାକୁ ମନ କରିଛି । ଅସଲ ସାହିତ୍ୟଦ୍ୱାରା ବି ଜୀବନ ବଦଳିଛି । ଜୀବନକୁ ଯିଏ ଯେତିକି ସମୀକ୍ଷାତ୍ମକ ଭାବରେ ଦେଖିଛି, ସିଏ ସେତିକି ସେତିକି ପରିବର୍ତ୍ତନ-ସମର୍ଥ ସାହିତ୍ୟ ଲେଖିପାରିବ । ସମୀକ୍ଷାତ୍ମକ ଭାବରେ ଦେଖିବା ଅର୍ଥାତ୍ Critically ଦେଖିବା । Critically ଶବ୍ଦଟିରେ କୌଣସି ସ୍ପଷ୍ଟ ପ୍ରତିଶବ୍ଦଟିଏ ଓଡ଼ିଆରେ ନାହିଁ । କାରଣ ଆମେ ଏଠି ସାଧାରଣତଃ Critically ହୋଇନାହୁଁ । ଏକାବେଳକେ ଭାବପ୍ରବଣ ହୋଇଛୁ, ନହେଲେ ନିନ୍ଦୁକ ହୋଇଛୁ । ତେଣୁ, ଜୀବନକୁ ଯିଏ ଯେତିକି ଯେତିକି Critically ଦେଖିବ, ତା'ର ସାହିତ୍ୟ ଭିତରେ ସେତିକି ପରିବର୍ତ୍ତନ ଘଟାଇବାର ସାମର୍ଥ୍ୟ ଆସିବ ଏବଂ ପୃଥିବୀରେ ଯେତେ ଯେତେ ସାହିତ୍ୟଦ୍ୱାରା ଯାହାକିଛି ଘଟିଛି, ଯଦି ଆପଣମାନେ ଭଲ୍‌ଟେଆର୍, ରଷୋ ଓ ଏପରିକି

Digitized by srujanika@gmail.com

ସେକ୍ସପିଅର୍ଙ୍କର ସାହିତ୍ୟ ନେବେ, ଅର୍ଥାତ୍ ଯେଉଁମାନେ ୟୁରୋପୀୟ ଭୂଖଣ୍ଡରେ ସାମାଜିକ ପରିବର୍ତ୍ତନରେ ଅନେକ ପ୍ରକାରେ ଏକ ନିମିତ୍ତ ରୂପେ କାର୍ଯ୍ୟ କରିଛନ୍ତି, ସେମାନଙ୍କର ଉଦାହରଣ ନେବେ, ତେବେ ଦେଖିବେ; ସେମାନଙ୍କର ସାହିତ୍ୟର ଜନନୀ ହେଉଛି "ଜୀବନ" । ଜୀବନଠାରୁ ପଳାୟନ କରିବାକୁ ସେମାନେ ସାହିତ୍ୟ ଲେଖିନାହାନ୍ତି । ତେଣୁ, ସେମାନେ କେହି କେବେ ସାହିତ୍ୟରେ ଉତ୍ସବର କଳ୍ପନା କରିପାରିବେ ନାହିଁ । ଆମ ଦେଶରେ ଆମ ତରୁଣମାନଙ୍କୁ ଭଣ୍ଡେଇ ସାହିତ୍ୟ ନାମରେ ଉତ୍ସବ କରାଯାଉଛି । କାରଣ, ଆମ ଗୁରୁଜନମାନେ, ଉପାଧ୍ୟାୟମାନେ ଚାହୁଁନାହାନ୍ତି ଯେ ଆମେ ଜୀବନକୁ ସମୀକ୍ଷାତ୍ମକ ଦୃଷ୍ଟିରେ ଦେଖୁ, ତୁଳନା କରୁ ।

ସାହିତ୍ୟ କ'ଣ ବଦଳାଏ ? ଯାବତୀୟ ପରିବର୍ତ୍ତନ ପ୍ରଥମେ ଆତ୍ମ-ପରିବର୍ତ୍ତନରୁ ଆରମ୍ଭ ହୁଏ । ଏହି ଆତ୍ମ-ପରିବର୍ତ୍ତନ ପୁଣି କ'ଣ ? Every revolution starts with a personal revolution - ମୋଟେ ଭାବପ୍ରବଣ ହୋଇ ମୁଁ ଏକଥା କହୁନାହିଁ । ପୃଥିବୀଯାକର ଅତ୍ୟାଧୁନିକ ଦାର୍ଶନିକମାନେ, ଏହି ପୃଥିବୀ ରହିବ ବୋଲି ଯେଉଁମାନେ ଦୃଢ଼ସଙ୍କଳ୍ପର ସହିତ କହୁଛନ୍ତି, ସେମାନେ ଆଗକୁ ଅନାଇ ଆଦୌ ଅନ୍ଧକାର ଦେଖୁନାହାନ୍ତି । ସେମାନେ ଆଲୋକ ଦେଖୁଛନ୍ତି । ଏପର୍ଯ୍ୟନ୍ତ ସମସ୍ତେ ପୃଥିବୀ ବଦଳୁ ବୋଲି ଖାଲି ସ୍ୱପ୍ନ ଦେଖି ଆସିଛନ୍ତି । ଓଡ଼ିଶାରେ ମଧ୍ୟ ସାହିତ୍ୟରେ କେତେ ସ୍ୱପ୍ନ ଦେଖାହୋଇଛି । ମାଟିର ମଣିଷଠାରୁ ଆରମ୍ଭ କରି ହିଡ଼ମାଟି ପାର ହୋଇ, ପ୍ରତିଭାକୁ ପାର ହୋଇ ଟାଉଟର୍‌ମାନଙ୍କ ପର୍ଯ୍ୟନ୍ତ । ସମସ୍ତେ କହିଛନ୍ତି ପୃଥିବୀ ବଦଳିଯାଉ । ବେଶ୍ୟାବୃତ୍ତି ଉଠିଯାଉ ବୋଲି ସମସ୍ତେ କହିଛନ୍ତି, କିନ୍ତୁ ନିଜେ ବେଶ୍ୟା ଘରକୁ ଯାଇଛନ୍ତି, ଯାଉଛନ୍ତି । ତରୁଣମାନେ ଯେପରି କଦାପି ଅନ୍ୟପ୍ରକାରେ ନହେବେ, ସେମାନେ ସେଥିପାଇଁ ସେମାନଙ୍କୁ ଫୁଲ ସୁଙ୍ଘେଇ ମେଣ୍ଢା କରି ରଖିବାକୁ ଚାହୁଁଛନ୍ତି । ସେଥିପାଇଁ ବୁଢ଼ାମାନଙ୍କର, ଅବସନ୍ନମାନଙ୍କର ଭାରତବର୍ଷରେ ଆଜି କେହି ନାହାନ୍ତି । ତଥାପି, ଯିଏ ଆଗକୁ ଯିବାକୁ ମନ କରିବ, ତା'ପାଇଁ ସବୁ ଅଛି । ତରୁଣର ଆଖିରେ ପୃଥିବୀ ଆଡ଼କୁ ଅନାଇ ଦେଖିଲେ ମନେ ହେଉଛି, ସତେ ଯେପରି ଏଭଳି ଯୁଗଟିଏ ଆଗରୁ କେବେ ଆସିନଥିଲା । ପ୍ରକୃତ ସୁବର୍ଣ୍ଣଯୁଗ ପ୍ରକୃତରେ ଆସୁଛି । ଇତିହାସରେ ଯେଉଁସବୁ ଯୁଗକୁ ତଥାକଥିତ ସୁବର୍ଣ୍ଣଯୁଗ ବୋଲି କୁହାଯାଇଛି, ଶ୍ରୀଅରବିନ୍ଦ ସେଗୁଡ଼ିକୁ ଗୋଟିଏ ଗୋଟିଏ ନିମ୍ନମାନର ତାମ୍ରଯୁଗ ବୋଲି କହିଛନ୍ତି ।

ଆମେ ଯାହା ଉପରେ ବିଶ୍ୱାସ ରଖୁବା, ଯଦି ତାହା ନହୋଇପାରିବା, ତା'ହେଲେ ସତ୍ୟ ଆମ କାନ୍ଧ ଉପରେ ଗୋଡ଼ ରଖି ଆମକୁ ପଛରେ ପକାଇ ଆଗକୁ ଚାଲିଯିବ । ତେଣୁ, ଯେଉଁ ସୁବର୍ଣ୍ଣଯୁଗ ଆସୁଛି, ଆମେ ସମସ୍ତେ ତାହାର ଆସିବାରେ ନିମିତ୍ତ

Digitized by srujanika@gmail.com

ଭଳି ହେବା । ସାରା ପୃଥିବୀର ତରୁଣମାନଙ୍କ ଭିତରେ ଏକ ଅନ୍ୟ ହାୱା ବହୁଛି । ଏପର୍ଯ୍ୟନ୍ତ ପୃଥିବୀ କେବଳ କେତେଜଣଙ୍କର ହୋଇ ରହିଥିଲା । ସେହି ଢାଞ୍ଚାରେ ସାହିତ୍ୟ ହେଉଥିଲା, ସଂସ୍କୃତି ହେଉଥିଲା, ଆଗାମୀ ପୃଥିବୀ ମଣିଷମାନଙ୍କର ହେବ, ସବୁ ମଣିଷଙ୍କର ହେବ । ଆମେ ଯାହା ହେଉ ବୋଲି ଇଚ୍ଛା କରୁଛୁ, ତାକୁ ଆମେ ନିଜ ଜୀବନରେ ବଞ୍ଚିବା । ଗତ ଚାଳିଶିବର୍ଷରେ ଆମେ ସ୍ୱପ୍ନମାନଙ୍କୁ କେବଳ ସଭାମାନଙ୍କରେ ବାନରୀ କରି ନଚାଇଛୁ । ଆମେ ଶିକ୍ଷିତମାନେ ହିଁ ଏସବୁ କରୁଛୁ । ଓଡ଼ିଆ ଭାଷା ଓଡ଼ିଆ ଲେଖି ଜାଣିଥିବା ଶତକଡ଼ା ତିରିଶିଙ୍କ ଭିତରେ ଆଦୌ ସୀମାବଦ୍ଧ ନୁହେଁ । ଆମର ବୋଉ ଓ ଜେଜେମାଆମାନେ ଓଡ଼ିଆ ଭାଷାର ଅଧିକ ପ୍ରତିନିଧିତ୍ୱ କରିବେ । ପ୍ରତ୍ୟେକ ଓଡ଼ିଶାବାସୀ ଲେଖିପଢ଼ି ଜାଣିଲେ ଓଡ଼ିଆ ଭାଷା ଅଲବତ ରହିବ । ବର୍ତ୍ତମାନ ଏଠି ହେଉଥିବା ଯାବତୀୟ ସାହେବୀ ଅନୁକରଣ ସତ୍ତ୍ୱେ ରହିବ । ଭବିଷ୍ୟତ ଆଦୌ ଅନ୍ଧକାରମୟ ନୁହେଁ । ତୁଚ୍ଛା ସ୍ୱପ୍ନ ଦେଖି ସେହି ପୁରୁଣା ଖୋଳ ଭିତରେ ପଶିକରି ରହିଥିବା ମଣିଷ ଲାଗି ସବୁ ଅନ୍ଧକାରମୟ । ସତ୍ୟକୁ ବଞ୍ଚୁଥିବା ମଣିଷ ଲାଗି ସବୁ ଆଲୋକ । ତେଣୁ, ଆମେ ଏହି Personal Revolutionରୁ ଆରମ୍ଭ କରିବା । You must be what you believe in – ତା' ନହେଲେ ମୋଟେ ହେବ ନାହିଁ ।

ୟୁରୋପୀୟ ସଂସ୍କୃତିକୁ କିଛି ମାତ୍ରାରେ It is what it believes inର ପ୍ରତିନିଧି ବୋଲି କୁହାଯାଇପାରିବ । ମୁଁ ସ୍ତୁତି କରି କିମ୍ବା ଭାବପ୍ରବଣ ହୋଇ ଏପରି କହୁନାହିଁ । ୟୁରୋପରେ ଯାବତୀୟ ବିବର୍ତ୍ତନ ଯଥାସମ୍ଭବ ସ୍ୱାଭାବିକ ଭାବରେ ହୋଇଛି, ଯଥାସମ୍ଭବ ସବୁ ମଣିଷଙ୍କୁ ସାଙ୍ଗରେ ନେଇ ହୋଇଛି । ବିଗତ ଚାଳିଶି ବର୍ଷ ଧରି ଆମେ ଭାରତବର୍ଷରେ ଯିଏ ଯେଉଁ ସାମୂହିକତା ଭିତରେ ରହିଛୁ, ଆମେ ପ୍ରାୟ ଜାଣିଶୁଣି ସେହି ବିବର୍ତ୍ତନର ସ୍ୱାଭାବିକ ଭାବଶୀଳ ପ୍ରଗତିଟିକୁ ନଷ୍ଟ କରିଆସିଛୁ । ଆମେ ସମୂହକୁ ଏଡି ପ୍ରଧାନତଃ ନିଜର ଦ୍ୱୀପଟିକୁ ବା ନିଜର ଡିହଟିକୁ ସର୍ବସମ୍ପଦପୂର୍ଣ୍ଣ କରି ରଖିବାକୁ ଇଚ୍ଛା କରିଛୁ । ତଥାପି, ଗାନ୍ଧୀ କୁଆଡ଼େ ଗଲା, ପରିମଳଗୁଡ଼ାକ କୁଆଡ଼େ ଗଲା ବୋଲି ରାବ କରିବାରେ ଲାଗିଛୁ । ମୁଁ ତ କହିବି, ଭଉଣୀ ଓ ଭାଇମାନେ, ଗାନ୍ଧୀ ତୁମରି ଭିତରେ ରହିଛି । ଠିକ୍ ଯେପରି ଭଗବାନ ସବୁରି ଭିତରେ ରହିଛନ୍ତି । ମୁଁ ନାସ୍ତିକ ବୋଲି ମୋ' ପାଇଁ ସିନା ନାହାନ୍ତି, ହେଲେ, ପୃଥିବୀରେ ସବୁଠାରେ ରହିଛନ୍ତି । ଯିଏ ବିଶ୍ୱାସ କଲା, ତା'ପାଇଁ ଅବଶ୍ୟ ଅଛନ୍ତି । ଯେଉଁ ମାଆଟି ପୁଅଝିଅଙ୍କୁ ପ୍ରକୃତରେ ସ୍ନେହ କରୁଛି, ତା' ପାଇଁ ପୃଥିବୀରେ ସ୍ନେହମମତା ନାହିଁ ବୋଲି କିଏ କହିପାରିବ ? ଯେଉଁ ଛିଣ୍ଡାଲୁଣୀ ମାଆ ସେସବୁ କିଛି ଜାଣିନାହିଁ, ବା କରୁନାହିଁ, ତା' ପାଇଁ କୋଉଠି ହେଲେ କିଛି ନାହିଁ । ସେମାନେ ହେଉଛନ୍ତି ନିଃସଙ୍ଗ, ଏବଂ

Digitized by srujanika@gmail.com

ନିଃସଙ୍ଗତା ହିଁ ସେମାନଙ୍କର ପତି, ପତ୍ନୀ, ଜାୟା ସବୁକିଛି । ତୁମେ ନିଜେ ନିଃସଙ୍ଗ ବୋଲି ସଂସାରଟାକୁ ନିଃସଙ୍ଗ ବୋଲି କାହିଁକି ଭାବୁଛ ? କାହିଁକି କହୁଛ କାହାରି ସାଙ୍ଗ ନାହାନ୍ତି ବୋଲି । ମୋ'ର ତ କେତେ ସାଙ୍ଗ । ଯିଏ ନିଜେ ବାଂଝ, ସିଏ କହିବ ପୃଥିବୀରେ ସବୁ ଛୁଆ ମରିଗଲେଣି ବୋଲି । ତାକୁ ପୁଣି ସଭା ଓ ଉତ୍ସବରେ କହିବ । କବିତାରେ ସେହି କଥାକୁ ଲେଖିବ । ନିଃସଙ୍ଗତା ହେଉଛି ଏକ ଆଧୁନିକ ବ୍ୟାଧି, ଆପଣାକୁ ଆପଣାର ସାଙ୍ଗ କରି ନପାରିଥିବାର ବ୍ୟାଧି । ଏହି ବ୍ୟାଧି ପାଇଁ ଚିକିତ୍ସା ଦରକାର ।

ଏଇଥିପାଇଁ ଏକ Personal Revolutionର ଆବଶ୍ୟକତା ରହିଛି । ସେହିମାନେ ହିଁ ବିହନ ହେବେ, ଯେଉଁମାନଙ୍କର ନିଜ ଜୀବନରେ କିଛି ମୂଳଭୂତ ଦୃଢ଼ ବିଶ୍ୱାସ ରହିଛି । ଜଣେ ବ୍ୟକ୍ତି ଯାହାକୁ ଏକ ସତ୍ୟ ବୋଲି ବିଶ୍ୱାସ କରୁଛି, ତାହା ଆଉ ଜଣେ ବ୍ୟକ୍ତି ପାଇଁ ହୁଏତ ସତ୍ୟ ନହୋଇପାରେ । ତଥାପି ସିଏ ଯେପର୍ଯ୍ୟନ୍ତ ତାକୁ ସତ୍ୟ ବୋଲି ଉପଲବ୍ଧି କରୁଛି, ସେହି ଅନୁସାରେ ନିଜର ଜୀବନଟିକୁ ବଞ୍ଚୁଛି । ଅନ୍ତତଃ ଅଭିନୟ କରୁନାହିଁ, ନିଜକୁ ଲୁଚାଇ ରଖୁନାହିଁ । ଏହିଭଳି ବଞ୍ଚିବାଦ୍ୱାରା ହିଁ ଇଜ୍ଜତ ରହିବ । ବର୍ତ୍ତମାନ ଶିକ୍ଷିତମାନଙ୍କର କାହାରି ଇଜ୍ଜତ ନାହିଁ । Because they are not what they speak about - ଜୀବନ ସହିତ ସାହିତ୍ୟକୁ ସମ୍ବନ୍ଧିତ କରି ରଖିବାରେ ବିପଦ ରହିଛି ବୋଲି ସେମାନେ ଏପରି କରୁଛନ୍ତି । ଆଧୁନିକ ସାହିତ୍ୟ ଓ ଆଧୁନିକ ଜୀବନରେ ସବୁଠାରୁ ବଡ଼ କର୍ତ୍ତବ୍ୟ ହେଉଛି ନିଜକୁ ଯଥାର୍ଥ ଭାବରେ ବଞ୍ଚାଇ କରିରଖିବା । ଏବେ ଏଦେଶରେ ପ୍ରାୟ ପ୍ରତ୍ୟେକ ମୁହୂର୍ତ୍ତରେ ତଥାକଥିତ ଭଲ ଲୋକମାନେ ମଣିଷକୁ ଚଣ୍ଡାଳମାନଙ୍କ ସହିତ, ରାକ୍ଷସମାନଙ୍କ ସହିତ ବାହା କରାଇ ଦେବା ପାଇଁ ଷଡ଼ଯନ୍ତ୍ରର ବିରୋଧ କରିବାକୁ ପଡ଼ିବ । ଆପଣାକୁ ସମ୍ମାନର ସହିତ ବଞ୍ଚାଇ ରଖିବାକୁ ହେବ । ନିଜର ପଗଡ଼ିଟିକୁ ସମ୍ଭାଳି ରଖିବାକୁ ପଡ଼ିବ ।

ବନ୍ଧୁଗଣ, ଆମର ଧନସମ୍ପତ୍ତିକୁ ଗତ ଚାଳିଶି ବର୍ଷ ହେଲା ଆମର ପ୍ରଭୁମାନେ ଲୁଟି କରିବାରେ ଲାଗିଛନ୍ତି । ଶିକ୍ଷାରେ, ରାଜନୀତିରେ, ସାହିତ୍ୟରେ, ସଂସ୍କୃତିରେ, କୋର୍ଟ୍ କଚେରୀରେ ସବୁ ଜାଗାରେ ଲୁଟି ନେଉଛନ୍ତି । ଭଗବାନ କରନ୍ତୁ, ଆମ ପଗଡ଼ିଟିକୁ ଆମଠାରୁ ସେମାନେ ଲୁଟି ନ ନିଅନ୍ତୁ । ପଗଡ଼ିଟି ଥାଉ, ସନ୍ତକଟି ରହିଥାଉ । ଆମେ ଅନ୍ତତଃ କିଛି ମଣିଷ ବିହନ ହୋଇ ରହିଥାଉଁ । ଆଧୁନିକ ଆଧାତ୍ମର ଜଣେ ଅନ୍ୟତମ ପ୍ରତିନିଧି ଶ୍ରୀଯୁକ୍ତ ଭିକ୍ଟର ଫ୍ରାଙ୍କଲ୍ ଗୋଟିଏ ବହିରେ ଲେଖିଛନ୍ତି ଯେ, ଭଲ ବହିଟିଏ ପଢ଼ିବା ଭଲ କଥା । ଭଲ ବହିଟିଏ ଲେଖିବା ତା'ଠାରୁ ଆହୁରି ଅଧିକ ଭଲ କଥା । ଏମିତି ଗୋଟିଏ ବହି ଲେଖିବା ଯାହାକୁ ଅନୁସରଣ କରି ଗୋଟିଏ ଭଲ ଜୀବନଯାପନ କରିହେବ, ଏହା

Digitized by srujanika@gmail.com

ତା'ଠାରୁ ଆହୁରି ଅଧିକ ଭଲ କଥା । ମାତ୍ର, ସବୁଠାରୁ ଅଧିକ ଭଲକଥା ହେଉଛି, ଏମିତି ଏକ ଜୀବନ ବଞ୍ଚିବା, ଯାହା ବିଷୟରେ କି ଆଉଜଣେ ଗୋଟିଏ ବହି ଲେଖିବାଲାଗି ଆଗ୍ରହ ପ୍ରକାଶ କରିପାରିବ ।

ବନ୍ଧୁଗଣ, ଆପଣମାନଙ୍କ ମଧ୍ୟରୁ ଅନ୍ତତଃ ପାଞ୍ଚଜଣ ନିଜ ପାଖରେ ଶପଥ ନିଅନ୍ତୁ । ଆପଣମାନଙ୍କୁ ନାଆଁ ମିଳିବ ନାହିଁ । ଜମା ମିଳିବ ନାହିଁ । ଆପଣମାନେ ତ କାହାରିକୁ ଖୋସାମତ କରିବେ ନାହିଁ, ତେଣୁ ନାଆଁ ଆଉ କିପରି ମିଳିବ ? ଆପଣମାନଙ୍କୁ ମୋଟେ କେହି ପଚାରିବେ ନାହିଁ । ଆପଣମାନେ ବିହନ ହେବା ପାଇଁ ନିଜ ପାଖରେ ଶପଥ ନିଅନ୍ତୁ । ବିହନ ଅର୍ଥାତ୍ Remnants, ବିବର୍ତ୍ତନ ଚାଲିଛି, ଅବଶ୍ୟ ଚାଲିବ । ସେହି ଧାରାରେ ବିହନର ଆବଶ୍ୟକତା ରହିବ ହିଁ ରହିବ । ତେଣୁ, ଅନ୍ତତଃ କିଛି ଲୋକ ବିହନ ହୋଇ ରହିଥିବା ଏକାନ୍ତ ଆବଶ୍ୟକ, ଅପେକ୍ଷା କରିଥିବା ଏକାନ୍ତ ଆବଶ୍ୟକ । ଯିଏ ବିହନ ହେବ,ସେଇ ଭବିଷ୍ୟ ଆଡ଼କୁ ପୃଥିବୀରେ ବାଟ କଢ଼ାଇନେବ ।

ତେଣୁ, ଯଦି ଆପଣମାନେ ସାହିତ୍ୟକୁ ଜୀବନ ସହିତ ଗଅଁଠେଇ ରଖିବାକୁ ଇଚ୍ଛା କରୁଥାନ୍ତି, ତେବେ ବିପଦ୍‌ଜନକ ଭାବେ ଜୀବନଟିକୁ ବଞ୍ଚିବାକୁ ମଧ୍ୟ ଚେଷ୍ଟା କରନ୍ତୁ । ସାହିତ୍ୟ ମୋଟେ କୌଣସି ଗେଲବସରିଆ ପଦାର୍ଥ ନୁହେଁ । ଗେଲବସରମାନଙ୍କର କାମ ମୋଟେ ନୁହେଁ, ତଥାକଥିତ ରୀତିଯୁଗରେ ମଣିଷକୁ ଭାରି ଗେଲବସରିଆ କରି ପକାଇବାର ଚେଷ୍ଟା ହୋଇଥିଲା ଏବଂ ସେତେବେଳେ ଆମ ରଜାମାନେ ମଧ୍ୟ ସେମିତି ଗେଲବସରିଆ ଭାବରେ କାଳ କାଟୁଥିଲେ । ଭାଗ୍ୟକୁ ଲୋକମାନଙ୍କ ପାଖରେ ସେହି ସାହିତ୍ୟ ବୋଧଗମ୍ୟ ନଥିଲା । ଯଦି ତାହାର ସଙ୍ଗୀତ ଦିଗଟା ନଥାନ୍ତା, ତେବେ ଲୋକମାନେ ତାକୁ ମୋଟେ ଗ୍ରହଣ କରି ନଥାନ୍ତେ । ଆପଣମାନେ ଆଉ ଗେଲବସର ହୁଅନ୍ତୁ ନାହିଁ, ନିଜର ଇଜ୍ଜତ ରଖନ୍ତୁ । ଇଜ୍ଜତଟିକୁ ରଖିଥିଲେ, ଯେତେବେଳେ ଇଜ୍ଜତର ଭିତ୍ତି ଉପରେ ସଂସାର ନୂଆଭାବେ ଗଢ଼ାହେବ, ସେତେବେଳେ ଆପଣମାନଙ୍କୁ ଅବଶ୍ୟ ଖୋଜାପଡ଼ିବ । କିଛି ଉପରେ ବିଶ୍ୱାସ ରଖନ୍ତୁ, ତାହାକୁ ଭିତ୍ତି କରି ନିଜ ଜୀବନକୁ ବଞ୍ଚାନ୍ତୁ । ତା'ପରେ ଦେଖିବେ, ଆପଣ ଯାହା କହିବେ, ତାହା ଶାସ୍ତ୍ରବାକ୍ୟରେ ପରିଣତ ହେବ । କାହାପାଇଁ ନହେଲେ ମଧ୍ୟ ଆପଣମାନଙ୍କ ନିଜ ପାଇଁ ହେବ ।

ମୁଁ ଆପଣମାନଙ୍କର ଅନେକ ସମୟ ନେଲି । ଯଦି କିଛି ଅପ୍ରୀତିକର କଥା କହିଥିବି, ଯଦି କେତେବେଳେ କେମିତି ଆପଣମାନେ ଉତ୍ସୁକେଇ ହୋଇ ଯାଇଥିବେ, ତେବେ ମୁଁ ନିଜକୁ ପ୍ରକୃତରେ ଭାଗ୍ୟବାନ ବୋଲି ମନେ କରିବି । ଧନ୍ୟବାଦ ।

Digitized by srujanika@gmail.com

ମୋ' ଜୀବନ ମୋ' ସାହିତ୍ୟ

ଡ. ଜାନକୀ ବଲ୍ଲଭ ମହାନ୍ତି(ଭରଦ୍ୱାଜ)(୧୯୨୫-୧୯୯୯)

ନିଜ ଜୀବନ ବିଷୟରେ କିଛି କହିବା ଆଗରୁ, ପ୍ରଥମରୁ କହିରଖେ ମୋତେ ଏବେ ୬୬ ବର୍ଷ । ଏଯାବତ ସାହିତ୍ୟ ହିଁ ମୋ ଜୀବନକୁ ବହୁ ପରିମାଣରେ ଆବୋରି ଧରିଛି । ଏହା ବ୍ୟତୀତ ଆଉ କିଛି ମୋତେ ଏପରି ଆତ୍ମସାତ୍ କରିଛି ବୋଲି ମନେ ହେଉନି । ଏଣୁ ସେ ବିଷୟରେ ଲେଖିବା ଅର୍ଥ ଆପଣା କଥା ହିଁ କହିବା । ଆତ୍ମବିଶ୍ଳେଷଣ କରିବା ଓ ଆପଣାର ଅତୀତକୁ ଦୃଷ୍ଟି ଫେରାଇବା ।

ଅତୀତକୁ ଦୃଷ୍ଟି ଫେରାଇଲେ ପୁରୀ ଜିଲ୍ଲାର କୁଶଭଦ୍ରା ନଦୀ କୂଳର ଏକ ଅବହେଳିତ ଗାଁର ଦୃଶ୍ୟପଟ ମୋ ଆଗରେ ଉଭା ହୋଇଯାଏ । ମୋ ସାହିତ୍ୟିକ ଜୀବନର ପୃଷ୍ଠଭୂମି ଥିଲା ସେଇ ଗାଁର ମୋ ମା'ଠାରୁ ପିଲାଦିନେ ଶୁଣିଥିବା ଛାନ୍ଦ, ଚୌପଦୀ, ଆମ ଗାଁ ଦାଣ୍ଡରେ ଚଉରାମୂଳେ ବୋଲାଯାଉଥିବା ପୁରାଣ, ଗାଁ ଚାରିପଟର ସବୁଜ ବିଲ ବଣ, ଗାଁ ପାଖ ନଈର ସଙ୍ଗୀତ, ଅନେକଙ୍କର ସ୍ନେହ ଶ୍ରଦ୍ଧା, ନେଳିଆ ଆକାଶ ଓ ନିର୍ଜନ କୋଣାର୍କ ମନ୍ଦିରର ନୀରବତା (ପଚାଶ ବର୍ଷ ତଳେ କୋଣାର୍କର ପରିସର ଥିଲା ଏହିପରି । ଜନ କୋଳାହଳରେ ମୁଖରିତ ହେଉନଥିଲା ।) ଏହାକୁ କେନ୍ଦ୍ର କରି ମୋ ଅଗୋଚରରେ ଯେପରି ଅନୁରାଗର ମଧୁର ଗୀତଟିଏ ସୃଷ୍ଟି ହୋଇ ଯାଇଥିଲା ମୋ ଭିତରେ ।

ଏ ସମସ୍ତଙ୍କୁ ଛାଡ଼ି ମୁଁ ଆସିଲି ପୁରୀ, ପାଠ ପଢ଼ିବାକୁ । ସେତେବେଳକୁ ମୋତେ ନଅ ବର୍ଷ ବୟସ । କେତେ ଦିନ ବିମର୍ଷ ବୋଧ କରିଥିଲି । କ୍ରମେ ଏକ ଅପୂର୍ବ କୌତୂହଳ ଓ ବିସ୍ମୟ ଯେପରି ମୋତେ ଅଭିଭୂତ କରିଦେଲା । ଏଇଠି ମୁଁ ଆହରଣ କରିଥିଲି ଅନୁଭୂତିର ଅନେକ ସମ୍ପଦ, ଯାହା ସବୁଦିନ ପାଇଁ ମୋ ସ୍ମୃତିରେ ଅଲିଭା ହୋଇ ରହିଗଲା । ପୁରୀର ନରେନ୍ଦ୍ର ପୋଖରୀ, ସମୁଦ୍ର, ଶ୍ରୀମନ୍ଦିର, ରେଳଷ୍ଟେସନ୍ ପାଖରେ ସେତେବେଳେ ଥିବା ଘଞ୍ଚ ଲଙ୍କାଆମ୍ବର ତୋଟା, ଏହି ସ୍ଥାନର ସୁଶୀତଳ ପବନ, ସ୍ୱଭାବତଃ ଶାନ୍ତ ଅଥଚ ସାମୟିକ ଉତ୍ସବ-ମୁଖର ଓ ସଙ୍ଗୀତମୟ ପରିବେଶ ମୋ ପରି ଏକ ଲାଜକୁଳା କିଶୋର ପ୍ରାଣରେ ଭରିଦେଇଥିଲା ପ୍ରଚୁର ସମ୍ପଦ । ମୋ ସମ୍ମୁଖରେ ଖୋଲିଦେଇଥିଲା ଅସରନ୍ତି ସୌନ୍ଦର୍ଯ୍ୟର ଗନ୍ତାଘର ।

Digitized by srujanika@gmail.com

ପୁରୀର ବାଲୁକା ପ୍ରାନ୍ତରରେ ଧ୍ୱନିର ଜଗତ ସହ ମୋ ହୃଦୟ ଯେପରି ନାଚି ଉଠିଥିଲା । ବାଲୁକା ପ୍ରାନ୍ତରରେ, ସାଗର ନିର୍ଘୋଷରେ ମୁଁ ଅନ୍ତର୍ମୁଖୀ ହୋଇଗଲି ।ଶବ୍ଦର ସମାବେଶ କିପରି ଅପୂର୍ବ ଗୀତିରୂପ ଧାରଣ କରେ ତାର ପରିଚୟ ପାଇଥିଲି ଝୁଲଣ ଯାତ୍ରା ବେଳେ ଶୁଣିଥିବା ପ୍ରାଚୀନ କବିମାନଙ୍କ ସୁଲଳିତ ସଙ୍ଗୀତରେ ଓ ପରେ ପଢ଼ିଥିବା ରାଧାନାଥ, ମଧୁସୂଦନ, ପଦ୍ମଚରଣ, ମାନସିଂହ, ସଚ୍ଚିଦାନନ୍ଦ, ରବୀନ୍ଦ୍ରନାଥ ପ୍ରଭୃତିଙ୍କ କବିତାବଳୀରେ । ମନେଅଛି, ସେତେବେଳେ କବିତା ହିଁ ମୋତେ ସର୍ବାଧିକ ଆକୃଷ୍ଟ କରିଥିଲା । ରଘୁନନ୍ଦନ ଲାଇବ୍ରେରୀ, ରାମକୃଷ୍ଣ ପାଠାଗାର ଓ ସହପାଠୀ ବଙ୍ଗାଳୀ ବନ୍ଧୁମାନଙ୍କ ଘରୁ ରବୀନ୍ଦ୍ରନାଥଙ୍କ କବିତା ବହି ଆଣି ପଢ଼ିବାରେ ମୁଁ ଅଭ୍ୟସ୍ତ ହୋଇଯାଇଥିଲି । ଏଇଠି କହିରଖେ ପୁରୀର ଆଙ୍ଗ୍ଲୋ ବେଙ୍ଗଲି ମାଇନର୍ ସ୍କୁଲରେ (ଅଧୁନା ବିଶ୍ୱମ୍ଭର ବିଦ୍ୟାପୀଠ ନାମରେ ନାମିତ) ପଢ଼ିବାବେଳୁଁ ବଙ୍ଗଳା ଭାଷା ଶିଖିବାର ସୁଯୋଗ ମୁଁ ପାଇଥିଲି । ପରେ ଏହା ମୋ ପକ୍ଷେ ବିଶେଷ ସହାୟକ ହୋଇଥିଲା ।

ସେତେବେଳେ ପୁରୀ ଜିଲ୍ଲା ସ୍କୁଲର ମୁଖପତ୍ର ରୂପେ ପ୍ରକାଶ ପାଉଥିଲା 'ମହୋଦଧି' ପତ୍ରିକା । ଏହି ତ୍ରୟ ମାସିକ ପତ୍ରର ସମ୍ପାଦନା ମଣ୍ଡଳୀରେ ଶିକ୍ଷକମାନଙ୍କ ସହ ବିଭିନ୍ନ ଶ୍ରେଣୀର ଛାତ୍ର ପ୍ରତିନିଧିଙ୍କୁ ମଧ୍ୟ ରଖାଯାଇଥିଲା । ଅଷ୍ଟମ ଶ୍ରେଣୀରୁ ହିଁ ମୁଁ ଏଇ ପତ୍ରିକାର ଶ୍ରେଣୀପ୍ରତିନିଧି ରହିଥିଲି । ଅଷ୍ଟମ ଶ୍ରେଣୀର ଛାତ୍ର ଥିବାବେଳେ ଏଥିରେ ମୋର 'ଆମେ ଓଡ଼ିଆ'ବୋଲି କବିତାଟିଏ ପ୍ରକାଶ ପାଇଥିଲା । ଏହାହିଁ ମୋର ପ୍ରଥମ ମୁଦ୍ରିତ ରଚନା । ଏଇ କବିତାଟି ରଚନା କଲାବେଳେ ମୁଁ କେଉଁ କବିତାଦ୍ୱାରା ପ୍ରଭାବିତ ହୋଇଥିଲି ତାହା କହିବା କଷ୍ଟକର । ନମୁନା ସ୍ୱରୂପ ସେହି କବିତାର ଆଦ୍ୟ, ମଧ୍ୟ ଓ ପ୍ରାନ୍ତର ତିନିଗୋଟି ପଦ ଏଠାରେ ଉଦ୍ଧାର କରୁଛି -

" ଯେଉଁ ଦେଶର   ପାଣି ପବନ   ଶସ୍ୟ ଫଳ ଖାଇ
ବଞ୍ଚିଛି ମୁହିଁ   ସେଇ ମୋ ଦେଶ   ଆମେ ଓଡ଼ିଆ ଭାଇ ।
×   ×   ×
ଆମରି ବୀରେ   ଅରାତି ସଙ୍ଗେ   ଯୁଝି ରଖିଲେ ଟେକ
ଆମରି ଦେଶେ   ଚଣ୍ଡାଶୋକ   ଘେନିଲେ ଆସି ଭେକ ।
×   ×   ×
ଜଗତେ ଯାହା   ବଡ଼ ସୁନ୍ଦର   ଯାର ତୁଳନା ନାହିଁ
ସେହି ଓଡ଼ିଶା   ଆମରି ଦେଶ   ଆମେ ଓଡ଼ିଆ ଭାଇ ।"

ପୁରୀ ଜିଲ୍ଲା ସ୍କୁଲରେ ପଢୁଥିବାବେଳେ ପାଠ୍ୟ ବହି ବ୍ୟତୀତ ଓଡ଼ିଆ ବଙ୍ଗଳା ଭାଷାର ଗଳ୍ପ, ଉପନ୍ୟାସ ପତ୍ରିକା ପଢ଼ିବା ପ୍ରତି ମୋର ଅନୁରାଗ ବଢ଼ିଯାଇଥିଲା । ଅନୁଚିତ ହେଲେହେଁ କ୍ଲାସ୍‌ରେ ପଢ଼ାଇହେଉଥିବା ବିଷୟରେ ଅମନଯୋଗୀ ହୋଇ ମୁଁ ଅନେକ

Digitized by srujanika@gmail.com

ସମୟରେ ପଛ ବେଞ୍ଚରେ ବସି ଏଣୁ ତେଣୁ ବହିପଢ଼ି ସମୟ କଟାଉଥିଲି । 'ମହୋଦଧି'ରେ ମୋର କେତୋଟି କବିତା ଓ ପ୍ରବନ୍ଧ ପ୍ରକାଶ ପାଇଥିଲା । ସମ୍ଭବତଃ କବିତା ରଚନା ପ୍ରତି ଅଧିକ ଧ୍ୟାନ ଦେବା ଫଳରେ ସ୍କୁଲର ନିର୍ଦ୍ଧାରିତ ପାଠ୍ୟ ବିଷୟ ପ୍ରତି ମୁଁ ଆଶାନୁରୂପ ଦୃଷ୍ଟି ଦେଇପାରୁନଥିଲି । ସାହିତ୍ୟ ପ୍ରୀତି ଯୋଗୁଁ ହିଁ ମୁଁ କ୍ଲାସ୍ ପରୀକ୍ଷାରେ ବିଶେଷ କୃତିତ୍ୱ ଦର୍ଶାଇ ପାରୁନଥିଲି । ଏଣୁ କୃତି ଛାତ୍ର ହେବାର ଗୌରବ ମୁଁ ପାଇପାରିନାହିଁ । ମାତ୍ର ଗୋଟିଏ ବିଷୟରେ ମୁଁ ପୁରସ୍କୃତ ହେବାର ଯୋଗ୍ୟତା ଲାଭ କରିଥିଲି - ଏହା ହେଉଛି ସ୍କୁଲ୍ ମ୍ୟାଗାଜିନ୍‌କୁ ଭଲ ଲେଖା ଯୋଗାଇ ଥିବାରୁ । ଖେଳାଖେଳି ପ୍ରତି ମଧ୍ୟ ମୁଁ ଅନୁରକ୍ତ ହୋଇ ପାରିନଥିଲି । ଥରେ ଫୁଟ୍‌ବଲ୍ ଖେଳିବା ବେଳେ ପଡ଼ିଯାଇ ଆହତ ହେବା ଯୋଗୁଁ ବୋଧହୁଏ ଖେଳପ୍ରତି ମୋ ମନରେ ଭୟ ବା ବିରାଗ ଜନ୍ମି ଯାଇଥିଲା ।

ସେତେବେଳର ଶିକ୍ଷକମାନଙ୍କ ମଧ୍ୟରୁ କେତେଜଣ କବି ଓ ଲେଖକ ଭାବରେ ଥିଲେ ସୁବିଦିତ । ସେମାନଙ୍କ ମଧ୍ୟରୁ ଯେଉଁମାନଙ୍କ ନାମ ମନେପଡ଼ୁଛି ସେମାନେ ହେଲେ ପଣ୍ଡିତ ଜଗନ୍ନାଥ ରଥ, ଶିବପ୍ରସାଦ ଦାସ, କୁବେର ଦଳାଇ ଓ ବୈକୁଣ୍ଠନାଥ ପଟ୍ଟନାୟକ । ବୈକୁଣ୍ଠନାଥ କିନ୍ତୁ ଓଡ଼ିଆ ସାହିତ୍ୟ ପରିବର୍ତ୍ତେ ଆମକୁ ଇଂରାଜୀ ପଢ଼ାଉଥିଲେ । ରାଧାନାଥଙ୍କ 'ଉଷା' ଓ ପଦ୍ମଚରଣଙ୍କ 'ପଦ୍ମ ପାଖୁଡ଼ା' ସେତେବେଳେ ଆମର ପାଠ୍ୟ ଥିଲା । କବି ପଦ୍ମଚରଣ ସେତେବେଳେ ଥିଲେ ପୁରୀର ଓକିଲ । ଆମ ସାଇବାଟେ ସେ ଯା ଆସ କରନ୍ତି । ମାତ୍ର ତାଙ୍କ ସଙ୍ଗେ କେବେ ଆଳାପ କରିବାର ସୁଯୋଗ ମୋତେ ମିଳିନାହିଁ । ମୋର କିଶୋର ମନକୁ ଆଉ ଯେଉଁ ସ୍ଥାନଟି ସେତେବେଳେ ଭାବାବିଷ୍ଟ କରିଥିଲା ତା' ହେଉଛି ଡେଲାଙ୍ଗ ନିକଟବର୍ତ୍ତୀ ମୋ ମାମୁଁଘର ଗାଁ । ଏଠାକୁ ଆସି ମୁଁ ପ୍ରଥମେ ପର୍ବତ ଦେଖିଲି । ଏକଥା କହିବାର ଉଦ୍ଦେଶ୍ୟ, ଆମ୍ଭ ଗାଁ ପାଖ ଦିଗ୍‌ବଳୟର କେଉଁପାଖରେ ବି ପର୍ବତର ଅଗ୍ରଭାଗ ଦେଖିବାକୁ ମିଳେନି । ମାମୁଁଘର ନିକଟରେ ବିଶ୍ୱନାଥ ମୁଣ୍ଡିଆ । ମାମୁଁ ଘରକୁ ଗଲେ ମୋର କୌତୂହଳୀ ମନକୁ ସବୁଠୁ ବେଶୀ ଆକୃଷ୍ଟ କରୁଥିଲା ଏଇ ଛୋଟ ନୀଳ ପାହାଡ଼ଟି । କେତେଥର ମୁଁ ଏଇ ପର୍ବତ ଉପରକୁ ଉଠିଛି; ଉପରେ ଥିବା ଶିବମନ୍ଦିରରେ ବସି ଉଲ୍ଲସିତ ହୋଇଛି । ମାମୁଁ ଘରେ ମୋର ଆଉ ଜଣେ ପ୍ରିୟ ବ୍ୟକ୍ତି ଥିଲେ; ସମ୍ପର୍କରେ ସେ ହେଉଛନ୍ତି ମୋର ଭାଇ, ରମାରଞ୍ଜନ ମହାନ୍ତି - ନାଟ୍ୟକାର, କବି, କଥାକାର ଓ ଶିଶୁ ସାହିତ୍ୟିକ । ତାଙ୍କ କବିତା ବା ସାହିତ୍ୟ ସେତେବେଳେ ମୁଁ ନ ପଢ଼ିଥିଲେ ବି ତାଙ୍କ ବ୍ୟକ୍ତିତ୍ୱ, ରୁଚିପୂର୍ଣ୍ଣ ଜୀବନ ରସିକତା ଓ ଅଧ୍ୟୟନପ୍ରୀତି ମୋତେ ବେଶ୍ ପ୍ରଭାବିତ କରିଥିଲା । ମୁଁ ଏକ ମଧୁର ବନ୍ଧନରେ ତାଙ୍କ ସହ ବାନ୍ଧି ହୋଇଯାଇଥିଲି ।

ସ୍କୁରୁଖୁରୁରେ ହାଇସ୍କୁଲରେ ପଢ଼ାପଢ଼ି ଚାଲିଥିବା ସମୟରେ ଯେଉଁ ଦୁଇଟି ବିଷୟ ସେତେବେଳେ ମୋତେ ଓ ଆମ ବୟସର ଛାତ୍ରମାନଙ୍କୁ ବିଚଳିତ କରି ଦେଇଥିଲା । ତା' ହେଉଛି ବୟାଳିଶି ମସିହାର ଆନ୍ଦୋଳନ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ । ସେତେବେଳକୁ ମୁଁ ଏକାଦଶ

Digitized by srujanika@gmail.com

ଶ୍ରେଣୀର ଛାତ୍ର । ବୟାଳିଶି ଆନ୍ଦୋଳନ ପୂର୍ବରୁ ବ୍ୟକ୍ତିଗତ ସତ୍ୟାଗ୍ରହ, କଂଗ୍ରେସ ଆନ୍ଦୋଳନ ଏବଂ ଆଚାର୍ଯ୍ୟ ହରିହର, ଲୋକନାଥ ମିଶ୍ର (ପଙ୍କବାବୁ), ଉପେନ୍ଦ୍ର ମହାନ୍ତି ପ୍ରଭୃତିଙ୍କ ପ୍ରଭାବ ଯୋଗୁଁ ସ୍କୁଲ ଛାତ୍ରମାନଙ୍କ ମଧ୍ୟରୁ ଆମେ କେତେକ ଛାତ୍ର ସଭାସମିତି ଓ ଶୋଭାଯାତ୍ରାରେ ଯୋଗ ଦେଉଥିଲୁ । ତତ୍କାଳୀନ ରାଜନୀତିକ ଘଟଣା ପ୍ରବାହ ସମ୍ପର୍କରେ ଆଲୋଚନା ମଧ୍ୟ କରୁଥିଲୁ । ଏହି ପରିବେଶକୁ ବିକ୍ଷୁବ୍ଧ, ଶଙ୍କାକୁଳ କରିଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧର ସତର୍କତା ମୂଳକ ଅବସ୍ଥା । ଆକାଶମାର୍ଗରୁ ଆକ୍ରମଣ କରାଗଲେ କଣ ସବୁ କରାଯିବ ଏଥିପାଇଁ ସେତେବେଳେ ଜନସାଧାରଣଙ୍କୁ ସତର୍କ ଓ ଅଭ୍ୟସ୍ତ କରାଯାଉଥିଲା । କ୍ରମେ ପୁରୀରେ ନିଷ୍ପ୍ରଦୀପ ବ୍ୟବସ୍ଥା ପ୍ରବର୍ତ୍ତିତ ହେଲା, ସ୍ଥାନେ-ସ୍ଥାନେ ଟ୍ରେଞ୍ଚ ଖୋଳାଗଲା; ଲୋକଙ୍କୁ ଟ୍ରେଞ୍ଚରେ କିପରି ଆଶ୍ରୟ ନେବାକୁ ହେବ ସେଥିପାଇଁ ହଠାତ୍ ସାଇରନ୍ ବାଜୁଥିଲା, ଜିନିଷପତ୍ର ଦରଦାମ ବଢ଼ିବାକୁ ଲାଗିଲା, ଖାଦ୍ୟ ବସ୍ତ୍ର କଣ୍ଟ୍ରୋଲ୍ ହେଲା, ଏହିପରି ଯୁଦ୍ଧକାଳୀନ ଭୀତିପୂର୍ଣ୍ଣ, ଅଭାବ-ପୀଡ଼ିତ ପରିବେଶକୁ ଆହୁରି ଦୁଃଖଦାୟକ କରିଥିଲା ୧୯୪୨ର ଶେଷ ଆଡ଼କୁ ବଙ୍ଗ ଓ ଓଡ଼ିଶାର ଉପକୂଳ ଅଞ୍ଚଳରେ ସଙ୍ଗଠିତ ହୋଇଥିବା ବନ୍ୟା ଓ ଝଡ଼ । ପୁରୀ ସହର ଏହାଫଳରେ ବହୁ ପରିମାଣରେ କ୍ଷତିଗ୍ରସ୍ତ ହୋଇଥିଲା । ସମାଜର କଠୋର ବାସ୍ତବତାକୁ ମୁଁ ଅଙ୍ଗେ ନିଭାଇଛି ।

ବ୍ୟକ୍ତିଗତଭାବେ ୧୯୪୨ ମସିହାଟି ଥିଲା ମୋ' ପକ୍ଷରେ ବହୁ ଘଟଣା ଓ ଦୁର୍ଘଟଣା ପୂର୍ଣ୍ଣ ବର୍ଷ । ଅଗଷ୍ଟ ଆନ୍ଦୋଳନର ପ୍ରଭାବ ଛାତ୍ର ସମାଜକୁ ଆଲୋଡ଼ିତ କରିବା ସ୍ୱାଭାବିକ । ବୋଧହୁଏ ଏଇମାସ ଶେଷ ଆଡ଼କୁ ଆମ ସ୍କୁଲରେ ଷ୍ଟ୍ରାଇକ୍ ଆରମ୍ଭ ହୋଇଯାଇଥିଲା । ଯୋଗକୁ ସେଦିନ ସ୍କୁଲ ଇନ୍ସପେକ୍ଟର ଏସ୍.ରାୟ ସ୍କୁଲ ପରିଦର୍ଶନରେ ଆସିଥାନ୍ତି । ବିପ୍ଳବର ଧ୍ୱନିଦେଇ ଛାତ୍ରମାନେ କେବଳ ସ୍କୁଲ ବର୍ଜନ କରିନଥିଲେ; ଝରକା କବାଟର କାଚ ପ୍ରଭୃତି ଭଙ୍ଗାରୁଜାରେ ମଧ୍ୟ ହଠାତ୍ ମାତି ଉଠିଲେ । ଶିକ୍ଷକମାନେ ସ୍କୁଲବାହାରେ ନୀରବଦର୍ଶକ ହୋଇ ଠିଆ ହୋଇ ରହିଲେ । ଅଳ୍ପ ସମୟ ମଧ୍ୟରେ ପୋଲିସ୍ ଫୋର୍ସ ଆସିବା ଫଳରେ ଲାଠିଚାର୍ଜ ହେଲା । ମୋର କେତେକ ସହପାଠୀଙ୍କୁ ପୁଲିସ୍ ଆରେଷ୍ଟ କରି ଭ୍ୟାନ୍‌ରେ ନେଇଗଲେ । ଶିକ୍ଷକମାନଙ୍କ ପାଖରେ ଠିଆ ହୋଇଥିଲି ବୋଲି କି କେଉଁ କାରଣରୁ କେଜାଣି ମୁଁ ସେଦିନ ଆରେଷ୍ଟ ହେବାରୁ ବର୍ତ୍ତିଗଲି ।

ମନମୋର ବିଷର୍ଣ୍ଣତାରେ ଭରିଯାଇଥିଲା । ତିନି ଚାରି ଦିନ ପରେ ଦିନେ ସକାଳ ଆଠଟାରେ ତିନି ଚାରି ଜଣ ପୋଲିସ୍ କନେଷ୍ଟବଳଙ୍କ ସହ ପୋଲିସ୍ ଇନ୍ସପେକ୍ଟର ଆମ ଘରେ ପହଞ୍ଚି ଘର ଖାନ୍‌ତଲାସ୍ କଲେ । ଇତିମଧ୍ୟରେ ପୁଲିସ୍ ଖବର ପାଇଥିଲେ, ମୁଁ ବି ଜଣେ ଛାତ୍ରନେତା ଯିଏକି ଆରେଷ୍ଟ ନହୋଇ ରହିଯାଇଛି । ଲିଥୋ ପ୍ରଚାରପତ୍ର ସବୁ ଆମଘରକୁ ଗୋପନରେ ଆସୁଛି । ମୋ ବହି ପତ୍ରରେ ଅବଶ୍ୟ ସେଥିରୁ କିଛି ଥିଲା । ପୁଲିସ୍ ସେ ସବୁ ପାଇଥିଲେ କି ନାଁ ଜାଣେନା । ମାତ୍ର ମୋତେ ଏକ କାଗଜ ଦେଖାଇ କହିଲେ

Digitized by srujanika@gmail.com

ତୁମକୁ ଆରେଷ୍ଟ କରାଗଲା । ଏହା ପରେ ରିକ୍ସାରେ ଥାନାକୁ ଯାଇ ହାଜତରେ ରହିଲି । ସାକ୍ଷୀଗୋପାଳ ଓ ଅନ୍ୟ କେଉଁଠୁ ଆଉ ଦୁଇଜଣ କଂଗ୍ରେସ କର୍ମୀଙ୍କୁ ଆଣି ସେଦିନ ହାଜତରେ ରଖାଯାଇଥିଲା । ତା'ପରଦିନ ଆମକୁ ସେଠୁ କଚେରୀ ଓ ଜେଲ୍‌କୁ ନିଆଗଲା । ପୁରୀ ଜେଲ୍‌ରେ ଦେଖିବାକୁ ପାଇଲି ମୋର ଛାତ୍ରବନ୍ଧୁ ଓ ଅନ୍ୟାନ୍ୟ ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ । ସମସ୍ତଙ୍କ ମନରେ ଉତ୍ତେଜନା - ଦେଶ ଏହା ପରେ ସ୍ୱାଧୀନ ହେବ ।

ମାତ୍ର ବେଶୀଦିନ ଜେଲ୍ ଭୋଗିବା ମୋ' ଭାଗ୍ୟରେ ନଥିଲା । ମୁଁ ନାବାଳକ, ଏସବୁ କାର୍ଯ୍ୟରେ ମୁଁ ଜଡ଼ିତ ନୁହେଁ ବା ହେବିନାହିଁ - ବ୍ୟକ୍ତିଗତ ଭାବେ ଏଭଳି ଏକ ଚୁକ୍ତିପତ୍ର ଲେଖି ଓକିଲ ଗଙ୍ଗାଧର ମହାପାତ୍ରଙ୍କ ସହାୟତାରେ ମୋ'ଦାଦା ମୋତେ ଜେଲ୍‌ରୁ ମୁକୁଳାଇ ଆଣିଥିଲେ ।

ଟେଷ୍ଟ ପରୀକ୍ଷା ଆଉ ୭ଦିନ ଥାଏ, ବହି ଖାତା ସବୁ ବିଶୃଙ୍ଖଳିତ । ମୋ' ନାଁ ଓ ଫ୍ରି ସିପ୍ କଟିଯାଇଥାଏ, ତଥାପି କୌଣସିମତେ ପରୀକ୍ଷା ଦେବାକୁ ମୋତେ ଅନୁମତି ମିଳିଲା । ସବୁ ବିଷୟରେ ଭଲନମ୍ବର ରଖି ସେଣ୍ଟଅପ୍ ହୋଇଥିଲି । ମ୍ୟାଟ୍ରିକ୍ ପରୀକ୍ଷା ବି ଦେଲି । ପରୀକ୍ଷାଫଳ ବାହାରିବାକୁ ଅଳ୍ପଦିନଥାଏ; ମୁଁ ବଡ଼ଦାଦାଙ୍କ ସଙ୍ଗେ ଗାଁକୁ ଶଗଡ଼ରେ ଯାଉଥାଏ, ଗହୀର ମଝିରେ ଶଗଡ଼ ଚାଲିଛି, ଏହି ସମୟରେ ଖବର ପହଞ୍ଚିଲା, ମୋ' ବାପାଙ୍କର ହଠାତ୍ ପୁରୀରେ କାଳ ହୋଇଯାଇଛି । ସେ ଥିଲେ ମୋର ଏକମାତ୍ର ସମ୍ବଳ, ମୋତେ ମଣିଷ କରି ଠିଆ କରିବାକୁ ଯଥାସାଧ୍ୟ ଉଦ୍ୟମ କରୁଥିଲେ । ଏବେ କିଏ ବୁଝିବ ମୋ' କଥା ! ଗାଁରେ ଦଶାହ କାର୍ଯ୍ୟ ଶେଷ ହେଲା । ମୁଁ ପୁରୀ ଆସିଲି । ପରୀକ୍ଷାଫଳ ବାହାରିଥାଏ - ସେକେଣ୍ଡ ଡିଭିଜନ୍‌ରେ ପାସ୍, ପାସ୍ କରିଥିବା ମୋର ଅନେକ ସହପାଠୀ କଟକ ରେଭେନ୍ସା କଲେଜରେ ବା ଇଞ୍ଜିନିୟରିଙ୍ଗ୍ ସ୍କୁଲ୍‌ରେ ନାଁ ଲେଖାଇବାକୁ କଟକ ବାହାରିଲେ, ମୁଁ ମଧ୍ୟ ବାମନହୋଇ ଚନ୍ଦ୍ର ଧରିବା ଆଶାରେ ବାହାରି ପଡ଼ିଥିଲି ।

ଏହା ଭିତରେ ମୁଁ କବିତା ଓ ସାହିତ୍ୟଚର୍ଚ୍ଚା କଥା ଏକପ୍ରକାର ଭୁଲିସାରିଥିଲି । କଟକକୁ ଆସି ବହୁ ଅଭାବ, ଅସୁବିଧା ଓ ଅନିଶ୍ଚିତତା ଭିତରେ ମୋ'ର ଛ'ବର୍ଷ ଛାତ୍ର ଜୀବନ କଟିଥିଲା । ତଥାପି ଏହି ସମୟରେ ମୋର କବିତା ରଚନା ଓ ସାହିତ୍ୟ ଚର୍ଚ୍ଚା ବନ୍ଦ ହୋଇନଥିଲା । ଏଇ ଦୁଃସ୍ଥିତିରେ ମଧ୍ୟ ମୁଁ କିଛି ଲେଖାଲେଖି କରିଥିଲି । ସେତେବେଳେ ଓଡ଼ିଆରେ ପତ୍ରପତ୍ରିକା ସଂଖ୍ୟା ଖୁବ୍ କମ୍ ଥିଲା । ବି.ଏ. ଛାତ୍ର ଥିଲାବେଳେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସମ୍ପାଦିତ 'ନବଭାରତ'କୁ କବିତାଟିଏ ପଠାଇଥିଲି ଅତି ସନ୍ତର୍ପଣରେ । ଯୋଗକୁ କବିତାଟି ଅଳ୍ପଦିନ ଭିତରେ ପ୍ରକାଶ ପାଇଗଲା । ସେତେବେଳେ ଜଣେ କଲେଜ୍ ଛାତ୍ରର ଲେଖା 'ନବଭାରତ' ଭଳି ଏକ ପ୍ରତିଷ୍ଠିତ ପତ୍ରିକାରେ ପ୍ରକାଶ ପାଇବା ଥିଲା ଏକ ବିପୁଳ ଗୌରବ । ଯା' ହେଉ ମୋ' କବିତାଟି 'ନବଭାରତ'ରେ ପ୍ରକାଶ ପାଇବା ପରେ ଲେଖକ ମହଲରେ ମୁଁ ପରିଚିତ ହୋଇଗଲି । ଏହି କବିତାଟି ହେଉଛି 'ଉପେନ୍ଦ୍ରଭଞ୍ଜ' । ମଧ୍ୟଯୁଗର

Digitized by srujanika@gmail.com

ବିଶିଷ୍ଟ କବି ଉପେନ୍ଦ୍ର ଭଞ୍ଜଙ୍କ ପ୍ରତି ଏ ଯୁଗର ଜଣେ ପାଠକର ପ୍ରତିକ୍ରିୟାକୁ ଏଥିରେ ବ୍ୟକ୍ତ କରାଯାଇଛି । ମହାନ କବି ଉପେନ୍ଦ୍ରଙ୍କ ପ୍ରତି ଏହା ଆକ୍ଷେପ ନୁହେଁ । ମାତ୍ର କେହି କେହି ଏହାକୁ ଏପରି ଭାବେ ଗ୍ରହଣ କରି ମୋ ପ୍ରତି ଅସହିଷ୍ଣୁ ମନୋଭାବ ପୋଷଣ କରିଥିଲେ । ମୁକ୍ତ ଛନ୍ଦରେ ରଚିତ ଉକ୍ତ ଦୀର୍ଘ କବିତାର କିୟଦଂଶ ଏହିପରି-

"ହେ ଉପେନ୍ଦ୍ର !
ତୁମ କାବ୍ୟ କବିତାର ଗୁରୁ ଭାରକେନ୍ଦ୍ର
କିଛି ନୁହେଁ ଥିଲା ତାହା ଏକମାତ୍ର ନାରୀ
ଆଉ ଏକ ଜଟିଳ ଦୁର୍ବୋଧ ଡ଼ିକ୍ସନାରୀ ।
× × ×
ପଢୁ ପଢୁ ମନେ ହୁଏ
ସତେ ଅବା କଷୁଛି ମୁଁ ଅଙ୍କ
ହେ ଉପେନ୍ଦ୍ର !
ତୁମେ ମୋର ବିରାଟ ଆତଙ୍କ ।"

ସ୍ୱାଧୀନତାଲାଭ ପରେ କବିତାଟିଏ ଲେଖିଥିଲି । କବି ରାଧାମୋହନ ଗଡ଼ନାୟକଙ୍କ ସମ୍ପାଦିତ ଓ ୭ମ ଶ୍ରେଣୀର ପାଠ୍ୟ ଭାବେ ମନୋନୀତ କିଶୋର ସାହିତ୍ୟରେ ଏହା ସ୍ଥାନ ଲାଭ କରିଥିଲା । କବିତାର ପ୍ରଥମ ପଦଟି ହେଉଛି ଏହିପରି -

"ଭାରତ ଆଜିରେ ମୁକ୍ତ
ତରୁଣ ଦେଖଇ ଅରୁଣ ଆଲୋକେ ଅନ୍ଧାର ଅବଲୁପ୍ତ
ତୁଟିଛିରେ ଦେଖ ଧ୍ୱାନ୍ତ ଯାମିନୀ ଅପସରି ଗଲା ବିଦେଶୀ ବାହିନୀ
ଦିଗେ ଦିଗେ ଶୁଭେ ଶୁଭ୍ ଆବାହନୀ ଆଜି ଅଭିନବ ଛନ୍ଦେ
କୋଟି ଜନତାର ଉଦାର କଣ୍ଠ ନବ ମୁକତିର ସ୍ୱନ୍ଦେ
ନବଜୀବନର ଶୁଭେ ଆହ୍ୱାନ ରହନାରେ ଆଉ ସୁପ୍ତ ।"

ଏହି ସମୟରେ ମାୟାଧର ମାନସିଂହଙ୍କ ସମ୍ପାଦନାରେ 'ଶଙ୍ଖ' ପତ୍ରିକା ସମ୍ବଲପୁରରୁ ପ୍ରକାଶ ପାଇଲା । ଏହାର ଚତୁର୍ଥ ସଂଖ୍ୟାରେ ମୋ'ର 'ଧରାବିଦାୟ' ଶୀର୍ଷକ କବିତାଟି ପ୍ରକାଶ ପାଇଥିଲା । 'ଶଙ୍ଖ' ପତ୍ରିକାହିଁ ସର୍ବପ୍ରଥମେ ଲେଖକମାନଙ୍କୁ ପାରିତୋଷିକ ଦେବାର ବ୍ୟବସ୍ଥା ପ୍ରବର୍ତ୍ତନ କରିଥିଲେ । ମୁଁ କବିତାପାଇଁ ୧୦ ଟଙ୍କା ପାଇଥିଲି । ଏହାପରେ ପ୍ରକାଶ ପାଇଲା ଦୈନିକ 'ପ୍ରଜାତନ୍ତ୍ର', ଏହାର ସାପ୍ତାହିକ ରବିବାସରୀୟ ସଂଖ୍ୟାରେ କବିତା, ଗଳ୍ପ ପ୍ରକାଶ ବ୍ୟବସ୍ଥା ହୋଇଥିଲା । ଏଥିରେ ଓ 'ଡଗର'ରେ ମୋର ବହୁ କବିତା ପ୍ରକାଶ ପାଇଥିଲା, ଏଣୁ ମୋ' ସାହିତ୍ୟିକ ଜୀବନ ଏହି ସବୁ ପତ୍ରିକା ଓ ତା'ର ସମ୍ପାଦକଙ୍କ ନିକଟରେ ଏକାନ୍ତ ଋଣୀ ।

Digitized by srujanika@gmail.com

ଏହି ସମୟରେ ମୁଁ ଲେଖିଥିବା କବିତାଗୁଡ଼ିକରେ ମୁଖ୍ୟତଃ ମୋର ସଂଘର୍ଷମୟ ଜୀବନ ତଥା ମୋର ବହୁ ବ୍ୟର୍ଥତାର ଅନୁଭବ ପ୍ରତିଫଳିତ । କବିତାରେ ମୁଁ ଉଭୟ ମାତ୍ରାଛନ୍ଦ ଓ ମୁକ୍ତଛନ୍ଦ ପ୍ରୟୋଗ କରୁଥିଲି । ଏହି ସମୟରେ ପ୍ରବନ୍ଧ ଲେଖିବାରେ ମଧ୍ୟ ମୁଁ ମନୋନିବେଶ କରିଛି । ବିଶେଷତଃ କଟକ ଆକାଶବାଣୀର ପ୍ରତିଷ୍ଠା ପରେ ଆଲୋଚନା ଲେଖିବାକୁ ମୁଁ ଅନୁରୁଦ୍ଧ ହୋଇ କେତୋଟି ଗଦ୍ୟରଚନା ଲେଖିଥିଲି । ନୂଆ ପ୍ରକାଶ ପାଉଥିବା କେତୋଟି ପତ୍ରିକା ପାଇଁ ପ୍ରବନ୍ଧ ମଧ୍ୟ ଲେଖିଥିଲି ।

ଛାତ୍ରଜୀବନ ଶେଷ ହେଲା । ୪୯ ମସିହା ଶେଷ ଭାଗରେ ବାଲେଶ୍ୱର ଫକୀରମୋହନ କଲେଜରେ ଅଧ୍ୟାପକ ଭାବେ ଯୋଗ ଦେଲି । ଛ'ବର୍ଷ ଅତିବାହିତ ହୋଇଗଲା । ଏହି ସମୟ ମଧ୍ୟରେ ଉଭୟ କବିତା ଓ ପ୍ରବନ୍ଧ ଲେଖିବାରୁ ମୁଁ ବିରତ ହୋଇନଥିଲି । ମୋ' ପ୍ରଥମ କବିତା ସଂଗ୍ରହ 'ତୀର୍ଯ୍ୟକ୍' ଏହିଠାରେ ମୁଦ୍ରିତ ଓ ପ୍ରକାଶିତ ହୋଇଥିଲା । ବିଶ୍ୱସାହିତ୍ୟର କେତେକ ଶ୍ରେଷ୍ଠ ଗଳ୍ପ ମଧ୍ୟ ମୁଁ ଏହିଠାରେ ଥିଲାବେଳେ ଅନୁବାଦ କରିଥିଲି, ଏହାର ଫଳଶ୍ରୁତି ହେଉଛି 'ଦେଶବିଦେଶର ଗଳ୍ପ' ଓ 'କଥା ଓ କଥାକାର' । ଶେଷୋକ୍ତ ବହିଟି ବହୁବର୍ଷ ଆଇ.ଏ. ଶ୍ରେଣୀର ଅତିରିକ୍ତ ପାଠ୍ୟଭାବେ ପ୍ରଚଳିତ ଥିଲା । ବାଲେଶ୍ୱର ଫକୀରମୋହନ ପରିଷଦର ଉପସଭାପତି ଓ ସଭାପତି ଭାବରେ କର୍ମ ସମ୍ପାଦନ ମଧ୍ୟ ମୋ'ସାହିତ୍ୟିକ ଜୀବନର ସ୍ମରଣୀୟ ବିଭାବ, ଏହି ଅନୁଷ୍ଠାନ ପାଇଁ ମୋତେ ସମ୍ପାଦନା କରିବାକୁ ପଡ଼ିଥିଲା 'ଫକୀରମୋହନ ପରିକ୍ରମା' ।

ଏହାପରେ ୧୯୫୫ରୁ ୭୦ ପର୍ଯ୍ୟନ୍ତ ଦୀର୍ଘ ୧୫ବର୍ଷ ଅଧ୍ୟାପକ ଭାବେ ମୋର କଟକରେ ଅବସ୍ଥାନ । ମୋ' ସାହିତ୍ୟିକ ଜୀବନର ଏହା ବୋଧହୁଏ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ । ଆପଣାକୁ ଗଢ଼ିବାକୁ ଓ ପ୍ରକାଶ କରିବାକୁ ମୁଁ ବୋଧହୁଏ ଏଇଠି ସର୍ବାଧିକ ସୁବିଧାସୁଯୋଗ ପାଇଥିଲି । ଏମ୍.ଏ. ଶ୍ରେଣୀରେ ଅଧ୍ୟାପନା କରିବା ଅବକାଶରେ ମୋତେ ବିଭିନ୍ନ ବିଷୟଲାଗି ଅଧିକ ଅନୁଶୀଳନ ଓ ଅଧ୍ୟୟନ କରିବାକୁ ପଡ଼ିଥିଲା । ଏହାସାଙ୍ଗକୁ ବିଭିନ୍ନ ପତ୍ରିକା ଓ ଆକାଶବାଣୀପାଇଁ ଆଲୋଚନାତ୍ମକ ପ୍ରବନ୍ଧ ମଧ୍ୟ ବେଳେବେଳେ ଲେଖିବାକୁ ପଡୁଥିଲା । ଏହିସମୟରେ ଓଡ଼ିଆ ଗୀତିକାବ୍ୟ ସମ୍ପର୍କରେ ଏକ ଗବେଷଣାତ୍ମକ ନିବନ୍ଧ ମୁଁ ପ୍ରସ୍ତୁତ କରିଥିଲି । ସେଥିପାଇଁ ମୋତେ କିପରି ବହୁ ବର୍ଷ କଠିନ ଅଧ୍ୟବସାୟ କରିବାକୁ ପଡ଼ିଥିଲା ତାହା ସ୍ୱତନ୍ତ୍ରଭାବେ ବର୍ଣ୍ଣନୀୟ । ଏହି ଅବକାଶରେ ମୁଁ ପ୍ରାୟ ଦୁଇହଜାରରୁ ଅଧିକ ପ୍ରାଚୀନ ଅପ୍ରକାଶିତ ଗୀତିରଚନା ଲୋକଲୋଚନକୁ ଆଣିଥିଲି । ମୋର ବହୁ କବିତା 'ଝଙ୍କାର' ଓ 'ଡଗର'ରେ ପ୍ରକାଶିତ ହୋଇଥିଲା ଏହି ସମୟରେ । କବିତା ପାଇଁ ମୁଁ ଦୁଇଥର ବିଷୁବ ସମ୍ମିଳନୀରେ ସମ୍ମାନିତ ହୋଇଥିଲି ।

ମୋର ଧାରଣା, ବିଭିନ୍ନ ଭାବାବେଗକୁ ପ୍ରକାଶ କରିବା ସଙ୍ଗେ ସଙ୍ଗେ ମୁଁ ସମକାଳୀନ କେତେକ ବାସ୍ତବ ଚିତ୍ରକୁ ଉପସ୍ଥାପନ କରିବାରେ ମଧ୍ୟ ଯତ୍ନବାନ ହୋଇଛି

Digitized by srujanika@gmail.com

କବିତାରେ । ସ୍ୱାଧୀନତା ଲାଭ ପରେ ଆମ ଗାଁର ବିଶେଷ କିଛି ପରିବର୍ତ୍ତନ ହୋଇପାରିନାହିଁ । ଏହା ମୁଁ ଗାଆଁକୁ ଯାଇ ବେଶ୍ ଉପଲବ୍ଧି କରିପାରିଥିଲି । ଏଣୁ 'ସେଇ ଆମ ଗାଆଁ କଥା' କବିତାରେ ମୁଁ ଯଥାର୍ଥତଃ ପରିବର୍ତ୍ତିତ ପରିସ୍ଥିତିରେ ଆମ ଗାଆଁର କଥା କହିଛି । ଏହାର ଆରମ୍ଭ ଓ ଶେଷ ପଦ ଏହିପରି -

" ଛାୟା ସୁଶୀତଳ ବନ୍ୟାର ସାଥୀ ସେଇ ଆମ ଗାଆଁ କଥା
ତୁମରି ଆଗରେ କହୁଛି ମୁଁ ଆଜି ଖୋଲି
ସ୍ୱାଧୀନ ଭାରତେ ଛପନ ସାଲରେ ଏବେ ବି ଦେଖିବ ତାହା
ପଢ଼ି ଭାବିବନି ଅତିରଞ୍ଜନ ବୋଲି ।

× × ×

କେବେ ତା'ର ପୁଣି ଆସିବ ସୁଦିନ ଏ ଗାଆଁ ଉଠିବ ହସି
ଆଜି ମୁଁ ଦେଖୁଛି ପ୍ରତିକାରହୀନ ଦୁଃଖ
ଯୋଜନା ରହିଛି ଆଜି ଆମ ଗାଁ ଲକ୍ଷ ଯୋଜନ ଦୂରେ
ଚଉଦିଗୁ ତାରେ ଘେରିଛି ଦୁର୍ବିପାକ ।"

ଏମ୍.ଏ. ଶ୍ରେଣୀର ଛାତ୍ର ଥିବାବେଳେ କବି ବୀରକିଶୋରଙ୍କ ସହ ମୋର ଘନିଷ୍ଠ ସମ୍ପର୍କ ସ୍ଥାପିତ ହୋଇଥିଲା । ସେତେବେଳେ ସେ 'ମୋ ଦେଶ' ବୋଲି ଏକ ଶିଶୁ ପତ୍ରିକା ସମ୍ପାଦନା କରୁଥାନ୍ତି । ତାଙ୍କ ଅନୁରୋଧରେ ମୁଁ କିଶୋର ଉପଯୋଗୀ କେତୋଟି ଗଳ୍ପ 'ମୋ ଦେଶ' ପାଇଁ ଲେଖିଥିଲି । ଏହାପରେ ମୁଁ କିଛି ଶିଶୁ ଓ କିଶୋର ସାହିତ୍ୟ ରଚନା ବିଷୟରେ ମନୋଯୋଗୀ ହୋଇଥିଲି । ପରବର୍ତ୍ତୀ କାଳରେ ବିଶେଷତଃ ମୋର କଟକ ଅବସ୍ଥାନ କାଳରେ ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରକାଶିତ ବହୁ ଶିଶୁ ସାହିତ୍ୟ ମୁଁ ପାଠ କରିଥିଲି । ପୃଥିବୀର ନାନା ଦେଶର ଓ ଭାରତର ବହୁ ପ୍ରାନ୍ତର ପ୍ରାୟ ଦୁଇଶହରୁ ଅଧିକ କାହାଣୀ ବା ଲୋକକଥାକୁ ମୁଁ ଓଡ଼ିଆରେ ରୂପାନ୍ତରିତ କରିଅଛି ।

ଓଡ଼ିଶାର ପ୍ରାଚୀନତମ ସାହିତ୍ୟାନୁଷ୍ଠାନ 'ଉତ୍କଳ ସାହିତ୍ୟ ସମାଜ', କଟକର ସମ୍ପାଦକ ଭାବେ ମୋତେ ପ୍ରାୟ ପାଞ୍ଚବର୍ଷ କାର୍ଯ୍ୟ କରିବାକୁ ପଡ଼ିଥିଲା । ଏଇ ଅବକାଶରେ ମୁଁ ଦୁଇଟି ଗ୍ରନ୍ଥ ସମ୍ପାଦନା କରିବାର ସୁଯୋଗ ପାଇଥିଲି । ଏଇ ଗ୍ରନ୍ଥ ଦୁଇଟି ହେଉଛି 'ବ୍ରଜସୁନ୍ଦର ସ୍ମାରକ ଗ୍ରନ୍ଥ' ଓ 'ଭକ୍ତମାଳା' । ଏହି କାର୍ଯ୍ୟରେ ମୋର ସହାୟକ ଥିଲେ ୰ ବନ୍ଧୁ ବିଚିତ୍ରାନନ୍ଦ କର । ଏହା ଛଡ଼ା ୰ ପ୍ରାଣନାଥ ପଟ୍ଟନାୟକଙ୍କ ଅନୁରୋଧ କ୍ରମେ ମଧ୍ୟ ସମ୍ପାଦନା କରିଥିଲି 'କୃଷ୍ଣମୋହନ ଗ୍ରନ୍ଥାବଳୀ' । ଏହିପରି ଓଡ଼ିଶାର ଦୁଇଟି ପ୍ରସିଦ୍ଧ ସାହିତ୍ୟାନୁଷ୍ଠାନର ସଙ୍ଗଠନ କାର୍ଯ୍ୟରେ ମୋତେ ପ୍ରାୟ ଦଶବର୍ଷ କିଛି ଶ୍ରମ ଓ ଶକ୍ତି ବିନିଯୋଗ କରିବାକୁ ପଡ଼ିଥିଲା । ଏଇ ଅବକାଶରେ ଓଡ଼ିଶାର ବହୁ ସାହିତ୍ୟିକଙ୍କ ସମ୍ପର୍କରେ

Digitized by srujanika@gmail.com

ଆସିବାର ସୁଯୋଗ ମୁଁ ଲାଭ କରିଥିଲି ଓ ଏହା ମୋର ସାହିତ୍ୟିକ ଜୀବନକୁ ତଥା ଦୃଷ୍ଟିକୋଣକୁ କେତେକ ପରିମାଣରେ ପ୍ରଭାବିତ କରିଥିଲା ।

୧୯୭୦ ମସିହାରେ ମୋତେ କଟକରୁ ସ୍ଥାନାନ୍ତରିତ ହେବାକୁ ପଡ଼ିଥିଲା, ପ୍ରାୟ ପାଞ୍ଚବର୍ଷ ପାଇଁ ମୁଁ ସମ୍ବଲପୁର ଓ ଭୁବନେଶ୍ୱରରେ ଅବସ୍ଥାପିତ ହୋଇଥିଲି । ମୋର ଧାରଣା,ଏହି ସମୟଟି ମୋ ସାହିତ୍ୟିକ ଜୀବନର ଏକ ଶିଥିଳତାର ସମୟ । ମୁଁ ସମ୍ବଲପୁରରେ ଥିବାବେଳେ ସେହି ଅଞ୍ଚଳର ଭାଷା ଓ ଲୋକ ସଂସ୍କୃତି ସମ୍ପର୍କରେ ଯତ୍‌କିଞ୍ଚିତ ଜାଣିବାର ସୁଯୋଗ ପାଇଥିଲି ଓ ସେ ସମ୍ପର୍କରେ କେତୋଟି ପ୍ରବନ୍ଧ ମଧ୍ୟ ଲେଖିଥିଲି ।

ଏହିପରି ଭାବେ ମୋ’ ସାହିତ୍ୟିକ ଜୀବନ, ମୋ’ କର୍ମ ଜୀବନ ସହିତ କେତେକ ପରିମାଣରେ ଜଡ଼ିତ । ବିଭିନ୍ନ ପତ୍ରିକାର ସମ୍ପାଦକ ଓ ଛାତ୍ରମାନଙ୍କ ଅନୁରୋଧ ଓ ସେମାନଙ୍କ ଆବଶ୍ୟକତା ପୂରଣ ଲାଗି ଯେ ମୋତେ କିଛି ସାହିତ୍ୟ ସୃଷ୍ଟି କରିବାକୁ ପଡ଼ିଛି ଏହାକୁ ଅସ୍ୱୀକାର କରିହେବ ନାହିଁ । ମୁଁ ପରିସ୍ଥିତି ଓ ସମୟର ଦାସ ହୋଇଯାଇଛି । ସମୟର ଚାହିଦାନୁଯାୟୀ ସାହିତ୍ୟ ସୃଷ୍ଟିରେ ଅଭିନିବିଷ୍ଟ ହୋଇଛି, ତଥାପି ନିଜ ଅଭିରୁଚି ଅନୁଯାୟୀ ଯତ୍ ସାମାନ୍ୟ ହେଉ ପଛକେ ମୁଁ ଲେଖିବାକୁ ସମର୍ଥ ହୋଇଛି । ମୋ’ ଆତ୍ମାନୁଭୂତିର ନିଦର୍ଶନ ହେଉଛି ମୋ’ କବିତା । କବିତା ସହ ମୋର ପ୍ରଥମ ପରିଚୟ, ସେ ସମ୍ପର୍କ ଏଯାବତ୍ ଅବ୍ୟାହତ ରହିଛି ।

କେହି କେହି ମୋତେ ପଚାରିଛନ୍ତି, ଆପଣ କବିତା ଛାଡ଼ି ଗଦ୍ୟ କ୍ଷେତ୍ରକୁ କାହିଁକି ଆସିଲେ ? ଏ ପ୍ରଶ୍ନ ମୋତେ ବହୁ ଅଡୁଆରେ ପକାଇଦିଏ । ମୁଁ କଣ ନିଜ ଇଚ୍ଛାରେ ଆସିଛି ? ମୋତେ ଆସିବାକୁ ପଡ଼ିଛି; ଏକପ୍ରକାର ବାଧ୍ୟ ହୋଇ । ପରିବେଶ ଓ ପରିସ୍ଥିତି ମୋତେ ବାଧ୍ୟ କରିଛି । ଅନ୍ୟମାନଙ୍କର ଆବଶ୍ୟକତା ପୂରଣକୁ ମୁଁ ମୋର କର୍ତ୍ତବ୍ୟ ମନେକରି ଯଥାଶକ୍ତି ତାହା ପୂରଣ କରିବାକୁ ଚେଷ୍ଟା କରିଛି ମାତ୍ର । ଏମିତି ଲେଖୁ ଲେଖୁ ମୋର ପ୍ରବନ୍ଧ ବା ଗଦ୍ୟରଚନା କବିତାଠାରୁ ବଳିଯାଇଛି । ପଦ୍ୟ ଅପେକ୍ଷା ଗଦ୍ୟ ଯେ ଏ ଯୁଗରେ ଅଧିକ ପ୍ରୟୋଜନ ଏହା ଏଥୁ ପ୍ରମାଣିତ ହେଉନାହିଁ କି ? ପରୀକ୍ଷାନିରୀକ୍ଷା ଆଳରେ, ନୂଆ ଚିତ୍ରକଳ୍ପ ମାଧ୍ୟମରେ ଆପଣାର ବିଚିତ୍ର ଖିଆଲ୍‌ଗୁଡ଼ାକୁ କବିତା ମାଧ୍ୟମରେ ପରିବେଷଣ କରି କେଉଁ ଲାଭ ବା ହେଉଛି ? କିଏ ଏହାକୁ ବା ଆଗ୍ରହରେ ଆପଣାର କରିନେଉଛି ? ସମାଜ ଓ ପାଠକ ଗୋଷ୍ଠୀଙ୍କୁ ପ୍ରଭାବିତ କରିବା ପାଇଁ ଏହା କଣ ସତରେ ସମର୍ଥ ହେଉଛି ? ଏମିତି କେତେ ପ୍ରଶ୍ନ ବି ମୋ’ ମନରେ ଜାତ ହୋଇଛି ।

ମୋର ବିଶ୍ୱାସ ଆମେ ଯେତିକି କରିବାକୁ ଜଗତକୁ ଆସିଥାଉ, ସେତିକି ମାତ୍ର କରିପାରୁ । ସେଥିପାଇଁ ଯାହା ପାଇବା କଥା ତାହା ପାଉ । ମୋର ଗତ ୪୦/୪୫ ବର୍ଷର ସାହିତ୍ୟ ଚର୍ଚ୍ଚା ଫଳରେ ମୋର ୫୪ଟି ବହି ପ୍ରକାଶ ପାଇଛି । ସାହିତ୍ୟିକ ଭାବେ ଓଡ଼ିଶା ଓ

Digitized by srujanika@gmail.com

ଓଡ଼ିଶା ବାହାରର ବହୁ ସ୍ଥାନକୁ ମୋତେ ଯିବାକୁ ପଡ଼ିଛି । ବହୁ ଅନୁଭୂତି ଓ ଅଭିଜ୍ଞତା ଅର୍ଜନ କରିଛି, ମାତ୍ର ସବୁକଥା ମୁଁ ଲେଖନୀରେ ରୂପ ଦେଇ ପାରିନାହିଁ, ଅନେକ କଥା ଅକୁହା ରହିଯାଇଛି । ଇଂରାଜୀରେ ଲିଖିତ ଓଡ଼ିଆ ସାହିତ୍ୟର ଇତିହାସକୁ ମିଶାଇ ମୋର ଯେଉଁ ୫୪ଟି ବହି ପ୍ରକାଶିତ ହୋଇଛି ସେଥିରୁ ଚାରିଗୋଟି ହେଉଛି କବିତା ସଙ୍କଳନ, ଅନ୍ୟଗୁଡ଼ିକ ହେଉଛି ତେରଗୋଟି ଶିଶୁ ଓ କିଶୋର ସାହିତ୍ୟ, ପାଞ୍ଚଗୋଟି ଅନୁବାଦ, ତିନିଗୋଟି ଜୀବନୀ, ସତରଗୋଟି ସାହିତ୍ୟାଲୋଚନାତ୍ମକ ଗ୍ରନ୍ଥ ଓ ଏଗାରଗୋଟି ସଙ୍କଳନ ଓ ସମ୍ପାଦନା ମୂଳକ ଗ୍ରନ୍ଥ । ଆର୍ଥିକ ଦୃଷ୍ଟିରୁ ମୋତେ ବିଶେଷ ଉପକୃତ ନକରିଥିଲେ ହେଁ ପ୍ରକାଶକ ମାନେ ମୋ ବହିକୁ ଲୋକଲୋଚନକୁ ଆଣିଥିବାରୁ ଧନ୍ୟବାଦାର୍ହ । ମୋ ଲେଖାର ଉତ୍କର୍ଷ ବା ବୈଶିଷ୍ଟ୍ୟ ସମ୍ପର୍କରେ ନିଜେ ଅଭିମତ ପ୍ରକାଶ କରିବା ଅଶୋଭନୀୟ । ଏହାର ମୂଲ୍ୟାୟନ ମୁଁ ସୁଧୀ ପାଠକ ଓ ବିଚାରକଙ୍କ ଉପରେ ଛାଡ଼ିଦେଉଛି ।

ସାମ୍ପ୍ରତିକ ଓଡ଼ିଆ ସାହିତ୍ୟ ଆଜି ବହୁ ସମସ୍ୟାର ସମ୍ମୁଖୀନ । ପାଠକ ସଂଖ୍ୟା ଆଶାନୁରୂପ ବୃଦ୍ଧି ପାଉନାହିଁ । ସାହିତ୍ୟ କ୍ଷେତ୍ର ଦୋଷ-ଦୂଷିତ, କଳୁଷିତ ହୋଇଉଠୁଛି । ରାଜନୀତିକ ଲୋକେ କ୍ଷମତାକୁ ଆସି ସାହିତ୍ୟ କ୍ଷେତ୍ରରୁ ଲାଭ ଉଠାଇବାକୁ ପଛଉନାହାନ୍ତି । ସାହିତ୍ୟ କ୍ଷେତ୍ରରେ ବହୁ ଦଳ ଗୋଷ୍ଠୀ ସୃଷ୍ଟି ହୋଇଯାଇଛି । ସାହିତ୍ୟ ପାଇଁ ପୁରସ୍କାର ବ୍ୟବସ୍ଥା ହେବା ଫଳରେ ସାହିତ୍ୟିକମାନଙ୍କ ମଧ୍ୟରେ ବହୁ ବିଭେଦ, ନୈରାଶ୍ୟ ଦେଖାଦେଇଛି । ଏସବୁ ଦେଖି ମୋ ମନରେ ବେଳେ ବେଳେ ଅବସାଦ ଜାତ ହୋଇଛି । ତଥାପି ଦଳ ଗୋଷ୍ଠୀଠାରୁ ଦୂରରେ ରହି ମୁଁ ନିରବଚ୍ଛିନ୍ନ ଭାବରେ ସାହିତ୍ୟିକ ଜୀବନ ଅତିବାହିତ କରିଆସିଛି । ହୁଏତ ପରିବାର ପ୍ରତି ଅବହେଳା କରିଛି, ଅର୍ଥକାରୀ ବିଷୟ ପ୍ରତି ଆକୃଷ୍ଟ ହୋଇ ପାରିନାହିଁ । ଏହାକୁ କେହି କେହି ମୋର ଅବିବେକିତା କହିପାରନ୍ତି । ମାତ୍ର ମୋର ଏହି ପ୍ରବୃତ୍ତିର ପ୍ରଭାବରୁ ମୁକ୍ତ ହୋଇ ପାରିନାହିଁ । ପରିଶେଷରେ ଆଉ ଗୋଟିଏ କଥା ଲେଖି ମୋର ବକ୍ତବ୍ୟ ସାଙ୍ଗ କରିବି । ମୋର ସାହିତ୍ୟ ସାଧନାର ସ୍ୱୀକୃତି ସ୍ୱରୂପ ସରକାରୀ ବା ଅର୍ଦ୍ଧସରକାରୀ ସ୍ତରରେ ନହେଉପଛକେ କେତେକ ବିଶିଷ୍ଟ ବେସରକାରୀ ଅନୁଷ୍ଠାନ ମୋତେ ସମ୍ମାନିତ କରିଛନ୍ତି । ସେଥିପାଇଁ ମୁଁ ସେମାନଙ୍କ ନିକଟରେ କୃତଜ୍ଞ । କିଏ ମୋତେ କବିତାପାଇଁ ତ କିଏ ଶିଶୁସାହିତ୍ୟ ତ କିଏ ଗବେଷଣା ପାଇଁ ଶ୍ରଦ୍ଧା ଜଣାଇଛନ୍ତି । ଏହାକୁ ହିଁ ମୁଁ ଦେଶବାସୀ ତଥା ପାଠକମାନଙ୍କର ମୋ'ଭଳି ସାହିତ୍ୟସେବୀ ପ୍ରତି ପ୍ରୀତିର ନିଦର୍ଶନ ବୋଲି ଭାବୁଛି ।

●●●

Digitized by srujanika@gmail.com

ମୋ' ଜୀବନ ମୋ' ସାହିତ୍ୟ

ମାଧବ ଚନ୍ଦ୍ର ଶତପଥୀ (୧୯୩୦)

ତା.୨୨/୫/୧୨ ରିଖ ସକାଳେ ଛାତ୍ର ପ୍ରତିମ ଡଃ ଗୋବିନ୍ଦ ଭୂୟାଁ ଆସି ମତେ କହିଲେ, "ସାର ମୋର ବନ୍ଧୁ ଡଃ ଗିରୀଶ ସାହୁ କେତେକ ସାହିତ୍ୟିକମାନଙ୍କର ମୋ ଜୀବନ ମୋ ସାହିତ୍ୟର ସଙ୍କଳନ କରି ବହିଟିଏ ଛପାଇବେ ଆପଣ ଲେଖାଟିଏ ଦିଅନ୍ତୁ" । ସେ ଚାଲିଗଲା ପରେ ଭାବିଲି - ଆହା ଜୀବନଟା ଅଛି ବୋଲି ସିନା ମୋ ଜୀବନ ଓ ମୋ ସାହିତ୍ୟ ଲେଖିବା ପାଇଁ ଅନୁରୋଧଟିଏ ପାଇଲି । ମୋର ବୟସର ହାତଗଣତି କେତେ ଜଣ ମାତ୍ର ଜୀବିତ ଥିବେ । ଯମକୁ କହିଲି " ହେ ଧର୍ମରାଜ, ମୋ ଫାଇଲଟି ତୁମେ ହଜାଇ ଦେଇଥିବାରୁ ତୁମକୁ ଶତଶତ ଧନ୍ୟବାଦ ।"

ମୋ ଜୀବନଟା ଏକ ସରଳ ରୈଖିକ ଜୀବନ । ଘାତ ପ୍ରତିଘାତ ଖାଲ-ଖମଣା, ହମ୍ପସ୍- ବ୍ୟାରିକେଡ୍ ଶୂନ୍ୟ । ଜୀବନଟା ସରଳ ରୈଖିକ ହୋଇଥିବାରୁ ମୋ ସାହିତ୍ୟ ବରାବର ଏକ ସରଳ ରେଖାରେ ଗତି କରିଚାଲିଛି । ସରଳରେଖା ଗାଣିତିକ ହେତୁ ମୋ ଲେଖା ସବୁ ମାପ-ଚୁପ, ସଂକ୍ଷିପ୍ତ କଳେବରରେ ଆବଦ୍ଧ ।

ଅତୀତରୁ ଆରମ୍ଭ କରୁଛି । ପିଲାଦିନୁ ସାହିତ୍ୟ ପ୍ରତି ମୋର ଅକୁଣ୍ଠ ଆକର୍ଷଣ । ଆମ ଗାଁ ରେ ପ୍ରତିବର୍ଷ ବିଭିନ୍ନ ପୁରାଣ ପଢ଼ା ଶୁଣିବା, ରାତି ଅନିଦ୍ରା ହୋଇ ପାଲା ଦେଖିବା ଠାରୁ ସାହିତ୍ୟର ଡୋରି ମୋଠିଁ ଆପେ ଆପେ ଲାଗିଗଲା । ମାଇନର ସ୍କୁଲରୁ ରାଧାନାଥ, ଗଙ୍ଗାଧର, ଫକୀରମୋହନ ଗ୍ରନ୍ଥାବଳୀ ପଢ଼ିଲି । ପ୍ରଥମେ ମାଇନର ସ୍କୁଲରୁ ମୁଁ କବିବର ରାଧାନାଥ ରାୟଙ୍କର ଲାଙ୍ଗୁଡ଼ ଧରି ଚଉଦ ଅକ୍ଷରୀ ଉପଧ୍ୱା ମିଳନ କବିତା ବହିଟିଏ ଲେଖି ପକାଇଲି ଓ ତା ନାମ ଦେଇଥିଲି 'କଳିକା' । ଯାହା ଦୀର୍ଘ ୭୨ ବର୍ଷ ପରେ ମୋ ଦ୍ୱିତୀୟ ଝିଅ ପ୍ରତିମା ତାକୁ ଛପାଇବାକୁ ମୋ ସହ ଝଟାପଟା ଲାଗିଛି ।

ମାଇନର ପରେ ହାଇସ୍କୁଲରେ ଆମର ପ୍ରତିବର୍ଷ ଗଣେଶ ଓ ସରସ୍ୱତୀ ପୂଜାରେ ଗଣେଶ ଓ ସରସ୍ୱତୀଙ୍କ ଉପରେ ଜଣାଣ ଲେଖା ପ୍ରତିଯୋଗିତା ହେଉଥିଲା । ସର୍ତ୍ତ ଥିଲା ଯାହା ଜଣାଣ ପ୍ରଥମ ହେବ ସେ ଏକ ଟଙ୍କା (ବର୍ତ୍ତମାନ ସେ ସମୟର ଏକ ଟଙ୍କାର ମୂଲ୍ୟ ୪୦ଟଙ୍କା) ପୁରସ୍କାର ପାଇବ । ଏଠି ମୁଁ ଛାଡ଼ିଲି ରାଧାନାଥ ଧଇଲି କବିସୂର୍ଯ୍ୟ ବଳଦେବ

Digitized by srujanika@gmail.com

ରଥ । ତାଙ୍କର 'ବାଧିଲା ଜାଣି କ୍ଷମା' ଶୈଳୀରେ ପ୍ରତିବର୍ଷ ଜଣାଣ ଲେଖିଲି ଓ ଚାରିବର୍ଷରେ ୮ ଟଙ୍କା ପାଇଲି ।

ତାପରେ କଲେଜ ଜୀବନ । ରେଭେନ୍ସା କଲେଜରେ ପଶ୍ଚିମ ଛାତ୍ରାବାସରେ ପ୍ରତିବର୍ଷ ବାର୍ଷିକ ଉତ୍ସବରେ 'ଊର୍ମି' ନାମକ ପତ୍ରିକାଟିଏ ବାହାରୁଥିଲା । ଏହି ଛାତ୍ରାବାସର ଅନ୍ତେବାସୀ ଥିବାରୁ ମୁଁ ବି କବିତା ଗୋଟିଏ ଗୋଟିଏ ଲେଖୁଥିଲି । ଏଠି ରାଧାନାଥ ଓ କବିସୂର୍ଯ୍ୟଙ୍କ ଲାଙ୍ଗୁଡ଼ ଛାଡ଼ି ରାଧାମୋହନ ଗଡ଼ନାୟକଙ୍କର ଲାଙ୍ଗୁଡ଼ ଧରି ଛନ୍ଦୋବଦ୍ଧ (ତାଙ୍କରି ଶୈଳୀରେ) କବିତା ଲେଖିଲି । ଓ ସେହି କବିତାଗୁଡ଼ିକ ନିର୍ବାଚିତ ହୋଇ ଛପା ବି ହେଉଥିଲା । ତେବେ ମୋର ଅର୍ନ୍ତନିହିତ କଳା ହାସ୍ୟବ୍ୟଙ୍ଗ ଲେଖାଟିଏ ୧୯୫୧ ମସିହାରେ କବିତା ସହ ଦେଲି । ଏହି ହାସ୍ୟବ୍ୟଙ୍ଗ ଗଳ୍ପର ନାମ ଥିଲା 'ଦାଢ଼ୀ ପ୍ରେମ' । ଏଟାକୁ ପରୀକ୍ଷାନିରୀକ୍ଷା କରିବା ପାଇଁ ଦେଇଥିଲି । ଭାବିଲି ଛପା ହେବ ନାହିଁ । କାରଣ ସେ ସମୟରେ ଆଜିକାଲି ପରି ରମ୍ୟରଚନା ଓ ହାସ୍ୟବ୍ୟଙ୍ଗ ଗଳ୍ପ ବାହାରୁ ନଥିଲା । ମାତ୍ର ସମ୍ପାଦକ ମଣ୍ଡଳୀରେ ଥିବା ସାରମାନେ ତାକୁ ଚୟନ କରିଦେଲେ ଓ ଛପା ହୋଇଗଲା ଏବଂ ଛାତ୍ରମାନଙ୍କଦ୍ୱାରା ଆଦୃତ ହୋଇଥିଲା । ତାପରେ 'ଖୁଡ଼ୀ ଓ ନାତି' ଆଉ ଏକ ହାସ୍ୟ ଗଳ୍ପ ଲେଖିଥିଲି ।

ରେଭେନ୍ସା ଓ ତାପରେ ରାଧାନାଥ ଅବଧାନ ତାଲିମ କେନ୍ଦ୍ରରୁ (ରାଧାନାଥ ଟ୍ରେନିଂ କଲେଜ, କଟକ) ସ୍ନାତକୋତ୍ତର ଶିକ୍ଷା ସାରି ଚାକିରି କ୍ଷେତ୍ରରେ ପଶିଲି ଓ ୧୯୫୪ରୁ ଏ ପର୍ଯ୍ୟନ୍ତ ନିୟମିତ ସାହିତ୍ୟ ଚାଷ (ବ୍ୟଙ୍ଗକୁ ମୁଁ ମୋ ଭାଷାରେ ସାହିତ୍ୟ କୁହେ) ଚାଲୁରଖିଲି । ପତ୍ରିକାମାନଙ୍କରେ ବାହାରିବାରୁ ମୋ ମନକୁ ଶଗଡ଼ ଦଉଡ଼ି କ'ଣ ଜଗନ୍ନାଥଙ୍କ ରଥ ଦଉଡ଼ି ପାଇଲା ନାହିଁ । ସାଧାରଣତଃ ଲେଖକଙ୍କର ଲେଖାଟିଏ ପ୍ରଥମ ପ୍ରକାଶ ପାଇଲେ ସେ ଅପାର ଖୁସି ହୁଏ । ଏଣୁ ମୁଁ ଯଦିଓ ଖୁସି ହେଲି, ଫୁଟାଣିଆ ଓ ବାହାଦୁରିଆଙ୍କ ପରି ଲେଖାଟିକୁ ଦେଇ ଯାକୁ ତାକୁ ଦେଖାଇ ବିଜ୍ଞାପନ କଲିନାହିଁ । ଏହି ଅଭ୍ୟାସ ମୋର ଆଜି ପର୍ଯ୍ୟନ୍ତ ରହିଛି, କହିବା ବାହୁଲ୍ୟ ନୁହେଁ । ଅବଶ୍ୟ ରେଭେନ୍ସା କଲେଜରୁ ମୁଁ ରାଧାନାଥ କବିସୂର୍ଯ୍ୟ ଓ ରାଧାମୋହନଙ୍କ ଲାଙ୍ଗୁଡ଼ ଛାଡ଼ି ଫକୀରମୋହନ ସେନାପତିଙ୍କ ଭାଲୁ ଲାଙ୍ଗୁଡ଼ ଧରିଲି ଯେ ଏ ପର୍ଯ୍ୟନ୍ତ ସେ ଭାଲୁ ମତେ ଛାଡୁଛି ନା ମୁଁ ତା ଲାଙ୍ଗୁଡ଼ ଛାଡୁଛି ।

ସମ୍ବଲପୁର ଗଙ୍ଗାଧର ମେହେର କଲେଜରେ ଅଧ୍ୟାପକ ଥିବା ସମୟରେ ଜଣେ ସହକର୍ମୀ କହିଲେ "ଭେରେସା ଲେଖା ଲେଖି କେହି ସାହିତ୍ୟିକ ହୁଏ ନାହିଁ । ହୁଏ ଗଳ୍ପ କବିତା ଉପନ୍ୟାସ ଓ ନାଟକ ଲେଖି" । ତାକୁ ମୁଁ ଅଶେଷ ଧନ୍ୟବାଦ ଦେଉଛି । ଦୀର୍ଘ ୫୨ ବର୍ଷ ପରେ ତାଙ୍କ କଥା ଠିକ୍ । କାରଣ ହାସ୍ୟ-ବ୍ୟଙ୍ଗ ସାହିତ୍ୟକୁ କେନ୍ଦ୍ର ଓ ରାଜ୍ୟ ସାହିତ୍ୟ ଏକାଡେମୀ ସାହିତ୍ୟ ରୂପେ ଗ୍ରହଣ କରିନାହାନ୍ତି । ତାଙ୍କ କଥାରେ ମୋର ଟିକେ ସାହିତ୍ୟିକ ହେବାକୁ ଇଚ୍ଛାଟାଏ ଗଜୁରି ଉଠିଲା । ଖଜୁରୀ ଗଛର ମୂଳରୁ ପାହାଚ-ପାହାଚ ପରି ମୋର

Digitized by srujanika@gmail.com

ତ କେବଳ ସାହିତ୍ୟ ପାହାଚ ପାହାଚ । ଏଥିରେ ଖଜୁରୀ ନ ଫଳି ଆମ୍ବ ଫଳିବ କେମିତି ? ତଥାପି ସହକର୍ମୀଙ୍କ କଥାକୁ ଏକ ଆହ୍ୱାନ ରୂପେ ନେଇ ଝଙ୍କାରକୁ ହାସ୍ୟ ବ୍ୟଙ୍ଗ କବିତା ନୁହେଁ ପୂରା ଆଧୁନିକ କବିତା ପରୀକ୍ଷାନିରୀକ୍ଷା କରିବା ପାଇଁ ପଠାଇଲି ଓ ପ୍ରଥମ କବିତା ଛପା ହୋଇଥିଲା । ତାପରେ ପରେ ୧୯୬୦ରୁ ୧୯୭୦ ମସିହା ପର୍ଯ୍ୟନ୍ତ ବରାବର ମଝିରେ ମଝିରେ ଝଙ୍କାରରେ କବିତା ବାହାରିଲା । ଗୋଟିଏ ବି ପ୍ରତ୍ୟାଖ୍ୟାତ ହେଲା ନାହିଁ । ମୁଁ ଆପେ ଆପେ ମୋ ଦେହରେ ସାହିତ୍ୟିକ ମୋହର ମାରିଦେଲି ଓ ତାପରେ ଆଉ ଝଙ୍କାରକୁ କବିତା ନ ପଠାଇ ମୋ ଜମିର ଫଳ ଲଳିତ ନିବନ୍ଧ ପଠାଇଲି ଓ ଛପା ବି ହେଲା ଏବଂ ଓଡ଼ିଶା ସାହିତ୍ୟ ଏକଡେମୀଠାରୁ ଆରମ୍ଭ କରି ପ୍ରଜାତନ୍ତ୍ର, ବିଷୁବ ପର୍ଯ୍ୟନ୍ତ ଯେତେ ସମ୍ବର୍ଦ୍ଧନା - ପୁରସ୍କାର ସାଟିଫିକେଟ ମିଳିଛି ସବୁତକ ସାହିତ୍ୟ ପାଇଁ - ମାତ୍ର ଗୋଟିଏ ବର୍ଷ ପ୍ରଜାତନ୍ତ୍ର ଜନ୍ମବାର୍ଷିକୀରେ ପ୍ରଜାତନ୍ତ୍ର ରବିବାର ସଂଖ୍ୟାରେ ସେ ବର୍ଷ ମୋର ଦୁଇଟି ପ୍ରବନ୍ଧ ବାହାରିଥିବାରୁ ମତେ ସାହିତ୍ୟିକ ରୂପେ ଜୀବନର ଏକମାତ୍ର ପୁରସ୍କାର ଓ ସାର୍ଟିଫିକେଟଟିଏ ମିଳିଛି । ଏଣିକି ମତେ ଯିଏ ସାହିତ୍ୟିକ ନ କହିବେ ତାଙ୍କୁ ଏହି ସାର୍ଟିଫିକେଟ ଦେଖାଇ ଅଲବତ ମତେ ସାହିତ୍ୟିକ କୁହ ବୋଲି କହିବି । କାରଣ ତୃତୀୟ ଶ୍ରେଣୀରେ ଜଣେ ଏମ୍. ଏ ପାଶ୍ କଲେ ସେ ତାଙ୍କ ନାମ ପରେ ଏମ୍.ଏ ଲେଖିପାରୁଛିତ ।

ଆଉ ଗୋଟିଏ ମଜା କଥା କହୁଛି । ୧୯୬୩ ମସିହାରେ ମୁଁ ଗୋଟିଏ ଗଳ୍ପ 'ନିଶ ଓ ପରିବାର ନିୟନ୍ତ୍ରଣ' ଲେଖି କଲିକତାରୁ ବାହାରୁଥିବା ଏକ ଓଡ଼ିଆ ମାସିକ ପତ୍ରିକାକୁ ପଠାଇଥିଲି । ସମ୍ପାଦକ ସୌଜନ୍ୟ ଦୃଷ୍ଟିରୁ ମୋ ପାଖକୁ ଲେଖିଲେ ଆମେ ଗପ ଛାପୁଛୁ ସପ ଛାପୁ ନାହୁଁ । ପର ବର୍ଷ ଏହି ନାମ ଶୀର୍ଷକରେ ମୋର ପ୍ରଥମ ଗଳ୍ପ ବହି ବାହାରି ପ୍ରଥମ ବର୍ଷରେ ଦୁଇଟି ସଂସ୍କରଣରେ ଦୁଇ ହଜାର କପି ବିକ୍ରି ହୋଇଗଲା । ଆଜ୍ଞାମାନେ, ଏହାକୁ ମୋର ପ୍ରୌଢ଼ି ବୋଲି ଭାବିବେ ନାହିଁ । କାରଣ ସେ ସମୟରେ ଓଡ଼ିଶାରେ ଓଡ଼ିଆ ପାଠକ ସଂଖ୍ୟା ଭରପୂର ଥିଲା ଏବଂ ସବୁ ବହି ପ୍ରଥମ ସଂସ୍କରଣ ହଜାରେ ହେଉଥିଲା । ବର୍ତ୍ତମାନ ଓଡ଼ିଆ ପାଠକ ସଂଖ୍ୟା ଏତେ କମିଯାଇଛି ଯେ ପ୍ରକାଶକମାନେ ଗୋଟିଏ ସଂସ୍କରଣରେ ମାତ୍ର ୫୦୦ କପି ଛାପୁଛନ୍ତି ଏବଂ ଲବ୍ଧପ୍ରତିଷ୍ଠା ଲେଖକମାନଙ୍କର ୫୦୦ କପି ବିକ୍ରି ହେବାକୁ ୪/୫ ବର୍ଷ ଲାଗିଯାଉଛି । ମୋ ବହିଟି ବେଶି ବିକ୍ରି ହେବା କାରଣ ସେତେବେଳେ ହାସ୍ୟ-ବ୍ୟଙ୍ଗ ଗଳ୍ପ ବହି ଅତି କମ୍ ବା ହାତ ଗଣତି ଥିଲା ।

ଏବେ ସାହିତ୍ୟ ବହି ବିକ୍ରି କମିବାର କାରଣ ଭିତରୁ ଗୋଟିଏ କାରଣ ଆନ୍ତର୍ଜାତିକ ପ୍ରସିଦ୍ଧ ଲେଖକ ମନୋଜ ଦାସ ଏକ ଖବରକାଗଜରେ ଏକ ପ୍ରବନ୍ଧ ଲେଖିଥିଲେ ଯାହାର ଶୀର୍ଷକ ଥିଲା 'ଅସାହିତ୍ୟିକ ମାନେ ସାହିତ୍ୟର ଶତ୍ରୁ ।' ଏହାର ବହୁ ପୂର୍ବରୁ ମୁଁ ଝଙ୍କାରରେ ଗୋଟିଏ ଲଳିତ ନିବନ୍ଧ ଲେଖିଥିଲି, ଶୀର୍ଷକ ଥିଲା 'ସାହିତ୍ୟିକ ବିସ୍ଫୋରଣ' ଜନସଂଖ୍ୟା

Digitized by srujanika@gmail.com

ବିସ୍ଫୋରଣ ପରି ବର୍ତ୍ତମାନ ସାହିତ୍ୟିକ ବିସ୍ଫୋରଣ ହୋଇଛି । ଅନେକ ଲୋକ ଗଳ୍ପ ଓ କବିତା ବହି ଲେଖି କେଉଁ ପ୍ରକାଶକଙ୍କୁ ଛପାଖର୍ଚ୍ଚ ଦେଇ ସେହି ପ୍ରକାଶକଙ୍କ ବ୍ୟାନରରେ ବହି ଛପାଇ ବଡ଼ ଆଡ଼ମ୍ବରରେ ବଡ଼ ବଡ଼ ସାହିତ୍ୟିକଙ୍କୁ ବକ୍ତା, ମୁଖ୍ୟ ଅତିଥି ସମୀକ୍ଷକ ଭାବରେ ଡାକି ଲୋକାର୍ପଣ କରୁଛନ୍ତି ଓ ନିଜେ କୃତ୍ୟ-କୃତ୍ୟ ହେଉଛନ୍ତି । ଏଇମାନେ ପ୍ରକାଶକମାନଙ୍କୁ ଓଲିଆ ଗାଈ କରି ଦେଇଛନ୍ତି । ଫଳରେ ଅଧିକାଂଶ ପ୍ରକାଶକ ଛପା ପାଇଁ ଖର୍ଚ୍ଚ ଦାବୀ କରୁଛନ୍ତି । ଫକୀରମୋହନଙ୍କ କବିତାରେ -

ଲେଖିଛି କିତାବ ଦେବୁ ଛପାଇ
ପଇସା କାହିଁକି ମାଗୁଛୁ ଭାଇ ? (ଉତ୍କଳ ଭ୍ରମଣ)

ସାହିତ୍ୟର ଅର୍ଥ ହେଲା ହିତ ସାଧନ । ବଡ଼ ବଡ଼ ମନିଷୀ ସାହିତ୍ୟର ବହୁ ସଂଜ୍ଞା ସ୍ଥିର କରିଛନ୍ତି । ସେ ସବୁର ତର୍ଜମା ସମାଲୋଚକମାନଙ୍କର କାମ । କୌଣସି ଲେଖକର ନୁହେଁ । ସାହିତ୍ୟ ଜୀବନସହ ଓତୋପ୍ରୋତ ଭାବେ ଜଡ଼ିତ । ସାହିତ୍ୟ ଜୀବନର କଥା ନ କହିଲେ ତାହା ସାହିତ୍ୟ ହୁଏ ନାହିଁ । ଜଣେ ଲେଖକର ଅଭିଜ୍ଞତା, ଅନୁଭୂତି, ପର୍ଯ୍ୟବେକ୍ଷଣ, ଅଧ୍ୟୟନ, କଳ୍ପନା ପ୍ରଭୃତି ତାଙ୍କ ସାହିତ୍ୟକୁ ରସୋତ୍ତୀର୍ଣ୍ଣ କରେ । ମାତ୍ର ସାହିତ୍ୟ ଜୀବନର, ଚରିତ୍ରର, ସମାଜର, ଶାସନର, ରାଜନୀତିର ପାରିବାରିକ ସମ୍ପୃକ୍ତିର ବି ସଙ୍ଗତି ଦେଖାଏ । ଏଣୁ ଆମକୁ ନିନ୍ଦୁକ ଭାବେ କନ୍ଦୁକ ଭାବି ଗୋଡ଼ରେ ଗଡ଼ାଇ ଦେଇପାରନ୍ତି । କିନ୍ତୁ ତାତ୍ପର୍ଯ୍ୟ ହେଲା ହାସ୍ୟ - ବ୍ୟଙ୍ଗ ଯଦି କାହାକୁ ଆଘାତ ନଦିଏ ତାହା ଉତ୍ତମ ରଚନା । ଏହା ବିନା ଆଘାତରେ ଆଉଁସି ଆଣି ପାଠକକୁ କୁତୁକୁତୁ କରେ । ଏହି କୁତୁକୁତୁ ଗୁଣ ମୋ ଜୀବନର ଏକ ସ୍ଥାୟୀ ଭାବ । ନିଜେ ନିଜକୁ ନ ହସାଇପାରିଲେ ଅପରକୁ ହସାଇପାରିବ ନାହିଁ ।

କହିଛି ମୋ ଜୀବନ ଏକ ସରଳରୈଖିକ । ତେଣୁ ମୋ ସାହିତ୍ୟ ଏକ ଗାଣିତିକ ସରଳ ରେଖା - କାହାକୁ ଆଘାତ ନ ଦିଆ ଲେଖା ।

କଥାରେ ଅଛି " ବଞ୍ଚିବା ପାଇଁ ଖାଅ । ଖାଇବା ପାଇଁ ବଞ୍ଚନାହିଁ ।" ପ୍ରତ୍ୟେକ ପ୍ରସିଦ୍ଧ ଲେଖକଙ୍କର ଜୀବନ ଏହିପରି । ସେମାନେ ଲେଖିବା ପାଇଁ ବଞ୍ଚନ୍ତି । ବଞ୍ଚିବା ପାଇଁ ଲେଖନ୍ତି ନାହିଁ । ଅର୍ଥାତ୍ ଗୋଟେ ଦିଟା ବହି ଲେଖି ଯୋଗାଡ଼ କରି ବଡ଼ ପୁରସ୍କାର ପାଇ ସାହିତ୍ୟିକ ବୋଲାନ୍ତି ନାହିଁ । ତାଙ୍କ ମୌଳିକ ରଚନାରେ ସେମାନେ ସମୃଦ୍ଧ ।

ମୋ ଦୀର୍ଘ ଜୀବନ ଏହି ସାହିତ୍ୟ ସେବାରେ କଟୁଛି । ନିଜେ ନିରପେକ୍ଷ, କଳୁଷ ବିହୀନ, ଈର୍ଷା ଅସୂୟା ବିହୀନ ନ ରହିଲେ ସାହିତ୍ୟ, ସାହିତ୍ୟ ପଦବାଚ୍ୟ ହେବ ନାହିଁ । ଅଧିକ ଫେଣେଇବାର ଆବଶ୍ୟକତା ନାହିଁ ।

●●●

Digitized by srujanika@gmail.com

ମୋ' ଜୀବନ ମୋ' ସାହିତ୍ୟ

ଡ. ନୃସିଂହ ଚରଣ ପଣ୍ଡା (୧୯୩୨)

ମୁଁ ଜଣେ ସାଧାରଣ ମଣିଷ । ୧୯୨୯ ଅପ୍ରେଲ୍ ୨୦ ତାରିଖରେ କାମାକ୍ଷାନଗର ସବ୍‌ଡିଭିଜନ୍ ପରଜଙ୍ଗ୍ ଥାନାର ସାଆନ୍ଦା ଗାଁର 'ତଳବେରେଣା' ପଡ଼ାରେ ଜନ୍ମ ନେଇଥିଲି । ତେଣୁ ମୋର ଜୀବନ ୧୯୨୯ ଅପ୍ରେଲ୍ ୨୦ ତାରିଖରୁ ଆରମ୍ଭ । ତଥାପି ମୁଁ ବିଚାର କରେ ମୋ ଜୀବନ ସେ ଦିନରୁ ଆରମ୍ଭ ନୁହେଁ, ଅନେକ ଜନ୍ମଜନ୍ମାନ୍ତର ପରେ କିଛି ସମୟ ମଧ୍ୟାନ୍ତରରେ ଥିଲା । ଯେପରି ସିନେମାରେ ମଧ୍ୟାନ୍ତର ହୁଏ, ସେଇ ମଧ୍ୟାନ୍ତର ପରେ ମୁଁ ଏପ୍ରିଲ୍ ୨୦, ୧୯୨୯ରେ ସେଇ ଗ୍ରାମଟିରେ ଜନ୍ମନେଲି ପୁଣି ମୋ ଜୀବନକୁ ଗତିଶୀଳ କରିବା ପାଇଁ । କର୍ମରତ କରିବା ପାଇଁ । ମୁଁ ଯେତେବେଳେ ସେଇ ଗାଁଟିରେ ଜନ୍ମଗ୍ରହଣ କରିଥିଲି, ହିନ୍ଦୋଳ ରୋଡ ପୋଷ୍ଟ ଅଫିସ୍‌ରୁ ସେତେବେଳେ କାର୍ଡ଼ ଖଣ୍ଡେ ଗାଁକୁ ଯାଏ, ପୁଣି ସେ କାର୍ଡ଼ ଖଣ୍ଡକୁ ଲୋକମାନେ ଶନିବାର ଦିନ ଓଡ଼ାପଡ଼ା ହାଟକୁ ନେଇକି ଯାଆନ୍ତି, ସେଠି ପୋଷ୍ଟମାଷ୍ଟରକୁ ପଚାରନ୍ତି, ଓଡ଼ିଆରେ କହନ୍ତୁ ଏ ଠିକଣାଟା କାହାର ? ପୋଷ୍ଟମାଷ୍ଟର ନାଁ କହିଲା ପରେ ଚିଠିଟି ଯାହାର ତାକୁ ଦିଅନ୍ତି । ତେଣୁ ଶିକ୍ଷାର ପ୍ରସାର ସେ ସମୟରେ ଏତିକି ଥିଲା । ମୁଁ ମଧ୍ୟ ଦରିଦ୍ର ପରିବାରରେ ଜନ୍ମ ନେଇଥିଲି । ଭଲ ପଢୁଥିଲି ବୋଲି ତିନିଟଙ୍କା ବୃତ୍ତି ପାଇଥିଲି ଢେଙ୍କାନାଳ ରାଜାଙ୍କଠାରୁ । ଏକଟଙ୍କା ଆଉ ଅଧିକ ଦରକାର ହେଲା ଧଳପୁର ମାଇନର୍ ସ୍କୁଲ୍‌ରେ ଅଧ୍ୟୟନ କରିବା ପାଇଁ । ମୋ ପକ୍ଷରେ ଏକଟଙ୍କା ପାଇବା କଷ୍ଟକର ଥିଲା । ଧଳପୁର ମାଇନର୍ ସ୍କୁଲ୍‌ର ହେଡ୍‌ମାଷ୍ଟର ବିଦ୍ୟାଧର ମହାନ୍ତି ମୋତେ ମାସିକ ଏକଟଙ୍କା ଦେଲେ । ସେ ସମୟରେ ଜାତି ବିଦ୍ୱେଷ ନଥିଲା । ଜାତିଥିଲା କିନ୍ତୁ ବିଦ୍ୱେଷ ଭାବନଥିଲା । ମୁଁ ପଞ୍ଚମଶ୍ରେଣୀ ପାଠ ଶେଷକରି ଧଳପୁର ମାଇନର୍ ସ୍କୁଲ୍‌କୁ ଆସିଥିଲି । ମାତ୍ର ମୋତେ ପୁଣି ୪ର୍ଥ ଶ୍ରେଣୀ ନାମ ଲେଖେଇବାକୁ ପଡ଼ିଲା, କାରଣ ମୁଁ ଇଂରେଜୀ ପଢ଼ିନଥିଲି । ସେତେବେଳେ ଅପର ପ୍ରାଇମେରୀ ସ୍କୁଲ୍‌ରେ ଇଂରେଜୀ ପଢ଼ାନାଉନଥିଲା । ପରୀକ୍ଷା ଦେବା ପରେ ଯେଉଁ ଦୁଇମାସ ଛୁଟି ହେଲା, ମୁଁ ସେ ଛୁଟି ଭିତରେ ଚତୁର୍ଥ ଶ୍ରେଣୀର ଇଂରାଜୀ ବହି ଖଣ୍ଡିକ ପଢ଼ିଦେଲି । ମୁଁ ଯେତେବେଳେ ମୋର

Digitized by srujanika@gmail.com

ପ୍ରଧାନଶିକ୍ଷକ ଗୁରୁଦେବ ବିଦ୍ୟାଧର ମହାନ୍ତିଙ୍କ ପାଖକୁ ଗଲି ଏବଂ କହିଲି, "ସାର୍, ମୁଁ ଚତୁର୍ଥ ଶ୍ରେଣୀର ଇଂରେଜୀ ପଢ଼ିଦେଇଛି, ମତେ ପଞ୍ଚମ ଶ୍ରେଣୀରେ ନାମ ଲେଖେଇ ଦେଇପାରିବ ?" ସେ କହିଲେ, "ତୁମ ଗାଁ ଏବଂ ସେ ଅଞ୍ଚଳରେ କେହି ଇଂରାଜୀରେ ଠିକଣା ପଢ଼ିପାରନ୍ତି ନାହିଁ, ତୁ ଇଂରାଜୀ ପଢ଼ିଲୁ କେମିତି ?" ମୁଁ କହିଲି, ସାର୍ ପରୀକ୍ଷା ପ୍ରାର୍ଥନୀୟ । ସେ ପରୀକ୍ଷା କଲେ ଏବଂ ମତେ ପଞ୍ଚମ ଶ୍ରେଣୀରେ ନାଁ ଲେଖେଇଦେଲେ । ଗୋଟିଏ ବର୍ଷ ପରେ ମୁଁ ପୁଣି ତାଙ୍କୁ କହିଲି, ସାର୍ ମୁଁ ଷଷ୍ଠ ଶ୍ରେଣୀର ସବୁ ବିଷୟ ପଢ଼ିଦେଇଛି, ମୋତେ ଡବଲ ପ୍ରମୋଶନ ଦେଇପାରିବେ ? ସେତେବେଳେ ଡବଲ ପ୍ରମୋଶନ ଥିଲା । ତେଣୁ ମୋତେ ସେ ଷଷ୍ଠ ଶ୍ରେଣୀର ପରୀକ୍ଷାରେ ବସିବାକୁ ଅନୁମତି ଦେଲେ ଏବଂ ଡବଲ୍ ପ୍ରମୋଶନ ଦେଇ ସପ୍ତମ ଶ୍ରେଣୀରେ ନାଁ ଲେଖେଇଲେ ।

ଏହା ୧୯୪୪ ମସିହାର କଥା । ଆଗରୁ ପରୀକ୍ଷା ହେଉଥିଲା ଡିସେମ୍ବର ମାସରେ । ସରକାର ତାଙ୍କ ନୀତି ବଦଳେଇଲେ । ନୂଆ ସେସନ୍ ଆରମ୍ଭ ହେଲା । ବିଦ୍ୟାଧର ବାବୁ କହିଲେ "ତୋର ତ ପଇସା ନାହିଁ । ଏ ଛଅମାସର ବୃତ୍ତି ପରୀକ୍ଷା ହେବ ନାହିଁ । ତୁ ତ ବୃତ୍ତି ପାଇବୁ ନାହିଁ, ହାଇସ୍କୁଲ୍‌କୁ ଯିବୁ କିପରି ? ତେଣୁ ଆଉ ବର୍ଷେ ରହିଯା ।" ମୁଁ ଆଉ ଗୋଟିଏ ବର୍ଷ ସେଠାରେ ରହିବା ପାଇଁ ବାଧ୍ୟ ହେଲି । ବର୍ଷକ ପରେ ପୁଣି ବୃତ୍ତି ପରୀକ୍ଷା ହେଲା ନାହିଁ, ମୁଁ ଢେଙ୍କାନାଳ ଗଲି । ସେତେବେଳେ ନୃସିଂହ ଚରଣ କାନୁନ୍‌ଗୋ ଥିଲେ ହେଡ୍‌ମାଷ୍ଟର । ସେ ଗୋଟିଏ ପ୍ରବେଶିକା ପରୀକ୍ଷା କଲେ । ସେ ପରୀକ୍ଷାରେ ମୁଁ ଫାଷ୍ଟ ହୋଇଥିଲି । ପାଞ୍ଚଟଙ୍କା ଥିଲା ମାସିକ ବୃତ୍ତି । ହଠାତ୍ ଢେଙ୍କାନାଳ ରାଜାଙ୍କୁ ବହିଷ୍କାର କରାଯାଇ ତାଙ୍କ ସ୍ଥାନରେ ଟି. ସତ୍ୟନାରାୟଣ ନାମକ ଜଣେ ପ୍ରଶାସକ ରହିଥିଲେ । ବୃତ୍ତି ପାଇବା ପାଇଁ ମୁଁ ସତ୍ୟନାରାୟଣଙ୍କ ପାଖକୁ ଗଲି । ମୋର ଯାହା କହିବାର କଥା ତାକୁ ଓଡ଼ିଆରେ ଲେଖି ଇଂରେଜୀରେ ଅନୁବାଦ କରିଥିଲି ଏବଂ ମୁଖସ୍ଥ ମଧ୍ୟ କରିଥିଲି । ଯାହା ମୁଖସ୍ଥ କରିଥିଲି ତାଙ୍କ ଆଗରେ ଡଗଡଗ କରି କହିଦେଲି । ଶୁଣି ସାରିଲା ପରେ ସେ ଇଂରେଜୀରେ ଅନ୍ୟ କିଛି ପଚାରିଲେ । ମୁଁ ଇଂରେଜୀ ବଦଳରେ ଓଡ଼ିଆରେ ଉତ୍ତର ଦେଲି । ତାଙ୍କ ପେଷ୍କାର ମୋ କଥାକୁ ତାଙ୍କୁ ଇଂରେଜୀରେ ବୁଝାଇଦେଲେ । ସେ ଅନୁଗ୍ରହ କରି ମତେ ପାଞ୍ଚଟଙ୍କା ବୃତ୍ତି ଦେଇଥିଲେ । ନିଜକୁ ଗଢ଼ିବାର ସୁଯୋଗ ପାଇଲି ଏବଂ ୧୯୪୯ରେ ହାଇସ୍କୁଲ ପରୀକ୍ଷାରେ ପ୍ରଥମ ଦଶଜଣଙ୍କ ମଧ୍ୟରେ ସ୍ଥାନ ପାଇଲି । ଏଥିପାଇଁ ୨୫ ଟଙ୍କା ବୃତ୍ତି ପାଇ ରେଭେନ୍ସା କଲେଜ୍‌ରେ ଆଇ.ଏସ୍‌ସି. ପଢ଼ିବା ପାଇଁ ଗଲି । କିନ୍ତୁ ୨୫ ଟଙ୍କା ଯଥେଷ୍ଟ ନଥିଲା । ମୋର ଜଣେ ବନ୍ଧୁ ଶରତ ଦାଶ, ତା ବାପାଙ୍କଠୁ ଆସୁଥିବା ଟଙ୍କାରୁ ମତେ କିଛି ସାହାଯ୍ୟ କରେ । କୌଣସି ମତେ ଚଳିଯାଏ । ଆଇ.ଏସ୍‌ସି.ରେ ପ୍ରଥମଶ୍ରେଣୀ

Digitized by srujanika@gmail.com

ପାଇଲି । ମାତ୍ର ବି.ଏସ୍‌ସି. ପଢ଼ିବା ପାଇଁ ମୋର ଆଉ ସାମର୍ଥ୍ୟ ନଥିଲା । ଆର୍ଥିକ ଅନଟନ ମତେ କାବୁ କରିଦେଲା । ଯଦିଓ ସାହିତ୍ୟ ଭାଷା ପ୍ରତି ଅଧିକ ଆସକ୍ତ ଥିଲି, ତଥାପି ବି.ଏ. ପଢ଼ିବାକୁ ସାହସ କୁଲେଇଲାନି । ଡାକ୍ତରୀ ପଢ଼ାରେ ବହୁତ ପଇସା ଲାଗୁଥିବାରୁ ଓ ବୃତ୍ତି ମିଳୁନଥିବାରୁ ସେ ପାଠ ପଢ଼ିବା ପାଇଁ ଆବେଦନ କରିନଥିଲି । ଶେଷରେ ଇଞ୍ଜିନିୟରିଂ ପାଇଁ ଦରଖାସ୍ତ କରିଥିଲି । କିନ୍ତୁ ଯେତେବେଳେ ଇଣ୍ଟରଭ୍ୟୁ ହେଲା, ସେତେବେଳେ ଟାଇଫଏଡ୍ ଜ୍ୱରରେ ପଡ଼ିଲି । ଇଣ୍ଟରଭ୍ୟୁକୁ ଯାଇପାରିଲି ନାହିଁ । ମୁଁ ଭେଟିନାରୀକୁ ଆବେଦନ କରିନଥିଲି । ସେତେବେଳେ ସର୍ଦ୍ଦାର ଜି.ବି.ସିଂ ଥିଲେ ନିର୍ଦ୍ଦେଶକ । ଯେଉଁ ଦିନ ପରୀକ୍ଷା ହେଲା, ମୁଁ ତାଙ୍କ ଅଫିସ୍‌କୁ ଯାଇ କହିଲି ସାର୍ ମୋତେ ଭେଟିନାରୀରେ ସିଟ୍‌ଟିଏ ଦେବେ ? ସେ କହିଲେ ତୁମେ ତ - ଦରଖାସ୍ତ କରିନାହଁ । ଆବେଦନ ନକରି ଏଠାକୁ ଆସିଛ, ମୁଁ କେମିତି ସିଟ୍ ଦେବି ? ବାଇଓ-ଡାଟା ଦେବାକୁ ସେ କହିଲେ । ମୁଁ ଯେତେବେଳେ ତାଙ୍କୁ ମୋର ସବୁ ସାର୍ଟିଫିକେଟ୍ ଓ ନମ୍ବର ଦେଖେଇଲି ସେ ଖୁସି ହୋଇଗଲେ । ସେତେବେଳେ ଶ୍ରୀଯୁକ୍ତ ନିତ୍ୟାନନ୍ଦ କାନୁନ୍‌ଗୋ ମନ୍ତ୍ରୀ ଥିଲେ । ସେ ମନ୍ତ୍ରୀଙ୍କୁ ଫୋନ୍ କରି ଜଣେଇଲେ ଯେ, ଜଣେ ଭଲ ଛାତ୍ର ଆସିଛି । ଏପରି ଛାତ୍ର ଆମ ବିଭାଗରେ ନାହାନ୍ତି । ଆପଣ ଯଦି ସ୍ୱତନ୍ତ୍ର ଅନୁମତି ଦେବେ, ତେବେ ଆବେଦନ ନକରିଥିବା ଏଇ ପିଲାଟି ସିଟ୍‌ଟିଏ ପାଇଯିବ । ମନ୍ତ୍ରୀ ହଁ କଲେ ଏବଂ ମୁଁ ପଢ଼ିବାର ସୁଯୋଗ ପାଇଲି । ତାପରେ ମଥୁରାଗଲି । ସେଠି ଚାରିବର୍ଷ ଅଧ୍ୟୟନ କଲି । ଅଧ୍ୟୟନ କଲାବେଳେ ଓଡ଼ିଶା ସରକାରଠୁଁ ୮୬ଟଙ୍କା ପାଉଥିଲି । ମୋର ଆଉ କିଛି ଟଙ୍କା ଦରକାର ପଡ଼ିଲା, ଭାଇମାନଙ୍କୁ ପଢ଼େଇବା ପାଇଁ । ସେଠାରେ ପ୍ରିନ୍ସିପାଲ୍ ଥିଲେ ପଣ୍ଡିତ ଗଜାନନ ପଣ୍ଡିତ । ମୁଁ ସେଠି ପ୍ରତିବର୍ଷ ଫାଷ୍ଟ ହେଉଥିଲି । ସେଠି ତିନୋଟି ସ୍ୱର୍ଣ୍ଣପଦକ ପାଇଲି । ମାତ୍ର ଉତ୍ତର ପ୍ରଦେଶ ସରକାରଙ୍କ ବୃତ୍ତି ପାଇପାରିଲି ନାହିଁ । ଏଇ ବୃତ୍ତି କେବଳ ସେଇ ପ୍ରଦେଶର ଛାତ୍ରମାନେ ପାଉଥିଲେ । ସେତେବେଳେ କହ୍ନେଇଲାଲ୍ ମୁନ୍‌ସୀ ଥିଲେ ଗଭର୍ଣ୍ଣର । ଦିନେ ମୋର ଶିକ୍ଷକ ଜି.ଜି. ପଣ୍ଡିତ ତାଙ୍କ ସାଙ୍ଗରେ ଯିବା ପାଇଁ ଡାକିଲେ । ସେ ମୋତେ ଭାରି ଭଲ ପାଉଥିଲେ । ମୁଁ ତାଙ୍କୁ ଯିବାର କାରଣ ପଚାରିବାରୁ, ସେ କହିଲେ ରାଜ୍ୟପାଳଙ୍କ ଝିଅ ବା' ଘର । ମତେ ଅତିଥି କରି ଡକାହୋଇଛି । ତୁ ଯାଇପାରିବୁ ? ମୁଁ କହିଲି, ସାର୍ ମତେ ଡକା ହୋଇନାହିଁ । ସାର୍ କହିଲେ, ଦେଖ ସବାନ୍ଧବେ ଆସିବେ ବୋଲି ଲେଖାହୋଇଛି । ତେଣୁ ତୁ ମଧ୍ୟ ଯାଇପାରିବୁ । ମୁଁ କିଛି ବୁଝି ନପାରି ତାଙ୍କ ସହିତ ଗଲି । ସେଠି ବିବାହ ସରିଲା । ଫୁଲସଭା ହେଲା । ଫୁଲ ସଭାରେ ଯେତେବେଳେ ବିଭିନ୍ନ ପଣ୍ଡିତ ମନ୍ତ୍ର ପାଠ ଓ ଶ୍ଳୋକ ପାଠ କଲେ ସେତେବେଳେ ଗଜାନନ ପଣ୍ଡିତ ମୋ ଆଡ଼କୁ ଠାରି ଦେଲେ । ମୁଁ ସାମବେଦରୁ କିଛି

Digitized by srujanika@gmail.com

ମନ୍ତ୍ରପାଠ କଲି । କହ୍ନେଇଲାଲ୍ ମୁନ୍‌ସୀ କହିଲେ ଆଉ କିଛି ମନ୍ତ୍ରପାଠ କର । ମୁଁ ରଗବେଦରୁ କିଛି ମନ୍ତ୍ରପାଠ କଲି । ଗଜାନନ ପଣ୍ଡିତ ମୁନ୍‌ସୀଙ୍କୁ କହିଲେ, ଏ ପିଲାଟିକୁ ମୁଁ ସାଙ୍ଗରେ ଆଣିଥିଲି । ସେ ଫାଷ୍ଟ ହୁଏ କିନ୍ତୁ ରାଜ୍ୟର ସ୍କଲାରସିପ୍ ତାକୁ ଦିଆଯାଏ ନାହିଁ । ତା ଭାଇମାନଙ୍କୁ ସେ ପାଠ ପଢ଼େଇବ, ତାକୁ କିଛି ଦେଇପାରିବେ ? ଗଭର୍ଣ୍ଣର ଅର୍ଡ଼ର କରିଦେଲେ ।

ତେଣୁ ମୋ ଜୀବନ ଦାରିଦ୍ର୍ୟର କଷାଘାତରେ ନିର୍ମିତ । ମୁଁ ଏବେ ମାସିକ ଯଦିଓ ଛ'ହଜାର ଦରମା ପାଉଛି, ତଥାପି ମୋ ଦାରିଦ୍ର୍ୟକୁ ଭୁଲିପାରିନାହିଁ । ସେଦିନର ଦୁଃଖକୁ ମନେ ପକେଇଲେ - ହୃଦୟରୁ ମୋର କୋହ ଉଠେ । ପାଠପଢ଼ା ପରେ ଆସି ସହକାରୀ ପଶୁଡାକ୍ତର ଭାବରେ ବର୍ଷଟିଏ ଚାକିରି କଲି । ସେଠାରୁ ପୁଣି ଗଲି ଭାରତୀୟ ପଶୁବିଜ୍ଞାନ ପ୍ରତିଷ୍ଠାନ । ସେଠି ଦୁଇବର୍ଷ ପଢ଼ିଲି । ତାପରେ ଚାକିରି ଜୀବନ ଆରମ୍ଭ ହେଲା । ୧୯୬୦-୬୨ ଭିତରେ ଏମ୍.ଏସ୍‌ସି. ପଢ଼ିବା ପାଇଁ ଆମେରିକା ଗଲି ସରକାରୀ ବୃତ୍ତି ଲାଭ କରି । ସେଇ ସମୟରେ ସେଠାରେ ପିଏଚ୍.ଡି. କରିବାକୁ ଚାହୁଁଥିଲି କିନ୍ତୁ ଏଠି ଯେଉଁ ଭଦ୍ରଲୋକ ଅଧକ୍ଷ ଓ ଡିନ୍ ଥିଲେ, ସେ ଜାଣିଶୁଣି ମତେ ସୁଯୋଗ ଦେଇନଥିଲେ । ମୁଁ କହିବି ବଦମାସି କରିଥିଲେ । ତେଣୁ ମତେ ଫେରି ଆସିବାକୁ ପଡ଼ିଲା । ବିମାନ ବନ୍ଦରରେ ସଂପୃକ୍ତ ବିଭାଗର ଚେୟାର୍‌ମ୍ୟାନ୍ ମତେ କହିଲେ, "Panda this is our last conversation, I will not meet you again." ମୁଁ କହିଥିଲି ସାର୍, ଖ୍ରୀଷ୍ଟିଆନ୍‌ଟିରେ ପୁନର୍ଜନ୍ମ ନଥାଏ, କିନ୍ତୁ ମୋ ଧର୍ମରେ ପୁନର୍ଜନ୍ମ ଥାଏ । ମୁଁ ଏଇ ଜନ୍ମରେ ପୁଣି ଫେରିଆସିବି ପିଏଚ୍.ଡି. କରିବା ପାଇଁ । ଆଉ ଯଦି ଏ ଜନ୍ମରେ ଫେରି ନ ଆସେ ଆସିବି ଆର ଜନ୍ମରେ । ଭାରତରେ ବି ପିଏଚ୍.ଡି. କରିବି ନାହିଁ । ପୁଣି ବିଦେଶ ଯିବା ପାଇଁ ମୋତେ ଛ'ବର୍ଷ ଲାଗିଗଲା । ୧୯୬୬ରେ ଗଲି ୧୯୬୯ରେ ପିଏଚ.ଡି. ସାରି ଫେରିଲି । ସେଇ ସମୟରେ ୧୯୬୭ରେ ଚିକାଗୋରେ ଗୋଟେ ମଟର ଆକ୍ସିଡେଣ୍ଟରେ ମୋର ଆଖିର ରେଟିନା ସ୍ଥାନାନ୍ତରିତ ହୋଇଗଲା । ରେଟିନାରେ ସାତଗୋଟି ଛିଦ୍ର ହେଲା ଏବଂ ପୂରା ଅନ୍ଧ ହୋଇଗଲି । ମୁଁ ଯେତେବେଳେ ଡାକ୍ତରଙ୍କୁ ଦେଖେଇଲି ସେ କହିଲେ ଶୀଘ୍ର ଅପରେସନ୍ କରାଇବା, କିନ୍ତୁ ତୁମ ଦୃଷ୍ଟିଶକ୍ତି ଫେରି ପାଇବାର ସମ୍ଭାବନା ଖୁବ୍ କମ୍ ।

ସେ ସମୟ ମୋ ପାଇଁ ଥିଲା, ଘୋର ସଙ୍କଟର କାଳ । ମୁଁ ଡାକ୍ତରଖାନା ଅପରେସନ୍ ପାଇଁ ଗଲି । ପାଖରେ ଏତେ ଅର୍ଥ ନଥିଲା । ମୋର ଆର୍ଥିକ ଅବସ୍ଥା ଦେଖି ରିସେପ୍‌ସନିଷ୍ଟ ଝିଅଟି କହିଲା, Sir you are insolvent. ମୁଁ ଫେରିଲି । ଫେରିବା ପୂର୍ବରୁ ଭାବିଲି ଡାକ୍ତରଙ୍କୁ ଟିକେ ଦେଖା କରିଯିବା ପାଇଁ । ଜଣେ ଅମେରିକାନ୍ ବାଳକ ସାହାଯ୍ୟରେ

Digitized by srujanika@gmail.com

ଡାକ୍ତରଙ୍କ ପାଖକୁ ଗଲି ଏବଂ କହିଲି Dr. Can you do something, so that I can see a little... । ସେ କହିଲେ ଦେଖ ଅପରେସନ୍ କରିବି । ଫଳ କ'ଣ ହେବ ଭଗବାନଙ୍କ ଉପରେ ନିର୍ଭର କରେ । କିନ୍ତୁ କିଛି କରିବି । ଏକ ସପ୍ତାହପରେ ତମେ ଯେ କିଛି ଦେଖିପାରିବ, ତାହାତ କହିପାରିବିନି । ମୁଁ ପଚାରିଲି କାହିଁକି ? I want to see my wife, my parents, my brothers, sisters and children atleast in my life time. ସେ କହିଲେ ମୁଁ ଶୁଣିଥିଲି ଭାରତୀୟମାନେ ଖୁବ୍ imotional & sentimental । ଆଜି ମଧ୍ୟ ନିଜେ ଦେଖୁଛି ମୋ ରୋଗୀ ମୋ ଆଗରେ କେମିତି ଭାବପ୍ରବଣ ହୋଇଉଠୁଛି । ତେବେ ଦେଖ ଯେତେ ପଇସା ଖର୍ଚ୍ଚ ହେବ, ଏ ମେଡିକାଲ୍ କଲେଜ୍ ଯାହା ପଇସା ଦାବି କରିବ ମୁଁ ସବୁ ମୋ ପକେଟ୍‌ରୁ ତାହା ଦେବି । ତମେ କିନ୍ତୁ ଅପରେସନ୍ ପାଇଁ ରାଜିତ ? ମୁଁ କହିଲି ଡାକ୍ତର, ଆପଣ ଏବେ କହୁଥିଲେ - ମୁଁ ଭାବପ୍ରବଣ ବୋଲି କିନ୍ତୁ ସତରେ ଆପଣତ କମ୍ ଭାବପ୍ରବଣ ନୁହନ୍ତି ? ମୋପରି ଜଣେ ରୋଗୀ ପାଇଁ ଆପଣ କାହିଁକି ପକେଟ୍‌ରୁ ହଜାର ହଜାର ଟଙ୍କା ଖର୍ଚ୍ଚ କରିବେ ? ସେ କହିଲେ ଦେଖ ଆମେରିକାରେ ଧନୀଲୋକଙ୍କ ସଂଖ୍ୟା କମ୍ ନୁହେଁ, ମୁଁ ଧନୀଲୋକଙ୍କଠାରୁ ପଇସା ଆଣେ ଏବଂ ଗରିବ ଲୋକମାନଙ୍କୁ ଦାନ କରେ । ତଥାପି ଯଦି ଧନୀ ଲୋକମାନେ ପଇସା ନଦିଅନ୍ତି, ଆମେରିକାର ଡାକ୍ତରମାନଙ୍କ ଦରମା କିଛି କମ୍ ନୁହେଁ । ମୋର ଦରମା ବହୁତ । ତମର କିଛି ଚିନ୍ତା କରିବାର ନାହିଁ । ମୋ ଦରମାରୁ କିଛି ଦାନ କରି ଯଦି ଜଣେ ଲୋକର ଦୃଷ୍ଟିଶକ୍ତି ମୁଁ ଫେରେଇ ଆଣିପାରେ ତେବେ ଏହା କ'ଣ ଏକ ମହାନ କାର୍ଯ୍ୟ ନୁହେଁ ?

ମୁଁ ଯେତେବେଳେ ଆମେରିକାରୁ ଫେରିଲି ମୋର ଆଲର୍ଜି ହେଲା । ବର୍ତ୍ତମାନ ବି ଅଛି । ଆରୋଗ୍ୟ ପାଇଁ ଜଣେ ବଡ଼ ଅତି ସୁନାମଧନ୍ୟ (ବର୍ତ୍ତମାନ ସୁଦ୍ଧା ବଞ୍ଚିଛନ୍ତି) ଡାକ୍ତରଙ୍କ ପାଖକୁ ଗଲି । ସେ ମୋତେ ଗୋଟିଏ ଔଷଧ ଲେଖିଦେଲେ । ମୁଁ କହିଲି, "ଆଜ୍ଞା, ଏ ଔଷଧ ଲେଖନ୍ତୁ ନାହିଁ । ସେ ମୋ ଉପରେ ରାଗିଗଲେ ।" ମୁଁ କହିଲି ଦେଖନ୍ତୁ, ସବୁକଥା ଶୁଣିସାରିଲା ପରେ ଆପଣ ମୋ ଉପରେ ଆଉ ରାଗିବେ ନାହିଁ । ମୁଁ ଅନ୍ଧ ଥିଲି । ଅପରେସନ୍ ହେଲା । କିଛି ଦେଖୁଛି ! ଏ ଆଖିଟା ମଧ୍ୟ ବର୍ତ୍ତମାନ ପୂରାପୂରି ଅନ୍ଧ । ଆଖିଟାରେ୪୦% ୫୦% ଦେଖୁଛି । ମୁଁ ମୋର ଫାଇଲ୍ କାମ କରେ ଯବକାଚ ସାହାଯ୍ୟରେ । ମୁଁ ମୋର ପାଠ ପଢ଼େ, ବହି ଲେଖେ ସେଇ କାଚ ସାହାଯ୍ୟରେ । ଆମେରିକାର ଡାକ୍ତରମାନେ କ'ଣ କ'ଣ କଲେ ବୋଲି ସେ ମତେ ପଚାରିଲେ । ମୁଁ କହିଲି, ଦେଖନ୍ତୁ ଏ ବିଷୟ କହିବା ପାଇଁ ମତେ ଅଧଘଣ୍ଟାଏ ସମୟ ଲାଗିବ, ବାହାରେ ଆପଣଙ୍କର ଅନେକ ରୋଗୀ ଅପେକ୍ଷା କରିଛନ୍ତି । ସେ କହିଲେ, "ଏମାନେ ସବୁ ମାରୁଆଡ଼ି ରୋଗୀ,

Digitized by srujanika@gmail.com

କୁଆଡ଼େ ଯିବେ ନାହିଁ । ମୋ ପାଖରେ ଆସି ପୁଣି ପହଞ୍ଚିବେ ।" ଆପଣ କୁହନ୍ତୁ, ମୁଁ ଘଣ୍ଟାଏ ସମୟ ଦେଇପାରିବି । ମୁଁ ସବୁ ବର୍ଣ୍ଣନା କଲି । ଅପରେସନରେ ଯାହା ଯାହା ଡାକ୍ତର କରିଥିଲେ, ସବୁ ଟେପ୍ ରେକର୍ଡ଼ର ହୋଇଥିଲା । ଯାହା ସେମାନେ କଥାବାର୍ତ୍ତା ହୋଇଥିଲେ - Audio Visualରେ ସବୁ slide ହୋଇଯାଇଥିଲା । ଯେମିତି ଆମର ସିନେମା ହୁଏ, ସେ ସବୁ ମୁଁ ଦେଖିଛି । ମୋ ଡାକ୍ତର ଯେତେବେଳେ ଏକ ସେମିନାର୍‌ରେ ସେ ସବୁ ଦେଖେଇଲେ, ମୋତେ ସେ ଠିକ୍ ନେଇ ଯାଇଥିଲେ । ସେ ସବୁ କଥା ମଧ୍ୟ ମୁଁ ବର୍ଣ୍ଣନା କଲି । ସବୁ ଶୁଣି ସାରି ଆମ ଡାକ୍ତର ମହାଶୟ କହିଲେ, ମୁଁ ସବୁ ଜିନିଷ ବିଶ୍ୱାସ କଲି କିନ୍ତୁ ଗୋଟିଏ ଜିନିଷ ବିଶ୍ୱାସ କରିପାରୁ ନାହିଁ । ସେ କ'ଣ ପଇଁତିରିଶ ହଜାର ଟଙ୍କା ପକେଟ୍‌ରୁ ଦେଲେ ? ଆପଣ ନିଶ୍ଚୟ ମିଛ କହୁଛନ୍ତି । ମୁଁ କହିଲି, "ଦେଖନ୍ତୁ" - ମୁଁ ଥିଲି ଗ୍ରହୀତା, ଡାକ୍ତର ଥିଲେ ଦାତା, ଗ୍ରହୀତା ମିଛ କହିଲେ ତାର କ'ଣ କ୍ରେଡ଼ିଟ୍ । ତାହା ଦାତାର କ୍ରେଡ଼ିଟ୍ । ଏଣୁ ମୁଁ କାହିଁକି ମିଛ କହିବି ? ମୋ କଥା ଶୁଣି ଡାକ୍ତର କହିଲେ, "Then he must be a mad person" ଆପଣ ଯେତେ କହିଲେ ବି ଆମେରିକାରେ ଯେ ବସ୍ତୁବାଦୀ ଓ ଭାରତରେ ଆଧ୍ୟାତ୍ମବାଦୀ ଅଛନ୍ତି - ଏକଥା ମୁଁ ସ୍ୱୀକାର କରିବିନି । ମୋ ଜୀବନର ଘଟଣାକୁ ଯଦି ବିଶ୍ଳେଷଣ କରିବେ, ତେବେ ଅନେକ କଥା ସ୍ୱଷ୍ଟ ହେଇଯିବ । ତେବେ ମୋ କଥା ଯେ ସମ୍ପୂର୍ଣ୍ଣ ସତ୍ୟ, ଏହା ମଧ୍ୟ ନୁହେଁ ।

ମୁଁ ସେଠାରୁ ଫେରିଲି । କିଛି କରିପାରିବି ବୋଲି ବହୁତ ଆଶା ରଖିଥିଲି । ଭାବିଥିଲି ପଶୁଚିକିତ୍ସା ବିଭାଗରେ କିଛି ନ୍ୟାୟ ପାଇବି । କିନ୍ତୁ କାକ ସମାଜରେ ବଗକୁ ଯେମିତି ଖୁମ୍ପି ଦିଅନ୍ତି । ଭେଟିନାରୀ କଲେଜ୍‌ରେ ମତେ ଖୁମ୍ପି ଖୁମ୍ପି ଖାଇଯିବାକୁ ସେମାନେ ଆଗ୍ରହ ପ୍ରକାଶ କଲେ । ନାନା ଚେଷ୍ଟା କଲେ । ମୁଁ ଯେତେ ଡିଗ୍ରୀ ପାଇ ଆସିଥିଲେ ମଧ୍ୟ ଅଧ୍ୟାପକରୁ ପ୍ରାଧ୍ୟାପକ ହୋଇପାରିଲି ନାହିଁ । ଯେତେ ବର୍ଷର ଅଭିଜ୍ଞତା ଥିଲେ ସୁଦ୍ଧା ମୁଁ ଅନେକରୁ ବଞ୍ଚିତ ହେଲି । ମୁଁ ଦେଖିଲି ସାରା ପୃଥିବୀରେ ଯେତେ ଧର୍ମଗ୍ରନ୍ଥ ଲେଖାଯାଇଛି କୌଣସିଥିରେ ଏକଥା ଲେଖାଯାଇ ନାହିଁ କେବଳ ଭାରତର ଭଗବତ ଗୀତାର ପ୍ରଥମ ଶ୍ଳୋକରେ ଲେଖାଯାଇଛି ।

ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁସବଃ
ମାମକାଃ ପାଣ୍ଡବାଶ୍ଚୈବ, କିମ କୁର୍ବତ ସଞ୍ଜୟ !

କୋଉଠି ଧର୍ମଗ୍ରନ୍ଥରେ ଲେଖାଯାଇନାହିଁ ଯେ ଯୁଦ୍ଧକ୍ଷେତ୍ରଟା ହେଉଛି ଧର୍ମକ୍ଷେତ୍ର । କେଉଁଠି ଧର୍ମଗ୍ରନ୍ଥରେ ଲେଖାଯାଇ ନାହିଁ ଯେ, ହେ ଅର୍ଜୁନ ଯୁଦ୍ଧ କର । ଯେ ନିଜକୁ କ୍ଳୀବ ମନେକରେ ସେ ମହାପାପୀ । ମୁଁ ତାପରେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କଲି ।

Digitized by srujanika@gmail.com

ନାନା ପ୍ରକାରରେ, ନାନା ଉପାୟରେ ସ୍ୱର ଉତ୍ତୋଳନ କଲି । ତେଣୁ ଚାକିରି ଜୀବନରେ ମୁଁ ଯାହା ଯାହା ପାଇଛି ସଂଗ୍ରାମ କରି । ମୁଁ ରିଡର୍ ହେଲି, ପ୍ରଫେସର୍ ହେଲି, ଡିନ୍ ହୋଇଛି । ଏ ସବୁ ମୋର କ୍ୟାରିଅର୍ ଯୋଗୁଁ ନୁହେଁ, ମୋର ସାହିତ୍ୟ ଯୋଗୁଁ ନୁହେଁ, ମୋର ବିଜ୍ଞାନ ଯୋଗୁଁ ନୁହେଁ, ମୋର ଦର୍ଶନ ଯୋଗୁଁ ନୁହେଁ, ନା । ସବୁ ମୋର ପୌରୁଷ ଯୋଗୁଁ । ମୋର ସଂଗ୍ରାମ କରିବାର ଶକ୍ତିଯୋଗୁଁ, ସାମର୍ଥ୍ୟ ଯୋଗୁଁ । ତେଣୁ ମୁଁ ଆପଣମାନଙ୍କୁ କହିବି ଯଦି କେହି ଆପଣମାନଙ୍କ ବିରୋଧରେ ଅସ୍ତ୍ର ଉତ୍ତୋଳନ କରେ, ଆପଣମାନଙ୍କୁ ଶିକାର କରିବାକୁ ଚେଷ୍ଟା କରୁଥାଏ, ତେବେ ମୁଣ୍ଡପାତି ଦେବେ ନାହିଁ । କଦାପି ଦେବେ ନାହିଁ ।

ମୋର ବହୁତ ବନ୍ଧୁ ପଚାରନ୍ତି, ତୁମେତ ଜଣେ ବୈଜ୍ଞାନିକ, ତୁମେ ଭାଷା, ସାହିତ୍ୟ ଓ ଦର୍ଶନ ପ୍ରତି ଆଗ୍ରହ ପ୍ରକାଶ କଲ କାହିଁକି ? ମୁଁ ଏ ପ୍ରଶ୍ନର କି ଉତ୍ତର ଦେବି ନିଜେ ମଧ୍ୟ ଜାଣେନି । ଯାହା ମୁଁ ଆପଣମାନଙ୍କୁ ପ୍ରଥମରୁ କହିଥିଲି ଆପଣ ଏ ଜନ୍ମରେ ଯୋଉଦିନ ଭୂମିଷ୍ଠ ହେଉଛନ୍ତି, ସେଇଦିନଠାରୁ ଆପଣଙ୍କର କାର୍ଯ୍ୟ ଆରମ୍ଭ କରୁନାହାନ୍ତି, ବିଭିନ୍ନ ଜନ୍ମରେ ଯୋଉଁ ସବୁ କାର୍ଯ୍ୟ କରିଛନ୍ତି, ଯୋଉଁ ସଂସ୍କାର ନେଇ ଆସିଛନ୍ତି ସେଇ ସବୁ ସଂସ୍କାର ଏ ଜନ୍ମରେ ଭୋଗ କରିବାକୁ ପଡ଼ିବ । ତେଣୁ ଜୀବନରେ ମୃତ୍ୟୁ ଏକ ମଧ୍ୟାନ୍ତର । ପୂର୍ବ ଜନ୍ମରେ ମୋ କର୍ମ ଯେଉଁଠୁ ସାରିଥିଲି, ଏବେ ସେଇଠୁ ଆରମ୍ଭ କରୁଛି । ମୋ ପୂର୍ବ ଜନ୍ମମାନଙ୍କରେ ହୁଏତ ମୋର ଭାଷା ସାହିତ୍ୟ ପ୍ରତି ଆଗ୍ରହ ଥିଲା, ଦର୍ଶନ ପ୍ରତି ଆଗ୍ରହ ଥିଲା, ବିଜ୍ଞାନ ପ୍ରତି ବି ଥିଲା । ତେଣୁ ଏ ଜନ୍ମରେ ମୁଁ ଯାହା କରୁଛି, ସବୁ ଯନ୍ତ୍ରବତ୍ କରୁଛି । ଅନ୍ୟ କେହି ମୋ ଶରୀର ଭିତରେ, ମନ ଭିତରେ ବସିଛି, ସେ କହିଦଉଛି, ମୁଁ କରୁଛି । ତେଣୁ ମୋତେ ଆପଣମାନେ ଯେତେ ପ୍ରଶଂସା ଦେଲେ ସୁଦ୍ଧା, ଆପଣମାନଙ୍କୁ ନମସ୍କାର କରିବି, କିନ୍ତୁ ମୁଁ କେବେ ବିଶ୍ୱାସ କରେନାହିଁ ଯେ, ନୃସିଂହ ଚରଣ ପଣ୍ଡା ଏ ବହି ଲେଖୁଛି (ଦର୍ଶନ ବହି, ସାହିତ୍ୟ ବହି ବା ବିଜ୍ଞାନ ବହି) । ସମଗ୍ର ମହାଭାରତ ଯୁଦ୍ଧର ସମାପ୍ତିରେ ଯେତେବେଳେ ପଚରାଗଲା, କିଏ ଏ ସମର କଲା ? କାହା ଯୋଗୁଁ ପାଣ୍ଡବମାନେ ଜୟଯୁକ୍ତ ହେଲେ ? ସେତେବେଳେ ବେଲାରସେନ୍‌ର କଟାମୁଣ୍ଡ କହିଥିଲା - "ଗୋଟାଏ ଚକ୍ରର କେବଳ ଏତେ ନାଚ" । ତେଣୁ ଏ ପୃଥିବୀରେ ସେ ଆଇନ୍‌ଷ୍ଟାଇନ୍ ହୁଅନ୍ତୁ ବା ସେ ବର୍ଣ୍ଣାଡ୍‌ଶ ହୁଅନ୍ତୁ, ସେ ବ୍ୟାସ ହୁଅନ୍ତୁ ବା ଆଉ ଯିଏ ହୁଅନ୍ତୁ ନା କାହିଁକି ଭଗବତ୍ ଶକ୍ତିର ପରିପ୍ରକାଶ ଘଟୁଛି କୌଣସି ବ୍ୟକ୍ତିର ମାଧ୍ୟମରେ ଏବଂ ତାର କଳମଟା ମଧ୍ୟ ଚାଲୁଛି । ତେଣୁ ଏ ସବୁ କେବଳ ସେଇ ଭଗବାନଙ୍କ ଉଦ୍ଦେଶ୍ୟ । ମୁଁ କାହିଁକି ବିଜ୍ଞାନ ପଢ଼ିଲି, କାହିଁକି ଦର୍ଶନ ପଢ଼ିଲି କାହିଁକି ସାହିତ୍ୟ ପଢ଼ିଲି - ଆପଣମାନେ ଯଦି ଏହାର

Digitized by srujanika@gmail.com

ବ୍ୟାଖ୍ୟାମୂକ ଆଲୋଚନା କରିବେ, ତେବେ ଦେଖିବେ ଯେ, ହୁଏତ ମୁଁ ଯଦି ଏସବୁ ପଢ଼ି ନଥାନ୍ତି, ସେଥିରେ ଭାବଗ୍ରାହୀ ହୋଇନଥାନ୍ତି, ତାହାହେଲେ ଯାହା କରିଛି, ତାହା କରି ପାରିନଥାନ୍ତି ।

ଏବେ ମୋର ଗୋଟିଏ ବହି ମୋତିଲାଲ ବନାରସୀ ଦାସ ଦିଲ୍ଲୀରେ ପ୍ରକାଶ କରୁଛନ୍ତି -"MAYA IN PHYSICS" - ସେଥିରେ ମୁଁ ଯାହା ଲେଖିଛି, ତାହା ଅଦ୍ୱୈତ ବେଦାନ୍ତ ଏବଂ ଆଧୁନିକ ପଦାର୍ଥ ବିଜ୍ଞାନର ସମନ୍ୱୟ । ମୁଁ ଯଦି ବୈଜ୍ଞାନିକ ହୋଇନଥାନ୍ତି ସେ ଦର୍ଶନ ଲେଖି ପାରିନଥାନ୍ତି । ଯଦି ଦର୍ଶନ ପ୍ରତି ଆଗ୍ରହ ନଥାନ୍ତା ତେବେ କେବଳ ଜଣେ ଜୀବ ବିଜ୍ଞାନୀ ହୋଇଥାନ୍ତି । ମୁଁ ସେ ଦର୍ଶନ ଲେଖି ପାରିନଥାନ୍ତି । ମୋର ଯଦି ସଂସ୍କୃତ ଭାଷାପ୍ରତି ଆଗ୍ରହ ନଥାନ୍ତା, ତାହେଲେ ମଧ୍ୟ ମୁଁ ଦର୍ଶନ ଲେଖି ପାରିନଥାନ୍ତି । ପ୍ରାଚ୍ୟ ବିଦ୍ୟାର ଗ୍ରନ୍ଥଗୁଡ଼ିକ ସଂସ୍କୃତରେ ଲେଖାଯାଇଛି । ଯେ ଗବେଷଣା କରିବ, ସେ ଯଦି ସଂସ୍କୃତ ବୁଝିନପାରିବ, ସେ ଯଦି ଇଂରେଜୀ ମାଧ୍ୟମରେ ବୁଝିବ, ତାହାହେଲେ ତା'ର ଗବେଷଣା ଠିକ୍ ହେବ ନାହିଁ । ମୁଁ ନିଜେ ଜାଣେ ନାହିଁ, ସଂସ୍କୃତ ଭାଷା ପ୍ରତି ମୋର କାହିଁକି ଆଗ୍ରହ ହେଲା । ସେତେବେଳେ ମାଧ୍ୟମିକ ପରୀକ୍ଷା ଉତ୍କଳ ବିଶ୍ୱବିଦ୍ୟାଳୟରେ ହେଉଥିଲା । ମୁଁ ସଂସ୍କୃତରେ ଶହେରୁ ଅନେଶୋତ ରଖିଥିଲି । ମୋର ବାପା ସେମିତି ବେଶି କିଛି ପାଠପଢ଼ି ନଥିଲେ । କିନ୍ତୁ ଜଣେ ବଡ଼ ପଣ୍ଡିତ ଥିଲେ । ସେ ମତେ ପିଲାଦିନୁ ସଂସ୍କୃତ ପଢ଼ଉଥିଲେ, ପୁରାଣ ପଢ଼ଉଥିଲେ, ଦର୍ଶନ ପଢ଼ଉଥିଲେ, ସେ ଆଗ୍ରହ ମୋର ସେଦିନୁ ସୃଷ୍ଟି ହୋଇଛି । ଏବେ ମଧ୍ୟ ସଂସ୍କୃତରେ ମୁଁ ଜଣେ ଶିକ୍ଷାର୍ଥୀ । ତେଣୁ ଏସବୁ ମୁଁ ନିଜକୁ ପଚାରେ, ମୁଁ ଯଦି କୃଷି ବିଜ୍ଞାନର ଜଣେ ଡିନ୍, ମୁଁ ଯଦି ପଶୁଚିକିତ୍ସା ବିଜ୍ଞାନରେ ଜଣେ ଡିନ୍, ତେବେ ମୁଁ କାହିଁକି ସଂସ୍କୃତ ପଢୁଛି ? ତାହା ମୁଁ ଜାଣେନା । ମୋତେ କେହି କହି ଦଉଛି ସଂସ୍କୃତ ପଢ଼ । ତେଣୁ ଏସବୁ ଯେତେବେଳେ ମୁଁ ଆପଣମାନଙ୍କ ଆଗରେ କହୁଛି, ଆପଣମାନେ ନିଶ୍ଚୟ ଭାବୁ ଥାଇପାରନ୍ତି, ଏ ଜଣେ ପୁରାତନପନ୍ଥୀ, ଏ ଆଧୁନିକ ଯୁଗର ନୁହେଁ । କିନ୍ତୁ ନାଁ । ଆପଣ ମୋର ସାହିତ୍ୟ ଦେଖନ୍ତୁ, ଆଧୁନିକ ଯୁଗର ସାହିତ୍ୟ ମୁଁ ଲେଖେ । ଚିରନ୍ତନତା ଉପରେ ବିଶ୍ୱାସ କରେ ।

ମୁଁ ଯେତେବେଳେ ଆମେରିକାରେ ଗୋଟେ ଇଂରାଜୀ ପାଠ୍ୟକ୍ରମରେ ନାଁ ଲେଖେଇ ଥିଲି । ମୋର ପ୍ରଫେସର୍, ହକ୍‌ସେଲ୍‌ଙ୍କର ଗୋଟିଏ ବିଷୟ ଆଲୋଚନା କଲାବେଳେ କହିଲେ - 'ତୁମେ ଭାଷଣ ଦେବ 'Bhagbatgeeta' ବିଷୟରେ ।' ମୁଁ କ୍ଲାସ୍ ଭିତରେ ବସିବି । ମୁଁ କହିଲି ସାର୍, ମତେ କିନ୍ତୁ ଖରାପ ଲାଗିବ । ମୁଁ ଜଣେ ଛାତ୍ର, ଆପଣ ଜଣେ ପ୍ରଫେସର । ମୁଁ ଭାଷଣ ଦେବି, ଏହା ସୁବିଧାଜନକ ନୁହେଁ । ସେ କହିଲେ,

Digitized by srujanika@gmail.com

ନାଁ । ମୁଁ ଭଗବତ୍ ଗୀତା ବିଷୟରେ ପ୍ରତିବର୍ଷ କ୍ଲାସ୍‌ରେ ପଢ଼ାଏ । କିନ୍ତୁ ମୁଁ ଜାଣେ ତୁମେ ଭଗବତ୍ ଗୀତା ନିଜେ ପଢ଼ ଏବଂ ପ୍ରତିଦିନ ମଧ ପଢ଼ । ତୁମେ ଜଣେ ଭାରତୀୟ ଏବଂ ହିନ୍ଦୁ । ତେଣୁ ମୁଁ ଚାହୁଁଛି ତୁମେ ଭାଷଣ ଦିଅ ଯେ, " Bhagbat Geeta the Iternal Phylosophy of the world" , ମୁଁ ମଧ ସେ ବିଷୟରେ ଭାଷଣ ଦେବାକୁ ବାଧ ହୋଇଥିଲି । ତେଣୁ ଯାହା ହେଉ, ଯାହା ଚିରନ୍ତନ ସତ୍ୟ, ତାହା ପୁରାତନ ଆଧୁନିକ ଯୁଗର ସତ୍ୟ, ଭବିଷ୍ୟତ ଯୁଗର ସତ୍ୟ । ତେଣୁ ଆମେ ଜଣେ ଆଧୁନିକବାଦୀ ହେବା, ଆଧୁନିକ ପନ୍ଥା ଅନୁସରଣ କରିବା, ତେଣୁ ଚିରନ୍ତନ ସତ୍ୟକୁ ପରିହାର କରିବା ଠିକ୍ ନୁହେଁ ।

ପ୍ରକୃତରେ ମୁଁ ସାହିତ୍ୟ ବହୁପୂର୍ବରୁ ଆରମ୍ଭ କରିଥିଲି । ୧୯୪୨ରେ ଧଳପୁର ମାଇନର୍ ସ୍କୁଲ୍‌ରେ ପଢୁଥିବାବେଳେ ଛୋଟିଆ ବହିଟିଏ ଲେଖିଥିଲି । ତାର ନାଁ " ମିଛମାୟା ସଂସାର" - ପଦ୍ୟରେ ଲିଖିତ । ମୋର ପଇସା ନଥିଲା । ମୋ ସହପାଠୀ ବନ୍ଧୁ ବିପ୍ରବର ପାଣି ଏବଂ ଦଣ୍ଡଧର ବେହେରା (ମେରାମଣ୍ଡଳୀ ପାଖ ମଙ୍ଗଳପୁରରେ ତାଙ୍କ ଘର) ସେମାନଙ୍କ ବାପା ମାଙ୍କଠାରୁ ଟଙ୍କା ଆଣି ପାଣ୍ଡୁଲିପିଟି ଛପେଇଲେ । ତାଳଚେର ରାଜାଙ୍କ ପ୍ରେସ୍‌ରେ ଛପାହେଲା । ତାର ଦାମ୍ ଥିଲା ଏକଅଣା । ବହିଖଣ୍ଡକର ଗୀତ ଓଡ଼ାପଡ଼ା ହାଟ ଏବଂ ରେଳଷ୍ଟେସନ୍‌ରେ ବୋଲାଗଲା ହାରମୋନିୟମ ସାହାଯ୍ୟରେ । ମୁଁ ଜାଣିଛି ସେ ବହିଖଣ୍ଡି ଗାଁର ସ୍ତ୍ରୀଲୋକମାନେ ବିଶେଷ କରି ପଢ଼ିଲେ । ସେମାନଙ୍କ ଆଖିରୁ ଠକ୍ ଠକ୍ ଲୁହ ଖସି ପଡୁଥିଲା । ସେ ବହିଖଣ୍ଡି ଆଜି ମୋ ପାଖରେ ନାହିଁ । କିନ୍ତୁ ମୁଁ ଜାଣେ ନାହିଁ ମୋ ପିଲାବେଳେ ୧୯୪୨ରେ " ମିଛମାୟା ସଂସାର" ବୋଲି ବହିଖଣ୍ଡେ ଲେଖିଥିଲି, ଆଜି ବୃଦ୍ଧ ବୟସରେ " MAYA IN PHYSICS" କାହିଁକି ଲେଖିଛି ? Somebody else is sitting in me and directing me to do this or that.

ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି, " ଏ ଜଗତଟା ମାୟା, ମୁଁ ଜୀବ, ଉଦ୍ଭିଦ, ଅଣୁ, ପରମାଣୁ ସବୁରି ଭିତରେ ବିଦ୍ୟମାନ । ମୋର ଯୋଗୁଁ ସବୁ ବିବର୍ତ୍ତନ ଘଟେ । ମୋର ଯୋଗୁଁ ସବୁ ବିବର୍ତ୍ତନ ଘଟେ । ଅଣୁପରମାଣୁଠାରୁ ଆରମ୍ଭ କରି ବିଭିନ୍ନ ପଦାର୍ଥର Organic Evolution, Physical Evolution, Daruin Evolution ମଧ ସତ୍ୟ ହୁଏ । କିନ୍ତୁ ତାହା କେବେ ସତ୍ୟ ନୁହେଁ, ଯଦି 'ଚିତ୍'ର ଅଧକ୍ଷତା ନଥାଏ, ତେଣୁ ସେ ଯେଉଁ " ବ୍ରହ୍ମଚିତ୍" ତାର ଅଧକ୍ଷତାରେ ସବୁକିଛି ସମ୍ଭବ ହୁଏ । ସେ କହିଦିଏ ମୁଁ ତୋତେ ଜନ୍ମ ଦେଇଛି, ତୁ ଏହା କରିବୁ ଏବଂ କର । " ମିଛ ମାୟା ସଂସାର" ଏବଂ " ମାୟା ଇନ୍ ଫିଜିକ୍ସ" ରେ ତାହାହିଁ କହିଛି ।"

Digitized by srujanika@gmail.com

ଜୀବନ ଯନ୍ତ୍ରଣା ଓ ଦାରିଦ୍ର୍ୟ ବିରୋଧରେ ସଂଘର୍ଷ, ଚାକିରି ଜୀବନରେ ସଂଘର୍ଷ ଯୋଗୁଁ ମୋର ଲେଖା ବହୁତ ପଛରେ ପଡ଼ିଗଲା । ମୁଁ ଆଗରୁ ଲେଖି ପାରିଥାନ୍ତି, କିନ୍ତୁ ଯେଉଁ ପତ୍ରିକାକୁ ପଠେଇଲି, ସେ ପତ୍ରିକା ମୋ ଲେଖା ଛପେଇଲେ ନାହିଁ କାରଣ ମୁଁ ପଶୁଚିକିତ୍ସା ବିଭାଗର ଲୋକ । ମୋ ଲେଖା ମୋ ପାଇଁ ଭଲ ହେଲେ ସୁଦ୍ଧା ପତ୍ରିକାର ସମ୍ପାଦକମାନଙ୍କ ମନକୁ ପାଇଲା ନାହିଁ । ସେ ଯୋଗୁଁ ମୁଁ ବହୁତ ପଛରେ ପଡ଼ିଗଲି । ଆଧୁନିକ ଓଡ଼ିଆ ସାହିତ୍ୟର ଜନକ ଫକୀର ମୋହନ ସେନାପତି ତାଙ୍କ ଉତ୍ତର ଜୀବନରେ ସାହିତ୍ୟ ଲେଖିଲେ । ଚାକିରି ଜୀବନରୁ ଅବସର ନେଲା ପରେ ସେ ଉପନ୍ୟାସ ସାହିତ୍ୟରେ ହାତ ଦେଲେ । ସେ କାହିଁକି ଏମିତି କଲେ ମୁଁ ଜାଣେ ନାହିଁ କିନ୍ତୁ ପ୍ରାୟ ବୃଦ୍ଧ କାଳରେ ସେ ଉପନ୍ୟାସ ଲେଖିଛନ୍ତି । ସେ ଜଣେ ମହାନ୍ ସ୍ରଷ୍ଟା । ସାମାଜିକ ଉପନ୍ୟାସ ଲେଖିବାରେ ସେ ସମଗ୍ର ଭାରତ ବର୍ଷରେ ପ୍ରଥମ ବ୍ୟକ୍ତି । ଫକୀରମୋହନଙ୍କ ଉପନ୍ୟାସରେ ଶୃଙ୍ଗାର ରସ ନାହିଁ, ରୋମାଣ୍ଟିସିଜିମ୍ ନାହିଁ । ପଞ୍ଚାବନ ବର୍ଷ ବୟସ୍କ ମଣିଷ ତା ଜୀବନ ବିଚାରଧାରା ବଖାଣିଛି । ମୋର ପ୍ରଥମ ବହି ବାହାରିଲା ୧୯୭୭ରେ । ତା ପୂର୍ବରୁ ୧୯୭୨ରୁ ମୁଁ ପତ୍ରିକାମାନଙ୍କରେ ଲେଖିଥିଲି । ୧୯୭୭ରେ ପ୍ରକାଶ ପାଇଲା "ବିଜ୍ଞାନ ଓ ପ୍ରକୃତି" - ପ୍ରବନ୍ଧ ସଙ୍କଳନ । "ମେଷ ପାଳକ" (ଏକ ବୈଜ୍ଞାନିକ ଉପନ୍ୟାସ) ୧୯୮୧ରେ, ରକ୍ତ ଗୋଲାପର ଚିର ବସନ୍ତ - (ବୈଜ୍ଞାନିକ ଉପନ୍ୟାସ) ସପ୍ତସିନ୍ଧୁ (୧ମ ଭାଗ), ସପ୍ତସିନ୍ଧୁ (୨ୟଭାଗ ବୈଦିକ ଉପନ୍ୟାସ), ଚଣ୍ଡାଶୋକ (ଐତିହାସିକ ଉପନ୍ୟାସ), ବିଜ୍ଞାନ ଓ ଭଗବାନ (ପ୍ରବନ୍ଧ ସଙ୍କଳନ), ଧର୍ମାଶୋକ (ଐତିହାସିକ ଉପନ୍ୟାସ), ଈଶ୍ୱର (ପ୍ରବନ୍ଧ ସଙ୍କଳନ), ସଂଗମ (ଗଳ୍ପ ସଙ୍କଳନ), ଖାରବେଳ (ଐତିହାସିକ ଉପନ୍ୟାସ), "ଅଶାନ୍ତ ଅନଳ" (ରାଜନୀତିକ ଉପନ୍ୟାସ) ଏମିତି ଅନେକ । ହିନ୍ଦୀରେ ମୋର ଲେଖାର କେତେକ ଅନୁବାଦ ବାହାରିଛି । ଶିଶୁ ସାହିତ୍ୟ କିଛି ଲେଖିଛି । "Maya in Physics" ମଧ୍ୟ ଅଳ୍ପଦିନପରେ ବାହାରିବ । ଏଇଗଲା କିଛିଦିନ ତଳେ Vibrating Universe ନାମରେ ଏକ ଦର୍ଶନ ବହିର ଲେଖାସାରିଲି, ଯାହାକି ଆଧୁନିକ ପଦାର୍ଥ ବିଜ୍ଞାନ ଏବଂ ଦର୍ଶନ ସମ୍ବନ୍ଧୀୟ । ମୁଁ ଏକ ଅଲଗା ପ୍ରକାରର ବିଶ୍ୱବିଦ୍ୟାଳୟରେ ରହିଗଲି ଅଧ୍ୟାପକ ଓ ତାର ପ୍ରଶାସକ ହୋଇ । ମୋର ସମୟ ବହୁତ କମ୍ । ମୁଁ ଅନ୍ୟମାନଙ୍କ ସହିତ ମିଶିପାରିଲି ନାହିଁ । ଗୋଷ୍ଠୀ ତିଆରି କରିବାରେ ମୁଁ ବୀତସ୍ପୃହ । କିନ୍ତୁ ଆଜି ସାହିତ୍ୟରେ ଉନ୍ନତି କରିବାକୁ ହେଲେ, ପ୍ରତିଷ୍ଠିତ ହେବାକୁ ହେଲେ, ତାର ଯଦି ଗୋଟିଏ ଗୋଠ ନଥିବ, ତାହାହେଲେ ସେ କିଛି କରିପାରିବ ନାହିଁ । ସେ ଲେଖିପାରିବ, କିନ୍ତୁ ପ୍ରତିଷ୍ଠିତ ହୋଇପାରିବ ନାହିଁ । ଶେଷରେ ମୁଁ ବିଚ୍ଛିନ୍ନ ହୋଇରହିଲି ଗୋଟିଏ ଟେକ୍ନିକାଲ୍ ବିଶ୍ୱବିଦ୍ୟାଳୟରେ ।

Digitized by srujanika@gmail.com

ଦ୍ୱିତୀୟତଃ, ଆତ୍ମ ପ୍ରଚାର ଓ ଗୋଷ୍ଠୀବାଦକୁ ମୁଁ ଘୃଣା କରେ । ଏଇସବୁ କାରଣରୁ ମୋର ଯେତେ ସାହିତ୍ୟକୃତି ସବୁ ପଛରେ ପଡ଼ିଗଲା । କିନ୍ତୁ ଆଗରେ ହେଉ ପଛରେ ହେଉ ସେଥିରେ କିଛି ଯାଏ ଆସେ ନାହିଁ । ଯଦି ଜଣେ କିଛି ଲେଖିପାରିଲା, ତାହା ପାଠକ ସମୂହଙ୍କଦ୍ୱାରା ଆଦୃତ ହେଲା ଏବଂ ସମାଜ ପାଇଁ କଲ୍ୟାଣ କର ହେଲା ତାହାହେଲେ ସେ ବଞ୍ଚିରହିବ । ଯଦି ଜଣେ ବହୁତ ଲେଖିଲା, ପ୍ରତିଷ୍ଠିତ ହେଲା, ପୁରସ୍କାର ପାଇଲା, କିନ୍ତୁ ପାଠକମାନଙ୍କଦ୍ୱାରା ତାହା ଆଦୃତ ହୋଇପାରିଲା ନାହିଁ କି ସମାଜ ପାଇଁ ମଧ୍ୟ ଆନନ୍ଦଦାୟକ ହେଲାନି, ଯଦି ସେଥିରେ କଳା ନାହିଁ କି ମଙ୍ଗଳ ନାହିଁ । ଶିବ ନାହିଁ କି, ସୁନ୍ଦର ନାହିଁ, ତେବେ ତାହା ଅସ୍ତିତ୍ୱ ହରେଇବାକୁ ବାଧ୍ୟ ହେବ - ଏସତ୍ୟ ଉପରେ ମୁଁ ବିଶ୍ୱାସ କରେ ।

ଏପର୍ଯ୍ୟନ୍ତ ଆମ ଦେଶରେ ବହୁତ ଲୋକଙ୍କର ଧାରଣା ଅଛି ଯେ, ପ୍ରବନ୍ଧ ସର୍ଜନାତ୍ମକ ସାହିତ୍ୟ ନୁହେଁ । ମାତ୍ର ମୁଁ ସମାଲୋଚନା ମୂଳକ ପ୍ରବନ୍ଧକୁ ସର୍ଜନାତ୍ମକ ଭାବରେ ଗ୍ରହଣ କରେ । କିନ୍ତୁ ଜଣେ ଯଦି ଖାଲି ଅନ୍ୟମାନଙ୍କର ମତ ଓ ମନ୍ତବ୍ୟ ଉଦ୍ଧାର କରି ଲେଖେ, ତାହା ଭଲ ପ୍ରବନ୍ଧ ହୋଇପାରେ ନାହିଁ । ଅନ୍ୟ ଏକ କିସମର ପ୍ରବନ୍ଧ ଅଛି ଯାହା ବଟ୍ରାଣ୍ଡ ରସେଲ୍, ହକ୍ସଲେ, ଇମରସ୍‌ନ ପ୍ରଭୃତି ଲେଖକ ଲେଖିଥିଲେ । ଯଦି ଜଣେ ଲେଖକ ତା'ର ପ୍ରବନ୍ଧରେ ଭାବ ସୃଷ୍ଟି କରୁଛି ତାହେଲେ ସେ ପ୍ରବନ୍ଧ ସର୍ଜନାତ୍ମକ । ମୁଁ ଯେତେ ପ୍ରବନ୍ଧ ଲେଖିଛି ସବୁ ପ୍ରବନ୍ଧ ପୁସ୍ତକାକାରରେ ଏପର୍ଯ୍ୟନ୍ତ ସଙ୍କଳିତ ହୋଇନାହିଁ, କିନ୍ତୁ ସର୍ଜନାତ୍ମକ ପ୍ରବନ୍ଧ ଲେଖିବାକୁ ଚେଷ୍ଟା କରିଛି । ପ୍ରାବନ୍ଧିକଙ୍କ ସଂଖ୍ୟା ଏବେ କମିଗଲାଣି । ଲେଖକଙ୍କ ଅଧ୍ୟୟନ, ଅନୁଶୀଳନ ଓ ପ୍ରବନ୍ଧର ମାନ ବିଚାର ବୁଦ୍ଧି ଉପରେ ନିର୍ଭରେ କରେ । ମାତ୍ର ସମ୍ପ୍ରତି ଲେଖକଙ୍କ ମଧ୍ୟରେ ସେ ପ୍ରକାର ପ୍ରବଣତାର ଘୋର ଅଭାବ । ମୁଁ କବିତା ଲେଖି ସେଥିରେ ବିଫଳତା ପାଇବା ଯୋଗୁଁ ଯେ ଗଦ୍ୟ ଲେଖିଲି ତାହା ନୁହେଁ । ମୁଁ ଶୈଶବ ଅବସ୍ଥାରେ କବିତା ଲେଖିଥିଲି କିନ୍ତୁ ତାପରେ ଆଉ ଚେଷ୍ଟା କରିନାହିଁ । କାହିଁକି କରିନାହିଁ ତାହା ମଧ୍ୟ ଜାଣେ ନାହିଁ । କିନ୍ତୁ ସେଥିରେ ବିଫଳତା ପାଇ ନାହିଁ । ମୋ ଖାରବେଳ ଉପନ୍ୟାସର ମଝିରେ ମଝିରେ କବିତା ଅଛି ।

ମୁଁ ରାଜନୀତିକ, ବୈଦିକ, ଐତିହାସିକ ଏବଂ ସାମାଜିକ ଉପନ୍ୟାସରେ ହାତ ଦେଇଛି । ମାତ୍ର ତାହା ଯେଉଁ ପ୍ରକାରର ଉପନ୍ୟାସ ହେଉନା କାହିଁକି, ସେଥିରେ ଜୀବନ ନଥିଲେ, ନବରସ ମଧ୍ୟରୁ ଏକ କିମ୍ବା ଏକାଧିକ ରସ ନଥିଲେ ତାହା ସାହିତ୍ୟ ହେବ ନାହିଁ । ତାହା ଖବରକାଗଜ ହୋଇପାରେ, ଇତିହାସ, ସମାଜ ବିଜ୍ଞାନ, ଅର୍ଥନୀତି ହୋଇପାରେ ମାତ୍ର ସାହିତ୍ୟ ହେବ ନାହିଁ । ତେଣୁ ଉପନ୍ୟାସକୁ ଜୀବନର କଥାଭାବରେ ମୁଁ ଗ୍ରହଣ କରେ । ସେଥିରେ ବିଷାଦ ଏବଂ ଆନନ୍ଦ ଥିବ । ମଣିଷ ଜୀବନର କ୍ରିୟା ପ୍ରତିକ୍ରିୟା କଳାତ୍ମକ

Digitized by srujanika@gmail.com

ରୀତିରେ ବର୍ଣ୍ଣିତ ହୋଇଥିବ । ଆଜିପର୍ଯ୍ୟନ୍ତ ପୃଥିବୀରେ ଯେତେ ସାହିତ୍ୟ ଲେଖାଯାଇଛି ଧାରାବାହିକ ଭାବରେ ସବୁଗୁଡ଼ିକୁ ଟେଲିଭିଜନ୍‌ରେ ପ୍ରଚାର କରନ୍ତୁ, କିନ୍ତୁ ମୋ ମତରେ (କ୍ଷମା କରିବେ - ମୁଁ ଭୁଲ କହୁଥାଇପାରେ) ବ୍ୟାସଙ୍କର ମହାଭାରତ ସମତୁଲ୍ୟ କୌଣସି ସାହିତ୍ୟ ସୃଷ୍ଟି ହୋଇନାହିଁ, ଯାହା ସାରା ପୃଥିବୀର ଅଧିକାଂଶ ଲୋକଙ୍କଦ୍ୱାରା ଆଦୃତ ହୋଇଆସୁଛି । ମୋ ମତରେ (ପୁଣି ମୁଁ ଭୁଲ କହୁଥାଇପାରେ) ବ୍ୟାସଙ୍କ ପରି ଏପର୍ଯ୍ୟନ୍ତ କୌଣସି ଲେଖକ ଜନ୍ମ ହୋଇନାହାନ୍ତି,ଯେ କି ସାରା ପୃଥିବୀରେ ପ୍ରସିଦ୍ଧି ଲାଭ କରିଛନ୍ତି । କାହିଁକି ଆପଣମାନେ ମହାଭାରତର ଧାରାବାହିକକୁ ଅନ୍ୟକାମ ଛାଡ଼ି ଅଫିମ ଖାଇଲା ପରି ପାଗଳ ହୋଇ ଦେଖୁଥିଲେ ? ଆଜି କ'ଣ ମହାଭାରତ ଯୁଗର ସେକଥା ଅଛି ? ଆଜିର ସମାଜ କ'ଣ ମହାଭାରତ ଯୁଗର ସମାଜ । ଆଜିର ପୋଷାକ କ'ଣ ମହାଭାରତ ଯୁଗର ପୋଷାକ ? ଆଜିର ଭାଷା ଓ ଚଳଣୀ କ'ଣ ସେ ଅମଳର ନୁହେଁ । ତଥାପି କାହିଁକି ସମସ୍ତେ ଦେଖୁଥିଲେ । ସେ ସବୁ ହେଉଛି କ୍ଲାସିକ । କ୍ଲାସିକ ସାହିତ୍ୟରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ନଥାଏ । ଯଦି କାଳ ରହିଗଲା, ଦେଶ ରହିଗଲା, ପାତ୍ର ରହିଗଲା, ତେବେ ତାହା କ୍ଲାସିକ୍ ହେବ ନାହିଁ । କ୍ଲାସିକ୍‌ରେ ଦେଶ ରହିବ ନାହିଁ, କାଳ ରହିବ ନାହିଁ, ପାତ୍ର ରହିବ ନାହିଁ । ସେ ସବୁ ଯୁଗ ପାଇଁ, ସବୁ ଦେଶ ପାଇଁ, ସବୁ କାଳ ପାଇଁ, ସବୁ ପାତ୍ର ପାଇଁ ପ୍ରଯୁଜ୍ୟ । ଆଜି ମଧ ଧୃତରାଷ୍ଟ୍ରମାନେ ଅଛନ୍ତି । କେହି ତା ପୁଅ ପାଇଁ କହୁଛି । ଏ ଦେଶଟା ଭାସିଯାଉ ମୋ ପୁଅ ପ୍ରଧାନମନ୍ତ୍ରୀ ହେଉ । କେହି କହୁଛି ଏ ଦେଶଟା ଭାସିଯାଉ ମୋ ଝିଅ ହେଉ, କିମ୍ବା ଜ୍ୱାଇଁ ହେଉ । ଧୃତରାଷ୍ଟ୍ର ସେଇ ଚେତନାର ପ୍ରତିନିଧି । ଆଜି ଶକୁନି ଅନେକ ଅଛନ୍ତି କେବଳ ବ୍ୟାସଦେବଙ୍କର ଶକୁନି ନାହାନ୍ତି । ସେମାନେ ସବୁଦିନ ପାଇଁ ରହିବେ । ଆଜି ଭୀମ ଅଛନ୍ତି । ଆଜି ସମାଜରେ ଅନେକ ଦୁଷ୍ଟ ଲୋକ । ମାତ୍ର ଯୁଧିଷ୍ଠିରମାନେ ବ୍ୟତିକ୍ରମ । ବ୍ୟାସଦେବଙ୍କ ଯୁଗରେ, ଏ ଯୁଗରେ ସବୁ ଯୁଗରେ । ବ୍ୟାସ ଯୁଗରେ ମଧ ସମସ୍ତେ ଯୁଧିଷ୍ଠିର ନଥିଲେ । ତେଣୁ ଯୋଉ ଚରିତ୍ରଗୁଡ଼ିକ ବ୍ୟାସଦେବ ଫୁଟେଇଛନ୍ତି, ସେ ଚରିତ୍ର ଏବଂ ଘଟଣା ଯଦି କେବଳ ସେ କାଳର ହୋଇଥାନ୍ତା, ତେବେ ଆପଣମାନେ କେହି ଟେଲିଭିଜନ୍‌ରେ ଧାରାବାହିକ ଦେଖି ନଥାନ୍ତେ । ମୁଁ ଦିନେ ଚୋର ସାଜି ବ୍ୟାସଦେବଙ୍କର "ମହାଭାରତ" ଧାରାବାହିକ ଦେଖିଥିଲି । ବ୍ୟାଙ୍କର ପରୀକ୍ଷା ଥିଲା । ସେ ପରୀକ୍ଷାରେ ମୁଁ ସୁପରିଟେଣ୍ଡେଣ୍ଟର କାମ କରୁଥିଲି । ମୁଁ ପରୀକ୍ଷା ହଲ ଛାଡ଼ିକରି ଯିବାର ନୁହେଁ । ମୋର ସହକର୍ମୀଙ୍କୁ କହିଲି, କାହାକୁ କହିବନି, ତମେ ଜଗୁଥା, ମୁଁ ଟିକେ ହଷ୍ଟେଲ୍‌ର ପିଲାମାନଙ୍କ ପାଖରେ ବସି ଧାରାବାହିକଟା ଦେଖିଦିଏଁ । ତେଣୁ ଏ ନିଶା କାହିଁକି ? ମୁଁ ବ୍ୟାସ ଓ ସାରଳାଙ୍କ ମହାଭାରତ ପଢ଼ିଛି, ବିଷୟବସ୍ତୁ ଜାଣିଛି ତଥାପି ଏ ନିଶା କାହିଁକି ? ଏ ହେଉଛି ସାହିତ୍ୟ ।

Digitized by srujanika@gmail.com

ମୋ "ସପ୍ତସିନ୍ଧୁ" ରେ ଜଣେ ଋଷି ଅଛନ୍ତି - ଅଗସ୍ତ୍ୟ । ମୁଁ ପୁରାଣରେ ଅନେକ ଋଷିଙ୍କ ବିଷୟରେ ପଢ଼ିଲି । ଅଗସ୍ତ୍ୟ ହେଉଛନ୍ତି ଅନାମଧେୟ ଋଷି । ତାଙ୍କ ଭାଇ "ବଶିଷ୍ଠ" ହେଉଛନ୍ତି ସୁନାମଧନ୍ୟ ଋଷି । କିନ୍ତୁ ଏତେ ଋଷିଙ୍କୁ ନ ନେଇ ଅଗସ୍ତ୍ୟ ଋଷିଙ୍କୁ ନେଲି କାହିଁକି ? ଅତି ପୁରାତନଯୁଗରେ, ୪-୫ ହଜାର ବର୍ଷ ପୂର୍ବେ ଅଗସ୍ତ୍ୟ ଋଷି ଯାହା ଯାହା କହିଥିଲେ, ଯେଉଁ ଯେଉଁ ସମସ୍ୟାକୁ ନେଇ ସଂଗ୍ରାମ କରିଥିଲେ ଆଧୁନିକ ଯୁଗରେ ଗାନ୍ଧୀ ସେୟା କରିଗଲେ । ତାଙ୍କ ପରେ ଆଉ ଦ୍ୱିତୀୟ ଗାନ୍ଧୀ କେହି ବାହାରୁନାହାନ୍ତି । ଯେଉଁଠି ପ୍ରତିଦିନ ଧର୍ମ ନାମରେ ରକ୍ତପାତ ହେଉଛି, ସେ ରକ୍ତପାତ ବନ୍ଦ କରିବା ପାଇଁ ଆଉ କାହିଁ ଦ୍ୱିତୀୟ ଗାନ୍ଧୀ ତ ବାହାରୁ ନାହାନ୍ତି । ଯେଉଁ ସମସ୍ୟା ସମାଜରେ ରହିଛି ସେ ସମସ୍ୟାକୁ ସମାଧାନ କରିବା ପାଇଁ ଅଗସ୍ତ୍ୟ ଚେଷ୍ଟା କରିଥିଲେ । 'ବୁଦ୍ଧ' ଚେଷ୍ଟା କରିଥିଲେ, କୃଷ୍ଣ ଚେଷ୍ଟା କରିଥିଲେ । କେତେକ ସମସ୍ୟା ସମାଧାନ ହୋଇଛି ବିଭିନ୍ନ ସମସ୍ୟା ପୁଣି ଦେଖାଦେଇଛି । ତେଣୁ ସେ ସବୁ ଜିନିଷ ସବୁବେଳେ ଆଧୁନିକ । ମୁଁ ଯେତେବେଳେ ମୋ ଉପନ୍ୟାସ "ସପ୍ତସିନ୍ଧୁ" ପଢ଼େ ଅଗସ୍ତ୍ୟ ଚରିତ୍ର ପାଇଁ କାନ୍ଦେ ଏବଂ ହସେ । ଯଦି ଲେଖକ ନିଜ ଉପନ୍ୟାସ ପଢ଼ି ନ କାନ୍ଦିଛି ନ ହସିଛି ତାହେଲେ ସେଟା ଭଲ ଉପନ୍ୟାସ ନୁହେଁ । ମୋତେ କେତେକ ପଚାରିଥିଲେ ଯେ ଆପଣଙ୍କ ଘରନାଁ କାହିଁକି ଅଗସ୍ତ୍ୟ ଭବନ ଦେଇଛନ୍ତି । ଆପଣଙ୍କ ନାତୁଣୀ ନାଁ କାହିଁକି ଲୋପାମୁଦ୍ରା ଦେଇଛନ୍ତି ? ମୁଁ କେବଳ ସାହିତ୍ୟିକ ହେବା ପାଇଁ କିମ୍ବା ସାହିତ୍ୟ ଏକାଡେମୀର ପୁରସ୍କାର ପାଇବା ପାଇଁ ସପ୍ତସିନ୍ଧୁ ଉପନ୍ୟାସ ଲେଖିନଥିଲି । ମୋ ହୃଦୟ ଭିତରେ ଯାହା ଅନୁଭବ କଲି, ତାକୁ ଲେଖିଲି । ତେଣୁ ଅଗସ୍ତ୍ୟ ଋଷି ମୋ ସୃଷ୍ଟି ଚରିତ୍ର ନୁହଁନ୍ତି, ଅଗସ୍ତ୍ୟ ଋଷି ମୋର ନମସ୍ୟ ।

ମୁଁ ଜାଣେ ଯେ, ଓଡ଼ିଶା ବା କଳିଙ୍ଗ ବିଷୟରେ ଅନେକ ଲୋକ ଭାଷଣ ମାଧ୍ୟମରେ/ଲେଖା ମାଧ୍ୟମରେ ଅନେକ କଥା କହନ୍ତି । ଏଇ ଅଳ୍ପ କେତେ ଦିନ ପୂର୍ବରୁ ଭୁବନେଶ୍ୱରର ସୂଚନା ଭବନରେ ଏକ ସାହିତ୍ୟ ସଭା ହେଉଥିଲା । ଆମ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସେଥିରେ ପୁରୋଧା ଥିଲେ । ସେ କହୁଥିଲେ ସାହିତ୍ୟିକମାନେ କରୁଛନ୍ତି କ'ଣ ? ମୁଁ ପିଲାଦିନେ ଆନନ୍ଦ ମଠ ପଢ଼ିଥିଲି । ଜୀବନକୁ ଉତ୍ସର୍ଗ କରିବା ପାଇଁ ପ୍ରେରଣା ପାଇଥିଲି । ଆଜି ସେ କଥା ସାହିତ୍ୟରେ ଅଛି ? ଏଇ କଳିଙ୍ଗର ଲୋକମାନେ କ'ଣ ନ କରିଥିଲେ ? ଅଶୋକ ଏଇ କଳିଙ୍ଗରେ ହୃଦୟ ପରିବର୍ତ୍ତନ କରିଥିଲେ, ସାହିତ୍ୟରେ ଏ କଥା ଅଛି ? ଏଇ କଳିଙ୍ଗର ଲୋକମାନେ କିପରି ନୌବାଣିଜ୍ୟ କରୁଥିଲେ, ଧନୀ ହୋଇଥିଲେ, ଆଜି ସେଇ କଳିଙ୍ଗର ଲୋକମାନେ ଦରିଦ୍ର । ଆଜି ସେ ସବୁ ସାହିତ୍ୟରେ କାଇଁ ? ମୁଁ ସେଠି ଜଣେ ଦର୍ଶକ ଭାବରେ ବସିଥିଲି । ମୋ ହୃଦୟର ସମ୍ମାନ ସହିତ

Digitized by srujanika@gmail.com

ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକଙ୍କୁ କହୁଛି ଯେ - ଲେଖକ କାହାରିକି ବାଧ କରିବ ନାହିଁ ଯେ ତୁମେ ମୋ ଲେଖା ପଢ଼ ପଢ଼ ବୋଲି । ସେ ଯୋଉଁ ବିଷୟ କହୁଥିଲେ, ମୁଁ ସେଇ ବିଷୟ ଲେଖିସାରିଛି । କିନ୍ତୁ ସେ ଯଦି ତାହା ନ ପଢ଼ିବେ ମୁଁ ଆଉ କ'ଣ କରିବି ? ମୋ ମତରେ କଳିଙ୍ଗ କିମ୍ବା ଓଡ଼ିଶା ଗର୍ବ କରେ ଚଣ୍ଡାଶୋକକୁ ଧର୍ମାଶୋକ କଲା ବୋଲି । ହିରୋସୀମା ନାଗାସାକିରେ ଯୋଉ ଆଟମ୍ ବମ୍ ପକେଇ ବିଜୟୀ ହେଲେ ପ୍ରେସିଡେଣ୍ଟ, ତାଙ୍କରତ ପୁଣି ହୃଦୟ ପରିବର୍ତ୍ତନ ହେଲା ? ସମଗ୍ର ପୃଥିବୀର ଅଶୋକ ଜଣେ ବିଜୟୀ ହୋଇ ସୁଦ୍ଧା ଏଇଠି ସାରାଜୀବନ ପାଇଁ ଅସ୍ତ୍ର ପରିହାର କଲେ । ସେ କାହିଁକି ତାହା କଲେ ? ସେ ସଁବାଳୁଆଟା ପ୍ରଜାପତି ହେଲା କାହିଁକି ? ଇତିହାସ ଯାହା ବର୍ଣ୍ଣନା କରିଛି ତାହା ପୂରାପୂରି ସତ୍ୟ ନୁହେଁ । ମୁଁ ଇତିହାସ ପଢ଼ିଛି । ଇତିହାସ ଗବେଷଣା କରିଛି । ସେ ସଁବାଳୁଆଟା କି ପରିସ୍ଥିତିରେ ସଁବାଳୁଆ ହୋଇଥିଲା, କୁତ୍ସିତ ହୋଇଥିଲା । ତା ନାଁ ଚଣ୍ଡାଶୋକ ଥିଲା । ସେ କାହିଁକି ବଦଳିଗଲା । ମନୋବିଜ୍ଞାନ ସ୍ତରରେ ସେଗୁଡ଼ିକର ବିଶ୍ଳେଷଣ କରିଛି । ସେ କାହିଁକି କି ପରିସ୍ଥିତିରେ ଧର୍ମାଶୋକରେ ପରିଣତ ହୋଇଗଲା ତାକୁ ମଧ୍ୟ ବିଶ୍ଳେଷଣ କରିଛି ଏବଂ ଓଡ଼ିଶା ସମ୍ମୁଖ ଯୁଦ୍ଧରେ ଅଶୋକଙ୍କଦ୍ୱାରା ପରାଜିତ ହୋଇନାହିଁ ବୋଲି ମଧ୍ୟ ମୁଁ ସେଥିରେ ପ୍ରତିପାଦିତ କରିଛି । ତେଣୁ ଅଶୋକଙ୍କ ପ୍ରତି ମୁଁ ଅନ୍ୟାୟ କରିନାହିଁ ଏବଂ କଳିଙ୍ଗ ଗର୍ବ କରିବାର ଯେଉଁ ଯଥାର୍ଥତା ଅଛି ତାକୁ ମୁଁ ପ୍ରତିପାଦିତ କରିଛି ।

"ଖାରବେଳ" ଉପନ୍ୟାସ ଲେଖିଲାବେଳେ ମୋ ଭିତରେ କେମିତି ଏକ ବ୍ୟାକୁଳତା ସୃଷ୍ଟି ହୋଇଥିଲା । ଖାରବେଳଙ୍କ ପାଇଁ ପ୍ରକୃତରେ ଓଡ଼ିଶା ଗର୍ବ କରିବାର ବହୁତ କିଛି ଅଛି । କିନ୍ତୁ ଖାରବେଳ ଭାରତର ଇତିହାସରେ ନଗଣ୍ୟ । ଓଡ଼ିଶାର ଇତିହାସରେ ମଧ୍ୟ ଏତେ ପ୍ରସିଦ୍ଧ ନୁହେଁ । ବୋଧହୁଏ ଖାରବେଳ ଯଦି ବଙ୍ଗଳାର, ତାମିଲନାଡୁର କି କେରଳର ହୋଇଥାନ୍ତେ ତେବେ ଭାରତ ଇତିହାସରେ ସ୍ଥାନ ପାଇଥାନ୍ତେ । ଓଡ଼ିଶାରେ ହୋଇଥିବାରୁ ତାହା ସମ୍ଭବ ହେଲାନି । ଖାରବେଳ ବର୍ତ୍ତମାନର ଭାରତ, ବର୍ତ୍ତମାନ ପାକିସ୍ଥାନ, ଆଫଗାନିସ୍ଥାନ, ବଙ୍ଗଳା ଦେଶକୁ ଜୟ କରିଥିଲେ । ସେ ଜଣେ ଜୈନ୍ୟ ରାଜା ଥିଲେ । ହିଂସାର ପ୍ରତିରୋଧୀ ଥିଲେ । ତଥାପି ଜୟ କରୁଥିଲେ । ଯୋଉ ଜାଗାକୁ ଜୟ କରୁଥିଲେ, ସେ ଜାଗାକୁ ଛାଡ଼ି ଦେଉଥିଲେ । ସେ ଜାଗାଗୁଡ଼ିକୁ ଶାସନ କରିନାହାନ୍ତି କାହିଁକି ? ଏସବୁର ଉତ୍ତର ମୁଁ "ଖାରବେଳ" ଉପନ୍ୟାସରେ ବର୍ଣ୍ଣନା କରିଛି । ଯବନମାନେ (ପଠାଣ ନୁହନ୍ତି, ବିଦେଶୀମାନେ) ଯେତେବେଳେ ହିନ୍ଦୁକୁଶ ପାର ହୋଇ ପଞ୍ଜାବ, ସିନ୍ଧୁ, ଗୁଜୁରାଟ ଇତ୍ୟାଦି ଆକ୍ରମଣ କରି ସେଠାରେ ରାଜତ୍ୱ ବିସ୍ତାର

Digitized by srujanika@gmail.com

କରୁଥିଲେ । ସେମାନଙ୍କୁ ଆକ୍ରମଣ କରି ପରାସ୍ତ କରୁଥିଲେ । ମଗଧ କଳିଙ୍ଗ ଜୀନ ନେଇ ପାଟଳିପୁତ୍ରେ ରଖିଥିଲା । ସେ ହାତ ପାତି ମାଗିଲେ ଜୀନ ମୂର୍ତ୍ତି, ତଥାପି ମଗଧ ଦେଲା ନାହିଁ । ସେତେବେଳେ ସେ ଯୁଦ୍ଧ କଲେ, ଦୁଇଥର ଯୁଦ୍ଧ କରିବା ପାଇଁ ସେ ଯାଇଥିଲେ । ପ୍ରଥମ ଥର ସେ ଯେତେବେଳେ ଯୁଦ୍ଧ କଲେ ସେତେବେଳେ ମଥୁରାରୁ ଗ୍ରୀକ୍ ସମ୍ରାଟ (ସେତେବେଳେ ମଥୁରାରେ ଥିଲେ ଗ୍ରୀକ୍ ସମ୍ରାଟ୍) କହିଲେ ଆସ ହାତ ମିଳାଅ । ଆମେ ଉଭୟ ଆକ୍ରମଣ କରିବା । ବିଜୟ ଲାଭ କଲେ ତମେ ଅଧାନବ ମଗଧରୁ - ମୁଁ ଅଧାନେବି । ସେତେବେଳେ ସେ ମଗଧକୁ ଛାଡ଼ିଦେଇ ମଥୁରାକୁ ଆକ୍ରମଣ କଲେ ଏବଂ ତାଙ୍କୁ ପରାଜିତ କଲେ । ଖାରବେଳ ମାତ୍ର ପଇଁତିରିଶ/ଚାଳିଶ ବର୍ଷ ବୟସରେ ସିଂହାସନ ଛାଡ଼ିଦେଲେ । ସନ୍ୟାସୀ ହୋଇଗଲେ । ସେ ପୁଣି ପୂଜାରୀ ଥିଲେ ନୃତ୍ୟ, ଗୀତ, ନାଟର । ସମଗ୍ର ପୃଥିବୀରେ ଖ୍ରୀ.ପୂ. ୧ମ/୨ୟ ଶତାବ୍ଦୀରେ ସେ ପ୍ରତିଧ୍ୱନି ବିହୀନ ରଙ୍ଗମଞ୍ଚ ତିଆରି କରିଥିଲେ । ତାଙ୍କ ନୃତ୍ୟ, ଗୀତ, ସଙ୍ଗୀତ ଥିଲା ସର୍ବଜନ ଅଭିପ୍ରେତ । ଧର୍ମନିରପେକ୍ଷତା ଥିଲା ତାର ଭୂମି । ପରବର୍ତ୍ତୀ କାଳରେ ତାହା ଅଶୋକଙ୍କଦ୍ୱାରା ନିଷିଦ୍ଧ ହୋଇଥିଲା । ସମଗ୍ର ପୃଥିବୀ ସେତେବେଳେ ସେ ବିଷୟ ଚିନ୍ତା କରିନଥିଲା ।

ସେଇ ଖାରବେଳ ଆଜି ଅଜ୍ଞାତ । ତେଣୁ ମୁଁ ଭାବିଲି ଯଦି କଳିଙ୍ଗ ବିଷୟରେ ଓଡ଼ିଶା ବିଷୟରେ ଉପନ୍ୟାସ ମାଧ୍ୟମରେ କିଛି କୁହାଯାଏ, ତାହାହେଲେ ଲୋକମାନେ ଅଧିକ ଉଦ୍‌ବୁଦ୍ଧ ହେବେ । ମୁଁ ଯେତେବେଳ ସୁରେନ୍ଦ୍ର ମହାନ୍ତିଙ୍କ (ଏବେ ତାଙ୍କର ଦେହାନ୍ତ ହୋଇଗଲା) ପାଖକୁ ଗଲି, ସେ ମୋତେ କହିଲେ ଦେଖ ନୃସିଂହ ବାବୁ, " ମୁଁ ହେଉଛି ପଙ୍ଗୁ, ମୋତେ ଆଲିଙ୍ଗନ କର । ମୁଁ ତୁମକୁ ଅଭିନନ୍ଦନ କରୁଛି । କିନ୍ତୁ ମନେ ରଖିଥା, ମୁଁ ଲେଖିପାରିଲିନି ଖାରବେଳ । ଲେଖିବାକୁ ଚେଷ୍ଟା କରିଥିଲି, ମୁଁ ଖୁସି ଯେ ମୋ ଭାଇ ଲେଖିଲା । କିନ୍ତୁ ଇତିହାସର ଏକ ଚରିତ୍ର, ସାରଳା ଦାସଙ୍କ ସମୟରେ ରାଜା କପିଳେନ୍ଦ୍ର ଦେବଙ୍କ ବିଷୟରେ ଉପନ୍ୟାସଟିଏ ଲେଖନ୍ତୁ । ମୁଁ ଲେଖିପାରିବି କି ନାହିଁ କହିପାରୁନି । ଯଦି ଲେଖିପାରିବି ୰ମହାନ୍ତିଙ୍କ ଆଶୀର୍ବାଦ ମୋ ଉପରେ ରହିବ ଏବଂ ସେ ଆନନ୍ଦିତ ହେବେ । ତେଣୁ ଏଇ ଭୂମିରେ ଯେଉଁ ଇତିହାସକୁ ନେଇ ଆମର ଗର୍ବ କରିବାର କଥା, ଆମେ ଉଦ୍‌ବୁଦ୍ଧ ହେବା କଥା ପୁଣି ତାକୁ ନେଇ ଯଦି କ୍ଲାସିକ ଲେଖାଯାଏ, ଦେଶ, କାଳ, ପାତ୍ର, ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ପ୍ରୟୋଗ କରାଯାଏ, ମୁଁ ଭାବୁଛି ତାହା ଉତ୍ତମ ସାହିତ୍ୟ ହେବ । ମୁଁ ଲେଖିଛି । ଲେଖା ସରିଲା ପରେ ମନ୍ତବ୍ୟ ଦେବାରେ ଲେଖକର ଅଧିକାର ନାହିଁ । ପାଠକ ଓ ସମୀକ୍ଷକମାନେ ହିଁ ତାର ଉତ୍ତର ଦେବେ, ତେଣୁ ମତେ ଯେତେବେଳେ ଆପଣମାନେ ଡାକିଛନ୍ତି ନିଜ ସାହିତ୍ୟ ବିଷୟରେ କିଛି କହିବା ପାଇଁ,

Digitized by srujanika@gmail.com

କିଛି ପ୍ରୌଢ଼ି ପାଇଁ, କିଛି ଦମ୍ଭ କି ଗର୍ବ କରିବା ପାଇଁ କହୁନାହିଁ, କେବଳ ସୂଚନା ଦେଉଛି । ତ ଭଲ କି ମନ୍ଦ ଆପଣମାନେ କହିବେ ।"

"ଅଶାନ୍ତ ଅନଳ" ଅନ୍ୟ ଏକ ଫର୍ମରେ ଲେଖିଥିଲି । ରାଜନୀତିକ ଉପନ୍ୟାସ ହୋଇଥିବାରୁ ବହୁ ଆଗରୁ ଛପେଇବା ଅସମ୍ଭବ ହୋଇପଡ଼ିଲା । ସେ ପୁସ୍ତକକୁ କୌଣସି ପ୍ରକାଶକ ଏଠାରେ ପ୍ରକାଶ କରିବ ନାହିଁ । "ଅଶାନ୍ତ ଅନଳ" ଆପଣମାନେ ଏବର୍ଷ ଦେଖୁଛନ୍ତି ତାର ଗୋଟିଏ ସଂକ୍ଷିପ୍ତରୂପ ଆପଣମାନେ ଦେଖିଥିବେ ପ୍ରାୟ ପନ୍ଦର ବର୍ଷ ପୂର୍ବରୁ । କିନ୍ତୁ ସେତେବେଳେ ମଧ୍ୟ ପୂରା ଉପନ୍ୟାସଟିକୁ ମୁଁ ଲେଖିଥିଲି । ସେଥି ମଧ୍ୟରୁ କିଛି ମାତ୍ର ଅଂଶ ନେଇ ପ୍ରକାଶକ ପ୍ରକାଶ କରିଥିଲେ । ଏତେ ବର୍ଷ ଭିତରେ ତାହା ପ୍ରକାଶ କରିବାକୁ ତାଙ୍କର ସାହସ ହେଉନଥିଲା । ତେଣୁ ରାଜନୀତିକ ଉପନ୍ୟାସ ଯଦି ଆପଣ ଛଦ୍ମନାମରେ, ଛଦ୍ମବେଶରେ ଓ ଛଦ୍ମଭାବରେ ପ୍ରକାଶ କରିବେ, ତା ହେଲେ ହୁଏତ ପ୍ରକାଶିତ ହେବ । ଯଦି ଆପଣ ମୁଖାଟିକୁ ଖୋଲିଦେବେ, ତାହା ପ୍ରକାଶ ପାଇପାରିବ ନାହିଁ । ଆପଣମାନେ ସେ ଉପନ୍ୟାସଟିକୁ ଦୟାକରି ପଢ଼ିବେ, ନିଜର ମନ୍ତବ୍ୟ ଦେବେ । ସୁମନ୍ତବ୍ୟ ହୋଇପାରେ, କୁମନ୍ତବ୍ୟ ହୋଇପାରେ, ମୁଁ କିଛି ମନେ କରିବି ନାହିଁ ।

ଆଜି ଆମ ସାହିତ୍ୟରେ ଜୀବନଯନ୍ତ୍ରଣା, ଅସ୍ତିତ୍ୱବାଦ, ମାର୍କସ ଓ ଫ୍ରୟେଡ଼ୀୟ ଚେତନା ପରି ବହୁ ସୁଶ୍ରାବ୍ୟ ଶବ୍ଦ ଶୁଣୁଛି । ମାତ୍ର ମୁଁ ଏ ଶବ୍ଦର ଭାବକୁ ଭିନ୍ନ ଦୃଷ୍ଟିକୋଣରୁ ବିଚାର କରେ । ଜୀବନଯନ୍ତ୍ରଣାକୁ ସାହିତ୍ୟରେ ବର୍ଣ୍ଣନା କରିବା ହେଉଛି ଗୁରୁତ୍ୱପୂର୍ଣ୍ଣ କଥା । କିନ୍ତୁ ଯେଉଁ ବ୍ୟକ୍ତିଟି ସେକ୍ରେଟେରୀଏଟ୍ ଭିତରେ ଏୟାର କଣ୍ଡିସନ୍ ରୁମ୍‌ରେ ଥିବ, ସାଧାରଣ ଜନତାକୁ ଘୃଣା କରୁଥିବ, ଏପରିକି ଅଧ୍ୟାପକ ମାନେ ଗଲେ, ସମ୍ମାନ ଟିକେ ଦଉନଥିବେ, ତାର ମାସିକ ଦରମା ଆଠହଜାର ହୋଇଥିବ ଏବଂ ଅବୈଧାନିକ ଦରମା ବହୁତ ବେଶି ହୋଇଥିବ, ସେଇ ବ୍ୟକ୍ତିଟି କେବଳ ଘୁଷୁରି ପରି ଜୀବନ ବିତୋଉଥିବ ଏବଂ କେବଳ ଯଦି ଜୀବନଯନ୍ତ୍ରଣା କଥା ଲେଖୁଥିବ ତାହାହେଲେ ତାହା ପାଠକ ହୃଦୟକୁ ସ୍ପର୍ଶ କରିବ ନାହିଁ । ଯଦି ଆପଣ ଜୀବନ ଯନ୍ତ୍ରଣା କଥା ଲେଖୁଥିବେ, ପାଠକ ଆଖିରୁ ଠକ୍ ଠକ୍ ଲୁହ ନପଡ଼ିଲା ତାହାହେଲେ ଆପଣ ଜୀବନଯନ୍ତ୍ରଣାକୁ ଭଲ ଭାବରେ ପ୍ରକାଶ କରିପାରିନାହାନ୍ତି ।ଯଦି ଆପଣ ନାଟକଟିଏ ଲେଖିଛନ୍ତି, ତାକୁ ଦର୍ଶକ ଦେଖି ନ କାନ୍ଦିଲେ ସେଥିରେ ଜୀବନଯନ୍ତ୍ରଣା ନାହିଁ । ଖାଲି ସ୍ଲୋଗାନ୍‌ରେ ଜୀବନଯନ୍ତ୍ରଣା ହୁଏ ନାହିଁ । ଅନୁଭବରେ ହୁଏ । ଆମେ ଇଆଡ଼େ ଚିତ୍କାର କରୁଛେ ଆଧୁନିକ କବିତା ଦୁର୍ବୋଧ ହେଉଛି । କେହି ବୁଝିପାରୁନାହାନ୍ତି । ଜୀବନଯନ୍ତ୍ରଣାକୁ ବୁଝିବା କ'ଣ ଆବଶ୍ୟକ ? କେବଳ ଅନୁଭବ କରିବାର ଆବଶ୍ୟକତା ରହିଛି ।

Digitized by srujanika@gmail.com

ମୁଁ ପିଲାଥିଲି । ସେତେବେଳେ ପଞ୍ଚମଜର୍ଜଙ୍କର ଅଭିଷେକ ଉତ୍ସବ ହେଉଥିଲା । ପାତିଆଲା ରାଜା ସେଠିକି ଯାଇଥିଲେ । ସବୁ ରାଜା ମଧ୍ୟ ସାଙ୍ଗରେ ଭେଟିନେଇ ଯାଇଥିଲେ । ସେଠି ଯେତେବେଳେ ଯନ୍ତ୍ର ସଙ୍ଗୀତ ବାଜିଲା ପାତିଆଲା ରାଜା ତନ୍ମୟ ହୋଇ ଆନନ୍ଦ ଉପଭୋଗ କରୁଥିଲେ । ଯେତେବେଳେ କଣ୍ଠ ସଙ୍ଗୀତ ବୋଲାହେଲା ସେତେବେଳେ ମଧ୍ୟ ତାକୁ ଉପଭୋଗ କଲେ । ସେଠି ଜଣେ ଇଂରେଜୀ ଲୋକ ଥିଲେ । ସେ ଯାଙ୍କ ସେକ୍ରେଟାରୀକୁ ପଚାରିଲେ, ରାଜା ତ ଇଂରେଜୀ ଜାଣନ୍ତି ନାହିଁ । ଏଠି ଯୋଉଁ କଣ୍ଠସଙ୍ଗୀତ ବୋଲାଯାଉଛି ସେଥିରେ ରାଜା ତନ୍ମୟ ହେଉଛନ୍ତି କିପରି ? ପାତିଆଲା ରାଜା ତାଙ୍କ ସେକ୍ରେଟାରୀଙ୍କୁ କହିଲେ, ସାହେବଙ୍କୁ କହିଦିଅ କୋକିଳ ଯେତେବେଳେ ରାବକରେ, କୋକିଳର ଭାଷା ସାହେବ କ'ଣ ବୁଝିପାରନ୍ତି ? କିନ୍ତୁ ତା ରାବର ମଧୁରତା ସାହେବ ଉପଭୋଗ କରନ୍ତି କି ନାହିଁ ? ତେଣୁ ଆଧୁନିକ ଓଡ଼ିଆ ସାହିତ୍ୟରେ ଯଦି ଜୀବନଯନ୍ତ୍ରଣା ଅଛି ତାହାହେଲେ ତାକୁ ନିଶ୍ଚୟ ଅଙ୍ଗେ ଅଙ୍ଗେ ଉପଲବ୍ଧି କରିହେବ । ହଳିଆ ମୂଲିଆମାନେ କାମ କଲାବେଳେ ଯେଉଁ ଛନ୍ଦ ଗାଉଛନ୍ତି କୋଉ ଛନ୍ଦର ଅର୍ଥ ସେ ବୁଝୁଛନ୍ତି ? କିନ୍ତୁ କାହିଁକି ହଳ ଧରିଲାବେଳେ ଟାଇଁ ଟାଇଁ ଖରାରେ ସେମାନେ ଗୀତ ବୋଲୁଛନ୍ତି ସେଥିରୁ ସେ କ'ଣ ଆନନ୍ଦ ପାଉନାହାଁନ୍ତି ? ମୋ ମତରେ ଆନନ୍ଦ ପାଇବାକୁ ହେଲେ ଭାଷାର ଅର୍ଥ ବୁଝିବାର ଆବଶ୍ୟକତା ନଥାଏ । ସୁବୋଧତା, ଦୁର୍ବୋଧତାର ଯଥାର୍ଥତା ନଥାଏ । ଯେଉଁମାନେ ମନୁଷ୍ୟକୁ ଘୃଣା କରନ୍ତି, ମନୁଷ୍ୟର କଥା ଲେଖନ୍ତି ନାହିଁ ସେମାନଙ୍କ ସାହିତ୍ୟରୁ କିଛି ମିଳିବ ନାହିଁ ।

ମୁଁ ଦିନେ (ମୁଁ ରିକ୍‌ସାରେ ଯିବା ଆସିବା କରେ ଆଖି ଯୋଗୁଁ) ରିକ୍‌ସାରେ ଯାଉଥିଲି କଲେଜ୍‌କୁ । ରହେ ଶହୀଦ ନଗରରେ । ମୋ ରିକ୍‌ସାବାଲା ମତେ ପ୍ରତିଦିନ କଲେଜକୁ ନିଏ ଏବଂ ଆଣେ । ସେ ମୋର ଏକରକମ ସାଙ୍ଗ । ସେ କହୁଥିଲା ସାର୍ ସତ୍ୟନଗରର ଅମୁକ, ଅମୁକ ବେଶ୍ୟା ଘରକୁ ମୁଁ କାଲି ଯାଇଥିଲି । ଅନେକ ଗୁଡ଼େ ମଦପିଇ ଦେଇଥିଲି । ତେଣୁ ଆଜି ଠିକ୍ ସମୟରେ ଆସିପାରିଲି ନାହିଁ । ମୋ ପଛରେ ଜଣେ ଏମ୍.ଏଲ୍.ଏ. ବନ୍ଧୁ ଆସୁଥିଲେ ତାଙ୍କ ଗାଡ଼ିରେ । ସେଠି ସେ ରହିଲେ କୌଣସି ଭଦ୍ରବ୍ୟକ୍ତିଙ୍କ ସହିତ କଥାବାର୍ତ୍ତା କରିବା ପାଇଁ । ଆମ କଥାବାର୍ତ୍ତା ଶୁଣିଲେ । ଦିନେ ସେ ମତେ ପଚାରିଲେ ଆପଣ ଜଣେ ଡିନ୍ । ଏଡ଼େବଡ଼ ପ୍ରତିଷ୍ଠିତ ବ୍ୟକ୍ତି । ସେ ରିକ୍‌ସାବାଲା ସାଙ୍ଗରେ ବଡ଼ ଅଶ୍ଳୀଳ କଥାବାର୍ତ୍ତା କ'ଣ ହେଉଥିଲେ ? ପଛରେ ମୁଁ ଭାବିଲି ଅଶ୍ଳୀଳତା କେଉଁଠି ରହିଲା ?

'ରିକ୍‌ସାବାଲା' ଶୀର୍ଷକ ମୁଁ ଗୋଟିଏ ଗଳ୍ପ ଲେଖିଛି । ସେ ଗଳ୍ପଟି ମାଲାୟାଲମ୍ ଭାଷାରେ ଅନୂଦିତ ହୋଇଛି । ସେ ଗଳ୍ପଟି ହେଉଛି ଗୋଟିଏ ବେଶ୍ୟାର କାହାଣୀ । ତା'ର

Digitized by srujanika@gmail.com

ଏକ ମୁହୂର୍ତ୍ତର ଜୀବନଯନ୍ତ୍ରଣା । ମୋ ଜୀବନରେ ମୁଁ ବେଶ୍ୟା ଘରକୁ ଯାଇନାହିଁ, ମଦ ଖାଇନାହିଁ । କିନ୍ତୁ ମୋ ଜୀବନରେ ଯେତେ ଯାହା କରିଥିବି କେବଳ ତା ଅନୁଭବ କରିବି ଏବଂ ଅନ୍ୟ ଅନୁଭବକୁ ଉଧାର କରିବି ନାହିଁ, ତା କିପରି ହେବ ? ଯଦି ରିକ୍ସାବାଲା ବିଷୟରେ ଲେଖିବି, ଯଦି ସେ ଭିକାରୁଣୀ ବିଷୟରେ କିଛି ଲେଖିବି, ଯଦି ସେ କୁଷ୍ଠରୋଗୀ ବିଷୟରେ କିଛି ଲେଖିବି ତାହେଲେ ତା ଜୀବନ ସମ୍ବନ୍ଧରେ ତା ପାଖରୁ ମତେ କିଛି ଉଧାର କରିବାକୁ ପଡ଼ିବ । ମୁଁ ଯଦି ଏକ ନବତଳ ପ୍ରାସାଦରେ ଚାରିକାନ୍ଥ ତଳଉପର ଛାତ ଭିତରେ ରୁନ୍ଧି ହୋଇ ରହେ, ଆମେରିକାରେ ପିଏଚ.ଡି. କରିଛି ଏକ ବିଶ୍ୱବିଦ୍ୟାଳୟରେ ବଡ଼ ପ୍ରଶାସକ ହୋଇଛି ମୋଟା ଦରମା ପାଉଛି ବୋଲି ସାଧାରଣ ଲୋକଗୁଡ଼ା ମୋତେ ଯଦି ଗନ୍ଧାନ୍ତି, ତେବେ ସାଧାରଣ ଲୋକଙ୍କ ଉପରେ ଲେଖିବାର ମୋର ଅଧିକାର ନାହିଁ । ତେଣୁ ଆପଣ ଯେତେବେଳେ ବଡ଼ଲୋକ ହେବେ, ସେ ଆସନରେ ବସିବେ । ସେତେବେଳେ କଥା କୁହାଯାଉନି । କିନ୍ତୁ ଏମିତି ମୁହୁର୍ତ୍ତ ଆସିବ ଆପଣଙ୍କୁ ସାଧାରଣ ଲୋକଙ୍କ ସାଥିରେ ମିଶିବାକୁ ପଡ଼ିବ । ତାଙ୍କର ବନ୍ଧୁ ହେବାକୁ ପଡ଼ିବ । ତାହାହେଲେ ଯାଇଁ ଆପଣ ସେମାନଙ୍କଠୁଁ କିଛି ପାଇବେ । କିନ୍ତୁ ଯଦି ଅନୁଭୂତି ନଥିବ ତାହାହେଲେ ସେ ସାହିତ୍ୟମନକୁ ଛୁଇଁବନି । କେବଳ ଅଙ୍କକଷା ପରି ହେବ । କେବଳ ମନର କସରତ୍ ହେବ, ହୃଦୟର ହେବ ନାହି । ତେଣୁ କିଛି ଲେଖିବାକୁ ଗଲେ ଆପଣଙ୍କୁ ଅନ୍ୟମାନଙ୍କ ସହିତ ମିଶିବାକୁ ପଡ଼ିବ । ନିଜ ଅନୁଭୂତି ଏବଂ ସେମାନଙ୍କ ଅନୁଭୂତିକୁ ସଂଗ୍ରହ କରିବାକୁ ପଡ଼ିବ ।

ଆଜିକାଲି ଆମ ବଡ଼ ବଡ଼ ସାହିତ୍ୟିକ ଏବଂ ସମୀକ୍ଷକମାନଙ୍କୁ ଆଉ ଏକ ବିଚିତ୍ର ରୋଗ ଧରିଛି । ସବୁବେଳେ ଖାଲି କହୁଛନ୍ତି ସାହିତ୍ୟରେ ଆବସର୍ଡ଼ ଫ୍ରଷ୍ଟ୍ରେସନ୍ ଆଦି ବିଷୟ ଗୁଡ଼ିକ ରହିବା ଉଚିତ । ପ୍ରେମ, ଭଲପାଇବା ବିଷୟକୁ ଯଦି କେଉଁଠି ଦେଖୁଛନ୍ତି, ଏମାନଙ୍କର କ'ଣ ହୋଇଯାଉଛି । ଏମାନଙ୍କ ଭିତରେ ଅନେକ ଆଚରଣରେ ତାହାହିଁ କରୁଛନ୍ତି, କିନ୍ତୁ ଲେଖାରେ ରୋମାଣ୍ଟିସିଜିମ୍ ପ୍ରତି ନାକ ଟେକନ୍ତି କାହିଁକି ? ଆଜି ମୁଁ ବୃଦ୍ଧ ହୋଇଥିଲେ ସୁଦ୍ଧା, ତଥାପି ମୁଁ ଯଦି ମାୟାଧର ମାନସିଂହଙ୍କ କବିତା ପଢ଼ିବି -

" ଏହି ସହକାର ତଳେ, ସେଦିନ ପ୍ରିୟାର କର କଙ୍କଣ ବେଢ଼ିଥିଲା ମୋର ଗଳେ ।" ମୁଁ ପୁନର୍ଯୌବନ ପାଇବି, ତା'ର ଅର୍ଥ ଯାହା ହୋଇଥାଉନା କାହିଁକି ? ମୁଁ କିଛି ସମୟ ଆନନ୍ଦ ପାଇବି । କିନ୍ତୁ ଆଜି ମୁଁ ଯେଉଁ କବିତା ପଢୁଛି -

" ତା'ର ଅଧରରେ ହଳା ହଳ
ତାକୁ ମୁଁ ସ୍ପର୍ଶ କରିପାରିବି ନାହିଁ
ତାକୁ ମୁଁ ଚୁମ୍ବନ କରିପାରିବି ନାହିଁ ।"

Digitized by srujanika@gmail.com

ଏ କ୍ଳୀବତ୍ୱ କାହିଁକି ? ସତେ କ'ଣ କୌଣସି ପୁରୁଷ ଅନୁଭବ କରୁଛି ଯେ ନାରୀକୁ ଚୁମ୍ବନ ଦେଇପାରିବି ନାହିଁ ? ତେଣୁ ଏ ପ୍ରକାର ଦୋମୁହାଁ ନୀତି କାହିଁକି ? ଯଦି ମୁଁ ଅନୁଭବ କରୁଛି ଯେ ନାରୀର ସୌନ୍ଦର୍ଯ୍ୟ ଅଛି ଏବଂ ତାକୁ ମୁଁ ଅନୁଭବ କରିବା ପାଇଁ ମୋର ଅଛି ପ୍ରବୃତ୍ତି । ମୁଁ କହୁନାହିଁ ଯେ ଏ ସମାଜରେ ବିଶୃଙ୍ଖଳା ସୃଷ୍ଟି କରିବି, ଅନୈତିକତା ସୃଷ୍ଟି କରିବି । କିନ୍ତୁ ନୀତି ଭିତରେ, ମୋର ଯିଏ ପ୍ରଣୟିନୀ, ମୋର ଯିଏ ସହଧର୍ମିଣୀ, ତା'ର ଓଠରେ ହଳାହଳ ଅଛି ବୋଲି କାହିଁକି ମୁଁ ଚିନ୍ତା କରିବି ।

ଆମେ ସିନେମାରେ ପ୍ରଚାର କରୁଛେ - ନାନା ପ୍ରକାରର ବୀଭତ୍ସ ଦୃଶ୍ୟ, ନାନା ପ୍ରକାର ହତ୍ୟା, ଅମାନୁଷିକତା ଇତ୍ୟାଦି ଏବଂ ସାହିତ୍ୟରେ ଆମେ ଯଦି ସେଗୁଡ଼ାକ ପ୍ରଚାର କରିବା, ସାହିତ୍ୟରେ ଯଦି କହିବା ଯେ କେହି କାହାର ପ୍ରେମିକ କିମ୍ବା ପ୍ରେମିକା ନୁହଁନ୍ତି । ସମସ୍ତେ ସମସ୍ତଙ୍କୁ ଘୃଣା କରନ୍ତି, ସମସ୍ତେ ସମସ୍ତଙ୍କୁ ଠକିଦିଅନ୍ତି । ତାହା କେମିତି ହେବ ? ଏସବୁ ଆପଣମାନଙ୍କୁ ମୁଁ କହିଥିଲି ଯେ, ମୋର ବିଚାରଧାରା ପୃଥକ । ତାହା ଆଧୁନିକ କି ନୁହେଁ ଆପଣ କହିବେ । ମୋ ଉପନ୍ୟାସ ପଢ଼ି କେହି କେହି ପ୍ରଶଂସା କରିଛନ୍ତି । ମାତ୍ର ଜଣେ ଆଲୋଚିକା ମନ୍ତବ୍ୟ ଦେଇଛନ୍ତି ଯେ, ଏଥିରେ ବହୁତ ପର୍ଣ୍ଣୋ ବା ଅଶ୍ଳୀଳତା ଅଛି । ଅବଶ୍ୟ ସେକଥା କାହିଁକି କହିଲେ, ତାଙ୍କର ଅଧିକାର ଅଛି କି ନାହିଁ ତାହା ପଚାରିବାର ଅଧିକାର ମୋର ନାହିଁ । କିନ୍ତୁ ମୋ ମତରେ ସାହିତ୍ୟରେ ନଅଟା ରସରୁ ପ୍ରଥମ ରସ ଶୃଙ୍ଗାର । ଯେଉଁ କ୍ଷେତ୍ରରେ ଶୃଙ୍ଗାର ରସ ରହିବ, ରହିବାଟା ହେଉଛି ସହଜ ପ୍ରାକୃତିକ, ସେଠାରେ ଯଦି ଲେଖକ ଶୃଙ୍ଗାର ରସକୁ ବାଦଦେଉଛି, ତାହେଲେ ସେ ଠିକ୍ କରୁନାହିଁ । କିନ୍ତୁ ଏତେ ଟାଣି ଓଟାରି କରି ଗୁଡ଼ାଏ ଅଶ୍ଳୀଳତା ଭର୍ତ୍ତି କରିବା, ମନୁଷ୍ୟର ପାଶବିକତାକୁ ଉଦ୍ରେକ କରିବା, ମନୁଷ୍ୟ ଭିତରେ ଯେଉଁ ଦେବତ୍ୱ ମାନବିକତ୍ୱ ତା'କୁ ତଳେ ପକେଇବା, ତାହା ହିଁ ଅଶ୍ଳୀଳତା । ତେଣୁ ମୁଁ ପଚ୍ଛୁଛି, ଯୁବକଯୁବତୀମାନେ ମଧ୍ୟ ଚଣ୍ଡାଶୋକ, ଧର୍ମାଶୋକ ପଢ଼ିଛନ୍ତି, ତାଙ୍କ ଭିତରୁ ଅନେକ ତ ମୋତେ କହି ନାହାଁନ୍ତି ଯେ, ସେମାନଙ୍କର ଯାହା ହେଉଛି 'Basic element of life' ଆସୁରିକତା ଉଦ୍ରେକ ହୋଇଛି ବୋଲି; ସେଟା ଯଦି ଉଦ୍ରେକ ହୋଇଥିବ, ସେଟା ମୋର ଭୁଲ୍ ।

କିନ୍ତୁ କେତେକ କହନ୍ତି ଯେ ଆଧୁନିକ ସାହିତ୍ୟିକମାନେ ନିରାଶାବାଦ ଚିତ୍ରଚିତ୍ରଣ କରୁଛନ୍ତି, ମୁଁ ତା'ର ପକ୍ଷରେ ନୁହେଁ । ଭଞ୍ଜଙ୍କ ସମୟରେ ସାହିତ୍ୟ ଥିଲା । ଆଧୁନିକ ସାହିତ୍ୟ ଅଛି, ଭବିଷ୍ୟତ ସାହିତ୍ୟ ରହିବ । ତା'ର ଅଙ୍ଗ ପରିବର୍ତ୍ତନ ହୋଇଯିବ । ତା'ର ଆଙ୍ଗିକତାରେ କିଛି ବିଭିନ୍ନତା ଆସିବ । କିନ୍ତୁ ସାହିତ୍ୟ ରହିବ । ଭବିଷ୍ୟତରେ ମଧ୍ୟ ଓଡ଼ିଆ ସାହିତ୍ୟ ରହିବ । ତା'ର ଭବିଷ୍ୟତ ଉଜ୍ଜ୍ୱଳମୟ । କିନ୍ତୁ ଏତିକି ମାତ୍ର କହିବି ଯେ ଯଦି

Digitized by srujanika@gmail.com

ଯୁବକଯୁବତୀମାନେ ଭାବୁଥାନ୍ତି ଯେ ବିନା ସାଧନାରେ, ବିନା ତପସ୍ୟାରେ ଗୋଟିଏ ରାତ୍ରିରେ ବସି କାଗଜ ଖଣ୍ଡେ ଧରି କଣ ଲେଖିଦେଲେ, ତା'ଆରଦିନ ଲେଖକ ହୋଇଯିବେ ପ୍ରସିଦ୍ଧି ପାଇଯିବେ ତାହା ଭୁଲ୍ । ସମଗ୍ର ଜୀବନଟିକୁ ସାଧନାର କ୍ଷେତ୍ର କରିବାକୁ ପଡ଼ିବ । ତାହାହେଲେ ସାହିତ୍ୟ ହବ ଏବଂ ବିନା ଆଶା ଓ ଆସକ୍ତିରେ ଯଦି ସାଧନା କରିବ ତା'ହେଲେ ସୁଖୀ ହେବ, ଏବଂ ଭଲ ସାଧନା କରିପାରିବ । କେବଳ ଗୋଟେ ପୁରସ୍କାର କି ବାହାବା ମିଳିବ ଏ ଉଦ୍ଦେଶ୍ୟରେ ଯଦି କରିବ ତେବେ ସାଧନାରେ ବିଘ୍ନ ଆସିବ । ସାଧନାକୁ ସିଦ୍ଧି ବୋଲି କେବେ ଭାବନ୍ତୁ ନାହିଁ । ମନୁଷ୍ୟ ପ୍ରକୃତିକୁ, ସମାଜକୁ ଅନୁଧ୍ୟାନ କରନ୍ତୁ । ଯଦି ମନୁଷ୍ୟକୁ, ସମାଜକୁ ଏବଂ ପ୍ରକୃତିକୁ ଅନୁଧ୍ୟାନ ନକରନ୍ତି, ଅନୁଶୀଳନ. ବିଶ୍ଳେଷଣ ନକରନ୍ତି, ଖାଲିଗୁଡ଼ାଏ ଲେଖି ଚାଲନ୍ତି ତା' ହେଲେ ସେ ଲେଖାରେ ମୂଲ୍ୟ ରହିବ ନାହିଁ ।

ଯେପରି ଦର୍ପଣ ଆପଣଙ୍କର କିଶୋର ମୁହଁକୁ ପ୍ରତିଫଳନ କରେ, ସାହିତ୍ୟ ସମାଜରେ ଯାହା ଘଟୁଛି ତାକୁ ପ୍ରତିଫଳନ କରେ । ସାହିତ୍ୟିକ - ଲେଖକ ଜଣେ ଦ୍ରଷ୍ଟା । ଏଣୁ ଦିଗ୍‌ବଳୟର ଏପାଖରେ ଯାହା ଆପଣ ଦେଖୁଛନ୍ତି ତାକୁ ପ୍ରତିଫଳନ କରନ୍ତୁ, ଦିଗ୍‌ବଳୟର ଅପର ପାର୍ଶ୍ୱରେ ଯାହା ଦେଖୁଛନ୍ତି (ଯଦି ଦେଖିବା ଉଚିତ୍) ତାକୁ ମଧ୍ୟ ସାହିତ୍ୟରେ ଦିଅନ୍ତୁ । ଯୁବବନ୍ଧୁମାନେ ଜୀବନକୁ ଦେଖନ୍ତୁ - ସେମାନଙ୍କୁ ମୋର ଏତିକି ଅନୁରୋଧ ।

●●●

Digitized by srujanika@gmail.com

ମୋ' ଜୀବନ ମୋ' ସାହିତ୍ୟ

ଡ. ଭାବଗ୍ରାହୀ ମିଶ୍ର (୧୯୩୩)

ଯେଉଁ ସ୍ଥାନରେ ମଣିଷ ଜୀବନର କିଛି ଅଂଶ କଟେଇଥାଏ ସେ ସ୍ଥାନକୁ କେତେବେଳେ କେମିତି ଫେରିଆସିଲେ, ଯେଉଁ ଅନୁଭବ ଆସେ, ସେ ଅନୁଭବକୁ ବ୍ୟକ୍ତ କରିବା ସମ୍ଭବ ହୁଏ ନାହିଁ । ମୋର ଯାଯାବରି ଜୀବନରେ ଅନୁଗୋଳ ସେହିଭଳି ଏକ ସ୍ଥାନ, ଯେଉଁ ସ୍ଥାନରେ ମୁଁ ଦୀର୍ଘ ତିନି ବର୍ଷ ଅତିବାହିତ କରିଛି । ସେ ସ୍ଥାନ ପ୍ରତି ଏକ ସ୍ୱାଭାବିକ ଆନ୍ତରିକ ମୋହ ମମତା ରହିଛି । ଏଠି ଜୀବନକୁ ବଞ୍ଚେଇବାକୁ ଚେଷ୍ଟା କରାଯାଇଥିଲା । ଏଠି ମଧ୍ୟ ଜୀବନରେ ସଂଗ୍ରାମ କରିବାର ପ୍ରେରଣା ମିଳିଥିଲା । ମୋ ମନେ ପଡୁଛି - ଏହି ମହାବିଦ୍ୟାଳୟରେ ସେ ସମୟରେ (ପ୍ରାୟ ବାଇଶି ବର୍ଷ ତଳେ) ଯେଉଁ ସହକର୍ମୀମାନେ ଥିଲୁ, ବହୁ ପ୍ରକାର ଆବେଗ, ଆନନ୍ଦ, ହତାଶା ଆମକୁ ଘେରି ରହିଥିଲା । ବାଇଶି ବର୍ଷ ପରେ ମହାବିଦ୍ୟାଳୟକୁ ଆସିଲା ପରେ ମୋ ଭିତରେ କେତେକ ସ୍ୱାଭାବିକ ସ୍ମୃତି ଓ ଅନୁଭୂତି ଜାଗ୍ରତ ହେଉଛି । କିନ୍ତୁ ଏ ଦୀର୍ଘଦିନ ଭିତରେ ବିଶେଷ କୌଣସି ପରିବର୍ତ୍ତନ ମୁଁ ଲକ୍ଷ୍ୟ କରୁନାହିଁ । ପରିବର୍ତ୍ତନକୁ ଚାହିଁବା ଏବଂ ପରିବର୍ତ୍ତନ ଆପଣାଛାଏଁ ଆସିବା, ଏହା ଭିତରେ ବହୁତ ପ୍ରଭେଦ । ଆମେ ସେତେବେଳେ ଯେଉଁମାନେ ଜୀବିକା ପାଇଁ ଏଠି ଥିଲୁ, ଅଧ୍ୟାପନା କରୁଥିଲୁ । ଆମମାନଙ୍କର ଏ ଅନୁଗୁଳ ସହ ଏକ ଆତ୍ମିକ ସମ୍ପର୍କ ଗଢ଼ିଉଠିଥିଲା ।

ସେ କାଳର ସହର ଏବଂ ତାର ପାରିପାର୍ଶ୍ୱିକ ଗ୍ରାମ ଏକ ରାଜନୈତିକ ଆଦର୍ଶର ପ୍ରାଣକେନ୍ଦ୍ର ଥିଲା । ଯେତେବେଳେ ମୁଁ ରାଜନୈତିକ ଆଦର୍ଶ କଥା କହୁଛି, ମୁଁ କୌଣସି ରାଜନୈତିକ ଦଳକଥା କହୁନାହିଁ, ବ୍ୟକ୍ତି ବିଶେଷଙ୍କ କଥା କହୁନାହିଁ । ସେ କାଳରେ ଆମର ମନେ ହେଉଥିଲା ଯେ, ଭାରତବର୍ଷରେ ଏକ ପରିବର୍ତ୍ତନ ଘଟିବ ଏବଂ ସେ ପରିବର୍ତ୍ତନ ବୋଧହୁଏ ଆମ ଜୀବନକାଳ ମଧ୍ୟରେ ଆସିବ । ଆମେ ଦେଖିବୁ - ଏ ମହାବିଦ୍ୟାଳୟ, ସମାଜ ଜୀବନ ଅଧ୍ୟାପକ ଅଧ୍ୟାପିକା ଜୀବନ, ସବୁଥିରେ ରୂପାନ୍ତର ଆସିବ ସବୁ କିଛି ପରିବର୍ତ୍ତିତ ହୋଇଯିବ । ସବୁକିଛି ନୂଆ ଆସିବ । ଗୋଟେ ସ୍ୱପ୍ନ ଆମକୁ ଆବୋରି

Digitized by srujanika@gmail.com

ବସିଥିଲା । ସେ ସ୍ୱପ୍ନ ସବୁବେଳେ ସଫଳ ହୁଏ ନାହିଁ । ସେ ସ୍ୱପ୍ନ ସବୁବେଳେ ସତ୍ୟ ହୁଏ ନାହିଁ । କିନ୍ତୁ ମଣିଷ ବଞ୍ଚି ରହେ ସେହି ସ୍ୱପ୍ନ ନେଇ । ଯଦି ମଣିଷର ସ୍ୱପ୍ନ ନଥାନ୍ତା, ମଣିଷ ଯଦି ଚିନ୍ତା କରୁ ନଥାନ୍ତା, ନୂଆ କଥା କିଛି ପାଇବା ପାଇଁ, ନୂଆ ଭାବରେ ଦେଖିବା ପାଇଁ, ନୂଆ ଭାବରେ ଅନୁଭବ କରିବା ପାଇଁ ଯଦି ତା ଭିତରେ କୌଣସି ବେଦନାବୋଧ ନଥାନ୍ତା, ତା ହେଲେ ସେ ମଣିଷ ବୋଧେ ମଣିଷ ଭଳି ବଞ୍ଚିପାରନ୍ତା ନାହିଁ ଏବଂ ମଣିଷ ଭଳି, ମଣିଷ ଭାବରେ ବଞ୍ଚି ନପାରିଲେ, ସମାଜ ଜୀବନରେ କୌଣସି ପରିବର୍ତ୍ତନ ଆସିବ ନାହିଁ ।

"ମୋ ଜୀବନ ମୋ ସାହିତ୍ୟ" ଏହି ଶୀର୍ଷକ ଉପରେ କହିବା ପାଇଁ ବନ୍ଧୁମାନେ ଅନୁରୋଧ କରିଥିଲେ । ଅନୁଗୁଳ ମୋ ଜୀବନର ଏକ ଅଂଶ । ଯେଉଁଭଳି ମୁଁ ଜୀବନରେ ବହୁ ଜାଗାରେ ବାସ କରିଛି । କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ପ୍ରତି ମୋର ଆସକ୍ତି ନାହିଁ । କିନ୍ତୁ ଜୀବନକାଳ ଭିତରେ ଯେଉଁ ଅଞ୍ଚଳମାନଙ୍କରେ ବାସ କରିଛି - ସେ ଅଞ୍ଚଳ ପ୍ରତି ମୋ ମନରେ ଆସକ୍ତି ରହିଛି । ସେ ପରିଚୟକୁ ମୁଁ ମୋ ଜୀବନରେ ଅସ୍ୱୀକାର କରିପାରିନାହିଁ । ଜୀବନରେ ନାନା ବାଧା ଆସେ । ପ୍ରତିବନ୍ଧକ ଆସେ । ଆନନ୍ଦିତ ହେବାର, ଅଶ୍ରୁ ମୋଚନର ଅବକାଶ ଆସେ । ଯେ କୌଣସି ସାଧାରଣ ମଣିଷ ଜୀବନ ଯାହା ମୋ ଜୀବନ ତାହା । ମୁଁ ଜୀବନରେ ଅନେକ ସ୍ୱପ୍ନ ଦେଖିଛି । ଅନେକ ହତାଶ ହୋଇଛି, ବିଷାଦବାଦୀ ହୋଇପଡ଼ିଛି । ଆନ୍ଦୋଳନ କରିଛି, ସଂଗ୍ରାମ କରିଛି । କାହିଁ ? ମୋ ଜୀବନର କୌଣସି ନିର୍ଦ୍ଦିଷ୍ଟ ବିଶେଷତ୍ୱ ଥିଲା ଭଳି ମୋର ମନେହୁଏ ନାହିଁ । ବୋଧହୁଏ ମୋ ବିଷୟରେ ମୋତେ ଆଲୋଚନା କରିବା ପାଇଁ ଯେଉଁ ସୁଯୋଗ ଆପଣମାନେ ଦେଇଛନ୍ତି - ସେଇଥିପାଇଁ ମୁଁ ମତେ ବିଚାର କରିବାକୁ ଚେଷ୍ଟା କରୁଛି । କିନ୍ତୁ ମୁଁ ନିଜକୁ ବିଚାର କରିପାରେ ନାହିଁ, ମୁଁ ଭୁଲ୍ କରିଥାଇପାରେ । ମୁଁ ଠିକ୍ କରିଥାଇପାରେ । ଏପରିକି ଅତି ବ୍ୟକ୍ତିଗତ, ପାରିବାରିକ ବେଷ୍ଟନୀ ଭିତରେ ମଧ୍ୟ ମୁଁ ଦେଖିଛି ଯେ, ମୋ ବିଚାରଧାରା ମୋର କନ୍ୟାମାନଙ୍କ ବିଚାରଧାରାଠାରୁ ପୃଥକ୍, ମୋର ବିଚାରଧାରା ମୋର ସ୍ତ୍ରୀ, ସହକର୍ମୀ ଓ ଛାତ୍ରମାନଙ୍କଠାରୁ ପୃଥକ୍ । ତେଣୁ ମୁଁ ଜୀବନରେ ମୋର ବିଚାରଧାରାକୁ, ଚିନ୍ତାଧାରାକୁ, ମୁଁ ତ୍ୱକୁ, ମୋର ସ୍ୱପ୍ନ କାହା ଉପରେ ଚାପିଦେବାକୁ ଚେଷ୍ଟା କରିନାହିଁ । ଏବେ ମଧ୍ୟ କରିବାକୁ ପ୍ରସ୍ତୁତ ନୁହେଁ । ଯଦିଚ ଘଟଣାଚକ୍ରରେ କିଛିଦିନ ଅଧ୍ୟାପନା କରିବାକୁ ପଡ଼ିଛି । ଓଡ଼ିଶାରେ ପାଞ୍ଚବର୍ଷ, ଯୁକ୍ତରାଷ୍ଟ୍ର ଅମେରିକାରେ ଛଅବର୍ଷ, ସମ୍ବଲପୁରରେ ତିନି ମାସ, ରାଉରକେଲାରେ ଦୁଇବର୍ଷ, ସର୍ବମୋଟ ପାଞ୍ଚ, ଦଶ ବର୍ଷ ବିଭିନ୍ନ ବିଷୟରେ ଅଧ୍ୟାପନା କରିବାର ଅଭିଜ୍ଞତା ମୁଁ ଅର୍ଜ୍ଜନ କରିଛି । ମୁଁ ସାହିତ୍ୟ, ମାନବ ବିଜ୍ଞାନ, ଗୃହ ବିଜ୍ଞାନ ଏବଂ ଶ୍ରମ ବିଜ୍ଞାନ ସମ୍ପର୍କରେ ମଧ୍ୟ ଅଧ୍ୟାପନା କରିଛି । ଗବେଷଣା କ୍ଷେତ୍ରରେ ବହୁ ବିଭିନ୍ନ ବିଷୟରେ ଅନୁଧ୍ୟାନ କରିଛି ।

Digitized by srujanika@gmail.com

ଏସବୁ ମୋ ଜୀବନକୁ କ୍ଷତ ବିକ୍ଷତ କରିନାହିଁ, ଏସବୁ ମୋର ଜୀବନକୁ ବରଂ ସମୃଦ୍ଧ କରିଛି । ଜୀବିକାକୁ ହୁଏ ତ କ୍ଷତବିକ୍ଷତ କରିଦେଇଛି ।

ମୁଁ ସାହିତ୍ୟ ଲେଖିବା ପାଇଁ ଲେଖେ ନାହିଁ । ସାହିତ୍ୟ ଲେଖିବା ପାଇଁ ବରାଦ ଆସିଲେ ଲେଖେନାହିଁ । ଏକଦା ଲେଖୁଥିଲି, ମୁଁ ଜଣେ ଅଧ୍ୟାପକ ଥିଲି । ଓଡ଼ିଆ ସାହିତ୍ୟର ଅଧ୍ୟାପକ । ଓଡ଼ିଆ ସାହିତ୍ୟରେ ଅଧ୍ୟାପକମାନଙ୍କର, ପୁସ୍ତକର, ପ୍ରାବନ୍ଧିକମାନଙ୍କର ଅଭାବ । ଏସବୁ ଅଭାବକୁ ଲକ୍ଷ୍ୟ କରି କିଛି ଦିନ ଆଲୋଚନା, ଲେଖାଲେଖି କରୁଥିଲି । କିନ୍ତୁ ପରବର୍ତ୍ତୀ କାଳରେ କେମିତି କେଜାଣି କୌଣସି ଏକ ନିର୍ଦ୍ଦିଷ୍ଟ ମାର୍ଗ, କୌଣସି ନିର୍ଦ୍ଦିଷ୍ଟ ଦର୍ଶନ, କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟ ମୋତେ ଆନନ୍ଦ ଦେଇପାରିଲା ନାହିଁ । ତେଣୁ ମୂଳରୁ କହିଛି - ମୋର ଜୀବନ ଏକ ଯାଯାବରିର ଜୀବନ । କୌଣସି ନିର୍ଦ୍ଦିଷ୍ଟ ସୀମା ସରହଦ ଭିତରେ, କୌଣସି ନିର୍ଦ୍ଦିଷ୍ଟ ଭାଷାର ଗଣ୍ଡି ଭିତରେ, କୌଣସି ନିର୍ଦ୍ଦିଷ୍ଟ ସଂସ୍କୃତିର ପରିଧି ଭିତରେ ମୁଁ ନିଜକୁ ବାନ୍ଧି ପାରିନାହିଁ । ତେଣୁ ଘଟଣାଚକ୍ରରେ ମୋ ଜୀବନ ଯେଉଁଭଳି ଭାବେ ଗତି କରିଛି, ସେଇ ଜୀବନଧାରାରେ ଯେତେବେଳେ ଯାହା ଅନୁଭବ କରିଛି, ଯେତେବେଳେ ଯାହା ସ୍ୱପ୍ନ ଦେଖିଛି, ତାକୁ ହିଁ ରୂପାୟିତ କରିବାକୁ ଚେଷ୍ଟା କରିଛି ମୋର ଲେଖନୀ ଜରିଆରେ । ସେ ଗଳ୍ପ ହେଉ, ସାହିତ୍ୟିକ ପ୍ରବନ୍ଧ, ରମ୍ୟ ରଚନା ବା ସମାଜର ଆଲୋଚନା ହେଉ, ମୁଁ ଭାବୁଛି ମୋର ଜୀବନ ଯେଉଁଭଳି ରସମିଶ୍ରିତ, ମୋର ସାହିତ୍ୟ ମଧ୍ୟ ସେହିଭଳି ରସସିକ୍ତ । ଏଠି ଆପଣ ସବୁ ରସ ପାଇବେ । ଜୀବନରେ ଯେଭଳି କରୁଣ ରସ, ଶୃଙ୍ଗାର, ଭୟାନକ ରସ ପାଇବେ, ସେମିତି ରୌଦ୍ର, ବୀଭତ୍ସ ରସ ପାଇବେ । ସାହିତ୍ୟରେ ମଧ୍ୟ ଆପଣ ଦେଖିବେ କେତେବେଳେ ମୋ ଲେଖନୀ ଭିତରେ ଲୋକେ ଆଘାତ ପାଇଛନ୍ତି, ଲୋକେ ସହୃଦୟତା ପାଇଛନ୍ତି । ମୋଟାମୋଟି କହିଲେ ମୋତେ ଯେଉଁ ମୁହୂର୍ତ୍ତରେ ଯେଉଁ କଥାଟି ଭଲଲାଗେ ସେହି ମୁହୂର୍ତ୍ତରେ ସେହି କଥାଟି ମୁଁ କରେ । ସେହି ମୁହୂର୍ତ୍ତରେ ଯୋଉ ଭାବଟି ଆସେ, ମୁଁ ତାହା ଲିପିବଦ୍ଧ କରେ । ଘଟଣାଚକ୍ରରେ ପରବର୍ତ୍ତୀ କାଳରେ ମୁଁ କ'ଣ କରିଥିଲି, କ'ଣ ଲେଖିଥିଲି, ତାର ହିସାବ ମୁଁ ରଖିନାହିଁ, ହିସାବ ରଖିବାକୁ ଚେଷ୍ଟା କରିନାହିଁ । ବନ୍ଧୁ ଯେତେବେଳେ ମୋତେ କହିଲେ ଯେ ଆପଣ କ'ଣ କ'ଣ ଲେଖିଛନ୍ତି ତାର ଗୋଟେ ତାଲିକା ଆମେ ପ୍ରକାଶ କରିବୁ । ମୁଁ କହିଲି - ମୁଁ ତ ନିଜେ ତାର ତାଲିକା ରଖିନାହିଁ । ମୋତେ ପଚାରିଲେ - ମୋ ମୁହଁରେ ଯାହା ମନେପଡ଼ିବ ତାହା କହିଯିବି । ତାର ଏକମାତ୍ର କାରଣ ହେଉଛି ମୁଁ ବୋଧହୁଏ ଗୋଟିଏ ବ୍ୟତିକ୍ରମ ବା ଅନ୍ୟଭାଷାରେ କହିଲେ ମୁଁ ଗୋଟେ ପାଗଳ । ଜଣେ ପାଗଳ ନ ହେଲେ ବୋଧହୁଏ ଜଣେ ବାରମ୍ବାର ଜୀବନରେ ପରିବର୍ତ୍ତନ ଚାହିଁବ ନାହିଁ । ବାରମ୍ବାର ଜୀବିକା ପରିବର୍ତ୍ତନ କରିବ ନାହିଁ ।

Digitized by srujanika@gmail.com

ମୋର ମନେ ହେଉଛି - ଯେହେତୁ ଆପଣ ମୋତେ ସାହିତ୍ୟ ବିଷୟରେ କହିବା ଲାଗି କହିଛନ୍ତି - ମୁଁ ଖାଲି ସୂଚନା ଦେବାକୁ ଚାହୁଁଛି, ଭାରତବର୍ଷରେ ୧୯୭୫ ମସିହାରେ ଆପଦକାଳୀନ ଅବସ୍ଥା ସୃଷ୍ଟି ହେଲା, ଇଂରେଜୀରେ ଯାହାକୁ କୁହାଯାଉଛି ଇମରଜେନ୍ସି । ମୋ ଜୀବନରେ ବୋଧେ ସବୁଠାରୁ ବଡ଼ଦୁଃଖ ଯେ ଭାରତବର୍ଷ ପରି ସବୁଠାରୁ ଐତିହ୍ୟସମ୍ପନ୍ନ-ଯାର ସଂସ୍କୃତି ସବୁଠାରୁ ପ୍ରାଚୀନ, ସେହିଭଳି ଏକ ଦେଶକୁ ସମ୍ଭାଳିବା ପାଇଁ ଏହିଭଳି ଏକ ଦାରୁଣ ବ୍ୟବସ୍ଥା ପ୍ରଚଳନ କରାଗଲା । ତା ବିରୋଧରେ ମୁଁ ପ୍ରତିବାଦ କଲି । କେବଳ ମୁଁ ପ୍ରତିବାଦ କଲିନାହିଁ, ସେହି ପ୍ରକ୍ରିୟାରେ ଦେଢ଼ବର୍ଷରୁ ଉର୍ଦ୍ଧ୍ୱ କାଳ ଶଯ୍ୟାଶାୟୀ ହୋଇରହିଲି । ବୋଧହୁଏ ସେ ଦୁଃଖ ମୋତେ ଏଭଳି ଭାବରେ ଯଦି ବ୍ୟଥିତ କରିନଥାନ୍ତା, ମୁଁ ବୋଧହୁଏ ଏତେ ଲେଖି ପାରିନଥାନ୍ତି । ମୁଁ ସେହି ଦେଢ଼ବର୍ଷ ଶଯ୍ୟାଶାୟୀ ଅବସ୍ଥାରେ ଯାହା କିଛି (ଦିନକୁ କେବଳ ୪ଟି ୫ଟି ବଟିକା ଖାଇ) ସ୍ତୂପୀକୃତ କାଗଜ କଲମରେ ଲେଖିଛି । କଣ ରହିଛି କଣ ଫୋପାଡ଼ିଛି, କ'ଣ ଚୋରି ହୋଇଛି, ପୋଡ଼ା ହୋଇଛି ଆଉ କେତେ ଛପା ହୋଇଛି ମୁଁ କହିପାରିବି ନାହିଁ । ମୋତେ ଯଦି ପଚରାଯାଏ - ମୋ ଜୀବନକାଳ ଭିତରେ ଯଦି କିଛି ଲେଖିଥାଏ, ଆପଣାକୁ କିଛି କିଛି ବ୍ୟକ୍ତ କରିଥାଏ, (ଅବଶ୍ୟ ମୁଁ କଣ ଲେଖିଛି କହିପାରିବିନି) ତେବେ ସେଭଳି ଏକ ଦୁଃଖ ଜନକ ଘଟଣା ମୋ ଜୀବନରେ ଘଟି ନଥିଲେ - ମୁଁ ଏଭଳି ଭାବଧାରାକୁ ପ୍ରକାଶ କରିପାରି ନଥାନ୍ତି । ତେଣୁ ଜୀବନରେ ଯେଉଁମାନେ ସବୁଠାରୁ ଦୁଃଖୀ, ଜୀବନରେ ଯେଉଁମାନଙ୍କର କରୁଣ ରସର ପ୍ରବାହ, ଜୀବନରେ ଯେଉଁମାନଙ୍କର ସବୁବେଳେ ପରିବର୍ତ୍ତନ ଆସିଛି - ବୋଧ ହୁଏ ଅନ୍ୟ କୌଣସି ମାର୍ଗ ସେମାନଙ୍କୁ ସନ୍ତୁଷ୍ଟ କରିପାରେ ନାହିଁ । ତାଙ୍କ ଜୀବନକୁ ଯାହା ସନ୍ତୁଷ୍ଟ କରିବାରେ ସାହାଯ୍ୟ କରେ, ତାହା କେବଳ ସାହିତ୍ୟ ।

ମୋର ମନେ ହେଉଛି ଆପଦକାଳୀନ ଅବସ୍ଥାରେ ହଠାତ୍ ମହତାବ ବାବୁ ମତେ ଡକେଇ ପଠେଇଲେ । କହିଲେ - ଦେଶରେ ଏଭଳି ଏକ ଅବସ୍ଥା ଆସି ପହଞ୍ଚିଗଲା, ଆମେ କ'ଣ କରିବା । ମୁଁ ତାଙ୍କୁ ଗୋଟିଏ ପଦରେ ଉତ୍ତର ଦେଇଥିଲି - ଆପଣ କିଛି କରିପାରିବେ ନାହିଁ । ମୁଁ କିଛି କରିପାରିବି ନାହିଁ । ଏ ସମସ୍ତ ଆମ ଶକ୍ତିର ବହିର୍ଭୂତ । ଆମେ ସଂଗ୍ରାମ କଲେ ଶହୀଦ ହେବା । କିନ୍ତୁ ଏ ସମାଜର କୌଣସି ପରିବର୍ତ୍ତନ ଘଟିବ ନାହିଁ । ସେ ଯେମିତି ଚାଲୁଥିଲା ସେମିତ ଚାଲିବ । କିଛି ସମୟ ନୀରବ ରହି ସେ ପୁଣି ପଚାରିଲେ - କଣ କରିବା ତେବେ ? ମୁଁ କହିଲି - ଆମେ "ସାହିତ୍ୟ କରିବା" ଲେଖିବା, ଆମର ଭାବକୁ ବ୍ୟକ୍ତ କରିବା । ମହତାବ କହିଲେ - ଠିକ୍ କହିଛନ୍ତି ସାହିତ୍ୟ କରିବା । ମହତାବ ବାବୁ ଗିରଫ ହେଲେ, ବନ୍ଦୀଶାଳାରେ ରହିଲେ ପ୍ରଖ୍ୟାତ ସର୍ବୋଦୟ ନେତା

Digitized by srujanika@gmail.com

ନବବାବୁ, ନେତ୍ରୀ ମାଳତୀ ଦେବୀ ଏମାନେ ବନ୍ଦୀଶାଳାରେ ରହିଲେ । ପରେ ବନ୍ଦୀଶାଳାରୁ ସମସ୍ତେ ଫେରିଆସିଲେ । ଆମେ ଏକାଠି ହେଲୁ । ମୋର ମନେ ପଡୁଛି ସେ ଦୃଶ୍ୟ - ମୋର ଗୋଟିଏ କାନ୍ଧରେ ନବବାବୁଙ୍କ ହାତ ଓ ଆଉ ଗୋଟାଏ କାନ୍ଧରେ ମାଳତୀ ଦେବୀଙ୍କ ହାତ । ଚାଲିପାରୁ ନଥାନ୍ତି ସେମାନେ । ସେମାନଙ୍କୁ ଧରି ଧରି ଭିତରକୁ ନେଲି । ସେଦିନ ମହତାବ ବାବୁଙ୍କ ସହିତ ପାଞ୍ଚ, ସାତ ମିନିଟ୍‌ର କଥାବାର୍ତ୍ତା । ସେଦିନ ପ୍ରଶ୍ନ କଲି - ଆପଣଙ୍କର ଜେଲ୍‌ରେ ଜୀବନ କିପରି କଟିଲା ? ସେ କହିଲେ ଉପନ୍ୟାସ ଲେଖିଲି । ପଢ଼ାପଢ଼ି କଲି । ଭଲରେ କଟିଲା ।

ମୋର ମନେହୁଏ ପ୍ରତ୍ୟେକ ବ୍ୟକ୍ତିର ଜୀବନ, ଏକ ନିର୍ଦ୍ଦିଷ୍ଟ ସାହିତ୍ୟ, ଚରିତ୍ର, ସମାଜ ଜୀବନଦ୍ୱାରା ହୁଏତ କିଛି ମାତ୍ରାରେ ପ୍ରଭାବିତ ହୋଇଥାଏ । କିନ୍ତୁ, ପ୍ରତ୍ୟେକ ବ୍ୟକ୍ତି ପରି ପ୍ରତ୍ୟେକ ଲେଖକ ତାର ଜୀବନର ବିଭିନ୍ନ ଦୁଃଖ, ବିଭିନ୍ନ ଅବସାଦକୁ ଲେଖନୀରେ ରୂପାୟନ କରେ । ମୁଁ କଣ କରିଛି - କଣ ଲେଖିଛି, କେତେ ଲେଖିଛି, କେଉଁଠି ଭୂମି ଉପରେ ଠିଆ ହୋଇଛି ତାର ବିସ୍ତୃତ ବିବରଣୀ ଦେଇପାରିବି ନାହିଁ । ଅତି ନିକଟରେ ମୋର ଜଣେ ଆମେରିକାନ୍ ଛାତ୍ର - (୧୬ ବର୍ଷପରେ ହଠାତ୍ ମୋତେ ସ୍ମରଣ କଲେ) ମତେ ଗୋଟିଏ ପତ୍ର ଲେଖିଲେ - ସାର୍, ଆପଣତ ସ୍ୱଇଚ୍ଛାରେ ଆମେରିକା ଛାଡ଼ି ଦେଶକୁ ଚାଲିଗଲେ । ୧୬ ବର୍ଷ ପରେ ମୁଁ ଅଧ୍ୟାପନା ଛାଡ଼ି ଆଜି ଜଣେ ପ୍ରକାଶକ । ଯେହେତୁ ଆପଣ ମୋର ଅଧ୍ୟାପକ ଥିଲେ, ଆପଣ ମୋତେ ଗୋଟିଏ ଗ୍ରନ୍ଥ ଦିଅନ୍ତୁ । ଆପଣଙ୍କ ଲିଖିତ । ଯାହାକି ମୁଁ ଆମେରିକାରେ ପ୍ରକାଶ କରିବି, ଆପଣଙ୍କ ଋଣ ସୁଝିବା ପାଇଁ । ମୁଁ ତାଙ୍କୁ ଉତ୍ତର ଦେଲି ଶିକ୍ଷକ ଏବଂ ଛାତ୍ର ମଧ୍ୟରେ ଯେଉଁ ସମ୍ପର୍କ ତାହା ଦେଣନେଣର ସମ୍ପର୍କ ନୁହେଁ । ଦେବାନେବାର ସମ୍ପର୍କ ନୁହେଁ । ଋଣ ପରିଶୋଧର ସମ୍ପର୍କ ନୁହେଁ । ସେ ଗୋଟିଏ ଆତ୍ମୀୟତା, ସେ ଗୋଟାଏ ସହୃଦୟତା । ତୁମେ ଯଦି ଭାବ ତୁମ ଜୀବନରେ ମୁଁ କିଛି ସାହାଯ୍ୟ କରି ପାରିଥାଏ କି ତୁମ ଚିନ୍ତାଧାରାରେ କିଛି ପରିବର୍ତ୍ତନ ଆଣିପାରିଥାଏ, ତୁମେ ଯଦି ଜୀବନକୁ ନୂଆ ଭାବରେ ଅନୁଭବ କରିବାର କିଛି କଳା ହାସଲ କରିଥାଅ, ମୋର ସେଥିରେ ଯଥେଷ୍ଟ ଆନନ୍ଦ ଏବଂ ଦୀର୍ଘ ୧୫ ବର୍ଷ ପରେ ତୁମେ ମୋତେ ପ୍ରଶ୍ନ ପଚାରୁଛ । ତୁମେ ମୋତେ ସେଦିନ ଯାହା ଦେଖିଥିଲ, ମୁଁ ଆଉ ତା' ନୁହେଁ । ମୁଁ ଯୁକ୍ତରାଷ୍ଟ୍ର ଆମେରିକାରେ ଜଣେ ଅଧ୍ୟାପକ ଥିଲି । ଗବେଷଣାରେ ସାହାଯ୍ୟ କରୁଥିଲି । ଗତ ପନ୍ଦରବର୍ଷ ଭିତରେ ମୁଁ ଗବେଷଣା କାର୍ଯ୍ୟରେ ସଂପୃକ୍ତ ନାହିଁ । ମୁଁ ସମାଜ ଜୀବନକୁ ଦେଖିବାକୁ ଚାହୁଁଛି ବହିପାଠକୁ ସମାଜ ଜୀବନ ସହିତ ମିଳେଇବାକୁ ଚାହୁଁଛି । ପୋଥି ବାଇଗଣକୁ ବାଡ଼ି ବାଇଗଣ ସହିତ ତୁଳନା କରିବାକୁ ଚାହୁଁଛି । ଆଜି ମୁଁ ଏକ ଭିନ୍ନ ମଣିଷ ।

Digitized by srujanika@gmail.com

ତେଣୁ ତୁମେ ମୋଠାରୁ ଗବେଷଣା ପୁସ୍ତକ ଯେ ପାଇବ, ତାହା ଆଶା କରିବା ବୃଥା । ସେ ନଛୋଡ଼ବନ୍ଧା ଛାତ୍ର । କହିଲେ - ଆପଣ କଣ ଦୀର୍ଘ ପନ୍ଦର ବର୍ଷ ଭିତରେ କିଛି ଲେଖିନାହାନ୍ତି । ମୁଁ କହିଲି - ମୁଁ ଅନେକ ଲେଖିଛି । କେତେ ଲେଖିଛି କହିପାରିବି ନାହିଁ । ଇଂରାଜୀ ଓ ଓଡ଼ିଆ ଭାଷାରେ ବିଭିନ୍ନ ଭାବ, ବିଭିନ୍ନ ବିଷୟରେ ଲେଖିଛି । ସେ ଲେଖିଲା ଆମେତ ଓଡ଼ିଆ ଜାଣିପାରିବୁ ନାହିଁ, ଆପଣ ଇଂରାଜୀ ଲେଖାଗୁଡ଼ିକ ପଠାନ୍ତୁ । ମୁଁ ତାଙ୍କୁ ପୁଣି ଲେଖିଲି - ତୁମେ ମତେ କାହିଁକି ଏତେ ବାଧ କରୁଛ । ତୁମର ତିନୋଟି ଝିଅ ଅଛି । ତୁମର ଅନେକ ପାରିବାରିକ ସମସ୍ୟା ଅଛି । ତମେ ଯେତେବେଳେ ଜଞ୍ଜାଳମୁକ୍ତ ହେବ, ଲେଖିବ ପଠେଇବି । ସେ ପୁଣି ଲେଖିଲା - ମୁଁ ଖୁବ୍ ଭଲ ଅବସ୍ଥାରେ ଅଛି । ପ୍ରଚୁର ପଇସା ମୋ ପାଖରେ । ଯୁକ୍ତରାଷ୍ଟ୍ର ଆମେରିକାର ମୁଁ ଜଣେ କ୍ଷମତାଶାଳୀ ଲୋକ । ପଇସା ପତ୍ର ଦୃଷ୍ଟିରୁ ଆପଣ କିଛି ବିଚାର କରିବା ଦରକାର ନାହିଁ । ମୁଁ ପଇସା ଖର୍ଚ୍ଚ କରିବି, ଛାପିବି ଏବଂ ଆପଣ ଗୋଟିଏ ବହି ଦେବେ ମୁଁ ଛାପିବି ଏଇଆ, ସେ ପାଇଁ ଆପଣଙ୍କୁ ରୟାଲ୍‌ଟି ବାବଦକୁ କିଛି ପଠାଉଚି । ଚିଠିଟି ଭିତରେ ଦେଖିଲି ଅଢ଼େଇଶ ଡଲାର୍ ଚେକ୍‌ଟିଏ । ପ୍ରଲୋଭନ । ପ୍ରାୟ ସାଢ଼େ ତିନିହଜାର ଟଙ୍କା । ମୋ ଲେଖକ ଜୀବନରେ ଆଗତୁରା ସାଢ଼େ ତିନି ହଜାର ଟଙ୍କା କେହି ଦେଇନାହାନ୍ତି । ମୁଁ କହିଲି - ଯଦି ମୁଁ ଅନୁରୋଧ ରକ୍ଷାକରେ, ତାହେଲେ ମୋ ଉପରେ ଗୋଟେ ଦାୟିତ୍ୱ ରହିଲା ଯେ ମୁଁ ତାଙ୍କୁ ସନ୍ତୁଷ୍ଟ କରିବାକୁ ବାଧ । ମୁଁ ତାଙ୍କୁ ଦୁଃଖର ସହିତ ଲେଖିଲି - ଜନ୍, ତୁମେ ଦୁଃଖିତ ହେବ ବୋଲି ମୁଁ ଟଙ୍କା ରଖିଲି । କିନ୍ତୁ ତୁମେ ମୋଠାରୁ କୌଣସି ଗ୍ରନ୍ଥ ପାଇବ ନାହିଁ । ଯେଉଁ ଗ୍ରନ୍ଥ ତୁମେ ଆମେରିକାର ବଜାରରେ ବିକ୍ରି କରିବ ପଇସା ପାଇବା ପାଇଁ । ପୁନର୍ବାର ପତ୍ର ଆସିଲା - କିଛି ନଭାବି ଆପଣଙ୍କର ଲେଖାଗୁଡ଼ିକ ପଠେଇଦେବେ । ଛାପାରେ ତିନିଶହ/ଚାରିଶହ ପୃଷ୍ଠାର ହେଲେ ଚଳିବ । ମୁଁ ବାହାର କରିବି । ମୋ ପାଖରେ ଆଉ ଗୋଟିଏ ଚେକ୍ ଆସି ପହଞ୍ଚିଲା । ଆଉ ଅଢ଼େଇଶ୍ ଡଲାର । ଚିଠିରେ ଲେଖାଥିଲା ଆପଣଙ୍କ ବହି ପ୍ରକାଶ ପାଇଲାପରେ ରୟାଲ୍‌ଟି ବାବଦକୁ ଆପଣଙ୍କର ପ୍ରାପ୍ୟ ହିସାବ କରିଦେବି ଏବଂ ମୁଁ ଆପଣଙ୍କୁ ଯୋଉ ଅର୍ଥ ଆଡଭାନ୍ସ ବାବଦ ଦେଇଛି - ତାକୁ ମୁଁ କାଟିଦେବି । ମାତ୍ର ଆପଣ ବହି ଦେବେ । ମୁଁ ତାଙ୍କ କଥା ରକ୍ଷା କଲି । ଏବେ ଖବର ପାଇଲି ବହି ଛପା ଚାଲିଛି । କେବେ ପ୍ରକାଶ ପାଇବ, ତାହା କହିହେବ ନାହିଁ । ଓଡ଼ିଶାରେ ମୋ ସାହିତ୍ୟିକ ଜୀବନ ଗଢ଼ିବାରେ, ମତେ ଯଦି କେହି କୌଣସି ଭାବରେ ପ୍ରେରଣା ଯୋଗାଇଥାନ୍ତି, ବାରମ୍ବାର ଲେଖିବାର ଅନୁରୋଧ କରିଥାଆନ୍ତି - ବେଳେ ବେଳେ ବାଧ କରିଥାନ୍ତି ବେଳେ ବେଳେ ଅଳି କରିଥାନ୍ତି - ସେମାନେ ହେଉଛନ୍ତି ସାହିତ୍ୟ କ୍ଷେତ୍ରରେ ମୋର ବନ୍ଧୁ, ଅଧ୍ୟାପକ ଓ ଛାତ୍ର, ମୋର ପାଠକ ମୋତେ

Digitized by srujanika@gmail.com

କିଛି ଲେଖିବାକୁ ବାଧ୍ୟ କରିଥାନ୍ତି । ମାତ୍ର ମୁଁ ଆଜି ସେମାନଙ୍କୁ ବଡ଼ ବିନୀତ ଭାବରେ ଲେଖେ - ଏବେ ମୋ ମନରେ କିଛି ନୂଆ ଚିନ୍ତାଧାରା ଆସୁନାହିଁ । ଯଦି ନୂଆକଥା କିଛି ନ କହିପାରିବି, ନୂଆ ଭାବ ପ୍ରକାଶ ନକରିପାରିବି ତେବେ ଲେଖିବି କାହିଁକି ? କାହାରି ବରାଦରେ ମୁଁ ଲେଖିନାହିଁ । ଜୀବନରେ ଅଳ୍ପ କିଛି ଲେଖିଛି - ବେଳେ ବେଳେ ଛାତ୍ର ସହକର୍ମୀ ବନ୍ଧୁମାନଙ୍କର ଅନୁରୋଧରେ ବାଧ୍ୟବାଧକତାରେ ଲେଖିଛି । ବେଳେ ବେଳେ ମୁଁ ଘୃଣିତ ଓ ସମାଲୋଚିତ ହୋଇଛି । ସେ ଏକ ସ୍ୱତନ୍ତ୍ର ଇତିହାସ । ଏଠାରେ ମୁଁ ପର୍ଯ୍ୟାଲୋଚନା କରିପାରିବି ନାହିଁ । ମନେ ପଡୁଛି ୧୯୬୪ କିମ୍ବା ୬୫ ମସିହାରେ ଏହି ମହାବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ବିଭାଗରେ ଓଡ଼ିଆ 'ଅନର୍ସ ବିଭାଗ' ଖୋଲିବାକୁ ୧୯୬୪/୬୫ ମସିହାରେ ଆମେ ଆବେଦନ ଅନୁରୋଧ କରିଥିଲୁ । ଆଜି ମୁଁ ଖୁସି ସେ ଅନୁରୋଧ ଆଜି ସାକାର ହୋଇଛି ଏବଂ ଅନର୍ସ ଓ ସ୍ନାତକ ଶ୍ରେଣୀ ଖୋଲିଛି । ଏଠି ମୋର ଅନୁମାନ ବୋଧେ ମାତ୍ର ଦୁଇ ଜଣ ଅଧ୍ୟାପକ ଥିଲୁ ଏବଂ ସପ୍ତାହକୁ ପ୍ରାୟ ଅଶୀଟି କ୍ଲାସ ଆମକୁ ନେବାକୁ ପଡୁଥିଲା । ତର ମିଳୁନଥିଲା ନିଃଶ୍ୱାସ ନେବାକୁ । କିନ୍ତୁ ଦାୟିତ୍ୱ ଥିଲା, କରିବାକୁ ହେଉଥିଲା । ତେଣୁ ଜୀବନର କିଛି ଗୋଟାଏ କାର୍ଯ୍ୟ କରିବାକୁ ହେଲେ ନିଜର ଆନ୍ତରିକତା ଦରକାର - ଗୋଟାଏ ଉତ୍ସର୍ଗୀକୃତ ଭାବ ରହିବା ଦରକାର । ସେ ଉତ୍ସର୍ଗୀକୃତ ଭାବ ଯଦି ନ ଆସିଲା - ଜୀବିକାରୁ ସେ ପ୍ରେରଣା ଯଦି ନମିଳିଲା, ତାହେଲେ ସେ ଜୀବନ ମୋ ବିଚାରରେ ଜୀବନ ନୁହେଁ । ତେଣୁ ସେ ଦୃଷ୍ଟିରୁ ମୁଁ ମୋ ଜୀବନରେ ବହୁ ଜୀବିକାର ନିୟନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଛି । ଯଦି ସେୟା ଇ ଜୀବନ, ତାହେଲେ ତାର ଅର୍ଥ କଣ ? ମୋ ବିଚାରରେ ଜୀବନ ଆଉ କିଛି ନୁହେଁ । ଜୀବନ ହେଉଛି ମୁକ୍ତିର ଅନ୍ୱେଷଣ । ସେ ମୁକ୍ତି ଆମେ କେତେ ଚାହୁଁଛୁ କେତେ ମାତ୍ରାରେ ଚାହୁଁଛୁ ତାରି ଉପରେ ଆମ ଜୀବନ ନିର୍ଭର କରେ । ମୁକ୍ତି ମିଳିପାରେ, ଆର୍ଥନୀତିକ ମୁକ୍ତି ମିଳିପାରେ । ଏଇ ସାମାଜିକ ଜଞ୍ଜାଳ ଭିତରେ ଆମେ ମୁକ୍ତ ହେବାକୁ ଚାହୁଁ । ଏ ଯେଉଁସ୍ତର ମୁକ୍ତିର ଚେତନା, ତାର ଅର୍ଥ ହେଉଛି - ସ୍ୱଅଧୀନ । ମୁଁ କାହାରି ଅଧୀନରେ ନରହି ନିଜ ଅଧୀନରେ ରହିବି । ମୁଁ ମୋର ସ୍ତ୍ରୀ, କନ୍ୟା, ଜାମାତା, ପୁତ୍ର ଶିକ୍ଷକ କି ସରକାର କାହାରି ଅଧୀନରେ ନୁହେଁ । ମୁଁ ମଣିଷ ହିସାବରେ ଏ ସଂସାରରେ ଜନ୍ମ ହୋଇଛି । ମୋ ଜୀବନକୁ ଏକ ମୁକ୍ତ ଜୀବନ ଭାବରେ ଗ୍ରହଣ କରିବି । ସ୍ୱାଧୀନ ଭାବରେ ବଞ୍ଚିବାକୁ ଚେଷ୍ଟା କରିବି । ଇଏ ଆଦର୍ଶର କଥା ନୁହେଁ । ଅତି ବାସ୍ତବର କଥା । ପ୍ରତ୍ୟେକ ବ୍ୟକ୍ତି ତାହାହିଁ କରିଆସିଛି । ତାର ମୁକ୍ତି ସଂକ୍ରାନ୍ତରେ ଗୋଟିଏ ସ୍ୱତନ୍ତ୍ର ଚେତନା ଅଛି । ତାର ବଞ୍ଚିବା ସଂକ୍ରାନ୍ତରେ ଗୋଟାଏ ସ୍ୱତନ୍ତ୍ର ଧାରଣା ଅଛି ଏବଂ ସେହି ଧାରଣାକୁ ନେଇ ସେ ବଞ୍ଚିଛି । ପ୍ରତ୍ୟେକ ବ୍ୟକ୍ତି ଜଣେ ମୁକ୍ତ ବ୍ୟକ୍ତି । ବାହାରର

Digitized by srujanika@gmail.com

ଯେଉଁ ଶୃଙ୍ଖଳା ବା ବାହାରର ଯେଉଁ ଶିକୁଳି ସେ କେତେ ମାତ୍ରାରେ ତାହାକୁ ବାନ୍ଧିପାରୁଛି । ଆପଣଙ୍କୁ ନେଇ କିଏ ପଚିଶଦିନ କାରାରୁଦ୍ଧ କରିବ । ଆପଣଙ୍କର ଶରୀରକୁ ବାନ୍ଧିନେବ ସିନା । ମନକୁ କିଏ ବାନ୍ଧିପାରିଛି । ସେଇଥିପାଇଁ ମହତାବ ବାବୁଙ୍କୁ ପ୍ରଶ୍ନ କରିଥିଲି - ଆପଣ ତ ଜେଲ୍‌ରେ ରହିଲେ କଣ କଲେ । ସେ କହିଲେ - ମୁଁ ସାହିତ୍ୟ ଲେଖିଲି । ୧୯୭୫ ଉପନ୍ୟାସ ଲେଖିଲି । ମୋ ଜୀବନ ସେଇଠି ମୁକ୍ତି ପାଇଲା । ସେଇ ମାଧ୍ୟମରେ ମୁକ୍ତି ପାଇଲା । ଘରର ଗୃହିଣୀଟିଏ ସାଂସାରିକ ଜଞ୍ଜାଳ ନେଇ ପେଶି ହୋଇଛି । ସାଂସାରିକ ଅଭାବ ଅନଟନ ମଧ୍ୟରେ ଛୁଆପିଲା ଜଞ୍ଜାଳ ଭିତରେ ଯେତେବେଳେ ତାର ଛୋଟ ନାତି-ନାତୁଣୀର ହସ ଦେଖି ଦେଇଛି, ତାର ସମସ୍ତ ଦୁଃଖ ମୁହୂର୍ତ୍ତକ ମଧ୍ୟରେ ଉଭେଇଯାଇଛି । ସେ ଭାବୁଛି ବୋଧେ ଜୀବନକୁ ମୁଁ ପୁଣି ଫେରିପାଇଲି । ତେଣୁ ଜୀବନଟା ଗୋଟେ ମୁହୂର୍ତ୍ତର ପ୍ରତିଲିପି । ଆଉ କିଛି ନୁହେଁ । ପ୍ରତ୍ୟେକ ମୁହୂର୍ତ୍ତରେ ମଣିଷ ପରିବର୍ତ୍ତିତ ହୋଇଯାଉଛି । ଆମେ ଯେ କହୁଛୁ ଜୀବନ ପରିବର୍ତ୍ତିତ ହେଉନାହିଁ । ଏକଥା ନୁହେଁ । ମୁଁ ଗତକାଲି ଯାହା ଥିଲି ଆଜି ତାହା ନୁହେଁ । ଆସନ୍ତାକାଲି ତାହା ରହିବି ନାହିଁ । ପ୍ରତି ମୁହୂର୍ତ୍ତରେ ଆମେ ବଦଳି ବଦଳି ଚାଲିଛୁ । କିନ୍ତୁ ଗୋଟିଏ କଥା କହି ମୋର ବକ୍ତବ୍ୟ ସମାପ୍ତ କରିବି । ତାହା ହେଉଛି - ଯଦି ଆମେ ପ୍ରତି ମୁହୂର୍ତ୍ତରେ ବଦଳି ବଦଳି ଯିବା ଏବଂ ସେ ବିଷୟରେ ସଚେତନ ରହିବା, ତେବେ ଆମର ସାଂସାରିକ କର୍ତ୍ତବ୍ୟ ବାଧାପ୍ରାପ୍ତ ହେବ । ଯଦି ସାଂସାରିକ କର୍ତ୍ତବ୍ୟ ବାଧାପ୍ରାପ୍ତ ହେବ - ତାହେଲେ ସାହିତ୍ୟିକର ଜୀବନ ମଧ୍ୟ ବାଧାପ୍ରାପ୍ତ ହେବ, ଲେଖକର ଜୀବନ ମଧ୍ୟ ବାଧାପ୍ରାପ୍ତ ହେବ । ତା ଭିତରେ ଏକ ଭାରସାମ୍ୟ ରଖିବାକୁ ପଡ଼ିବ । ସ୍ୱାମୀର ଅତ୍ୟାଚାର ସହିବାକୁ ପଡ଼ିବ, ପୁଣି ବେଳେବେଳେ ବିରୋଧ କରିବାକୁ ପଡ଼ିବ । କନ୍ୟାମାନଙ୍କର ଆବେଦନ ଗ୍ରହଣ କରିବାକୁ ପଡ଼ିବ ଓ ବେଳେବେଳେ ଶାସନ କରିବାକୁ ପଡ଼ିବ । ସମସ୍ତଙ୍କ ଭିତରେ ଗୋଟିଏ ଭାରସାମ୍ୟ ରକ୍ଷା କରିବାକୁ ପଡ଼ିବ ଏବଂ ସେହି ଭାରସାମ୍ୟ ରଖିବା ଭିତରେ ଯେଉଁ ମୁହୂର୍ତ୍ତଗୁଡ଼ିକ ଆସିବ, ସେହି ମୁହୂର୍ତ୍ତ ଭିତରେ ଯଦି ଲେଖକ ନିଜକୁ ପ୍ରକାଶ କରିପାରିବ - ସେ ବୋଧେ ଏଭଳି କେତେଗୁଡ଼ିଏ ଘଟଣା, ଏଭଳି କେତେଗୁଡ଼ିଏ ଚରିତ୍ର ସୃଷ୍ଟି କରି ଦେଇଯିବ, ଯେଉଁ ଚରିତ୍ରଗୁଡ଼ିକ ଲେଖକ ଓ ପାଠକ ଆଖିରେ ଯାହା ହେଉନା କାହିଁକି ସାହିତ୍ୟିକ ସମାଲୋଚକ ଆଖିରେ ଯାହା ହୁଅନ୍ତୁ ନା କାହିଁକି, ତାହା ଲେଖକ ଓ ଚରିତ୍ର ଭିତରେ ଗୋଟାଏ ଆତ୍ମୀୟତା ପ୍ରତିଷ୍ଠିତ ହୋଇଛି ବୋଲି ମନେ ହେବ । ମୁଁ ଅଧ୍ୟାପକର ଜୀବନ ଆରମ୍ଭ କଲାବେଳେ ଗବେଷଣା କଥା ଚିନ୍ତା କରୁଥିଲି, ସାହିତ୍ୟର ସମାଲୋଚନାରେ କିପରି ଅଭିବୃଦ୍ଧି ଘଟିବ ସେ କଥା ଚିନ୍ତା କରୁଥିଲି । ଯେଉଁମାନେ ଓଡ଼ିଆ ବିଭାଗରେ ଅଧ୍ୟାପକ ଅଛନ୍ତି ସେମାନେ ମନେ ପକାଇବେ । ୧୯୬୦

Digitized by srujanika@gmail.com

ମସିହା ବେଳକୁ ଓଡ଼ିଆ ସାହିତ୍ୟର ସମାଲୋଚନା କ୍ଷେତ୍ରରେ ବୋଧ ହୁଏ ୫/୬ ଖଣ୍ଡ ପୁସ୍ତକରୁ ଅଧିକ ନଥିଲା । ତାହା ମତେ ବହୁତ ବ୍ୟଥିତ କରୁଥିଲା । ମୋତେ କାହିଁକି ବ୍ୟଥିତ କରୁଥିଲା ? ତାର କାରଣ ହେଉଛି ମୁଁ ଯେତେବେଳେ ଯାଇ ଉଜ୍ଜୟିନୀରେ ପହଞ୍ଚିଲି, ବମ୍ବେ, ଇନ୍ଦୋରରେ ପହଞ୍ଚିଲି (ମୋର ଗୋଟେ ଯାଯାବର ଜୀବନ) ଭାରତର ବହୁ ଜାଗା ବୁଲି ଦେଖିଲି, ସେମାନଙ୍କ ସାହିତ୍ୟ ସମାଲୋଚନା ସହିତ ଆମକୁ ତୁଳନା କରି ମୁଁ ବ୍ୟଥିତ ହୋଇପଡ଼ିଲି । ଆମେରିକା, କାନାଡ଼ା ବହୁ ୟୁରୋପୀୟ ରାଷ୍ଟ୍ର ବୁଲିଛି । ବୁଲିବା ଓ ଜାଣିବା, ଅଭିଜ୍ଞତା ଅର୍ଜନ କରିବା ମୋ ଜୀବନର ଗୋଟିଏ ନିଶା । ମୋତେ ହିନ୍ଦୀବାଲା ଥଟ୍ଟା କରୁଥିଲେ । " କ୍ୟା ମିଶ୍ରାଜୀ ଆପକା ଓଡ଼ିଆ ମେଁ ଦୋ Ph.D ମିଲା ହେ । ଦୋ କିତାବ ଲେଖେ ହେଁ, ସାହିତ୍ୟ ସମାଲୋଚନା କେ ବାରେ ମେ । ମୋତେ କଷ୍ଟ ହେଉଥିଲା । ମୋର ଗୋଟିଏ ପ୍ରତିବେଶୀ ସାହିତ୍ୟ ଓ ଭାଷାରେ ଶହ ଶହ ପିଏଚ୍.ଡି., ଡି.ଲିଟ୍. ଡିଗ୍ରୀଧାରୀ ହଜାର ହଜାର ପୁସ୍ତକ ଲେଖା ହୋଇଯାଉଛି । ଅଥଚ ଓଡ଼ିଶାରେ ମୋଟେ ହୋଇପାରିବ ନାହିଁ ? ମୁଁ ସେହିଥିରୁ ପ୍ରେରଣା ପାଇକରି ସାହିତ୍ୟ କ୍ଷେତ୍ରରେ ଯାହା କିଛି କରିଚି ।"

ମୋର ଏକ ବିପର୍ଯ୍ୟସ୍ତ ଓ ପରିବର୍ତ୍ତନଶୀଳ ଜୀବନ । ମୁଁ ଯେଉଁ କାମରେ ହାତ ଦିଏ ତାହା ସଂପୂର୍ଣ୍ଣ କରିପାରେ ନାହିଁ । ଗୋଟିଏ କାମ କଲାବେଳେ ମୋର ଭିତରେ ଆଉ ଗୋଟିଏ କାମ ଦେଖାଦିଏ । ସେତିକିବେଳେ ଗୋଟାଏ ଭାବପ୍ରବଣତା ମଧ୍ୟରେ ମୁଁ ଯାହା କିଛି କରିଯାଏ । ଏଇ ଅନୁଗୋଳର କଥା । ଟ୍ରେନିଂ କଲେଜ ସାମ୍ନାରେ ଗୋଟିଏ ଘରେ ମୁଁ ରହୁଥିଲି । ଦିନେ ମୁଁ ମୋ ସ୍ତ୍ରୀକୁ ବାଧ କରିଥିଲି - ଆମେ ତିନିମାସ ମଧ୍ୟରେ ଗୋଟିଏ ବହି ଲେଖିବା ପିଲାଙ୍କ ପାଇଁ - ଅଳଙ୍କାର ଶାସ୍ତ୍ର ପରିଚିତି । ସାଂସାରିକ ଜୀବନରେ ୩୦ ବର୍ଷ କଟାଇବା ପରେ ମୋର ସ୍ତ୍ରୀ ବର୍ତ୍ତମାନ ଜୀବନମୃତ ଅବସ୍ଥାରେ ବଞ୍ଚି ରହିଛନ୍ତି । ସେ ମତେ କହିଲେ ତମେତ ବହୁତ କଲ, ମତେ ବାଧ କରୁଥିଲ ଅଳଙ୍କାର ବହି ଲେଖିବା ପାଇଁ । ହେଲେ ତାକୁ ଭୁଲିଗଲଣି । ତା' ବଦଳରେ ଆଉ ସବୁ କଣ ନାଇଁ କଣ କଲଣି । ତମେ ପା' କାଳେ କିଛି ଗପ ଲେଖିଥିଲ । ମୁଁ କହିଲି - ହଁ ଗପ ଲେଖିଥିଲି । ୫/୬ଟା ଖଣ୍ଡେ ଗପ । ମୁଁ ଗାଳ୍ପିକ ହେବା ପାଇଁ ଗପ ଲେଖିନଥିଲି - ଇଚ୍ଛା ହେଲା ଲେଖିଲି । ମୁଁ କହିଲି - ତମେବି ୫, ୬ଟା ଗପ ଲେଖିଥିଲ । ଆମେ ଏକାଠି ଅଳଙ୍କାର ଶାସ୍ତ୍ର ଲେଖିଥିଲେ । ବର୍ତ୍ତମାନ ଜୀବନ ସରିବାକୁ ବସିଲା । କିଏ କେତେବେଳେ ଆଗପଛ ହେଇ ଚାଲିଯିବା କହିବି ହବନି, ତେଣୁ ପୁଣି ଆମେ ଏକାଠି ଲେଖିଲୁ । ଗୋଟିଏ ଗଳ୍ପ ସଙ୍କଳନ ତାହା 'ଜିନିଆ ଓ ଜହ୍ନିଫୁଲ' ନାମରେ ପ୍ରକାଶ ପାଇଛି । କାହିଁକି ଏକଥା କହିବାକୁ ଚାହୁଁଛି - ଏହି ଜିନିଆ ଓ ଜହ୍ନିଫୁଲରେ ତାଙ୍କର ୫, ୬ଟି ଗପ ଓ ମୋର ୫, ୬ଟି ଗପ । ମୋର ସବୁ

Digitized by srujanika@gmail.com

ଗପର ନାୟକ ନିପଟ ମଫସଲିଆ, ଗାଁର ଲୋକ । ତାଙ୍କର ଗପର ନାୟକମାନେ ସହରର ବାବୁ ଭାୟା ଅଫିସରିଆ ଚରିତ୍ର । ତେଣୁ ତାଙ୍କ ଚରିତ୍ର ଅନୁସାରେ ବହିର ନାମ ହୋଇଛି ଜିନିଆ ଫୁଲ ଓ ମୋ ଚରିତ୍ର ନାମ ଅନୁସାରେ ହୋଇଛି ଜହ୍ନିଫୁଲ । ଏହି ଯେଉଁ ପାଞ୍ଚଗୋଟି ଗପ ଲେଖିଥିଲି, ତାର ଚରିତ୍ରମାନ କିଏ ? କେହି କଳ୍ପନା ମଧ୍ୟରୁ ଆସିନାହାନ୍ତି । ଗପଗୁଡ଼ିକ ମଧ୍ୟରେ ଯେତେ ଚରିତ୍ର ସମସ୍ତେ ଜୀବନ୍ତ । ପଦନ ମଲ୍ଲିକ ମୋ-ସାଙ୍ଗରେ କାମ କରୁଥିଲା । ପଦନ ମଲ୍ଲିକକୁ ଯେପରି ଦେଖିଥିଲି, ରାଧୁ ଜେନାକୁ ଯେପରି ଦେଖିଥିଲି ସେମାନେ ଜନ୍ମ ନେଇଛନ୍ତି ଗପଗୁଡ଼ିକ ମଧ୍ୟରେ ।

ପରିବେଶ ବଦଳି ବଦଳି ଚାଲିଛି । ତାହାରି ମଧ୍ୟରେ, ପରିବର୍ତ୍ତନ ସହିତ ଖାପ ଖୁଆଇ ମଣିଷର ମନ ଭିତରେ ମଧ୍ୟ ବେଳେବେଳେ ପରିବର୍ତ୍ତନ ଆସୁଛି । ଏହି ପରିବର୍ତ୍ତନ ଗୁଡ଼ାକ କେମିତି ଘଟୁଛି ତାର ଗୋଟିଏ ଉଦାହରଣ ଦଉଚି । କାଲି ମୋର ବଡ଼ଝିଅ, ଯିଏ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ ପର୍ସନାଲ ବିଭାଗରେ ଆସିଷ୍ଟାଣ୍ଟ ମ୍ୟାନେଜର, ତାର ସ୍ୱାମୀ ସମାଜ ଶାସ୍ତ୍ରରେ ଅଧ୍ୟାପକ ସରକାରୀ କଲେଜରେ, ତା'ର ମା'ର ଦେହ ଖରାପ ଖବର ପାଇ ଦେଖିବାକୁ ଆସିଥିଲା । ମତେ କହିଲା - ବାପା ମୁଁ ଭାବୁଥିଲି କୋଡ଼ିଏ ଦିନ ଖଣ୍ଡେ ଛୁଟି ନେଇ ବମ୍ବେ, ଗୋଆ ଯିବି । ମୁଁ କହିଲି-ଗଲୁନି । ସେ କହିଲା - ମା' ଦେହ ଖରାପ ଶୁଣି ପଳେଇ ଆସିଲି । ଆଉ ତୁମେ କଣ କହୁଚ ମୁଁ ଯିବି ବୋଲି ? ମୁଁ କହିଲି - ତୋର ଇଚ୍ଛା ହେଉଛି ଯଦି ଯା । ପୁଣି କହିଲା - ଆସିଲାବେଳକୁ ଯଦି ମା ଦେହ ଖରାପ ହୋଇଥିବ । ମୁଁ କହିଲି ହୋଇଥିବ - ସେଥିରୁ ତୋର କ'ଣ ହେଲା । କହିଲୁ ମା'ତୁ ଗୋଆରେ କଣ ଦେଖିବାକୁ ଯିବୁ ? ବାପା ମୁଁ ଗୋଟିଏ କଥା କହିବି - ତୁମେ ଖରାପ ଭାବିବ ନାହିଁ ତ । ମୁଁ ଜମା ଖରାପ ଭାବିବି ନାହିଁ । କାରଣ ମୁଁ ସେ ସ୍ୱାଧୀନତା ମୋ ପିଲାମାନଙ୍କୁ ପିଲାବେଳରୁ ଦେଇଆସିଛି । ତମେ ଯଦି ପଚାରିବ - କଣ କରିବାକୁ ହେବ - ମୁଁ କହିଦେବି ଏହି ବାଟରେ ଗଲେ ଠିକ୍ - ଏହି ବାଟରେ ଗଲେ ଭୁଲ । ତମେ ଯଦି ଭୁଲ୍ କରିବ ତେବେ ମୁଁ କହିଦେବି ତୁମେ ଏଇଟା ଭୁଲ୍ କରିଛ, ଏଇଟା ଠିକ୍, କରିଛ । ସେ କହିଲା - ବାପା ମୋର ଇଚ୍ଛା ହେଉଛି ଯେ " ଗୋଆର ସି ବିଚ୍‌ରେ ଯେଉଁ ପୋର୍ଟ ୱାଇନ୍ ମିଳୁଛି - ତାହାକୁ ମୁଁ ଟିକେ ଚାଖନ୍ତି" । ମୁଁ କହିଲି ତୋର ଯଦି ଇଚ୍ଛା ଅଛି ପୋର୍ଟ ୱାଇନ୍ ଚାଖିବାକୁ, ଚାଖିପାରୁ । ଯଦି ମଦୁଆ ହୋଇଯାଉ ମୋର କିଛି ଦୁଃଖ ନାହିଁ । ମାତ୍ର ଚାଖି ସାରିଲା ପରେ ଯଦି ତୋର ଚିନ୍ତାଶକ୍ତିକୁ ଶୃଙ୍ଖଳିତ କରି କହିପାରୁ - " ଏଗୁଡ଼ାକରେ ମିଠା ନାହିଁ - ଖାଲି ତଣ୍ଟିଗୁଡ଼ା ପୋଡୁଛି ତାକୁ କାହିଁକି ଖାଇବି କିଛି ଲାଭ ନାହିଁ" । ସେଥିରେ ମଧ୍ୟ ମୋର କିଛି କହିବାର ନାହିଁ । ତେଣୁ ମଣିଷକୁ ଚିନ୍ତା କରିବାକୁ ପଡ଼ିବ - ତାକୁ କ'ଣ କରିବାକୁ

Digitized by srujanika@gmail.com

ପଢ଼ିବ । ପରିବର୍ତ୍ତନ ଜଗତର ଧର୍ମ । ସେ ପରିବର୍ତ୍ତନ ମଧ୍ୟରେ ଆମେ କେତେ ପରିବର୍ତ୍ତିତ ହେବୁ - କେତେ ଆମେ ଗ୍ରହଣ କରିବୁ, ତାହାକୁ ଆମ ସମାଜ ଆମ ପରିବେଶ ପରିଧି ଶୃଙ୍ଖଳା, ଆଇନ୍‌କାନୁନ୍, ଆମ ଶିକ୍ଷାୟତନ ଭିତରେ, କେତେ ମାତ୍ରାରେ ଆମେ ଗ୍ରହଣ କରିବୁ ଏବଂ ରକ୍ଷା କରିବୁ ତାହା ଆମ ଚିନ୍ତା ଶକ୍ତି ଉପରେ ନିର୍ଭର କରେ । ଏଥିପାଇଁ ବେଳେବେଳେ ଆମ ମଧ୍ୟରେ ଦ୍ୱନ୍ଦ୍ୱ, ସଂଘର୍ଷ,ହତାଶା ଓ ବିଷାଦଭାବ ମଧ୍ୟ ଆସୁଛି । ଫଳରେ ହଜାର ହଜାର ସଂଖ୍ୟାରେ ମଣିଷ ପାଗଳ ହୋଇଯାଉଛନ୍ତି । ଏ ଯେଉଁ ନଗର ସଭ୍ୟତା, ଶିଳ୍ପ ସଭ୍ୟତା ବ୍ୟାପିଛି ଭାରତବର୍ଷରେ, ତା ଫଳରେ ଆମେମାନେ ତ ଅମଣିଷ ହୋଇଯାଉଛୁ । ଆପଣମାନେ ଯଦି ପରିସଂଖ୍ୟାନ କରି ଦେଖିବେ - ବର୍ତ୍ତମାନ ସବୁ ସହରରେ ପାଗଳ ଲୋକଙ୍କ ସଂଖ୍ୟା ବଢୁଛି । ତାର କାରଣ ହେଉଛି, ଜୀବନର ଯେଉଁ ଅଭୀପ୍‌ସା ଯେଉଁ ସ୍ୱପ୍ନ ଥିଲା, ତାହା ବାଧା ପାଉଛି । ସେହି ଅଭାବ ଓ ସ୍ୱପ୍ନ ମଧ୍ୟରେ ଯେଉଁ ସଂଘର୍ଷ ଆସୁଛି - ସେହି ସଂଘର୍ଷ ଭିତରେ ଲୋକ ପାଗଳ ହୋଇଯାଉଛି । ଲୋକ ଭାରସାମ୍ୟ ରଖିପାରୁ ନାହିଁ । ସେହି ଭାରସାମ୍ୟ ରକ୍ଷା କରିନପାରିବାର ଅବସାଦରେ ପ୍ରତ୍ୟେକ କେବଳ ବିଳାପ କରୁଛନ୍ତି ।

ଆପଣମାନେ ଭାରତବର୍ଷର ରାଜନୀତିକୁ ଲକ୍ଷ୍ୟ କରିପାରନ୍ତି । ଯେଉଁମାନେ ଅଠର ବର୍ଷରେ ଭୋଟର୍ ହୋଇଗଲେ ସେମାନଙ୍କ କଥା ଚିନ୍ତା କରନ୍ତୁ । କିନ୍ତୁ ଆମ ଶାସ୍ତ୍ର କହୁଥିଲା ୧୬ ବର୍ଷ ବେଳେ ପିତାପୁତ୍ର ମିତ୍ର ହେଉଥିଲେ । ଅଠର ବର୍ଷ ବେଳେ ଭାରତ ସରକାର ଆମକୁ ଏଇ ଅଧିକାର ଦେଲେ, ଭୋଟ ଦେବା ଅଧିକାର । ଆମ ଆଦର୍ଶ, ପରମ୍ପରା, ଆମ ଶାସ୍ତ୍ର ଆମକୁ ୧୬ ବର୍ଷରେ ଏ ଅଧିକାର ଦେଇଥିଲା । ୧୬ ବର୍ଷ ବୟସରେ ଜଣେ ଯୁବକ କିମ୍ବା ଯୁବତୀର ଜୀବନ ଆରମ୍ଭ ହେଲା । He can take a decision . ବିଚାର କରିପାରିବା, ନିଷ୍ପତ୍ତି ଦେଇପାରିବାର ଅଧିକାର ତା'ର ଅଛି । ଯଦି ସେ ୧୬ କିମ୍ବା ୧୮ ବର୍ଷ ବୟସରେ, ମୁଁ କେଉଁ ରାଜ୍ୟକୁ ଯିବି, କି ପାଠ ପଢ଼ିବି, କି ଚାକିରି କରିବି, କାହାକୁ ବାହାହେବି ତାହାତ ଖୁବ୍ ଆନନ୍ଦର କଥା । ମାତ୍ର ଆମେ ଯଦି ପ୍ରକୃତରେ ଏମିତି ଏକ ଭାବଧାରାରେ ଅଛୁ, ସଂସ୍କୃତି ରାଜ୍ୟରେ ଅଛୁ, ତେବେ ଏହି ସଂସ୍କୃତି ଓ ଐତିହ୍ୟସମ୍ପନ୍ନ ଦେଶରେ କାହିଁକି ଏତେ ସଂଖ୍ୟାରେ ଆମ ଝିଅମାନେ ଆତ୍ମହତ୍ୟା କରୁଛନ୍ତି ? କାହିଁକି ଆମ ପୁଅମାନେ ହଜାର ହଜାର ଟଙ୍କାରେ ଓଜନ ହେଉଛନ୍ତି ? ଏହା ଜୀବନର ସମସ୍ୟା, ସମାଜର ସମସ୍ୟା । ଯାକୁ ଦେଖି ଯଦି ଆମ ଭିତରେ କୌଣସି ପ୍ରତିକ୍ରିୟା ଆସୁନାହିଁ, କିମ୍ବା ନୂଆ ଚେତନା ଆସୁନାହିଁ, ତାହେଲେ ଏ ଅଧିକାରର କିଛି ଅର୍ଥ ଅଛି କି ? ଆମର ସାମାଜିକ ଜୀବନ ଭିତରେ କିଭଳି ଭାବେ ଆମେ ବଞ୍ଚିବାକୁ ଚାହୁଁଛୁ ? କ'ଣ ହେବାକୁ ଚାହୁଁଛୁ ? ମୁଁ ଡାକ୍ତରଟିଏ

Digitized by srujanika@gmail.com

ହେବି - ଭଲକଥା, ମୁଁ ଇଞ୍ଜିନିୟରଟିଏ ହେବି - ଭଲକଥା, ମୁଁ ପ୍ରଫେସରଟିଏ ହେବି- ଭଲକଥା । ମାତ୍ର ଏତେ କଥା କଣ ପାଇଁ ? କେବଳ ଜୀବିକା ପାଇଁ ଜୀବନ ପାଇଁ ନୁହେଁ । ତାହାହେଲେ ଯାହା ପାଖରେ ରାଶି ରାଶି, କୋଟି କୋଟି ଟଙ୍କାଥାନ୍ତା - ସେ ଯାହା ଚାହାଁନ୍ତା, ତାହା କରିପାରନ୍ତା । ସାହିତ୍ୟିକ ସାହିତ୍ୟ ଲେଖିବା ଦରକାର ହୁଅନ୍ତା ନାହିଁ । ବା କୌଣସି ରାଜନୀତିକ ନେତାର ପାଗଳ ହେବା ଦରକାର ହୁଅନ୍ତା ନାହିଁ । ଏ ବନ୍ଦିଶାଳା ନଥାନ୍ତା । ମାଣ୍ଡେଲାଙ୍କୁ ୨୧ ବର୍ଷ ପରେ ବିଶ୍ୱ ମୁକ୍ତି ଦେଉ ନଥାନ୍ତା । ପ୍ରତ୍ୟେକ ବ୍ୟକ୍ତିକୁ ବିଚାରି କରିବାକୁ ପଡ଼ିବ ଯେ - ମୁଁ ମୋ ଜୀବନକୁ ଏହିଭଳି ଭାବରେ ଗଢ଼ିବି । ମୁଁ ସ୍ୱାଧୀନ । ମୋର ଇଜ୍ଜତ ମୋତେ ରକ୍ଷା କରିବାକୁ ପଡ଼ିବ । କେତେକ ରୀତିନୀତି ନିୟମ ମଧ୍ୟରେ ନିଜକୁ ବାନ୍ଧି କାର୍ଯ୍ୟ କରିବାକୁ ପଡ଼ିବ । ବେଳେ ବେଳେ ଦରକାର ହେଲେ ସେ ରୀତି ନୀତି ନିୟମକୁ ମୁକାବିଲା କରିବାକୁ ପଡ଼ିବ । ତାକୁ ପରିବର୍ତ୍ତନ କରିବାକୁ ପଡ଼ିବ ।

ମୁଁ ଆଉ ଆପଣମାନଙ୍କୁ ବିଶେଷ କିଛି କହିବି ନାହିଁ । ବନ୍ଧୁମାନେ ମୋତେ ସୂଚେଇ ଦେଲେ ଯେ - ୧୯୬୪ ମସିହାରେ ଏଇ ଅନୁଗୋଳ କଲେଜରେ ଅଧ୍ୟାପକ ଥିଲାବେଳେ ମୁଁ ସ୍ୱପ୍ନ ଦେଖୁଥିଲି - ଯେ ଓଡ଼ିଶାରେ ସମସ୍ତ କାର୍ଯ୍ୟକଳାପ ଓଡ଼ିଆ ଭାଷାରେ ହେଉ ଏବଂ ସେଥିପାଇଁ ସରକାରୀ ଅଧ୍ୟାପକ ଥିଲେ ମଧ୍ୟ ମୁଁ ଓଡ଼ିଆରେ କାର୍ଯ୍ୟକ୍ରମ ଆରମ୍ଭ କରି ଦେଇଥିଲି ଏବଂ ସେଥିପାଇଁ ମଧ୍ୟ ବହୁ ଭାବରେ ନିପୀଡ଼ିତ ହୋଇଥିଲି । କିନ୍ତୁ ମୁଁ ଆଜି ଖୁସି ଯେ, ଯୋଉ କଥା କରିବାକୁ ୧୯୬୪ ମସିହାରେ ମୁଁ ଚିନ୍ତା କରୁଥିଲି, ସ୍ୱପ୍ନ ଦେଖୁଥିଲି ୧୯୮୮ ମସିହାରେ ସରକାର ସେହି କଥା କରିବାକୁ ଇଚ୍ଛା କଲେ । ଓଡ଼ିଶାର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ କହିଲେ ଯେ - ୧୯୮୮ ମସିହାରେ Language Act ହୋଇଯିବ । ମୁଁ ଦିନେ କଥା ପ୍ରସଙ୍ଗରେ କହିଲି ଯେ, ଆଇନ ଜରିଆରେ ଦେଶର ପରିବର୍ତ୍ତନ ସମ୍ଭବ ନୁହେଁ । ଆପଣ କରିଦେବେ । ତାହା ବହିରେ ରହିବ Orissa Official Language Act. ୧୯୫୪ ମସିହାରେ କରିଥିଲେ ନବକୃଷ୍ଣ ଚୌଧୁରୀ । ସେ ଯେତେବେଳେ ୧୯୬୦ ମସିହାରେ ଭାରତବର୍ଷରୁ ଜମିଦାରୀ ପ୍ରଥା ଲୋପ କରିଦେଲେ - ଲୋକେ ଏତେ ଖୁସି ହେଲେ ଯେ, କହିଲେ, ଅମେ ସମାଜରେ ଗୋଟେ ପରିବର୍ତ୍ତନ ଆଣିଲୁ ।୧୯୮୪ ମସିହାରେ ଯେତେବେଳେ ଏଇ ଅନୁଗୋଳରେ ତାଙ୍କୁ ଦେଖା କରିବାକୁ ଆସେ, ସେତେବେଳକୁ ସେ ନିଷ୍ପ୍ରଭ ଅବସ୍ଥାରେ, ବୁଝିବା ଅବସ୍ଥାରେ କିଛି ନାହାନ୍ତି - ମୁଁ ପଚାରିଲି - ଆପଣ କ'ଣ ସନ୍ତୋଷ ଲାଭ କରୁଛନ୍ତି ଯେ, ଆପଣ ଯେଉଁ ଜମିଦାରୀ ପ୍ରଥା ଆଇନ୍ ଜରିଆରେ ଦୂର କରିଥିଲେ ସେ ଜମିଦାରମାନେ ଏ ଦେଶରୁ ଚାଲିଗଲେଣି, ନା ନୂଆ ଜମିଦାର ତିଆରି ହେଲେଣି । ସେ ହସିଲେ ଏବଂ କହିଲେ ମୁଁ ପରାସ୍ତ ହେଲି । ସେ ଭାବିଲେ - ସେ ପରାସ୍ତ

Digitized by srujanika@gmail.com

ହୋଇଗଲେ । କିନ୍ତୁ ସେ ପରାସ୍ତ ହୋଇନାହାନ୍ତି । ସେ ଯୋଉ ଭାବଧାରାଟିକୁ ଛାଡ଼ି ଦେଇଗଲେ, ୧୯୫୪ ମସିହା ପରେ, ତାହା ୧୯୮୪ ମସିହାରେ ପୁଣି ଥରେ ଧକ୍କା ବାଜିଲା ଏବଂ ସେତେବେଳେ ମୁଖ୍ୟମନ୍ତ୍ରୀ ମହୋଦୟ ପୁଣି କହିଲେ - ଆମେ ସବୁ ଓଡ଼ିଆରେ କରିବୁ । ତେଣୁ ଏ ସାମାଜିକ ଜୀବନରେ ବ୍ୟକ୍ତିର ଜୀବନ ଭିତରେ ବହୁ ଘଟଣା, ବହୁ ପ୍ରକାର ଚିନ୍ତାଧାରା, ବହୁ ମୁହୂର୍ତ୍ତ ଆସିଯାଏ, ଯୋଉ କଥା ତା ଜୀବନକାଳ ଭିତରେ ଦେଖିବା ତାହା ପକ୍ଷରେ ସମ୍ଭବ ହୁଏ ନାହିଁ । କିନ୍ତୁ ପରବର୍ତ୍ତୀ କାଳରେ ସେ କଥା ସମ୍ଭବ ହୁଏ । ମୁଁ ମୋ ନିଜ ଆଖିରେ ଏମିତି ଅନେକ ଘଟଣା ଦେଖିଛି । ମୋର ମନେ ପଡୁଛି - ଏଇ ବାଜିରାଉତ ଛାତ୍ରାବାସରେ ମାଳତୀଦେବୀ ଓ ନବବାବୁ ମତେ ବାରମ୍ବାର ବକ୍ତୃତା ଦେବା ପାଇଁ ଡାକୁଥିଲେ । ମତେ ସାଥିରେ ଧରି ଚମ୍ପତିମୁଣ୍ଡା ଡାକି ନେଇଥିଲେ ପିଲାମାନଙ୍କୁ କିଛି କହିବା ପାଇଁ । ମନେ ପଡୁଛି ଏଇଠି ଛାତ୍ରାବାସରେ ମତେ ମାର୍ଟିନ୍ ଲୁଥର୍ କିଙ୍ଗ୍‌ଙ୍କ ଉପରେ ଭାଷଣ ଦେବା ପାଇଁ କହିଥିଲେ । ମୁଁ ଯେତେବେଳେ ଯୁକ୍ତରାଷ୍ଟ୍ର ଆମେରିକା ଗଲି, ମୋରି ସାମ୍ନାରେ, ଆଖି ଆଗରେ ମାର୍ଟିନ ଲୁଥରଙ୍କୁ ହତ୍ୟା କରାଗଲା ତ ଯୋଉଦିନ ସେ ଆତତାୟୀ ହାତରେ ଗୁଳିମାଡ଼ରେ ମଲେ, ସେ ଦିନ ମୁଁ ସିକାଗୋ ସହରରେ ବସିଛି ଏବଂ ସମଗ୍ର ସହର ଜଳୁଛି । ଚାରିଆଡ଼େ ନିଆଁ । ସନ୍ଧ୍ୟାବେଳେ ମତେ ଜଣେ ଭଦ୍ରଲୋକ ଆସି ପଚାରିଲେ -

You are a foreigner?

ମୁଁ କହିଲି - Yes

Are You from India?

ମୁଁ କହିଲି - Yes

ସେ କହିଲେ - Please go and stay at the international guest house.

କାହିଁକି ? ଲୋକର ଏଇ ଚମତ୍କାରୁ ଦେଖି ସେମାନଙ୍କ ଭିତରେ ଗୋଟାଏ ଉନ୍ମାଦନା ଖେଳିଗଲା । ମାର୍ଟିନ ଲୁଥର୍ କିଙ୍ଗ୍ ମରିଗଲେ, ତେଣୁ ସମଗ୍ର କଳା ଲୋକେ ଉନ୍ମାଦିତ ହୋଇଗଲେ । ଜାଳିଦେବୁ ପୋଡ଼ିଦେବୁ ଭାଙ୍ଗିଦେବୁ ବୋଲି ଚିତ୍କାର କଲେ । ପୁଣି ଆମରି ଜୀବନକାଳ ଭିତରେ ଆମେ ଦେଖିଲୁ ମାର୍ଟିନ୍ ଲୁଥର୍ କିଙ୍ଗ୍ ବିରାଟ ବ୍ୟକ୍ତି ହୋଇ ଇତିହାସରେ ରହିଗଲେ ଏବଂ ମୁଁ ଥିବା ଭିତରେ ଦେଖିଲି ବହୁ ସିନେଟର ମ୍ୟୁନିସପାଲ୍, କରପୋରେସନ୍‌ରେ କଳାଲୋକ ପୁଣିଥରେ ସେମାନେ ତାଙ୍କର ଅଧିକାର ପାଇଲେ । ତେଣୁ ଏ ବଡ଼ ବଡ଼ ଉଦାହରଣ ନୁହେଁ । ଛୋଟ ଛୋଟ ଉଦାହରଣ ମଧ୍ୟ ଅନେକ ରହିଛି । ଆମ ଜୀବନ ପର୍ଯ୍ୟାଲୋଚନା କଲାବେଳେ ମଣିଷକୁ ସ୍ଥିର ଚିତ୍ତରେ ଚିନ୍ତା କରିବାକୁ

Digitized by srujanika@gmail.com

ପଡ଼ିବ - ମୁଁ ଯାହା କଲି ତାହା ଠିକ୍ କି ଭୁଲ୍ । ଯଦି ମୁଁ ଭୁଲ୍ କଲି - ମୁଁ ଭୋଗିବି । ଯଦି ଠିକ୍ କଲି ମୁଁ ଭୋଗିବି । ମୋ ପାଇଁ ଅନ୍ୟମାନଙ୍କୁ ମୁଁ ଦାୟୀ କରିବି କାହିଁକି ?

ମୋ ସାମନାରେ ବସିଥିବା ଏଇ ଝିଅମାନଙ୍କୁ ଚାହିଁ ମୁଁ ଏକଥା କହୁଛି । କାହିଁକି କହୁଛି - ତାର ମଧ୍ୟ କାରଣ ରହିଛି ।ଏମାନେ ଭବିଷ୍ୟତରେ କେବଳ ଯେମିତି ଏକଥା ନ କହିବେ - "ମୋ ବାପା, ମୋ ପେଇଁ ଏ କାମ କରି ଦେଲେ, ମୋ ମା' ଏହା କରିଦେଲା, ମୋ ସ୍ୱାମୀ ମୋ ପାଇଁ ଏହା କରିଦେଲା, ମୋ ପୁଅ କଲା" । ସେମାନେ ଯଦି କହିପାରିବେ ମୁଁ ଏହା କଲି । ମୁଁ ମୋ ଜୀବନଂକୁ ପରିଚାଳିତ କରିବି । ମୋ ଜୀବନକୁ ଗଢ଼ିବି । ମୋ ପିଲାମାନଙ୍କୁ ସେଇ ଆଦର୍ଶରେ ଗଢ଼ି ତୋଳିବି । ତେଣୁ ଆପଣା ଜୀବନକୁ ଅନୁଭୂତିର କଷଟି ପଥରରେ ପରଖି ପରଖି, ବ୍ୟକ୍ତିକୁ ପାଦ ପକେଇବାକୁ ପଡ଼ିବ । କେହି ଜୀବନରେ ସ୍ୱୟଂସଂପୂର୍ଣ୍ଣ ନୁହନ୍ତି । ସାଧୁମାନେ ନୁହନ୍ତି । ମହାତ୍ମାମାନେ ମଧ୍ୟ ନୁହଁନ୍ତି । ସମସ୍ତଙ୍କ ଜୀବନରେ କିଛି ନା କିଛି ଦୁଃଖ ରହିଛି । କିଛି ନା କିଛି ଅବଶୋଷ ରହିଛି । ତେଣୁ ଆମେ ଆମ ଜୀବନକୁ କେମିତି ଭାବରେ ପରିଚାଳିତ, ପରିମାର୍ଜିତ କରିବା, ତାହା ଆମ ଉପରେ ନିର୍ଭର କରୁଛି ଏବଂ ସେହି କଥା ଜୀବନରେ ଆଚରଣ କଲାବେଳେ, କହିଲାବେଳେ, ମୁଁ ଭାବେ-ପ୍ରତ୍ୟେକ ବ୍ୟକ୍ତି ଜଣେ କଣେ ସାହିତ୍ୟିକ, ଜଣେ ଜଣେ କବି । କିଏ ଲେଖିଛି, କିଏ ଛାପିଛି କିଏ ନଛାପିଛି । ଯୋଉ ଭାବ ଜୀବନ ଭିତରକୁ ଆସୁଛି, ସୃଷ୍ଟି ହେଉଛି, ସେ ଭାବନା ସେ ବନ୍ଧୁ ଆଗରେ କହି ଦଉଚି । ଏସବୁ କ'ଣ ସାହିତ୍ୟ ନୁହେଁ ? ଖାଲି ଯେତିକି କଳା ଅକ୍ଷରରେ ଛପା ହୋଇଗଲା, ସେତିକି ସାହିତ୍ୟ ? ଅତଏବ ଏହି ଯୋଉ ଭାବନା ଆସୁଛି, ସେ ଭାବନାକୁ ବ୍ୟକ୍ତ କଲାବେଳେ ମଣିଷ ନିଜକୁ ବ୍ୟକ୍ତ କରୁଛି, ଦେଖୁଚି ଏବଂ ପଚାରୁଚି - ମୁଁ କଣ କଲି ? କିନ୍ତୁ ମୁଁ କଣ କଲି, ମୋ ଜୀବନକୁ ଯେମିତି ଚଳେଇଲି, ଏହା ପଛରେ ମଣିଷର "ଇଗୋ" କାମ କରୁଛି ବୋଲି ମୁଁ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହେଁ । ଏହା ଏକ ଅହଙ୍କାର ବିହୀନ "ମୁଁ" । ସେହି "ମୁଁ" ତମମାନଙ୍କୁ ମାର୍ଗ ଦର୍ଶାଉ ଏବଂ ସେହି ମାର୍ଗ ବଳରେ, ଜୀବନରେ ଯୋଉ ଅନୁଭୂତି, ଅଭିଜ୍ଞତା ଆସିବ, ସେ ସମସ୍ତ ମୋ ଜୀବନକୁ ଯେଭଳି ରସାଣିତ କରିଛି, ତମମାନଙ୍କର ଜୀବନକୁ ସେଇଭଳି ଭାବରେ ରସସିକ୍ତ କରୁ । ମୋ ଜୀବନ ମୋ ସାହିତ୍ୟ ସମ୍ପର୍କରେ ଏତିକି ହିଁ ମୋର ବକ୍ତବ୍ୟ ।

Digitized by srujanika@gmail.com

ମୋ' ଜୀବନ ମୋ' ସାହିତ୍ୟ

ଡ. ଶରତ ଚନ୍ଦ୍ର ପ୍ରଧାନ (୧୯୩୪)

ମୋ' ଜୀବନ, ମୋ' ସାହିତ୍ୟ ସମ୍ପର୍କରେ କଣ ବା କହିବି । ଏବେ ତ ବିଶ୍ୱର ସାରସ୍ୱତ ଜଗତ ନାନା ବର୍ଣ୍ଣ, ନାନା ବିଭାରେ ପରିପୂର୍ଣ୍ଣ । ତାରି ରୂପମାଧୁରୀ ଉପଭୋଗ କରିବା, ତାରି ଛାଇଛଟକ. ଏବେ ଦେଖିବାର ବେଳ । ଆଜି ତ ସାରସ୍ୱତ ଚେତନା ଦ୍ରୁତବେଗରେ ବଦଳି ଚାଲିଛି । ନିଜ ମାଟି, ନିଜ ଆକାଶକୁ ଚାହିଁବାକୁ କା'ର ବା ବେଳ ଅଛି ? ସମସ୍ତେ ତ ବିଶ୍ୱାୟନରେ ବିମୁଗ୍ଧ ମଣିଷ ବନିବାର ସ୍ୱପ୍ନରେ ବିଭୋର । ତଥାପି ମିଟିମିଟି ଆଖିରେ ଆପଣାର ନିସ୍ତରଙ୍ଗ ଜୀବନକୁ ନିରେଖିବାକୁ ହେବ, ନିଜର ସାହିତ୍ୟ, ନିଜର ଠିକଣା ଖୋଜିବାର ବେଳ ଉପଗତ । ଲେଖକ ବନ୍ଧୁଦ୍ୱୟଙ୍କ ତାଗିଦା ମୋତେ ଆଚମ୍ବିତ କରେ । ଅନେକେ ଏ ଲେଖାପଢ଼ି ହୁଏତ ଭାବିପାରନ୍ତି ଯେ ଏତ 'ମୋ ବହି'ର ସେହି ତିନିଚକିଆ ଗାଡ଼ିର କଥା । ପିଲାଦିନେ ପଢ଼ିଥିବା 'ମୋ ବହି' କବିତାଟିରେ ଥିଲା-

"ତିନି ଚକିଆ ଗାଡ଼ିଟି ମୋର
ଚାଲେ ପବନ ପରି
ଆସରେ ଭାଇ ଚଢ଼ିବ ଯେବେ
ମଉଜ ହେବ ଭାରି ।"

ଏବେ ପ୍ରଶ୍ନ ଉଠିପାରେ, ସମ୍ପ୍ରତି ତ୍ରିନିଚକିଆ ଗାଡ଼ିର ମୂଲ୍ୟ ବା କ'ଣ ? ତା'ତ ଟିକି ପିଲାର ଟିକି ସଂସାର କଥା । ଆଜି ତ ଚାଲିଚଳଣି, ରୁଚିବୋଧ, ବେଶପୋଷାକ ଓ ମାନସିକତାରେ ଆମେ ତ ଆକାଶଚାରୀ ଓ ବିଶ୍ୱମୁଖୀ । ଧୂଳି ଧୂସରିତ ଜୀବନ, ନିଜମାଟି , ନିଜ ଭାଷା, ନିଜ ସାହିତ୍ୟ ଓ ସାହିତ୍ୟିକଙ୍କୁ ଥରୁଟିଏ ଚାହିଁବ ବା କାହିଁକି । ବିଶ୍ୱଦୃଷ୍ଟି ଓ ବିଶ୍ୱର ଅବବୋଧ ପାଇଁ ସହଯୋଗୀ ଭାଷା ବା ଲିଙ୍କ୍ ଲାଙ୍ଗୁଏଜ୍ ହିଁ ସମସ୍ତଙ୍କର କାମ୍ୟ, ନିଜ ଭାଷା, ନିଜ ସାହିତ୍ୟକୁ ନେତ୍ର ଢାଳି ଥରୁଟିଏ ଚାହିଁବାକୁ ବେଳ କା'ର ? ଚାହୁଁଛି ବା କିଏ ?

ସମକାଳୀନ ସମାଜର ଏହିପରି ଅଣଦେଖାବେଳେ କବି ଅନନ୍ତ ପଟ୍ଟନାୟକଙ୍କ ଉକ୍ତିଟିଏ ମନେ ପଡ଼େ - 'ନିଜ ବନ୍ଦନା ପଢ଼େ ସଜନୀରେ, ନିଜ ବନ୍ଦନା ପଢ଼େ ।' ପ୍ରତି ଲେଖକକୁ ଏବେ ତ ନିଜ ବନ୍ଦନା ପଢ଼ିବାକୁ ହିଁ ହେବ । ସେହି ଅନୁକ୍ରମରେ 'ମୋ ଜୀବନ, ମୋ ସାହିତ୍ୟ' ସମ୍ପର୍କରେ କିଛି କହିବାର ଅବକାଶ ରହିଛି ।

Digitized by srujanika@gmail.com

ସାହିତ୍ୟ ତ ସମାଜର ଦର୍ପଣ । ଏଥିରେ ବ୍ୟକ୍ତିଗତ ଜୀବନ ତଥା ସାମାଜିକ ବିଚାରବିମର୍ଶ ଓ ରୀତିନୀତିର ଦାର୍ପଣିକ ପ୍ରତିଫଳନ ଘଟିଥାଏ । ସାହିତ୍ୟରେ ମଣିଷ ଜୀବନର ଗହ ଗହ ଛବି ରୂପ ପାଏ । ଏ ଛବି ହୋଇପାରେ ବ୍ୟକ୍ତି ମଣିଷର ବା ଜନଗଣମନର ନତୁବା ବିଶ୍ୱ ସମବାୟର । ତେବେ ବ୍ୟକ୍ତି ମଣିଷଟି ସମୂହ ମଣିଷରେ ପରିଣତ ହେଲେ ହିଁ ପ୍ରକୃତ ମଣିଷର ଅଳିନ୍ଦରେ ସ୍ଥାନ ପାଇଥାଏ । ବସ୍ତୁତଃ ଆମେ ସାହିତ୍ୟକୁ ହେଜିଲେ, ଜୀବନକୁ ଭେଟୁ, ଜୀବନ ତ ଏକ ଅଖଣ୍ଡ ପ୍ରବହମାନ ସତ୍ତା । 'ନିସ୍ତବ୍ଧ ଜୀବନ ସ୍ରୋତ ଧାଉଁଛି କିପରି' ତୁଲ୍ୟ ଉକ୍ତିରେ ମଧୁସୂଦନ ରାଓ ତ ହତଚକିତ ହୋଇ ଜୀବସତ୍ତାର ସ୍ୱରୂପକୁ କଳି ବସନ୍ତି । ଏ ଜୀବନ ତ ଧରାଦିଏ ନା, ମାୟାମୃଗ ପରି ଭଳି କି ଭଳି ଦିଶେ । ସାହିତ୍ୟିକ ଏହି ମାୟାମୟପ୍ରଭ ଜୀବନକୁ ଲୋଡ଼ିବାରେ କାଳ ବିତାନ୍ତି । ଏଣୁ ଜୀବନ ଖୋଜାର ନାମାନ୍ତର ହେଉଛି ସାହିତ୍ୟ ।

ପ୍ରତି କବି, ପ୍ରତି ଲେଖକର ଏକ ସ୍ୱକୀୟ ଆକାଶ ରହିଛି । କବିର ଚିତ୍ତଚେତନା ଓ ତାର ଭାବଭୂମି ସବୁକିଛି ସେହି ଆକାଶରେ ଇନ୍ଦ୍ରଧନୁର ଛଟା ନେଇ ଉଦ୍ଭାସିତ ହୁଏ । ତା' ଭିତରେ କବି ଜୀବନର ବର୍ଣ୍ଣିଳ ଆଭା ଧରା ଦିଏ । ଲେଖକଟିଏ ଯେତେ ନୈର୍ବ୍ୟକ୍ତିକ ଭଙ୍ଗୀରେ କହିଲେ ହେଁ ତାର ଜୀବନ ଦୃଷ୍ଟି ତା ଲେଖାରେ ଦାନା ବାନ୍ଧେ । ଏଣୁ ମୋ ଜୀବନ ମୋ ସାହିତ୍ୟ ବିଷୟରେ ବୟାନ କଲାବେଳେ ଆତ୍ମଶ୍ଲାଘା ପ୍ରକାଶ ପାଇପାରେ । ବହୁ ସମୟରେ ପୁଣି ଗ୍ରୀକ୍‌ମିଥ୍‌ର ନାର୍ସିସସ୍ ପରି କବିଟିଏ ନିଜେ ହିଁ ନିଜ ଲେଖା ଦେଖି ବିହ୍ୱଳ ହୁଏ, ନିଜ ଲେଖାର ପ୍ରେମରେ ପଡ଼ିଯାଇପାରେ । ତେବେ ମନରେ ରଖିବାକୁ ହେବ ଯେ ଭାରତୀୟ ପରମ୍ପରାରେ କବିଙ୍କୁ ଋଷି ବୋଲି କୁହାଯାଇଛି । ଋଷିଏ ତ୍ରିକାଳ ଦ୍ରଷ୍ଟା । ସେମାନେ ସଂସାରୀ ହୋଇ ବି ଋଷି ଜନକଙ୍କ ପରି ଆଚରଣ କରିଥାନ୍ତି । ବ୍ୟକ୍ତିକତା ଭିତରେ ନୈର୍ବ୍ୟକ୍ତିକତା ହିଁ ତାଙ୍କର ଧେୟ । ତାଦୃଶ ଠାଣି ହିଁ ପ୍ରକାଶ ପାଇବା ଲେଖକୀୟ ମାନଦଣ୍ଡ । ସୁତରାଂ ଜନକପ୍ରଭ ମନୋଭାବ ପୋଷଣ କଲେ ହିଁ କେବଳ ଲେଖକୀୟ ସାର୍ଥକତା ଲାଭ ହୋଇଥାଏ । ସେ କଥା ଯାହା ହେଉ, ଏବେ ଆପଣାର ବାଙ୍ମୟ ପରିଧି ଓ ଜୀବନଦୃଷ୍ଟି ବିଷୟରେ କିଞ୍ଚିତ କହୁଛି ।

ଦୀର୍ଘ ପାଞ୍ଚଟି ଦଶନ୍ଧି ଧରି ସାହିତ୍ୟର ସେବାୟତ୍ ହେବାର ଆକାଂକ୍ଷା ପୋଷଣ କରି ଆସିଛି । କିଛି କବିତା ଲେଖିଛି; କିଛି ଆଲୋଚନା, କିଛି ପର୍ଯ୍ୟାଲୋଚନା ଲେଖିବାର ପ୍ରୟାସ ବି କରିଛି । ମୋ ଲେଖାର ଗତି ପ୍ରକୃତି ଓ ସାଧନା ତଥା ସିଦ୍ଧି ସମ୍ପର୍କରେ ମୁଁ ନିଜେ ବଖାଣିଲେ ହ୍ରେଷାରବ ଉଠିବାର ସମ୍ଭାବନା । ତେବେ ମୋ ସାରସ୍ୱତ ସନ୍ତାନସନ୍ତତିଟିଏ ପାଠକପାଠିକାଙ୍କ ସପକ୍ଷରେ କିପରି ଉଭା ହେବେ ଓ କିପରି ସ୍ୱୟଂମ୍ବରା ହେବେ ସେଥିପାଇଁ ନିଜକୁ ହିଁ ମୁଦ୍ରସୁଲୀର ଭୂମିକା ନିର୍ବାହ କରିବାକୁ ହେବ ।

Digitized by srujanika@gmail.com

ପ୍ରଥମେ କହିରଖେ - ଲେଖାଟିଏ ଲେଖିଲାବେଳେ ମୁଁ ସର୍ବଦା ମା ମନ ନେଇ ଲେଖିବସେ । ମୋ ଦୃଷ୍ଟିରେ କବି ଲେଖକେ ମନୁଷ୍ୟ ଜାତିର ନିତ୍ୟକାଳର ଚକ୍ଷୁ, ସେମାନେ ପରିପାର୍ଶ୍ୱ ଓ ପ୍ରେକ୍ଷାପଟକୁ ଦେଖନ୍ତି, କଳନା କରନ୍ତି ଓ ଅନୁଭୂତି ମେଦୁରିତ ଜୀବନ ବିତାନ୍ତି । ଆବଶ୍ୟକ ମୁତାବକ ସ୍ୱକୀୟ ଆକାଶଟିଏ ବି ନିର୍ମାଣ କରିପକାନ୍ତି । ସେଠି ସ୍ମୃତିବିସ୍ମୃତିର ଘନକୃଷ୍ଣ ମେଘ ସଞ୍ଚରିଯାଏ, ଘଟଣାକ୍ରମେ ବର୍ଷାବାହୀ ମେଘ ପାଲଟେ । ସେ ସବୁ ଲେଖା, କବିତା ରୂପ ନେଇ ଆସନ୍ତି । ବହୁ ଅଜବ କଳ୍ପନା, ଅଲୋଡ଼ା କଥା, ଲୋମହର୍ଷଣକାରୀ ଉପାଖ୍ୟାନ ଚେତନାର ତଳାତଳ ଇଲାକାରେ ସମ୍ପାଳୁଆ ପରି ଖେଳି ବୁଲୁଥାନ୍ତି, ସେ ସବୁ ପର୍ଯ୍ୟାୟକ୍ରମେ କୋଷାବାନ୍ଧି ପ୍ରଜାପତି ବନନ୍ତି ଏବଂ ଲେଖା ପାଲଟନ୍ତି । ସେତେବେଳେ କବି ବା ଲେଖକଟି ମା ପରି ସେମାନଙ୍କୁ ଜନ୍ମ ଦିଅନ୍ତି ଏବଂ ପ୍ରତିପାଳନ କରନ୍ତି । ଲେଖାମାନ ଇନ୍ଦ୍ରଧନୁର ଝଟକ ସହ ଫୁଟିଉଠେ ଏବଂ ମଣିଷମନକୁ ବିହ୍ୱଳ କରି ଦେଇଥାଏ, ଏଣୁ ପ୍ରତି କବିର ମାଗୁଣି ହେଉଛି -

"ଦିଅ ମୋତେ ହାତେ ଭୂମି ଜହ୍ନ ଆଲୁଅରେ
କର ମୋତେ ମେଘ ଖଣ୍ଡେ ତୁମ ଆକାଶରେ ।"

ଅନ୍ୟ କଥାରେ କହିଲେ ପ୍ରତିକବିର ସ୍ୱକୀୟ ଆକାଶଟିଏ ଗଢ଼ିବାକୁ ତାହା ଯେମିତି ଆପଣାର ବର୍ଣ୍ଣବିଭା, ବୈଶିଷ୍ଟ୍ୟ ନେଇ ଶୋଭା ପାଇବ, ସେଥିପ୍ରତି ଦୃଷ୍ଟି ଦିଆଯାଇଥାଏ ।

ମୋର ପ୍ରଥମ କବିତା ସଙ୍କଳନ ହେଉଛି 'ନଈ ଆଉ ମାଛ ହଂସ ଓ ସାରସ' । ଏଠି 'ନଈ ପ୍ରବହମାନତାର', 'ମାଛ'ଆଦ୍ୟ ଜୀବସୃଷ୍ଟିର; 'ହଂସ' ଆତ୍ମଶକ୍ତି ଏବଂ 'ସାରସ' ଉଡ଼ାଣର ପ୍ରତୀକତା କରନ୍ତି । ବସ୍ତୁତଃ କବିତାରେ ଆରମ୍ଭ, ବିକାଶ ଓ ପରିଣତିର ସୂତ୍ରକୁ ଏଠି ଖୋଜାଯାଇପାରେ । ଏକଥାକୁ କବିତା ଲେଖାରେ ହାତ ଦେବା ଦିନୁ ହିଁ ଅନୁଭବ କରିଛି । ମୋରି 'ଚଇତର ଫୁଲ ସଞ୍ଜେ' କବିତାଟି ହିଁ ପ୍ରାଥମିକ ପର୍ଯ୍ୟାୟରେ ସୁଧୀପାଠକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ସେଥିରେ ବୟାନ କରାଯାଇଥିଲା -

"ଚଇତର ଫୁଲ ସଞ୍ଜେ
ଚଇତାଳି ଗୀତରେ
ଚଇତର ଘୋଡ଼ା ମୋର
ଫୁଲି ଫୁଲି ନାଚରେ ।
ଏ ଜୀବନ ଅସମାନ, ପାହାଡ଼ର ଝରଣା
ଏ ପରାଣ ଶିଶୁଖେଳ, ମନ ଭୁଲା ଖେଳନା,
ଏ ପୃଥିବୀ ଚାଳଘର, ସୁଖଦୁଃଖ ନିଆରା
ଜନମ, ମରଣ ଏଥି, ନୂଆ ନୂଆ ଡାକରା"

Digitized by srujanika@gmail.com

ଏହାକୁ ହୁଏ ତ କୁହାଯାଇପାରେ, ମୋ ଜୀବନାନୁଭବର ଆଦିବାର୍ତ୍ତା, ପ୍ରାଥମିକ ପରିଶୀଳନ । ଏ ଧରଣର ଆଉ କେତେକ କବିତା 'ଶରତ ସମ୍ଭାର' ପ୍ରଥମ ପର୍ବରେ 'ପୂର୍ବପର୍ବ' ଶୀର୍ଷକରେ ସ୍ଥାନିତ ହୋଇଛି ।

ଏ ଯାବତ ଏ ଲେଖକର ୧୧ଟି କବିତା ସଙ୍କଳନ ପ୍ରକାଶ ପାଇଛି । ପ୍ରତି ସଙ୍କଳନରେ ମୋ' ଜୀବନ ମୋ' ସାହିତ୍ୟର ରୂପରେଖ ସମ୍ପର୍କରେ ଉତ୍ସାହୀ ପାଠକେ ସନ୍ଧାନ ନେଇପାରନ୍ତି । ସଙ୍କେତାତ୍ମକ ଭାବେ ମୁଁ କେବଳ ମୋ' ଜୀବନ ମୋ' ସାହିତ୍ୟର ରେଖାଚିତ୍ର ଆଙ୍କିବି ସିନା । କବିତାକୁ ଯେତେ ନୈର୍ବ୍ୟକ୍ତିକ କହିଲେ ହେଁ ଲୋକକଥାର ସାତତାଳ ପଙ୍କରେ ବୁଢ଼ୀ ଅସୁରୁଣୀର ଜୀବନ ପରି ଲେଖକର 'ଅହଂ'ଟି ଲୁଚି ରହିଥାଏ । ଲେଖକଟିଏ ବଞ୍ଚି ରହିବାକୁ ହେଲେ ତା'ର ଲେଖାରେ ସ୍ୱକୀୟ ଠାଣି, ସ୍ୱକୀୟ ଚେହେରା ଓ ସ୍ୱକୀୟ ସତ୍ତା ଥିବା ଦରକାର, ଏତାଦୃଶ ଭାବାବେଗ ନେଇ କବିତା ବା ସାହିତ୍ୟର ସେବାୟତ ବନିବାରେ କେତେଦୂର ସମର୍ଥ ହୋଇଛି, ଜାଣେନା । ତେବେ ହୁଏତ ପ୍ରଚେଷ୍ଟା ଜାରି ରଖିଛି । ଯେମିତି କି 'ଜୀବନ' କବିତାରେ " ମୋ ସ୍ମୃତିର ଆକାଶରେ ସକାଳର ମୃଗ" ହେବାହିଁ କବିର ନିୟତି । 'ବଳୀବର୍ଦ୍ଧ ଉପାଖ୍ୟାନ'ରେ ନିଜର ସଂଘର୍ଷମୟ ଜୀବନର କାହାଣୀ ବଖାଣିବାକୁ ଯାଇ କହିପକାଏ ଯେ 'ଆଜିର ଏ ଦ୍ୱିପ୍ରହରେ/ଟିଣଛାତ ତଳେ/ ଦୁର୍ବିଷହ ବଳୀବର୍ଦ୍ଧ/ପାକୁଳି ଭିତରେ' ମଣିଷକୁ ବଞ୍ଚିବାକୁ ହିଁ ହେବ । ଖରାତରାରେ ବଳିବର୍ଦ୍ଧର ଗାଡ଼ିଟଣା ଚାଲିଛି ଓ ଚାଲିବ । ମୋ ଆଖିରେ ସମୟ ଅବୋଲକରା; ସେ ଅରକ୍ଷିତ ଭଣ୍ଡାରୀଟିଏ । ଅଇଁନା ଦେଖାଇ ସଙ୍ଗେ ସଙ୍ଗେ ଅପସରିଯିବା ତାର ନିୟତି, ସେ ବାମନାଭୂତ ପରି କେବଳ ଘୂରି ବୁଲୁଥାଏ; କ୍ଷଣକ ପାଇଁ କମଳ ପକାଏ କିନ୍ତୁ ଛଡା ପୋତେନି, ଏଇ ତ ମଣିଷର ଜୀବନ । ସେ ବିଚ୍ଛନ୍ଦ ମନେ ହେଲେ ବି ଜୀବନ ରଣରେ ସତତ ସୂତ୍ରିତ ।

ମୋ ଆଖିରେ ସଂସାରଟା ହଳିଲା ପାଣି ପରି । ହଳିଲା ପାଣିରୁ ଗୋଡ଼ କାଢ଼ିନେବି ବୋଲି ଚାହିଁଲେ ବି ଗୋଡ଼ କାଢ଼ି ହୁଏ ନା । କାରଣ ହଳିଲା ପାଣିରେ ଗୋଡ଼ ଦେବାହିଁଟା ତ ଜୀବନ । ମଣିଷ କାଳ କାଳ ଧରି ହଳିଲା ପାଣିରୁ ଗୋଡ଼ କାଢ଼ିବାକୁ ଚାହିଁଲେ ବି ଗୋଡ଼ କାଢ଼ିପାରେ ନାହିଁ । ଜଞ୍ଜାଳଗ୍ରସ୍ତତା ହିଁ ସଂସାରୀ ମଣିଷର ଇପ୍‌ସିତ ଭାଗ୍ୟ । ଭୂରିଶ୍ରବା ପରି ଆମେ ଯେତେ ଏ କାଳର ମଣିଷ ଉପସ୍ଥିତ ଜୀବନକୁ ମୁକାବିଲା ନ କରି ବାର ହାତୀ ପାଗ ଭିଡୁଥାଏ ଓ ସଜ ହେଉଥାଏ । କିନ୍ତୁ ପାଗବନ୍ଧା ସରେ ନା । ମୁଁ ବି ଜୀବନରେ ବହୁ ପ୍ରକଳ୍ପ ହାତକୁ ନେବି ନେବି ବୋଲି ଭାବି ରହିଛି; କିନ୍ତୁ ଏ ଯାବତ୍ କାର୍ଯ୍ୟ କରିପାରିନାହିଁ ।

Digitized by srujanika@gmail.com

ମୋ ଦୃଷ୍ଟିରେ ଜୀବନଟା 'ପାହାଡ଼ ଚଢ଼ା' । ଝାଳନାଳ ନ ହେଲେ ଜୀବନକୁ ବୁଝି ହୁଏନା । ପ୍ରତିବନ୍ଧକର ମାଇଲ୍ ମାଇଲ୍ ଇଲାକାକୁ ସାମନା କରି ନ ପାରିଲେ ମଣିଷ ସଫଳ- କାମ ହୋଇପାରେନା । ବସ୍ତୁତଃ କବିମାତ୍ରେ 'ଅସ୍ଥିରପାଦ' । ସେ ଟିକେ ଭୂମି, ଟିକେ ଆକାଶ ଚାହେଁ; ଶବ୍ଦର ଚକ୍ରବ୍ୟୂହରେ ବନ୍ଦୀ ହୋଇ କୁବ୍ଜ ରାଜହଂସ ତୁଲ୍ୟ କେବଳ ପଡ୍ ପଡ୍ ଡେଣା ଛାଟିଥାଏ । ଏମିତି ମୋ ଜୀବନରେ ନାନା ଘଟଣା ଦୁର୍ଦ୍ଦଶା ଘଟିଛି, ଯାର ନିଚୋଳ ରୂପାୟନ ମୋର ଆତ୍ମଜୀବନୀ 'ସାହିତ୍ୟର ସେବାୟତ'ରେ ରହିଛି । 'ଅସ୍ଥିରପାଦ' କବିତାରେ ତାର ସଙ୍କେତ ମାତ୍ର ହୁଏ ତ ଖୋଜାଯାଇପାରେ । ଶତାବ୍ଦୀର ଶାଳବନରେ କବିତାର ସଂଚରଣ ପାଇଁ ଚେତନାର ନୀଳପକ୍ଷୀର ଉଡ଼ାଣ ନିମିତ୍ତ ଦ୍ୱିଧାହୀନ ମେଘମୁକ୍ତ ଉଷାନିଭ କବିତାର ପରିପ୍ରକାଶ କଲ୍ପେ । ମୋର ମାଗୁଣି ଥିଲା -

" ଦିଅ ମୋତେ ଟିକେ ଭୂମି
 ଟିକିଏ ଆକାଶ

ଶବ୍ଦଙ୍କର ଚକ୍ରବ୍ୟୂହେ
ଗ୍ରୀବାଟେକି ଡେଣା ଛାଟେ
ମୁଁ କି କୁବ୍ଜ ହଂସ ।"

ଏପରି କାବ୍ୟଚିନ୍ତନ ପରେ ରଚିତ ହୋଇଛି 'ଯଯାତି' ପରି ଦୀର୍ଘ କାବ୍ୟକୃତି । ଏଥିରେ ଫ୍ରଏଡ୍ ବର୍ଣ୍ଣିତ ଯୌନାବେଗରେ ମଣିଷ କିପରି ଆଜୀବନ ଆକ୍ରାନ୍ତ, ତାର ଚିତ୍ର ରହିଛି । ଆଧୁନିକ ଯୁଗର ମଣିଷମାନେ ଯଯାତିଙ୍କ ପରି ଯୌନାବେଗରେ କ୍ଷୁଧିତ, ତାରି ନିଛକ ପ୍ରତିଫଳନ ଏ କାବ୍ୟକୃତିର ଫଳଶ୍ରୁତି । ଏଠି ମୃତ୍ୟୁ ଓ ମୈଥୁନ ଏକତ୍ର କିପରି ସଞ୍ଚରିତ ଦେଖାଇ ଦିଆଯାଇଛି । ଯୌବନ ବିନା ଜୀବନ କାହିଁ । ଯୌବନର ଯୌବରାଜ୍ୟରେ ଜୀବନର ଚରମ ସିଦ୍ଧି; ତ୍ୟାଗ ହିଁ ଭୋଗର ପରିଣତି । ସମ୍ଭୋଗରୁ ସନ୍ନ୍ୟାସ । ଏତାଦୃଶ ଚେତନା ସମୂହର କାବ୍ୟରୂପ ମୋର 'ଯଯାତି' ।

ମୋର ପରବର୍ତ୍ତୀ କାବ୍ୟଦିଗନ୍ତକୁ ଚିହ୍ନଟ କରିବାକୁ 'ଅଭୟଭୟ' କୃତିରୁ ପଂକ୍ତିଟିଏ ଉଦ୍ଧାର କରାଯାଇପାରେ ।

" ନିଥରିତ ଶବ୍ଦଙ୍କର
ଶାଦ୍ୱଳିତ ଚରାଭୂଇଁ
ଏକାନ୍ତ ଅସ୍ଥିର,
କନକନିଆ ମୃଗ ମୁଁ ବା
ରହିଥାଏ, ସେହି ବାଟ ଚାହିଁ ।"

ଜୀବନର ଯେତେଭୟ ଦିନେ ନା ଦିନେ ଅଭୟର ପରିଧିରେ ପହଞ୍ଚନ୍ତି । ସେଠୁ ଜୀବନରେ ପର୍ଯ୍ୟାୟକ୍ରମେ ଡରୁଆ ଭାବ କଟିଯାଏ । କନକନିଆ ମୃଗ ପରି

Digitized by srujanika@gmail.com

ଜୀବନଚର୍ଯ୍ୟାରେ ସ୍ୱଚ୍ଛ ଓ ସ୍ୱଚ୍ଛନ୍ଦରେ କାଳ ବିତେଇବାକୁ ହୁଏ । ପ୍ରତି ମଣିଷ ପରି ମୋରି ବି ଜୀବନଚର୍ଯ୍ୟା ଏଇମିତି କଟିଛି । ଏହା ପରେ 'ବତ୍ରିଶ ସିଂହାସନ' ଆରୋହଣରେ ପ୍ରୟାସୀ ହୋଇଛି ।

ବତ୍ରିଶ ସିଂହାସନ ବହୁ ଜନାକାଙ୍‌କ୍ଷିତ ଏକ ସିଂହାସନ ମାତ୍ର ନୁହେଁ । ଏହା ମଣିଷକୁ ସ୍ୱକୃତ ପଥରେ ନେବା ପାଇଁ ଏକ ଜୀବନମଞ୍ଚ ମଧ୍ୟ । 'ସିଂହାସନ ଆରୋହଣ ପୂର୍ବରୁ' ଶୀର୍ଷକ ପ୍ରାକ୍‌କଥନରେ କହିଥିଲି - 'ଜନଶ୍ରୁତି ତ ମଣିଷ ମନର ସାପୁଆପେଡ଼ି, ସେହି ପେଡ଼ିରେ କାହାଣୀ ନାଗଏ ଶୋଇଥାନ୍ତି । କବିକୁ ସାପୁଆ କେଳା ସାଜି ସେହି ନାଗଙ୍କୁ ଖେଳାଇବାକୁ ହୋଇଥାଏ । ବିବେକ ବିଧୃତ ମଣିଷ ପାଇଁ ବତ୍ରିଶ ସିଂହାସନ ବି ନାଗଖେଳା ମଞ୍ଚ ପାଲଟିଯାଇଛି ।' ଆଲୋଚ୍ୟକୃତିରେ ଆଧୁନିକ ମଣିଷର ସମକାଳୀନ ବିବିଧ ସମସ୍ୟାର ମୁକାବିଲା କରିବାକୁ ମୋର ଲେଖକୀୟ ସତ୍ତା ସାପୁଆକେଳାର ଭୂମିକା ନେଇଛି । ଫଳରେ ମଣିଷର ଶୁଭ୍ର ସତ୍ତାରେ ରାଜନୀତି, ସମାଜନୀତି, ଶିକ୍ଷା ବ୍ୟବସ୍ଥା, ସାରସ୍ୱତ ଦୃଷ୍ଟି ଓ ଜନଜୀବନରେ ଯେଉଁ ଅଳନ୍ଧୁ ଲାଗିଛି କିୟତ୍ ପରିମାଣରେ ତାହା ବିଦୂରିତ ହେବ ବୋଲି ଆଶାପୋଷି ବ୍ୟଙ୍ଗାତ୍ମକ ଶୈଳୀରେ ଏ ଦୀର୍ଘ କାବ୍ୟକୃତିର ପରିକଳ୍ପନା । ଏ ଜାତିର କବି ଲେଖକେ ନିଜର ଭୋଜରାଜ ପଣ ପ୍ରକଟ ନ କଲେ ଜନଚେତନାରେ ଶୁକ୍ଳିମା ଚହଟିବ ନିଶ୍ଚୟ ବୋଲି ମୋର ବିଶ୍ୱାସ ।

'ବଗିଚାର ଦୃଶ୍ୟ' କବିତା ସଙ୍କଳନଟି ପରିବାରୀ ଓ କୁଟୁମ୍ବୀଜନଙ୍କ ପାଇଁ ଅଭିପ୍ରେତ । ପ୍ରତ୍ୟେକ ମଣିଷ କିପରି 'ମୁଁତ୍ୱ'ର ଅନୁସନ୍ଧାନରେ ରତ, ତାର ରୂପଚିତ୍ର ଏ କୃତିଟିରେ ସମୁଜ୍ଜ୍ୱଳ ହୋଇଉଠିଛି । ଏଥିପାଇଁ ହୁଏତ 'ମୁଁ ଖୋଜା' ଶୀର୍ଷକ କବିତା ରଚିତ, ସେଠି କୁହାଯାଇଛି -

"ମୁଁଙ୍କର ଫୁଲବନେ
କର ମୋତେ ମହୁମାଛି
ଦିଅ ମୋତେ ଟିକେ ମୁଁ
ପ୍ରଜାପତିଟିର ।"

ଏହାକୁ ମଧ୍ୟ ମୋ କାବ୍ୟମାନସ ଓ ଜୀବନ ଭଙ୍ଗୀର ଦ୍ୟୋତକ କୁହାଯାଇପାରେ । 'କବିର ଅଭିସାର'ରେ

"ଜନମେ ଜନମେ
ତୁମରି ପାଇଁ କି
କରୁଥାଏ ଅଭିସାର
ନୀଳାଭ କବିତା ମୋର ।"

Digitized by srujanika@gmail.com

ଭିତରୁ ମୋ ଚିତ୍ତଚେତନାକୁ ମଧ୍ୟ ନିରୂପଣ କରିହେବ । 'ଦର୍ପଣରେ ତୁମେ' ପରି କବିତାରେ ମୋର କାବ୍ୟ ମନସ୍କତାକୁ ଆହୁରି ମଧ୍ୟ ଚିହ୍ନଟ କରାଯାଇପାରେ, ତାର ସଙ୍କେତ ନିମ୍ନୋକ୍ତ ଉକ୍ତିରେ ରହିଛି :-

" ତଥାପି ମୁଁ ଚାହୁଁଥାଏ
ସେହି ଦର୍ପଣକୁ
ମୋ ଭିତରେ ତୁମ ରୂପ
ନୀତି ଦେଖିବାକୁ ।"

ଏଠାରେ 'ତୁମେ'ଟି କିଏ ଓ କାହିଁକି ସୁଧୀପାଠକେ ଅବଶ୍ୟ ନିର୍ଦ୍ଧାରଣ କରିପାରିବେ । ଏଣୁ 'ନୀଳାଭ ନିମନ୍ତ୍ରଣ ହେଉ' ବା 'ଇନ୍ଦ୍ରଧନୁର ଭାଷା' ହେଉ ଅଥବା ସମ୍ପ୍ରତି ପ୍ରକାଶ ପାଇଥିବା 'ଅଦୃଶ୍ୟ ଡଗର' ସଙ୍କଳନ ହେଉ ସବୁ କବିତା ସଙ୍କଳନରେ ମୋର ଜୀବନଦୃଷ୍ଟି ଓ ମୋର ସାରସ୍ୱତ ପାଣିପାଗ ସମ୍ପର୍କରେ ସୂଚନାମାନ ଖୋଜାଯାଇପାରେ । 'ନୀଳାଭ ନିମନ୍ତ୍ରଣ ଅବସରରେ' ଶୀର୍ଷକ ଭୂମିକାରେ ତ କୁହାଯାଇଛି 'ସବୁଠି ତ ଆଶା ନିରାଶାର କୁରୁକ୍ଷେତ୍ର, ପ୍ରକୃତିର ବେଲାଳସେନୀ ରୂପ, ଚାରିଆଡ଼େ ଏରକା ବଣ, ସମୟ ଏବେ ଭିଡ଼ିମୋଡ଼ି ହେଉଛି; ତଥାପି ତାର ଗତି ଚାକ୍ରିକ; ଜଗନ୍ନାଥଙ୍କ ଚକାଡୋଳା ପରି ସମୟ ବି ଢୋଲା ଢୋଲା ଆଖିରେ ଆମକୁ ଚାହିଁଛି । ଆମେ ଆଗକୁ ଚାଲିଛୁ, ଜୀବନକୁ ମୁକାବିଲା କରୁଛୁଁ; ନାନା ଦୁଃସ୍ଥିତି ଭିତରେ ଏବେ ପୁଣି କବିତାର ଘରବାହୁଡ଼ା ପର୍ବ ।' ଏଥିରୁ ମୋ କାବ୍ୟକବିତାର ଆଭିମୁଖ୍ୟ, ଏକବିଂଶ ଶତାବ୍ଦୀର ମନ ଓ ମନନକୁ ହୁଏତ ନିରୂପଣ କରାଯାଇପାରେ । ଉପନିଷଦର 'ନମନୁଷ୍ୟାତ୍ ଶ୍ରେଷ୍ଠତର କିଞ୍ଚିତ୍' ବଚନିକାର ପ୍ରତିପାଦିତ ରୂପ 'ବୃକୋଦର' କାବ୍ୟକୃତିଟି । ପୁରାଣର 'ବୃକୋଦର' ମୋର କୃତିରେ ରକ୍ତମାଂସର ମଣିଷଟିଏ ହୋଇ ଉଭାହୋଇଛି । ତା ଭିତରେ ମନୁଷ୍ୟ ସୁଲଭ ସ୍ଖଳନ, କ୍ଷୁଧା ସବୁ କିଛି ଥିଲା । ସେ ଜନ୍ମ, ପ୍ରଜନନ ଓ ମୃତ୍ୟୁ ପରି ପ୍ରତି କ୍ଷେତ୍ରରେ ଏକ ସଂଗ୍ରାମୀ ସତ୍ତା । ଏଥିରେ ପାଠକେ ସମକାଳୀନ ମଣିଷ ସହିତ ନିତ୍ୟକାଳର ମଣିଷକୁ ଭେଟିପାରିବେ । ଆଜିର ମଣିଷ ନୃଶଂସ ଓ ଆତତାୟୀ ହେଲେ ବି ତା ଭିତରେ ଏକ ଭୀମେଇ ସତ୍ତା ରହିଛି । ମୋ ଦୃଷ୍ଟିରେ ବୃକୋଦରୀବାଣୀ, ଭୀମେଇ ମନ, ମଣିଷ ଜାତି ଓ ଆତ୍ମୀୟସ୍ୱଜନକୁ ଭଲ ପାଇବା ଭିତରେ ହିଁ ମଣିଷପଣିଆ ରହିଛି । ଏ ମଣିଷ ମୃତ୍ୟୁମୁଖୀ ହୋଇ ବି କାଳ କାଳ ପାଇଁ ବଞ୍ଚିରହେ । ଏଥିପାଇଁ 'ବୃକୋଦର' ଦୀର୍ଘକବିତାର ଶେଷଭାଗରେ କୁହାଯାଇଛି -

Digitized by srujanika@gmail.com

"ଚାରିଆଡ଼େ
ନୀଳସ୍ମୃତି
ମଣିଷ ଜାତିର
ଭୀମେଇଁ ମନଟି ମୋର
ଲୁହ ଛଳ ଛଳ ।"

ଏହିପରି ମୋ କବିତା ସଙ୍କଳନମାନଙ୍କରୁ ବିଭିନ୍ନ ଦୃଷ୍ଟାନ୍ତ ଦେଇ ମୋର ଜୀବନଦୃଷ୍ଟି ଓ କାବ୍ୟଦେହଳି ସମ୍ପର୍କରେ ଯତ୍‌କିଞ୍ଚିତ୍ ବୟାନ ଦେଲି । ମୋ କବିତା ରୋମାଣ୍ଟିକ୍ ନା କ୍ଲାସିକ ନା ଆଧାତ୍ମିକ ମାନସିକତାକୁ ବରିନେଇଛି, ତାହା ପାଠକେ ନିରୂପଣ କରନ୍ତୁ । ନିଜେ ନିଜକୁ କଳିବା ସମୀଚୀନ ନୁହେଁ, ସାହିତ୍ୟିକେ ଏବେ ଅବଶ୍ୟ ଭିନ୍ନ ଭିନ୍ନ ରଙ୍ଗକୁ ଭିନ୍ନ ଭିନ୍ନ ଚେତନାର ଉନ୍ମେଷକ ବୋଲି ମନେ କରନ୍ତି । ଲାଲ ହୁଏ ବାଲ୍ୟର, ସବୁଜ ସାଜେ ଯୌବନର ଏବଂ ହଳଦିଆ ବନେ ବାର୍ଦ୍ଧକ୍ୟର ପ୍ରତୀକ । ଆଧାତ୍ମିକ ମାର୍ଗୀ ଏ ଚେତନାର ଚାରୋଟି ଅବସ୍ଥା କଥା କହିଥାନ୍ତି । ସେଗୁଡ଼ିକ ହେଲା ଜାଗୃତି, ସୁପ୍ତି, ସୁଷୁପ୍ତି ଏବଂ ଇନ୍ଦ୍ରିୟାତୀତ ଅବସ୍ଥା । ଏମାନେ ପୁଣି ପର୍ଯ୍ୟାୟକ୍ରମେ ଚିତ୍ତଭାଗରେ ଲୋହିତ, ଶ୍ୱେତ, କୃଷ୍ଣ ଓ ନୀଳଜ୍ୟୋତିକୁ ପ୍ରତ୍ୟକ୍ଷ କରିଥାନ୍ତି ବୋଲି ବୟାନ କରନ୍ତି । କବିର ମନୋଭୂମିରେ ସୃଜନ ପର୍ଯ୍ୟାୟରେ ନାନା ରଙ୍ଗ, ନାନା ଭାବର ପଶୁଆର ଚାଲିଥାଏ । ପାଠକେ ତ ରାଜଶେଖରଙ୍କ ପରିଭାଷାରେ ସୁହୃଦ ଓ ହୃଦୟର କବି । ସେମାନେ ମୋ ଲେଖାରେ ବା କବିତାରେ କେଉଁ ରଙ୍ଗ, କିପରି ଉକୁଟି ଉଠୁଛି ତାହା ନିର୍ଦ୍ଧାରଣ କରିପାରିବେ ।

ଜୀବନରେ ୩୫ ବର୍ଷକାଳ ଅଧାପନା ବୃତ୍ତିକୁ ଆପଣେଇ ନେଇଥିଲି । ତାର ଫଳଶ୍ରୁତି, ସ୍ୱରୂପ କେତେକ ଚର୍ଚ୍ଚା ନିବନ୍ଧ ଓ ଗଦ୍ୟରଚନା । 'ମଧୁସୃଷ୍ଟି: ଅମୂର୍ତ୍ତ ଦୃଷ୍ଟି' ମୋର ଗବେଷଣାତ୍ମକ ଚର୍ଚ୍ଚା ନିବନ୍ଧ । ମୋ ପାଇଁ ମଧୁସୂଦନ ରାଓ ଭକ୍ତ କବି ମାତ୍ର ନୁହଁନ୍ତି ତାଙ୍କ କୃତି ଓ କୃତିତ୍ୱକୁ ଅମୂର୍ତ୍ତ ଦୃଷ୍ଟିରେ କଳିବାକୁ ଚାହିଁଛି । ସେ କିପରି ଆଧୁନିକ ଚିନ୍ତା ଚେତନା ଓ କାବ୍ୟ ଦେହଳିର ଅନ୍ୟତମ ସାରସ୍ୱତ ପୁରୁଷ ତାହା ନିର୍ଦ୍ଧାରଣ କରାଯାଇଛି ।ଏତଦ୍‌ବ୍ୟତୀତ କେତୋଟି ସାହିତ୍ୟିକ ବୀକ୍ଷା ଓ ଆଲୋଚନା ଲେଖିଛି । ସେଗୁଡ଼ିକ ହେଲା 'କାବ୍ୟଧାରା ଓ କବିମାନସ'; 'ସାହିତ୍ୟ ସଙ୍ଗମ'; 'ସାହିତ୍ୟବାର୍ତ୍ତା', 'ସାମ୍ପ୍ରତିକ କବିତାର କୁଳ ଓ ଶୀଳ' 'ବାଙ୍ମୟ ପରିଧି : ଆଧୁନିକ ଓଡ଼ିଆ ସାହିତ୍ୟ ପ୍ରଦକ୍ଷିଣ' । ଏସବୁ ଛାଡ଼ି ଆମେ ପାଞ୍ଚଜଣ ସାହିତ୍ୟସେବୀ ଅଧାପକ ଏକତ୍ର ମିଶି ପ୍ରାୟ ଦଶ ହଜାର ପୃଷ୍ଠା ସମ୍ବଳିତ 'ଓଡ଼ିଆ ଭାଷାକୋଷ' ସଙ୍କଳନ କରିଛୁଁ । ଏଥିରୁ ନଅଖଣ୍ଡ ପ୍ରକାଶିତ ଏବଂ ଶେଷ ଖଣ୍ଡଟି ପ୍ରକାଶୋନ୍ମୁଖୀ । ଏଇଠି ପୁଣି ସୂଚେଇଦିଏ ଯେ ପାଠ୍ୟପୁସ୍ତକ ପ୍ରକାଶନ

Digitized by srujanika@gmail.com

ସଂସ୍ଥାରେ ଭାଷାବିଶେଷଜ୍ଞ ରୂପେ ଅବସ୍ଥାପିତ ଥିଲାବେଳେ ଜ୍ଞାନବିଜ୍ଞାନକୁ ଓଡ଼ିଆଭାଷାରେ ରୂପ ଦେବାକୁ ୨୭/୨୮ଟି ଯାଏ ପରିଭାଷା (Glossary) ପ୍ରସ୍ତୁତରେ ସହାୟତା କରିଛି । ଓଡ଼ିଆ ଭାଷାରେ ପ୍ରକାଶ ପାଇଥିବା ବିଜ୍ଞାନ ଗ୍ରନ୍ଥମାନ ସୁଖପାଠ୍ୟ ହେବ, ସେଥିରେ ସହାୟତା ବି କରିଛି, ପୁନଶ୍ଚ ଅନୁବାଦ ଓ ଅନୁସୃଜନ କ୍ଷେତ୍ରରେ ନିଜକୁ ମଧ୍ୟ ବିନିଯୋଗ କରିବାକୁ ଚେଷ୍ଟା କରିଛି । ତାର ସୂଚନା ମୋଦ୍ୱାରା ଅନୂଦିତ 'ପାଶ୍ଚାତ୍ୟ ଶିକ୍ଷାର ସାଂସ୍କୃତିକ ଇତିହାସ' ଓ 'ପ୍ରାୟୋଗିକ ଭାଷା ବିଜ୍ଞାନର ଦିଗବିଦିଗ' ପରି ଗ୍ରନ୍ଥରୁ ଖୋଜାଯାଇପାରେ ।

ଏବେ ତ ଜୀବନର ଗୋଧୂଳି ପର୍ବରେ ଉପନୀତ । କବିତାର ମୁହାସ ଛାଡ଼ିପାରି ନାହିଁ । ଗଦ୍ୟ କେତେବେଳେ ଭ୍ରମଣବୃତ୍ତାନ୍ତ, କେତେବେଳେ ପ୍ରବନ୍ଧର କଳେବର ନେଇ ମୋ ପାଖେ ଉଭା ହେଉଛନ୍ତି । ଏ ହେଉଛି 'ମୋ ଜୀବନ ଓ ସାହିତ୍ୟ'ର କଥା । ସାହିତ୍ୟସେବୀ ଓ ବହୁ ଗବେଷକଙ୍କ ସାନ୍ନିଧ୍ୟ ମୋର ଜୀବନକୁ ଏବେ ମଧ୍ୟ ଅନୁସିକ୍ତ କରୁଛି । ପରିଶେଷରେ 'ତୁମପ୍ରତି' କବିତାର ପଂକ୍ତିଟିଏ ଉଦ୍ଧାର କରି ସହୃଦୟବର୍ଗଙ୍କୁ ପୃଚ୍ଛା କରୁଛି-

"ଏ ଦେହେ କାହାର ଛାଇ ତୁମର ନା ମୋର/ଏ ଦେହେ କାହାର ନଈ ମୋର ନା ତୁମର/କୁହ ତୁମେ ପ୍ରିୟତୁମେ କିଏ କାହା ଭ୍ରମ/ଦର୍ପଣର ମୁଁ କି ନୁହେଁ ତୁମ ପ୍ରତିସମ ।"

ମୋ ଜୀବନ ଓ ମୋ ସାହିତ୍ୟର ଆଉ ବା କି ସମ୍ବାଦ ଦେବି । ମୋ ଜୀବନ ଓ ଜୀବିକା ସ୍ଥୂଳ ବିବରଣୀର ମୋର ଆତ୍ମଚରିତ - "ସାହିତ୍ୟର ସେବାୟତ" । ତେବେ ମୋର ସାରସ୍ୱତ ସ୍ୱରୂପକୁ କଳିବାକୁ ହେଲେ ମୋ ଲେଖାକୁ ପଢ଼ିପାରନ୍ତି । ଡି.ଏଚ୍. ଲରେନ୍ସ ଏକଦା କହିଥିଲେ - "Never trust the artist. Trust the tale. The proper function of a critic is to save the tale from the artist who created it." ଅର୍ଥାତ୍ "ଶିଳ୍ପୀକୁ ବିଶ୍ୱାସ ନ କରି ତାରି ଗଳ୍ପକୁ ବିଶ୍ୱାସ କର । ସମୀକ୍ଷକଙ୍କର କାମ ହେଲା ଗଳ୍ପକୁ ତାର ସ୍ରଷ୍ଟାଠାରୁ ମୁକ୍ତିଦେବା" । ଏଣୁ ପାଠକ ବନାମ ସହୃଦୟଙ୍କୁ କହିବି, କାହାଣୀ ବା ଲେଖାକୁ ବିଶ୍ୱାସ କର । କବିତାର ଚାହାଣୀ, ଚମକ ଓ ଭାବଦ୍ୟୋତନାକୁ ନିଜେ ହିଁ ଅବଧାରଣ କର । ଶଗଡ଼ଗୁଳାରେ ନ ପଡ଼ି ସ୍ୱକୀୟ ସରଣୀ କରିନିଅ । ଅନ୍ୟ ଭାଷାରେ କହିଲେ ସହୃଦୟ ପାଠକର କାମ ହେଲା ଲେଖାକୁ ବରି ନେବା, ସ୍ୱୟମ୍ବରା କରିବା ।

ଉପସଂହାରରେ କହିବି - ସାହିତ୍ୟ ହେଉଛି ଜୀବନାନୁଭବର ଷଠିଘର; ଜୀବନ ନ ଥିଲେ ସାହିତ୍ୟ ନାହିଁ । "ଜୀବନ ସତେ କି ନାଟୁଆ ନାଗର/ସାହିତ୍ୟ ସତେକି ଯମୁନା ନଈ/ତୁହାଇ ତୁହାଇ ବଇଁଶୀ ବାଜିଲେ/ମଣିଷ ପଲାଟେ ରାଇ ବିନୋଦିନୀ/କାଳେ କାଳେ ତାରେ ରହଇ ଚାହିଁ ।"

●●●

Digitized by srujanika@gmail.com

ମୋ' ଜୀବନ ମୋ' ସାହିତ୍ୟ

ଡ. ନିତ୍ୟାନନ୍ଦ ଶତପଥୀ (୧୯୩୭)

ସାହିତ୍ୟ ସହିତ ଜୀବନ ସାର୍ବଜନୀନ ଭାବେ ଛନ୍ଦାଛନ୍ଦି ହୋଇଥିବା ସର୍ବତ୍ର ପ୍ରାୟ ଦେଖାଯାଏନି । ଅଥଚ କିଛି ମଣିଷ ନିଶ୍ଚୟ ଅଛନ୍ତି ଯେଉଁମାନେ ସାହିତ୍ୟଠାରୁ ଜୀବନକୁ ଭିନ୍ନ ଭାବରେ ଦେଖିପାରନ୍ତି ନାହିଁ । ଅର୍ଥାତ୍ ସେମାନଙ୍କ ପାଇଁ ସାହିତ୍ୟ ହିଁ ଜୀବନର ଅନ୍ୟନାମ ହୋଇଯାଏ । ସେହିପରି କିଛି ଭାଗ୍ୟବାନ ବ୍ୟକ୍ତି ନିଶ୍ଚୟ ପୃଥିବୀରେ ଅଛନ୍ତି ଯେଉଁମାନେ ରବୀନ୍ଦ୍ରନାଥ ବା ସଚ୍ଚିରାଉତରାଙ୍କ ପରି ଜୀବନର ଶେଷ ଦୀପଶିଖା ନିଭିଯିବାଯାଏ କଲମ ଧରି କିଛିନା କିଛି ଲେଖୁଥାନ୍ତି । ମୁଁ ଡକ୍ଟର କୁଞ୍ଜବିହାରୀ ଦାଶଙ୍କୁ ଖୁବ୍ ନିକଟରୁ ଦେଖିଛି ଓ ସେ ଜଣେ ସେହିପରି ଭାଗ୍ୟବାନ ଲୋକ ବୋଲି ମୁଁ ମନେକରେ । ସେମାନେ ଧନୀମାନଙ୍କ ମଧ୍ୟରେ ଅଧିକ ଧନୀ; ମାନୀମାନଙ୍କ ମଧ୍ୟରେ ଅଧିକ ମାନୀ; ଅର୍ଥାତ୍ ସ୍ୱାଭିମାନୀ ପୁରୁଷ ଜଣେ ଜଣେ । ସେମାନଙ୍କ ଉପରେ ମା' ସରସ୍ୱତୀଙ୍କ ଅପାର କରୁଣା ବର୍ଷିଯାଏ । ସେମାନେ ସରସ୍ୱତୀଙ୍କର ଜଣେ ଜଣେ ବରପୁତ୍ର ଭାବେ ପରିଗଣିତ ହୁଅନ୍ତି - ସାରସ୍ୱତ ପୁରୁଷ ସେମାନେ । ପୁରୁଷ କହିଲାବେଳେ ମୁଁ ନାରୀଙ୍କୁ ମଧ୍ୟ ସେମାନଙ୍କ ସହିତ ସମାନ ଭାବରେ ଦେଖୁଛି । ନାରୀ ଓ ପୁରୁଷ ଅବୟବରେ ଭିନ୍ନ ହେଲେ ବି ଲେଖକ ଭାବେ ସେମାନେ ଏକ - ଅର୍ଥାତ୍ ପରସ୍ପରଠାରୁ ଅଭିନ୍ନ । ତେଣୁ ସେମାନଙ୍କର ଲିଙ୍ଗଭେଦ ନଥାଏ । ସେମାନେ ସରସ୍ୱତୀଙ୍କ ବରପୁତ୍ର ମଧ୍ୟ ।

ମୁଁ ଏଇପରି ଜୀବନଟିଏ ମା' ଶାରଳାଙ୍କୁ ସ୍ତୁତି କରି ପ୍ରାୟ ଏଗାର ବର୍ଷ ବେଳୁ ମାଗି ନେଇଥିଲି । ନଚେତ୍ ସେଇ ବୟସରେ ତାଙ୍କ ପାଇଁ ମୋର ସର୍ବପ୍ରଥମ କବିତା ଆରାଧନାର ସଙ୍ଗୀତଟିଏ କିପରି ବା ଲେଖିପାରିଥାନ୍ତି । ତାହା ମୋ ପାଇଁ ସ୍ତୋତ୍ରଟିଏ ହୋଇଗଲା - ସବୁଦିନେ ସକାଳେ ସଂଜେ ସେଇ ସଙ୍ଗୀତଟି ହୋଇଗଲା ମୋର ପ୍ରାର୍ଥନାର ସଙ୍ଗୀତ । ପ୍ରାର୍ଥନାର ସଙ୍ଗୀତ କ'ଣ କେବଳ ସଂସ୍କୃତ ଭାଷାରେ ଲେଖା ଯିବା କଥାକି ? ମୋର କିଶୋର ସୁଲଭ ଭାବ ଓ ଭାଷାରେ ସେଦିନ ଯାହା ଲେଖିଥିଲି ତାହା ଉଚ୍ଚାଙ୍ଗ ସାହିତ୍ୟ ନ ହୋଇପାରେ - କିନ୍ତୁ ମୋ ଅନ୍ତରର ଉଚ୍ଚାଟନ ଓ ସମର୍ପଣ ତ ନିଶ୍ଚୟ । ମନେ

Digitized by srujanika@gmail.com

ହେଉଛି ସେଇଦିନଠାରୁ ଜୀବନ ସହିତ ସାହିତ୍ୟର ଏକ ଯୋଡ଼ାଯୋଡ଼ି ବା ଘେନାଘେନି ସମ୍ପର୍କ ମୋର ପ୍ରତିଷ୍ଠିତ ହୋଇଗଲା ।

କଲେଜରେ ପଢ଼ିଲା ବେଳେ ସାହିତ୍ୟପ୍ରତି ଏତେ ଶ୍ରଦ୍ଧା ଆସି ନଥାନ୍ତା; କାରଣ ମୁଁ ଥିଲି ବିଜ୍ଞାନର ଛାତ୍ର । ତେଣୁ ଡାକ୍ତର ବା ଇଞ୍ଜିନିୟରଟିଏ ହୋଇଥାନ୍ତି ତାହା ହୋଇଥାନ୍ତା ବିଜ୍ଞାନ ଛାତ୍ରର ସ୍ୱାଭାବିକ ଗତିପଥ । କିନ୍ତୁ ବି.ଏ. ଶ୍ରେଣୀରେ ବିଜ୍ଞାନ ଛାଡ଼ି କଳାକୁ ପୁଣି ମୋ ଭାଷା ସାହିତ୍ୟକୁ ବିଶେଷ ଅଧ୍ୟୟନ (ଅନର୍ସ) ଭାବେ ମୁଁ କାହା ପ୍ରେରଣାରେ ବାଛି ନେଲି ? ମା ସରସ୍ୱତୀ ଙ୍କ କୃପାରେ ନା ମାତୃଭାଷା ପ୍ରତି ମମତାରେ ? ସମ୍ଭବତଃ ସେଇ ସମୟରୁ ମୋ ଜୀବନ ସହିତ ସାହିତ୍ୟ ଅଧିକ ନିକଟବର୍ତ୍ତୀ ହୋଇଗଲା । ମୁଁ କେବଳ ଜଣେ ବାଳିକାର ପ୍ରେମରେ ନୁହେଁ, ସାହିତ୍ୟ ସରସ୍ୱତୀଙ୍କ ପ୍ରେମରେ ମଧ୍ୟ ପଡ଼ିଗଲି । କବି ଓ ଲେଖକମାନଙ୍କ ଜୀବନ ପ୍ରେମ ଓ ସାହିତ୍ୟ ସହିତ ପ୍ରାୟ ଯୋଡ଼ାଯୋଡ଼ି; କାରଣ ପ୍ରେମହିଁ ସେମାନଙ୍କ ପାଇଁ ହୋଇଯାଏ ସୃଷ୍ଟିର ଉତ୍ସ ଓ ଅବଲମ୍ବନ । କବିତାର ମୋହରେ ମୋ ତାରୁଣ୍ୟ ତରଙ୍ଗାୟିତ ହୋଇ ଉଠୁଥିଲା । ବେଶ୍ କିଛି କବିତା ଲେଖିପାରିଥିଲି । କିନ୍ତୁ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗରେ ଅଧ୍ୟାପକ ଭାବେ ଯୋଗ ଦେବାପରେ ସ୍ୱତଃ ସମାଲୋଚନା ହୋଇଗଲା ମୋର ସାହିତ୍ୟିକ ଜୀବନର ଉଦ୍‌ଘୋଷିତ ସରଣୀ । କବିତା ଅପେକ୍ଷା ଗଦ୍ୟରେ ମୁଁ ଅଧିକ ସ୍ୱଚ୍ଛଳ ହୋଇ ଉଠୁଥିବା ନିଜେ ଅନୁଭବ କଲି । ସମ୍ଭବତଃ ବୃତ୍ତି ଓ ପ୍ରବୃତ୍ତିର ଦ୍ୱନ୍ଦ୍ୱରେ ବୃତ୍ତି ହିଁ ମୋ ଉପରେ ସବାର ହୋଇଗଲା ଓ ମୋ ଜୀବନ ଗଦ୍ୟର ସରଣୀରେ ହୋଇଉଠିଲା ରୁକ୍ଷ ଓ କର୍କଶ । ଭାବିଲି ତାହା ହିଁ ବୋଧହୁଏ ଉତ୍କଳ ସରସ୍ୱତୀ ମା ଶାରଦାଙ୍କ ଇଚ୍ଛା ଓ ନିର୍ଦ୍ଦେଶ । ମୋ ଜୀବନରୁ ଆବେଗ ମରିଗଲାକି ? ତେବେ କବିତାର ନିର୍ଝର କାହିଁକି କ୍ରମେ ଶୁଷ୍କ ହୋଇଆସିଲା ଓ ଗଦ୍ୟହିଁ ମୋତେ ଅଧିକ ଭାବେ ମୋହାଚ୍ଛନ୍ନ କରି ରଖିଲା ।

ବେଳେବଳେ ଅବଶ୍ୟ କେଉଁ ଝଲକ୍‌ରେ କବିତାର ନିବୁଜ ଉତ୍ସଟି ଫିଟିଯାଏ - ମୁଁ ପୁଣି ଲେଖିବସେ କବିତା। 'ରାଣୀ ମହୁମାଛି', 'ସବା ସାନ ପ୍ରେମିକା' ପରି କବିତା ସ୍ୱତଃ ଲେଖି ହୋଇଯାଏ । ମୁଁ ଚେଷ୍ଟାକରେ ଚାଳିଶିବର୍ଷ ବୟସରେ ଲେଖିଥିବା 'ଆଖି' ଓ 'ସମୁଦ୍ର' ପରି କବିତା ସହିତ ସେମାନଙ୍କୁ ଯୋଡ଼ିବା ପାଇଁ ଆଦ୍ୟପ୍ରେମର ସମ୍ପର୍କକୁ ହରେଇ କେତେ ଭାବ-ସମ୍ପର୍କ ଭିତରେ ବଞ୍ଚିବାକୁ ଚେଷ୍ଟାକରେ । ଜୀବନ କିନ୍ତୁ ରକ୍ତ ସମ୍ପର୍କ ଓ ଭାବ ସମ୍ପର୍କକୁ ଏକାଠି ଧରି ରଖିବାକୁ ନାରାଜ ହୁଏ । ରକ୍ତ ସମ୍ପର୍କ ଗଦ୍ୟପରି ଧୂସର ଓ ଧୂମିଳ ହୋଇ ଉଠିଲାବେଳେ ଭାବ ସମ୍ପର୍କ କବିତା ପରି ଉଚ୍ଛଳ ଓ ଆବେଗାୟିତ ହୋଇ ଉଠେ । ଭାବେ ଜୀବନ ସମ୍ଭବତଃ ସବୁଦିନେ ଭାବକୁ ନିକଟ ହୋଇ ଉଠିବା ପାଇଁ ବ୍ୟଗ୍ର

Digitized by srujanika@gmail.com

ହେଲାବେଳେ ରକ୍ତ ସମ୍ପର୍କ ଜୀବନଠାରୁ ହୋଇଯାଏ ଦୂରବର୍ତ୍ତୀ । ତା'ରି ଯନ୍ତ୍ରଣା ତ ସାହିତ୍ୟର ଉତ୍ସ ଓ ଉପାଦାନ । ଏତେ ଆନନ୍ଦ ପୁଣି ଥାଏ ପଢ଼ାଲେଖାରେ ! କୁଆଡ଼େ ହଜିଯାଏ ଜୀବନ, ନିଶ୍ଚିହ୍ନ ହୋଇଯାଏ ରକ୍ତସମ୍ପର୍କ । ଅଥଚ ସାହିତ୍ୟ ଦିଏ ବରାଭୟ । କ୍ଷତାକ୍ତ ଜୀବନରେ ମଲମ ଲେପିଦିଏ, ବଞ୍ଚିବାକୁ ଯୋଗାଇଦିଏ ମାନସିକ ପୁଞ୍ଜି - ତାକୁ ନୂତନ ଅଭିଜ୍ଞତା ବୋଲି କହିପାରନ୍ତି । ଜୀବନ ଓ ଅଭିଜ୍ଞତା ପରସ୍ପରଠାରୁ କ'ଣ ବିଚ୍ଛିନ୍ନ ହୋଇପାରିବେ । ସେମାନେ ପ୍ରତ୍ୟକ୍ଷ ଭାବେ ସାହିତ୍ୟକୁ ପରିପୁଷ୍ଟ କରନ୍ତି; ସୋହାଗରେ ପୋଛିଦିଅନ୍ତି କ୍ଷତରୁ ନିଗିଡ଼ି ଯାଉଥିବା ରକ୍ତଧାରାକୁ । ସାହିତ୍ୟ ସରସ୍ୱତୀ ବରାଭୟ ଦିଅନ୍ତି - ଜୀବନରେ ଦୁଃଖ ଗୋଟେ କ'ଣ, ମୁଁ ଅଛି ପାଖେ ପାଖେ; ଦୁଃଖକୁ ଅତିକ୍ରମ କରିଯିବାକୁ ମୁଁ ଯୋଗାଇ ଦେବି ଉପାଦାନ । ସବୁ ଭୁଲି ମୋତେ ହିଁ ଆପଣାର କର - ଦେଖିବ ଜୀବନର ସବୁ ଯନ୍ତ୍ରଣା କିପରି ମଉଳିଯିବ, ନିଭିଯିବ ବି ପର୍ଯ୍ୟାୟ କ୍ରମେ । ମୁଁ ଆଶ୍ୱସ୍ତ ହୁଏ । ଭାବେ ସତେତ କେତେ ଅଭୟଦାୟିନୀ, ଶ୍ରଦ୍ଧାଶୀଳା, ଚାରୁବାକୀ ଏ ସାହିତ୍ୟ ଚର୍ଚ୍ଚାର ସରଣୀ । ଏଠି ଈର୍ଷା ନାହିଁ, ଅସୂୟା ନାହିଁ, କନ୍ଦି ନାହିଁ, ଛଳ ନାହିଁ, ଛଦ୍ମ ନାହିଁ, ଦଳ(group) ନାହିଁ, ରାଜନୀତିର ନଷ୍ଟ ଗତି ନାହିଁ, କୃତ୍ରିମତା ନାହିଁ । ଶୁଭ୍ର ଶତଦଳ ପରି ଅବା ଶୀତଳ ସମୀରଣ ପରି ସାହିତ୍ୟ ଏତେ ସ୍ନେହ ମେଦୁର ଓ ପ୍ରୀତିପ୍ରଦ ହୋଇପାରେ - ଜୀବନ-ଭ୍ରମର ସେଥିରୁ ମଧୁପାନ କରୁ କରୁ ମୃତ୍ୟୁ ଆସି ଯାଆନ୍ତାକି ! ଜୀବନ ହୋଇ ଉଠନ୍ତା ଅଧିକ ମହନୀୟ ଅଧିକ ରମଣୀୟ – ସେମାନେ କୁହନ୍ତେ ସବୁ ଦେଇ ନିଜସ୍ୱ ମଣିଷଟିଏ ଶୂନ୍ୟ ହାତରେ ଅପାଙ୍‌କ୍ତେୟ ଭାବେ ପୃଥିବୀରୁ ଆଖି ବୁଜିଦେଲା – ତାର ଘର ଥାଇ ବି ନଥିଲା, ସଂସାର ଥାଇ ବି ନଥିଲା, ମେଳ ଭିତରେ ନିହାତି ଏକ୍‌ଲା ମଣିଷଟିଏ ନିଜ ବାଗରେ ବଞ୍ଚିଥିଲା । ତାର ସ୍ୱାଧୀନ ଇଚ୍ଛା ଓ ସ୍ୱାଧୀନ ବିହାରରେ ଯେଉଁମାନେ ଅନ୍ତରାୟ ସୃଷ୍ଟି କରୁଥିଲେ ସେସବୁକୁ ସେ ଅନାୟାସରେ ଅତିକ୍ରମ କରିଯାଉଥିଲା । ତାର ଗୋଷ୍ଠୀ ନ ଥିଲା, ଅଭିସନ୍ଧି ନ ଥିଲା, ତୋଷାମଦ୍ କ'ଣ ଓ କିପରି ସେ ଜାଣି ନ ଥିଲା । ସତ କହୁଥିଲା, ସତ ଲେଖୁଥିଲା - ସେଥିପାଇଁ ତାର ଶତ୍ରୁ ଥିଲେ ଅନେକ । ସେଥିପାଇଁ ତାର ପରବାୟ ନ ଥିଲା - କାରଣ ସେ କୌଣସି ପୁରସ୍କାର ପାଇଁ ପ୍ରଲୋଭିତ ନଥିଲା କିମ୍ବା ତିରସ୍କାରରେ ମ୍ରିୟମାଣ ହେଉ ନଥିଲା - ସାହିତ୍ୟ ହିଁ ଥିଲା ତାର ଜୀବନ, ବଞ୍ଚିବାର ଏକମାତ୍ର ସାଧନ ସ୍ୱପ୍ନ ଓ ସାମଗ୍ରୀ । ତାର ସମଗ୍ର ପରିବାର ସାହିତ୍ୟରେ ଉତ୍‌ଫୁଲ୍ଲ ହେଉଥିଲେ ବୋଲି ସେ ନିଶ୍ଚୟ ଆନନ୍ଦ ଅନୁଭବ କରୁଥିଲା । କିନ୍ତୁ ତାର ଜୀବନ ଥିଲା ନିଆରା – ତାର ଜୀବନ ଥିଲେ ବହି ଓ ପତ୍ରିକାମାନେ । ଶୋଇବା ଘରଠାରୁ ଡ୍ରଇଂ ରୁମ୍ ଓ ପଢ଼ାଘର ସବୁଆଡ଼େ କେବଳ ବହି ଆଉ ବହି । ସେମାନଙ୍କୁ ଦେଖି ସେ ଆନନ୍ଦ ପାଉଥିଲା, ସେମାନଙ୍କୁ ନେଇ

Digitized by srujanika@gmail.com

ବଞ୍ଚୁଥିଲା, ସେମାନଙ୍କୁ ଭଲ ପାଇଥିଲା, ପ୍ରେମ କରୁଥିଲା । ତା ଜୀବନଠାରୁ ତା ସାହିତ୍ୟ କେବେ ବି ଅଲଗା ନଥିଲା ବରଂ ଥିଲା ଯୁଗନଦ୍ଧ ଓ ନାକ୍ଷତ୍ରିକ । ସ୍ନେହ ସାଦ୍‌ଵଳ ଓ ପ୍ରୀତି ଉଚ୍ଛଳ ।

ମୋ'ର ନିଜସ୍ୱ ଅଭିଜ୍ଞତାଟିଏ ସାହିତ୍ୟ ଓ ରାଜନୀତିକୁ ନେଇ ରହିଛି - ଯାହା ଆଜି ଅତୀତର ଦୁଃସ୍ୱପ୍ନ ବୋଲି ମୁଁ ମନେ କରେ । ମୋତେ ପ୍ରାୟ ଅଠାବନ ବର୍ଷ ହେବା ବେଳେ ମୋ ଜୀବନରେ ରାଜନୀତି ଓ ଅଧ୍ୟାପନା ଜୀବନକୁ ନେଇ ଏକ ତୁମୁଳ ଝଡ଼ ଉଠିଥିଲା । ମୁଁ ସାହିତ୍ୟ ସେବାକୁ ପ୍ରାୟ ଭୁଲି ବସିଥିଲି ଯଦିଓ ଓଡ଼ିଆ କବିତାର ତିରିଶବର୍ଷ (୧୯୭୦-୨୦୦୦) ଉପରେ ଖଣ୍ଡେ ବହି ଲେଖିବାକୁ ମୁଁ ୟୁ.ଜି.ସି.ଦ୍ୱାରା ପରେ ମନୋନୀତ ହୋଇ ଚାରିଲକ୍ଷ ଟଙ୍କାର ଏକ ପ୍ରୋଜେକ୍ଟ ପାଇଥିଲି । ସେତେବେଳେ ଉଦ୍‌ଭ୍ରାନ୍ତ ହୋଇ ମୁଁ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ଘୂରି ବୁଲୁଥିଲି । ଗୋଟିଏ ଭୂଷୁଡ଼ି ଯାଉଥିବା ଦଳପାଇଁ ମୁଁ କାମ କରୁଥିଲି କାୟମନୋବାକ୍ୟରେ ଯେହେତୁ ସେ ଦଳର ଦୁଇ ସର୍ବୋଚ୍ଚ ନେତାଙ୍କ ସହିତ ମୋର ଦିଲ୍ଲୀରେ ବାରମ୍ବାର ସାକ୍ଷାତ ହୋଇଥିଲା ଓ ମୁଁ ସେମାନଙ୍କ ଆଶୀର୍ବାଦ ଓ ସହଯୋଗ ପାଇବି ବୋଲି ଭାବି ନେଇଥିଲି । କିନ୍ତୁ ନିର୍ବାଚନ ବେଳେ ଜାତୀୟ ଦଳ ସହିତ ପ୍ରାନ୍ତୀୟ ଦଳର ମେଣ୍ଟ ହୋଇଯିବାରୁ ମୁଁ ପ୍ରାୟ ତିନି ବର୍ଷ ଧରି କାର୍ଯ୍ୟ କରିଥିବା ନିର୍ବାଚନମଣ୍ଡଳୀଟି ପ୍ରାନ୍ତୀୟ ଦଳ ହାତକୁ ଚାଲିଗଲା । ମୋର ନିବେଦନ ଓ ଆବେଦନକୁ ଜାତୀୟ ଦଳର ସେ ଦୁଇ ସର୍ବୋଚ୍ଚ ନେତା ଆଉ ଶୁଣିଲେ ନାହିଁ । ସେମାନଙ୍କ ମଧ୍ୟରୁ ମୋତେ ଅଧିକ ଭଲ ପାଉଥିବା ନେତା ଭାରତର ପ୍ରଧାନମନ୍ତ୍ରୀ ହୋଇଯିବାରୁ ତାଙ୍କ ସହିତ ପୂର୍ବପରି ତାଙ୍କ ଘରେ କଫି ଖାଉଖାଉ ଆଉ ଦେଖା ସାକ୍ଷାତ ଓ ଆଳାପ ଆଲୋଚନାର ସୁଯୋଗ ମିଳିଲା ନାହିଁ । ମୁଁ ସେତେବେଳେ କିଛି ପନ୍ଥା ନ ପାଇ ମା ଶାରଳାଙ୍କ ଶରଣାପନ୍ନ ହେଲି । ନିର୍ବାଚନରେ ଠିଆ ହେବି କି ନାହିଁ ଦୁଇଥର ତାଙ୍କରି ନାମରେ ଗୁଳା ଉଠାଇଲି । ଦୁଇଥର ଯାକ ତାଙ୍କ ନାସ୍ତିବାଣୀକୁ ହିଁ ଭେଟିଲି । ଏପଟେ ଦିନେ ନିର୍ବାଚନମଣ୍ଡଳୀର ଦୁଇଶହ ସତାନବେ ଜଣ ଲୋକ ଏକ ମନ୍ଦିର ପ୍ରାଙ୍ଗଣରେ ଏକାଠି ହୋଇ ମୋତେ ଠିଆ ହେବାକୁ ଓଜସ୍ୱିନୀ ବକ୍ତବ୍ୟ ଓ ବାରମ୍ବାର ଅନୁରୋଧ ମଧ୍ୟରେ ବାଧ୍ୟ କଲେ । ମୁଁ ମା ଶାରଦାଙ୍କ ନିର୍ଦ୍ଦେଶକୁ ଉପେକ୍ଷା କରି ସେମାନଙ୍କ ବାଧ୍ୟବାଧକତାରେ ଠିଆ ହେବାକୁ ପ୍ରତିଶ୍ରୁତି ଦେଇଦେଲି ଓ ସ୍ୱାଭାବିକ ବିଫଳତାକୁ ହିଁ ଭେଟିଲି । ମୋତେ ଦଳରୁ ବହିଷ୍କାର କରାଗଲା ବୋଲି ମୋର ଟିକେବି ଦୁଃଖ ନଥିଲା, କାରଣ ମୋତେ ଜଳଜଳ ହୋଇ ମୋର ଭବିଷ୍ୟତ ଦେଖାଯାଉଥିଲା । ମୋର ଜୀବନର ଉନ୍ମୁକ୍ତ ସରଣୀ ସାହିତ୍ୟକୁ ଛାଡ଼ି ମୁଁ ରାଜନୀତିର ପଙ୍କିଳ ରାସ୍ତାରେ କେବେବି ଚାଲି ପାରିନଥାନ୍ତି । ମୋର

Digitized by srujanika@gmail.com

ମୋହ ଭଙ୍ଗ ଘଟିବାପରେ ପୁନଶ୍ଚ ମୁଁ ମୋ ନିରୂପିତ ସାହିତ୍ୟ ସରଣୀକୁ ଫେରିଆସିଲି ଓ ୨୦୦୩ ସୁଦ୍ଧା ୟୁ.ଜି.ସି ପ୍ରୋଜେକ୍ଟ ପୂରଣ କରି 'ସତୁରିରୁ ସହସ୍ରାବ୍ଦୀ' ନାମରେ ଆଧୁନିକ କବିତା ଉପରେ ଏକ ସମୀକ୍ଷା ଗ୍ରନ୍ଥ ଲେଖିପାରିଲି । ତା'ପରେ ଆଉ ପ୍ରତାରକ ଦଳ, ନେତା ଓ କିଛି ସ୍ଥାନୀୟ ଗ୍ରାମ୍ୟନେତା ସେମାନଙ୍କ ମୁହଁକୁ ଆଉ ଚାହିଁ ନାହିଁ । ମୁଁ ଅନୁଭବ କଲି ମା ଶାରଦାଙ୍କ କୃପା କଣା ମୋ ଉପରେ ବର୍ଷିଗଲାରେ ଲାଗିଛି । ନଚେତ୍ ଦଶବର୍ଷ ମଧ୍ୟରେ ୪ଟି ବହି ଲେଖି ପାରିଥାନ୍ତିକି ? ମୋର ଜୀବନଧାରା ପ୍ରାୟ ବଦଳି ଗଲା ଓ ପୂର୍ବପରି ପଢ଼ାଲେଖାରେ ନିମଜ୍ଜିତ ରହି ପ୍ରଭୂତ ଆନନ୍ଦ ଓ ପ୍ରଶାନ୍ତି ଅନୁଭବ କଲି । ସାହିତ୍ୟ ସେବାରେ ମୋତେ ଯେଉଁ ବିମଳ ଆନନ୍ଦ ମିଳୁଛି ରାଜନୀତିରେ କୌଣସି ପଦପଦବୀର ଅଧିକାରୀ ହୋଇ ବି ତାହା ପାଆନ୍ତି ନାହିଁ । ସେଇ ଦଳର ନେତାମାନେ କେତେବର୍ଷ ଧରି ମୋତେ ଫେରି ଆସିବାକୁ ବାରମ୍ବାର ଖୋସାମଦ୍ କଲେ । ମୁଁ କହିଲି - "ନ ଗାଙ୍ଗଦତ୍ତ ପୁନରେତି କୂପମ୍" । ବର୍ତ୍ତମାନ ମୋ ଟେବଲ ପାଖରେ ବସି ଛ'ରୁ ସାତ ଘଣ୍ଟା କେବଳ ସାହିତ୍ୟ-ସେବାରେ ଯେ ବିନିଯୁକ୍ତ କରିପାରୁଚି - ତାହା ରାଜନୀତିରେ ଥିଲେ ସମ୍ଭବ ହୋଇ ନ ଥାନ୍ତା । ଅନୁଭବ କରୁଚି ଜୀବନରେ ଆନନ୍ଦ ଅଛି, ସ୍ନେହ ସୋହାଗ ଅଛି, ପ୍ରେମ ଅଛି ଓ ମୋର ଦ୍ୱିତୀୟ ଉପନ୍ୟାସ 'ପ୍ରେମ ଓ ପରାଭବ'ର ଲେଖା ପ୍ରାୟ ସରି ସରି ଆସୁଛି । ଏହା ସମ୍ଭବତଃ ପାଞ୍ଚଶହ ପୃଷ୍ଠାର ଏକ ମେଗା-ଉପନ୍ୟାସ ହୋଇପାରେ ।

●●●

Digitized by srujanika@gmail.com

ମୋ' ଜୀବନ ମୋ' ସାହିତ୍ୟ

ଡ. ରବୀନ୍ଦ୍ର କୁମାର ପ୍ରହରାଜ (୧୯୩୮)

ସାହିତ୍ୟ ସାଧନା ବ୍ୟକ୍ତିର ରୁଚିଗତ ବ୍ୟାପାର ହେଲେ ହେଁ ଏହା ଅନେକାଂଶରେ ଜୀବନ ବଞ୍ଚିବାର ଧାରା ପ୍ରବାହ ସହ ଘନିଷ୍ଠ ସଂସ୍ରବ ରଖିଥାଏ । ଜନ୍ମଗତ ପ୍ରତିଭାକୁ ଏ କ୍ଷେତ୍ରରେ ଯେତେ ଗୁରୁତ୍ୱ ଦେଲେ ବି ଜୀବନର ପରିବେଶ ପରିସ୍ଥିତି ଏତଦ୍‌ଜନିତ ପ୍ରଭାବକୁ ଅସ୍ୱୀକାର କରି ଏଡ଼ାଇ ଦେଇହେବ ନାହିଁ । ସମସ୍ତ ଦାୟ-ଦାୟିତ୍ୱକୁ ପଛରେ ପକାଇ ଯେଉଁମାନେ କେବଳ ସାହିତ୍ୟ ସାଧନାରେ ନିମଜ୍ଜିତ ହୋଇଯାଆନ୍ତି ସେମାନଙ୍କ କଥା ଭିନ୍ନ ପର୍ଯ୍ୟାୟର । କିନ୍ତୁ ମୋ ସମ୍ପର୍କରେ କହିବାକୁ ଗଲେ ମୁଁ ସେ ପର୍ଯ୍ୟାୟରେ ଯିବି ନାହିଁ । କାରଣ ମୋର ସାହିତ୍ୟ ମନସ୍କତାର ଉତ୍ସଠାରୁ ପ୍ରବାହ ପର୍ଯ୍ୟନ୍ତ ଯେଉଁ ଯେଉଁ ଅବସ୍ଥାନ୍ତର ଭିତରେ ଗଡ଼ି କରି ଆସିଛି ସେ ସବୁକୁ ଆଜି ଏ ପରିଣତ ବୟସରେ ଆଲୋଡ଼ନ କରିବାକୁ ଗଲାବେଳେ ଅଜସ୍ର ସ୍ମୃତି ଆସି ମନରେ ଜମାଟ ବାନ୍ଧିଯାଉଛି ।

ପ୍ରାଥମିକ ଶିକ୍ଷଣ କାଳରେ ବଳବତୀ ଗ୍ରହଣଶୀଳତା ପରିସ୍ଫୁଟନର ଆଦ୍ୟଲଗ୍ନରେ ମୋର ଘଟାନ୍ତର ଭଳି ଅବସ୍ଥା ଘଟିଗଲା ଯେତେବେଳେ ମୁଁ ହୋଇଥିଲି ଚାରିବର୍ଷର । ଟାଇଫଏଡ୍ ଜର ଯୋଗୁଁ ମସ୍ତିଷ୍କର ଉତ୍ତାପ ନିରବଚ୍ଛିନ୍ନ ଭାବରେ ଦୀର୍ଘ ୨୧ ଦିନ ପର୍ଯ୍ୟନ୍ତ ୧୦୫ଂ ରହିଥିଲା । ହୋମିଓପ୍ୟାଥି ଚିକିତ୍ସା ସହ କଠୋର ପଥ୍ୟ ନିର୍ଣ୍ଣୟରେ ରହି ନବଜନ୍ମ ପାଇଲାବେଳକୁ ପୂର୍ବ ଗ୍ରହଣଶୀଳତା ମୋ'ଠାରେ ରହିଲା ନାହିଁ । ଅନ୍ୟ ସବୁ ବିଷୟ ପ୍ରତି ଆଗ୍ରହ କିଛି କିଛି ରହିଲା ହେଲେ ଅଙ୍କ ମୋଦ୍ୱାରା ହେଲା ନାହିଁ । ଯାହା ବା ସେଥିପ୍ରତି ମନ ଯାଇଥାଆନ୍ତା ଜଣେ ଅପଟୁ ଗୃହଶିକ୍ଷକ ରହିଲେ ଯେ ସାହିତ୍ୟ କିମ୍ବା ଅନ୍ୟାନ୍ୟ ବିଷୟ ପ୍ରତି ଆଦୌ ଦୃଷ୍ଟି ନ ଦେଇ ଖାଲି ଅଙ୍କକୁ ଧରି ବସିଲେ ଆଉ ପ୍ରତିଥର ଚପେଟାଘାତ କରିଲାଗିଲେ । ଜମିଦାର ଘର ପିଲା ପୁଣି ଏକମାତ୍ର ପୁତ୍ର ହୋଇଥିବାରୁ ସ୍ୱାଭିମାନ୍ ସାଙ୍ଗକୁ ଏକଜିଦିଆପଣ ବଢ଼ିବାରୁ ମୁଁ ଅଙ୍କ ପ୍ରତି ଯେ ବୀତସ୍ପୃହ ହୋଇଗଲି ତାହା ମ୍ୟାଟ୍ରିକ ପର୍ଯ୍ୟନ୍ତ ଲାଗି ରହିବାରୁ ମୁଁ ସବୁବେଳେ ଅନ୍ତର୍ମନରେ ଡରକୁଳା ହୋଇରହିଲି । ଏହା ସତ୍ତ୍ୱେ ସାହିତ୍ୟ ପ୍ରତି ମୋର ମମତା ଯେ କ୍ଷୁର୍ଣ୍ଣ ହୋଇନଥିଲା ଏହା ଯେତିକି ଭାଗ୍ୟର ସେତିକି ପରିବେଶର କଥା ହିଁ ଥିଲା । ମୋ ଜେଜେବାପା କି ବାପା କେହି ଆଧୁନିକ ଶିକ୍ଷାର ଦେହଳୀ ଦେଖି ନ

Digitized by srujanika@gmail.com

ଥିଲେ ହେଁ ଆମ ଘରେ ସାହିତ୍ୟର କିଛି ଭିନ୍ନ ବାତାବରଣ ଥିଲା । ଆମ ନାଟଦଳ ପାଇଁ ଏହାର ସଂଗଠନ-ପରିଚାଳନ-ନିର୍ଦ୍ଦେଶନର ସର୍ବମୟ କର୍ତ୍ତା ମୋ ଜେଜେବାପା ନାଟକ (ଗୀତିନାଟ୍ୟ) ଲେଖୁଥିଲେ । ଆଶୁକବି ଭାବରେ ଆଖପାଖ ଗାଆଁ ଗହଳିରେ ତାଙ୍କର ସୁନାମ ଥିଲା । ସେ ପିଲାଦିନୁ ସୁକଣ୍ଠ ପୁରାଣ ଗାୟକ ଥିବାରୁ ଆମ ଘରେ ରାମାୟଣ, ମହାଭାରତ ସାଙ୍ଗକୁ ସଭାବିନୋଦ, ବିଚିତ୍ରରାମାୟଣ, ବିଷ୍ଣୁକେଶରୀ ପୁରାଣ ସମେତ କିଛି ଓଡ଼ିଆ ଅନୂଦିତ ଆଇନ୍ ବହି ଥିଲା । ବାପା ପଣ୍ଡୁଆ ଠାକୁର ଇଷ୍ଟେଟ୍‌ର ଜନୈକ ତହସିଲ୍‌ଦାର୍ ହେବାରୁ କିଛି ବଙ୍ଗଳା ବହି କିଣି ପଢ଼ୁଥିଲେ । ଇଂରାଜୀ ଫାଷ୍ଟବୁକ୍ ଅଫ୍ ରିଡ଼ିଙ୍ଗ୍ ବି ଥିଲା । ବୋଉ ବେଭାରି ହୋଇ ଆସିଲାବେଳେ ଶତାଧିକ ଓଡ଼ିଆ ବହି ସାଙ୍ଗରେ ଆଣିଥିଲା । ଆମ ଘରେ ଓ ଗାଆଁରେ ପ୍ରାୟ ଦୈନନ୍ଦିନ ପୁରାଣ ବୋଲା ଯାଉଥିଲା । ତେଣୁ ଏଥିରେ ଭାରି ଉଦ୍‌ବୁଦ୍ଧ ହୋଇ ମୁଁ ତୃତୀୟ ଶ୍ରେଣୀରୁ ପୁରାଣ ବହି ପଢ଼ିଲି । ପ୍ରଥମ ବହି ବୋଧହୁଏ ଥିଲା ରାମାୟଣ ଲଙ୍କାକାଣ୍ଡ । ବ୍ୟବହାରଛିନ୍ନ ସେ ଗ୍ରନ୍ଥଟି ଏବେ ମୋ ବ୍ୟକ୍ତିଗତ ଗ୍ରନ୍ଥାଗାରରେ ରହି ମୋର ଶିଶୁ ଅକ୍ଷରମାନଙ୍କୁ ପୃଷ୍ଠାରେ ଓ ଚିତ୍ରମାନଙ୍କ ପାର୍ଶ୍ୱରେ ବହନ କରି ସେଦିନର ସ୍ମୃତିକୁ ଧରି ରଖିଛି । ପରେ ପରେ ଅନ୍ୟାନ୍ୟ ବହି ପ୍ରତି ମୁଁ ଆକୃଷ୍ଟ ହେଲି । ମନେ ଅଛି, ଆମ ଘରେ ଥିବା ସବୁ ବହି ଭିତରୁ 'ଫୁଲ ଟାଙ୍ଗୁଡ଼ି'ଟି ମୋତେ ଭାରି ଭଲ ଲାଗିଥିଲା । ଆଜି ମନେ ହେଉଛି, ସେତେବେଳେ ଉପଯୁକ୍ତ ଶିକ୍ଷକ ବା ସାହିତ୍ୟ ରଚନାର ସାମାନ୍ୟ ସ୍ୱର୍ଶାନୁକୂଲ୍ୟ ମିଳିଥିଲେ ଏବଂ ଅଙ୍କ ପ୍ରତି ମାତ୍ରାଧିକ ଆତଙ୍କ ମୋ ଭିତରେ ଜମାଟ ବାନ୍ଧି ନଥିଲେ ସାହିତ୍ୟ ରଚନା ମୋର ନିଶାରେ ପରିଣତ ହେବାକୁ ବେଶି ସମୟ ଲାଗିନଥାନ୍ତା । କିନ୍ତୁ ଅପେରାନାଟ ଓ ରାମନାମୀ, କାଁ ଭାଁ ପାଲା ବ୍ୟତୀତ ମୋର ସାହିତ୍ୟ-ତୃଷ୍ଣା ପ୍ରଶମିତ ହେବାର ଅନ୍ୟ କୌଣସି ରାହା ନଥିଲା । ସେଥିରେ ଯେଉଁ ସ୍କୁଲରେ ଅପର ପ୍ରାଇମେରୀ, ମାଇନର୍ ଶ୍ରେଣୀରେ ପଢ଼ିଲି ସେଥିରେ ଶିକ୍ଷକ କେହି ତାଲିମ୍‌ପ୍ରାପ୍ତ ତ ନଥିଲେ କାହାରି କିଛି ହେଲେ ଶିକ୍ଷକତା ପ୍ରତି ସେଭଳି ଆନ୍ତରିକତା ନଥିଲା । ବହି ଧରି ପଢ଼ିଦେଲେ ସାହିତ୍ୟ-ଇତିହାସ-ଭୂଗୋଳ ପାଠପଢ଼ା ସରିଯାଉଥିଲା । ମୋ ଜୀବନର ଶ୍ରେଷ୍ଠ ସମୟତକ ମୁଁ ଶିକ୍ଷକତାରେ କଟାଇଥିବାରୁ ସେଦିନର ଶିକ୍ଷଣ-ସ୍ମୃତି ଧାରାର ଦୋଷଦୁର୍ବଳତା ଓ ତତ୍କାଳୀନ ଶିକ୍ଷକମାନଙ୍କର ଅପଟୁତା ଆଜି ମୋତେ ଜଳଜଳ ଦିଶିଯାଉଛି । କେବଳ ସେତିକି ନୁହେଁ, ମାରାତ୍ମକ ବିଷୟଟି ଥିଲା କଥା ଅକଥାରେ, ପାଠପଢ଼ା ସମୟରେ ଛାତ୍ରମାନଙ୍କ ଉପରେ ଗୋଗଛ ପ୍ରହାର କେତେବେଳେ ବେତରେ କେତେବେଳେ ମନ୍ଦାରଛାଟରେ । ଆମେ ପାଠ ବିଷୟକ ବା ଯେ କୌଣସି ସମ୍ବନ୍ଧୀୟ ପ୍ରଶ୍ନ କରିବା ଲାଗି ସାହସ ଜୁଟାଇ ପାରିନଥିଲୁ । 'ତଦ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା' କଥାଟିରୁ ପ୍ରଥମଟି ଯଥାରୀତି କରୁଥିଲୁ । ଛାତ୍ରାବାସରେ ଥିବାରୁ ଶିକ୍ଷକମାନଙ୍କର ଦୈନନ୍ଦିନ

Digitized by srujanika@gmail.com

ପରିଚର୍ଯ୍ୟା ଦାନ୍ତକାଠି ପାଣି ଯୋଗାଇବାଠାରୁ ଥାଳି ଧୋଇବା ପର୍ଯ୍ୟନ୍ତ ସମସ୍ତ ସେବା ଆମର ଦୈନନ୍ଦିନ କର୍ତ୍ତବ୍ୟ ଥିଲା କେବଳ ସନ୍ଦେହ ମୋଚନ ନ କରିବା ବ୍ୟତୀତ । ମୋର ଏକାନ୍ତ ସୌଭାଗ୍ୟ ବୋଲି ସେତେବେଳର ଗୋଟିଏ ଘଟଣାକୁ ମୁଁ ଭାରି ମନେ ପକାଏ । ସେଇଟି ହେଉଛି ଆମର ସପ୍ତମ ଶ୍ରେଣୀ ଆରମ୍ଭବେଳକୁ ତାଲିମ୍ ପ୍ରାପ୍ତ ଜଣେ ପ୍ରବୀଣ ପ୍ରଧାନଶିକ୍ଷକଙ୍କର ଆଗମନ । ସେ ମହାଶୟ ଯେଭଳି ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ସଜାଗ ଥିଲେ ଇଂରାଜୀ, ଅଙ୍କ ପଢ଼ାଇବାରେ ସେହିଭଳି ପାରଙ୍ଗମ, ପରିଶ୍ରମୀ ଓ ପାଠ ଆଦାୟରେ ନିତାନ୍ତ କଠୋର ଥିଲେ । ତାଙ୍କର ବିଶେଷ ସୁଗୁଣ ଥିଲା ନାଟକାଭିନୟ କ୍ଷେତ୍ରରେ ବିଚକ୍ଷଣ ଦକ୍ଷତା । ହାର୍ମୋନିୟମ୍ ଧରି ଗୀତ ଗାଇବାରେ ମଧ୍ୟ ତାଙ୍କର ପ୍ରବୀଣତା ମୋତେ ମୁଗ୍ଧ ଓ ପ୍ରଭାବିତ କରିଥିଲା । ଏହା ୧୯୪୯-୫୦ ମସିହା ଥିଲା । ସ୍କୁଲ୍ ପାଇଁ ସେ 'ସମାଜ', 'ଝଙ୍କାର' ଓ 'ମୋ ଦେଶ' ଆଦି ପତ୍ରପତ୍ରିକା ମଗାଉଥିଲେ । ବେଳେ ବେଳେ ସଶଙ୍କ ଭାବରେ ସେଗୁଡ଼ିକୁ ଖୋଲି ଦେଖୁଥିଲି ମୁଁ । 'ମୋ ଦେଶ'ର ଲେଖା ମୋତେ ବହୁତ ଭଲ ଲାଗୁଥିଲା । ପ୍ରଶ୍ନ ପଚାରିବାର ତ ସାହସ ଓ ଅଭ୍ୟାସ ନ ଥିଲା । ତେଣୁ ଜାଣିପାରି ନାହିଁ, ବିଷ୍ଣୁ ଚରଣ ମିଶ୍ର (ଆମ ହେଡ୍‌ମାଷ୍ଟର) ସେତେବେଳେ ନିଜେ କିଛି ଲେଖୁଥିଲେ କି ନାହିଁ । ଏବେ ଭାବୁଛି, ଯାହା ବା ସେ ସେ ଦୃଷ୍ଟିରୁ କିଛି ପ୍ରେରଣା ଦେଇଥାଆନ୍ତେ ପୂର୍ବରୁ ଏକବାର ଅବ୍ୟବସ୍ଥିତ, ନିତାନ୍ତ ଅପରିପକ୍ୱ ପାଠ ବିଷୟକ ଆମର ଜ୍ଞାନ ଓ ଧାରଣାକୁ ଚଳନୀୟ ଧାରାକୁ ଆଣିବା ପାଇଁ ତାଙ୍କୁ ଗଳଦ୍‌ଘର୍ମ ହେବାକୁ ପଡୁଥିଲା । ସେ ଯାହା ହେଉ, ସେ ମୋ ପାଇଁ ଥିଲେ ସେ ସମୟରେ ଏକମାତ୍ର ଅନୁକରଣୀୟ ବ୍ୟକ୍ତିତ୍ୱ । ତାଙ୍କରି ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୋର ଇଂରାଜୀ ଭାଷା ଓ ବ୍ୟାକରଣ ଏଭଳି ଆୟତ୍ତ ହୋଇଗଲା ଯାହା ଫଳରେ ମୁଁ ସେଥିରେ ଦୁର୍ବଳ ବୋଲି ଆଦୌ ଅନୁଭବ କରିନଥିଲି । ଆଜି ଡଃ ଆମ୍ବେଦ୍‌କର୍ ବା ଡଃ ମ୍ୟାକ୍‌ସ୍‌ମୁଲ୍ଲରଙ୍କ ଇଂରେଜୀ ଗଦ୍ୟ ଅନୁବାଦ କଲାବେଳେ ବିଷ୍ଣୁ ସାର୍ ମନେ ପଡ଼ନ୍ତି ।

ସମସ୍ତ ପ୍ରତ୍ୟବାୟ ଭିତରେ ମୋର ସାହିତ୍ୟପ୍ରୀତି ଅବ୍ୟାହତ ରହିବାର ଅନ୍ୟ ଏକ କାରଣ ପଢ଼ିବା ପାଇଁ ବହି ମିଳିବା । ଘରୋଇ ଉଦ୍ୟମରେ ଗଢ଼ି ଉଠିଥିବା ଗ୍ରାମାନ୍ତରସ୍ଥ ପୁସ୍ତକାଗାରରୁ ମୁଁ ଚନ୍ଦ୍ରମଣିଦାସ, କାହ୍ନୁଚରଣ, ରାଜକିଶୋର ପଟ୍ଟନାୟକ, ଲକ୍ଷ୍ମୀଧର ନାୟକ ପ୍ରଭୃତିଙ୍କର ଉପନ୍ୟାସମାନ ପଢ଼ିବାକୁ ପାଇଥିଲି । ହାଇସ୍କୁଲ ସ୍ତରରେ ପର୍ଲବକ୍‌ଙ୍କ 'ଗୁଡ୍ ଆର୍ଥ' ଅନୁବାଦ, ହା ଅନ୍ନ, ଭଲ ପାଇବାର ଶେଷକଥା, 'ପରକୀୟା', 'ପ୍ରେତପୁରୀର ଗନ୍ତାଘର', 'ନରବଳି (୩ଖଣ୍ଡ)', 'କାଳିଦାସ କଥା ରହସ୍ୟ' ଆଦି ଖୁବ୍ ପଢ଼ି ପକାଇଥିଲି । ସାହିତ୍ୟ ପତ୍ରରେ ମଧ୍ୟ ମୋର ଉଚ୍ଚମୂଲ୍ୟ ରହୁଥିଲା । ଏହାପରେ ୧୯୫୪ରେ କଲେଜରେ ପଢ଼ିବାକୁ ଆସିଲି କଟକ । ଏଇଠି ଅନ୍ୟାନ୍ୟ ବହି ସାଙ୍ଗକୁ ନିୟମିତ ଖବରକାଗଜ ପଢ଼ିବାକୁ ମୋତେ ମିଳିଲା । ନିହାତି ଅକୁଳାଣ ମୋ ନିଜ ଖର୍ଚ୍ଚରୁ

Digitized by srujanika@gmail.com

ମୁଁ 'ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡ' ଇଂରାଜୀ ଖବରକାଗଜ କିଣି 'ଆଇ.ଏ.' ବେଳେ ପଢ଼ିବା ଅଭ୍ୟାସ ରଖିଥିଲି । କଟକରେ ଦୁଇବର୍ଷ ଖ୍ରୀଷ୍ଟ କଲେଜ୍‌ରେ ଆଇ.ଏ. ପଢ଼ିବା ସମୟତକ ଭାରୀ ଦୁଃଖକଷ୍ଟରେ ମୋର କଟିଥିଲା । ଯାହା କହନ୍ତି 'ଅନ୍ନଚିନ୍ତା ଚମତ୍କାରା କାତରୋ କବିତା କୁତଃ ।' କଲେଜ ଲାଇବ୍ରେରୀରୁ ସାମୟିକ କିଛି କିଛି ବହି ପଢ଼ିବାକୁ ମିଳୁଥିଲା । ବଙ୍ଗାଳୀ ସାହିରୁ କଟକଚଣ୍ଡୀ ପାଦରେ ଯା'ଆସ କରିବା ପୁଣି ଦିନକୁ ଦୁଇଥର ଅର୍ଦ୍ଧଭୁକ୍ତ ଶରୀରରୁ ପ୍ରାଣଶକ୍ତି ଶୋଷି ନେଲା ପରେ ସାଧାରଣ ଅଧ୍ୟୟନ ବି ସମ୍ଭବପର ହେଉନଥିଲା ଅନେକ ସମୟରେ । ଅବଶ୍ୟ କେଉଁଠୁ ନା କେଉଁଠୁ ନିଆଁଖୁଣ୍ଟା, ଡଗର, କୃଷକ ଭଳି ପତ୍ରିକାମାନ ପଢ଼ିବାକୁ ମିଳୁଥିଲେ ହେଁ ନିବିଷ୍ଟ ହେବାର ଅବକାଶ ନ ଥିଲା ।

ପଛକୁ ଫେରି ଚାହିଁଲେ ଅନେକ କଥା ମନେ ପଡୁଛି । ମୋର ସାହିତ୍ୟ ମନସ୍କତାର ସବୁଠାରୁ ବଡ଼ ବାଧକ ଥିଲା ମୋର ରୋଗବ୍ୟାଧି । ଚତୁର୍ଥ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କାଛୁ, କୁଣ୍ଡିଆ, ବଥ, ବାରମୂଳିଆ, ପାଳିଜର ମୋତେ ଆକ୍ରାନ୍ତ କରିରଖିଥିଲା । ନବମଶ୍ରେଣୀ ବର୍ଷ ନୂଆ ବାହାରିଥିବା କିଛି ପେନିସିଲିନ୍ ଇଂଜେକ୍ସନ ନେବାରୁ ଏଥିରୁ ସାମୟିକ ତ୍ରାହି ମିଳିଥିଲା । ଆମ ଘର ଭିତରେ ଓ ବାହାରେ ଡି.ଡି.ଟି. ସିଞ୍ଚନ ପରେ ମ୍ୟାଲେରିଆର ଦୌରାତ୍ମ୍ୟ ଏକବାର ଉଣା ହୋଇଯାଇଥିଲା । ଯାହା ବା କିଛି ସାହିତ୍ୟ ପ୍ରୀତି ଥିଲା ଏବଂ ପରୀକ୍ଷାଖାତାରେ ତାହାର କିଛି ପ୍ରତିଫଳନ ଘଟୁଥିଲା ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ କିଛି ଜାଣିବାକୁ ମିଳୁନଥିଲା, କାରଣ ମାର୍କସିଟ୍ ଆମକୁ କେବେ ବି ଦିଆଯାଉନଥିଲା କିମ୍ବା ଶିକ୍ଷକଙ୍କଠାରୁ ପଦେ ଅଧେ ଉତ୍ସାହନ ମିଳିବାର ପ୍ରଶ୍ନ ନ ଥିଲା । ମ୍ୟାଟ୍ରିକ୍ ଶ୍ରେଣୀତକ ତିର୍ତ୍ତୋଲ ହାଇସ୍କୁଲ୍‌ରେ ସଂସ୍କୃତ ପଣ୍ଡିତ ଥିଲେ ଏମ.ଆଇ.ଏଲ. ଶିକ୍ଷକ । ସେ ମହାଶୟ ଚେୟାରାସୀନ ରହି କେବଳ ପଦପଦାଂଶର ସ୍ଥୂଳ ଅର୍ଥ ହିଁ ସମୟ ବିଶେଷରେ ପ୍ରକାଶ କରୁଥିଲେ ମାତ୍ର ।

ଏହିଭଳି ସାହିତ୍ୟ-ପରିବେଶରେ ଏକମାତ୍ର ଜଣେ ଇଂରାଜୀ ଶିକ୍ଷକଙ୍କୁ ମୁଁ ଭେଟିଥିଲି ଯାହାଙ୍କ ଭିତରେ ସାହିତ୍ୟ ସୃଜନ ଓ ଜ୍ଞାନବିତରଣର ଆନ୍ତରିକା ସ୍ପୃହା ଥିଲା । ନବ କିଶୋର ଦାସ ଏବକୁ କେତେ ବର୍ଷ ହେଲାଣି ପ୍ରଧାନଶିକ୍ଷକ ପଦରୁ ଅବସର ଗ୍ରହଣାନନ୍ତର ଦିବଂଗତ ହେବାର । ସେ ସପ୍ତାହର କୌଣସି ଏକ ପିରିଅର୍ଡ଼ରେ କିଛି ବହି ଧରି ଶ୍ରେଣୀକୁ ଆସନ୍ତି ଓ ପ୍ରତ୍ୟେକ ଉତ୍ସାହୀ ଛାତ୍ରକୁ ଖଣ୍ଡେ ବହି ଦିଅନ୍ତି ଘରକୁ ନେଇ ପଢ଼ିବାକୁ । ସେଥିରୁ କ'ଣ ପଢ଼ିଲୁ, କ'ଣ ଜାଣିଲୁ ଖାତାଟିରେ ଲେଖି ତାଙ୍କୁ ଦେଖାଇବାକୁ ପଡ଼େ । ମୁକୁନ୍ଦ ଦାଶଙ୍କ 'କଳାପାହାଡ଼' ବହିଟି ମୋତେ ମିଳିଥିଲା, ମୁଁ ମଧ ସାର୍‌ଙ୍କୁ ମୋ ମତାମତ ଲେଖି ଦେଖାଇଥିଲି । ସେତିକିରେ ସେ ଉଦ୍ୟମ ଅନ୍ୟାନ୍ୟ କୋଳାହଳ ମଧ୍ୟରେ ଇତିଶ୍ରୀ ଭଜିଥିଲା । ଛାତ୍ରାବାସରୁ ବା ବିଦ୍ୟାଳୟ ପକ୍ଷରୁ ପତ୍ରିକାଟିଏ ପ୍ରକାଶ କରିବାର

Digitized by srujanika@gmail.com

ଉଦ୍ୟମ ସେହି ମହାଶୟ କରୁଥିବା ମୋତେ ଶୁଣିବାକୁ ମିଳିଥିଲା ଯାହା । ଘଞ୍ଚ ମଫସଲର ସେହି ପଣ୍ଡୁଆ ସ୍କୁଲରେ 'ହରିଶ୍ଚନ୍ଦ୍ର', 'ଜୟଦେବ' ଓ 'ମୂଳିଆ' ନାଟକ ମଞ୍ଚସ୍ଥ ହେବା ଓ ସେଥିରେ ପ୍ରାୟ ବିନା ନିର୍ଦ୍ଦେଶନାରେ ଚାରିପାଞ୍ଚୋଟି ଭୂମିକାରେ ମୋତେ ଅଭିନୟ କରିବାକୁ ଦିଆଯାଇଥିଲା, ଯାହା ମୋର ଶିକ୍ଷକ ଓ ଅଧ୍ୟାପକ ଜୀବନରେ ଛାତ୍ରଛାତ୍ରୀମାନଙ୍କୁ ନାଟକ-ଗୀତିନାଟ୍ୟ-ନୃତ୍ୟନାଟିକା ଶିଖାଇବାରେ, ମୋ ଗାଆଁ ଓ ପାଖ ଗାଆଁରେ ନାଟକ-ଗୀତିନାଟ୍ୟ ନିର୍ଦ୍ଦେଶନା ଦେଇ ଓସ୍ତାଦି (ହାର୍‌ମୋନିୟମ୍ ବାଦନ ସହ ଗୀତର ସ୍ୱରାରୋପଣ, ଅଭିନୟ ମୁଦ୍ରାଦି ପ୍ରଦର୍ଶନ)ରେ ସହାୟକ ହୋଇଥିଲା ।

୧୯୫୬ ମସିହା ଆଇ.ଏ. ପାଶ୍ ପରେ ରେଭେନ୍ସାରେ ବି.ଏ. ପଢ଼ିବା ପାଇଁ ସ୍ଥିର କରି କଲେଜ୍‌କୁ ସାର୍ଟିଫିକେଟ୍ ଓ ମାର୍କସିଟ୍ ଆଣିବାକୁ ଯାଇଥାଏ । ଦୈବକ୍ରମେ ଶ୍ରୀଧର ସାର୍ (ଶାସ୍ତ୍ରଦର୍ଶୀ ପ୍ରବୀଣ ଅଧ୍ୟାପକ ବ୍ୟାକରଣ ଓ ବହୁ ପୁସ୍ତକର ରଚୟିତା ଅଧ୍ୟାପକ ଶ୍ରୀଧର ଦାସ) କାଉଣ୍ଟର ସମ୍ମୁଖରେ ବସିଥାଆନ୍ତି । ମୋ ଦରଖାସ୍ତ ଦେଖି ସେ କଲେଜ ପରିବର୍ତ୍ତନର କାରଣ ପଚାରୁ ପଚାରୁ ମୋ ମାର୍କମାନଙ୍କ ଉପରେ ଦୃଷ୍ଟି ପକାଇ କହିଲେ, " ତୁମର ତ ଓଡ଼ିଆରେ ଭଲ ନମ୍ବର ଅଛି, ତୁମେ ଆମର ଏଠି ଓଡ଼ିଆ ଅନର୍ସ ନେଇ ପଢ଼ୁନ, ଆମେ ତୁମର ଭଲ ତତ୍ତ୍ୱ ନେବୁ, 'ରେଭେନ୍ସା'ରେ ତୁମେ ହଜିଯିବ । କୌଣସି ଅଧ୍ୟାପକଙ୍କଠାରୁ ସେ ପର୍ଯ୍ୟନ୍ତ ଏଭଳି ଆନ୍ତରିକତା ଭରା କଥା ମୁଁ ଶୁଣିନଥିଲି । ସାର୍‌ଙ୍କ କଥାରେ ମୁଁ ଏଭଳି ବିହ୍ୱଳିତ ହୋଇଗଲି ଯେ ସଙ୍ଗେ ସଙ୍ଗେ ବି.ଏ. ଶ୍ରେଣୀରେ ନାମ ତ ଲେଖାଇଲି, ଆଇ.ଏ. ମାର୍କସିଟ୍‌ଟି ଆଣିବାକୁ ଯେ ଭୁଲିଗଲି, ସେଇଟି ଆଜି ପର୍ଯ୍ୟନ୍ତ ମୋ ପାଖରେ ରହିନାହିଁ ।"

ଖ୍ରୀଷ୍ଟ କଲେଜ୍‌ରେ ଓଡ଼ିଆ ଅନର୍ସ ଶ୍ରେଣୀରେ ପଢ଼ିଲାବେଳେ ଶ୍ରୀଧରସାର୍‌ଙ୍କ ଶିକ୍ଷଣ, ପଠାଣିସାର୍‌ଙ୍କ ଦିଗ୍‌ଦର୍ଶନ ଯେ ମୋର ଅଭୀଷ୍ଟ ସାଧନର ନିୟାମକ ହୋଇଥିଲା, ଏହା ଅବଶ୍ୟ ସ୍ୱୀକରଣୀୟ । ପୁସ୍ତକାଗାରର ନିରବଚ୍ଛିନ୍ନ ଉପଯୋଗ, ପତ୍ରପତ୍ରିକାଦିର ସଂଗ୍ରହଣ ଓ ଅଧ୍ୟୟନ ଯୋଗୁଁ ସାହିତ୍ୟ ସହ କେବଳ ପରିଚୟ ଘଟିଲା ନାହିଁ, ଅବବୋଧରେ ଧୀରେ ଧୀରେ କିଛି ଉନ୍ନତି ଘଟିଲା । ଯତ୍‌ସଂକ୍ଷିପ୍ତ ଏକାନ୍ତତା, ଉଦରପୂର୍ତ୍ତି ଚିନ୍ତା ରହିତ ହେବା ଯୋଗୁଁ ନିଜେ କିଛି ଲେଖିବାର ପ୍ରବଣତା ଆସିବାରୁ ମୁଁ କବିତାଟିଏ ଲେଖିଲି । ପରେ ପରେ ପ୍ରବନ୍ଧଟିଏ । କଲେଜ୍‌ରେ ଦୁଇଟିଯାକ ସମ୍ପୋଚରେ କାହାକୁ ଦେଲି ଠିକ୍ ମନେ ନାହିଁ । ତେବେ କବିତା ପ୍ରତିଯୋଗିତାରେ ମୋର 'କବିସମ୍ରାଟ' କବିତାଟି ଦ୍ୱିତୀୟ ପୁରସ୍କାର ପାଇଥିଲା । ପ୍ରଥମ ହୋଇଥିଲା କବି ନୃସିଂହ କୁମାର ରଥଙ୍କ କବିତା । ୧୯୫୭-୫୮ର କଲେଜ ମୁଖପତ୍ର 'ଉନ୍ମେଷ'ରେ ମୋର କବିତା ଓ ପ୍ରବନ୍ଧ 'ସାରଳା ସାହିତ୍ୟରେ ଉତ୍କଳୀୟତା' ଏକ ସଙ୍ଗରେ ପ୍ରକାଶିତ ହେବା ମୋର ସାହିତ୍ୟିକ ଜୀବନରେ ଏକ

Digitized by srujanika@gmail.com

ଅବିସ୍ମରଣୀୟ ଓ ଚିତ୍ତବିମୋହନକାରୀ ଘଟଣା ଥିଲା ମୋ ପାଇଁ । ପତ୍ରିକାଟି ପ୍ରଥମେ ମୋ ହାତକୁ ବଢ଼ାଇ ଦେଇଥିଲେ ସସ୍ମିତ ପଠାଣି ସାର୍ । କୃତକୃତ୍ୟର ମୁହୂର୍ତ୍ତ ଥିଲା ସେଇଟି ।

ଅନର୍ସ ପରୀକ୍ଷାରେ ଶତକଡ଼ା ୫୫ ନମ୍ବର ରଖି ତୃତୀୟ ସ୍ଥାନ ପାଇଲି ୧୯୫୮ରେ । ଏମ୍.ଏ. ପଢ଼ିବାକୁ 'ରେଭେନ୍ସା'କୁ ଆବେଦନ କରି ଯଥାଶୀଘ୍ର ଅନୁମତି ପ୍ରାପ୍ତ ହେଲି । ବିଧିର ବିଧାନ କିନ୍ତୁ ମୋତେ ନେଇ ଘରଠାରୁ କିଛି (୩କିଲୋମିଟର) ଦୂରସ୍ଥ ହାଇସ୍କୁଲ୍‌ରେ ସହକାରୀ ଶିକ୍ଷକ କରି ଥୋଇଦେଲା । ବିଂଶତି ବର୍ଷର ତରୁଣ ପ୍ରାଣରେ ଶିକ୍ଷକତା ଯୁଗପତ୍ ଆବେଗ ଓ ସ୍ପନ୍ଦନ ଭରିଦେବାରୁ ସେଥିପ୍ରତି ନିଷ୍ଠା ଓ ଆଗ୍ରହ ମୋତେ ଅଧିକତର ଅଧ୍ୟୟନ ନିବିଷ୍ଟ କରାଇଲା । ଯତ୍‌କିଞ୍ଚିତ୍ ପୁସ୍ତକଗତ ସହାୟତା ସହ 'ଝଙ୍କାର', 'ମଡର୍ଣ୍ଣ ରିଭ୍ୟୁ' ପତ୍ରିକାଦି ପଢ଼ିବାର ସୁଯୋଗ ମୋର ଜ୍ଞାନଗତ ଦିଗ୍‌ବଳୟକୁ ପ୍ରସାରିତ କଲା ବୋଲି ନ ମଣିଲେ ବି ଆଲୋକଦୀପ୍ତ କରିଥିବା ଅନସ୍ୱୀକରଣୀୟ । ଅଗଷ୍ଟ ପନ୍ଦର, ୧୯୫୯ରେ 'ସ୍ୱରାଜପଥେ' ଶୀର୍ଷକ ଏକାଙ୍କିକାଟିଏ ଲେଖି, ନିର୍ଦ୍ଦେଶନା ଦେଇ ତାକୁ ମଞ୍ଚସ୍ଥ କରାଇବା ଥିଲା ଏକମାତ୍ର ସାହିତ୍ୟକର୍ମ । ଦୀର୍ଘ ଅଭିଜ୍ଞତାସମ୍ପନ୍ନ ବର୍ଷୀୟାନ୍ ପ୍ରଧାନଶିକ୍ଷକ ବାସୁଦେବ ମହାନ୍ତି ମୋତେ ଛାତ୍ରାବାସରେ ରହିବାକୁ ଏକପ୍ରକାର ବାଧ କରି ତର୍କସଭା ପରିଚାଳନା, ଛାତ୍ରମାନଙ୍କର ସାଧାରଣଜ୍ଞାନ ପରୀକ୍ଷା, ଦୈନିକ ରେଡ଼ିଓ ଓ ସମ୍ବାଦପତ୍ରରୁ ମୁଖ୍ୟସମ୍ବାଦ ସଂଗ୍ରହପୂର୍ବକ କଳାପଟାରେ ଲେଖି ପିଲାମାନେ ସ୍କୁଲକୁ ଆସିବା ମାତ୍ରେ ତାଙ୍କ ନଜରକୁ ଆଣିବାର ବ୍ୟବସ୍ଥା କରିବାରେ ମୋତେ ନିୟୋଜିତ କରିବାରୁ ସାହିତ୍ୟକର୍ମ ଲାଗି ସ୍ଥିର ଅବକାଶ ମୋତେ ମିଳିଲା ନାହିଁ । ଅଧ୍ୟୟନ ଅଭ୍ୟାସ ଅବଶ୍ୟ ଯଥାତଥା ରଖିପାରିଥିଲି । ଗୃହଗତ ସମସ୍ୟା ଥିଲା ବଳବତୀ ।

ଷ୍ଟାଇପେଣ୍ଡ ପାଇ ବି.ଇଡି. ପଢ଼ିବାକୁ ମୁଁ ୧୯୬୦ରେ ରାଧାନାଥ ଟ୍ରେନିଂ କଲେଜ ଛାତ୍ରାବାସର ଅନ୍ତେବାସୀ ହୋଇରହିଲି ଦଶମାସ । କଲେଜ ମୁଖପାତ୍ର 'କ୍ଷଣିକା'ର ଜଣେକ ସହସମ୍ପାଦକ ଭାବରେ କର୍ତ୍ତବ୍ୟ ତୁଲାଇବାକୁ ହେଲା । ଏକାଙ୍କିକା, ସମବେତ ସଙ୍ଗୀତ ଓ ନାଟକରେ ଅଂଶଗ୍ରହଣ କରିବାକୁ ହୋଇଥିଲା । ଶିକ୍ଷାଦାନ, ପାଠ୍ୟକ୍ରମ, ପ୍ରତି ଅବହିତତା, ଭୋଜି ଓ ଶିକ୍ଷଣୀୟ ପ୍ରମୋଦ ଭ୍ରମଣର କୋଳାହଳ ମୁଖରିତ ୧୯୬୦-୬୧ରେ 'କ୍ଷଣିକା'ରେ ପ୍ରକାଶିତ 'ବହୁମୁଖୀ ବିଦ୍ୟାଳୟ' ଶୀର୍ଷକ ପ୍ରବନ୍ଧ ବ୍ୟତୀତ ଅନ୍ୟ କିଛି ଲେଖିବା ମୋ ପକ୍ଷରେ ସମ୍ଭବ ନଥିଲା । ଏଇଠି ଶିକ୍ଷକ ନ ହୋଇ ଅଧ୍ୟାପକ ହେବା ପାଇଁ ଯେଉଁ ଆତ୍ମପ୍ରତ୍ୟୟ ଜାଗରିତ ହେଲା, ତା'ର ଚରିତାର୍ଥତା ପାଇଁ ମଫସଲ ନୁହେଁ କଟକ ଅବସ୍ଥାନ ଏକାନ୍ତ ଆବଶ୍ୟକ ମନେ କରି ମୁଁ ରାଣୀହାଟ ହାଇସ୍କୁଲରେ ନିଯୁକ୍ତି ପାଇଁ ଚେଷ୍ଟା କରିପାଇଗଲି । ସେ ସ୍କୁଲ୍‌ର ଲାଇବ୍ରେରୀରେ ଯାହା ବା କିଛି ବହିପତ୍ର ଥିଲା ତାହାର ସେବା ଥିଲା ନଦାରଦ । ତଥାପି ନିଜ ଉଦ୍ୟମରେ କିଛି କିଛି ବହି, ପତ୍ରପତ୍ରିକା ଓ ନୋଟ୍ ସଂଗ୍ରହ

Digitized by srujanika@gmail.com

କରି ଏମ୍.ଏ. ପରୀକ୍ଷା ଦେବା ପାଇଁ ପ୍ରସ୍ତୁତି ଚଳାଇଲି । ରାଣୀହାଟ ହାଇସ୍କୁଲ୍‌ରେ ହଜାର ହଜାର ଛାତ୍ରଛାତ୍ରୀ, ଏକାଦଶ ଶ୍ରେଣୀରେ ଚାରି ସେକ୍ସନ୍ । ଦଶମ, ଏକାଦଶର ପିଲାମାନଙ୍କୁ ଇଂରାଜୀ, ସାହିତ୍ୟ, ସାମାଜିକ ଶିକ୍ଷା ପଢ଼ାଇବା, ଶହ ଶହ ଖାତା ଦେଖିବାରେ ବହୁ ସମୟ ବ୍ୟୟିତ ହୋଇଯାଉଥିଲା । ପ୍ରିୟବନ୍ଧୁ, ଶ୍ରେଣୀ ସତୀର୍ଥ ଭୋଳାନାଥ ରାଉତଙ୍କ ଅନୁରୋଧରେ 'ଅଭ୍ୟୁଦୟ ସାହିତ୍ୟ ସମାଜ'ର ସକ୍ରିୟ ସଭ୍ୟ ହୋଇ ଗୋଟିଏ ଦୁଇଟି କବିତା ପାଠ କରିଥିଲି । ସେଥିରୁ କବିତାଟିଏ 'ଚିତ୍ରପୁରୀ' ପତ୍ରିକାରେ ପ୍ରକାଶ ପାଇଥିଲା । ରାଣୀହାଟ ସ୍କୁଲ ମୁଖପତ୍ରରେ 'ସାରଳା ଦାସ ଓ ଏକଲବ୍ୟର ଗୁରୁଦକ୍ଷିଣା' ପ୍ରବନ୍ଧ ମାତ୍ର ପ୍ରକାଶ ପାଇଥିଲା ।

୧୯୬୨, ଅପ୍ରେଲ୍ ୧୬ ତାରିଖରେ ମୋର ବିବାହସମ୍ପନ୍ନ ହେଲା ବି.ଇଡି. ସତୀର୍ଥା ତଥା ମହିଳା ସେକେଣ୍ଡରୀ ଟ୍ରେନିଂ ସ୍କୁଲର ଜନୈକା ସହକାରୀ ଶିକ୍ଷୟିତ୍ରୀଙ୍କ ସହ । ତଳତେଲେଙ୍ଗା ବଜାରର ନୃସିଂହନାଥ ମଠର ଭଡ଼ା ଘରେ ଆବାସ ପାତିବା ପରେ ଅଧ୍ୟୟନରେ କିଛି ଅଗ୍ରଗତି ଘଟିଲେ ହେଁ ତାହା ଆଶାନୁରୂପ ପର୍ଯ୍ୟାପ୍ତ ନଥିଲା । ସେଥିଯୋଗୁଁ ସମସ୍ତ ବ୍ୟବସ୍ଥା କରିବା ସତ୍ତ୍ୱେ ଏମ୍.ଏ. ପରୀକ୍ଷାରେ ବସିବାକୁ ମୁଁ ସାହସ ଜୁଟାଇପାରିଲି ନାହିଁ । ୧୯୬୩ରେ ଶେଷ ପର୍ଯ୍ୟାୟକୁ କନ୍ୟାଟିଏର ଜନକ ହୋଇଯାଇଥିଲି । ନାନା ପ୍ରକାର ଜଞ୍ଜାଳ-ଜାଲରେ ବାନ୍ଧି ହେବା ସତ୍ତ୍ୱେ ଏମ୍.ଏ. ପରୀକ୍ଷା ଦେବା ପାଇଁ କୃତନିଶ୍ଚୟ ହୋଇ ଲାଗିପଡ଼ିଲି । ପରୀକ୍ଷା ବେଳକୁ ପଡ଼ିଥିଲା ଶହ ଶହ ଖାତା ଦେଖାର ବୋଝ । ତାକୁ ଶେଷ କରି ପରୀକ୍ଷା ଦେବାକୁ ଗଲି । ପ୍ରଥମ ଶ୍ରେଣୀ ଅନୁରୂପ ମୂଲ୍ୟ ପାଇବାକୁ ଆଶାୟୀ ଥିଲାବେଳେ ଦୁଇଟି ପେପର୍‌ରେ ୫୯ ମୂଲ୍ୟ ସହ ଏ ଘରୋଇ ପରୀକ୍ଷାର୍ଥୀକୁ ମିଳିଥିଲା ଠିକ୍ ଶତକଡ଼ା ୫୮ ନମ୍ବର ଅର୍ଥାତ୍ ଦ୍ୱିତୀୟ ଶ୍ରେଣୀରେ ଦ୍ୱିତୀୟ । ଶତକଡ଼ା ୬୦କୁ ୨ ନମ୍ବର ଊଣା ଥାଇ ପ୍ରଥମ (୨ୟ ଶ୍ରେଣୀ) ହୋଇଥିଲେ ମୋର ଘନିଷ୍ଠ ସତୀର୍ଥ ଧନେଶ୍ୱର ମହାପାତ୍ର ।

କଲେଜ ଛାତ୍ରଜୀବନକାଳରୁ ମୋତେ ଆକ୍ରମଣ କରିଥିବା ଶ୍ୱାସବ୍ୟାଧିକୁ ୱାଟର୍‌ବରିଜ୍ କମ୍ପାଉଣ୍ଡ, ମୃତସଞ୍ଜୀବନୀ ସୁରା ଓ ମହାଦ୍ରାକ୍ଷାରିଷ୍ଟର ଦୈନନ୍ଦିନ ସେବନଦ୍ୱାରା ଚାପି ରଖିଥିବା ସତ୍ତ୍ୱେ ତାହା ଏତେବେଳକୁ ପ୍ରବଳତର ହୋଇଉଠିବାରୁ ମୁଁ ଶଯ୍ୟାଶାୟୀ ହୋଇଗଲି । ସାମୟିକ ଚିକିତ୍ସା ପରେ ଚଳାଚଳ ହେବା ସମ୍ଭବ ହେଲା । ରକ୍ତପରୀକ୍ଷାରୁ ଇସିନୋଫିଲିଆର ପରିମାଣ ପ୍ରବଳ ମାତ୍ରାଧିକ ଥିବା ଜଣାଯିବାରୁ ମୁଁ ସ୍ୱନାମଧନ୍ୟ ଭେଷଜ୍‌ବିଦ୍ ମୋର ପତ୍ନୀଙ୍କର ଭଗ୍ନୀପତି ପ୍ରଫେସର ବିଭୂତିଭୂଷଣ ତ୍ରିପାଠୀଙ୍କ ପରାମର୍ଶ ଲୋଡ଼ିବାରୁ ସେ ମହାଶୟ ମୋତେ ବେନୋସାଇଡ଼ ବଟିକା ସେବନ ସହ ଦୈନିକ ଛେନା ଖାଇବାକୁ ନିର୍ଦ୍ଦେଶ ଦେବାରୁ ମୁଁ ତାହା ପାଳନ କରି କେବଳ ଆଜିପର୍ଯ୍ୟନ୍ତ ଶ୍ୱାସବ୍ୟାଧି (କଫ ଜମାଟବନ୍ଧା ହେତୁକ) ମୁକ୍ତ ରହିନାହିଁ, ହୃତ୍‌ସ୍ୱାସ୍ଥ୍ୟ ଫେରି ପାଇଥିଲି ।

୧୯୬୪, ଜାନୁୟାରୀ ପହିଲାରେ ଓଡ଼ିଆ ଅଧ୍ୟାପକ ଭାବରେ ରେଭେନ୍ସା ସାନ୍ଧ୍ୟ ମହାବିଦ୍ୟାଳୟରେ ଯୋଗଦାନ ଅନ୍ତେ ମୋର ଯଥାର୍ଥ ସାହିତ୍ୟଚର୍ଚ୍ଚାର ଅୟମାରମ୍ଭ ଘଟିଥିଲା ।

Digitized by srujanika@gmail.com

ବିପୁଳ କନିକା ଲାଇବ୍ରେରୀର ଉପଯୋଗ ଏଥିରେ ଯଥେଷ୍ଟ ସହାୟକ ହୋଇଥିଲା । ଏଣିକି ପ୍ରବନ୍ଧ ରଚନାରେ ମନୋନିବେଶ କରିବାକୁ ହେଲା ଯାହା ଥିଲା ବୃତ୍ତି ଅନୁକୂଳ ।

'ଆସନ୍ତାକାଲି' ପତ୍ରିକାରେ ସର୍ବସାଧାରଣଙ୍କ ଲାଗି ପ୍ରକାଶିତ ମୋର ପ୍ରଥମ ପ୍ରବନ୍ଧଟି ଥିଲା 'ପ୍ରାଚୀନ ଦୃଷ୍ଟିରେ କାବ୍ୟ ସ୍ୱରୂପ' । ସେ ଦିନରୁ ଆଜି ପର୍ଯ୍ୟନ୍ତ ସଙ୍କଳନଗ୍ରନ୍ଥ, ସ୍ମରଣିକା ଓ ପତ୍ରପତ୍ରିକାମାନଙ୍କରେ ଅନ୍ୟୂନ ଦୁଇଶତାଧିକ ମୋ ରଚିତ ପ୍ରବନ୍ଧ ପ୍ରକାଶ ଲାଭ କରି ମୋତେ ଅନେକ ଆତ୍ମପ୍ରସାଦ ଦେଇଛି । ପ୍ରବନ୍ଧ ରଚନା ଲାଗି ପୁନର୍ନବା ସାହିତ୍ୟ ସଂସଦ, ଚାନ୍ଦୋଳ, କେନ୍ଦ୍ରାପଡ଼ା ମୋତେ ଫେବୃୟାରୀ ୨୦୦୯ରେ କ୍ୟାପ୍‌ଟେନ୍ ଗୋପୀନାଥ ମିଶ୍ର ସ୍ମାରକୀ ପ୍ରବନ୍ଧ ପୁରସ୍କାର ଦେଇ ସମ୍ମାନୀତ କରିଛନ୍ତି । ଏଥିପୂର୍ବରୁ ମୁଁ ଜଗତ୍‌ସିଂହପୁର ପୂଜ୍ୟପୂଜା ସଂସଦ ଓ ୨୦୦୫ରେ କଟକର 'ସହକାର' ସାରସ୍ୱତ ସଂସ୍ଥାଙ୍କଦ୍ୱାରା ମାନପତ୍ରାଦି ସହ ସମ୍ବର୍ଦ୍ଧିତ ହୋଇଥିଲି ।

ଦୁଇଟି ବିଦ୍ୟାଳୟ ଓ ଆଠଟି ମହାବିଦ୍ୟାଳୟମାନଙ୍କରେ ଦୀର୍ଘ ୩୮ ବର୍ଷ ଶିକ୍ଷକତା (୧୯୫୮-୯୬) ବୃତ୍ତି ନିର୍ବାହ କରି ଆସିଥିବା ଅବକାଶରେ ପ୍ରବନ୍ଧ ତ ଲେଖୁଥିଲି, ତତ୍‌ସହିତ କିଛି ସର୍ଜନଶୀଳତା ମଧ୍ୟ ଜଡ଼ିତ ଥିଲା । ମୋ ରଚିତ ଅପେକ୍ଷାକୃତ ଦୀର୍ଘ ସମବେତ ସଙ୍ଗୀତ 'ଇତିହାସ ବନ୍ଦିତ ଲଳନା-ସଂଘମିତ୍ରା' ଗୁରୁ ଗୋପାଳଚନ୍ଦ୍ର ପଣ୍ଡାଙ୍କ ସ୍ୱରାରୋପଣରେ ରାଣୀହାଟ ସ୍କୁଲ ବାଳିକାମାନଙ୍କଦ୍ୱାରା କଟକ ଆକାଶବାଣୀ ନାରୀମହଲରେ ପରିବେଷିତ ହୋଇ ୧୯୬୪ର ସେ ବିଭାଗର ଶ୍ରେଷ୍ଠ ସଙ୍ଗୀତ ମର୍ଯ୍ୟାଦା ଲାଭ କରିଥିଲା । ୧୯୬୭ରେ ପଣ୍ଡିତ ନୀଳକଣ୍ଠଙ୍କ ବିୟୋଗରେ ମୁଁ ଲେଖିଥିବା 'ନୀଳକଣ୍ଠ ସ୍ମରଣେ' ସଙ୍ଗୀତ ରୂପକ ସାନ୍ଧ୍ୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସୁପରିଚିତ କଣ୍ଠଶିଳ୍ପୀ ଧନଞ୍ଜୟ ଶତପଥୀଙ୍କ ନିର୍ଦ୍ଦେଶନାରେ ପରିବେଷଣ କରିଥିଲେ । ସେଦିନର ରେଭେନ୍ସା ସହକର୍ମୀଙ୍କଦ୍ୱାରା ମୋ ରଚନାର ପ୍ରଶଂସା ମୋର କର୍ଣ୍ଣଗୋଚର ହୋଇଥିଲା । ୧୯୬୮ରେ (ଭକ୍ତକବି) 'ମଧୁବନ୍ଦନା' ମୁଁ ରଚନା କରିଥିଲି କଟକ ସେକେଣ୍ଡାରୀ ଟ୍ରେନିଂ ସ୍କୁଲ୍‌ର ବାର୍ଷିକ ଉତ୍ସବ ଲାଗି । ସ୍ୱଗତ ଗୁରୁ ରଘୁନାଥ ନନ୍ଦ ଏହାର ସ୍ୱର ନିର୍ଦ୍ଦେଶ କରିଥିଲେ । ସମବେତ ସଙ୍ଗୀତ ମୋର ଓ ପ୍ରଧାନଶିକ୍ଷୟିତ୍ରୀ ପତ୍ନୀଙ୍କର ବୃତ୍ତିକ୍ଷେତ୍ର ଅନୁଷ୍ଠାନ ପାଇଁ ଲୋଡ଼ାଯାଇଥିବାରୁ କେବଳ ରଚିତ ହୋଇନଥିଲେ ମୋର ନିଜସ୍ୱ ସ୍ୱରାରୋପଣ ଓ ନିର୍ଦ୍ଦେଶ ତଥା ସହଯୋଗରେ ପରିବେଷିତ ହୋଇଆସିଥିଲେ । ଏପରିକି ମୋ ଗାଆଁ ପାଇଁ ମୁଁ ଲେଖି ସ୍ୱର ଦେଇ ପରିବେଷଣ କରିଥିବା ସଙ୍ଗୀତ ରୂପକ 'ଏଇ ଗାଆଁ ଏଇ ମାଟି/ମାଟି ନୁହେଁ ସେ ମାଆଟି' ପ୍ରତିବର୍ଷର ନାଟକାନୁଷ୍ଠାନ ପୂର୍ବରୁ ଅଭିନୀତ ହୋଇ ଆସିଥିଲା । ଅନୁଗୁଳ କଲେଜ ଛାତ୍ରୀନିବାସର ଉଦ୍‌ଘାଟନୀ ଉତ୍ସବରେ ମୋ ଲିଖିତ ନିର୍ଦ୍ଦେଶିତ ଓ ବାଦ୍ୟ ସହଯୋଗିତାରେ ପରିବେଷିତ 'ଉର୍ବଶୀ' ନୃତ୍ୟନାଟିକା ଉଚ୍ଛ୍ୱସିତ ଦର୍ଶକୀୟ ପ୍ରଶଂସା ଲାଭ

Digitized by srujanika@gmail.com

କରିଥିଲା । ସେଇଟିକୁ ଛାପିଛନ୍ତି ପୁସ୍ତକ ଭଣ୍ଡାର, ବ୍ରହ୍ମପୁର । ଉପରୋକ୍ତ ତଥା ଅନ୍ୟାନ୍ୟ ସମବେତ ସଙ୍ଗୀତଗୁଡ଼ିକର ସଙ୍କଳନ 'ଐକତାନିକ' ପ୍ରକାଶ ପାଇଥିଲା ୧୯୯୦ରେ । ସେଥି ମଧ୍ୟରୁ ଅନୁଗୁଳରେ ଗୋପବନ୍ଧୁ ଶତବାର୍ଷିକୀ ଉପଲକ୍ଷେ ମୋ ରଚିତ ଓ ନିର୍ଦ୍ଦେଶିତ 'ଗୋପସ୍ମରଣେ' କବି ରାଧାମୋହନ ଗଡ଼ନାୟକଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ୧୯୭୯ରେ ଅନୁଗୁଳ କଲେଜ ପାଇଁ ରଚିତ 'ଜାଗୃତିର ଶିଖା' ପୁନଶ୍ଚ ମୋ ନିର୍ଦ୍ଦେଶନାରେ ପୁରୀ ମହିଳା କଲେଜ ଓ ବି.ଜେ.ବି. କଲେଜ ମୁଖ୍ୟ ଛାତ୍ରାବାସର ବାର୍ଷିକ ଉତ୍ସବରେ ପରିବେଷିତ ହୋଇଥିଲା । ଏତଦ୍‌ବ୍ୟତୀତ ମୋର ରହିଛି ଅନେକ ଭଜନ, ଜଣାଣ, ଆଧୁନିକ ଓ ଓଡ଼ିଶୀ ସଙ୍ଗୀତ । ସେଗୁଡ଼ିକର ଏକ ସଙ୍କଳନ ପ୍ରକାଶନର ବାସନା ଅବଧି ଚରିତାର୍ଥ ହୋଇନାହିଁ । ମୋ ରଚିତ ଗୀତିନାଟ୍ୟମାନଙ୍କ ମଧ୍ୟରୁ କେବଳ 'ଅନନ୍ୟା (ସାବିତ୍ରୀ)'ଟି ପ୍ରକାଶ ଲାଭ କରିଛି । ମୋର ପାଞ୍ଚଟି ଗୀତିନାଟ୍ୟର ସଙ୍କଳନ ପ୍ରକାଶ କରିବାକୁ ମୋଠାରୁ ଜନୈକ ପ୍ରକାଶକ ମାଗି ନେଇ ପାଣ୍ଡୁଲିପିକୁ ହଜାଇଦେଇଛି । ସେ ଏବେ ପରଲୋକରେ । ସେଗୁଡ଼ିକର ସୁପ୍ରସ୍ତୁତ ପ୍ରତିଲିପି ବି ମୋ ପାଖରେ ନାହିଁ । ୧୯୯୯ରେ ମହାବାତ୍ୟା ଅନୁଭୂତି ସଙ୍କଳିତ 'ବାତ୍ୟାଗାଥା' ପାଠକମାନଙ୍କର ହୃଦୟଗ୍ରାହୀ ହୋଇଥିବା ମୋ ପାଇଁ ସାନ୍ତ୍ୱନାର ବିଷୟ । ମୋ ଗାଆଁ ପାଖ ଗାଆଁର ଲୋକମାନଙ୍କର ବାରମ୍ବାର ଅନୁରୋଧରେ ମୁଁ ରଚନା କରିଛି ପାଞ୍ଚ ଅଧ୍ୟାୟ ବିଶିଷ୍ଟ 'ଶ୍ରୀବସନ୍ତ ରାସ' - ପ୍ରକାଶ କରିଛନ୍ତି ଏ.ସି. ଭକ୍ତି ବେଦାନ୍ତ ଚାରିଟେବଲ୍ ଟ୍ରଷ୍ଟ, ନୟାପଲ୍ଲୀ, ଭୁବନେଶ୍ୱର । ଏଇଟି ଗାଁ ଗହଳରେ ବେଶ୍ ଆଦର ଲାଭ କରିଥିବାରୁ ମୁଁ ଶ୍ରମର ସାର୍ଥକତା ପ୍ରାପ୍ତ ହୋଇଛି । ସମୟ ବିଶେଷରେ କିଛି କବିତା ବି ଲେଖିଛି । ସେଥିରୁ କିଛି କିଛି ପ୍ରକାଶ ପାଇଛି ।

ଅନୁବାଦ-କାର୍ଯ୍ୟରେ ପ୍ରବୃତ୍ତ ହେବା ପରେ ସୃଜନକ୍ରିୟା ମନ୍ଥର ହେବା ହୋଇଛି ଅନିବାର୍ଯ୍ୟ ପରିଣତି । ମୋ ଆତ୍ମଜୀବନୀ 'ଉଜାଣି ସୁଅର ଢେଉ' ଲାର୍କ୍ ବୁକ୍ସଙ୍କଦ୍ୱାରା ୨୦୦୮ରେ ପ୍ରକାଶିତ ହୋଇଛି । ମୋର ପିଏଚ.ଡି. ନିବନ୍ଧ (୧୯୮୦) ଗ୍ରନ୍ଥ 'ଓଡ଼ିଆ ଗାଥାକାବ୍ୟ' (୧୯୮୩) ମୋତେ ଓଡ଼ିଶାର ମହାବିଦ୍ୟାଳୟମାନଙ୍କର ଓଡ଼ିଆ ବିଭାଗୀୟ ଛାତ୍ର ଓ ଅଧ୍ୟାପକମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ପରିଚିତି ଦେଇଥିବାରୁ ମୁଁ ଯଥେଷ୍ଟ ଆତ୍ମସନ୍ତୋଷ ଲାଭ କରିଛି । ବନ୍ଧୁମାନଙ୍କ ଅନୁରୋଧରେ ସମ୍ପ୍ରତି ମୁଁ ମୋ ଆତ୍ମଜୀବନୀର ଦ୍ୱିତୀୟ ଭାଗ 'ସୁଅ ମୁହଁର ଭଉଁରୀ' ଲେଖିବାରେ ଅଗ୍ରଗତି କରିଛି । 'ମାନବ ଜୀବନରେ ଧର୍ମର ଗତି ଓ ସ୍ଥିତି' ଶୀର୍ଷକ ୨୦ଟି ଧାରାବାହିକ ପ୍ରବନ୍ଧ ଓ ଅନ୍ୟାନ୍ୟ କେତେକ ପାଣ୍ଡୁଲିପି ଅବଧି ପ୍ରକାଶନ ଲାଗି ପ୍ରସ୍ତୁତ ଅବସ୍ଥାରେ ପଡ଼ିରହିଛି । ଓଡ଼ିଆ ସାହିତ୍ୟ ଏକାଡେମୀଙ୍କ ପକ୍ଷରୁ ମୋର ପ୍ରକରଣ-ଗ୍ରନ୍ଥ 'କବି ବ୍ରଜନାଥ ବଡ଼ଜେନା'ର ଦ୍ୱିତୀୟ ସଂସ୍କରଣ ଘଟିଛି । ଭାରତୀୟ ସାହିତ୍ୟ ଏକାଡେମୀ ପ୍ରକାଶ କରିଛନ୍ତି 'ଗୋଦାବରୀଶ ମିଶ୍ର' ।

Digitized by srujanika@gmail.com

ଅନୁବାଦ କ୍ଷେତ୍ରରେ ମୋର ଲେଖନୀର ପ୍ରଖରତା ନିଶ୍ଚିତ ଉଲ୍ଲେଖନୀୟ । ଭାରତୀୟ ସାହିତ୍ୟ ଏକାଡେମୀଙ୍କ ପକ୍ଷରୁ 'ବେମନା' ଓ 'ଚଣ୍ଡୀଦାସ' ଗ୍ରନ୍ଥ ଦୁଇଟି ମୁଁ ଇଂରାଜୀରୁ ଅନୁବାଦ କରିବା ପରେ ଏ କ୍ଷେତ୍ରରେ ମୋର ସାମର୍ଥ୍ୟର ପରିଚୟ ମୋତେ ମିଳିବା ପରେ ମୁଁ ବୃହତ୍ କାର୍ଯ୍ୟରେ ପ୍ରବୃତ୍ତ ହେଲି । ଚନ୍ଦ୍ରଶେଖରପୁର ଭୁବନେଶ୍ୱରସ୍ଥ 'ନିଶ୍ୱାସ' ସଂସ୍ଥା ପକ୍ଷରୁ 'ଆମ୍ବେଦକର ରଚନା ଓ ଭାଷଣ'ର ୧ମ, ୨ୟ, ୪ର୍ଥ ଓ ଏକାଦଶ ତଥା ତ୍ରୟୋଦଶ ଖଣ୍ଡର ପ୍ରାୟ ଦୁଇ ହଜାର ପୃଷ୍ଠାର ପାଣ୍ଡିତ୍ୟପୂର୍ଣ୍ଣ ଇଂରାଜୀର ଓଡ଼ିଆ ଅନୁବାଦ ମୋଦ୍ୱାରା ସମ୍ପାଦିତ ହୋଇଛି । ଏଗୁଡ଼ିକ ଅବଧି ପ୍ରକାଶିତ । ପ୍ରଥମ ଆନ୍ତର୍ଜାତିକ ଭ୍ରମଣ କାହାଣୀ 'ମାର୍କୋପୋଲୋ ଭ୍ରମଣ ବୃତ୍ତାନ୍ତ'ଟିର ସମ୍ପାଦିତ ମୂଳ ଇଂରେଜୀ ଗ୍ରନ୍ଥର ପ୍ରତିଲିପି ବହୁ ଆୟାସରେ ଭାରତୀୟ ଜାତୀୟ ଗ୍ରନ୍ଥାଗାରରୁ ସଂଗ୍ରହ କରି ମୁଁ ଅନୁବାଦ କରିଛି । କଟକ ବିଦ୍ୟାପୁରୀ ଏହାକୁ ପ୍ରକାଶ କରୁଛନ୍ତି । ମୁମ୍ବାଇ ବିପଣୀରୁ ସଂଗୃହୀତ ୧ମ ଋଗ୍‌ବେଦ ସମ୍ପାଦକ, ବ୍ୟାଖ୍ୟାକାର ବିଶିଷ୍ଟ ସ୍ମରଣୀୟ ଭାରତୀୟ ବିଦ୍ୟାବିତ୍ ମହାପଣ୍ଡିତ ମ୍ୟାକ୍‌ସ୍‌ମୁଲ୍ଲରଙ୍କ ପ୍ରବନ୍ଧ ଗ୍ରନ୍ଥ 'ହ୍ୱାଟ୍ ଇଣ୍ଡିଆ କ୍ୟାନ୍ ଟିଚ୍ ଅସ୍' ଗ୍ରନ୍ଥଟିର ଅନୁବାଦ ତିନିବର୍ଷ ତଳୁ ମୁଁ ସମ୍ପନ୍ନ କରି ଲାର୍କ୍‌ବୁକ୍‌ସ୍ ପ୍ରକାଶନ ସଂସ୍ଥାକୁ ଦେଇଥିଲେ ହେଁ ପ୍ରକାଶନଗତ ଆନୁସଙ୍ଗିକ ସମସ୍ତ କାର୍ଯ୍ୟର ଶେଷ ପର୍ଯ୍ୟାୟରେ ସେଇଟି ରହିଛି । ରବୀନ୍ଦ୍ରନାଥଙ୍କର 'ପ୍ରାଚୀନ ସାହିତ୍ୟ' ଶୀର୍ଷକ ବଙ୍ଗଳା ଗ୍ରନ୍ଥ ମୋଦ୍ୱାରା ଅନୂଦିତ ହୋଇ ଯାଜପୁରସ୍ଥ ବର୍ତ୍ତିକା ପ୍ରକାଶନଦ୍ୱାରା ମୁଦ୍ରଣ ଓ ପରିବେଷଣ ଲାଭ କରିଛି (୨୦୦୯) । ଏହି ସଂସ୍ଥା ମୋର ଅନ୍ୟ ଯେଉଁ ବଙ୍ଗଳାରୁ ଅନୂଦିତ ଗ୍ରନ୍ଥଟି ଏବେ (୨୦୧୧) ପ୍ରକାଶ କରିଛନ୍ତି ସେଇଟି ନାନା ଦୃଷ୍ଟିରୁ ଏକ ମହତ୍ତ୍ୱପୂର୍ଣ୍ଣ କୃତି ଭାବରେ ବିବେଚିତ ହେବ । କାରଣ ଶିଷ୍ଟ ବିଶିଷ୍ଟ ବିଦ୍ୱାନଙ୍କ ଦୃଷ୍ଟିରେ ଯେଉଁ ଗ୍ରନ୍ଥଟି ଭାରତୀୟ ଉପନ୍ୟାସମାନଙ୍କ ମଧ୍ୟରେ ଆଦ୍ୟକୃତି ଭାବରେ ପ୍ରାୟଶଃ ଗୃହୀତ ହୋଇଥାଏ ଏଇଟି ହେଉଛି ଟେକ୍‌ଚାନ୍ଦ ଠାକୁରଙ୍କର ସେହି 'ଆଲାଲେର ଘରେର ଦୁଲାଲ' । ଏହାର ପ୍ରଥମ ପ୍ରକାଶନ ଧାରାବାହିକ ଭାବରେ ପତ୍ରିକାରେ ଘଟିବା ପରେ ୧୮୫୮ରେ ପ୍ରକାଶିତ ହୋଇଥିଲା ପୁସ୍ତକାକାରରେ । ଏ ସମ୍ପର୍କରେ ମୋର 'ଥିଲାଘରର ଗେହ୍ଲା ପୁଅ' ଶୀର୍ଷକ ଅନୁବାଦ ଗ୍ରନ୍ଥ-ସନ୍ନିହିତ 'ପ୍ରାନ୍ତଭାଷ'ରେ ସମ୍ୟକ୍ ସୂଚନା ଦିଆଯାଇଛି । ଆଦ୍ୟ ଓଡ଼ିଆ ଉପନ୍ୟାସମାନଙ୍କ ସହ ଏ ଗ୍ରନ୍ଥଟିର ତୁଳନାତ୍ମକ ବିଚାର ଦୃଷ୍ଟିରୁ ଏହା ଆମ ସାହିତ୍ୟରେ ଅଧ୍ୟାପକ ଓ ଆଲୋଚକମାନଙ୍କର ଯେ ଏକ ସଂଗ୍ରହଣୀୟ ପୁସ୍ତକ, ଏଥିରେ ମୁଁ ନିଃସନ୍ଦିଗ୍ଧ ।

ମୋ ଜୀବନର ଶ୍ରେଷ୍ଠ ସମୟତକ ଛାତ୍ରଛାତ୍ରୀମାନଙ୍କୁ ପଢ଼ାଇବାରେ ବ୍ୟୟିତ ହୋଇଯାଇଛି । ନିଷ୍ଠା, ତତ୍‌ପରତା, ପ୍ରସ୍ତୁତି ଓ ପ୍ରବଣତା ମୋତେ ମୋର ଛାତ୍ରଛାତ୍ରୀ, ସହକର୍ମୀ ଅଧକ୍ଷମାନଙ୍କ ନିକଟରେ ପ୍ରିୟତର କରାଇଥିବା ମୁଁ ଅନୁଭବରେ ଆଣିଛି । ମୁଁ

Digitized by srujanika@gmail.com

ବାରାନ୍ତରେ କହିଛି ଏବଂ ଏଠାରେ କହି ରଖୁଛି ଯେ ବିଶ୍ୱବିଦ୍ୟାଳୟ ସ୍ତରରେ ଓଡ଼ିଆ ଭାଷା-ସାହିତ୍ୟର ଅଧ୍ୟାପନାଠାରୁ ଉପାଧି ଓ ତନ୍ନିମ୍ନ ଶ୍ରେଣୀମାନଙ୍କରେ ଓଡ଼ିଆ ଅଧ୍ୟାପନାର ସ୍ତରଗତ ଯେତେ ନୁହେଁ ଗୁଣ ଓ ଆଭିମୁଖ୍ୟଗତ ପାର୍ଥକ୍ୟ ଅବଶ୍ୟ ରହିଛି । ଉପାଧି ଶ୍ରେଣୀମାନଙ୍କରେ ଏମ୍.ଆଇ.ଏଲ୍. ଅଧ୍ୟାପନା ଏକ ବିଶେଷ ଯୋଗ୍ୟତାର ଅପେକ୍ଷା ରଖେ । ଏମ୍.ଆଇ.ଏଲ୍.କୁ ଆସନ୍ତି ସର୍ବାଧିକ ମେଧାବୀ ଗ୍ରହଣଶୀଳ ଛାତ୍ରଛାତ୍ରୀ । ଆଲୋଚ୍ୟ ବିଷୟ ଥାଏ ବହୁଧା ଭିନ୍ନ ଭିନ୍ନ । ବିଜ୍ଞାନଠାରୁ ଦର୍ଶନ ପର୍ଯ୍ୟନ୍ତ ବିଷୟର ଚର୍ଚ୍ଚା କରି ବୁଝେଇବାକୁ ହୁଏ । ଯୁଗାନୁକ୍ରମିକ କବିତାବଳୀର ଭାବପ୍ରସ୍ଥମାନ ଉନ୍ମୋଚନ କରିବାକୁ ପଡ଼େ । ସେଥିପାଇଁ ଭିନ୍ନ ଭିନ୍ନ ବିଷୟ ଓ ପ୍ରସଙ୍ଗ ସମ୍ପର୍କରେ ଅଧ୍ୟୟନ ପୂର୍ବକ ଶ୍ରେଣୀ ପାଇଁ ପ୍ରସ୍ତୁତ ହେବାକୁ ହୁଏ । ଯଶସ୍ୱୀ ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ଏମ୍.ଆଇ.ଏଲ୍. ଶ୍ରେଣୀର ଗୁରୁତ୍ୱ ବିଷୟରେ ଥିଲେ ସୋଚ୍ଚାର ।

ଅଳ୍ପ କେତୋଟି କାହାଣୀ ଓ ଗଳ୍ପ ସମ୍ବଳିତ ଲଳିତ ପ୍ରବନ୍ଧ ଲେଖିଥିଲେ ହେଁ ମୁଁ କାହିଁକି ଗଳ୍ପ କିମ୍ବା ଉପନ୍ୟାସ ରଚନାରେ ମୋର ଭାବମୁଦ୍ରାକୁ ବିନିଯୋଗ କଲି ନାହିଁ, ତା'ର ଉତ୍ତର ବୋଧହୁଏ ବୃତ୍ତିବ୍ୟାପୃତିରେ ମୁଁ ସନ୍ଧାନ କରିଥାଏ । ସେହି ଅଭାବକୁ ପୂରଣ କରିବାକୁ ବିଶ୍ୱପ୍ରସିଦ୍ଧ ଗଳ୍ପକାରମାନଙ୍କର ଗଳ୍ପର ବିଶ୍ୱସନୀୟ ଅନୁବାଦ କରିବାରେ ମୁଁ ସମ୍ପ୍ରତି କେତେବର୍ଷ ଧରି ଶକ୍ତି ପ୍ରୟୋଗ କରିଆସୁଛି ବୋଲି ମୋର ମନେ ହେଉଛି । ପତ୍ରିକା ପୃଷ୍ଠାରେ ସେଗୁଡ଼ିକ ପ୍ରକାଶ ଲାଭାନ୍ତେ ଏବେ ଗ୍ରନ୍ଥାକାରରେ ଉପଲବ୍ଧ ହୋଇଛନ୍ତି । 'ବିଦ୍ୟାପୁରୀ' ମୋର ଅନ୍ୟାନ୍ୟ କେତେକ ପୁସ୍ତକ ସହ 'ବିଶ୍ୱପ୍ରସିଦ୍ଧ ଗଳ୍ପମାଳା'କୁ ଦୁଇଖଣ୍ଡରେ ପ୍ରକାଶ କରିଛନ୍ତି ।

ଦିବସମାନଙ୍କର ଯେଉଁ ମୁହୂର୍ତ୍ତଗୁଡ଼ିକ ବିଦ୍ୟା ଆହରଣ ଓ ବିତରଣରେ ବ୍ୟୟିତ ହେଉଥିଲା ଅବସର ଗ୍ରହଣ (୧୯୯୬) ପରେ ଲେଖନୀ ଚାଳନରେ ସେଗୁଡ଼ିକ ଅତିବାହିତ ହେଉଥିବାରୁ ବର୍ତ୍ତମାନ ଅବଧି ପ୍ରବନ୍ଧ, ଅନୁବାଦ ଅତିରିକ୍ତ ଅନ୍ୟାନ୍ୟ ସୂଚନାଧର୍ମୀ ରଚନା ବିସ୍ମୃତ-ଇତିହାସ ଆଦି ପ୍ରସଙ୍ଗ ବିଶେଷରେ ଲେଖନୀ ସକ୍ରିୟ ରହିଛି । ଇଂରାଜୀ ଲିଖିତ କତିପୟ ପ୍ରବନ୍ଧ ସଙ୍କଳନ ଓ ପୁସ୍ତକ ପ୍ରକାଶନର ପ୍ରସ୍ତୁତି ମଧ୍ୟ ଅବ୍ୟାହତ ଅଛି । 'ଏନ୍‌ସାଇକ୍ଲୋପିଡ଼ିଆ ଅଫ୍ ଇଣ୍ଡିୟାନ୍ ଲିଟରେଚର୍' ଗ୍ରନ୍ଥରେ ମୋର କିଛି ଲେଖାରହିଛି । ଓଡ଼ିଶା ସାହିତ୍ୟ ଏକାଡ଼େମୀ ସାହିତ୍ୟ ସାଧକ ଭାବରେ ମୋତେ ସମ୍ମାନିତ କରିଥିବାରୁ ମୋର ଶ୍ରମ ଓ ସାଧନା ଯେ ଅବଜ୍ଞାତ ରହିନାହିଁ, ଏହା ମୋତେ ଆଶ୍ୱସ୍ତ କରିଛି । ପ୍ରକାଶନଗତ ଆନୁକୂଲ୍ୟ ଯଥାନୁରୂପ ପ୍ରାପ୍ତ ହେଲେ ମୋର ଲେଖନୀ ଯେ ସମଧିକ କ୍ରିୟାଶୀଳ ହେବ, ସ୍ୱୀକାର ନିଷ୍ପ୍ରୟୋଜନ । 'ଅଳମତି ବିସ୍ତରେଣ' ।

●●●

Digitized by srujanika@gmail.com

ମୋ' ଜୀବନ ମୋ' ସାହିତ୍ୟ

ହରିଶଙ୍କର ବଡ଼ପଣ୍ଡା (୧୯୩୮)

ମୋର ଜନ୍ମ ଗୋଟିଏ ନିପଟ ମଫସଲ ଗାଁରେ । ଏକ ମଧ୍ୟବିତ୍ତ ବ୍ରାହ୍ମଣ ପରିବାରର ସନ୍ତାନ ମୁଁ । ମୋ ଗାଁ ଛୋଟବେଳରୁ ମୋତେ ଦେଇଛି ପ୍ରଚୁର ବଞ୍ଚିବାର ଜୀବନ - ତା'ରି ମାଟିର ମହକ, ଚିରସବୁଜ ଚାଷକ୍ଷେତ, ଦୂର ଦିଗ୍‌ବଳୟରେ ତପସ୍ୱୀ ପରି ମୁଣ୍ଡ ଟୁଙ୍ଗାରି ଠିଆ ହୋଇଥିବା ପାହାଡ଼, ଗାଁ ପାଖ ଅରଣ୍ୟରୁ ସଞ୍ଜ ସକାଳରେ ଶୁଭୁଥିବା ପକ୍ଷୀଙ୍କ କାକଳି, ଗାଁ କଡ଼ ପୋଖରୀରେ ଫୁଟିଥିବା ପଦ୍ମଫୁଲର ସୁବାସ, ରାସ୍ତାକଡ଼ର ଧାରେ ଦୂବଘାସର ଅନନ୍ୟ ଆସ୍ତରଣ ମୋତେ ଏବେ ବି ଅନନ୍ୟ ଶିହରଣରେ ଶିହରିତ କରେ ! ସବୁ ଶୀତ ସକାଳରେ ଦୂବପତ୍ରର ଶିଶିର ବିନ୍ଦୁରେ ଦେଖେଁ ପ୍ରଥମ ସୂର୍ଯ୍ୟର କୋଟି କୋଟି ପ୍ରତିବିମ୍ବ ତ ସଞ୍ଜବେଳରେ ଆଦିଗନ୍ତ ବିସ୍ତୃତ ଫଗୁ ଛିଟାର ବର୍ଣ୍ଣବିଭା । କାହିଁ କେତେଦିନରୁ ଶୁଣିଥିବା ମୋ ଜେଜିମା'ର କୁହୁକପେଡ଼ିରୁ ଫିଟିଥିବା ବୁଢ଼ୀ ଅସୁରୁଣୀର ରୋମାଞ୍ଚିତ ଗଳ୍ପ ତ ବାପାଙ୍କ ପାଖରୁ ଶୁଣିଥିବା ରାମାୟଣ/ମହାଭାରତ/ଗୀତା, ଭାଗବତ, ଅଷ୍ଟାଦଶ ପୁରାଣର ଆଲେଖ୍ୟକା ଗାଉ । ମୋର ପ୍ରତି ସ୍ମୃତିପଟଳରେ ସ୍ୱୟଂ ସାଜିଥାଏ ପ୍ରତିଭୂ । 'ମୋ ଜୀବନ ଓ ମୋ ସାହିତ୍ୟ' ଉପରେ କିଛି ଲେଖିବା ପୂର୍ବରୁ ମୋର ଏପରି ବଞ୍ଚିଥିବା ଜୀବନର କିଛି ଚିତ୍ରପଟର ଆବେଗକୁ ଆଗରେ ନ ରଖି ରହିପାରୁନି କାରଣ ମୋର ସତୁରିପର ଜୀବନ କାଳରେ ସେ ସବୁ ସ୍ମୃତିକୁ ନେଇ ହିଁ ମୁଁ ବଞ୍ଚିଛି ଏବଂ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେମିତି ବଞ୍ଚିବି । ଅତଃ ଏ ଅନୁଭବକୁ ମୁଁ କିଛି ରଙ୍ଗ ଦେବାକୁ ଚେଷ୍ଟା କରିବି ନି ବା କିଛି ନିରଙ୍ଗ କରିବାକୁ ବି ଚାହିଁବିନି କାରଣ ସିଧା ସିଧା ଦି'ପଦ ପାଠକୀୟ ଶ୍ରଦ୍ଧା ଯେହେତୁ ଆଶା କରିବ ସେହେତୁ ତା'କୁ ହିଁ ଆବୋରି ନେବାକୁ ଚେଷ୍ଟା କରିବି ।

ମୁଁ ଜନ୍ମରୁ ମାଟି ମନସ୍କ । ଆଗରୁ କହିରଖିଛି ଯେ' ମୋର ଜନ୍ମମାଟିର ଆକର୍ଷଣ ଏବେ ବି ମୋର ମନ, ମୁନ, ଚଇତନକୁ ଆକର୍ଷିତ କରେ । ସବୁ ସକାଳରେ ସୂର୍ଯ୍ୟଟିଏ ଉଇଁ ଆସିବ ବୋଲି ମୁଁ ଅପେକ୍ଷା କରେ, କଅଁଳ ପତ୍ରଗହଳରେ କୋଇଲି ଗାଇବ ବୋଲି ପାଖୁଡ଼ା ମେଲୁଥିବା ଗୋଲାପ ଫୁଲ, ମନ୍ଦାର ଫୁଲ, ବନ ଫୁଲକୁ କୁହେଁ ଯେ' ମହୁମାଛି

Digitized by srujanika@gmail.com

ଆସିଲାଣି ଏବେ ପାଖୁଡ଼ାଖୋଲ ! କଜଳପାତି, କୁମ୍ଭାଟୁଆର ଗୀତ ଶୁଣିବି ବୋଲି ଘରର ବନ୍ଦ ଝରକା ଖୋଲିଦିଏଁ । ସୂର୍ଯ୍ୟ ସକାଳର ପ୍ରଥମ ଆଲୋକରେ ଆଲୋକିତ ମୋର ମନପ୍ରାଣରେ ଯେପରି ଆସେ ଏକ ଅନନ୍ତ ଶିହରଣ ଯାହାକୁ ଆଡ଼େଇଦେବାର ଶକ୍ତି ମୋର ନାହିଁ । ସେ ଆଲୋକର ଆଲିଙ୍ଗନ ପାଇଁ ମୁଁ ସଦୈବ ଅପେକ୍ଷମାଣ । ସନ୍ଧ୍ୟା ଆରତୀ ବେଳର ଘଣ୍ଟନାଦରେ ଯେତେବେଳେ ଖୋଲିଯାଏ ଶ୍ରୀମନ୍ଦିରର ତୋରଣ ସେତେବେଳେ ମୋର କର୍ଣ୍ଣଗହ୍ୱରରେ ନିନାଦିତ ହେଉଥାଏ ମନ୍ଦିରରେ ପ୍ରତିଷ୍ଠିତ ଶ୍ରୀରାଧାକୃଷ୍ଣଙ୍କ ଚଉତରାରେ ଗୁଞ୍ଜରିତ ମଧୁର ବଂଶୀ ସ୍ୱନ ଏବଂ ଲାଗେ ମୁଁ ଯେମିତି ସେଇ ସ୍ୱନରେ ତଲ୍ଲୀନ ହୋଇଯାଇଛି । ଆକାଶକୁ ଅନାଇଲେ ଅସଂଖ୍ୟ ଧ୍ରୁବତାରାର ଆହ୍ୱାନରେ ମୋର ସ୍ୱପ୍ନସବୁ ଯେମିତି ଜାଗରିତ ହୋଇଉଠୁଛି । ତା'କୁ ସାକାର କରିବାର ଚେଷ୍ଟା ହିଁ ମୁଁ କରିଛି । ଏମିତି ଏ ବସୁଧାକୁ ଆବୋରି ବଞ୍ଚିବାରେ ମୋର କିଛି ବି କାର୍ପଣ୍ୟ ନାହିଁ । ଏହା ହିଁ ମୋର ସ୍ୱୀକାରୋକ୍ତି !

ସମାଜରେ ଜନ୍ମ ନେଇଛି ବୋଲି ତ ମୁଁ ବି ସାମାଜିକ । ସମାଜରେ ମୁଠାଏ ଅନ୍ନ ପାଇଁ ଖଣ୍ଡିଏ କନା ପାଇଁ ଓ ମୁଣ୍ଡ ଉପରେ ଖଣ୍ଡିଏ ଛାତ ପାଇଁ ମଣିଷର କେମିତି ଅନବରତ ସଂଘର୍ଷ ଜାରି ରୁହେ ତା'କୁ ମୁଁ ଦେଖିଛି । ଏ ଦେଖିବା ଭିତରେ ସେଇ ମଣିଷମାନେ ଯେଉଁମାନେ ଏପରି ନ ବଞ୍ଚିବା ପରି ବଞ୍ଚିଥାନ୍ତି ସେଇମାନଙ୍କ ଅନ୍ତରକୁ ବୁଝିବାରେ ସାରାଜୀବନ ଚେଷ୍ଟା କରିଛି । ସେମାନଙ୍କ ଅଶ୍ରୁର ତରଙ୍ଗରେ ନିଜକୁ ଭିଜାଇବାରେ, ସେମାନଙ୍କ ନିର୍ବସ୍ତ୍ର ଦେହରେ କନା ଖଣ୍ଡିଏ ଗୁଡ଼ାଇବାରେ, ସେମାନଙ୍କ ଭିକ୍ଷାଥାଳରେ ଅନ୍ନ ମୁଠାଏ ଦେବାରେ ମୁଁ ମୋର ସାଧ ମତେ ଚେଷ୍ଟା କରିଛି । ସମାଜକୁ ନେଇ ବଞ୍ଚିବାରେ ମୁଁ ଯେଉଁ ଶପଥ ନେଇଛି ତା'କୁ ଖୋଜି ଖୋଜି ଆଜିଦିନ ପର୍ଯ୍ୟନ୍ତ ଅଣନିଃଶ୍ୱାସୀ ଧାଇଁଛି । ଚଲାପଥର ଖାଲଖମାରେ କେବେ ପାଦ ଖସାଇଛି ତ କେବେ ଆନନ୍ଦରେ ବିଭୋର ହୋଇ ନାଚିଛି । କେବେ ଶବ୍ଦର ଖେଳରେ ନିଶ୍ଚିହ୍ନ ହୋଇଛି ଓ ସାରା ରାତି, ସାରାଦିନ ଚୁପ୍‌ଚାପ୍ ନିଜ ଭିତରେ ନିଜକୁ ଖୋଜିଛି । ଏହା ହିଁ ମୋର ସତ୍ୟକଥନ, ସତ୍ୟକୁ ଆପଣେଇବାର ମାଧ୍ୟମ । ମୋର କଥା ଓ କବିତାରେ, ଆଲୋଚନା ବା ପ୍ରବନ୍ଧରେ ସତ୍ୟକୁ କେବେ ବି ଛାଡ଼ିନି । ସତ୍ୟକଥନଟି ଅପ୍ରିୟ ହେଲେ ବି ସମାଜ ପାଇଁ ତା'କୁ ପ୍ରକାଶ କରିବାରେ ମୁଁ ପାଏ ପରମାନନ୍ଦ, ଆତ୍ମସନ୍ତୋଷ । ସେଠି ଥାଏ ମୋର ସାହିତ୍ୟ ସାଧନାର ତପସ୍ୟାରେ ସିଦ୍ଧି !

ମୋର କାବ୍ୟଗୁରୁମାନଙ୍କଠାରୁ ଏତକ ଶିଖିଛି ଯେ' କବିର ନା ଥାଏ ଜାତି, ଗୋତ୍ର, ଧର୍ମ, କର୍ମ ନା ଥାଏ ଧନୀ, ନିର୍ଦ୍ଧନ, ନିନ୍ଦା, ଅପମାନର ମାପକ ମନସ୍ତତ୍ତ୍ୱ । କବି

Digitized by srujanika@gmail.com

ପାଇଁ ରାଜାରଙ୍କ, ନେତା ଅନେତା, ଜ୍ଞାନୀ ଅଜ୍ଞାନ ସମସ୍ତେ ସର୍ବତୋଭାବେ ସମାନ । କବି ଦୁଃଖରେ କେବେ ଭାଙ୍ଗି ପଡ଼େ ନାହିଁ କି ସୁଖରେ ଆତ୍ମହରା ହୁଏନି । ଦୁଃଖସୁଖକୁ ନେଇ ବଞ୍ଚିବାରେ ହିଁ ଜୀବନଟା ଖୁନ୍ଦିହୁଏ । ଲୁହକୋହରେ ମରିବାରେ ହିଁ ଜୀବନଟା ଖୁନ୍ଦି ହୁଏ - ଏପରି ବଞ୍ଚିବା ଓ ମରିବାର ସ୍ୱପ୍ନରେ ମୁଁ ଜୀବନସାରା ସର୍ବଦା/ଜୀବନସାରା ସ୍ୱପ୍ନମୟ । ଏ ସ୍ୱପ୍ନରେ ମୁଁ କାହାକୁ ଧରିନି ବା କାହାକୁ ଛାଡ଼ିନି ବରଂ ପାପପଣରୁ ପରିତ୍ରାଣ ପାଇଁ ମୁଁ ନିଜକୁ ପାପୀ ବୋଲି ସ୍ୱୀକୃତି ଦେଇ ଅନ୍ୟକୁ ନିଷ୍ପାପ ବୋଲି ପ୍ରମାଣିତ କରିବାକୁ ମୋର ଧର୍ମ ବୋଲି ଗୋଚରିଛି । କାବ୍ୟଗୁରୁଙ୍କ ଉପଦେଶ/ମନ୍ତ୍ରକୁ ସ୍ୱୀକୃତି ସ୍ୱରୂପ ମୁଁ ମୋର ଦେଶର ଅସଂଖ୍ୟ ସାହିତ୍ୟ, ସଂସ୍କୃତି ଉପରେ ଆଧାରିତ ଆମ ସଂସ୍କାରର ଗ୍ରନ୍ଥଗୁଡ଼ିକୁ ମନ ଧ୍ୟାନରେ ସାଧମତେ ପାଠ କରିଛି । ସାଧମତେ ସେ ସବୁ ପଠନର ପରିଚର୍ଯ୍ୟା ତଥା ଅନୁଧ୍ୟାନ କରିଛି । ଆମ୍ରିକ ଅଧ୍ୟୟନ ପରେ ଅନୁଶୀଳନ ଏବଂ ଅନୁଶୀଳନ ପରେ ଅନୁକରଣ କରିବାର ତପସ୍ୟାରେ ନିମଜ୍ଜିତ ହୋଇଛି । ଏପରି ଅନୁଧ୍ୟାନର ଫଳାଫଳକୁ କେବେ ଅପେକ୍ଷା କରିନି ଅଥଚ ନିଜ ମନକୁ ସଂସ୍କାରିତ କରି ସେ ଅନୁଭବକୁ କବିତାରେ / କଥାରେ / ସାକ୍ଷାତ୍‌କାରରେ ପ୍ରକାଶ କରିବାକୁ ଚେଷ୍ଟା କରିଛି - ଏ ଅଭ୍ୟାସ ଏବେ ବି ଜାରିରଖିଛି । ମୋର ପ୍ରତି ଲେଖାରେ ତାହା କବିତା ହେଉ କି କଥା ସବୁଠି ମାନବ ଧର୍ମକୁ ଆବୋରି ମାନବୀୟ ପ୍ରେମ, ମାନବୀୟ ନୀତି, ମାନବୀୟ ସମ୍ବେଦନଶୀଳତାକୁ ଆଦରିବାରେ କେବେ ବି କୁଣ୍ଠାବୋଧ କରିନି । ଏପରି ଅଭ୍ୟାସକୁ ମୁଁ କେବେ ବି ଛାଡ଼ିନି ବା ଛାଡ଼ିପାରିବିନି । ଏହା ମୋର ଦ୍ୱିତୀୟ ସ୍ୱୀକାରୋକ୍ତି ! ଏ ସ୍ୱୀକାରୋକ୍ତିର ଅନ୍ୟ ଦିଗଟି ହେଲା ଯାହା ବି ଠିକ୍ ବୋଲି ଭାବିଛି ତା'କୁ ସିଧା ସିଧା ପ୍ରକାଶ କରିବାରେ ମୋର କୌଣସି କୁଣ୍ଠା ନ ଥାଏ । ଏ ସ୍ୱୀକାରୋକ୍ତି ଅନ୍ୟପକ୍ଷରେ ମୋତେ ଦେଇଛି ଆଶାତୀତ ସ୍ୱୀକୃତି ଓ ସମର୍ଥନ; ସର୍ବକାଳୀନ ପାଠକୀୟ ଶ୍ରଦ୍ଧା ଓ ଆଶୀର୍ବାଦ !

ମୁଁ ଅନେକ ହଜିଯାଇଥିବା ଲୋକଙ୍କୁ ଦେଖିଛି ଯେଉଁମାନେ ମାଟିରେ ଜନ୍ମ ହୋଇ ମାଟିରେ ମିଶି ଯାଇଛନ୍ତି । ସମାଜର ସେବାରେ ସେମାନେ ଦିନରାତି ଝାଳନାଳ ହୋଇ ଶସ୍ୟ ଉପୁଜାନ୍ତି, ଅନ୍ନ ସଂସ୍ଥାନ କରନ୍ତି ଏବଂ ସମାଜ ପାଇଁ ହିଁ ବଞ୍ଚିଥାନ୍ତି । ସେମାନଙ୍କୁ ଯେଉଁମାନେ ଏ ମାଟିର ମଣିଷ ନା ଆଜିର ସମାଜ ଗୋଚରେ ନା ତାଙ୍କୁ ଏ ସମାଜ କିଛି ନିଃସ୍ୱାର୍ଥ ସେବା ବା ସହଯୋଗ ଦେବାକୁ ହାତ ପ୍ରସାରେ । ସେମାନେ ହିଁ ସମାଜର ଦୃଶ୍ୟପଟରୁ ହଜିଯାଉଥିବା ଲୋକ ! ଏମାନଙ୍କୁ କେବଳ କବି ଓ କଥାକାର ସନ୍ଧୋଳେ ! ସେମାନଙ୍କୁ ଆପଣାର ବୋଲି ଭାବି, ସେମାନଙ୍କ ଦୁଃଖଶୋକ/ଅଶ୍ରୁକୋହର ସମଭାଗୀ ହୋଇ ସେଇ ସାଧନାରେ କବିତା କଥା ଲେଖିଛି । ସେମାନଙ୍କୁ ନେଇ ମୋର ସୃଜନଶୀଳ

Digitized by srujanika@gmail.com

ସାରସ୍ୱତ ସାଧନାକୁ ପରିପୁଷ୍ଟ କରିବାକୁ ଚେଷ୍ଟା କରିଛି । ପଶ୍ଚିମ ଓଡ଼ିଶାର ଜନଜୀବନ ଉପରେ ଆଜିଦିନ ପର୍ଯ୍ୟନ୍ତ ଓଡ଼ିଆ ଭାଷା ସାହିତ୍ୟରେ କୌଣସି ଉପନ୍ୟାସ ଲେଖା ହୋଇ ନ ଥିଲା । ମୁଁ ମୁଖ୍ୟତଃ କବି । ତଥାପି ମା' ଶାରଦାଙ୍କ ଆଶୀର୍ବାଦରୁ କିଛି ସାହସ ସଞ୍ଚୟ କରି ସେଇ ଜନଜୀବନର ଏକ ନିଗୁତା ଚିତ୍ରପଟ ଉପନ୍ୟାସ 'ଭୂମିପୁତ୍ର'ରେ ସ୍ଥାନିତ କରିଛି । ଏ ଉପନ୍ୟାସର ଚରିତ୍ରଗୁଡ଼ିକ ସାଙ୍ଗରେ ମୁଁ ମିଶିବାବେଳେ ମୋର ଚକ୍ଷୁଦ୍ୱୟରୁ ସ୍ୱତଃ ଅଶ୍ରୁ ଝରିଆସିଛି ଏବଂ ଏତକ ମୁଁ ଅନୁଭବ କରିଛି ଯେ' ପୂର୍ବଜନ୍ମରେ ମୋର ପୁଣ୍ୟ ଥିବାରୁ ଏ ଜନ୍ମରେ ସେ ହଜିଯାଉଥିବା ଲୋକମାନଙ୍କ ବିଷୟରେ କିଛି ଲେଖିପାରିଲି ।

ମୁଁ ଓ ମୋର ଆଚରଣ ସବୁ ଉଚ୍ଚ ଆଦର୍ଶ ହୁଅନ୍ତୁ ବୋଲି ମୋର କବି ହୃଦୟଟି ସଦୈବ ଯତ୍ନଶୀଳ ହୋଇଛି । ଅର୍ଥାତ୍ ମୋର କବିତା ବା କଥାରେ ଯାହାକି ପାଠକ ଆଗରେ ଆଦର୍ଶ ବୋଲି ଉଚ୍ଚାରଣ କରିଛି ତା'କୁ ନିଜ ଆଚରଣରେ ପରିଦୃଷ୍ଟ କରିବାର ଶପଥ ନେଇଛି । ଏ ଶପଥରେ ଥାଏ ସତ୍ୟର ସନ୍ଧାନ; ଏ ସତ୍ୟାଶ୍ରିତରେ ଥାଏ ଭରପୁର ଜୀବନ ଏବଂ ପରମାନନ୍ଦର ଅନୁପମ ଅନୁଭବ । ଏ ଆଦର୍ଶକୁ ମୁଁ କେବେ ଛାଡ଼ିନି କାରଣ ଅନ୍ୟକୁ କିଛି କହିବା ସହଜ କିନ୍ତୁ ସେ କଥନିକାକୁ ନିଜେ ଆଚରଣରେ ପ୍ରମାଣ କରିବା ଏକ ଦୁରୂହ ବ୍ୟାପାର । ଏଥିପାଇଁ ସମାଜର ସବୁ ଶ୍ରେଣୀର ନାଗରିକମାନଙ୍କ ହୃଦୟକୁ ଚିହ୍ନିବାରେ; ତାଙ୍କ ହୃଦୟର ଗହନ କଥା ଦି'ପଦକୁ ନିଜ ହୃଦୟରେ ଅନୁଭବ କରିବାରେ ମୋର କିଛି ବି ଦ୍ୱିଧା ନ ଥାଏ । ପାଠକୀୟ ଶ୍ରଦ୍ଧାକୁ ଆପଣେଇବାରେ ଏ ସ୍ୱୟଂସିଦ୍ଧ ମନ୍ତ୍ର ମୋତେ ସଦାକାଳେ ଅଭିମନ୍ତ୍ରିତ କରିଛି ।

ମୁଁ ସତ୍ୟପଥର ଏବେ ବି ପଥିକ । ଅଥଚ ଦେବାକୁ ମୋର କିଛି ବି ନାହିଁ । ମୁଁ ଧନ/ମାନ/ଅଭିମାନରେ ନିଃସ୍ୱ; ଗୁଣଗ୍ରାମରେ ଦରିଦ୍ର ଅଥଚ ସ୍ୱାଭିମାନ / ଦେଶପ୍ରେମରେ ଆତ୍ମବିଭୋର ! ମୋ ଠାରୁ ଦାନ ଭିକ୍ଷାକଲେ ମିଳିବ କେବଳ ଶବ୍ଦବ୍ରହ୍ମଙ୍କ ସାହଚର୍ଯ୍ୟ, କାବ୍ୟନିଧିଙ୍କ ପ୍ରାକୃତ । ଅତଃ ଦେବାକୁ ମୋର କିଛି ନ ଥିଲେ ବି ମୁଁ ଅକୁଣ୍ଠରେ ଶବ୍ଦ/ ଶବ୍ଦକାବ୍ୟ / ଜୀବନକାବ୍ୟକୁ ଅଜାତରେ ଦାନ କରିପାରିବି । କାରଣ ଯିବାବେଳ ପାଖେଇ ଆସୁଛି । ମୋର ପ୍ରତିଶ୍ରୁତି, ଉଚ୍ଚାରଣ, ଶପଥକୁ ସାକାର କରିବି ବୋଲି ମୁଁ ଅଣ୍ଟା ଭିଡ଼ିଛି । ତେଣୁ ଯେତେ ବାଧାବିଘ୍ନ ଆସିଲେ ବି ଏ ଯାତ୍ରା ମୋର ଜାରି ରହିବ । ଶବ୍ଦମାନେ, ବାକ୍ୟମାନେ, ଅନୁଭବମାନେ, ସ୍ୱପ୍ନମାନେ ଓ ହଜି ଯାଉଥିବା ଲୋକମାନେ ମୋତେ ନିଶ୍ଚିତ ଆଗକୁ ପାଦ ବଢ଼ାଇବାର ବାଟ ଦେଖାଇବେ । ସାରସ୍ୱତ ସୃଜନୀର ସୁରଧୂନି ଗଙ୍ଗାଧାରରେ ମୋତେ ଅବଗାହନ କରିବାକୁ ସୁଯୋଗ ଦେବେ ଯେଉଁଠି ମୋର ଅକର୍ମର ପାପ, ତାପ, କାଳିମା, କଲ୍ମଷ ଅଚିରେ ଧୋଇଯିବ । ନବଜନ୍ମର ଜୟଗାନ ଗାଇ ମୋର ମାତୃଭୂମି ଓ

Digitized by srujanika@gmail.com

ମାତୃଭାଷାର ମମତାରେ ମୁଁ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଜୀବନ ଧରିବି । ମୋତେ ସଂସ୍କାରିତ କରିବାର ଏ ମନ୍ତ୍ରପୂତ ତିତିକ୍ଷାରେ ମୁଁ ଏବେ ବି ସେ ଭାବମୟ ଅପ୍ରମେୟ ଭାବନାରେ ରୋମାଞ୍ଚିତ ! ଏହାହିଁ ମୋର ତୃତୀୟ ସ୍ୱୀକାରୋକ୍ତି ।

ପୃଥିବୀକୁ ଆସିବାବେଳେ ଜାଣି ନ ଥିଲି ଯେ' ମୁଁ କାହିଁକି ଏଠାରେ ଜନ୍ମନେଲି । ଆସିଥିଲି ଲଙ୍ଗଳା ହୋଇ ଏବଂ ଏବେ ଫେରିବି ଲଙ୍ଗଳା ହୋଇ, ଏହାହିଁ ଏକମାତ୍ର ସତ୍ୟ । ଏ ସତ୍ୟସିଦ୍ଧ ପରିବେଶରେ ମୁଁ କେବଳ ନିମିତ୍ତ ମାତ୍ର । ଅତଃ ମୁଁ ଯେଉଁଠି ଜୀବନର କିଛି ସମୟ ବିତାଇଛି ସେଇ ମାଟି ମା'ର ମୋହ ମୋତେ ସର୍ବଦା ମୁହ୍ୟମାନ କରିଛି । ପ୍ରକୃତିର ଅନନ୍ତ ପ୍ରାଣଦର୍ଶରେ ଏତକ ମୋତେ ଶିକ୍ଷା ମିଳିଛି ଯେ' ଜନ୍ମଦାତ୍ରୀ ମା' ଓ ଜନ୍ମଭୂମି ମା'ର ସେବାହିଁ ମୋର ଜୀବନର ସର୍ବୋତ୍କୃଷ୍ଟ କର୍ତ୍ତବ୍ୟ । ଏହା ସ୍ୱପ୍ନ ପରି ହେଲେ ବି ତା'କୁ ସାକାର କରିବା ପାଇଁ ମୁଁ ଏ ଜୀବଦ୍ଦଶାରେ ଯେଉଁ ଶପଥ ନେଇଛି ତା'କୁ ସାକାର କରିବାରେ କେତେଦୂର ସଫଳ ହୋଇଛି ଜାଣେନି । କିନ୍ତୁ ଏ ସମସ୍ତ କର୍ମ ସାଧନରେ ମୁଁ ବିଶ୍ୱଜୀବନଙ୍କୁ କେବେ ବି ଛାଡ଼ିନି । ତାଙ୍କରି ଗୁଣଗାନରେ ଏବଂ ତାଙ୍କରି ଆଶିଷରେ ମୋର ସାଧନାକୁ ଜାରି କରିଚାଲିଛି । କିନ୍ତୁ ଯଦି ଏ ଜନ୍ମରେ କବିଟିଏ କରି ବିଶ୍ୱଜୀବନ ମୋତେ ଜନ୍ମ ଦେଇଛନ୍ତି ଆଗାମୀ ଜନ୍ମରେ ସେ ମୋତେ କବିଟିଏ କରି ଜନ୍ମ ଦିଅନ୍ତୁ । ଏତିକି ହିଁ ମୋର ପ୍ରାର୍ଥନା ।

ଷାଠିଏ ବର୍ଷରୁ ଊର୍ଦ୍ଧ୍ୱକାଳ ମୋର ସାରସ୍ୱତ ସାଧନାରେ କେବେ ବି ସତ୍ୟକୁ ଛାଡ଼ିନାହିଁ । ସତ୍ୟକୁ ଧରି, ସତ୍ୟକୁ ଆଶ୍ରୟ କରି ମୋର ଆଜୀବନ ସାଧନା । ଏହା ଛୋଟବେଳରୁ ଥିଲା, ଏବେ ବି ଅଛି ଏବଂ ଆଗକୁ ଏପରି ବଜାୟ ରହିବ । ଏହାହିଁ ହେବ ମୋର ଏ ଜୀବନକାଳର ଅର୍ଜିଥିବା ଯଶ ! ଏହାହିଁ ହେବ ଏ ଜୀବନକାଳର ସୌଭାଗ୍ୟ । ସର୍ବକାଳ ପାଇଁ ମୋର ସାଧନାର ଗୌରବ । ଯଶୋମଣ୍ଡିତ ନ ହେଲେ ବି ଯଶସ୍ୱୀଟିଏ ହେବାର ପରମାନନ୍ଦ ! !

●●●

Digitized by srujanika@gmail.com

ମୋ' ଜୀବନ ମୋ' ସାହିତ୍ୟ

ରାସ ବିହାରୀ ବେହେରା (୧୯୩୮)

ମୁଁ ମୋର ପଢ଼ାକୋଠରୀରେ ବସି ପଢୁଛି, ହଠାତ୍ ଫୋନ୍ ବାଜିଉଠିଲା । ସୁଇଚ୍ ଟିପି ହଲୋ' କହିବା ପରେ ଅପର ପାର୍ଶ୍ୱରୁ ବହୁଦିନ ପରେ ଏକ ପରିଚିତ ସ୍ୱର ଶୁଣି ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲି, ହଠାତ୍ କେମିତି ମନେ ପକାଇଲେ ? ଗିରିଶ୍‌ବାବୁ କହିଲେ, "ଆପଣଙ୍କ ସହିତ ଭବାନୀପାଟଣାରେ ସାକ୍ଷାତ ହୋଇ ଫେରିଲା ପରେ ଆପଣଙ୍କ ଲିଖିତ ଉପନ୍ୟାସ 'ବିଜୟୀ', 'ରକ୍ତତୀର୍ଥ' ଐତିହାସିକ ଉପନ୍ୟାସ ପଢ଼ି, 'ଅନନ୍ୟ ସୃଷ୍ଟି କାହାଣୀ' ଭ୍ରମଣ କାହାଣୀ ପଢୁଛି । ଆପଣଙ୍କୁ ମୋର ଗୋଟିଏ କଥା କହିବାର ଅଛି, ଆପଣଙ୍କ ଜୀବନୀକୁ ନେଇ ଲେଖା ଆରମ୍ଭ କରିଦିଅନ୍ତୁ; ଆମ ମ୍ୟାଗାଜିନ୍ ପାଇଁ 'ମୋ ଜୀବନ ମୋ ସାହିତ୍ୟ' ନେଇ ଗୋଟିଏ ଲେଖା ଆମକୁ ପଠାଇବେ । ଆମ ଅନୁରୋଧ ରଖିବେ ।" ସାହୁବାବୁଙ୍କ ଏଭଳି ଫୋନ ପାଇଲା ପରେ କଣ ଲେଖିବି କେଉଁ ଭାବରେ ଲେଖିବି, କିଭଳି ଲେଖିଲେ ପାଠକ ତାକୁ ଆଗ୍ରହର ସହିତ ପଢ଼ିବେ ସାହିତ୍ୟ ପ୍ରତି ସଶ୍ରଦ୍ଧ ହେବେ ସେଥିପାଇଁ ମନରେ ଅନେକେ ପ୍ରଶ୍ନ ଉଙ୍କି ମାରିଲା ।

ମଣିଷ ଜୀବନରେ ଉଠାଣିଗଡ଼ାଣି, ଦୁଃଖ ହର୍ଷକୁ ନେଇ ଅନେକ କଥା ଲେଖାଯାଇଥାଏ । ମାତ୍ର ମୋ ଜୀବନରେ ଏଭଳି ଅନେକ ଦୁଃଖ ବିଷାଦଭରା କାହାଣୀ ଥିଲେ ମଧ୍ୟ ତାହା ପାଠକ ମନକୁ ସ୍ପର୍ଶ କଲା ଭଳି ଭାଷା ବିନ୍ୟାସ, ପରିବେଶକୁ ନେଇ ଆଣି ଥୋଇବା ଭଳି ଶବ୍ଦ ସଂଯୋଜନାରେ ପୁଟ ଦେଇ ଉପସ୍ଥାପନ କଲେ ତାହା ଅନ୍ୟମାନଙ୍କୁ ଆକର୍ଷଣ କରିବାରେ ସମ୍ଭବ ହୋଇପାରିବ । ଏହିଭଳି ଅନେକ କଞ୍ଚନାଜଞ୍ଚନା ଭିତରେ ମୋର ଆଦ୍ୟ ଜୀବନରେ ବ୍ରହ୍ମପୁର, ଖଲିକୋଟ କଲେଜ୍‌ରେ ବି.ଏ. ପଢ଼ିବା ସମୟରେ ଓଡ଼ିଆ ଅଧ୍ୟାପକ ଚିନ୍ତାମଣି ଦାସ ଟ୍ୟୁଟେରିଏଲ୍ କ୍ଲାସ୍‌ରେ ୪୫ ମିନିଟ୍ ମଧ୍ୟରେ ପ୍ରବନ୍ଧ ଲେଖିବା ପାଇଁ ନିର୍ଦ୍ଦେଶ ଦିଅନ୍ତି । ବିଷୟବସ୍ତୁ ମଧ୍ୟ ପ୍ରଦାନ କରିବେ । ଆମେ ଛାତ୍ରଛାତ୍ରୀମାନେ ତାହା ଲେଖି ତାଙ୍କୁ ପ୍ରଦାନ କରିବୁ । ତାହା ଘରକୁ ନେଇ ସଂଶୋଧନ କରି ପୁଣି ଆମକୁ ଫେରସ୍ତ କରିଦିଅନ୍ତି । ଏହିଭଳି ଟ୍ୟୁଟେରିଏଲ୍

Digitized by srujanika@gmail.com

କ୍ଲାସ୍‌ରେ ମୋର ପ୍ରବନ୍ଧ ଲେଖାଶୈଳୀ ଏବଂ ଭାବପୂର୍ଣ୍ଣ ଶବ୍ଦ ସଂଯୋଜନାରେ ମୁଗ୍ଧ ହୋଇ କହନ୍ତି, ରାସବିହାରୀ, ତୁମ ପ୍ରବନ୍ଧ ଲେଖାଶୈଳୀ ଉଚ୍ଚମାନର । ଅଧିକ ଅଧ୍ୟୟନ କରି ତୁମର ଲେଖାଶୈଳୀକୁ ଆହୁରି ମାର୍ଜିତ କଲେ ତୁମେ ଉଚ୍ଚକୋଟିର ପ୍ରବନ୍ଧ ଲେଖିପାରିବ । ତାଙ୍କର ଏହି କେତୋଟି ଉତ୍ସାହପୂର୍ଣ୍ଣ ମତାମତ ମୋର ପ୍ରବନ୍ଧ ଲେଖା ପ୍ରତି ଆଗ୍ରହ ବୃଦ୍ଧି କରିବା ସଙ୍ଗେ ଟ୍ୟୁଟେରିଏଲ୍ କ୍ଲାସ୍‌ରେ ଲିଖିତ ପ୍ରବନ୍ଧ ସମୂହକୁ ପୁସ୍ତକ ଆକାରରେ ପ୍ରକାଶ କରିଥିଲି । ତାର ମୁଖବନ୍ଧ ମଧ୍ୟ ମୋର ପୂଜ୍ୟ ଅଧ୍ୟାପକ ଲେଖିଛନ୍ତି- "ଆଶାର କଥା ନାନା ଜଟିଳ ବିଷୟରେ ନିଜର ସ୍ୱାଧୀନ ବ୍ୟକ୍ତିଗତ ମତବ୍ୟକ୍ତ କରି ପାଠକ ମନକୁ ଆକର୍ଷଣ କରିବା ଭଳି ସୁନ୍ଦର ସରସ ଓ ଶୃଙ୍ଖଳିତ ପ୍ରବନ୍ଧ ରଚନା କରିବା ବୁଦ୍ଧିବିଚାର୍ଯ୍ୟ ପାଣ୍ଡିତ୍ୟ ଓ ବହୁଦର୍ଶିତାସାପେକ୍ଷ ଯୁବକର ଅପରିପକ୍ୱ ଓ ଉଦାସ ମନ ଏହାର ଉପଯୋଗୀ ନୁହେଁ । ତଥାପି ଶ୍ରୀ ରାସବିହାରୀ ତାଙ୍କ ଛାତ୍ରାବସ୍ଥାରେ ଯେଉଁ ଚିନ୍ତାଗର୍ଭକ ପ୍ରବନ୍ଧଗୁଡ଼ିକ ରଚନା କରିଛନ୍ତି, ସେଥିରୁ ଜଣାଯାଏ ସେ ଭବିଷ୍ୟତରେ ଜଣେ ଉଚ୍ଚକୋଟିର ପ୍ରାବନ୍ଧିକ ହୋଇପାରନ୍ତି । ମୁଁ ତାଙ୍କ ସାଧନାର ଉତ୍ତରୋତ୍ତର ବିକାଶ କାମନା କରେ ।" ଶ୍ରୀ ଚିନ୍ତାମଣି ଦାସ ୨୬/୦୮/୫୯ ଜନ୍ମାଷ୍ଟମୀ ଦିନ ମୋର ପ୍ରଥମ ପ୍ରକାଶିତ 'ପ୍ରବନ୍ଧ ମଞ୍ଜରୀ' ପୁସ୍ତକରେ ମତପ୍ରଦାନ କରିଛନ୍ତି । ପୂଜ୍ୟ ଅଧ୍ୟାପକଙ୍କ ଉତ୍ସାହ ମୋତେ ସାହିତ୍ୟ ପ୍ରତି ଅଧିକ ଆଗ୍ରହ ସୃଷ୍ଟି କରିଥିଲା । ସେହି ଆଗ୍ରହ ଆଜିପର୍ଯ୍ୟନ୍ତ ମୋତେ ଗୋଟିଏ ପରେ ଗୋଟିଏ ସାହିତ୍ୟ ସୃଷ୍ଟି କରିବାରେ ସହାୟକ ହୋଇଛି । ଛାତ୍ରଜୀବନର ଭିତ୍ତିଭୂମି ମୋ ଜୀବନରେ ମୂଳଦୁଆ ରୂପେ କାର୍ଯ୍ୟ କରିଥିଲା । ସେହି ମୂଳଦୁଆ ଉପରେ ଇଟା ଉପରେ ଇଟା ପକାଇ ମୋ ଜୀବନକୁ ଗୋଟିଏ ପରେ ଗୋଟିଏ ସୋପାନ ଆରୋହଣ କରିବା ପାଇଁ ପ୍ରୟାସ କରିଚାଲିଛି । ଛାତ୍ର ଆନ୍ଦୋଳନ, ସୀମା ଆନ୍ଦୋଳନ ବିଚ୍ଛିନ୍ନାଞ୍ଚଳ ଓଡ଼ିଶା ସହ ମିଶ୍ରଣ ପାଇଁ ୧୯୫୫-୫୬ ପ୍ରଭୃତି ଆନ୍ଦୋଳନରେ ମୁଖ୍ୟ ଭୂମିକା ନିଭାଇଥିଲି । ଜଣେ ସଂଗ୍ରାମୀ ଭୂମିକାରେ ଥାଇ ମଧ୍ୟ ଜଣେ ଜିଜ୍ଞାସୁ ଛାତ୍ର ହିସାବରେ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସମୟରେ ମୁଁ ନିଶ୍ଚିତ ଭାବେ ଆଗ ଧାଡ଼ିରେ ଛିଡ଼ା ହୋଇପଡ଼ିଥାଏ । ସେହି ଅନୁଭୂତିକୁ ଆଧାର କରି କଲେଜ ପରିସରରେ ଅବା ଛାତ୍ରାବାସରେ ଘଟୁଥିବା ଅନୀତିକୁ ନୀତିରେ ପରିଣତ କରିବା ଛାତ୍ରର ମୌଳିକ କର୍ତ୍ତବ୍ୟ ଓ ଦାୟିତ୍ୱବୋଧକୁ ଆଧାର କରି 'ବିଜୟୀ' ଉପନ୍ୟାସ ୧୯୬୧-୬୨ରେ ରଚନା କରିଥିଲି । ସେହି ଉପନ୍ୟାସ ସେତେବେଳେ କଲେଜ ଜୀବନର ବାସ୍ତବ ଘଟଣା ସବୁକୁ ଉପସ୍ଥାପନ କରିଥିବା ଯୋଗୁଁ ଛାତ୍ରମହଲ ତଥା ଶିକ୍ଷିତ ମହଲରେ ତାର ଗୁରୁତ୍ୱ ବୃଦ୍ଧି ପାଇଲା । ଓଡ଼ିଆ ସାହିତ୍ୟର ଜଣେ ବରିଷ୍ଠ ସମୀକ୍ଷକ ଅଧ୍ୟପକ ଡକ୍ଟର

Digitized by srujanika@gmail.com

କୃଷ୍ଣ ଚରଣ ବେହେରା ବିଜୟୀ ଉପନ୍ୟାସର ପୂର୍ଣ୍ଣାଙ୍ଗ ସମୀକ୍ଷା କରି ବିଭିନ୍ନ ସାହିତ୍ୟସଭା, ପ୍ରଜାତନ୍ତ୍ର ପ୍ରଚାର ସମିତିର ବିଷୁବ ମିଳନ, ଓଡ଼ିଆ ଯୁବଲେଖକ ସମ୍ମିଳନୀରେ ବହୁ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । "ସ୍ୱାଧୀନତାର ପରବର୍ତ୍ତୀ କାଳରେ ଆମର ଜାତୀୟ ଜୀବନ ନୂତନଭାବ-ଦୀକ୍ଷା ଗ୍ରହଣ କରିଛି - ଆମ ସମାଜ କ୍ଷେତ୍ରରେ କେତେକ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ସାଧିତ ହୋଇଛି - ତନ୍ମଧ୍ୟରୁ ପ୍ରଥମ ଓ ପ୍ରଧାନ ହେଲା ଗଣତାନ୍ତ୍ରିକ ନୀତି ବା ଆଦର୍ଶର ପ୍ରବର୍ତ୍ତନ ... ଆମର ଜନଜୀବନ ସ୍ୱାଧୀକାର ଓ ସ୍ୱାଭିମାନରେ ସହସା ଯେପରି ସଚେତନ ହୋଇଉଠିଲା । ଦେଶ ମଧ୍ୟରେ ଏହି ଗଣତାନ୍ତ୍ରିକ ପଦ୍ଧତି ସମୟ ସମୟରେ କିପରି ଭୁଲ୍ ଭାବରେ ଗୃହୀତ ହେଉଛି, ତାହାର ଚିତ୍ର ରାସବିହାରୀ ବେହେରାଙ୍କ 'ବିଜୟୀ' ୧୯୬୨ ଉପନ୍ୟାସରେ ପ୍ରତିଫଳିତ... ଦେଶର ନିର୍ବାଚନ - ସର୍ବସ୍ୱ ରାଜନୀତି ଘେନି ଆମର କେତେକ ଉତ୍କୃଷ୍ଟ କଥାସାହିତ୍ୟ ସୃଷ୍ଟି ହୋଇଛି ।... 'ବିଜୟୀ' ଉପନ୍ୟାସରେ ସେହି ନିର୍ବାଚନ ରାଜନୀତି ପୁଣି ଛାତ୍ର ସମାଜ ସମ୍ପର୍କିତ । ସ୍ୱାଧୀନତା ଲାଭ ସଙ୍ଗେ ସଙ୍ଗେ ଆମର ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ର ରାଜନୀତିର ସ୍ୱରୂପ-ପ୍ରକୃତି ସମ୍ପର୍କରେ ଏକ ଚମତ୍କାର ଚିତ୍ର ଏଥିରେ ପରିବେଷିତ ହୋଇଛି । (ସମ୍ପାନ ସନ୍ଦର୍ଭ ଉତ୍କଳିକା - ବାଙ୍କାବଜାର, କଟକ-୨, ୧୯୮୧, ପୃ.୭୩) କଥାବସ୍ତୁର ଅଭିନବତ୍ୱରେ, ବକ୍ତବ୍ୟର ଉପଦେୟତାରେ ଶୈଳୀର କଳାତ୍ମକତାରେ 'ବିଜୟୀ' ଆମ ସାହିତ୍ୟର ଏକ ଉଲ୍ଲେଖଯୋଗ୍ୟ ଉପନ୍ୟାସ (ଡକ୍ଟର କୃଷ୍ଣଚରଣ ବେହେରା) ବିଜୟୀ ଉପନ୍ୟାସର ହିନ୍ଦୀ ଅନୁବାଦ ଅଧ୍ୟାପକ ଶଙ୍କରଲାଲ ପୁରୋହିତ କରିଛନ୍ତି । ତାହା ନୂଆଦିଲ୍ଲୀରେ ବାଣୀ ପ୍ରକାଶନୀ, ଦରିଆଗଞ୍ଜଦ୍ୱାରା ପ୍ରକାଶିତ ହୋଇଛି ।

ଦୀର୍ଘଦିନ ସାଂସ୍କୃତିକ ଅନୁଷ୍ଠାନ, କ୍ରୀଡ଼ା ଅନୁଷ୍ଠାନ ସବୁ ଗଢ଼ିବାରେ ସମୟ ଅତିବାହିତ ହୋଇଥିବା ଯୋଗୁଁ ନୂତନ ପୁସ୍ତକ ପ୍ରକାଶନରେ ବିଳମ୍ବ ଘଟିଲା । ଖଲ୍ଲିକୋଟ କଲେଜରୁ ବି.ଏ. ପାସ୍ କଲା ପରେ କଟକ ମଧୁସୂଦନ ଲ' କଲେଜ୍‌ରେ ଲ' ପାଠ ପଢ଼ିଛି । ମାତ୍ର ଆଇନ ଶିକ୍ଷା ପ୍ରତି ମୋର ଆଗ୍ରହ ନ ଥାଏ । ବାପା ପ୍ରସନ୍ନ କୁମାର ଜଣେ ବିଶିଷ୍ଟ ଆଇନଜ୍ଞ ଏବଂ ରାଜନୀତିଜ୍ଞ । ବାପାଙ୍କ ସହଯୋଗରେ ପ୍ରଜାତନ୍ତ୍ର ପ୍ରଚାର ସମିତିର ମୁଖ୍ୟ ସମ୍ପାଦକ, ରାଜନୀତିଜ୍ଞ ସାହିତ୍ୟିକ ଡକ୍ଟର ହରେକୃଷ୍ଣ ମହତାବଙ୍କୁ କଟକରେ ଭେଟି, ପ୍ରଜାତନ୍ତ୍ରରେ ସାମ୍ବାଦିକତା ଶିକ୍ଷା ପାଇଁ ମନ ବଳାଇଲି । ଡକ୍ଟର ମହତାବ ମୋର ସାମ୍ବାଦିକତା ପ୍ରତି ଆଗ୍ରହ ଜାଣି 'ପ୍ରଜାତନ୍ତ୍ର' ଅଫିସ୍‌ରେ କାର୍ଯ୍ୟ କରିବାକୁ ଅନୁମତି ପ୍ରଦାନ କରି, ପ୍ରଜାତନ୍ତ୍ରର ତତ୍କାଳୀନ ସମ୍ପାଦକ ଜାନକୀ ବଲ୍ଲଭ

Digitized by srujanika@gmail.com

ପଟ୍ଟନାୟକ ଏବଂ ବାର୍ତ୍ତାସମ୍ପାଦକ ଚିନ୍ତାମଣି ମହାପାତ୍ରଙ୍କ ସହ ସାକ୍ଷାତ କରାଇ ପ୍ରଜାତନ୍ତ୍ରରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଲେ । କଟକର 'ସୁଷମା ଭବନ'ରେ ରହି ଲ' କଲେଜ ପ୍ରାତଃ ଘ.୬.୩୦ମି.ରୁ ନଅ ଘଣ୍ଟା ପର୍ଯ୍ୟନ୍ତ ଏବଂ ସନ୍ଧ୍ୟା ଘ.୬.୩୦ମି.ରୁ ୮ ଘଣ୍ଟା ପର୍ଯ୍ୟନ୍ତ । ରେଭେନ୍ସା କଲେଜରେ ଅନୁଷ୍ଠିତ ଲ' କ୍ଲାସ୍‌ରେ ଯୋଗ ଦେଇ ପ୍ରତିଦିନ, ସୁଷମା ଭବନରୁ ସାଇକେଲ୍‌ରେ ୫କି.ମି. ଯାଇ ପ୍ରଜାତନ୍ତ୍ର ଅଫିସ୍‌ରେ ଅବଶିଷ୍ଟ ସମୟ କାର୍ଯ୍ୟରତ ରହିଲି । ପ୍ରତିଦିନ ବିଭିନ୍ନ ଜିଲ୍ଲାରୁ ସାମ୍ବାଦିକମାନଙ୍କ ସମ୍ବାଦ, ଦେଖି ତାର ହେଡିଙ୍ଗ୍ ପ୍ରଦାନ କରିବା ଦାୟିତ୍ୱ ମୋ ଘରେ ଅର୍ପଣ କରାଯାଇଥିଲା । ଏତଦ୍‌ବ୍ୟତୀତ ତତ୍‌କାଳୀନ ପ୍ରକାଶିତ 'ଇଷ୍ଟର୍ଣ୍ଣ ଟାଇମ୍‌ସ' ଇଂରାଜୀ ଦୈନିକ ପତ୍ରିକାର ନ୍ୟୁଜ୍ ଲେଖିବା, ହେଡିଙ୍ଗ ପ୍ରଦାନ କରିବା କାର୍ଯ୍ୟ ମଧ କରୁଥିଲି । ଏଥିରୁ ବହୁତ କଥା ଜାଣୁଥିଲି ଏବଂ ଆନନ୍ଦ ମଧ ପାଉଥିଲି । ନ୍ୟୁଜ ଏଡିଟର୍ ଚିନ୍ତାମଣି ମହାପାତ୍ରଙ୍କ ପାଖରେ ବସି ନ୍ୟୁଜ୍ ଲେଖିବା ଅନ୍ୟମାନଙ୍କ ନ୍ୟୁଜ୍‌କୁ ସଂଶୋଧନ କରିବା, ହେଡିଙ୍ଗ ଦେବା, ଠିକ୍ ସମୟରେ ସମସ୍ତ କର୍ତ୍ତବ୍ୟ ସମ୍ପନ୍ନ କରିବା ସୁଯୋଗ ମିଳିଥିଲା । ପରବର୍ତ୍ତୀ ସମୟରେ ବିଜୁ ପଟ୍ଟନାୟକଙ୍କଦ୍ୱାରା ନୂଆ କରି ପ୍ରକାଶ ପାଇଲା ଦୈନିକ 'କଳିଙ୍ଗ' ପତ୍ରିକା । ସେହି ପତ୍ରିକାରେ ଜିଲ୍ଲା ସାମ୍ବାଦିକ ଭାବେ ଦୀର୍ଘଦିନ କାର୍ଯ୍ୟକରିବାର ସୁଯୋଗ ପାଇଥିଲି । ଆଇନ୍ ଶିକ୍ଷାରୁ ଓହରିଆସି, ଧର୍ମଗଡ଼ ହାଇସ୍କୁଲ୍‌ରେ ସହକାରୀ ଶିକ୍ଷକ ରୂପେ କାର୍ଯ୍ୟ କରିଥିଲି । ଶିକ୍ଷକ କାର୍ଯ୍ୟ କରିବା ସମୟରେ 'କଳାହାଣ୍ଡି ଲେଖକ କଳା ପରିଷଦ' ଏକ ସାହିତ୍ୟିକ ଅନୁଷ୍ଠାନ ଏପ୍ରିଲ୍ ୨୮, ୧୯୬୨ ମସିହାରେ ପ୍ରତିଷ୍ଠିତ ହୋଇଥିଲା । ଏହା ଆଜି ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ଅନୁଷ୍ଠାନ ରୂପେ ପରିଗଣିତ ହୋଇଛି । ଏତଦ୍‌ବ୍ୟତୀତ 'ମହାବୀର ସାଂସ୍କୃତିକ ଅନୁଷ୍ଠାନ' ପ୍ରତିଷ୍ଠାତା ସଭାପତି ରୂପେ ଦାୟିତ୍ୱ ତୁଲାଇଥିଲି । (୧୯୬୪) ଏହି ଅନୁଷ୍ଠାନ ଓଡ଼ିଶା କାହିଁକି ସମଗ୍ର ଦେଶରେ ଆଜି ଗୋଟିଏ ଅଗ୍ରଗଣ୍ୟ ସାଂସ୍କୃତିକ ଅନୁଷ୍ଠାନ ରୂପେ କାର୍ଯ୍ୟ କରୁଛି । ଶିକ୍ଷା, ସାଂସ୍କୃତିକ ଅନୁଷ୍ଠାନ ସହ କ୍ରୀଡ଼ାକାର ରୂପେ କଲେଜମାନଙ୍କରେ ବହୁ ପୁରସ୍କାର ପାଇବା ସଙ୍ଗେ, ଆନ୍ତଃ କଲେଜ୍‌ରେ ମଧ ନିଜ କଲେଜ ପାଇଁ ବହୁ ସମ୍ମାନରେ ସମ୍ମାନୀତ ହୋଇଥିଲି । ଜିଲ୍ଲାରେ ଷ୍ଟାଡ଼ିୟମ ନିର୍ମାଣ କରିବାର ମୁଖ୍ୟ ଦାୟିତ୍ୱ ଗ୍ରହଣ କରି 'ଲାଲ୍ ବାହାଦୁର ଶାସ୍ତ୍ରୀ ଷ୍ଟାଡ଼ିୟମ୍' ସାଧାରଣ ଜନତାଙ୍କଠୁ ଅର୍ଥ ସଂଗ୍ରହ କରି ଆନ୍ତର୍ଜିଲ୍ଲା ଫୁଟବଲ୍ ପ୍ରତିଯୋଗିତା ଜିଲ୍ଲାରେ ଅନୁଷ୍ଠିତ କରି ୨୫ପ. ଟିକଟ କରି ତହିଁର ଉପାର୍ଜିତ ଅର୍ଥରେ ୭ ଏକର ଜମି,ଖେଳ ପଡ଼ିଆରେ ୮ ଫୁଟ୍ ଉଚ୍ଚତାରେ ପାଚେରୀ ଏବଂ ୮୦ ଫୁଟ୍ ଲମ୍ବ, ୩୦ ଫୁଟ୍ ଓସାରର କୋଠା ନିର୍ମାଣ କରିବା ସମ୍ଭବ

Digitized by srujanika@gmail.com

ହୋଇଥିଲା । ସରକାରଙ୍କଠୁ କୌଣସି ଆର୍ଥିକ ଅନୁଦାନ ନ ପାଇ ସର୍ବସାଧାରଣଙ୍କ ଅର୍ଥରେ ଏଭଳି ଷ୍ଟାଡ଼ିୟମ୍ ନିର୍ମାଣ ଓଡ଼ିଶା କାହିଁକି ସମଗ୍ର ଦେଶରେ ଏହା ଏକ ଦୃଷ୍ଟାନ୍ତ । କେବଳ ଷ୍ଟାଡ଼ିୟମ ନିର୍ମାଣରେ କାମ ଶେଷ ହୋଇ ଯାଇନଥିଲା, ଜିଲ୍ଲାର କ୍ରୀଡ଼ାକାରମାନଙ୍କୁ ସମଗ୍ର ରାଜ୍ୟରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ସଙ୍ଗେ ଜାତୀୟସ୍ତରରେ ଝିଅ ଓ ପୁଅମାନଙ୍କ ମଧ୍ୟରୁ ଦୁଇଜଣ ପ୍ରଥମ କରି ଓଡ଼ିଶାର କ୍ରୀଡ଼ାକାର ହିସାବରେ ଜାତୀୟ ସ୍ତରରେ ପୁରସ୍କୃତ ହୋଇପାରିଥିଲେ । ମୋତେ ଯେତେବେଳେ ୧୯୭୬ ମସିହାରେ ଓଡ଼ିଶାର କ୍ରୀଡ଼ାକାରମାନଙ୍କ ଜେନେରାଲ୍ ମ୍ୟାନେଜର୍ ଦାୟିତ୍ୱ ଅର୍ପଣ କରାଗଲା । ଓଡ଼ିଶାର ଏଥ୍‌ଲେଟିକ୍ ଟିମ୍‌କୁ ପଶ୍ଚିମବଙ୍ଗର ଦୁର୍ଗାପୁରରେ ଅନୁଷ୍ଠିତ 'ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ' ଅଂଶଗ୍ରହଣ କରି ଓଡ଼ିଶା ଏଥ୍‌ଲେଟିକ୍ ଟିମ୍ ସମଗ୍ର ଦେଶରେ ଶ୍ରେଷ୍ଠ ଶୃଙ୍ଖଳିତ ଟିମ୍‌ରୂପେ ପୁରସ୍କୃତ ହେବା ସଙ୍ଗେ ୪୫ଟି ମେଡାଲ ପାଇବାରେ ସକ୍ଷମ ହେଲା । ସେ ମଧ୍ୟରୁ ୧୮ଟି ସ୍ୱର୍ଣ୍ଣପଦକ, ୧୭ଟି ରୌପ୍ୟପଦକ, ୧୦ଟି ତାମ୍ରପଦକ ।୧୮ଟି ସ୍ୱର୍ଣ୍ଣପଦକ ମଧ୍ୟରୁ ନୂତନ ଜାତୀୟ ରେକର୍ଡ଼ ସହ ୭ଟି ଜାତୀୟ ରେକର୍ଡ଼ ସୃଷ୍ଟି ଓଡ଼ିଶା କରିପାରିଥିଲା । ଜାତୀୟ ରେକର୍ଡ଼ ସୃଷ୍ଟି ହେଲେ କ୍ରୀଡ଼ାକାରମାନଙ୍କୁ ଜାତୀୟ ସଙ୍ଗୀତ ଗାନ କରି ସମ୍ମାନୀତ କରାଯାଇଥାଏ । ଆଜିପର୍ଯ୍ୟନ୍ତ ଏହି ସମ୍ମାନକୁ ଓଡ଼ିଶା ଟପିପାରିଲା ନାହିଁ । ତାହାହିଁ ମୋତେ ସମୟେ ସମୟେ ଚିନ୍ତା ଉଦ୍ରେକ କରିଥାଏ । ଆମଠି ଶକ୍ତି ଅଛି, ସାମର୍ଥ୍ୟ ଅଛି, ତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିବା ନିଷ୍ଠା ଏବଂ ନେତୃତ୍ୱ ଆବଶ୍ୟକ । ତାହା ହିଁ ଅନେକ କ୍ଷେତ୍ରରେ ବିପର୍ଯ୍ୟୟର କାରଣ ହେଉଛି । ସେତେବେଳେ ଟି.ଭି.ର ପ୍ରଚଳନ ହୋଇନଥିଲା । ରେଡିଓ ଏବଂ ଖବରକାଗଜ ମାଧ୍ୟମ । ଓଡ଼ିଶା ଯେତେବେଳେ ଜାତୀୟ ସ୍ତରରେ କୃତିତ୍ୱ ହାସଲ କରି କଟକ ଫେରିଆସିଲା, କଟକ ରେଲୱେ ଷ୍ଟେସନ୍‌ରୁ ବାରବାଟି ଷ୍ଟାଡ଼ିୟମ୍ ପର୍ଯ୍ୟନ୍ତ ହଜାର ହଜାର ଖେଳ ପ୍ରେମୀ ଓଡ଼ିଶାର କ୍ରୀଡ଼ାକାରମାନଙ୍କୁ ଯେଉଁ ଭଳି ସମ୍ବର୍ଦ୍ଧନା ଦେଇଥିଲେ ତାହା ଅବିସ୍ମରଣୀୟ । ଓଡ଼ିଶା କ୍ରିକେଟ ଏସୋସିଏସନର୍ ସଭାପତିତ୍ୱ ଦାୟିତ୍ୱ ୧୯୮୬ରୁ ୧୯୯୦ ପର୍ଯ୍ୟନ୍ତ ତୁଲାଇଥିଲି । ଚାରୋଟି ଆନ୍ତର୍ଜାତିକ ମ୍ୟାଚ୍ ପରିଚାଳନା କରିଥିଲି । ୧୯୮୨ ଦିଲ୍ଲୀରେ ଅନୁଷ୍ଠିତ 'ଏସିଆଡ୍ ଗ୍ୟାମ୍‌ସ'ରେ ମଧ୍ୟ ଜଣେ ପରିଚାଳନା ସଦସ୍ୟ ରୂପେ ମନୋନୀତ ହୋଇ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲି । ଲ' କଲେଜ୍‌ରେ ପଢ଼ିବା ଦିନଠୁ 'ସାଗର' ଏକ ସାହିତ୍ୟିକ ପତ୍ରିକା ସମ୍ପାଦନା କରୁଥିଲି । ଆଜିର ବହୁ ବିଶିଷ୍ଟ ବରିଷ୍ଠ ଲେଖକ ଲେଖିକା 'ସାଗର'ର ନିୟମିତ ଲେଖକ ଥିଲେ । ଝଙ୍କାର, ଆସନ୍ତାକାଲି ସହ 'ସାଗର' ପତ୍ରିକାର ମଧ୍ୟ ସେତେବେଳେ ଗୁରୁତ୍ୱ

Digitized by srujanika@gmail.com

ଥିଲା । ମାତ୍ର ବହୁକାରଣ ଯୋଗୁଁ ତାହା ବନ୍ଦ ହୋଇଗଲା । ଯେଉଁ ଲେଖକଲେଖିକା ମାନେ 'ସାଗର' ପତ୍ରିକା ମାଧ୍ୟମରେ ଲେଖା ପ୍ରକାଶ କରୁଥିଲେ ସେଥିରୁ ବଞ୍ଚିତ ହେଲେ ।

ମୋର ଦ୍ୱିତୀୟ ପ୍ରବନ୍ଧ ପୁସ୍ତକ 'ପ୍ରବନ୍ଧ ମଞ୍ଜୁଷା' ୧୯୯୦ରେ ପ୍ରକାଶ ପାଇଲା । ବିରାଟ ଜୀବନ ଗ୍ରନ୍ଥର ପାଦଟୀକା ସ୍ୱରୂପ ହେଉଛି ପ୍ରବନ୍ଧ । ପ୍ରାଧାପକ ନୃସିଂହ ପ୍ରସାଦ ରଥଙ୍କ ମତରେ ପ୍ରାବନ୍ଧିକ ରାସବିହାରୀ ବେହେରାଙ୍କ ବିସ୍ତାରିତ ଜୀବନଦୃଷ୍ଟି ଓ ଆତ୍ମଦର୍ଶନ ତାଙ୍କର 'ପ୍ରବନ୍ଧ ମଞ୍ଜୁଷା' ସନ୍ନିବେଶିତ ପ୍ରବନ୍ଧ ସମୂହରେ ପ୍ରକଟିତ ହୋଇଛି । ନଅଗୋଟି ମୂଲ୍ୟବାନ ପ୍ରବନ୍ଧ ନବରତ୍ନ ଭଳି 'ପ୍ରବନ୍ଧ ମଞ୍ଜୁଷା' ମଧ୍ୟରେ ରହିଛି ।

'ଅଧିକାର' ଏକ ସାମାଜିକ ଉପନ୍ୟାସ ୧୯୯୪ରେ ପ୍ରକାଶ ପାଇଲା । ମଣିଷକୁ ମଣିଷର ଦୁଃଖ ଦୁର୍ଦ୍ଦଶାକୁ ସଚେତନ କରାଇ ଦେଇପାରିଲେ ମଣିଷ ତା'ର ମଣିଷ ଭଳି ବଞ୍ଚି ରହିବା ଅଧିକାର ଫେରିପାଇବ । ପେଟଭରି ଗଣ୍ଡିଏ ଖାଇପାରିବ । ପ୍ରାଣଭରି ଆନନ୍ଦ ଟିକିଏ ତାର ମୁହଁରେ ଚହଟି ଉଠିବ । ଏହି ଅଧିକାରରୁ ତାକୁ କେହି ବଞ୍ଚିତ କରିପାରେନା । ଅସହାୟ ଶୋଷିତ ଓ କର୍ମବିମୁଖ ମାନବକୁ ଜାଗ୍ରତ କରି ତା'ର ଅଧିକାର ସମ୍ପର୍କରେ ସଚେତନ କରାଇବାର ସଫଳ ପ୍ରୟାସ ହିଁ 'ଅଧିକାର' ଉପନ୍ୟାସ । ଏଥିରେ ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଗ୍ରାମୀଣ ବିକାଶର ରୂପରେଖ ସମ୍ବନ୍ଧରେ ଏକ ଆଶାବାଦୀ ଦୃଷ୍ଟିଭଙ୍ଗୀ ପ୍ରତିଫଳିତ ହୋଇଛି । ଜଣେ ଏକାକୀ ସମାଜକୁ ବଦଳାଇ ଦେଇପାରିବ ନାହିଁ । ସେଥିପାଇଁ ଲୋକଙ୍କ ସହଯୋଗ ଦରକାର । ସହଯୋଗ ପାଇବାକୁ ହେଲେ ତ୍ୟାଗପୂତ ମନୋଭାବ ନେଇ ଲୋକଙ୍କ ମନରେ ଚିନ୍ତା ଉଦ୍ରେକ କରିବାକୁ ପଡ଼ିବ । ଏକ ଗଠନମୂଳକ ପରିବେଶ ସୃଷ୍ଟି କରିବାକୁ ପଡ଼ିବ । ନିଷ୍ଠା ଆନ୍ତରିକତା ବଳରେ ଏହି ଭଳି ପରିସ୍ଥିତି ସୃଷ୍ଟି ହୋଇ କାର୍ଯ୍ୟକାରୀ ହେବାରେ କୌଣସି ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ତାକୁ ଅତିକ୍ରମ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସମ୍ଭବ ହୋଇଥାଏ । ସେହିଭଳି ପରିସ୍ଥିତିକୁ ସାମନା କରି ଉପନ୍ୟାସର ନାୟକ 'ତପନ' ତାର ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଥିବା ବିଷୟବସ୍ତୁକୁ ନେଇ 'ଅଧିକାର' ଉପନ୍ୟାସ ଲେଖାଯାଇଛି । ପୁରୁଷ ଓ ନାରୀ ଉଭୟେ ଈଶ୍ୱରଙ୍କ ସୃଷ୍ଟି । ସମାଜରେ ଉଭୟଙ୍କ ସମାନ ସୁଯୋଗ ଆଦର ରହିବା ଆବଶ୍ୟକ । ସ୍ତ୍ରୀ ହେଉଛି ପୁରୁଷର ସହକର୍ମୀ, ସଙ୍ଗିନୀ, ପୁରୁଷ ଭଳି ତାଠି ମଧ୍ୟ ସେଭଳି ମାନସିକ ଶକ୍ତି ରହିଛି । ତେଣୁ ତାକୁ ଦୁର୍ବଳ ଭାବିବା ଭୁଲ୍ । ଦେଶ ସ୍ୱାଧୀନତା ସମୟରେ ମଧ୍ୟ ବହୁ ମହିଳା ନିଜ ଅନ୍ତର୍ନିହିତ ଶକ୍ତିବଳରେ ଦେଶର ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରି ଦେଶକୁ ପରାଧୀନତାରୁ ମୁକ୍ତ କରିବାରେ ସହାୟକ ହୋଇଥିଲେ... । ଶୋଷିତ ଶ୍ରେଣୀକୁ ଏକାଠି କରି ଯେଉଁମାନେ ଶୋଷଣ କରୁଛନ୍ତି ସେହି

Digitized by srujanika@gmail.com

ଶୋଷକମାନଙ୍କ ବିରୁଦ୍ଧରେ ସ୍ୱରଉତ୍ତୋଳନ କରିବାକୁ ପଡ଼ିବ । ଭାରତର ସ୍ୱାଧୀନତା ଆନ୍ଦୋଳନରେ ମଧ୍ୟ ମହାତ୍ମାଗାନ୍ଧୀ ଲୋକଙ୍କ ଭିତରେ ଚେତନା ସୃଷ୍ଟି କରି ନବଜାଗରଣ ଆଣିବାରେ ସକ୍ଷମ ହୋଇଥିଲେ । ଦୀର୍ଘଦିନର ଅତ୍ୟାଚାର ଫଳରେ ଲୋକେ ସଦାସର୍ବଦା ଭୟଭୀତ ଅବସ୍ଥାରେ ଦିନ କାଟୁଥାନ୍ତି । ସତେ ଯେପରି ସେମାନେ ଜଡ଼, ମୂକ ପାଲଟିଯାଇଛନ୍ତି । ଜଡ଼ତାକୁ ଦୂର କରିବା ପାଇଁ ଜନତାଙ୍କ ହୃଦୟରେ ଜାଗରଣ ସୃଷ୍ଟି କରିବାକୁ ପଡ଼ିବ, ତାଙ୍କ ମନରେ ବିଶ୍ୱାସ ସ୍ଥାପନ କରିବାକୁ ପଡ଼ିବ । ଗ୍ରାମାଞ୍ଚଳରେ ଅନେକ ଦୁଃଖ ଦୁର୍ଦ୍ଦଶା ଭରିରହିଛି । ଲୋକଙ୍କ ମଧ୍ୟରେ ଅନ୍ଧବିଶ୍ୱାସ ଖୁନ୍ଦି ହୋଇ ରହିଛି । କୁସଂସ୍କାର ସେମାନଙ୍କ ରକ୍ତଗତ ହୋଇଯାଇଛି । ଏହାର ନିରାକରଣ ଆବଶ୍ୟକ । କେଉଁଟା ଠିକ୍ କେଉଁଟା ଭୁଲ୍ ସେମାନେ ବୁଝିପାରୁନାହାନ୍ତି । ସେମାନଙ୍କୁ ସଚେତନ କରାଇ ଧିରେ ଧିରେ ସେମାନଙ୍କ ମନର ପରିବର୍ତ୍ତନ କରିବାକୁ ହେବ । ଅଶିକ୍ଷା, ଅବହେଳା, କୁସଂସ୍କାର ଓ ଶୋଷଣ ଭିତରୁ ମଣିଷକୁ ମଣିଷ ବୋଲି ସଚେତନ କରାଇବା ଓ ମଣିଷର ଅଧିକାର ପ୍ରଦାନ କରିବା ହେଉଛି 'ଅଧିକାର' ଉପନ୍ୟାସର ମୂଳ ଭାବନା । ...ଯେଉଁମାନଙ୍କ ଆତ୍ମବଳିଦାନରେ ଆମେ ଆଜି ଯାହା ପାଇଛୁ... ତାକୁ ଏଭଳି ଉଚ୍ଛୃଙ୍ଖଳ ଅରାଜକତା ଭିତରକୁ ଠେଲି ଦେଇ ନୀରବଦ୍ରଷ୍ଟା ହୋଇ ରହିପାରିବୁ ନାହିଁ । ଶାସକର ଦୃଢ଼ ମନୋବଳ ସଙ୍କଳ୍ପବଦ୍ଧ କାର୍ଯ୍ୟପଦ୍ଧତି ଏବଂ ଜାଗ୍ରତ ଜନମତ ରୂପାୟନରେ ଆଜି ଆମେ ଦେଶର ରୂପରେଖକୁ ବଦଳାଇ ଦେଇପାରିବା । ଦିନକୁ ଦିନ ପୃଥିବୀ ଆମ ପାଇଁ ଏକ ବିପଦ ସଙ୍କୁଳ ସ୍ଥାନ ରୂପେ ଦେଖା ଦେଇଛି । ପ୍ରାକୃତିକ ବିପର୍ଯ୍ୟୟ, ସନ୍ତ୍ରାସବାଦ, ନାରୀଧର୍ଷଣ ପ୍ରଭୃତି ଆଧିପତ୍ୟ ବିସ୍ତାର କରି ଚାଲିଛି । ଏହି ସମାଜ ଦୁଷ୍ଟ ଲୋକଙ୍କ ପାଇଁ ସୃଷ୍ଟି ହୋଇନାହିଁ । ମାତ୍ର ଯେଉଁମାନେ ଏହାର ନିରାକରଣ ପାଇଁ ଆନ୍ତରିକ ପ୍ରଚେଷ୍ଟା କରନ୍ତି ନାହିଁ । ସେମାନଙ୍କ ପାଇଁ ଆଜି ଏହିଭଳି ଅବସ୍ଥା ସୃଷ୍ଟି ହୋଇଛି । ଦେଶରେ ଅସଂଖ୍ୟ ଗାଁ ଅଛି । ଗାଁର ଉନ୍ନତି ହେଲେ ଦେଶର ଉନ୍ନତି ହେବ ବୋଲି ସଭିଏଁ ଜାଣନ୍ତି । ଦେଶଟା ସିନା ବିରାଟ, ମାତ୍ର ଗାଁଟା ତ ଛୋଟ । ଏମିତି ଛୋଟ ଛୋଟ ଗାଁଟାକୁ ନେଇ ଏ ଦେଶଟା ଗଢ଼ାହୋଇଛି । ଏମିତି ଛୋଟ ଛୋଟ ଗାଁମାନଙ୍କର ଉନ୍ନତି ହେଲେ ସମଗ୍ର ଦେଶର ଉନ୍ନତି ହୋଇଯିବ ।

ପ୍ରେରଣାଦାୟୀ, ବିଶ୍ୱାସନୀୟ ନେତୃତ୍ୱ ଦେବା ପାଇଁ ରାଜନୀତିଜ୍ଞ ପାଇଁ 'ପୂର୍ଣ୍ଣସୁଯୋଗ ରହିଛି । ମାତ୍ର ଆଜି ନେତାମାନେ ବିଭିନ୍ନ ପ୍ରସଙ୍ଗରୁ ଫାଏଦା ନେଉଛନ୍ତି । ପାର୍ଲିଆମେଣ୍ଟରେ ପ୍ରଶ୍ନ ପଚାରିବା ପାଇଁ ଅର୍ଥ ଆଦାୟ କରୁଛନ୍ତି, ଆଞ୍ଚଳିକ ଦେୟ ଓ ପାଣ୍ଠିର କମିଶନ ନେଉଛନ୍ତି, ତେଣୁ ରାଷ୍ଟ୍ରୀୟ ଜୀବନ କଳୁଷିତ ହୋଇଯାଇଛି । ତେଣୁ ଏକ

Digitized by srujanika@gmail.com

ଦୁର୍ନୀତିମୁକ୍ତ ସମାଜଗଠନ ପାଇଁ ସାହସର ସହ ନେତୃତ୍ୱ ନେବାକୁ ପଡ଼ିବ । 'ନୀତିହୀନ ରାଜନୀତି' ହିଁ ଆଜି ସବୁ ବିଶୃଙ୍ଖଳାର ମୂଳ କାରଣ ହୋଇଛି । ଏହି ଭାବ, ଭାବନା ସମନ୍ୱୟରେ ଅଧିକାର ଉପନ୍ୟାସ ସୃଷ୍ଟି ହୋଇଛି ।

କଳାହାଣ୍ଡିର ବଣପାହାଡ଼ର ପ୍ରାକୃତିକ ପରିବେଶରେ ରହିଥିବା ନିକାଞ୍ଚନ ପଲ୍ଲୀଜନତାର ସରଳ ଜୀବନଗାଥାକୁ ନେଇ 'ସେଇ ପାହାଡ଼ ତଳ' (୧୯୯୮) ଉପନ୍ୟାସ । କେନ୍ଦୁପାଟି ଗାଁର ଅଧିବାସୀ ନବୀନ ଓ କିଆର ମଧ୍ୟରେ ଗଢ଼ି ଦେଉଥିବା ପ୍ରେମ-ପ୍ରଣୟ, ତଥା ମିଳନ ବିଚ୍ଛେଦର କଥାବସ୍ତୁକୁ ନେଇ ଉପନ୍ୟାସ ରଚିତ ହୋଇଛି । ... ସମାଜର ରୀତିନୀତି ଚାଲିଚଳନ୍ଥ ଆଗରେ ସେମାନଙ୍କ ପ୍ରେମ କେବଳ ଅଳୀକମାତ୍ର । ପଲ୍ଲୀ ଅଞ୍ଚଳର ସରଳତା ଭିତରୁ ସାଂସ୍କୃତିକ ଆତ୍ମାକୁ ଉଦ୍‌ଘାଟିତ କରିବା ପାଇଁ ଏହି ଲେଖା ପ୍ରସ୍ତୁତ ହୋଇଛି । ନାୟକନାୟିକାଙ୍କ ମନସ୍ତାତ୍ତ୍ୱିକ ଚିନ୍ତାକୁ ନେଇ ଉପନ୍ୟାସ ଗତି କରିଛି । ନାରୀ ଚରିତ୍ରର ଅନ୍ୟ ଏକ ଦିଗ ଈର୍ଷାପରାୟଣତା । ନବୀନ ଓ କିଆର ପ୍ରେମକୁ ନେଇ ମାଳତୀ ସହ୍ୟ କରି ନପାରି ଗାଁରେ ପ୍ରଘଟ କରିବା ଅନ୍ୟ ଏକ ଦିଗକୁ ପାଠକର ଦୃଷ୍ଟିକୁ ଅଣାଯାଇଛି । ସ୍ୱାଧୀନତା ପରବର୍ତ୍ତୀ କାଳରେ ଭାରତୀୟ ଗ୍ରାମୀଣ ଅବସ୍ଥାର ଯେଉଁ ଦୟନୀୟତା ଦେଖାଦେଇଛି କେନ୍ଦୁପାଟି ଗ୍ରାମ ସମଗ୍ର ଦେଶରେ ପ୍ରତିନିଧିତ୍ୱ କରି ଆମର ଯୋଜନାର ବିଫଳତାକୁ ଲୋକଲୋଚନରେ ଆଣିବାରେ ସକ୍ଷମ ହୋଇଛି । ଦାରିଦ୍ର୍ୟ, ବେକାରୀ, ସାମାଜିକ ବୈଷମ୍ୟ ଓ ଅନ୍ଧବିଶ୍ୱାସ ସହିତ ମଦ୍ୟପାନ ଭଳି ସମସ୍ୟା ପ୍ରକୃତ ବିକାଶରେ ଅନ୍ତରାୟ ସୃଷ୍ଟି ହେଉଛି । ସରକାରୀ ଉଦାସୀନତା, ପ୍ରଶାସନିକ ଦୁର୍ନୀତି ଓ ସ୍ୱାର୍ଥପରାୟଣତା ସେହି ଅନ୍ତରାୟକୁ ଅଧିକ ସହଯୋଗ କରିଛି । ପ୍ରାକୃତିକ ପରିବେଶ ଚିତ୍ରଣକୁ ଜୀବନ୍ତ କରିବା ପାଇଁ 'ସେଇ ପାହାଡ଼ ତଳ' ଉପନ୍ୟାସରେ ବର୍ଣ୍ଣିତ ହୋଇଛି । ଲୋକଙ୍କ ମଧ୍ୟରେ ଜାତିପ୍ରଥାକୁ କେନ୍ଦ୍ର କରି ରହିଥିବା ସାମାଜିକ ବନ୍ଧନର କଠୋରତା ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ କିପରି ଗ୍ରାମୀଣ ପରିବେଶକୁ ଆଚ୍ଛନ୍ନ କରିଛି ତାହାହିଁ ଉପନ୍ୟାସରେ ଦର୍ଶାଯାଇଛି । ସେଥିପାଇଁ ଦୁଇ ଭିନ୍ନ ଜାତିର ଯୁବକଯୁବତୀ ନବୀନ ଓ କିଆର ପ୍ରେମ ସମ୍ପର୍କକୁ ସମର୍ଥନ ମିଳିପାରିନାହିଁ । ସମାଜରେ ଚଳିବାକୁ ହେଲେ ସମାଜର ଚାଲିଚଳଣ ମାନି ଚଳିବାକୁ ହେବ । ତାକୁ ଏତେ ସହଜରେ ଉପେକ୍ଷା କରାଯାଇପାରିବ ନାହିଁ । ...ଥରେ ଜଣକ ପ୍ରତି ସମର୍ପିତ ହେଲେ ଅନ୍ୟ କାହା ପ୍ରତି ଆକୃଷ୍ଟ ହୋଇ ନପାରିବା ଭଳି ନାରୀର ଦୃଢ ମାନସିକତା ଏବଂ ନବୀନର ଛାତିରେ ମୁଣ୍ଡ ରଖି ସାଗର ଜଳରେ କିଆର ଜୀବନତ୍ୟାଗ ଭଳି ଦୁଇ ପ୍ରେମିକପ୍ରେମିକାଙ୍କ ଦୁଃଖଦ ମରଣ ହୃଦୟସ୍ପର୍ଶୀ । ଯେଉଁ ପ୍ରେମିକ ପ୍ରେମିକାଙ୍କ ମିଳନକୁ ସମାଜ ବାରଣ କରିଥିଲା । ସମସ୍ତଙ୍କ ସମ୍ମୁଖରେ ସେଇ

Digitized by srujanika@gmail.com

ଦୁଇ ପ୍ରାଣୀଙ୍କର ସାଗର ଜଳବକ୍ଷରେ ମଧୁର ମିଳନ ଗାଁ ଲୋକ ଦେଖିଲେ, ... ସମାଜର ନୀତିନିୟମ, ସୁନାମ, ଦୁର୍ନାମ ଆଜି ଆଉ ଏହି ଦୁଇ ପ୍ରାଣୀଙ୍କୁ ସ୍ପର୍ଶ କରିପାରୁନାହିଁ । ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ଗ୍ରାମୀଣ ଉତ୍‌ଥାନର ଚିତ୍ର ଏହି ଉପନ୍ୟାସରେ ପ୍ରତିଫଳିତ ।

'ରକ୍ତତୀର୍ଥ' ଏହା ଏକ ଐତିହାସିକ ଉପନ୍ୟାସ ୨୦୦୪ରେ ପ୍ରକାଶିତ ହୋଇଛି । ଏଥିରେ ବିଶେଷତଃ ଉନବିଂଶ ଶତାବ୍ଦୀର ମଧ୍ୟଭାଗରେ କଳାହାଣ୍ଡି ଜିଲ୍ଲାର ମଦନପୁର ରାମପୁର ଜମିଦାରୀ ଅନ୍ତର୍ଗତ ଉର୍ଲାଦାନୀରେ ବିଦ୍ରୋହୀ ଆଦିବାସୀ ନେତା ରିଣ୍ଡୋ ମାଝୀଙ୍କ ସହ ବ୍ରିଟିଶ ସରକାରଙ୍କ ସଂଗ୍ରାମର ଚିତ୍ର, ପରେ ବନ୍ଦୀ ହୋଇ ଫାଶି ପାଇଥିବା ବର୍ଣ୍ଣନା ପ୍ରତିଫଳିତ ହୋଇଛି । ୧୮୫୭ ସିପାହୀ ବିଦ୍ରୋହ ଯାହାକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଏ ତାହା ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇଛି । ... ମାତ୍ର ବଣପାହାଡ଼ ଘେରା ଘଞ୍ଜଙ୍ଗଲ ମଧ୍ୟରେ ରେଣ୍ଡୋ ମାଝିଙ୍କ ନେତୃତ୍ୱରେ ଆଦିବାସୀମାନେ ଏକଜୁଟ ହୋଇ ସିପାହୀ ବିଦ୍ରୋହ ପୂର୍ବରୁ ୧୮୫୫ ମସିହାରେ କମ୍ପାନୀ ସରକାରଙ୍କ ଅନ୍ୟାୟ ଆଦେଶ (ବଣପାହାଡ଼ରୁ ମହୁଲ, ହରିଡ଼ା ଓ ବାହାଡ଼ା ସଂଗ୍ରହ କରିବା କଟକଣା) ମାନିବୁ ନାହିଁ ବୋଲି ମେଳି କରିଥିଲେ । ସେହି ବୀରତ୍ୱପୂର୍ଣ୍ଣ ଗାଥାକୁ ନେଇ ଉପନ୍ୟାସ ସୃଷ୍ଟି ହୋଇଛି । ... ଯୁଦ୍ଧ ପରେ ବନ୍ଦୀ କରି ପକ୍ଷପାତିପୂର୍ଣ୍ଣ ବିଚାର କରି ରସୁଲକୁଣ୍ଡା ଜେଲ୍‌ରେ (ବର୍ତ୍ତମାନର ଭଞ୍ଜନଗର) ଫାଶି ଦେଇଥିଲେ । ରିଣ୍ଡୋ ହସି ହସି ଫାଶିଖୁଣ୍ଟରେ ଝୁଲି ପଡ଼ିଥିଲେ । ସେହି ବୀରମାନେ ମାଟିରେ ମିଶିଗଲେଣି... ମାତ୍ର ଏବେବି ଏ ଜାତି ସେମାନଙ୍କୁ ସ୍ମରଣ କରୁଛି... ଭୁଲିପାରିନାହିଁ । ୧୮୫୫ ମସିହାର ବୀର ସୈନିକମାନେ କଳାହାଣ୍ଡିର ଉର୍ଲାଦାନୀରେ ଆଦିବାସୀ ଯୋଦ୍ଧା ଇଷ୍ଟ ଇଣ୍ଡିଆ କମ୍ପାନୀର ଗୋରା ସୈନିକମାନଙ୍କୁ ମୁକାବିଲା କରିବା ଗାଥା ମଧ୍ୟ କମ୍ ଗୌରବ ନୁହେଁ । ସେମାନେ ମଧ୍ୟ ଇତିହାସରେ ଯଥାର୍ଥ ସ୍ଥାନ ପାଇବା ଉଚିତ୍ । ତତ୍‌କାଳୀନ ସ୍ୱାଧୀନତା ଆନ୍ଦୋଳନର ଅନ୍ୟ ଏକ ବରିଷ୍ଠ ବ୍ୟକ୍ତିତ୍ୱ 'ଚକ୍ର ବିଷୋଇ'ଙ୍କ ସହ ରିଣ୍ଡୋ ମାଝୀର ସମ୍ପର୍କ, ରାମପୁର ଜମିଦାର ରିଣ୍ଡୋ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଯୋଗୁଁ ଜମିଦାର ଉଚ୍ଛେଦ, ଏ ସମସ୍ତ ଘଟଣା ରିଣ୍ଡୋର ସଂଗ୍ରାମୀ ଭୂମିକାକୁ ଆହୁରି ଉଜ୍ଜୀବୀତ କରୁଛି । ରଢ଼ିବାଦୀ, ସାମନ୍ତବାଦୀ ସମାଲୋଚକ ଏହାକୁ ଗ୍ରହଣ ନ କରିପାରନ୍ତି । ସତ୍ୟକୁ ସତ୍ୟ ରୂପେ ବହୁ ଉଦାରବାଦୀ ରିଣ୍ଡୋର ସଂଗ୍ରାମୀ ଭୂମିକା ବିସ୍ଫାରିତ ନୟନରେ ପୁଲକିତ ହୃଦୟରେ ରିଣ୍ଡୋର ସଂଗ୍ରାମକୁ ଭୂୟଂସୀ ପ୍ରଶଂସା କରିଥାନ୍ତି । ଓଡ଼ିଆ ସାହିତ୍ୟରେ ଗୋଟିଏ ଉପନ୍ୟାସ ପ୍ରକାଶ ପାଇଁ ବିକ୍ରି ହେବାକୁ ଦୀର୍ଘ ସମୟ ଲାଗିଯାଇଥାଏ । ମାତ୍ର 'ରକ୍ତତୀର୍ଥ'

Digitized by srujanika@gmail.com

ଉପନ୍ୟାସ ଗୋଟିଏ ବର୍ଷରେ ଦୁଇଟି ସଂସ୍କରଣ ପ୍ରକାଶ ପାଇଥିବା ଯୋଗୁଁ ଏହାର ଲୋକପ୍ରିୟତା ପାଠକୀୟ ଅନୁମୋଦନ ମିଳିଛି ।

ଆଲୋଚକ ଡକ୍ଟର ନୃସିଂହ ଷଡ଼ଙ୍ଗୀଙ୍କ ମତରେ 'ଇତିହାସକୁ ସମ୍ବଳ କରି ରଚନା କରାଯାଇଥିବା ଉପନ୍ୟାସ ଯଦିଚ ଇତିହାସ କଥା, କଥାବସ୍ତୁକୁ ନେଇ ଗତିଶୀଳ, ତଥାପି ଏଥିରେ ଔପନ୍ୟାସିକର ମୂଳଲିପି ଅତିମାତ୍ରାରେ ସ୍ଥାନୀତ । ଏହାର ଚରିତ୍ର ମଧ୍ୟରୁ କେତେକ ଐତିହାସିକ ହେବାବେଳେ ଆଉ କେତେକ ସଂପୂର୍ଣ୍ଣ କାଳ୍ପନିକ ବା ଜନଶ୍ରୁତିରୁ ଉଦ୍ଧୃତ ହୋଇଥାଏ । ...ଧର୍ମତଃ ଏହା ଇତିହାସ ନୁହେଁ, କିନ୍ତୁ ଇତିହାସର କଙ୍କାଳକୁ ନେଇ ଏହା ଉଦ୍‌ଜୀବିତ ଏକ ହୃଦ୍ୟ ସରସତୋମ୍ୟ କଳା' । (ଓଡ଼ିଆ ଉପନ୍ୟାସ ସାହିତ୍ୟର ଇତିହାସ)

ବ୍ରିଟିଶ୍ ଶାସକ ଜଙ୍ଗଲର ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକୁ ବାରଣ କରିବା ଯୋଗୁଁ ଆଦିବାସୀମାନେ ରିଣ୍ଡୋ ମାଝୀଙ୍କ ନେତୃତ୍ୱରେ ଯୁଦ୍ଧ କରିଥିଲେ ସରକାରଙ୍କ ଆଇନ୍‌କୁ ଅମାନ୍ୟ କରିଥିଲେ । ଜଣେ ସଂଗ୍ରାମୀ ବିପ୍ଲବୀକୁ ଫାଶୀ ଦେଇଦେଲେ ଯେ ତାର ଚିନ୍ତାଚେତନାର ପରିସମାପ୍ତି ଘଟିଥାଏ ଏଭଳି ଭାବିବା ଭୁଲ୍ । ତାର ମର ଶରୀର ଧ୍ୱଂସ ହୋଇଯାଇପାରେ । ମାତ୍ର ତାର ଆତ୍ମା ଅମର ହୋଇ ରହିଯାଏ । ତାର ଭାବଭାଷା ପ୍ରତିଧ୍ୱନିତ ହୋଇଉଠେ ଅଗଣିତ ଜନମାନସରେ, ଜନ ହୃଦୟରେ ... ତେଣୁ ସେ ମୃତ୍ୟୁଞ୍ଜୟୀ - 'ରକ୍ତତୀର୍ଥ', ପୃ. ୨୯୨, ବହୁଘଟଣା ଲୁଚିରହିଛି । ତାକୁ ଐତିହାସିକମାନେ ଉନ୍ମୋଚନ କରିବା ଆବଶ୍ୟକ ।

ବିଭିନ୍ନ ସମୟରେ ବିଭିନ୍ନ ଦେଶ ଭ୍ରମଣରେ ଯାଇଛି । ଲୋକସଭା ସଦସ୍ୟ ଥିବା ସମୟରେ 'ୱାର୍ଲଡ ପାର୍ଲିଆମେଣ୍ଟ ପିସ୍ କନ୍‌ଫରେନ୍ସ'ରେ ଯୋଗଦେବା ପାଇଁ ଭାରତୀୟ ପ୍ରତିନିଧି ହିସାବରେ ୧୯୮୧ ମସିହାରେ ବୁଲ୍‌ଗାରିଆର ରାଜଧାନୀ ସୋଫିଆ ସହରରେ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକା ଜାପାନ୍‌ର ନାଗାସାକି ଏବଂ ହିରୋସୀମା ସହରରେ ପରମାଣୁ ବୋମା ନିକ୍ଷେପ କରିବା ଫଳରେ ଲକ୍ଷ ଲକ୍ଷ ଲୋକ ଆଖିପିଛୁଳାକେ ମୃତ୍ୟୁବରଣ କରିଥିଲେ । ସେହି ଭୟାବହ ପରମାଣୁ ଯୁଦ୍ଧର ବିଭୀଷିକାରୁ ପୃଥିବୀପୃଷ୍ଠରେ ମାନବସମାଜକୁ ରକ୍ଷା କରିବା ପାଇଁ ବିଶ୍ୱ ଶାନ୍ତି ସମ୍ମିଳନୀରେ ଭାରତୀୟ ପ୍ରତିନିଧି ହିସାବରେ ମୁଁ ଯୋଗ ଦେଇଥିଲି । ଭାରତର ବିଭିନ୍ନ ବର୍ଗର ଡକ୍ଟର, ଶିକ୍ଷାବିତ୍, କୃଷକ, ରାଜନୀତିଜ୍ଞ, ଶ୍ରମିକ ପ୍ରଭୃତି ୨୦୦ ଜଣ ପ୍ରତିନିଧି ଯୋଗ ଦେଇଥିଲେ । ସେହି ସମୟରେ ଋଷିଆ, ରୋମାନିଆ ଗସ୍ତରେ ମଧ୍ୟ ଯାଇଥିଲୁ, ପରେ ଆମେରିକା, ସିଙ୍ଗାପୁର ଏବଂ ୨୦୦୫ରେ କାନାଡ଼ା ମଧ୍ୟ ଯାଇଥିଲି । କାନାଡ଼ାରେ ଝିଅ, ଜ୍ୱାଇଁଙ୍କ ପାଖରେ ଚାରିମାସ ରହିବା ଭିତରେ ଦେଶର ବିଭିନ୍ନ ଅଞ୍ଚଳରେ ଗସ୍ତ କରି ଯାହା

Digitized by srujanika@gmail.com

ଦେଖିଲି, ଯାହା ଅନୁଭବ କଲି ତାକୁ ଆଧାର କରି ମୋର 'ଅନନ୍ୟ ସୃଷ୍ଟି କାନାଡ଼ା' ପୁସ୍ତକ ଭ୍ରମଣ କାହାଣୀ ୨୦୧୦ରେ ପ୍ରକାଶ ପାଇଛି । 'ପ୍ରବନ୍ଧ ମଞ୍ଜୁଳ' ୨୦୧୨ରେ ପ୍ରକାଶ ପାଇଛି ।

ସାମ୍ବାଦିକତା ପ୍ରତି ଭରିରହିଥିବା ଆଗ୍ରହ ଯୋଗୁଁ 'ଅର୍ଜି' ସାପ୍ତାହିକ ପତ୍ରିକା ୧୯୯୯ମସିହାରୁ ନିୟମିତ ପ୍ରକାଶ ହୋଇଆସିଛି । ସମ୍ବାଦ ପରିବେଷଣ ସହ ବିଭିନ୍ନ ଲେଖକଲେଖିକାଙ୍କ କବିତା, କ୍ଷୁଦ୍ରଗଳ୍ପ, ପ୍ରବନ୍ଧ ମଧ୍ୟ ଏଥିରେ ସ୍ଥାନ ପାଇଥାଏ । ନୂତନ ଲେଖକଲେଖିକାଙ୍କୁ ଉତ୍ସାହିତ କରିବା ଅଭିପ୍ରାୟରେ ସେମାନଙ୍କ ଲେଖାକୁ ନିୟମିତ ସୁଯୋଗ ଦିଆଯାଉଛି । 'ଅର୍ଜି'ର ବିଶେଷତ୍ୱ ହେଉଛି, ପ୍ରତି ସଂଖ୍ୟାରେ ଆଇନ୍ ସ୍ତମ୍ଭ ମାଧ୍ୟମରେ ପ୍ରଶ୍ନ ଉତ୍ତର ଛଳରେ ଆଇନ୍ ସମ୍ବନ୍ଧୀୟ ଜ୍ଞାନ ସାଧାରଣ ଜନତାଙ୍କୁ ପ୍ରଦାନ କରାଯାଏ । ଓଡ଼ିଶାର କୌଣସି ପତ୍ରପତ୍ରିକା ନିୟମିତ ଆଇନ୍ ସଚେତନତା ସୃଷ୍ଟି କରନ୍ତି ନାହିଁ । ମାତ୍ର 'ଅର୍ଜି' ନିୟମିତ ଏହା କରିଥାଏ । ଲୋକଙ୍କୁ ସଚେତନ କରିବା ସଙ୍ଗେ ଏକ ସୁସ୍ଥସମାଜ ଗଠନରେ ଅର୍ଜିର ଭୂମିକା ଲୋକଙ୍କଦ୍ୱାରା ଆଦୃତ ହେବାରେ ଲାଗିଛି ।

●●●

Digitized by srujanika@gmail.com

ମୋ' ଜୀବନ ମୋ' ସାହିତ୍ୟ

ଅନ୍ନଦା ପ୍ରସାଦ ରାୟ (୧୯୩୮)

ଜୀବନକୁ ଛାଡ଼ି ଯଦି ସାହିତ୍ୟ ଥାଏ, ତେବେ ତାହା ସ୍ୱପ୍ନ ଭଳି ମନେହେବ କିମ୍ବା ଅବାନ୍ତର, ଉଦ୍‌ଭଟ ବୋଲି ମନେହେବ । ତେଣୁ ମୁଁ ମୋ ଜୀବନକୁ ହିଁ, ସମଗ୍ରଭାବେ ସାହିତ୍ୟର ପରିଭାଷାରେ ଅନୁଭବ କରିଆସିଛି ଏବଂ ସେସବୁ ଯଥାସମ୍ଭବ ଭାବ ଓ ଭାଷାର ସୌଷ୍ଠବତା ଦେବାକୁ ଚେଷ୍ଟା କରିଛି । ପ୍ରକାଶଭଙ୍ଗୀ, ତାହା କଥନ ହେଉ, ଲିଖନ ହେଉ, ସବୁବେଳେ ଅନୁଭୂତିକୁ ଭିତ୍ତିକରି ଗଢ଼ିଉଠିଲେ, ତାହା ଜୀବନବାଦୀ ସାହିତ୍ୟ ହୋଇପାରିବ ।

ମୁଁ ସାହିତ୍ୟ କଥା ଉଠିଲେ କହିବି ଯେ ସାହିତ୍ୟର ପରିଚୟ ହେଉଛି ଏଇ ପୃଥିବୀ, ଏଇ ଜୀବନ, ଏଇ ଦୃଶ୍ୟ ଓ ଦୃଷ୍ଟାନ୍ତ - ଯାହା ଲେଖିଦେଲେ ଅକ୍ଷରରେ, ଭାଷଣରେ, ଟିକିଏ ରଙ୍ଗେଇମଙ୍ଗେଇ ଲେଖିଦେଲେ ତାହା ସାହିତ୍ୟ ହୋଇପାରିବ । ଯେଉଁ ସାହିତ୍ୟ ଜୀବନ ସହିତ ସମ୍ବନ୍ଧିତ ନୁହେଁ, ତାହା ହୁଏତ ଦର୍ଶନ ବା ଗଣିତ ହୋଇପାରେ; କିନ୍ତୁ ସାହିତ୍ୟ କହିଲେ, ଯେଉଁ ହୃଦୟର ସ୍ପନ୍ଦନ ମୁହୂର୍ତ୍ତକ ପାଇଁ ହେଉପଛେ, ଖେଳି ଉଠେ, ତାହା ହିଁ ସାହିତ୍ୟର ସଂଜ୍ଞା ।

ତେଣୁ ମୋ ଜୀବନବ୍ୟାପୀ ମୁଁ ଯେଉଁ ସାହିତ୍ୟର ଚର୍ଚ୍ଚା କରିଆସିଛି, ତାହା ଭାଷଣ ହେଉ ବା ପ୍ରବନ୍ଧ ହେଉ, ସବୁ ମୋ ଜୀବନର ଅଂଶ । ସାହିତ୍ୟ ଏକ ଅନ୍ତରଙ୍ଗ ସତ୍ତାର ପ୍ରକାଶ- ତାହା ରିସର୍ଚ୍ଚ ଥିଓରି ନୁହେଁ କି ଜଟିଳ ଓ ଗୂଢ଼ ନୁହେଁ । ଭାଷାର ବ୍ୟବହାର ଯୋଗୁଁ ସାହିତ୍ୟ କେତେବେଳେ ସରଳ ଓ କ୍ଲିଷ୍ଟ ହୋଇପାରେ; କିନ୍ତୁ ତାହା ଯେ ସାହିତ୍ୟର ସଂଜ୍ଞା ଭିତରକୁ ଆସିବ ନାହିଁ, ସେ କଥା ନୁହେଁ । ଧରାଯାଉ, ଶିଶୁସାହିତ୍ୟ କହିଲେ, ଆମେ ସରଳ ଭାଷାର ବ୍ୟବହାରକୁ ବୁଝିଥାଉ, କିନ୍ତୁ ଯେଉଁ ଶିଶୁ ଯେଉଁ ଭାଷାରେ ଶିକ୍ଷାଲାଭ କରୁଥାଏ, ସେ ସେଇ ଭାଷାକୁ ହିଁ ବୁଝିପାରିବ- ଅନ୍ୟଥା ନୁହେଁ । ଧରାଯାଉ ଜଣେ ସଂସ୍କୃତ ପଢ଼ିଛି, ତା'ପାଇଁ ସଂସ୍କୃତ ଭାଷାରେ ଲିଖିତ ହିତୋପଦେଶ, ପଞ୍ଚତନ୍ତ୍ର ଗଳ୍ପ କିଛି ଅବୋଧ ହେବନାହିଁ । ଏହିପରି ଆମେ ଓଡ଼ିଆ ସାହିତ୍ୟରେ ବେଳେବେଳେ କ୍ଲିଷ୍ଟ ଶବ୍ଦ, ଯାହା ସଂସ୍କୃତ

Digitized by srujanika@gmail.com

ଶବ୍ଦର ବ୍ୟବହାର ବୁଝାଏ, ତାକୁ ନୀରସ କହିଥାଉ । ଯେତେବେଳେ ଓଡ଼ିଆ ଭାଷାରେ ଇଂରାଜୀ ଶବ୍ଦ ଲେଖୁ, ସେତେବେଳେ କେହି କେହି ଠିକ୍ ବୁଝିପାରିଲେ ମଧ୍ୟ ଅହଂବଶତଃ ଇଂରାଜୀ ଶବ୍ଦ ଓଡ଼ିଆରେ କାହିଁକି ପଶିଗଲା ବୋଲି କହନ୍ତି ।

ମୁଁ ଜୀବନକୁ ହିଁ ସାହିତ୍ୟ ମନେକରେ । ମୋ' ଲେଖାରେ ହେଉ ବା ନ ହେଉ, ମୁଁ ଯାହା ଅନୁଭବ କରୁଛି, ଇଚ୍ଛା କରୁଛି, ଯାହା ଶୁଣୁଛି ସବୁ ଯେମିତି ସାହିତ୍ୟ ଭଳି ମୋର ମନେହୁଏ । ବୀଣାର ତାର ଥିଲେ ତାହା ସ୍ୱର ସଞ୍ଚାର କରିପାରିଲା ଭଳି । ଜୀବନର ଅନୁଭୂତି ଥିଲେ ସାହିତ୍ୟ ହୁଏ । ମୋ ଜୀବନରେ ଯାହା ଆସିଛି, ସେ ରାଜନୀତି ହେଉ କି ଧର୍ମ ହେଉ କି ଯନ୍ତ୍ରଣା ହେଉ, ସବୁ ଯେମିତି ମୋ' ପାଇଁ ସାହିତ୍ୟ ଭଳି ନିବିଡ଼ ମନେହୁଅନ୍ତି ।

ସାହିତ୍ୟର ପ୍ରକୃତ ଅର୍ଥ ଯାହା ସହଜାତ, ଯାହା ଆମ ସହିତ ଜନ୍ମ ହୋଇଛି । ତାହା ଯେ କେଉଁ ଅକ୍ଷର କି ଶବ୍ଦମାନଙ୍କରେ ଫୁଟି ଉଠିବ, ସେ କଥା ବଡ଼ ନୁହେଁ, ବଡ଼ ହେଉଛି ଅନୁଭୂତି ।

ମୁଁ ସାହିତ୍ୟିକ ହେବି ବୋଲି ଭାବି ଲେଖିନାହିଁ କି ଭାବିନାହିଁ ମଧ୍ୟ । ମୁଁ ଯାହା ଲେଖିଛି, ଲେଖୁଛି; ସେସବୁ ମୋ' ଜୀବନର ପ୍ରତିବିମ୍ବ । ଯେଉଁ ଜୀବନକୁ ମୁଁ ମୋ ଚାରିପାଖରୁ ଦେଖୁଛି ଏବଂ ତା'ରି ଭିତରେ ବଞ୍ଚିବାର ରାହା ପାଇଛି ସେଇ ଜୀବନରୁ ବିଚ୍ଛିନ୍ନ ଅନ୍ୟ କିଛି ହୁଏତ ଥାଇପାରେ, କିନ୍ତୁ ମୋ' ପାଇଁ ସେଇସବୁ ଚରିତ୍ର, ଘଟଣା, କ୍ରିୟା-ପ୍ରତିକ୍ରିୟା, ସମ୍ପର୍କ, ଚିନ୍ତା, ଚେତନା ମୋତେ ଲେଖିବା ପାଇଁ ପ୍ରବର୍ତ୍ତାଇଛି । ଏମିତି ଲେଖୁ ଲେଖୁ ଯଦି କିଛି ସାହିତ୍ୟର ସ୍ଥାନ ଗ୍ରହଣ କରିନେଲା, ତେବେ ତା'ଠାରୁ ବଳି ଆଉ କ'ଣ ବଡ଼ ସନ୍ତୋଷର କଥା ଥାଇପାରେ ?

୧୯୬୦ରୁ ମୁଁ ପତ୍ରପତ୍ରିକାରେ ଲେଖିବାକୁ ଆରମ୍ଭ କରିଛି । ଯେଉଁ ଲେଖାରେ ସମୟର ସ୍ୱର ପ୍ରତିଧ୍ୱନିତ ହୋଇଥିଲା, ଏ ପର୍ଯ୍ୟନ୍ତ ସେଇଆ ହେଉଛି । ସେଇ ପ୍ରଥମ ଲେଖା କବିତା - 'ପାଣ୍ଡୁର ସ୍ୱାକ୍ଷର' - ପ୍ରଥମ ଗଳ୍ପ ସଙ୍କଳନ - 'ଏ, ଐ ଐରାବତ', ପ୍ରଥମ ଉପନ୍ୟାସ 'ଧାମ' ଓ ପ୍ରଥମ ପ୍ରସଙ୍ଗ ଲେଖା 'ଚର୍ଚ୍ଚା-ପୁନଶ୍ଚ ଚର୍ଚ୍ଚା' । ପ୍ରଥମ ଅନୁବାଦ ଶିରିଡ଼ି ସାଇସତ୍ ଚରିତ ଏବଂ ଏହା ମୋ' ରଚିତ 'ଆମେ ସବୁ' ଉପନ୍ୟାସ 'ପଥାନ୍ତର', ଆତ୍ମଜୀବନୀ 'ମୁଠାଏ ଜୀବନ ଆଞ୍ଜୁଳାଏ ସ୍ମୃତି'- ଏବଂ ରୁଦ୍ର ସମୁଦ୍ର ଓ ମାଟିର ଲୁହ, ବଳୟ, ବିନ୍ଦୁ ଇତ୍ୟାଦି ଗଳ୍ପ ସଙ୍କଳନ ଓ ଉପନ୍ୟାସ ପାଠକୀୟ ଆଦୃତି ଲାଭ କରିଛି । ମୋ ଜୀବନକୁ ପ୍ରଭାବିତ କରିଥିବା ବିଶ୍ୱ ସାହିତ୍ୟର କିଛି କୃତି, ମୋପାସାଁ, ଟଲଷ୍ଟୟ, ରୋମାଁରୋଲାଁ, ସମରସେଟମମ୍, ମୋରାଭିଆ ଇତ୍ୟାଦି ବ୍ୟତୀତ ବଙ୍ଗଳା ସାହିତ୍ୟର ବିଶେଷକରି ରବି ଠାକୁରଙ୍କର ସୃଷ୍ଟି ସମଗ୍ର ମୋତେ ଉଦ୍‌ବୁଦ୍ଧ କରିଛି । ସେସବୁ

Digitized by srujanika@gmail.com

ମୋ ପାଇଁ ଗୋଟିଏ ଗୋଟିଏ ଦୃଷ୍ଟାନ୍ତ ହୋଇ ରହିଛି । ମୋ ଲେଖାରେ ବସ୍ତୁନିଷ୍ଠ କିଛି ଚିନ୍ତା, ବକ୍ରୋକ୍ତି, ବ୍ୟଙ୍ଗ ଓ ଯୌନାବେଗର ସ୍ପର୍ଶ ରହିଛି ବୋଲି ପାଠକୀୟ ମତ ପ୍ରକାଶ ପାଇଛି ।

ମୋତେ ସାହିତ୍ୟର ବହୁ ରଙ୍ଗ, ବହୁ ତରଙ୍ଗ ଆକୃଷ୍ଟ କରିଛି । କେବଳ ସେତିକି ନୁହେଁ, ମୁଁ ତା'ର ଏକ ପ୍ରତୀକ ହୋଇଆସିଛି । ମୁଁ ସମ୍ମାନ, ସ୍ୱୀକୃତି ଓ ପୁରସ୍କାରକୁ ଆଖିରେ ରଖିନାହିଁ । ରଖିଛି ମୋର ପାଠକମାନଙ୍କ ରୁଚି ଆଉ ଆଭିମୁଖ୍ୟ ଯେଉଁଥିପାଇଁ ମୋତେ ଆଜି ପଚରାଯାଇଛି 'ମୋ ଜୀବନ ମୋ ସାହିତ୍ୟ' ସମ୍ପର୍କରେ ଆତ୍ମ ସମୀକ୍ଷାର ବକ୍ତବ୍ୟ ରଖିବାକୁ । ଏଥିପାଇଁ ମୁଁ ପ୍ରଶ୍ନକର୍ତ୍ତାଙ୍କୁ ଗୋଟିଏ ଧାଡ଼ିରେ କହିବି, "ମୋ ଜୀବନଟାଇ ମୋ ସାହିତ୍ୟର ପ୍ରଥମ ଓ ପ୍ରଧାନ ଅବଲମ୍ବନ ।" ଏହା ବାଦେ ଯାହା ଅଛି, ସେ ଯାହାବି କିଛି ହୋଇପାରେ, ସେ କଥା ମୋର ବିଚାର କରିବାର ନାହିଁ । 'ମୁଁ'ଏଇ ଶବ୍ଦଟି ଭିତରେ ଗୋଟିଏ ନିର୍ଦ୍ଦିଷ୍ଟ ସମୟର ସ୍ରୋତ ବହିଚାଲିଛି- ମୋ ପୂର୍ବରୁ ଜୀବନର ଅନନ୍ତ ସ୍ରୋତ ବହିଚାଲିଛି ମହାକାଳକୁ ଭେଟିବା ପାଇଁ । ସେହି ମହାକାଳ ହିଁ ଏ ସାରା ପୃଥିବୀର, ସଂସାର ଚକ୍ରର ସାକ୍ଷୀ ।

ମୋର ଅନ୍ୟ କିଛି ପରିଚୟର ସେପରି କିଛି ସ୍ଥାୟୀ ପ୍ରଭାବ ନାହିଁ । ଏ ସଂସାର, ଏ ସମାଜ ହେଉଛି ସମ୍ପର୍କ, ସ୍ୱାର୍ଥ ଆଉ ସୁବିଧାବାଦର ଏକ ପ୍ରକ୍ରିୟା । ରାଜନୀତି ହେଉ ବା ଧର୍ମ ହେଉ, ସେସବୁ ଜୀବନର ଚଲାପଥ ଦେଇ ଆସିଥାନ୍ତି । କିନ୍ତୁ 'ସାହିତ୍ୟ'ର ଯାତ୍ରୀଟି ସେସବୁ ଭିତରେ ନିଜକୁ ଦ୍ରଷ୍ଟା ଭାବେ ରଖିପାରେ, ଏହା ମୋର ସନ୍ଦେଶ ।

'ମୋ ଜୀବନ ମୋ ସାହିତ୍ୟ' ମୋ ସମୟର ଇସ୍ତାହାର ପରିବାର, ସମାଜ ଆଉ ପରମ୍ପରାର ଅନୁସରଣ କରୁଥିବା ଏବଂ ଏଥିରେ କିଛି ପରିବର୍ତ୍ତନ ଚାହୁଁଥିବା ମନୀଷୀମାନଙ୍କର ବିଚାର ଓ ସିଦ୍ଧାନ୍ତକୁ ଅନୁଧ୍ୟାନ କରିବାରେ ହିଁ ପର୍ଯ୍ୟବସିତ କହିଲେ ଠିକ୍ ହେବ । ମୋ ଦୃଷ୍ଟିରେ 'ମୋ ଜୀବନ ମୋ ସାହିତ୍ୟ' ସମାଜଠାରୁ, ସମୟର ଆହ୍ୱାନ ଓ ଆବଶ୍ୟକତାଠାରୁ ବିଚ୍ଛିନ୍ନ ହୋଇନାହିଁ । ମୁଁ ଗାନ୍ଧୀ ନୁହେଁ କି ମାର୍କ ନୁହଁ କି କାମ୍ୟୁ ନୁହେଁ, ମୁଁ ଅନ୍ନଦା ରାୟ । ଗୋଟିଏ ନିର୍ଦ୍ଦିଷ୍ଟ ସମୟ ଓ ସମାଜର ଉପଜାତ । ଏହାରି ଭିତରେ ମୋର ଜୀବନଯାତ୍ରାର ପଥ ପ୍ରସ୍ତୁତ ହୋଇଛି । ମୁଁ ଜ୍ଞାନୀ ନୁହଁ, ଧନୀ ନୁହେଁ କି ଯୋଗୀ ନୁହେଁ, ତପସ୍ୱୀ ନୁହେଁ, ମୁଁ ଭକ୍ତ ନୁହେଁ କି ନାସ୍ତିକ ନୁହେଁ; ମୁଁ ଜଣେ ପଥିକ, ଦର୍ଶକ, ସାଧାରଣ ମଣିଷ ମୋର ଆଶା ଅଛି, ବିଶ୍ୱାସ ଅଛି, ଦୁଃଖ ଅଛି, ଯନ୍ତ୍ରଣା ଅଛି – ମୁଁ ନିଃସଙ୍ଗ ନୁହଁ, ମୁଁ ଏଇ ମଣିଷମେଳା ଭିତରର ଜଣେ ମଣିଷ, ଯେ ମଣିଷକୁ ଭଲପାଏ । ମଣିଷତ୍ୱକୁ ଚାହେଁ । ମୋ ଜୀବନର ଏ ହେଉଛି ଲକ୍ଷ୍ୟ । ମୋ ସାହିତ୍ୟର ଏ ହେଉଛି ବିଷୟବସ୍ତୁ ।

Digitized by srujanika@gmail.com

ବହୁବାର ସଂସ୍କରଣ ହୋଇଥିବା ମୋ'ର ପ୍ରକାଶିତ ପୁସ୍ତକ :-

ପାଣ୍ଡୁର ସ୍ୱାକ୍ଷର (କବିତା), ଏ, ଐ, ଐରାବତ (କ୍ଷୁଦ୍ରଗଳ୍ପ ସଙ୍କଳନ), ରୁଦ୍ର ସମୁଦ୍ର (କ୍ଷୁଦ୍ରଗଳ୍ପ ସଙ୍କଳନ), ଚର୍ଚ୍ଚା(ପ୍ରବନ୍ଧ), ପୁନଶ୍ଚଃ ଚର୍ଚ୍ଚା (ପ୍ରବନ୍ଧ), କଂଗ୍ରେସ ଇତିହାସ, କଟକ କଣ୍ଟା ଫୁଲର ସହର, ସାଇ ସତ୍ ଚରିତ୍ର (ଅନୁବାଦ), ଶିରିଡ଼ି ସାଇବାବା, ସାଇ ଓ ସମାଜବାଦ, ପୁଣ୍ୟ ଶ୍ଲୋକ ଜବାହାର (ଜୀବନୀ), ଯା' ଦେବୀ, ଦତ୍ତା, ଅନ୍ନଦା ରାୟଙ୍କ କଥା ଓ କାହାଣୀ, ପଥାନ୍ତର (ଉପନ୍ୟାସ), ମାଟିର ଲୁହ (ଉପନ୍ୟାସ), ମୁଠାଏ ଜୀବନ ଆଞ୍ଜୁଳାଏ ସ୍ମୃତି (ଆତ୍ମ ଜୀବନୀ), ବଳୟ(ଉପନ୍ୟାସ), ବିନ୍ଦୁ (ଉପନ୍ୟାସ), ମିଟ୍ଟିକୋ ଆଂଶୁ (ହିନ୍ଦୀ), Handful of life (English), ପ୍ରବନ୍ଧାୟନ (ପ୍ରବନ୍ଧ), ସ୍ମୃତିରେ ସ୍ମୃତିରେ (ପ୍ରବନ୍ଧ), 'ସମ୍ପାଦକଙ୍କ କଲମ', ଚ୍ୟୁତ ଓ ଅଚ୍ୟୁତ ଇତ୍ୟାଦି ।

●●●

Digitized by srujanika@gmail.com

ମୋ' ଜୀବନ ମୋ' ସାହିତ୍ୟ

ଡ. ବୈଷ୍ଣବ ଚରଣ ସାମଲ(୧୯୩୯)

"ମୋ' ଜୀବନ ମୋ' ସାହିତ୍ୟ" ସଂପର୍କରେ ଲେଖିବା ପାଇଁ ମୋର ଶ୍ରଦ୍ଧେୟ ଛାତ୍ର ଡକ୍ଟର ଗିରୀଶ ଚନ୍ଦ୍ର ସାହୁ ଅନେକ ଦିନରୁ ଚିଠିଟିଏ ଦେଇଥିଲେ । ମୁଁ ନ ଲେଖି ନୀରବ ରହିଗଲି । ମନେ ମନେ ଭାବିଲି ମୋର କି ଜୀବନ ଯେ ମୁଁ ମୋ ଜୀବନ କଥା ଲେଖିବି ଓ କ'ଣ ମୁଁ ସାହିତ୍ୟ ଲେଖିଛି ଓ ସେଥିରେ ମୋ ଜୀବନ କଥା କ'ଣ ଅଛି ତାହାକୁ ଲେଖିବି ? ଏଇମିତି କେତେ କଥା ଭାବି ମୁଁ ଲେଖିଲି ନାହିଁ । ଶ୍ରଦ୍ଧେୟ ଗିରୀଶ ତ ନଛୋଡ଼ବନ୍ଧା, ସେ ମଧ୍ୟ ଜଣେ ଗଳ୍ପକାର । ତେଣୁ ସେ ମୋତେ ବାରମ୍ବାର କହିବାରୁ ଲେଖିବାକୁ ସ୍ଥିର କଲି ଓ ଏବେ ଲେଖୁଛି "ମୋ' ଜୀବନ ମୋ' ସାହିତ୍ୟ" ସଂପର୍କରେ କେଉଁ ପଦ ।

କ'ଣ ମୋର ଏଇ ଜୀବନ ? ଦୀର୍ଘ ଚଉସ୍ତରୀ ବର୍ଷ ଧରି ଯେଉଁ ଜୀବନ ମୁଁ ଜିଇ ଆସିଛି ଏଯାବତ୍ ସେଇ ଜୀବନ ବିଷୟରେ ଭାବିଲାବେଳକୁ ତ ମୋ ଆଖିକୁ ଲୁହ ଆସିଯାଉଛି । ଜାଲୁଜାଲୁଆ ଦେଖାଯାଉଛି । କାହାକୁ କହିବି ମୋ ଜୀବନ କଥା ? କିଏ ବା ବିଶ୍ୱାସ କରିବ ? ହଁ, ଲୁହ ଭିତରେ ବି ମୋ ସଂଘର୍ଷମୟ ଜୀବନର କେତେ କଥା ମୋ ମାନସପଟରେ ଭାସି ଉଠୁଛି । ଯାହା ମୋତେ ପୁଲକ ଦେଉଛି । କେହି ବିଶ୍ୱାସ କରୁ ବା ନ କରୁ ମୁଁ ମୋ ଜୀବନ କଥା ସହିତ ମୋର ସାହିତ୍ୟ ସୃଷ୍ଟି କଥା ଲେଖୁଛି ।

ହଁ, ମୁଁ ଯେଉଁ ଜୀବନ ବଞ୍ଚିଆସିଛି ତାହା ମୋ ପିଲାଦିନେ ଓ ମୋର କୈଶୋର ଅବସ୍ଥାରେ ଯାହା ମୁଁ ଅଙ୍ଗେ ନିଭେଇଥିଲି, ସେହି ଜୀବନ ଏବେ ସୁଦ୍ଧା ମୁଁ ବଞ୍ଚୁଛି । ସେତେବେଳେ ମୁଁ କୌଣସି ବଡ଼ ଲୋକ ଘରର ପିଲା ନ ଥିଲି, ଧନୀ ଘରର ବା ଉଚ୍ଚ ଶିକ୍ଷିତ ପରିବାରର ପିଲା ନଥିଲି, ବାରିଣୀ ଦେଖିଯିବାକୁ ବା ଦୁର୍ଗାମେଢ଼ ଦେଖିଯିବାକୁ ମୋ ପାଖରେ ପଇସାଟିଏ ନଥିଲା । ମୋ ବୋଉ ଅବା କେହି ବନ୍ଧୁବାନ୍ଧବ ଆଠଣି ବା ଟଙ୍କାଏ ଦେଉଥିଲେ । ସେହି କେତୋଟି ପଇସା ଧରି ଯାଉଥିଲି । ସେଥିରେ ପୁଣି ମୋର ପୋଷାକପତ୍ର ଅତି ସାଧାରଣ । ମୋ ବାପା ଥିଲେ ସ୍ୱାଧୀନତା ସଂଗ୍ରାମୀ, ହରିଜନ

Digitized by srujanika@gmail.com

ଆନ୍ଦୋଳନର ନେତା । କେତେ କେତେ ଘଟଣା ଘଟିଯାଇଛି ତାଙ୍କ ଜୀବନରେ । ପିଲାଦିନେ ସିଏ ମୋର ଆଦର୍ଶ ଥିଲେ । ଯାହା କିଛି ପ୍ରଭାବ ମୋ ଉପରେ ପଡ଼ିଛି ସିଏ ମୋ ବାପାଙ୍କର । ଦେଖିଥିଲି ସର୍ବତ୍ୟାଗୀ, ଛୁଆଁଅଛୁଆଁ ଭେଦଭାବ ଭୁଲି ସବୁ ମଣିଷଙ୍କୁ ଭଲ ପାଉଥିବା ଜଣେ ମଣିଷଙ୍କୁ ସ୍ୱାଭିମାନରେ ଉଦ୍ଦୀପ୍ତ । କୌଣସି ଅନ୍ଧବିଶ୍ୱାସ ତାଙ୍କୁ ସ୍ପର୍ଶ କରିନଥିଲା । ଏକ ଈଶ୍ୱର ଜଗନ୍ନାଥଙ୍କୁ ସେ ମାନୁଥିଲେ । ସତ୍ୟନିଷ୍ଠ ମାନବପ୍ରେମୀ ମଣିଷଟିଏ । ସିଏ ତ ବସନ୍ତ ରୋଗରେ ମରିଗଲେ ୧୯୫୨ ମସିହାରେ । ପଞ୍ଚମ ଶ୍ରେଣୀରେ ନାମ ଲେଖାଇଥିଲି ମାତ୍ର । ଘରର ବଡ଼ ପୁଅ । ମାତ୍ର ଏଗାର ବର୍ଷ ବୟସ । ସେହିଦିନରୁ ମୁଁ ବିଲବାଡ଼ିରେ ଚାଷ କଲି, ଗାଈ ରଖିଲି, ଘାସ କାଟିଲି, ଚାକରବାକରଙ୍କ କଥା ବୁଝିଲି । ସେଥିରେ ତିନି କିଲୋମିଟର ଦୂର ଇନ୍ଦୁପୁର ହାଇସ୍କୁଲ୍‌ରେ ପାଠ ପଢ଼ିଲି । କଠୋର ପରିଶ୍ରମ । ଆମ ଗାଁର ପିଲାମାନଙ୍କୁ ମିଳାଇ ପାଠାଗାର କଲୁ, ନାଟକ କଲୁ, ଯୁବକସଂଘ କଲୁ । ଆମ ଭିତରେ ଜାତିଥିଲା ଗୋଟିଏ ଯୁବକ, ମଣିଷ । ଗାଁବାଲାଙ୍କ ବିରୋଧ ହେଲା । ଆମେ ମାନିଲୁ ନାହିଁ । କେତେ କେତେ ଘଟଣା ଘଟିଲା । ମୋ ପ୍ରତି ଗାଁର ସ୍ନେହଶ୍ରଦ୍ଧା ବଢ଼ିଲା । ବିଶେଷତଃ ହରିଜନମାନଙ୍କର ସ୍ନେହ ସହାନୁଭୂତି ଭୁଲିବାର ନୁହେଁ । ପ୍ରଥମ ନିର୍ବାଚନ ସରିଗଲା ୧୯୫୨ ମସିହାରେ । ଗ୍ରାମ ପଞ୍ଚାୟତ, ବ୍ଲକ୍ ଆଦି ହେଲା । ରାଜନୀତିକୁ ନେଇ ଗୋଟିଏ ଟାଉଟର୍ କର୍ମୀ ଦଳ ଗଢ଼ି ଉଠିଲେ । ନେତାଙ୍କୁ ଧରି ଲୁଟପାଟ କଲେ । ପୋଲିସ୍ କ୍ଷମତାସୀନ ଦଳର ହାତ କଣ୍ଢେଇ । ସେତେବେଳକୁ ମୋର ଅଷ୍ଟମ ଶ୍ରେଣୀ । ୧୯୫୫ ମସିହା । ଏଣେ ବନ୍ୟାରେ ଇନ୍ଦୁପୁର ବନ୍ଧ ଭାଙ୍ଗିଥାଏ । ଫସଲ ସବୁ ନଷ୍ଟ । ଏହି ସମୟରେ ମୋ ମନ ଭିତରେ ଘୋର ପ୍ରତିକ୍ରିୟା । ଲେଖିଲି କବିତାଟିଏ - 'ନେତା କିଏ', ସେହି କବିତାରେ ଠାଏ ଲେଖିଲି -

ସେବା ନାମ ନେଇ ନେବାବାଲାକୁ ଯେ
କରିଛି ଏ ମହୀତଳେ
ସେ ମାରୁଛି ମଜା ବସି ପ୍ରାସାଦରେ
ନିଃସ୍ୱ ସିନା ଗଡ଼ି ମରେ ।

ଏଇ ହେଲା ମୋ କବିତା ଓ ସାହିତ୍ୟ ସାଧନାର ଆଦ୍ୟ ଓଁକାର । ପରେ ପରେ ହାଇସ୍କୁଲରେ ପଢୁଥିଲା ବେଳେ ଅନେକ ଇଂରାଜୀ କବିତାର ଭାବାନୁବାଦ କଲି ଓ ଲେଖିଲି କିଛି କବିତା - ଏଇ ଯେମିତି ମୋ ଗାଁ, ଗାଁ ମଶାଣି, ପୂଜ୍ୟ କିଏ, ଅଛୁଆଁ କିଏ, ଗାଁ ମାମଲତକାର ଇତ୍ୟାଦି । କାବ୍ୟଟିଏ ମଧ୍ୟ ଲେଖିଲି ବଙ୍ଗଳାଶ୍ରୀ ରାଗରେ - 'ସାବିତ୍ରୀ' । ସେପର୍ଯ୍ୟନ୍ତ ମୁଁ ବଞ୍ଚିଥିବା ଓ ଭୋଗିଥିବା ଜୀବନର ପ୍ରତ୍ୟକ୍ଷ ଅନୁଭୂତି ମୋ କବିତାମାନଙ୍କରେ

Digitized by srujanika@gmail.com

ପ୍ରତିଫଳିତ ହେଉଥାଏ । ସ୍କୁଲରେ ଶିକ୍ଷକମାନଙ୍କର ସ୍ନେହ ଶ୍ରଦ୍ଧା ପାଉଥାଏ । ଭଲ ପଢୁଥାଏ । ପ୍ରତିବର୍ଷ ଅନେକ ପୁରସ୍କାର ପାଉଥାଏ । ସେତିକିବେଳେ ମୁଁ ମୂର୍ତ୍ତିପୂଜାର ବିରୋଧୀ ହୋଇଗଲି । ଥରେ ମୋ ବୋଉ ମଙ୍ଗଳା ଓଷା କରିଥାଏ । ସେ ମୋତେ ଭୋଗଦେବାରୁ ମୁଁ ତା' ମୁହଁକୁ ଫିଙ୍ଗିଦେଲି । ସେ କାନ୍ଦିଲା । ରାତିରେ ମୋତେ କହିଲା ମୋ ଜନ୍ମବୃତ୍ତାନ୍ତ । ମଙ୍ଗଳାମାଆଙ୍କ ସ୍ୱପ୍ନାଦେଶ ଯୋଗୁଁ ମୋର କୁଆଡ଼େ ଜନ୍ମ ହୋଇଥିଲା । ଏହା ପରେ ମୋ ଭିତରେ ଗୋଟିଏ ଆଧ୍ୟାତ୍ମିକ ଭାବ କ୍ରମଶଃ ଜାଗ୍ରତ ହେଲା । ମୁଁ ଧର୍ମକୁ ମାନେ, ଏକ ଈଶ୍ୱରଙ୍କୁ ମାନେ ମାତ୍ର ମୂର୍ତ୍ତି ପୂଜାକୁ କେନ୍ଦ୍ର କରି ଯେଉଁ ପ୍ରକାର ଆଡ଼ମ୍ବର ହେଉଛି, ତାହିକି ଚିତା ହେଉଛି ମାନେ ନାହିଁ । ପରବର୍ତ୍ତୀ କାଳରେ ମୁଁ ଯାଇଛି ବହୁ ଧର୍ମ ସଭାକୁ, ବହୁ ସାଧୁସନ୍ଥଙ୍କୁ ଭେଟିଛି । ସବୁଠି ମୁଁ ଦେଖିଲି ଧର୍ମ ନାମରେ ବ୍ୟବସାୟ । କେତେ ସାଧୁସନ୍ଥ ନିଜ ନିଜକୁ ସ୍ୱୟଂ ଭଗବାନ ବା ଅବତାର କହିଲେ । ପ୍ରତ୍ୟେକଙ୍କର ଭକ୍ତ ସମାଜ ନିଜ ନିଜର ଗୁରୁଙ୍କ ମହିମା ଗାନ କଲେ । ଏହା ମୋତେ ଭଲ ଲାଗେ ନାହିଁ । ମୁଁ ଜାଣେ ଯେ ମଣିଷ ଯଦି ନିଜ ଭିତରେ ଥିବା ପରମ ମୁଁ ବା ତାର ଆତ୍ମା ସହିତ ସାକ୍ଷାତକାର କରିନାହିଁ, ସକଳ ଭୂତରେ ନିଜର ଆତ୍ମାକୁ ଉପଲବ୍ଧି କରିନାହିଁ, ତାର ସମଦୃଷ୍ଟି ପ୍ରକାଶ ପାଇନାହିଁ ସିଏ ସନ୍ଥ ନୁହେଁ କିମ୍ବା ଭଗବାନ ନୁହେଁ । ଏହି ଆଦର୍ଶ ମୋ ଜୀବନରେ ରହିଯାଇଛି ।

ହାଇସ୍କୁଲ ପାସ୍ କଲା ପରେ ମୁଁ ପଢ଼ିପାରିଲି ନାହିଁ । ଗୋଟିଏ ମାଇନର୍ ସ୍କୁଲ୍‌ରେ ଶିକ୍ଷକ ହେଲି ପ୍ରାୟ ଦେଢ଼ ବର୍ଷ (୧୯୫୮ରୁ ୧୯୬୦ ଫେବୃୟାରୀ) । ସେଇ ସ୍କୁଲ୍‌କୁ ତିଆରି କଲି । ସେ ଗାଁର ଲୋକେ ମୋତେ ବହୁତ ଭଲ ପାଇଲେ । ସେଠୁ ମୁଁ ହେଲି ଟେଲିଫୋନ୍ ଅପରେଟର୍ । ସେହି ୧୯୬୦ ମସିହାରେ ମୋର ବାହାଘର ହେଲା । ଘରୋଇ, ଭାବରେ ୧୯୬୧ ମସିହାରେ ଆଇ.ଏ. ପାଶ୍ କଲି ଓ ଖ୍ରୀଷ୍ଟ କଲେଜ୍‌ରେ ବି.ଏ. (ଅନର୍ସ) ପଢ଼ିଲି । ସେତିକିବେଳେ ମୋର ଲେଖାଲେଖି ପୁନଶ୍ଚ ଆରମ୍ଭ ହେଲା । ପରେ ଏମ୍.ଏ. ପଢ଼ିଲି । ମଝିରେ ମଝିରେ ଲେଖାଲେଖି କରେ । ୧୯୬୬ ମସିହାରେ ଫକୀରମୋହନ କଲେଜ୍‌ରେ ଅଧ୍ୟାପକ ହେଲି । ସେହି ବାଲେଶ୍ୱରରେ ଥିଲାବେଳେ ମାତ୍ର ସାଢ଼େ ତିନି ବର୍ଷ ଭିତରେ ଅନେକ ପ୍ରବନ୍ଧ, ସମାଲୋଚନା ଓ କବିତା ଲେଖିଲି । ସେଇଠି ଥାଏ ଗୋଟିଏ ଅନୁକୂଳ ସାହିତ୍ୟିକ ବାତାବରଣ । ବସ୍ତୁତଃ ସେହିଠାରେ କବି ବ୍ରଜନାଥ ରଥଙ୍କ ପ୍ରେରଣା ମୋର ଭୁଲିବାର ନୁହେଁ । ୧୯୭୦ରୁ ମୁଁ ରେଭେନ୍ସା କଲେଜ୍‌ରେ ଆଠବର୍ଷ ଅଧ୍ୟାପନା କଲି । ଏହି ସମୟରେ ପାଞ୍ଚ ସାତ ଖଣ୍ଡ ସମାଲୋଚନା ପୁସ୍ତକ, ଖଣ୍ଡିଏ କବିତା ପୁସ୍ତକ, କେତେକ ସମ୍ପାଦନା ଗ୍ରନ୍ଥ ପ୍ରକାଶ ପାଇଲା । ରେଡିଓରେ ପ୍ରାୟ

Digitized by srujanika@gmail.com

ପ୍ରତି ମାସରେ ମୁଁ ନାନା ବିଷୟରେ କହେ । ୧୯୭୮ ମସିହାରେ ମୁଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ହେଲି । ସେଠି ସତର ଅଠର ବର୍ଷ ରହିଲି । ଗବେଷଣା କଲି କ୍ଷୁଦ୍ରଗଳ୍ପ ସମ୍ପର୍କରେ । ଅନେକ ପୁସ୍ତକ ପ୍ରକାଶ ପାଇଲା । କବିତା, ଗଳ୍ପ, ରମ୍ୟରଚନା, ସମାଲୋଚନା, ଶିଶୁସାହିତ୍ୟ, ପ୍ରବନ୍ଧ ଓ ସମ୍ପାଦନା ଗ୍ରନ୍ଥ ପ୍ରାୟ ୯୦ ଖଣ୍ଡ ପ୍ରକାଶ ପାଇଲା । ବିଭିନ୍ନ ପତ୍ରପତ୍ରିକାରେ ମୋର ସମାଲୋଚନା ଓ ରମ୍ୟରଚନା ପ୍ରକାଶ ପାଉଥାଏ । ମଝିରେ ମଝିରେ କବିତା ଲେଖେ । ସେହି ବାଣୀବିହାରରେ ଥିଲାବେଳେ ଅନେକ ଦୁଃଖଦ ଘଟଣା ଘଟିଲା । ମୁଁ ଅନୁଭବ କଲି ଶିକ୍ଷିତ ବ୍ୟକ୍ତିମାନଙ୍କର ହୀନମନ୍ୟତା, ଈର୍ଷା ଓ ପରଶ୍ରୀକାତରତା । ବହୁ ଅସୁବିଧାରେ ମୋତେ ପକାଇଛନ୍ତି । ମୁଁ ନାନା ସ୍ଥାନକୁ ସଭାରେ ଭାଷଣ ଦେବାକୁ ଯାଏ । ବନ୍ଧୁମାନଙ୍କର ଚକ୍ରାନ୍ତକୁ ମୁଁ ବୁଝିପାରେ ନାହିଁ । ମୋ ଭିତରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହେଲା ତାହାକୁ ମୋର ରମ୍ୟରଚନାମାନଙ୍କରେ ପ୍ରକାଶ କରିଅଛି । ଆଜି ଦେଖିଲିରେ, କହିବାକୁ ଲାଜ, ଇଛନ୍ତି ଦାମ୍ଭିକେ, ନାରୀର ମୁହଁ, ରଙ୍ଗ ସଭା, ସଞ୍ଜୟ ଉବାଚ, ଗୋପଦାଣ୍ଡେ ଓ ଅନ୍ୟାନ୍ୟ ପ୍ରବନ୍ଧ ଆଦି କେତେ ପୁସ୍ତକ ପ୍ରକାଶ ପାଇଲା । ରମ୍ୟରଚନା ମୋ ଜୀବନର ନିଛକ ଅନୁଭବର କଥା । ସେଥିରେ ମୁଁ ପ୍ରାୟ ଉପନିଷଦ, ଭାଗବତ, ରାମାୟଣ, ମହାଭାରତ ଓ ଲୋକକଥାରୁ ଉଦାହରଣ ଦେଇ ମୋ ବକ୍ତବ୍ୟକୁ ପୁଷ୍ଟ କରିଥାଏ । ସମାଲୋଚନାରେ ମୁଁ ମାଟି, ମଣିଷ ଓ ସଂସ୍କୃତିକୁ ଗୁରୁତ୍ୱ ଦିଏ । ମୁଁ ଜାଣେ ଯେ ଲେଖକଟିର ଯଦି ମାଟି ପ୍ରତି ମମତା ନାହିଁ, ମଣିଷ ପ୍ରତି ଶ୍ରଦ୍ଧା ନାହିଁ ଓ ଆପଣାର ସଂସ୍କୃତି ପ୍ରତି ମମତା ନାହିଁ, ସିଏ ବାହାର ଜଗତରୁ ମାଲ ମସଲା ଆଣି ସାହିତ୍ୟକୁ ଯେତେ ବୌଦ୍ଧିକ କଲେ ମଧ୍ୟ ତାର ଲେଖାର ମୂଲ୍ୟ ରହେ ନାହିଁ । ଅସଲ କଥା ହେଲା ଶ୍ରଦ୍ଧା । ଶ୍ରଦ୍ଧାଶୀଳ ବ୍ୟକ୍ତି ହିଁ ଜ୍ଞାନୀ ହୁଏ । ତାର ଜ୍ଞାନ ଅହଙ୍କାରର ନୁହେଁ । ଯିଏ ନିଜ ପ୍ରତି, ନିଜର ମାଟି, ମଣିଷ ଓ ସଂସ୍କୃତି ପ୍ରତି ଅଙ୍ଗୀକାରବଦ୍ଧ ଓ ଶ୍ରଦ୍ଧାଶୀଳ ସିଏ ଅହଙ୍କାରୀ ହୁଏ ନାହିଁ । ସେଇ ମଣିଷ ଆଦୌ ଏକଲା ବା ନିଃସଙ୍ଗ ହୁଏ ନାହିଁ । ମୁଁ ଲକ୍ଷ୍ୟ କଲି ଆମ ଓଡ଼ିଆ ସାହିତ୍ୟରେ ୧୯୬୦ ମସିହା ପରବର୍ତ୍ତୀ କାଳରୁ କବି ଓ ଲେଖକମାନେ ମଣିଷର ଏକଲାପଣ ଓ ନିଃସଙ୍ଗତା ଉପରେ ଗୁରୁତ୍ୱ ଦେଉଛନ୍ତି । କଥାକଥାକେ କିର୍‌କେଗାର୍ଡ୍, କାମ୍ୟୁ, କାଫ୍‌କା, ଆନ୍ଦ୍ରେଜିଦ ଓ ସାର୍ତ୍ରେଙ୍କ କଥା କହି ନିଃସଙ୍ଗତାର ବେଦଗାନ କରୁଛନ୍ତି । ଏହା ମୁଁ ସ୍ୱୀକାର କରେନାହିଁ । ମୁଁ ତ ନିଜକୁ କେବେ ଏକଲା ମନେ କରିନାହିଁ । ମୋ ପରିବାର ଭିତରେ ମୁଁ ଏକଲା ନୁହେଁ । ମୋ ଗାଁରେ, ମୋ ସମାଜରେ ମୁଁ ଆଦୌ ଏକଲା ନୁହେଁ । ମଣିଷଙ୍କୁ ଛାଡ଼ି, ମାଟିକୁ ଛାଡ଼ି, ସମାଜକୁ ଛାଡ଼ି ମୋର ସ୍ଥିତି କେଉଁଠି ? ତେଣୁ ମୁଁ ଏକୁଟିଆ

Digitized by srujanika@gmail.com

ଆପଣଙ୍କୁ ଗ୍ରହଣ କରିପାରେ ନାହିଁ । ମୋ ସାହିତ୍ୟ ସମଗ୍ରର ସାହିତ୍ୟ । ଏକୁଟିଆ ମଣିଷର ନୁହେଁ । ଏକୁଟିଆ ମଣିଷର ଇତିହାସ ନ ଥାଏ; ଥାଏ ସମଗ୍ରର । ମୁଁ ଏହି ସମଗ୍ରରେ ବିଶ୍ୱାସୀ ।

ଆଉ ଗୋଟିଏ କଥା ମୁଁ ଲକ୍ଷ୍ୟ କଲି ଲେଖକମାନେ କ୍ରମଶଃ ଆତ୍ମପ୍ରଚାରଧର୍ମୀ ହୋଇଯାଉଛନ୍ତି । ଲୋକେ ବାହାବା କୁହନ୍ତୁ - ଇଏ ଯେମିତି ଲକ୍ଷ୍ୟ ହୋଇଯାଉଛି । ମୁଁ ଜାଣେ ଯେ ରାଜନୀତିରେ ଲବିଥାଏ, ତୋଷାମୋଦ ଥାଏ । ସାହିତ୍ୟ ଜଗତରେ ଏହା ନ ଥାଏ । ମାତ୍ର ମୋ ଜୀବନ କାଳ ଭିତରେ ଦେଖିଲି ସାହିତ୍ୟରେ ଲବି ଓ ତୋଷାମୋଦ ଆକାଶକୁ ଛୁଇଁ ଯାଇଛି । ଏହାଦ୍ୱାରା ହୁଏତ କିଛି ଚତୁର ଉପରକୁ ଉଠିଛନ୍ତି, କେତେ କେତେ ପୁରସ୍କାର ପାଇଛନ୍ତି, କେତେ ଉପାଧି ମଧ୍ୟ ପାଇଛନ୍ତି; ହେଲେ ଏହାଦ୍ୱାରା ଆମ ସାହିତ୍ୟର କ'ଣ ଉପକାର ହୋଇଛି ? ବର୍ଗ ଭେଦ ସୃଷ୍ଟି ହୋଇଯାଇଛି ଲେଖଙ୍କ ଭିତରେ । କିଛି ବଡ଼ବଡ଼ିଆ ଉପାଧି ଓ ପୁରସ୍କାରଧାରୀ ଲେଖକଙ୍କ ପାଖରେ ତୋଷାମୋଦକାରୀମାନେ ଗୁଡ଼ ମାଠିଆକୁ ପିମ୍ପୁଡ଼ି ଘେରିଲା ପରି ଘେରି ରହୁଛନ୍ତି । ଉଦ୍ଦେଶ୍ୟ ସେମାନଙ୍କ ଆଶୀର୍ବାଦରୁ କଣ କିଛି ପାଇଯିବେ । ଏଇଟା ଆମ ସାହିତ୍ୟ ପାଇଁ ଶୁଭ ଲକ୍ଷଣ ନୁହେଁ । କେହି ଲେଖକ କହୁଛନ୍ତି ଯେ ସମ୍ପ୍ରତି ପୃଥିବୀ ଛୋଟ ହୋଇଯାଇଛି । ଗୋଟିଏ ବୃହତ୍ ଗ୍ରାମରେ ପରିଣତ ହୋଇଛି । ଏଣୁ ଆମେ ଆମ ଘର ଦରଜା ବନ୍ଦ କରି ରହିପାରିବା ନାହିଁ । ବାହାରର ପବନ ଆମ ଘର ଭିତରକୁ ଆସୁଛି । ତେଣୁ ସେମାନଙ୍କ ଜୀବନଶୈଳୀ, ଆଚାରବିଚାରକୁ ଆମେ ନିଜର ନ କରିବା କାହିଁକି ? ଏହା ଯଦି ନ କରିବା ଆମେ କୂପ ମଣ୍ଡୂକ ହୋଇଯିବା । ତେବେ ମୁଁ ଭାବେ - ଆମ ମାଟି ପାଣିପବନକୁ କ'ଣ ଉଜେଇଦେବା ? ଏହାରି ଉପରେ ଛିଡ଼ା ହୋଇ ଆମେ କ'ଣ ପୃଥିବୀବ୍ୟାପୀ ହୋଇପାରିବା ନାହିଁ ? ଆମେ କ'ଣ ଆମ ସମାଜର ଅସହାୟ ତଳିଆବର୍ଗକୁ ଉତ୍ତୋଳନ କରିବା ପାଇଁ ସାହିତ୍ୟକୁ ମାଧ୍ୟମ କରିପାରିବା ନାହିଁ ? କେହିକେହି ହାମବଡ଼ା ଲେଖକ କହିବାର ମୁଁ ଶୁଣିଛି ଯେ ସମାଜର ବା ରାଜ୍ୟର ଉନ୍ନତି କରିବା ସରକାରଙ୍କର କାମ; ଲେଖକଙ୍କର ନୁହେଁ । ଏକଥା ମୋ ମନକୁ ପାଏ ନାହିଁ । । କାରଣ ମୁଁ ଜଣେ ସାମାଜିକ ମଣିଷ । ଗୋଟା ସମାଜ ମୋ ଭିତରେ ଓ ମୁଁ ସମାଜ ଭିତରେ । ସମାଜ କଥା ମୁଁ ନ ଭାବିବି କେମିତି ? ଲେଖକ ନିଜେ ଗୋଟିଏ ଜାଗ୍ରତ ଚେତନା । ତା' ଭିତରେ ଗୋଟା ସମାଜର, ସମୟର ଚେତନା ଫୁଟି ଉଠେ । ସେ ତା'ର ଲେଖା ଭିତରେ ସେହି ସମଗ୍ର ମଣିଷର ଚେତନାଟିକୁ ନ ଦେବ କେମିତି ? ତାହା ହିଁ ସମାଜର ବା ରାଜ୍ୟର କର୍ଣ୍ଣଧାରମାନଙ୍କୁ ଖୋରାକ ଯୋଗାଏ । ଲୋକଙ୍କ ଭିତରେ ମଧ୍ୟ ଚେତନା ଜାଗ୍ରତ କରେ । ଏହା କିନ୍ତୁ ଆମ ସାହିତ୍ୟରେ ହେଉନାହିଁ । ଏକଦା ଆମ

Digitized by srujanika@gmail.com

ସାହିତ୍ୟରେ ଆବସାର୍ଡ ନାଟକକୁ ନେଇ ବହୁ ତୁମ୍ଭିତୋଫାନ ହେଲା । କଥାକଥାକେ ସାମୁଏଲ୍ ବ୍ୟାକେଟ, ବ୍ରେସେଟ୍, ହାରୋଲ୍ଡ ପିଣ୍ଟର, ବିଜୟ ତେନ୍ଦୁଲକର, ମୋହନ ରାକେଶ, ବାଦଲ ସରକାରଙ୍କ କଥା କୁହାଗଲା । ଆମ ପାରମ୍ପରିକ ନାଟକ ବନ୍ଦ ହୋଇଗଲା । ସଂଜ ହେଲା ନିଷ୍ପ୍ରଦୀପ । ହେଲେ ଏଇ ଧାର କରା ନାଟକ ବେଶିଦିନ ତିଷ୍ଠିପାରିଲା ନାହିଁ । ମାତ୍ର ଦଶବର୍ଷ ଭିତରେ ଏ ନାଟକର ଡୋର ବନ୍ଧା ହୋଇଗଲା । ପୁଣି ନାଟକରେ ଯାତ୍ରା ଆଙ୍ଗିକ ନିଆଗଲା, ଲୋକାନୁଷଙ୍ଗର ପ୍ରୟୋଗ ହେଲା । ତଥାପି ଏ ନାଟକ ରହିଲା ନାହିଁ । ଅପେରାର ହେଲା, ସ୍ୱର୍ବିତ ଗତି । କାହିଁକି 'ଯାର ଦେଖି ତାର ଦେଖି ମୋର ଡେଉଁଛି ଡାହାଣ ଆଖି' ମୁଁ ମୋତେ ଏକଥା ବୁଝିପାରେ ନାହିଁ ।

ମୁଁ ମୋ ଜୀବନର ଅଭିଜ୍ଞତାରୁ ଜାଣେ ଯେ ସାହିତ୍ୟ କେବେ କଳ୍ପନାର ଫୁଲବନ ନୁହେଁ ବା ଛଦ୍ମବୌଦ୍ଧିକତାର ଇସ୍ତାହାର ନୁହେଁ । ଅସ୍ଥିର ଆବେଗ ବା ଅହଂର ଓଁକାର ମଧ୍ୟ ନୁହେଁ । ଏହା ଆତ୍ମାର କଥା କୁହେ, ହୃଦୟର କଥା କୁହେ । ଏହା କେବେ ଏକ ବ୍ୟବସାୟ ନୁହେଁ ବା ଲାଭକ୍ଷତିର ହିସାବ ନୁହେଁ । ମମତା ଓ ଶ୍ରଦ୍ଧାରେ ଏହା ପ୍ରାଣବନ୍ତ । ସେହି ଶ୍ରଦ୍ଧା ଆମ ଭିତରୁ ଦୂରେଇଯାଇଛି । ଲେଖକ ବୋଲି କେହି କାହାରି ପ୍ରତି ହାତ ବଢ଼ାଇ ଦେଉନାହିଁ । ଗୋଟାଏ ଭ୍ରାନ୍ତ ଅହମିକା ଯେମିତି ରାହୁ ପରି ଗ୍ରାସିଯାଉଛି । ସାହିତ୍ୟର ଚନ୍ଦ୍ରମା ଯେମିତି ହୋଇଯାଉଛି ଅନ୍ଧକାରାଚ୍ଛନ୍ନ । ଏହା ସତ୍ତ୍ୱେ ଯେ ଅହଂକାର ବି ନିର୍ମୁକ୍ତ ଶ୍ରଦ୍ଧାଶୀଳ ଲେଖକ ନାହାନ୍ତି; ନୁହେଁ । ଅଛନ୍ତି ମାତ୍ର ସେମାନଙ୍କ ସଂଖ୍ୟା କମ୍ । ମୁଁ ଭାରତର ସାହିତ୍ୟିକ ପାଣିପାଗ ଦେଖିଛି, ଅନୁଭବିଛି । ଆମର କିନ୍ତୁ ନିଆରା । ଏଠି ଗୋଡ଼ଟଣାଟଣି ଓ ତୋଷାମୋଦି । ବିଶ୍ୱଭାରତୀ, ଶାନ୍ତିନିକେତନରେ ମୁଁ ୧୯୯୭ ମସିହାରୁ ସାତ ବର୍ଷ ପ୍ରଫେସର୍ ଭାବରେ ରହିଲି । ତାହାର ଭବ୍ୟ ପ୍ରାକୃତିକ ପରିବେଶ ମୋତେ ମୁଗ୍ଧ କରିଛି । କବିଗୁରୁ ରବୀନ୍ଦ୍ରନାଥଙ୍କ ଅନୁଷ୍ଠାନ ବୋଲି ମୁଁ ତା' ପ୍ରେମରେ ପଡ଼ିଛି । ବଙ୍ଗାଳୀ ଓ ଅନ୍ୟ ଭାଷୀ ଅଧ୍ୟାପକଙ୍କ ସହିତ ମିତ୍ରତା ବଢ଼ିଛି । ମାତ୍ର ଓଡ଼ିଆ ବିଭାଗରେ କ୍ଷୁଦ୍ରତା ଓ ସଂକୀର୍ଣ୍ଣତା ଦେଖି ମର୍ମାହତ ହୋଇଛି । ସମାଧାନ ପାଇଁ ଉଦ୍ୟମ କରିଛି । ବ୍ୟକ୍ତି-ସ୍ୱାର୍ଥ ସେମାନଙ୍କୁ ଏତେ ଗ୍ରାସ କରିଥାଏ ଯେ ମୋ ପକ୍ଷରେ କଷ୍ଟକର ହୋଇଛି ସମାଧାନ ପାଇଁ । ତେଣୁ ବାରମ୍ବାର ମୁଁ ଜାତୀୟ ସେମିନାରର ଆୟୋଜନ କରିଛି । ବିଶ୍ୱଭାରତୀ ଓଡ଼ିଆ ସମାଜକୁ ସକ୍ରିୟ କରିଛି । କେତେଜଣଙ୍କ ସ୍ନେହ ଶ୍ରଦ୍ଧା ଓ ସହଯୋଗରେ ମୁଁ ଚମତ୍କୃତ ହୋଇଛି । ସେଠି ଥିଲାବେଳେ ଅନେକ ବହି ପଢ଼ିଛି ଲାଇବ୍ରେରୀରେ । ଅନେକ ଲେଖା ମଧ୍ୟ ଲେଖିଛି । କେତେ ଖଣ୍ଡ ବହି ମଧ୍ୟ ମୋର ପ୍ରକାଶ ପାଇଛି । ମୋ ଅଧ୍ୟାପକ ଜୀବନରେ ମୁଁ ଦେଖିଛି ବିଶ୍ୱବିଦ୍ୟାଳୟମାନଙ୍କରେ ଅଧ୍ୟାପକମାନଙ୍କର ସଂକୀର୍ଣ୍ଣତାକୁ । ଟିକିଏ ଟିକିଏ କ୍ଷମତା ପାଇଁ

Digitized by srujanika@gmail.com

ସେମାନେ କିପରି ଯଥେଚ୍ଛାଚାରୀ ହୋଇଯାଆନ୍ତି ତାହାକୁ ମୁଁ ଉପଲବ୍ଧି କରିଛି । ଏସବୁ ମଧ୍ୟ ମୋ ରମ୍ୟରଚନାରେ ପ୍ରକାଶ ପାଇଛି ।

୨୦୦୪ ମସିହାରେ ମୁଁ ଅବସର ନେଇ କଟକରେ ରହୁଛି । ଏହା ମଧ୍ୟରେ ନଅବର୍ଷ ବିତିଗଲାଣି । ଦିନଟିଏ ବି ବିଶ୍ରାମ ପାଉନାହିଁ । ସବୁଦିନେ ପ୍ରାୟ ସଭାସମିତି । କାହିଁ କେତେ ଦୂର । କୋରାପୁଟ ତ ସମ୍ବଲପୁର, ବାରିପଦା ତ ବାଲେଶ୍ୱର, ପୁରୀ ତ ଗଞ୍ଜାମ । କ୍ଲାନ୍ତ ହୋଇନାହିଁ । କାରଣ ସାହିତ୍ୟ ମୋ ଜୀବନର ଶକ୍ତି । ସେହି ଶକ୍ତି ବଳରୁ ମୁଁ ଚାଲୁଛି । ୧୯୭୦ ମସିହାରୁ ମୁଁ ଘରଭଡ଼ା ନେଇ ରହିଲି ଚାଉଳିଆଗଞ୍ଜରେ । ସେହିଦିନଠାରୁ ମୋ ସ୍ତ୍ରୀ ଓ ପିଲାମାନେ ମୋ ସହିତ ରହିଛନ୍ତି । ଚାଉଳିଆଗଞ୍ଜର ଘରେ ଘରେ ମୁଁ ପରିଚିତ । ବୁଢ଼ା ବାପା, ବୁଢ଼ୀମାଆ, ବାପା, ମାଆ, ପୁଅ, ଝିଅ ସମସ୍ତଙ୍କ ପାଖରେ ମୁଁ 'ସାର୍' ରୂପେ ପରିଚିତ । ସମସ୍ତେ ଭଲ ପାଆନ୍ତି । ସମସ୍ତଙ୍କ ସୁଖଦୁଃଖରେ ମୁଁ ଭାଗ ନିଏ । ସାହିରେ ଧର୍ମସଭା, ବା ସାଂସ୍କୃତିକ ସଭା ହେଲେ ମୁଁ ଯୋଗ ଦିଏ । କେତେ ଜଣ ଲୋକଙ୍କ ଚରିତ୍ରକୁ ନେଇ ମୁଁ ଗପ ମଧ୍ୟ ଲେଖିଛି । ମୁଁ ଏହି ଅଞ୍ଚଳର ସାଧାରଣ ଲୋକଙ୍କ ସହିତ ମିଶେ । ମୋତେ ମୋ ଅଭିଜାତ ବନ୍ଧୁମାନେ ଥଟ୍ଟା କରନ୍ତି । ମୁଁ କିନ୍ତୁ ମୋ ଜୀବନର ଆଦର୍ଶରେ ଅବିଚଳ । ଏଇ ସାଧାରଣ ମଣିଷମାନଙ୍କ ମଣିଷପଣିଆ ଆମ ପରି ଅଭିଜାତ ବୋଲାଉଥିବା ଉଚ୍ଚ ଶିକ୍ଷିତଙ୍କ ପାଖରେ ଅଛି କି ? ତେଣୁ ମୁଁ ନିଃସଙ୍ଗ ନୁହେଁ, ଏକାକୀ ନୁହେଁ । ସବୁବେଳେ ମୁଁ ଚିନ୍ତା କରିଆସିଛି ମୁଁ ସମାଜର ମଣିଷ, ମୋ ମାଟି-ବୁନିୟାଦିର ମଣିଷ, ତିଳିଆବର୍ଗର ମଣିଷମାନଙ୍କୁ ନେଇ ମୋର ଜୀବନ । ମୁଁ ବିଶ୍ୱାସ କରେ ସମାଜବାଦରେ । ତାହା କିନ୍ତୁ ଛଳନାର ନୁହେଁ, ଲୋକଙ୍କୁ ଭୁଲେଇ ଭୋଟ ନେବାର ନୁହେଁ, ଜବରଦସ୍ତ ହାଣ କାଟ କରି ନୁହେଁ । ଅଧ୍ୟାତ୍ମ ଉଦ୍ଦୀପିତ ସମାଜବାଦ । ଦିନେ ଏହା ହେବ ବୋଲି ମୋର ବିଶ୍ୱାସ । ବସ୍ତୁଗତ ଓ କ୍ଷମତାଗତ ମୋହ ଖସିଗଲା ପରେ ଯାଇଁ ଏହା ସମ୍ଭବ ହେବ ।

ମୋର ଚଉସ୍ତରୀ ବର୍ଷ କାଳର ଜୀବନ ଭିତରେ କେତେ କେତେ ଲୋକଙ୍କ ସହିତ ମିଶିଛି । କେଉଁଠି ଦେଖିଛି, ମେଞ୍ଚା ମେଞ୍ଚା ଅନ୍ଧାର । ସେଇ ଅନ୍ଧାର ଭିତରେ ଶୁଣିଛି ଗୋଟାଏ ମଦମତ୍ତ 'ମୁଁ'ର ବିଳାପ । ଶୁଣିଛି କେବଳ ସେଇ ମଣିଷମାନଙ୍କର ମୋ ପୁଅ, ମୋ ଝିଅ, ମୋ ଜ୍ୱାଇଁ ପରି ଆଉ କେହିନାହାନ୍ତି । ଦେଖିଛି ଏତାଦୃଶ ମଣିଷମାନଙ୍କ ଘରେ ବୋହୂ ପ୍ରତି ନିର୍ଯ୍ୟାତନା, ଯୌତୁକ ପ୍ରତି ମୋହ, ମାଲିମକଦ୍ଦମା, ଅନୁଭବିଛି ଯେଉଁମାନଙ୍କର ଉପର ମହଲରେ ପ୍ରଭାବ ଅଛି, ପୋଲିସ୍‌କୁ କୌଣସି ଉପାୟରେ ବଶୀଭୂତ କରିପାରୁଛନ୍ତି, ବିଚାର ବିଭାଗକୁ ନିଜ ଆୟତକୁ ଆଣିପାରୁଛନ୍ତି ସେମାନେ ସବୁ ଅଭିଯୋଗରୁ ମୁକ୍ତ

Digitized by srujanika@gmail.com

ହୋଇଯାଇ ସାଧୁ ପାଲଟି ଯାଉଛନ୍ତି । ଅଥଚ କେହି ହେଲୁ ନାହିଁ ସେହି ଝିଅଟିର କ'ଣ ହେଲା ? ସବୁଠି ଯେ ଏଇଆ ହେଉଛି ତାହା ନୁହେଁ । ମୁଁ ଜାଣେ ଜଣେ ସ୍ତ୍ରୀଲୋକ ସ୍ୱେଚ୍ଛାଚାରିଣୀ ହୋଇଯାଇ ସକଳ ମୂଲ୍ୟବୋଧକୁ ହରାଇଦେଇ ସ୍ୱାମୀକୁ ମାଡ଼ ଦେଇଛନ୍ତି, ସ୍ୱାମୀକୁ ମାରିଦେବା ପାଇଁ ଗୁଣ୍ଡା ଲଗାଇଛନ୍ତି, ମୋକଦ୍ଦମା କରି ଅବସ୍ଥା ଅସମ୍ଭାଳ କରିଦେଇଛନ୍ତି । ଏହା ମୋ ଭିତରେ ପ୍ରତିକ୍ରିୟା ସୃଷ୍ଟି କରେ । ମୁଁ ଭାବେ ହାୟ ! କୁଆଡ଼େ ଗଲା ଆମର ସ୍ନେହଶ୍ରଦ୍ଧା ଓ ପରପାଇଁ ଆତ୍ମବଳିଦାନର ସଂସ୍କୃତି ? ଅପରପକ୍ଷରେ ମୁଁ ଦେଖେ କେତେକ ସ୍ଥାନରେ ସ୍ନିଗ୍ଧ ଚନ୍ଦ୍ରାଲୋକ । ସେଠି କେବଳ ଅମୃତର ବର୍ଷା । ଏହି ଅନୁଭୂତିକୁ ନେଇ ମୋ ସାହିତ୍ୟ ଗଢ଼ି କରିଛି ।

କେତେ କେତେ ଲେଖକ/ଲେଖିକା ମୋ ଘରକୁ ଆସିଛନ୍ତି । ଯିଏ ଯେଉଁ ଜାତିର ବା ଧର୍ମର ହେଉ ସେଥିପ୍ରତି ମୁଁ ଆଦୌ ଚିନ୍ତା କରେ ନାହିଁ । ସେମାନଙ୍କ ମମତାବୋଳା କଥାରେ ମୁଁ ମୁଗ୍ଧ ହୁଏ । ସେମାନେ କୌଣସି ପାଣ୍ଡୁଲିପି ଦେଲେ ମୁଁ ମୁଖବନ୍ଧ ଲେଖିଦିଏ । ଗାଁଠାରୁ ଆରମ୍ଭ କରି ନଗର ପର୍ଯ୍ୟନ୍ତ ମୋ ସୀମିତ କ୍ଷମତା ଅନୁସାରେ କେତେ ଦରିଦ୍ର ଅସହାୟ ଲୋକଙ୍କୁ ସାହାଯ୍ୟ କରିଛି । କେତେ ଦରିଦ୍ର ପିଲାଙ୍କୁ ସାହାଯ୍ୟ କରି ପାଠ ପଢ଼ାଇଛି । କେତେ ଲୋକଙ୍କୁ ବିଭିନ୍ନ କ୍ଷେତ୍ରରେ ଚାକିରି କରାଇଦେଇଛି । ୧୯୬୦ ମସିହାରୁ ମୋର ବୈବାହିକ ଜୀବନ ଆରମ୍ଭ ହୋଇଛି । ଏବେ ଦୀର୍ଘ ତେପନ ବର୍ଷ ଧରି ଆମ ଜୀବନ-ନୌକା ଭାସି ଚାଲିଛି ସଂସାର-ସାଗରରେ । ମୋ ସ୍ତ୍ରୀ ମୋତେ ହେମତ ଦେଇଛି ମୋ ସଙ୍କଟ ସମୟରେ । ମୋ ଘର ସେ ଚଳେଇଛି । ମୋ ପିଲାମାନଙ୍କୁ ପାଠ ପଢ଼େଇଛି । ବନ୍ଧୁବାନ୍ଧବଙ୍କ କଥା ବୁଝିଛି । ସିଏ ଯେ ମୋ ଉପରେ ରାଗେ ନାହିଁ; ନୁହେଁ । ରାଗେ; ଅଳ୍ପ କେଇ ମୁହୂର୍ତ୍ତରେ ଶାନ୍ତ ହୋଇଯାଏ । ସିଏ ପ୍ରକୃତ ଘରଣୀ । ଭାରି ଧର୍ମପ୍ରାଣା, କର୍ତ୍ତବ୍ୟପରାୟଣା । ଏଇ ମୋ ଜୀବନ । ମୋର ସୁଖଦୁଃଖର ସାଧାରଣ ଜୀବନ । ମୋତେ ବିହ୍ୱଳ କରିଛି ଗୋଟାଏ ଅନାବିଳ ଭଲ ପାଇବା । ଏହି ଭଲ ପାଇବାକୁ ନେଇ ମୋ ସାହିତ୍ୟ । କପଟତା କଣ ଜାଣିନାହିଁ । ମୋ ଜୀବନ ଗୋଟାଏ ଖୋଲା ପୁସ୍ତକ । ମୁଁ ଯାହା ମୋ ସାହିତ୍ୟ ତାହା । ଜୀବନସାରା ପଢ଼ିଛି ଓ ଲେଖିଛି । ମୋ ଲାଇବ୍ରେରୀ ଘର ଭଲ ତ ମୁଁ ଭଲ । ଏଇ ମୋ ପୃଥିବୀ । କେତେ ଯେ ମୋର ଛାତ୍ରଛାତ୍ରୀ ଚାରିଆଡ଼େ ବିଛେଇ ହୋଇ ରହିଛନ୍ତି କହିପାରିବି ନାହିଁ । କେଉଁଠି କେମିତି ଦେଖା ହୋଇଗଲେ ସେମାନଙ୍କ ଭବ୍ୟ ଶ୍ରଦ୍ଧା ମୋତେ ଅଭିଭୂତ କରିଦିଏ । କେତେ ଯେ ମୋତେ ସମାଲୋଚନା କରନ୍ତି ନାହିଁ; ନୁହେଁ । କରନ୍ତି; ମୁଁ କିନ୍ତୁ ମନେ ମନେ ସେମାନଙ୍କୁ କ୍ଷମା ଦେଇଦିଏ । ମୁଁ ଭଲ ପାଏ ମଣିଷଙ୍କୁ, ମାଟିକୁ, ଜୀବନକୁ ଓ ମୋର ସଂସ୍କୃତିକୁ । ମୁଁ ଆଧୁନିକ କି ଉତ୍ତର ଆଧୁନିକ,

Digitized by srujanika@gmail.com

ପାରମ୍ପରିକ କି ଆଉ କ'ଣ - ଏ ନେଇ ମୁଣ୍ଡ ଖେଳାଏ ନାହିଁ । ମୁଁ ଭାବେ ଏସବୁ ଗୋଟାଏ ଗୋଟାଏ ମୋହର । ମୋର ଧାରଣା ମୋହରଗୁଡ଼ା ମଣିଷ ଭିତରେ ଭ୍ରାନ୍ତ ଅହମିକା ସୃଷ୍ଟି କରିଦିଏ । ତେଣୁ ମୋହରକୁ ପସନ୍ଦ କରେ ନାହିଁ; ମଣିଷଙ୍କୁ ମାନେ । ସାହିତ୍ୟକୁ ସାହିତ୍ୟ ଭାବରେ ଦେଖେ । ମୁଁ ଜାଣେ ଯେ ଯିଏ ଯେତେ ବଡ଼ ଲେଖକ ବା ଲେଖିକା ହେଉ, ସେ ଯଦି ତାର ପରମ୍ପରାକୁ, ଇତିହାସ ଓ ଐତିହ୍ୟକୁ ଭୁଲିଯାଏ ତେବେ ସେ ହିଂସ୍ର ହୋଇଯାଏ, ସଇତାନ ହୁଏ । ମୁଁ ମୁଁ ହୋଇ ମେଦିନୀ କି ପାଇଦିଏ । ତେଣୁ ମୁଁ ପରମ୍ପରାକୁ ସମ୍ମାନ ଦିଏ । ତାରି ଉପରେ ମୁଁ ନୂତନକୁ ସ୍ୱାଗତ କରେ । ଏହି ସମ୍ମାନବୋଧରୁ ମୋ ସାହିତ୍ୟର ଜନ୍ମ । ମୁଁ ଜାଣେ ଯେ ସାହିତ୍ୟ ଗୋଟିଏ ବ୍ୟକ୍ତିର କେବଳ ନୁହେଁ; ଗୋଟିଏ ଜାତିର ମଧ୍ୟ ପରିଚୟ । ସାହିତ୍ୟର ରାଜ୍ୟ ମିଳନରେ ରାଜ୍ୟ, ପ୍ରେମର ରାଜ୍ୟ, ସମ୍ପର୍କର ରାଜ୍ୟ । ତାହା ଅହଙ୍କାରର ଦୁନିଆଁ ନୁହେଁ, ଛଳନାର ଦୁନିଆ ନୁହେଁ । ତେଣୁ ମୋ ସାହିତ୍ୟ ଓ ମୋ ଜୀବନ ହୋଇଯାଇଛି ଏକ ଏବଂ ଅଭିନ୍ନ । ସେଥିରେ ଅଛି ମୋ ପ୍ରେମ, ମୋ ଭଲ ପାଇବା, ଅନ୍ୟକୁ ଆପଣେଇ ନେବାର ଆକାଂକ୍ଷା, ଅହଙ୍କାରୀ ମଦମତ୍ତ ମଣିଷମାନଙ୍କ ପ୍ରତି କଟାକ୍ଷ,ପରମ୍ପରାର ମୂଳଦୁଆ ଉପରେ ନୂତନର ସନ୍ଧାନ, ରାଜନୀତି ନାମରେ ଦେଶଟାକୁ ଖରାଦିନିଆ ପଟୁମାଟି ପରି ଚଡ଼ା ଚଡ଼ା ଫାଟ ସୃଷ୍ଟି କରୁଥିବା ଆତ୍ମମ୍ଭରୀ ନେତାଙ୍କ ପ୍ରତି ବିଦ୍ରୂପ, ଧର୍ମ ନାମରେ ବ୍ୟବସାୟ କରୁଥିବା ତଥାକଥିତ ଧର୍ମପୁରୁଷମାନଙ୍କ ପ୍ରତି ଶାଣିତ ଉକ୍ତି, ଲେଖକମାନଙ୍କର ତୋଷାମୋଦ ପ୍ରକୃତି ପ୍ରତି ଆକ୍ଷେପ ଓ ସର୍ବୋପରି ଓଡ଼ିଆତ୍ୱର ସ୍ୱାଭିମାନ ପ୍ରତିଷ୍ଠା ପାଇଁ ଆହ୍ୱାନ । ଏହା ହେଉଛି କି ନାହିଁ ସେଥିପାଇଁ ମୁଁ ମୁଣ୍ଡ ଖେଳାଏ ନାହିଁ । ଏହି ହେଉଛି ମୋର ଏକ ଅଲୋଡ଼ା ଜୀବନ ଓ ମୋ ସାହିତ୍ୟ । ବାସ୍ ଏତିକି, ଆଉ ଅଧିକା କ'ଣ ?

●●●

Digitized by srujanika@gmail.com

ମୋ' ଜୀବନ ମୋ' ସାହିତ୍ୟ

ଡ. ଗଗନେନ୍ଦ୍ର ନାଥ ଦାଶ(୧୯୪୦)

ମୁଁ ମୋର ଶିକ୍ଷାଜୀବୀ ଜୀବନର ୩୮ ବର୍ଷ ମଧ୍ୟରୁ ମାତ୍ର ଶେଷ ୧୫ ବର୍ଷ ଭାଷାବିଜ୍ଞାନ ବିଭାଗରେ ପ୍ରଫେସର ପଦବୀରେ ଅବସ୍ଥାପିତ ହୋଇଥିଲି । କେବଳ ସେଇ କାରଣରୁ ଓଡ଼ିଶାରେ ବହୁ ଲୋକ ମତେ ଜଣେ ଭାଷାବିଜ୍ଞାନୀ ବୋଲି ଜାଣନ୍ତି । ସେମାନଙ୍କ ନିକଟରେ ତାହା ହିଁ ମୋର ଏକମାତ୍ର ବା ମୁଖ୍ୟ ପରିଚୟ । (ଏବେ ଅବଶ୍ୟ ମୁଁ ଭାଷାବିଜ୍ଞାନର 'ଭ' ଅକ୍ଷର ଜାଣିନାହିଁ ବୋଲି କହୁଛନ୍ତି ମୋର ଜଣେ ପୂର୍ବତନ ଛାତ୍ର ଯାହାଙ୍କୁ ମୁଁ ଦିନେ ଭାଷାବିଜ୍ଞାନର ଖଡ଼ି ଛୁଆଁଇଥିଲି ଓ ଯେ ପରେ କି ମୋର ତତ୍ତ୍ୱାବଧାନରେ ଭାଷାବିଜ୍ଞାନରେ ଉଚ୍ଚତର ପିଏଚ୍.ଡି. ଉପାଧି ପାଇଁ ଗବେଷଣା କରି ତା ହାସଲ କରିପାରିଥିଲେ ତଥା ଦିନେ ମୁଁ ଓଡ଼ିଆ ଭାଷାଚର୍ଚ୍ଚା କ୍ଷେତ୍ରରେ ନୂଆ ବାଟ ଫିଟାଇଥିବାର ପ୍ରକାଶ ବି କରିଥିଲେ । ଅବଶ୍ୟ ଓଡ଼ିଆ ଭାଷା ଉପରେ ତାଙ୍କର କେତେକ ବକ୍ତବ୍ୟଭିତ୍ତିରେ ଭାଷାବିଜ୍ଞାନରେ ତାଙ୍କ ନିଜ ଜ୍ଞାନର ଗଭୀରତା, ଅବବୋଧର ସ୍ପଷ୍ଟତା ତଥା ଦୃଷ୍ଟିକୋଣଗତ ସ୍ୱଚ୍ଛତା ସମ୍ପର୍କରେ ସନ୍ଦେହ କରିବାର ଯଥେଷ୍ଟ କାରଣ ମଧ୍ୟ ଅଛି । ତେବେ ତା ତ ଏକ ସ୍ୱତନ୍ତ୍ର ବିଷୟ ।) ପୁଣି ଓଡ଼ିଆ ଭାଷାଚର୍ଚ୍ଚା କ୍ଷେତ୍ରରେ ମୋର ଅବଦାନ ତାର ଅଭିନବତ୍ୱ ପାଇଁ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ତାର ପରିମାଣ କମ୍ । ତେଣୁ ଗବେଷକମାନଙ୍କ ଦୃଷ୍ଟିରେ ତା ଯଦି କମ୍ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚିତ ହୁଏ ସେଥିରେ ମୁଁ ବିଶେଷ ବିସ୍ମିତ ହେବି ନାହିଁ ।

ପୁଣି ମତେ ଅବଶ୍ୟ କେତେକ ଲୋକ ଜଣେ ସାହିତ୍ୟ ସମାଲୋଚକର ସ୍ୱୀକୃତି ମଧ୍ୟ ଦିଅନ୍ତି । ହୁଏତ ତାର କାରଣ ମୁଁ ଓଡ଼ିଆରେ ସମ୍ମାନର ସହ (with Honours) ସ୍ନାତକ ହୋଇଥିଲି, ଓଡ଼ିଆରେ ଏମ୍.ଏ. ଅଧ୍ୟୟନ କରି ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଅଧ୍ୟାପକ ଭାବରେ ପ୍ରାୟ ୨୩ ବର୍ଷ କାମ କରିଛି ତଥା ଓଡ଼ିଆ ସାହିତ୍ୟ ସମ୍ପର୍କରେ ନୂତନ ଦୃଷ୍ଟିକୋଣରୁ ପ୍ରସ୍ତୁତ ଅନେକ ପ୍ରବନ୍ଧ ବି ପ୍ରକାଶ କରି କେତେକ ନୂତନ ସିଦ୍ଧାନ୍ତ ମଧ୍ୟ ଦେଇଛି । କିନ୍ତୁ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ନୂତନ ଧାରା ଫିଟାଇଥିବାର ପ୍ରାପ୍ୟ

Digitized by srujanika@gmail.com

ମୋର ଗୁରୁ ନଟବର ସାମନ୍ତରାୟଙ୍କର । ପଣ୍ଡିତ ନୀଳକଣ୍ଠ ପୂର୍ବେ ସୂଚନାତ୍ମକ ଭାବରେ ତାହା ପ୍ରକାଶ କରିଥିଲେ ହେଁ, ସାହିତ୍ୟର ବା କଳାର ଯଥାର୍ଥ ଅବବୋଧ ଓ ମୂଲ୍ୟାୟନରେ ତାର ସୃଷ୍ଟିକାଳ ବା ସୃଷ୍ଟିର ଇତିହାସକୁ ବିଚାରକୁ ନେବା ସର୍ବାଦୌ ଆବଶ୍ୟକ ବୋଲି ସ୍ପଷ୍ଟ ଭାବରେ ସେହିଁ କହିଥିଲେ ଓ ସାହିତ୍ୟ ସମାଲୋଚନା ପ୍ରସଙ୍ଗରେ ସେଇ ନୀତିର ଯଥାର୍ଥ ଉପଯୋଗ ମଧ୍ୟ କରିପାରିଥିଲେ । ମୁଁ କେବଳ ତାଙ୍କ ପ୍ରବର୍ତ୍ତିତ ଧାରାର ଅନୁବର୍ତ୍ତନ କରିଛି ଓ ହୁଏତ ବା ତାର କିଛି ସମ୍ପ୍ରସାରଣ କରିଛି ତଥା ତାହାକୁ ଏକ ସୈଦ୍ଧାନ୍ତିକ ଭିତ୍ତିଭୂମି ଯୋଗାଇଦେବାର ପ୍ରଚେଷ୍ଟା ବି କରିଛି ।

ତେବେ ମତେ କେହି କେବେ ଜଣେ ଐତିହାସିକର ସ୍ୱୀକୃତି ଦିଅନ୍ତି ନାହିଁ । ତେବେ ତା ତ ଅତ୍ୟନ୍ତ ସ୍ୱାଭାବିକ । କାରଣ, ମୋର ନା ଅଛି ଇତିହାସ ଶାସ୍ତ୍ରରେ କୌଣସି ଶିକ୍ଷାଗତ ଯୋଗ୍ୟତା, ନା ଅଛି ସେ ବିଭାଗରେ କେବେ ଅଧ୍ୟାପନାର ଅଭିଜ୍ଞତା । ଅବଶ୍ୟ ମୁଁ ବହୁ ବର୍ଷ ଧରି ଓଡ଼ିଶାର ଇତିହାସ ସମ୍ପର୍କିତ ଅନେକ ପ୍ରବନ୍ଧ ପ୍ରକାଶ କରି ତଥା ସାହିତ୍ୟ ଓ ଜନଶ୍ରୁତିକୁ ଇତିହାସର ଉପାଦାନ ଭାବରେ ବ୍ୟବହାର କରି ଓଡ଼ିଶା ଇତିହାସର ବହୁ ଅନ୍ଧକାରାବୃତ କୋଣଅନୁକୋଣକୁ ଆଲୋକିତ କରିବାର ଉଦ୍ୟମ କରିଆସୁଛି । ପୁଣି ମୋର ନିଜର ବିଶ୍ୱାସ ଯେ ଓଡ଼ିଶାର ଇତିହାସ ଚର୍ଚ୍ଚା କ୍ଷେତ୍ରରେ, ବିଶେଷ ଭାବରେ ସାଂସ୍କୃତିକ ଇତିହାସ ଚର୍ଚ୍ଚା କ୍ଷେତ୍ରରେ, ମୋର ଅବଦାନ, ପରିମାଣ ଦୃଷ୍ଟିରୁ ଯେତେ ସ୍ୱଳ୍ପ ହୋଇଥିଲେ ମଧ୍ୟ ତା ଯେତିକି ଗୁରୁତ୍ୱପୂର୍ଣ୍ଣ, ସାହିତ୍ୟ ସମାଲୋଚନା କ୍ଷେତ୍ରରେ ମୋର ଅବଦାନ ସେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ଅର୍ଥାତ୍ ମୋର ଇତିହାସ ଚର୍ଚ୍ଚା ତୁଳନାରେ ମୋର ସାହିତ୍ୟ ସମାଲୋଚନା କମ୍ ଗୁରୁତ୍ୱପୂର୍ଣ୍ଣ । ତାର ଗୋଟିଏ କାରଣ ହେଉଛି, ଓଡ଼ିଶାର ଇତିହାସ ଚର୍ଚ୍ଚା କ୍ଷେତ୍ରରେ ମୁଁ ନୂତନ ଧାରା ଫିଟାଇଛି ତଥା କେତେକ ନୂତନ ଦିଗନ୍ତର ସନ୍ଧାନ ଦେଇଛି ବୋଲି ମୋର ଦୃଢ଼ ବିଶ୍ୱାସ । ସେ କ୍ଷେତ୍ରରେ ସେପରି ସ୍ୱୀକୃତି କେହି କେହି ଐତିହାସିକ ବି ମତେ ଦେଇଛନ୍ତି ।

ତେବେ ମୋର ଅବଦାନ ସମ୍ବନ୍ଧରେ ମୋର ନିଜର ଏହି ଆକଳନ ଓ ନିଜର ବିଶ୍ୱାସ ଭ୍ରମାତ୍ମକ ହୋଇଥିବାର ଯଥେଷ୍ଟ ସମ୍ଭାବନା ଅଛି ବୋଲି ମୁଁ ସ୍ୱୀକାର ମଧ୍ୟ କରୁଛି । ମୋର ନିଜର ଆକଳନ ଓ ବିଶ୍ୱାସ ଠିକ୍ ହୋଇଥାଉ ବା ଭୁଲ୍ ହୋଇଥାଉ, ଅନ୍ତତଃ ମୋର ଏପରି ଆକଳନ ଓ ବିଶ୍ୱାସ ମଧ୍ୟରେ ମୋର ଗୋପନ ଇଚ୍ଛାଟି ହିଁ ଲୁକ୍କାୟିତ ଅଛି ବୋଲି ମନସ୍ତତ୍ତ୍ୱବିଦ୍ ମାନେ କହିବେ । ମୋର ଏପରି ଗୋପନ ଇଚ୍ଛାର ପଛରେ ଥିବା କାରଣର ଅନୁସନ୍ଧାନ କରିବାପାଇଁ ହେଲେ ପାଠକମାନଙ୍କୁ ପ୍ରଥମେ ଗୋଟିଏ ଗପ କହିବା ଆବଶ୍ୟକ । ପ୍ରକୃତରେ ଗୋଟିଏ ସତ୍ୟଭିତ୍ତିକ କାହାଣୀର ଭିତ୍ତିଭୂମି ଉପରେ ଠିଆ ହୋଇ

Digitized by srujanika@gmail.com

ମୁଁ ମୋ ଜୀବନର ଏ ଅଧ୍ୟାୟଟି ଲେଖୁଛି । ତା ହେଲେ ପାଠକପାଠିକାମାନେ ମୋର ବ୍ୟକ୍ତିତ୍ୱକୁ ତଥା ମୋର ଏପରି ଗୋପନ ଇଚ୍ଛାର ପଛରେ ଥିବା କାରଣକୁ ଭଲ ଭାବରେ ବୁଝିପାରିବେ ।

ଯେତେବେଳେ ପ୍ରେମ କଅଣ ତା 'ମୁଁ' ଭଲ ଭାବରେ ବୁଝିପାରିନଥିଲି ସେତିକିବେଳେ ଅର୍ଥାତ୍ ମୋର ଆଦ୍ୟ-କୈଶୋର, କୈଶୋର ଓ ଆଦ୍ୟ-ଯୌବନରେ ଓ ଏପରି କି ପୂର୍ଣ୍ଣ ଯୌବନ କାଳରେ ମଧ୍ୟ ମୋର ଜଣେ ପ୍ରେମାସ୍ପଦା ଥିଲେ ଓ ସେ ଏବେ ବି ମୋର ପ୍ରେମାସ୍ପଦା ଅଛନ୍ତି । ମୁଁ କେବେ ଓ କିପରି ତାଙ୍କର ପ୍ରେମରେ ପଡ଼ିଲି ତା ଅବଶ୍ୟ ମୋର ସ୍ମରଣ ନାହିଁ । ପୁଣି, ମୁଁ ତାଙ୍କ ପ୍ରେମରେ କେବଳ ପଡ଼ିସାରିନଥିଲି ନୁହେଁ, ଆକଣ୍ଠ ନିମଜ୍ଜିତ ହୋଇସାରିଥିଲି, ଉବୁଟୁବୁ ଯେ ହେଉଥିଲି ତା ବୁଝିପାରିଲି ବହୁ ବିଳମ୍ବରେ; ବୋଧହୁଏ ମୋ ବିବାହ ପରେ । କିନ୍ତୁ ସେତେବେଳକୁ ତ ଆଉ କିଛି କରିବାର ନ ଥିଲା; ମହାନଦୀରେ ଅନେକ ଜଳ ପ୍ରବାହିତ ହୋଇସାରିଥିଲା । ତେବେ ମୋର ବିବାହ ଯାହାଙ୍କ ସହ ହେଲା ସେ ମଧ୍ୟ ମୋର ପୂର୍ବ ପରିଚିତା ଓ ଏପରି କି ତାଙ୍କ ସହ ମୋର କିଛି ଗୋଟାଏ ଆବେଗ-ଗତ ସମ୍ପର୍କ ମଧ୍ୟ ଥିଲା ଯାହାକୁ ପ୍ରେମ ଆଖ୍ୟାରେ ଆଖ୍ୟାୟିତ କଲେ ବି ଆଦୌ ଭୁଲ ହେବ ନାହିଁ । ଅନ୍ୟ କଥାରେ ମୁଁ ତାଙ୍କୁ ମଧ୍ୟ ପ୍ରେମ କରୁଥିଲି । ତେବେ ପାର୍ଥକ୍ୟ ହେଉଛି ପୂର୍ବର ପ୍ରେମାସ୍ପଦାଙ୍କ ପ୍ରତି ମୋର ପ୍ରେମ ଅଧିକ ବିଚିତ୍ର ଓ ଅଧିକ ଗାଢ଼ ହୋଇଥିବା ସତ୍ତ୍ୱେ ମୁଁ ତାଙ୍କୁ ପ୍ରେମ କରୁଥିଲି ବୋଲି ସେପରି ସଚେତନ ନଥିବା ବେଳେ/ସମୟରେ ଯେ ମୋର ପତ୍ନୀ ହେଲେ ତାଙ୍କୁ ମୁଁ ସଚେତନ ଭାବରେ ହିଁ ପ୍ରେମ କରୁଥିଲି । କେବଳ ସେତିକି ନୁହେଁ, ତାଙ୍କୁ ବିବାହ କରିପାଇଥିବା ଯୌତୁକ ଓ ତାଙ୍କ ଆଡ଼ୁ ମିଳିଥିବା ସ୍ତ୍ରୀ-ଧନ ସୁଖସାଚ୍ଛନ୍ଦ୍ୟରେ ରହିବା ପାଇଁ ମତେ କିଛି ସୁଯୋଗ ମଧ୍ୟ ଦେଲା ।

ମୋର ଧର୍ମପତ୍ନୀ ବିବାହ ପୂର୍ବରୁ ମୋର ଆଦ୍ୟ ଜୀବନର ପ୍ରେମାସ୍ପଦାଙ୍କୁ ଭଲ ଭାବରେ ଜାଣିଥିଲେ ଓ ତାଙ୍କ ସହ ମୋର ଏକ ଆବେଗଗତ ସମ୍ପର୍କ ଅଛି ବୋଲି ବି ଜାଣିଥିଲେ । ତେବେ ନାରୀ ତ ! ତେଣୁ ତା ସତ୍ତ୍ୱେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିବାରୁ ହାରି ନ ଯାଇ ପ୍ରତିଯୋଗିନୀଙ୍କୁ ହରାଇଦେଇ ଅପାର ଆନନ୍ଦ ଲାଭ କରିବା ଉଦ୍ଦେଶ୍ୟରେ ତାଙ୍କର ଜିଦ୍ ହେତୁ ସେ ମତେ ବିବାହ କଲେ । କିନ୍ତୁ ତା ପରେ ସେଇ ପରାଜିତା ପ୍ରତିଯୋଗିନୀଙ୍କ ପାଇଁ ତାଙ୍କ ମନ ବୋଧହୁଏ କରୁଣାର୍ଦ୍ର ଓ ସହାନୁଭୂତିଶୀଳ ହୋଇଉଠିଥିଲା । ତେଣୁ ବିବାହ ପରେ ମଧ୍ୟ ସେ ତାଙ୍କର ସେଇ ପରାଜିତା ପ୍ରତିଯୋଗିନୀ ତଥା ମୋର ପ୍ରଥମ ପ୍ରେମାସ୍ପଦାଙ୍କ ପ୍ରତି ବିମୁଖ ନ ହୋଇ ତାଙ୍କୁ ସର୍ବଦା ଅତ୍ୟନ୍ତ ଆଦର କରନ୍ତି ଓ ତାଙ୍କ ସହ ଏକପ୍ରକାରର ସଖ୍ୟ ମଧ୍ୟ ସ୍ଥାପନ କରିପାରିଛନ୍ତି । ଏପରି କି

Digitized by srujanika@gmail.com

ମନେହୁଏ, ଉଭୟଙ୍କ ମଧ୍ୟରେ ପାଣି ବି ଗଳେ ନାହିଁ । କେବଳ ସେତିକି ନୁହେଁ, ବିବାହ ପରେ ମୋର ପତ୍ନୀ ମୋର ପ୍ରଥମ ପ୍ରେମାସ୍ପଦାଙ୍କ ସହ ମୋର ସଖ୍ୟ ବା ସମ୍ପର୍କକୁ କେବେ ବି ଆପତ୍ତି କରିନାହାନ୍ତି; ବରଂ ମୋର ତ ମନେହୁଏ ସେପରି ସମ୍ପର୍କକୁ ସେ ସର୍ବଦା ଉତ୍ସାହିତ ହିଁ କରିଛନ୍ତି । ଏହା ଅନ୍ୟମାନଙ୍କୁ ବିସ୍ମୟକର ବୋଲି ମନେ ହେଲେ ମଧ୍ୟ ମୋ ଜୀବନରେ ତାହା ହିଁ ସତ୍ୟ । ହୁଏତ ସେପରି କଲେ ହିଁ ମୁଁ ପ୍ରକୃତରେ ସୁଖରେ ରହିବି ବୋଲି ବିଶ୍ୱାସରୁ ମୋର ପତ୍ନୀ ଏପରି କରନ୍ତି ।

ତେବେ ମୋର ଧର୍ମପତ୍ନୀଙ୍କ ପ୍ରତି ମୁଁ ସମ୍ପୂର୍ଣ୍ଣ ଭାବରେ ବିଶ୍ୱସ୍ତ ଥିଲେ ମଧ୍ୟ ତାଙ୍କ ଅନୁଜା (ଅନ୍ତତଃ ସେତେବେଳେ ମୋର ତାହା ହିଁ ମନେ ହୋଇଥିଲା) ବା ମୋର ମଧୁର-ସମ୍ପର୍କୀୟାଙ୍କ ସହ ସାମୟିକ ରଙ୍ଗରହସ୍ୟ ମୋର ଜୀବନକୁ ମଧୁମୟ କରିବ ବୋଲି ମଧ୍ୟ ଭାବି ମୁଁ ତାହା ହିଁ କରୁଥିଲି । ସେଥିରେ କୌଣସି ବିପଦର ଆଶଙ୍କା କେବେ କରିନଥିଲି । କିନ୍ତୁ ତାହା ହିଁ ହେଲା ବିପଦର କାରଣ । ମୋର ପତ୍ନୀ ମୋ ବିବାହ ପରେ ମଧ୍ୟ ମୋର ପ୍ରଥମ ପ୍ରେମାସ୍ପଦାଙ୍କ ସହ ମୋ ସମ୍ପର୍କ ବିଷୟରେ କେବେ ବି ଆପତ୍ତି କରିନଥିବା ସତ୍ତ୍ୱେ ତାଙ୍କ କନିଷ୍ଠାଙ୍କ ସହ ମୋର ଏ ରଙ୍ଗରହସ୍ୟକୁ କେବେ ବି ପସନ୍ଦ କଲେ ନାହିଁ; କେବଳ ସନ୍ଦେହ କଲେ । ଶେଷକୁ ଶାଳିକାଙ୍କ ସହ ମୋର ଏକ ଅବୈଧ ସମ୍ପର୍କ ରହିଛି ବୋଲି ବିଶ୍ୱାସ କଲେ ଓ ସର୍ବତ୍ର ତାହା ଉଚ୍ଚ କଣ୍ଠରେ ପ୍ରଚାର କରି ମୋ ବିରୋଧରେ ଅଭିଯୋଗ କରିବାରେ ଲାଗିଲେ । ଯେ ତା ଶୁଣିଲା ସେ ତା ବିଶ୍ୱାସ କଲା । କାରଣ ଆମ ସମାଜରେ ତ ଏପରି ଘଟଣା କେବେ କେବେ ଘଟିଥାଏ । ଫଳରେ ସମସ୍ତେ ଜାଣିଲେ ଯେ ମୋର ପ୍ରକୃତ ପ୍ରେମାସ୍ପଦା ହେଉଛନ୍ତି ମୋର ଶାଳିକା । କଥା କେବଳ ସେତିକିରେ ସରିଲା ନାହିଁ । ଶେଷକୁ ମୋର ପତ୍ନୀ ମତେ ଛାଡ଼ପତ୍ର ବି ଦେଇଦେଲେ । ତେବେ ତା ପରେ ଓ ତା ସତ୍ତ୍ୱେ ତାଙ୍କ ପ୍ରତି ମୋର ପ୍ରେମ ଅବ୍ୟାହତ ରହିଛି । (ଏବେ ସେ ତାହା ଅବଶ୍ୟ ବିଶ୍ୱାସ କରନ୍ତି । କିନ୍ତୁ ତା ତ ଏକ ସ୍ୱତନ୍ତ୍ର କଥା ।) ଏଣେ କିନ୍ତୁ ମୋର ଶାଳିକା ଏପରି ବଦନାମ ହେବା ପରେ ଆଉ ଯିବେ ବା କୁଆଡ଼େ ? ସେ ମୋ ଗଳାରେ ହିଁ ଝୁଲିପଡ଼ିଲେ । ଅନ୍ୟୋନ୍ୟପାୟ ହୋଇ ମୁଁ ମୋର ଶାଳିକାଙ୍କ ସହ ଘର ବାନ୍ଧି ରହିବା ପାଇଁ ଏକ ରକମ ବାଧ୍ୟ ହେଲି ଓ ସେ ମତେ ହୁଏତ ବାଧ୍ୟବାଧକତାରେ ପଡ଼ି ଆଦରି ବି ନେଲେ । ଏହା ହିଁ ସଂକ୍ଷେପରେ ମୋ ଜୀବନ-କାହାଣୀ, ତାହାକୁ ପାଠକମାନେ ମଧୁର ବା କରୁଣ ଯାହା ଭାବନ୍ତୁ ନା କାହିଁକି ।

ଏବେ କଥାଟା ଫିଟାଇକରି କହେ । ମୋର ଆଦ୍ୟ ଜୀବନର ପ୍ରଥମ ପ୍ରେମାସ୍ପଦା ହେଇଛି, ଇତିହାସ ଯାହାଙ୍କ ପ୍ରେମରେ ମୁଁ ଆଦ୍ୟ-ଜୀବନରୁ ଆକଣ୍ଠ ନିମଜ୍ଜିତ ଓ ଉବୁଟୁବୁ ହେଉଥିଲେ ମଧ୍ୟ ସଚେତନ ଭାବରେ ତାହା ବୁଝିଲି ବହୁତ ପରେ; ତେଣୁ ସେ ମୋର

Digitized by srujanika@gmail.com

ପ୍ରେମାସ୍ପଦା ହୋଇରହିଲେ ହେଁ ତାଙ୍କୁ ବିବାହ କଲି ନାହିଁ ବା କରିପାରିଲି ନାହିଁ । ମୋର ଧର୍ମପତ୍ନୀ ହେଉଛନ୍ତି ଓଡ଼ିଆ ସାହିତ୍ୟ, ଯେ ହେଲେ ମୋର ଜୀବିକାର୍ଜନରେ ଉତ୍ସ ଓ ଯେ ମତେ ଛାଡ଼ପତ୍ର ଦେଇଦେଇଥିଲେ ମଧ୍ୟ ତାଙ୍କ ପ୍ରତି ମୋର ପ୍ରେମରେ କେବେ ଭଟ୍ଟା ପଡ଼ିଲା ନାହିଁ । (ମାସ ମାସ ଧରି ଓଡ଼ିଆ ସାହିତ୍ୟର ଅଧ୍ୟାପନା କରି ଯେଉଁ ଅର୍ଥୋପାର୍ଜନ କରୁଥିଲି ତାହାକୁ ହିଁ ମୋ ବିବାହର ଯୌତୁକ ବା ମୋ ଧର୍ମପତ୍ନୀଙ୍କ ନିକଟରୁ ପାଇଥିବା ସ୍ତ୍ରୀ-ଧନ ବୋଲି ବିବେଚନା କରାଯାଇପାରେ । ମୋ ଯୌବନ କାଳରେ ଓଡ଼ିଆ ସାହିତ୍ୟର ଅଧ୍ୟାପନା କରି ଅର୍ଥୋପାର୍ଜନ ଯେତିକି ସହଜସାଧ୍ୟ ଥିଲା ଇତିହାସ ଅଧ୍ୟାପନା କରି ଅର୍ଥୋପାର୍ଜନ ସେତେକି ସହଜସାଧ୍ୟ ନଥିଲା ।) ଓଡ଼ିଆ ଭାଷା ହେଉଛି ମୋର ଶାଳିକା ବା ମଧୁର ସମ୍ପର୍କୀୟା, ଯାହାଙ୍କ ସହ ଶିକ୍ଷାଜୀବୀ ଜୀବନର ଶେଷ କେତେବର୍ଷ ମୁଁ ଅଗତ୍ୟା ଘର ବାନ୍ଧି ରହିଥିଲି । ପାଠକମାନେ ଏବେ ମୋର ଗୋପନ ଇଚ୍ଛାର ପରିଚୟ ସହ ମୋର ପ୍ରକୃତ ପରିଚୟ ମଧ୍ୟ ପାଇପାରିବେ । ମୋର ଜର୍ମାନ୍ ବନ୍ଧୁ ହେରମାନ୍ କୁଲ୍କେଙ୍କୁ ଥରେ ମୁଁ ଏ କାହାଣୀ ଶୁଣାଇଥିଲି । ସେ ତାହା ଶୁଣି ବହେ ହସିଲେ ଓ ପସନ୍ଦ ବି କରିଥିଲେ ।

Digitized by srujanika@gmail.com

ମୋ' ଜୀବନ ମୋ' ସାହିତ୍ୟ

ଇଂ ଗୋବିନ୍ଦ୍ର ଚନ୍ଦ୍ର ସାହୁ(୧୯୪୨)

ମଣିଷ ଜୀବନ ଓ ସାହିତ୍ୟ ପରସ୍ପର ଓତପ୍ରୋତ ଭାବେ ଜଡ଼ିତ । ସୃଷ୍ଟିରେ ମନୁଷ୍ୟ ସଭ୍ୟତା ପ୍ରାରମ୍ଭରୁ ସାହିତ୍ୟ ଅଛି ଓ ସଭ୍ୟତା ବଞ୍ଚିଥିବା ପର୍ଯ୍ୟନ୍ତ ସାହିତ୍ୟ ମଧ୍ୟ ବଞ୍ଚି ରହିବ । ତେଣୁ ସାହିତ୍ୟକୁ ମନୁଷ୍ୟର ଜୀବନବିଶେଷ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଯେଉଁ ବ୍ୟକ୍ତିର ହୃଦୟରେ ସାହିତ୍ୟର କୋମଳ କଳିକା ଅଙ୍କୁରିତ ହୋଇ ନାହିଁ ସେ ବ୍ୟକ୍ତି ମନୁଷ୍ୟ ପଦବାଚ୍ୟ ନୁହେଁ । ସଂସ୍କୃତ ସାହିତ୍ୟରେ ଭର୍ତ୍ତୃହରି ଯଥାର୍ଥରେ କହିଛନ୍ତି - " ସଙ୍ଗୀତ ସାହିତ୍ୟ କଳାନଭିଜ୍ଞଃ, ସାକ୍ଷାତ୍ ପଶୁଃ ପୁଚ୍ଛ ବିଷାଣହୀନଃ ।" ସାହିତ୍ୟ ଶବ୍ଦର ବ୍ୟୁପ୍ତତ୍ତିଗତ ଅର୍ଥକୁ ଅନୁଧ୍ୟାନ କଲେ ଆମେ ହୃଦୟଙ୍ଗମ କରିବା ଯେ ଏହା ହେଉଛି ଏପରି ଏକ ସୃଷ୍ଟି ଯାହା ସହିତରେ ଥାଏ; କାରଣ ସହିତର ଭାବ ହେଉଛି ସାହିତ୍ୟ । ମଣିଷ ସହିତ, ତା'ର ସମାଜ ସହିତ, ତା'ର ଚିନ୍ତା-ଚେତନା ସହିତ, ତା'ର ପତନ-ଅଭ୍ୟୁଦୟ ସହିତ, ତା'ର ଆଶା-ନିରାଶା, ବ୍ୟଥା-ପୁଲକ ଆଦି ସହିତ ଯାହା ଜଡ଼ିତ, ତାହା ହିଁ ସାହିତ୍ୟ । ଅତଏବ, ମାନବବାଦିତା ହିଁ ସାହିତ୍ୟର ପ୍ରଧାନ ଲକ୍ଷ୍ୟ । ଯେଉଁ ସାହିତ୍ୟ ଯେତେ ମାନବବାଦୀ, ତାହା ସେତେ ଉଚ୍ଚାଙ୍ଗ ଓ ତେଣୁ ଚିରନ୍ତନ । ନୈର୍ବ୍ୟକ୍ତିକ ଆନନ୍ଦ ପ୍ରଦାନ କରିବା ହେଉଛି ସାହିତ୍ୟର ମୁଖ୍ୟ ଉଦ୍ଦେଶ୍ୟ ଯାହା ଚେତନାର ଉର୍ଦ୍ଧ୍ୱତର ସ୍ତରରେ ଉପଲଭ୍ୟ । ସେଥିପାଇଁ କୁହାଯାଏ, 'ବିଶ୍ୱନିଃ ଶ୍ରେୟସଃ କାବ୍ୟମ୍' । ତେଣୁ ସାହିତ୍ୟରେ ବିଶ୍ୱଦୃଷ୍ଟି ଥିବା ଆବଶ୍ୟକ । ଏହା କୌଣସି ଜାତି, ଗୋଷ୍ଠୀ, ଧର୍ମ କିମ୍ବା ସମାଜ ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ । ସାହିତ୍ୟ ଯେପରି ସମାଜକୁ ପ୍ରଭାବିତ କରେ, ସେହିପରି ସମାଜଦ୍ୱାରା ମଧ୍ୟ ପ୍ରଭାବିତ ହୁଏ ।

ସାହିତ୍ୟର ଅନ୍ୟ ଏକ ଲକ୍ଷଣ ହେଲା ସଂଯୋଗ କରିବା । ଏହା ମଣିଷକୁ ମଣିଷ ସହ, ଧର୍ମକୁ ଧର୍ମ ସହ, ଏକ ଗୋଷ୍ଠୀକୁ ଅନ୍ୟ ଗୋଷ୍ଠୀ ସହ, ଦେଶକୁ ଦେଶ ସହ, ସମାଜକୁ ସମାଜ ସହ ଓ ଭୂମିକୁ ଭୂମାଙ୍କ ସହ ସଂଯୁକ୍ତ କରିବ । ଶେଷୋକ୍ତ ମିଳନ ହେଉଛି ମାନବ ଜୀବନର ଚରମ ଲକ୍ଷ୍ୟ ଓ ସକଳ ପ୍ରକାର ଆନନ୍ଦ ମଧ୍ୟରେ ଶ୍ରେଷ୍ଠତମ ଆନନ୍ଦ । ଏହି ଧରଣର ସଂଯୋଗରେ ଧର୍ମଗ୍ରନ୍ଥର ଶୈଳୀ ଓ ସାହିତ୍ୟ ଗ୍ରନ୍ଥର ଶୈଳୀ ଭିନ୍ନ ଭିନ୍ନ ।

Digitized by srujanika@gmail.com

ଧର୍ମଗ୍ରନ୍ଥ ମଣିଷକୁ ଦେବତା ସ୍ତରକୁ ଉନ୍ନୀତ କରିବାର ପ୍ରୟାସ କଲାବେଳେ ସାହିତ୍ୟ ଦେବତାଙ୍କୁ ଭୂମିକୁ ଓହ୍ଲାଇ ଆଣିଥାଏ । ତାଙ୍କ ତୁମ - ଆମ ସଦୃଶ ସୁଖ-ଦୁଃଖ ଓ ହସ-କାନ୍ଦର ମଣିଷକୁ ରୂପାନ୍ତରିତ କରିଦିଏ ଯେପରି ମହର୍ଷି ବାଲ୍ମୀକି ରାମଙ୍କୁ ମଣିଷଟିଏ କରି ଗଢ଼ି ତୋଳିଛନ୍ତି । ବ୍ୟାସଙ୍କ ଭାଷାରେ 'ନ ହି ମାନୁଷାତ୍ ଶ୍ରେଷ୍ଠତରଂ ହି କିଞ୍ଚିତ୍' । କାଳିଦାସ, ବିଦ୍ୟାପତି, ରବୀନ୍ଦ୍ରନାଥ ଓ ସେକ୍ସପିୟର ପ୍ରଭୃତି ମହାକବିଗଣ ସେମାନଙ୍କ ରଚନାରେ ମଣିଷର ଶ୍ରେଷ୍ଠତା ପ୍ରତିପାଦନ କରିଛନ୍ତି । ସେଥିପାଇଁ ଅଧିକାଂଶ ପ୍ରଥିତଯଶା ସାହିତ୍ୟିକଙ୍କ ରଚନାର ମୂଳ ଆଧାର ସାମଗ୍ରୀ ହେଉଛି ସମାଜର ସାଧାରଣ ଲୋକେ ଯେଉଁମାନଙ୍କ ପୀଡ଼ିତ ଆତ୍ମାର ଚିତ୍କାର ସ୍ୱର ପାଏ ନାହିଁ, କେବଳ ଦୀର୍ଘଶ୍ୱାସ ହୋଇ ରହିଯାଏ । କାଳଜୟୀ ସତ୍ ସାହିତ୍ୟ ସାର୍ବଜନୀନ ଦୁଃଖ ପ୍ରତି ସର୍ବଦା ଅଙ୍ଗୀକାର ବଦ୍ଧ । ସାହିତ୍ୟରେ ୨୦୦୬ ମସିହାରେ ନୋବେଲ ପୁରସ୍କାର ପ୍ରାପ୍ତ ଲେଖକ ଓରହାନ ପାମୁକ୍ ଯଥାର୍ଥରେ କହିଥିଲେ - 'I write for the poorest and most down trodden members of the society.'

ମଣିଷ ମନରେ ଆଦିମ ପ୍ରବୃତ୍ତି ପ୍ରତି ଏକ ବିଶେଷ ଦୁର୍ବଳତା ଅଛି । ସେହି ଦୁର୍ବଳତା ମଣିଷ ସମାଜକୁ ଅଧୋଗାମୀ କରାଏ । ତେଣୁ ସେହି କୁପ୍ରବୃତ୍ତିକୁ ଲେଖା ମାଧ୍ୟମରେ ଉତ୍ତେଜିତ କରିବା କବି କିମ୍ବା ଲେଖକ ପକ୍ଷେ ଶୋଭନୀୟ ନୁହେଁ । ସାହିତ୍ୟ ରୂପକ କମନୀୟ ଉଦ୍ୟାନରୁ ସେପରି ବିଷାକ୍ତ ବୃକ୍ଷରାଜିକୁ ଉତ୍ପାଟନ କରିବା ସୁଲେଖକର କର୍ତ୍ତବ୍ୟ । ଅଶ୍ଳୀଳ ସୃଷ୍ଟି ସମ୍ଭାର ପାଠକକୁ ସାମୟିକ ଆନନ୍ଦ ଓ ଉତ୍ତେଜନା ପ୍ରଦାନ କରିପାରେ କିନ୍ତୁ ଚିରନ୍ତନ ସୁଖଶାନ୍ତି ଦେଇପାରିବ ନାହିଁ । ସମୟର କଷଟି ପଥରରେ ତାହା କାଳଜୟୀ ସାହିତ୍ୟ ଭାବେ ଗଣ୍ୟ ହେବ ନାହିଁ । ସେଥିପାଇଁ ଇଂରାଜୀରେ କୁହାଯାଏ, 'Look into the heart and write' ଅର୍ଥାତ୍ ନିଜର ହୃଦୟ ଓ ବିବେକ ପ୍ରତି ଧ୍ୟାନ ଦେଇ ନୂଆ ନୂଆ ସୃଷ୍ଟି ସର୍ଜନା କର । ସାହିତ୍ୟକୁ ବ୍ୟକ୍ତି ବା ଗୋଷ୍ଠୀକେନ୍ଦ୍ରିକ ନ କରି ସାର୍ବଜନୀନ କରିବା ପାଇଁ ପ୍ରୟାସ କଲେ ତାହା ମଣିଷର ଭାଷାରେ ପରିଣତ ହେବ । ସେଥିରେ ନିତ୍ୟ ମାନବୀୟ ମୂଲ୍ୟବୋଧର ଜୟଗାନ ଅବସରରେ ନିତ୍ୟ ମନୁଷ୍ୟର ପ୍ରତିଛବି ପ୍ରତିଫଳିତ ହେବ ।

ସୂକ୍ଷ୍ମ-ଦୃଷ୍ଟିରେ ଦେଖିଲେ ଜଣାଯାଏ ଯେ ପ୍ରତ୍ୟେକ କ୍ଷେତ୍ରରେ ସାହିତ୍ୟ ଉପରେ ଜୀବନର ଯେପରି ପ୍ରଭାବ ପଡ଼େ, ଜୀବନ ଉପରେ ସାହିତ୍ୟର ପ୍ରଭାବ ଅନୁରୂପ ଭାବେ ପଡ଼େ । ନିଜ ଜୀବନର ପ୍ରତିକୃତିରେ ଯେ ଲେଖା ସୃଷ୍ଟି କରିହୁଏ, ସେ କଥା କହିବା ନିଷ୍ପ୍ରୟୋଜନ । ଦର୍ପଣରେ ଛବି ଦୃଶ୍ୟମାନ ହେବା ଭଳି ସମଗ୍ର ବ୍ୟକ୍ତିତ୍ୱ, ଜୀବନର ସକଳ ଅନୁଭୂତି ଜଳଜଳ ହୋଇ ଦିଶେ । ପୂର୍ବରୁ କହି ରଖିଛି ଯେ ଲେଖିବା ଏକ ସାମାଜିକ

Digitized by srujanika@gmail.com

କାର୍ଯ୍ୟ । ସମାଜକୁ ଗଢ଼ିବା ବା ଭାଙ୍ଗିବା ଦାୟିତ୍ୱ ସାହିତ୍ୟିକମାନଙ୍କ ହାତରେ । ତା' ମନକୁ ଯେପରି ଛୁଏଁ, ସେ ସେପରି ସର୍ଜନା କରେ । ସେଥିରେ ପାଗଳର ଖିଆଲ ଅପେକ୍ଷା ମଙ୍ଗଳର କାମନା ଥାଏ ଅଧିକ । ସୃଷ୍ଟିର ଆନନ୍ଦ ହେଇଛି ଲେଖକର ସର୍ବାପେକ୍ଷା ବେଶି ଲାଭ । ବାସ୍ତବରେ ଲେଖାର ଆନନ୍ଦ ହେଉଛି ଆତ୍ମପ୍ରକାଶର ଆନନ୍ଦ କାରଣ ତାହା ହେଉଛି ମଣିଷର ସହଜାତ ପ୍ରବୃତ୍ତି ।

ବାସ୍ତବପକ୍ଷେ ମୁଁ ନିଜକୁ ଜଣେ ଲେଖକ ମଧ୍ୟରେ ଗଣେ ନାହିଁ । କାରଣ ମୋ ମନରେ ଅସରନ୍ତି ଭାବନା ଉଙ୍କି ମାରେ, କିନ୍ତୁ ସେଗୁଡ଼ିକୁ ସଠିକ୍ ଭାବେ ଉପସ୍ଥାପନା କରିବା ପାଇଁ ଭାଷା ପାଏ ନାହିଁ । ମୁଁ ଜଣେ ବିଦଗ୍ଧ ପାଠକ । ମୁଁ ଦେଶ ବିଦେଶର ବହୁ ପ୍ରତିଷ୍ଠିତ ଲେଖକମାନଙ୍କର ଲେଖା ଯେତେବେଳେ ପଢ଼ିଛି, ସେତେବେଳେ ଲେଖିବାର ଉତ୍ସାହରେ ଭଟା ପଡ଼ିଯାଇଛି । କାଳେ ପାଠକମାନଙ୍କଦ୍ୱାରା ଉପହସିତ ହେବି ସେପରି ଚିନ୍ତା ମଧ୍ୟ ମନକୁ ଆସିଛି । ଅଧିକନ୍ତୁ ବୃତ୍ତିରେ ମୁଁ ଜଣେ ଯନ୍ତ୍ରୀ ବା ଇଞ୍ଜିନିୟର । ଜୀବନ ସାରା ମାଟି, ଗୋଡ଼ି, ବାଲି, ପାଣି, ସିମେଣ୍ଟ, ଲୁହାଛଡ଼ ଓ କଂକ୍ରିଟ ପ୍ରଭୃତି ସହ କାମ କରିଛି ଯେଉଁଗୁଡ଼ିକ ଶୁଷ୍କ, ନୀରସ ଓ ପ୍ରାଣହୀନ । ଛାଞ୍ଚ ଉପରେ ମାଟିର ପ୍ରଲେପ ଲେସି ସେଥିରେ ରଙ୍ଗ ବୋଳି ଶିଳ୍ପୀ ଯେପରି ଏକ ସୁନ୍ଦର ଜୀବନ୍ତ ମୂର୍ତ୍ତି ଗଢ଼ିବାକୁ ପ୍ରୟାସ କରେ ମୁଁ ସେହିପରି ଭାବେ ଶୁଷ୍କ ତଥା ନୀରସ ଉପାଦାନ ଗୁଡ଼ିକୁ ନେଇ ଗଢ଼ିଛି ନଦୀ ବନ୍ଧ (Dam), ବ୍ୟାରେଜ, କେନାଲ, ଆନୁଷଙ୍ଗିକ ଘରଦ୍ୱାର ଓ ରାସ୍ତାଘାଟ ପ୍ରଭୃତି । ନିଘଞ୍ଚ ବଣଜଙ୍ଗଲରେ, ସରଳ ଓ ନିଷ୍କପଟ ଆଦିବାସୀ ମୂଳକରେ କାମ କରିଛି ଯେଉଁଠାରେ ନା ଥାଏ ରାସ୍ତାଘାଟ, ନା ଘରଦ୍ୱାର । ପିଇବାକୁ କେବଳ ନଈ ପାଣି । ବର୍ଷା ଦିନେ ନଈର ଗୋଳିଆପାଣିକୁ ଫିଟିକିରି ପକାଇ ଛାଣି ବ୍ୟବହାର କରିବାକୁ ପଡ଼େ । ସ୍କୁଲ, ଡାକ୍ତରଖାନା, ବିଦ୍ୟୁତ ସଂଯୋଗ, ଟେଲିଫୋନ୍ ସଦୃଶ ସୁବିଧାସୁଯୋଗ କଥା ପଚାରେ କିଏ ? ଏ ସମସ୍ତ ଅସୁବିଧା ଓ ବାଧାବିଘ୍ନ ସତ୍ତ୍ୱେ ନବ ନବ ନିର୍ମାଣକୁ, ଅଭିନବ ପରିକଳ୍ପନାକୁ ଦେଶ ଓ ଜାତି ପାଇଁ ପବିତ୍ର କର୍ତ୍ତବ୍ୟ ଭାବି ଯଥାଶକ୍ତି ସମ୍ପାଦନ କରିଛି । କାରଣ ସେଥିରୁ ପାଇଛି ଶିଳ୍ପୀର ରୋମାଞ୍ଚ ଓ ସୃଜନର ଗଭୀର ଆନନ୍ଦ । ମୋ ପେଷାରେ କେତେଦୂର ସଫଳ ହୋଇଛି ବା ଅସଫଳ ହୋଇଛି, ଏଠାରେ ତାହା ଆଲୋଚନାର ବିଷୟ ନୁହେଁ । କାରଣ ବାପାମାଆ ଯେଉଁ ପାଠ ପଢ଼ାଇଲେ, ଜୀବିକା ନିର୍ବାହ ପାଇଁ ସେହି ଧରଣର ବୃତ୍ତିକୁ ଆଦରି ନେଲି । ଏଠାରେ ସୂଚାଇ ଦେବାକୁ ଚାହେଁ ଯେ ବୃତ୍ତି-ପ୍ରବୃତ୍ତି, ପେସା-ନିଶା ଓ ଜୀବିକା-ଜୀବନ ମଧ୍ୟରେ ଏକ ସୂକ୍ଷ୍ମ ପ୍ରଭେଦ ଅଛି । ସେହି ପ୍ରଭେଦକୁ ହୃଦୟଙ୍ଗମ କଲେ ବୃତ୍ତି-ପ୍ରବୃତ୍ତି ଓ ପେସା-ନିଶା ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜିବ ନାହିଁ । ଯେଝା ଯେଝା ମାର୍ଗ ନିରୂପଣ କରିନେବେ । ଯଦିଓ ଇଞ୍ଜିନିୟରିଂ ବିଦ୍ୟା ଓ ସାହିତ୍ୟ ଦୁଇଟି ଭିନ୍ନ ମେରୁରେ ଅବସ୍ଥାନ

Digitized by srujanika@gmail.com

କରନ୍ତି, ବାସ୍ତବପକ୍ଷେ କେହି କାହାର ପଥ ଅବରୋଧ କରନ୍ତି ନାହିଁ । ଏହାହିଁ ମୋର ଧାରଣା ।

ପୂର୍ବ ଅନୁଚ୍ଛେଦ ଗୁଡ଼ିକରେ ସାହିତ୍ୟ ସମ୍ବନ୍ଧରେ ସମ୍ୟକ୍ ଆଲୋଚନା କରିଛି । ସେଥିରେ ଆଲୋଚିତ ଭାବଧାରା, ଦର୍ଶନ ଓ ଚେତନାଦ୍ୱାରା ମୁଁ ଯଥେଷ୍ଟ ପ୍ରଭାବିତ ହୋଇଛି ଓ ସେସବୁ ମୋ ଲେଖାରେ ମଧ୍ୟ ପ୍ରତିଫଳିତ । ମୋର ସ୍କୁଲ ଜୀବନର ଏକ ଘଟଣା । ମୁଁ ନବମ/ଦଶମ ଶ୍ରେଣୀର ଛାତ୍ର । ନିମାଇଁ ଚରଣ ଦାସ ଆମ ସ୍କୁଲକୁ (ଗାନ୍ଧୀ ଶିକ୍ଷାଶ୍ରମ, ଚମ୍ପାପୁର) ତାଙ୍କ ଲିଖିତ କିଛି ପୁସ୍ତକ ନେଇ ଆସିଥାନ୍ତି । ମାତୃଭାଷା ଓଡ଼ିଆ ପଢ଼ା ହେଉଥିବା ସମୟରେ ସେ ଶ୍ରେଣୀ ଗୃହକୁ ଆସିଲେ । ସେ ଆଣିଥିବା ପୁସ୍ତକ ମଧ୍ୟରୁ ମୁଁ ଆଠଅଣା (ବର୍ତ୍ତମାନ ପଚାଶ ପଇସା) ଦେଇ ଖଣ୍ଡେ ଇଂରାଜୀ Quotation ବହି କିଣିଲି । ନିମାଇଁବାବୁ ଯିବା ପରେ ମୁଁ ଶ୍ରେଣୀରେ ଉପସ୍ଥିତ ଥିବା ଓଡ଼ିଆ ଶିକ୍ଷକ ମହୋଦୟଙ୍କୁ ପଚାରିଲି, 'ସାର୍, ଓଡ଼ିଆରେ କ'ଣ ଏପରି ପୁସ୍ତକ ନାହିଁ ।' ସେ କାହିଁକି ହଠାତ୍ ଚିହିଁକି ଉଠି କହିଲେ - 'ତୁ ଯେମିତି ଖଣ୍ଡେ ଲେଖି ପକାଇବୁ !' ଏ କଥା ପଦକ ମୋ ଅନ୍ତରକୁ ବଡ଼ ବାଧିଲା । ମୁଁ ସେହିଦିନ ପ୍ରତିଜ୍ଞା କଲି ଯେ ଜୀବନରେ କେବେ ସୁଯୋଗ ପାଇଲେ ସେପରି ଖଣ୍ଡେ ବହି ନିଶ୍ଚୟ କରିବି । ମନ ଥିଲେ ଉପାୟ ଆସେ । ସୁଯୋଗ ଜୁଟିଲା ୧୯୭୧ ମସିହାରେ ମୋ ଚାକିରି ଆରମ୍ଭର ଆଠବର୍ଷ ପରେ । ପ୍ରାୟ ପାଞ୍ଚମାସ ପାଇଁ ସଚିବାଳୟ ବା ସେକ୍ରେଟାରିଏଟ୍ କୁ ମୋର ପୋଷ୍ଟିଂ ହେଲା । ସେଠାରେ କାମର ଚାପ ଥିଲା ଅପେକ୍ଷାକୃତ କମ୍ । ସଚିବାଳୟର ସର୍ବନିମ୍ନ ମହଲର ଏକ ପାର୍ଶ୍ୱରେ ଥାଏ ପ୍ରକାଣ୍ଡ ଲାଇବ୍ରେରୀ । କାର୍ଯ୍ୟର ଚାପ ନ ଥିବାବେଳେ ଅଧିକାଂଶ ସମୟ ମୁଁ ଲାଇବ୍ରେରୀରେ ବିତାଏ । ଅକ୍ଳାନ୍ତ ପରିଶ୍ରମ କରି ସ୍ୱଳ୍ପ ସମୟ ମଧ୍ୟରେ ବିଭିନ୍ନ ଗ୍ରନ୍ଥାବଳୀରୁ ଏକ ହଜାର ସୂକ୍ତି ସଂଗ୍ରହ କଲି । ସେହି ସୂକ୍ତିଗୁଡ଼ିକୁ ବିଷୟ ଅନୁସାରେ ସଜାଇ ପ୍ରକାଶକଙ୍କ ଦ୍ୱାରସ୍ଥ ହେଲି । ଫଳସ୍ୱରୂପ ଏହି ସଙ୍କଳନ ଚିରନ୍ତନୀ ନାମରେ ଆତ୍ମପ୍ରକାଶ କଲା ୧୯୭୨ ମସିହାରେ । ଲେଖକ Hugh pratherଙ୍କ ଭାଷାରେ - "Writing a book is like giving birth to a child - it is a creation of love, and love has its origins in unity." ମୋର ପ୍ରଥମ ପ୍ରକାଶିତ ପୁସ୍ତକକୁ ଦେଖି ମୁଁ ଆନନ୍ଦରେ ବିଭୋର ହୋଇଥିଲି । ଚିରନ୍ତନୀର ତୃତୀୟ ସଂସ୍କରଣ ପରିବର୍ଦ୍ଧିତ ହୋଇ ବାହାରିଥିଲା ୨୦୦୪ ମସିହାରେ । ବର୍ତ୍ତମାନ ଏହା ଆଉ ଉପଲବ୍ଧ ନୁହେଁ । ଏହା ଥିଲା ଯଥାର୍ଥରେ ମୋ ମାନସ ସନ୍ତାନ ।

ମୋର ଦ୍ୱିତୀୟ ପୁସ୍ତକ ହେଉଛି ଇଂରାଜୀରେ ବଳରାଜ ମାଧୋକଙ୍କ 'Indianisation' ର ଓଡ଼ିଆ ଭାଷାନ୍ତର ଯାହା ପ୍ରକାଶ ପାଏ ୧୯୭୮ ମସିହାରେ । ସେ ସମୟରେ ଏହା ଏକ ବିବାଦାତ୍ମକ ବିଷୟ ହୋଇଥିବାରୁ ପାଣ୍ଡୁଲିପିକୁ ଦୁଇବର୍ଷ ରଖିବା

Digitized by srujanika@gmail.com

ପରେ ଡ. ହରେକୃଷ୍ଣ ମହତାବ ଏହା ମୋତେ ଫେରାଇଦେଲେ । ପରିଶେଷରେ ଜଣେ ପ୍ରକାଶକ ବନ୍ଧୁ ଅନୂଦିତ ପୁସ୍ତକକୁ 'ଭାରତୀୟକରଣ' ନାମରେ ପ୍ରକାଶ କଲେ । ଏଠାରେ Toni Morrisonଙ୍କ ଲେଖାର କିୟଦଂଶ ମନକୁ ଆସେ - "There's a difference between writing for a living and writing fir life. If you write for a living, you make enormous compromises, and you might not even be able to uncompromise yourself. If you write for life, you will work hard; you'll do what's honest, not what pays." ମୁଁ ଜୀବିକା ଅର୍ଜନ ପାଇଁ ଲେଖି ନ ଥିବାରୁ ନୀତି ସହ ସାଲିସ୍ କରିନାହିଁ ।

ପେଟ ପୋଷିବା ନିମିତ୍ତ ନ ଲେଖି ମହତ୍ ଉଦ୍ଦେଶ୍ୟ ସାଧନ ଲାଗି ଲେଖାଯାଇଥିବା ରଚନାରେ ପୃଥିବୀରେ ଅନେକ ବଡ଼ ବଡ଼ କାର୍ଯ୍ୟ ସମ୍ପାଦନ ହୋଇଛି । ଯଥା- ଯୁକ୍ତରାଷ୍ଟ୍ର ଆମେରିକାରୁ ଦାସତ୍ୱ ପ୍ରଥାର ବିଲୋପ, ଋଷିଆର ସ୍ୱାଧୀନତା ଓ ଫରାସୀ ରାଷ୍ଟ୍ରବିପ୍ଳବ ପ୍ରଭୃତି । ତେଣୁ ସାହିତ୍ୟ ହେଉଛି ଗଣମାନଙ୍କର, ଗଣମାନଙ୍କ ପାଇଁ କିନ୍ତୁ ଗଣମାନଙ୍କଦ୍ୱାରା ସାହିତ୍ୟ ସର୍ଜନା ସମ୍ଭବ ନୁହେଁ । ପାଦ ଭଲ ଥିଲେ ସମସ୍ତେ ଚାଲିପାରନ୍ତି କିନ୍ତୁ ହାତ ଭଲ ଥିଲେ ସମସ୍ତଙ୍କ ପକ୍ଷେ ଲେଖିବା ସମ୍ଭବ ନୁହେଁ । କାର୍ଣ ସେମାନେ ସାହିତ୍ୟିକ ପ୍ରାଣ ନୁହଁନ୍ତି । ବାସ୍ତବରେ ଲେଖକର ଜୀବନ ଏକ ତପସ୍ୱୀର ଜୀବନ ଓ ଲେଖା ହିଁ ତାର ତପସ୍ୟା । ଯୁଦ୍ଧ କ୍ଷେତ୍ରରେ ଅସି ବା ତରବାରି ଚାଳନା ପାଇଁ କ୍ଷିପ୍ରତାର ଯେଉଁ ସ୍ଥାନ, ମସୀ ବା ଲେଖନୀ ଚଳାଇ ସାହିତ୍ୟ ସୃଷ୍ଟି କ୍ଷେତ୍ରରେ ସୁଚିନ୍ତିତ ଭାବନାର ସେହି ସ୍ଥାନ । ସେଥିପାଇଁ F.Scott Fitzgerald କୁହନ୍ତି ଯେ "All good writing is swimming under water and holding your breath."

ମୋତେ ଭଲଲାଗେ ବୋଲି ମୁଁ ଲେଖେ । ସାହିତ୍ୟକୁ ପ୍ରାଣ ଦେଇ ଭଲ ପାଇପାରିଲେ ଜୀବନ ସତକୁ ସତ ଭଲ ଲାଗେ । ଲେଖା କିପରି ଭଲ ହୋଇ ଉତୁରିବ ଓ ପାଠକୀୟ ସ୍ୱୀକୃତି ଲାଭ କରିବ, ସେହି ଲକ୍ଷ୍ୟକୁ ଆଖି ଆଗରେ ରଖି ସମସ୍ତେ ଲେଖନୀ ଚାଳନା କରନ୍ତି । କିନ୍ତୁ ସବୁ କିଛି ନିର୍ଭର କରେ ସ୍ୱକୀୟ ବୁଦ୍ଧି, ବିବେକ ଓ ରୁଚି ଉପରେ । ଇଂରାଜୀ ପୁସ୍ତକ 'Indianisation' ର ଅନୁବାଦ ପରେ ବଙ୍ଗଳାରୁ ସାତୋଟି ପୁସ୍ତକର ଅନୁବାଦ କରିଛି । ସେଗୁଡ଼ିକ ହେଲା - ବିମଳ ମିତ୍ରଙ୍କ 'ପଇସା ପରମେଶ୍ୱର' (୧୯୯୩), ମାଣିକ ବନ୍ଦ୍ୟୋପାଧ୍ୟାୟଙ୍କ 'ପଦ୍ମା ନଦୀର ମାଝି' (୧୯୯୭, ୨୦୦୩), ମହାଶ୍ୱେତା ଦେବୀଙ୍କ 'ହଜାରେ ଚଉରାଶୀର ମା' (୨୦୦୦), ବିମଳ କରଙ୍କ ଉପନ୍ୟାସ 'ଅସମୟ' (୨୦୦୭), ବଙ୍ଗଳାଦେଶର ଜନପ୍ରିୟ ଲେଖକ ଇମଦାଦୁଲ ହକ୍ ମିଲାନଙ୍କ 'ଝିଅଟି ଏବେ କୁଆଡ଼େ ଯିବ' (୨୦୦୮), ସୁନୀଲ ଗଙ୍ଗୋପାଧ୍ୟାୟଙ୍କ 'ଅର୍ଜୁନ'

Digitized by srujanika@gmail.com

(୨୦୦୯) ଓ ବିଭୂତିଭୂଷଣ ବନ୍ଦ୍ୟୋପାଧ୍ୟାୟଙ୍କ ବହୁ ଚର୍ଚ୍ଚିତ ଉପନ୍ୟାସ 'ପଥେର ପାଁଚାଳି' (୨୦୧୦) । ଶେଷୋକ୍ତ ପୁସ୍ତକ ତିନୋଟି ମୋ ସହଧର୍ମିଣୀ ପ୍ରିୟମ୍ବଦାଙ୍କ ସହ ଯୁଗ୍ମ ଭାବେ ଅନୂଦିତ । 'ପଦ୍ମାନଦୀର ମାଝି' ଓ 'ଅସମୟ' - ଏହି ଯୋଡ଼ିକ କେନ୍ଦ୍ର ସାହିତ୍ୟ ଏକାଡ଼େମୀଦ୍ୱାରା ପ୍ରକାଶିତ । ଅନୂଦିତ ପୁସ୍ତକ 'ହଜାରେ ଚଉରାଶୀର ମା' ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀଦ୍ୱାରା ପୁରସ୍କୃତ ହୋଇଛି ।

ଲେଖକ ଓ ପାଠକ ଉଭୟେ ସାମାଜିକ ଜୀବ ହୋଇଥିବାରୁ ସେମାନଙ୍କର ସାମାଜିକ ଦାୟିତ୍ୱବୋଧ ରହିବା ଏକାନ୍ତ ଆବଶ୍ୟକ । ଲେଖନୀ ଚାଳନା କରିବା ଅର୍ଥ ଦାୟିତ୍ୱ ମୁଣ୍ଡକୁ ନେବା । ସେଥିରେ ପୁଣି ବୃତ୍ତିରେ ମୁଁ ଜଣେ ଯନ୍ତ୍ରୀ । ଗାଆଁ ଗହଳିରେ ଘର ତିଆରି ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ସେମାନଙ୍କ ଦୁଃଖ ଦୁର୍ଦ୍ଦଶାକୁ ଲାଘବ କରିବା ପାଇଁ ଓ ଜଟିଳ ବୈଷୟିକ ଗଣନା ମଧ୍ୟକୁ ନ ଯାଇ ଜନସାଧାରଣ ଯେପରି ଅନାୟାସରେ ଛୋଟ ଘରଟିଏ ନିର୍ମାଣ କରିପାରିବେ ସେ ଚିନ୍ତା ମୁଣ୍ଡକୁ ଘାରିଲା । ସ୍ୱପ୍ନକୁ ସାକାର କରିବା ପାଇଁ ଲାଗି ପଡ଼ିଲି । ଆଧୁନିକ କାରିଗରୀ ଜ୍ଞାନ କୌଶଳକୁ ଗାଆଁ ଗଣ୍ଡାରେ ପହଞ୍ଚାଇବା ପାଇଁ ପବିତ୍ର ସାମାଜିକ କର୍ତ୍ତବ୍ୟ ବୋଲି ମନେକଲି । ଆମ ଭାଷାରେ କୌଣସି ବିଧିବଦ୍ଧ ପୁସ୍ତକ ନ ଥିବାରୁ ମୁଁ ସେଥିପାଇଁ 'ଗୃହ ନିର୍ମାଣ ପୁସ୍ତକ' ରଚନାରେ ବ୍ରତୀ ହେଲି । ପୁସ୍ତକଟି ଆତ୍ମପ୍ରକାଶ କଲା ୧୯୯୨ ମସିହାରେ । ପୁସ୍ତକରେ ଅନେକ ଚିତ୍ର ଓ ନକ୍ସା ଥିବାରୁ କୌଣସି ପ୍ରକାଶକ ଛାପିବା ପାଇଁ ରାଜି ହେଲେ ନାହିଁ । ମୋ ପତ୍ନୀ ପ୍ରିୟମ୍ବଦାଙ୍କ ଜିଦ୍ ଯୋଗୁ ଭବିଷ୍ୟନିଧି ପାଣ୍ଠିରୁ ଋଣ ଉଠାଇଲି ଓ ସେ ନିଜେ ପ୍ରକାଶିକା ହୋଇ ପ୍ରଥମ ସଂସ୍କରଣ ପ୍ରକାଶ କଲେ । ବହିଟି ଜନସାଧାରଣଙ୍କଦ୍ୱାରା ଆଦୃତ ହେଲା । ଓଡ଼ିଶା ବିଜ୍ଞାନ ଏକାଡ଼େମୀଦ୍ୱାରା 'ଜନପ୍ରିୟ ବିଜ୍ଞାନ ଲେଖକ' ଭାବେ ୧୯୯୬ରେ ପୁରସ୍କୃତ ହେଲି । ପୁରସ୍କାର ଅପେକ୍ଷା ମୋତେ ଅଧିକ ଆନନ୍ଦ ମିଳିଲା, ଯେତେବେଳେ ସୁନ୍ଦରଗଡ଼, କେଉଁଝର, ନୟାଗଡ଼ ଓ ପଟ୍ଟାମୁଣ୍ଡାଇ ପ୍ରଭୃତି ଦୂରଦୂରାନ୍ତରୁ ବହି ପଢ଼ି ନିଜ ଘର ତିଆରି କରିବା ପୂର୍ବରୁ ଓ କେହି କେହି ପୂର୍ବରୁ ତିଆରି କରିଥିବା ଘରେ ଦେଖା ଦେଇଥିବା ତ୍ରୁଟି ସମ୍ବନ୍ଧରେ ଫୋନ୍ ଓ ଚିଠି ମାଧ୍ୟମରେ ପଚାରି ବୁଝିଲେ । ସେତେବେଳେ ମୁଁ ଜାଣିଲି ଯେ ମୋ ପରିଶ୍ରମର ଫଳ ସଠିକ୍ ରୂପେ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚିପାରିଛି । ପୁସ୍ତକର ଆଠଟି ସଂସ୍କରଣ ପରେ ମୁଁ ପରିମାର୍ଜିତ କରି ନ ପାରିବାରୁ ବର୍ତ୍ତମାନ ଆଉ ଉପଲବ୍ଧ ନୁହେଁ ।

ଅନ୍ୟ ଏକ ଘଟଣା । ଆଜିକୁ ପ୍ରାୟ ତିରିଶ ବର୍ଷ ପୂର୍ବ କଥା । ପ୍ରଖ୍ୟାତ ଗାୟିକା ଏମ୍.ଏସ୍. ଶୁଭଲକ୍ଷ୍ମୀ ଗାନ କରିଥିବା ଆଦି ଶଙ୍କରଙ୍କ 'ଭଜ ଗୋବିନ୍ଦମ୍' ଶ୍ଳୋକ ଶୁଣିଲି । ତାହା ମୋତେ ମନ୍ତ୍ରମୁଗ୍ଧ କଲା । ମଣିଷର ନିର୍ବୋଧତା ଓ ତାହାର ଦୁଃଖ ଦୁର୍ଦ୍ଦଶାକୁ

Digitized by srujanika@gmail.com

ଅବଲୋକନ କରି ପ୍ରାୟ ବାର ଶହ ବର୍ଷ ପୂର୍ବେ ଆଚାର୍ଯ୍ୟ ଶଙ୍କର ବେଦାନ୍ତର ଗୂଢ଼ ତତ୍ତ୍ୱଗୁଡ଼ିକୁ ଚମତ୍କାର ଶବ୍ଦ ଯୋଜନା, ଲାଳିତ୍ୟ, ଉପମା ଓ ଅସାଧାରଣ ଶୈଳୀରେ 'ମୋହ ମୁଦ୍‌ଗର' ଓ 'ଭଜ ଗୋବିନ୍ଦମ୍' ରେ ଯେଭଳି ପ୍ରକାଶ କରିଥିଲେ, ତାହାର ମୂଲ୍ୟବୋଧ ଚିରନ୍ତନ । ମାନବ ସମାଜର ମଙ୍ଗଳ ପାଇଁ ଏହା କାଳଜୟୀ । ଏହାର ଭାବଧାରା ମୋତେ ଏତେ ଆକୃଷ୍ଟ କଲା ଯେ ମୁଁ ସର୍ବସାଧାରଣଙ୍କ ବୋଧଗମ୍ୟ ହେବା ଭଳି ଓଡ଼ିଆରେ ଭାଷ୍ୟ କରିବାକୁ ମନସ୍ଥ କଲି । ଭାଷ୍ୟକୁ ହୃଦୟଗ୍ରାହୀ କରିବା ପାଇଁ ବିଭିନ୍ନ ପୁରାଣ, ଧର୍ମଗ୍ରନ୍ଥ ଓ କିମ୍ବଦନ୍ତୀ ପ୍ରଭୃତିରୁ କାହାଣୀମାନ ସଂଗ୍ରହ କରି ଗୁନ୍ଥିଛି । ପୁସ୍ତକଟି 'ଭଜ ଗୋବିନ୍ଦମ୍' ନାମରେ ନାମିତ ହୋଇ ଲୋକଲୋଚନକୁ ଆସିଲା ୨୦୦୪ ମସିହାରେ । ଦ୍ୱିତୀୟ ସଂସ୍କରଣ ମଧ୍ୟ ହୋଇଗଲାଣି । ଇତି ମଧ୍ୟରେ ପୁସ୍ତକଟି ହିନ୍ଦୀ, ବଙ୍ଗଳା ଓ ସଂସ୍କୃତରେ ଅନୂଦିତ ହୋଇ ଆଦୃତ ହୋଇଅଛି ।

ନିକଟରେ ଇଂରାଜୀରେ ଲିଖିତ ମୋର ଦୁଇଟି ଗବେଷଣା ଗ୍ରନ୍ଥ ଭାରତ ସରକାରଙ୍କ ଜଳ ସମ୍ପଦ ମନ୍ତ୍ରାଳୟ ଅଧିନସ୍ଥ INCID ସଂସ୍ଥାଦ୍ୱାରା ପ୍ରକାଶିତ । ସେଗୁଡ଼ିକ ହେଲା 'History of Irrigation Development in Orissa' ୨୦୦୯ ମସିହାରେ ଓ 'Hirakud; Its Background and performance' ୨୦୧୨ ମସିହାରେ ।

ଦେଖିବାକୁ ଗଲେ ମୁଁ ଦୋଘାଇରେ ପଡ଼ିଯାଇଛି । ଯଥାର୍ଥରେ ନିରୁତା ସାହିତ୍ୟ ସେବା କରିପାରୁଛି ନା ବୈଷୟିକ ରଚନାରେ ସମ୍ପୂର୍ଣ୍ଣ ଭାବେ ମନୋନିବେଶ କରିପାରୁଛି ? ଦୁଇ ନାବରେ ପାଦ ରଖିଥିବା ଯାତ୍ରୀର ଅବସ୍ଥା ଭଳି ମୋ ଅବସ୍ଥା ହେବ ନାହିଁ ତ ? ମନରେ ଅସୁମାରି ସ୍ୱପ୍ନ । ସ୍ୱପ୍ନ ସାକାର ହେବା ପାଇଁ ରାତି ଅଛି କି ନା - ଜାଣିନାହିଁ । କିନ୍ତୁ ହତୋତ୍ସାହିତ ହୋଇନାହିଁ । ଲେଖକ Alex Haleyଙ୍କ ଉପଦେଶାତ୍ମକ ବାଣୀ ଏଠାରେ ପ୍ରଣିଧାନ ଯୋଗ୍ୟ - "Your attitude is everything. Believe in yourself and trust your material. To be a successful writer, write every single day whether you feel like it or not. Never, never Give up, and the world will reward you beyond your wildest dreams." ସେଥିପାଇଁ ସାହିତ୍ୟ ସମ୍ବନ୍ଧୀୟ ରଚନା ହେଉ ଅଥବା ବୈଷୟିକ ପ୍ରବନ୍ଧ ହେଉ, ମୋର ସେଥିପ୍ରତି ଜନ୍ମିଛି ଅନୁରାଗ, ପରିଣତ ହୋଇଛି ପ୍ରବୃତ୍ତିରେ ଯାହା ମୋର ଆତ୍ମାକୁ ଯୋଗାଇଛି ପୁଷ୍ଟିକର ଖାଦ୍ୟ । ଅନ୍ତରର ଆହ୍ୱାନରେ କିଛି ଲେଖୁଛି; ଅନ୍ୟକୁ ଆଲୋକିତ କରିବା ପାଇଁ ନୁହେଁ, ମୋ ଅନ୍ତରାତ୍ମାକୁ ଆଲୋକିତ ତଥା ପୁଲକିତ କରିବା ପାଇଁ ।

●●●

Digitized by srujanika@gmail.com

ମୋ' ଜୀବନ ମୋ' ସାହିତ୍ୟ

ଡ. ରମେଶ ପ୍ରସାଦ ପାଣିଗ୍ରାହୀ(୧୯୪୪)

ମୋ' ଜୀବନ-ମୋ' ସାହିତ୍ୟ କ୍ରମରେ ଆପଣମାନେ ଯେଉଁ ବକ୍ତୃତାମାଳା ଆୟୋଜନ କରିଛନ୍ତି ତା' ଭିତରେ ମୋ' ଭଳି ଜଣେ ଶେଷଧାଡ଼ିର ସାହିତ୍ୟିକକୁ ଏଇଠି କିଛି କହିବାର ସୁଯୋଗ ଦେଇଛନ୍ତି ସେଥିପାଇଁ ଅଧକ୍ଷ, ସାହିତ୍ୟ ବିଭାଗର ମୁଖ୍ୟ ଏବଂ ଅଧାପକ/ଅଧାପିକା ବନ୍ଧୁମାନଙ୍କ ନିକଟରେ ମୁଁ କୃତଜ୍ଞ । ମୋ'ଜୀବନ ସମ୍ପର୍କରେ ଯଦି ସତକଥା କହିବାକୁ ଯିବି ତା' ହେଲେ ଅନେକ ପ୍ରକାର ଅଘଟଣ ଘଟିପାରେ । ଆପଣମାନଙ୍କର ଅନୁଷ୍ଠାନ, ଆନୁଷ୍ଠାନିକତା ଓ ତଥାକଥିତ ଆଦର୍ଶର ବାହାରେ ମୋ'ଜୀବନ । ମୋ' ଜୀବନର କଥାଗୁଡ଼ାକୁ ସେନ୍ସର ନକରି ସେମିତି କହିଦେଲେ ହୁଏତ ମୋର "ଇମେଜ୍ ଚାଲିଯିବ... ।" ମୋ ସମ୍ପର୍କରେ ଆପଣମାନେ ଯେଉଁ "ମିଥ୍" ତିଆରି କରିଛନ୍ତି ସେଗୁଡ଼ା ଭାଙ୍ଗିଯିବ ଏବଂ ଅନୁଷ୍ଠାନ ଆନୁଷ୍ଠନିକତା ସମ୍ପର୍କରେ ଯେଉଁମାନେ କୃତିତ୍ୱ ଅର୍ଜନ କରିଛନ୍ତି ସେମାନେ ହୁଏତ ପ୍ରମାଦ ଗଣିପାରନ୍ତି । ତେଣୁ ନିଜ ବିଷୟରେ କିଛି କହିବା ଆଗରୁ ମୁଁ କହିବାକୁ ଚାହୁଁଛି - ବର୍ତ୍ତମାନ ମୁଁ ଅଧାପକ ରମେଶ ପାଣିଗ୍ରାହୀ ନୁହେଁ, କେବଳ ରମେଶ ପାଣିଗ୍ରାହୀ । ମୋ' ଜୀବନ ସହିତ ପାଦରେ ବେଡ଼ି ପିନ୍ଧି "Most Obedient Servant" ଭୂମିକାରେ ଅଭିନୟ କରୁଥିବା 'ଅଧାପକ'ଟିର କୌଣସି ସମ୍ପର୍କ ନାହିଁ । ତଥାପି ଆପଣମାନେ ଯଦି ମୋ'ଠୁ କୌଣସି ଆଦର୍ଶ, ଶୃଙ୍ଖଳା କିମ୍ବା ଜୀବନଦର୍ଶନ ଆଶା କରୁଥାଆନ୍ତି ତା' ହେଲେ ମୁଁ ନାଚାର ।

ବାହାରେ ସୁସ୍ଥ ନାଗରିକମାନଙ୍କର ଜୀବନ ବଞ୍ଚିବା ପ୍ରଣାଳୀରେ, ଯେଉଁ ଶୃଙ୍ଖଳା, ନିୟମ, ସାହିତ୍ୟ ତିଆରି କରି ପୁରସ୍କାର କିଣିବାର ଘୋଡ଼ାଦୌଡ଼ ଏବଂ ନିଜକୁ ସାହିତ୍ୟ ସମାଜ ପାଇଁ, ଜୀବନ/ଦର୍ଶନ ପାଇଁ ଉତ୍ସର୍ଗ କରି ଦେଇଥିବାର ମୁଖା ପିନ୍ଧି ଆତ୍ମ ପ୍ରଚାର କରିବାର ପାଗଳାମୀ ଦେଖିବାକୁ ମିଳେ ମୁଁ ସେଇ ଜୀବନଧାରାଠାରୁ ଅନେକ ଦୂରରେ । ମୋର ଯାହା ମନେ ହୁଏ - ଶୃଙ୍ଖଳା ଓ ବଞ୍ଚିବାର ବ୍ୟାକରଣ ନିୟମକୁ ଲଂଘନ କରିବା ହିଁ ମୋ ପାଇଁ ଏକ ଆକର୍ଷଣ ।

Digitized by srujanika@gmail.com

ମୁଁ ଶୃଙ୍ଖଳାରେ ବିଶ୍ୱାସ କରେ ନାହିଁ । କାରଣ ମୋ' ଭିତରର ଚରମ ବିଶୃଙ୍ଖଳା ଭିତରୁ ଗୋଟିଏ ପ୍ୟାଟର୍ନ ବା ଶୃଙ୍ଖଳା ତିଆରି କରିବାକୁ ମୁଁ ଯେତେବେଳେ ଚେଷ୍ଟା କରିଛି ସେତିକିବେଳେ ଅନୁଭବ କରିଛି ଚାରିପଟୁ ସମୁଦ୍ରର ଜୁଆର ଭଳି ବିଶୃଙ୍ଖଳା ଆସି ଶୃଙ୍ଖଳାର ଭ୍ରୂଣଟିକୁ ଭସେଇ ନେଇଛି । ତେଣୁ ମତେ ଲାଗେ ବିଶୃଙ୍ଖଳା ହିଁ ସତ୍ୟ, ଶୃଙ୍ଖଳା ନୁହେଁ । ଜଙ୍ଗଲ ହିଁ ସତ୍ୟ-ଉଦ୍ୟାନ ନୁହେଁ । ଆଦିମତା ହିଁ ସତ୍ୟ-ସଭ୍ୟତା ନୁହେଁ । ତେଣୁ ସଭ୍ୟତା, ମୂଲ୍ୟବୋଧ ଓ ଧର୍ମ ରକ୍ଷା ପାଇଁ ଯେତେ ପ୍ରବଚନ ଓ ପ୍ରଚାରବାଣୀ ଶୁଣା ଯାଉଅଛି ସେଇ ତୁଳନାରେ ପୃଥିବୀ ସୁନ୍ଦର ହେଉନାହିଁ । ବରଂ ଏ ସବୁ ପ୍ରବଚନର ଆବରଣ ଭିତରେ ନିଜସ୍ୱ ଆଦିମତା ହିଁ ପ୍ରକାଶିତ ହେଉଛି । ମୋ' ଜୀବନ ଓ ମୋ' ସାହିତ୍ୟ ଏଇ ବିଶୃଙ୍ଖଳା ଉପରେ ଆଧାରିତ କିଛି ସୃଷ୍ଟି ଏବଂ ପ୍ରତିସୃଷ୍ଟି ବୋଲି ମୁଁ ଭାବୁଛି । ନୀତି, ଆଦର୍ଶ ଧର୍ମ, ନ୍ୟାୟ ପ୍ରଭୃତି ତତ୍ତ୍ୱଗୁଡ଼ିକ ଏକ ସ୍ଥିର ଆର୍ଥନୀତିକ ସମାଜର ସ୍ୱପ୍ନ । ଗୋଟାଏ କ୍ଷୁଧାର୍ତ୍ତ, ସଂଗ୍ରାମୀ ଜୀବନର ବ୍ରତ ନୁହନ୍ତି ।

ଓଡ଼ିଶାରେ କବିତା ଲେଖୁଥିବା ସାହିତ୍ୟିକମାନେ ନିଜ ନିଜ ଭିତରେ ଅହଂର ଛୁରା ଭୁଜାଲି ଧରି ପରସ୍ପରଙ୍କୁ ହତ୍ୟା କରନ୍ତି ଓ ପୁରସ୍କାର ପାଇବା ପାଇଁ ଗୋଷ୍ଠୀ ତିଆରି କରି ବକ୍ସିଂ, ଜୁଡ଼ୋ ଏବଂ କରାଟେ ଲଢ଼ନ୍ତି । ସବୁଠାରୁ କାପୁରୁଷ କବିଟି ନିଜକୁ ବୈଦାନ୍ତିକ କିମ୍ବା ଯୋଗୀ ପୁରୁଷ ମନେକରି ନିଜ କବିତାକୁ ମନ୍ତ୍ର ଭଳି ଉଚ୍ଚାରଣ କରୁ କରୁ ଅନ୍ୟ ପ୍ରତିବେଶୀ କବି ଉପରକୁ ଲୁଚି ଲୁଚି ମେଞ୍ଚାଏ କାଦୁଅ ଫୋପାଡ଼ି ଦେଇଥାଏ । ବହି ବଜାରରେ ଓ ମାଗାଜିନ୍ ପୃଷ୍ଠାମାନଙ୍କରେ ଉପନ୍ୟାସ ଓ ଗଳ୍ପ ସାହିତ୍ୟର କାଟ୍‌ତି ବେଶି ବୋଲି ଶୁଣିବାକୁ ମିଳେ, କିନ୍ତୁ ନାଟକକୁ ଏପର୍ଯ୍ୟନ୍ତ ପୁରସ୍କାର ପ୍ରାସାଦର କଟୁଆଳମାନେ ଅନୁମତି ପତ୍ରଟିଏ ମଧ୍ୟ ଦେଇନାହାନ୍ତି । ଅଥଚ ଓଡ଼ିଆ ସାହିତ୍ୟର ସବୁଠାରୁ ବେଶୀ ଆଙ୍ଗିକ/ ଆତ୍ମିକ ପରୀକ୍ଷା ହୋଇଛି ନାଟକ ମାଧ୍ୟମରେ ।

ଜଣେ ନାଟ୍ୟକାର ଯେଉଁ ସଂଳାପ ଲେଖେ, ଯେମିତି କାହାଣୀ ବିନ୍ୟାସ କରେ ଏବଂ ଯେଉଁ ଚେତନାଟିକୁ "ଡାୟାଲେକ୍‌ଟିସ" ମାଧ୍ୟମରେ ଉପସ୍ଥାପିତ କରେ ତାକୁ ଆମର ସମାଲୋଚକ ସ୍ଥୂଳ ବୋଲି ମନେ କରେ । ନାଟକ ଭିତରେ ଶାଣିତ ସୂକ୍ଷ୍ମ ଦର୍ଶନ ନାହିଁ ବୋଲି ଭାବେ ଏବଂ ନାଟକକୁ ସାହିତ୍ୟ ବୋଲି ମନେ କରେ ନାହିଁ । କାରଣ ନାଟକର ଭାଷା ପ୍ରୟୋଗ ରୀତି କବିତାର ଭାଷାଭଳି ସଂକ୍ଷିପ୍ତ ନୁହେଁ । ଏଇ ପରିପ୍ରେକ୍ଷୀରେ ମୋ' ଜୀବନର ଯେମିତି କିଛି ମୂଲ୍ୟ ନାହିଁ ମୋ' ସାହିତ୍ୟର ସେମିତି କିଛି ପ୍ରାଧାନ୍ୟ ନାହିଁ ବୋଲି ଆମ ସମାଲୋଚକମାନେ ଯେମିତି ଭାବନ୍ତି ମୁଁ ବି ସେମିତି ଭାବେ ।

ମୁଁ ଏପରି ଏକ ସାହିତ୍ୟ ତିଆରି କରୁଛି ଯେଉଁଥିରେ ମୁଁ ମୋ' ଚରିତ୍ରମାନଙ୍କ ଭିତରେ ବାଣ୍ଟି ହୋଇଯାଏ, ଏମିତି ବାଣ୍ଟି ହୋଇଯାଏ ଯେ ମୁଁ ଅଛିକି ନାହିଁ ନିଜେ ଜାଣିପାରେ

Digitized by srujanika@gmail.com

ନାହିଁ, ମୁଁ ମୋ' ଜୀବନ ଅନୁଭୂତି ଓ ମୋ' ଚରିତ୍ରମାନେ ଫେଣ୍ଟାଫେଣ୍ଟି ହୋଇ ଏକ ବିଚିତ୍ର ନୂତନ ଅବତାର ଗ୍ରହଣ କରନ୍ତି । ମତେ ଯଦି କିଏ ପଚାରେ - " ଏଇ ଯୋଉ ଚରିତ୍ର ସବୁ ଆପଣ ଚିତ୍ରଣ କରିଛନ୍ତି ସେମାନଙ୍କୁ ଆପଣ ଭେଟିଛନ୍ତି, ଅନୁଭବ କରିଛନ୍ତି, ନା ସେମାନେ ଆପଣ ନିଜେ ?" ତା' ହେଲେ ମୁଁ ଏକ ନିର୍ଦ୍ଦିଷ୍ଟ ସଠିକ୍ ଉତ୍ତର ଦେଇପାରିବି ନାହିଁ । ଅଥଚ ମୋର ମନେ ହୁଏ ଏ ସବୁ ଚରିତ୍ର ମୋର 'ସବୁ କିଛି' ଏବଂ 'କିଛି ନୁହନ୍ତି', ଏଇ 'ସବୁ କିଛି' ଏବଂ 'କିଛିନାହିଁ'ର ମଧ୍ୟବର୍ତ୍ତୀ ଶୂନ୍ୟ ସ୍ଥାନଟି ହୁଏତ ମୋର ସାହିତ୍ୟ ଓ ମୋର ଜୀବନ ।

ଓଡ଼ିଶାରେ ଦୁଇଟି ସାହିତ୍ୟିକ ଗୋଷ୍ଠୀ ଉତ୍ତମ ସାହିତ୍ୟ ସମ୍ପର୍କରେ ନିଜ ନିଜର ଯୁକ୍ତି ବାଢ଼ି ଚାଲିଛନ୍ତି, ଗୋଟିଏ ଗୋଷ୍ଠୀ ସାହିତ୍ୟକୁ ସାମାଜିକ ଦାୟିତ୍ୱ ବୋଲି ବୁଝିଲା ବେଳେ ଅନ୍ୟ ଦଳଟି ସାହିତ୍ୟକୁ ଲେଖକର ଆତ୍ମିକ ଅନ୍ୱେଷଣର ଗୋଟିଏ ନକ୍‌ସା ବୋଲି ପ୍ରଚାର କରିବାରେ ବ୍ୟସ୍ତ । ପ୍ରଥମ ଦଳଟି ଏହି ଆତ୍ମିକ ଅନ୍ୱେଷଣର ସୂକ୍ଷ୍ମତାକୁ ଦୁର୍ବୋଧ ଆତ୍ମରତି ବୋଲି କହିଲାବେଳେ ଅପର ଦଳଟି କୁହେ ଚେତନାର ଉତ୍ତୀର୍ଣ୍ଣ ସ୍ତରରେ ସମାଜ ଅନୁପସ୍ଥିତ ।

ଏତଦ୍‌ବ୍ୟତୀତ ଯେଉଁ ସାହିତ୍ୟିକମାନେ ସାମାଜିକ କ୍ଷମତା ଓ ପ୍ରତିଷ୍ଠା ପାଇଛନ୍ତି ସେମାନେ ସାହିତ୍ୟ କ୍ଷେତ୍ରରେ ନିଜକୁ ଯେ କେବଳ କ୍ଷମତାଶାଳୀ ଚିନ୍ତାନାୟକ ହିସାବରେ ପ୍ରତିଷ୍ଠିତ କରୁଛନ୍ତି ତା' ନୁହେଁ, ସାହିତ୍ୟର ଅନ୍ୟାନ୍ୟ ବିଭାଗମାନଙ୍କରେ ମଧ୍ୟ ନିଜର କୁଟନୈତିକ ମତ ପ୍ରଦାନ କରୁଛନ୍ତି । ଉଦାହରଣସ୍ୱରୂପ ଯତୀନ୍ଦ୍ର ମୋହନ ମହାନ୍ତି ଓ ସୀତାକାନ୍ତ ମହାପାତ୍ର ପ୍ରଭୃତି ଓଡ଼ିଆ ଆଧୁନିକ ନାଟକ ସମ୍ପର୍କରେ କିଛି ଜାଣିନଥିଲେ ସୁଦ୍ଧା ଇଂରାଜୀ ଭାଷାରେ ନିଜ ନିଜ ସ୍ତାବକ ଓ ଗୋଷ୍ଠୀଭୁକ୍ତ ନାଟ୍ୟକାରମାନଙ୍କୁ ସର୍ବଭାରତୀୟ କ୍ଷେତ୍ରରେ ପ୍ରତିଷ୍ଠା ଦେଇ ଅନ୍ୟମାନଙ୍କୁ ଗୌଣ ଓ ନୂତନ ବୋଲି ପ୍ରତିପାଦିତ କରୁଛନ୍ତି । ଉଦାହରଣ ସ୍ୱରୂପ ୧୯୮୪ ମସିହାରେ ମୁଁ ପ୍ରାୟ ଷାଠିଏ ସତୁରୀ ଖଣ୍ଡେ ନାଟକ ଲେଖି ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଲାବେଳେ ସେଇ ବର୍ଷ K.M. Georgeଙ୍କ ସମ୍ପାଦନାରେ ଭାରତୀୟ ସାହିତ୍ୟ ସମ୍ପର୍କରେ ଯେଉଁ ଇଂରେଜୀ ପୁସ୍ତକଟି ପ୍ରକାଶିତ ହୋଇଛି ସୀତାକାନ୍ତ ମହାପାତ୍ର ସେଥିରେ ଗୋଟିଏ ଇଂରାଜୀ ପ୍ରବନ୍ଧରେ ଓଡ଼ିଆ ନାଟ୍ୟ ସାହିତ୍ୟରେ ମୁଁ ଜଣେ ନବାଗତ ଏବଂ ଦୁଇ ତିନୋଟି ନାଟକ ଲେଖିଛି ବୋଲି ଉଲ୍ଲେଖ କରିଛନ୍ତି । ସେହିପରି ଭାରତୀୟ ସାହିତ୍ୟ Indian Literature ପାଇଁ ଯତୀନ୍ଦ୍ର ମୋହନ ମହାନ୍ତି ଯେଉଁ ବାର୍ଷିକ ରିପୋର୍ଟଟି ପ୍ରସ୍ତୁତ କରନ୍ତି ସେଥିରେ ପ୍ରତିବର୍ଷ ମୁଁ ଯେଉଁ ନାଟକ ଲେଖେ ତାର ମୂଲ୍ୟାୟନ ଦୂରେ ଥାଉ, ତାର ତାଲିକା ମଧ୍ୟ ଦେବାକୁ କୁଣ୍ଠାବୋଧ କରନ୍ତି । 'ମୋ ଜୀବନ

Digitized by srujanika@gmail.com

ଓ ମୋ ସାହିତ୍ୟ' କ୍ରମରେ ରୋମନ୍ଥନ କଲାବେଳେ ଓଡ଼ିଆ ସମାଲୋଚକମାନଙ୍କ ପ୍ରତି ଯେଉଁ ଘୃଣା ଆସେ ତାହା ମଧ୍ୟ ମୋ' ସାହିତ୍ୟ ପୃଷ୍ଠାମାନଙ୍କରେ ଲିପିବଦ୍ଧ ।

ମୋର ମନେ ହୁଏ ବିଭିନ୍ନ ରାଶି ଓ ଗ୍ରହମାନଙ୍କର ଆବର୍ତ୍ତନ ଭିତରେ ମୋର ମାନସିକ ଜଳବାୟୁର ପରିବର୍ତ୍ତନ ହୁଏ ଏବଂ ବିଭିନ୍ନ ସମୟରେ ଜୀବନର ବିଭିନ୍ନ ଅନୁଭୂତି ମୋ' ସାହିତ୍ୟର ଅନ୍ତର୍ଭୁକ୍ତ ହୋଇଯାଆନ୍ତି । ସେଗୁଡ଼ିକର ସ୍ଥୂଳତା ଓ ସୂକ୍ଷ୍ମତା ବିଚାର କରିବା ଆପେକ୍ଷିକ ବ୍ୟାପାର । ମୋ' ପାଇଁ ଯାହା ସୂକ୍ଷ୍ମ ତାହା ଅନ୍ୟ ଜଣେ କ୍ଷମତାଶାଳୀକୁ ସ୍ଥୂଳ ମନେ ହୋଇପାରେ । ମୁଁ ଯୋଉ ଅନୁଭୂତିକୁ ଲୁହରେ ଲେଖିଛି ଅନ୍ୟ ଜଣେ ତାକୁ 'ଶସ୍ତା ସେଣ୍ଟିମେଣ୍ଟ' ବୋଲି କହିପାରେ । ମୋ ପାଇଁ ଯାହା ହାସ୍ୟୋଦ୍ଦୀପକ ତାହା ଅନ୍ୟ ଜଣକୁ ବ୍ୟଙ୍ଗ ବୋଲି ମନେ ହୋଇପାରେ । ମୋ' ସ୍ୱପ୍ନର ପୃଥିବୀ ଯୋଉଠି ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯାଉଛି ସେଇଠି ମୋ' ମନ କ୍ଷୁବ୍ଧ ହୋଇପାରେ ଏବଂ ତାକୁ ଲେଖି ପ୍ରକାଶ କଲେ ଆଉ ଜଣେ ସ୍ୱପ୍ନ ଦେଖିବା ପାଇଁ ଅଯୋଗ୍ୟ ଲୋକ "ଏଗୁଡ଼ାକ ସାହିତ୍ୟ ନୁହେଁ ବୋଲି ମନ୍ତବ୍ୟ ଦେଇପାରେ" ।

ମୋଟ କଥା ଓଡ଼ିଶାର ଶିକ୍ଷିତ ଲୋକେ ଅନ୍ୟର ସୃଷ୍ଟିଶୀଳତାକୁ ସ୍ୱୀକାର କରିବାକୁ ଭୟ କରନ୍ତି । ଭାବନ୍ତି ଅନ୍ୟକୁ ସ୍ୱୀକାର କଲେ ନିଜର ପ୍ରାଧାନ୍ୟ ଲୋପ ପାଇଯିବ । ଏଣୁ ସେମାନେ 'ବ୍ୟୁରୋକ୍ରାଟିକ' ମନ୍ତବ୍ୟ ଦେବାଛଡ଼ା ଅନ୍ୟ କିଛି କହିପାରନ୍ତି ନାହିଁ । ଏପରି ମନ୍ତବ୍ୟ ଯେଉଁଥିରୁ କୌଣସି ମନୋଭାବ ସ୍ପଷ୍ଟ ହେଉନଥିବ ।ଏଣୁ ଓଡ଼ିଶାର ଏହି ସଭ୍ୟ ଶିକ୍ଷିତ ସମ୍ପ୍ରଦାୟଙ୍କୁ ମୁଁ ଘୃଣା କରେ । ସତରେ ମୁଁ ସେମାନଙ୍କୁ ଘୃଣା କରେ କି ଦୟାକରେ ମୁଁ ଠିକ୍ ଭାବେ କହିପାରିବି ନାହିଁ । ଏମାନେ ଆତ୍ମିକ ସ୍ତରରେ ଏକ ପ୍ରକାର Ontological Insecurityର ଶିକାର ହୋଇ ଏକ ବିଭକ୍ତ ମାନସିକତା ଏବଂ ଅର୍ଦ୍ଧ ପାଗଳର ଜୀବନଯାପନ କରନ୍ତି । ଅନ୍ୟକୁ ସ୍ୱୀକାର କଲେ କାଳେ ଅନ୍ୟଜଣକ ତାକୁ ଗ୍ରାସ କରି ପକେଇବ - ଏଇ ଭୟରେ ଅନ୍ୟକୁ ସ୍ୱୀକାର କରିବା ଦୂରେ ଥାଉ, ନିଜକୁ ସ୍ୱଚ୍ଛଳ ଭାବେ ପ୍ରକାଶ କରିବା ପାଇଁ ମଧ୍ୟ ଭୟ କରନ୍ତି । କାରଣ ନିଜକୁ ପ୍ରକାଶ କଲେ ଅନ୍ୟମାନେ ତାକୁ ବୁଝିପାରିବେ ଓ ତା'ଚରିତ୍ରକୁ ପଢ଼ିଦେଇପାରିବେ ଏଇ ଭୟରେ ସେମାନେ ସମାଜଠାରୁ ଏବଂ କ୍ରମଶଃ ନିଜଠାରୁ ନିଜକୁ ଲୁଚେଇ ଲୁଚେଇ ବୁଲୁଥାନ୍ତି । ଏପରି ଏକ ସାହିତ୍ୟିକ ଗୋଷ୍ଠୀ ଭିତରେ କୌଣସି ସୁସ୍ଥ, ନିର୍ଭୀକ ବ୍ୟକ୍ତି ବଞ୍ଚିବା କଷ୍ଟକର । ମୋ' ସାହିତ୍ୟ ଓ ମୋ' ଜୀବନରେ ଏହି ପ୍ରତିକ୍ରିୟା ଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ ।

ଏହି ସବୁର ପ୍ରତିଫଳନ ଆମ ସମାଜରେ ପଡୁଛି । ଓଡ଼ିଆ ସମାଜ ଏକ ମୁଖାର ସମାଜ । ହିପୋକ୍ରାସୀର ସମାଜ । ଏଠି ଲୋକେ କେବଳ ସିନେମା ସ୍ୱରରେ

Digitized by srujanika@gmail.com

ଜଗନ୍ନାଥ ଭଜନ ଗାଆନ୍ତି ଓ ଶୁଣନ୍ତି । କୋଡ଼ିଏ ବର୍ଷର ଓଡ଼ିଆ ଝିଅ " କାଳିଆରେ ତୁ ମୋ' ଦେହରେ ଏମିତି ଘଷି ହେଇ ଯା ଯେ ତୋର କଳା ମୋ ଦେହରେ ବୋଲି ହେଇଯାଉ" .... କିମ୍ବା " କାଳିଆରେ... ସ୍ୱପ୍ନରେ ମୁଁ ତତେ କୁଣ୍ଢେଇ ଧରିଥିଲି" ବୋଲି ଯୋଉ ଗୀତ ଗାଏ ତା' ଭିତରୁ ସ୍ପଷ୍ଟ ହୋଇଯାଏ ଆଦିରସଟି ଏବଂ ମନେ ହୁଏ କାଳିଆ ଜଗନ୍ନାଥ ନୁହଁନ୍ତି । ବ୍ୟାଗୀ ପେଣ୍ଟ, ଢିଲା ସାର୍ଟ ପିନ୍ଧି ଜାଜ୍ କିମ୍ବା ଗୀଟାର୍ ବଜାଉଥିବା ଟୋକାଟିଏ । ଆମ ଭିତରର ମୁଖାପିନ୍ଧା ବ୍ୟକ୍ତିସତ୍ତାଟି ପ୍ରେମକୁ ମଧ୍ୟ ପ୍ରେମ ବୋଲି ଗ୍ରହଣ କରିବାକୁ କୁଣ୍ଠିତ । ଯୌନକାମନାକୁ ସତ୍ୟ ବୋଲି ସ୍ୱୀକାର କରିବାକୁ ବିମୁଖ । ଭିତରର ଆଦିମତାକୁ ଜଗନ୍ନାଥଙ୍କ ଘୋଡ଼ଣୀ ତଳେ ପ୍ରକାଶ କରିବାକୁ ସଂଭ୍ରମତା ବୋଲି ଭାବେ । ଠିକ୍ ଯେମିତି ପରକୀୟା ପ୍ରୀତି ପାଇଁ ମନ୍ଦିର ହିଁ ନିରାପଦ ସ୍ଥାନ ବୋଲି ଓଡ଼ିଆମାନେ ଗ୍ରହଣ କରିଥାନ୍ତି । ଏପରି ଏକ ଜନଚେତନା ଭିତରେ ମୁଁ ଯେତେବେଳେ ସ୍ପଷ୍ଟ ଭାବରେ କିଛି କହିବାକୁ ଚାହେଁ ମତେ ମୋର ସମସାମୟିକ ମାନେ ବିଦ୍ରୋହୀ ବୋଲି କହନ୍ତି । ବିକାରଗ୍ରସ୍ତ Maladjusted ବ୍ୟକ୍ତିତ୍ୱ ବୋଲି କହନ୍ତି ।

ବନ୍ଧୁଗଣ ! ବିଦ୍ରୋହୀ, ଅସାମାଜିକ କିମ୍ବା ଅନ୍ୟକିଛି ଉପାଧି ଗ୍ରହଣ କରିବାକୁ ମୁଁ ପ୍ରସ୍ତୁତ । କିନ୍ତୁ ଅବୈଧ ନୈତିକ ବ୍ୟବସ୍ଥା ଭିତରେ ସାଲିସ୍ କରି ନିଜକୁ କଳଙ୍କିତ କରିବା ସପକ୍ଷରେ ମୁଁ ନାହିଁ, ଫଳରେ ଏଇ ଅବୈଧ, ଦୁର୍ନୀତି ପରାୟଣ, ଜାରଜମାନଙ୍କ ସମାଜ ମତେ ଓଡ଼ିଶା ପ୍ରଦେଶରେ ଖଣ୍ଡେ ସ୍ଥାୟୀ ଠିକଣା ଯୋଗାଇପାରି ନାହିଁ । ଓଡ଼ିଶାରେ ମୋର ଘର ନାହିଁ, ଚୋରମାନଙ୍କ ଦୁଇ ନମ୍ବର ପଇସାରେ ଗଢ଼ା ଘରମାନଙ୍କରେ ଭଡ଼ାରେ ରହି ମୁଁ ଅତ୍ୟାଚାରିତ । ମୋର ପଢ଼ିବା ପାଇଁ ପୁସ୍ତକ ନାହିଁ, ଖାଇବା ପାଇଁ ଦାନା ନାହିଁ, ଚଢ଼ିବା ପାଇଁ ଗାଡ଼ି ନାହିଁ କି ମୁଣ୍ଡ ଉପରେ ନିଜସ୍ୱ ଛାତଟିଏ ନାହିଁ, ମୁଁ ଓଡ଼ିଶାର ସ୍ଥାୟୀ ବାସିନ୍ଦା କି ନା ତାହା ଓଡ଼ିଶାର ରାଜସ୍ୱ ବିଭାଗ କହିପାରିବ ନାହିଁ । ମୁଁ ମଧ୍ୟ ଏପରି ଏକ ତଥାକଥିତ ସଭ୍ୟ, ଏଲିଟ୍ ବୋଲାଉଥିବା ଚୋରମାନଙ୍କ ମୁହଁରେ ଛେପ ପକଉଛି । ଭାଗ୍ୟଭଲ, ଓଡ଼ିଶାର ଗାଁ ଗହଳୀରେ ଯେଉଁ ଅଗଣିତ ଦର୍ଶକ ଅଛନ୍ତି ସେମାନଙ୍କର ଉତ୍ସାହ ପାଇ ମୁଁ କୌଣସି ମତେ ନାଟକ ଲେଖିଚାଲିଛି ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ କୁଆଡ଼େ ସାହିତ୍ୟକୁ ଅନାବଶ୍ୟକ ବୋଲି କହୁଛନ୍ତି । ଫୁଲ ଅପେକ୍ଷା ଇସ୍ପାତ କାରଖାନାର ଧୂଆଁ ତାଙ୍କୁ ଭଲ ଲାଗେ, ଏକାଡେମୀମାନଙ୍କରେ ଯେ କୌଣସି ଲୋକ ଚୌକି ମାଡ଼ି ବସିପାରୁଛି, ଚଳଚ୍ଚିତ୍ର କଳା ଅନଭିଜ୍ଞମାନଙ୍କ ହାତରେ କଳଙ୍କିତ । ଏପରି ଏକ ପରିବେଶ ତିଆରି ହେବ ବୋଲି ଭାବିଥିଲେ ମୁଁ କେବେ ସାହିତ୍ୟ

Digitized by srujanika@gmail.com

ପଢ଼ିନଥାନ୍ତି, ସାହିତ୍ୟ ପଢ଼ଉନଥାନ୍ତି ଏବଂ ସାହିତ୍ୟ କରୁନଥାନ୍ତି । ଜୀବନର ଦୀର୍ଘ ତିରିଶ୍‌ଟି ବର୍ଷ ସାହିତ୍ୟ ଓ ତାର ଏକ ବିରଳ ବିଭାଗ ନାଟକ ପାଇଁ ନଷ୍ଟ କରିନଥାନ୍ତି ।

ଶିକ୍ଷିତ ଓଡ଼ିଆ ସମାଜରେ ସାହିତ୍ୟିକ ଏକ କୌତୂହଳପ୍ରଦ ବସ୍ତୁବିଶେଷ, ବ୍ୟବସାୟୀ ଓ କ୍ଷମତାଧାରୀ ପ୍ରଶାସକମାନଙ୍କର ପୃଥିବୀରେ ତାର କୌଣସି ସାମାଜିକ ସ୍ଥିତି ନାହିଁ । ନନ୍ଦନକାନନରେ ଥିବା ଧଳା ବାଘ, ସର୍କସରେ ହସାଉଥିବା ଜୋକର କିମ୍ବା ମ୍ୟୁଜିଅମ୍‌ରେ ପଥର ଖଣ୍ଡେ ଯାହା, ଜଣେ ସାହିତ୍ୟିକ ସେୟା । ସେ ଯଦି ନାଟ୍ୟକାର ହେଇଥାଏ ତା'ହେଲେ ସେ ଆମୋଦପ୍ରମୋଦ ଶିଳ୍ପରୁ ବାହାରିଥିବା 'ଏଗ୍‌ମାର୍କ' ମରା ଖାଣ୍ଟି ଖାଉଟି ଦ୍ରବ୍ୟଟିଏ । ତାକୁ ଯେ କୌଣସି ମୁହୂର୍ତ୍ତରେ 'ମ୍ୟାଗି ନୁ୍ୟଡୁଲ୍‌ସ' ଭଳି ଖିଆଯାଇପାରେ । ବିଗତ ଦିନମାନଙ୍କରେ କାଳିଚରଣ ପଟ୍ଟନାୟକ ପ୍ରଭୃତି ଲେଖକ-ନିର୍ଦ୍ଦେଶକମାନେ ଧନୀ ଶ୍ରେଣୀର ଗ୍ରାହକମାନଙ୍କ ଆଗରେ ନିଜକୁ ଯେପରି ବିକ୍ରି କରିଛନ୍ତି ତାର ଫଳ ଆମେ ଉତ୍ତରଦାୟାଦ ମାନେ ଭୋଗ କରୁଛୁ ।

କଟକରୁ ଢେଙ୍କାନାଳ ଯିବା ବସ୍‌ରେ ଦିନେ ଢେଙ୍କାନାଳର ଗୋଟେ ଓକିଲ ମତେ ସେପରି ଏକ ବସ୍ତୁ ବୋଲି ମନେ କରିଥିଲା । ମୁଁ ନାଟକ ଓ ଯାତ୍ରା କରେ ବୋଲି ମୋର କଥାର କୌଣସି ମୂଲ୍ୟ ନାହିଁ ଓ ଆମ ସମାଜ ଓ ଶିକ୍ଷା ବ୍ୟବସ୍ଥାର ପଚମାନ ଅବସ୍ଥିତି ସମ୍ପର୍କରେ କୌଣସି ମନ୍ତବ୍ୟ ଦେବାର ଅଧିକାର ମୋର ନାହିଁ ବୋଲି କହିଥିଲା । ତା'ମତରେ ଓକିଲମାନେ ହିଁ ଆଧୁନିକ ସମାଜର ବୁଦ୍ଧିଜୀବୀମାନଙ୍କର ପ୍ରତିନିଧି ।

କଟକ ଅରୁଣୋଦୟ ନଗରରେ ମୁଁ ଗୋଟାଏ ଚରମ ଦୁର୍ନୀତିର ପଙ୍କ ଭିତରେ ବୁଡ଼ି ପୋକ ଭଳି ସାଲୁବାଲୁ ହେଉଥିବା ଓ.ଏ.ଏସ୍. ଅଫିସର୍‌ର ଘରେ ଭଡ଼ାରେ ରହିବାର ଦୁର୍ଭାଗ୍ୟ ପାଇଥିଲି । ସେ ଲୋକ ମତେ ଯେତେବେଳେ ଦେଖେ ପାପବୋଧର ଗ୍ଲାନିରେ ମାନସିକ ଭାରସାମ୍ୟ ହରାଇବସେ । ତାକୁ ଲାଗେ ମୁଁ ଯେମିତି ତା'ର ଦୁର୍ନୀତିର ସବୁ ହିସାବ ରଖିଛି, ତେଣୁ ମତେ ଯେତେବେଳେ ଦେଖେ ତାକୁ ଲାଗେ ସିଏ ଯେମିତି ଏକ କାଳ୍ପନିକ କାଠଗଡ଼ା ଭିତରେ ଠିଆ ହେଇଛି । ତେଣୁ କୈଫିୟତ ଦେଲାଭଳି କହେ - "ଆପଣ ଭାବୁଛନ୍ତି କି ମୁଁ ଲାଞ୍ଚ ନେଇ ଏ ଘରବାଡ଼ି କରିଛି ବୋଲି ? ନା ଆଜ୍ଞା ! ମୁଁ ଦୁର୍ନୀତି କରେ ନାହିଁ" ବାରମ୍ବାର ନିଜର ନିର୍ମଳ ଭାବମୂର୍ତ୍ତି ସମ୍ପର୍କରେ କୈଫିୟତ ଦେଉଥିବା ଏଇ ଲୋକଟି ଯେଉଁଦିନ ଜାଣିଲା ଅଧ୍ୟାପକମାନଙ୍କର ଦରମା ବଢ଼ିଗଲା ସେ ଦିନ ମୁଁ ନଥିବା ଅବସ୍ଥାରେ ମୋ ଘରେ ପଶି ମୋ' ସ୍ତ୍ରୀଙ୍କୁ ଗୁଣ୍ଡା ଲଗେଇ ଘଉଡ଼େଇବାର ଧମକ ଦେଇ ଘରୁ ତଡ଼ିଦେଲା, ମୁଁ ସେତେବେଳେ ପୃଥିବୀର ସର୍ବାଧୁନିକ ନାଟ୍ୟଧାରା (Post-Modern Trend) ସମ୍ପର୍କରେ ହାଇଦ୍ରାବାଦରେ ଗବେଷଣା କରୁଥିଲି ।

Digitized by srujanika@gmail.com

ଆମ ସମାଜରେ "ହିରୋ" କିଏ ସେ ସମ୍ପର୍କରେ ନିଶ୍ଚୟ ପ୍ରତିଯୋଗିତା ଚାଲିଛି । ପ୍ରତ୍ୟେକେ ପ୍ରତ୍ୟେକଙ୍କୁ ହିରୋ-ପ୍ରତିଯୋଗିତାରେ ହରେଇବାକୁ ଚାହାଁନ୍ତି, କିନ୍ତୁ ଉପରୋକ୍ତ ଓ.ଏ.ଏସ୍. (୧) ଅଫିସରଙ୍କର ଦେହ ସର୍ବସ୍ୱ ଆଚରଣ ଦେଖି ମୁଁ ନିଶ୍ଚୟ ଜାଣିପାରିଲି ଯେ ଏମାନେ ହେଉଛନ୍ତି ଖଳନାୟକ ବା ଭିଲେନ୍‌ର ନୂଆ ସଂସ୍କରଣ, ଆଗ କାଳରେ ଯବନ ବା ଇଂରେଜୀ ସାହେବମାନେ ଭିଲେନ୍ ଥିଲେ । ତା'ପରେ କଳାବଜାରୀ, କଣ୍ଟ୍ରାକ୍ଟର, ଟାଉଟର/ ରାଜନୀତିବାଲା ଶିଳ୍ପପତି/ଜମିଦାର ବା ନିଶା ଔଷଧ, ନାରୀ ଓ ଅସ୍ତ୍ରଶସ୍ତ୍ର ବିକୁଥିବା ଲୋକଙ୍କୁ ଖଳନାୟକ ବୋଲି ନାଟକ ଓ ସିନେମାରେ ଚିତ୍ରଣ କରାଗଲା । ବର୍ତ୍ତମାନ ଭିଲେନ୍ ସଦାଶିବ, ଚରଣରାଜ ବା ନିଲୁ ଫୁଲେଷ୍ଟାଇଲ୍‌ରେ ହସିହସି ସଉକ ପୋଷାକ ପିନ୍ଧି, ହିରୋ ଭଳି ଅଭିନୟ କରି ଭିଲେନ୍‌ଗିରି କରେ । ଆଜିର ଓ.ଏ.ଏସ୍, ଆଇ.ଏ.ଏସ୍, ପଦସ୍ଥ ପୋଲିସ୍ ଅଫିସର୍ ଏବଂ ଉପୁରି ପଇସା ମିଳୁଥିବା ସମସ୍ତ କ୍ଷମତାସୀନ ପ୍ରଶାସକଙ୍କୁ ଭିଲେନ୍ ପର୍ଯ୍ୟାୟରେ ଗ୍ରହଣ କରାଯାଇପାରେ । ସିନେମାରେ ଯେମିତି ଦୁଇଦଳ ଭିଲେନ୍‌ଙ୍କ ଭିତରେ ଛୁରା, ଭୁଜାଲି ଏବଂ ଷ୍ଟେନ୍ ଗନ୍ ବୋମା ଫାଇଟିଙ୍ଗ୍ ହୁଏ ସେହିପରି ଦଳେ କ୍ଷମତାସୀନ ରାଜନୈତିକ ଖଳନାୟକ ଏବଂ ପ୍ରଶାସକ ଖଳନାୟକ ଆମ ସମାଜରେ 'ଗ୍ୟାଙ୍ଗ୍' ଯୁଦ୍ଧ କରୁଛନ୍ତି । ଉଦ୍ଦେଶ୍ୟ - ନିଜକୁ 'ହିରୋ' ବୋଲି ପ୍ରମାଣିତ କରି ସମାଜରେ ପ୍ରତିଷ୍ଠିତ ହେବା ।

କିନ୍ତୁ ଯେଉଁ ସାହିତ୍ୟିକଟି ସମାଜ ବ୍ୟବସ୍ଥାକୁ ଓ ତାର ନୀତି, ଦୁର୍ନୀତି, ରାଜନୀତିକୁ ସୂକ୍ଷ୍ମ ଭାବରେ ଅନୁଧ୍ୟାନ କରି ତାକୁ ପ୍ରକାଶ କରୁଛି ସିଏ ପରଦା ଅନ୍ତରାଳରେ । ଗୋଟାଏ ଅନ୍ଧ ସମାଜକୁ ଯିଏ ଆଲୋକ ଦେଖେଇବାର ଭୂମିକା ଗ୍ରହଣ କରିଛି ସିଏ କୋଉଠି ହଜିଗଲେଣି । ସାହିତ୍ୟକୁ ଯେଉଁମାନେ କ୍ଷମତାର ଟୋପିରେ ଆଉ ଗୋଟାଏ ରଙ୍ଗୀନ ପର ବୋଲି ଭାବି କଲମ ଚଳେଇଛନ୍ତି ସେମାନେ 'ଲବି'କରି ପୁରସ୍କାର ପାଇବାରେ କୃତକାର୍ଯ୍ୟ । ଫଳରେ ଭଲଠାରୁ ଖରାପ ଅଲଗା ହୋଇପାରୁନି । ପ୍ରଚାର ଓ ଜାତିଆଣ ଗ୍ରୁପ୍ କରି ସେମାନେ ଚିରକାଳ ନ ହେଲେ ମଧ୍ୟ ଜୀବନ କାଳ ଭିତରେ ବେଶ୍ ସାହିତ୍ୟିକ ଫାଇଦା ଉଠାଇପାରୁଛନ୍ତି ।

ସାହିତ୍ୟ କରିବାକୁ ହେଲେ ଏପରି ଏକ ଆଦିମତା ଭିତରକୁ ଫେରିଯିବାକୁ ହେବ ବୋଲି ଜାଣିଥିଲେ ମୁଁ ସାହିତ୍ୟ ପଢ଼ିବା, ପଢ଼େଇବା ଓ ଲେଖିବା କାର୍ଯ୍ୟଟି କେବେହେଲେ କରିନଥାନ୍ତି । ମୁଁ ଖାଲି ଲେଖିଚାଲିଥିବି ଓ ନିରବଧି କାଳ କେବେ ଦିନେ ମୋ' ସାହିତ୍ୟର ବିଚାର କରିବ - ଏପରି ଏକ ଆତ୍ମପ୍ରତାରଣା ଭିତରେ ମୁଁ ବଞ୍ଚିବାକୁ ଚାହିଁନାହିଁ, ଓଡ଼ିଶାର

Digitized by srujanika@gmail.com

ହଜାର ହଜାର ନାମହୀନ ଦର୍ଶକଙ୍କ ପାଖରୁ ମୁଁ ଯେମିତି କରତାଳି, ଏବଂ ମୌଖିକ ସ୍ୱୀକାର ପାଏ ସେମିତି ଆମ ବୌଦ୍ଧିକ ମହଲରୁ ମଧ୍ୟ କିଛି କିଛି ଆଶା କରେ ।

କିନ୍ତୁ ସାହିତ୍ୟ ବ୍ୟବସାୟ ସହିତ ଯେଉଁ ବୁଦ୍ଧିଜୀବୀ (ସେମାନଙ୍କୁ କୌଣସି ଅଶ୍ଳୀଳ ଭାଷାରେ ଗାଳିଦେବା ଅପେକ୍ଷା ବୁଦ୍ଧିଜୀବୀ କହିବା ଭଲ)ମାନେ ଜଡ଼ିତ ସେମାନେ 'ଗାଲୁଆ' । ଏମାନଙ୍କୁ ମାରି ଥୋବଣି ଫଟେଇ ଦେଲେବି ସେମାନେ ଅନ୍ୟଙ୍କୁ ସ୍ୱୀକାର କରିବେ ନାହିଁ, ପାଠ୍ୟଖସଡ଼ା କମିଟି, ସାହିତ୍ୟ ଓ ନାଟକ ଏକାଡେମୀମାନଙ୍କରେ ଏହି ଜୋକରମାନଙ୍କର ଉପଦ୍ରବ ବେଶି । ଏମାନେ ନେତାମାନଙ୍କ ପାଖରେ କଚ୍ଛା ଖୋଲି, ଜୋତା ଚାଟି ଚୌକି ମାଡ଼ି ବସନ୍ତି ଓ ଖାଣ୍ଟି ସାହିତ୍ୟ ଉପରେ 'ଏଗ୍‌ମାର୍କ' ଛପା ମାରନ୍ତି । ବାହାରେ ଓଡ଼ିଆ ସାହିତ୍ୟର କିଏ କିଏ ପ୍ରତିନିଧିତ୍ୱ କରିବେ, କାହା ପୁସ୍ତକ ପାଠ୍ୟକ୍ରମରେ ରହିବ ସେମାନେ ତାହା ନିର୍ଦ୍ଧାରଣ କରିବେ । ଯଦି ସାହିତ୍ୟିକ ଜଣକ ଆଇ.ଏ.ଏସ୍. ହୋଇଥିବେ, ଦିଲ୍ଲୀରେ ଅବସ୍ଥାପିତ ହୋଇ ଇଂରାଜୀ ଭାଷାରେ ଓଡ଼ିଆ ସାହିତ୍ୟକୁ 'ନ୍ୟାସ୍‌ନାଲ୍ ମାର୍କେଟ୍'ରେ ବିକ୍ରି କରୁଥିବେ ଏବଂ ପୁରସ୍କାର ସିନ୍ଦୂକର ଚାବିକାଠିଟା ତାଙ୍କ ହାତରେ ଥିବ ତା'ହେଲେ ଜାଣନ୍ତୁ ସିଏ ହଉଛନ୍ତି ଓଡ଼ିଆ ସାହିତ୍ୟର ନେପୋଲିଅନ୍ ବା ସଦ୍ଦାମ ହୁସେନ୍ ବା ଜର୍ଜ ବୁଶ୍ !

କିନ୍ତୁ ଦୁଃଖର କଥା, ସାହିତ୍ୟ କ୍ଷେତ୍ରରେ ଏ ଯୋଉ ନୂଆ ଭିଲେନ୍‌ମାନଙ୍କର ଆବିର୍ଭାବ ହେଇଛି ସେମାନେ ନିଜକୁ 'ହିରୋ'ର ଅଭିନୟ ଭିତରେ ଘୋଡ଼େଇ ରଖୁଛନ୍ତି ଏବଂ ଆଗାମୀ କାଲିର ଦୁର୍ଭାଗା ଯୁବ ସାହିତ୍ୟିକମାନଙ୍କୁ ଏକ ଭୁଲ୍ ଆତ୍ମପ୍ରତିଷ୍ଠାର ବାଟ ଦେଖାଇଛନ୍ତି । ଯୋଉମାନେ ସାହିତ୍ୟ କରୁନାହାନ୍ତି ସେମାନେ ଆମମାନଙ୍କୁ ମଧ୍ୟ ସେମିତି ମନେ କରୁଥିବେ । ରାତି ଗୋଟେ ଯାଏଁ ଘରେ ପଢ଼ାଘର ନଥିବା ଯୋଗୁଁ କୌଣସି ଭଡ଼ାଘର ବାରଣ୍ଡାରେ ଆଲୁଅ ଜାଳି ସାହିତ୍ୟ ପଢୁଥିବା ରମେଶ ପାଣିଗ୍ରାହୀକୁ ଶେଷରାତ୍ରିର ଶେଷ ପେଗ ହ୍ୱିସ୍କି ପିଇ, କୌଣସି ହୋଟେଲ୍‌ରୁ କିଛ କୁକୁଡ଼ା ମାଂସ ଖାଇ, ମାରୁତି ଭେନ୍‌ରେ ଫେରୁଥିବା ମାଲ୍‌ବାର୍ ମଣିଷଟି ଯେତେବେଳେ ଦେଖୁଥିବ କିଛି ବୁଝିପାରୁନଥିବ, ମଝିରେ ମଝିରେ ନାଲି ନେଳି ଆଲୁଅ ଲାଗିଥିବା ଶୋଇବା ଘର ଝରକାମାନଙ୍କ ସେପଟରୁ ଫୁସ୍‌ଫାସ୍ ଶବ୍ଦ ଶୁଭୁଥିବ - ରାତ୍ରିର ଏଇ ବିଳମ୍ବିତ ପ୍ରହରରେ ଏମିତି କଷ୍ଟ ପାଇବାର ମାନେ କଣ ହେଇପାରେ ।

ସତରେ ! ଯେତେଦିନ ସାହିତ୍ୟକୁ ଆଇ.ଏ.ଏସ୍. ପରୀକ୍ଷାର ଉତ୍ତର ବା ପ୍ରମୋଶନର ସିଡ଼ି ବୋଲି ମନେକରି ଓଡ଼ିଆ କବି/ସାହିତ୍ୟିକ ନିଜର ଗ୍ରୁପ୍ ତିଆରି କରିବାରେ ଲାଗିଥିବ ସେତେଦିନ ବଜାରରେ ତାର ମୂଲ୍ୟ କମି କମି ଯାଉଥିବ । ତା'ଛଡ଼ା

Digitized by srujanika@gmail.com

ଲୁହା କାରଖାନାର ସ୍ୱପ୍ନ ଦେଖୁଥିବା ନେତାମାନେ ଫୁଲ ଫୁଟିବା କଥା କାହିଁକି ଚିନ୍ତା କରିବେ ? ସେମାନେ କାହିଁକି ଜାଣିବେ ଯେ ଡାକ୍ତରୀ ପାଠର ସୁଷମ ଖାଦ୍ୟର ଏକ ଶତାଂଶ ନଖାଇ ମଧ୍ୟ ସୁସ୍ଥ ଜୀବନ ବଞ୍ଚିହୁଏ । ସେମାନେ କାହିଁକି ଜାଣିବେ ଯେ ସଭ୍ୟତାର ମାନଚିତ୍ର ତିଆରି କରିବାକୁ ହେଲେ "ଭୁବନେଶ୍ୱର ଡେଭ୍‌ଲପ୍‌ମେଣ୍ଟ ଅଥରିଟ୍" ଙ୍କ ପାଖରେ ଚାକିରି କରିବା ଅନାବଶ୍ୟକ ?

ଏମିତି ଶସ୍ତା ସାହିତ୍ୟ ଅଫିସର୍‌ମାନଙ୍କ ପରିବେଶ ଭିତରେ ବଞ୍ଚି ଆସିଥିବା ମୋ'ଭଳି ଜଣେ ଅଧମ ନାଟ୍ୟକାରଙ୍କୁ ଆପଣମାନେ ଡାକିଛନ୍ତି ତାର ଜୀବନୀ ଶୁଣିବାକୁ ! ମୁଁ ତ ଆଜ୍ଞା ମହାପୁରୁଷ ନୁହେଁ ! ଆଜିକାଲି ପଇସା ଆଉ କ୍ଷମତା ଥିଲେ ମହାପୁରୁଷ ହୁଅନ୍ତି । ଆନ୍ଧ୍ର, ତାମିଲ୍‌ନାଡୁ, କର୍ଣ୍ଣାଟକ କିମ୍ବା ବଙ୍ଗଦେଶମାନଙ୍କରେ ସାହିତ୍ୟିକମାନଙ୍କୁ ଯେଉଁ ଆଦର ଓ ସମ୍ମାନ ମିଳେ ତାହା କଣ ଏଠି ମିଳିବା ସମ୍ଭବ ? ଆଜିକାଲି କ୍ରିକେଟ୍ ଖେଳିଲେ ହିରୋ । ବାବାଜୀ ହେଲେ ହିରୋ । ଆକାଶରେ ଉଡ଼ିଲେ ହିରୋ । କଲେଜ୍ କ୍ୟାମ୍ପସ୍‌ରେ ଛୁରା ଭୁଜାଲି ଚଳେଇଲେ ହିରୋ । ଗୀତ ଗାଇଲେ ହିରୋ । ଏମ୍.ଏଲ୍.ଏ. ହେଇଗଲେ ବି ହିରୋ । ସେଣ୍ଟ୍ରାଲ୍ ଭାଲ୍ୟୁଏସନ୍ ବେଳେ ଦଳେ ଅଧ୍ୟାପକ ଯେମିତି ପିଲାଙ୍କର ଭାଗ୍ୟ ନିୟନ୍ତ୍ରଣ କରନ୍ତି ସେମିତି ଦଳେ ଭୋଟ ପାଇ ଆସେମ୍ବ୍ଲିରେ ବସି ଦେଶ ଶାସନ କରୁଛନ୍ତି ବୋଲି ହିରୋ । ମତେ ଲାଗେ ଆମ ଓଡ଼ିଶାର ଶ୍ରେଷ୍ଠ ନାଟକ ଆସେମ୍ବ୍ଲି ଭିତରେ ଯେଉଁଦିନଠାରୁ ମଞ୍ଚସ୍ଥ ହେବାକୁ ଆରମ୍ଭ କଲା ସେଇଦିନୁ ଓଡ଼ିଆ ନାଟ୍ୟ ସାହିତ୍ୟ ଓ ମଞ୍ଚକଳାର ବିପର୍ଯ୍ୟୟ ଘଟିଲା ।

ଏଇମାନେ ହିଁ ଶ୍ରେଷ୍ଠ ଅଭିନେତା । ଏଇମାନଙ୍କ ଦେଶରେ ଅଧ୍ୟାପକ ଚାକିରି କରୁଛି ବୋଲି କହିବାକୁ ମତେ ଲାଜ ମାଡୁଥିଲା ପ୍ରଥମେ ପ୍ରଥମେ । ଯେଉଁ ଦେଶରେ ଅଧ୍ୟାପକଟିଏ ଦେଖିଲେ 'ସାଧବପୁତ୍ର' ଛାତ୍ର ଭାବେ - "ଏଇ ଲୋକ ତାଙ୍କ ବାପାଙ୍କ ଲୁଗା ଦୋକାନର ସେଲ୍‌ସମ୍ୟାନ୍‌ଠାରୁ ମଧ୍ୟ କମ୍ ପଇସା ପାଏ" - ଯେଉଁ ଦେଶରେ ଦିନ ମଜୁରିଆ ୨୫ ଟଙ୍କା ପାଇଲାବେଳେ ଭଡ଼ାଟିଆ ଅଧ୍ୟାପକ କ୍ଲାସ୍‌ଟିଏ ନେଲେ ମଧ୍ୟ ୨୫ଟଙ୍କା ପାଏ, ସେଇ ଦେଶରେ ଭଲ ନାଟକ/ଖରାପ ନାଟକ, ଭଲ ସାହିତ୍ୟ ଖରାପ ସାହିତ୍ୟ ଭିତରେ ଫରକ ଜଣାପଡ଼ିବ କେମିତି ? ଆଜିକାଲି ମୁଁ ନାଟକ ଲେଖୁଛି ବୋଲି କହିବାକୁ ଲାଜ ମାଡୁଛି । ବିଶେଷ କରି ମୋ ପୁଅ ବୟସର ଯୁବକମାନଙ୍କୁ ମୁଁ ଯଦି କହିବି - ମୁଁ ଜୀବନସାରା ସାହିତ୍ୟ ପଢୁଚି, ପଢ଼ଉଚି ଆଉ ଲେଖୁଚି - ସେମାନେ ମତେ 'ବାୟା' ବୋଲି ଭାବିବେ । ପୋଲିସ୍, ଓ.ଏ.ଏସ୍. ଏବଂ ଡ଼ାକ୍ତର, ଇଞ୍ଜିନିୟରମାନେ ମଧ୍ୟ ଏଗୁଡ଼ାକୁ ପାଗଳାମି ବୋଲି ଭାବନ୍ତି । ସତରେ ପିଲାମାନେ, ଆଜି ତମେମାନେ ଏଇଠି ଏତେ ସମୟ

Digitized by srujanika@gmail.com

ଧରି ମତେ କେମିତି ଶୁଣୁଚ ମୁଁ ଜାଣିପାରୁନି । କଟକଠାରୁ ଅନୁଗୁଳ ଅନେକ ଦୂର । ହୁଏତ ତମର ସାହିତ୍ୟ ଅଧ୍ୟାପକମାନେ ତମମାନଙ୍କୁ ଉଦ୍‌ବୁଦ୍ଧ କରିପାରିଛନ୍ତି, ଯା'ହଉ ମୁଁ ଆଜି ଧନ୍ୟ । କାରଣ ଏମ୍.ଏ. ଶ୍ରେଣୀରେ ମୁଁ ପାଠ ପଢ଼େଇଲାବେଳେ ମଧ୍ୟ କେହି ଏତେ ମନଦେଇ ଶୁଣନ୍ତି ନାହିଁ, ଖାଲି ପ୍ରଫେସର୍ ଫାଷ୍ଟକ୍ଲାସ୍ ନେବେ ବୋଲି ତାଙ୍କ ଶ୍ରେଣୀରେ ମନଦେଇ ଶୁଣିବାର ଅଭିନୟ କରନ୍ତି ।

ଏଇତ ମୋ' ଜୀବନ ! ଏଇତ ମୋର ସାହିତ୍ୟ ! ମୋ' ଜୀବନ ଯେମିତି ଘୃଣ୍ୟ - ମୋ' ସାହିତ୍ୟ ସେମିତି । ସାହିତ୍ୟ ଓ ସାହିତ୍ୟିକମାନଙ୍କୁ ଶାସକମାନେ 'ବନିତା' ଓ 'ଲତା'ମାନଙ୍କୁ ଯେତେ ସାହାଯ୍ୟ କରନ୍ତି ସେତିକି ସାହଯ୍ୟ କରନ୍ତି ନାହିଁ । ସାହିତ୍ୟ/ସଂସ୍କୃତି ନକରି ମୁଁ କ୍ରୀଡ଼ା ସଂସ୍କୃତି କରିଥିଲେ ବେଶି ସରକାରୀ ସାହାଯ୍ୟ ପାଇଥାନ୍ତି, ଏ ଦେଶର ଶାସକମାନେ ଦେହ ସର୍ବସ୍ୱ । ଦେହର ଦକ୍ଷିଣ ମେରୁ ସର୍ବସ୍ୱ । ତେଣୁ ଉତ୍ତରମେରୁର ଚେତନା ସମ୍ପର୍କରେ ଭାବିବାହିଁ ତାଙ୍କ ପକ୍ଷେ ଅସମ୍ଭବ । ତେଣୁ ମୋ' ଦେଶରେ ମୁଁ ଉଦ୍‌ବାସ୍ତୁ, ମୋ' ଦେଶରେ ମୁଁ ପରଦେଶୀ, ମୋ'ଦେଶ ମତେ ଏପର୍ଯ୍ୟନ୍ତ ସ୍ଥାୟୀ ଠିକଣାଟିଏ ଦେଇପାରିଲା ନାହିଁ, ଅଥଚ ଏ ଦେଶର ଅବୈଧ ଶାସକମାନେ ସାହିତ୍ୟ କିପରି ହେବା ଉଚିତ ସେ ସମ୍ପର୍କରେ ଭାଷଣ ଦେବେ । ସେଇମାନେ ହିଁ "ଉତ୍କଳ ଭାରତୀ" ଙ୍କୁ ରାସ୍ତା ଉପରେ ରେପ୍ କରୁଛନ୍ତି । ସେଇମାନେ ହିଁ ତାଙ୍କୁ ସାହିତ୍ୟର ଭାଡ଼ୁଆମାନଙ୍କ ହାତରେ ବିକିଦେଇ ବେଶ୍ୟା କରିନେଇଛନ୍ତି ।

ମୁଁ ମଧ୍ୟ ଦୁଇଥର ଠକଯାଇଛି ଜୀବନରେ, ଦୁଇଟି ଭାଡ଼ୁଆ ଅନୁଷ୍ଠାନର ସଭାପତି - ଉପସଭାପତି ଭାବେ ମତେ ସେମାନେ ଅଧିଷ୍ଠିତ କରି ଅନୁଷ୍ଠାନ ସମେତ ସଭ୍ୟମାନଙ୍କ ଇଜ୍ଜତକୁ ଖାଇଯାଇଛନ୍ତି । ତା'ସାଙ୍ଗରେ ମୋ' ଇଜ୍ଜତ ମଧ୍ୟ ବଜାରରେ ବିକ୍ରି ହୋଇଯାଇଛି । ଏ ଦୁଇଟି ଅନୁଷ୍ଠାନ ହେଲା - 'ନାଟ୍ୟଚକ୍ର' ଏବଂ 'ବାଗର୍ଥ' । ମୁଁ ଭାବେ ମୁଁ ନିଜେ ଏକ ଅଣଅନୁଷ୍ଠାନ; ସମସ୍ତ ଆନୁଷ୍ଠାନିକତାର ଉର୍ଦ୍ଧ୍ୱରେ । ତଥାପି କେମିତି କାହିଁକି ଯେ ଅନୁଷ୍ଠାନ ସହ ସମ୍ପୃକ୍ତ ହେଲି ବର୍ତ୍ତମାନ ଭାବିଲେ ମତେ ଲାଗେ ତାହା ପରକୀୟା ନୀଚପ୍ରୀତି କଲାଭଳି ଏକ ଦୁର୍ବଳ ମୁହୂର୍ତ୍ତର ପରିଣତି ।

ଏଇ କେତେ ଦିନ ହେଲା ମୁଁ ଖାଲି ସମସ୍ତଙ୍କୁ ଘୃଣା କରିଚାଲିଛି, ଏପରିକି ନିଜକୁ ନିଜ ଅସଫଳତା ପାଇଁ । ଓଡ଼ିଶା ଭଳି ଏକ ବାଜେ ପ୍ରଦେଶରେ ଜନ୍ମ ହେବାର ଫଳ । ଷଷ୍ଠ ଓ ସପ୍ତମ ଦଶକ ପର୍ଯ୍ୟନ୍ତ - ମତେ ପାଖାପାଖି ଚାଳିଶିବର୍ଷ ହେଲା ପର୍ଯ୍ୟନ୍ତ ମୁଁ କିନ୍ତୁ ଏ ଦେଶକୁ, ଏ ମାଟିକୁ, ଏ ଲୋକମାନଙ୍କୁ ଭଲ ପାଉଥିଲି । ସମାଜର ମନୋରଞ୍ଜନ କରିବା ମୋର ଦାୟିତ୍ୱ ବୋଲି ଭାବିଥିଲି । ମୋ' ନାଟକର ଏକ therapeutic quality

Digitized by srujanika@gmail.com

ଅଛି ବୋଲି ଭାବିଥିଲି । ମନେ ମନେ ଭାବିଥିଲି ମୋ’ ଲେଖାର ଆଦର୍ଶ ଏ ସମାଜ ବଦଳିଯିବ - ଏ ପୃଥିବୀର ମାନଚିତ୍ର ବଦଳିଯିବ - ଏ ଲୋକମାନେ ବଦଳିଯିବେ ।

ଆଜି ମୁଁ ଭାବୁଚି ମୁଁ କେଡ଼େ ବୋକାଥିଲି, ଆଜି ମୁଁ ଭାବୁଚି ସେଇ ‘ମୁଁ’ ଓ ଏଇ ‘ମୁଁ’ ଭିତରେ ଗୋଟାଏ ସଭ୍ୟତାର ଦୂରତା । ଦୁଇଟି ଯୁଗର ଦୂରତା, ଓ୍ୱାର୍ଡ଼ସଓ୍ୱାର୍ଥଙ୍କର ‘ଇମୋର୍ଟାଲିଟି ଓଡ୍’ର ବକ୍ତବ୍ୟ ଭଳି, ଆଜି ମୋର ମନେ ହେଉଛି, ସେଇ ଆଦର୍ଶ, ସତ୍ୟ ଓ ପ୍ରେମର ସାହିତ୍ୟରେ ବିଶ୍ୱାସ କରୁଥିବା ରମେଶ ପାଣିଗ୍ରାହୀକୁ କଟକ ଓ ଭୁବନେଶ୍ୱରର ‘ସାହିତ୍ୟ ମାଫିଆ’ମାନେ କୋଉଦିନଠୁ ମାରିଦେଲେଣି ।

ମୁଁ ବା କଣ କରିଥାନ୍ତି ? ଜନ୍ମ ହେଇଛି ସେମିତି ଗୋଟାଏ ଲଗ୍ନ ଓ ରାଶି ନେଇ । ଜନ୍ମ ହେଇଛି ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥିଲାବେଳେ । ପାଠ ପଢ଼ିବା ଆରମ୍ଭ କଲାବେଳକୁ ଏ ଦେଶଟାକୁ ଦୟାକରି ଇଂରେଜୀମାନେ ଛାଡ଼ି ଦେଇଗଲେ ଯେ ସେଇଟା ଯାଇ ପଡ଼ିଲା ଦଳେ ଅସାମାଜିକଙ୍କ ହାତରେ । ପିଲାଦିନେ ଆମକୁ ଗାନ୍ଧୀ, ଗୋପବନ୍ଧୁଙ୍କର ଆଦର୍ଶ ଦେଖେଇ ନିଜେ ଖୋଳ କରି ଦେଇଗଲେ ଦେଶଟାକୁ । ଆଉ ଆମେ ଦଳେ ସ୍ୱପ୍ନ ଦେଖାଳି ହନୁମାନ ଭଳି ସକାଳର ନାଲିଆ ସୂର୍ଯ୍ୟକୁ ଲଲିପପ୍ ଭାବି ଖାଇବାକୁ ଗଲୁ ଆମର ଭିତରଟା ତେଜିୟାନ୍ ହୋଇଯିବ ବୋଲି ଆଶା କରି । ଅଧାଅଧି ଗିଳି ଦେଲାବେଳେ ଅନୁଭବ କଲୁ ସେଇଟା “ଲଲିପପ୍” ଭଳି ମିଠା ଆଦର୍ଶ ନୁହେଁ - ଇସ୍ପାତ କାରଖାନାରୁ ଗଡୁଥିବା ତରଳ ଲାଭା । ପଛକୁ ଫେରିବାକୁ ବାଟ ନାଇଁ - ଆଗରେ ସବୁ ରାସ୍ତା ବନ୍ଦ କରି ଦେଇଛନ୍ତି ଡ଼କେଇତମାନେ ।

ତିରିଶି ବର୍ଷ ତଳେ ସେମିତି ଗୋଟାଏ ଆଦର୍ଶ ଏବଂ ଅନେକ ମୂଲ୍ୟବୋଧକୁ ପାଥେୟ କରି ସାହିତ୍ୟର ମନ୍ଦିର ଭିତରକୁ ପ୍ରବେଶ କରିଥିଲି । ଆମ ସାଙ୍ଗରେ ଯେଉଁମାନେ କବିତା ଲେଖୁଥିଲେ ସେମାନେ କହିଲେ ବ୍ରାହ୍ମଣମାନେ କରିଥିବା ପାପ ଯୋଗୁଁ ଏ ପୃଥିବୀ ପାପମୟ ହେଇଗଲା । ଆଉ ଦଳେ ଗୀତା, ଭାଗବତ ଏବଂ ଭୀମଭୋଇଙ୍କ କୋଟେସନ୍ ଦେଇ, ପରମ୍ପରା ଓ ମିଥ୍‌ର ପୁନରୁଦ୍ଧାର କରୁଛନ୍ତି ବୋଲି କହି ଓଡ଼ିଶାର ଟି.ଏସ୍. ଇଲିଅଟ୍ ହେଇଗଲେ । ଆମ କଲେଜର ସାହିତ୍ୟ ସାର୍‌ମାନେ ପାଟି ଲଗେଇ ସେ କବିତାର ସବୁରସ ପିଇଗଲେ ଓ କବିତାମାନଙ୍କ ଉପରେ ଉତ୍ତମ ସାହିତ୍ୟର ମୋହର ମାରି ଦେଇଗଲେ । ସେମାନେ ଆଜିକାଲି ପ୍ରଫେସର୍ । କିଛି ଦିନ ପରେ ଜଗନ୍ନାଥ ଆର୍ଯ୍ୟ ଦେବତା ନୁହନ୍ତି ଏବଂ ତାଙ୍କ ଦର୍ଶନ ସାହିତ୍ୟର ଏକମାତ୍ର ଉପଜୀବ୍ୟ ବୋଲି ଓଡ଼ିଶାର ଉତ୍ତମ ସାହିତ୍ୟିକମାନେ କହିଲେ । କିନ୍ତୁ ତହୁଁ ବଳି ଉତ୍ତମ ସାହିତ୍ୟିକମାନେ ନିଜ ନିଜ କାଚଘର ଭିତରେ ଥାଇ ବ୍ୟକ୍ତିସତ୍ତା ଓ କାବ୍ୟପୁରୁଷମାନଙ୍କର ବିଚିତ୍ର ଅନୁଭୂତି ବିକ୍ରି କରି ପୁରସ୍କାର

Digitized by srujanika@gmail.com

ପାଇଲେ । ଉପନ୍ୟାସ ସାହିତ୍ୟତ ଓଡ଼ିଶାରେ ନାହିଁ, ମୋଟାମୋଟି କହିବାକୁ ଗଲେ ଓଡ଼ିଆମାନେ କାହାଣୀକୁ ପସନ୍ଦ କରନ୍ତି ନାହିଁ । ବଙ୍ଗଳା, ତେଲୁଗୁ, ତାମିଲ ଓ ମରାଠୀରେ ଯେମିତି କାହାଣୀ ଲେଖା ହୁଏ ଓଡ଼ିଶାରେ ତାହା ବିରଳ ।

ଏପରି ଏକ ସାହିତ୍ୟିକ ପାଣିପାଗରେ ନାଟକ କଥା କିଏ ବୁଝୁଛି ? ତେବେ କାହାରି ବୁଝିବା ନ ବୁଝିବାକୁ ମୁଁ ଅପେକ୍ଷା କରିନାହିଁ । ଓଡ଼ିଶାରେ ଯେଉଁ ଯେଉଁ ଧାରାର ନାଟକ ନାହିଁ ସେୟା ଲେଖିବାକୁ ଚେଷ୍ଟା କରିଛି । ଓଡ଼ିଆ ଦର୍ଶକ ଏବଂ ସମାଲୋଚକ ସେଇ ଧାରା ସହ ପରିଚିତ ନୁହଁନ୍ତି, ତଥାପି ମୁଁ ଲେଖିଚି ଏକ ନୂତନ ସ୍ୱାଦ ପରିବେଷଣ କରିବା ପାଇଁ, ମୋ' ଜୀବନରେ ମୁଁ ଯେମିତି ପ୍ରତିଦିନ ନୂତନ ସୂର୍ଯ୍ୟୋଦୟ ଖୋଜିଚି, ସେମିତି ନାଟକରେ ପ୍ରତିଥର ନୂଆ ଆଙ୍ଗିକ ଆଉ ନୂଆ କଥାବସ୍ତୁ ଖୋଜିଚି, ତେଣୁ ମୋର ପ୍ରତ୍ୟେକ ନାଟକ ନୂଆ । ଅନ୍ତତଃ ଓଡ଼ିଆ ନାଟ୍ୟ ସାହିତ୍ୟ ପାଇଁ ନୂଆ ।

ତେଣୁ ମୋ' ଜୀବନର ଅନୁଭୂତିଗୁଡ଼ିକର 'କାର୍ବନ କପି' କହିଲେ ମୋ' ନାଟକକୁ ବୁଝାଯାଏ ନାହିଁ । ମୋର ସବୁ ନାଟକରେ ମୋର ବିକ୍ଷିପ୍ତ ଜୀବନୀ ମିଳିବ ନାହିଁ । ଏପରିକି ମୋ' ନାଟକ 'ଆତ୍ମଲିପି' ମଧ୍ୟ ମୋ' ଜୀବନର ନାଟକ ନୁହେଁ । ନାଟକ ଯେ କେବଳ ସମାଜର ଦର୍ପଣ ହବ ଏମିତି କିଛିମାନେ ନାହିଁ । ତାହା ଏକ ଚେତନା ହୋଇପାରେ, ଏକ ଅଚେତନ ବା ଅବଚେତନ ହୋଇପାରେ, ଏକ ରୂପକଳ୍ପ ହୋଇପାରେ । ଏକ ସମ୍ପୂର୍ଣ୍ଣ କଳ୍ପନାର ଫସଲ ହୋଇପାରେ । ଗତ କୋଡ଼ିଏ ବର୍ଷ ହେଲା ବିଶ୍ୱ ନାଟ୍ୟ ସାହିତ୍ୟର ଗତି ସେଇଆଡ଼େ ।

ଓଡ଼ିଆ ନାଟ୍ୟ ସମାଲୋଚକମାନେ କିନ୍ତୁ ନାଟ୍ୟ ସ୍ୱରର ଏଇ ପରିବର୍ତ୍ତନ ସମ୍ପର୍କରେ ଉଦାସୀନ । ଗୋଟିଏ ସାମାଜିକ ନାଟକର ସଂଳାପ ବା ସ୍ୱର ଆଉ ଗୋଟିଏ ନାଟ୍ୟକାରର ସଂଳାପ ଓ କଥନଶୈଳୀଠାରୁ କିପରି ଅଲଗା ସେ କଥା କାହାରି ଦୃଷ୍ଟିଗୋଚର ହୁଏ ନାହିଁ । ଏକା ସମୟରେ ମୁଁ, ମନୋରଞ୍ଜନ ଦାସ, ବିଜୟ ମିଶ୍ର, ବିଶ୍ୱଜିତ୍ ଦାସ ଏବଂ କାର୍ତ୍ତିକ ରଥ ଲେଖୁଥିଲୁ, ଆମମାନଙ୍କ ନାଟ୍ୟ ରଚନାରେ କଣ ପ୍ରଭେଦ ଏବଂ ଆମ ପୂର୍ବର ନାଟ୍ୟକାରମାନଙ୍କ ଠାରୁ ଆମେ କିପରି ଭିନ୍ନ ସେ କଥା କୌଣସି ସମାଲୋଚକ ଉଲ୍ଲେଖ କରିନାହାଁନ୍ତି । ଖାଲି ନାଟ୍ୟକାର ହେବା ଏବଂ ନାଟ୍ୟ ନିର୍ଦ୍ଦେଶକ, ମଞ୍ଚ ନିର୍ଦ୍ଦେଶକ କିମ୍ବା ସଙ୍ଗୀତ/ଆଲୋକ ପରିଚାଳକ ହେବା ସଙ୍ଗେ ସଙ୍ଗେ ନାଟ୍ୟ ରଚନା କଲେ ଶୈଳୀରେ କଣ ସବୁ ପରିବର୍ତ୍ତନ ହୁଏ ତାହା ମଧ୍ୟ କେହି ଲକ୍ଷ୍ୟ କରୁନାହାଁନ୍ତି । ଆମମାନଙ୍କ ଭିତରୁ ବିଶ୍ୱଜିତ୍ ଦାସ ଓ କାର୍ତ୍ତିକ ରଥ ନାଟ୍ୟ ନିର୍ଦ୍ଦେଶକ । ମୁଁ ମୋ' ନାଟକ ସଙ୍ଗୀତ ଏବଂ ଆଲୋକଠାରୁ ଆରମ୍ଭ କରି ମଞ୍ଚ ଶିଳ୍ପ ଏବଂ ନିର୍ଦ୍ଦେଶନା ସବୁ ସହିତ ଜଡ଼ିତ । ସମ୍ପୂର୍ଣ୍ଣ

Digitized by srujanika@gmail.com

ନାଟ୍ୟକାର ହେବା ପୂର୍ବରୁ (୧୯୭୦) ପ୍ରାୟ ସାତବର୍ଷ (୧୦୬୩-୬୯) ମୁଁ ଗୀତିକବିତା ଓ କ୍ଷୁଦ୍ରଗଳ୍ପ ମଧ୍ୟ ଲେଖୁଥିଲି । ମୋ' ନାଟକ ଉପରେ ଏଗୁଡ଼ିକର ପ୍ରଭାବ ପଡ଼ିଛି ବୋଲି ମୋର ମନେ ହୁଏ । ଷଷ୍ଠ ଦଶକର ଶେଷ ଆଡ଼କୁ ଅନ୍ୟମାନେ ଅତି ସଂକ୍ଷିପ୍ତ ସଂଳାପ ଲେଖୁଥିଲା ବେଳେ ମୋର 'ଗୁଣ୍ଡା' ନାଟକରେ ବାବ୍‌ଲୁ କାହିଁକି ଅତି ଦୀର୍ଘ ସଂଳାପ କହୁଚି ସେ କଥା କେହି ବୁଝନ୍ତି ନାହିଁ ।

ଆଧୁନିକ ଓଡ଼ିଆ ନାଟକରେ ଛେଳି ବୋବାଇଲା ବେଳେ ଏବଂ ନିଜର ଯୌନ ଚେତନାକୁ ଆବିଷ୍କାର କରିବା ପାଇଁ କଫିନ୍ ଖୋଲାଗଲାବେଳେ ମୁଁ କାହିଁକି ପ୍ରଥମେ ଲୋକନାଟକ ଶୈଳୀର ପ୍ରୟୋଗ କଲି ତାହା ମଧ୍ୟ କେହି ବୁଝନ୍ତି ନାହିଁ । ଯାହା ବୁଝନ୍ତି ଫାଳେ । 'ମହାନାଟକ' କିମ୍ବା 'ଜଣେ ମହାପୁରୁଷଙ୍କ ଜନ୍ମ ଓ ମୃତ୍ୟୁ ସମ୍ପର୍କ'ରେ ନାଟକରେ ସେମାନେ କେବଳ ବ୍ୟଙ୍ଗ ଓ ହାସ୍ୟରସ ଦେଖିବାକୁ ପାଇଲେ । 'Black Humour Irony' ପ୍ରଭୃତି ବିଶ୍ୱ ସାହିତ୍ୟରେ ଷଷ୍ଠ ଦଶକ ବେଳକୁ କିପରି ସାହିତ୍ୟର ଅଙ୍ଗ ଓ ଆତ୍ମାକୁ ପରିବର୍ତ୍ତନ କରିଚି ତାହା ମଧ୍ୟ କେହି ବୁଝିଲେ ନାହିଁ ।

ଓଡ଼ିଶାର ସମାଲୋଚକ ଓ ସାହିତ୍ୟାନୁରାଗୀମାନେ କେବଳ ଶବ୍ଦପ୍ରେମୀ, ଗମ୍ଭୀର ଶବ୍ଦ ପ୍ରୟୋଗ, କାବ୍ୟିକ ପ୍ରକାଶ ଭଙ୍ଗୀ ଏବଂ ତଥାକଥିତ ଉଚ୍ଚାଙ୍ଗ ଭାବର ମୁଖା ପିନ୍ଧି ଲେଖିଲେ ସେମାନେ ଉତ୍ତମ ସାହିତ୍ୟ ବୋଲି ବୁଝନ୍ତି । ବୁଝନ୍ତି ନାହିଁ ଯେ ଗୋଟାଏ ଚେତନାର ସନ୍ଧିକ୍ଷଣରେ ସବୁ ଗମ୍ଭୀର ଚିନ୍ତା ହାସ୍ୟକର ମନେହୁଏ ଏବଂ ସବୁ ହାସ୍ୟୋଦ୍ଦୀପକ ଘଟଣା/ବର୍ଣ୍ଣନା ଶୈଳୀ ଭିତରେ ଲୁଚି ରହିଥାଏ ଅଶ୍ରୁଳ ଆବେଗ, ବେକେଟ୍ କିମ୍ବା 'ଆୟୋନେସ୍କୋ'ଙ୍କର ନାଟକ ପଢ଼ି ମୁଁ ଏୟା ବୁଝିଥିଲି, ଓଡ଼ିଆରେ 'ମଣ୍ଡୂକ ଉବାଚ' କିମ୍ବା 'ହାତୀକୁ ହୋମିଓପାଥି'ରେ ମୁଁ ସେୟା କରିଛି । କିନ୍ତୁ ଲକ୍ଷ୍ୟ କରିଛି ଓଡ଼ିଆ ପ୍ରଫେସରମାନଙ୍କଠାରୁ ଆରମ୍ଭ କରି ଇଂରେଜୀ ଅଧ୍ୟାପକମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଭାବନ୍ତି ଏଗୁଡ଼ିକ ଲଘୁସ୍ୱରର ନାଟକ ଏବଂ ଏଗୁଡ଼ିକରେ କେବଳ 'ଭାଣ୍ଡାମୀ' କରାଯାଇଛି ।

ଓଡ଼ିଆମାନେ ଯେ ଜୀବନକୁ ଫାଳେ ବୁଝନ୍ତି ...... କିମ୍ବା କିଛି ବୁଝନ୍ତି ନାହିଁ କିମ୍ବା ବୁଝିବାକୁ ସେମାନଙ୍କର ସମୟ କିମ୍ବା ଆଗ୍ରହ ନାହିଁ କିମ୍ବା ବୁଝିବା ଅନାବଶ୍ୟକ ବୋଲି ମନେ କରନ୍ତି ... ଏକଥା ଭାବିଲାବେଳକୁ ଦୁଃଖ ଲାଗେ ଓ ଶିକ୍ଷିତ ଓଡ଼ିଆଙ୍କ ପ୍ରତି ଘୃଣା ଆସେ । ବେଳେ ବେଳେ ଲାଗେ ଏମାନେ ବୁଝିଲେ ମଧ୍ୟ ନ ବୁଝିଲା ପରି ରହନ୍ତି ।

ସାଧାରଣ ଓଡ଼ିଆ ଦର୍ଶକ ବହୁତ ଭଲ । ନାଟ୍ୟକଳା ପ୍ରତି ସେମାନଙ୍କର ପ୍ରବଳ ଆଗ୍ରହ । ଭଲ କାହାଣୀ ଥିବା ନାଟକ ଦେଖିବାକୁ ସେମାନେ କଂସାବାସନ ବନ୍ଧକ ଦେଇ ଯାତ୍ରା ମଞ୍ଚ ପାଖକୁ ଆସନ୍ତି, ଏକଥା ମୁଁ କାହାଣୀ/ଚରିତ୍ର ପ୍ରଧାନଯାତ୍ରା ନାଟକମାନଙ୍କର

Digitized by srujanika@gmail.com

ନିର୍ଦ୍ଦେଶକ - ଲେଖକ ହିସାବରେ ଅଙ୍ଗେ ନିଭେଇଛି । ଅଥଚ ଆମ ଦେଶରେ ଯେଉଁମାନେ ଶିକ୍ଷିତ ନାଟ୍ୟକାର ବୋଲି ଗର୍ବ କରନ୍ତି ସେମାନେ ସାଧାରଣ ଓଡ଼ିଆ ପାଇଁ ଭଲ ନାଟକ ଲେଖିପାରନ୍ତି ନାହି, ଏବଂ ଯାତ୍ରା ପାଇଁ ଯେଉଁମାନେ ଭଲ ନାଟକ ଲେଖୁଛନ୍ତି ସେମାନଙ୍କୁ ସାହିତ୍ୟିକ ତାଲିକାରେ ଅନ୍ତର୍ଭୁକ୍ତ କରୁନାହାଁନ୍ତି । ରାଜଧାନୀରେ ନିଜକୁ ପଣ୍ଡିତ ପ୍ରାଜ୍ଞ ସାହିତ୍ୟିକ ମନେ କରୁଥିବା ଜୋକର୍‌ମାନେ ମୁଁ ଯାତ୍ରାନାଟକ ଲେଖୁଛି ବୋଲି ବ୍ୟଙ୍ଗ କରୁଥିବା ଲକ୍ଷ୍ୟ କରିଚି । ସେମାନଙ୍କୁ ଦୟା କରାଯାଇପାରେ ।

ଏ ଶିକ୍ଷିତ, ଅଧ୍ୟାପକ ମାର୍କା ସାହିତ୍ୟର ଚୌକିଦାରମାନଙ୍କୁ ଅଜସ୍ର ଘୃଣା ଏବଂ ତା' ସଙ୍ଗେ ସଙ୍ଗେ କିଛି ପରିମାଣରେ ଦୟା କରୁ କରୁ ମୁଁ ଏମିତି ଲେଖି ଚାଲିଥିବି, କେବଳ ସାଧାରଣ ନାଟ୍ୟପ୍ରେମୀ ଓଡ଼ିଆଙ୍କ ପାଇଁ, ସାରା ଓଡ଼ିଶାର ଗାଁମାନଙ୍କରେ ବଞ୍ଚିଥିବା ଓଡ଼ିଆଙ୍କ ପାଇଁ । ସମସ୍ତେ ଯୋଉ ବାଟରେ ଯିବେ ମୁଁ ସେଇ ବାଟରେ ଯିବି ବୋଲି ଏ ସମାଜ ସହ ଚୁକ୍ତି କରିନାହିଁ । ଅମଡ଼ା ବାଟରେ ଚାଲିବାକୁ ମତେ ଭଲଲାଗେ । ଏ ସମାଜ ପାଇଁ ଯୋଉଟା ପିଚୁରାସ୍ତା ସେଇଟା ଦୁର୍ନୀତିର, ଭେଜାଲ୍‌ର ଏବଂ ଡକେଇତମାନଙ୍କର । ସେଇ ରାସ୍ତାରେ ଚାଲି ସେମାନଙ୍କ ଗ୍ୟାଙ୍ଗ୍‌ରେ ସାମିଲ୍ ହେବାକୁ ଏପର୍ଯ୍ୟନ୍ତ ମୁଁ ଇଚ୍ଛା କରିନି; ତେଣୁ ଏକା ଏକା ଚାଲିଛି, ଏକା ଏକା ।

●●●

Digitized by srujanika@gmail.com

ମୋ' ଜୀବନ ମୋ' ସାହିତ୍ୟ

ଡ. ପ୍ରତିଭା ଶତପଥୀ(୧୯୪୫)

ଜୀବନକୁ ହାତରେ ଧରାଇ ଏଇ ପୃଥିବୀକୁ କିଏ ମତେ ପଠେଇ ଦେଇଚି, କି ମୁଁ ନିଜେ ନିଜେ ଏଠିକୁ ଆସିଯାଇଛି ଜାଣେନା । କିନ୍ତୁ ନିଜ ଇଚ୍ଛାରେ ଏଇ ଜୀବନକୁ ମୁଁ ବାଛି ନେଇ ନାହିଁ କଦାପି । ମତେ ଯଦି option ଦିଆଯାଇଥାନ୍ତା - ଏମିତି ଜୀବନଟ୍ଟେ ମୁଁ ବାଛି ନେଇ ନଥାନ୍ତି । କିଏ ଭଲା ସାଧାରଣ ଅଧିକାରରୁ ବଞ୍ଚିତ ହୋଇ ରହିବାକୁ ପସନ୍ଦ କରନ୍ତା ! ହେଲେ, ମତେ ବାଛିବାର ସେଇ ଅଧିକାର ମିଳିନାହିଁ । ମୁଁ ଭୂମିଷ୍ଠ ହୋଇଛି ଗୋଟିଏ କ୍ରମକ୍ଷୟମାଣ, ସଂସ୍କୃତି - ସିଦ୍ଧ, ଜମିଦାର ପରିବାରର ଉତ୍ତର ପୁରୁଷ ଭାବେ – ସେ ପରିବାର ଓଡ଼ିଶାର ପ୍ରସିଦ୍ଧ ପ୍ରହରାଜ ପରିବାର, ଭାଷା କୋଣାର୍କ ଶିଳ୍ପୀ ଗୋପାଳ ପ୍ରହରାଜଙ୍କ ବଂଶଧାରା । ଅତଏବ, ବାପା ଅତ୍ୟନ୍ତ ବୁଦ୍ଧିମାନ, କଳାପ୍ରବଣ, ଯୌବନ କାଳରେ ଜଣେ ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀ, ମେଡ଼ିକାଲ ସ୍କୁଲରୁ ପାଠପଢ଼ା ଛାଡ଼ି, ବିଦେଶୀ ବସ୍ତ୍ର ପୋଡ଼ି ସେ ଜେଲ ଯାଇଥିଲେ । ଯୌବନକାଳର ସେହି ବିପ୍ଳବୀ ପୁରୁଷ, ପୌଢ଼ତ୍ୱର ପ୍ରାରମ୍ଭରେ ଜଣେ ଅନ୍ୟମନସ୍କ ସଂସାରୀ ଭାବେ ପରିଚିତ ହେଲେ । ମାଆ ଥିଲେ ଅତ୍ୟନ୍ତ ସରଳ ଓ ଧର୍ମପରାୟଣା । ସେକାଳର ଶିକ୍ଷିତ ଉଦାରଚେତା ସଂସ୍କାରକାମୀ ବ୍ୟକ୍ତିଙ୍କର ଏକମାତ୍ର କନ୍ୟା । ଏହିଭଳି ପିତାମାତାଙ୍କ କନିଷ୍ଠ ସନ୍ତାନ ମୁଁ ।

ମୋର ଜନ୍ମକାଳ ଏପରି ଏକ କାଳ, ଭାରତ ସ୍ୱାଧୀନ ହେବାର ପୂର୍ବକାଳ, ଅନ୍ଧାର ଫାଟି ସୂର୍ଯ୍ୟ ଉଠିବାର ପୂର୍ବମୁହୂର୍ତ୍ତ, ଘନୀଭୂତ ଅନ୍ଧକାରର ବେଦନା ଓ ଆସନ୍ନ ଆଲୋକର ଆଭା ଫେଣ୍ଟି ହୋଇ ଥିବା ଏକ କାଳ - ଦେଶ ବ୍ୟାପୀ ଚେତି ଉଠିବାର ଫୁଲି ଉଠିବାର, କାଳ । ବାଲ୍ୟକାଳ ଅତିବାହିତ ହୋଇଛି କୋରାପୁଟର ନିଘଞ୍ଚ ଜଙ୍ଗଲ ମଧ୍ୟରେ ଅନକାଡ଼ଲି, ଚିକିନପୁଟ ସ୍ୱାସ୍ଥ୍ୟକେନ୍ଦ୍ର, ବାପାଙ୍କ ସରକାରୀ ଘରେ । ବେହେରା, ପିଅନ, ଚାକରାଣୀ, ଗାଈ, କୁକୁଡ଼ା, ବାଡ଼ି ବଗିଚା ସାଙ୍ଗକୁ ପ୍ରାୟ ୩ ବର୍ଷ ବଡ଼ ଭାଇ, ପ୍ରଚୁର ଅୟସର କାଳ । ସେଠାରେ ସ୍କୁଲ ନଥିବାରୁ ଭାଇର ଟ୍ୟୁସନ୍ ପାଠପଢ଼ା, ବୋଉର

Digitized by srujanika@gmail.com

ଉଲ୍‌ବୁଣା, ପାର୍ଟିର ନିମନ୍ତ୍ରଣ, ବାପାଙ୍କ ଶିକାର, ଆଜି ମୟୂର ତ କାଲି ହରଡ଼ ଚଢ଼େଇ, କେବେ କେବେ ସମ୍ବର, ପୁଣି ଚିତାବାଘ । ମଝିରେ ମଝିରେ ବଣଭୋଜି - ଝରଣା କୂଳେ କୂଳେ ବଣୁଆଁ ଫୁଲଙ୍କ ସଭା ଭିତରେ ନାଚକୁଦ - ଏମିତି ବିତିଥିଲା ସେ ବାଲ୍ୟକାଳ । ପରିବାର ଅଭ୍ୟନ୍ତରର ଘନିଷ୍ଠତା ଧସି ଯାଉଥିବା ପ୍ରତି ସଚେତନତା ହିଁ ନଥିଲା ମୋର । କେବଳ, ମଝିରେ ମଝିରେ ସୁନ୍ଦରୀ ବୋଉର ନାଲି ନେଳି ନାକ ଚିଡ଼ିଆ ଉପର ଦେଇ ଠପ୍ ଠପ୍ ପଡୁଥିବା ଲୁହ, ଗୁଆ ଭାଙ୍ଗୁ ଭାଙ୍ଗୁ ତଳକୁ ମୁହଁ ପୋତି ଦୀର୍ଘ ଶ୍ୱାସରେ ଫୁଲି ଉଠୁଥିବା ନାକପୁଡ଼ା, କେବେ ପୁଣି ଆଖି ଲୁହରେ ଝଲସି ଉଠୁଥିବା ଚୁଲୀ ନିଆଁ, ଡେକ୍‌ଚିରେ ଗବ୍ ଗବ୍ ମାଂସ ତରକାରୀ, ବାପାଙ୍କ ଗୁଣୁଗୁଣୁରେ ଗୀତ ଗୋବିନ୍ଦ 'ଅନିଳ ତରଳ କୁବଳୟ ନୟନେନ'.......

ଏବେ ପଛକୁ ଅନାଇଲେ ଏମିତିକା ଦୃଶ୍ୟ ସବୁ ଦିଶିଯାଏ, ଦିଶିଯାଏ ନାହିଁ ଠିକ୍ - ସେ ସବୁ କେଉଁଠି ଅଙ୍କାହୋଇ ରହିଯାଇଛି ଯେମିତି, କୋଉ ଭିତରେ, ସତେ କି ରକ୍ତକଣାରେ - ଖାଲି ଆଖି ଯାହା ପହଁରିଯାଏ । ଅଳ୍ପ କେତେବର୍ଷ ବିତିଚି ଏହିପରି । ତା'ପରେ ଗାଁ ମାଟି - ସତ୍ୟଭାମାପୁର, ବିରାଟ ମାଟିଚାଳର ଖଞ୍ଜା, - ନିଛାଟିଆ ବଗିଚା, ସାମ୍ନାରେ ପୋଖରୀ, ଘଞ୍ଚ ଆମ୍ବଗଛ, ବାପା କିନ୍ତୁ ଦୂରବିଦେଶରେ । ଅତଏବ ସେଇ ଘରେ ବୋଉ ସହିତ ମୁଁ, ଆଉ ବଡ଼ଭାଇ, ବଡ଼ ଭଉଣୀ ପଢୁଥାଏ କଟକରେ, ଗାର୍ଲସ୍ ସ୍କୁଲ୍ ହଷ୍ଟେଲ୍‌ରେ । ବାପା ଟଙ୍କା ପଠାନ୍ତି ଚଳିଲା ମୁତାବକ । ପ୍ରାଚୁର୍ଯ୍ୟର ସେ ବାଲ୍ୟକାଳର ଶୀରି ତୁଟି ଗଲାଣି ସେତେବେଳକୁ ।

ଏସବୁ ମୁଁ କହିଯିବାର ଅର୍ଥ କ'ଣ ? ଅର୍ଥ ଏଇଆ ଯେ, ଏଯାଏଁ ଜବରଦସ୍ତ ଲଦିଦିଆ ଯାଇଥିବା ଓ ମୁଁ ବୋହି ଚାଲିଥିବା ଏଇ ଜୀବନଟିର ଭୂଚିତ୍ର ଏହିପରି । ଆଉ, ସେଇ ଜୀବନ ଯେ, ମୋ କବିତାର ଭୂମି । ମୋ ଜୀବନର ଶକ୍ତି, ଐଶ୍ୱର୍ଯ୍ୟ ଓ ବିଡ଼ମ୍ବନାରୁ ନିଃସୃତ ମୋ କବିତାର ସ୍ୱର - ସେହି ଭୂମିର ଅନାହତ ସ୍ୱର । ସେ ସ୍ୱର ଯେତିକି ଆକାଶର ସେତିକି ମାଟିର । ମୋର ମାଟି, ମୋର ବାସ୍ତବତା ସେଇ ସମ୍ଭାବନା ଜଗତକୁ ଜନ୍ମ ଦେଇଛି । ପ୍ରତିଟି ପଦପାତରେ ମଣିଷର ନଗ୍ନ ସ୍ୱାର୍ଥପରତାକୁ ସାମ୍ନା କରୁଥିବା ବ୍ୟକ୍ତିଟି ଜୀବନକୁ ଭଲ ପାଉ ପାଉ, କୋଳେଇ ନେଉ ନେଉ କେଉଁ ସମ୍ଭାବନାର ସ୍ୱପ୍ନରେ ବୁଡ଼ିଯାଏ । ଏକାକୀ ଜୀବନର ସ୍ୱପ୍ନ ହେଇ ଉଠିଲା ଯେତିକି ଶାଶ୍ୱତ, ସେତିକି ଭଙ୍ଗୁର - ତାକୁ ଭଲପାଇ ମୂଲ୍ୟ ଦେବାକୁ ହେଲା, କାରଣ ସବୁ ଭଲପାଇବାର ମୂଲ୍ୟ ଦେବାକୁ ହୁଏ । ମୂଲ୍ୟ ଦେବାକୁ ହେଲା ଛଟପଟ ହୋଇ ଜଳି ଜଳି ଖୁବ୍ ଏକା, ନିରୋଳାରେ । ପଦ୍ମ ପତ୍ରର ଶେଯ, ବେଣା ଚେରର ବିଞ୍ଚଣା ଏସବୁ ଆଶ୍ୱାସନା ନିରର୍ଥକ । କୈଶୋର ଥିଲା

Digitized by srujanika@gmail.com

ସବୁ କୈଶୋର ପରି ସ୍ୱପ୍ନମୟ । ବାଲ୍ୟକାଳର ବିଡ଼ମ୍ବନା କୈଶୋରର ରଙ୍ଗକୁ ହାଲୁକା କରି ନଥିଲା । ସତ୍ୟଭାମାପୁରର ଧୂଳିମାଟି, ସତୀର ଆତ୍ମତ୍ୟାଗରେ ପବିତ୍ର, ଉତ୍କଳ ଗୌରବ ମଧୁବାବୁଙ୍କ ସାଧନାରେ ଉଜ୍ଜ୍ୱଳ, ରମାଦେବୀଙ୍କ ସେବାରେ ମହୀୟାନ, ସେଇ ମାଟିରେ କୈଶୋର ହୋଇଥିଲା ଆହୁରି ସୁଗନ୍ଧିତ, ଆହୁରି ଚଞ୍ଚଳ, ଉଡ୍‌ଡୀୟମାନ । ସ୍କୁଲର ନାମ ଥିଲା ବିବେକାନନ୍ଦ ବିଦ୍ୟାପୀଠ - ବିବେକାନନ୍ଦ, ରାମକୃଷ୍ଣ, ଶାରଦାମଣିଙ୍କ ସ୍ମୃତିରେ ପ୍ରତିବର୍ଷ ସେଠାରେ ଆଲୋଚନା ଓ ବକ୍ତୃତା - ଏସବୁ କୈଶୋରର ଉତ୍‌ପ୍ରେରିତ ହୃଦୟକୁ, ମନକୁ ରଞ୍ଜିତ କରିଥିଲା - କରିଥିଲା ଋଦ୍ଧିମନ୍ତ । ଗୋପାଳ ପ୍ରହରାଜଙ୍କ ପରିବାରର ଭାଷାଗତ ସଚେତନତା ଓ ରସିକତା, ଆଈର ଅଜସ୍ର ଢଗଢମାଳି ମାଧ୍ୟମରେ ଜୀବନର ଅଭିଜ୍ଞତା ବର୍ଣ୍ଣନା, ଅଜାଙ୍କର ଶାସ୍ତ୍ରପୁରାଣ, ଭାଗବତ ଚର୍ଚ୍ଚା, ସର୍ବୋପରି ବୋଉର କୋଳରେ ଶୋଇ ଶୋଇ, ସୁଶୀଳ ମାଳତୀ, ଦକ୍ଷଯଜ୍ଞ, ଜଗନ୍ନାଥ ଦାସଙ୍କ ମୃଗୁଣୀସ୍ତୁତି, ନାନା ପୌରାଣିକ ଓ କାଳ୍ପନିକ କାହାଣୀ ଶୁଣୁଶୁଣୁ ମୋର କିଶୋର ମାନସର ସାହିତ୍ୟ ସଚେତନା ସଙ୍ଗଠିତ ହୋଇଥିଲା ।

ସେତିକିବେଳେ ସ୍କୁଲର କବିତା ପ୍ରତିଯୋଗିତାରେ ପ୍ରଥମ ହୁଏ ମୋର କବିତା । ପ୍ରଜାତନ୍ତ୍ର ନାରୀ ଜଗତରେ ଛପା ହୋଇଯାଏ । ୧୯୫୯ ମସିହାର କଥା । ତା'ପରେ ସେଇ କୈଶୋର ନାନା ବର୍ଣ୍ଣର କବିତା ପୁଷ୍ପରେ ମଣ୍ଡିତ ହୋଇଗଲା, ୧୯୬୧ରେ ରେଭେନ୍ସା କଲେଜରେ ପାଦ ଦେଲାବେଳକୁ ମୁଁ ବୁଝିଗଲି ଯେ, ପ୍ରଜାତନ୍ତ୍ର ଓ କଳିଙ୍ଗ ସାପ୍ତାହିକୀ ତଥା ଅନ୍ୟାନ୍ୟ ପତ୍ରପତ୍ରିକା ମାଧ୍ୟମରେ ମୋ ନାଁଟି ବେଶ୍ ଜଣାଶୁଣା ହୋଇଯାଇଛି । ୧୯୬୨ର ବିଷୁବ ମିଳନରେ ପ୍ରଜାତନ୍ତ୍ର କବିତା ପୁରସ୍କାର ମୋର ସଂରଚନାକୁ ଖୁବ୍ ଉତ୍ସାହିତ କରିଥିଲା ।

ସେହି କାଳରେ ଛୋଟ ଛୋଟ ଆବେଗ, ପ୍ରତିବାଦ ଓ ପ୍ରଶ୍ନ-ମନସ୍କତାକୁ ନେଇ ଅସଂଖ୍ୟ କବିତା ଲେଖିଛି ମୁଁ - ଅଥଚ, ସେଗୁଡ଼ିକ କେତେ ଶକ୍ତିଶାଳୀ ଭାବିବାକୁ ଅବସର ପାଇନାହିଁ । ଲେଖିଯିବା ହିଁ ସେତେବେଳେ ଥିଲା ଏକ ଉନ୍ମାଦନା । ସେଇ କୋମଳ କିଶୋର କାଳ ଶେଷ ନ ହେଉଣୁ ମୋର ବିବାହ । ପରିବାର ପ୍ରତି ବାପାଙ୍କର ନିସ୍ପୃହତା, ବୋଉର ଅସହାୟତା, ମଫସଲ ଗାଁରେ ମୁରବୀହୀନ ୧୭ ବର୍ଷର ଅବିବାହିତା ଝିଅ, ସେତେବେଳେ ବେଶ୍ ଗୋଟେ ଛାତି ଥରା ସମସ୍ୟା ଥିଲା । କଲେଜ୍ ହଷ୍ଟେଲ୍‌ରେ ପାଠ ପଢ଼ିଲେ ବି ଛୁଟିମାନଙ୍କରେ ଘରକୁ ଗଲାବେଳେ ମୋ ବୋଉକୁ କେମିତି ଅଲଗା ଲାଗୁଥିଲା । କାରଣ, ଗାଁରେ ମୋ ବୟସର ଝିଅ ଆଉ କେହି ଅବିବାହିତା ନଥିଲେ । ଅତଏବ ବୋଉକୁ ଅସହାୟତାରୁ ମୁକ୍ତି ଦେବା ପାଇଁ ମୋର ବିବାହ । ଭଲ ପଢୁଥିବାରୁ ଅଧିକ ପଢ଼ିବାର

Digitized by srujanika@gmail.com

ଝୁଙ୍କ୍ ଥିଲା । ବାପାଙ୍କ ତାଗିଦ୍ - ଡାକ୍ତରୀ ପଢ଼ିବୁ, ବୋଉର ବ୍ୟସ୍ତତାକୁ ମୂଲ୍ୟ ଦେବାକୁ ଯାଇ ବାପାଙ୍କ ତାଗିଦ୍‌କୁ ଆଡ଼େଇ ଗଲି ।

ଆଜିଠାରୁ ୪୦ ବର୍ଷ ତଳେ, ନିପଟ ମଫସଲର ବ୍ରାହ୍ମଣ ଶାସନରେ ଏକ ବହୁ କୁଟୁମ୍ବୀ ନିମ୍ନ ମଧ୍ୟବିତ୍ତ ପରିବାରରେ ବୋହୂ ହୋଇ ଚଳିବା କିଛି ସାଧାରଣ କଥା ନଥିଲା । ଯାହାର ଅଭିଜ୍ଞତା ଥିବ ସେ ହିଁ କେବଳ ବୁଝିବ । ମୁଁ କିନ୍ତୁ ସେତେବେଳେ ଥିଲି ସ୍ୱପ୍ନଜୀବୀ । ସ୍ୱପ୍ନର ଆବେଗରେ ମୋର ବିବାହ ।

ମାତ୍ର ଅଧିକ ପଢ଼ିବାର ଇଚ୍ଛା, ଅର୍ଥ ସଙ୍କଟର ନଗ୍ନରୂପ ମୋତେ ବିବ୍ରତ କରିବାରେ ଲାଗିଲା । ସ୍ୱପ୍ନ ଭାଙ୍ଗିଯିବାକୁ ବେଶି ଡେରି ଲାଗିଲା ନାହିଁ । କେମିତି ଗୋଟେ ଅନ୍ଧାର ମୋ ଚାରିକଡ଼ରେ ଜମାଟ ବାନ୍ଧିବାକୁ ଆରମ୍ଭ କରିଦେଲା । ସେଇ ଛୋଟ ଭଡ଼ା ଘରଟି, ତା'ର ସେଇ ଚେନାଏ ଦୁଆର ଭିତରେ ସାରାଜୀବନ ଚଳିବି - ଏ ଭରସା ଆସିଲା ନାହିଁ । ସେ ଦୁଆର ଉପରର ଆକାଶ ଖଣ୍ଡିକ ସତେ ଯେମିତି ବୁଜିବୁଜି ଆସୁଥିଲା, ଠିକ୍ ମୋ ମୁଣ୍ଡ ଉପରେ ହିଁ ସଙ୍କୁଚିତ ହୋଇ ଆସୁଥିଲା - ସାକାର ଅନ୍ଧାର - ଡର ମାଡୁଥିଲା । ବର୍ତ୍ତମାନ ଯେ, ହୋଇପଡୁଥିଲା ଅଣନିଃଶ୍ୱାସୀ । ଭବିଷ୍ୟତ କଥା ଭାବି ହେଉନଥିଲା । କବିତା ଲେଖୁଥିଲି । ଏଇ ସଂକୀର୍ଣ୍ଣ ଅନ୍ଧାର ଭିତରୁ ମୁକୁଳିବା ପାଇଁ କୁଚ୍ଛ ସାଧନାର ସଙ୍କଳ୍ପ ନେଇଗଲି । ତା'ରି ଭିତରେ ମୋର ପାଠ ପଢ଼ା, ମୋର ପ୍ରଥମ ଓ ଦ୍ୱିତୀୟ ସନ୍ତାନର ଜନ୍ମ । କବିତା ବୋଧେ ଆପେ ଆପେ ଆଡ଼େଇ ଗଲା । କାରଣ ମୁଁ ତା' ପ୍ରତି ଧ୍ୟାନ ଦେଇପାରିଲି ନାହିଁ . ସେ ତ ଅଭିମାନୀ, ମୋ ଛାତି ତଳର ଅନ୍ଧାର ଭିତରେ ମୁହଁ ଲୁଚାଦେଇ ରହିଗଲା । ପାଠ ପଢ଼ିବା ଓ କବିତା ଲେଖିବା – ଯେ ଉଭୟ କର୍ମପାଇଁ ମୋ ସ୍ୱାମୀ କିଛିଟା ଉତ୍ସାହ ଦେଉଥିଲେ । ମାତ୍ର ସେଇ ଅନ୍ଧାରୁଆ ପରିବେଶକୁ ହାଲୁକା କରିବା ପାଇଁ ସେ ଉତ୍ସାହ ଯଥେଷ୍ଟ ନଥିଲା । ଯଥା ସମୟରେ ମୋର ଚାକିରି । ଆତ୍ମ ନିର୍ଭରଶୀଳତା ମୋତେ ପ୍ରଚୁର ପରିତୋଷ ଦେଇଥିଲା । ସେତେବେଳକୁ କବିତାର ସେଇ ତରଳ ଧାରା ରୂପାନ୍ତର ଗ୍ରହଣ କରିସାରିଥିଲା । ଶବ୍ଦମାନେ ବିଚିତ୍ର ଜଗତର ସନ୍ଦେଶ ନେଇ ଆସୁଥିଲେ । ଗତାନୁଗତିକ ଅନୁଭବ ସ୍ତରରେ ଏକ ବିରାଟ ଧକ୍କା, ଏକ ଆନ୍ଦୋଳନ, ମୋ ଉପଲବ୍ଧିର ଜଗତକୁ ଅଧିକ ସକ୍ରିୟ ଓ ଗଭୀର କରିବାର ମୁଁ ଅନୁଭବ କଲି ।

୧୯୬୨ରୁ ୬୮ ପ୍ରାୟ ୫/୬ ବର୍ଷ ଧରି ମୁଁ ସୂକ୍ଷ୍ମ ଉପଲବ୍ଧିର ଜଗତକୁ ବାଙ୍ମୟ କରିବାରେ ତତ୍ପରତା ପ୍ରକାଶ କରିନଥିଲି । ୧୯୬୮ ପରେ ପୁଣି ସଂରଚନାର ଆଗ୍ରହ ଜନ୍ମିଲା । ଉପଲବ୍ଧିକୁ ସଞ୍ଚୟ କରିବାର ପ୍ରବଣତା ତୀବ୍ରତର ହେଲା । ଶବ୍ଦ ଅଭିମାନକୁ ଚିହ୍ନି, ତା ସହ ନିବିଡ଼ ହେବାର ଝୁଙ୍କ ବଢ଼ିଲା । ସେତିକି ବେଳକୁ କିଛି ବିଦେଶୀ ସାହିତ୍ୟ

Digitized by srujanika@gmail.com

ପଢ଼ିଲି । ସେ ସମୟ କଠୋର କର୍ମମୁଖର ସମୟ । ରେଭେନ୍ସା କଲେଜର ଚାକିରି, ଘରେ ଶିଶୁ ସନ୍ତାନ ଓ ସାହିତ୍ୟ ପଢ଼ିବାର ପ୍ରବଳ ଝୁଙ୍କ୍ । ରାତି ଦୁଇଟା ଯାଏ ପଢ଼ିବା ସାଧାରଣ କଥା ଥିଲା । ଅନୁଭବ ଦିଗକୁ ମନ ଓ ହୃଦୟ ଖୋଲି ଦେଇଥିଲି - ଆନ୍ଦୋଳିତ ହେଉଥିଲି ଖୁବ୍ । ତଥାପି କେମିତି ଗୋଟେ ଅହେତୁକ କୁଣ୍ଠା ମୋତେ ଆବୋରି ରଖିଥିଲା । ଫଳରେ କବିପ୍ରାଣର ଉନ୍ମୁଖତା ଆବଦ୍ଧ ରହିବାର ଅନୁଭବ କରୁଥିଲି । ଅଥଚ ସେଥିରୁ ମୁକୁଳି ଯିବାର ଉପାୟ ସ୍ଥିର କରିପାରୁ ନଥିଲି । କବିତା ଯଦି ମୋର ହୃଦୟର ପ୍ରଚଣ୍ଡ ଆବେଗ ଓ ବାସ୍ତବ ଭୂମିର ରୁକ୍ଷତାକୁ ଖୋଲି ଦେବ, ତାହେଲେ ଗୋପନୀୟତା ଯେ, କିଛି ହିଁ ଆଉ ରହିବ ନାହିଁ । ଏମିତି କିଛି ଭୟ ଥିଲା କି ? ପରବର୍ତ୍ତୀ କାଳରେ ଏଇ ପ୍ରଶ୍ନ ମୁଁ ନିଜକୁ ବହୁବାର କରିଛି । ଯଦି ମନ ଖୋଲି କିଛି କହିବାର ନଥିଲା, ଲେଖୁଥିଲି କାହିଁକି ? କାହିଁକି ରକ୍ତହୀନତା ଭୋଗୁଥିବା ଶବ୍ଦ – ସୃଷ୍ଟିକୁ ଜନ୍ମ ଦେବାରେ ଲାଗିଥିଲି ? ନିଜଠାରେ କ୍ଷୋଭ ଆସେ ପ୍ରଚୁର । ଲାଗେ ଯେମିତି ମୁଁ ପୁନରାବୃତ୍ତି କରୁଛି, ଅଥଚ କଥାଟି ଠିକ୍‌ମତେ କହିପାରୁନାହିଁ । କ'ଣ କଲେ ପ୍ରଚୁର ପ୍ରାଣବତ୍ତା ଫିଟି ଆସିବ, ରକ୍ତ ହେବ ବେଗଗାମୀ – ବୁଝିପାରୁନଥିଲି ।

୧୯୮୦ ବେଳକୁ କାବ୍ୟାଭିବ୍ୟକ୍ତି କ୍ଷେତ୍ରର ଏଇ କୁଣ୍ଠା, ସଙ୍କୋଚକୁ ଗୋଟି ଗୋଟି ଖୋଲି ଫିଙ୍ଗି ଦେବାରେ ସମର୍ଥ ହେଲି । କବିତା ଯେ, ମୋ ହୃଦୟ ଅଭ୍ୟନ୍ତରର ଏକ ଅବିକଳ ପ୍ରତିଛବି, ନିଜସ୍ୱ ବିଶ୍ୱାସର ଜୀବନ୍ତ ଉଚ୍ଚାରଣ- ଏହା ମୁଁ ବୁଝି ସାରିଥିଲି । ତେଣୁ ମୋ କବିତାର ଭୂମି ମୁଖ୍ୟତଃ ମୋ ଜୀବନାନୁଭୂତିର କ୍ଷେତ୍ର । ଏହା ହୁଏତ ଖୁବ୍ ପ୍ରଶସ୍ତ ନହୋଇପାରେ କିନ୍ତୁ ଖୁବ୍ ଗଭୀର । ଏହି ଅନୁଭୂତି - ସଞ୍ଜାତ ଉପଲବ୍ଧିର ସତ୍ୟକୁ ମୁଁ ବ୍ୟକ୍ତ କରିଛି କବିତା ମାଧ୍ୟମରେ । ବାସ୍ତବ ଜଗତର ବିଡ଼ମ୍ବନା, ସ୍ୱାର୍ଥ, ଈର୍ଷା, ହିଂସା, ଦ୍ୱେଷରେ ଜର୍ଜରିତ ମାନବାତ୍ମା ପାଇଁ ତଥାପି ଆନନ୍ଦର ସମ୍ଭାବନା ରହିଛି - ଏହି ବିଶ୍ୱାସକୁ ପ୍ରତିଷ୍ଠା ଦେବାର ପ୍ରୟାସ କରିଛି ମୁଁ । ଯନ୍ତ୍ରଣାଜର୍ଜର ଭୂମିର ଗଭୀରରେ ରହିଛି ଆଶ୍ୱସ୍ତି ଓ ଶାନ୍ତିର ଉତ୍ସ – ତାହାକୁ ଚିହ୍ନି ତାହାର ସନ୍ଧାନରେ ନିଜକୁ ନିୟୋଜିତ କରିବା ମଣିଷର ସର୍ବପ୍ରଥମ କର୍ତ୍ତବ୍ୟ । ଆଉ କବିର କର୍ତ୍ତବ୍ୟ ହେଉଛି ସେହି ଗଭୀରତାର ସନ୍ଧାନ ଦେବା । ସେହି ସମ୍ଭାବନାର ଜଗତ ଯେ, ସତ୍ୟର ଅବିକଳ ରୂପ - ଏହି ବିଶ୍ୱାସରେ ପାଠକକୁ ଦୀକ୍ଷିତ କରିବା । ମଣିଷକୁ ମାନବିକତାରେ ଭୂଷିତ କରିବା ଦିଗରେ ଉଦ୍ୟମ କରିବା ଆଜିର କବିତାର ସର୍ବଶ୍ରେଷ୍ଠ ଭୂମିକା ।

ଯାହା ଶେଷ ହୋଇଆସୁଛି, ଯାହା ନାହିଁ, ଯାହା ବଞ୍ଚିବା ନିମିତ୍ତ ଅପରିହାର୍ଯ୍ୟ, ଯେଉଁଥିପାଇଁ ମଣିଷ ଜୀବନ ମହାର୍ଘ, ଜୀବନର ସେଇ ଐଶ୍ୱର୍ଯ୍ୟମୟ ଅର୍ଥକୁ ପ୍ରତିଷ୍ଠା କରିବା କବିତାର ଏକ ମହତ୍ ଭୂମିକା । କବିତା ମାଧ୍ୟମରେ ଏହି ଅର୍ଥକୁ ପ୍ରତିଷ୍ଠା ଦେବାକୁ

Digitized by srujanika@gmail.com

ଗଲାବେଳେ ମୁଁ କେତେଦୂର ସଫଳ ହୋଇଛି କହିପାରିବି ନାହିଁ । ହୁଏତ ସଫଳତା ମୋ ଭାଗ୍ୟରେ ନାହିଁ । ମାନବର ଦୁଃସହ ସ୍ଥିତିକୁ ଆଦରି ନେଇ, ତା' ଭିତରେ ଜୀବନର ଅର୍ଥ ସନ୍ଧାନ କରିବା, ସେହି ଅର୍ଥମୟତାର ଆଲୋକରେ ସ୍ନାନ କରିବା ଏକ ନିତ୍ୟ ନିୟତ ପ୍ରୟାସ । ଏହି ପ୍ରୟାସ ଅବ୍ୟାହତ, ଅଶେଷ । ଅତଏବ ସଫଳତା ବିଫଳତାର ପ୍ରଶ୍ନ ଏଠାରେ ଅବାନ୍ତର । ମୋର ବିଶ୍ୱାସ, ବିଂଶ ଶତକର ଶେଷ ମୁହୂର୍ତ୍ତରେ କବିତା ଯଦି ମଣିଷକୁ କିଛି ଆଶ୍ୱାସନା ଓ ସ୍ୱପ୍ନ ଦେଇପାରିଲା - ଦୁଃସ୍ଥିତି ଭିତରେ ମଣିଷର ମନୋବଳକୁ ଗଭୀର, ବିଶ୍ୱାସକୁ ଦୃଢ଼ ଓ ନିଧାର୍ଯ୍ୟ ରଖିପାରିଲା, ତେବେ କବିତାର ଏହି ଯୋଗ୍ୟତା ଅତୁଳନୀୟ ଓ ଅପୂର୍ବ । '

ଏଠାରେ ଭୂମି ଉପରେ ସୂଚନା ଦେବାକୁ ଯାଇ ଭୂମିକାଠାରେ ପହଞ୍ଚିବା ମୋର ବାଟବଣା ହେବାର ଲକ୍ଷଣ ନୁହେଁ । ଭୂମି ଉପରେ ପ୍ରତିଷ୍ଠିତ ହେଲେ ହିଁ ଭୂମିକା ନିର୍ଦ୍ଧାରିତ ହୁଏ । କବିତା ଯଦି କିଛି ଭୂମିକା ସମ୍ପାଦନ କରିଛି - ପାଠକକୁ ଆକୃଷ୍ଟ କରି, ଛଟପଟ କରି ତା'ର ମନ ଓ ଚେତନାର ସକଳବନ୍ଧନକୁ ଫିଟାଇ ଦେଇ ତାକୁ ବିହ୍ୱଳ କରିପକାଇଛି, ତା'ର ରକ୍ତ ସ୍ରୋତରେ ଉଜ୍ଜୀବିତ ରହି ସ୍ପନ୍ଦିତ କରିଛି, ବିଶ୍ୱାସକୁ କରିଛି ଉଦ୍‌ବୁଦ୍ଧ, ତେବେ କବିତାର ଏହି ଭୂମିକା ବିଷୟରେ ମୁଁ ସଚେତନ ହୋଇଛି ସେତିକିବେଳେ, ମୋର ବିଶ୍ୱାସ, ଅନୁଭବ ଓ ଉଚ୍ଚାରଣ ଉପରୁ ସକଳ କୁଣ୍ଠାର ଫାଶକୁ ମୁଁ କାଟି ପକାଇବାକୁ ସମର୍ଥ ହେଲାବେଳେ । ମୋର ଜୀବନ ଓ କବିତା, ମାଟି ଓ ଆକାଶ ଭଳି ପରସ୍ପର ସଂଲଗ୍ନ, ନିବିଡ଼ ପୁଣି ଗୋଟିଏ ଅପରର ପରିପୂରକ ।

●●●

Digitized by srujanika@gmail.com

ମୋ' ଜୀବନ ମୋ' ସାହିତ୍ୟ

ସଦାଶିବ ଦାଶ(୧୯୪୫)

ମୋ ଜୀବନ କେବେ ଆରମ୍ଭ ହେଲା ସେ ଦିନର ସଠିକ୍ ଅନୁଭୂତି ମୋର ନାହିଁ । ଶୁଣା ଅନୁଭୂତିକୁ ନେଇ ଜୀବନ ଧୂଳିଖେଳ ଖେଳିଥିଲା । ଦରୋଟି ଭାଷାରେ କେଉଁମାନଙ୍କୁ କିପରି ଭିଜାଇ ରସାଇ ଥିଲା ତାହା ବି ମୋର ମନେ ନାହିଁ । ଏଇ ମନେ ନରଖିପାରିବାର କିଶୋର ଜୀବନଟି ଭୁଲି ହୋଇଯାଇଥିବାର ବିସ୍ମୃତ ଫର୍ଦ୍ଦଟି ଛଡ଼ା କ'ଣ ବା ହୋଇପାରେ ! ଜୀବନ ଗୋଟେ ଗୁଡ଼ି ପରି ଉଡ଼େ । ପବନରେ ଗୋତ୍ ଖାଏ, ଅପହଞ୍ଚ ଆକାଶର ଇଲାକାରେ ଉଡ଼ିବୁଲେ । କିଏ ତାକୁ ଉଡ଼ାଏ । ନଟେଇରେ ଜୀବନ ଗୁଡ଼ା ହୋଇଥିବା ସୂତାଖିଅଟିଏ । ଯେତେ ଉଡ଼ିଲେ ବି ସାଧ ମେଣ୍ଟେ ନାହିଁ । ଉଡ଼ିବା, ଖେଳିବା, ଅପହଞ୍ଚ ଇଲାକାରୁ ମାଟିକୁ ଅନୁଭବିବା ହିଁ ଜୀବନକୁ ପଶାଖେଳର ଗୋଟି କରି ଦାନ ପଡୁଥିବା ଅନୁସାରେ ଚଳାଉଥାଏ, ସମୟର ସତରଞ୍ଚ ଉପରେ ଜୀବନ ଚାଲେ । କେତେବେଳେ ପଛରୁ ଆସୁଥିବା ପଶା ଗୋଟିର ମାଡ଼ରେ ବାଟବଣା ହୋଇଯାଏ, ଜୀବନ ଥାଇ ବି ମରେ... ପୁଣି ଦାନ ପଡ଼ିଲେ ସତରଞ୍ଚ ଉପରେ ନୂଆ ଜୀବନ ନେଇ ଉଭା ହୋଇଯାଏ ।

ଜୀବନ ଆରମ୍ଭ ହୁଏ ଗୋଟିଏ ଜଳଧାରର ଅଜଣ ଉତ୍ପତ୍ତି ସ୍ଥଳରୁ । କୋଉ ପାହାଡ଼ ଭଳି ସର୍ବମହା ମା'ର ଜଠରରୁ ନଇଟିଏ ଝରି ଆସିଲା ଭଳି ଜୀବନ ଝରିଆସେ । ମୂଳ ଉତ୍ସଟି ଅଖୋଜା ଅଲୋଡ଼ା ହୋଇ ରହିଯାଏ । କୋଇଲି ଭଳି କେଉଁଠି ଲୁଚିଥାଏ କେଜାଣି ସେ ଆସି କଥା କହିପାରୁନଥିବା ତୁଣ୍ଡରେ, ଭାଷାର କେକା କୁହୁ କାକଳୀ ଭରିଦିଏ । କାହାକୁ ତାହା କାକର କର୍କଶ ଶବ୍ଦ ଭଳି ଶୁଭେ ତ, କାହାକୁ ଲାଗେ ପାରାର ଘୁମୁରା ଅଥଚ କିଏ ଭାବେ ବାଘର ହେଣ୍ଟାଳ ତ, ଆଉ କା ଦୃଷ୍ଟିରେ ମନେହୁଏ ଯେପରି ଝରଣାର ଛଳଛଳ ରାଗିଣୀ ।

ମୋ ଜୀବନ ମୋତେ ଲାଗେ ଯେମିତି ଟୁକୁଡ଼ା ଟୁକୁଡ଼ା ହୋଇଯାଇଥିବା ଦସ୍ତାବିଜ୍ ପରି । ଯେପରି ଜୀବନଟା ଡହ ଡହ ତତଲା ବାଲି... ପୁଣି କେତେବେଳେ ଜହ୍ନ ସଙ୍ଗେ ମିତ ବସି ଛଳ ଛଳ ଶୀତଳତା । କାଲି ଭଳି ଲାଗେ ବାଲ୍ୟ ଚପଳାମିଠାରୁ, ଭଅଁର ହୋଇ ଉଡ଼ିବାର ଅତୃପ୍ତ ଉଡ଼ାଣ । ସତେ ଯେପରି ଜୀବନକୁ ଖେଳେଇ ଖେଳେଇ ବନିସ୍

Digitized by srujanika@gmail.com

କଣ୍ଠାରେ ଖେଳାଇଲା ଭଳି ଗଞ୍ଜଣା ଦେଉଛି; ଅଣନିଶ୍ୱାସୀ କରୁଛି । ପୁଣି କେବେ କେବେ ସୁଅ ଯେପରି ଚଳଚଞ୍ଚଳ ହୋଇ ଶୃଙ୍ଖଳା ନଦୀକୁ ମୋଡ଼ ଭଙ୍ଗାଏ; ଉତ୍ତାଳ ବନ୍ୟାରେ ଉଚ୍ଛଳାୟିତ କରେ, ସେମିତି ମୋତେ ମୋ ଭିତରେ ବଞ୍ଚିଥିବା ଜୀବନ ହସାଇଛି, କନ୍ଦାଇଛି, ହାରି ହରାଇଛି, ପାଇବାର ଲିପ୍‌ସାରେ ଆଶାବାଦୀ କରିଛି । ବୈପ୍ଳବାତ୍ମକ ଚିନ୍ତନରେ ନବ୍ୟ ଦିଶା ସନ୍ଧାନର ଉତ୍ସୁକତା ଆଣିଦେଇଛି । କାମ ଏବେ ବି ଅଧୁରା । ଅପର ସଂସାରରେ ଜୀବନର ବୈଚିତ୍ର୍ୟପୂର୍ଣ୍ଣ ଚରିତ୍ରବତ୍ତା ଜୀବନକୁ ଠିଆ କରିଛି ଏକଲା ସୈନିକରେ ।

କାଲି ଭଳି ଲାଗୁଛି । ଏ ଦିନଗୁଡ଼ାକ କେତେ ଛୋଟ ସତେ । କୁଆଡୁ କେମିତି ସକାଳ ହୋଇ ସଞ୍ଜ ହୋଇଯାଉଛି । ପକ୍ଷୀ ପରି ଉଡ଼ିଯାଉଛି ଜୀବନ, ପବନ ପରି ବହୁଛି, ଜଳବିନ୍ଦୁ ହୋଇ ମାଟିରେ ମିଶୁଛି । ଖରାଧାରରେ ଅଧାପୋଡ଼ା ହୋଇ ବରଷାରେ ସବୁଜ ହୋଇଉଠୁଛି । ନିରାଶାର ଗୀତରେ ଥରୁଛି । ଅନ୍ଧାରରେ ନିଜକୁ ବି ଚିହ୍ନି ପାରୁନାହିଁ । ଛଳନାର କଟାରୀରେ ବାରମ୍ବାର କ୍ଷତବିକ୍ଷତ ହେଉଛି । ତଥାପି ମନେ ହେଉଛି ମୁଁ ଗୋଟାଏ ସଂଘର୍ଷମୟ ଜୀବନକୁ ବଞ୍ଚାଇ ରଖିଛି ବୋଲି ଜୀବନ ମୋର ହୋଇରହିଛି । ଏହା ହିଁ ବୋଧହୁଏ ଏକ ସାର୍ବଜନୀନ ସତ୍ୟର ଉତ୍ସର୍ଗୀକୃତ ଧରା ।

ଲୋକମୁଖରେ ଶୁଣାଯାଏ ମୋ ଜୀବନ ଗୋଟାଏ ବିଫଳତାର କାହାଣୀ । ଗଢ଼ିବାକୁ ଚେଷ୍ଟା କରେ କିନ୍ତୁ ପାରେନାହିଁ । ଲକ୍ଷ୍ୟ ପଥଚ୍ୟୁତ ହୁଏ । ଏଇ ଅନୁଭବଟି ମୋ ଭିତରେ ମୋତେ ବାରମ୍ବାର ସତର୍କ କରୁଥିଲେ ବି ତାହା ମୁଁ ଅତିକ୍ରମୀ ପାରେନାହିଁ । ସ୍କୁଲ୍‌ଠାରୁ କଲେଜ ଜୀବନ ମୋ ପାଇଁ ଭାଙ୍ଗି ଗଢ଼ା ହୋଇଥିବା ପିତୁଳାଗୁଡ଼ିକ ପରି ଭାରି ବେଖାପ, ସାଦାସିଧା, ରଙ୍ଗହୀନ । କୋଉ ଆଇନ୍ କାନୁନ୍‌ର ତର୍ଜମା ମୋତେ ବାନ୍ଧି ରଖିପାରିଲାନି, କୋଉ ଗୋଟିଏ ଭିତ୍ତି ଉପରେ ଠିଆ ହୋଇ ଜୀବନକୁ ସିଡ଼ିର ପଳି ପରେ ପଳି ଉପରକୁ ଚଢ଼ାଇ ଶିଖର ଯାଏ ପହଞ୍ଚାଇପାରିନାହିଁ ଏ ଯାଏ । ସବୁଠି ଅଧାଗଢ଼ା ହୋଇଥିବାର ଇତିବୃତ୍ତ । ବୋଧହୁଏ ଜୀବନର ଆକାଂକ୍ଷାଟି ଯଦି ଅଧା ଗଢ଼ା ହୋଇରହିଯାଏ ତାହେଲେ ସେ ବୋଧେ ଜଗନ୍ନାଥ ନାମକ ଗୋଟିଏ କଳାକୃତିର ସର୍ବକାଳୀନତାକୁ ପ୍ରମାଣସିଦ୍ଧ କରିପାରେ ।

ମୋ ଜୀବନ ସେମିତି ଅଧାଗଢ଼ା କଳାକୃତିଟିଏ । ଯାହା ଯେତିକି ଦୃଶ୍ୟମାନ, ତା'ଠାରୁ କାହିଁ ଅଧିକ ଦ୍ୱିଧାଗ୍ରସ୍ତ । ବିଭଙ୍ଗ ଓ ନିପାରିଲା ପଣର ଦୁଃଖଦ ଗନ୍ଧମାଳା । ମୋର ମନେ ଅଛି ଆମେ କେଇଜଣେ କଲେଜ ଜୀବନ କଟାଉଥିଲାବେଳେ ଭାବିଲୁ ଏଇ ସମାଜର ଏକ ପୂର୍ଣ୍ଣାଙ୍ଗ ପରିବର୍ତ୍ତନ ହେବା ଦରକାର । ପଚାସଢ଼ା ବ୍ୟବସ୍ଥାର ପୂର୍ଣ୍ଣ ପରିବର୍ତ୍ତନ ନହେଲେ ଦେଶ, କାଳ, ପାତ୍ରରେ ନୂତନତା ଆସିବ ନାହିଁ, ଅଥଚ ସବୁ ଯେପରି ବାଟବଣା ହୋଇଗଲା । ଗୋଟିଏ ହେଲେ ମଣିଷର ସନ୍ଧାନ ଏଇ କିରାଟ ପୃଥିବୀରୁ ମିଳିଲା ନାହିଁ । ଯିଏ ବା ଚାଲେ ସେମାନେ ଯୁଧିଷ୍ଠିରଙ୍କ ସଙ୍ଗେ ହିମାଳୟ ଚଢ଼ିଲା ପରି ଚଢ଼ିଲେ

Digitized by srujanika@gmail.com

ଗୋଟିକ ପରେ ଗୋଟିଏ ଅଧା ବାଟରୁ ରହିଗଲେ । ଅଥବା ଅନ୍ୟବାଟେ କୁଆଡ଼େ ପଳେଇଲେ ନିଜସ୍ୱ ପୃଥିବୀର ସନ୍ଧାନରେ । ସେଇ ଯୁଧିଷ୍ଠିରଙ୍କ ପରି ପାଖରେ କୁକୁରଟିକୁ ସାଥୀ କରି ଚଢ଼ିଗଲିଛି ପର୍ବତ ଶିଖରର ସନ୍ଧାନରେ । ସାଙ୍ଗରେ ସାଥି ହୋଇଚାଲିଛି ବିଶ୍ୱସ୍ତ କୁକୁରଟିଏ ଯାହାକୁ ଆପଣମାନେ ବିଚାରିପାରନ୍ତି ମୋ ଜୀବନ ବୋଲି ।

କେହି କେହି କୁହନ୍ତି, ବାଟ ଚାଲିଲ; ପଥ ତିଆରି କରିପାରିଲ ନାହିଁ, ହସିଲ, ହସାଇପାରିଲ ନାହିଁ । ଦୁଃଖ ଭୋଗିଲ, ଦୁଃଖକୁ ଆତ୍ମସ୍ଥ କରିପାରିଲ ନାହିଁ । ଯାହା ପାଇଲ ତାହାବି ନିଜସ୍ୱ ହୋଇରହିଲା ନାହିଁ । ବୋଧହୁଏ ଏଇ ନିପାରିଲାପଣର ଘନ କୁଝଟିକା ମୋତେ ବାରମ୍ବାର ଧୋକା ଦେଇଛି । ବାଟର ମୋଡ଼ି ଭାଙ୍ଗିବାକୁ ପ୍ରଚୋଦିତ କରିଛି । କେବେ କେଉଁଠାରେ ଜଞ୍ଜିର ପିନ୍ଧି ପାଦକୁ ବାନ୍ଧି ରଖିନାହିଁ । ହାତକୁ ବେଡ଼ି ପକାଇ ଅକର୍ମା କରିନାହିଁ । ଆଖି ବୁଜିଦେଇ ଅନ୍ଧାରକୁ ସ୍ୱାଗତ କରିନାହିଁ । ଅଲେଖା କାଗଜ ପରି ସ୍ମୃତି ଶୂନ୍ୟ ହୋଇଯାଇଛି । ଅପଢ଼ା ପୋଥିଟିଏ ପରି କଣଠେସା ହୋଇ ଘରକଣରେ ପେଡ଼ି ପେଟରା ଭିତରେ ତପସ୍ୟାରତ ଅଛି । ଯେପରି ହିମାଳୟର କୋଉ ଗିରିଗୁହାରେ ଶହ ଶହ କାଳ ଧରି ନିଜ ଜୀବନକୁ ଖୋଜୁଥିବା ଲୋଡୁଥିବା, ଅବଗାହୁଥିବା ଅଚିହ୍ନା ସନ୍ୟାସୀଟିଏ । କୋଉ ସାମାଜିକତାର ଶୃଙ୍ଖଳା ବାନ୍ଧି ରଖିପାରିନି । ଅର୍ଥର ନିଶା ମୋତେ ଆସକ୍ତି ଆଣି ଦେଇନାହିଁ । ଜୀବନ ଗୋଟାଏ ଯୁଦ୍ଧାଶ୍ୱ ଭଳି ଦୌଡ଼ି ଚାଲିଛି । ଟ୍ରୋଜାନ ହର୍ଷ ହେବାର ବିଡ଼ମ୍ବିତ ଜୀବନ କେବେ ଉପଲବ୍ଧି କରିପାରିନି । ଯେଉଁ ଜୀବନକୁ ଏବେ ଅଙ୍ଗେ ଲିଭୋଉଛି ତାହା କୋଉ ମାତ୍ପରର ଜୀବନ ଯେ ? ଗୋଟାଏ ଗଡ୍ଡ଼ାଳିକା ପ୍ରବାହର ବାଲିସ୍ତୂପ ପରି, ମନସ୍ଥ କଲି ଜୀବନକୁ ଗୋଟାଏ ସାଂସ୍କୃତିକ ଧରୋହରର ଚଉବନ୍ଧରେ ବାନ୍ଧି ପକେଇଲେ କିଛି ପାଦଚିହ୍ନ ରଖିଯାଇହେବ କି ? ରାଜନୀତି ତରାଜୁରେ ବଟକରା ସାଜିପାରିଲିନି । ଆଇନ୍‌ର ମାୟାଜାଲରେ ହେରାଫେରିର ସଉଦା କରିପାରିଲିନି । ଭାବିଲି ଗୋଟାଏ ଏମିତି ବୋଝ ଜୀବନର ମଥା ଉପରେ ସବାର କରି ଦେବି ଯେ ବାସୁକି ଭଳି ହଲ୍‌ଚଲ୍ ହୋଇପାରିବନି, ସ୍ଥିର ନିଶ୍ଚିତ ଭାବେମୌନୀ ସନ୍ନ୍ୟାସୀ ଭଳି ତପସ୍ୟାରତ ରହିବି ।

ଜୀବନ ବହୁ ମୋଡ଼ ଦେଇ ଭାଙ୍ଗି ରୁଜି, ପୁନି ଯୋଡ଼ି ହୋଇ କଇଁଛପିଠିଆ ହୋଇ ଟାଣ ହୋଇଗଲାଣି, ରାଜନିତୀ କରୁଥିବା (୧୯୮୦ରୁ୯୦) ସମୟ ସୀମାରେ ଏପରି ଏକ ଘଟଣାର ସୂତ୍ରଧର ଥିଲି ତାହା ଅବିଶ୍ୱାସ ଲାଗିଲେ ମଧ୍ୟ ସତ୍ୟ ଥିଲା; ରାଜନିତୀର ଗୋଟି ଚାଳକମାନଙ୍କର ଛଆଣ ଆଖିରେ ଧରାପଡ଼ିଲି ନାହିଁ । ଯେଉଁ ରାଜନେତା ଓଡ଼ିଶାର ଭାଗ୍ୟରଜ୍ଜୁକୁ ନିରଙ୍କୁଶ ଭାବେ ଧରି ରଖିଥିଲେ ତାଙ୍କ ସିଂହାସନ ଟାଳିବାରେ ଛୋଟିଆ ଚୁଟିଆ ମୂଷା ପରି ମୋ ଜୀବନ ଏତେ କାୟସିଦ୍ଧ ହେବ ତାହା ଭାବିପାରେ ନାହିଁ । ସାମାନ୍ୟ ଟିକେ ଅଗ୍ନିର ଝୁଲ ଯେ ସାରା ପରିବେଶକୁ ପୋଡ଼ି ପାଉଁଶ

Digitized by srujanika@gmail.com

କରିପାରେ ତାହା ଥିଲା ଏଇ ଜୀବନରଂ ମହାନ୍ କାର୍ଯ୍ୟ । ରାଜନୈତିକ ପ୍ରତିଶୋଧ ପରାୟଣତା କାହାକୁ ଗାଦୀରୁ ହଟାଇଦେଲା ସିନା ମୁଁ ଆଉ ଏଭଳି ନର୍କରେ ଘାଣ୍ଟି ହେବାକୁ ଚାହିଲିନି । ଓଡ଼ିଶା ରାଜନିତୀର ଏକ ଖଳ ଅଧ୍ୟାୟ ଚିରଦିନ ପାଇଁ ଇତିହାସ ପୃଷ୍ଠାରେ ଲେଖାଯାଇପାରିଲାନି । ମୋ ଜୀବନର ସେ ଥିଲା ଏକ ବିଡ଼ମ୍ବିତ କାଳରାତିର କାହାଣୀ । ସେ ଭାନୁମତୀ ପେଡ଼ିର ଅକୁହା କଥା ଯେଉଁ ଜୀବନ ତିଆରି କରି ସଫଳ ହୋଇଥିଲା ତାକୁ ହୁଏତ ରାଜନୈତିକ ଖଳନାୟକତ୍ୱର ଆଖ୍ୟା ଦିଆଯାଇପାରେ । ତାହା ସେତେବେଳେ ଖୁବ୍ ପ୍ରୟୋଜନ ଥିଲା । ଏହାର ବିଶଦ ଚର୍ଚ୍ଚା ଆତ୍ମଜୀବନୀରେ ହିଁ କରିବି । ଯେଉଁ ରାଜନେତା ମୋ ରାଜନୈତିକ ଜୀବନକୁ ଅକାଳ ସମାଧି ଦେଇଥିଲେ ମୁଁ ଯେ ତାର ପ୍ରତିଶୋଧ ଏତେ ସହଜରେ ନେଇଗଲି ତାହା ଥିଲା ମୋର ପ୍ରାରବ୍ଧର ଉପଲବ୍ଧି । ଭୂମିକାଟି ଥିଲା ଦ୍ରୋଣ ଓ ଅଶ୍ୱତ୍ଥାମା ଜନିତ ପୌରାଣିକ ଘଟଣାବଳୀ ପରି ।

ଆଜି ଜୀବନ ବେଶ୍ ଦୃଢ଼ ହେଲାଣି । ସହନଶୀଳ ହେଲାଣି । କାହା ବାଟରେ କଣ୍ଟା ହୋଇନାହିଁ । ନିଜେ ଯେପରି ଗୋଟାଏ ନୂଆ ବାଟରେ ଯିବାର ନୂଆ ଠାଣି ମାଣି ତିଆରି କରି ସାରିଲିଣି । ସବୁବେଳେ ବୁଡ଼ିରହୁଛି ସୃଜନର ପୁଲକିତ ଉଆସ ଭିତରେ । ଶବ୍ଦମାନେ ଜୀବନକୁ ନୂଆ ଭାବର ପୁଟ ଦେଇ ଚିତ୍ରାୟିତ କରୁଛନ୍ତି । ଯେ ଜୀବନ ଯେମିତି ଖାଲି ଦେଇ ଯିବାରେ ନିଜର ସାର୍ଥକତାକୁ ବଜାୟ ରଖିଛି । ମୋର ବିଶ୍ୱାସ ନିଜ ଜୀବନକୁ ଖୁବ୍ କମ୍ ଲୋକ ସ୍ୱଷ୍ଟ, ସ୍ୱଚ୍ଛ, କଳଙ୍କରହିତ, ସୃଜନକ୍ଷମ, ତଥା କ୍ରମବର୍ଦ୍ଧିଷ୍ଣ ଭାବେ ଗତିଶୀଳ କରିବାକୁ । ସହଜ କାର୍ଯ୍ୟ ଭାବେ ବିଚାରିନଥାନ୍ତି କିନ୍ତୁ ମୁଁ ଯେତେ ପାଦକୁ ଆଗକୁ ଚାଲିଛି ମୋ ଜୀବନ ସେତେ ସେତେ ଯୁବକତ୍ୱ ପ୍ରାପ୍ତ ହୋଇଛି ।

୧୯୬୧ ମସିହାରୁ ଲେଖାଲେଖି କରିବାର ଖଡ଼ି ଛୁଇଁଥିଲି, ଅର୍ଦ୍ଧଶତାବ୍ଦୀରୁ ଉର୍ଦ୍ଧ୍ୱ ହେଲାଣି । ରୀତିମତ ୧୯୬୪ରୁ ରଜଘଷ କରି ପ୍ରକାଶିତ ହେବା ବେଳକୁ ୧୯୬୫-୬୬ ମସିହା ହୋଇଥିଲା । କବିତା, ଗଳ୍ପ ସମାନ ଭାବେ ଲେଖୁଥିଲି । ତାହା ଥିଲା ଯୁବଲେଖନୀର ଅଘୋଷିତ କାବ୍ୟଧାରା । ସେଥିରେ ସନ୍ତୁଳନ ଅପେକ୍ଷା ଆବେଗ, ପ୍ରେମ, ଲାଳିତ୍ୟ, ଭାବାବେଗ ବେଶୀ ଥିଲା । ସାହିତ୍ୟଧାରାର ଯେ ଏକ ନିର୍ଦ୍ଦିଷ୍ଟ ଦର୍ଶନ ଅଛି ତାହା ସେତେବେଳକୁ ମୋ ଧାରଣା ବାହାରେ ଥିଲା । ଗଳ୍ପ ସବୁ ଗପ ପରି ଲେଖି ହୋଇଯାଉଥିଲେ । ଜୀବନଯନ୍ତ୍ରଣାର ଅନେକ ସମସ୍ୟା ସେଠାରେ ରୂପ ପାଉଥିଲା । କବିତା ତ ଥିଲା ବହୁ ଭାବେ ମନ ଭିତରର ସଞ୍ଚିତ କାବ୍ୟାବେଗର ଚିତ୍ରିତ ପଦାବଳୀ ।

ମୋ ସାହିତ୍ୟ ୧୯୬୭ ପରେ ଜୀବନାଭିମୁଖୀ ହେଲା । ତତ୍କାଳର ନକ୍ସଲ ଆନ୍ଦୋଳନର ଚିତ୍ର ବହୁ ଭାବେ ମୋତେ ଆନ୍ଦୋଳିତ କଲା । ଯେ ଯେଉଁ ଭାବେ ଦେଖିଲେ ମଧ୍ୟ ମୁଁ ଏହାକୁ ସାମାଜିକ ପଟ୍ଟ ପରିବର୍ତ୍ତନର ଆଦ୍ୟ ଗଣଯୁଦ୍ଧ ବୋଲି ବିଚାରିଲି । ୧୯୭୫ ମସିହା ବେଳକୁ ଏଇ ଅଘୋଷିତ ବିପ୍ଳବର ପରିଣତି ଦେଶକୁ ଏକ ରାଜନୈତିକ ସଙ୍କଟ

Digitized by srujanika@gmail.com

ଆଡ଼କୁ ଟାଣି ନେଇଥିଲା । ସେହି ସମୟରେ ମୋ ସାହିତ୍ୟ ଏକ ସାମାଜିକ ପ୍ରତିବଦ୍ଧତାର ନବ୍ୟସ୍ୱରକୁ ଉଦାତ୍ତ ଭାବେ ପ୍ରକାଶ କରିଥିଲା । ମୋ ସହ ଯେଉଁ ୪/୫ ଜଣ ଓତପ୍ରୋତ ଭାବେ ଥିଲେ ଓ ମୁଁ ଥିଲି ସେମାନଙ୍କର ନୀତିଦ୍ରଷ୍ଟା ବା ପଥପ୍ରଦର୍ଶକ । ସେମାନେ ବେଶୀ ଦିନ ଏଇ କଣ୍ଟକିତ ମାର୍ଗରେ ଚାଲିପାରିଲେନି । ରାଜନୈତିକ ବ୍ୟବସ୍ଥାର ମୋହିନୀ ତନ୍ତ୍ରରେ ଆସ୍ଥା ସ୍ଥାପନ କରି ଜନ ପ୍ରତିନିଧିତ୍ୱ ଆଳରେ କ୍ଷମତା ଉପଭୋଗ ଜନିତ ଜାରଜ କାମନାର ନାନ୍ଦୀପାଠକାରୀରେ ପରିଣତ ହେଲେ । ବାରମାସୀ ଏଣ୍ଡୁଅ ରଙ୍ଗ ବଦଳାଇଲା ପରି କାବ୍ୟିକ ଦାୟବଦ୍ଧତାକୁ ନଷ୍ଟ କରିଦେଇ ରାଜନୈତିକ ଯୂପକାଠର ଛାଗଳରେ ପରିଣତ ହୋଇଗଲେ ସେମାନେ । ମୁଁ କ'ଣ ପାରି ଉଠିପାରିଲି ନାହିଁ ନା ତା ଥିଲା ମୋର ଅଯୋଗ୍ୟ ଭାବ ।

ସବୁ ବାଟକୁ ସାହିତ୍ୟର କଷଟିରେ ପରଖିଲି, ନିଖାରିଲି । ନିଆରା ଭାବେ ମୁକ୍ତ କଣ୍ଠରେ ଜନଜୀବନର ସାମ୍ପ୍ରତିକ ଦୁରବସ୍ଥାକୁ ପ୍ରକାଶ କଲି । ଏହାଦ୍ୱାରା ମୋ ସାହିତ୍ୟ ବରାଦରୀ କୋଟେରୀ ସାହିତ୍ୟିକମାନଙ୍କର ଚକ୍ଷୁକୁ ଭଲ ଦିଶିଲା ନାହିଁ । ମଥାନତ କରି ପାଞ୍ଚ ଯଥା କି କୁଣ୍ଡଳ ପ୍ରାପ୍ତିର ରାଜକୀୟ ଲୋଭ ମୋତେ କୌଣସି ଦିନ ଅବନତ କରିପାରିଲା ନାହିଁ । ମୁଁ ଭିନ୍ନ ଗୋଠରେ ପରିଣତ ହେଲି; ଏକୁଟିଆ ବାଆଁରାର ଗୋଠ ।

ସବୁବେଳେ ମୋ ସାହିତ୍ୟ ନିଆରା ଭାବରେ ସାଦାସିଧା ଜୀବନର କଥା କହିଲା କୋଉ ବଣ ପର୍ବତରେ ମରି ପଡ଼ିଥିବା ଗୁଳିଖିଆ ମଣିଷଟି ପ୍ରତି ସମ୍ବେଦନା ଜଣାଇଲା । କଣ କେହି କିଛି ନ କହି ପାରୁଥିବା ସାଲିସ୍‌କାମୀମାନଙ୍କ ପରି ସେ ବରାଦୀ ଲେଖାଲେଖି ପାରିଲା ନାହିଁ । ସମସାମୟିକ ପ୍ରତିଭାଧର ସାହିତ୍ୟିକମାନଙ୍କର ପରସ୍ପର ଭିତରେ ଥିବା ପରସ୍ପରକୁ ଊର୍ଦ୍ଧ୍ୱମୁଖୀ କରିବାର ଅପଚିନ୍ତାରେ ସହଯୋଗ ଦେଇପାରିଲା ନାହିଁ ।

ଯଦି ଏଠି ସଠିକ୍ ତଉଲଦାର ପାଠକ ଥାଆନ୍ତେ ତାହେଲେ ମୋ ପାଇଁ କିଛି ଅସୁବିଧା ନଥାନ୍ତା । ଏଠି ତ ଅନେକ ମାତଫର ସାହିତ୍ୟିକ ନିଜ ପ୍ରଚାର ପ୍ରସାରକୁ ବେଶୀ ଧ୍ୟାନ ଦିଅନ୍ତି । ପୁରସ୍କାର, ଉପଢୌକନର ଝଲମଲ କାବ୍ୟ ପୋଷାକ ପିନ୍ଧିବାକୁ ଜୀବନର ସବୁଠାରୁ ବଡ଼ ଉପଲବ୍ଧି ବୋଲି ବିଚାର କରନ୍ତି । ଏଠି ଲୋକ ପରି ପାରିଲାପଣରେ ସାହିତ୍ୟ ମିଛ ବାସ୍ତବତାକୁ ପ୍ରକାଶ କରେ । ଏଭଳି କଳାଧର୍ମୀ ସାହିତ୍ୟ ସମାଜ ଉପରେ କୌଣସି ପ୍ରଭାବ ପକାଏ ନାହିଁ । ଏଠି ସାହିତ୍ୟ କତିପୟ ବୃତ୍ତିଜିବୀଙ୍କ କବ୍‌ଜାରେ ବନ୍ଦୀ ହୋଇଥିଲାବେଳେ ମୋ ସାହିତ୍ୟ ଜୀବନର ମାର୍ମିକ ଉପଲବ୍ଧିକୁ ପ୍ରସାର ପ୍ରଚାର କରେ ।

ଆମେ ଏକା ସମୟରେ ଯେଉଁ ସାହିତ୍ୟିକମାନେ ଲେଖା ଆରମ୍ଭ କରିଥିଲୁ ସେଥିରୁ ଅନେକ ସରକାରୀ ବୃତ୍ତିଜିବୀ, ଓକିଲ, ଶିକ୍ଷକ, ଶ୍ରେଣୀଭୁକ୍ତ । ନିରୁତା ସାହିତ୍ୟିକଙ୍କର ସଂଖ୍ୟା ହାତଗଣତି ।

Digitized by srujanika@gmail.com

ସେଇଥିପାଇଁ ସାହିତ୍ୟ ସହରର କୋଠାବାଡ଼ି ଭିତରେ ବନ୍ଦୀ, ସାହିତ୍ୟିକମାନେ ପରସ୍ପରକୁ ତୁଷ୍ଟ କରି କଳା ପକ୍ଷର ବାବଦୂକ ସାଜିବା ଛଡ଼ା ସେମାନଙ୍କର ଗତ୍ୟନ୍ତର ନାହିଁ । ମୁଁ ଏହା ଭିତରେ ମୋ ସାହିତ୍ୟକୁ ନେଇ ଖୁବ୍ ଏକଲା । ଯେଉଁ ପାଠକମାନଙ୍କ ପାଖରେ ମୁଁ ପହଞ୍ଚେ ସେଥିରୁ ଅନେକ ନୀରବଦ୍ରଷ୍ଟା, ସରଳ ପାଠକ ମାତ୍ର ।

ମୋ ସାହିତ୍ୟ ପରାଙ୍ଗପୁଷ୍ଟ ମଲାଙ୍ଗ ନୁହେଁ ବହୁତ ଏଇ ମାଟି ପାଣିପବନର ଚିନ୍ତା ଚେତନାରୁ ଶକ୍ତି ଆହରଣ କରି ଏକାନ୍ତ ନିଜସ୍ୱ, ସ୍ୱତନ୍ତ୍ର । ସେଇଥିପାଇଁ ତ ତଥାକଥିତ ବୃତ୍ତିଧାରୀ ସାହିତ୍ୟିକମାନଙ୍କ ଧାରଣାରେ ଆମ୍ଭେ ପ୍ରଚାରଧର୍ମୀ ସାହିତ୍ୟର ଅବଗାହନକାରୀ । ଆମ ସାହିତ୍ୟର ସର୍ବକାଳୀନ ମୂଲ୍ୟ ନାହିଁ । ଯାହାକୁ କୁହାଯାଏ ସେମାନଙ୍କ ଦୃଷ୍ଟିରେ ପାମ୍ଫଲେଟ୍ ସାହିତ୍ୟ ।

ମୁଁ ଭାବେ, ମୋ ସାହିତ୍ୟ ଚତୁର ଏକାକୀ ଖିଆଲୀ ପରି ନିଜକୁ ଲୁଚାଇ ରଖେନାହିଁ, କିମ୍ବା ଗଧିଆ ଭଳି ବାଘଛାଲ ଘୋଡ଼ୋଇ ହୋଇ ଜଗତର ପାଠକମାନଙ୍କ ପାଖରେ ତାଚ୍ଛଲ୍ୟର ଶିକାର ହୁଏନାହିଁ । ମୁଁ ମୋ ସାହିତ୍ୟ ଭିତରେ ବୈପ୍ଲବାତ୍ମକ ଦୃଷ୍ଟି ନେଇ ତିଷ୍ଠି ରହିଥାଏ । ମୁଁ ତଥାକଥିତ ଚତୁର ପ୍ରତିଷ୍ଠାଲିପ୍ସୁମାନଙ୍କ ସଙ୍ଗରେ ଟକ୍କର୍ ଦିଏ, ସେମାନଙ୍କ ରୋଷ ଦୃଷ୍ଟିରେ ମୋ ସାହିତ୍ୟ ରକ୍ତ ଝରାଏ । ସେମାନେ ମୋ ସାହିତ୍ୟକୁ କଦର୍ଥ କରି ଅପାଂକ୍ତେୟ, ଅପରିପକ୍ୱ ରଚନାର ମାନ୍ୟତା ଦେଇଥାନ୍ତି । ସେଇ କଳାଧର୍ମୀ ସାହିତ୍ୟିକମାନଙ୍କର ପ୍ରସାରକମାନେ ମୋ ସାହିତ୍ୟକୁ ଇଚ୍ଛାକୃତ ଭାବେ ଏଡ଼ାଇଯାଇ ଆଲୋଚନା ପର୍ଯ୍ୟାଲୋଚନା କରନ୍ତି ନାହିଁ । କ୍ଷମତାର ବଳୟ ଭିତରେ ଥିଲେ ସେମାନେ ମୋ ସାହିତ୍ୟର ପ୍ରକଚ୍ଛ ପ୍ରଚାରକ ଭାବେ ନିଜକୁ ନିୟୋଜିତ କରିବାକୁ କୁଣ୍ଠାବୋଧ କରନ୍ତେ ନାହିଁ ।

ସାମ୍ପ୍ରତିକ ସାହିତ୍ୟ ଅନେକାଂଶରେ ସହରାଶ୍ରୟୀ ହୋଇଯାଇଅଛି, ସହରମାନଙ୍କ କେତେକ ବୁଦ୍ଧିଜୀବି ପ୍ରତିଷ୍ଠା ନିମନ୍ତେ ସାହିତ୍ୟ ସୃଷ୍ଟି କରିବାରୁ ସତ୍ ସାହିତ୍ୟର ପ୍ରଚାର ପ୍ରସାର ହୋଇପାରୁନାହିଁ । ମୋ ସାହିତ୍ୟ ସାମୟିକ ଭାବେ କାଠଗଡ଼ାରେ ବନ୍ଦୀ ହୋଇଥିଲାବେଳେ ଯେତିକି ଭାବେ ସେ ନିଜକୁ ନିଜ ଗୋଡ଼ରେ ଠିଆ କରାଇଛି ତାହାହିଁ ତା ସୃଷ୍ଟି ମାର୍ଗର ଅନନ୍ୟ ସଫଳତା । ପ୍ରତିକୂଳ ସ୍ରୋତରେ ମୋ ସାହିତ୍ୟ ସମାଜର ସାମଗ୍ରିକ ସତ୍ୟକୁ ପରିପ୍ରକାଶ କରିଚାଲିଛି । ପ୍ରକାରାନ୍ତରେ ମୋ ଜୀବନ ମୋ ସାହିତ୍ୟ ପରସ୍ପରକୁ ଠିକ୍ ଭାବେ ବୁଝିଛନ୍ତି ।

●●●

Digitized by srujanika@gmail.com

ମୋ' ଜୀବନ ମୋ' ସାହିତ୍ୟ

ନନ୍ଦ ମହାନ୍ତି(୧୯୪୫)

ଡ.ଗିରୀଶ ସାହୁ, ମୋର ଜଣେ ସତୀର୍ଥ ବନ୍ଧୁ, ବୟସରେ କନିଷ୍ଠ ଦୃଷ୍ଟିରୁ ମୋତେ ବଡ଼ ଭାଇର ସମ୍ମାନ ଦିଅନ୍ତି, ତାଙ୍କର ବୃତ୍ତି ଏବଂ ପ୍ରବୃତ୍ତି ସବୁଠି ସାହିତ୍ୟ ହିଁ ସାହିତ୍ୟ, ବଢ଼ିଆ ଗପ ଲେଖନ୍ତି - ସେ ହଠାତ୍ ମୋତେ ତାଗିଦ୍ ଉପରେ ତାଗିଦ୍ କଲେ, ଲେଖାଟିଏ ପ୍ରସ୍ତୁତ କରିବାକୁ - ବିଷୟ; ମୋ ଜୀବନ ମୋ ସାହିତ୍ୟ ।

ଫର୍ମାଇସି ଲେଖା ହେଲେ ବି ବିଷୟଟି ବଡ଼ ଗମ୍ଭୀର । ମୋ ଜୀବନ କଥା ଲେଖି ବସିଲେ ତାହା ଏକ 'ମୁଁ' ମୟ ଦୀର୍ଘ ଅଭିବ୍ୟକ୍ତ ହେବ, ଯେଉଁଠି ଶୈଶବରୁ ଆଜିଯାକେ ମୃତ୍ୟୁର ଦ୍ୱାରଦେଶକୁ ପାଦ ବଢ଼ାଉଥିବା ବେଳ ପର୍ଯ୍ୟନ୍ତ ଅନୁଭୂତିର ଏକ ଦୀର୍ଘ ତାଲିକା ହେବ । ଯାହା କୋଉ ପାଠକର କାମରେ ଲାଗିବ ବା ପାଠକମାନଙ୍କ ମନକୁ ଛୁଇଁବ, ସେଥିରେ ମୋର ଘୋର ସନ୍ଦେହ । ପୁଣି ସେଥି ସହିତ ସାହିତ୍ୟକୁ ଯୋଡ଼ିଦେଇ ବିଷୟଟିକୁ ଗମ୍ଭୀର କରି ଦିଆଯାଇଛି ।

ତେବେ ପ୍ରସଙ୍ଗଟିକୁ ଆମେ ଜୀବନ ପାଖରୁ ହିଁ ଆରମ୍ଭ କରିବା ବେଳେ ପ୍ରଥମରୁ କେତେଜଣ ମନନଶୀଳ ଗବେଷଣା ପ୍ରିୟ ସାରସ୍ୱତ ସ୍ରଷ୍ଟାଙ୍କଦ୍ୱାରା ପ୍ରଦତ୍ତ ଜୀବନ ସମ୍ପର୍କୀୟ ଗୋଟିଏ ବାକ୍ୟରେ ପ୍ରକାଶିତ ମନ୍ତବ୍ୟ ଏଠାରେ ଉପସ୍ଥାପିତ କରୁଛି ।

୧) ଜୀବନ ବିଭୁ ପରିଚାଳିତ ଏକ ନାଟକ ହୋଇଥିବାରୁ, ସବୁ ସୁଖଦୁଃଖକୁ ତପ ବୋଲି ଭାବି, ଈଶ୍ୱର ଦତ୍ତ ପ୍ରସାଦ ଭାବେ ଗ୍ରହଣ କରିବା ହିଁ ପ୍ରକୃତ ଜୀବନ (ଡ. ଆଦିକନ୍ଦ ମହାନ୍ତ - ଶିଶୁ ସାହିତ୍ୟିକ)

୨) ଜୀବନ ଏକ ସବୁଜ ବନାନୀ ଘେରା ପାହାଡ଼ । ଆରୋହଣ କରିବାକୁ ତ ପଡିବ (ଡ. ବସନ୍ତ କିଶୋର ସାହୁ, ଶିଶୁ ସାହିତ୍ୟିକ ଓ ଗବେଷକ)

୩) ଜୀବନଟାକୁ ସଜାଡ଼ ସଜାଡ଼ କାହିଁକି କେଜାଣି ସେଇଟା ଅସଜଡା ହୋଇଯାଏ (ଡ. ବ୍ରଜ ଗୋପାଳ ମହାନ୍ତି, ଶିଶୁ ଓ ନାଟ୍ୟ ସାହିତ୍ୟ ଗବେଷକ)

୪) ଜୀବନ ଏକ ସ୍ୱଚ୍ଛ ଝରଣାର ଜଳଧାରା ନୁହେଁ, ବରଂ ଛାଇ ଆଲୁଅ ଘେରା ଅନୁଭୂତିର ଅସରନ୍ତି ଫର୍ଦ୍ଦ (ଡ. ହୃଷିକେଶ ପଣ୍ଡା, କବି ଓ ଗବେଷକ)

Digitized by srujanika@gmail.com

୫) ଜୀବନ ଏକ ଦିଲ୍ଲୀ କା ଲଡ୍ଡୁ, ଯୋ ଖାୟା ଓ ପଛତାୟା, ଯୋ ନହିଁ ଖାୟା ଓ ଭି ପଛତାୟା । (ଡ.ମନୀନ୍ଦ୍ର ମହାନ୍ତି, ଓଡ଼ିଆ ଶିଶୁ ସାହିତ୍ୟର ପ୍ରଥମ ଗବେଷକ)

୬) ଜୀବନ ଫର୍ଦ୍ଦେ ଆକାଶ, କେତେବେଳେ ସେ କି ରଙ୍ଗ ଧରେ – କିଏ ଜାଣେ (ମୁଁ ନିଜେ- ନନ୍ଦ ମହାନ୍ତି)

ସୂଚନାଯୋଗ୍ୟ ଯେ ଜୀବନ ସମ୍ପର୍କୀୟ ଉପରୋକ୍ତ ସମସ୍ତ ମନ୍ତବ୍ୟ ଏକ ସମୟରେ ଗୋଟିଏ ଉପଲକ୍ଷ୍ୟରେ ସମସ୍ତେ ସ୍ୱତଃସ୍ଫୂର୍ତ୍ତ ଭାବରେ ଉପସ୍ଥାପନ କରିଥିଲେ । ଆହୁରି ମଧ୍ୟ ଲକ୍ଷ୍ୟ କରିବାର କଥା କେବଳ ମୋତେ ଛାଡିଦେଲେ ଉପରୋକ୍ତ ଅନ୍ୟମାନେ ସମସ୍ତେ ଶିଶୁ ସାହିତ୍ୟ ସହିତ ସମ୍ପର୍କିତ ଏବଂ ଗବେଷକ; ହୁଏତ ଅନୁରୂପ ଭାବେ ଜୀବନର ସତ୍ତା ସମ୍ପର୍କରେ ସେମାନଙ୍କ ଧାରଣା ପିଲାମାନଙ୍କ ପାଖରେ ପହଞ୍ଚୁଥିବ ।

ଉପରୋକ୍ତ ଜୀବନ ସମ୍ପର୍କୀୟ ସମସ୍ତଙ୍କ ମନ୍ତବ୍ୟର ନିର୍ଯ୍ୟାସ ଯଦି ଆମେ ଖୋଜିବା ତେବେ ତାହା ଏହିପରି ହେବ ନାହିଁ କି - 'ଜନ୍ମ ଓ ମୃତ୍ୟୁ ପରି ଦୁଇଟି ପ୍ରାନ୍ତ ବିନ୍ଦୁକୁ ଯୋଗ କରୁଥିବା ରେଖା (ସରଳ ହୋଇପାରେ, ବକ୍ର ବା କୁଟିଳ ବି ହୋଇପାରେ), ହିଁ ଜୀବନ, ଏହି ରେଖାଟିର କିଛି ଅଂଶ ବର୍ଣ୍ଣିଳ ହୋଇପାରେ, ପୁଣି କିଛି ଅଂଶ ବିବର୍ଣ୍ଣ ବି ହୋଇପାରେ । ମୋଟାମୋଟି ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବଞ୍ଚିରହିବା ହିଁ ଜୀବନ । ଜୀବନର ସଂଜ୍ଞା ସମ୍ପର୍କରେ ଆମେ ଏହିପରି ଏକ ନିର୍ଣ୍ଣୟ ନିକଟରେ ପହଞ୍ଚୁନାହାଁନ୍ତି କି ?

କିନ୍ତୁ, କାହିଁକି କେଜାଣି 'ଜୀବନ'ର ଏହିପରି ଏକ ଅର୍ଥକୁ ମୋ ଅନ୍ତରାତ୍ମା ଗ୍ରହଣ କରିପାରେ ନାହିଁ । କେବଳ ବଞ୍ଚି ରହିବାର ଅନ୍ୟ ନାମ ଯେ ଜୀବନ ଏପରି ପରିଭାଷାକୁ ହୃଦୟ ଗ୍ରହଣ କରେ ନାହିଁ । ବିଶେଷ କରି ମଣିଷ ପାଇଁ 'ଜୀବନ'ର ଅର୍ଥ ବଞ୍ଚି ରହିବା ଠାରୁ ଢେର୍ ଅଧିକ । କିନ୍ତୁ କ'ଣ ସେ ଅଧିକ କଥା - ସେ କଥା ସହଜରେ ବ୍ୟକ୍ତ କରି ହୁଏ ନାହିଁ । ମନେ ପଡୁଛି ପନ୍ଦର/କୋଡ଼ିଏ ବର୍ଷ ତଳେ କବିତାଟିଏ ଲେଖିଥିଲି, ଯାହାର ପ୍ରଥମ ପଂକ୍ତି ହେଲା –

ଜୀଇଁବାର ମାନେ ଯଦି, ଜୀବନ ହୁଏ
ମୋର କିଛି କହିବାର ନାହିଁ
ଏମିତି ତ, ପଶୁ ଜୀଏଁ, ପକ୍ଷୀ ଜୀଏଁ
ବାଡି ପଟ ନର୍ଦ୍ଦମାରେ
ଲାଙ୍ଗୁଡିଆ ପୋକ ବି ଜୀଅନ୍ତି
ଜୀଇଁବାର ମାନେ ଯଦି..............ଇତ୍ୟାଦି ଇତ୍ୟାଦି

ଆଧ୍ୟାତ୍ମବାଦୀମାନେ କହନ୍ତି- ପ୍ରତ୍ୟେକ ଜୀବନ ଏକ ହିଁ ବ୍ରହ୍ମ ବା ମହାଶକ୍ତିରୁ ସୃଷ୍ଟି ଏବଂ ପ୍ରତ୍ୟେକ ଜୀବ ମଧ୍ୟରେ ସେହି ବ୍ରହ୍ମ ବା ମହାଶକ୍ତିର ସତ୍ତା ବିଦ୍ୟମାନ । ସେହି

Digitized by srujanika@gmail.com

ସତ୍ତାକୁ ଉପଲବ୍ଧି କରିବାର ସାଧନା ହିଁ ଜୀବନ, ଯିଏ ଉପଲବ୍ଧି କରି ପାରେ, ସେ ମୋକ୍ଷ ବା ମୁକ୍ତି ପାଏ, ତାର ଜୀବସତ୍ତା, ବ୍ରହ୍ମସତ୍ତା ଭିତରେ ବିଲୀନ ହୋଇଯାଏ । ସୁତରାଂ ପୁନର୍ଜନ୍ମ ନାସ୍ତି । ଏହି ଆଧ୍ୟାତ୍ମିକ ତତ୍ତ୍ୱଟି ଅବଶ୍ୟ ଗ୍ରହଣୀୟ, କିନ୍ତୁ ଏହାର ଆହୁରି ଅଧିକ ଜଟିଳ ତତ୍ତ୍ୱମାନଙ୍କ ଭିତରକୁ ପ୍ରବେଶ କରିବାର ଚେଷ୍ଟା କଲେ, ମୋ ପରି ସାଧାରଣ ମଣିଷଟି ବାଟବଣା ହୋଇଯାଏ । ତେବେ ଏତିକି କୁହାଯାଇପାରେ ଯେ ବଞ୍ଚିରହିବା ପରି ମୂଳ କଥାଟିକୁ ଏଠାରେ ମଧ୍ୟ ଅସ୍ୱୀକାର କରାଯାଇନାହିଁ । କିନ୍ତୁ ବଞ୍ଚି ରହିବା ସହିତ ଏକ ଆଧ୍ୟାତ୍ମିକ ସାଧନା ଏବଂ ମୋକ୍ଷ ବା ମୁକ୍ତି ପରି ଏକ ଫଳପ୍ରାପ୍ତିର କଥାକୁ ଯୋଡି ଦିଆହୋଇଛି ।

ପୁନଶ୍ଚ ମନେ ପଡୁଛି, ଅନେକ ଦିନ ତଳେ ଲେଖିଥିବା ଗୋଟିଏ ଗପର କିଛି ଅଂଶ ବା sequence : – ଛୋଟ ପିଲାଟିଏ ତାର ବାପାକୁ ପଚାରୁଛି – ‘ଜୀବନର ଲକ୍ଷ୍ୟ’ ବିଷୟରେ ତର୍କ ପ୍ରତିଯୋଗିତା ହେବ । ମୁଁ କ’ଣ କହିବି ? ଆଗ୍ରହରେ ବାପା ଉତ୍ତର ଦେଉଛନ୍ତି – “ତୁ ବଡ ହେଲେ ଜଣେ ଡାକ୍ତର ହୋଇ ରୋଗୀମାନଙ୍କର ସେବା କରିବୁ – ତର୍କ ପ୍ରତିଯୋଗିତାରେ ସେହି କଥା କହିବୁ ।” ଠିକ୍ ସେତିକିବେଳେ ସେ ପିଲାଟିର କକା ପାଟିକରି କହୁଛି – “ଜୀବନର ମାନେ କ’ଣ ଜାଣିଛୁଟି – ଜୀବନର ମାନେ କ’ଣ କେବଳ ଡାକ୍ତର, ଇଞ୍ଜିନିୟର ହୋଇ ପରର ତଣ୍ଟି କାଟି ନିଜର ଅଣ୍ଟି ଭର୍ତ୍ତି କରିବା ?” ତାପରେ ଗପ ତା ବାଗରେ ଆଗକୁ ବଢିଛି । ତେବେ ଏଠାରେ ଦୁଇଭାଇ, ଅର୍ଥାତ୍ ପିଲାଟିର ବାପା ଏବଂ କକା ଉଭୟଙ୍କର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀକୁ ଲକ୍ଷ୍ୟ କରନ୍ତୁ । ଜଣେ ଗୋଟିଏ ସାଂସାରିକ ଲକ୍ଷ୍ୟପ୍ରାପ୍ତି ମାଧ୍ୟମରେ ବଞ୍ଚି ରହିବାକୁ ବା ଜୀବନକୁ ଉପଭୋଗ କରିବାକୁ ଚାହୁଁଥିବା ବେଳେ ଆଉ ଜଣେ ଜୀବନ ଭିତରେ ବଞ୍ଚିରହିବାଠାରୁ ଅଧିକ କିଛି ଖୋଜୁଛି । ହୁଏତ ତାହା ଆତ୍ମ ଉପଲବ୍ଧି ହୋଇପାରେ, ଯାହାକୁ ଦେଖାଇହେବ ନାହିଁ ଅଥବା ବୁଝାଇ ହେବନାହିଁ । ସବୁ ଆବେଗର କଥା; ସେ ଆବେଗକୁ ଗୋଟିଏ ଛାଞ୍ଚରେ ଧରି ରଖି ଜୀବନର ଅର୍ଥ ସହିତ ଯୋଡି ହେବ ନାହିଁ ।

ସତ କଥା କହିବାକୁ ଗଲେ, ଆମ ସମସ୍ତଙ୍କ ଜନ୍ମ ଏହି ଆବେଗ ଭିତରୁ ନୁହେଁ କି ? କେତେବେଳେ ସେ ଆବେଗ ଜାନ୍ତବ ତ କେତେବେଳେ କର୍ତ୍ତବ୍ୟନିଷ୍ଠ ତ ପୁଣି କେତେବେଳେ ଆଧ୍ୟାତ୍ମିକ । ଅବଶ୍ୟ ଆମେ ସବୁ ଆମର ଜନ୍ମକୁ ବିଧି ନିର୍ଦ୍ଦିଷ୍ଟ ବୋଲି କହିଥାଉଁ । ମୋର ପ୍ରଥମ ଗଳ୍ପ ସଙ୍କଳନ ‘ଅଶ୍ଳୀଳ ଗପରୁ ଅସରନ୍ତି ଗପ’ର ଅଗ୍ରଲେଖରେ ମୁଁ ଏ ସମ୍ପର୍କରେ କିଞ୍ଚିତ ଆଲୋଚନା କରିଛି । ସତରେ କ’ଣ ଗୋଟିଏ ଅଶ୍ଳୀଳତା ଭିତରୁ ଜନ୍ମ ହେବା ପରେ ଆମ ସମସ୍ତଙ୍କର ଜୀବନର ଗପ କେବେ କଣ ସରେ ?

Digitized by srujanika@gmail.com

ଆରମ୍ଭ କରୁଛି ଏବେ ମୋ ନିଜ କଥା । ମୁଁ ଜନ୍ମ ହେଲା ବେଳକୁ ଆକାଶ ବର୍ଣ୍ଣିଳ ଥିଲା କି ବିବର୍ଣ୍ଣ, ଠୋସ୍ ପ୍ରମାଣ ସହ ସେ କଥା କହିପାରିବି ନାହିଁ । ତେବେ ଆକାଶ ସେତେବେଳେ ମେଘ ମେଦୁର ଥିବ, କାରଣ ସେ ଦିନ ଥିଲା ଭାଦ୍ରବ ମାସ କୃଷ୍ଣପକ୍ଷ ନବମୀ ତିଥି - କୃଷ୍ଣ ଜନ୍ମାଷ୍ଟମୀର ପରଦିନ, ନନ୍ଦ ଉତ୍ସବ - ମସିହା ୧୯୪୬ । ଆଜ୍ଞା ହଁ, ସେଥିପାଇଁ ମୁଁ ନନ୍ଦ ମହାନ୍ତି । ତେବେ ମୋର ପିତୃଦତ୍ତ ନାମ 'କଳ୍ପତରୁ' କିପରି ଭଦ୍ରକ କଲେଜର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ଛକଡ଼ି ମହାନ୍ତିଙ୍କ ଅମୃତ ସ୍ପର୍ଶରେ 'ନନ୍ଦ ମହାନ୍ତି'କୁ ରୂପାନ୍ତରିତ ହେଲା, ତାହା ଏକ ସ୍ମୃତି ମଧୁର କାହାଣୀ – ଏଠାରେ ଅପ୍ରାସଙ୍ଗିକ । ମୋ ଜନ୍ମ ବେଳକୁ ପରାଧୀନ ଭାରତର ପୂର୍ବାଶା ଫର୍ଚ୍ଚା ପଡି ଆସୁଥିଲା; ସ୍ୱାଧୀନତା ମିଳିବାର ଠିକ୍ ବର୍ଷଟିଏ ବାକି ଥିଲା ।

ଚାରିବର୍ଷ ବୟସ ନ ପୁରୁଣୁ ମୁଁ ବାପ ଛେଉଣ୍ଡ ହୋଇଗଲି । ଶୁଣିବା କଥା ସେଥର ମକର ସଙ୍କ୍ରାନ୍ତି ଦିନ ମୁଁ ଖଣ୍ଡିଏ ପରିତ୍ୟକ୍ତ ଖଜୁରୀ ପିଞ୍ଚା (ଖଜୁରୀ ଗଛର କଣ୍ଟକିତ ପତ୍ରଯୁକ୍ତ ଡାଳ) ଧରି ଖେଳୁଥିଲି । ବାପା ମୋତେ କୋଳକୁ ନେଲାବେଳେ ତାହା ତାଙ୍କ ଆଖିରେ ବାଜିଗଲା । ଆବଶ୍ୟକୀୟ ଚିକିତ୍ସା ପରେ କ୍ଷତ ଭଲ ହୋଇଗଲା ସତ ତାଙ୍କୁ କୁଆଡେ ଆଉ ଭଲ ଦିଶିଲା ନାହିଁ ଏବଂ ତା ପରେ ପରେ ତାଙ୍କୁ ନାନା ରକମ ବେମାରୀ ଲାଗି ରହିଲା ଓ ବର୍ଷଟିଏ ପରେ ତାଙ୍କର ସ୍ୱର୍ଗବାସ ହେଲା । ସେତେବେଳକୁ ମୋ ବୋଉର ବୟସ ମାତ୍ର ଏକତ୍ରିଶ କି ବତ୍ରିଶ । (ଏଠାରେ ଉଲ୍ଲେଖ କରିବା ଅପ୍ରାସଙ୍ଗିକ ହେବ ନାହିଁ ଯେ ମୋ ବାପା ବଂଶରକ୍ଷା ନିମନ୍ତେ ସାହାଡା ଗଛକୁ ମିଶାଇ ବୋଉକୁ ଚତୁର୍ଥ ପକ୍ଷର ସ୍ତ୍ରୀ ଭାବେ ଗ୍ରହଣ କରିଥିଲେ । ସୁତରାଂ ସ୍ୱର୍ଗବାସ ସମୟକୁ ସେ ବୃଦ୍ଧାବସ୍ଥାରେ ପହଞ୍ଚିସାରିଥିଲେ, ବୋଉର ବୟସ ମାତ୍ର ଏକତିରିଶ) । ସେତେବେଳେକୁ ମୋ ବଡଭାଇ ଶିଆଣିଆ ହୋଇସାରିଥିଲେ ଅବଶ୍ୟ - ବୟସ ପନ୍ଦର । ଆମ ଦୁଇଭାଇଙ୍କ ମଝିରେ, ଦୁଇ ଭଉଣୀ ନଷ୍ଟ ହୋଇଯାଇଥିଲେ ବୋଲି ଶୁଣିଛି । (ତାହା ବି ଠିକ୍ ହୋଇଛି - ଯୋଉ କଷ୍ଟ ସହି ବୋଉ ଆମ ଦୁଇ ଭାଇଙ୍କୁ ବଞ୍ଚାଇ ରଖିଲା - ସେଥିରେ ସେ ଦୁଇଭଉଣୀ ଥିଲେ ବୋଉ କ'ଣ କରିଥାନ୍ତା ଯେ !)

ଯାହା ଯାହା ସବୁ ସମୟକ୍ରମେ ଶୁଣିଛି - ସେ ସବୁ କିଛି କିଛି ମନେ ଅଛି, କିନ୍ତୁ ବାପାଙ୍କର ସ୍ୱର୍ଗବାସ ପୂର୍ବରୁ ଯାହା ସବୁ ଦେଖିଥିଲି ସେ ସବୁକିଛି ମନେ ନାହିଁ । ଏପରିକି ବାପାଙ୍କ ଚେହେରା (ଦୁର୍ଭାଗ୍ୟକୁ ତାଙ୍କର ଫଟୋ ଖଣ୍ଡିଏ ବି ଆମ ଘରେ ନାହିଁ) । ତେଣୁ ଜ୍ଞାନ ହେବା ଦିନରୁ ମୋ ଜୀବନ ବୃତ୍ତର ପରିଧିରେ ମାତ୍ର ଦୁଇଟି ଚରିତ୍ର - ମୋ ବୋଉ ଓ ମୋ ଭାଇ । ମୋ ପାଇଁ ଏହି ଦୁଇଜଣ ହିଁ, ମୋର ବାପା, ମା, ଭାଇ, ବନ୍ଧୁ, କୁଟୁମ୍ବ

Digitized by srujanika@gmail.com

ସବୁକିଛି । ଆମ ଦୁହିଁଙ୍କୁ ପଣତ ଆଢୁଆଳରେ ରଖି ଦଶଜଣଙ୍କ ପାଖରେ ଆମ ପାଇଁ ଦାନ୍ତ ନିକୁଟିବାକୁ ବୋଉ କେବେ ପଛଘୁଞ୍ଚା ଦେଇନାହିଁ ଏବଂ ବୟସରେ ମୋ'ଠାରୁ ଏଗାର ବର୍ଷ ବଡ଼ ମୋର ବଡ଼ ଭାଇ ମୋତେ ସ୍ନେହ, ଶ୍ରଦ୍ଧା ଦେବାରେ ଏବଂ ପାଠଶାଠ ପଢ଼ାଇବାରେ କେବେ ବି କାର୍ପଣ୍ୟ କରିନାହାଁନ୍ତି । ତେଣୁ ପ୍ରାୟତଃ ବାପାର ଅଭାବବୋଧ ମୋତେ ଖୁବ୍ ଗୋଟିଏ ଆକ୍ରାନ୍ତ କରିନାହିଁ । ତଥାପି ମୋ ଅପାଠୋଇ ଦୁଃଖିନୀ ବୋଉ ଏବଂ ଅଳ୍ପ ବୟସରୁ କିରାଣୀ ଚାକିରୀ ଆଦରି ନେଇଥିବା ମୋ ଭାଇଙ୍କ କଷ୍ଟଲବ୍ଧ ଉପାର୍ଜନ ମୋତେ ବାରମ୍ବାର ସଚେତନ କରାଇଦେଇଥିଲା ଯେ ମୁଁ ବାପ ଛେଉଣ୍ଡ । ମୋ ଭାଇ ପାଠଶାଠ ପଢ଼ାଇ ମୋତେ ମଣିଷ କରିବା ପାଇଁ ଯେତିକି ସଚେତନ ଥିଲେ, ମୁଁ ଯେପରି ତାଙ୍କ ଉପରେ ଏକ ବୋଝ ହୋଇ ନ ରୁହେ ସେଥିପ୍ରତି ମୁଁ ମଧ୍ୟ ସେତିକି ସତର୍କ ଥିଲି । ଏ ସବୁ ବି ଆବେଗର କଥା । ଆମ ଦୁହିଁଙ୍କ ଭିତରେ ଅଦ୍ୟାବଧି ସେ ଆବେଗ ବଳବତ୍ତର ଅଛି ଏବଂ ଆମେ ସେହିପରି ବାପ ପୁଅ (ଦୁଇଭାଇ) ହୋଇରହିଛୁ ।

ସ୍ୱଭାବତଃ ମୋ ଚାରିପାଖ ପୃଥିବୀରେ ସବୁ ଦୃଶ୍ୟ ଘଟୁଥିବା ସମସ୍ତ ଘଟଣା ଦୁର୍ଘଟଣା, ବୋଧ ଶକ୍ତି ହେବା ଠାରୁ ମୋ ଭିତରେ ଗଭୀର ରେଖାପାତ କରୁଥିଲା ଏବଂ ତାହାର ପ୍ରତିକ୍ରିୟା ସ୍ୱରୂପ ମନର ଆବେଗ ବା ଭାବାବେଗ ଗାଢ଼ତର ହେଉଥିଲା - ପିଲାଟିଦିନରୁ ।

ବାପା ଚାଲିଯିବା ପରେ ଆହୁରି ବର୍ଷେ ଦେଢ଼ବର୍ଷ ରାଣ୍ଡିପୁଅ ଅନନ୍ତା ହୋଇ ବୁଲିବାରେ ଅସୁବିଧା ନ ଥିଲା । ଭାଇ ଏଇ ସମୟ ଭିତରେ ମେଟ୍ରିକ ପାଶ କରିବା ପାଇଁ ପ୍ରସ୍ତୁତ ହେଉଥିଲେ । ସଦ୍ୟ ବିଧବା ମୋର ବୋଉ ହତାଶ ଦୃଷ୍ଟିରେ କେବଳ ଆକାଶକୁ ଚାହୁଁଥିଲା । ପ୍ରାୟ ସାଢ଼େ ପାଞ୍ଚ ବର୍ଷ ବୟସରେ ଦିନେ ହଠାତ୍ ମୋ ବୋଉ ମୋତେ ଟାଣି ଟାଣି ନେଇ ଆମ ଗାଁ ଉପର ସାହି ଯଦୁ ମାଷ୍ଟ୍ରଙ୍କ ଚାଟଶାଳୀରେ ଛାଡ଼ିଲା । ବାସ୍ ସେଇଠୁ ଆରମ୍ଭ ହେଲା ପାଠ ପଢ଼ା । ଦୁଇ ତିନି ମାସ ଭିତରେ ଫଳା, ପଣିକିଆ, ମଧୁ ବର୍ଣ୍ଣବୋଧ ଇତ୍ୟାଦି ଶେଷ ହୋଇଗଲା ଏବଂ ତାପରେ ଗୋଟିଏ ବର୍ଷ ବାଗୁରାଇ ଫିଡର ସ୍କୁଲରେ ତୃତୀୟ ଶ୍ରେଣୀ । ଭଦ୍ରକ ହାଇସ୍କୁଲରେ ଚତୁର୍ଥ ଶ୍ରେଣୀରେ ନାଁ ଲେଖେଇବା ବେଳକୁ ମୋତେ ପାଖା ପାଖି ସାତ ବର୍ଷ । ଅତି ସଂକ୍ଷେପରେ ଏହା ହିଁ ମୋ ଜୀବନର ଶୈଶବ ।

ମୋ ପିଲାଦିନର ଅନେକ ସ୍ମୃତି ବିଜଡ଼ିତ କାହାଣୀର ଭାଗୀଦାର ଭଦ୍ରକ ହାଇସ୍କୁଲରେ ମୁଁ ପାଠ ପଢ଼ିଲି ଚତୁର୍ଥ ଶ୍ରେଣୀରୁ ଏକାଦଶ । ସାହିତ୍ୟ ପ୍ରତି ଆକୃଷ୍ଟ ହେବାର କ୍ଷେତ୍ର ପ୍ରସ୍ତୁତ ହେଲା ଏହିଠାରୁ । ଶହେ ତିରିଶ ବର୍ଷର ଏହି ବିଦ୍ୟାଳୟର ଏକ ସାରସ୍ୱତ ପରମ୍ପରା ରହିଛି । କାନ୍ତକବି ଲକ୍ଷ୍ମୀକାନ୍ତ, ତାଙ୍କର ପୁତ୍ର ନିତ୍ୟାନନ୍ଦ ଓ ଗୌରଚନ୍ଦ୍ର, ହରେକୃଷ୍ଣ

Digitized by srujanika@gmail.com

ମହତାବ, ଜନକବି ବାଞ୍ଛାନିଧି ମହାନ୍ତି, ଗାଳ୍ପିକ ବିଭୂତି ତ୍ରିପାଠୀ, ଅନୁବାଦକ ଲକ୍ଷ୍ମୀନାରାୟଣ ମହାନ୍ତି, ଏମିତି ବହୁ କୃତବିଦ୍ ସାରସ୍ଵତ ସାଧକ ଏହି ବିଦ୍ୟାଳୟରୁ ଉତ୍ତୁରିଛନ୍ତି । ସାଳନ୍ଦୀ ନାମକ ସ୍କୁଲର ମୁଖପାତ୍ରଟିଏ ବାହାରିବା ସହିତ ସ୍କୁଲର ବରିଷ୍ଠ ଶ୍ରେଣୀମାନଙ୍କରୁ ପ୍ରାୟତଃ ଏକ ନିଜସ୍ଵ ହାତ ଲେଖା ବାର୍ଷିକ ମୁଖପତ୍ର ବାହାରୁଥିଲା । ମୁଁ ଏହି ସ୍କୁଲରେ ନାମ ଲେଖାଇବା ବେଳକୁ ସ୍କୁଲର ପ୍ରଧାନ ଶିକ୍ଷକ ଥିଲେ କବିଶେଖର ଚିନ୍ତାମଣିଙ୍କର ସୁପୁତ୍ର ଉପେନ୍ଦ୍ରକିଶୋର ମହାନ୍ତି । ସୂଚନାଯୋଗ୍ୟ ଯେ, ଉପେନ୍ଦ୍ର ହେଉଛନ୍ତି ପ୍ରଥମ ଓଡିଆ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଏବଂ ସେ ଜଣେ ସୁକବି ଥିଲେ । ତାଙ୍କ କୃତ ଦିଲ୍ଲୀପ କାବ୍ୟ ୧୯୬୩ ମସିହାରେ ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ହୋଇଥିଲା ।

ଏପରି ଏକ ସାରସ୍ଵତ ଖ୍ୟାତିସମ୍ପନ୍ନ ବିଦ୍ୟାଳୟର ଛାତ୍ର ହେବା ମୋ ପାଇଁ ଏକ ସୌଭାଗ୍ୟର କଥା । ମୋର ପ୍ରିୟ ବନ୍ଧୁମାନଙ୍କ ମଧ୍ୟରେ ମନୀନ୍ଦ୍ର ମହାନ୍ତି ଥିଲା ପ୍ରିୟତମ । ବର୍ତ୍ତମାନ ଓଡିଆ ଶିଶୁ ସାହିତ୍ୟର ପ୍ରଥମ ଗବେଷକ ଭାବରେ ତାର ଖ୍ୟାତି କାହିଁରେ କ'ଣ । ଜନକବି ବାଞ୍ଛାନିଧିଙ୍କର ସେ ଭ୍ରାତୁଷ୍ପୁତ - ତେଣୁ ସାରସ୍ଵତ ଚେତନା ତାର ରକ୍ତଗତ, ହାଇସ୍କୁଲର ମୁଖ୍ୟପତ୍ର ସାଳନ୍ଦୀ ଏବଂ ଆମ ଶ୍ରେଣୀର ମୁଖପତ୍ର 'ତରଙ୍ଗ' ବ୍ୟତୀତ ମନୀନ୍ଦ୍ର ଓ ମୁଁ ଦୁହେଁ ମିଶି ଷଷ୍ଠ ଶ୍ରେଣୀରୁ ଆରମ୍ଭ କରିଥିଲୁ 'ପଥିକ' ନାମରେ ଅନ୍ୟ ଏକ ହାତଲେଖା ପତ୍ରିକା । ଆମର ଷଷ୍ଠ ଶ୍ରେଣୀରୁ ଏକାଦଶ ମଧ୍ୟରେ ପ୍ରାୟ ଆଠ ଦଶଖଣ୍ଡ ପଥିକ ପ୍ରକାଶିତ ହୋଇଥିଲା ।

ଜୀବନ ଯେମିତି ମୋ ପାଇଁ 'ବଞ୍ଚିବା'ଠାରୁ ଢେର୍ ଅଧିକ ଏବଂ ସେ ଅଧିକ ବସ୍ତୁଟିକୁ ବା ତତ୍ତ୍ଵଟିକୁ ଭାଷାରେ ବୁଝାଇ ହେବନାହିଁ, କେବଳ ଆବେଗରେ କତୁରାଇ ହେବ, ସାହିତ୍ୟ ବି ସେମିତି ଆବେଗର କଥା । ସାହିତ୍ୟକୁ ବୁଝାଇବା ପାଇଁ ତାର ଯେତେ ପ୍ରକାର ସଂଜ୍ଞା ତିଆରିଲେ ବି କିଛି ନା କିଛି ଅକୁଳାଣ ରହିଯିବ ଏବଂ ସେହି ଅକୁଳାଣ ପଣଟି ବୋଧହୁଏ, ଆବେଗ । ତେଣୁ ସାହିତ୍ୟ ସହିତ ମୋର ସମ୍ପୃକ୍ତିକୁ କ୍ରମାଗତ ଘଟଣାକ୍ରମରେ ଉପସ୍ଥାପିତ କରିବାକୁ ମୁଁ ଚେଷ୍ଟା କରୁଛି ।

ବୋଧଶକ୍ତି ଆସିବା ଦିନରୁ, ମୋ ଚାରିପଟର ପୃଥିବୀକୁ ଚିହ୍ନିବାର ଆଗ୍ରହ ଜନ୍ମିବା ବେଳରୁ, ମୋ ବୋଉର ଶୂନ୍‌କପାଳ, ନଙ୍ଗଳା ହାତ, ଉଦାସ ମୁହଁକୁ ଚାହିଁ ମୁଁ ବଡ଼ ହେଇଥିଲି ଏବଂ ମୋ ମନର ପ୍ରବଣତା ବି ସେହିପରି ପାକଳ ହେଉଥିଲା । ଅନ୍ୟ ପକ୍ଷରେ ଗୋଟିଏ ଉଜୁଡିଯାଉଥିବା ଘରକୁ ସମ୍ଭାଳି ନେବା ପାଇଁ ମୋ ଭାଇଙ୍କର ମେଟ୍ରିକ ପରେ ଚାକିରି ପଛରେ ଗୋଡାଇବା, ଚାକିରୀ କରିବା ପରେ ସଙ୍ଗୀତ ପ୍ରତି ଆକର୍ଷିତ

Digitized by srujanika@gmail.com

ହେବା - ତ'ଦ୍ୱାରା ପ୍ରାଥମିକ ଅବସ୍ଥାରେ ମୋ ବୋଉ ଆଶଙ୍କା ବିଜଡ଼ିତ ହେବା - ଏ ସବୁ ଘଟଣା ମୋତେ ପାରିପାର୍ଶ୍ୱିକ ଅବସ୍ଥା ପ୍ରତି ଅଧିକ ସଚେତନ କରାଉଥିଲେ । ପିଲାଟି ଦିନରୁ ମୁଁ ଲକ୍ଷ୍ୟ କରେ ବାପା ମୋ ବୋଉ ହାତରେ ଛାଡ଼ିଯାଇଥିବା ଘରଟିକୁ ସଜାଡ଼ିନେବା ପାଇଁ ମୋର ଅଜା (ବୋଉର ଦାଦା) ଅକ୍ଳାନ୍ତ ଦୈହିକ ସହଯୋଗ ଅଜାଡ଼ି ଦେଇଥିଲେ । ଭାଗ ଚାଷୀମାନଙ୍କଠାରୁ ଆଦାୟ କରି ଧାନ, ଚାଉଳ, କୁଣ୍ଡା, ନଡ଼ା ଅଲଗା ଅଲଗା କରି ସଜାଡ଼ି ରଖିବା, ଘର ଛପର କରିବା, ବାଡ଼ିଘର ସବୁ କଣ୍ଟା ଝଙ୍କା ବାଡ଼ରେ ସୁରକ୍ଷିତ କରି ତହିଁରେ ଲେଉଟିଆ, କୋଶଲା ଶାଗ ଉପୁଜାଇବା ପର୍ଯ୍ୟନ୍ତ ସବୁ କାମ ସେ ତଦାରଖ କରୁଥିଲେ । ଏପରିକି ପର୍ବପର୍ବାଣୀମାନଙ୍କରେ ଛଅ ସାତ ମାଇଲ୍ ଦୂର ତାଙ୍କ ଘରୁ ପିଠା ପଣା ଧରି ଭୋର୍ ସକାଳୁ ସେ ଆମ ଘରେ ପହଞ୍ଚିଯାଉଥିଲେ । ଅନ୍ୟ ପଟରେ ମୋ ପିଉସା ସ୍ୱର୍ଗତ ସୋମନାଥ ମହାନ୍ତି, ସେତେବେଳେ ଭଦ୍ରକ ସହରର ଜଣେ ମାନ୍ୟଗଣ୍ୟ ବ୍ୟକ୍ତି - ସେ ମୋ ଭାଇଙ୍କ ଚାକିରି କରାଇଦେବା, ମୋତେ ପାଠ ପଢ଼ାଇବାରେ ସହଯୋଗ କରିବା, ଜମିଜମାର ସଂରକ୍ଷଣ, ମାଲି-ମୋକଦ୍ଦମା ଇତ୍ୟାଦିରେ ମୋ ଭାଇଙ୍କ ପଛରେ ପାଚେରୀଟିଏ ପରି ଛିଡ଼ା ହୋଇଥିଲେ । ସୂଚନାଯୋଗ୍ୟ ଯେ ମୋ ପିଉସା ସ୍ୱର୍ଗତ ସୋମନାଥ ପିଲାଟି ଦିନରୁ ବାପା-ମା ଛେଉଣ୍ଡ ହେବା କାରଣରୁ – ତାଙ୍କ ଭିଣୋଇ ସ୍ୱର୍ଗତ କବି ଶେଖର ଚିନ୍ତାମଣି ମହାନ୍ତିଙ୍କ ପରିବାରକୁ ଆପଣା ପରିବାର ମଣି ସେହିଠାରେ ହିଁ ରହୁଥିଲେ ଏବଂ ନିଜେ ମଧ୍ୟ ଜଣେ ସୁକବି ଥିଲେ ।

ଅତି ଛୋଟବେଳୁ, ଚତୁର୍ଥ ପଞ୍ଚମ ଶ୍ରେଣୀରେ ପଢୁଥିବାବେଳୁ ଏ ସବୁ ଲକ୍ଷ୍ୟ କରିବାଦ୍ୱାରା ସମ୍ଭବତଃ ମୁଁ ଟିକିଏ ଅଧିକ ଭାବପ୍ରବଣ ହୋଇ ପଡ଼ିଲି । ଯାହା ମୋର ପ୍ରବୃତ୍ତିଗତ ସାରସ୍ୱତ ଜୀବନ ପାଇଁ ହୁଏତ ଅନୁକୂଳ ଥିଲା, କିନ୍ତୁ ମୋର ବୃତ୍ତିଗତ ଏବଂ ସାଂସାରିକ ଜୀବନ ପ୍ରତି ଯେ ବାଧକ ଥିଲା, ଏହା ଅସ୍ୱୀକାର କରିପାରିବି ନାହିଁ ।

ହାଇସ୍କୁଲରେ ପଢ଼ିବାବେଳେ ଛାତ୍ର ହିସାବରେ ଶ୍ରେଣୀରେ ପ୍ରଥମ ଦଶଜଣଙ୍କ ଭିତରେ ମୋର ସ୍ଥାନ ବଜାୟ ରହୁଥିଲା । ଅଷ୍ଟମ, ନବମ ଶ୍ରେଣୀ ବେଳକୁ ସାହିତ୍ୟରେ ପ୍ରାୟତଃ ସବୁବେଳେ ମୁଁ ସର୍ବାଧିକ ନମ୍ବର ରଖୁଥିଲି ଯାହା ସାହିତ୍ୟ ପ୍ରତି ମୋତେ ଆକୃଷ୍ଟ କରିବାର ଅନ୍ୟତମ କାରଣ ହୋଇପାରେ । ତେବେ ବିଡ଼ମ୍ବନାର କଥାଟି ହେଲା - ଅଙ୍କ ଓ ବିଜ୍ଞାନ ମଧ୍ୟ ମୋର ଖରାପ ହେଉ ନଥିଲା - ନବେ ପ୍ରତିଶତ ନମ୍ବର ରଖିବାରେ ସକ୍ଷମ ହେଉଥିଲି, ଯାହା ଭବିଷ୍ୟତରେ ମୋର ବୃତ୍ତିଗତ ଜୀବନକୁ ସ୍ଥିର କରୁଥିଲା ।

ଅନ୍ୟତମ ବିଡ଼ମ୍ବନାଟି ହେଲା, ସେତେବେଳେ ମୋ ବଡ଼ଭାଇ ଭଦ୍ରକ ଇଞ୍ଜିନିୟରିଂ ସ୍କୁଲରେ ପ୍ରଧାନ କିରାଣୀ କାର୍ଯ୍ୟ କରୁଥିଲେ । ସେ ଲକ୍ଷ୍ୟ କରୁଥିଲେ ଗାଁଗଣ୍ଡାରୁ

Digitized by srujanika@gmail.com

ଅନେକ ଗରିବ ପିଲା - ଦୁଃଖ କଷ୍ଟେ କୌଣସି ମତେ ଡିପ୍ଲୋମା ଇଞ୍ଜିନିୟରିଂ ଚାରିବର୍ଷିଆ ପାଠ ଓ ଟ୍ରେନିଂ ସାରିଦେବା ପରେ ସେମାନଙ୍କ ପାଖରେ କେବଳ ପଇସା ହିଁ ପଇସା, ଚାରି ପାଞ୍ଚବର୍ଷ ପରେ ସେମାନଙ୍କୁ ଚିହ୍ନିବା କଷ୍ଟ ହୋଇପଡୁଥିଲା । ତେଣୁ ମୁଁ ମେଟ୍ରିକ୍ ପାଶ୍ କରିବା ଆଗରୁ ଭାଇ ତାଙ୍କ ରାୟ ଶୁଣାଇଦେଲେ - ଚେଷ୍ଟା କରି ଅଙ୍କ ଏବଂ ବିଜ୍ଞାନରେ ଭଲ କର, ମୁଁ ତୋତେ ଡିପ୍ଲୋମା ପଢ଼ାଇବି । ମୁଁ ପ୍ରମାଦ ଗଣିଲି, ପ୍ରାୟ ଦୁଇ ବର୍ଷ ଆଗରୁ ମୁଁ ଗୋଟିଏ ସ୍ୱପ୍ନ ଦେଖିବା ଆରମ୍ଭ କରିଥିଲି- ମେଟ୍ରିକ ପରେ ଆମରି ଗାଁକୁ ଲାଗି ଗଢ଼ିଉଠିଥିବା ବିରାଟ ଶିକ୍ଷାୟତନ ଭଦ୍ରକ କଲେଜରେ ପଢ଼ି - ଭବିଷ୍ୟତରେ ଜଣେ ଓଡିଆ ଅଧାପକ ହେବି । ବୋଉକୁ ମୋର ମନକଥା କହିଲି - ସେ କେବଳ ତାର ଅଭ୍ୟାସଗତ ଆଚରଣ ମୁତାବକ ଆଖି ଛଳ ଛଳ କଲା ।

ସମ୍ଭବତଃ ଭାଉଜ ମୋର ମତିଗତି କଥା ଭାଇଙ୍କୁ କହିଦେଲେ । ମେଟ୍ରିକ ଫଳ ବାହାରି ନଥାଏ, ଆମେ ଦୁଇଭାଇ ଖାଇ ବସିଥାଉଁ, ବୋଉ ଏପଟ ସେପଟ ହେଉଥାଏ, ଭାଇ ହଠାତ୍ ପଚାରି ବସିଲେ- ତୁ କ'ଣ ଆର୍ଟସ ପଢ଼ିବୁ ବୋଲି କହୁଛୁ ?

ମୁଁ ଡରିଗଲେ ବି ମନକୁ ସ୍ଥିର କରି ସଂକ୍ଷେପରେ ଉତ୍ତର ଦେଲି - ସାହିତ୍ୟରେ ଭଲ ହେଉଛି, ତେଣୁ ଭାବୁଛି, ଆର୍ଟସ ପଢି ଓଡ଼ିଆ ଅଧାପକଟିଏ ହେଲେ ପିଏଚ୍.ଡି. ଇତ୍ୟାଦି କରି ଆହୁରି ଆଗକୁ ଯାଇହେବ ।

ମୋ କଥା ନସରୁଣୁ, ଭାଇ ସାମାନ୍ୟ ଗମ୍ଭୀର କଣ୍ଠରେ କହିଲେ - ତୁ ଜାଣିଛୁ କେତେ ଓଡ଼ିଆ ଏମ୍.ଏ. ବିନା ଚାକିରିରେ ବୁଲୁଛନ୍ତି ? ସେମାନଙ୍କୁ ଅଧାପକ କ'ଣ ମାଷ୍ଟର ଚାକିରୀ ମିଳିବା ବି କଷ୍ଟ । ଆଜିକାଲି ଚାକିରି ଅବସ୍ଥା ଯାହା ହେଲାଣି ସେ କଥା ତୁ ଜାଣିନାହୁଁ ବୋଲି - ଖାଲି ଆଦର୍ଶ କଥା କହୁଛୁ । ସ୍କୁଲ ହେଉ କି କଲେଜ ହେଉ ଆଜିକାଲି ଶିକ୍ଷକମାନଙ୍କର କିଛି ଓଜନ ଅଛି ନା ?

ବୋଉ କେବଳ ଅଲକ୍ଷ୍ୟରେ ଆମ ଦୁଇଜଣଙ୍କୁ ଚାହୁଁଥାଏ, ମୁଁ ନିରବରେ ଭାତ ଥାଳିରେ ଗାର କାଟୁଥାଏ, ଭାଉଜଙ୍କୁ ହସ୍ତକ୍ଷେପ କରିବାକୁ ହେଲା- "ମେଟ୍ରିକ ଫଳ ଆଗ ବାହାରୁ । ନଈ ନ ଦେଖୁଣୁ ଲଙ୍ଗଳା କାହିଁକି ହଉଛ କହିଲ ?"

ଭାଇ, ଉଠୁ ଉଠୁ କହିଲେ - ଡିପ୍ଲୋମା ତିନିବର୍ଷର ପାଠ, ବର୍ଷେ ଟ୍ରେନିଂ, ମୁଁ ସେଇଠି ଅଛି । ବହିପତ୍ର, ଯନ୍ତ୍ରପାତି ସବୁ ସୁବିଧାରେ ମିଳିଯିବ । ଅଧାପକମାନେ ସାହାଯ୍ୟ କରିବେ । ମୋ ମୁହଁକୁ ଚାହିଁ କୌଣସି ମତେ ଡିପ୍ଲୋମା କରିଦେଲେ - ଆମ ଦୁଃଖ ଯାଆନ୍ତା । ଆମ ଛୁଆ ସବୁ ମେଟ୍ରିକ ପାଶ୍ କଲାବେଳକୁ ତାଙ୍କ ଦାଦା ତାଙ୍କ ପଛକୁ ଥାଆନ୍ତା । କର୍ ଯାହା କରିବାକୁ ଚାହୁଁଛୁ ଆଗପଛ ଚିନ୍ତାକରି ନିଷ୍ପତ୍ତି ନେ ।

Digitized by srujanika@gmail.com

ଭାଇ ଉଠିଗଲା ପରେ, ମୋ ସାଙ୍ଗରେ ଆସି ଦୁଇ ପୁତୁରା ବସିଗଲେ ଖାଇବା ପାଇଁ । ମୁଁ ଖାଇପାରୁନ ଥିଲି କି ଉଠିପାରୁନଥିଲି ।

ମେଟ୍ରିକ ଫଳ ବାହାରିଲା, ମୋର ଖରାପ ନ ହେଲେ ବି ଫାଷ୍ଟ ଡିଭିଜନ ହେଲାନାହିଁ । ଅଳ୍ପ କିଛି ନମ୍ବର କମିଗଲା - ସଂସ୍କୃତ ଏବଂ ସାମାଜିକ ଶିକ୍ଷାରେ - ତେବେ ସାହିତ୍ୟ, ଅଙ୍କ, ଇଂରାଜୀ, ବିଜ୍ଞାନରେ ଆଶାନୁରୂପ ନମ୍ବର ଥିଲା ।

ଦୁଇ ଦିନ ପରେ ଭାଇ ନିଜେ ଆଣି ଦୁଇଟି ଫର୍ମ ଦେଲେ । ଡିପ୍ଲୋମା ଫର୍ମ ଓ ଭଦ୍ରକ କଲେଜ ଫର୍ମ । ଅତି ସ୍ପଷ୍ଟ ଭାବରେ କହିଲେ - ଦେଖ୍ ଯଦି ଡିପ୍ଲୋମା ନ ପଢ଼ିବୁ, ତେବେ ମୁଁ ତୋତେ ଆର୍ଟସ ପଢ଼ିବା ପାଇଁ ପଇସା ଦେବିନାହିଁ । ଭଦ୍ରକ କଲେଜରେ ସାଇନ୍‌ସ ପଢିବା ପାଇଁ ଫର୍ମ ପୂରଣ କର । ମୋ ସାଧ ମୁତାବକ ଯେତେ ବୋଝ ପାରିବି ମୁଁ ପଢ଼ାଇବି, ତୁ ଯଦି ନିଜ ବିଦ୍ୟା ବୁଦ୍ଧି ବଳରେ ଡାକ୍ତର କି ଇଞ୍ଜିନିୟର ହୋଇପାରୁ... । ବୋଉ ବି ସେଇଠି ମନ୍ତବ୍ୟ କଲା - "ସିଏ ତ ଏଠି ଗାଁ ଛୁଆଙ୍କ ସାଙ୍ଗରେ ମିଶି ବଜାରୀ ହେବ ବୋଲି, ସିଆଡ଼କୁ ଯିବାପାଇଁ ମଙ୍ଗୁ ନାହିଁ । ତୁ କାହିଁକି ତା କଥା ଶୁଣୁଛୁ । ତୁ ଯେମିତି ଭଲ ଭାବୁଛୁ, ତାକୁ ସେଇମିତି ପଢ଼ା ।" ଏଥି ଭିତରେ କଥାଟା ମୋ ପିଉସାଙ୍କ ପାଖରେ ପହଞ୍ଚି ସାରିଥାଏ । ସେ ବି ମୋତେ ଡକାଇ ସୂଚନା ଦେଲେ ଭାଇଙ୍କ କଥାରୁ ଅନ୍ୟଥା ନ ହେବାକୁ । ମୋତେ ବୁଝାଇଦେଲେ- ସାହିତ୍ୟ ସ୍କୁଲ କଲେଜ ପାଠରେ ହୁଏ ନାହିଁ, ସେଥିପାଇଁ ସାଧନା ଦରକାର ।

ବୋଉ ଏବଂ ଭାଇଙ୍କ କଥା ମୋତେ ବହୁତ ବାଧିଲା । ମୋ ଭାବ ପ୍ରବଣତା ମୋତେ ବାଧ କଲା - ଆପଣାର ସ୍ୱପ୍ନକୁ ଆହୁତି ଦେବାପାଇଁ, ଯେଉଁମାନେ ମୋର ବୃତ୍ତିଗତ ଭବିଷ୍ୟତ ପାଇଁ ବ୍ୟସ୍ତ ଏବଂ ବ୍ୟଗ୍ର ସେମାନଙ୍କ ଆଗ୍ରହକୁ ସମ୍ମାନ ଜଣାଇ ମୁଁ ଡିପ୍ଲୋମା ଫର୍ମ ପୂରଣ କରି ଭାଉଜଙ୍କୁ ଧରାଇ ଦେଲି । ମୀନା ବଜାର, ମନ ପବନ ଇତ୍ୟାଦିରେ ବାହାରିଥିବା ମୋର ଲେଖା ସବୁକୁ ଚିରି ପବନରେ ଉଡ଼ାଇ ଦେଲି ।

ଏସବୁ ୧୯୬୩ ମସିହାର ଘଟଣା । ମୋର ବୟସ ଅଠର । କୈଶୋରକୁ ପଛ କରି ତାରୁଣ୍ୟର ଆଦ୍ୟ ପାହାଚରେ ପାଦ ଆପିଥାଏଁ । ଯେତେ ଚେଷ୍ଟା କଲେ ବି ପାଠରେ ମନ ଲାଗୁନଥାଏ । ଘରୁ ଯିବା ଆସିବା କରି ଡିପ୍ଲୋମା ପଢୁଥାଏ । ଭାଇ ସେଇଠି ଚାକିରି କରିଥିବା ଖାତିର୍‌ରେ କେବେ କେମିତି ହଷ୍ଟେଲ୍‌ରେ ରହିଯିବାର ବି ଅସୁବିଧା ନଥାଏ । ଏକାଦଶ ଶ୍ରେଣୀରୁ ପଥିକ ପତ୍ରିକା ବନ୍ଦ ହୋଇଯାଇଥାଏ । ମୋ ସାଙ୍ଗମାନେ ଅଧିକାଂଶ ପଢୁଥାନ୍ତି ଭଦ୍ରକ କଲେଜରେ, ମାତ୍ର ରବିବାରକୁ ଛାଡିଦେଲେ ଆଉ ଦେଖା ସାକ୍ଷାତର ଅବସର ନଥାଏ ।

Digitized by srujanika@gmail.com

ରବିବାର ଦିନ ମନୀନ୍ଦ୍ର ମହାନ୍ତି ଓ ମୁଁ ସାଙ୍ଗ ହେଉ, ସିନେମା ଦେଖୁ । ମନୀନ୍ଦ୍ର କଣ ସବୁ ନୂଆବହି ପଢ଼ିଛି, ସେ କଥା କହେ । ମୁଁ ଲମ୍ବା ନିଃଶ୍ୱାସଟିଏ ନେଇ ପୁଣି ଗୋଟିଏ ରବିବାରକୁ ଅପେକ୍ଷା କରେ ।

ମୋ ହାବଭାବକୁ ଲକ୍ଷ୍ୟ କରି ମନୀନ୍ଦ୍ର କଣ ଠଉରାଇଲା କେଜାଣି, ହଠାତ୍ ୧୯୬୪ ଅଗଷ୍ଟ ୧୫ ତାରିଖ ଦିନ ପ୍ରସ୍ତାବ ରଖିଲା ଓ ସେହି ପ୍ରସ୍ତାବ ଅନୁସାରେ ସେହିଦିନ ହିଁ ଆରମ୍ଭ ହେଲା - ଭଦ୍ରକ ରବିବାସରୀୟ ସାହିତ୍ୟ ଚକ୍ର (ସଂକ୍ଷେପରେ ଭ.ର.ସା.) - ସେହି ଦିନ ହିଁ ଆମର ସ୍କୁଲସାଙ୍ଗ ଗୋଲାମ୍ ମହିଉଦ୍ଦିନ୍‌ଙ୍କ ମାଟି ପରସ୍ତ ବୈଠକ ଘରେ ଆରମ୍ଭ ହେଲା 'ସାହିତ୍ୟ ଆସର' । ଆମ ସାଙ୍ଗରେ ମିଶିଲେ ଗୋଲାମ ମହିଉଦ୍ଦିନ୍, ଫଜଲ୍ ହକ୍, ଚିତ୍ତରଞ୍ଜନ ମିଶ୍ର ଇତ୍ୟାଦି । ପ୍ରତି ରବିବାର ଆମେ ଏକାଠି ହେଉ, ନିଜେ ନିଜେ ଲେଖିଥିବା ଗପ ଗୀତ ପଢୁ । ଆଲୋଚନା କରୁ । ଧୀରେ ଧୀରେ ପରିସର ବଢ଼ିଲା - ମନୀନ୍ଦ୍ରର କଲେଜ ସାଥୀମାନେ ଆସି ମିଶିଲେ, ବରିଷ୍ଠମାନଙ୍କୁ ଡାକି ଆସରରେ ସେମାନଙ୍କର ଦିଗ୍‌ଦର୍ଶନ ନେଲୁ । ସାହିତ୍ୟର ନିଶାଟା ଏବେ ଏକ ପ୍ରକାର ସବାର୍ ହୋଇଗଲା ମୋ ଉପରେ । ପତ୍ରପତ୍ରିକାରେ ଲେଖା ପ୍ରକାଶ ପାଇଁ ଝୁଙ୍କ୍ ବି ବଢ଼ିଲା, କିନ୍ତୁ ସେତେବେଳେ ହାତ ଗଣତି କେତୋଟି ପତ୍ରିକାକୁ ମୁଁ ଲେଖା ପଠାଏ, କିନ୍ତୁ ବାହାରେ ନାହିଁ । ଏମିତି ଏମିତିରେ ମୋ ଡିପ୍ଲୋମା ପାଠ ବି ସରିଗଲା । ମନୀନ୍ଦ୍ର ବି ୧୯୬୮ ବେଳକୁ ସମ୍ବଲପୁର ଚାଲିଗଲା ଓଡ଼ିଆରେ ଏମ୍.ଏ. କରିବାକୁ । ତାର ସହପାଠୀ ପରମାନନ୍ଦ ରାଉତ ଭଦ୍ରକ ରବିବାସରୀୟ ସାହିତ୍ୟ ଚକ୍ର (ଭ.ର.ସା.)ର ସମ୍ପାଦକ, ଦାୟିତ୍ୱ ସମ୍ଭାଳିଲେ । ନିରବଚ୍ଛିନ୍ନ ଭାବରେ ରବିବାରିଆ ବୈଠକୀ ସାଙ୍ଗକୁ ପୂଜ୍ୟପୂଜା ପାଳନ ଓ କେତୋଟି ସାରସ୍ୱତ ସଭା ମଧ୍ୟ କରାଇଲୁ । ପରମାନନ୍ଦ ବାବୁଙ୍କ ପରେ ନିର୍ମଳବାବୁ (ବେହେରା) ଭ.ର.ସାର ଦାୟିତ୍ୱ ନେଲେ ଏବଂ ବେଶ୍ ଧୁମ୍‌ଧାମରେ ଦୁଇବର୍ଷ ନିୟମିତ ଆସର ସାଙ୍ଗକୁ କେତୋଟି ଅଧିବେଶନ କରାଗଲା । ମୁଁ ଭଦ୍ରକରେ ଥାଏ । ସେତେବେଳର ପ୍ରତିଷ୍ଠିତ କବି ସ୍ୱର୍ଗତ କମଳାକାନ୍ତ ଲେଙ୍କା ଆମର ପ୍ରିୟ ସଭାପତି ଥାଆନ୍ତି । କମଳାକାନ୍ତ ସାର୍‌ଙ୍କ ସ୍ନେହ, ସୌହାର୍ଦ୍ଦ୍ୟ, କୃଷ୍ଣ ସାର୍ (ବେହେରା)ଙ୍କ ପ୍ରୋତ୍ସାହନ ଏବଂ ଦିଗ୍‌ଦର୍ଶନ ଅନୁଷ୍ଠାନକୁ ଦୃଢ଼ କରି ଗଢ଼ି ତୋଳୁଥାଏ । କିନ୍ତୁ ପତ୍ରପତ୍ରିକାମାନଙ୍କରେ ଲେଖାଟିଏ ପ୍ରକାଶ କରିବାର ଅଭୀପ୍ସା ତଥାପି ସୁଦୂର ପରାହତ । ୧୯୭୦ ବେଳକୁ ନିର୍ମଳ ବାବୁ କଲିକତା ଗଲେ କଷ୍ଟିଙ୍ଗ୍ କରିବା ପାଇଁ । ରବିନାରାୟଣ ସେନାପତି - ସେତେବେଳେ ବି.ଏର ଛାତ୍ର (ଅଧୁନା ଆଇ.ଏ.ଏସ୍) ଭ.ର.ସାର ସମ୍ପାଦକ ହେଲେ । ଇତି ମଧ୍ୟରେ ଦୁଇ ତିନୋଟି ଅସ୍ଥାୟୀ ଚାକିରୀରୁ ଛଟେଇ ହୋଇ ମୁଁ ଅତି ବିବ୍ରତ ଅବସ୍ଥାରେ ଥାଏ । ମନୀନ୍ଦ୍ର ଏମ୍.ଏ

Digitized by srujanika@gmail.com

ପରେ ପିଏଚ୍.ଡି ପାଇଁ ସମ୍ବଲପୁରରେ ରହିଗଲା । ଏପରି ସମୟରେ ଚାକିରିର ସନ୍ଧାନରେ ମୋତେ ଯୋଡ଼ା ବଡ଼ବିଲ୍ ଅଞ୍ଚଳକୁ ଯିବାକୁ ହୁଏ ଏବଂ ଠିକ୍ ସେହି ସମୟକୁ ରବିବାବୁ ବାହାରନ୍ତି ଦିଲ୍ଲୀ ଆପ୍ଲାଏଡ୍ ଇକୋନୋମିକ୍ସରେ ସ୍ନାତକୋତ୍ତର ଶିକ୍ଷା ପାଇଁ । ଭ.ର.ସାର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଗଲା । ଅବଶ୍ୟ ଭଦ୍ରକରେ ନୂଆ ନୂଆ ସାହିତ୍ୟ ଅନୁଷ୍ଠାନ ମାନେ ସେତେବେଳେକୁ ମୁଣ୍ଡ ଟେକିଲେଣି ।

ମୁଁ ଯୋଡା ବଡ଼ବିଲ୍ ଅଞ୍ଚଳରେ ରହିଗଲି । ପ୍ରଥମେ ଗୋଟିଏ ଅସ୍ଥାୟୀ ଚାକିରି, ତାପରେ ଟାଟା ଷ୍ଟିଲ୍ କମ୍ପାନୀରେ ସ୍ଥାୟୀ ଚାକିରି ୧୯୬୪ ରୁ ୭୦ - ଛଅ ବର୍ଷ କାଳ ଧାଁ ଧଉଡ କରି ଗଢିଥିବା ଭ.ର.ସା. ପରି ଏକ ସାରସ୍ୱତ ଅନୁଷ୍ଠାନ ନିଷ୍କ୍ରିୟ ହୋଇଯିବା ଘଟଣା ଖୁବ୍ ବାଧୁଥିଲା । ଏହି ଛଅବର୍ଷ ଭିତରେ ସେତେବେଳେ ହାତ ଗଣତି ପ୍ରକାଶିତ ହେଉଥିବା ପତ୍ରପତ୍ରିକାମାନଙ୍କୁ କେତେବାର ଗପ, କବିତା ପଠାଇ ପ୍ରକାଶିତ ନ ହେବାର ଗ୍ଲାନି ମଧ ସେହିପରି ବାଧୁଥିଲା । ଝଙ୍କାର (କଟକ) ଆସନ୍ତକାଲି (କଲିକତା), ଜୀବନରଙ୍ଗ (କଟକ), ବିସ୍ମୃତି (ଜାମସେଦପୁର) ଇତ୍ୟାଦି କେତୋଟି ନିୟମିତ ପତ୍ରିକାକୁ ବାଦ୍ ଦେଲେ, ଦିଗନ୍ତ(ବାଲେଶ୍ୱର), ଢଞ୍ଚାଢ (କଟକ) ପରି କେତୋଟି ସାମୟିକ ପତ୍ରିକା ସେତେବେଳେ ବାହାରୁଥିଲା ଓ ନିର୍ଦ୍ଦିଷ୍ଟ କିଛି କବି ଓ ଲେଖକ ଏହି ପତ୍ରିକାମାନଙ୍କରେ ଆସ୍ଥାନ ଜମାଇ ବସିଥିଲେ । ଆମ ପରି ନୂଆମାନଙ୍କୁ ପଚାରିବାକୁ କେହି ନଥିଲେ । ଏପଟରୁ ନୂଆ ଚାକିରିର ନିଶା, ସଂସାରର ଦାୟ ଏସବୁ ଭିତରେ ଲେଖାଲେଖିର ଅଭ୍ୟାସଟା ବି ଠପ୍ ହୋଇଗଲା । ହୁଏତ ପତ୍ରପତ୍ରିକାମାନଙ୍କର ସ୍ୱୀକୃତି ମିଳିଥିଲେ ଏପରି ହୋଇ ନଥାଆନ୍ତା ।

ମନୀନ୍ଦ୍ର ସମ୍ବଲପୁରରେ ଏମ୍.ଏ କରିବା ପରେ ଏମ୍.ଫିଲ୍ ଓ ପିଏଚ୍.ଡି. କରିବାରେ ବ୍ୟସ୍ତ ଥାଏ । ତେବେ ଆମ ଦୁହିଁଙ୍କ ଭିତରେ ଚିଠି ପତ୍ର ଦିଆନିଆ ଅବ୍ୟାହତ ରହିଥାଏ ଏବଂ ନିୟମିତ ଝଙ୍କାର ସହିତ ଅନ୍ୟ କେତୋଟି ପତ୍ରିକା କିଣି ପଢ଼ିବାର ଅଭ୍ୟାସ ମୁଁ ଛାଡ଼ି ନଥାଏ । ଏମ୍. ଏ ପରେ ମନୀନ୍ଦ୍ରର ପ୍ରବନ୍ଧ ଆଲୋଚନାଗୁଡ଼ିକ ପତ୍ରପତ୍ରିକାମାନଙ୍କରେ ପ୍ରକାଶିତ ହେବା ଆରମ୍ଭ ହୋଇଥାଏ ।

ନିଜକୁ ଅଧ୍ୟାପକ କିମ୍ବା କୌଣସି ସରକାରୀ ଉଚ୍ଚ ପଦବୀର ଅଧିକାରୀ କରି ନପାରିଲେ ସାହିତ୍ୟ କ୍ଷେତ୍ରକୁ ପ୍ରବେଶ ନିଷେଧ ଏପରି ଏକ ଧାରଣା ମୋ ମନରେ ବଳବତ୍ତର ହୋଇ ସାରିଥାଏ । ୧୯୭୭ କିମ୍ବା ୭୮ ମସିହାରେ ହଠାତ୍ ଘରକୁ ଛୁଟିରେ ଆସିଥିବା ଅବସରରେ ସାକ୍ଷତ ହୁଏ ଆମ ସଭାପତି କମଳାକାନ୍ତ ଲେଙ୍କାଙ୍କ ସହିତ । ମୋ ସହିତ ସାକ୍ଷାତ ହେବାରୁ ସେ ଯେତିକି ଖୁସି ହେଲେ, ମୁଁ ସଂପୂର୍ଣ୍ଣ ରୂପେ ଲେଖା ଲେଖି

Digitized by srujanika@gmail.com

ଛାଡ଼ି ଦେଇଥିବା ଯୋଗୁଁ ତତୋଧିକ ଦୁଃଖ ପ୍ରକାଶ କଲେ । ମୁଁ ଅବଶ୍ୟ ନିର୍ଦ୍ୱନ୍ଦ୍ୱରେ କହି ପକାଇଲି ସାହିତ୍ୟକୁ ତ ସାର୍ ଆମର ପ୍ରବେଶ ନିଷେଧ, ସେ ତ ଅଧ୍ୟାପକ ଏବଂ ଆଇଏସ୍/ଓଏଏସ୍‌ମାନଙ୍କର ଏକଚାଟିଆ ଇଲାକା । ସେ ମୋ ମନୋଭାବକୁ ଖୁବ୍ ଗୋଟିଏ ଆପତ୍ତି କଲେ ନାହିଁ, ସେ ସମୟର ସାହିତ୍ୟିକ ପାଣିପାଗ କିଛିଟା ସେହିପରି ଥିଲା, ଏ କଥା ବି ମାନିଲେ । ତେବେ ଲେଖାଲେଖି କରିବାର ଦକ୍ଷତାକୁ, ପତ୍ରପତ୍ରିକାର ସ୍ୱୀକୃତି ସହିତ ନ ମାପିବା ପାଇଁ ପରାମର୍ଶ ଦେଉ ଦେଉ ହଠାତ୍ ଗୋଟିଏ ପ୍ରସ୍ତାବ କରିବସିଲେ - ନନ୍ଦ ତମେ ତମ ସ୍ତ୍ରୀ ନାଁରେ ଗୋଟିଏ ଲେଖା କୌଣସି ପତ୍ରିକାକୁ ପଠାଇ ଦେଖତ କ'ଣ ହେଉଛି । ହୁଏତ ଅତି ହାଲୁକା ମନରେ ସେ ଦିନ ସେ ପ୍ରସ୍ତାବଟି ମୋତେ ଦେଇଥିଲେ, ମୁଁ କିନ୍ତୁ ଚାକିରି ସ୍ଥାନକୁ ଫେରିବା ପରେ ପୁରୁଣା ଖାତା ପତ୍ର କାଢ଼ି ମୋର ପୁରୁଣା ଆଭାସ ଗଳ୍ପଟିଏ ସେତେବେଳର ଏକ ପ୍ରତିଷ୍ଠିତ ଗଳ୍ପ ପତ୍ରିକାକୁ ମୋ ସ୍ତ୍ରୀଙ୍କ ନାଁରେ ପଠାଇଦେଲି । ଯେତେବେଳେ ଗପଟିକୁ ନିଜ ଭିତରେ ସ୍ଥାନ ଦେଇ ମୁଦ୍ରିତ ପତ୍ରିକାଟିଏ ମୋ ପାଖରେ ଯାଇ ପହଞ୍ଚିଲା, ମୁଁ ହତବାକ୍ ହୋଇଗଲି କାରଣ ଉକ୍ତ ପତ୍ରିକାର ତତ୍‌କାଳୀନ ସମ୍ପାଦକ ମୋର ଅତ୍ୟନ୍ତ ପରିଚିତ ଥିଲେ ଏବଂ ଏହି ଘଟଣାର ପ୍ରାୟ ଛଅ ସାତ ବର୍ଷ ଆଗରୁ ସେ ଆମ ଅଞ୍ଚଳରେ ନିଜ ଉଦ୍ୟମରେ ଛୋଟ ପତ୍ରିକା ଖଣ୍ଡେ ବାହାର କରୁଥିଲେ । ମୁଁ ଆଶ୍ଚର୍ଯ୍ୟ ହେଲି ସେ ନିଜେ କିପରି ମୋ ଗପକୁ ଚିହ୍ନିପାରିଲେ ନାହିଁ - କାରଣ ଏହି ଗପଟି ଆଗରୁ ସେହି ଛୋଟ ପତ୍ରିକାଟି ପାଇଁ ଅମନୋନୀତ ହୋଇଥିଲା । ମୋ ସ୍ତ୍ରୀ ନାଁରେ ଆସିଥିବା ପତ୍ରିକା ସହିତ ନିୟମିତ ବ୍ୟବଧାନରେ ଗପ ପଠାଇବାକୁ ଅନୁରୋଧ ପତ୍ରଟିଏ ଥିଲା ।

ଏହି ଘଟଣାଟି ମୋ ପାଇଁ ଯେତିକି ହାସ୍ୟାସ୍ପଦ ଥିଲା, ସେତିକି ଆବେଗ ବି ସୃଷ୍ଟି କରୁଥିଲା । ଅନେକଦିନ ପରେ କମଳାକାନ୍ତ ସାର୍‌ଙ୍କୁ ଘଟଣାଟି ଯେତେବେଳେ ବର୍ଣ୍ଣନା କଲି - ସେ ଆଦୌ ମନେ ପକାଇପାରିଲେ ନାହିଁ, ମୋତେ ଏପରି ଏକ ପ୍ରସ୍ତାବ ଦେଇଥିଲେ ବୋଲି । ଘଟଣାଟିକୁ ଅତ୍ୟନ୍ତ ହାସ୍ୟକର ଏବଂ ହାଲୁକା ଭାବରେ ଗ୍ରହଣ କରିନେଇ ସେ ମନ୍ତବ୍ୟ କଲେ - ଯାହା ହେଉନା କାହିଁକି, ଅନ୍ତତଃ ତମେ ଆଶ୍ୱସ୍ତ ହେବା ଉଚିତ୍ ଯେ ତମର ସୃଜନ ପ୍ରତିଭା ଅଛି - ତେଣୁ ଲେଖା ଲେଖି ବନ୍ଦ କର ନାହିଁ, ମୁଁ କିନ୍ତୁ ନିଜ ଭିତରେ ରାଗରେ କୁହୁଳୁଥିଲି - ତେଣୁ ମନକୁ ମନ କହିଲି - ଛାଡ, ହୋ, ମୁଁ ଭଲ ତ, ମୋ ଚାକିରି ଭଲ, ମୋ ତେଲ ଲୁଣର ସଂସାର ଭଲ ।

ମୋ ତେଲ ଲୁଣର ସଂସାର କିନ୍ତୁ ଭଲରେ ଚାଲୁ ନଥିଲା । ମୁଁ ମୋ ବୋଉ ଓ ମୋ ଭାଇଙ୍କୁ ନେଇ ମୋର ବାଲ୍ୟକାଳର ଛୋଟ ସଂସାରଟି ଇତି ମଧ୍ୟରେ ଅନେକ ପ୍ରସରି ଯାଇଥିଲା ଏବଂ ଏହି ପ୍ରସାରିତ ପରିଧି ଭିତରୁ ଦୁଇଟି ସ୍ୱତନ୍ତ୍ର ସତ୍ତାର ସମ୍ଭାବନା ଉଙ୍କୁଟି

Digitized by srujanika@gmail.com

ଉଠୁଥିଲା, ମୋ ବୋଉକୁ ମୁଁ ଏହୁ ଦୁଇସତାର ମଝିରେ ଛେଉଣ୍ଟିଏ ପରି ଛିଡା ହୋଇଥିବାର ଅନୁଭବ କରି ନିଜକୁ ନିଜେ ବିବ୍ରତ ବୋଧ କରୁଥିଲି । ଯଦିଓ ପ୍ରକୃତରେ ସେମିତି କିଛି ଘଟି ନଥିଲା, ମୋ ବୋଉ ପ୍ରାୟତଃ ମୋରି ପାଖରେ ହିଁ ରହୁଥିଲା, ତଥାପି ପରିବାର ବଢ଼ିବା ସାଙ୍ଗକୁ ନାନା ରକମର ଭୁଲ୍ ବୁଝାମଣା ଯୋଗୁଁ ମୁଁ ମୋ ନିଜ ପାଇଁ ଯେତେବ୍ୟସ୍ତ ହେଉ ନଥିଲି, ତା'ଠାରୁ ବେଶି ବ୍ୟସ୍ତ ହେଉଥିଲି ମୋ ବୋଉ ପାଇଁ । ଅତି କଞ୍ଚା ବୟସରେ ହାତରୁ କାଚ ଭାଙ୍ଗି, ମଥାରୁ ସିନ୍ଦୂର ପୋଛି, କେତେ ଲୋକଙ୍କୁ ନେହୁରା ହୋଇ, ସେ ଆମକୁ ମଣିଷ କରିଛି, ଆଉ କେହି ନ ଦେଖନ୍ତୁ ପଛେ ଶୈଶବରେ ମୁଁ ଅତି ପାଖରୁ ତା ଆଖିର ଲୁହ ଦେଖିଛି, ଅତି ପିଲାବେଳେ ତ ସେ କାନ୍ଦିଲେ ମୁଁ କାନ୍ଦି ପକାଉଥିଲି ବୋଲି, ସେ ମୋତେ ଲୁଚାଇ ଲୁଚାଇ କାନ୍ଦୁଥିଲା । ତେଣୁ ନିଜସ୍ୱ ସଂସାର ବାନ୍ଧିବା ପରେ ଯେ କୌଣସି କାରଣରୁ ହେଉ ପଛେ, ବୋଉ ଆଖିରେ ଲୁହ ଦେଖିବାକୁ ମୁଁ ପ୍ରସ୍ତୁତ ନଥିଲି । ଅଶି ନବେ ଦଶକରେ କିଛି ପାରିବାରିକ ଭୁଲ୍ ବୁଝାମଣାକୁ ନେଇ ମୋର ବ୍ୟସ୍ତବିବ୍ରତ ମନୋଭାବ ମୋତେ ଅସୁସ୍ଥ କରି ପକାଉଥିଲା । ନିଦ୍ରାହୀନତା ପରି ରୋଗରେ ପୀଡ଼ିତ ହୋଇ ମୁଁ ବାରମ୍ବାର ଡାକ୍ତରଖାନାରେ ଭର୍ତ୍ତି ହେଉଥିଲି । ଡାକ୍ତରମାନେ ମତ ଦେଉଥିଲେ ଅତିରିକ୍ତ ଆବେଗ ପ୍ରବଣତା ଯୋଗୁଁ ଏମିତି ହେଉଛି । ମୋ ସ୍ତ୍ରୀକୁ ପରାମର୍ଶ ଦେଉଥିଲେ - ତାଙ୍କୁ ଟେନ୍‌ସନ୍ ମୁକ୍ତ ରଖିବା ପାଇଁ ଯତ୍ନ ନିଅନ୍ତୁ ।

ପୁଣି ସେହି ଆବେଗର କଥା, ପିଲାଦିନେ ଯୋଉ ଆବେଗ ମୋତେ ମୋର ସ୍ଥିତି ପ୍ରତି ସତର୍କ କରି ଦେଉଥିଲା, ମୁଁ ମୋ ଭାଇ, ବୋଉ ଇତ୍ୟାଦିଙ୍କ ପ୍ରତି ମୋର ଯଥାଯୋଗ୍ୟ କର୍ତ୍ତବ୍ୟ ଅତି ସାବଧାନତା ସହ ସମ୍ପାଦନ କରିବା ପାଇଁ ମୋତେ ପ୍ରଚୋଦିତ କରୁଥିଲା, ସେହି ଆବେଗ ପୁଣି ମୋ ନିଦ୍ରାହୀନତାର କାରଣ ପାଲଟିଗଲା ।

ଆବେଗ ତ ମଣିଷର ସାଥେ ସାଥେ ଥାଏ ଓ ଥିବ । କିଏ ଆବେଗକୁ ଆପଣା କାବୁ ଭିତରେ ରଖେ ପୁଣି କିଏ ଆବେଗଦ୍ୱାରା କବଳିତ ହୋଇଥାଏ । ଆବେଗ ମୋତେ ଆର୍ଟସ ପଢିବା ପାଇଁ ପ୍ରଲୁବ୍ଧ କରିଥିଲା, ପୁଣି ସେହି ଆବେଗ ମୋତେ ମୋ ବୋଉ ଏବଂ ଭାଇଙ୍କ ଫଇସଲାକୁ ସମ୍ମାନ ଦେବା ପାଇଁ ସତର୍କ କରିଥିଲା ।

ଏଠାରେ ଉଲ୍ଲେଖ କରିବା ଉଚିତ୍ ହେବ ଯେ ଇତି ମଧ୍ୟରେ ୧୯୮୫ ବେଳକୁ ମନୀନ୍ଦ୍ର ଭଦ୍ରକ ନିକଟସ୍ଥ ପାଳିଆ ବିନ୍ଧା ମହାବିଦ୍ୟାଳୟରେ ଓଡ଼ିଆ ବିଭାଗର ଅଧ୍ୟାପକ ଭାବରେ ଯୋଗଦାନ କରିବା ପରେ ତାର କିଛି ଗବେଷଣା ଛାତ୍ରଙ୍କୁ ଏକାଠି କରି ଭ.ର.ସା. (ଭଦ୍ରକ ରବିବାସରୀୟ ସାହିତ୍ୟ ଚକ୍ର)କୁ ପୁନଃ ସଙ୍ଗଠିତ କରିବାରେ ଲାଗିପଡ଼ିଥାଏ । ଏଥିରେ ମୁଁ ଖୁସି ହେଲେ ବି ଚାକିରି କ୍ଷେତ୍ରର ବ୍ୟସ୍ତତା, ପାରିବାରିକ କ୍ଷେତ୍ରର ଅସ୍ଥିରତା

Digitized by srujanika@gmail.com

ଏବଂ ମୋର ଦୈହିକ ଅସୁସ୍ଥତା ଯୋଗୁଁ, ନିଜକୁ ସାମିଲ୍ କରିପାରୁନଥିଲି । ମନୀନ୍ଦ୍ର ବହୁମତେ ଚେଷ୍ଟା କରିଛି ମୋର ସ୍ଥାଣୁତା ଭାଙ୍ଗିବା ପାଇଁ ।

ଶେଷରେ ୧୯୯୩ ମସିହାରେ ମନୀନ୍ଦ୍ରର ବାରମ୍ବାର ଅନୁରୋଧକୁ ଉପେକ୍ଷା କରି ନ ପାରି ଯାଜପୁର ରୋଡସ୍ଥ ଶଙ୍ଖଚିଲା ଠାରେ ଅବସ୍ଥିତ ମା' ହିଙ୍ଗୁଳାଙ୍କ ପୀଠରେ ଏକ ସାରସ୍ୱତ କାର୍ଯ୍ୟକ୍ରମର ଆୟୋଜନ କରିବାକୁ ପଡିଲା ଭଦ୍ରକର ଭ.ର.ସା ଓ ଯାଜପୁର ରୋଡର ବିବର୍ତ୍ତନ ସାଂସ୍କୃତିକ ମଞ୍ଚ, ଏହି ଦୁଇ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ । କାର୍ଯ୍ୟକ୍ରମଟି ବେଶ୍ ସଫଳ ହେବା କାରଣରୁ ଲଗାତର ତିନି ବର୍ଷ ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବା ଭିତରେ ମୁଁ ଧୀରେ ଧୀରେ ପୁନଶ୍ଚ ସାହିତ୍ୟମନସ୍କ ହେବା ଆରମ୍ଭ କଲି । ରାତିରେ ନିଦ ନହେଲେ କିଛି ପଢ଼ିବା ବା ଲେଖିବାରେ ସମୟ କଟିଗଲା - ଆଉ ବ୍ୟସ୍ତ ଲାଗିଲା ନାହିଁ । ସୁକିନ୍ଦା ଟାଟା ମାଇନ୍‌ସରେ ରହିବା ସତ୍ତ୍ୱେ ପଚାଶ କିଲୋମିଟର ଦୂର ଯାଜପୁର ରୋଡରେ ପ୍ରତିଷ୍ଠିତ 'ବିବର୍ତ୍ତନ ସାଂସ୍କୃତିକ ମଞ୍ଚ'ର ସମସ୍ତ ଦାୟିତ୍ୱ ଆନନ୍ଦରେ ତୁଲାଇବାରେ ଅସୁବିଧା ହେଲାନାହିଁ, ଏପରିକି ତ୍ରୈମାସିକ 'ବିବର୍ତ୍ତନ' ସାହିତ୍ୟ ପତ୍ରିକାର ସମ୍ପାଦନା ମଧ କରିପାରିଲି । ଏହି ସମୟ ଭିତରେ ମୋର ପ୍ରଥମ ବହି 'କିଛି କଥା କିଛି ଗୀତ' ପ୍ରକାଶିତ ହେଲା । ପ୍ରଥମ ବହି ପ୍ରକାଶନର ଅନୁଭୂତି ମୋତେ ଆହୁରି ସାହିତ୍ୟ ମନସ୍କ କରି ଦେବା ସ୍ୱାଭାବିକ୍ । ସେପଟରେ ଭଦ୍ରକର ଆମ ମୂଳ ଅନୁଷ୍ଠାନ ଭଦ୍ରକ ରବିବାସରୀୟ ସାହିତ୍ୟ ଚକ୍ରର ସଦସ୍ୟ ମାନେ ଇତସ୍ତତଃ ହୋଇଯାଇଥିବା ଦୃଷ୍ଟିରୁ, ମଝିରେ ମଝିରେ ସେହି ପୁରୁଣା ସାଥୀମାନଙ୍କୁ ଏକାଠି କରି ସାରସ୍ୱତ କ୍ଷେତ୍ରରେ କିଛି କିଛି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟ କରିବା ପାଇଁ ମୁଁ ଏବଂ ମନୀନ୍ଦ୍ର ଅଣ୍ଟା ଭିଡ଼ିଲା ବେଳକୁ 'ବିବର୍ତ୍ତନ ସାଂସ୍କୃତିକ ମଞ୍ଚ'ର ବି ତଦ୍ରୂପ ଅବସ୍ଥା । ୨୦୦୦ ମସିହାରୁ କାର୍ଯ୍ୟତଃ ବିବର୍ତ୍ତନ ଅନୁଷ୍ଠାନ ବନ୍ଦ ହୋଇଗଲା । ତେବେ ଅନିୟମିତ ହେଲେ ବି ଭରସାର କାର୍ଯ୍ୟକ୍ରମ ଜାରିରହିଛି କାରଣ ମନୀନ୍ଦ୍ର ପରି କେତେଜଣ ପ୍ରତିଶ୍ରୁତିବଦ୍ଧ ସଦସ୍ୟଙ୍କର ସମ୍ପୃକ୍ତି ଏବଂ ତ୍ୟାଗପୂତ ତଥା ନିଷ୍ଠାପର ପ୍ରଚେଷ୍ଟା ଏହାକୁ ସଚଳ କରିରଖିଛି । ଭ.ର.ସା. ଏବେ ଉତ୍କଳ ସଂସ୍କୃତି ଶିବିର, 'ପଞ୍ଚଧା' ଏବଂ ବାସୁଦେବପୁର ପ୍ରସଙ୍ଗ ପରି ବହୁ ଶାଖାପ୍ରଶାଖା ବିମଣ୍ଡିତ । ଭ.ର.ସା.ର ମୂଳ ଅନୁଷ୍ଠାନ ୪ଖଣ୍ଡ ପୁସ୍ତକ ପ୍ରକାଶିତ କରି ଇତି ମଧ୍ୟରେ ଆମ ସାରସ୍ୱତ କ୍ଷେତ୍ରକୁ ଋଦ୍ଧିମନ୍ତ କରିଛି ।

ମୋ କହିବାର କଥା, ବ୍ୟକ୍ତିଗତ ଭାବେ ଅଭିମାନରେ କହନ୍ତୁ ବା ବିରକ୍ତିରେ ନିଜକୁ ସାହିତ୍ୟଠାରୁ ସାମୟିକ ଭାବରେ ଦୀର୍ଘ ପ୍ରାୟ କୋଡ଼ିଏ ବର୍ଷ କାଳ (୧୯୭୦ରୁ ୧୯୯୦) ଦୂରେଇ ରଖିବାରେ ସଫଳ ହୋଇଥିଲେ ମଧ ମୋତେ ଆପଣା ଛାଏଁ

Digitized by srujanika@gmail.com

ଫେରିଆସିବାକୁ ପଡ଼ିଛି ସାହିତ୍ୟ ପାଖକୁ । ଯେତେବେଳେ ନିଜକୁ ଦୂରେଇ ନେଇଛି ବୋଲି ମୁଁ ନିଜକୁ ନିଜେ ଭାବୁଥିଲି, ସେତେବେଳେ ବି ଝଙ୍କାର ପରି କେତୋଟି ପତ୍ରିକା ପଢ଼ିବାକୁ ଭୁଲି ନଥିଲି । ଏହି ସମୟ ମଧ୍ୟରେ ଭଗବାନ ସତ୍ୟସାଇଙ୍କର ଶରଣକୁ ଆସି ସାଇ ସାହିତ୍ୟ ପଢ଼ିଛି ଏବଂ ଆଲୋଚନା କରିଛି, ଏବଂ ୧୯୯୧ ମସିହାରେ ଟାଟା ମାଇନ୍ସ ସୁକିନ୍ଦାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠିତ ହେବା ପରେ ସେହି ବର୍ଷରୁ ମନ୍ଦିର ପରିସରରେ ଆୟୋଜିତ ବିଷୁବ ଆସର ମୋତେ ପୁନଶ୍ଚ ମୋହାଚ୍ଛନ୍ନ କରିଛି । ୧୯୯୩ ମସିହାରେ ବିଧିବଦ୍ଧ ଭାବରେ ନିଜକୁ 'ବିବର୍ତ୍ତନ ସାଂସ୍କୃତିକ ମଞ୍ଚ' ଓ ଭରସା ସହିତ ସାମିଲ୍ କରିବା ପରେ ପ୍ରାୟ ସମସ୍ତ ପତ୍ରପତ୍ରିକା ମୋ ଲେଖା ସବୁ ଆଗ୍ରହରେ ପ୍ରକାଶ କରିଛନ୍ତି ଯାହା ମୋ ଆବେଗକୁ ଦ୍ୱିଗୁଣିତ କରିଛି ।

ସଂକ୍ଷେପରେ ଉପରୋକ୍ତ ମତେ ଯାହା ଯେମିତି ଘଟିଚାଲିଛି, ଆପଣଛାଏଁ ଜୀବନ ବି ସେମିତି ଗଢ଼ିଚାଲିଛି ଏବଂ ମୁଁ ମଧ୍ୟ ଉପଯୁକ୍ତ ମତେ ଏକ ସଂକ୍ଷିପ୍ତ କିନ୍ତୁ ଧାରାବାହିକ ଆତ୍ମଚରିତ ଉପସ୍ଥାପିତ କରିଛି । ହୁଏତ ଏହା ଏକ 'ମୁଁ' ମୟ ଧାରାବାହିକରେ ପରିଣତ ହୋଇଛି, ଯହିଁରେ ମୁଁ ନିଜେ ନିଜକୁ ମୁଖ୍ୟ ଚରିତ୍ରରେ ଉପସ୍ଥାପିତ କରି ନିଜେ ଯାହା ଭୋଗିଛି, ଯାହା ଭାବିଛି ଏବଂ ଯାହା କରିଛି ସେ ସବୁ ବିନା ସମୀକ୍ଷା ବା ବିଶ୍ଳେଷଣରେ ପରଷିଦେଇଛି ଯାହାକୁ ପାଠକେ ଆତ୍ମଚରିତା ବା ସ୍ୱଅଭିନନ୍ଦନିକା କହିପାରନ୍ତି । ତେବେ ମୋ ଜୀବନ କଥା କହିବସିଲେ, ମୁଁ ତ ରହିବାକୁ ବାଧ୍ୟ । ତଥାପି ମୁଁ ଚେଷ୍ଟା କରିଛି ଶୈଶବରୁ ଏଯାବତ୍ ମୋର ଅଜା, ମୋ ପିଉସା, ମୋ ବାଲ୍ୟବନ୍ଧୁ ଯେଉଁମାନଙ୍କର ଅମୃତସ୍ପର୍ଶ, ମୋତେ ସ୍ପର୍ଶକାତର ହେବାରେ ସହାୟକ ହୋଇଛନ୍ତି ସେମାନଙ୍କ କଥା, ଏବଂ ଭଦ୍ରକ ରବିବାସରୀୟ ସାହିତ୍ୟ ଚକ୍ର, ବିବର୍ତ୍ତନ ସାଂସ୍କୃତିକ ମଞ୍ଚ ଅଥବା ଦେବସ୍ଥାନ ସାହିତ୍ୟ ସଂସଦ ପରି ଅନୁଷ୍ଠାନମାନଙ୍କର ଅବଦାନ ଯାହା ମୋର ସାହିତ୍ୟିକ ଆବେଗକୁ ସାରସ୍ୱତ ନିଷ୍ଠାରେ ରୂପାନ୍ତରିତ କରିଛନ୍ତି, ସେହି ଅନୁଷ୍ଠାନମାନଙ୍କ କଥା ଠିକେ ଠିକେ ଉପସ୍ଥାନ କରିବା ପାଇଁ ।

ମୋଟାମୋଟି ଏପରି କହିବା ହୁଏତ ଠିକ୍ ହେବ ଯେ, ମୋର ପାରିବାରିକ ସ୍ଥିତି, ଯାହା ଶୈଶବରୁ ମୋତେ ଭାବପ୍ରବଣ କରି ଗଢ଼ି ତୋଳିଲା, ମୋ ହାଇସ୍କୁଲ ଜୀବନରେ ସେହି ପ୍ରବଣତାରୁ ମୁଁ ସାହିତ୍ୟ ପ୍ରତି ଆକୃଷ୍ଟ ହେବା ଆରମ୍ଭ କଲି, ତରୁଣ ବୟସରେ ଭଦ୍ରକ ରବିବାସରୀୟ ସାହିତ୍ୟ ଚକ୍ର ଏବଂ ପରେ ବିବର୍ତ୍ତନ ସାଂସ୍କୃତିକ ମଞ୍ଚ ପରି ଅନୁଷ୍ଠାନମାନଙ୍କ ସହ ସମ୍ପୃକ୍ତି ମୋ ସାରସ୍ୱତ ସାଧନାକୁ ଏକ ରୂପରେଖ ଦେବାରେ ସହାୟକ ହେଲା ଏବଂ ସାରସ୍ୱତ କ୍ଷେତ୍ରରେ ପ୍ରାୟତଃ ୧୯୯୩ ମସିହା ପର୍ଯ୍ୟନ୍ତ ମୋର

Digitized by srujanika@gmail.com

ପ୍ରସ୍ତୁତି ପର୍ବ ହିଁ ଚାଲିଥିଲା - କେତେବେଳେ ସକ୍ରିୟ ଭାବରେ ତ କେତେବେଳେ ନୀରବତା ଭିତରେ ।

୧୯୪୬ରୁ ୧୯୯୩ ପ୍ରାୟ ୪୭ ବର୍ଷର ଅବଧି । ଏହି ସମୟ ଭିତରେ ମୋର ନିଜସ୍ୱ ଆବେଗ ମୋତେ ସାହିତ୍ୟ ସହିତ ଯୋଡ଼ିଛି ପ୍ରାୟ ୨୪ ବର୍ଷ କାଳ । ପୁନଶ୍ଚ ଏହି ସମୟ ଭିତରେ ମୋ ଅଜା, ମୋ ପିଉସା, ମୋ ସ୍କୁଲ (ଭଦ୍ରକ ହାଇସ୍କୁଲ) - ଏମାନଙ୍କର ଅମୃତ ସ୍ପର୍ଶ ମୋ ଆବେଗକୁ ଅଧିକ ସ୍ପର୍ଶ କାତର କରିଛନ୍ତି ଏବଂ ମୋତେ ସାହିତ୍ୟନିଷ୍ଠ କରିଛନ୍ତି ଏବଂ ଏହି ସମୟ ଭିତରେ ଭଦ୍ରକ ରବିବାସରୀୟ ସାହିତ୍ୟ ଚକ୍ର ମାଧ୍ୟମରେ ମୋର ବନ୍ଧୁ ମନୀନ୍ଦ୍ର ମହାନ୍ତି, ପରମାନନ୍ଦ ରାଉତ, ନିର୍ମଳ ବାବୁ ଇତ୍ୟାଦିଙ୍କ ସଂଖ୍ୟ ଏବଂ ଡ. କୃଷ୍ଣଚରଣ ବେହେରା, କବି କମଳାକାନ୍ତ ଲେଙ୍କା, ନିତ୍ୟାନନ୍ଦ ପତି, ଅଧ୍ୟାପକ ଅକ୍ଷୟ ଦାସ, ମୋର ପୂଜ୍ୟଗୁରୁ ଗୌରଗୋପାଳ ଜେନା ପ୍ରମୁଖ ସାରସ୍ୱତ ସାଧକମାନଙ୍କଦ୍ୱାରା ମୋର ସାରସ୍ୱତ ଦୃଷ୍ଟିଭଙ୍ଗୀ ମାର୍ଜିତ ହୋଇଛି, ଶାଣିତ ହୋଇଛି । ଏସବୁ ସତ୍ତ୍ୱେ ମୋର ବୈଷୟିକ ବୃତ୍ତି ଏବଂ ସାହିତ୍ୟ କ୍ଷେତ୍ରରେ ସ୍ୱୀକୃତି ମିଳିବାରେ ଘଟିଥିବା ବିଳମ୍ବର ବିଡ଼ମ୍ବନା ଯୋଗୁଁ ମୁଁ ଏକ ସମୟରେ ନିଜକୁ ସାହିତ୍ୟଠାରୁ ଦୂରେଇ ନେବାର ଚେଷ୍ଟା କରିଛି ୧୯୭୦ରୁ ୧୯୯୩ ପ୍ରାୟ ୨୩ ବର୍ଷ କାଳ । ସୃଜନ କ୍ଷେତ୍ରରେ ୨୩ ବର୍ଷର ଅବଧି କିଛି କମ୍ ନୁହେଁ । କିନ୍ତୁ ସାହିତ୍ୟ ତ ଆବେଗର କଥା, ଭାବ ପ୍ରବଣତାର କଥା - ଯାହା ପ୍ରତିଟି ମଣିଷର ସହିତ ରହିଛି, ତେଣୁ ପରା ସେ ସାହିତ୍ୟ । ୧୯୯୩ ମସିହା ବେଳକୁ କାୟମନୋବାକ୍ୟରେ ନିଜକୁ ସାହିତ୍ୟ ସହିତ ଯୋଡ଼ିବା ବେଳକୁ ମୁଁ ଅନୁଭବ କରିଛି ଦୀର୍ଘ ୨୩ ବର୍ଷର ନୀରବତା ଭିତରେ ପ୍ରବୃତ୍ତିକୁ ଗୌଣ କରି ମୁଁ ଯେଉଁ କର୍ମରେ ବା କ୍ଷେତ୍ରରେ ବୃତ୍ତି ସର୍ବସ୍ୱ ହେବାକୁ ଚାହିଁଛି, ସେଠାରୁ କେବଳ ପ୍ରତାରଣା ହିଁ ପାଇଛି, ଆତ୍ମସନ୍ତୋଷ ମିଳିନାହିଁ । ଅନ୍ୟପକ୍ଷରେ ଉତ୍ତର ଜୀବନରେ ପ୍ରବୃତ୍ତିର ପ୍ରଭାବକୁ ବୃତ୍ତିରେ ପ୍ରୟୋଗ କରି ମୁଁ ଏକ ସ୍ୱଚ୍ଛ ବୃତ୍ତିଗତ ଜୀବନ ଜିଇଁବାର ଆତ୍ମସନ୍ତୋଷ ପାଇଛି ।

ସଂକ୍ଷେପରେ ଏହା ହିଁ ମୋ ଜୀବନର କଥା - ଯାହା ଏଯାବତ୍ ଆପେ ଆପେ ଘଟିଚାଲିଛି ଏବଂ ମୁଁ ସେ ସବୁକୁ ବିଶ୍ଳେଷଣ ବା ସମୀକ୍ଷା କରିବାର ଅବକାଶ ପାଇନାହିଁ ।

ଏବେ ମୋ ସାହିତ୍ୟର କଥା । ନିଜ ସାହିତ୍ୟର କଥା, ନିଜେ କହିବାର ଅର୍ଥ ତାହା ପୁଣି ଏକ 'ମୁଁ' ମୟ ଲମ୍ବା ଅଭିବ୍ୟକ୍ତି ହେବ । ବସ୍ତୁତଃ ଏହି ଲେଖାର ଶୀର୍ଷକ ଦୃଷ୍ଟିରୁ ବିଚାର କଲେ, ମୋ ସାହିତ୍ୟର ଅର୍ଥ ଯଦି, ମୋ ଲେଖାର ମୂଲ୍ୟାୟନ ହୁଏ, ତେବେ ତାହା ମୁଁ ନିଜେ ଲେଖିବା ନିହାତି ଅପ୍ରାସଙ୍ଗିକ ହେବ । ତେବେ ମୁଁ କାହିଁକି ଓ କେଉଁ ପରିସ୍ଥିତିରେ ଲେଖାଲେଖି କରେ, ଏହିପରି ଏକ ଅର୍ଥରେ ଯଦି

Digitized by srujanika@gmail.com

'ମୋ ସାହିତ୍ୟ'କୁ ନିଆଯାଏ, ତେବେ ସେ ସମ୍ପର୍କରେ କିଛି ଉପସ୍ଥାପନ କରିବା ବୋଧହୁଏ ପ୍ରାସଙ୍ଗିକ ହେବ ।

୧୯୯୩ ମସିହାରେ ମୁଁ ସକ୍ରିୟ ଭାବରେ ପୁଣି ସାହିତ୍ୟ ଜଗତକୁ ଫେରିଆସିବା ପଛରେ ମୋର ବାଲ୍ୟବନ୍ଧୁ ମନୀନ୍ଦ୍ର ମହାନ୍ତିର ଅବଦାନର ଅସ୍ୱୀକାର କରିହେବ ନାହିଁ । ସେତେବେଳକୁ ସେ ଜଣେ ବିଶିଷ୍ଟ ଗବେଷକ, ଶିଶୁ ସାହିତ୍ୟିକ ଏବଂ ପ୍ରାବନ୍ଧିକର ମାନ୍ୟତା ପାଇସାରିଲାଣି । ମୋତେ ଶୂନ୍‌ରୁ ଆରମ୍ଭ କରିବାକୁ ହେଲା - ଶୈଶବର ପ୍ରକାଶିତ ଶିଶୁ ଲେଖା, ତାରୁଣ୍ୟର ଭାବବିହ୍ୱଳିତ ଗପଗୀତ ସବୁ ବହୁ ପୂର୍ବରୁ ନଷ୍ଟ କରି ଦିଆଯାଇଥାଏ । ଓଡ଼ିଆ ସାହିତ୍ୟର ଆଉ ଜଣେ ମୂର୍ଦ୍ଧଣ୍ୟ ବ୍ୟକ୍ତିତ୍ୱ, ଅନୁବାଦ କ୍ଷେତ୍ରରେ ପ୍ରବାଦ ପୁରୁଷ ସ୍ୱର୍ଗତ ଲକ୍ଷ୍ମୀନାରାୟଣ ମହାନ୍ତି, ଠିକ୍ ସେହି ସମୟରେ ମୋର ଗଳ୍ପଲିଖନକୁ ଯଦି ପ୍ରୋତ୍ସାହିତ କରି ନଥାଆନ୍ତେ, ହୁଏତ ମୁଁ ପୁଣି ଥରେ ଲେଖାଲେଖି ଛାଡ଼ି ଦେଇଥାନ୍ତି । ସେ କେବଳ ଗଳ୍ପ ଲେଖାରେ ମୋତେ ଆତ୍ମପ୍ରତ୍ୟୟ ଆଣି ଦେଇଥିଲେ ତାହା ନୁହେଁ, ସାହିତ୍ୟର ଆଭିମୁଖ୍ୟ ଯଶ ଅର୍ଜନ ନୁହେଁ, ତା'ଠାରୁ ଯଥେଷ୍ଟ ଅଧିକ ବୋଲି ମୋ ମନରେ ବିଶ୍ୱାସ ଜନ୍ମାଇଥିଲେ ।

କିଶୋର ଏବଂ ତରୁଣ ବୟସରେ ପଦକୁ ପଦ ଯୋଡ଼ି କବିତା ଲେଖିବା, କୌଣସି ଘଟଣା ବା ବ୍ୟକ୍ତି ବିଶେଷଙ୍କ ଜୀବନକୁ ନେଇ ଗପଟିଏ ଲେଖିବା ପଛରେ ଗୋଟାଏ ସ୍ୱପ୍ନ ରହୁଥିଲା । ମୋ ଲେଖାଟି କୌଣସି ପତ୍ରପତ୍ରିକାରେ ବାହାରନ୍ତା, ମୋତେ କବି ଏବଂ ଗାଳ୍ପିକର ସ୍ୱୀକୃତି ମିଳନ୍ତା । ଏମିତି ଏକ ଯଶଲିପ୍‌ସା ପ୍ରଚ୍ଛନ୍ନ ହୋଇରହୁଥିଲା ଲେଖାଲେଖି କରିବା ପଛରେ ଦୀର୍ଘଦିନର ନୀରବତା ପରେ ପରିଣତ ବୟସରେ ପୁନଶ୍ଚ ସାହିତ୍ୟ ସହିତ ନିଜକୁ ଯୋଡ଼ିବାବେଳକୁ ମୋର ପ୍ରତ୍ୟୟ ହୋଇଥିଲା ସାହିତ୍ୟ କେବଳ ବ୍ୟକ୍ତିଗତ ଯଶ ଲାଭ ପାଇଁ ଅଭିପ୍ରେତ ନୁହେଁ, ଶତାୟୁ ସାରସ୍ୱତ ସାଧକ ନିତ୍ୟାନନ୍ଦ ମହାପାତ୍ରଙ୍କ ଭାଷାରେ 'ଏକ ସହିତରେ ଅନେକ, ଏକାଧିକ ଲୋକଙ୍କର ଏକତ୍ର ସମାବେଶ - ସ୍ୱଭାବ, ପ୍ରଭାବ ଓ ବିଭାବର ଆଦାନପ୍ରଦାନ - ବିଜ୍ଞାନ, ପ୍ରଜ୍ଞାନ ଓ ଅଭିଜ୍ଞାନର ବିନିମୟ, ଶବ୍ଦ, ସ୍ୱର ଓ ସ୍ୱନର ପରିତାଳ ଏକତ୍ର ଏକାଠି - ଏଇତ ସାହିତ୍ୟ, ଏକ ବିରାଟ ସାହିତ୍ୟ'(ପତ୍ର ଓ ପ୍ରତିମା - ପୃ.୬୨) ।

ତେଣୁ ସାହିତ୍ୟ ଯେ ବ୍ୟକ୍ତିଗତ ଯଶ, ପ୍ରତିଷ୍ଠାର ବହୁ ଉର୍ଦ୍ଧ୍ୱରେ ଏକରୁ ଅନେକରୁ ବ୍ୟାପ୍ତ ହେବାର ଏକ ମାଧ୍ୟମ, 'ମୁଁ'ରୁ 'ଆମେ'କୁ ପ୍ରସାରିତ ହେବାର ଏକ ନିଷ୍ଠାପର ସାଧନା, ତାହା ବହୁ ବିଜ୍ଞବ୍ୟକ୍ତିଙ୍କର ସଖ୍ୟ, କିଛି ଅମୂଲ୍ୟ ଗ୍ରନ୍ଥର ପଠନଦ୍ୱାରା ଧୀରେ ଧୀରେ ମୁଁ ଅନୁଭବ କଲି - ଅଭିଭୂତ ହେଲି । ତେଣୁ ମୁଁ ନିଜେ ବି ଲେଖିଲି ।

Digitized by srujanika@gmail.com

କବିତା (ଏଠାରେ ବ୍ୟାପକ ଅର୍ଥରେ ସାହିତ୍ୟ)
ଲେଖା ହୁଏ ସମ୍ପର୍କର ଚଉ ମୁହାଣିରେ
ବାନ୍ଧିବାକୁ ହୃଦୟକୁ ହୃଦୟ ସହିତ
ବାଣ୍ଟିବାକୁ କଲିଜା ଭିତର ବ୍ୟଥା
ଏକରୁ ଅନେକ ଭିତରେ
ଯୋଡ଼ିବାକୁ
ମଣିଷକୁ ମଣିଷ ସାଥୀରେ

ଧୀରେ ଧୀରେ ମୋର ଆତ୍ମ ପ୍ରତ୍ୟୟ ହୋଇଛି ସାହିତ୍ୟ ଏକ ସାଧାରଣ ବିଦ୍ୟା ନୁହେଁ, ଯାହାକୁ ଇଂରାଜୀରେ ଲିଟେରଚର୍ କୁହାଯାଏ । ନିତ୍ୟାନନ୍ଦ ମହାପାତ୍ରଙ୍କ ଭାଷାର 'ଲିଟେରେଚର୍ ଏକ ବିଦ୍ୟା, କିନ୍ତୁ ଆମର ସାହିତ୍ୟ ହେଉଛି ବେଦ ଯାହା ସମସ୍ତ ବିଦ୍ୟାର ମୂଳ ଉତ୍ସ xx xx xx ଆମର ସାହିତ୍ୟ ରଚନା କଲେ ମନୁଷ୍ୟ ବ୍ୟାସ - ଆଉ ତାର ନବସିନ୍ଧା ହୁଅନ୍ତି ଦେବତା ଗଣେଶ । ଗଣେଶ ବିଦ୍ୟାଦାତା ହୋଇପାରନ୍ତି, କିନ୍ତୁ ବେଦଦାତା ନୁହଁନ୍ତି xx xx xx xx xx xx ମଣିଷର ଏହିପରି ଏକ ସାଧନା, ଯାହା ଦେବତାଙ୍କୁ ମଧ୍ୟ ଦାସତ୍ୱରେ ବଶ କରିପାରେ, ତାହା ସାହିତ୍ୟ । ସେ ସାଧନା ଭାବରୁ ଉଦ୍ଭୁତ ଓ ଶବ୍ଦରେ ଅଭିବ୍ୟକ୍ତ ।'(ପତ୍ର ଓ ପ୍ରତିମା, ପୃ.୬୩)

ସାହିତ୍ୟର ଏପରି ଏକ ସମ୍ମୋହିନୀ ଶକ୍ତି ମୋତେ ମୋର ପରିଣତ ବୟସ ଆସିବା ବେଳକୁ ମୋହଗ୍ରସ୍ତ କଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅଶି-ନବେ ଦଶକରେ ନାନାବିଧ ଜଞ୍ଜାଳଗ୍ରସ୍ତ ଜୀବନକୁ ମୁଣ୍ଡେଇ ମୁଁ ଯେଉଁ ଅନିଦ୍ରାଜନିତ ରୋଗରେ ବ୍ୟତିବ୍ୟସ୍ତ ହେଉଥିଲି, ସାହିତ୍ୟମନସ୍କ ହେବା ପରେ ତାହା ଧୀରେ ଧୀରେ ଲାଘବ ହେଲା । ରାତିରେ ଯେ କୌଣସି କାରଣରୁ ନିଦ ନ ହେଲେ, ଯାବତୀୟ ଚିନ୍ତା ମନକୁ ଏତିକିବେଳେ ଭାରାକ୍ରାନ୍ତ କରେ । ତେବେ ବ୍ୟସ୍ତ ନ ହୋଇ କିଛି ପଢ଼ିବା ବା ଲେଖିବାରେ ନିଜକୁ ହଜେଇ ଦେଲେ ଅନିଦ୍ରା ଜନିତ କଷ୍ଟ ଜଣାପଡ଼େ ନାହିଁ । ବେଳେ ବେଳେ ଏମିତି ଲେଖୁ ଲେଖୁ ରାତି ପାହିଯାଏ, ଯେମିତି ତମାମ୍ ରାତି ମୋ ଉପରେ କେହି ଜଣେ ସବାର୍ ହୋଇ ମୋତେ ନିର୍ଦ୍ଦେଶ ଦେଉଥାଏ – ଏବଂ ନିର୍ଦ୍ଦେଶ ମୁତାବକ ମୁଁ ଲେଖିଚାଲିଥାଏ – ସେଥିରେ ଯଶ ଲାଭର ଲାଳସା ନଥାଏ, ଥାଏ ଗଭୀର ଆତ୍ମସନ୍ତୋଷ ।

୧୯୯୪ ମସିହାରେ ପ୍ରକାଶିତ ହୁଏ ମୋର ପ୍ରଥମ 'କିଛି କଥା କିଛି ଗୀତ' । ପହିଲି ବହିର ଅନୁଭବ ନିଶ୍ଚିତ ଭାବେ ଆତ୍ମହରା କରିଥିଲା ମୋତେ । ଯାଜପୁର ରୋଡ଼ର ବିବର୍ତ୍ତନ ସାଂସ୍କୃତିକ ମଞ୍ଚ ତରଫରୁ ପ୍ରକାଶିତ ଏହି ବହି ଖଣ୍ଡିକ ମୁଦ୍ରିତ ହୋଇଥିଲା -

Digitized by srujanika@gmail.com

ଚଣ୍ଡିଖୋଲର ଜନପ୍ରିୟ ପ୍ରେସ୍‌ରେ - ଏକ କ୍ରେଡ଼ଲ୍ ମେସିନ୍‌ରେ । ସ୍ୱାଭାବିକ ଭାବରେ ଏହା ଆଜିକାଲିର ଅଫ୍‌ସେଟ୍ ମୁଦ୍ରଣ ପରି ଆକର୍ଷଣୀୟ ହୋଇନଥିଲା ଏବଂ ଅନେକ ମୁଦ୍ରଣ ତ୍ରୁଟି ରହିଯାଇଥିଲା । ଏ ସବୁ ସତ୍ତ୍ୱେ, ବହି ଖଣ୍ଡିକ ପ୍ରକାଶିତ ହେବା ପରେ ବନ୍ଧୁମାନଙ୍କର ପ୍ରେରଣା, ଅଗ୍ରଜମାନଙ୍କର ପ୍ରୋତ୍ସାହନ ଆଗକୁ ଆହୁରି ଲେଖିବା ପାଇଁ ମୋତେ ପ୍ରୋତ୍ସାହିତ କରିଥିଲା । ଗଳ୍ପ ଏବଂ କବିତାର ଏକ ମିଶ୍ର ରାଗ ଏହି ବହିଟି ପ୍ରକାଶ କରିବା ପାଇଁ ମୋର ସମ୍ମାନନୀୟ ଅଗ୍ରଜ ବିଶିଷ୍ଟ ଅନୁବାଦକ ସ୍ୱର୍ଗତ ଲକ୍ଷ୍ମୀନାରାୟଣ ମହାନ୍ତି ମୋତେ ଏକ ପ୍ରକାର ନିର୍ଦ୍ଦେଶ ଦେଇଥିଲେ - 'ଏବେ ବହିଖଣ୍ଡେ କର' ।

ଏହା ପରେ ମୋର ତିନି ଖଣ୍ଡ ଗଳ୍ପ ସଙ୍କଳନ, ଖଣ୍ଡିଏ କବିତା ସଙ୍କଳନ, ଖଣ୍ଡିଏ ଜୀବନୀ ବହି (ସାରସ୍ୱତ ସାଧକ ଲକ୍ଷ୍ମୀନାରାୟଣ) ପ୍ରକାଶିତ ହୋଇସାରିଲାଣି । ସମସ୍ତ ଅଗ୍ରଣୀ ପତ୍ରିକାମାନଙ୍କର ମୋର ଗଳ୍ପ, କବିତା ଏବଂ ନିବନ୍ଧମାନ ପ୍ରାୟତଃ ପ୍ରକାଶିତ ହେଉଛି । ତଥାପି ମୁଁ ଜଣେ ବହୁପ୍ରସୂ ଲେଖକ ନୁହେଁ । ୧୯୯୩ରୁ ୨୦୧୨ ପ୍ରାୟ କୋଡ଼ିଏ ବର୍ଷର ଅବଧି ଭିତରେ ମୁଁ ଗାଏ ମୋଟ ଷାଠିଏ/ସତୁରୀଟି ଗଳ୍ପ ଏବଂ କେତୋଟି କବିତା ଲେଖିଛି ମାତ୍ର । ମୁଁ ତ ଲକ୍ଷ୍ୟ କରିଛି ଜଣେ ଜଣେ ଲେଖକ କେବଳ ପୂଜା ଅବସରରେ ଆଠ ଦଶଟି ଗଳ୍ପ ଲେଖିପାରନ୍ତି ବିଭିନ୍ନ ପତ୍ରପତ୍ରିକାମାନଙ୍କ ବରାଦ୍ ମୁତାବକ ।

ସାହିତ୍ୟର ମୁଖ୍ୟ ଉପାଦାନ ଭାବରୁ, ଭାବବସ୍ତୁଟିଏ ଠିକ୍ କରିବା, ତା' ପାଇଁ ଘଟଣାଟିଏ କଳ୍ପନା କରିବା କିମ୍ବା ସଂଘଟିତ କୌଣସି ଘଟଣାକୁ ଲକ୍ଷ୍ୟ କରି ତହିଁରେ ନିଜର ଭାବବସ୍ତୁକୁ ଆରୋପଣ କରିବା ପରେ ଯାଇ ଭାଷାରେ ରୂପ ଦେବାରେ ପ୍ରଶ୍ନ ଆସେ । ଭାଷାରେ ରୂପ ପାଇବା ପର୍ଯ୍ୟନ୍ତ ତାହା ଲେଖକର ସାଧନା ଏବଂ ପ୍ରକାଶିତ ନ ହେବା ପର୍ଯ୍ୟନ୍ତ ତାହା ଲେଖକର ନିଜସ୍ୱ କିନ୍ତୁ ପ୍ରକାଶିତ ହୋଇଯିବା ପରେ ତାହା ସାର୍ବଜନୀନ । ପ୍ରତିଟି ପାଠକର ଅଧିକାର ଅଛି ତାର ମୂଲ୍ୟାଙ୍କନ କରିବା ପାଇଁ । ତେଣୁ ଗପଟିଏ ଲେଖିବା ପୂର୍ବରୁ ମତେ ହଜାରେ ବାର ଚିନ୍ତା କରିବାକୁ ହୁଏ, ଯାହା ଲେଖିବି ତାହା ପାଠକୀୟ ଶ୍ରଦ୍ଧା ପାଉ କି ନପାଉ, ପାଠକକୁ ବିବ୍ରତ କରିବ ନାହିଁ ତ । ଅଳ୍ପ ଲେଖିବାର ଦ୍ୱିତୀୟ କାରଣଟି ହେଲା, ମୁଁ ନିଜେ ଯୋଉ ଆଦର୍ଶକୁ ଆପଣେଇବାରେ ଅସମର୍ଥ, ସେପରି ଆଦର୍ଶକୁ ନେଇ ଗଳ୍ପ କବିତା ଲେଖିବି କାହିଁକି ? ଆଚରଣରେ ଅସୁର ହୋଇ ଲେଖାଲେଖିରେ ଗୋଟାପଣେ ତୁଳସୀ ବୋଲାଇବାର ପ୍ରଚେଷ୍ଟା ମୁଁ କରିନାହିଁ ଏବଂ କରିବି ବି ନାହିଁ ।

ଜୀବନବସ୍ତୁତଃ ଯେତିକି ସର୍ବଗାମୀ ଏବଂ ସର୍ବସ୍ପର୍ଶୀ ସାହିତ୍ୟ ମଧ୍ୟ ସେତିକି ସର୍ବଗ୍ରାମୀ ଏବଂ ସର୍ବସ୍ପର୍ଶୀ ହେବାକୁ ବାଧ୍ୟ । ତେଣୁ ସାହିତ୍ୟର ପରିଧି ବଢ଼ିବା ସହିତ ଉତ୍ତରଦାୟିତ୍ୱ ବି ବଢ଼ିଛି । ଏହି ଉତ୍ତରଦାୟିତ୍ୱକୁ ସମ୍ପନ୍ନ କରିବା ପାଇଁ ଲେଖକର

Digitized by srujanika@gmail.com

ସ୍ୱାଭିମାନ୍, ସମ୍ବେଦନା ଏବଂ ଅଙ୍ଗୀକାରବଦ୍ଧତା ତୀକ୍ଷ୍ଣ ହେବାର ଆବଶ୍ୟକତା ରହିଛି, ଏବଂ ଏହା ଆଦୌ ସମ୍ଭବ ନୁହେଁ, ଲେଖକଟିଏ ଯଦି କେବଳ ଲେଖକ ହେବା ପାଇଁ ଲେଖେ, କିନ୍ତୁ ଆଚରଣରେ ତାହା ପ୍ରତିଫଳିତ ନ ହୁଏ । ବହୁ ଲେଖକ ନିଜକୁ ପ୍ରଗତିଶୀଳତାର ବାର୍ତ୍ତାବହ ବୋଲି ଅଭିହିତ କରି ଅନେକ କଥା ଲେଖିଯାଆନ୍ତି । ମୁଁ କିନ୍ତୁ ନିତ୍ୟାନନ୍ଦ ମହାପାତ୍ରଙ୍କ ଭାଷାରେ କହିବି - 'ପ୍ରଗତିଶୀଳ ସାହିତ୍ୟ ବହୁତ ହେଲା - ଏବେ ପ୍ରଗତିକୁ ସାହିତ୍ୟଶୀଳ କରିବା ଦରକାର ।' (ପତ୍ର ଓ ପ୍ରତିମା - ଲେ, ନିତ୍ୟାନନ୍ଦ ମହାପାତ୍ର, ପୃ.୬୫) ।

ପ୍ରଥମରୁ ଯେଉଁ ଆବେଗର କଥା ଉଲ୍ଲେଖ କରିଥିଲି, ମୋର ସବୁଗୁଡ଼ିକ ଲେଖା ସେହି ଆବେଗରୁ ହିଁ ସୃଷ୍ଟ । ଆବେଗରୁ ଆରମ୍ଭ ହୁଏ, ହୁଏତ ଆବେଗମୟ ଭାବରେ ଶେଷହୁଏ । ଗପଟିଏ କି କବିତାଟିଏ ଲେଖି ସାରିବା ପରେ ଭାରି କ୍ଳାନ୍ତ ଲାଗେ । କିନ୍ତୁ କ୍ଳାନ୍ତି କଟିଯିବା ଉତ୍ତାରୁ ଅନେକ ସମୟରେ ମନେ ହୁଏ, ହୁଏତ ଯାହା ଚାହିଁଥିଲି ତାହା ଠିକ୍ ଭାବରେ ଅଭିବ୍ୟକ୍ତ ହୋଇପାରିଲା ନାହିଁ । ହୁଏତ ଭାଷା ଅକୁଳାଣ ପଡ଼ିଲା । ଏଇ ଯେମିତି ମୋର 'ଅଶ୍ଳୀଳ ଗପ' । ସଙ୍କଳନର ନାମକରଣ ବି ଏହି ନାମରେ । ସମ୍ମାନନୀୟା ମନୋରମା ମହାପାତ୍ର ମୋଟେ ରାଜି ହେଲେ ନାହିଁ - ଏ ବହି ଉନ୍ମୋଚନ କରିବାକୁ । ସେମିତି ଏକ ହଟଚମଟ ସୃଷ୍ଟି ପାଇଁ ମୁଁ ଗଳ୍ପର ନାମକରଣ ଏପରି କରିନଥିଲି । ଭାରତବର୍ଷ ପରି ଦେଶରେ ବିଧିବଦ୍ଧ ଜନ୍ମନିୟନ୍ତ୍ରଣର ଯେଉଁ ଉପଚାର, ତାହା ମୋତେ ଅଶ୍ଳୀଳ ଲାଗିଲା । ପୁନଶ୍ଚ ବନ୍ଧ୍ୟା ମାଆଟିଏର ସନ୍ତାନ ପାଇଁ ହାହାକାର ମୋତେ ବିବ୍ରତ କଲା । ଜଣେ ସନ୍ତାନ-ସମ୍ଭବା ଜନନୀର ମାତୃତ୍ୱକୁ ଜଣେ ବନ୍ଧ୍ୟାନାରୀ କ୍ଷେତ୍ରରେ ଆରୋପିତ ନ କରି ସନ୍ତାନ ସମ୍ଭବାଙ୍କୁ ବନ୍ଧ୍ୟା କରିଦେବାର ପଦ୍ଧତି ହିଁ ଏକ ଅଶ୍ଳୀଳ ପଦ୍ଧତି - ସମ୍ଭବତଃ ଏ ପ୍ରକାର ମେସେଜ୍ ପାଠକ ପାଖରେ ମୁଁ ପହଞ୍ଚାଇ ପାରିନାହିଁ, ଯଦିଓ ଏହା ମୋର ଏକ ପ୍ରିୟ ଗଳ୍ପ । ମୁଁ ବହୁପ୍ରସୂ ଲେଖକ ନୁହେଁ, ତଥାପି ଯେତିକି ଲେଖିଛି, ପାଠକର ନିକଟତର ହେବାକୁ ଚେଷ୍ଟା କରିଛି । ସମ୍ମାନନୀୟ ଦାଶିଆ ଅଜାଙ୍କ ଭାଷାରେ - 'ମଣିଷ ଆପଣା - ଧନ ପର, ଯେତେ ପାରୁଛ ମଣିଷ ଧର' । 'ଗୋଟିଏ ହାତ ତିଆରି ଫୁଲ' ଗପରେ ମୁଁ ସେହି ମଣିଷପଣିଆ ବାଣ୍ଟିବାର ଚେଷ୍ଟା କରିଛି । 'ଦେହଠାରୁ ହୃଦୟ ପର୍ଯ୍ୟନ୍ତ' ଗପରେ ମୋ ନିଜର ମାନସିକ ଭିନ୍ନକ୍ଷମ ସାନଝିଅଟି ପାଇଁ ମୋ ଅସହାୟତା ପ୍ରକାଶ କରିଛି । ବାରମ୍ବାର ମୋର ବୃତ୍ତି ଓ ପ୍ରବୃତ୍ତି ମଧ୍ୟରେ ଯେଉଁ ସଂଘାତ, ଆବେଗ ବିଜଡ଼ିତ ଭାବାବେଶ ଭିତରେ ବାଢ଼ିଦେଇଛି 'ବୃତ୍ତି ପ୍ରବୃତ୍ତି' ଗପରେ । ଏପରି ସମସ୍ତ ଗଳ୍ପ ପାଇଁ ମୋତେ ଅନେକ ପାଠକୀୟ ଶ୍ରଦ୍ଧା ମିଳିଛି ।

Digitized by srujanika@gmail.com

ଆଉ କିଛି ଲେଖା ପାଇଁ ମିଶ୍ର ପ୍ରତିକ୍ରିୟା ବି । ମୋର ପରମ ସମ୍ମାନନୀୟ ଗୁରୁତୁଲ୍ୟ ଗାଳ୍ପିକ ଶ୍ରୀଯୁକ୍ତ ଅଚ୍ୟୁତାନନ୍ଦ ପତି ମହୋଦୟ, ଯିଏ ମୋତେ ନିଜେ ମନୋନୀତ କରିଥିଲେ ଅଚ୍ୟୁତାନନ୍ଦ ଗଳ୍ପ ସମ୍ମାନ ପାଇଁ - ସେ ହଠାତ୍ ଦିନେ ଫୋନ୍ କରି କହିଲେ - 'ନନ୍ଦ, ତମର ନାଟକୀୟ ମୀମାଂସା' ଗପ ପଢ଼ିଲି । ଆରମ୍ଭ ତ ଚମତ୍କାର, ଥିମ୍ ବି ବଢ଼ିଆ, କିନ୍ତୁ ଉପସଂହାର ଓ ତାର ଉପସ୍ଥାପନା ମନକୁ ଗଲା ନାହିଁ । ଗପଟି ବାହାରିଥିଲା ଗୋକର୍ଣ୍ଣିକା ପୂଜା ସଂଖ୍ୟାରେ । କିଛି ଦିନ ପରେ ଟାଟା କମ୍ପାନୀର ଜଣେ ଅବସରପ୍ରାପ୍ତ ବରିଷ୍ଠ ମାନବସମ୍ବଳ ଅଧିକାରୀ ପୁରୀର ରଥ ଭାଇନା କହିଲେ - 'ନନ୍ଦ ତମ ଚମତ୍କାର ଗପଟି ଇଂରାଜୀ କରି ଟାଟା କମ୍ପାନୀର ସବୁ ପର୍ସନାଲ ଅଫିସର୍‌ଙ୍କୁ ଦେବା ଉଚିତ୍ (ସୂଚନାଯୋଗ୍ୟ ଯେ ମୁଁ ଟାଟା କମ୍ପାନୀରେ କାମ କରୁଥିଲି) । ତମେ ବଡ଼ Typical Industrial Caseର ଚମତ୍କାର solution ଦେଇଛ । ଏଇତ ମିଶ୍ର ପ୍ରତିକ୍ରିୟା ।' ସମ୍ମାନନୀୟ ପ୍ରଫେସର୍ ଡ. ନିତ୍ୟାନନ୍ଦ ଶତପଥି ମୋର ଗଳ୍ପ ସଙ୍କଳନ 'ଈର୍ଷା ଶ୍ରଦ୍ଧା ଇତ୍ୟାଦି...'ର ସମୀକ୍ଷା କରିବା ଅବସରରେ ମନ୍ତବ୍ୟ ବାଢ଼ିଛନ୍ତି - ମୋ ଗଳ୍ପର ରୋମାଣ୍ଟିକ୍ ଦିଗଟି ଦୁର୍ବଳ । ମୋର ବି ମନେ ହୁଏ ସେ ଶତପ୍ରତିଶତ ଠିକ୍ ହିଁ କହିଛନ୍ତି । ମାତ୍ର ଦୁଇଟି ଗପ 'କାକ୍‌ଟସ୍‌ର ଫୁଲ' ଓ 'ପ୍ରଗଲ୍‌ଭ ତାରୁଣ୍ୟର ଦିନଲିପି'ରେ ରୋମାଣ୍ଟିକ ଚେତନା ଥିଲେ ସୁଦ୍ଧା ତାହାକୁ ପାଠକେ ରୋମାଣ୍ଟିକ୍ ଗଳ୍ପର ଦର୍ଜା ଦେଇନାହାଁନ୍ତି ।

ଏମିତି ଘଟଣାମାନ ମନେ ପକାଇ ନିଜର ଲେଖକୀୟ ଗାରିମା ବା ଅବିଗୁଣ ବୟାନ କରିବାର ଅବକାଶ ନାହିଁ । ମୋଟାମୋଟି କବିତାରୁ ଲେଖାଲେଖି ଆରମ୍ଭ କରିଥିଲି । ଭାବିଲି ଭାବବସ୍ତୁଟିଏକୁ ଉପମା ଓ ପ୍ରତୀକ ବଦଳରେ ଘଟଣା ଓ ଚରିତ୍ର ମାଧ୍ୟମରେ ଗପଟିଏ କରିପାରିଲେ ତାହା ଅଧିକ ପାଠକଙ୍କୁ ଛୁଇଁବ । ଅନ୍ତେ ବହୁତ ତାହା ହିଁ କରୁଛି । ତଥାପି ଯେତେବେଳେ themeଟିଏ ଧରି ଘଟଣା ବା ଚରିତ୍ର ତିଆରି କରିପାରେ ନାହିଁ, ତାହା କବିତାରେ ପ୍ରକାଶ କରିଦିଏ । ଯେମିତି ମୋର 'ଘଟ' କବିତା । 'ଘଟ' କବିତା ପାଇଁ ମୁଁ ପାଠକୀୟ ଶ୍ରଦ୍ଧା ପାଇଛି ହେଲେ କବିତା କ୍ଷେତ୍ରରେ ଗଳ୍ପ ପରି ପାଠକୀୟ ଶ୍ରଦ୍ଧା ମିଳିନାହିଁ । ତଥାପି ଯେତେବେଳେ ଆବେଗଟିଏ ଅନ୍ତଃକରଣରେ ଉଦ୍‌ବେଳିତ ହୁଏ, ତହିଁରୁ themeଟିଏ ନିଷ୍କର୍ଷ ରୂପେ ବାହାରେ, ସେତେବେଳେ ଯାଇ ମୁଁ କଲମ ଧରେ । ଲେଖକ ହେବାର ନିଶାରେ ମୁଁ ଲେଖେନାହିଁ । ଜଣେ ଲେଖକର ଜୀବନ ଜିଇଁବାରେ ଅଧିକ ଆସ୍ଥା ରଖିଛି । ସେ ସମ୍ପର୍କରେ ବି ଦୁଇ ତିନୋଟି ଗଳ୍ପ - ଯେମିତି 'ଅନ୍ଧଗଳିର ଗାଳ୍ପିକ', 'ଅଘଟଣ', 'ପୁରସ୍କାର ମାମଲା' ଇତ୍ୟାଦି ଲେଖି ମୁଁ କିଛି ପାଠକୀୟ ଶ୍ରଦ୍ଧା ପାଇବା ସହିତ କିଛି ମିଶ୍ର ପ୍ରତିକ୍ରିୟା ବି ପାଇଛି ।

Digitized by srujanika@gmail.com

ଲେଖକ, ପାଠକ, ସମ୍ପାଦକ, ପ୍ରକାଶକ ଏବଂ ସାହିତ୍ୟ ସଙ୍ଗଠନ, ଏମାନଙ୍କୁ ନେଇ ସାହିତ୍ୟର ସଂସାର । ପୁନଶ୍ଚ ସାହିତ୍ୟ ହେଉଛି ଗୋଟାଏ ଜାତିର ବା ସମାଜର ପ୍ରତିଛବି । ଏହି ପ୍ରତିଛବିକୁ ନିଖୁଣ ରଖିବା ପାଇଁ ଲେଖକଠାରୁ ଆରମ୍ଭ କରି ସଂଗଠକ ପର୍ଯ୍ୟନ୍ତ କାହାରି ଭୂମିକା ଗୌଣ ନୁହେଁ । ମୁଁ ଏକଥା କହିବାର ତାତ୍ପର୍ଯ୍ୟ ହେଉଛି, କେବଳ ଜଣେ ଲେଖକ ହେବାର ନିଶାରେ ଲେଖାଲେଖି କରିବା ଅପେକ୍ଷା ଆମ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ନୀରବରେ କିଛି କିଛି ସାହିତ୍ୟ କରିବାର ଆବଶ୍ୟକତା ମଧ୍ୟ ଅଛି । ସେଥିପାଇଁ ସଂପ୍ରତି ପ୍ରତ୍ୟେକ ଲେଖକ ପ୍ରଥମେ ଜଣେ ଭଲ ପାଠକ ହେବା ସହିତ ସାହିତ୍ୟ ସମ୍ପାଦନା ଏବଂ ସଙ୍ଗଠନ କରିବାରେ ମଧ୍ୟ ସାମର୍ଥ୍ୟ ରଖିବା ଆବଶ୍ୟକ ।

ଲେଖାଲେଖି ସହିତ, ମୁଖ୍ୟତଃ ଭଦ୍ରକ ରବିବାସରୀୟ ସାହିତ୍ୟଚକ୍ର ଏବଂ ଆହୁରି କେତୋଟି ଅନୁଷ୍ଠାନ ସହ ସମ୍ପୃକ୍ତ ରହି କିଛି ସାରସ୍ୱତ କାର୍ଯ୍ୟ (ତହିଁ ଭିତରେ ସମ୍ପାଦନା ଓ ପ୍ରକାଶନ ବି ଅଛି) ଭିତରେ ସମୟ କଟିଯାଉଛି । ମୁଁ ଭଲ ଭାବରେ ଜାଣେ ଯେତେ ଲେଖିଲେ ବି, ମୁଁ ଜଣେ ଉପେନ୍ଦ୍ର ଭଞ୍ଜ କି ଫକୀରମୋହନ ହୋଇପାରିବି ନାହିଁ । ତେଣୁ ଯେଉଁ ଭାବବସ୍ତୁ ମୋତେ ଭାବପ୍ରବଣ କରେ, ତାକୁ ନେଇ ଯାହା ପାରିଛି, ଲେଖିଛି ଓ ଲେଖୁଛି ଏବଂ ତା ସହିତ ଚାଲିଛି କିଛି ସାରସ୍ୱତ ସାଙ୍ଗଠନିକ କାର୍ଯ୍ୟ । ତେଣୁ ଜୀବନ ଏବଂ ସାହିତ୍ୟ ଉଭୟ ଫେଣ୍ଟି ହୋଇଯାଇଛନ୍ତି ପରସ୍ପର ସହିତ - ମୋ ପାଇଁ ତାହା ହିଁ ତ ଜୀବନ, ସେହି ପୁଣି ସାହିତ୍ୟ ।

ଶେଷରେ ଭିକ୍ଟର ଫ୍ରାଙ୍କଲିନ୍‌ଙ୍କ କଥା ପଦେ କହି ମୋ ବକ୍ତବ୍ୟ ସାରିବି ।

" ତମେ ଯଦି ଭଲ ବହିଟିଏ ପଢୁଛ - ଭଲ କଥା । ତା ଠୁ ଆହୁରି ଭଲ କଥା, ଯଦି ଭଲ ଲେଖାଟିଏ ଲେଖିପାରନ୍ତ । ତେବେ ଏମିତି ବହିଟିଏ ଲେଖ, ଯାହାକୁ ପଢ଼ି ସେହି ଅନୁସାରେ ଆଦର୍ଶ ଜୀବନଟିଏ ଜିଇଁ ହେବ । ସବୁଠୁ ଭଲ କଥା ହେଉଛି ଏମିତି ଏକ ଜୀବନ ଜିଅଁ, ଯାହାକୁ ଲକ୍ଷ୍ୟ କରି ଭଲ ବହିଟିଏ ଲେଖିହେବ ।"

ସରସ୍ୱତୀଙ୍କ ନିକଟରେ ଜଣାଣ କରୁଛି, ଭଲ ବହିଟିଏ ଲେଖିପାରେ ବା ନପାରେ, ଜଣେ ସଚ୍ଚା ଲେଖକର ଜୀବନ ଜିଇଁବାରେ ସେ ମୋତେ ସହାୟ ହୁଅନ୍ତୁ ।

●●●

Digitized by srujanika@gmail.com

ମୋ' ଜୀବନ ମୋ' ସାହିତ୍ୟ

କାଳିନ୍ଦୀ ଚରଣ ଜେନା(୧୯୪୫)

ଜୀବନକୁ ନେଇ ସାହିତ୍ୟ -ନା- ସାହିତ୍ୟକୁ ନେଇ ଜୀବନ । ଏ ଗୋଟଏ ଅସମାହିତ ପ୍ରଶ୍ନ । ଆଜି ସୁଦ୍ଧା ଏହା ଧୂଳିଆ ଜନ୍ଦା ପରି ମତେ ଗୁଟ ଗୁଟ କରି କାମୁଡ଼ି ଚାଲିଛି । ଜୀବନର ଅପରାହ୍ନରେ ଯେତେବେଳେ ବୟସର ସୂର୍ଯ୍ୟ ଢଳି ଢଳି ଯାଏ, ସେତେବେଳେ ଥକ୍‌କା ଲାଗେ, ଗୋଡ଼ହାତ ଘୋଳାଇ ହୋଇପଡ଼େ । ୟୁ' ପାଏ ନା ଆଗକୁ ଥୋଡ଼ାଏ ବାଟ ଚାଲିବାକୁ । କିନ୍ତୁ ଅତୀତଟା ବାରବାର ମତେ ଉଖୁରାଇ ଚାଲିଛି, ବର୍ତ୍ତମାନ ଚିମୁଟୁଛି । ଆଗକୁ ଚାଲ, ଏଇଟା ଥକ୍‌କା ମାରିବାର ସମୟ ନୁହେଁ ।

ଏ ମା' ମାଟି ମୋତେ ଢେର ଦେଇଛି, ସାମାଜିକ ପ୍ରତିଷ୍ଠା କୁହ, ସାହିତ୍ୟିକ ଖ୍ୟାତି, ଯଶ, ସମ୍ମାନ ମୁଁ ଅନେକ କିଛି ପାଇଛି । ସାନ୍ତ୍ୱନା ଆସିଛି, ଖୁସି ହୋଇଛି । ଜନ୍ମମାଟି ମା'ର ପାଦ ତଳେ ମୋର ଶତକୋଟି ପ୍ରଣାମ ।

ଆଳି । ନାଆଁଟି ଶୁଣିଲେ ଅନେକ ବନ୍ଧୁ ନାକ ଟେକୁଥିଲେ, ହସ - ସେଠାରେ ସାହିତ୍ୟ ରଧେଇବ ନା ମଣିଷ । ଯିବା ପାଇଁ ନଦୀ ପାର, ଗ୍ରାମକୁ ଅନ୍ୟ ଗ୍ରାମର ସଂଯୋଗ ନାହିଁ । ବର୍ଷା ଚାରିମାସ କାଦୁଅ ପଚର ପଚର, ଝଡ଼ ଓ ବନ୍ୟାର ଭୟ । ଖରା ଚାରିମାସ ଧୂଳିଝଡ଼ । ଆଖିକାନ ରୁନ୍ଧି ହୋଇଯିବ । ଏବଂ ଶୀତ ଚାରିମାସ ଦେହ ଠକ୍ ଠକ୍ । ଏପରି ଏକ ଅପନ୍ତରା ଉପାନ୍ତ ଭୌଗୋଳିକ ପରିବେଷ୍ଟନି ଭିତରେ ସାହିତ୍ୟର ମଞ୍ଜିଟିଏ ପୋତିବା ପାଇଁ ମୋର କେତେକ ବନ୍ଧୁ ଆଗ୍ରହ ପ୍ରକାଶ କରିଥିଲେ ଏବଂ ତାହା ଅଙ୍କୁରୋଦ୍‌ଗମ୍ ହୋଇ ପତ୍ର ଦୁଇଟି ମେଲି ଅନ୍ୟକୁ ସଚେତନ କରାଇଥିଲା ୧୯୬୮ ମସିହାରେ ବାର୍ଷିକ ସାହିତ୍ୟପତ୍ର 'ବଉଳବେଣୀ' ନାମରେ ।

ଏହାର ମୁଖ୍ୟ ଥିଲେ ସ୍ୱର୍ଗତଃ କଥାକାର ଅଦ୍ୱୈତ ମହାନ୍ତି, ସେ ରହୁଥିବା କଟକ ନୂଆପାଟଣା ଭଡ଼ା ଘରଟି ଥିଲା ଓଡ଼ିଆ ପଲ୍ଲୀ ସାହିତ୍ୟ ସମିତିର ବୈଠକଖାନା, ସମ୍ପୂର୍ଣ୍ଣ କଟକୀ ଛାଙ୍କରେ ବାହାରୁଥିବା ବଉଳବେଣୀ ଠିକଣା ଥିଲା - ଆଳକଣା, ଆଳି, କଟକ । ପ୍ରଥମ ସଂଖ୍ୟାଟିର ମୂଲ୍ୟ ଥିଲା ଟ.୦.୫୦ ପ. ଏବଂ ଛାପାସଂଖ୍ୟା ୫୦୦ କପି ।

କହିବା ନିଷ୍ପ୍ରୟୋଜନ ମୋର ସତୀର୍ଥ ବନ୍ଧୁ ଅଦ୍ୱୈତ ମହାନ୍ତିଙ୍କ ପ୍ରେରଣା ଓ ଉତ୍ସାହ ଲେଖାଲେଖି କ୍ଷେତ୍ରରେ ମତେ ଯଥେଷ୍ଟ ପ୍ରେରଣା ଆଣି ଦେଇଥିଲା । କଥାଟି ଆଜି ସ୍ୱଚ୍ଛ

Digitized by srujanika@gmail.com

ମନେ ଅଛି - ସେ ମତେ କହିଥିଲେ - ତମର ଆଗ୍ରହ ଅଛି, ତମେ ଲେଖ ମୁଁ ଏ ଦିଗରେ ତମକୁ ସାହାଯ୍ୟ କରିବି ।

ମୁଁ ପ୍ରଥମ ଲେଖା ଆରମ୍ଭ କରିଥିଲି କବିତାରୁ ଏବଂ ମୋର ସର୍ବ ପ୍ରଥମଲେଖା ପ୍ରକାଶ ପାଇଥିଲା ଦୈନିକ ପ୍ରଜାତନ୍ତ୍ର ସାହିତ୍ୟ ପୃଷ୍ଠାରେ, ସମ୍ଭବତଃ କବିତାଟିର ଶୀର୍ଷକ ଥିଲା - ଖରାଦିନ । ସେ ସମୟରେ ବାହାରୁଥିବା ଅଳ୍ପ କେତୋଟି ସାହିତ୍ୟ ପତ୍ରିକାକୁ ବାଦ୍ ଦେଲେ ଲେଖାଲେଖି କରୁଥିବା ସାହିତ୍ୟିକମାନେ ପ୍ରାୟତଃ ଦୈନିକ ସମ୍ବାଦପତ୍ର ଉପରେ ନିର୍ଭରଶୀଳ ଥାଆନ୍ତି । ସେତେବେଳେ ଓଡ଼ିଶାରୁ ପ୍ରକାଶ ପାଉଥିବା ଦୈନିକ ଖବରକାଗଜଗୁଡ଼ିକ ହେଲା - ସମାଜ, ପ୍ରଜାତନ୍ତ୍ର, ମାତୃଭୂମି ଜନଶକ୍ତି, କଳିଙ୍ଗ, ଗଣତନ୍ତ୍ର ପ୍ରଭୃତି । ସବୁ ସମ୍ପାଦକ - ସାହିତ୍ୟ ପାଇଁ ଦୁଇଟି ପୃଷ୍ଠା ଦେଉଥିଲେ ।

ଦିନକର କଥା ମୁଁ ଏବଂ ଅଦ୍ୱୈତବାବୁ ସଙ୍ଗ ହୋଇଗଲୁ କଳିଙ୍ଗ ସମ୍ବାଦପତ୍ର ଅଫିସ୍‌କୁ । ସମ୍ପାଦକ ଥାଆନ୍ତି ସ୍ୱର୍ଗତଃ ସୁରେନ୍ଦ୍ର ମହାନ୍ତି । ଲେଖାଟି ବଢ଼ାଇଦେଲି, ସେ ପ୍ରଥମେ ମୋ ମୁହଁକୁ ଚାହିଁଲେ, ତାପରେ କହିଲେ - ତମେ ହେଉଛ କାଳିନ୍ଦୀ ଜେନା । ତମ କବିତା ତ ଆମ ସମ୍ବାଦପତ୍ରରେ ପୂର୍ବରୁ ବାହାରିସାରିଛି । ତେବେ ଯୁବଲେଖକମାନଙ୍କୁ ମୋର ଗୋଟେ ପରାମର୍ଶ - ସେ ଯେଉଁ ଲେଖା ପ୍ରକାଶ ପାଇଁ ଦେଉଛନ୍ତି ତାହା ଉତ୍କୃଷ୍ଟ ହେବା ଆବଶ୍ୟକ, କବିତା ଛଅଲାଇନ୍ ହୋଇପାରେ ବା ଛବିଶ୍ ଲାଇନ୍ କିଛି ଫରକ ନାହିଁ । ସେତିକି ସ୍ଥାନରେ ଆମେ ଗୋଟେ ବିଜ୍ଞାପନ ଦେଲେ ଯେତିକି ପ୍ରାପ୍ୟ ପାଇଥାଆନ୍ତୁ, ଲେଖାଟିର ମୂଲ୍ୟ ସେତିକି ହେବା ଉଚିତ୍ । ମୁଁ ସଦାବେଳେ ଭଲ ଲେଖାକୁ ସମ୍ମାନ ଦେଇଥାଏ ।

ପରବର୍ତ୍ତି ସମୟରେ ନିଜ କଥାକୁ ସମ୍ମାନ ଦେଇଥିଲେ ପୂଜ୍ୟ ସୁରେନ୍ଦ୍ରବାବୁ । ଯେତେବେଳେ ସେ ଦୈନିକ 'ସମ୍ବାଦ' ପତ୍ରରେ ସୌଜନ୍ୟ ସମ୍ପାଦକର ଦାୟିତ୍ୱନିର୍ବାହ କରୁଥିଲେ, ମୁଁ ଗୋଟେ ବଡ଼ ଗଳ୍ପ - ଯୁବତୀ ଚାଲାଣ ଉପରେ 'ଈଶ୍ୱର କ୍ଷମା ଦିଅ' ନାମରେ ପଠାଇଥିଲି ଦୈନିକ 'ସମ୍ବାଦ'ର ସାହିତ୍ୟପୃଷ୍ଠାରେ ପ୍ରକାଶ ପାଇଁ । ବିଳମ୍ବରେ ହେଲେ ମଧ୍ୟ ସଂପୂର୍ଣ୍ଣ ଗଳ୍ପଟି 'ସମ୍ବାଦ'ର ଗୋଟେ ପୁରା ପୃଷ୍ଠାରେ ଛବି ସହ ପ୍ରକାଶ ପାଇଥିଲା । ସେକଥା ଆଜି ବି ଭାବିଲେ ଆଶ୍ଚର୍ଯ୍ୟ ଲାଗେ, ସମ୍ବାଦ ତଥା ସମ୍ପାଦକଙ୍କ ପ୍ରତି କୃତଜ୍ଞତା ଆପଣାଛାଏଁ ଅଜାଡ଼ି ହୋଇଯାଏ ।

ସୁରେନ୍ଦ୍ରବାବୁଙ୍କର ସେଇ ଗୋଟେ କଥା ମତେ ପରବର୍ତ୍ତୀ ସମୟରେ ଲେଖାଲେଖି କରିବାରେ ଯଥେଷ୍ଟ ମାର୍ଜିତ କରିଥିଲା । ମୋଟରେ ପଇଁତିରିଶ ବା ଚାଳିଶ୍‌ଟି କବିତା ଲେଖିବା ପରେ ମୁଁ ଅନୁଭବ କଲି - କବିତାଠାରୁ କଥା ସାହିତ୍ୟରେ ମୁଁ ନିଜକୁ ଅଧିକ ସହଜ ଭାବେ ପ୍ରକାଶ କରିପାରିବି ।

Digitized by srujanika@gmail.com

ଓଡ଼ିଆ କଥାସାହିତ୍ୟରେ ନିଜର ରୁଚି ରଖି ୧୯୭୨ ମସିହାରେ ପ୍ରଥମେ ଗଳ୍ପ ଲେଖିବାକୁ ସଙ୍କଳ୍ପ କଲି । ଶ୍ରୀମତୀ ବୀଣା ମହାପାତ୍ରଙ୍କ ସମ୍ପାଦିତ ସୌରଭ ପତ୍ରିକାରେ ପ୍ରଥମ ଗଳ୍ପ - ଟେଲିଫୋନ ପ୍ରକାଶିତ ହୋଇ ବହୁ ପାଠକଙ୍କ ପ୍ରେରଣାପ୍ରଦ ପତ୍ର ପାଇ ନିଜ ଉପରେ ବିଶ୍ୱାସ ସୃଷ୍ଟି ହେଲା ।

ଗୁଡ଼ହାଣ୍ଡି ଚତୁଃପାର୍ଶ୍ୱରେ ଜହ୍ନାଙ୍କ ମେଳି ପରି ଓଡ଼ିଆ ପଲ୍ଲୀ ସାହିତ୍ୟ ସମିତି ସେ ସମୟରେ ସାହିତ୍ୟିକମାନଙ୍କ ପାଇଁ ଥିଲା ମୁଖ୍ୟ ଆକର୍ଷଣ, ଖୁବ୍ ପ୍ରେରଣା ପାଇଥିଲୁ । ସାହିତ୍ୟ ପ୍ରତି ଆଗ୍ରହ ବଢ଼ିଥିଲା ଏବଂ ସେଇ ଅନୁଷ୍ଠାନ ଆନୁକୂଲ୍ୟରେ ଯେଉଁ କବିତାଟି ପତ୍ରିକା ପ୍ରକାଶ ପାଇଥିଲା ତନ୍ମଧ୍ୟରୁ 'ସୁଜଳା ସୁଫଳା' ୧୯୭୬ର ସମ୍ପାଦକ ମୁଁ ଥିଲି । ପତ୍ରିକାଟି ମାତ୍ର ଗୋଟେ ସଂଖ୍ୟା ପରେ ବନ୍ଦ ହୋଇଯାଇଥିଲା ସତ କିନ୍ତୁ ମୋର ଆଗ୍ରହ କମିନଥିଲା ।

ଇତ୍ୟବସରରେ ଆଳିରେ ପ୍ରେସ୍‌ଟି ଖୋଲିଲା ଶ୍ରୀକୃଷ୍ଣ ପ୍ରକାଶନୀ, ଏବଂ ସୌଭାଗ୍ୟ ତା'ର ମାଲିକ ଥିଲେ ସଚ୍ଚା ସାହିତ୍ୟ ପ୍ରେମୀ । ଦିନେ ସନ୍ଧ୍ୟାରେ ସେ ମତେ ଡ଼ାକି ପ୍ରସ୍ତାବ ଦେଲେ - ଆଳିରୁ ଗୋଟେ ସାହିତ୍ୟ ପତ୍ରିକା ପ୍ରକାଶ କରାଯାଉ ।

୧୯୮୨ରେ ଆମେ କେତେଜଣ ସାହିତ୍ୟପ୍ରେମୀଙ୍କ ଉଦ୍ୟମ ଯୋଗୁଁ ପ୍ରକାଶ ପାଇଥିବା ସାହିତ୍ୟପତ୍ର - ପରାଗ । ପ୍ରଥମ ସଂଖ୍ୟାଟି ଏକ ହଜାର କପି ଛପାଯାଇଥିଲା ଏବଂ ମାତ୍ର ଦୁଇଟି ସପ୍ତାହ ମଧ୍ୟରେ ସେ ସବୁ ବିକ୍ରି ହୋଇପାରିଥିଲା । ଏହା ମୋତେ ବିମୁଗ୍ଧ କରିଥିଲା । କାରଣଟା ଦେଖିବାକୁ ଗଲେ - ଏଥିରେ ନବପ୍ରତିଭାମାନଙ୍କୁ ସୁଯୋଗ ଦିଆଯାଇଥିଲା ଓ ଲେଖା ଚୟନ ମଧ୍ୟ ନିରପେକ୍ଷ ଥିଲା ।

ଆକାଶରେ ମେଘ ବାଦଲ ଓହଳି ଆସିଲେ ବିଜୁଳି ଘଡ଼ଘଡ଼ି ପ୍ରାଦୁର୍ଭାବ ବୃଦ୍ଧି ପାଇବା ଭଳି - ପରାଗର ଲୋକପ୍ରିୟତା ମୋର ସାହିତ୍ୟିକ ଗତିପଥରେ ବାଧକ ହୋଇ ଠିଆ ହେଲା । କେତେକ ଈର୍ଷାଳୁ ବନ୍ଧୁମାନଙ୍କ ଶିକାର ହୋଇ ପାରିପାର୍ଶ୍ୱିକ ଅବଚଳନକୁ ସୁରକ୍ଷିତ ଏବଂ ସ୍ୱଚ୍ଛ, ନିର୍ମଳ ରଖିବା ପାଇଁ କ୍ରମାଗତ ପାଞ୍ଚଟି ସଂଖ୍ୟା ପରେ ମୁଁ 'ପରାଗ' ପତ୍ରିକାର ସର୍ବସ୍ୱ ନିଜେ ଗଢ଼ିଥିବା ପରାଗ ସାହିତ୍ୟ ସଂସଦ ହାତରେ ସମର୍ପି ଦେଇ ହାତ ଖୋଲା କରି ବାହୁଡ଼ି ଆସିଲି ।

ଅବଶ୍ୟ ଏ ଘଟଣାର କେତେ ଦିନ ପରେ ଆଳିର କେତେକ ଉତ୍ସାହୀ ଯୁବକ ମତେ ଟାଣି ଓଟାରି ନେଇ ଅନ୍ୟ ଏକ ପତ୍ରିକାର ଶୁଭାରମ୍ଭ କରିଥିଲେ - ପ୍ରବାହ - ୧୯୮୪ । କିନ୍ତୁ ଆଗ୍ରହ ନ ଥିବାରୁ ତାହା ମଧ୍ୟ ଗୋଟେ ସଂଖ୍ୟା ପରେ ବନ୍ଦ ହୋଇଯାଇଥିଲା ।

ସାହିତ୍ୟ ପ୍ରତି ମୋର ବିରକ୍ତି ଭାବ ଆସି ନଥିଲା ବରଂ ମୁଁ ଅନେକ ସମୟରେ ଆଶ୍ଚର୍ଯ୍ୟ ହୁଏ - ସାହିତ୍ୟ ହେଉଛି ମୋ ବିଚାରରେ ଗୋଟେ ପାରାବାର । ସେ ପାରାବାରର

Digitized by srujanika@gmail.com

ବିଶାଳତାକୁ ଆଦୌ ବୁଝି ନଥିବା ଲୋକେ ମୋତେ ବିରୋଧ କରୁଥିଲେ ଏବଂ ଏହାକୁ ଅଂଶିକ ଆପଣେଇଥିବା ଯୁବକମାନେ ମଧ୍ୟ ମୋ ସାମ୍ନାରେ ଠିଆ ହୋଇ ଚିତ୍କାର କରୁଥିଲେ - ଆମେ ଯୋଗ୍ୟ, ବାଟ ଛାଡ଼ିଦିଅ ।

ଏପରି ଗୋଟେ ତିରୋଟ ସମୟରେ ମୋ ପାଇଁ ଖୁସି ଆଣିଦେଇଥିଲା ଅଦ୍ୱୈତ ମହାନ୍ତିଙ୍କର ବଉଳବେଣୀର ବିଶେଷ ସଂଖ୍ୟା । କେବଳ ସମ୍ପାଦନାକୁ ବାଦ୍ ଦେଲେ ଉକ୍ତ ସଖ୍ୟାଟିର ସମସ୍ତ ଦାୟିତ୍ୱ ମୁଁ ନେଇଥିଲି ।

ମୋର ସୌଭାଗ୍ୟ - ଦୀର୍ଘ ସମୟ ଧରି କଟକରେ ରହିବା ଫଳରେ ମୋର ପ୍ରଥମ ଗଳ୍ପ ସଙ୍କଳନ - ପାନ୍ଥଶାଳା ୧ ୯ ୮ ୫, ଉତ୍କଳିକା ବାଙ୍କାବଜାର ପ୍ରକାଶ କରିଥିଲା । ଏଠାରେ କହିରଖେ ମୋର ବନ୍ଧୁ, ଶୁଭେଚ୍ଛୁ ଶ୍ରୀକୃଷ୍ଣ ପ୍ରେସ୍‌ର ମାଲିକ ଶ୍ରୀ ଅନାମ ଚରଣ ସାମଲ ମୋର ତୃତୀୟ ଉପନ୍ୟାସ - ଲୋକ ପରଲୋକ - ୧ ୯ ୮ ୨ ନିଜେ ପ୍ରକାଶ କରିଥିଲେ ତାହା ପୂର୍ବରୁ ମୋର ଦୁଇଟି ଉପନ୍ୟାସ - ପ୍ରୀତିକାହାଣୀ ୧ ୯ ୮ ୦ - ମେଘମାଳ ପବ୍ଲିକେଶନ୍ସ ଓ ମଧୁମଦିରା ୧ ୯ ୮ ୧ କୋହିନୂର ପ୍ରକାଶନୀ - କଟକଦ୍ୱାରା ପ୍ରକାଶ ପାଇ ସାରିଥିଲା ।

ବାସ୍ତବରେ ୧ ୯ ୮ ୫ ମସିହା ଥିଲା ମୋ ପାଇଁ ଗର୍ବ ଓ ଗୌରବର ବର୍ଷ । ସେହି ବର୍ଷ ମତେ ଶ୍ରାବଣୀ ସାହିତ୍ୟ ସଂସଦ କେନ୍ଦ୍ରାପଡ଼ା ତରଫରୁ ସାହିତ୍ୟିକ ସ୍ୱୀକୃତି ଗାଳ୍ପିକ ଭାବେ ସମ୍ମାନ ମିଳିଥିଲା । ସେମାନଙ୍କ ପାଖରେ ମୁଁ କୃତଜ୍ଞ ।

କିନ୍ତୁ ଦୁର୍ଭାଗ୍ୟ ମୋର ପିଛା ଛାଡ଼ିନଥିଲା - ବାପାଙ୍କର ଦେହାନ୍ତ ତଥା ପାରିବାରିକ ଦୁଃସ୍ଥିତି ମତେ ବାଟବଣା କରି ଦେଇଥିଲା । ମୋର ପିଲାମାନେ ସେତେବେଳେ, କଲେଜ ଓ ହାଇସ୍କୁଲ୍‌ରେ ପଢୁଥିଲେ । ଅର୍ଥ ଚିନ୍ତା - ମାରାତ୍ମକ । ବାପାଙ୍କ ପରାମର୍ଶରେ କୋ-ଅପରେଟିଭ୍ ଭୁବନେଶ୍ୱରରେ ସାତବର୍ଷ ଚାକିରୀ କଲା ପରେ ଘରର ରକ୍ଷଣାବେକ୍ଷଣ ପାଇଁ ମତେ ମାସିକ ଛଅଶହ ଟଙ୍କାର ଚାକିରୀ ଛାଡ଼ି ଆସିବାକୁ ପଡ଼ିଥିଲା । ତାଙ୍କର ଅବର୍ତ୍ତମନରେ ପରିବାରର ସବୁ ଅଭିଶାପ ଯେପରି ମୋ ଉପରେ ଅଜାଡ଼ି ହୋଇପଡ଼ିଥିଲା ।

ସାହିତ୍ୟରୁ ସନ୍ୟାସ ନେଲି । ଅର୍ଥ ଉପାର୍ଜ୍ଜନ ଚିନ୍ତାରେ ନିମଗ୍ନ ରହିଲି । ଆଳିର କେତେକ ବନ୍ଧୁଙ୍କ ସୁପରାମର୍ଶରେ ଆଳି ବଜାରରେ ଦୋକାନଟି କଲି - ତଥାପି ସାହିତ୍ୟ ଝୁଙ୍କ ଛାଡ଼ିନଥାଏ । ଦୋକାନର ନାମଟି ଦେଲି ମୈତ୍ରୀ ପ୍ରକାଶନୀ । କିନ୍ତୁ ମୋର କୌଣସି ବନ୍ଧୁ ପ୍ରକାଶନ କ୍ଷେତ୍ରରେ ସାହାଯ୍ୟ ସହଯୋଗ ନ କରିବାରୁ ତାହା ଶେଷପର୍ଯ୍ୟନ୍ତ ରହିଗଲା କେବଳ ମୈତ୍ରୀ ବୁକ୍ ଷ୍ଟୋର୍ ଭାବରେ ।

ଦୀର୍ଘ ଆଠଟି ବର୍ଷ । ଅଧାଯୁଗ କୁହାଯାଇପାରେ, ୧୯୯୦ରୁ ୧୯୯୮ । ସାହିତ୍ୟ-ଲେଖାଲେଖି ବା ପତ୍ରପତ୍ରିକା କଥା ସମ୍ପୂର୍ଣ୍ଣ ଭୁଲିଗଲି ।

Digitized by srujanika@gmail.com

ମୋର ଆଜି ସ୍ପଷ୍ଟ ମନେ ଅଛି - ମୋର ଦୁଃଖଦ ସମୟରେ ମୋର ଅନୁଜ ପ୍ରତିମତାଇ ଅତୁଳବଳ ଖଣ୍ଡେ ପୋଷ୍ଟକାର୍ଡ଼ ଚିଠି ପଠାଇଥିଲେ ମୋ ଠିକଣାରେ । ସେ ଲେଖିଥିଲେ - ଆମ ଅଞ୍ଚଳର ଲେଖକମାନଙ୍କ ଲେଖାକୁ ମୁଁ ଅଗ୍ରାଧିକାର ଭିତ୍ତିରେ ପଢ଼ିଥାଏ, ଖୁସି ହୁଏ ମଧ୍ୟ । ଆପଣମାନେ ଯଦି ନ ଲେଖି ଏପରି ନୀରବ ରହିବେ ସବୁଠୁ ଆମେ ବେଶୀ ଦୁଃଖିତ ହେବୁ ।

ଅବଶ୍ୟ ଉପଦେଶଟି ଡାଇରିଆ ରୋଗୀକୁ ସାଲାଇନ୍ ଭଳି ଜଣାପଡ଼ିଥିଲା ମତେ । କେବଳ ଅତୁଲ ନୁହେଁ ଅନେକ ବନ୍ଧୁଙ୍କ ଏ ସମ୍ପର୍କିତ ଚିଠି ମୁଁ ପାଇଥିଲି ।

ଆସ୍ତେ ପାଦ ଉଠାଇ ଠିଆ ହେଲି । ଗଳ୍ପର ଚେହେରାକୁ ଦେଖିଲି । ରଙ୍ଗଢଙ୍ଗ ତଉଲିବାକୁ କେବଳ ସଂଖ୍ୟାଧିକ ପତ୍ରପତ୍ରିକା ପଢ଼ିବାକୁ ଆରମ୍ଭ କଲି ।

ଆଳିର ପ୍ରଥମ ପୁସ୍ତକ ମେଳା ମୋର ଭାଗ୍ୟର ପରିବର୍ତ୍ତନ ଆଣି ଦେଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଦିନେ ସକାଳେ ପାଇନ୍‌ବୁକ୍ସର ମାଲିକ - କନିଷ୍କବାବୁ ଏବଂ ଚିତ୍ରୋତ୍ପଳା ପବ୍ଲିକେଶନ୍ସର ମାଲିକ - ସଦାଶିବ ଦାଶ ଆମ ଘରେ ପହଞ୍ଚି ପୁସ୍ତକମେଳାକୁ ସହଯୋଗ କରିବା ପାଇଁ କହିଥିଲେ । ପୁସ୍ତକମେଳାର ଶେଷ ସନ୍ଧ୍ୟାରେ କନିଷ୍କବାବୁ ମତେ କହିଲେ - କାଳିନ୍ଦୀବାବୁ ଆପଣଙ୍କ ଗଳ୍ପର ପାଣ୍ଡୁଲିପିଟି ଦିଅନ୍ତୁ, ମୁଁ ଗୋଟେ ସଙ୍କଳନ କରିବି ।

ସାହିତ୍ୟକ୍ଷେତ୍ରରେ ମୋର ଦ୍ୱିତୀୟ ଇନିଙ୍ଗ୍‌ସଟା ଅତି ସୁଖପ୍ରଦ ହୋଇଥିଲା ମୋ ପାଇଁ । ମୁଁ ଏ ଯାବତ୍ କେବେ ବି ପଛକୁ ଫେରିଚାହିଁ ନାହିଁ ।

୧ମ ଗଳ୍ପ ସଙ୍କଳନ - ପାନ୍ଥଶାଳା - ଉତ୍କଳିକା, କଟକ, ୧୯୮୫
୨ୟ ଗଳ୍ପ ସଙ୍କଳନ - ପ୍ରଳୟ - ପାଇନ୍ ବୁକ୍ସ - କଟକ-୨୦୦୦
୩ୟ ଗଳ୍ପ ସଙ୍କଳନ - ଗଡ଼ିଗଲା ବୟସର ଦୁଃଖ - ଚିତ୍ରୋତ୍ପଳା, ସାଲେପୁର-୨୦୦୪
୪ର୍ଥ ଗଳ୍ପ ସଙ୍କଳନ - ରାତି ପାହି ନାହିଁ - ପାଇନ୍ ବୁକ୍ସ - କଟକ-୨୦୦୭
୫ମ ଗଳ୍ପ ସଙ୍କଳନ - ବିଷାଦ ଋତୁ - ଖୁସି ପ୍ରକାଶନୀ - କଟକ-୨୦୦୮
୬ଷ୍ଠ ଗଳ୍ପ ସଙ୍କଳନ - ବାଘ ମାତିଛି - କେନ୍ଦ୍ରାପଡ଼ା ସାହିତ୍ୟ ପରିଷଦ-୨୦୦୯
୭ମ ଗଳ୍ପ ସଙ୍କଳନ - ଖୋଲାଦର୍ଜା - ବିଶ୍ୱ ମୁକ୍ତି - ଭୁବନେଶ୍ୱର-୨୦୧୦
୮ମ ଗଳ୍ପ ସଙ୍କଳନ - ସୁଖ (ଯନ୍ତ୍ରସ୍ଥ) ପାଇନ୍ ବୁକ୍ସ - କଟକ
୯ମ ଗଳ୍ପ ସଙ୍କଳନ - ଛାଇ (ଯନ୍ତ୍ରସ୍ଥ) - ପ୍ରଗତି - ଯାଜପୁର-୧

ଉପନ୍ୟାସ

୧ମ ଉପନ୍ୟାସ - ପ୍ରୀତିକାହାଣୀ - ମେଘମାଳା ପବ୍ଲିକେସନ୍ - କଟକ-୧୯୮୦
୨ୟ ଉପନ୍ୟାସ - ମଧୁମନ୍ଦିରା - କୋହିନୂର ପ୍ରକାଶନୀ - କଟକ-୧୯୮୧

Digitized by srujanika@gmail.com

୩ୟ ଉପନ୍ୟାସ - ଲୋକପରଲୋକ - ଶ୍ରୀକୃଷ୍ଣ ପ୍ରକାଶନୀ - ଆଳି-୧୯୮୨

୪ର୍ଥ ଉପନ୍ୟାସ - ଫାଶ - ଉତ୍କଳ ଶିକ୍ଷା ସଂସଦ - କୋଲକତା-୨୦୧୧

୫ମ ଉପନ୍ୟାସ - ମାଟିମଠ (ଯନ୍ତ୍ରସ୍ଥ) - ଉତ୍କଳୀୟ ମିଳିତ ମଞ୍ଚ, କୋଲକତା

ସତୁରୀ ଦଶକରୁ ଏଯାବତ ଓଡ଼ିଆ କଥା ସାହିତ୍ୟରେ ବହୁ ଉତ୍ଥାନ ପତନର ସାମ୍ନା କରି ମୁଁ ଆଜି ଏଠାରେ ଠିଆ ହୋଇଛି । ଓଡ଼ିଶାର ଯେଉଁ କେତେଜଣ ସୁନାମଧନ୍ୟ ପତ୍ରିକା ସମ୍ପାଦକ, ଲେଖକମାନଙ୍କୁ ବିଭିନ୍ନ କ୍ଷେତ୍ରରେ ପ୍ରେରଣା ଦେବା ସହ ପୃଷ୍ଠପୋଷକତା ଦେଇ ଆସିଛନ୍ତି ସେମାନଙ୍କ ମଧ୍ୟରୁ ମୋ ଲେଖକୀୟ ଜୀବନର ମାର୍ଗ ଦର୍ଶକ ଭାବେ ଅବଶ୍ୟ ସ୍ମରଣୀୟ ରହିବେ - ସୌରଭର ସମ୍ପାଦିକା - ଶ୍ରୀମତୀ ବୀଣା ମହାପାତ୍ର, ଜୀବନରଙ୍ଗର ସମ୍ପାଦକ - ଶ୍ରୀ ରଣଧୀର ଦାସ, ମାନସର ସମ୍ପାଦକ - ଡଃ କୃଷ୍ଣ ପ୍ରସାଦ ମିଶ୍ର, ଅଧୁନାର ସମ୍ପାଦକ - ଡଃ ପ୍ରଫୁଲ୍ଲ ରଥ ଓ ରଘୁନାଥ ମହାପାତ୍ର ଏବଂ ବନ୍ଧୁ ପଦ୍ମଜପାଳଙ୍କର ମୋ ପ୍ରତି ଅବଦାନ ମଧ କମ୍ ନୁହେଁ ।

ଆଳି ପରି ଏକ ଉପାନ୍ତ ଅଞ୍ଚଳରେ ଥାଇ ମଧ ସାହିତ୍ୟ ପତ୍ରିକା ସମ୍ପାଦନା କ୍ଷେତ୍ରରେ ବହୁବାଧା ପ୍ରତିବନ୍ଧକ ଦେଇ ସୃଷ୍ଟିଶୀଳତା ବଞ୍ଚାଇବା ଯେ କେତେ କଷ୍ଟ ତାହା ମୋ ପରି ଅଙ୍ଗେ ଲିଭାଇଥିବା ଲୋକ ହିଁ କରିପାରିବ । ନଦ-ନଦୀ ଘେରା ତଥା ଗମନାଗମନର ଆଦୌ ସୁବିଧା ନ ଥିବା ଏ ଅଞ୍ଚଳରୁ ସେତେବେଳେ ପତ୍ରିକା ସମ୍ପାଦନା ଖୁବ୍ ଦୂରୁହ ଥିଲେ ସୁଦ୍ଧା ଏକାଗ୍ର ସାଧନା ନିକଟରେ ତାହା ସମ୍ଭବ ହୋଇପାରିଛି ।

ଆଜି ମୁଁ ମୁକ୍ତ କଣ୍ଠରେ କହୁଛି - ସାହିତ୍ୟ ମତେ ଢେର ସମ୍ମାନ ଦେଇଛି, ଆଦର କରିଛି, ପାରିବାରିକ ଶୃଙ୍ଖଳା ଆଣିଦେଇଛି । ମୋ ପ୍ରେରଣାରେ ଉଦ୍‌ବୃତ୍ତ ହୋଇ ମୋ ବଡ଼ ପୁଅ ଅଜୟ କଲିକତାରୁ ବାହାରିଥିବା ସାହିତ୍ୟପତ୍ରିକା-ପ୍ରତିବେଶୀ ଅନୁଷ୍ଠାନ ସହିତ ସଂଶ୍ଳିଷ୍ଟ ଏବଂ ଜଣେ ନିରପେକ୍ଷ ପାଠକ । ମୋର ବଡ଼ବୋହୂ ମମତା ମୋର ଜଣେ ସଚ୍ଚା ପାଠକ । ପ୍ରତିଗଳ୍ପ ପଢ଼ି ସାରି ସେ ମତାମତ ଦେଇଥାଏ ଓ କୌଣସି ଅନୁଷ୍ଠାନ ତରଫରୁ ମୁଁ ସମ୍ମାନୀତ ହେଲେ ସେ ଆନ୍ତରିକତା ପ୍ରକାଶ କରିଥାଏ । ମତେ ବେଶୀ ଖୁସି ଦିଏ ପୁଅ-ବୋହୂଙ୍କର କେତୋଟି କାବ୍ୟ ଯଥା:- ମୋ ବାପା ଜଣେ ପ୍ରତିଷ୍ଠିତ ଗାଳ୍ପିକ, ଅମୁକ, ଅମୁକ ଅନୁଷ୍ଠାନରୁ ସେ ସମ୍ମାନୀତ ହୋଇଛନ୍ତି ଇତ୍ୟାଦି ।

କହି ରଖୁଛି, ୨୦୦୮ ମସିହା କଥା । ମୋର ଅସୁସ୍ଥତା ପାଇଁ ମୁଁ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥାଏ । କେତେକ ସାହିତ୍ୟିକ ବନ୍ଧୁ ମତେ ସାକ୍ଷାତ କରିବା ପାଇଁ ମେଡ଼ିକାଲ ଗଲେ, ସେମାନେ ଦେଖିଲେ - ମୁଁ ଆରାମ୍‌ରେ ଶୋଇ ଗଳ୍ପ ଲେଖୁଛି । ସେମାନେ ଆଶ୍ଚର୍ଯ୍ୟ ହେଲେ । କହିଲେ - ଆପଣ ପରା ଅସୁସ୍ଥ ଥିଲେ ।

ମୁଁ ହସି ହସି ଉତ୍ତର ଦେଲି - ସାହିତ୍ୟ ମୋ ଜୀବନ ମୁଁ ତାକୁ ଛାଡ଼ି ବଞ୍ଚିପାରିବି ନାହିଁ । ଯୋଉଦିନ ମୁଁ ମେଡ଼ିକାଲ୍‌ରେ ଆଡ୍‌ମିସନ୍ ନେଲି, ରାତିସାରା ଅନିଦ୍ରା ରହି ଗୋଟେ

Digitized by srujanika@gmail.com

ନୂତନ ଚିନ୍ତାଧାରାକୁ ଜନ୍ମ ଦେଇଥିଲି । ତା'ପରେ ମୁଁ ଅନୁଭବ କଲି, ମୁଁ ପୁରାପୁରି ସୁସ୍ଥ । ଏହା ଈଶ୍ୱରଙ୍କର ଚମତ୍କାରିତା ବୋଲି ମୁଁ ଭାବି ନେଇଛି ।

ସେଇ ମେଡ଼ିକାଲ୍ ବେଡ୍‌ରେ ଥାଇ ଲେଖିଥିବା 'ଖୋଲାଦର୍ଜା' ଗଳ୍ପଟି ପରବର୍ତ୍ତି ସମୟରେ 'ବନଫୁଲ' ସାହିତ୍ୟ ପତ୍ରିକାର ପୂଜାସଂଖ୍ୟାରେ ସ୍ଥାନିତ ହୋଇଥିଲା । ନିହାତି ଚର୍ଚ୍ଚିତ ଗଳ୍ପ । ଗଳ୍ପଟି ସମ୍ପର୍କରେ ଅନେକ ଚିଠି ଓ ଫୋନ ପାଇଛି । ସେଇ ସୁନ୍ଦରଗଳ୍ପଟିକୁ ନେଇ ମୋର ଗଳ୍ପ ସଙ୍କଳନ - ଖୋଲା ଦର୍ଜା ଏବଂ ସେଇ ଗଳ୍ପଟିର ପାଠକୀୟ ସ୍ୱୀକୃତି ମତେ ସୁସ୍ଥତା ଆଣି ଦେଇଥିବାରୁ ମୁଁ ମୋର ବିଲଡିଙ୍ଗ - ତୁଳସୀ ମାର୍କେଟ୍ କମ୍ପ୍ଲେକ୍ସର ଗୋଟେ ଘର ଖୋଲାଦର୍ଜା ନାମରେ ନାମିତ କରିଛି ଏବଂ ତାହା କେତେକ ସାହିତ୍ୟିକ ବନ୍ଧୁଙ୍କଦ୍ୱାରା ଉଦ୍‌ଘାଟିତ ହୋଇସାରିଛି ।

ମୋ ପିଲାମାନଙ୍କଠାରୁ ମୁଁ ଆଶା ରଖୁଛି - ସେଇ ଖୋଲଦର୍ଜା ଘରଟିକୁ ସେମାନେ ସାହିତ୍ୟିକମାନଙ୍କର ବୈଠକଖାନା ଏବଂ ପାଠାଗାରଟିଏ କରି ଗଢ଼ି ତୋଳିବେ ।

ମୋର ନିଜ ଗଳ୍ପ ସମ୍ପର୍କରେ ମନେ ପଡ଼ିଲେ ପ୍ରଥମେ ମନକୁ ଛୁଏଁ 'ଇସ୍ତାହାର' ସାହିତ୍ୟ ପତ୍ରିକାରେ ପ୍ରକାଶିତ ଗଳ୍ପଭାବକୁ ନିକଟ, ଯାହାକି ଗୋଟେ ଗାଈ ସମ୍ପର୍କରେ । ମୋ ମତରେ ଗଳ୍ପଟି ଖୁବ୍ ଭଲ ହୋଇଥିଲା ଏବଂ ସମ୍ପାଦକ ଡକ୍ଟର ନିତ୍ୟାନନ୍ଦ ଶତପଥୀ ମଧ୍ୟ ଉକ୍ତ ଗଳ୍ପଟିକୁ ପସନ୍ଦ କରିଥିଲେ ।

ପରେ ଉକ୍ତ ଗଳ୍ପ ସମ୍ପର୍କରେ ମୁଁ ଚିଠିଟି ପାଇଲି ମନୋନୀତ କମିଟି ତରଫରୁ ଯେ ଅଷ୍ଟମ ଶ୍ରେଣୀ ଅତିରିକ୍ତ ସାହିତ୍ୟ ପାଇଁ ମୋର ଉକ୍ତ ଗଳ୍ପଟି ମନୋନୀତ ହୋଇଛି । ସେମାନେ ମୋର ବାୟୋଡ଼ାଟା ଚାହୁଁଛନ୍ତି ।

ଦୁଃଖର ସହିତ କହିବାକୁ ପଡୁଛି ଉକ୍ତ ଗଳ୍ପଟି କେତେକ ନ୍ୟସ୍ତସ୍ୱାର୍ଥ ବନ୍ଧୁଙ୍କର ହୀନ ଚକ୍ରାନ୍ତ ଯୋଗୁଁ ପ୍ରେସ୍ କମିଟିରେ ନାକଚ ହୋଇଯାଇଥିଲା ।

ପରବର୍ଷ ଡକ୍ଟର ବାସୁଦେବ ଦାସ କମିଟିର ସଦସ୍ୟ ଥିଲେ । ସେ ମୋର ଉକ୍ତ ଗଳ୍ପଟିକୁ ପୁଣିଥରେ ବିଚାର ପାଇଁ ଆଣିଥିଲେ, କିନ୍ତୁ ମୋର ଏକାନ୍ତର, ଅତିଆତ୍ମୀୟ ବନ୍ଧୁ ଅଦ୍ୱୈତ ମହାନ୍ତିଙ୍କର ମା' ନାଟକଟି ପ୍ରତିଯୋଗିତା ମଧ୍ୟକୁ ଆସିଯାଇଥିଲା । ଏକଥା ବନ୍ଧୁ ବାସୁବାବୁଙ୍କଠାରୁ ଶୁଣିବା ପରେ ମୁଁ ନିଜକୁ ଦୂରେଇ ନେଇଥିଲି । ଫଳତଃ ମା' ନାଟକଟି ସ୍ଥାନିତ ହୋଇଥିଲା ଅତିରିକ୍ତ ପାଠ୍ୟ ପୁସ୍ତକରେ ।

ଅନ୍ୟ ଏକ ଘଟଣା ମତେ ବେଳେ ବେଳେ ଚମତ୍କୃତ କରେ । ରାଉରକେଲାରୁ ପ୍ରକାଶ ପାଇଥିବା ସାହିତ୍ୟ ପତ୍ରିକା 'ନବପତ୍ର' ପାଇଁ ତତ୍‌କାଳୀନ ସମ୍ପାଦକ ରଜନୀକାନ୍ତ ଦାସ ମୋଠାରୁ ଗଳ୍ପଟି ମାଗିନେଇଥିଲେ । ଗଳ୍ପଟି ଥିଲା ଅନାହାର ମୃତ୍ୟୁ ସମ୍ପର୍କରେ - ପେଟ ।

Digitized by srujanika@gmail.com

ଠିକ୍ ଗୋଟେ ସପ୍ତାହ ପରେ ମୁଁ ରେଜିଷ୍ଟ୍ରି ଡ଼ାକରେ ଚିଠିଟି ପାଇଲି ସମ୍ପାଦକଙ୍କଠାରୁ । ସେ ମୋ ଗଳ୍ପର ୧୨/୧୪ ଲାଇନ୍ ଏପଟ ସେପଟ କରିବାକୁ ଚାହୁଁଛନ୍ତି ଏବଂ କ'ଣ ଲେଖାଯିବ ତାହା ସେ ଗୋଟେ କାଗଜରେ ଲେଖି ଦେଇଛନ୍ତି । ବିଶେଷ କରି ଗଳ୍ପରେ ଥିବା ନାରୀ ଚରିତ୍ର ସମ୍ପର୍କରେ ।

ସଂଯୋଗ ଗଳ୍ପଟି 'ନବପତ୍ର'କୁ ପଠାଇଲାବେଳେ ସମ୍ପୂର୍ଣ୍ଣ ଗଳ୍ପଟି ପଢ଼ିଥିଲେ ମୋର ଆତ୍ମୀୟ ସୁଶିଶୁ ସାହିତ୍ୟିକ ସ୍ୱର୍ଗତ - ରାଜୁ ପଢ଼ିହାରୀ ଏବଂ ରେଜିଷ୍ଟ୍ରି ଚିଠିଟି ମଧ୍ୟ ସେ ପ୍ରଥମେ ଖୋଲି ପଢ଼ିଥିଲେ । ତତ୍‌କ୍ଷଣାତ୍ ଉତ୍ତର କଲା - ଅଜା ! ଗଳ୍ପଟି ଯାହା ଅଛି ଠିକ୍ ଅଛି, ତାଙ୍କୁ କୁହ ଇଚ୍ଛା ଥିଲେ ଛାଡ଼ନ୍ତୁ ନଚେତ୍ ନାହିଁ ।

ମୋର ଉତ୍ତର ପାଇବା ପରେ ସମ୍ପାଦକ ପୁଣିଥରେ ରେଜିଷ୍ଟ୍ରୀ ଚିଠି ମାଧ୍ୟମରେ ଜଣାଇଥିଲେ - ଏପରି ସୁନ୍ଦର ଗଳ୍ପଟିକୁ ତ ହାତଛଡ଼ା କରି ହେବ ନାହିଁ ତେବେ ଚରିତ୍ର ଉପରେ ମୁଁ ୪/୫ ଲାଇନ୍ ସଂଯୋଗ କରୁଛି ।

ସମ୍ପାଦକଙ୍କ ନିଷ୍ଠା ପାଇଁ ମୁଁ ତାଙ୍କୁ ସାଧୁବାଦ ଜଣାଇଥିଲି । ତିରିଶ୍ ଟଙ୍କା ଖର୍ଚ୍ଚ କରି ଦୁଇଥର ରେଜିଷ୍ଟ୍ରୀ ଚିଠି ଡାକରେ ପଠାଇଥିଲେ । ଏପରି ମହନୀୟତା ଓ ଲେଖକଙ୍କୁ ଆପଣେଇବାର ଭାବ ଖୁବ୍ କ୍ୱଚିତ ସମ୍ପାଦକମାନଙ୍କଠାରେ ଦେଖିବାକୁ ମିଳିଥାଏ ।

ଅଦ୍ୟାବଧି ମୋର ତିନିଶହରୁ ଊର୍ଦ୍ଧ୍ୱ ଗଳ୍ପରେ ବିଶେଷ କରି ନିମ୍ନବର୍ଗର ଦାରିଦ୍ର୍ୟ, ଅଭାବ-ଅନଟନ, ଦୁଃଖ ଦୈନ୍ୟ, ଯନ୍ତ୍ରଣା, ଜୀବନଯାତନାର ଚିତ୍ର ଦେଖିବାକୁ ମିଳେ । ମୁଁ ଖୁବ୍ କମ୍ ଗଳ୍ପ ଲେଖିଛି - ମାନବେତର ଚରିତ୍ର ପଶୁପକ୍ଷୀମାନଙ୍କ ସମ୍ପର୍କରେ ଏବଂ ହାତଗଣତି ମାତ୍ର କେତୋଟି ଗଳ୍ପ ମଧ୍ୟବିତ୍ତମାନଙ୍କ ସମସ୍ୟାକୁ ନେଇ ।

ମୋର ସାହିତ୍ୟ ସାଧନାକୁ ସମ୍ମାନ ଦେଇ ବହୁ ଅନୁଷ୍ଠାନ ମତେ ସମ୍ମାନୀତ କରିଥିବାରୁ ମୁଁ ସେମାନଙ୍କ ପାଖରେ କୃତଜ୍ଞ ।

ପ୍ରବାସୀ ଗୌରବ ସମ୍ମାନ - ଉତ୍କଳୀୟ ମିଳିତ ମଞ୍ଚ, କୋଲକତା
ତୁଳସୀ ସମ୍ମାନ - କେନ୍ଦ୍ରାପଡ଼ା ସାହିତ୍ୟ ପରିଷଦ, କେନ୍ଦ୍ରାପଡ଼ା
ସାହିତ୍ୟ ସାରଥି ସମ୍ମାନ - ଶରତ ଦେବ ସ୍ମୃତି କମିଟି, ଆଳି
ଜିଲ୍ଲା ସାହିତ୍ୟ ସମ୍ମାନ - କେନ୍ଦ୍ରାପଡ଼ା ସାହିତ୍ୟ ସଂସଦ, କେନ୍ଦ୍ରାପଡ଼ା
ଗୋକର୍ଣ୍ଣିକା ସମ୍ମାନ - ଜାରକା - ଯାଜପୁର
ମନସ୍ୱିନୀ ସମ୍ମାନ - ପାରାଦୀପ
କେମ୍ ପ୍ରତିଭା ସମ୍ମାନ - କେନ୍ଦ୍ରାପଡ଼ା
ପରାଗ ସମ୍ମାନ - ଆଳି, କେନ୍ଦ୍ରାପଡ଼ା
ଶ୍ରାବଣୀ ସାହିତ୍ୟ ସମ୍ମାନ - କେନ୍ଦ୍ରାପଡ଼ା

Digitized by srujanika@gmail.com

ସ୍ମୃତି ସାରସ୍ୱତ ସମ୍ମାନ - ଇସ୍ପାତ ସାହିତ୍ୟ ସଂସଦ, ରାଉରକେଲା
ଶୈଳଜା ସମ୍ମାନ - ଆଳି, କେନ୍ଦ୍ରାପଡ଼ା
ଡା. ଦିବାକର ସମ୍ମାନ - ଆଳି, କେନ୍ଦ୍ରାପଡ଼ା
ଜଗବନ୍ଧୁ ସମ୍ମାନ - ଆଳି, କେନ୍ଦ୍ରାପଡ଼ା
ତହସିଲ ଲକ୍ଷ୍ମୀ ନାରାୟଣ ପୂଜା କମିଟି ସମ୍ମାନ - ଆଳି, କେନ୍ଦ୍ରାପଡ଼ା

ପରିଶେଷରେ ଏତିକି କହୁଛି - ଦୀର୍ଘ ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱ ଅନୁଭୂତି ସଂକ୍ଷେପରେ କୁହାଯାଇପାରେନା । ବର୍ତ୍ତମାନ ବିଭିନ୍ନ ରୁଚିଶୀଳ ପତ୍ରପତ୍ରିକା ପ୍ରକାଶ ପାଇବା ଅତି ସୌଭାଗ୍ୟର ବିଷୟ । ସମ୍ପ୍ରତି ନୂଆ ଅଥଚ କମ୍ ଅଭିଜ୍ଞତା ସମ୍ପନ୍ନ ସମ୍ପାଦକଙ୍କ ହାତରେ ଖୁବ୍ ଦାମୀ ଦାମୀ ପତ୍ରିକା ସମ୍ପାଦିତ ହେଲାବେଳେ ଆମ ପରି ପୁରୁଣା ଲେଖକମାନଙ୍କୁ ଯେପରି ସେମାନଙ୍କର ଗୋଟାଏ ଅଣଦେଖା ଭାବ ଖୁବ୍ କଷ୍ଟଦିଏ ।

ଦୀର୍ଘ ବର୍ଷର ଉଠାଣି-ଗଡ଼ାଣି ଇତିହାସକୁ ଯଦି ଏହି ତଥାକଥିତ ସମ୍ପାଦକମାନେ ନଜର ଆନ୍ଦାଜକୁ ଆଣନ୍ତେ ତେବେ ନିଶ୍ଚିତ ଭାବେ ଆମ କେଇଜଣଙ୍କ ପରି ଗ୍ରାମାଞ୍ଚଳରେ ରହିଥିବା ଲେଖକଙ୍କ ସାହିତ୍ୟ ପ୍ରତି ଅଙ୍ଗୀକାରକୁ ଜାଣିପାରନ୍ତେ । ମାତ୍ର ଏ ଦିଗରେ ସେମାନଙ୍କର ସ୍ପୃହା ନଥିଲା ପରି ଉପଲବ୍ଧି ହୁଏ । ଏଥିଯୋଗୁଁ ମୋ ପରି ଜଣେ କଥାଶିଳ୍ପୀ ସେମାନଙ୍କୁ କୌଣସି କ୍ଷେତ୍ରରେ ଆଦୌ ଗୁରୁତ୍ୱ ଦିଏ ନାହିଁ । ଉଭୟେ ସଂପାଦନା ଓ ବିବେଚନା କ୍ଷେତ୍ରରେ ସେମାନଙ୍କର ସ୍ୱଚ୍ଛ ଅଭିଜ୍ଞତାକୁ ପରିବୃଦ୍ଧି କରିବା ନିମନ୍ତେ ଅବଶ୍ୟ ପରାମର୍ଶ ବା ନିବେଦନ କରାଯାଇପାରେ ।

ଓଡ଼ିଆ ଗଳ୍ପର ଭବିଷ୍ୟତ ବେଶ୍ ସମ୍ଭାବନାମୟ । ଓଡ଼ିଆ ଆଧୁନିକ କଥାଶିଳ୍ପୀଙ୍କଠାରେ ମଧ୍ୟ ସ୍ପଷ୍ଟ ଗୋଟାଏ ଅନୁରାଗ ଖୁବ୍ ଆନନ୍ଦ ଦିଏ । ଗଳ୍ପରେ ପରୀକ୍ଷାନୀରିକ୍ଷାର ସୂତ୍ରପାତ ଘଟାଇ ସେମାନେ କଥା ସୃଷ୍ଟିର ପରମ୍ପରାରେ କିଛିଟା ପରିବର୍ତ୍ତନ ଆଣିପାରିବେ - ଅନ୍ତତଃ ଏ ବିଶ୍ୱାସ ରଖାଯାଇପାରେ ।

ସମ୍ପ୍ରତି କେତୋଟି ସାହିତ୍ୟପତ୍ରିକାର ସମ୍ପାଦନା ସହ ଜଡ଼ିତ ରହି ଗଳ୍ପ ରଚନାରେ ପୂର୍ବ ପରି ମଗ୍ନ । ବଞ୍ଚିଥିବା ଯାଏ, ଓଡ଼ିଆ ଗଳ୍ପରେ ଜୀବନର ଦୁଃଖ-ଦୈନ୍ୟ, ଅଭାବ-ଅନଟନ, ହତାଶ-ବ୍ୟର୍ଥତା ଓ ବିଭିଷତାର ଚିତ୍ର ଆଙ୍କୁଥିବି । ମାନବବାଦର ଜୟଗାନ କରି ସେହି ମଣିଷ ଗହଣରେ ନିଜକୁ ଆବିଷ୍କାର କରୁଥିବି ପ୍ରତି ମୁହୂର୍ତ୍ତରେ ।

Digitized by srujanika@gmail.com

ମୋ' ଜୀବନ ମୋ' ସାହିତ୍ୟ

ଡ. ନୀଳାଦ୍ରି ଭୂଷଣ ହରିଚନ୍ଦନ(୧୯୪୬)

ଅନେକଙ୍କ ମନରେ ପ୍ରଶ୍ନ ଉଠେ - ପ୍ରେମରେ ପଡ଼ି ନ ଥିବା ଜଣେ ବ୍ୟକ୍ତି ସାହିତ୍ୟ ସୃଷ୍ଟି କରିପାରେ କି ? ଯଦି ବା କିଛି ସାହିତ୍ୟ ସୃଷ୍ଟି କରେ, ତା ହୋଇପାରେ ଦାର୍ଶନିକ, ଆଧ୍ୟାତ୍ମିକ ଅଥବା ଦେଶାତ୍ମବୋଧକ । ଏଇ ଧାରଣାକୁ ଅସତ୍ୟ ବୋଲି ବି କହିହୁଏ ନାହିଁ । ଭାବେ, ହୃଦୟ ଭିତରେ ଯଦି କୌଣସି ଉଦ୍‌ବେଳନ ନ ଆସେ, ଭାବୋନ୍ମାଦନା ନ ଆସେ, ରସୋଲ୍ଲାସ ନ ଆସେ, ତେବେ କେମିତି ସୃଷ୍ଟି ହୋଇପାରିବ ସାହିତ୍ୟ, ତାହା ଯେ କୌଣସି ପ୍ରକାରର, ଯେକୌଣସି ଭାବର ସାହିତ୍ୟ ହେଉନା କାହିଁକି ? ଜଣକ ହୃଦୟରେ ଯଦି ପ୍ରେମର ଆବେଗ ନଥାଏ, ସେ କେମିତି ଭଲ ପାଇପାରିବ ମଣିଷକୁ, କେମିତି ଭଲ ପାଇପାରିବ ନିଜର ମାଟିକୁ, ଆକାଶକୁ, ବତାସକୁ ? ଦୃଶ୍ୟମାନ ପୃଥିବୀର ଅବିଶ୍ରାନ୍ତ ବର୍ଣ୍ଣିଳ ଶୋଭାଯାତ୍ରାକୁ ଅଥବା ଅଦୃଶ୍ୟ, ଅଜ୍ଞେୟର ରହସ୍ୟମୟତାକୁ ?

ଯେତେବେଳେ ଭକ୍ତକବି ମଧୁସୂଦନଙ୍କ ଆଧିଭୌତିକ କବିତାରୁ ଶୁଣିହୁଏ ହୃଦୟ ବିଦାରି ଉଠି ଆସୁଥିବା ହା ହୁତାଶ -

" ଯୁବତୀର ରକ୍ତାଧର, ରମ୍ୟଜ୍ୟୋତି ନୟନର
ସ୍ୱର୍ଣ୍ଣଘନ ସମବକ୍ଷ, ଚାରୁ ପଦ୍ମାନନ
ଇନ୍ଦ୍ରକୁ ଶୋଭା ସମ ପଳାନ୍ତି ବହନ ।"

ବଡ଼ ଅଦ୍ଭୁତ ଲାଗେ, ଜଣେ ପ୍ରେମିକ ଛଡ଼ା ଆଉ କାହାକୁ ଏତେ ବିଚଳିତ କରିପାରେ ଯୁବତୀ ଅଧରର ରକ୍ତରାଗ, ନୟନର ରମ୍ୟଜ୍ୟୋତି ? ପୁଣିଥରେ ଆହୁରି ମର୍ମଭେଦୀ ହାହୁତାଶ ଶୁଣି ହୁଏ ଦେଶଦରଦୀ କବି ଗୋବପନ୍ଧୁଙ୍କ କବିତାରୁ -

" ଶୂନ୍ୟ କୁଟୀର ମୋର ଶୂନ୍ୟ ସଦନ
ଚୁମ୍ବନ ଆଲିଙ୍ଗନ ମୋତେ ସପନ ।
କିଏ ବା ଦେବ କେବେ ପ୍ରେମ ପୀୟୂଷ
ନୀରବ ହାହାକରେ ଯିବ ଆୟୁଷ ।"

Digitized by srujanika@gmail.com

ଏଇ ଗୋଟିଏ ଗୋଟିଏ ପଦରୁ କଣ ଅନୁଭବ କରିହୁଏ ନାହିଁ 'ଋଷିପ୍ରାଣେ ଦେବାବତରଣେ' ଲେଖୁଥିବା କି 'ବନ୍ଦୀର ଆତ୍ମକଥା' ଲେଖୁଥିବା କବି-ହୃଦୟର ଗଭୀରତମ ପ୍ରଦେଶରେ ସଞ୍ଚରିତ ପ୍ରେମର ଫଲ୍‌ଗୁକୁ ?

ଜୀବନରେ ଦେଖିଛି ହୃଦୟଭରା ପ୍ରେମରେ ଉବୁଟୁବୁ ହେଉଥିବା କବିଲେଖକଙ୍କୁ ତାଙ୍କର ଏ ପ୍ରେମ କେବଳ ପ୍ରେମିକା ପାଇଁ ନୁହେଁ, ଜୀବନ ଓ ଜଗତ ପାଇଁ, ମାଟି ଓ ଆକାଶ ପାଇଁ । କିନ୍ତୁ ବେଳେ ବେଳେ ମୁଁ ବଡ଼ ମର୍ମଯନ୍ତ୍ରଣା ପାଇଛି, ଯେତେବେଳେ ଦେଖିଛି - ପ୍ରେମର କଥା କହୁଥିବା କବିଟିଏ ପ୍ରେମିକ ନୁହେଁ, ବିପ୍ଳବର କଥା କହୁଥିବା ଲେଖକଟିଏ ବିପ୍ଳବୀ ନୁହେଁ; ଆଧ୍ୟାତ୍ମିକତାର କଥା କହୁଥିବା ଲେଖକଟିଏ ଭଣ୍ଡସନ୍ନ୍ୟାସୀଟିଏ ଆଉ ମଣିଷର ଦୁଃଖ କଥା କହୁଥିବା ଶିଳ୍ପୀଟିଏ ହୃଦୟହୀନ ପଶୁଟିଏ । ମନଟା ବିଷର୍ଣ୍ଣ ହୋଇଯାଏ । ଭାବେ ମୋର ବିଚାର ବା ଅନ୍ୟମାନଙ୍କ ବିଚାରକୁ ଭୁଲ କହିବାକୁ ହେବ ଅନେକ ଜାଗାରେ ।

ଅନ୍ୟମାନଙ୍କ କଥା ଛାଡ଼ିଦେଇ ଏବେ ନିଜ ଆଡ଼କୁ ଆସେ । ମନରେ ପ୍ରଶ୍ନ ଉଠେ, ମୁଁ କଣ ସତରେ ଜଣେ ସାହିତ୍ୟସ୍ରଷ୍ଟା ? ମୁଁ କଣ କବିଟିଏ ? ନାଟ୍ୟକାରଟିଏ ? ସମାଲୋଚକଟିଏ ଅଥବା ପ୍ରାବନ୍ଧିକଟିଏ ? ଯଦି କିଏ କହୁଛି କହୁଥାଉ, ମୋର କିନ୍ତୁ କହିବାକୁ ସାହସ କୁଳାଏନି । ସତରେ ନିଜକୁ ସାହିତ୍ୟିକ କହିଲା ଭଳି ସ୍ପର୍ଦ୍ଧା ନାହିଁ ମୋର । ଚତୁଃପାର୍ଶ୍ୱର ସାହିତ୍ୟଜଗତକୁ ଚାହିଁଦେଲା ବେଳକୁ ନିଜକୁ ବଡ଼ ଦୀନହୀନ ଲାଗେ । ମାଡ଼ିଆସେ ସଙ୍କୋଚ, ଅସହାୟତା । ଲେଖୁ ଲେଖୁ କିଛି ଲେଖିଦେଇଚି ଯୋଜନାହୀନ ଭାବେ ମନରେ ଅଭିଳାଷ ନ ରଖି । ଲେଖିବାଟା କେବଳ ମୋର ସାମୟିକ ଅବସର ବିନୋଦନ । ସେଇ ଭିତରୁ ଦୈବାତ କେତେକ ଭଲ ହୋଇଯାଇଛି । ଯଦି ମନରେ ଲେଖକ ହେବାର ପ୍ରତିଜ୍ଞା ଥାଆନ୍ତା, ତେବେ ସେଇ ଅନୁସାରେ ମୋର ନିଷ୍ଠା ଓ ପରିଶ୍ରମ ଥାଆନ୍ତା । ପ୍ରତିଦିନ ମୁଁ ଲେଖୁଥାନ୍ତି ରାତି ଅନିଦ୍ରା ହୋଇ ।

ଲେଖକର ଜୀବନ ସହିତ ତା ସାହିତ୍ୟର ସମ୍ପର୍କ ଥାଏ କି ? ସଂପର୍କ ଥାଏ ପୁଣି ସମ୍ପର୍କ ନ ଥାଏ । ଲେଖକ ଜଣେ ଭିନ୍ନ ଜଗତର ମଣିଷ ହୋଇଯାଏ, ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ; ସବୁବେଳେ ନୁହେଁ । ଏଇ ଧୂଳି ଧୂସରିତ ଜଗତର ବାସ୍ତବ ମଣିଷଟିଏ ସେ । କେତେ ଭାବରେ କେତେ ବାଗରେ ବଞ୍ଚିରହିଛି ସେ । ଏସବୁର ଊର୍ଦ୍ଧ୍ୱକୁ ଉଠିଲେ ଯାଇ ସେ ପହଞ୍ଚିବ୍ ଲେଖକ ସତ୍ତାରେ । ଏଥିପାଇଁ ତାର ପାରିପାର୍ଶ୍ୱିକ ପରିସ୍ଥିତିର ଅନୁକୂଳତା ଆବଶ୍ୟକ । ଲେଖକର ବ୍ୟକ୍ତିତ୍ୱ ଓ ମାନସିକତାକୁ ପରିବେଶ ଯେ ନିୟନ୍ତ୍ରଣ କରେ, ଏ କଥାକୁ ଅସ୍ୱୀକାର କରିହେବ ନାହିଁ ।

Digitized by srujanika@gmail.com

ନୀଳ-ସବୁଜ ପାହାଡ଼-ବଳୟ ଭିତରେ ମୋର ଜନ୍ମ ୧୯୪୬ ମସିହା ଡିସେମ୍ବର ୪ ତାରିଖରେ ଅବିଭକ୍ତ ପୁରୀ ଜିଲ୍ଲାର ବାଣପୁର ଅଞ୍ଚଳରେ । ପିଲାଦିନୁ ଦେଖୁଛି ଗାଁର ଚାରିଧାରରେ ଧାନକ୍ଷେତ, ଜଙ୍ଗଲ ଓ ତାକୁ ଘେରି ପାହାଡ଼ ପ୍ରାଚୀର । ତେଣୁ ମୂଳରୁ ପାହାଡ଼ ଓ ଜଙ୍ଗଲ ପ୍ରତି ଥିଲା ପ୍ରବଳ ଆକର୍ଷଣ । ଛୁଟିଦିନରେ ଗାଁ ଦାଣ୍ଡର ଜଙ୍ଗଲରେ ବୁଲିବାରେ ପ୍ରଚୁର ଆନନ୍ଦ ମିଳୁଥିଲା, ବେଳେ ବେଳେ ସୋଲରୀ ପାହାଡ଼ ଉପରେ ଥିବା ପୂର୍ବପୁରୁଷର ଭଗ୍ନ ଗିରିଦୁର୍ଗକୁ ବୁଲିବାକୁ ଯାଇଛି । ସେଠିକେବଳ ବର୍ଣିଳ ପ୍ରକୃତି ନାହିଁ, ପ୍ରକୃତି ଭିତରେ ଆଚ୍ଛାଦିତ ଇତିହାସ ବଞ୍ଚିରହିଛି । ମନେ ହୋଇଛି, ସେକାଳେ ଯଦି ଜନ୍ମ ହୋଇଥାନ୍ତି ଏଇ ଗିରିଦୁର୍ଗ ଭିତରେ, ଜୀବନଟା ଗୌରବମୟ ହୋଇଥାନ୍ତା ।

ସୌଭାଗ୍ୟବଶତଃ ଗୋଦାବରୀଶ ବିଦ୍ୟାପୀଠ, ବାଣପୁରରେ ପଢ଼ିବାର ସୁଯୋଗ ମିଳିଥିଲା ମୋତେ । ହାଇସ୍କୁଲ ତଳେ ପୋତି ହୋଇରହିଛି ଶୈଳୋଦ୍‌ଭବ ବଂଶର ଭଗ୍ନ ରାଜପ୍ରାସାଦ, ଅନେକ ବୌଦ୍ଧମୂର୍ତ୍ତି । ମୁଁ ରହୁଥିଲି ଶାଳିଆ ଛାତ୍ରାବାସରେ । ଆମର ହଷ୍ଟେଲ୍‌କୁ ଲାଗି ଗୋଟିଏ ଭଗ୍ନାବଶେଷ, ତାପରେ ଶାଳିଆ ନଈ । କୂଅ ଓ ପୋଖରୀ ଥିଲେ ବି ବେଳେ ବେଳେ ଆମେ ଏଇ ନଈରେ ବୁଡ଼ି ଗାଧୋଉଥିଲୁ, ଖାଇସାରି ବାସନ ଧୋଉଥିଲୁ । ଖରାଦିନେ ଅଳ୍ପ ପାଣିରେ ଥାଳି ଫୋପାଡ଼ି ଖେଳୁଥିଲୁ । ଏସବୁ ଆମର ବିଳାସ ଥିଲା । ନଈ ପାରିହେଲେ ବିରାଟ ଆମ୍ବତୋଟା, ଶାନ୍ତିନିକେତନ ଆମ୍ରକୁଞ୍ଜଠାରୁ ଯଥେଷ୍ଟ ବଡ଼ । ଆମ୍ବତୋଟାର ଶେଷ ପ୍ରାନ୍ତରେ ଘଣ୍ଟଶିଳା ପାହାଡ଼ । ଆମର ହଷ୍ଟେଲ ଓ ସ୍କୁଲ୍ ମଝିରେ ବି ଆମ୍ବତୋଟା । ଖରାଦିନ ସନ୍ଧ୍ୟାରେ ଆମ୍ବଗଛ ମୂଳେ ବସି ପଢ଼ିବାକୁ ଭଲ ଲାଗୁଥିଲା ଲଣ୍ଠନ ଆଲୁଅରେ । ଖରାଦିନେ ସକାଳୁଆ କ୍ଲାସ୍ । ନଈ ଶୁଖିଯାଏ, ଦ୍ୱିପ୍ରହରେ ପାଣିଧାର ପାର୍ ହୋଇ ହଷ୍ଟେଲ୍‌ର ଅଧିକାଂଶ ପିଲା ଆମ୍ବତୋଟାକୁ ଚାଲିଯାଉଥିଲେ ବହିପତ୍ର ନେଇ । ନଈଧାରରେ ଝଙ୍କାଳିଆ ଆମ୍ବଗଛ ମୂଳେ ଜଣେ ଜଣେ ପଢ଼ିବାକୁ ବସିଥିଲେ । ଠିକ୍ ପାଞ୍ଚଟା ବାଜିଲେ ଜଣେ ଚିତ୍କାର କରେ । ସମସ୍ତେ ଏକାଠି ହୋଇ ଘଣ୍ଟଶିଳା ପାହାଡ଼ ଉପରକୁ ଉଠୁ । ପାହାଡ଼ ଶିଖରେ ବସି ଚିଲିକାକୁ ଦେଖୁ । ଦୂରରୁ ଚିଲିକା ଦିଶେ ବିସ୍ତୃତ ସବୁଜ ଶାଢ଼ିଟିଏ ଯେମିତି, ତଳେ ବୁଦୁବୁଦୁକିଆ ଜଙ୍ଗଲ, ଦୂରପାହାଡ଼ ସନ୍ଧିରେ ସୂର୍ଯ୍ୟ, ଅସ୍ତ ହୋଇ ଯାଉଥାନ୍ତି । ବଡ଼ ସୁନ୍ଦର ଏ ଦୃଶ୍ୟ ଏବେ ବି ଆଖି ଆଗରେ ନାଚିଉଠେ । ସୁନ୍ଦର ପ୍ରାକୃତିକ ପରିବେଶ ପରି ସ୍କୁଲ୍‌ର ସାହିତ୍ୟିକ ପରିବେଶ ବି ଥିଲା ସୁନ୍ଦର । ଏଇ ପରିବେଶ ମୋ ପରି ଅନେକଙ୍କୁ ଲେଖିବାକୁ, ବକ୍ତୃତା ଦେବାକୁ, ଗୀତ ଗାଇବାକୁ ଓ ନାଟକ ଅଭିନୟ କରିବାକୁ ପ୍ରେରଣା ଯୋଗାଉଥିଲା ।

Digitized by srujanika@gmail.com

ସ୍କୁଲରେ ପଢ଼ିଲାବେଳେ କବିତା ଓ ଗଳ୍ପ ପାଇଁ କେତେଥର ମୀନାବଜାର ପୁରସ୍କାର ପାଇଛି । ଜିଲ୍ଲାସ୍ତରୀୟ ପ୍ରତିଯୋଗିତାଗୁଡ଼ିକରେ ମଧ୍ୟ କବିତା ପାଇଁ ପୁରସ୍କାର ମିଳିଛି । ଷଷ୍ଠ ଶ୍ରେଣୀରେ ପଢ଼ିଲାବେଳୁ କବିତା ଲେଖା ଆରମ୍ଭ କରିଥିଲି । ୭ମ ଶ୍ରେଣୀରେ ପଢ଼ିଲାବେଳେ ମୋର ପ୍ରଥମ କବିତା 'ବ୍ୟର୍ଥ କଳ୍ପନା' ପ୍ରକାଶିତ ହେଲା 'ପ୍ରଜାତନ୍ତ୍ର'ର 'ମୀନାବଜାର' ପୃଷ୍ଠାରେ । କବିତାଟିକୁ ଅବଶ୍ୟ ୬ଷ୍ଠ ଶ୍ରେଣୀବେଳେ ଲେଖିଥିଲି ଏବଂ ସେଇଟିକୁ ସଂଶୋଧନ କରି ଦେଇଥିଲେ ମୋର ସବା ବଡ଼ଭାଇ ଶଶିଭୂଷଣ ହରିଚନ୍ଦନ । ସେ ଜଣେ କବି ଥିଲେ । ଆଉ ଦୁଇ ତିନୋଟି କବିତାକୁ ମୋର ବାପା (ପାରମ୍ପରିକ ବଂଶଗତ ସମ୍ବୋଧନ 'ଦଦେଇ') ପର୍ଶୁରାମ ହରିଚନ୍ଦନ (ନାଟ୍ୟକାର, କବି ଓ ପ୍ରାବନ୍ଧିକ) ସଂଶୋଧନ କରିଦେଇଥିଲେ । ୮ମ ଶ୍ରେଣୀରୁ ୧୦ମ ଶ୍ରେଣୀ ଭିତରେ ପ୍ରଜାତନ୍ତ୍ରର ମୀନାବଜାର, ସମାଜର ଶିଶୁରାଇଜ, ଆସନ୍ତାକାଲିର କିଶୋର ସଂସାର, ଟୁଆଟୁଇଁ, ସଂସାର ପ୍ରଭୃତି ବିଭିନ୍ନ ଶିଶୁପତ୍ରିକା ଏବଂ ନବଜୀବନ, କଲ୍ୟାଣୀ ପ୍ରଭୃତିରେ ମୋର କବିତା ପ୍ରକାଶିତ ହେଉଥିବାରୁ ମୁଁ ଅଧିକ ଲେଖିବାକୁ ଉତ୍ସାହିତ ହେଉଥାଏ । 'କଲ୍ୟାଣୀ' ସରକାରଙ୍କ ସମବାୟ ଆନ୍ଦୋଳନ ପ୍ରଚାରମୂଳକ ପତ୍ରିକା ହୋଇଥିବାରୁ କବିତା ପାଇଁ ତିନିଟଙ୍କା ଏବଂ ଗଳ୍ପ ଓ ଏକାଙ୍କିକା ପାଇଁ ଆଠଟଙ୍କା ମିଳୁଥିଲା । ମୁଁ ତେଣୁ ଏଥିରେ କବିତା ଅପେକ୍ଷା ଗଳ୍ପ ଓ ଏକାଙ୍କିକା ବେଶି ଲେଖୁଥିଲି ।

'ନବଜୀବନ' ଅବସରପ୍ରାପ୍ତ ପ୍ରଶାସକ ଓ ପ୍ରତିଷ୍ଠିତ ସାହିତ୍ୟିକ ଚିନ୍ତାମଣି ମିଶ୍ରଙ୍କ ସମ୍ପାଦନାରେ କଟକ ଚାନ୍ଦନୀଚୌକରୁ ପ୍ରକାଶ ପାଉଥାଏ ।ଏହାର ଲେଖକମାନେ ସମସ୍ତେ ପ୍ରାୟ ବୃଦ୍ଧ ଓ ବୟସ୍କ ବ୍ୟକ୍ତି । ଚିନ୍ତାମୂଳକ ଓ ଦାର୍ଶନିକ ପ୍ରବନ୍ଧ ଓ କବିତା ଏଥିରେ ବିଶେଷ ଗୁରୁତ୍ୱ ପାଉଥାଏ । ଅଳ୍ପ କେତୋଟି ସାମାଜିକ, ସମସ୍ୟାମୂଳକ ଗଳ୍ପ ମଧ୍ୟ ପ୍ରକାଶିତ ହେଉଥିଲା । ୯ମ, ୧୦ମ ଓ ୧୧ଶ ଶ୍ରେଣୀରେ ମୁଁ ଧାରାବାହିକ ଭାବରେ ଏ ପତ୍ରିକାରେ କବିତା ଲେଖୁଥିଲି । ସେଥିରେ ଆବେଗ ଅପେକ୍ଷା ଜୀବନଦର୍ଶନର ପ୍ରାଧାନ୍ୟ ରହୁଥିଲା ବେଶି । ମୁଁ ପ୍ରତି ମାସରେ କବିତା ପଠାଉଥିଲି ଏବଂ ସବୁ କବିତା ମୋର ପ୍ରକାଶିତ ହେଉଥିଲା । ସମ୍ପାଦକଙ୍କ ସମେତ ପାଠକମାନେ ସମସ୍ତେ ମୋତେ ଧରିନେଇଥିଲେ ମୁଁ ଜଣେ ବୃଦ୍ଧ କିମ୍ବା ପ୍ରୌଢ଼ ବ୍ୟକ୍ତି । ମୋର ହାଇସ୍କୁଲ ପରୀକ୍ଷା ସରିବା ପରେ କଟକରେ ଛୁଟି କାଟିବା ଅବସରରେ ମୁଁ ରହୁଥାଏ ମୋର ବଡ଼ଭାଇ ଆଡ୍‌ଭୋକେଟ୍ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଘରେ (ଭାଇ ଥିଲେ ଜଣେ ନାଟ୍ୟକାର ଓ ତାଙ୍କର କେତେକ ଏକାଙ୍କିକା ପ୍ରକାଶିତ ।) ଯେଉଁ ସମ୍ପାଦକ ମୋର ଏତେଗୁଡ଼ାଏ କବିତା ଛାପିଛନ୍ତି, ତାଙ୍କୁ ଥରେ ଦେଖା କରିବା ଅଭିଳାଷ ଥିଲା । ଦିନେ ନବଜୀବନ କାର୍ଯ୍ୟାଳୟରେ ପହଞ୍ଚିଲି । ମ୍ୟାନେଜରଙ୍କୁ

Digitized by srujanika@gmail.com

ମୋର ଉଦ୍ଦେଶ୍ୟ ଜଣାଇବା ପରେ ସେ ଉପର ମହଲାକୁ ଯାଇ ଅନୁମତି ନେଇ ଆସିଲେ । ଉପରମହଲାର ଗୋଟିଏ କୋଠରୀରେ ଗୋଟିଏ ପଲଙ୍କ ଉପରେ ତକିଆକୁ ଆଉଜି ବସିଥାନ୍ତି ସମ୍ପାଦକ ଚିନ୍ତାମଣି ମିଶ୍ର । ମୁଁ ଯାଇ ନମସ୍କାର କରି ଠିଆ ହେଲି । ସେ ଦିଥର ଅନ୍ତତଃ ମୋ ମୁହଁରୁ ପାଦ ପର୍ଯ୍ୟନ୍ତ ବିସ୍ମିତ ହୋଇ ଚାହିଁଥିଲେ । ତାପରେ କହିଲେ, "ତମେ ? ତମେ ନୀଳାଦ୍ରିଭୂଷଣ ହରିଚନ୍ଦନ ? ଗୋଟେ ପିଲାଟେ ? ମୁଁ ତମକୁ ବୃଦ୍ଧ ବୋଲି ଭାବିଥିଲି । ତମର ଗଭୀର ଦର୍ଶନ ସମ୍ବଳିତ କବିତା ପଢ଼ି ମୁଁ ଭାବିଥିଲି କିଏ ଜଣେ ବୁଢ଼ା ଲେଖୁଛି ବୋଲି । ତମ କବିତା ମୋତେ ଭଲ ଲାଗେ । ମୁଁ ପ୍ରତି ମାସରେ ଛାପେ । ଏ ମାସରେ ବି ଛାପିବି ।" ସଦ୍ୟ ପ୍ରେସ୍‌ରୁ ବାହରିଥିବା ସେ ମାସର ପତ୍ରିକାରୁ ମୋ କବିତା ବାହାର କରି ଥରେ ଆବୃତ୍ତି କରିଦେଲେ । କହିଲେ, "ଏସବୁ ଚିନ୍ତା ତମ ମୁଣ୍ଡକୁ ଆସେ କେମିତି ?" ଏକଥା ଶୁଣି ମୁଁ ଉତ୍‌ଫୁଲ୍ଲିତ ହୋଇଉଠିଲି । ଏତେ ବଡ଼ ଲୋକଙ୍କଠୁ ଏମିତି ସାର୍ଟିଫିକେଟ୍ ପାଇବା ମୋ ଭଳି ଜଣେ ଅନାମଧେୟ ବାଳକ ପାଇଁ କେତେ ବଡ଼ ଗୌରବର ବିଷୟ ।

ମୋ ପିଲାଦିନେ ଆମ ଘରେ ଗୋଟାଏ ସାହିତ୍ୟିକ ପରିବେଶ ଥିଲା । ଲାଇବ୍ରେରୀଟାଏ ଥିଲା । ବହୁତ ନୂଆ ବହି ଭର୍ତ୍ତି ହୋଇଥିଲା ସେଥିରେ । ଘରକୁ ସମାଜ, ପ୍ରଜାତନ୍ତ୍ର, ଆସୁଥିଲା । ମୋର ବାପା ଏବଂ ଭାଇଭଉଣୀ ସମସ୍ତେ ବହି ପଢ଼ିବାକୁ ବହୁତ ଭଲ ପାଉଥିଲେ । ଟିକିଏ ବଡ଼ ହେବା ପରେ ପରୀ କାହାଣୀ ସିରିଜ୍‌ର ପାତାଳପରୀ ଆକାଶପରୀ ସହିତ ସୁନା ଟାଙ୍ଗୁଡ଼ି, ରୂପା ଟାଙ୍ଗୁଡ଼ି, ଫୁଲ ଟାଙ୍ଗୁଡ଼ି ଆଦି ଗପ ପଢ଼ିବାକୁ ଲାଗିଲି । କିନ୍ତୁ ଗପ ଅପେକ୍ଷା ମହାପୁରୁଷମାନଙ୍କ ଜୀବନୀ ମୋତେ ବେଶୀ ଆକର୍ଷିତ ଓ ବିସ୍ମିତ କରୁଥିଲା । ପିଲାଙ୍କ ଜୀବନୀ ଗ୍ରନ୍ଥମାଳା ଓ ଅମରଚରିତ ସିରିଜ୍‌ର ସବୁ ବହି ପଢ଼ି ଦେଇଥିଲି । ଏସବୁ ଛଡ଼ା ବଡ଼ ମଣିଷଙ୍କ ପାଇଁ ଲେଖା ହୋଇଥିବା କେତେକ ବହି ମଧ୍ୟ ପଢ଼ି ପକାଉଥିଲି, କିନ୍ତୁ ଅନେକ କିଛି ବୁଝିବା ସମ୍ଭବ ନଥିଲା । ତେବେ ମୋର ଗୋଟିଏ ଲାଭ ହୋଇଥିଲା, ବଡ଼ ବଡ଼ ଲେଖକମାନଙ୍କ ନାଁ ଜାଣିଯାଇଥିଲି ୬ଷ୍ଠ-୭ମ ଶ୍ରେଣୀ ବେଳକୁ । କେତେ ବହିର ନାଁ ବି ମନେ ରହିଯାଇଥିଲା । ହାଇସ୍କୁଲ ଲାଇବ୍ରେରୀରୁ ବି ବହୁତ ବହି ଆଣି ପଢ଼ିଛି । ବହିପଢ଼ି ଭିତରୁ ଲେଖକ ହେବାର ଆକାଂକ୍ଷା କ୍ରମେ ଜାଗରିତ ହୋଇଉଠୁଥିଲା ବୋଧହୁଏ ।

ଆମ ପରିବାରର ଗୋଟିଏ ସାହିତ୍ୟିକ ପରମ୍ପରା ଥିଲା, ପୂର୍ବପୁରୁଷର କେତେ ଜଣ କବି ଥିଲେ । ଘରର ଗୋଟିଏ କୋଠରୀରେ ଓସାରିଆ ବେଞ୍ଚ ଉପରେ ସଜା ହୋଇରହିଥିଲା ପନ୍ଦର ଷୋଳଟି ବଡ଼ ବଡ଼ ବେତ ପେଡ଼ି, ଯେଉଁଗୁଡ଼ିକରେ ଭର୍ତ୍ତି

Digitized by srujanika@gmail.com

ହୋଇରହିଥିଲା ତାଳପତ୍ର ପୋଥି; ଅନ୍ୟ ଗୋଟିଏ ପଟେ ଏକ ବିରାଟ ସିନ୍ଦୁକରେ ପ୍ରାଚୀନ ଅସ୍ତ୍ରଶସ୍ତ୍ର । ଏସବୁ ପ୍ରତି ମୋର ବଡ଼ କୌତୂହଳ ଥିଲା । ଦଦେଇ (ବାପା)ଙ୍କଠାରୁ ଶୁଣିଥିଲି, ରାମାୟଣ, ଭାଗବତ ଓ କେତେକ ପ୍ରସିଦ୍ଧ କବିଙ୍କ କାବ୍ୟପୋଥି ସହିତ ଆମ ପୂର୍ବପୁରୁଷର କବିମାନଙ୍କର କେତୋଟି ପୋଥି ସେ ଭିତରେ ଅଛ ବୋଲି । ରାଜକବି ରଘୁନାଥ ହରିଚନ୍ଦନଙ୍କ 'ସକୁନ୍ତଳାଭିଳାଷ' କାବ୍ୟ ପୋଥିଟିଏ ବି ଥିଲା, ଯାହାକୁ ନେଇ ଦଦେଇ ଗର୍ବ କରୁଥିଲେ । ଏ କାବ୍ୟର କିଛି ଅଂଶକୁ ସେ ଖାତାରେ ଉତାରି ଦେଇଥିଲେ । ବାପାଙ୍କର ସ୍କୁଲବେଳର ସାହିତ୍ୟିକ ପ୍ରତିଭା ସମ୍ପର୍କରେ ମାୟାଧର ମାନସିଂହ, କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ପରି ସ୍କୁଲ ସତୀର୍ଥମାନଙ୍କଠାରୁ ଶୁଣିଛି । ତାଙ୍କର ସାହିତ୍ୟିକ ଜୀବନ ଆରମ୍ଭ ହୋଇଥିଲା କବିତା ଓ ପ୍ରବନ୍ଧ ଲେଖାରୁ । ପରେ କେବଳ ନାଟକ ହିଁ ଲେଖିଛନ୍ତି । ଉଚ୍ଚଶିକ୍ଷା ଲାଭ କରିପାରିନଥିଲେ ମଧ୍ୟ ସେ ଇଂରେଜୀ, ବଙ୍ଗଳା ଓ ସଂସ୍କୃତ ଭାଷାରେ ବ୍ୟୁତ୍ପନ୍ନ ଥିଲେ । ଆମ ଘରେ ଶରତ ଚନ୍ଦ୍ରଙ୍କ ଗ୍ରନ୍ଥାବଳୀ, ଟଲଷ୍ଟୟଙ୍କ ଗଳ୍ପମାଳା, ଗୁଡଆର୍ଥ ଗୀତାଞ୍ଜଳୀ ଆଦି ଥିବାର ଦେଖିଛି । ତାଙ୍କର ଏ ସାହିତ୍ୟ ଅନୁରାଗ ଓ ପଠନତୃଷ୍ଣା ମୋ ଉପରେ ପ୍ରଭାବ ପକାଇଛି । ପିଲାବେଳେ ଦେଖିଚି ତାଙ୍କର ବୈଠକଖାନା (କଚେରୀଘର)ରେ ଗୋଟିଏ ପାଖରେ ଖଟ, ଟେବୁଲ୍ ଓ ଚୌକି ପଡ଼ିଥାଏ । ଲୋକଙ୍କ କଥା ବୁଝିବାରେ ବେଶି ସମୟ ଯାଏ ତାଙ୍କର । ଯେତିକି ସମୟ ପାଆନ୍ତି, ଲେଖାପଢ଼ାରେ କଟାନ୍ତି । ମୋର ବଡ଼ କୌତୂହଳ ଥାଏ, ତାଙ୍କର ଲେଖା (ନାଟକ) ପଢ଼ିବାକୁ । ସେ ଯେତେବେଳେ ବାହାରକୁ ବାହାରି ଯାଆନ୍ତି, ମୁଁ ଲୁଚି ଲୁଚି ଟେବୁଲ୍ ପାଖରେ ଠିଆ ହୋଇ ସେତକ ପଢ଼ିନିଏ । ମୁଁ ତାଙ୍କ ନାଟକ ପ୍ରଭାବରେ ୪/୫ ପୃଷ୍ଠିଆ ନାଟକ ବି ଲେଖିପକାଇଚି ସେତେବେଳେ, ସେଇ ବାଳୁତ ବୟସରେ । ତାଙ୍କ ଐତିହାସିକ ନାଟକଗୁଡ଼ିକର ସଂଳାପ ଥିଲା କାବ୍ୟିକ ଓ ହୃଦୟସ୍ପର୍ଶୀ । ସେ ସଂଳାପର ପ୍ରଭାବକୁ ମୁଁ ସବୁବେଳେ ଅନୁଭବ କରିଆସିଛି ।

ଆମ ଅଞ୍ଚଳ ଲୋକେ ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର, କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କୁ ନେଇ ଗର୍ବ କରନ୍ତି; ବାଣପୁରକୁ ଏକ କଳା ସାହିତ୍ୟର ଭୂମି ବୋଲି କହନ୍ତି । ଯାର ପ୍ରଭାବ ଜଣେ ସାହିତ୍ୟିକ-ଶିଶୁ ଉପରେ ପଡ଼ିବା ସ୍ୱାଭାବିକ । ସ୍କୁଲରେ ପଢ଼ିବାବେଳେ କୃଷ୍ଣଚନ୍ଦ୍ର ତ୍ରିପାଠୀ ଥିଲେ ମୋର ସାହିତ୍ୟିକ ପ୍ରେରଣାର ଉତ୍ସ । ମଝିରେ ମଝିରେ ମୁଁ ତାଙ୍କୁ ଦେଖା କରୁଥିଲି । ତାଙ୍କର ସବୁ କବିତା ବହି ସେ ମୋତେ ଉପହାର ଦେଇଥିଲେ । ମଝିରେ ମଝିରେ ଚିଠି ଲେଖୁଥିଲେ କଲମଚାଳନା ଅବ୍ୟାହତ ରଖିବାକୁ । ସାହିତ୍ୟିକମାନଙ୍କୁ ଦେଖିବାର ନିଶା ମୋର ଥିଲା ପ୍ରବଳ । କିନ୍ତୁ ତାହା ଏକ ସଂକୀର୍ଣ୍ଣ ପରିସର ଭିତରେ ସମ୍ଭବ ହେଉନଥିଲା । କଲେଜକୁ ଯିବା ପରେ ଅନେକଙ୍କୁ ଦେଖିଲି । ପୁରୀ କଲେଜରେ

Digitized by srujanika@gmail.com

ଗୋଲୋକ ବିହାରୀ ଧଳ, ରାଜକିଶୋର ରାୟ ଓ ସର୍ବେଶ୍ୱର ଦାଶଙ୍କ ଛାତ୍ରତ୍ୱ, ଲାଭ କରିପାରିଥିଲି । ପୂର୍ବରୁ ଗୋଲୋକ ବିହାରୀ ଧଳଙ୍କ 'ଅମର ମଣିଷ' ରାଜକିଶୋର ରାୟଙ୍କ 'ନୀଳ ଲହରୀ' ଏବଂ ସର୍ବେଶ୍ୱର ଦାଶଙ୍କର କେତୋଟି ପ୍ରବନ୍ଧ ମାତ୍ର ପଢ଼ିଥିଲି । ୮ମ ଶ୍ରେଣୀରେ 'ଅମର ମଣିଷ' ପାଠ୍ୟ ଥିଲା । ଏହାର ଭାଷା ଶୈଳୀ ଓ ଘଟଣା ଉପସ୍ଥାପନ ରୀତି ମୋତେ ଅଭିଭୂତ କରିଥିଲା । ହାଇସ୍କୁଲ୍‌ରେ ପଢ଼ିବାବେଳେ ଗୋଦାବରୀଶ ମହାପାତ୍ରଙ୍କ ସହିତ ମୁଁ ପରିଚିତ ହୋଇପାରିଥିଲି । ମୋର ବାପା ବାଣପୁର ପଞ୍ଚାୟତ ସମିତିର ଚେୟାରମ୍ୟାନ୍ ଥିବାବେଳେ ସେ ରହୁଥିବା ଡାକବଙ୍ଗଳାକୁ ମୁଁ ଯାଇଥିଲି । ସେତିକିବେଳେ ଗୋଦାବରୀଶ ମହାପାତ୍ର ବାପାଙ୍କୁ ତାଙ୍କ ଗାଁ ରାସ୍ତା କଥା କହିବାକୁ ଆସିଥିଲେ । ଆମ ଅଞ୍ଚଳରେ ଏହି ମହାନ୍ ପ୍ରତିଭାଧରଙ୍କ ସହିତ ସମାନ୍ୟ ପରିଚୟକୁ ମୁଁ ପରମ ସୌଭାଗ୍ୟ ମଣିଥିଲି । ତାପରେ ଆଉ ଦୁଇ ତିନି ଥର ତାଙ୍କ ସହିତ କଟକରେ ତାଙ୍କ ଘରେ ସାକ୍ଷାତ ହୋଇଛି । ନବମ ଶ୍ରେଣୀରେ ପଢ଼ିଲାବେଳେ ମୁଁ ପ୍ରଥମ ଥର ପାଇଁ ମୀନାବଜାର ପୁରସ୍କାର ପାଇଲି । ପୁରସ୍କାର ଆଣିବାକୁ ଯାଇ ବିଷୁବମଣ୍ଡପରେ ଓଡ଼ିଶାରେ ବରଣୀୟ ସାହିତ୍ୟିକମାନଙ୍କୁ ଦେଖି ଚମତ୍କୃତ ହେଲି । ହରେ କୃଷ୍ଣ ମହତାବଙ୍କୁ ଦେଖିଲି ମଞ୍ଚ ଉପରେ । ଶାଳପ୍ରାଂଶୁ ମହାଭୁଜ ରାଜକୀୟ ଚେହେରା । ଉତ୍ସବ ସରିବା ପରେ ବାହାରେ ବୁଲୁଥିଲି । ସୌଭାଗ୍ୟବଶତଃ ଡଃ ମହତାବ ସେଇ ବାଟଦେଇ ପ୍ରେସ୍ ଭିତରକୁ ଯାଉଥିଲେ । ମୁଁ ନମସ୍କାର କଲି । ସେ କହିଲେ, " କଣ ପୁରସ୍କାର ପାଇଲ ? ଖୁବ୍ ଭଲ ହେଲା ।" ଏତେ ବଡ଼ ଲୋକ ମୋ ପରି କ୍ଷୁଦ୍ରାତିକ୍ଷୁଦ୍ର ବାଳକକୁ ପଦେ କଥା କହିଲେ, ଏହା ଥିଲା ମୋ ପାଇଁ ବିସ୍ମୟ ଆନନ୍ଦ ଓ ଗର୍ବର ବିଷୟ ।

କଲେଜକୁ ଆସିବା ପରେ ରବିବାର ପ୍ରଜାତନ୍ତ୍ର ଓ ରବିବାର କଳିଙ୍ଗରେ ମୋ କବିତା ବାହାରିଲା, ତାପରେ ବାହାରିଲା କଲିକତାରୁ ବାହାରୁଥିବା 'ଆସନ୍ତାକାଲି' ଓ 'କଳନା'ରେ । ମୁଁ ବି.ଏ. ପଢ଼ିଲାବେଳେ 'ଆସନ୍ତାକାଲି'ର ସମ୍ପାଦନ ଥିଲେ ରବୀନ୍ଦ୍ର ପ୍ରସାଦ ପାଢ଼ୀ । ସେ ମୋର ବହୁତ କବିତା ଛାପିଛନ୍ତି । ପ୍ରଜାତନ୍ତ୍ର, କଳିକା ଓ ଆସନ୍ତାକାଲିରେ ବାହାରିଥିବା ମୋର କବିତାଗୁଡ଼ିକୁ ସାଇତି ରଖିପାରିଲି ନାହିଁ । ଏବେ ସେଥିପାଇଁ ଦୁଃଖ ଲାଗୁଛି । କ୍ରମେ ଜଗଦୀଶ ପାଣିଙ୍କ ସମ୍ପାଦିତ ସମାବେଶରେ ମୋର ପ୍ରବେଶ ହେଲା । ଅଖିଳମୋହନ ପଟ୍ଟନାୟକ ସମ୍ପାଦକ ଥିଲାବେଳେ ମୋର ବହୁତ କବିତା ଛାପିଛନ୍ତି ।

ତରୁଣମାନଙ୍କ ପକ୍ଷରେ 'ଝଙ୍କାର'ରେ ପ୍ରବେଶ କରିବା ଦୁଃସାଧ୍ୟ ଥିଲା । କେବଳ ପ୍ରତିଷ୍ଠିତ କବିମାନଙ୍କର କବିତା ଏଥିରେ ପ୍ରକାଶ ପାଉଥିଲା । ମହାପାତ୍ର ନୀଳମଣି ସାହୁ ଯେତେବେଳେ ସମ୍ପାଦକ ହେଲେ ଝଙ୍କାର କବିତା ବିଭାଗରେ କେତେ ଜଣ ତରୁଣଙ୍କ

Digitized by srujanika@gmail.com

କବିତା ସ୍ଥାନ ପାଇଲା । ବି.ଏ. ପରୀକ୍ଷା ସରିବା ପରେ 'ଝଙ୍କାର' ପୃଷ୍ଠାରେ ମୋ କବିତାକୁ ଦେଖି ବିହ୍ୱଳ ହୋଇପଡ଼ିଲି । ସଚ୍ଚିଦାନନ୍ଦ ରାଉତରାୟଙ୍କ 'ଦିଗନ୍ତ'ରେ ମୋର 'କୋଳାହଳ' କବିତା ପ୍ରକାଶ ପାଇଲା । ଏଇ କବିତା ଯୋଗୁଁ ଏମ୍.ଏ. ପଢୁଥିଲାବେଳେ ମୁଁ ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରୁ ପଦ୍ମଚରଣ ପଟ୍ଟନାୟକ କବିତା ପୁରସ୍କାର ପାଇଲି । ଏହି ପୁରସ୍କାର ପ୍ରତିବର୍ଷ ଶ୍ରେଷ୍ଠ ଛାତ୍ରକବି ଜଣଙ୍କୁ ମିଳିଥାଏ । ଯେଉଁ ସମ୍ପାଦକମାନେ ମୋର ଛାତ୍ର ଅବସ୍ଥାରେ ମୋତେ ଆଲୋଚନାକୁ ଆଣିଛନ୍ତି, ସେମାନଙ୍କ ପ୍ରତି ଏବେ ମଧ୍ୟ ଗଭୀର କୃତଜ୍ଞତା ଅନୁଭବ କରୁଛି । ମୁଁ ବି.ଏ. ଓ ଏମ୍.ଏ. ପଢ଼ିଲାବେଳେ କାଳିନ୍ଦୀ ଚରଣ ପାଣିଗ୍ରାହୀ ଆକାଶବାଣୀ, କଟକର ସାହିତ୍ୟ ବିଭାଗର ପ୍ରଯୋଜକ ଥାଆନ୍ତି । ମୋର ବି.ଏ. ଦୁଇବର୍ଷ ଓ ଏମ୍.ଏ. ଦୁଇବର୍ଷରେ ଅନେକ କବିତା ତାଙ୍କର ସହୃଦୟତା ଯୋଗୁଁ ପ୍ରସାରିତ ହୋଇପାରିଥିଲା । ଥରେ କୃତଜ୍ଞତା ଜଣାଇବାକୁ ତାଙ୍କ ବାସଭବନ 'ସ୍ୱପ୍ନପୁରୀ'ରେ ତାଙ୍କୁ ଭେଟିଥିଲି । ସେ ହସିଲେ, କହିଲେ ତୁମେ ଭଲ କବିତା ପଠାଉଛ ବୋଲି ମନୋନୀତ ହେଉଛି । ନଚେତ ହୁଅନ୍ତା ନାହିଁ । ତୁମେ ଆହୁରି ଭଲ ଲେଖ, ମୋର ଆଶୀର୍ବାଦ ରହିଲା ।

ପୁରୀ କଲେଜରେ ମୋର କଲେଜ ପଢ଼ାର ପ୍ରଥମ ବର୍ଷ । ଦଶହରା ଛୁଟିରେ କଟକ ଯାଇଥିଲି । ମୋ ଜୀବନର ଏକ କୌତୂହଳପ୍ରଦ ଓ ସ୍ମରଣୀୟ ଘଟଣା ଘଟିଥିଲା । କବି କୈଳାଶ ଲେଙ୍କା ମୋତେ ଚାନ୍ଦନୀଚୌକ ଛକରେ ଦେଖି ଡାକିଲେ - "ଆସ ଯିବା ଜଣେ ବିଶିଷ୍ଟ ସାହିତ୍ୟପ୍ରେମୀଙ୍କ ଘରକୁ ।" ମୁଁ ତାଙ୍କ ପଛେ ପଛେ ଚାଲିଲି । ଆଡଭୋକେଟ ମଧୁସୂଦନ ମହାନ୍ତିଙ୍କ ଘରେ ଯାଇ ପହଞ୍ଚିଲୁ । ସାହିତ୍ୟିକ ମହଲରେ ସେ ଥିଲେ ସମସ୍ତଙ୍କ ପ୍ରିୟ ମଧୁ ମହାନ୍ତି, ଜଣେ ବହୁ ଅଧୀତ ବ୍ୟକ୍ତି, ପ୍ରାବନ୍ଧିକ ଓ ସାହିତ୍ୟ ରସିକ, ପୁଣି ପ୍ରସିଦ୍ଧ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତିଙ୍କ ଶ୍ୱଶୁର ଓ ବାରିଷ୍ଟର ରଣଜିତ ମହାନ୍ତିଙ୍କ ପିତା । ଆମେ ଯାଇ ତାଙ୍କ ପାଖରେ ବସିଲୁ । ସେଦିନ ଥିଲା ରବିବାର । ପୂର୍ବଦିନ ଧାଡ଼ିରେ ରବିବାର ପ୍ରଜାତନ୍ତ୍ରରେ ମୋର 'ଅମ୍ବାପାଲି' କବିତା ପ୍ରକାଶିତ ହୋଇଥାଏ । ମଧୁବାବୁ ସାହିତ୍ୟିକ ଗପ ଆରମ୍ଭ କରୁ କରୁ ହଠାତ୍ କହି ଉଠିଲେ - "ବୁଝିଲ, କୈଳାସ; ଏବେ ଗୋଟାଏ ନୂଆ ଟୋକା ବାହାରିଚି । ବଢ଼ିଆ କବିତା ଲେଖୁଚି । କାଲି ତାର 'ଅମ୍ବାପାଲି' ବୋଲି କବିତାଟେ ପ୍ରଜାତନ୍ତ୍ରରେ ବାହାରିଚି । ମୋ ମୁଣ୍ଡ ଖରାପ ହୋଇଗଲା । ମୁଁ ସେ କବିତାର କଟିଂ ରଖିଚି, ପୁଣି ଏ ଖାତାରେ କବିତାଟି ଉତାରି ରଖିଚି, ଏଇ ଦେଖ । ମୁଁ ଆଶ୍ଚର୍ଯ୍ୟ ହେଉଚି, ଏ ଆଇଡିଆ ତା ମୁଣ୍ଡକୁ କେମିତି ଆସିଲା ? ଅମ୍ବାପାଲି ବିଷୟରେ କବିତା ରବୀନ୍ଦ୍ରନାଥ ଓ ବୈକୁଣ୍ଠନାଥ ଲେଖିଛନ୍ତି । ଏ କବିତାର ଭାବ ତ ସେମାନଙ୍କଠୁ ପୂରାପୂରି ଅଲଗା ।" କୈଳାସ ବାବୁ ଚୁପ୍‌ଚାପ୍ ଶୁଣୁଥାନ୍ତି । ମୁରୁକି ମୁରୁକି ହସି କହିଲେ - "ସେ

Digitized by srujanika@gmail.com

ନୂଆ ଟୋକାଟାକୁ ମୁଁ ସାଙ୍ଗରେ ଧରିଆସିଚି ।” ମଧୁବାବୁ ମୋର ଉଚ୍ଛ୍ୱସିତ ପ୍ରଶଂସା କଲେ । ମୋତେ ଲାଗିଲା, ମୁଁ ମୋର ଏ କ୍ଷୁଦ୍ର ପ୍ରାରମ୍ଭିକ କବି ଜୀବନରେ ସବୁଠୁ ବଡ଼ ପୁରସ୍କାର ପାଇଗଲି ।

ଏମ୍.ଏ. ପଢ଼ିବାବେଳେ ବଂଶୀଧର ଭୂୟାଁଙ୍କ ଜନସାହିତ୍ୟରେ ଏକ ଷ୍ଟୋରି ସପ୍ଲିମେଣ୍ଟ ପ୍ରକାଶ ପାଇଲା । ମୁଁ ସେଥିରେ ଦୁଇ ତିନୋଟି ସଙ୍କେତଧର୍ମୀ ଗଳ୍ପ ଲେଖିଥିଲି । କଲେଜରେ ପଢ଼ିବା ଭିତରେ ମାୟାଧର ମାନସିଂହ, ସଚ୍ଚିଦାନନ୍ଦ ରାଉତରାୟ, ରାଧାମୋହନ ଗଡ଼ନାୟକ, ଅନନ୍ତ ପଟ୍ଟନାୟକ, ସୁରେନ୍ଦ୍ର ମହାନ୍ତି, ହରେକୃଷ୍ଣ ମହତାବ, ରାଧାନାଥ ରଥ, ଉଦୟନାଥ ଷଡ଼ଙ୍ଗୀ, ବିଭୂତି ପଟ୍ଟନାୟକ, ରବି ସିଂହ, ଭଞ୍ଜ କିଶୋର ପଟ୍ଟନାୟକ, ଗୋପାଳ ଛୋଟରାୟ, ମନୋରଞ୍ଜନ ଦାସ, ମନୋଜ ଦାସ, ବ୍ରଜନାଥ ରଥ ପ୍ରମୁଖ ବଡ଼ ବଡ଼ ଲେଖକଙ୍କ ସହିତ ଅଳ୍ପ ଅଳ୍ପ ପରିଚୟ ହୋଇଯାଇଥିଲା । ଭଗବାନ ନାୟକ ବର୍ମାଙ୍କ ସହିତ ମିଶି ‘ଆକାଶ ଦୀପ’ ବୋଲି ପତ୍ରିକାଟିଏ ସ୍ୱଳ୍ପକାଳ ପାଇଁ ବାହାର କରିଥିଲି ଜଣେ ପ୍ରେସ୍ ମାଲିକଙ୍କ ସହାୟତାରେ । କଲେଜରେ ଶିକ୍ଷକ ଭାବରେ କେତେ ଜଣ ସାହିତ୍ୟିକଙ୍କୁ ପାଇଥିଲି । ସେମାନେ ହେଲେ - ଶ୍ରୀଧର ଦାସ, ପଠାଣି ପଟ୍ଟନାୟକ, ଗୋଲୋକ ବିହାରୀ ଧଳ, କୁଞ୍ଜ ବିହାରୀ ଦାଶ, କାହ୍ନୁଚରଣ ମିଶ୍ର, ଗୋପାଳ ଚନ୍ଦ୍ର ମିଶ୍ର, ଜାନକୀ ବଲ୍ଲଭ ମହାନ୍ତି, ବଂଶୀଧର ମହାନ୍ତି, ଧନେଶ୍ୱର ମହାପାତ୍ର ପ୍ରମୁଖ । ଅଧ୍ୟାପକ ହେବା ପରେ ବହୁ ଛୋଟ ବଡ଼ ସାହିତ୍ୟିକଙ୍କ ସହିତ ପରିଚୟ ଘଟିଲା ।

ମୂଳରୁ ମୁଁ ଭଲ ଛାତ୍ର ଥିଲି । ପ୍ରାଇମେରୀ ସ୍କୁଲ ଓ ମାଇନର୍ ସ୍କୁଲ୍‌ରେ ବୃତ୍ତି ପାଇଥିଲି । ମାଟ୍ରିକ୍ୟୁଲେସନ୍ ଓ କଲେଜରେ ପ୍ରଥମ ଶ୍ରେଣୀ ପାଇ ଆସିଥିଲି । ଲେଖାଲେଖି ବି କରୁଥିଲି । ତେଣୁ ସ୍କୁଲ କଲେଜରେ ମୋ ପ୍ରତି ସମସ୍ତଙ୍କର ଏକ ଶ୍ରଦ୍ଧାନ୍ୱିତ ଦୃଷ୍ଟି ରହିଥିଲା । ଉଭୟ ବି.ଏ. ଅନର୍ସ ଓ ଏମ୍.ଏ.ରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ମୋତେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଦୁଇଟି ଗୋଲ୍‌ଡ ମେଡାଲ୍ ମିଳିଲା । ପାସ୍ କରିବା ସଙ୍ଗେ ସଙ୍ଗେ ରେଭେନ୍ସା କଲେଜରେ ଅଧ୍ୟାପକ ରୂପେ ନିଯୁକ୍ତି ପାଇଲି । ଫଳରେ ଛାତ୍ରଛାତ୍ରୀମାନଙ୍କର ମୋ ପ୍ରତି ସଶ୍ରଦ୍ଧ ଦୃଷ୍ଟି ଆକର୍ଷିତ ହେଲା । ସେତେବେଳେ ବହୁ ଛାତ୍ରଛାତ୍ରୀ ଓଡ଼ିଆ ପତ୍ରପତ୍ରିକା ପଢୁଥିବାରୁ ମୋ ନାମ ସହିତ ପରିଚିତ ହୋଇଯାଇଥିଲେ । ମୁଁ ଅଧ୍ୟାପକ ଭାବେ ରେଭେନ୍ସା କଲେଜରେ ବହୁତ ଶୀଘ୍ର ନାଁ କରିଯାଇଥିଲି । ଭଲ ପଢ଼ାଇବା ପାଇଁ ମୁଁ କଠିନ ପରିଶ୍ରମ କରେ । ପ୍ରଚୁର ଇଂରେଜୀ ଓ ବଙ୍ଗଳା ବହି ପଢ଼େ । କ୍ଲାସ୍‌କୁ ଯିବା ପୂର୍ବରୁ ମୁଁ ଯଥେଷ୍ଟ ପ୍ରସ୍ତୁତି ନେଇଥାଏ । ମୋତେ ଲାଗେ ମୁଁ ଯେପରି ମଞ୍ଚରେ ଅଭିନୟ କରିବାକୁ ପ୍ରସ୍ତୁତ ହୋଇଯାଉଛି । ପିଲାମାନେ ବଡ଼ ଆଗ୍ରହରେ ମୋର ବକ୍ତୃତା ଶୁଣନ୍ତି । ଅନ୍ୟ କ୍ଲାସ୍‌ରୁ

Digitized by srujanika@gmail.com

ପିଲା ଭିତରେ ଆସି ବସି ଯାଇଥାନ୍ତି କିମ୍ବା ବାହାରେ ଠିଆ ହୋଇ ଶୁଣନ୍ତି । କ୍ଲାସ୍ ସରିବା ପରେ ସଫଳ ଅଭିନୟ କରି ମଞ୍ଚରୁ ବାହାରି ଆସିବା ପରି ମୁଁ ବାହାରି ଆସେ । ଦଳେ ପିଲା ମୋତେ ପରିବେଷ୍ଟନ କରି କିଛି ବାଟ ଆସନ୍ତି । କଥାବାର୍ତ୍ତା ଭିତରେ କେହି କେହି ମୋର ଲେଖା ପଢ଼ିଥିବାର କଥା କହନ୍ତି । ମୋର ଅଧ୍ୟାପନାର ଦ୍ୱିତୀୟ ଦିନରେ ଗୋଟିଏ ସୁନ୍ଦରୀ ଝିଅ ମୋତେ କହିଥିଲା - "ସାର୍, ଏ ମାସ ଝଙ୍କାରରେ ଆପଣଙ୍କର ଗୋଟିଏ କବିତା ବାହାରିଛି । ଆଗରୁ ପଢ଼ିଛି ଆପଣଙ୍କ କବିତା ।" ପିଲାମାନଙ୍କ ମୁହଁରୁ ମୋର ଲେଖା କେଉଁଠି ବାହାରିଛି ବା ସେମାନେ ପଢ଼ିଛନ୍ତି ଶୁଣିଲେ ମୁଁ ଉଚ୍ଛ୍ୱସିତ ହୋଇଉଠିଛି । ସେତେବେଳେ କଲେଜ ଛାତ୍ରଛାତ୍ରୀମାନଙ୍କର ଓଡ଼ିଆ ସାହିତ୍ୟପ୍ରତି, ସାହିତ୍ୟିକଙ୍କ ପ୍ରତି ଯେପରି ଅନୁରାଗ ରହିଥିଲା, ଆଜି ତାହା ଭାବିଲେ ହତାଶ ଲାଗେ ।

ରେଭେନ୍ସା କଲେଜରେ ଦେଢ଼ ବର୍ଷ ରହିବା ପରେ ମୋର ଟ୍ରାନ୍ସଫର୍ ହୋଇଗଲା ଭଦ୍ରକ କଲେଜ୍‌କୁ । ବଡ଼ ଦୁଃଖ ହେଲା । ପ୍ରଥମେ ପ୍ରଥମେ ଭଦ୍ରକ କଲେଜରେ ମନ ଲାଗିଲାନି । ମୁଁ କିନ୍ତୁ ଅଧ୍ୟାପନାରେ ମୋର ନିଷ୍ଠା କମାଇ ନାହିଁ । ଖୁବ୍ କମ୍ ଦିନରେ ମୁଁ ଛାତ୍ରଛାତ୍ରୀମାନଙ୍କର ଅତିପ୍ରିୟ ହୋଇଉଠିଲି । କଲେଜ ଓ ଭଦ୍ରକ ଅଞ୍ଚଳରେ ମୋର ଖ୍ୟାତି ବ୍ୟାପିଗଲା । ଭଦ୍ରକରେ ସାହିତ୍ୟିକ ପରିବେଶ ଯୋଗୁଁ କଲେଜ ଓ କଲେଜ ବାହାରେ ମୋ ପ୍ରତି ସ୍ୱତନ୍ତ୍ର ସମ୍ମାନବୋଧ ରହିଥିଲା । ସ୍କୁଲ କଲେଜର ଉତ୍ସବ ଅନୁଷ୍ଠାନକୁ ଅତିଥି ଭାବରେ ମୋତେ ଡାକୁଥିଲେ । ପିଲାମାନଙ୍କ ଭଲ ପାଇବାକୁ ଛାଡ଼ି ଶାନ୍ତିନିକେତନ ଯିବାକୁ ମୋତେ ଭଲ ଲାଗୁନଥିଲେ ବି ଶେଷରେ ଗଲି । ଛାତି ଭିତରେ ରହିଲା ତିନି ବର୍ଷର ଭଦ୍ରକ କଲେଜର ସ୍ମୃତି ।

ଅଧ୍ୟାପକ ଭାବେ ବିଶ୍ୱଭାରତୀରେ ଯୋଗ ଦେବା (୧୯୭୪) ପ୍ରକୃତରେ ମୋ ପାଇଁ ଥିଲା ଦୈବୀ ଆଶୀର୍ବାଦ । ସବୁ ଲେଖା ଏଇଠି ଲେଖିଚି । ଏଠି ଅଧିକ ଗୋଟିଏ ସୁଯୋଗ ଥିଲା । ଲେଖା ସରିବା ମାତ୍ରେ ମୋର ସହଧର୍ମିଣୀ ଶ୍ରୀମତୀ ମୋନା ହରିଚନ୍ଦନ ଲେଖାକୁ ଉତାରି ଦେଉଥିଲେ । ଫଳରେ ମୁଁ ଭିନ୍ନ ଲେଖା ଲେଖିବାର ସୁଯୋଗ ପାଉଥିଲି; ଲେଖା ଶୀଘ୍ର ଚାଲିଯାଉଥିଲା ଛାପା ହେବାକୁ । ଶାନ୍ତିନିକେତନର ପ୍ରଥମ କେତେ ବର୍ଷ ମୁଁ କେବଳ କବିତା ଲେଖିଚି । ସେ ଭିତରେ ବଡ଼ ଅପେକ୍ଷା ଛୋଟ ଛୋଟ ଭାବପୂର୍ଣ୍ଣ କବିତାର ସଂଖ୍ୟା ଥିଲା ଅଧିକ 'ଜୀବନରଙ୍ଗ'ରେ ଧାରାବାହିକ ଭାବରେ କେତେ ବର୍ଷ କବିତା ଲେଖିଥିଲି । ୧୯୮୦ ମସିହାରେ ମୋତେ ଜୀବନରଙ୍ଗ କବିତା ପୁରସ୍କାର ମିଳିଥିଲା । ସ୍କୁଲ ଓ କଲେଜ ଜୀବନରେ କେବଳ କବିତା ପାଇଁ କେତୋଟି ପୁରସ୍କା ମିଳିଥିଲା । ଏମ୍.ଏ. ପଢ଼ିଲାବେଳେ ସମ୍ମାନଜନକ ଉତ୍କଳ ବିଶ୍ୱବିଦ୍ୟାଳୟର ପଦ୍ମଚରଣ ପଟ୍ଟନାୟକ କବିତା

Digitized by srujanika@gmail.com

ପୁରସ୍କାର ମିଳିଲା । ଏ ତ ସବୁ ଛାତ୍ରାବସ୍ଥାର କଥା । ପ୍ରକୃତ ଜୀବନ ଭିତରକୁ ପଶିବା ପରେ ଜୀବନରଙ୍ଗ ପୁରସ୍କାର ହିଁ କବିତା ପାଇଁ ମୋର ପ୍ରଥମ ପୁରସ୍କାର । ଆଉ କାହିଁକି କେହି ମୋତେ କବିତା ପାଇଁ ପୁରସ୍କାର ନେଇନାହାନ୍ତି । ଯଦିଚ ବିଭିନ୍ନ ପତ୍ରପତ୍ରିକାରେ ମୋ କବିତା ପଢ଼ି ଅନେକ ପରିଚିତ/ଅପରିଚିତ ପାଠକ ସପ୍ରଶଂସ ପତ୍ର ଲେଖିଛନ୍ତି । ଯାହାହେଉ, ଅନେକ ବର୍ଷ ପରେ ଗଙ୍ଗାଧର ରଥ ଫାଉଣ୍ଡେସନ୍ ମୋତେ ଭାନୁଜୀ ରାଓ କବିତା ପୁରସ୍କାର ଦେଇ ସମ୍ମାନିତ କଲେ । ଏଇ ବୋଧହୁଏ ବଞ୍ଚିବା ପାଇଁ ମୋର ଶେଷ ପୁରସ୍କାର । ତଥାପି ମୁଁ ଶେଷ ପର୍ଯ୍ୟନ୍ତ କବିତା ଲେଖିବି । ସମାଲୋଚନା ପାଇଁ ମୋତେ ମିଳିଛି, ବିଷୁବମିଳନ 'ଝଙ୍କାର' ପୁରସ୍କାର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ଦୀନକୃଷ୍ଣ ପୁରସ୍କାର, ଉତ୍କଳ ସାହିତ୍ୟ କଳା ପରିଷଦ ସମ୍ମାନ । ନାଟକ ପାଇଁ ବୋଧହୁଏ ବେଶି ସମ୍ମାନ ମିଳିଛି । ଜଷ୍ଟିସ୍ ହରିହର ମହାପାତ୍ର ବିଷୁବ ମିଳନ ପୁରସ୍କାର, ଉତ୍କଳ ସାହିତ୍ୟ ସମାଜ ନାଟକ ପୁରସ୍କାର, ଆକାଶବାଣୀ, କଟକର ନାଟକ ପୁରସ୍କାର, ଥିଏଟର୍ ଅଲିମ୍ପାଡ଼ର 'ନାଟ୍ୟଭୂଷଣ ଉପାଧି' ଓ ଥିଏଟର୍ ମୁଭ୍‌ମେଣ୍ଟର 'ନାଟ୍ୟାଶ୍ଚର୍ଯ୍ୟ' ଉପାଧି ଇତ୍ୟାଦି । ବାକି ଗୋକର୍ଣିକା ସାହିତ୍ୟ ସମାଜ ସମ୍ମାନ, ଉତ୍କଳ ସାହିତ୍ୟ ସମାଜ ସମ୍ମାନ, ସାରଳା ସାହିତ୍ୟ ସଂସଦ ସମ୍ମାନ, ପୁନର୍ନିବା ସାହିତ୍ୟ ସଂସଦ ସମ୍ମାନ, ସାରଳା ସାହିତ୍ୟ ସଂସଦର ମାନସିଂହ ସମ୍ମାନ, ସହକାର ସମ୍ମାନ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ସମ୍ମାନ ମୋର ସାମଗ୍ରିକ କୃତି ପାଇଁ ସ୍ୱୀକୃତି । ଆଜି ଏ ଅନୁଷ୍ଠାନଗୁଡ଼ିକୁ ସ୍ମରଣ କରୁଛି ସେମାନେ ମୋତେ ସ୍ୱୀକୃତି ଦେଇ ଉତ୍ସାହିତ କରିଛନ୍ତି ବୋଲି । ଅଧ୍ୟାପନା, ଗବେଷଣା ଓ ପ୍ରଶାସନ କାର୍ଯ୍ୟର ବ୍ୟସ୍ତତା, ଜାତୀୟ, ଅନ୍ତର୍ଜାତୀୟ ସେମିନାର୍ ପାଇଁ ପ୍ରସ୍ତୁତି, ଓଡ଼ିଆ ବିଭାଗ, ବିଦ୍ୟାଭବନ, ଭାଷାଭବନ ଛାତ୍ରଛାତ୍ରୀଙ୍କ ସ୍ନେହାନୁବଦ୍ଧତା ଯୋଗୁଁ ସାହିତ୍ୟ ପାଇଁ ଯଥୋଚିତ ସମୟ ଦେଇପାରିନି । ଭାବିଥିଲି ଅବସର ପାଇଲେ ଅନେକ କିଛି କରିପାରିବି ବୋଲି, ତା ଠିକ୍ ଭାବେ ହୋଇପାରୁନି । ପୁଣି ସେମିନାର ଓ ସାହିତ୍ୟ ସଭାରେ ଅତିଥି ହେବାକୁ ନିମନ୍ତ୍ରଣ, ଭ୍ରମଣର ଆହ୍ୱାନ - ଏସବୁରେ ସମୟ ଯାଉଛି । ସେଥିପାଇଁ ମନରେ ଦୁଃଖ । ସାହିତ୍ୟିକ ଜୀବନର ପ୍ରକୃତ ଉତ୍‌ଥାନ ପାଇଁ 'ଝଙ୍କାର'ର ଅବଦାନ ମୋ ପାଇଁ ଅବିସ୍ମରଣୀୟ । 'ଝଙ୍କାର' ଓ ପ୍ରଜାତନ୍ତ୍ର ପ୍ରଚାର ସମିତି ଥିଲା ମୋ ପରି ଅନେକ ସାହିତ୍ୟିକଙ୍କର ବିକାଶ ଭୂମି । 'ଝଙ୍କାର'ର ମୁଖ୍ୟ ସମ୍ପାଦକ ଡକ୍ଟର ହରେକୃଷ୍ଣ ମହତାବଙ୍କ ପୁଣ୍ୟ ପ୍ରେରଣା ବିନା ହୁଏତ ମୋର ଉତ୍‌ଥାନ ସମ୍ଭବ ହୋଇନଥାନ୍ତା । ତାଙ୍କର ବାଣୀ ଏବେ ବି ପ୍ରତିଧ୍ୱନିତ ହୁଏ କର୍ଣ୍ଣ ପଟହରେ, ତାଙ୍କର ଛବି ଏବେ ବି ପ୍ରତିବିମ୍ବିତ ହୁଏ ହୃଦୟ ଆକାଶରେ । ସେ ପ୍ରକୃତରେ ଚିହ୍ନିଥିଲେ ଓଡ଼ିଆ ଜାତିର ଅନ୍ତରାତ୍ମାକୁ, ଓଡ଼ିଆ ସାହିତ୍ୟ ଓ

Digitized by srujanika@gmail.com

ସଂସ୍କୃତିର ପ୍ରାଣବାଣୀକୁ । ବ୍ୟକ୍ତିଗତ ଭାବେ ମୁଁ ତାଙ୍କ ନିକଟରେ ଋଣୀ । ମୋର ବହୁ ପ୍ରବନ୍ଧ, ନାଟକ ଓ କବିତା ସେ 'ଝଙ୍କାର'ରେ ଛାପିଛନ୍ତି । 'ଝଙ୍କାର'ରେ ପ୍ରକାଶିତ ନ ହୋଇଥିଲେ ମୋ ପ୍ରବନ୍ଧ ଓ ନାଟକର ସ୍ୱାତନ୍ତ୍ର୍ୟ କେହି ଅନୁଭବ କରିପାରିନଥାନ୍ତେ । ମୋର ଉତ୍ସାହ ବି ମରି ଯାଇଥାନ୍ତା । ଯେତେବେଳେ ମୋର ଯେଉଁ ଲେଖା ତାଙ୍କ ପାଖରେ ପହଞ୍ଚିଛି, ତା ନିଶ୍ଚିତ ଭାବେ ପର ମାସ ସଂଖ୍ୟାରେ ପ୍ରକାଶ ପାଇଛି । ତାଙ୍କ ନିର୍ଦ୍ଦେଶରେ ମୁଁ ଏକାମ୍ର ନିବାସ ଠିକଣାରେ ତାଙ୍କ ପାଖକୁ ଲେଖାପଠାଏ । ବେଳେ ବେଳେ ହାତରେ ଦେଇଆସେ । ଯେତେବେଳେ ବି ଏକାମ୍ର ନିବାସ ଯାଇଛି, ମୁଁ ପହଞ୍ଚିବା ସଙ୍ଗେ ସଙ୍ଗେ ମୋତେ ସାକ୍ଷାତର ସୁଯୋଗ ମିଳିଯାଇଛି । ଅନ୍ୟମାନେ ବାହାରେ ଅପେକ୍ଷା କରି ବସିଥିଲେ ବି ସେ କିଛି ସମୟ ମୋ ସହିତ ସାହିତ୍ୟିକ ଆଳାପ କରନ୍ତି, ଦେଶ ବିଦେଶର ସାହିତ୍ୟିକ ପାଣିପାଗ ବିଷୟରେ ସୂଚନା ଦିଅନ୍ତି । ଥରେ ଗୋଟିଏ ପ୍ରବନ୍ଧ ନେଇ ପହଞ୍ଚିଲି ଏକାମ୍ର ନିବାସରେ । ତାଙ୍କ କୋଠରୀ ଭିତରେ ପଶିବା ମାତ୍ରେ ଦରବାରରେ ବସିଥିବା କେତେ ଜଣ ନେତାକୁ କହିଲେ - ସାହିତ୍ୟିକ ଆସିଗଲେ । ଏଥର ରାଜନୀତି ଚର୍ଚ୍ଚା ଥାଉ । ସାହିତ୍ୟ ଚର୍ଚ୍ଚା କରିବା । ସୁରେଶ ରାଉତରାୟକୁ ଲକ୍ଷ୍ୟ କରି କହିଲେ, "ବୁଝିଲ ସୁରେଶ, ବିଶ୍ୱଭୂଷଣରାଜନୀତିରେ ଯେମିତି ଜଣେ ବଡ଼ ଯୋଦ୍ଧା, ଏ ସେମିତି ଆମ ସାହିତ୍ୟରେ ଜଣେ ବଡ଼ ଯୋଦ୍ଧା ।" ଏହା ମୋ ପରି ଜଣେ ଅକିଞ୍ଚନକୁ ଗର୍ବସ୍ଫୀତ କରିବା ସ୍ୱାଭାବିକ ।

ଭଦ୍ରକ କଲେଜ୍‌ରେ ଥିଲାବେଳେ ମୋର ତିନିଖଣ୍ଡ ବହି ମାତ୍ର ଛାପା ହୋଇଥିଲା । ମୋର ପ୍ରଥମ ପ୍ରକାଶକ ଜେ.ମହାପାତ୍ର ଏଣ୍ଡ କୋ.ର ନବକିଶୋର ମହାପାତ୍ରଙ୍କୁ ଶ୍ରଦ୍ଧାର ସହିତ ସ୍ମରଣ କରୁଛି । ସେ ମୋର ପ୍ରଥମ ସମାଲୋଚନା ବହି ସମାଲୋଚନା ଦୃଷ୍ଟିରୁ ଓ ପ୍ରଥମ କବିତା ବହି 'ପାହାଚ' ଛାପିଥିଲେ । ମୋର ଦ୍ୱିତୀୟ ସମାଲୋଚନା ବହି 'ସାହିତ୍ୟର ରୂପରେଖ'ର ପ୍ରକାଶକ ଥିଲେ ବିଦ୍ୟାପୁରୀର ପୀତାମ୍ବର ମିଶ୍ର । ମୋର ପ୍ରଥମ ନାଟକ 'ସତ୍ୟ ସଂଶୟ ସାଲବେଗ', ଦ୍ୱିତୀୟ ନାଟକ 'ନିରାପଦ ଭବିଷ୍ୟତ', ତୃତୀୟ ନାଟକ 'ସ୍ୱର୍ଗାରୋହଣ'ର ପ୍ରକାଶକ ଥିଲେ ଯଥାକ୍ରମେ ଫ୍ରେଣ୍ଡସ୍ ପବ୍ଲିଶର୍ସର ସହଦେବ ପ୍ରଧାନ, କଟକ ଷ୍ଟୁଡେଣ୍ଟ୍ସ ଷ୍ଟୋର୍‌ର ଅନନ୍ତ ମିଶ୍ର, ଓଡ଼ିଶା ବୁକ୍ ଷ୍ଟୋର୍‌ର ଗୋବିନ୍ଦ ଚରଣ ପାତ୍ର । ଫ୍ରେଣ୍ଡସ୍ ପବ୍ଲିଶର୍ସ ଆନୁକୂଲ୍ୟରୁ ମୋର ଦ୍ୱିତୀୟ କବିତା ସଙ୍କଳନ 'ନୀଳ ଚନ୍ଦନର ଭୁଲ୍ ଠିକଣା' ବିଦ୍ୟାପୁରୀ ଆନୁକୂଲ୍ୟରୁ ମୋର ତୃତୀୟ କବିତା ସଙ୍କଳନ 'ସମ୍ବୋଧନହୀନ' ପ୍ରକାଶିତ ହୋଇଥିଲା । ଏହି ପ୍ରକାଶକମାନଙ୍କ ପ୍ରତି ମୋର କୃତଜ୍ଞତା ସ୍ୱାଭାବିକ । ଏମାନଙ୍କ ବ୍ୟତୀତ କଟକର ନାଳନ୍ଦା, ଗ୍ରନ୍ଥମନ୍ଦିର, ଜଗନ୍ନାଥ ରଥ, ବୁକ୍‌ସ ଏଣ୍ଡ୍ ବୁକ୍‌ସ, ଆର୍ଯ୍ୟ ପ୍ରକାଶନ, ପଞ୍ଚସଖା ପ୍ରକାଶନ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ,

Digitized by srujanika@gmail.com

ବ୍ରହ୍ମପୁରର ତାରାତାରିଣୀ ପୁସ୍ତକାଳୟ ଓ ବିଜୟ ବୁକ୍ ଷ୍ଟୋର୍ ମୋର ବହି ଛାପିଛନ୍ତି । ତେବେ ବିଦ୍ୟାପୁରୀ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର୍, ଫ୍ରେଣ୍ଡସ୍ ପବ୍ଲିଶର୍ସ ଏବଂ ଓଡ଼ିଶା ବୁକ୍ ଷ୍ଟୋର୍ ମୋର ବେଶି ବହି ଛାପିଛନ୍ତି । ଏକମାତ୍ର ଇଂରେଜୀ ବହି Aspects of Oriya Drama ଓଡ଼ିଶା ସାହିତ୍ୟ ଏକାଡ଼େମୀଦ୍ୱାରା ପ୍ରକାଶ ପାଇଛି । ଦିଲ୍ଲୀ କେନ୍ଦ୍ର ସାହିତ୍ୟ ଏକାଡ଼େମୀ, ନ୍ୟାସ୍‌ନାଲ୍ ବୁକ୍ ଟ୍ରଷ୍ଟ୍ ଓ ବାଣୀପ୍ରକାଶନ ମୋର ଅନୁବାଦ ପୁସ୍ତକ କେତୋଟି ଛାପିଛନ୍ତି । ଏ ସମସ୍ତ ସଂସ୍ଥାର ପ୍ରକାଶକମାନଙ୍କ ସହଯୋଗ ନ ପାଇଥିଲେ ସାହିତ୍ୟିକ ଭାବେ ନିଜକୁ ପ୍ରତିଷ୍ଠା କରିବା ସମ୍ଭବ ହୋଇନଥାନ୍ତା ।

ଓଡ଼ିଶାରେ ରହିଥିଲେ କେତେ ସରକାରୀ କଲେଜ ବୁଲିଥାନ୍ତି । ସାଧାରଣତଃ ସାହିତ୍ୟିକମାନେ ଯେପରି ଯେ କୌଣସି ପରିସ୍ଥିତିରେ, ଯେ କୌଣସି ସ୍ଥାନରେ ସମସ୍ତ କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ଲେଖିପାରନ୍ତି, ତା ମୋ ପକ୍ଷରେ ସମ୍ଭବ ହୋଇନଥାନ୍ତା । ମୋର ସେଭଳି ନିଷ୍ଠା ବା ପ୍ରତିଜ୍ଞା ନ ଥିଲା । ଓଡ଼ିଶାର ମାୟା ଛାଡ଼ି ଶାନ୍ତିନିକେତନ ଆସିବା କଥା ଭାବିନଥିଲି । ଶାନ୍ତିନିକେତନ ଆସିବାକୁ ମୂଳରୁ ରାଜି ନଥିଲି । ତେଣୁ ନିଯୁକ୍ତି ପାଇବାର ଛଅ ମାସ ପରେ ଆସି ବିଶ୍ୱଭାରତୀରେ ଯୋଗ ଦେଲି । ଏଠି ଥିଲାବେଳେ ଓଡ଼ିଶାର କୌଣସି ବିଶ୍ୱବିଦ୍ୟାଳୟକୁ ଚାଲିଯିବା କଥା ଭାବିଛି । ସମ୍ଭବ ହୋଇନାହିଁ । ଏଠା ରହଣି ଦେହସୁହା ହୋଇଯାଇଛି । ପରେ ଅନୁଭବ କରିଛି ଶାନ୍ତିନିକେତନ ମୋର ସାହିତ୍ୟିକ ଜୀବନ ପାଇଁ ଆଶୀର୍ବାଦ ପାଲଟିଯାଇଛି । ବହି ପଢ଼ିବାର ନିଶା ଥିଲା । ଏଠି ପ୍ରଚୁର ବହି ପଢ଼ିବାର ସୁଯୋଗ ମିଳିଲା । ବିଶ୍ୱଭାରତୀ ଲାଇବ୍ରେରୀ ବହୁତ ବଡ଼ । ଓଡ଼ିଆ ସେକ୍‌ସନ୍‌ରେ ପ୍ରାୟ ସବୁ ଓଡ଼ିଆ ବହି ଥାଏ । ପ୍ରତିବର୍ଷ ଯେତେ ଟଙ୍କା ଗ୍ରାଣ୍ଟ ମିଳେ, ଓଡ଼ିଆ ଭାଷାରେ ସେତିକି ଟଙ୍କାର ବହି ଛାପା ହୁଏ ନାହିଁ । ଇଂରେଜୀ ଓ ବଙ୍ଗଳା ସେକ୍‌ସନ୍ ତ ବହୁତ ବଡ଼ । ହିନ୍ଦୀ ସେକ୍‌ସନ୍ ବି ବହୁତ ବଡ଼ । ଏଠି ଆମ୍ରକୁଞ୍ଜ ଓ ଶାଳବଣର ମାୟା ଅପେକ୍ଷା ଲାଇବ୍ରେରୀର ମାୟା ବହୁତ ବେଶି ଥିଲା, ପ୍ରାୟ ପ୍ରତିଦିନ ଲାଇବ୍ରେରୀକୁ ଯାଉଥିଲି । ସବୁଦିନ ବହି ନ ଆଣିଲେ ବି ରିଡିଂ ରୁମ୍‌ରେ ବସି ଇଂରେଜୀ ଓ ବଙ୍ଗଳା ପତ୍ରିକା ପଢୁଥିଲି । T.L.S. (Time Literary Supplement)ରୁ ନୂଆ ପ୍ରକାରର କବିତା ପଢ଼ିବାକୁ ମଜା ଲାଗୁଥିଲା । ଲାଇବ୍ରେରୀକୁ ଓଡ଼ିଆ ବହି ଯେତେବେଳେ ଆସେ ଭଲ ଭଲ ବହି ସବୁ ପଢ଼ିନିଏ । ଓଡ଼ିଆ ବହି ଅପେକ୍ଷା ବଙ୍ଗଳା ବହି ବହୁତ ବେଶି ପଢ଼ିଛି । ଇଂରାଜୀର ସମାଲୋଚନା ଓ ନାଟକ ବହି ଅପେକ୍ଷା ବେଶି ପଢ଼ିଛି ଇତିହାସ ବହି । କେତେକ ଭଲ ହିନ୍ଦୀ ନାଟକ ବି ପଢ଼ିଛି । ଓଡ଼ିଶାରୁ ଚାଲିଯିବା ପରେ ମୋର ବ୍ୟକ୍ତିଗତ ପାଠାଗାରର ଅଧିକାଂଶ ବହି ପରିଚିତ କେହି କେହି ନେଇଗଲେ, ଫେରାଇଲେ ନାହିଁ । ଶାନ୍ତିନିକେତନରେ ପୁଣି ଓଡ଼ିଆ ବହି କିଣିଲି,

Digitized by srujanika@gmail.com

ଇଂରେଜୀ ଓ ବଙ୍ଗଳା ବହି କିଣିଲି । କ୍ରମେ ଗୋଟିଏ ଆଲମିରାରୁ ଦୁଇଟି ଆଲ୍‌ମିରା ହୋଇଗଲା । ପ୍ରତିବର୍ଷ ବହି ସଂଖ୍ୟା ବଢ଼ି ଚାଲିଲା । ପ୍ରଥମ କେତେ ବର୍ଷରେ ଯେତେ ବହି ପଢ଼ିଥିଲି, ସେଗୁଡ଼ିକ ନିରର୍ଥକ ହୋଇନାହିଁ । ମୋର ଚିନ୍ତାଶକ୍ତିକୁ ବଢ଼ାଇବାରେ ମୋର ଲେଖିବାର ଧାରାକୁ ବଦଳାଇବାରେ ସାହାଯ୍ୟ କରିଛି ନିଶ୍ଚୟ । ଓଡ଼ିଶାରେ ଦୀର୍ଘ କବିତା ଲେଖୁଥିଲି, ଶାନ୍ତିନିକେତନରେ କିନ୍ତୁ ଛୋଟ କବିତା ଲେଖିଲି ବେଶି । ରୋମାଣ୍ଟିକ କବିତାକୁ ପ୍ରାୟ ଛାଡ଼ି ଦେଇ ବାସ୍ତବବାଦୀ କବିତା ଲେଖିବାକୁ ଲାଗିଲି । ଅବଶ୍ୟ ସେତେବେଳକୁ ମୋର ମାନସିକତା ବି ବାସ୍ତବତାଭିମୁଖୀ ହୋଇ ଉଠିଥିଲା । ଶାନ୍ତିନିକେତନର ବିଶ୍ୱଭାରତୀ ଓଡ଼ିଆ ସାହିତ୍ୟ ପରିଷଦ ଓ ଓଡ଼ିଆ ବିଭାଗ ଓଡ଼ିଆମାନଙ୍କ ଭିତରେ ଏକ ସାହିତ୍ୟିକ ସାଂସ୍କୃତିକ ପରିବେଶ ସୃଷ୍ଟି କରିଥିଲା । ସମାଲୋଚନା ଲେଖିବା ପାଇଁ ବିଭାଗୀୟ ପରିବେଶ ଅନୁକୂଳ ଥିଲା । ସେତେବେଳେ ଆମେ ମାତ୍ର ଚାରିଜଣ ଅଧ୍ୟାପକ ଥିଲୁ । ନରେନ୍ଦ୍ର-ନାଥ ମିଶ୍ର, ଗଗନେନ୍ଦ୍ର ନାଥ ଦାଶ, ଶ୍ୟାମସୁନ୍ଦର ମହାପାତ୍ର ଆଉ ମୁଁ, ଆମେ ଗୋଟିଏ ପରିବାରର ଲୋକ ଭଳି ଚଳୁଥିଲୁ । ଆମ ଭିତରେ ବିଶେଷ ସୌହାର୍ଦ୍ଦ୍ୟ ରହିଥିଲା । ପିଲାମାନେ ମଧ୍ୟ ଆମକୁ ସମାନ ଭାବେ ଶ୍ରଦ୍ଧା ଓ ସମ୍ମାନ ଦେଖାଇଥିଲେ । ଆମେ ସେମାନଙ୍କୁ ସ୍ନେହ କରୁଥିଲୁ । ନରେନ୍ଦ୍ର ନାଥ ମିଶ୍ର ବିଭାଗୀୟ ମୁଖ୍ୟ ହେଲେ ମଧ୍ୟ ଅନ୍ୟମାନଙ୍କଠୁ ନିଜକୁ ଭିନ୍ନ ବୋଲି ଭାବୁନଥିଲେ । ସକାଳବେଳା କ୍ଲାସ । ସାଢ଼େ ଏଗାରଟା ବେଳକୁ ଶେଷ ହୋଇଯାଉଥିଲା । ତାପରେ ଆମେ ହେଡ୍‌ଙ୍କ ରୁମ୍‌ରେ ବସି ଅଫିସ୍ କାମ କରୁଥିଲୁ । ଏକ ସଙ୍ଗରେ ଘରକୁ ଫେରୁଥିଲୁ ପଦବ୍ରଜରେ । ଅଧ ବାଟରେ ନରେନ୍ଦ୍ରବାବୁ ରହୁଥିଲେ । ସେଠାରୁ କିଛି ଦୂରରେ ଆମେ ତିନିଜଣ ଗୋଟିଏ ଅଞ୍ଚଳରେ ପାଖାପାଖି ଘରେ ରହୁଥିଲୁ । ଜୀବନ ବି ସରଳ ଓ ସାବଲୀଳ ଥିଲା । ଗୋଟିଏ ବିଭାଗର ଅଧ୍ୟାପକ ଓ ଛାତ୍ରମାନଙ୍କ ଭିତରେ ଏପରି ସମ୍ପ୍ରୀତି ଓ ସହଯୋଗ ଆଜି କଳ୍ପନାର ବିଷୟ । ନରେନ୍ଦ୍ରବାବୁ ପ୍ରକୃତରେ ଜଣେ ସରଳ, ନିରହଙ୍କାର ଓ ଗୁଣୀଲୋକ ଥିଲେ । ସମାଲୋଚନା ଲେଖିବାକୁ ବରାବର ଆମକୁ ଉତ୍ସାହିତ କରୁଥିଲେ । ତାଙ୍କରି ପ୍ରେରଣାରୁ ହିଁ ମୁଁ ଇଂରେଜୀରେ ଲେଖିବାକୁ ଆରମ୍ଭ କରିଥିଲି । ମୋ ସାହିତ୍ୟିକ ବିକାଶରେ ତାଙ୍କର ଉତ୍ସାହ, ପ୍ରେରଣା ଓ ସହଯୋଗ ମୋ ପାଇଁ ଅବିସ୍ମରଣୀୟ ହୋଇରହିବ । ତାଙ୍କର ପ୍ରବନ୍ଧର ଭାଷା ପ୍ରୟୋଗରେ ସଂଯମ ଓ ବକ୍ତବ୍ୟରେ ସଂକ୍ଷିପ୍ତତା ଏବଂ ଗଣନେନ୍ଦ୍ରନାଥ ଦାଶଙ୍କର ପାଶ୍ଚାତ୍ୟ ଚିନ୍ତା ଓ ଶୈଳୀ ମୋର ପ୍ରବନ୍ଧ ଲେଖାର ଧାରାକୁ କ୍ରମେ ବଦଳାଇ ଦେଇଥିଲା । ପ୍ରଥମେ ପ୍ରଥମେ ପ୍ରବନ୍ଧ ଲେଖିବା ମୋ ପକ୍ଷରେ କଷ୍ଟକର ଥିଲା । ତଥାପି ବିଭିନ୍ନ ବିଷୟରେ ପ୍ରବନ୍ଧ ଲେଖି ପତ୍ରିକାରେ ପ୍ରକାଶ କରାଉଥିଲି । ପରେ କେନ୍ଦ୍ରୀୟ ଭାରତୀୟ ଭାଷା

Digitized by srujanika@gmail.com

ପ୍ରତିଷ୍ଠାନର ଅଧ୍ୟକ୍ଷ ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ସହ ସାକ୍ଷାତ ହେଲା । ସେ ମୋତେ କହିଲେ, "ତୁମେ ନାଟକ ନେଇ କାମ କରୁଛ ମାନେ କେବଳ ନାଟକ ବିଷୟରେ ପ୍ରବନ୍ଧ ଲେଖ । ଦିନେ ଦେଖିବ ନାଟକ ସମାଲୋଚନା କ୍ଷେତ୍ରରେ ତୁମେ ହିଁ ଆଗରେ ଥିବ । ନାଟକ ସମ୍ପର୍କିତ କୌଣସି ସେମିନାର ହେଲେ ତୁମକୁ ହିଁ ପ୍ରଥମେ ଖୋଜା ହେବ ।" ସେଦିନଠୁ ଏଣୁତେଣୁ ପ୍ରବନ୍ଧ ଲେଖିବା ଛାଡ଼ି କେବଳ ନାଟକ ସମାଲୋଚନା ଲେଖିବାରେ ମନ ଦେଲି, ପରେ ଆବିଷ୍କାର କଲି ଯେ ମୋର ଗୋଟିଏ କଳ୍ପନାଶକ୍ତି ଓ ନୂତନ ଦୃଷ୍ଟିଭଙ୍ଗୀ ରହିଛି । ଓଡ଼ିଆ ନାଟକରେ ଇତିହାସର ପ୍ରତିଧ୍ୱନି ବା ନୂତନ ନାଟ୍ୟ ଚିନ୍ତା ଲେଖିଲାବେଳେ ଯଥାର୍ଥ ନୂତନ ଦୃଷ୍ଟିକୋଣ ମୋର ନଥିଲା, ଆଧୁନିକ ଓଡ଼ିଆ ନାଟକରେ ବାସ୍ତବ ଓ ଉଦ୍ଭଟ ଚେତନା ଲେଖିଲା ବେଳକୁ ମୋ ଦୃଷ୍ଟିକୋଣର ଏକ ବିରାଟ ପରିବର୍ତ୍ତନ ଘଟି ଯାଇଥିଲା । 'ମୋର ଭିନ୍ନ ସମୟ ଭିନ୍ନ ଦୃଷ୍ଟି' ଓ 'ଭାବନା ବିଭାବନା' ନାଟକ ସମ୍ପର୍କିତ ପ୍ରବନ୍ଧଗୁଡ଼ିକ ନୂତନ ଦୃଷ୍ଟିଭଙ୍ଗୀ ସମନ୍ୱିତ ।

୧୯୭୮ ବେଳକୁ ଓଡ଼ିଆ ବିଭାଗର ଏକ ନୂତନ ପରିବେଶ ସୃଷ୍ଟି ହୋଇଯାଇଥିଲା, ଯାହାର ପ୍ରଭାବକୁ ମୁଁ ଅସ୍ୱୀକାର କରିପାରିବି ନାହିଁ । ଖଗେଶ୍ୱର ମହାପାତ୍ର ପ୍ରଫେସର ଭାବେ ଯୋଗ ଦେଲେ । ବିଭିନ୍ନ ବିଭାଗର ବିଦ୍ୱାନମାନଙ୍କୁ ଆଣି ସେମିନାର କରାଇଲେ । ନିୟମିତ ଦୁଇଦିନ ବ୍ୟାପୀ ବାର୍ଷିକ ଜାତୀୟ ସେମିନାର ହେଲା । ବହୁ ସାହିତ୍ୟିକ ଓ ଅଧ୍ୟାପକ ଓଡ଼ିଶାରୁ ଓ ଓଡ଼ିଶା ବାହାରୁ ଆସିଲେ ଏଥିରେ ଯୋଗ ଦେବାକୁ । ଓଡ଼ିଆ ବିଭାଗର ବାହ୍ୟ ରୂପ ବଦଳିଗଲା । ଏହା ବିଶ୍ୱ ଭାରତୀର ଏକ ମୂଳ ବିଭାଗ ହେଲେ ମଧ୍ୟ ପ୍ରାଧାନ୍ୟ ପାଇନଥିଲା । ବର୍ତ୍ତମାନ ପ୍ରାଧାନ୍ୟ ପାଇଲା । 'ବିଶ୍ୱଭାରତୀ ଦୀପିକା' ନାମକ ବିଭାଗୀୟ ଗବେଷଣା ପତ୍ର ମଧ୍ୟ ଖଗେଶ୍ୱରବାବୁଙ୍କ ପ୍ରଚେଷ୍ଟାରେ ବାହାରିଲା । ବିଭାଗୀୟ ପରିବେଶ ନୂତନ ଦୃଷ୍ଟିରେ କିଛି ଆଲୋଚନା କରିବା ଲାଗି ବାତାବରଣ ସୃଷ୍ଟି କରିଥିଲା । ମୁଁ ମୋର ଛାତ୍ରସମ୍ପର୍କ, ନାଟକାଭିନୟ ଓ ସାହିତ୍ୟସଭା ଆଦି କାର୍ଯ୍ୟକ୍ରମକୁ ସଙ୍କୁଚିତ କରି ସମାଲୋଚନା ଲେଖିବାରେ ମନୋନିବେଶ କଲି । ସମସାମୟିକ ନୂତନ ନାଟ୍ୟଧାରା ଉପରେ ମୋର କାମ ଆରମ୍ଭ ହେଲା । ଆଧୁନିକ ଓଡ଼ିଆ ନାଟକରେ ଅସ୍ତିତ୍ୱବାଦୀ ଧାରା, ଉଦ୍ଭଟ ଧାରା ଓ ମହାକାବ୍ୟିକ ଧାରା ସମ୍ପର୍କରେ ସ୍ୱତନ୍ତ୍ର ଭାବେ ବଡ଼ ବଡ଼ ପ୍ରବନ୍ଧମାନ ଲେଖିଲି । ପ୍ରଥମ ତିନୋଟି ନିତ୍ୟାନନ୍ଦ ଶତପଥୀଙ୍କ ସମ୍ପାଦିତ 'ଇସ୍ତାହାର'ରେ ପ୍ରକାଶିତ ହୋଇଥିଲା । ସାମ୍ପ୍ରତିକ ନାଟ୍ୟଧାରା ସମ୍ପର୍କରେ ଅନ୍ୟ ପ୍ରବନ୍ଧଗୁଡ଼ିକ ପ୍ରକାଶିତ ହୋଇଥିଲା 'ଝଙ୍କାର'ରେ । ଓଡ଼ିଆ ନାଟକ କ୍ଷେତ୍ରରେ ଯେଉଁ ପାଶ୍ଚାତ୍ୟ ନାଟ୍ୟଧାରାଗୁଡ଼ିକ ପ୍ରଭାବ ବିସ୍ତାର କରିଥିଲା ତାର ସ୍ପଷ୍ଟ ଓ ତ୍ରୁଟିହୀନ ତାତ୍ତ୍ୱିକ

Digitized by srujanika@gmail.com

ଆଲୋଚନା ଓଡ଼ିଶାର ବୌଦ୍ଧିକ ଜଗତରେ ଆଲୋଡ଼ନ ସୃଷ୍ଟି କରିଥିଲା । ମନୋରଞ୍ଜନ ଦାସ, ବିଜୟ ମିଶ୍ର, କାର୍ତ୍ତିକ ରଥ, ଜଗନ୍ନାଥ ପ୍ରସାଦ ଦାସଙ୍କ ପରି ନାଟ୍ୟକାରମାନେ ମୋର ଦୃଷ୍ଟି ଓ ବିଚାରଧାରାକୁ ପ୍ରଶଂସା କଲେ । କେତେକ ବିଶିଷ୍ଟ ଓଡ଼ିଆ ଓ ଇଂରେଜୀ ଅଧ୍ୟାପକ ନବଚେତନା ସମ୍ବଳିତ ପାଶ୍ଚାତ୍ୟ ନାଟ୍ୟତତ୍ତ୍ୱର ସଠିକ୍ ବ୍ୟାଖ୍ୟା ଏଥିରେ କରାଯାଇଛି ବୋଲି ମତ ଦେଲେ । ପ୍ରବନ୍ଧଗୁଡ଼ିକ 'ଆଧୁନିକ ଓଡ଼ିଆ ନାଟକରେ ବାସ୍ତବ ଓ ଉଦ୍ଭଟ ଚେତନା' ପୁସ୍ତକ ସଙ୍କଳିତ ହୋଇ ପ୍ରକାଶ ପାଇବା ପରେ ବହୁ ନାଟ୍ୟକାର ଓ ଅଧ୍ୟାପକଙ୍କର ସଶ୍ରଦ୍ଧ ଦୃଷ୍ଟି ଆକର୍ଷଣ କରିଥିଲା ।

ମୁଁ ପ୍ରାୟତଃ ନାଟକ, ଆଧୁନିକ କବିତା, ଚର୍ଯ୍ୟାଗୀତି, ଅଭିଲେଖ ଓ ଭାଷାବିଜ୍ଞାନର କେତେକାଂଶ ପଢ଼ାଇ ଆସୁଥିଲି । ମଧ୍ୟଯୁଗୀୟ ସାହିତ୍ୟ ପଢ଼ାଇବାକୁ କେହି ରାଜି ହେଉନଥିଲେ । ମୁଁ କିନ୍ତୁ ଆଗ୍ରହରେ ମଧ୍ୟଯୁଗୀୟ ସାହିତ୍ୟ ପଢ଼ାଇବାର ଦାୟିତ୍ୱ ନେଲି । ପ୍ରାଚୀନ-ମଧ୍ୟଯୁଗୀୟ ସାହିତ୍ୟ ପଢ଼ାଇଲାବେଳେ ମୋର ସଂସ୍କୃତ ପଟ୍ଟଭୂମି ମୋତେ ବିଶେଷ ସାହାଯ୍ୟ କରିଥିଲା । ସେ ଭିତରେ ମଧ୍ୟଯୁଗୀୟ ସାହିତ୍ୟ ସମ୍ପର୍କରେ କେତେକ ନୂତନ ଚିନ୍ତା ମୋ ମନ ଭିତରକୁ ଆସିଲା । ପାରମ୍ପରିକ ଆଲୋଚନାଗୁଡ଼ିକ ଅନ୍ତଃସାର ରୂପେ ମନେ ହେଲା, ଅତୀତର ସାହିତ୍ୟକୁ ଆଧୁନିକ ବିଚାରବୋଧରେ ଦେଖିବାର ପ୍ରେରଣା ମୋତେ ମିଳିଥିଲା, ମାୟାଧର ମାନସିଂହ ଓ ସୁରେନ୍ଦ୍ର ମହାନ୍ତିଙ୍କ ବିଚାର ଆଲୋଚନାର ନୂତନ ଦୃଷ୍ଟିକୋଣରୁ । ସାରଳା ଦାସ, ଦୀନକୃଷ୍ଣ, ଉପେନ୍ଦ୍ରଭଞ୍ଜ ଓ ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ସମ୍ପର୍କରେ ଆଧୁନିକ ଦୃଷ୍ଟିଭଙ୍ଗୀ ସମ୍ବଳିତ କେତେକ ପ୍ରବନ୍ଧ ଲେଖିଲି । ପାଠକମାନଙ୍କ ସପ୍ରଶଂସ ମନ୍ତବ୍ୟ ମିଳିଲା । ପ୍ରବନ୍ଧଗୁଡ଼ିକ ସଙ୍କଳିତ ହୋଇ 'ପ୍ରାଚୀନ-ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ନବମୂଲ୍ୟାୟନ' ନାମରେ ପ୍ରକାଶ ପାଇଲା ।

ନାଟକ ବିଷୟରେ ଲେଖାପଢ଼ା କଲାବେଳେ ମୋର ସ୍ୱତଃସ୍ଫୂର୍ତ୍ତ ଇଚ୍ଛା ଜାଗିଲା ନୂଆ ଧରଣର ନାଟକ ଲେଖିବା ପାଇଁ । ସେତେବେଳକୁ ମୁଁ ସାରଳା ମହାଭାରତକୁ ଦି ଥର ପଢ଼ି ସାରିଥାଏ । ସାରଳ ମହାଭାରତର ବହୁ ଘଟଣାକୁ ମିଥ୍ ଭାବେ ବ୍ୟବହାର କରି କେତୋଟି ଆଧୁନିକ ଭାବବୋଧର ନାଟକ ଲେଖିଲି । ସେତେବେଳକୁ ମହାନ୍ ନାଟ୍ୟକାର ଅଶ୍ୱିନୀ କୁମାର ଘୋଷଙ୍କ ଅଭିନବ ଚିନ୍ତା, ଏବଂ ବସ୍ତୁ ଯୋଜନାରେ ବିବିଧତା, ବିସ୍ତାରିତ ଦୃଷ୍ଟିକୋଣ, ଉପସ୍ଥାପନ ଶୈଳୀର ନୂତନତ୍ୱ ମୋତେ ଅଭିଭୂତ କରିରଖିଥିଲା । ପୁଣି ମୋର ନାଟ୍ୟକାର ପିତାଙ୍କ କାବ୍ୟିକ ସଂଳାପଦ୍ୱାରା ମଧ୍ୟ ମୁଁ ଅନୁପ୍ରାଣିତ ହେଲି । ଓଡ଼ିଆ, ବଙ୍ଗଳା, ହିନ୍ଦୀ ଓ ଇଂରେଜୀ ଭାଷାର କିଛି ଭଲ ନାଟକ ପଢ଼ିଥିଲି । ବିଶ୍ୱଭାରତୀ ଓଡ଼ିଆ ସାହିତ୍ୟ

Digitized by srujanika@gmail.com

ପରିଷଦ ପକ୍ଷରୁ ଅଭିନୀତ 'ବକ୍ସି ଜଗବନ୍ଧୁ' ନାଟକର ନିର୍ଦ୍ଦେଶନା ଓ ମୁକୁନ୍ଦଦେବ ଭୂମିକାରେ ଅଭିନୟ ମୋର ମନୋଭୂମିକୁ ରସାଣିତ କରି ରଖିଥିଲା, ବୋଧହୁଏ ସେଇଥିପାଇଁ ସ୍ୱତଃସ୍ଫୂର୍ତ୍ତ ଭାବେ ଗୋଟିକ ପରେ ଗୋଟିଏ ନାଟକ ଲେଖି ହୋଇଗଲା । ନାଟକଗୁଡ଼ିକ ନବନାଟ୍ୟଧାରାର ସୂତ୍ରଧର ମନୋରଞ୍ଜନ ଦାସଙ୍କ ଆନୁକୂଲ୍ୟରେ ଆକାଶବାଣୀ, କଟକ କେନ୍ଦ୍ରରୁ ପ୍ରସାରିତ ହେଲା । ବହୁ ପ୍ରଶଂସାପତ୍ର ଚିଠି ପାଇଲି ଶ୍ରୋତାମାନଙ୍କଠାରୁ । କେହି କେହି ପରାମର୍ଶ ଦେଲେ ଅନ୍ୟ କିଛି ନ ଲେଖି କେବଳ ନାଟକ ଲେଖିବାକୁ । ପରେ ପରେ ଆକାଶବାଣୀ, ସମ୍ବଲପୁର ଓ ଆକାଶବାଣୀ, ଜୟପୁର କେନ୍ଦ୍ର ପାଇଁ କେତେକ ନାଟକ ଲେଖିଥିଲି ଏବଂ ତାହା ଯଥା ସମୟରେ ପ୍ରଚାରିତ ହୋଇଥିଲା । ଜୟପୁର କେନ୍ଦ୍ର ମୋର 'କଲୁରିବେଣ୍ଟ' ନାଟକକୁ ନେଇ ଆକାଶବାଣୀ ନାଟକ ପ୍ରତିଯୋଗିତା ପାଇଁ ଦିଲ୍ଲୀ ଯାଇଥିଲେ । ମୋର ଭୀମଭୋଇଙ୍କ ସନ୍ଧାନରେ, ସ୍ୱର୍ଗାରୋହଣ, ନିରୁତ୍ତାପ ବିଷ୍ଣୁକଳା, କଲୁରି ବେଣ୍ଟ, ବରଗଛ, ରାସ୍ତା ନାହିଁ, ଅରଣ୍ୟର ଅଶ୍ରୁ, ନଗେନ୍ଦ୍ରବାଳା ପ୍ରଭୃତି ନାଟକ ପ୍ରଥମେ ଝଙ୍କାରରେ ପ୍ରକାଶିତ ହୋଇ ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ପରେ କେତେକ ନାଟକ ଇସ୍ତାହାର, ଆଧୁନିକ, ବର୍ତ୍ତିକା, ବିଶ୍ୱମୁକ୍ତି ଓ ନବରବି ପତ୍ରିକାରେ ପ୍ରକାଶିତ । ନାଟକରେ ହିଁ ଏକ ବୃହତ୍ତର ପ୍ରେକ୍ଷାପଟରେ ଭାରତବର୍ଷର ମଣିଷକୁ ରୂପାୟିତ କରିବାର ସୁଯୋଗ ଆସିଲା ।

ଶାନ୍ତିନିକେତନର ମାଟି, ପାଣି, ପବନରେ ବିଶ୍ୱକବି ରବୀନ୍ଦ୍ରନାଥଙ୍କୁ ଅନୁଭବ କରିହୁଏ । ଏଇ ଅନୁଭବ ବୋଧହୁଏ ସାହିତ୍ୟ ସୃଷ୍ଟି ଲାଗି ପ୍ରେରଣା ଯୋଗାଏ । ଏଇଠି ମୁଁ ବହୁତ କବିତା ଲେଖିଚି । ବହୁ ଚିନ୍ତା ମନ ଭିତରକୁ ଆସିଛି । ଅନୁଭବ୍ କରିଛି ଯେକୌଣସି ବିଷୟକୁ ନେଇ କବିତା ଲେଖାଯାଇପାରେ । ଆଖି ଦେଖୁଥିବା ସମସ୍ୟାଗୁଡ଼ିକୁ କବିତା ଭିତରକୁ ଆଣିବାକୁ ଚେଷ୍ଟା କରିଚି । କବିତା ଲେଖିବାକୁ ଯାଇ ପାଶ୍ଚାତ୍ୟ ଚିନ୍ତାକୁ ନିଜର ଚିନ୍ତା ବୋଲି କହି ଚଳାଇ ନେଇନି । ଓଡ଼ିଶା ଓ ଭାରତବର୍ଷର ସମାଜ, ସଂସ୍କୃତି ଓ ଜୀବନଧାରାରୁ ନିଜକୁ ଭିନ୍ନ କରିପାରିନାହିଁ । ମୋ କବିତାର ଉପଜୀବ୍ୟ ହୋଇଛି ଭାରତବର୍ଷର ମଣିଷ ଓ ତାର ଚିନ୍ତାଚେତନା, ତାର ଦୁଃଖ ଦୈନ୍ୟ, ସୁଖସମୃଦ୍ଧି, ଆନନ୍ଦବେଦନା, ସମାଜ ଅର୍ଥନୀତି, ରାଜନୀତି, ସଂସ୍କୃତି, ଦର୍ଶନ, ପ୍ରେମ, ପ୍ରକୃତି ଈଶ୍ୱର - ସମସ୍ତେ ଆସିଛନ୍ତି ମୋ କବିତା ଭିତରକୁ ଭିନ୍ନ ଭିନ୍ନ ଆଂଶିକ ଦେଇ । ନିଜର ଚିନ୍ତା ସମ୍ପର୍କରେ ସ୍ୱଚ୍ଛତା ଥିଲେ, ପ୍ରକାଶଭଙ୍ଗୀ ସ୍ୱଚ୍ଛ ଓ ସାବଲୀଳ ହୋଇପାରିବ ବୋଲି ମୋର ବିଶ୍ୱାସ । ସାଧାରଣ ପାଠକମାନେ ସହଜରେ ଯେ ମୋ କବିତାର ମର୍ମୋପଲବ୍ଧି କରିପାରନ୍ତି, ତାହାହିଁ ମୋର ସନ୍ତୋଷ ।

Digitized by srujanika@gmail.com

ଗ୍ରାମୀଣ ଜୀବନ ଓ ପରିବେଶ ସବୁବେଳେ ମୋତେ ଆକୃଷ୍ଟ କରିଆସିଛି । ପ୍ରତି ନିୟତ ଶୋଷଣ, ପ୍ରତାରଣା ଓ ଅବିଚାରର ସମ୍ମୁଖୀନ ହେଉଥିବା ଗ୍ରାମବାସୀଙ୍କ ପ୍ରତି ରହିଥିବା ବେଦନାବୋଧ ସ୍ୱତଃସ୍ଫୂର୍ତ୍ତ ଭାବେ ରୂପାୟିତ ହୋଇଛି ମୋ ନାଟକରେ । ଗ୍ରାମସଂପର୍କ ପାଇଁ ବେଳେ ବେଳେ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଓ ପଶ୍ଚିମବଙ୍ଗର ବୀରଭୂମି, ବର୍ଦ୍ଧମାନ ଓ ମେଦିନୀପୁର ଜିଲ୍ଲାର ଗ୍ରାମ ଭିତରକୁ ଯାଇଛି । ପଶ୍ଚିମବଙ୍ଗ ଓ ଓଡ଼ିଶାର ଗାଁ ଗାଁ ଲୋକଙ୍କ ଭିତରେ କିଛି ପାର୍ଥକ୍ୟ ଦେଖୁନି । ଉଭୟଙ୍କର ସମସ୍ୟା ଓ ବିଚାରଧାରା ଏକା ପରି । ଗ୍ରାମ ସମସ୍ୟାମାନ ରୂପାୟିତ ହୋଇଛି ମୋର ଗ୍ରାମପଥ ରାଜପଥ, ରାସ୍ତା ନାହିଁ, ଜଟାୟୁର ଛିନ୍ନ ଡେଣା, ମୁଣ୍ଡ ଉପରେ ଛାତ, ଭୀମ୍‌ଭୋଇଙ୍କ ସନ୍ଧାନରେ ପ୍ରଭୃତି ନାଟକରେ । 'ଭୀମଭୋଇଙ୍କ ସନ୍ଧାନରେ' ଓ 'ମୁଣ୍ଡ ଉପରେ ଛାତ' ନାଟକରେ ଉଦ୍‌ଘାଟିତ ହୋଇଛି ସମଗ୍ର ଭାରତବର୍ଷର ଏକ ନୃତାତ୍ତ୍ୱିକ, ସାମାଜିକ, ଆର୍ଥନୀତିକ ଓ ରାଜନୈତିକ ଚିତ୍ରପଟ ।

କେତେକ ସମସ୍ୟା ବା ଚରିତ୍ର ପ୍ରଥମେ ଆତ୍ମପ୍ରକାଶ କରିଛନ୍ତି ମୋର କବିତାରେ, ତାପରେ ରୂପାୟିତ ହୋଇଛି ନାଟକରେ; ଯେମିତି ନଗେନ୍ଦ୍ରବାଳା, ଅରଣ୍ୟର ଅଶ୍ରୁ, ରାସ୍ତା ନାହିଁ, ବନ୍ଦୀଶାଳାରେ ବିଶ୍ୱପତି ପ୍ରଭୃତିରେ । ଅଧିକାଂଶ ନାଟକରେ ସମସ୍ୟ ଉପସ୍ଥାପିତ ହୋଇଛି ବ୍ରେକ୍‌ଟୀୟ ଏପିକ୍ ଶୈଳୀରେ, କିନ୍ତୁ ନିଜସ୍ୱ ଆଙ୍ଗିକରେ । ଯେଉଁଠି ସମସ୍ୟା ସହିତ ମୋର ଆତ୍ମିକ ନିମଜ୍ଜନ ଘଟିଛି, ଯେଉଁଠି ଚରିତ୍ର ଭିତରେ ମୁଁ ନିଜକୁ ନିବିଡ଼ ଭାବେ ଅନୁଭବ କରିଛି, ସେଇଠି ମୋ ନାଟକ ଅଳ୍ପ ବହୁତେ ସଫଳ ହୋଇଛି ବୋଲି ମୋର ଧାରଣା ।

ବେଳେ ବେଳେ ବିଭିନ୍ନ ସମସାମୟିକ ସମସ୍ୟା ଉପରେ ବିଭିନ୍ନ ଖବରକାଗଜରେ ପ୍ରବନ୍ଧମାନ ଲେଖିଛି । ମୋର ନିର୍ଭୀକତା ପାଇଁ ସାଧୁବାଦ ପାଇଛି । ମୌଳିକ ଲେଖାଛଡ଼ା କିଛି ଅନୁବାଦ ବି କରିଛି, ଅବଶ୍ୟ ସାହିତ୍ୟ ଏକାଡେମୀ ବା ନେସ୍‌ନାଲ୍ ବୁକ୍ ଟ୍ରଷ୍ଟଦ୍ୱାରା ଅନୁରୁଦ୍ଧ ହୋଇ ସକ୍ରଟିସ୍‌ଙ୍କ ଜବାନବନ୍ଦୀ ନାଟକ ଓ ରବୀନ୍ଦ୍ର କବିତାଗୁଚ୍ଛର ଅନୁବାଦ ମୋର ସ୍ୱେଚ୍ଛା ପ୍ରଣୋଦିତ । କିନ୍ତୁ ଓଡ଼ିଆ ସାହିତ୍ୟର ମହତ୍ତମ ସାହିତ୍ୟ ସୃଷ୍ଟି ସାରଳା ମହାଭାରତକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇବା ଥିଲା ମୋର ମହତ୍‌ଆକାଂକ୍ଷା । ବିଶ୍ୱ ଭାରତୀର ହିନ୍ଦୀ ପ୍ରଫେସର ହରିଶ୍ଚନ୍ଦ୍ର ମିଶ୍ରଙ୍କ ସାହାଯ୍ୟରେ ସାତ ଆଠ ବର୍ଷର ସାଧନାରେ ସାରଳା ମହାଭାରତର ହିନ୍ଦୀ ଅନୁବାଦ ସମ୍ଭବ ହେଲା । ପ୍ରଥମ ଦୁଇଖଣ୍ଡ ଆଦିପର୍ବ ଓ ମଧ୍ୟପର୍ବ ଦିଲ୍ଲୀର ବିଶିଷ୍ଟ ପ୍ରକାଶକ ବାଣୀ ପ୍ରକାଶନଙ୍କଦ୍ୱାରା ୧୯୯୦ରେ ପ୍ରକାଶ ପାଇଲା । କିନ୍ତୁ ଓଡ଼ିଶା ସରକାର କୌଣସି

Digitized by srujanika@gmail.com

ପ୍ରୋତ୍ସାହନ ନ ଦେଖାଇବାରୁ ସେ ବାକି ପର୍ବଗୁଡ଼ିକ ଛାପିବାକୁ ଆଗ୍ରହୀ ହେଲା ନାହିଁ । ଦୀର୍ଘ କୋଡ଼ିଏ ବର୍ଷ ଧରି ଓଡ଼ିଶାର ରାଜନେତା ଓ ପ୍ରଶାସକମାନଙ୍କ ଉଦାସୀନତା ଫଳରେ ଏହି ମହାନ୍ ଦ୍ୱିତୀୟ କାର୍ଯ୍ୟଟିର ପ୍ରକାଶନ ବ୍ୟବସ୍ଥା ଚାପି ହୋଇରହିଛି । କେବେ ତାର ମୁକ୍ତି ହେବ କେଜାଣି ? ବଡ଼ ଦୁଃଖ ରହିଗଲା, ପଞ୍ଚଦଶ ଶତାବ୍ଦୀର ଏହି ଅନନ୍ୟ ସାଧାରଣ ସାହିତ୍ୟ ସୃଷ୍ଟିର ମହତ୍ତ୍ୱ ଜାତୀୟସ୍ତରରେ ପ୍ରତିପାଦିତ ହୋଇପାରିଲା ନାହିଁ ।

ଜୀବନର ବହୁଭାଗ ଅତିକ୍ରାନ୍ତ ହୋଇଯାଇଛି ଏ ଭିତରେ । ବହୁ ସମୟରେ ମନ ଭିତରେ ସନ୍ଦେହ ଉଙ୍କି ମାରୁଛି, ଆଉ ଅର୍ଥପୂର୍ଣ୍ଣ କିଛି ଲେଖିପାରିବି ତ ! ଜୀବନର ଶ୍ରେଷ୍ଠ ଲେଖାଟିକୁ ଲେଖିପାରିବି ତ ! ମହତ୍ ଲେଖକ ହେବା ଭଳି ପ୍ରତିଭା ବା ନିଷ୍ଠା ମୋଠାରେ ନ ଥିଲା । ତେବେ ମୋର ସୀମିତ ପରିସରରେ ମୋର ଆକାଂକ୍ଷା ଥିଲା, ମୁଁ ଯାହା ବି ଲେଖେ, ସମାଲୋଚନା ନାଟକ କି କବିତା - ସବୁ ଅନ୍ୟମାନଙ୍କଠାରୁ ଭାବ ଓ ଭଙ୍ଗୀରେ ଭିନ୍ନ ହେଉ । ସେତିକି ମାତ୍ର ଉଦ୍ଦେଶ୍ୟ ସଫଳ ହୋଇଛି କି ନାହିଁ ତା ପାଠକମାନେ ବିଚାର କରିବେ ।

ଦୀର୍ଘ ଛତିଶ ବର୍ଷ କଟିଲା ଶାନ୍ତିନିକେତନରେ । ଓଡ଼ିଶାର ଚାରି ବର୍ଷର ଅଧ୍ୟାପନାର ସ୍ମୃତି ଶେଷପର୍ଯ୍ୟନ୍ତ ବି ଉଜ୍ଜୀବିତ ହୋଇରହିଥାଏ ମନରେ । ବୟସ ବଢ଼ିବା ସଙ୍ଗେ ସଙ୍ଗେ ଶାନ୍ତିନିକେତନ ପ୍ରତି ମାୟା ଆସିଗଲା । ସେଇଠି ଲେକ୍‌ଚରରୁ ରିଡର୍, ରିଡର୍‌ରୁ ପ୍ରଫେସର୍ ହେଲି । ନଅ ବର୍ଷ ଧରି ଓଡ଼ିଆ ବିଭାଗର ମୁଖ୍ୟ ହୋଇରହିଲି । ପ୍ରାୟ ନଅ ବର୍ଷ ବିଶ୍ୱଭାରତୀ ଓଡ଼ିଆ ସାହିତ୍ୟ ପରିଷଦର ସଭାପତି ହୋଇଥିଲି । ଓଡ଼ିଆ ସମାଜର ପିଲାଠୁ ବୁଢ଼ା ସମସ୍ତଙ୍କୁ ନିଜର କରିପାରିଥିଲି । ଏଇ କେତେବର୍ଷ ସାହିତ୍ୟ ପରିଷଦ ଉତ୍ସବମୁଖର ହୋଇଉଠିଥିଲା । ସମସ୍ତଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟ କରିବାରେ ଆନନ୍ଦ ଥିଲା । ସ୍ୱାଭାବିକ ଭାବେ ଓଡ଼ିଆ ବିଭାଗର ଛାତ୍ରଛାତ୍ରୀଙ୍କ ଶ୍ରଦ୍ଧା ଓ ଭକ୍ତି ପାଇ ଅସିଥିଲି । ବିଦ୍ୟାଭବନ ଓ ଭାଷାଭବନର ପ୍ରିନ୍ସିପାଲ୍ ହେବା ପରେ ବିଶ୍ୱଭାରତୀର ଅର୍ଦ୍ଧାଧିକ ଛାତ୍ରଛାତ୍ରୀ ନିଜର ହୋଇଗଲେ । ସ୍ୱତଃସ୍ଫୂର୍ତ୍ତ ଭାବେ କାହିଁକି ସେମାନେ ମୋତେ ଭଲ ପାଇଗଲେ, ମୁଁ ଆଶ୍ଚର୍ଯ୍ୟ ହୁଏ । ଅଫିସ୍‌ରେ ମୋ ପାଖକୁ ଆସିବାରେ କାହା ପାଇଁ କିଛି ବାଧା ନଥିଲା । ବହୁ ସମୟରେ ପିଲାମାନେ ମୋ ଟେବୁଲ୍‌କୁ ଘେରି ଠିଆ ହେଉଥିଲେ, ମୋ ସହିତ କଥାବାର୍ତ୍ତା କରୁଥିଲେ, ସେମାନଙ୍କର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ଜଣାଉଥିଲେ । ମୁଁ ସମସ୍ତଙ୍କ ସମସ୍ୟାର ଆଶୁ ସମାଧାନ କରୁଥିଲି । ବିଶ୍ୱଭାରତୀର ଅଧିକାଂଶ ଅଧ୍ୟାପକଅଧ୍ୟାପିକା, ପ୍ରଶାସକ ଓ କର୍ମଚାରୀମାନଙ୍କ ସହିତ ସୌହାର୍ଦ୍ଦ୍ୟ ଥିବାରୁ ସହଜରେ ସମସ୍ୟାଗୁଡ଼ିକ ସମାହିତ ହୋଇଯାଇଥିଲା । ମୋତେ ବହୁତ ଭଲ ଲାଗୁଥିଲା

Digitized by srujanika@gmail.com

ସକାଳୁ ସଞ୍ଜ ପର୍ଯ୍ୟନ୍ତ ମୋ ସରକାରୀ କ୍ୱାଟର୍ସରେ ପିଲାମାନଙ୍କର ଅଳ୍ପବହୁତ ଭିଡ଼ ଜମୁଥିଲା ବୋଲି । ପୁଅମାନଙ୍କ ଅପେକ୍ଷା ଝିଅମାନେ ଆସୁଥିଲେ ବହୁତ ବେଶି । ସେମାନେ ଆସିଲେ କିଛି ସମୟ ଗପ ନକରି ଛାଡୁନଥିଲେ । ଛାତ୍ରଛାତ୍ରୀମାନଙ୍କ ତାରୁଣ୍ୟର ଅମୃତସ୍ପର୍ଶ ସଞ୍ଚରି ଯାଉଥିଲା ଦେହ ଓ ମନରେ ।

କର୍ମବିରତି ପରେ ସ୍ମୃତିମୟ ଶାନ୍ତିନିକେତନ ଛାଡ଼ି ଓଡ଼ିଶା ଚାଲିଆସିଲି । ଓଡ଼ିଶାର ସବୁ ଚାକିରିଆ ଭୁବନେଶ୍ୱରରେ ରହନ୍ତି । ମୁଁ କିନ୍ତୁ ରହିଲି ଭୁବନେଶ୍ୱରରୁ ୮୦ କିଲୋମିଟର ଦୂରରେ ଏକ୍ସପ୍ରେସ୍ ହାଇଓ ଧାରରେ, ଚିଲିକା ନିକଟରେ । ଏଠି ବିସ୍ତୃତ ଆକାଶ ଅଛି, ମୁକ୍ତ ପବନ ଅଛି, ଗଛଲତା ଭରା ପାହାଡ଼ମାଳା ଅଛି, ଜଙ୍ଗଲ, ଧାନବିଲ ଅଛି, ପୁଣି ନିଶ୍ଚିନ୍ତ ପରିବାର ବି ଅଛି; କିନ୍ତୁ ନାହିଁ ତାରୁଣ୍ୟର କଳରୋଳ । ବଡ଼ ଶୂନ୍ୟ, ଉଦାସ ଲାଗୁଛି, ଯୁଆଡ଼େ ଚାହିଁଲେ । କାହିଁକି ଦୌଡ଼ି ଆସିଥିଲି ଏତେ ଦୂର, ଗୋଟାଏ ହାହାକରମୟ ନିଃସଙ୍ଗ ଜୀବନ ବିତାଇବାକୁ ନ ଆସି ବା ଉପାୟ କଣ ଥିଲା ? ଭାବିଥିଲି, 'ମାଲ୍ୟବନ୍ତ'ରେ ଶାନ୍ତିରେ ବସି ଅର୍ଥପୂର୍ଣ୍ଣ କିଛି ଲେଖିବାକୁ । ଏପର୍ଯ୍ୟନ୍ତ ସେମିତି କିଛ ତ ଲେଖିପାରିଲିନି । ଖାଲି ପଢ଼ିବାରେ କଟୁଛି ସମୟ । ତଥାପି ଆଶା ହରାଇ ନାହିଁ । ଅପେକ୍ଷା କରିବସିଛି, କେବେ ଆସିବ ସର୍ଜନାର ସେଇ ଅମୃତମୟ ମୁହୂର୍ତ୍ତ ।

Digitized by srujanika@gmail.com

ମୋ' ଜୀବନ ମୋ' ସାହିତ୍ୟ

ଡ. ଅଜାୟର ମଲ୍ଲ(୧୯୪୭)

ଗତ ଏପ୍ରିଲ ୨୬ ତାରିଖ (୨୦୧୨ ମସିହା) ଦିନ ମୋ ନିଜ ବଡ଼ଭାଇ ହଳଧର ମଲ୍ଲ କୋରାପୁଟ ଜିଲ୍ଲାର ଜୟପୁର ଠାରେ ଇହଧାମ ତ୍ୟାଗ କଲେ । ସେ ୧୯୬୨ ମସିହାରୁ ୨୦୧୨ ଯାଏ ପାଖାପାଖି ୫୦ ବର୍ଷ ଧରି ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଆବାସିକ ଆଶ୍ରମସ୍କୁଲରେ ଶିକ୍ଷକତା କରି, ପରେ ଅବସର ନେଇ ଓ ଶେଷକୁ କୋରାପୁଟିଆ ମଣିଷଟିଏ ଭଳି ଜୟପୁର ମାଟିରେ ମିଶିଗଲେ । ତାଙ୍କର ଦୁଇଟିଯାକ କିଡ଼ନି ନଷ୍ଟ ହୋଇ ଯାଇଥିଲା ଓ ବୟସ ଦୃଷ୍ଟିରୁ ସେ ମୋ'ଠାରୁ ମାତ୍ର ୬ବର୍ଷ ବଡ଼ ଥିଲେ । ତାଙ୍କର ଦଶାହ କାମ ସାରି ମୁଁ ମୋ ପରିବାର ସହିତ ଟିଟିଲାଗଡ଼ ଫେରିବା ବେଳକୁ ସାଲେପୁରରୁ ଡକ୍ଟର ଗିରୀଶ ଚନ୍ଦ୍ର ସାହୁଙ୍କ ଠାରୁ ଦୁଇଟି ମିସ୍‌ଡ଼କଲ୍ ମୋ ମୋବାଇଲ୍‌କୁ ଆସି ସାରିଥାଏ । ଏଇ ମିସ୍‌ଡ଼ କଲ୍‌ଗୁଡ଼ିକୁ ମୋର ଭାରି ଡର । କାରଣ ମୃତ୍ୟୁର ଦେବତା ଆମ ସଭିଙ୍କୁ ୪ଟି ଲେଖାଁଏ ମିସ୍‌ଡ଼କଲ୍ ଦେଇ ଆମକୁ ପ୍ରତି ମୁହୂର୍ତ୍ତରେ ସଚେତନ କରାଇଥାଆନ୍ତି, ଠିକ୍ ମଧୁକଣ୍ଠ ମଧୁସୂଦନଙ୍କ ପରି ଓ କହନ୍ତି - ରେ ଆତ୍ମନ ! ନିଦ୍ରା ପରିହରି... ଦେଖ ନିଶବ୍ଦେ ସମୟ ସ୍ରୋତ କିପରି ଆଗକୁ ଆଗକୁ ଚାଲିଯାଉଛି । ଯମଦେବତାଙ୍କର ପ୍ରଥମ ମିସ୍‌ଡ଼କଲ୍ ଆମ ପାଖକୁଁ ଆସେ ଆମକୁ ୪୦ ବର୍ଷ ହେଲେ । ଆମେ ସେ ମିସ୍‌ଡ଼କଲ୍‌କୁ ଖାତିର ନ କରି ଚାଳିଶିଆ ଚଷମା ଲଗାଉ ଓ ଆପାତତଃ ଆମର ଦୃଷ୍ଟିଶକ୍ତି ଠିକ୍ ଅଛି ବୋଲି ଭାବୁ । ଦ୍ୱିତୀୟ ମିସ୍‌ଡ଼କଲ୍‌ଟି ଆସେ ପଚାଶବେଳକୁ । ମୁଣ୍ଡବାଳ କ୍ରମଶଃ ପାଚିବାକୁ ଲାଗେ । ଦର୍ପଣ ସମ୍ମୁଖରେ ଠିଆହୋଇ ଆମେ ଗୋଟେଗୋଟେ ଧଳାବାଳ ମୁଣ୍ଡରେ ଦେଖି ମନ୍ଦିରର ସଂଧ୍ୟା ଆଳତି ପରି ମୃତ୍ୟୁ ଆସେ ବୋଲି ଗୋଟିଏ ଅବିସମ୍ବାଦିତ ସତ୍ୟର ସମ୍ମୁଖୀନ ହେବାକୁଁ ଡରି ମୁଣ୍ଡବାଳକୁ କଳା କରୁ । ତୃତୀୟ ମିସ୍‌ଡ଼କଲ୍ ଯମ ଦେବତା ଆମକୁ ଦିଅନ୍ତି ଆମକୁ ଷାଠିଏ ହେବାବେଳକୁ । ଦାନ୍ତ ପଡ଼ିଯାଏ । ନଡ଼ିଆ, ପିଜୁଳି, ଚଣା, ପାନର ବଡ଼ବଡ଼ ଗୁଆଖଣ୍ଡ ଆମେ ଆଉ ଚୋବାଇପାରୁନା ଓ କ୍ରମଶଃ ସ୍ମରଣଶକ୍ତି କମେ, ଦାନ୍ତ ନଥିବାରୁ କଥା ଅସ୍ପଷ୍ଟ ଶୁଭେ, ଅର୍ଥାତ ବାକ୍‌ଶକ୍ତି ଦୁର୍ବଳ ହୁଏ । ତଥାପି ସେ ମିସ୍‌ଡ଼କଲ୍‌କୁ ଖାତିରି

Digitized by srujanika@gmail.com

ନକରି ଆମେ ଦାନ୍ତଡ଼ାକ୍ତରଙ୍କ ପରାମର୍ଶ ଲୋଡ଼ୁ ଓ ନକଲି ଦାନ୍ତ ଲଗାଉ । ଶେଷ ମିସ୍‌ଡ଼କଲ୍ ଆମକୁ ମୃତ୍ୟୁର ଦେବତା ଦିଅନ୍ତି ଆମକୁ ସତୁରି ପାଖାପାଖି ବର୍ଷ ହେବାବେଳକୁ । ଚମ ଲୋଚାକୋଚା ହୁଏ, ଧୁଡୁଧୁଡୁ ହୁଏ, ଆଣ୍ଠୁଗଣ୍ଠି ଧରେ, ତଥାପି ଆମେ ବିଭିନ୍ନ କସ୍‌ମେଟିକ୍ସ ଲଗାଇ ସେ ମିସ୍‌ଡ଼କଲ୍ ବେଖାତିର କରୁ । ସୁତରାଂ ମଇମାସ ୭ ତାରିଖ ଦିନ ମୋ ବଡ଼ଭାଇଙ୍କର ଶୁଦ୍ଧିକାମ, ଦଶାହକ୍ରିୟା, ଏଗାର ଓ ବାର ଦିନ ଭୋଜିଭାତ ସାରି ଫେରିବାବେଳକୁ ସାଲେପୁର ମାଛୁଆତି ଅଞ୍ଚଳରେ ରହୁଥିବା ଅନୁଜ ପ୍ରତିମ ଗିରୀଶବାବୁଙ୍କ ମିସ୍‌ଡ଼କଲ୍ ମୋତେ ଆଦୌ ବିକଳାନନ୍ଦକରଙ୍କ ପ୍ରସିଦ୍ଧ ରସଗୋଲା ଭଳି ଲାଗି ନଥିଲା । ବରଂ ଗୋଟିଏ ବିଷର୍ଣ୍ଣ ଅବସାଦ ମୋତେ ପ୍ରତିନିୟତ ସଚେତନ କରୁଥିଲା ଯେ -

"ଘର ବୋଲି ସଞ୍ଚୁଛୁ ଯେତେ ପଦାର୍ଥ
ଘଟ ଛୁଟିଲେ ତୋତେ ବୋଲିବେ ଭୂତରେ ।"

ଅର୍ଥାତ ମୋ ବଡ଼ଭାଇଙ୍କ ପରି ମୋର ମଧ୍ୟ ଫେରିବା ଟିକେଟ୍‌ର ତାରିଖ ପାଖେଇ ଆସିଲାଣି ଓ ପୌଷ ସକାଳର କୁହୁଡ଼ି ପରି ଏ ଜୀବନ ସାଂଘାତିକ ଭାବରେ ଅତି କ୍ଷୀଣ ହୋଇ ଆସିଲାଣି ।

୨୦୦୭ ମସିହାରେ ମୋତେ ଷାଠିଏ ପୂରିଲା । ତାପରଠୁ ଟ୍ରେନ୍‌ରେ ଗଲେ ବରିଷ୍ଠ ନାଗରିକ ବା ସିନିଅର୍ ସିଟିଜନ୍ ଭାବରେ ଟିକେଟ୍ ଉପରେ ଶତକଡ଼ା ତିରିଶ ଭାଗ ରିହାତି ମିଳିଛି । ତେଣୁ ଦୂରଯାଗାକୁ ଗଲେ ଆଗତୁରା ଟିକେଟ୍ ରିର୍ଜଭେସନ କରିବାକୁ ପସନ୍ଦ କରେ ଓ ଅନେକ ସମୟରେ ଆରାମରେ ଯିବାପାଇଁ ଶୀତାତପ ନିୟନ୍ତ୍ରିତ ଶ୍ରେଣୀରେ ଯାଏ । କିନ୍ତୁ ସବୁବେଳେ ଗୋଟିଏ କଥା ସ୍ମରଣରେ ଥାଏ ଯେ ୧୯୬୬ ମସିହାରେ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ପାଇଥିବା ପୋଲାଣ୍ଡର ନାଗରିକ ୱାସିଲୱା ସିମ୍ବୋର୍ସ୍କା ତାଙ୍କର ନୋବେଲ ଅଭିଭାଷଣରେ ଯାହା କହିଥିଲେ ତାହା ହିଁ ଜୀବନର ଶେଷତମ ସତ୍ୟ । ସେ କହିଥିଲେ – "ଆମେ ଏଇ ଅସୀମ ରଙ୍ଗମଞ୍ଚ ବିଷୟରେ ଯାହା ଭାବୁନା କାହିଁକି ଏଠାକୁ ଆମେ ସଂରକ୍ଷିତ ଟିକେଟ୍ ଦେଇଆସିଛୁ, ଯେଉଁ ଟିକେଟ୍‌ର ସମୟ ଅବଧି ହାସ୍ୟାସ୍ପଦ ଭାବରେ ସଂକ୍ଷିପ୍ତ; ଦୁଇଟି ଖାମ୍‌ଖିଆଲି ତାରିଖରେ ସୀମାବଦ୍ଧ ।" (କଥାକଥା କବିତା କବିତା - ପାର୍ବଣ- ୨୦୧୦- ଶ୍ରୀ ଅରବିନ୍ଦ ବେହେରାଙ୍କ ଲେଖା କବି ଓ ପୃଥିବୀ- ପୃଷ୍ଠା -୧୯ରୁ ସଂଗୃହୀତ) ମୋ ପାଇଁ ଦୁଇଟି ସଂରକ୍ଷିତ ଟିକେଟ୍ ମଧ୍ୟରୁ ଗୋଟିକରେ ଆସିବା ତାରିଖ ଭାରତ ସ୍ୱାଧୀନ ହେବାର ସାମାନ୍ୟ ଟିକିଏ ଆଗରୁ । ଅବିଭକ୍ତ କଟକଜିଲ୍ଲା ଓ ଏବର କେନ୍ଦ୍ରାପଡ଼ା ଜିଲ୍ଲାର ଆଳିଥାନାର ବ୍ରାହ୍ମଣୀନଦୀ କୂଳର ଗୋଟିଏ ଛୋଟିଆ ଗାଁ ସାହୁପଡ଼ାରେ । ପରେ ଜାଣିଲି ପଟ୍ଟାମୁଣ୍ଡାଇ ଥାନାରେ, ବରୀ-ଡ଼େରାବିଶ ନିକଟରେ ଓ

Digitized by srujanika@gmail.com

ଚାରିଛକ (ବଉଦ) ନିକଟରେ ମଧ୍ୟ ସାହୁପଡ଼ା ନାମରେ ଆଉ ଗୋଟେ ଗୋଟେ ଗାଁ ଅଛି । ଆମ ଗାଁରେ ସାହୁଘର ବା ଗୁଡ଼ିଆଘର ମାତ୍ର ୨ଟି, ଗୋଟିଏ ଗଉଡ଼ ଘର ଓ ଗୋଟିଏ ରାଢ଼ୀଘର, ବାକି ସମସ୍ତେ ଖଣ୍ଡାୟତ କିମ୍ବା ଓଡ଼ଚଷା । ଅଥଚ ଦୁଇଟି ମାତ୍ର ସାହୁଘର ଥିଲେ ମଧ୍ୟ ଆମ ଗାଁ ନାଁ କାହିଁକି ସାହୁପଡ଼ା ହେଲା ମୁଁ ଜାଣିନି । ଖରାଦିନେ ବି ଆମ ଗାଁ ପାଖ ବ୍ରାହ୍ମଣୀନଦୀରେ ଅକାତକାତ ପାଣି । କୁମ୍ଭୀର, ସାଙ୍କୁଚ, ଡଲଫିନ୍, ଅଲିଭରିଡ଼ଲେ କଇଁଚ ଓ ଯାବତୀୟ ରକମର ମାଛମାନଙ୍କ ସହିତ ଆମର ନିତିଦିନିଆ ଭାବ ପୀରତି । ୨୦୧୨ ମସିହାରେ ଆମ ଗାଁ ଭିତରକୁ ବଉଳା କୁମ୍ଭୀରଟିଏ ବଢ଼ିପାଣିରେ ପଶିଆସି ଜଣକ ଗୁହାଳରୁ ଗାଈଟିଏ ନେଇଗଲା । ଆଉ କେତେ ଏମିତି କୁମ୍ଭୀର ପିଠିରେ ବସି ଜାମୁକୋଳି ଖିଆ ମିଠା କଲିଜା କୁମ୍ଭୀରକୁ ଦେଇଛନ୍ତି ତାର ହିସାବ ନାହିଁ । ଆମେ ପୁରୁଷ ସ୍ତ୍ରୀ ନିର୍ବିଶେଷରେ ପହଁରା ଜାଣିବାକୁ ସମସ୍ତେ ବାଧ୍ୟ । ଏବେ ବି ଏଇ ବୁଢ଼ା ବୟସରେ ଗାଁକୁ ଗଲେ ଭଲକରି ସୋରିଷ ତେଲ ଟିକିଏ ଦେହରେ ଘଷି ନଈରେ ପହଁରେ ଓ ଗୁରୁଜନମାନେ ମନା କରୁଥାନ୍ତି ବେଶି ଭିତରକୁ ଯାଅନା, ବଉଳା କୁମ୍ଭୀର ଭାସୁଛି ହେଇ ଅଳପ ଦୂରରେ ।

ଆମର ଚାଷୀ ପରିବାର । ଏକାନ୍ନବର୍ତ୍ତୀ ବଡ଼ପରିବାର ଥିଲା । ଗାଁରେ ଆମ ଘରର ପରିଚୟ ବଡ଼ ମଲ୍ଲଘର । ପାଠଶାଠ ପଢ଼ିବା ପରେ ଜାଣିଲି, ଆମରି କେନ୍ଦ୍ରାପଡ଼ାର କୁଶଳା ପ୍ରଗଣାରୁ ଯାଇ ବାଲେଶ୍ୱରରେ ବସବାସ କରିଥିବା ହନୁମଲ୍ଲଙ୍କର ୫ମ ପୁରୁଷ ଫକୀରମୋହନ ଓ ଖୋର୍ଦ୍ଧାରୁ ଉଠିଆସି ସାଲେପୁର ସନ୍ନିକଟ ସତ୍ୟଭାମାପୁରରେ ବସବାସ କରିଥିବା ମଣିମଲ୍ଲଙ୍କ ସପ୍ତମ ପୁରୁଷ ମଧୁ ବାରିଷ୍ଟର ଯଥାକ୍ରମେ ଓଡ଼ିଆ ଭାଷା ଓ ଓଡ଼ିଆ ଜାତିକୁ ଘୋର ଦୁର୍ଦ୍ଦିନ କାଳରେ ହିଁ ବଞ୍ଚାଇଥିଲେ । ବିଶିଷ୍ଟ କବି ପଦ୍ମଭୂଷଣ ଡକ୍ଟର ସୀତାକାନ୍ତ ମହାପାତ୍ରଙ୍କ ବଂଶଧର ମଧ୍ୟ ମଧୁବାବୁଙ୍କ ଭଳି ମଲ୍ଲ ସଂଜ୍ଞାଧାରୀ ଥିଲେ ଓ ପରେ ମହାପାତ୍ର ସଂଜ୍ଞା ବ୍ୟବହାର କରୁଛନ୍ତି । ଅତଏବ ମଲ୍ଲଘରର ଗୋଟାଏ କୁଳାଙ୍ଗାର ଭାବରେ ମଧ୍ୟ ମୁଁ ଗର୍ବିତ ଯେ ଓଡ଼ିଆ ଭାଷା ଓ ଓଡ଼ିଆ ଜାତିର ଆତ୍ମବିଶ୍ୱାସ ଫେରାଇବା ଦିଗରେ ମଣିମଲ୍ଲ, ହନୁମଲ୍ଲମାନଙ୍କ ଉତ୍ତରଦାୟାଦଙ୍କ ଭୂମିକା ଅତୁଳନୀୟ ।

୧୯୬୦ ବେଳକୁ ମୋ ବଡ଼ବାପା, ବାପା ଓ ଦାଦାମାନେ ଯେଉଁ ୪ଟି ଅଂଶ ଥିଲେ, ଭିନ୍ନେ ହୋଇଗଲେ । ସମୟକ୍ରମେ ଆମେ ଅତି ଗରିବ ହୋଇଗଲୁ । ତା' ସାଙ୍ଗକୁ ଫି ବର୍ଷ ବୈଶାଖୀ ଝଡ଼ପରି ଆମ ସହ ବନ୍ୟା, ବାତ୍ୟା, ମହାବାତ୍ୟା, ସାମୁଦ୍ରିକ ଝଡ଼, ମରୁଡ଼ି ଆମର ଚାଷୀ କୁଳର ଅଣ୍ଟା ଭାଙ୍ଗି ଦେଇଥାଏ । ଅଭାବ, ଅନଟନ ଆମକୁ ହେମଦସ୍ତାରେ ଅଦା ଛେଚିବା ପରି ଛେଚିଛେଚି ନିଃଶେଷ କରିବାକୁ ଚେଷ୍ଟା କରୁଥାଏ ଓ ଆମେ ପୁଣିଥରେ ଅଣ୍ଟାସଳଖ କରି ବଞ୍ଚିବାକୁ ଅହରହ ସଂଗ୍ରାମ କରିଥାଉ । ଏବେ ବୟସ

Digitized by srujanika@gmail.com

ହେବାପରେ ବୁଝିଲି ଯେ ଦୁଃଖକଷ୍ଟ ଅଭାବ, ଅସୁବିଧା ଭିତରେ ସଂଗ୍ରାମ ଅବ୍ୟାହତ ରଖିଲେ ଯାଇ ଜଣେ ଜୀବନର ଅସଲ ମହତ୍ୱ ଉପଲବ୍ଧି କରିପାରିବ । ଜୀବନ ଯମୁନା କୂଳରେ ଦୁଃଖ ଓ ସୁଖ ଠିକ୍ ରାଧାକୃଷ୍ଣଙ୍କ ପରି । ସୁଖ ରାଇବିନୋଦିନୀ ଶ୍ରୀରାଧା, କେବେ କେମିତି ଲୁଚି ଛପି ଅଭିସାରିକା ଭାବରେ କଦମ୍ବ ମୂଳକୁ ଆସନ୍ତି । କିନ୍ତୁ ଦୁଃଖ ତ ଭାବ ବିନୋଦିଆ ଶ୍ରୀକୃଷ୍ଣ ଯିଏକି ଜୀବନ ବଂଶୀରେ ପ୍ରାଣର ଚିରନ୍ତନ ସତ୍ୟର ସ୍ୱର ହିଁ ଅନୁରଣନ କରୁଥାନ୍ତି ସବୁବେଳେ ।

ମୋ ପାଠପଢ଼ା ଗାଁ ଚାଟଶାଳୀ । ତାପରେ ଅନତିଦୂରରେ ଅବସ୍ଥିତ ନୂଆଗାଁ ସିନିଅର୍ ବେସିକ ସ୍କୁଲରେ ୮ମ ଯାଏ । ଏଇଠି ମୋର ସହପାଠିନୀ ଥିଲେ ସ୍ୱର୍ଗତ ଲେଖକ ଅଦ୍ୱୈତ ମହାନ୍ତିଙ୍କ ସ୍ତ୍ରୀ ହରପ୍ରିୟା । ଅଦ୍ୱୈତବାବୁ ମୋ ବଡ଼ବାପାଙ୍କ ପୁଅ ଜୟରାମ ଭାଇର ସହପାଠୀ । ତାପରେ ବାପା ପାଠ ପଢ଼ାଇବାକୁ ସମର୍ଥ ନଥିଲେ । ଆମ ଅଞ୍ଚଳର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ବିଧାୟକ ଓ ନେତା ସ୍ୱର୍ଗତ ସହଦେବ ଦାସଙ୍କ ପ୍ରେରଣାରେ ଆମେ ଗଲୁ ଅନୁଗୋଳ ସନ୍ନିକଟ ଚମ୍ପତିମୁଣ୍ଡା ପୋଷ୍ଟବେସିକ ସ୍କୁଲକୁ । ବିଶିଷ୍ଟ ଶିକ୍ଷାବିତ,ପ୍ରାବନ୍ଧିକ, ଦାର୍ଶନିକ ଚିତ୍ତଭାଇ ଏଇଠି ପ୍ରଥମେ ପ୍ରିନ୍ସପାଲ ଥିଲେ । ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ତାଙ୍କ ସ୍ତ୍ରୀ ମାଳତୀ ଚୌଧୁରୀଙ୍କଦ୍ୱାରା ଏଇ ସ୍କୁଲଟି ପ୍ରତିଷ୍ଠିତ । ଦିଲ୍ଲୀରୁ (କେନ୍ଦ୍ରସରକାର କିମ୍ବା କୌଣସି ଅନୁଷ୍ଠାନ) ଆମକୁ ମାସକୁ ମିଳେ କୋଡ଼ିଏ ଟଙ୍କା ଷ୍ଟାଇପେଣ୍ଡ, ସେତିକିରେ ଦୁଇବେଳା ଭାତ, ସକାଳ ଜଳଖିଆ, ମାସକୁ ଖଣ୍ଡେ ଲୁଗାକଚା ସାବୁନ ଓ ଦୁଆତରେ ୧୦୦ ଗ୍ରାମ୍ ଯାଏ ନଡ଼ିଆ ତେଲ ମିଳେ । ପାଠପଢ଼ା ଉପରେ ଏତେଟା ଗୁରୁତ୍ୱ ନଥିଲା, ଚାଷକାମ, ଜଙ୍ଗଲକୁ ଯିବା, ନିଜେ ରାନ୍ଧିବା ଇତ୍ୟାଦି ଆମେ କରୁଥିଲୁ କିନ୍ତୁ ସେଠାରେ ଚିତ୍ତଭାଇଙ୍କ ଉଦ୍ୟମରେ ଥିଲା ବିଶାଳ ଲାଇବ୍ରେରୀ, ଏନସାଇକ୍ଲୋପିଡ଼ିଆ ପ୍ରଥମେ ଦେଖିଲି ଓ ବ୍ୟବହାର ଶିଖିଲି । ତାପରେ ୧୯୬୪ରେ ମାଟ୍ରିକ ପରୀକ୍ଷା ଦେବାକୁ ଆମେ ଚାଲିଚାଲି ରାତିରେ ଜଙ୍ଗଲ ରାସ୍ତାରେ ଚମ୍ପତିମୁଣ୍ଡାରୁ ଅନୁଗୋଳ ଯାଇଛୁ ।

ମାଟ୍ରିକ ପରେ ପଢ଼ିପାରିଲିନି । ଆର୍ଥିକ ଅନଟନ ହେତୁ କୋରାପୁଟର କାକିରିଗୁମାରେ ଗୋଟିଏ ସରକାରୀ ମି.ଇ. ସ୍କୁଲରେ ୧୦୫ ଦରମାରେ ଶିକ୍ଷକତା କଲି । ପାଖରେ ଲକ୍ଷ୍ମୀପୁର ନିକଟ ବୁର୍ଜାରେ ମୋ ବଡ଼ଭାଇ ମଧ୍ୟ ଶିକ୍ଷକ ଥାନ୍ତି । କାକିରିଗୁମାରେ ସତ୍‌ସତିକା ଗୋପୀନାଥ ମହାନ୍ତିଙ୍କ ପରଜା ଉପନ୍ୟାସର ଚରିତ୍ରମାନଙ୍କୁ ଭେଟିଲି । ପରଜା ଉପନ୍ୟାସର ଭୌଗୋଳିକ ପରିବେଶକୁ ସ୍ୱଚକ୍ଷୁରେ ଦେଖିଲି ଓ ୧୯୮୮ ମସିହା ବେଳକୁ ବଲାଙ୍ଗିର ଜିଲ୍ଲା ଲେଖକ ପରିଷଦ ତରଫରୁ ଓଡ଼ିଆ ଉପନ୍ୟାସ ଶତବାର୍ଷିକୀ ପାଇଁ ପ୍ରସ୍ତୁତି

Digitized by srujanika@gmail.com

ଅବସରରେ ଭୁବନେଶ୍ୱରରେ ଗୋପୀନାଥ ମହାନ୍ତିଙ୍କୁ ଭେଟି ମୁଁ ଯେତେବେଳେ ପଚାରିଲି ଯେ ରାମଚନ୍ଦ୍ର ସାହୁକାର, ଶୁକ୍ରୁଜାନି, ଝିଲ୍ଲୀ, ବିଲିକୁ ମୁଁ ଦେଖିଛି । ସେ ମୋତେ ପଚାରିଥିଲେ - ତୁମେ କେମିତି ଜାଣିଲ ?

୧୯୬୬ରେ ଶିକ୍ଷକତା ଛାଡ଼ି ଖୁବ୍ କଷ୍ଟରେ ଭୋକଉପାସରେ ରହି ଟିଉସନ କରି (ମାସକୁ ମାତ୍ର ୪୦ଟଙ୍କା ପାଇ) ପାଠ ପଢ଼ିଲି ଓ ପରେ ୧୯୭୦ ମସିହାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ଅନର୍ସରେ ମୁଁ ପ୍ରଥମଶ୍ରେଣୀରେ ପ୍ରଥମ ହେବା ସଙ୍ଗେ ସଙ୍ଗେ ଓଡ଼ିଆ ଇଚ୍ଛାଧୀନପତ୍ର ତଥା ବାଧ୍ୟତାମୂଳକ ଓଡ଼ିଆରେ ସର୍ବୋଚ୍ଚ ନମ୍ବର ରଖିଥିବାରୁ ଦୁଇଟି ସ୍ମାରକୀ ବୃତ୍ତି ଲାଭ କଲି । ପରେ ଜାତୀୟ ବୃତ୍ତି (NATIONAL SCHOLARSHIP) ପାଇ ରେଭେନ୍ସାରେ ଏମ୍.ଏ ପଢ଼ିଲି । ଏବେ ସବୁବେଳେ ମୁଁ ଅନୁତପ୍ତ ଯେ ୧୯୭୦ରେ ଶାନ୍ତିନିକେତନ ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ନରେନ୍ଦ୍ରନାଥ ମିଶ୍ର ତଥା ଆମ ଉପରବ୍ୟାଚ୍‌ର ନଟବର ଶତପଥୀ (ପରେ ରେଭେନ୍ସା କଲେଜ ଓଡ଼ିଆ ବିଭାଗ ମୁଖ୍ୟ) ମୋତେ ଚିଠି ଲେଖିଥିଲେ ଯେ ତୁମେ ସିଲେକ୍ସନରେ ପ୍ରଥମ ହୋଇଛ, ଆସ ଏଠି ଏମ୍.ଏ. ପଢ଼, ଭଲ କରିବ । ମାତ୍ର ମୁଁ ଅର୍ଥାଭାବ ହେତୁ ଗଲିନାହିଁ । ସେମିତି ବ୍ରହ୍ମପୁରରେ ଏମ୍.ଏ. ପଢ଼ିଥିଲେ ହୁଏତ ଏମ୍.ଏ.ରେ ଫାଷ୍ଟ ହୋଇଥାନ୍ତି । ସେଠି ପଢ଼ିଲି ନାହିଁ ଓ ଯାହାର ଅନର୍ସ ନଥିଲା ସେ ସେଥର ଏମ୍.ଏ.ରେ ଫାଷ୍ଟ ହେଲେ । ୧୯୭୦ରେ ମାତ୍ର ୨ଜଣ ସମଗ୍ର ଓଡ଼ିଶାରେ ଓଡ଼ିଆ ଅନର୍ସରେ ଫାଷ୍ଟକ୍ଲାସ ପାଇଥିଲେ । ଉତ୍କଳରୁ ବିଜୟ ମହାନ୍ତି ଓ ବ୍ରହ୍ମପୁରରୁ ମୁଁ,ସମ୍ବଲପୁରରୁ କେହିପାଇନଥିଲେ । ପରେ ରେଭେନ୍ସାରୁ ଏମ୍.ଏ. ପାସ୍ କରି ୧୯୭୩ ସେପ୍ଟେମ୍ବର ୧୭ରୁ ୨୦୦୭ ଫେବୃୟାରୀ ଶେଷ ଯାଏ ୩ଟି ସରକାରୀ କଲେଜ ଓ ୩ଟି ବେସରକାରୀ କଲେଜରେ ଅଧ୍ୟାପନା କରିଛି । ସାଲେପୁର କଲେଜରୁ ମୋ ଦରମା ପାଇନାହିଁ ଓ ୧୯୯୩ ମସିହାରେ ପଦୋନ୍ନତି ପାଇବା କଥା (ପାଇଲି ମଧ୍ୟ) ମାତ୍ର ପ୍ରମୋସନ ପାଇଲି ଅବସର ଗ୍ରହଣ ପରେ ମରଣୋତ୍ତର ଭାବରେ ଅର୍ଥାତ ୧୪ ବର୍ଷ ପରେ ଉଦାସୀ ଅବଧୂତର ଗୁକ୍ଷ ଚୁଳ ପରି ।

ମୋ ସାହିତ୍ୟ

ସ୍ୱୀକାର କରିବାରେ ମୋର ଦ୍ୱିଧା ନାହିଁ ଯେ ମୁଁ ଆଦୌ ବଡ଼ ଲେଖକ ନୁହେଁ । ୧୯୭୩ରେ ଅଧ୍ୟାପନା ଓ ତାପରଠୁ ଲେଖାଲେଖି ପ୍ରତି ମୋର ଅନୁରାଗ ସୃଷ୍ଟି । ଆମ ଘରେ ମୋ ବାପା ସ୍ୱର୍ଗତ ପରମେଶ୍ୱର ମଲ୍ଲ ପାହାନ୍ତିଆ ପ୍ରହରରୁ ଉଠି ଅତି ଦିବ୍ୟସୁନ୍ଦର କଣ୍ଠରେ ଗୀତଗୋବିନ୍ଦର ଦଶାବତାର ଶ୍ଳୋକ ବୋଲନ୍ତି ବଡ଼ପାଟିରେ । ସେତିକିରେ ଆମ ନିଦ ଭାଙ୍ଗେ । ଆମଘରେ ବାପା ଦାର୍ଢ୍ୟତାଭକ୍ତି, ବୈଦେହୀଶ ବିଳାସ, ସ୍ତୁତି ଚିନ୍ତାମଣି ଓ

Digitized by srujanika@gmail.com

ଲକ୍ଷ୍ମୀପୁରାଣ ଏତିକି ବହି ରଖିଥିଲେ । ମଙ୍ଗଳାଙ୍କର ଓ ଭାଲୁକୁଣୀ ପୋଥି ସେ ବିନା ଚଷମାରେ ପଢ଼ନ୍ତି ଗାଁ ଦାଣ୍ଡରେ ଦୀପ ଆଲୁଅରେ । ଏଣୁ ସାହିତ୍ୟ ପ୍ରତି ଟିକିଏ ଯାହା ଶ୍ରଦ୍ଧା ସେତକ ତାଙ୍କଠାରୁ ପାଇଛି ।

ସ୍କୁଲରେ ପଢ଼ିବାବେଳେ ପର୍ଲ୍ ଏସ୍ ବକ୍ ଙ୍କ ଉପନ୍ୟାସ ପଢ଼ିଥିଲି GOOD EARTH (ଅନୁବାଦ) । କିଛି ବୁଝିନଥିଲି । ମାତ୍ର ସେ ବହିଟି ନୋବେଲ ପୁରସ୍କାର ପାଇଥିଲା । ସେ ବହିର ପ୍ରଥମରେ ଗୋଟିଏ ଧାଡ଼ି ମୋର ମନେ ଅଛି -IT IS BETTER TO LIGHT A CANDLE THAN COMPLAINING OF DARKNESS. ଅନ୍ଧାର ଅନ୍ଧାର ବୋଲି ଚିରତ୍କାର କରିବାଠାରୁ ଦୀପଟିଏ ଜାଳି ଦେବା ଭଲ । ସେ ଦୀପଶିଖାର କ୍ଷୀଣ ଆଲୋକରେ ଯୁଗଯୁଗର ଅନ୍ଧକାର ଅପସରିଯାଏ । ସେଇ ଧାଡ଼ିଟି ମୋତେ ବହୁତ ଭଲ ଲାଗିଥିଲା । ମାଟ୍ରିକ୍ ପରୀକ୍ଷା ପରେ ଫଳ ବାହାରିବା ଯାଏ ଯେଉଁ ସମୟ ସେଇ ସମୟରେ ବିଭୂତି ପଟ୍ଟନାୟକ, କସ୍ତୁରୀ ଚରଣ ଦାସ, ଭଗବାନ ଦାସ, ଦସ୍ୟୁ ରବିନ୍ ସିରିଜ୍ ଭଳି ଉପନ୍ୟାସକାରଙ୍କ ବହି ପଢ଼ିଥିଲି ଲୁଚାଇ ଲୁଚାଇ । କାରଣ କୁହାଯାଉଥିଲା ଉପନ୍ୟାସ ପଢ଼ିଲେ ପିଲା ସବୁ ଖରାପ ହୋଇ ଯାଆନ୍ତି, ଏବେ ଯେମିତି ଟୋକାଟୋକୀଙ୍କୁ ମୋବାଇଲ, ସିନେମା, ଫାଷ୍ଟଫୁଡ୍ ଓ ଇଣ୍ଟରନେଟ୍ ଖରାପ କରୁଛି ବୋଲି ଅଭିଯୋଗ ହେଉଛି ।

ମୋର ବିଧିବଦ୍ଧ ଲେଖା ପ୍ରକାଶ ଆରମ୍ଭ ହୋଇଛି ୧୯୮୩ରୁ । "ଜ୍ଞାନପୀଠ ପୁରସ୍କାର; ଦୃଷ୍ଟିଦିଗ୍‌ବଳୟ" ମୋର ପ୍ରଥମ ଫିଚର୍ । ଏଯାଏ ସତୁରିଟି ଫିଚର, ପାଖାପାଖି ଶହେଟି ଗଳ୍ପ, ୩୦ଟି ପ୍ରବନ୍ଧ, ଅଳ୍ପକିଛି ଶିଶୁଲେଖା ପ୍ରକାଶିତ ହୋଇଛି । ମୋ ଲେଖାଗୁଡ଼ିକ ବିଭିନ୍ନ ସମୟରେ ଝଙ୍କାର, ସପ୍ତର୍ଷି, କଥା, ଧରିତ୍ରୀ, ତୀରତରଙ୍ଗ, ହୀରାଖଣ୍ଡ, ସମ୍ବାଦ, ଗପବହି, ଦୁନ୍ଦୁଭି, ସମାସ, ସୌମ୍ୟା, ଗିରିଝର, କଥାକଥା କବିତାକବିତା, ଇସ୍ତାହାର ନବଲିପି, ସମ୍ଭାର, ପୂର୍ବରାଗ, ପଶ୍ଚିମା, ହରିଶଙ୍କର, ଅନୁରୂପା, .ଅଭିଯାନ, ପ୍ରତିବେଶୀ ସୂର୍ଯ୍ୟସ୍ନାତ ଆଦି ପତ୍ରପତ୍ରିକାରେ ସ୍ଥାନ ପାଇଛି । ସ୍ୱୀକୃତି ସ୍ୱରୂପ ୧୯୮୫ରେ ଧରିତ୍ରୀ ପୁରସ୍କାର, ତୀରତରଙ୍ଗ ସମ୍ମାନ. ସୁବାର୍ତ୍ତାସମ୍ମାନ, ସାହିତ୍ୟସଂସ୍କୃତି ସମ୍ମାନ, ପୂର୍ଣ୍ଣିମା ସାହିତ୍ୟ ସମ୍ମାନ (ଜଗତସିଂହପୁର) ବୃତ୍ତାଙ୍ଗ ସମ୍ମାନ, ପୁନର୍ନବା ଗଳ୍ପପୁରସ୍କାର (ଚାନ୍ଦୋଳ), ଚେତାବନୀ ସମ୍ମାନ ସମେତ ସ୍ୱେଡ଼ନ୍ ଓ ଆମେରିକାରୁ ଦୁଇଟି ଆନ୍ତର୍ଜାତିକ ସମ୍ମାନ ମିଳିଛି ।

ମୋର ପରମ ସୌଭାଗ୍ୟ ଏଇ ଲେଖାଲେଖି ମୋତେ କିଛି ରାଜା ମହାରାଜା, ମନ୍ତ୍ରୀ, ଶାସକ, କବି, ଲେଖକ, ଗାଳ୍ପିକମାନଙ୍କୁ ଭେଟିବା, ଜାଣିବା ଓ ଆପଣାର ଭାବିବା

Digitized by srujanika@gmail.com

ସୁଯୋଗ ଦେଇଛି । ମୋର କିଛି ପ୍ରିୟ ଛାତ୍ର ସାହିତ୍ୟକ୍ଷେତ୍ରରେ ସଫଳତା ଲାଭ କରିଛନ୍ତି, ଯେପରିକି ହୃଷୀକେଶ ମଲ୍ଲିକ, ଶଶଧର ଦାସ, ନିରଞ୍ଜନ ବେହୁରିଆ, ଅକ୍ଷୟ ବେହେରା (କଥା କଥା କବିତା କବିତାର ସମ୍ପାଦକ) ସୁନୀଲପୃଷ୍ଟି (ସାହିତ୍ୟ ପୃଥିବୀ ସମ୍ପାଦକ) ଅଭୟ ଦ୍ୱିବେଦୀ, ମଞ୍ଜୁଲିତା ବିଶ୍ୱାଳ, ଡ଼କ୍ଟର ସନ୍ତୋଷ କୁମାର ରଥ ପ୍ରମୁଖ । ମୁଁ ଖୁସି ହୋଇଛି ଯେ ଦ୍ରୋଣାଚାର୍ଯ୍ୟଙ୍କଠାରୁ ଅଧିକ ସାମର୍ଥ୍ୟର ଅଧିକାରୀ ବୋଲି ଏକଲବ୍ୟ, କର୍ଣ୍ଣ, ଅର୍ଜ୍ଜୁନମାନେ ପ୍ରତିପାଦିତ କରିସାରିଲେଣି ।

ମୋ ଗପରେ ମୋ ପରିଚିତ ଦିଗ୍‌ବଳୟର କଥା ଅଛି । ମୋ ଅନୁଭୂତି ମୋ ଚତୁଃପାର୍ଶ୍ୱର ଚରିତ୍ର, ମୋ ଚିହ୍ନା ମାଟିର କଥା ଅଛି । ମୋର ବିଶ୍ୱାସ ନର, ନାରୀ, ନାରାୟଣ ଓ ନିଃସର୍ଗ - ଏହି ଚାରୋଟି 'ନ'ର ଦିବ୍ୟ ଉଚ୍ଚାରଣ ହିଁ ସାହିତ୍ୟରେ ଅନୁରଣିତ । ଏମିତି କିଛି ସତ୍ୟନାହିଁ, ଯାହା ଆଗରୁ କୁହାଯାଇନାହିଁ । ବରଂ ସେ କଥାକୁ କେହି କାନ ଦେଲେନାହିଁ ବୋଲି ପୁଣିଥରେ ସେ କଥାକୁ ଆଉଥରେ ଆମେ କହୁଛୁ । ଜଣେ କହିଲେ - ମଣିଷ ମରଣଶୀଳ (MAN IS MORTAL) । ଆଉ ଜଣେ କହିଲେ - ମର୍ତ୍ତ୍ୟ ମଣ୍ଡଳେ ଦେହ ବହି............... । ଆଉଜଣେ କହିଲେ - ମାନବଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ.................. । ସେଇ ସବୁ ଏକାକଥା ନୁହେଁ କି ? ସେମିତି ଆମ ବୈଷ୍ଣବୀୟ ସାହିତ୍ୟରେ ପରକୀୟା ପ୍ରୀତିର ଉଦାତ୍ତ ଉଚ୍ଚାରଣ ଅଛି । ଆମ ଗାଁର ସେଇ କଥାକୁ କଞ୍ଚା ଓଡ଼ିଆରେ କହନ୍ତି - ପର ମାଇପ ସୁନ୍ଦର ଓ ବିଦେଶୀ ଲୋକେ କହନ୍ତି - WIFE IS ALWAYS BEAUTIFUL IF SHE IS OTHERS WIFE.

ମୋ ପ୍ରବନ୍ଧ ଓ ଆଲେଖ୍ୟ ଲୋକଙ୍କୁ ଭଲ ଲାଗିଛି କଥନଭଙ୍ଗୀ ଆରମ୍ଭରେ ନୂତନ ଶୈଳୀର ଉପସ୍ଥାପନା ଓ ତଥ୍ୟାଶ୍ରୟୀ ଯୁକ୍ତି ନିମନ୍ତେ । ମୁଁ ଗତାନୁଗତିକତାକୁ ପରିହାର କରିଛି ।

ମୋର ପ୍ରକାଶିତ ବହିସଂଖ୍ୟା କମ୍ । କାରଣ କଟକ, ଭୁବନେଶ୍ୱର ଠାରୁ ମୁଁ ସାତଶ ପଞ୍ଚାଶ କୋଶ ବାଟ ଦିଶୁନାହିଁ ଦୂରରେ । ତଥାପି ଆରମ୍ଭରୁ କହିବା ପରି ଯମଦେବତାଙ୍କ ଠାରୁ ସବାଶେଷ ମିସ୍‌ଡ଼କଲ୍ ପାଇବା ଭିତରେ ଦୁଇ ହାତର ଆଙ୍ଗୁଳି ଯେତିକି ସେତିକି ବହି ହୋଇପାରିଲେ 'ମଲ୍ଲସାର୍' ବୋଲି ସମଗ୍ର ପଶ୍ଚିମ ଓଡ଼ିଶାରେ ଅତି ପରିଚିତ, ଅତି ଅର୍ଡ଼ିନାରୀ ଲେଖକଟିଏ ସନ୍ତୁଷ୍ଟ ହେବ । ସମଗ୍ର ପଶ୍ଚିମ ଓଡ଼ିଶାର ବିଭିନ୍ନ କଲେଜ, ସ୍କୁଲ, ଅନୁଷ୍ଠାନ, ସାହିତ୍ୟସଭାରେ ମଲ୍ଲସାର୍ କହିଲେ ଲୋକେ କେବଳ ମୋତେ ହିଁ ବୁଝନ୍ତି । ଗାଁ ଛାଡ଼ି ବିଗତ ୩୬ ବର୍ଷ ହେଲାଣି ମୁଁ ବଲାଙ୍ଗିରିଆ । ମୋ ବଡ଼ଭାଇଙ୍କ ପରି ମୋ ଜୁଇ ଆମ ଗାଁ ମଶାଣିରେ ଜଳିବ ନାହିଁ, ସେଇ ଅବସୋସ୍ ଭିତରେ ମୁଁ ଝୁରିହୁଏ

Digitized by srujanika@gmail.com

ଆମ ଗାଁ ବିଲମାଳ, ବ୍ରାହ୍ମଣୀ ନଦୀର ଅକାତକାତ ପାଣି, ମଲ୍ଲଘରର ପୁରୁଣା ଡିହ ଓ ବାଲ୍ୟସାଥୀ ଗଉରା, ବିମ୍ବା, ବେଣୁ, ପାଗଳା, ପ୍ରଫୁଲ୍ଲ, ରବି, ସହଦେବ, ଅମୂଲ୍ୟ ଏବଂ ସାହିତ୍ୟ ଫାହିତ୍ୟ କିଛି ବୁଝିନଥିବା ଆମ ଗାଁର ଅଜସ୍ର ମଣିଷକୁ । ବ୍ରାହ୍ମଣୀ ନଦୀର ବନ୍ୟାଜଳପରି ଗ୍ରାମ୍ୟ ପରିବେଶ ମଇଳା, କାଠି କୁଟାରେ ଭର୍ତ୍ତି ଓ ଦ୍ରୁତବେଗବାନ ସହରୀ ସଭ୍ୟତା ଆଡ଼କୁ । ଅଷ୍ଟପ୍ରହରୀ ପରେ ନଗରକୀର୍ତ୍ତନରେ ଗାଁ ଟୋକାଏ ଏତେ ମଦ ପିଉଛନ୍ତି ଯେ ଆଖି ଦିଶୁଛି ପିଆଜ ଚୋପାପରି । ଗାଁ ଶେଷମୁଣ୍ଡରେ ଥିବା ପୋଖରୀର କଇଁ ଫୁଲ ପରି ଗ୍ରାମ୍ୟ ଲାଳନାମାନେ ଆଉ ଶୁଭ୍ର, ସତେଜ, ନିଷ୍ପାପ, ପବିତ୍ର ଦିଶୁନାହାନ୍ତି । ତାଙ୍କ ମଥାରେ ବୈଷୟିକ ସମ୍ମୋହନର ବିଗଳିତ ସ୍ପନ୍ଦନ ଯେମିତି ଦିଶୁଛି ଧୂମାଭ ଦିଗନ୍ତ ଭଳି । ସୁତରାଂ ଏଇ ଟିଟିଲାଗଡ଼ରେ ଅଜାମ୍ବର ମଲ୍ଲର ଶବ ଦେହରେ ତା' ପୁଅ ମୁଖାଗ୍ନି ଦେଉ ଓ ଜୀବନଟା ଶୀତଦିନିଆ ଅପରାହ୍ନ ପରି ଚଳଚଞ୍ଚଳ ସରିଯାଉ, ଏତିକି ଛଡ଼ା ଆଉ କଣ ଅଛି ଯେ ?

•••

Digitized by srujanika@gmail.com

ମୋ' ଜୀବନ ମୋ' ସାହିତ୍ୟ

ଡ. ଆଦିକନ୍ଦ ସାହୁ(୧୯୪୮)

ମୁଁ ସ୍ୱନିଷ୍ଠ ଅନୁଭବକୁ ବାଦ ଦେଇ ତୃତୀୟ ପୁରୁଷମାନଙ୍କୁ ଲେଖିବାରେ ଯଦି ମନ ଦେଇଥାଏଁ ତାହେଲେ ମୋ କଳ୍ପନା ଶକ୍ତି ଅଥର୍ବ ହୋଇ ଯାଉ ତ ମୋ ଡାହାଣ ହାତ ତତ୍‌କ୍ଷଣାତ୍ ଛିଣ୍ଡିପଡୁ ।

ସତ କହିବି, ତମାମ ଜୀବନ ମୁଁ ନିଜକୁ ଲେଖିଛି କେବଳ । ପରନିଷ୍ଠ ପୃଥିବୀକୁ ଲେଖିବାରେ ମୋର କି ଅଧିକାର ଅଛି ? କେଉଁ ଆନନ୍ଦରେ ବି ମୋର ପ୍ରତ୍ୟକ୍ଷ ଇନ୍ଦ୍ରିୟାନୁଭୂତି ଭିନ୍ନ ମିଛ କଳ୍ପନା ସବୁକୁ ଲେଖିବି ?

ଅଜଣା ଅଦେଖା କଥା ସବୁକୁ ଲେଖି ମୁଁ ପଚାରେ ମୁଁ ମୋ କଲମକୁ କଳଙ୍କିତ କରିଚି କାହିଁକି ?

ମୁଁ ସିଧାସଳଖ ଚରମ ଭାବରେ କହିବାକୁ ଚାହେଁ ଯେ ମୁଁ ଗପ କବିତା, ପ୍ରବନ୍ଧ ସମାଲୋଚନା ଯାହା ବି ଲେଖିଛି ସେଥିରେ ମୁଁ ମୁଖ୍ୟତଃ ନିଜକୁ ହିଁ ଲେଖିଛି ।

ଏ ମୋ ଜୀବନର ବ୍ରତ, ଏକାନ୍ତ ଅଙ୍ଗୀକାରବଦ୍ଧ ଲେଖକୀୟ ସଙ୍କଳ୍ପ । ଏ ମୋର ଗୋଟେ ମିଶନ । ମୋ ବିଶ୍ୱାସ ଆଉ ମୋ ଉପଲବ୍ଧିର ବିଷୟ ।

ମୁଁ ଜାଣେନା କେଉଁ ସବୁ ଅଳଙ୍କାର ଯୋଡ଼ିଲେ ଭଲ ସାହିତ୍ୟ ହୁଏ । ଆଉ ଜାଣିବାକୁ ବି ଚାହିଁନି ଗୋଟେ ଉଚ୍ଚାଙ୍ଗ ସାହିତ୍ୟର ଗୁଣ ଓ ଲକ୍ଷଣମାନ ସବୁ କଣ ?

ମୁଁ ମାତ୍ର ଜାଣେ, ଜୀବନମୟତା ହେଉଛି ଗଦ୍ୟପଦ୍ୟ ନିର୍ବିଶେଷରେ ଯେକୌଣସି ସାହିତ୍ୟର ସର୍ବୋତ୍ତମ ଅଳଙ୍କାର ।

ମୁଁ ଯେଉଁ ଜୀବନଟା ବଞ୍ଚିଆସିଲି ତା'ର ଗୋପନ କଥା ସବୁ ମୋ ଭିନ୍ନ ଏ ସଂସାରରେ ଆଉ କିଏ ଜାଣିଛି ? ମୋ ବାପ ଭାଇ ବନ୍ଧୁକୁଟୁମ୍ବ ବି କିପରି ଜାଣିବେ ନିଜେ ଅନ୍ତର୍ଜୀବନଟାକୁ ଉପରକୁ ଗୋଟାପଣେ ଉତାରି ନ ଆଣିଲେ ।

ରାତି ଅଧରେ ଗୋଟେ ବଢ଼ିଲା ଝିଅର ସ୍ୱପ୍ନକୁ ଅତି ପାଖରେ ଶୋଇଥିଲେ ବି ତା ଜନ୍ମଦାତ୍ରୀ ମାଆ ଜାଣିପାରେନା । ତା' ମନ ଗହନରେ କେଉଁ ସୁଦର୍ଶନ ଜଣକ ଚଳପ୍ରଚଳ କରୁଛି ବୋଲି ।

Digitized by srujanika@gmail.com

କିରକେଗାର୍ଡଙ୍କ ସମେତ ଅସ୍ତିତ୍ୱବାଦୀ ଲେଖକମାନେ ସବୁ ମତେ ନିଜକୁ ଜାଣିବା ପାଇଁ ଯେତେ ପରାମର୍ଶ ଦେଇଥିଲେ ବି ନିଜକୁ ଜାଣିବା ଭାରି କଷ୍ଟ । ତାଠାରୁ ବୋଧେ ଆହୁରି କଷ୍ଟ ନିଜକୁ ଲେଖିବା ।

ଏ ଜୀବନଟା ସତରେ ଭାରୀ ସୁନ୍ଦର । ଏତେ ସ୍ୱପ୍ନ ଏତେ ଉଲ୍ଲାସ ଭରିରହିଛି ଏ ଜୀବନରେ । ଚତୁର୍ଦ୍ଦିଗରେ ଏତେ ପାଣିର ଝରଣା, ଏତେ ପବନର ସୁଅ, ଏତେ ସବୁଜିମା, ଏତେ ପକ୍ଷୀର ମିଠାଗୀତ, ଏତେ ସଫେଦ ସକାଳ, ମଣିଷର ଏତେ ପ୍ରେମକରୁଣା, ଏତେ ଆତ୍ମୀୟତା, ଶସ୍ୟକଣାର ଏତେ ସ୍ୱାଦ । ଏସବୁ ଜୀବନକୁ ଭସେଇ ନିଏ । ମୋ ସମୁଦ୍ର କୂଳ ଗାଁ ପାଣିପବନର ଦିନସବୁ ମୋତେ ମହାପାର୍ବଣର ଦିନଭଳି ଲାଗିଛି ।

ଜୀବନର ଅଫୁରନ୍ତ ଆନନ୍ଦ ସତ୍ତ୍ୱେ ମୁଁ ସ୍ୱତଃ ସ୍ୱୀକାର କରୁଛି, ମୁଁ ତଥାପି ମୋ ଇଚ୍ଛାରେ ମୋର ଗୋଟେ ଇପ୍‌ସିତ ଜୀବନ, ଆଉ କାହା ପାଇଁ ନ ହେଲେ ବି ନିଜ ପାଇଁ ବଞ୍ଚିପାରିନି ।

ଗୋଟେ ସୁନ୍ଦରୀ ଭାର୍ଯ୍ୟା ପାଇଁ ଅତି ଛୁଆଟି ଦିନରୁ ମୋ ମନରେ ଗୋଟେ ବ୍ୟାକୁଳତା ଥିଲା । ସରୁ ମୁହିଁ ଶ୍ୟାମଳୀ ଜଣେ ପାଇଁ ମୋର ପ୍ରତୀକ୍ଷା ଥିଲା । ଗୋରୀ ଝିଅମାନେ ମୋତେ ସେମିତି ଖାସ ଭଲ ଲାଗନ୍ତିନି । ମୋ ଗପମାନଙ୍କରେ ଯେଉଁ ଝିଅ ଚରିତ୍ର ସବୁ ବେଶ ମୁଖର ହୋଇଛନ୍ତି ସେମାନେ ସମସ୍ତେ ପ୍ରାୟ ଶ୍ୟାମଳୀ ।

ନାରୀର ସୁନ୍ଦରପଣ ଚିହ୍ନଟ କରିବାରେ ହୁଏତ ଏହା ମୋର ଗୋଟେ ନିହାତି ବଡ଼ ନିର୍ଣ୍ଣୟଟେ ନୁହେଁ । କାହାକୁ କିଏ ଭଲ ଲାଗିବ ସେ ନିଜ ନିଜ ମର୍ଜି ବା ମାନସିକତାର କଥା ।

ଢେର ଦିନ ପରେ ଆଜି ମୁଁ ଜାଣୁଛି, ଜୀବନଟେ ଜିଇଁବା ଏତେ ସହଜ ନୁହେଁ । ଜୀବନ ବିଷୟରେ ଯୁଗ ଯୁଗ ଧରି ଲେଖାଯାଇଥିବା ସାହିତ୍ୟରୁ ଆମେ ନାନା କଥା ପଢୁଛୁ । ତା'କୁ ଧରି ଜୀବନ ବିଷୟରେ ଆଉ ଦିକଥା ବି ଆମେ ବଢ଼େଇ ଚଢ଼େଇ ଲେଖି ଦେଇଛୁଁ । ହେଲେ ସୁଖରେ ସୁନ୍ଦର ଜୀବନଟିଏ ବଞ୍ଚିବା ଆମ ଦେଇ ହେଉନି । ଆମ ସ୍ୱପ୍ନ ପ୍ରକାରେ ତ ଜୀବନର ବାସ୍ତବତା ଆଉ ପ୍ରକାରେ ହେଉଛି ।

ମୁଁ କ'ଣ ଏମିତି ଜୀବନଟିଏ ବଞ୍ଚିବା ପାଇଁ ନିହାତି ଭାବିଥିଲି । ସେମିତି ମୋ ସ୍ୱପ୍ନ ପ୍ରକାରେ ହେଲା ତ ମୋ ଜୀବନ ଆଉ ପ୍ରକାରେ ହେଲା ।

ଜୀବନର ହଜାରେ ଜହ୍ନ ରାତିରେ ଏକା ଏକା ବସି ଲୁହ ଗଡାଇଛି ।

ଆତ୍ମହତ୍ୟା କରିବାକୁ ଯାଇ ନଈ ପୋଖରୀ ପାଖରୁ ଫେରି ଆସିଛି ।

ମରିବାକୁ ନେଇଥିବା ବିଷ ବୋତଲକୁ ଢାଳିଦେଇ ମାଆ ଫଟୋକୁ ଧରି କାନ୍ଦିଛି ।

Digitized by srujanika@gmail.com

ପାଞ୍ଚ ସାତ ଦିନ ଉତ୍ତାରୁ ପୁଣି ମୋ ସେଇ କୁପିତା ପତ୍ନୀସହିତ ରମଣ କରିଛି ତ

କେଉଁ ଧର୍ମ ସଭାରେ ଯାଇ ଆତ୍ମହତ୍ୟା କରିବା ମହାପାପ ବୋଲି ପ୍ରବଚନ ଶୁଣାଇଛି ।

ସତ କହିଲେ ମୋ ଜୀବନରେ ମୁଁ ହାରିଛି ବେଶି । ଜିତିଛି କମ୍ । ହରାଇଛି ବେଶି ଆଉ ପାଇଛି କମ୍ । ତଥାପି ମୋ ଜୀବନକୁ ନେଇ ମୁଁ ଏକବାରେ ସନ୍ତୁଷ୍ଟ । ଭଲମନ୍ଦ ଆଉ ପାପପୁଣ୍ୟ ବୋଧ ଉର୍ଦ୍ଧ୍ୱରେ ମୁଁ ମୋ ଜୀବନଟାକୁ ସାହସ କରି ଏ ଜଗତକୁ ଫିଙ୍ଗିଦେଇଛି ।

ଆସନ୍ତା କାଲି ପାଇଁ କିଛି ଅମଙ୍ଗଳ ଘଟିବ ବୋଲି ଆଶଙ୍କା କରି ମୋ ଆୟୁଷର ମୂଲ୍ୟବାନ ମୁହୂର୍ତ୍ତ ସବୁକୁ ମୁଁ କେବେ ବିମର୍ଷ ହେବାରେ କଟାଇଦେଇନି ।

ମୁଁ ଆଜି ମୋର ଏ ଛଅଷଠି ବର୍ଷ ବୟସରେ ବେଶ ବୁଝିପାରୁଛିଯେ, ଈଶ୍ୱର ମୋତେ ବେଶ ଉଚ୍ଚ ଶିକ୍ଷିତା, କିଛି ସିଲେଇ ପତ୍ର ଜାଣିଥିବା, ମୟୂରୀ ଗୋ, ଆଜି ମୁଁ ଲୁହର ହରିଣୀ ଆଦି ସାଧ ମତେ ଦିଚାରିଟା ଓଡ଼ିଆ ଓ ହିନ୍ଦୀ ସିନେମା ଗୀତ ଗାଇପାରୁଥିବା ଆଉ ସାମାନ୍ୟ ବଙ୍ଗଳା ପ୍ରଭାବ ଥିବା ଉତ୍ତର ବାଲେଶ୍ୱରୀ ରୀତିରେ ମାଛ ଝୋଳ ସମେତ ଦିଚାରିଟା ବେସର ଦିଆ ଭଜା ଝୋଳ କରିପାରୁଥିବା ଗୌରାଙ୍ଗୀ ସ୍ତ୍ରୀ ପଟେ ଦେଇଥିଲେ ବି ଆଉ ମୋ ପୁଅ ଝିଅକୁ ସୁନ୍ଦର ଆଉ ଯୋଗ୍ୟଯୋଗ୍ୟା କରିଥିଲେବି ମୁଁ କଦାପି ସଂସାରୀ ହେବା ପାଇଁ ଗଢ଼ାହୋଇନି । ନିହାତି ସତ କହିଲେ ବରଂ ପଟେ ଏକଲା ମଣିଷ ହେବାପାଇଁ ମୁଁ ଏ ପୃଥିବୀକୁ ଆସିଛି ।

ମୁଁ ଆଗରୁ ଏକଥା ବେଶ ଟିକିନିଖି କରି ଲେଖିଛି ଯେ ମୁଁ ଗୋଟେ ଲୋକ, ପିଲାଛୁଆ ଧରି ମୋର ଏତେବର୍ଷ ହୋଇଗଲା; ଅଥଚ ମୋର ଗୋଟେ ଜାତକ ନାହିଁ । ବାହାଘର ବେଳେ ଶଶୁରଘର ଲୋକେ ମୁଁ ବୟସ ଲୁଚାଇବା ପାଇଁ ଜାତକ ଦେଖାଉନି ବୋଲି ଭାବିଲେ । ମୁଣ୍ଡର ଗୋଟେ ଗୋଟେ ବାଳ ପାଚି ଝୋଟ ହୋଇ ଯାଇଥିବା, ହଳଦୀ ବେପାରୀ ଭଳି ଦିଶୁଥିବା ମୋର ଜଣେ ଖୁଡୁତାଶୁର ମୋ ବଡ଼ ଭାଇକୁ ଭାରି କଥା କହିଲେ ଏଇ ଜାତକ ନେଇ ।

ଜାତକ ଥିଲେ ଜାତକ ପଢ଼ିଥାନ୍ତା କି ନାହିଁ, ରାଜ ଯୋଟକ ହୋଇଥାନ୍ତା କି ନାହିଁ ମୁଁ ଜାଣେନି ।

ଆମ ଦିଜଣକ ଭିତରେ ନ ପଡିବାକୁ ଛାଡ଼ିଦେଲେ ଆଉ ସବୁ କଥା ଈଶ୍ୱରଙ୍କ ଦୟାରୁ ଯାହାହେଉ ଠିକ୍‌ଠାକ୍ ଚାଲିଛି ।

Digitized by srujanika@gmail.com

ମୁଁ ନିଜକୁ ଜଣେ ଅସଫଳ ସଂସାରୀ ବୋଲି କହିପାରିବିନି । ସଂସାର ମୋତେ ଗୋଟାପଣେ ବାନ୍ଧି ନପାରୁ ଆଉ ମୁଁ ବି ବାନ୍ଧି ହୋଇ ନ ଯାଏ ବୋଲି ବୋଧେ ଈଶ୍ୱରଙ୍କ ଇଚ୍ଛା । ସେଥିପାଇଁ ମୋର ଅପାରଗତାକୁ କେତେଜଣ ଲୋକଙ୍କ ଆଗରେ ବର୍ଣ୍ଣନା କରିବା ପାଇଁ ଭାରି ମୁଖର ହୋଇଛନ୍ତି ।

ସେମାନେ ଜାଣନ୍ତି ନାହିଁ ଯେ, ମୁଁ ଈଶ୍ୱରାନୁପ୍ରେରିତ ହୋଇ ଆସିଛି ଶୁଦ୍ଧ ଏକଲା ମଣିଷଟିଏ ହେବା ପାଇଁ । ମେଣ୍ଢା ପଲରେ ପଟେ ମେଣ୍ଢା ହୋଇ ନଯାଏ ବୋଲି ମୁଁ ତମାମ ଜୀବନ ଯତ୍ନ କରିଛି । ପ୍ରାଣରେ ଏ ସଙ୍କଳ୍ପ ନଥିଲେ ମୋତେ ସେମାନେ ହୁଏତ ମେଣ୍ଢା କରିଦେଇଥାନ୍ତେ କିମ୍ବା ମୁଁ ପଟେ ମେଣ୍ଢା ବନିଯାଇଥାନ୍ତି ।

ସ୍ୱପ୍ନବତ୍ ମୋ ଭିତର ଜୀବନକୁ ସାହିତ୍ୟରେ ରୂପ ଦେବା ପାଇଁ ନିରନ୍ତର ଇଚ୍ଛା କରିଛି । ମୋ ଜୀବନର ଅନେକ ଗୋପନ ସ୍ୱପ୍ନ ଭାରି ଖୁନ୍ଦିଖାନ୍ଦି ହୋଇରହିଛି, ସାପୁଆ କେଳା ପେଡିରେ ସାପ ସବୁ ରହିଲା ପରି ।

ସ୍ୱପ୍ନ ସବୁ କେବେ ସାକାର ହୁଏନି; ମାତ୍ର ଗୋପନ ସ୍ୱପ୍ନ ସବୁ ମଣିଷକୁ ବଞ୍ଚିବା ପାଇଁ ଉତ୍ତେଜିତ କରାଏ । ସ୍ୱପ୍ନ ନାହିଁତ ଜୀବନ କାହିଁ ?

ବୃଥାଟାରେ ହେଉପଛେ ମୁଁ ସବୁବେଳେ ସ୍ୱପ୍ନ ଦେଖେ । ସ୍ୱପ୍ନରେ କମ୍ ଜୀବନ, କମ୍ କବିତା, କମ୍ ପ୍ରେମ ନାହିଁ ।

ଏ ଜଗତର ସବୁ ନଦୀ, ସବୁ ନାରୀ ମୋତେ ଭଲ ଲାଗନ୍ତି । ଗୋଟେ ନାରୀର ଆତ୍ମୀୟତା ଟିକିଏ ପାଇବା ମୋତେ ଏକାଡେମୀର ପୁରସ୍କାର ପାଇବା ବା ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ପାଇବାଠାରୁ ଅଧିକ ଲାଗେ ।

ନାରୀଟିଏ ଯେଉଁଠି ଥାଉ, ଯେଉଁ ପ୍ରଦେଶର ହୋଇଥାଉ ଆଉ ତା'ର ବୟସ ପୁଣି ଯାହା ହୋଇଥାଉ ସେ ଖାଲି ପ୍ରେମ ଆଉ କୋମଳତାର ଧାରିଣୀ କେବଳ ନୁହେଁ ସେ କୋମଳତା ବାଣ୍ଟେ ।

ଆତ୍ମୀୟତା ସହିତ କୋମଳ ପଣର ଭାରି ସମ୍ପର୍କ ।

ମୁଁ କ'ଣ ପଢିଲି, କେତେ ଶାସ୍ତ୍ରଦର୍ଶୀ ପଣ୍ଡିତ ବୋଲାଇଲି ତା ଉର୍ଦ୍ଧ୍ୱରେ ମୋ ଜୀବନର ଅନ୍ୟତମ ପାରଦର୍ଶିତା ହେଲା ମୁଁ ଅତି ସହଜରେ ଜଣେ ଭାବିନୀ ସହିତ ପରମ ଆତ୍ମୀୟତା ଯୋଡିଦେଇପାରେ ।

ମୁଁ ସେଇ ଭାବରେ କେମିତି ଜୀବନଟିଏ ବଞ୍ଚିଆସିଲି ଆଉ ସୁଖ ପାଇଲି କି ଦୁଃଖ ପାଇଲି ଗୋଟେ ସୁଖମୟ ସ୍ୱଭାବ ରସିକତା ଭିତରେ ମୁଁ ତା'କୁ ମୋ ଲେଖାରେ ସବୁ ଲେଖିଛି । ସେମିତି ବି ଭାରି ମନ ଦେଇ ଲେଖିଛି ମୋ ଚତୁଃପାର୍ଶ୍ୱର ପରମ ପ୍ରକୃତିକୁ । କାରଣ ସଞ୍ଜ ସକାଳର ମନଲୋଭା ମୂର୍ଚ୍ଛିତ ମୁହୂର୍ତ୍ତ ସବୁ, ମେଘ ପବନର ଦିନ, ସମୁଦ୍ର

Digitized by srujanika@gmail.com

କୂଳିଆ ଖାଁ ଖାଁ ଲାଗୁଥିବା ନୀରବତା, ଋତୁ ବଦଳିବା, ଫୁଲ ଫଳ ଭର୍ତ୍ତି ଗଛ ବୃକ୍ଷ ସବୁ ମୋତେ ବିମୋହିତ କରିଦିଅନ୍ତି ।

ଗୋଟାପଣେ ତଲ୍ଲୀନ ହେବାର ଉଲ୍ଲାସ ମୋର ଏଇଠି ।

ମୋ ଲେଖାରୁ ମୁଁ ଯେମିତି ମୋତେ ପଢ଼େ ।
ସାଉଁଟି ଆଣେ ମୋ ଶୈଶବର ମଧୁର ସ୍ମୃତି ସବୁକୁ ।
କେତେ ଦୈନ୍ୟ ଦୁର୍ଭିକ୍ଷର କଥା ।
କେତେ ପରାଜୟ କେତେ ବ୍ୟର୍ଥତାର କାହାଣୀ ।
ଅପାଶୋରା କେତେ ମଉଛବରାତି ଆଉ ପାର୍ବଣୀର ସ୍ମୃତି ।

ଆଜି ଆଉ ସେତେ ମନେପଡୁନି ନିଃସ୍ୱ ଓ ନିଃସମ୍ବଳ ହେବାର ସ୍ମୃତି ସବୁ । ଗୋଟେ ବିଭୋରପଣିଆ ଆଜି ଯେମିତି ମୋତେ ବିହ୍ୱଳ କରୁଛି । ସମୁଦ୍ରକୁ ପୃଥିବୀକୁ ନିଜ ଦେହରେ ମିଶାଇଦେବା ପାଇଁ ଇଚ୍ଛା ହେଉଛି ।

ଗୋଟେ ପରିବୋଧନୀୟ ବିରଳ ତଲ୍ଲୀନତା ମୋ ଆତ୍ମାକୁ ଆହୁରି କେମିତି ବିନୀତ କରିଦେଇଛି । କୃତଜ୍ଞତାରେ ପ୍ରାଣ ଭରିଯାଇଛି ।

ତା'ରି ପାଖରେ ଆଜି ବିନୀତ ହୋଇଯିବାକୁ ଇଚ୍ଛା ହେଉଛି ଯେଉଁ ଗାଁ ଗୁଡିଆ ଗରମ ଗରମ ଜିଲାପି ଛାଣି ରସରେ ବୁଡାଇ ତା'କୁ ସଜାଇ ରଖୁଥିଲା ଆମରି ପରି ଟକଳା ଗରାଖମାନଙ୍କ ପାଇଁ । ସେଇ ତାମିଲ ତନୟା କମ ମାଟିଆଣୀ, ଯାହାର ପିଟା ମୁଗୁନି ପଥରର ଶ୍ୟାମଳ ଅଙ୍ଗଲତା ମୋ ମନରେ ପ୍ରଥମେ ରତି ଇଚ୍ଛା ଜଗାଇ ଥିଲା ।

ମୋ ଗାଁର ସେ ସରୁମୁହିଁ ଗୁଡିଆ ଘରର ଝିଅ ।
ମୋ ଗାଁର ଚିକ୍ ଚିକ୍ କରୁଥିବା ଯେତେସବୁ ଖରାଦିନ ଦ୍ୱିପହର ।
ମୋ ଗାଁ ସମେତ ପାଖ ଗାଁର ଯେତେସବୁ ପଦ୍ମ ପୋଖରୀ ।
ମାଘ ମାସ ଶୀତର ଜାଡ଼
ହାତୀସାଉର ବାଉଁଶବଣ ଭର୍ତ୍ତି ମାଣେ ତେର ଗୁଣ୍ଠର ଘର ବାଡି
ମୋ ପ୍ରପିତାମହ ଗଙ୍ଗାଧର ସାହୁର ପିତା ହାତୀସାଉ
ଧର୍ମାର୍ଥୀ ସ୍ୱର୍ଗତ ମାନଗୋବିନ୍ଦ ସାହୁ ମୋ ଆଦରଣୀୟ ଜେଜେବାପା
ପାଟଳିଫୁଲ ପଡି ମହ ମହ ବାସୁଥିବା ଆମ ଘର ପୋଖରୀ
ଆମ ଆମ୍ବତୋଟା, ଚଅଁରା ବଳଦ ଆଉ କାଞ୍ଜିହାଣ୍ଡି ।

ଏସବୁ ଫେଣ୍ଟା ଫେଣ୍ଟି ହୋଇ ଘସି ମାଜି ହେଲା ଭଳି ଆହୁରି ସୁନ୍ଦର ଦିଶୁଛି ମୋ ଲେଖାମାନଙ୍କରେ । ସକ୍ରେଟିସ କହିଲା ଭଳି ମୁଁ ଭାବୁଛି, ମୋ ଲେଖା ଲେଖି ଜରିଆରେ ମୁଁ ମୋ ଆତ୍ମାର ଯତ୍ନ ନେଇ ଚାଲିଛି ।

Digitized by srujanika@gmail.com

ମୋ ଲେଖା ମୋତେ ବାରବାର ପ୍ରେମ, ବିଶ୍ରାମ, ବନ୍ଧୁମିଳନ, ପିତୃ ପୁରୁଷଙ୍କ ଆଶୀର୍ବାଦ ଓ ଭ୍ରମଣର ସୁଖ ଆଣି ଦେଇଛି । କାରଣ ଭଲ ଲେଖାଟିଏ ହେଉଛି ମଣିଷର ପ୍ରାଣରସକୁ ରଖିବାର ଗୋଟେ ଫରୁଆ ।

ମୋ ଲେଖା ସବୁକୁ ମୁଁ ସେମିତି ଜ୍ଞାନ କରେ ।

ମୋ ପ୍ରାଣକଥା ମୋ ପତ୍ନୀ କହିପାରିବନି । ମୋ ବନ୍ଧୁ କୁଟୁମ୍ବମାନେ ମୋ ପ୍ରାଣର ପରିଚୟ ଦେଇପାରିବେନି । ଜୀବନର ଆନନ୍ଦମୟ କୋଷ ସବୁ କାହାରିକୁ ବାହାରୁ ଦିଶେନି । ଆପଣାର ଆତ୍ମ ସ୍ୱୀକାରୋକ୍ତି ମୂଳକ ଲେଖାରୁ କେବଳ ସେ ପ୍ରାଣର ପରିଚୟ ମିଳେ ।

ମୁଁ ମନେ କରେ ମୋର ସବୁଲେଖାର ନାୟକ ମୁଁ ନିଜେ । ସବୁଠି ଛାୟା ପୁରୁଷ ହୋଇ ରହିଛି । ନାନା ଦୁର୍ଭାଗ୍ୟ ଜନକ ସ୍ଥିତି ସତ୍ତ୍ୱେ ଏ ସଂସାରରେ ସୁଖ ଅଛି ବୋଲି ମୁଁ ଭାବେ । ମୋର ଏ ଭାବନା ମୋର ସବୁଲେଖାକୁ ଆଶା ଓ ଆନନ୍ଦର ବୋଳ ଆଣି ଲେପି ଦେଇଛି । ମୋ ଅଧିକାଂଶ ଗପର ନାୟକ ଜୀବନ ଦାସ ମୋର ଛାୟା ପୁରୁଷ । ଗଳ୍ପ ପୃଷ୍ଠାରୁ ବାହାରି ବେଳେ ବେଳେ ମୋ ପାଖକୁ ଆସେ ସେ ଜୀବନ ଦାସ ।

ମୋ ଗଳ୍ପର ନାୟକ ଜୀବନ ଦାସ ନାମକରଣକୁ ନେଇ ମୁଁ ବହୁତ ଆନନ୍ଦିତ । ମୋ ଗଳ୍ପ ନାୟକ ମାନେ ଜୀବନର ଦାସ । ସଭିଏଁ ଯେପରି ନିଜ ନିଜ ବାଟରେ ଜୀବନ ମାନ ଜିଉଁଛନ୍ତି ।

ଷୋଳଣାରୁ ଷୋଳଣା ଜିତିଯିବାର ଏ ଜୀବନ ନୁହେଁ । କିଛି ଅନିବାର୍ଯ୍ୟ ଗୋପନ ପାପ ପରି କିଛି ବ୍ୟର୍ଥତା, କିଛି ହାରିଯିବାପଣ, କିଛି ସେମିତି ଅପରିହାର୍ଯ୍ୟ ନିଃସଙ୍ଗତା ଓ କାଉଳପଣ ମୋ ଗଳ୍ପର ଚରିତ୍ରମାନଙ୍କ ଭିତରେ ଅଛି ।

ଲେଖିବା ପାଇଁ ବିଷୟ ବାଛୁଥିଲା ବେଳେ ମୋ ଚେତନା ଭିତରେ ଥିବା ଅଣନାୟକତ୍ୱକୁ ମୁଁ ବେଶୀ ଭେଟିବାକୁ ଚାହୁଁଥିଲି । ନାୟକ ଅପେକ୍ଷା ଅଣନାୟକତ୍ୱକୁ ମୁଁ ଅଧିକ ବାସ୍ତବ ବୋଲି ଭାବେ ଓ ଜୀବନମୟତାର ଗୁଣ ଅଣନାୟକ ଭିତରେ ବେଶୀ ଖୁନ୍ଦି ହେଲା ଭଳି ମୋତେ ଲାଗେ ।

ଏହା ମୋର ଅନ୍ୟତମ କାବ୍ୟ ବିଶ୍ୱାସ; ଯାହାକୁ ମୁଁ ମୋ ଜୀବନ ବଞ୍ଚିବାର ଅଭିଜ୍ଞତାରୁ ଲାଭ କରିଛି ।

ମୁଁ କହିବି ମୋ ଲେଖା ସବୁ ନିରୁତା ମୋ ସ୍ୱପ୍ନ, ମୋ ଅଭିପ୍ସାର ଏକ ଏକ ଅଭିଲିପି ।

ମିଠା କଥା କହି ମନ ତୋଷିନେଲା ଭଳି ପତ୍ନୀଟିଏ ପାଇବା ମୋ ସ୍ୱପ୍ନର ବିଷୟ ଥିଲା; ଯାହାକୁ ହୁଏତ ମୁଁ ମୋ କିରକେ ଗାର୍ହୀୟ ପ୍ରାଣର ସୋହେଲୀ କରିଥାନ୍ତି । ଖାଲି

Digitized by srujanika@gmail.com

ସେବା ଶୁଶ୍ରୁଷା ନୁହେଁ କି ଖାଲି ସୁରତି ନୁହେଁ ବରଂ ସେ ଚେତନାର ସହଚରୀ ହୋଇଥାନ୍ତା । ମୁଁ ତା'କୁ ମୋ ମନର ମିତଣୀ କରି ତମାମ ଜୀବନଟା ତା ସହିତ କେତେବେଳେ ଯୋଗୀଟିଏ ପରି ତ କେତେବେଳେ ଭୋଗୀଟିଏ ପରି କଟାଇ ଦେଇଥାନ୍ତି ।

ସେ ସ୍ୱପ୍ନ ମୋର ପୂରଣ ହେଲାନି; ଯଦିଓ ପୁଅ ଝିଅଙ୍କ ଯତ୍ନ ନେଇ ଉତ୍ତମ ଭାବେ ଘର ଚଳାଇପାରିଲା ପରି ଗୋଟେ ଗୌରାଙ୍ଗୀ ଚାରୁଲତାକୁ ଭାର୍ଯ୍ୟା କରିପାଇଲି । ସେମିତି ଜଣେ ସତ୍ ପ୍ରେମିକାଟିଏ ପାଇଁ ମୁଁ କମ ସ୍ୱପ୍ନ ଦେଖି ନଥିଲି; ଯେ ମୋ ଜୀବନ ଭିତରକୁ ପଶି ଆସି ମୋ ଜୀବନର ନିଃସଙ୍ଗ ମୁହୂର୍ତ୍ତ ସବୁକୁ ଆନନ୍ଦ ମୁଖର କରିବା ସଙ୍ଗେ ସଙ୍ଗେ ନିର୍ଜନ ରାତି ସବୁକୁ ସ୍ୱର ସଙ୍ଗୀତରେ ମୁଖର କରି ଦେଇଥାନ୍ତା । ଆଉ ମୁଁ ତା'କୁ ଜୀବନ୍ତ କବିତାଟିଏ ବୋଲି ସବୁବେଳେ ଭାବିଥାନ୍ତି ।

ମୁଁ ବେଶ ବୟସ୍କ ହୋଇଯିବା ପର୍ଯ୍ୟନ୍ତ ସତ ପ୍ରେମିକାଟିଏ ମୋ ଭାଗ୍ୟରେ ଜୁଟିଲାନି । ଯେଉଁ ସବୁ ଶ୍ୟାମାଙ୍ଗୀ ଓ ଗୌରାଙ୍ଗୀଙ୍କ ପାଇଁ ମୁଁ ବେଳେ ଟିକିଏ ବିହ୍ୱଳ ହୋଇଛି ସେମାନଙ୍କ ସ୍ୱାର୍ଥ ସାଧନ ପରେ ସେମାନେ ବାଟକାଟି ଚାଲି ଯାଇଛନ୍ତି । ସତ କହିଲେ ଗୋଟେ ପ୍ରେମିକାର ଜୀବନକୁ ସେମାନେ ଆଦୌ ନିରାପଦ ମଣିନାହାନ୍ତି । ପ୍ରେମିକା ଜୀବନ ବିତାଇବା ପାଇଁ ସେମିତି ସାହସ ଦରକାର ତ ସାମର୍ଥ୍ୟ ଦରକାର ।

ରାଧା ହେବା କ'ଣ ଏତେ ସହଜ ?
ରାଧା ଯେଉଁଠି ବାଧା ସେଇଠି
ଲକ୍ଷ୍ମୀ, ସରସ୍ୱତୀ ହେବା ହୁଏତ ସହଜ
ରାଧା ହେବା ଏତେ ସହଜ ନୁହେଁ ।

ସେଇ ପ୍ରିୟ ନାରୀଟି ଭିତରେ ହୁଏତ ମୁଁ ଲକ୍ଷେ ଫଗୁଣର ଫୁଲବଣ ଦେଖିଥାନ୍ତି ତ ଲକ୍ଷେ ଶ୍ରାବଣକୁ ଅନୁଭବ କରିଥାନ୍ତି ।

ତାହା ହେବାର ନଥିଲା ହେଲାନି ।

ମୁଁ ତଥାପି ଭାବୁଛି ମୋ ଏ ଜୀବନ ଆନନ୍ଦ ଓ ମୁକ୍ତିର ଉଲ୍ଲାସରେ ପରିପୂର୍ଣ୍ଣ ଜୀବନ ପାଇଁ ତ କାହାର କେବେ ପ୍ରାର୍ଥନା ସରେ ନାହିଁ । ଜୀବନରେ ସବୁକିଛି ହେବାର ଗୋଟେ ନିରୀହ ଅଭିଳାଷ ମୋତେ ସବୁବେଳେ ଆବୋରି ବସିଥିଲା ।

ଗୋଟେ ଗାୟକ ହେବା ପାଇଁ ମୋର ଭାରି ଇଚ୍ଛା ହେଉଥିଲା ।

ଇଚ୍ଛା ହେଉଥିଲା ସେମିତି ଗୋଟେ ବଂଶୀବାଦକ ହେବା ପାଇଁ ।

କେତେବେଳେ ପୁଣି ଦୂର ଦେଶ ଆକାଶରେ ଉଡିବାପାଇଁ ପାଇଲଟ ହେବାକୁ ଇଚ୍ଛାହୁଏ ।

Digitized by srujanika@gmail.com

ଛୁଆଦିନେ ଇଚ୍ଛା ହେଉଥିଲା ଜଣେ ବେତ୍ରହସ୍ତ ଶିକ୍ଷକ ହେବାପାଇଁ; ଅମାପ ଦଣ୍ଡ ଦେବାର ଶକ୍ତି ଯା'ର ଅଛି । ଏମିତି ସବୁ କାମନାର ଅନ୍ତ ନଥିଲା । ଏମିତି ଅଭିଳାଷ ସବୁ ମୋତେ ବିଚଳିତ କରି ଦେଉଥିଲା ।

ଏବେ କିନ୍ତୁ ମୋର ଆଜି ଏ ଉତ୍ତୀର୍ଣ୍ଣ ବୟସରେ ମସ୍ତ ଗୋଟେ ଗୁଣ୍ଡା ହେବା ଇଚ୍ଛା ହେଉଛି । ଚାହିଁଲେ ଜଣେ ଅପମିଶ୍ରଣକାରୀ ଦୋକାନଦାରକୁ ଦି ଥାପଡ ଦିଅନ୍ତି ତ ହାତ ଗୁଞ୍ଜା ନ ନେଲେ କାମ କରୁ ନଥିବା କିରାଣୀର କାନ ଦି'ଟାକୁ ଧରି ଅଫିସ ବାରଣ୍ଡାରେ ଉଠାବସା କରନ୍ତି ତ ବହ କଲିଆ ଅଫିସବାବୁମାନଙ୍କ ନାଲିବତୀ ଗାଡି ସବୁକୁ ମୁଥମାରି ଭାଙ୍ଗି ପକାନ୍ତି । ଚାହାନ୍ତି ତ ଏକାଡେମୀ ପୁରସ୍କାର ନେବାରେ ପାତର ଅନ୍ତର କରୁଥିବା ନୀତିହୀନମାନଙ୍କ ନିଶ କାଟି ପକାନ୍ତି ଆଉ ମନ୍ତ୍ରୀ ଏମ.ଏଲ.ଏ.ମାନଙ୍କୁ ନାକରେ ପାଣି ପିଆନ୍ତି ।

ଆଜି ମୁଁ ଗୁଣ୍ଡା ପଟେ ନ ହୋଇପାରିଥିବା କାରଣରୁ କେମିତି ସବୁ କଥାରେ ଶଙ୍କିଯାଉଛି । ମସ୍ତ ଗୁଣ୍ଡା ପଟେ ହେବାପାଇଁ ଯେମିତି ବପୁ ଦରକାର ସେମିତି ଉଚ୍ଚତା ବି ଦର୍କାର । ମୋର କିନ୍ତୁ ସେ ଆବଶ୍ୟକୀୟ ଉଚ୍ଚତା ନାହିଁ ।

ଏମିତି ଯାବତୀୟ ଅବଶୋଷ ସବୁକୁ ନିଃସଙ୍କୋଚରେ ମୁଁ ମୋ ସାହିତ୍ୟରେ ଲେଖେ । ମୋ ଲେଖା ସହିତ ମୁଁ ବଡ଼ ଅନ୍ତରଙ୍ଗ ଭାବେ ତାଇଲଗ କରେ । କେଉଁ କଥାକୁ ପାପ କିମ୍ବା ପରାଜୟ ବୋଲି ଭାବି ମୋ ସାହିତ୍ୟରେ ନ ଲେଖିଛି ନୁହେଁ ।

ଏ ସବୁକୁ ସତସତ କରି ବିସ୍ତୀର୍ଣ୍ଣ ଭାବେ ଲେଖି ମୁଁ ଭାରି ସାହସ ଦେଖାଇଛି । ଏକଥା ମୋ ସାହିତ୍ୟିକ ବନ୍ଧୁମାନେ ଯେପରି ଜାଣନ୍ତି ସେହିପରି ମୋର ଅନେକ ପାଠକପାଠିକା ବି ଜାଣନ୍ତି ।

ଆଜି ଏ ଛଅଷଠି ବର୍ଷ ବୟସରେ ମୋ ପ୍ରେମିକା ନାଁକୁ ବି ମୁଁ ଗୋପନ କରି ରଖିନି । ଆତ୍ମାର କିଛି ଉଚ୍ଚାରଣ ଅବରୁଦ୍ଧ ହୋଇ ରହିଯାଉ ବୋଲି ମୁଁ ତାହା ଚାହେଁନି । ମରଣ ପୂର୍ବରୁ ମୋ ଜୀବନର ସବୁକଥାକୁ ମୋ ପ୍ରିୟଜନମାନଙ୍କ ନିକଟରେ କହିଯିବା ପାଇଁ ମୁଁ ଶପଥ କରିଛି । ମୋତେ କେହି ପାପୀ କହୁକି କେହି ପୁଣ୍ୟାତ୍ମା ବୋଲି କହୁ । ମୁଁ ପରବାଏ କରିନି ।

ମୋ ସ୍ତ୍ରୀ କିମ୍ବା ମୋ ଶଶୁର ଘର ଲୋକେ ଯାହା ଭାବନ୍ତୁ ପଛେ ମୁଁ ପ୍ରକୃତରେ ଈଶ୍ୱରଙ୍କଦ୍ୱାରା ଅନୁପ୍ରେରିତ ହୋଇ ଏ ପୃଥିବୀକୁ ଆସିଛି ମୋ ଜୀବନ ବଞ୍ଚିବାର ଟିକିନିଖି କଥା ମରିବା ପୂର୍ବରୁ ପ୍ରକାଶ କରିଯିବା ପାଇଁ ।

ଏ ଗୋଟେ ମୋର ପବିତ୍ର ମିଶନ ।

Digitized by srujanika@gmail.com

ସେପାଇଁ ମୁଁ କଲମ ଧରିଛି କିମ୍ବା ଈଶ୍ୱର ମୋ ହାତରେ ଏ କଲମ ଧରାଇଛନ୍ତି । କଲମ ସତ୍ୟ ପ୍ରକାଶ କରୁଥାଏ ବୋଲି ତାହା ବନ୍ଧୁକଠାରୁ ବି ଶକ୍ତିଶାଳୀ । ସବୁଠି ସବୁକାଳରେ ଏଇ କଲମର ତେଜ ଓ ବୁନିଆଦି ଅଲଗା ପ୍ରକାରର ।

ମୁଁ ସତ କହୁଛି, ମୁଁ କେବେ ମୋ କଲମର ଅମର୍ଯ୍ୟାଦା କରିପାରିବିନି । ମୁଁ ମୋ ବାପାମାଆଙ୍କ ନାମରେ ଶପଥ କରି କହୁଛି ମୁଁ ଆଉ ଯାହା ପଛେ ହୁଏ କି ନ ହୁଏ ଜୀବନରେ କେବେ କଲମ ଦ୍ରୋହୀ ହେବିନି ।

କଲମଟି ମୋତେ ମୋ ଜୀବନର ସହଜାତ ଉଲ୍ଲାସ ଆଉ ମାର୍ଜ୍ଜିତ ଇନ୍ଦ୍ରିୟ ସୁଖ ଭୋଗର ବଳୟ ଭିତରକୁ ନେଇଯାଇଛି ।

ହେ ମୋର କଲମ । ମୁଁ ତୋ'ର ଜୟଗାନ କରୁଛି ।

ତୋତେ ମୁଁ ପ୍ରଣାମ କରୁଛି ।

ମୋ ଲେଖାରେ ମୁଁ ମୋ ସାଧମତେ ନିଜକୁ ହିଁ ଲେଖିଛି । ପ୍ରବଳ ଭାବରେ ସେଥିରେ ଅଛି ମୋ ଜିଇଁ ଆସିଥିବା ଜୀବନର ଯାବତୀୟ ଅନୁଭବ । ଶୀତ ସକାଳରେ ଖରା ପଇଁବା, ମେଘରାତି, ବଢ଼ି ପବନ, ନାଲିମାଣ୍ଡୁ ଚାଉଳର ପଖାଳ, ଆରିଷାପିଠା, ସରୁ ଚକୁଳି, ନାଲି ଉଖୁଡ଼ାର ସ୍ୱାଦ, ବାରୁଣୀ ଦିନ ସମୁଦ୍ରରେ ବୁଡ଼ ପକାଇବା ଏ ସବୁକୁ ମୁଁ ମନ ଦେଇ ଲେଖିଛି । କାରଣ ଏମିତି ଲେଖାରେ ମୋ ମନ ଅତିମାତ୍ରାରେ ଅତୀତ ମୁଖୀ ହୋଇପଡିଛି ଆଉ ମୋ ଛୁଆଦିନର ସ୍ମୃତି ମୋ ଚେତନାରେ ଚହଲିଯାଇଛି ।

ଏମିତି କାଦୁଅ ଜଡ ଜଡ ମୋ ଗାଁ କଥା, ଅପାଶୋରା ମୋ ଛୁଆଦିନ କଥାକୁ ଲେଖା ଲେଖି କରି ଜୀବନର ସ୍ୱାଦକୁ ମୁଁ ବାରବାର ଚାଖିଛି । ଛୁଆଦିନକୁ ମନେ ପକାଇବାର ସଉକ କବିତ୍ୱ ନୁହେଁ ତ ଆଉ କ'ଣ ?

ସମସ୍ତଙ୍କ ଛାତି ଭିତରେ କବିତାର ଝର ବହୁଛି । ମୋ ହୃଦୟରେ ସେ ଝରସବୁ ତ ଗିରି ଝରଣା ଭଳି ଅତ୍ୟନ୍ତ ବେଗଗାମୀ । କବିତାର ସେ ଝର ସବୁ ମୋ ହୃଦୟଟାକୁ ବି ଭସାଇ ନିଏ ।

ମୋ ଆଗରେ ପଛରେ ଚତୁର୍ଦ୍ଦିଗରେ ଅକଳନ୍ତି ସବୁଜିମା । ଉପରେ ନୀଳ ନିବିଡ଼ ଆକାଶ, ତଳେ ବିଶ୍ୱାସନୀୟ ବସୁନ୍ଧରା । ମୁଁ ଆଶାକରେ ସେ ସବୁଜ ଉପତ୍ୟକା ସବୁ ଏତେ ଶୀଘ୍ର ଧୂସର ସରୁଭୂମି ପାଲଟି ଯିବନି ।

ମୋ ଲେଖା ଏକ ପ୍ରକାର ମୋ ଯୌବନ ଗାଥା । ମୋ ଶୈଶବ ସ୍ମୃତିର ଅଭିଲିପି । ମୋ ଆତ୍ମାକୁ ବାରବାର ଶୋକ ଜର୍ଜ୍ଜରିତ କରିଥିବା କାରଣରୁ ମୁଁ ପ୍ରାଣରେ ସର୍ବୋତ୍ତମ ଶୃଙ୍ଗାରକୁ ଅନୁଭବ କରିଛି । ମୁଁ କହିବି ତାହା ମୋ ସୃଜନଶୀଳତାର ଆଧାର ଶିଳା

Digitized by srujanika@gmail.com

ପାଲଟିଛି । ମୋ ଶବ୍ଦ, ମୋ ଶୈଳୀ ମୋ ଆବେଗ ସବୁକିଛି ଟିକିଏ ମଧୁର ବୋଲି ଯାହା ମୋ ପାଠକମାନେ କହନ୍ତି, ମୁଁ ଭାବୁଛି ତାହା ଏହି ବିପ୍ରଳମ୍ଭର ଅନୁଭବ ଯୋଗୁଁ ।

ମୁଁ ଆଜି ମୋ ଏ ଉତ୍ତୀର୍ଣ୍ଣ ବୟସରେ, ଆଉ କେଉଁ ଭାବରେ ନୁହେଁ କେବଳ ମୋ ଲେଖା ଜରିଆରେ ସମୁଦ୍ର କୂଳରେ କଟାଇଥିବା ମୋର ସେ ନିଷ୍କପଟ ଶୈଶବର ଦିନମାନଙ୍କୁ ଫେରିବାକୁ ଚାହେଁ । କୈଶୋର ଆଉ ସଂଘର୍ଷମୟ ସେ ମୋ ଯୁବା ବୟସକୁ ଝୁରି ହେବା ଆଜି ମୋ ବିମଳ ଆନନ୍ଦାନୁଭୂତିର ଏକ ପ୍ରସ୍ଥ ପାଲଟିଯାଇଛି ସେପାଇଁ ।

ଜୀବନରେ ମଉଜ ମଜଲିସ ନକରି ଲେଖିବାକୁ ମୁଁ ଯେ ଶ୍ରେୟ ମନେ କରିଛି ତା'ର କାରଣ ହେଲା ମୋର ଏ ପ୍ରକୃତି ପ୍ରାଣ ବିଗଳିତ ଆତ୍ମାଟିକୁ ମୋ ବନ୍ଧୁମାନେ ଆହୁରି ଭଲ ପାଆନ୍ତୁ । ମୁଁ ଯେ ବ୍ୟଥା ବେଦନାକୁ, ଅଶ୍ରୁ ଓ କାରୁଣ୍ୟକୁ, ଅନ୍ତସ୍ଥଳର ଯନ୍ତ୍ରଣା ଓ ଦୁର୍ଭାଗ୍ୟର ଦିନମାନଙ୍କୁ ମୋ ଲେଖାରେ ବେଶ ଆବେଗାପ୍ଲୁତ ଭାଷାରେ ଚିତ୍ରଣ କରିପାରିଛି ଆଉ ତା ସହିତ ମୋର ବିଦଗ୍ଧ ପ୍ରେମାନୁଭୂତିକୁ – ସେ ପାଇଁ ମୋର ପାଠକପାଠିକାମାନେ ମୋତେ ପ୍ରଶଂସା କରନ୍ତୁ ବୋଲି ମୁଁ ସବୁବେଳେ ଚାହିଁ ଆସିଛି ।

ମୁଁ ପୁଣି ଯାହା କହେଁ ମୋ ଲେଖାରେ ହିଁ କହେଁ । ଆଉ କେଉଁଠି କାହାକୁ କହିଲେ ଅନ୍ୟ ବିଡମ୍ବନା ହୁଏତ ସୃଷ୍ଟି ହୋଇପାରେ । ଆପଣା ପ୍ରାଣର ସକଳ ଆବେଗ ସକଳ ଅଭିମାନକୁ ମୁଁ ସେପାଇଁ ଲେଖାରେ ହିଁ ପ୍ରକାଶ କରିଥାଏ । ମୁଁ ଭାବୁଛି ମୋ ଲେଖାସବୁ ସେପାଇଁ ଅଧିକରୁ ଅଧିକ ଆତ୍ମନିଷ୍ଠ ହୋଇଥିବା କାରଣରୁ ମୋ ପାଠକପାଠିକାଙ୍କ ପରିଚିତ ଅନୁଭୂତିକୁ ଆର୍ଦ୍ର କରିଦିଏ ।

ଜୀବନର ଉଲ୍ଲାସ ଆଉ ତା'ର ଉଡାଣ ଆଗରେ ଯଦି ମୁଁ କେବେ କିଛି ବିପନ୍ନ ଅବସ୍ଥାକୁ ଶୁଙ୍ଘିପାରିଛି ତାହେଲେ ବାଟକାଟି ମୁଁ ଜୀବନକୁ ଗୋଟେ ମଧୁର ରଚନା କରିବାର ଆୟୋଜନରେ ରହିଛି । ମୋ ଗପସବୁ ବରଂ ଏକ ଏକ ମଧୁର ରଚନା; ଯାହା ଉଲ୍ଲସିତ ଉଡାଣର ପ୍ରସ୍ତାବନା କରିଛି ।

କେତେ ଅନୁଭୂତିର ଜୀବନଟେ ମୁଁ ବଞ୍ଚିଆସିଲି । ଘରେ ଖୁଦକଣାଟିଏ ନଥାଏ । ପାଞ୍ଚ ସାତ ଦିନ ଧରି ବର୍ଷାରେ ନୁହୁକି ପାଗ ହୁଏ ଯେ ଘରୁ ବାହାରକୁ ଜମା ବାହାରି ହୁଏନି । ବର୍ଷ ବର୍ଷ ଧରି ମୁଁ ନିଜ ଆଖିରେ ଦେଖିଛି ବିଲ ବାଡି, ପନ୍ତା ଆଡିଆ ସବୁ କେମିତି ପାଞ୍ଚ ସାତ ଦିନ ଧରି ଜଳାର୍ଣ୍ଣବ ହୋଇଯାଏ ।

ବଢ଼ି ଆସିବାର ପୂର୍ବ ସୂଚନା ମିଳୁଥିଲା ଆଷାଢୁଆ ଲତାରେ ପ୍ରଚୁର ଧଳାଫୁଲ ଫୁଟିବାରେ । ପେଚା ଡାକରେ ରାତି ଅଧରେ ନିଦ ଭାଙ୍ଗିଯାଏ ସେ ମୋ ସମୁଦ୍ରକୂଳ ଗାଁର ତମାମ ଭୂଗୋଳଟି ଦୀର୍ଘ କାଳ ଧରି ମୋତେ କେମିତି ରହସ୍ୟମୟ ଲାଗୁଥିଲା ତ ଆଜି ପର୍ଯ୍ୟନ୍ତ ସେଥିପ୍ରତି ମୋର ଉତ୍ସୁକତା ଟିକିଏ ବି କମିନି ।

Digitized by srujanika@gmail.com

ମୋ ସମୁଦ୍ର କୂଳ ଗାଁରେ ସେମିତି ପୂର୍ବାଳି ବହୁଛି ତ ନିରବଧି ସମୁଦ୍ର ଗର୍ଜୁଛି । ସବୁ ସେମିତି ବୋଧେ ଅଛି । କ୍ଷୀରେଶ୍ୱର ମନ୍ଦିର, ଚନ୍ଦନ ପୋଖରୀ, ମାଧବୀଜି ବେଢ଼ା, ବିଲ ମହାଦବ, ମୂର୍ଦ୍ଧନା ଆଢି, ସମୁଦ୍ର ପନ୍ତାରେ ଟେଁ ଟେଇଁଆ ଚଢେଇର ଉଡାଣ, ସାରା ଶୈଶବକୁ ଉଚ୍ଚାଟିତ କରି ରଖିଥିବା ଦୂରବଣର ଅନ୍ଧାର, ପାଂଶୁଳ ଜହ୍ନରାତି ସବୁ ପୂର୍ବ ପରି ସେମିତି ଅଛି ।

ଏତିକି ଖାଲି ଯା ବଦଳିଛି । ଗାଁ ଛାଡିବାର ଏଇ ଚାଳିଶ ବର୍ଷ ଭିତରେ ଗାଁକୁ ଗୋଟେ ସରୁ ହୋଇ ଛୋଟ ସଡ଼କ ପଡ଼ିଛି ତ ଗୋଟେ ପଞ୍ଚାୟତ ସମିତି ଘର ତିଆରି ହୋଇଛି । ଗାଁର କେତେକ ଲୋକ ଭାରି ସ୍ୱଚ୍ଛଳ ବର୍ଗର ହୋଇଯାଇଛନ୍ତି ଇତି ମଧ୍ୟରେ ।

ସେ ମୋ ପ୍ରିୟ ଗାଁଟିରେ କିନ୍ତୁ ମୋ ବାପାମାଆ ଆଜି ନାହାନ୍ତି । ସେମାନେ ମରିବା ତାରିଖ ଆଜି ଦଶ ବାର ବର୍ଷର ପୁରୁଣା ହୋଇଗଲାଣି । ଛାଇ ଛାଇକା ଗୋଟେ ପୁରୁଣା ଜାମୁକୋଳିଗଛ ପାଖରେ ସେ ଦି ଜଣକୁ ମାଟି ଦିଆ ହୋଇଛି ।

ଆଜି ଯେଉଁଠି ଥିଲେ ବି ଗାଁ ସହିତ ବାପା ମାଆ ମୋର ମନେ ପଡିଯାନ୍ତି । ଦିଶି ହୋଇଯାଏ ଆମ ଘରବାଡିର ସେଇ ଛାୟା ନିବିଡ଼ ଜାଗାଟି ।

ସମୁଦ୍ର କୂଳ ଗାଁର ସେଇ ଅଖ୍ୟାତ ମଫସଲୀ ଗାଁ ଖଣ୍ଡିକରେ ପୁଅ ଝିଅ କରି ସାତ ସାତଟା ଛୁଆଙ୍କୁ ପାଳିବାରେ ଯେ ମନ ଢାଳି ଦେଇଥିଲେ ଆଉ ଆମମାନଙ୍କ ମଙ୍ଗଳ ମନାସି ଘରକରଣାରେ ସାରା ଜୀବନକୁ ଯେ ନିୟୋଜିତ କରି ରଖିଥିଲେ ସେ ମୋ ବାପା ମାଆଙ୍କ ନିରୀହ ଜୀବନ ବଞ୍ଚିବାକୁ ମୁଁ ମୋ କେତଟା ଗଳ୍ପରେ ବେଶ ତୋଳି ଧରିଛି । ତା ସହିତ ମୋ ଗପରେ ଲେଖି ହୋଇଯାଇଛି ସେ ସମୁଦ୍ର ଖଣ୍ଡି ଗାଁର ପାଣି ପବନର ଦିନସବୁ ।

ମୁଁ ଗୋଟେ ନିଦରବୀ ବାପର ପୁଅ । ନିମ୍ନ ମଧ୍ୟବିତ୍ତ ପରିବାରର ଅର୍ଥନୀତିରେ ମୋ ଚେତନା ପିଣ୍ଡ ଗଢା ହୋଇଛି । ଖଟା ଦିଆ ବିଲ ମାଛର ତରକାରୀ ଆଉ ତୋରାଣି କାଞ୍ଜି ମୋ ଜିଭକୁ ଭାରି ସୁଆଦିଆ ଲାଗେ ।

ରସ ଭର୍ତ୍ତି ଜିଲାପିର ଥାଳି ମୋତେ କେମିତି ଭାରି ପ୍ରଲୋଭିତ କରିଦିଏ ।
ସେମିତି ଆବିଷ୍ଟ କରିଦିଏ ଦୂର ଗାଁ ମଉଛବ ରାତିର ବାଜାଗୀତ ତ
ସର୍ପିଳ ନଈ ଆଉ ସୁନୟନା କାଳି ଝିଅ ମାନେ ।
ତା ସହିତ ବାଡି ବଗିଚାର ଫୁଲ ଫଳଗଛ, ଗାଈ ବଳଦ ଛେଳି କୁକୁଡ଼ା
ଅଛ କିଛି ବିରହ ଓ ତଦ୍‌ଜନିତ ମଧୁର ଯନ୍ତ୍ରଣା ।

ଚାହୁଁ ଚାହୁଁ ବୟସ କେମିତି ଡେଇଁ ଗଲା । ସବୁ କାଲିପରି ଲାଗୁଛି । ମୋର ଭାଗ୍ୟ ଜୀବନରେ ମୁଁ ଅନେକଙ୍କୁ ବନ୍ଧୁ କରି ପାଇଛି ତ ଆଉ କେତେକ ଇତର ମୋତେ ଈର୍ଷା କରିଛନ୍ତି ମୋ ନାଁରେ ଯାବତୀୟ କୁତ୍ସା ରଚନା କରିଛନ୍ତି ।

Digitized by srujanika@gmail.com

ମୁଁ ତ ଭାବେ ନରକ ବୋଲି ଯଦି କେଉଁଠି କିଛି ଥାଏ ତାହା ହେଉଛି କୁହ କରୁଥିବା ଏମିତି ଇତରମାନଙ୍କ ମୁହଁ ସବୁ ।

ମୋ ମିଶନରେ ମୁଁ କିନ୍ତୁ ପାଦେ ପାଦେ ଆଗକୁ ଚାଲିଛି । ସେମାନେ କେହି ମୋର ବାଟ ଓଗାଳି ପାରିନାହାନ୍ତି । ଲେଖିବାକୁ ମୁଁ ଜୀବନରେ ପରମ ବୋଲି ମନେ କରିଛି । କୌଣସି ସଂଘ ବା ସ୍ଲୋଗାନରେ ମୁଁ ନ ଥାଏ । ମୋତେ ମୁକ୍ତ ହେବା ପାଇଁ ମୋ ଲେଖା ସବୁ ମୋତେ ଯେମିତି ପ୍ରୋତ୍ସାହିତ କରିଛି ।

ଶବ୍ଦ ସବୁ ମୋତେ ଆତ୍ମହରା କରିଦେଉଛି । ମୋତେ କ୍ରୁର ଓ ଅସାଧୁ ହେବାକୁ କେବେ ଦେଇନି । ମୋ ହୃଦୟର ଭାବ ଶବ୍ଦରେ ପ୍ରକାଶିତ ହେବାଦ୍ୱାରା ତାହା ବରଂ ଶାଶ୍ୱତକୁ ଛୁଇଁବା ପ୍ରଚେଷ୍ଟାରେ ରହିଛି ଓ ଅସୀମ ହୋଇଯାଇଛି ।

ମୋ ବଞ୍ଚିବାର ଅନୁଭବ ସବୁ ପୂର୍ଣ୍ଣ ମାତ୍ରାରେ ଜୀବନମୟ । ଚିପୁଡି ଦେଲେ ଯେପରି ଜୀବନ ରସ ଦୋହିପଡିବ । ଜୀବନ ବଞ୍ଚିବା ପାଇଁ ସେଇ ଜୀବନ ଛଡ଼ା ମୋର ଆଉ କିଛି ନାହିଁ । ସେଇ ଜୀବନ, ସେଇ ସଂସାର, ସେଇ ପରିବେଶ ଓ ତା'କୁ ନେଇ ଅସୁମାରୀ ସ୍ୱପ୍ନକୁ ଡେଇଁ ମୋ ଲେଖକୀୟ ଆବେଗ ସେତେ ଦୂରକୁ ଯାଇପାରିନି । ସତ କହିଲେ ଯିବାକୁ ବି ମୁଁ କେବେ ଜରୁରୀ ମନେ କରିନି ।

ଲେଖା ଲେଖି କରିବା ଯୋଗୁଁ ମୁଁ ଗୋଟେ ମନ୍ତ୍ରପାଠର ପବିତ୍ର ଆନନ୍ଦ ପାଇଛି । ଆବେଗର କୁଆରକୁ ମୁଁ ମୋ ମନ ପ୍ରାଣରେ ଅନୁଭବ କରୁଛି । ମୋ ସୃଜନଶୀଳ ଆବେଗ ମୋତେ ଗୋଟେ ସୁଖବାଦୀ ଗହଳ ଚହଳ ଠାରୁ ଦୂରକୁ ଘୁଞ୍ଚେଇ ନେଇଛି । ଏମିତି ଦୂରତା ମୋ ସୃଷ୍ଟିଶୀଳ ଆତ୍ମାକୁ ବିନୀତ କରି ଦେଇଛି ତ ମୋ ଶବ୍ଦମାନଙ୍କୁ ଛେଳି ଛୁଆ ପରି ନିରୀହ କରିଦେଇଛି । ମୁଁ ମୋ ଚେତନାରେ ଗୋଟେ ନିସର୍ଗ ଓ ନିବିଡ଼ ଗେହ୍ଲାପଣ ଭିତରକୁ ଉହ୍ଲେଇ ଯାଇଛି ।

ଲେଖିବା ଭିତରେ ମୁଁ ମୋ ପ୍ରାଣର ପ୍ରେମିକତାକୁ ବଢାଇଛି । ମୋ ପ୍ରାଣର ଏଇ ପ୍ରେମିକତା କେତେ ଅଧିକରୁ ଅଧିକ ମୋ ଭିତରର ସୃଜନଶୀଳତାକୁ ପରିପୁଷ୍ଟ କରିଛି ତାହାକୁ ହୁଏତ ରକ୍ଷଣଶୀଳ ମୋ ବନ୍ଧୁମାନେ ବୁଝିପାରିବେନି କିମ୍ବା ବୁଝିଲେ ଗ୍ରହଣ କରିପାରିବେନି । ଆଉ କିଏ ବୁଝୁ ନବୁଝୁ ସାତଜନ୍ମରେ ବି ମୁଁ ଏକଥା ମୋ ପତ୍ନୀକୁ ବୁଝାଇପାରିବିନି, ସୃଜନଶୀଳତା ସହିତ ପ୍ରେମିକତା କେତେ ଯୋଡ଼ା ଯୋଡ଼ି ଏକ ବିଷୟ ବୋଲି ।

ମୁଁ ଆଜି ବେଶ ହୃଦୟଙ୍ଗମ କରିପାରୁଛି ଯେ କେବଳ ପତ୍ନୀଙ୍କ କାରଣରୁ ପିଲାମାନେ ଯେତେ ପାଠ ପଢିଲେ ବି ସେମିତି ଅବୁଝା ହୋଇ ରହିବା । ମୁଁ ଭାବୁଛି ଏ ଅସହାୟତା କେବଳ ଏକା ମୋର ନୁହେଁ ମୋପରି ଅନେକଙ୍କର ହୋଇଥିବ ।

Digitized by srujanika@gmail.com

ସବୁ ଲେଖକଙ୍କର ପ୍ରାୟ ସେମାନଙ୍କ ପରିବାର ଭିନ୍ନ ବାହାରେ ଗୋଟେ ଗୋଟେ ବଡ଼ ପରିବାର ଥାଏ; ଯେଉଁମାନେ ଲେଖକଙ୍କୁ ପ୍ରେମରେ କୋଳେଇ ନେଇଥାନ୍ତି । ମୋ ଜୀବନରେ ମୁଁ ତାହା ବେଶି ଅନୁଭବ କରିଛି ।

ମୋ ଲେଖକୀୟ ଆତ୍ମା ପ୍ରତି ମୋ ପତ୍ନୀ ଆଉ ମୋ ପରିବାରର ଶ୍ରଦ୍ଧା ଊଣା ହେବା କାରଣରୁ ହୁଏତ ମୋ ଲେଖାକୁ ବେଶ ତାରିଫ କରୁଥିବା ଉଚ୍ଚ ପ୍ରଶଂସକଙ୍କଦ୍ୱାରା ତାହା ଭରଣା ହୋଇଛି ।

ଏଇ କଥାଟିକୁ ବି ମୁଁ ମୋ ଲେଖାରେ କେଉଁଠି ନା କେଉଁଠି ଗୋଞ୍ଜି ଦେଇଛି । ମୋ ଜୀବନର ବ୍ୟଥାବେଦନା ସହିତ ମୋ ସ୍ୱପ୍ନ ଓ ଅଭିଳାଷଗୁଡ଼ିକୁ ବି ମୁଁ ଲେଖିଦେଇଛି । ଏ ଜଗତର ସମସ୍ତେ ସମସ୍ତଙ୍କ ଦୁଃଖଦୁର୍ଦ୍ଦଶା ବୁଝିପାରନ୍ତୁ ବୋଲି କାମନା କରିଛି ।

ସତ କହିଲେ ଅସଲରେ ମୋ ଲେଖାରେ ମୁଁ ବେଶୀ ଲେଖି ହୋଇଯାଇଛି ଅନ୍ୟମାନଙ୍କ ଅପେକ୍ଷା ।

ମୁଁ ଆଉଥରେ ସେ କଥାର ପୁନରାବୃତ୍ତି କରୁଛି ଯେ ମୁଁ ସବୁବେଳେ ଚାହିଁଛି ମୋ ଭିତରର ଅନ୍ତର୍ଜଗତ ମୋ ସାହିତ୍ୟରେ ଅଧିକରୁ ଅଧିକ ଫୁଟୁ । ମୋର ବିଶ୍ୱାସ ହେଉଛି ମୋ ଲେଖା ତା'ଦ୍ୱାରା ଅଧିକ ସତ୍ୟଶୀଳ ହୋଇପାରିବ ତ ଜୀବନ ନିଷ୍ଠ ହୋଇପାରିବ ।

ଗଳ୍ପ ହେଉ କି ପ୍ରବନ୍ଧ ହେଉ ମୋ ଲେଖାରେ ମୁଁ କେବେ କୌଣସି ଆଳଙ୍କାରିକ ବକ୍ରତା, ବୌଦ୍ଧିକ ଆଟୋପ ପ୍ରଦର୍ଶନରେ ମାତିଯାଇନି ବରଂ ସାରା ଜୀବନ ମୁଁ ମନପ୍ରାଣ ଦେଇଲେଖିଛି । ମୋ ଆତ୍ମାର ସମର୍ଥନ ନଥିଲେ ମୁଁ କୌଣସି ବିଷୟକୁ ଯେତେ ମହାର୍ଘ ହେଲେ ବି ଅବତାରଣା କରିନି ।

ମୋ ଗାଁ, ମୋ ଘର, ମୋ ବାପଭାଇ, ଆମ ବାଡ଼ି ବଗିଚା, ଆମ ଦାଣ୍ଡ ଅଗଣାର ମନ୍ଦାର ମେଞ୍ଚୁଆଡି ବାଡ଼, ଆମ ଗାଈ ବଳଦ, ଆମ ବାଉଁଶ ବଣ, ଟୁବି ଗଡ଼ିଆ ମୋତେ ଭାରି କଞ୍ଚା ଓ ଆପଣାର ଲାଗେ ଯେତେବେଳେ ମୁଁ ତା'କୁ ସବୁ ମୋ ଲେଖାରେ ଲେଖେ କିମ୍ବା ଲେଖିସାରି ପୁଣି ପଢ଼େ ।

ବସ୍ତୁନିଷ୍ଠ ଜ୍ଞାନ କଥା ସବୁ ପ୍ରାୟ ମୁଁ ଲେଖେନି ।

ମୁଁ ସେମିତି ନୀତି କଥା ଲେଖେନି କି ପୁଣ୍ୟ କଥା ଲେଖେନି ।

ନାରୀ ହେଉ କି ପୁରୁଷ ହେଉ ତୃତୀୟ ପୁରୁଷମାନଙ୍କ କଥା ଆଦୌ ଲେଖେନି ।

କାରଣ ସେ ସମସ୍ତ ବିଷୟ ଦୂରବର୍ତ୍ତୀ ଓ ଅନେକାଂଶରେ ଶୁଖିଲା ।

ମୁଁ ବରଂ ମୋ ଜୀବନର ଗୋପନ ପାପ ସବୁକୁ ଲେଖିଛି । ମଧୁର ଅମଧୁର ସ୍ମୃତି ସବୁକୁ ଖୁଣ୍ଟିନାଣ୍ଟି ଲେଖିଛି । ତଥାପି ମାର୍ଜ୍ଜିତ ଇନ୍ଦ୍ରିୟ ସୁଖ ଭୋଗର ଅଭିଳାଷ ମୋତେ ମାତ୍ରାଧିକ ଚେତନାଶୀଳ କରିଛି । ଏଇଥି କାରଣରୁ ମୋ ଭିତରେ ହୃଦୟ ଓ ମସ୍ତିଷ୍କର

Digitized by srujanika@gmail.com

ଭାରି ଲଢ଼େଇ ଚାଲିଛି । ସେ ସଂଘର୍ଷ ମୋତେ ଦୁଃଖ ଦେଇଛି । ମୁଁ ସେପାଇଁ ଭାରାକ୍ରାନ୍ତ ହୋଇଛି ।

ମୁଁ ଅନୁଭବ କରିଛି ସବୁବେଳେ ମୋ ହୃଦୟର ଜୟ ହୋଇଛି । ମୋ ଆବେଗ ମୋତେ ସବୁବେଳେ ସିକ୍ତ କରି ଦେଇଛି ।

ଜୀବନକୁ ନେଇ ମାତି ଯାଇଥିଲା ବେଳେ ମୋତେ ମରଣ ଚିନ୍ତା ବି ଘାରିଛି । ସେପାଇଁ ଉଦାସ ହୋଇଛି ଓ କୌଣସି କଥାରେ ମାତିଯିବାକୁ ମୁଁ ବେଳେ ଅସାର ମଣିଛି ।

ଆଜି ବୁଝିପାରିଛି, ମୋର ଏଇ ମରଣ ଚିନ୍ତା ଜୀବନକୁ ନେଇ ବିଭୋର ହେବାକୁ ଶିଖାଇଛି । ମୋ ବେକ ଉପରେ ଝୁଲୁଥିବା ସେଇ ମରଣ ଖଣ୍ଡାଟି କେଉଁ ଅସତର୍କ ମୁହୂର୍ତ୍ତରେ ମୋ ବେକ ଉପରେ ଖସି ପଡିବ କିଏ ଜାଣେ ରାତି ପାହି ଆସିଥିବ କି ନାହିଁ ମୁଁ ଆଉ ଏ ସୁନ୍ଦର ପୃଥିବୀରେ ନଥିବି । ଶବ ପାଲଟି ଯାଇଥିବି ।

ସକାଳ ଯାଇ ସଞ୍ଜ ଆସିବ । ଦିନପରେ ଦିନ ଗଡିଯିବ । ଋତୁ ବଦଳିବ । ସେମିତି ଜହ୍ନ ରାତି ହେଉଥିବ । ସବୁ ନଈର ପାଣି ସୁଅ ଥିବ । ନଈ କୂଳିଆ ସଞ୍ଜ ପବନ ବହୁଥିବ । ଛୁଆମାନେ ମୋର ସେମିତି ମାଛ ଭାତ ଖାଇବାକୁ ଭଲ ପାଉଥିବେ । ପରମ ତୃପ୍ତିରେ ମାଛ ଭାତ ଖାଉଥିଲା ବେଳେ ସେମାନଙ୍କ ତଣ୍ଟିରେ ଅକସ୍ମାତ ମାଛକଣ୍ଟା ଲାଗିଯିବ ବୋଲି ଆଶଙ୍କିତ ହେବାକୁ ମୁଁ ଆଉ ନଥିବି ।

ଭାରି ସଉକରେ ବଢାଇଥିବା ସଂଖ୍ୟାଧିକ କ୍ରୋଟନ ଓ କାକଟସ୍ କୁଣ୍ଡ ଗୁଡିକରେ ଆଉ କେହି ନିୟମିତ ପାଣି ଦେଉ ନଥିବେ । କୁପାରୀ ଶୁଆସାରୀ ପାହାଡ ମୂଳରେ ଚନ୍ଦ୍ରାତପ ବୋଲି ସେହି ଘରଟି ହୁଏତ ଭୂତ କୋଠି ପାଲଟି ଯିବ ।

କିଏ କାହିଁକି ଆଉ କେଉଁ ଆବେଗରେ ସେ ଘରବାଡ଼ିକୁ ଋଷି ଆଶ୍ରମର ପରିବେଶ କରିବା ପାଇଁ ସ୍ୱପ୍ନ ଦେଖିବ ? ମୋପରି ସେ ପାହାଡ଼ ମୂଳରେ ପଥୁରିଆ ସମୟ କାଟିବାକୁ ମହୋତ୍ସବ ବୋଲି ଆଉ କିଏ ଜ୍ଞାନ କରିବ ?

ମୋ ମରଣ ପରେ ମୋ ପରମ ପ୍ରିୟ ବହି ସବୁ ହୁଏ ତ ସବୁଠାରୁ ବେଶୀ ଅଣ ହେପାଜତରେ ରହିବେ । ବାହାରକୁ ଯାଇଥିଲେ କିଏ ଆଉ ରାତି ଅଧରେ ଘରକୁ ଫେରି ମୋପରି ବହିଗୁଡ଼ିକ ଉପରୁ ଧୂଳି ଝାଡ଼ିଦେବ ?

ଶେଷ କଥାଟିକୁ ମୁଁ ଅତି ସ୍ପଷ୍ଟ ଭାବେ ଗଭୀର ଆତ୍ମ ଦର୍ଶନ ଭିତରେ କହିବାକୁ ଚାହେଁ ଯେ, ମୋ ମନ ଓ ଚେତନାକୁ ବିଧାତା ପ୍ରେମଧାତୁରେ ଗଢ଼ିଛନ୍ତି । ଯେଉଁ ଧାତୁରେ ଯେ ଗଢାହୋଇଛି ତା'ର ଗୁଣ ଓ ଗୌରବ ସେଇ ଭାବରେ ହେବ । ସୁନା ସୁନା ବେଙ୍ଗୀ ପିତଳ ବେଙ୍ଗୀ ପିତଳ । ସୁନା ପିତଳ ହୋଇପାରିବନି କି ପିତଳ ସୁନା ହୋଇପାରିବିନି ।

ମୁଁ ମୁଁ । ମୋ ଭିନ୍ନ ଆଉ କିଏ ମୁଁ ହୋଇପାରିବ ?

Digitized by srujanika@gmail.com

ମୋ ଗୋତ୍ର ବ୍ୟାଭ୍ରବ୍ୟ । ବ୍ୟାଭ୍ରବ୍ୟ ଋଷି ଯେ କାମଶାସ୍ତ୍ରର ପ୍ରଥମ ପ୍ରଣେତା । ବାତ୍ସାୟନ ପରବର୍ତ୍ତୀ ଯେ ବ୍ୟାଭ୍ରବ୍ୟଙ୍କୁ ସ୍ୱୀକାର କରିଛନ୍ତି । ସେଇ ମହାନ ଋଷି ଓ ଗ୍ରନ୍ଥକାର ବ୍ୟାଭ୍ରବ୍ୟଙ୍କୁ ନେଇ ମୋର ସତରେ ଭାରି ଗର୍ବ । ମୁଁ ସେକଥା ମୋ ଡି.ଲିଟ୍ ସନ୍ଦର୍ଭ 'ଇରୋଟିକ ଏସଥେଟିକସ୍'ର ମୁଖବନ୍ଧରେ ଗର୍ବର ସହିତ ଉଲ୍ଲେଖ କରିଛି ।

ତାପରେ ମୁଁ ବଣିଆ ପିଲା । ଅନେକଙ୍କଠାରୁ ଶୁଣିଛି ଆଉ ଶାସ୍ତ୍ର ସାହିତ୍ୟରୁ ପଢ଼ିଛି ଯେ ବଣିଆମାନଙ୍କର ଟିକିଏ ଅଧିକ ଗନ୍ଧର୍ବ ଗୁଣ ଅଛି । ସେପାଇଁ ମଧ ମୋର ଭାରି ଗର୍ବ ।

ପୁଣି ଶୃଙ୍ଗାର ରସିକତା ମନୁଷ୍ୟର ଏକ ଉତ୍ତମ ଚର୍ଯ୍ୟା ବା ସଂସ୍କାର । ମୋ ଲେଖା ଲେଖିରେ ଶୃଙ୍ଗାର ଅଧିକ ପ୍ରକଟିତ ହୋଇଛି ବୋଲି କେତେଜଣ ଟିକିଏ ନାକ ଟେକନ୍ତି ବୋଲି ମୁଁ ଶୁଣିଛି ।

ମୁଁ ଭାବେ, ଭଲ ପଢିବା ଓ ଭଲ ଜାଣିବାର ଚେତନଶୀଳ ମଣିଷ ଏମିତି ଅଯଥାରେ ନାକ ଟେକିବନି । ଶୃଙ୍ଗାର ମହା ବିବର୍ତ୍ତନର ଧାରକ । ନୃତ୍ୟ ଗୀତ, ଶାସ୍ତ୍ର ସାହିତ୍ୟ ଆଦି ସେଇ ଚେତନା ସେଇ ପ୍ରବଣତାରୁ ସୃଷ୍ଟି । ଶୃଙ୍ଗାର ସଭ୍ୟତା ସୃଷ୍ଟି କରିଛି ।

ମୋର ସୃଷ୍ଟିଶୀଳ ପ୍ରାଣଟି ଅଧିକରୁ ଅଧିକ ଶୃଙ୍ଗାରିକ ହେବା ଅବଧାରିତ ହୋଇଯାଇଛି । ମୋର ଅଧିକାଂଶ ଗପ ପ୍ରେମ ଗଳ୍ପ । ମନୁଷ୍ୟର ଜୀବନ ପରିଧିରେ ପ୍ରେମ ଏକ ଗୌରବାବହ ବିଷୟ । ତାହା ସଇତାନିରୁ ମଣିଷକୁ ରକ୍ଷା କରେ ।

ପ୍ରେମରେ ପଡି ମୁଁ ନୀଚତା ଓ ମନ୍ଦ କବଳରୁ ରକ୍ଷା ପାଇଛି । ସେଇ ଚେତନାଟିକୁ ବରଂ ମୁଁ କହିବି ଚିତ୍ରଚରିତ୍ର ଜରିଆରେ ମୁଁ ଗଳ୍ପାୟିତ କରିଛି । ମୋ 'କ୍ଷେତ ପାଚିବାର ବେଳ' ଗଳ୍ପ ଗ୍ରନ୍ଥଟି ସେଇ ପ୍ରସ୍ତାବନାର ଅଭିଲିପି ।

ମୋ ଲେଖାମାନଙ୍କରେ ମୁଁ କହିବି, ମୁଁ ଆଗ ମୋ ନିଜ ଲୋକଙ୍କୁ କାଠଗଡାରେ ଛିଡା କରାଇଛି । ମିଛ କହିବିନି ମୁଁ ମୋତେ ବି ସେମାନଙ୍କ ସହିତ ଛିଡା କରାଇଛି । ତାହା ଯେତେ ବିଚାରର ନୁହେଁ ସେତେ ବେଶୀ ଚିରକାଳ ମାନବୀୟ ସମ୍ବେଗ ଓ ସାଧୁତାର ।

ଜଣେ ସ୍ୱାମୀ ତା ପତ୍ନୀକୁ ଆଗ ସହଧର୍ମିଣୀ କରୁ । ଗାନ୍ଧିଜୀଙ୍କର ପ୍ରଥମ କାର୍ଯ୍ୟକ୍ରମ ତାହାହିଁ ଥିଲା । ଯେଉଁଠି ପତ୍ନୀ ସହମତି ପ୍ରକାଶ କରି ନାହାନ୍ତି ଗାନ୍ଧୀ ସେଇଠି ପ୍ରଥମେ ଅନଶନ ସତ୍ୟାଗ୍ରହ କରିଛନ୍ତି । ପତ୍ନୀଟି ଯେଉଁଠି ସ୍ୱାମୀର ସହଧର୍ମିଣୀ ଆଉ ସହଗାମିନୀ ହୋଇପାରେ ନାହିଁ ସେଇଠି ଭାରି ଝଡ଼ ଭାରି ବିଡ଼ମ୍ବନା । ମୋ ଗପସବୁ ଯେଉଁଠି ନାରୀ ପୁରୁଷକୁ ଛିଡ଼ା କରାଇଛି ସେଠି ମୁଁ ସାଧ ମତେ ସ୍ୱକୀୟା ପରକୀୟା ଊର୍ଦ୍ଧ୍ୱରେ ସେମାନଙ୍କୁ ବେଶୀ ମିତମିତଣୀ କରିଛି । କାରଣ ଏଇ ମିତଭାବ ବୈରତାର ପରିପନ୍ଥୀ ଓ ତାହା ଜୀବନ ଜିଇଁବାକୁ ଅଧିକ ପ୍ରାଣପୂର୍ଣ୍ଣ କରିଥାଏ ।

Digitized by srujanika@gmail.com

ମୁଁ ସବୁବେଳେ ପ୍ରାୟ ମୋ ପ୍ରେମକୁ, ମୋ ଅନ୍ତସ୍ଥଳର ବ୍ୟଥାବେଦନାକୁ, ମୋ ପ୍ରାଣର ଉଲ୍ଲାସକୁ ମୋ ଜୀବନ ଜିଇଁବାର ସକଳ ଅନୁଭୂତିକୁ ମୁଁ ଗୋଟେ କନ୍‌ଫେସନାଲ ଶୈଳୀରେ ଲେଖିଛି । ଏମିତି ଲେଖିବାରେ ମୁଁ ବେଶୀ ସ୍ଥିତିବାଦୀ ଲେଖକଙ୍କଦ୍ୱାରା ପ୍ରଭାବିତ ହୋଇଛି । ଭୁଲ କହିଲି ଖାଲି ପ୍ରଭାବିତ ହୋଇନି । ଦୀକ୍ଷିତ ହୋଇଛି ବରଂ ବେଶୀ ।

ଏଇକଥାଟିକୁ ସହଜରେ ଅନେକ ଗ୍ରହଣ କରିନାହାନ୍ତି । କନ୍ୟା ପ୍ରତିମ ମୋର ଜଣେ ପ୍ରିୟ ବାନ୍ଧବୀକୁ ମୁଁ ଯେତେବେଳେ ମୋ ଲେଖାମାନଙ୍କରେ ପ୍ରଚୁର ଭଲ ପାଇବା ଦେଇଛି ଓ ତା'ର ଭାବଦାନକୁ କୃତଜ୍ଞତାର ସହିତ ସ୍ୱୀକାର କରିଛି ସେତେବେଳେ ମୁଁ କହିବି ଗୋଟେ ପ୍ରକାର ଭାବତୀର୍ଥରେ ପହଞ୍ଚିଛି ।

ମୋର ଏଇ ଶ୍ରଦ୍ଧା, ମୋର ଏଇ ଭଲ ପାଇବାକୁ ମୁଁ ଗୋପନ ନରଖି ବରଂ ଉତ୍ତୀର୍ଣ୍ଣ ଅନୁଭବ ଆଡକୁ ନେଇଯାଇଛି ମୋର ସୃଜନ ଆବେଗକୁ ମୋ ପ୍ରାଣର ଏଇ ଶ୍ରଦ୍ଧାଶୀଳତା ସହିତ ଯୋଡି ନେଇଛି । ମନୁଷ୍ୟଟିଏ ହୋଇ ଯେତେବେଳେ ମୁଁ ଏ ପୃଥିବୀକୁ ଆସିଛି ମୁଁ କାହାକୁ ଡରି ମରି ମୋ ଆତ୍ମାର ଉଚ୍ଚାରଣକୁ ଅବରୁଦ୍ଧ କରି କାହିଁକି ରଖି ଦେଇଯିବି ।

ସତତ ଗୋଟେ ସନ୍ତାପିତ ଜୀବନରେ ଯାହାର ଗଭୀର ଶ୍ରଦ୍ଧା ଓ ଆନ୍ତରିକତାପୂର୍ଣ୍ଣ ଉଚ୍ଛଳ ସାନିଧ ମୋ ଛାତି ଉପରେ ବହି ଯାଉଥିବା ଗୋଟେ ଶୀତଳ ଜଳଧାର ଭଳି ଲାଗେ ତା ନାଁ ଧରିବା କ'ଣ ପାପ ?

ଜୀବନର ସମସ୍ତ ସତ୍ୟ ଉପଲବଧିକୁ ଜଣେ ସଚ୍ଚା ସ୍ଥିତିବାଦୀଙ୍କ ଭଳି ଭୟଶୂନ୍ୟ ହୋଇ ମୁଁ ଲେଖିଦେଇଛି । ଦାନ ଅପେକ୍ଷା ସବୁବେଳେ ସବୁଠି ପ୍ରତିଦାନ ବଳିଗଲା ଭଳି ସେ କବି ହୃଦୟର ପରମ ମିତଣୀ ଜଣକ ଲେଖାରେ ଆମ ଶ୍ରଦ୍ଧା ଦାନର ପର୍ବକୁ ଆହୁରି ମୁଖର ହୋଇ ଲେଖିଛନ୍ତି ।

ଅସଲ ବନ୍ଧୁତା ସବୁବେଳେ ପରସ୍ପର ଚେତନା ଉଜ୍ଜାଗ୍ରତ କରେ । ଏ ଜୀବନ ପାଣି ଫୋଟକାଟିଏ ପରି । ସଞ୍ଜ ଦୀପ ପରି । ଟିକିଏକୁ ଲିଭିଯିବ । ଗୋଟିଏ ସଫଳ ପୂର୍ଣ୍ଣ ଜୀବନଟିଏ ବଞ୍ଚିବାର ପଥ ପ୍ରଦର୍ଶକ ହୋଇଥାଏ ସାହିତ୍ୟ । ଲେଖିବା ଆହୁରି ଦିପାଦ ଆଗରେ । ମନ୍ତ୍ରପାଠଠାରୁ ଆହୁରି ଗରିମାମୟ ।

ଆପଣାର ବ୍ୟକ୍ତିଗତ ପ୍ରେମ ଜୀବନକୁ ଜୋରଦାର ଭାଷାରେ ଲେଖି କିରକେଗାର୍ଡ଼ ତାଙ୍କର ଯେଉଁ ଆତ୍ମଜୀବନୀ 'ଡାଇରୀ ଅଫ ଦି ସ୍ୱାଡଭସର'କୁ ଏକ ଯୁଗାନ୍ତକାରୀ ଗ୍ରନ୍ଥ କରିଦେଇଗଲେ ଆମେ ଦିଜଣ ସେ ବିଶ୍ୱ ବିଖ୍ୟାତ ଗ୍ରନ୍ଥଟିକୁ ଅନୁବାଦ କରି ବିଭିନ୍ନ ପତ୍ର ପତ୍ରିକାରେ ଛାପିଛୁଁ । ଜଣେ ପ୍ରବୀଣ ଗୋଟେ ପୁସ୍ତକ ମେଳାରେ ଆମ ଦିଜଣକୁ ଦେଖି 'ମଣି କାଞ୍ଚନ ଭେଟ' ବୋଲି ମନ୍ତବ୍ୟ ଦେଇଥିଲେ ।

Digitized by srujanika@gmail.com

ସେ ମନ୍ତବ୍ୟରେ ମୁଁ ସେଦିନ ବେଶ ପ୍ରବୋଧିତ ହୋଇ ଯାଇଥିଲି ।

ଗୋଟେ କଥାରେ କହିଲେ ପ୍ରେମ ବଢ଼ାଏ; ଛିଡ଼ାଏ ନାହିଁ । ମୋ ଲେଖା ମୋ ଭିତରେ ଅସଲରେ ପ୍ରେମ ବଢାଇଛି ଆଉ ପ୍ରାଣରସର ଜୁଆର ସୃଷ୍ଟି କରିଛି ।

ମୁଁ ଯଦି ଲେଖା ଲେଖି ନକରି ଖାଲି ମୂଢ଼ ପ୍ରଫେସରଟିଏ ହୋଇଥାନ୍ତି ।ପ୍ରଶ୍ନ ପତ୍ର ତିଆରି କରି, ବସ୍ତା ବସ୍ତା ପରୀକ୍ଷା ଖାତା ଦେଖି ପଇସା ରୋଜଗାର କରିବା ପାଇଁ ବିକଳ ହୋଇଥାନ୍ତି ତାହେଲେ ମୁଁ ଜୀବନରେ ଏମିତି ସମୁଚ୍ଚ ଆନନ୍ଦ ଲାଭରୁ ହିଁ ବଞ୍ଚିତ ହୋଇଥାନ୍ତି ।

ନିର୍ବିଚାର ପାରିଧିର ଉଚ୍ଚାଟନ, ଶତ ସହସ୍ର ନାରୀ ଭୋଗ, ଅମାପ କ୍ଷମତା ବଳୟ ଭିତରେ ରହି ରାଜା ଯେଉଁ ଆନନ୍ଦ ପାଏନି ଦୀନ କବିଟିଏ କଲମ ଚଳାଇ ଗୋଟେ ବିମଳ ଆନନ୍ଦ ଲାଭ କରେ । ଯେକୌଣସି ପ୍ରକାର ସାଂସାରିକ ସୁଖ ଅପେକ୍ଷା ମୁଁ ପ୍ରାଣରେ ସେଇ ଆନନ୍ଦକୁ ଅଧିକ ଉପଭୋଗ କରିଛି ।

ନଦୀ ସମୁଦ୍ର କୂଳକୁ ଯିବା, ସାନୁମାନ ପର୍ବତ ଶ୍ରେଣୀର ଶୋଭା ସନ୍ଦର୍ଶନ କରିବା, ଅନନ୍ତ ନୀଳ ଆକାଶକୁ ଦେଖିବାର ମାର୍ଜିତ ଇନ୍ଦ୍ରିୟ ସୁଖ ପ୍ରତି ମୋ ପ୍ରାଣର ଉନ୍ମୁଖତା ବେଶୀ ।

ଗୋଟେ ଶୁଦ୍ଧ ଏସଥେଟିକସ୍ ଜୀବନ ଜିଇଁବା ପ୍ରତି ମୁଁ ଅଧିକ ଅଙ୍ଗୀକାର ବଦ୍ଧ । ଜଣେ ମସ୍ତ ସୁଫି ବା ଟ୍ରୋବାଡୋର କବି ପରି ବିହ୍ୱଳ ପ୍ରେମ ଭିତରେ ଜୀବନଟିଏ ଜିଇଁବା ପାଇଁ ମୋର ଭାରି ଇଚ୍ଛା ।

ବନସ୍ତର ଉଡ଼ାପକ୍ଷୀକୁ ପିଞ୍ଜରାବଦ୍ଧ କଲେ ସେ ଯେମିତି ଗୋଟେ ଅବରୁଦ୍ଧ ଜୀବନ ବଞ୍ଚେ ସେ ସୁନାପଞ୍ଜୁରୀ ହେଉ ପଛେ ମୁଁ ସେମିତି ଜୀବନ ବଞ୍ଚିବା ସପକ୍ଷରେ ନୁହେଁ ।

ଆମ ସଂସାରର ବ୍ୟବସ୍ଥା ସବୁ ସେମିତି ଗୋଟେ ଗୋଟେ ସୁନାପଞ୍ଜୁରୀ ଯାହାର ମୋହ ତୁଟେଇପାରିଲେ ହେଲା । ଜୀବନ ତମାମ କୌଣସି ବ୍ୟବସ୍ଥା ମୋତେ ବାନ୍ଧିପାରିନି କିମ୍ବା କୌଣସି ବ୍ୟବସ୍ଥା ପ୍ରତି ମୁଁ ଆଦୌ ମୋହଗ୍ରସ୍ତ ହୋଇନି । ଦାନ ଦକ୍ଷିଣା ଆଦାୟ କରି ଯେଉଁ ମଠ ମନ୍ଦିରରେ ପଣ୍ଡା ପଢ଼ିଆରୀମାନେ ଭୋଗବାଦୀ ଜୀବନ ବଞ୍ଚନ୍ତି ମୁଁ ସେ ଆଡ଼କୁ କେବେ ଅନେଇନି ।

ମୋ ଲେଖାରେ ମୁଁ ଭାବୁଛି ପ୍ରେମ ଯେତିକି ତାଠାରୁ ଅଧିକ ଦ୍ରୋହ । ମୋ ଲେଖା ଭିତରେ ଭାରି ପବନ, ଭାରି ପ୍ରବାହିତ ହୋଇ ଯିବାର ବିଳାସ ପଣ, ଭାରି ଉଚ୍ଚକିତ ଭାବ ତ ଭାରି ଉଡାଣ ।

Digitized by srujanika@gmail.com

ପୁଣି ମୋ ଛୁଆଟି ଦିନୁ ମୋର ଆଜି ଏ ଉତ୍ତୀର୍ଣ୍ଣ ବୟସ ପର୍ଯ୍ୟନ୍ତ ଯେତେ ପ୍ରେମର ଘଟଣା ସବୁ ଘଟିଛି ସେ ସବୁ ପ୍ରେମର ମୁଁ ଗୋଟେ ଅସଫଳ ନାୟକ । ପ୍ରେମକୁ ଆଦୌ ବାନ୍ଧି ରଖିପାରିନି ।

ପ୍ରେମକୁ ବାନ୍ଧିଲେ ସେ ଆଉ ପ୍ରେମ ହୋଇରହେନି ।

ମଧୁମାସ ବସନ୍ତ ଯେମିତି ଆସ୍ତେ କରି ସରିଯାଏ ତାପରେ ଦାରୁଣ ଖରାକାଳ ଚାଲି ଆସେ ପ୍ରେମ ସେମିତି ମାତ୍ର କିଛି ଦିନ ପରେ ଗୋଟେ ବେଦନା ଦାୟକ ନିର୍ବହଣ ଭିତରକୁ ଉହ୍ଲାଇ ଯାଏ ।

ଭାରି ମନଦେଇ ମୁଁ ସେଇକଥା ସବୁ ଲେଖିଛି ମୋ ଗପରେ । ମୁଁ ମୋ ଜୀବନ ବଞ୍ଚିବାର କଞ୍ଚା ଅନୁଭୂତି ଠାରୁ କେବେ କୌଣସି ଦାୟରେ ପଡି ଦୂର ଛଡା ଦେଇନି ।

ଏମିତି ଦିନରାତି, ଋତୁ ବଦଳିବା, ମଲ୍ଲୀଗଛରେ କଢ ଆସିବା, ଦୁଃଖରେ ବତୁରିଯିବା ପୁଣି ଟିକିଏକୁ ଉଲ୍ଲସିତ ହେବାକୁ ତ ସାହିତ୍ୟ ଚିତ୍ରଣ କରିଥାଏ । ମୁଁ ମୋ ଲେଖାରେ ପ୍ରସ୍ତାବ କରିଛି - ମଣିଷର ନିରୁତା ବଞ୍ଚିବାକୁ ଆଉ କେଉଁ ମଣିଷର ବେଇମାନି ବିପନ୍ନ ନକରୁ । ନଈ ପୋଖରୀରେ ଭଲ କରି ପାଣି ଆସୁ । ପଡ଼ିଆ ବିଲ ସବୁ ଉଠିଆ ହେଉ ଓ ପୃଥିବୀରେ ଅଧିକ ସବୁଜିମା ବଢୁ ।

ପ୍ରେମରେ କେହି ପ୍ରତାରଣା ନକରନ୍ତୁ ଆଉ ଝିଅମାନେ ପଦ୍ମିନୀ ଜାତିଆ ନାରୀ ହୁଅନ୍ତୁ କି ନ ହୁଅନ୍ତୁ ସେମାନଙ୍କ ମୁଣ୍ଡରେ କିନ୍ତୁ ବାଳବଢ଼ୁ ସବୁ ମଣିଷଙ୍କ ପାଇଁ ସହଜରେ ରୁଟି ଆଉ ଦୁଧ ମିଳୁ । ଧାର୍ମିକ ଘୃଣାର କେହି ପକ୍ଷ ନ ହୁଅନ୍ତୁ । ମଣିଷତାର ବୁନିଆଦି ଥିବା ଆଧୁନିକ ମାନେ ଅଧିକରୁ ଅଧିକ ଭାଷା ଭୂଗୋଳ ନିରପେକ୍ଷ ହୁଅନ୍ତୁ । ସମାଜରେ ପ୍ରେମ ବଢ଼ାନ୍ତୁ ସୁଖ ବଢ଼ାନ୍ତୁ ।

ସତ କହିଲେ ଗତ ତିରିଶ ଚାଳିଶ ବର୍ଷ ଧରି ଜଣେ ଭାବବାଦୀ ପ୍ରଫେସର ଭାବେ ମୁଁ ମୋ ଛାତ୍ରଛାତ୍ରୀମାନଙ୍କୁ ପାଖାପାଖି ଏଇକଥା ସବୁ କହିଛି ଆଉ ଏମିତି କଥା ସବୁ ଲେଖିଛି । ଗଳ୍ପ ହେଉ କି ପ୍ରବନ୍ଧ ହେଉ ଯେଉଁ ଦିନ ମନଲାଖି ପୃଷ୍ଠାଟିଏ ଲେଖିଥାଏଁ ସେଇ ଦିନଟିକୁ ମୋ ଜୀବନରେ ଗୋଟେ ଭଲ ଦିନ ବୋଲି ଭାବିଥାଏଁ ।

ମୁଁ ଜାଣେ ଜୀବନ ପାଇଁ କାହାର କେବେ ପ୍ରାର୍ଥନା ସରେ ନାହିଁ ।

ମୋ ବାଗରେ ମୋ ଢଙ୍ଗରେ ମୁଁ ଆଜି ଜଣେ ପ୍ରବୀଣ ଆଉ ନଗରବାସୀ । ମୋ ଜୀବନର ଶେଷ ଦିନ ଏମିତି ନ ଆସୁ । ଗୋଟେ ମୁଗ୍ଧ କିଶୋରର ପ୍ରାଣ ଓ ପ୍ରେମିଳତା ନେଇ ମୁଁ ମୃତ୍ୟୁକୁ ଅପେକ୍ଷା କରିଛି । ଶେଷରେ ଆଉଥରେ ସେଇକଥାକୁ ମୁଁ ଦୋହରାଏଁ ଯେ ଜୀବନର ସ୍ୱାଦକୁ ବାରବାର ଚାଖିବାର ଲୋଭରୁ ମୁଁ ଲେଖୁଛି ଓ ହାତରେ କଲମ ଧରିପାରୁଥିବା ପର୍ଯ୍ୟନ୍ତ ହୁଏତ ମୁଁ ଲେଖୁଥିବି ନିଜକୁ ଶାନ୍ତି ଓ ମୁକ୍ତି ଦେବା ପାଇଁ ।

Digitized by srujanika@gmail.com

ପଶ୍ଚିମ ଆକାଶକୁ ଖସି ଆସିଥିଲେ ବି ଜୀବନ ସୂର୍ଯ୍ୟଟି ତଥାପି ବୁଡ଼ି ଯାଇନାହିଁ । ବେଳ ଅବେଳରେ ଖାଲି ଛୁଆଦିନକୁ ଝୁରି ହେଉଛି ଯା ଆଜି ।

ମୁଁ ତମାମ ଜୀବନଟାକୁ କେଉଁ ସ୍ଫୂର୍ତ୍ତିରେ, କେଉଁ ଆବେଗରେ ଗୋଟେପଣେ ଫିଙ୍ଗି ଫୋପାଡ଼ି ଦେଇଛି ଏଇ ଏକାନ୍ତ ଆନନ୍ଦମୟ ସୁନ୍ଦର ବସୁନ୍ଧରାକୁ ଆଉ କେଉଁ ବ୍ୟଥା, କେଉଁ ଅଭିମାନରକଥାକୁ ପ୍ରାଣର ଉଚ୍ଛ୍ୱାସ ଭିତରେ ଲେଖି ପକାଇଛି ତା'କୁ ଆଉ କିଏ ବୁଝିବ କେଜାଣି ?

ଏ ଲେଖାଟି ମୋ ପଢ଼ାଘର ଟେବୁଲ ଉପରେ ଥିଲାବେଳେ ମୁଁ ଯଦି କାଲି ମରିଯାଏଁ କେଜାଣି ଏ ଲେଖାଟିକୁ ମୋ ପତ୍ନୀ ପଢ଼ିବ କି ନାହିଁ ।

ନ ପଢୁ ପଛେ ଚଣ୍ଡାଳୀ, ସେହିଁ ବିବାକ ମୋ ଜୀବନ ମୋ ସାହିତ୍ୟରେ ଗୋଟାପଣେ ଖୁନ୍ଦି ହୋଇଥିଲା; ମୋ ରୋଷ ଆଉ ମୋ ରାସରେ; ଯାହାକୁ ମୁଁ ଆଉ କିଛି ପାଇଁ ନୁହେଁ ତମାମ ଜୀବନ ସବୁଠି ସବୁବେଳେ ପ୍ରେମର କୋମଳ ଭାଷା ଶୁଣାଇବା ପାଇଁ କେବଳ ଯୋଡ ହସ୍ତରେ ପ୍ରାର୍ଥନା କରୁଥିଲି ।

ତାହା ମୋ ଭାଗ୍ୟରେ ନଥିଲା ।
ହେଲେ ଏ ମୋ ଲେଖାସବୁ ସେଇ ମୋ ଅସରନ୍ତି ପ୍ରାର୍ଥନା କେବଳ ।
ମୋ ପ୍ରାଣ ଆଉ ମୋ ପ୍ରେମିଳତାର ଶବ୍ଦରୂପ ।
ଯାହାକୁ ଚିପୁଡିଲେ ତତଲା ଲୁହ ନହେଲେ ରକ୍ତ ବହିବ ।

●●●

Digitized by srujanika@gmail.com

ମୋ' ଜୀବନ ମୋ' ସାହିତ୍ୟ

ଡ. ପ୍ରସନ୍ନ କୁମାର ପଟ୍ଟନାୟକ(୧୯୫୦)

ଶିଖରପୁର - ଶରଣକୁଳ; ଦୁଇଟି ଗାଁ ମଝିରେ ବହିଯାଇଥାଏ ନଈଟିଏ, 'କୁସୁମୀ'। ତା'ରି ଶେଯରେ କଟିଥିଲା ମୋର ଆଜନ୍ମ କିଶୋରକାଳ। ଜାଣିବାର ହୋଇଗଲାପରେ ମୋତେ ଲାଗିଲା, ମୋ ବାପା-ବୋଉଙ୍କ ଜନ୍ମସ୍ଥାନ ଭିତରେ ବହିଯାଇଥିବା ଯମୁନା ପରି ଏ ନଈଟି କିଛି କମ୍ ରୋମାଣ୍ଟିକ୍ ହୋଇନଥିବ। ଖରାଦିନେ ଚୂଆ ଖୋଳି ଗାଧୋଇବା, ମାଛ ଧରିବା, ଶିପ - ଶାମୁକା ଗୋଟାଇବା ଆଉ ବନ୍ୟା ସମୟରେ ଭୟବିହ୍ୱଳ ହୋଇ ଚାହିଁ ରହିବା... ଏବେ ମୋ ପାଇଁ ସୁଖକର ଦୁର୍ଲ୍ଲଭ ସ୍ମୃତିମାତ୍ର। ଆଠମାଇଲ୍ ଦୂର ନୟାଗଡ଼ ଟାଉନ୍‌ରେ ପଡ଼ିଥାଏ ରେମନ୍ ସର୍କସ୍। ନଈରେ ବଢ଼ିପାଣି। ତୃତୀୟ ଶ୍ରେଣୀର ଛାତ୍ର - ମୋର ଉଚ୍ଚତା ତିନିଫୁଟ୍ ହୋଇଥିବ। ବାଲୁଙ୍ଗା ସାଥୀମାନଙ୍କ ବୋଲରେ ପଡ଼ି ଘରେ କାହାକୁ କିଛି ନକହି ନଈପାର ହୋଇ ମୁଁ ପଳାଇଲି। ନଈ ବଢ଼ିରେ ବୁଡ଼ି ମରିଯିବାର ନିକଟତମ ଅନୁଭୂତିକୁ ମୁଁ କିପରି ଅତିକ୍ରମ କରି ସର୍କସ୍ ଗ୍ୟାଲେରିରେ ପହଞ୍ଚିଲି - ସେକଥା ଭାବି ମୋତେ ସର୍କସ୍‌ର କୌଣସି ଖେଳ ଆଶ୍ଚର୍ଯ୍ୟ ଲାଗିନଥିଲା। ଅଥଚ ଗ୍ରୀଷ୍ମ ଋତୁରେ ସେଇ ନଈର ଶୀର୍ଣ୍ଣଧାରରେ ଉଲଗ୍ନ ହୋଇ ବୁଡ଼ିବୁଡ଼ି, ନଈକୂଳ ଜାମୁଗଛରୁ କୋଳିଖାଇ ଖାଇ ତୃପ୍ତିରେ ଘରକୁ ଫେରିଛି। ଆହା, ଆଜି ସେ ନଈଟି ମୃତପ୍ରାୟ। ଏମ୍.ଏ. ପଢ଼ିଲା ବେଳେ ଦୁଇ ଗାଁ ମଝିରେ ପୋଲଟିଏ ପାଇଁ ମୁଁ ତତ୍କାଳୀନ ଏମ୍.ଏଲ୍.ଏ. ରମାକାନ୍ତ ମିଶ୍ରଙ୍କୁ ଅନୁରୋଧ କରି ଆବେଦନ ପତ୍ରଟିଏ ବ୍ୟକ୍ତିଗତ ଭାବେ ଲେଖି ପଠାଇଥିଲି। ବୃହଦାକାର ନହେଲେ ମଧ୍ୟ ସେ ଯେ ମୋର ଅନୁରୋଧ ରକ୍ଷାକରି ପୋଲଟିଏ କରାଇଦେଲେ - ଏଥିପାଇଁ ମୁଁ ଚିରକୃତଜ୍ଞ।

ଶିଖରପୁର ମୋର ମାମୁ ଘରଗାଁ, ନିପଟ ମଫସଲ ଏବଂ ମୋର ଜନ୍ମସ୍ଥାନ। ଶୁଣିଛି, ଜନ୍ମ ହେବାର ଅଳ୍ପ ଦିନ ପରେ ମୁଁ ମରିଯାଉଥିଲି। ମୋତେ ବଞ୍ଚେଇଥିଲେ ନୟାଗଡ଼ର କୋ-ଅପରେଟିଭ୍ ବ୍ୟାଙ୍କର ସଭାପତି ନାରାୟଣ ରଥ, ମୋ ବାପାଙ୍କର ସହକର୍ମୀ ହାକିମ ତାଙ୍କ ହୋମିଓପାଥି ଚିକିତ୍ସାରେ। ଦ୍ୱିତୀୟ ଥର ବଞ୍ଚାଇଥିଲେ

Digitized by srujanika@gmail.com

ନିମୋନିଆରୁ ମୋ ମାମୁ - ଶ୍ରୀ ନାରାୟଣ ପଟ୍ଟନାୟକ, ସେଇ ହୋମିଓପାଥ୍ ଚିକିତ୍ସାରେ - ଯାହାଙ୍କ ବ୍ୟକ୍ତିତ୍ୱର ପ୍ରଭାବ ମୁଁ ଆଜି ପର୍ଯ୍ୟନ୍ତ ଅପସାରଣ କରିପାରି ନାହିଁ । ସେ ଥିଲେ ମୋର ମାଇନର ସ୍କୁଲ୍‌ର ହେଡ୍ ମାଷ୍ଟର୍ । ପ୍ରାଇମେରୀ ସ୍କୁଲ୍‌ରେ ମୁଁ ତାଙ୍କ ହୋମିଓପାଥ୍ ଔଷଧ ବାକ୍ସ ରୁ ବସନ୍ତ ପ୍ରତିଷେଧକ ପାଇଁ ଦିଆ ଯାଉଥିବା ଔଷଧ ଶିଶି ଲୁଚାଇ ଆଣି ନିଜେ ମନଇଛା ଖାଇ, ସାଙ୍ଗମାନଙ୍କୁ ମଧ୍ୟ ମାମୁଙ୍କ ପରି ପୁଡ଼ିଆ କରି ଖୁଆଇଥିଲି । ମାତ୍ରାଧିକ ଔଷଧ ଖାଇବା ଯୋଗୁଁ ମୋତେ ବସନ୍ତ ହେଲା । ସେଥିରୁ ବି ସେ ମୋତେ ବଞ୍ଚାଇଥିଲେ । ମୁଁ ସିଗାରେଟ୍ ପିଇବା ଆରମ୍ଭ କରିଥିଲି ମାଇନ୍‌ର ସ୍କୁଲ୍‌ରୁ ମାମୁଙ୍କ ସିଗାରେଟ୍ ଚୋରିକରି । ମୁଁ ଏବେବି ସିଗାରେଟ୍ ପିଉଛି ଏବଂ ଏଥିପାଇଁ ଅନୁତାପ କରିବା ଆବଶ୍ୟକ ମନେକରୁ ନାହିଁ । ମୋର-ଆଦ୍ୟଗୁରୁ ସପନି ଅବଧାନେ (ସ୍ୱପ୍ନେଶ୍ୱର ନାୟକ), ମାଟିବଂଶ ଅବଧାନ, ଯାହାଙ୍କ ଋଣ ମୁଁ ଶୁଝି ନ ପାରିବାର ଦୁଃଖ ରହିଗଲା ଜନ୍ମ ଜନ୍ମାନ୍ତର ପାଇଁ, ମୋର ଖଡ଼ିଛୁଆଁ କରାଇଥିଲେ ଶିଖରପୁର ଚାଟଶାଳିରେ, ଭାଗବତ ଟୁଙ୍ଗୀରେ । ତାଙ୍କ ସାନପୁଅ 'ଗୁଣ୍ଡିଚା' ମୋର କ୍ଲାସ୍‌ମେଟ୍ ହେଲା ପରବର୍ତ୍ତୀ ସମୟରେ । ଦିନବେଳା ଅବଧାନେ ଗାଁ ପିଲାଙ୍କୁ ଚାଟଶାଳି ଶିକ୍ଷା ଦିଅନ୍ତି, ରାତିରେ ହୁଏ ପୁରାଣ ପାଠ । ପୁରାଣ ପାଠ କରନ୍ତି 'ବାଉଁଶିଆ' ଗାଁର ପୁରାଣ ପଣ୍ଡା ଯା'ଙ୍କ ଝିଅ ମୋର କ୍ଲାସ୍ ମେଟ୍ ହେଲା ପ୍ରାଥମିକ ବିଦ୍ୟାଳୟରେ । ଶୀତ ସଂଧ୍ୟାରେ ଢାଙ୍କିଢୁଙ୍କି ହୋଇ ମାମୁ ଘର ପିଣ୍ଡାରେ ବସି ଅଜାଙ୍କ ସାଙ୍ଗରେ ପୁରାଣ ଶୁଣିବା ଥିଲା ମୋ ପିଲାଦିନର ସର୍ବୋତ୍ତମ ବିଳାସ । ଗାଁ ଦାଣ୍ଡରେ ଜହ୍ନରାତିରେ ଡୁ...ଡୁ, ବୋହୂଚୋରୀ ଖେଳ ତ ଥିଲା ସାଧାରଣ, ବାଟିଖେଳ, ନବରପୁଆ (ଆଧୁନିକ କ୍ରିକେଟ୍) ବି ଥିଲା ଆମର ନିତ୍ୟ କ୍ରୀଡ଼ା ।

ମୋ ଜନ୍ମ ବେଳକୁ ଭାରତର ସ୍ୱାଧୀନତା ସଂଗ୍ରାମର ଉଷ୍ମତା ତଥାପି ରହିଥିଲା । ଏପରିକି ଆମେ ପ୍ରାଥମିକ ବିଦ୍ୟାଳୟ (ସରକାରୀ) ରେ ପଢ଼ିଲା ବେଳେ ତାକୁଡ଼ି, ଅରଟରେ ସୂତା କାଟିବା, ଝଣ୍ଡା ଉଞ୍ଚାରହେ ହମାରା ଗୀତ ବୋଲି ଗାଁ ଗାଁ ବୁଲି ମୁଷ୍ଟି ଭିକ୍ଷା କରିବା (ସେ ଭିକ୍ଷା କୁଆଡ଼େ ଯାଉଥିଲା ଆମେ ଜାଣୁ ନାହିଁ) ବାଧ୍ୟତାମୂଳକ ଥିଲା । ମୋ ପିଲାଦିନର ସବୁଠୁ ବଡ଼ ଘଟନା - ଆମ ଗାଁରେ ବିନୋବା ଭାବେଙ୍କ ସଭା । ଆମ ଜନ୍ମ ସମୟକୁ ଗାନ୍ଧୀଙ୍କୁ ମାରି ଦିଆଯାଇଥିଲା, ତେଣୁ ତାଙ୍କୁ ଦେଖିବାର ସୁଯୋଗରୁ ଆମେ ବଞ୍ଚିତ ଥିଲୁ ଏ ଅବସୋସ ଅଲଂଘନୀୟ ଥିଲା ଆମ ପାଇଁ । ଅବଶ୍ୟ ଭୁବନେଶ୍ୱରରେ କଂଗ୍ରେସର ଜାତୀୟ ଅଧିବେଶନରେ ପଣ୍ଡିତ ନେହେରୁଙ୍କ ସମେତ ବଡ଼ ବଡ଼ ସ୍ୱାଧୀନତା ସଂଗ୍ରାମୀ ଓ ନେତାମାନଙ୍କୁ ଦେଖିବାର ସୁଯୋଗ ମିଳିଥିଲା ।

Digitized by srujanika@gmail.com

ସପ୍ତମ ଶ୍ରେଣୀପରେ ମୁଁ ଆମ ଗାଁ ଶରଣକୁଳ ନାରାୟଣ ହାଇସ୍କୁଲରେ ପଢ଼ିଲି । ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ମୁଁ ଥିଲି ମୋ ଶ୍ରେଣୀର ସବୁଠୁ ଭଲ ଛାତ୍ର ଯଦିବା ବହିପାଠ, ଶ୍ରେଣୀ କୋଠରୀ ଭିତରର ଶିକ୍ଷା ଅପେକ୍ଷା ମୋର ଆଗ୍ରହ ଅନ୍ୟତ୍ର ଅଧିକ ଥିଲା । ଗଛ, ପତ୍ର, ଫୁଲ, ଜୀବ, ଯନ୍ତୁ, କୀଟ, ପତଙ୍ଗ, ଜହ୍ନ, ତାରା, ସୂର୍ଯ୍ୟ – ଏସବୁ ପ୍ରତି ମୋର ଧ୍ୟାନ ବହିପାଠ ଅପେକ୍ଷା ଅଧିକ ଥିଲା ଓ ଏବେ ମଧ୍ୟ ଅଛି । ବହିପାଠରୁ ଅନେକ କଥା ଶିକ୍ଷା କରିଥିଲେ ମଧ୍ୟ ମୋର ସେସବୁ ଉପରେ କେବେ ଆସ୍ଥା ନଥିଲା । ଶ୍ରେଣୀ କୋଠରୀରୁ ପାଇଥିବା ଶିକ୍ଷା ଅପେକ୍ଷା ମୁଁ ମୋ ଜୀବନରେ ଘଟିଥିବା ସୁଖଦ, ଦୁଃଖଦ, ଅଭାବିତ ଓ ଅଲୌକିକ ଘଟନାବଳୀରୁ ଅଧିକ କଥା ଜାଣିଛି ଯାହା ମୋତେ ଅଭିଜ୍ଞ କରିଛି । ବହୁବାର ମରୁ ମରୁ ବଞ୍ଚିଯିବା, ବାଲ୍ୟ ସାଥୀମାନଙ୍କ ଭିତରୁ କେତେକଙ୍କ ଅକାଳ ବିୟୋଗ, ଅଜାଙ୍କର ମହାପ୍ରୟାଣ ପୂର୍ବରୁ ମୁଁ ଦେଖିଥିବା ଦୁଃସ୍ୱପ୍ନ, ବିବାହ ସମୟରେ ଘଟିତ ଅତିପ୍ରାକୃତ ଘଟନା ଓ ବିବାହର ବର୍ଷକ ଭିତରେ ବଡ଼ପୁଅର ପ୍ରସବ ସମୟରେ ପତ୍ନୀର ବିୟୋଗ, ଅତୃପ୍ତ ଆତ୍ମାର ଅସ୍ତିତ୍ୱ ଅନୁଭବ କରିବାର ପ୍ରତ୍ୟକ୍ଷ ଅଭିଜ୍ଞତା – ଏସବୁରେ ଯେ ବହିପାଠ ଅପେକ୍ଷା ଅଧିକ ଶିକ୍ଷଣୀୟ ତତ୍ତ୍ୱ ରହିଛି - ଏହା ମୁଁ ବାଲ୍ୟକାଳରୁ ହିଁ ଜାଣିଥିଲି । ମୋ ଛାତ୍ରଜୀବନର ଅଧିକାଂଶ ଶିକ୍ଷକ ମୋତେ ଦୟନୀୟ ମନେହେଉଥିଲେ କାରଣ ସେମାନେ ବହିପାଠରେ ଖୁବ୍ ଧୁରନ୍ଧର ଥିଲେ ବି ଜୀବନରୁ କିଛି ଶିଖି ନଥିବା ପରି ବୋଧ ହେଉଥିଲେ ।

ପାଠ ପଢ଼ି ସାରିଲା ପରେ - ମୁଁ ମୋ ଜୀବନର ପ୍ରଥମ ଓ ଶେଷ ସାକ୍ଷାତ୍କାର୍ ଦେଇଥିଲି ଅଧ୍ୟାପକ ହେବାପାଇଁ - ଓଡ଼ିଆରେ ଏବଂ ନିଯୁକ୍ତି ପାଇଲି ସରକାରୀ ମହାବିଦ୍ୟାଳୟ ରାଉର୍କେଲାରେ । ସରକାରୀ ଚାକିରିରେ ଯୋଗ ଦେବା ଦିନଟି ଥିଲା ସେ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ - ଅଗଷ୍ଟ ୧୬ (୧୯୭୫) - ବିଜୁ ପଟ୍ଟନାୟକଙ୍କ କରକମଳରେ ଉଦ୍‌ଘାଟିତ ଫଳକ ଲାଗିଥିଲା । ରାଉର୍କେଲା ମୋ ଜୀବନର ଚମତ୍କାରତମ ଅନୁଭୂତିର ଅବିସ୍ମରଣୀୟ କ୍ଷେତ୍ର ଯାହାର ବିବରଣୀ ଲେଖିବସିଲେ ଏକ ସ୍ୱତନ୍ତ୍ର ଗ୍ରନ୍ଥ ହେବ । ୧୯୭୫-୧୯୮୦ ଏଇ ପାଞ୍ଚ ବର୍ଷର ରହଣୀ ହିଁ ମୋ ଜୀବନର ସର୍ବସ୍ୱ । ତା'ପରେ ମୁଁ ଆଉ ରାଉରକେଲା କେବେ ଦେଖିବାକୁ ଯାଇନାହିଁ ।

ପୃଥିବୀର ବଡ଼ ବଡ଼ ଗ୍ରନ୍ଥାଗାରମାନଙ୍କରେ ଶୋଭାପାଉଥିବା ମହାପୁରୁଷମାନଙ୍କ ପୃଥୁଳାକାର ଜୀବନଚରିତ ସବୁ ଦେଖିଲେ - ସଚରାଚର କବିମାନଙ୍କର ଗୋଟିଏ ଆପ୍ତବାକ୍ୟ ମନେପଡ଼ି ହସ ଲାଗେ - "ଜୀବନଟା ଗୋଟେ ପାଣି ଫୋଟକା" । ପାଣି ଫୋଟକାଟିଏ ପାଇଁ ଏଡ଼େ ବଡ଼ ବଡ଼ ଗ୍ରନ୍ଥ ଲେଖାହେଉଛି, ଏତେ ଗବେଷଣା ହେଉଛି - ତାହାହିଁ ହାସ୍ୟକର । କବିମାନଙ୍କୁ ମୋତେ ଏଥିପାଇଁ ଭଲ ଲାଗେ । ବେଲୁନ୍ ସେମାନେ

Digitized by srujanika@gmail.com

ଫୁଙ୍କନ୍ତି ନାହିଁ ବରଂ ଫୁଙ୍କାହୋଇଥିବା ବେଲୁନ୍‌କୁ ଫୁଟାଇ ତାକୁ ତା'ର ମୂଳ ରୂପକୁ ଫେରାଇ ଆଣନ୍ତି । ମୋ ଜୀବନ ରୂପକ ପାଣି ଫୋଟକାଟି ଯେ ତଥାପି ଫାଟିନାହିଁ - ଏଥିରେ ମୋର ଆମୋଦିତ ହେବାର କିଛି ନାହିଁ । ବର୍ତ୍ତମାନ ଅବସର କାଳୀନ ଭତ୍ତା ସରକାର ଯେତିକି ଦେଉଛନ୍ତି - ମୋ ପାଇଁ ଯଥେଷ୍ଟ । ଘରଟିଏ ଭୁବନେଶ୍ୱରରେ କରୁଛି । ବଡ଼ପୁଅଟିକି ବାହା କରେଇଛି । ସାନପୁଅଟିର ଇଞ୍ଜିନିୟରିଙ୍ଗ ଶେଷ ବର୍ଷ । ରାଗ-ରୋଷ ମାନ-ଅଭିମାନ କଳିଝଗଡ଼ାରେ ସମୟ କାଟିବା ପାଇଁ ଘରଣୀପଣରେ ବିଚକ୍ଷଣା ପତ୍ନୀଟିଏ ବି ଅଛି । ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବାର ମାୟା ମୋତେ ଗଳଦ୍‌ଘର୍ମ କରୁନାହିଁ । ମୁଁ ସୁଖରେ ଅଛି । ଶାନ୍ତିରେ ଅଛି ।

ବାକି ରହିଲା ମୋ ସାହିତ୍ୟ କଥା । ସାହିତ୍ୟ ବହିଦ୍ୱାରା ଆବାଲ୍ୟ ବିକଶିତ ଅନୁରାଗ ମୋର ହଠାତ୍ ଉଚ୍ଚାଟିତ ହୋଇ ଉଠିଥିଲା ବି.ଜେ.ବି କଲେଜର ଛାତ୍ର ଥିଲାବେଳେ କବିତା ଲେଖି କେତୋଟି ପୁରସ୍କାର ପାଇବାରେ । ଶରଣକୁଳରେ କେତେଜଣ ସାଙ୍ଗଙ୍କୁ ମନାଇ 'ଦ୍ରାଘିମା' ନାମରେ ଗୋଟିଏ ପତ୍ରିକା ପ୍ରକାଶ କରିଥିଲି । ଗଳ୍ପ, କବିତା, ସମାଲୋଚନା କିଛି କିଛି ଲେଖି ଆସିଛି ଆଜି ପର୍ଯ୍ୟନ୍ତ ଏବଂ ସେସବୁ ବିଭିନ୍ନ ପତ୍ରିକାରେ ପ୍ରକାଶିତ ହୋଇଛି ମଧ୍ୟ । ଆଧୁନିକ ଓଡ଼ିଆ କବିତାରେ ଶାସ୍ତ୍ରୀୟ ଚିନ୍ତାଧାରା (୧୯୮୪), ବୈଭ୍ରାଜରେ ଭଞ୍ଜ (୧୯୯୭), ପ୍ରଥମ ପ୍ରଣିପାତ (୨୦୦୮), ସ୍ଥାପତ୍ୟର ବଙ୍କୁରତା (୨୦୧୧) A study of the Siddhanta Darpana (2005) ପ୍ରଭୃତି ସହ ଦୁଇଟି କବିତା ବହି ବୃତ୍ରସଂହାର (୧୯୯୦) ଏବଂ ନିରସ୍ତ୍ର କୁହକ (୨୦୦୫) ଓଡ଼ିଶା ଓ ଓଡ଼ିଶା ବାହାରର ବିଶିଷ୍ଟ ପ୍ରକାଶକମାନେ ବିପଣନ କରିଛନ୍ତି । ଗଳ୍ପଗୁଡ଼ିକ ସଙ୍କଳିତ ହୋଇନାହିଁ । ଏଇ ନଗଣ୍ୟ ଉପହାର ଦେଇ ନିଜକୁ ଜଣେ ସାହିତ୍ୟିକ ବୋଲି କହିବାକୁ ମୋତେ ଅପ୍ରତିଭ ଲାଗୁଛି ।

●●●

Digitized by srujanika@gmail.com

ମୋ' ଜୀବନ ମୋ' ସାହିତ୍ୟ

ରବି ସ୍ୱାଇଁ (୧୯୫୦)

ସମୁଦ୍ରକୁ ଭେଟୁ ଭେଟୁ ମଣିଷ ଆନମନା ହୋଇଯାଏ । ନିଜର ସୁଖ ଦୁଃଖ ସବୁ ଭୁଲି ଯାଏ । ତାର ମନ ଓ ହୃଦୟ ସମୁଦ୍ର ଭିତରକୁ ଡେଇଁପଡ଼ନ୍ତି । ମଣିଷ ସମୁଦ୍ର ପାଲଟିଯାଏ ।

ମୁଁ ଏକ ସମୁଦ୍ର ମନସ୍କ ମଣିଷ । ମୁଁ କେବେ ଗଙ୍ଗା ହେଲି ମତେ ଜଣାନାହିଁ । କେନ୍ଦ୍ରାପଡ଼ାର ଛଘରିଆ ବୋଲି ଗାଁଟିଏ । ମାଟି କାଦୁଅରେ ତା ଶରୀର ଗଢ଼ା । ମଝିରେ ସରୁ ଜଳଧାରଟିଏ । ଯାର ନାଁ ନଈ । ଯିଏ କେବେ କୁଳୁ କୁଳୁ ଗୀତ ଗାଇନି । କିନ୍ତୁ ତା ଭିତରେ ସାଇତି ରଖିଚି ଭରଣ ଭରଣ ସ୍ୱପ୍ନ । ତା କୂଳର ଅଭାବୀ ମଣିଷମାନଙ୍କୁ ବାଣ୍ଟିବା ପାଇଁ ।

କେବଳ ନଈ ନୁହଁ । ଗାଁ ଚାରିପଟର ଧାନ କିଆରି । ସବୁଜ ଛନ୍ନଛନ୍ନ । ଢେଉ ଢେଉକା । ପାଟ ସାରା କଇଁ ଫୁଲର ଚିତା । ଆଃ ଭୋକ ଶୋଷ ମରିଯାଏ । ଖାଲି ସପନରେ ପେଟ ପୂରିଯାଏ । ମନ ଭରିଯାଏ ।

ସେତେବେଳେ ଗାଁ ଲୋକଙ୍କର ଯୋଉ ଅଭାବ ଏବେ ଆଖି ପାଉନି । ବିଶ୍ୱାସ କରିହଉନି । ଆଷାଢ଼ ମାସ ବେଳକୁ ବହୁ ପରିବାରର ଧାନ ସରିଯାଏ । ତାପରେ ଆରମ୍ଭ ହୁଏ ଦେଢ଼ି । ମାଣ୍ଡିଆ ଜାଉରେ ଭୋକ ଥଣ୍ଡା ହୁଏ । ମେଣ୍ଢେନା । ଏତେ ଅଭାବ ଭିତରେ ପର୍ବପର୍ବାଣି, ପୁରାଣ ପଢ଼ା, ଖେଳକୁଦ, ପୁଚିଗୀତ, ରଜଦୋଳି । କିଛି ନା କିଛି ସବୁବେଳେ ଲାଗି ରହିଥିବ । ସବୁଠାରୁ ବଡ଼ କଥା ହେଲା ସବୁବେଳେ ଥଟ୍ଟା, ତାମସା, ହସ, ଖୁସୀ । ଗାଁଟା ଖାଲି ଉଠୁଥାଏ ପଡୁଥାଏ । କଳି କଜିଆ ମାଡ଼ଗୋଳ ଏସବୁ ଭିତରେ କୁଆଡ଼େ ଲୁଚିଯାଏ ।

ଖାଲି ଆମ ଗାଁରେ ନୁହଁ - ସବୁ ଗାଁରେ ଏମିତି କିଛି ବୁଢ଼ାବୁଢ଼ୀ ଥାନ୍ତି ଯିଏ ଚମତ୍କାର ଗପ କହିପାରନ୍ତି । ସେହିପରି ଦୁଇଟି ମଣିଷ ମୋ ଜୀବନରେ ମିଳିଥିଲେ । ମୋ ଢେଙ୍କେ ଏବଂ ବାସୁଆ ଅଜା । ସେମାନଙ୍କ କଥା କହିବାର ଶୈଳୀ ଓ ଘଟଣା ସଜେଇବାର କଳା ଏବେ ବି ମୋ ମନରେ ତଟକା ହେଇ ରହିଚି ।

Digitized by srujanika@gmail.com

ଆମ ଗାଁ ପାଖାପାଖି ନାଥ ବସ୍ତି ଅଛି । ଯୋଗୀମାନେ ବହୁ ସମୟରେ ଆମ ଗାଁକୁ ଭିକ ମାଗିବାକୁ ଆସନ୍ତି । କେନ୍ଦରା ବଜେଇ ଗୋବିନ୍ଦଚନ୍ଦ୍ର ଗୀତ ଓ ବଉଳା ଗାଈ ଗୀତ ବୋଲନ୍ତି । ଆଖିରୁ ଲୁହ ଝରିପଡ଼ିବ । ଛାତି ଭିତରଟା ଖାଲିଖାଲି ହେଇଯିବ । ସଂସାର ତୁଚ୍ଛ ହେଇଯିବ ।

ଆମ ଘରେ ମୋ ବୋଉ ତାର ଅବସର ସମୟରେ ସ୍ୱର ଦେଇ ତା ବହି ସବୁ ପଢ଼େ । ତାର ଗୋଟିଏ ପାଠାଗାର ଥିଲା । ସେଥିରେ କିଛି କାବ୍ୟ, ପୁରାଣ, ବଙ୍ଗଳା ବହି, ଗୋଟିଏ ଦୁଇଟି ଇଂରାଜୀ ପାଠବହି ଇତ୍ୟାଦି ଥିଲା । ସେ ନିଜେ ନିଜେ ପଢ଼ିବା ସହିତ ଅନ୍ୟମାନଙ୍କ ସହ ଆଲୋଚନା କରେ । ବାହାରୁ ମଧ୍ୟ ଅନ୍ୟାନ୍ୟ ବହି ମଗେଇ ପଢ଼େ । ତାରିଠାରୁ ସାହିତ୍ୟ କଣ ଟିକିଏ ଟିକିଏ ଜାଣିଲି । କିନ୍ତୁ ତାହା ଯେ ସାହିତ୍ୟ ବା କବିତା ଥିଲା ତାହା ବୁଝିବା ପାଇଁ ମୋର ବୟସ ହେଇ ନଥିଲା ।

ଆମ ପିଲାଦିନେ ପ୍ରାୟ ପ୍ରତ୍ୟେକ ଗାଁରେ ଯାତ୍ରା ହେଉଥିଲା । ଯାତ୍ରାମାନେ ଗଣନାଟ୍ୟ । ମୁଁ ମୋ ସାଙ୍ଗମାନଙ୍କ ସହ ଯାତ୍ରା ଦେଖିବାକୁ ଯାଉଥିଲି । ରାତି ଅନିଦ୍ରା ହେବାକୁ ହେଲେ ବିଡ଼ି ଟାଣିବାକୁ ପଡ଼ିବ । ମୋ ସାଙ୍ଗମାନେ ଅଧିକାଂଶ ବିଡ଼ି ଦିଆସିଲି ପକେଟରେ ପୂରାଇ ନିଅନ୍ତି । ମୁଁ ବିଡ଼ି ଗନ୍ଧ ସହିପାରେ ନାହିଁ । ତେଣୁ 'ପାସିଂସୋ' ସିଗାରେଟ୍ କେତୋଟି କିଣିନିଏ । ହେଲେ ପ୍ରକୃତରେ ମତେ ଯାତ୍ରା ଭଲ ଲାଗେନା । ଶିଳ୍ପୀମାନଙ୍କର ଅପ୍ରାକୃତିକ ସଂଳାପ ଓ ଅଭିନୟ ମୋ ମନକୁ ପାଏନା । ଅଧିକାଂଶ ଯାତ୍ରାରେ ମୁଁ ଶୋଇପଡ଼େ । ଏପର୍ଯ୍ୟନ୍ତ ମଧ୍ୟ ମତେ ଗଣନାଟ୍ୟ ବା ଅପେରା ଆକର୍ଷିତ କରିପାରିଲା ନାହିଁ ।

ଏମିତି ଏକ ପରିବେଶରେ ଜୀବନ ପ୍ରତି ଆକର୍ଷଣ ବଢ଼ିଗଲା । ସାହିତ୍ୟ ଓ କଳା ପ୍ରୀତି ହୁଏତ ମୋ ଭିତରେ ଆଖି ମେଲୁଥିଲା ।

ଗାଁମାନଙ୍କରେ ସେତେବେଳେ ଗୋଷ୍ଠୀ ଜୀବନ ପ୍ରଚଳିତ ଥିଲା । ଲୋକ ସଂଖ୍ୟା ଏତେ ନଥିଲା । ଗାଁର ନିମନ୍ତ ବା ଭୋଜିରେ ସମସ୍ତେ ହେଁସ ଉପରେ ବସୁଥିଲେ । ସମସ୍ତଙ୍କୁ ମହାପ୍ରସାଦ ଦିଆ ଯାଉଥିଲା । ଗାଁର ଏମୁଣ୍ଡରୁ ସେମୁଣ୍ଡ ପର୍ଯ୍ୟନ୍ତ ହାଜିରା ନିଆ ଯାଉଥିଲା । ମାନ ଅଭିମାନରେ ଯଦି କେହି ଆସୁନଥିଲା ସଂଗେ ସଂଗେ ତାକୁ ଡକାଯାଉଥିଲା । ସବୁକିଛି ଫଇସଲା ହେଲା ପରେ ପଙ୍ଗତ ବସୁଥିଲା ।

ଆମେ ପିଲାମାନେ ଗାଁର ଜୀବନକୁ ଭାରି ଉପଭୋଗ କରୁଥିଲୁ । କାହାର ହାଣ୍ଡି (ଶ୍ରାଦ୍ଧ) ହେଲେ କି ସତ୍ୟ ନାରାୟଣ ପାଲା କିଂବା ଆଖଣ୍ଡଳମଣି ମେଳା ହେଲେ ଆମକୁ ନିଶ୍ଚୟ ଡାକରା ଆସିବ । ସମ୍ବର ଦିନ ଗାଁ ସାରା ବୁଲି ବଢ଼ା ହେଇଥିବା ପତର ଖାଉଥିଲୁ । ଏବେକାର ପିଲାମାନେ ସେକଥା ଚିନ୍ତା କରିପାରିବେ ନାହିଁ ।

Digitized by srujanika@gmail.com

ଖରାଦିନେ ଆମେ ସମସ୍ତେ ଏକାଠି ହୋଇ ଘର ବାହାର ମୂଳଦୁଆ ଉପରେ ଶୋଉଥିଲୁ । ରଜରେ ସମସ୍ତେ ମିଶି ନଈରୁ ମାଛ ଧରୁଥିଲେ ସମାନ ଭାବରେ ସବୁ ପରିବାର ବାଣ୍ଟି ନେଉଥିଲେ ।

ମୋ ବାପାଙ୍କୁ ଗାଁଟା ସାରା ଭଲ ପାଉଥିଲେ । ଭଲ ମଣିଷର ଉଦାହରଣଟିଏ ମୁଁ ପିଲା ଦିନରୁ ଦେଖି ଆସିଛି । ସ୍ନେହ, ଶ୍ରଦ୍ଧା, ସରଳତା, ବନ୍ଧୁତାର ଏକ ଜୀବନ୍ତ ପ୍ରତୀକ । ସମସ୍ତ ଅଭାବ ଅସୁବିଧାକୁ ହସିହସି ସହିନେବା ମୁଁ ତାଙ୍କରି ଠାରୁ ହିଁ ଶିଖିଛି ।

ଏମିତି ଏକ ପରିବେଶରେ ମୁଁ ଗାଁ ସ୍କୁଲକୁ ଯାଇଥିବି । ସେତେବେଳେ ଗାଁ ସ୍କୁଲ ଏକ ମନୋରମ ସ୍ଥାନ ଥିଲା । ପ୍ରଥମେ ଥିଲା ମାଟି କାନ୍ଥ ଓ ଚାଳଛପର । ପରେ ହେଲା ଇଟାକାନ୍ଥ ପକ୍କାଘର କିନ୍ତୁ ଚାଳଛପର । ସ୍ୱାଧୀନତା ପରବର୍ତ୍ତୀ ପରିବର୍ତ୍ତନ ପ୍ରଥମେ ସ୍କୁଲଘରମାନଙ୍କରେ ପ୍ରତିଫଳିତ ହେଉଥିଲା । ସ୍କୁଲ ଆଗରେ ଗୋଟିଏ ସୁନ୍ଦର ବଗିଚା । କେତେ ରକମର ଦେଶୀ ଫୁଲ, ବାକ୍ସ ଗଛ । ମଝିରେ ରାସ୍ତା । ବଗିଚା ମଝିରେ ପନିପରିବା । ପିଲାମାନେ ମାଟି ହାଣୁଥିଲେ, ଘାସ ବାଛୁ ଥିଲେ ଓ ପାଣି ଦେଉଥିଲେ । ମୌଳିକ ଶିକ୍ଷାର କିଛି କିଛି ପ୍ରଭାବ ଅବଶ୍ୟ ଥିଲା । ପଟିଲ୍ ଉପରେ ତକିଲିରେ ସୂତା କାଟିବା ଓ ନଟେଇରେ ଗୁଡ଼େଇ ରଖିବା ମତେ ଭାରି ଭଲ ଲାଗୁଥିଲା । ଭଲ ଲାଗୁଥିଲା ବି ଗୀତ ବୋଲି ସୂତା କାଟିବା ଓ ଗୀତବୋଲି ଦାଣ୍ଡିଆ ନାଚ ଅଭ୍ୟାସ କରିବା ।

ହେଲେ ମାଡ଼ ବ୍ୟବସ୍ଥା ମତେ ଆଦୌ ଭଲ ଲାଗୁ ନଥିଲା । ଆମର ଶିକ୍ଷକମାନେ ବହୁତ ଭଲ ଥିଲେ । ହେଲେ ମାଡ଼ ବା ଦଣ୍ଡ ସେମାନଙ୍କୁ ଆମପାଖରୁ ଦୂରକୁ ନେଇ ଯାଉଥିଲା । ଆମେ ସେମାନଙ୍କୁ ଭୟ କରୁଥିଲୁ । ମୋର ଏବେ ବି ମନେଅଛି ଶିଶୁ ଶ୍ରେଣୀର ବାର୍ଷିକ ପରୀକ୍ଷାରେ ସିଲଟରେ ମୁଁ ସବୁ ଉତ୍ତର ଲେଖିସାରିଥିଲି । ତେଣୁ ଚୁପ୍‌ଚାପ୍ ବସିଥିଲି । ମାଷ୍ଟ୍ରେ ହୁଏତ ଭାବିଲେ ମୁଁ ନଲେଖି ବସିରହିଛି । ସେ ମୋ ପାଖରେ ତଳେ ବେତ ପିଟିଦେଲେ । ମୁଁ ସିଲଟରେ ଯାହା ଲେଖିଥିଲି ସବୁ ନିଭେଇ ଦେଇ ଘରକୁ ପଳାଇ ଆସିଲି ।

ମୋର ଭଲ ଭାବରେ ମନେ ଅଛି ଦିନେ ଉପର ଓଳି ଆମ ଗାଁଠାରୁ ଟିକିଏ ଦୂରରେ ଥିବା ଖରିକୋର ଦଣ୍ଡାରେ ଗୋଟିଏ ସଭା ହେଲା । କେନ୍ଦ୍ରାପଡ଼ାର ବିଡିଓ ଥିଲେ ମୁଖ୍ୟ ଅତିଥି । ସେ ଆସିବାରୁ ଗାଁ ଲୋକମାନେ କୀର୍ତ୍ତନ କରି ତାଙ୍କୁ ପାଛୋଟି ଆଣିଲେ । ସଭା ଆରମ୍ଭ ହେଲା କ୍ଷଣି ଗଡ଼ମ୍ବା ଫୁଟିଲା । ଚାରିଆଡ଼ ଚମକି ଗଲା । ଆମ ଗାଁ ରାସ୍ତାର ଶୁଭ ଦିଆଗଲା ।

ତାହାଥିଲା ଆମର ଗୋଟିଏ ବଡ଼ ଅଭାବ । କେବଳ ଆମର ନୁହେଁ । ଏକ ବିରାଟ ଅଞ୍ଚଳର । କେନ୍ଦ୍ରାପଡ଼ା ଥିଲା ଆମ ସବ୍‌ଡିଭିଜନ୍‌ର ମୁଖ୍ୟ ଦପ୍ତର । ସେଠାକୁ ଯିବାକୁ ହେଲେ

Digitized by srujanika@gmail.com

ଇଚ୍ଛାପୁର ଦେଇ ଯିବାକୁ ହୁଏ । ଇଚ୍ଛାପୁରରେ ଶ୍ରୀ ବଳଦେବ ଜୀଉଙ୍କ ମନ୍ଦିର । ଲୁଣାନଈ ସେପାରି ସମସ୍ତ ଗାଁ ଓ କଳପଡ଼ା ଓ ତାର ପାଖାପାଖି ସମସ୍ତ ଗାଁର ଲୋକମାନେ ଆମ ଗାଁ ଦେଇ ଇଚ୍ଛାପୁର ଓ କେନ୍ଦ୍ରାପଡ଼ା ଯାଉଥିଲେ । ରାସ୍ତା ନଥିଲା । କଳପଡ଼ା ଠାରୁ ଆମ ଗାଁ ପର୍ଯ୍ୟନ୍ତ ନାଳବନ୍ଧରେ ଯା'ଆସ କରୁଥିଲେ । ତାପରେ ପାଟରେ ପଶି ହିଡ଼ ଉପରେ ଯିବାକୁ ହେଉଥିଲା । ମଝିରେ ପଡୁଥିଲା ଆମ୍ବିଳାପାଟ ଜୋଡ଼ ।ସେଠି ପାଣିରେ ପଶି ଯିବାକୁ ହେଉଥିଲା ।

ଅସଲ ଅସୁବିଧା ହେଉଥିଲା ବର୍ଷା ଦିନରେ । ଲୋକମାନେ ଗାମୁଛା ବଦଳାଇ ଲୁଗାକୁ ମୁଣ୍ଡରେ ଠେକା ବାନ୍ଧି ପାଣିରେ ପଶି ଯାଆସ କରୁଥିଲେ । ପିଲାମାନେ କାନ୍ଧରେ ବସି ଯାଉଥିଲେ । ସ୍ତ୍ରୀ ଲୋକମାନଙ୍କର ଯିବା ଆସିବାରେ ବଡ଼ ଅସୁବିଧା ହେଉଥିଲା ।

ମାଟି ରାସ୍ତା ଓ ଆମ୍ବିଳାପାଟ ପୋଲ ହେଇଗଲା ପରେ ସେ ଦୁଃଖ ଗଲା । ଦୁଃଖ ଗଲା କହିଲେ ଠିକ ହେବ ନାହିଁ । ବର୍ଷା ଦିନରେ ପାଣି କାଦୁଅ ଖସଡ଼ା ରାସ୍ତା - ଲୋକମାନଙ୍କ ପାଇଁ ଭାରି ଅସୁବିଧା କରୁଥିଲା । ହେଲେ ସମସ୍ତେ ସେଥିରେ ଦେହସୁହା ହୋଇଯାଇଥିଲେ । ଆଉ ଅଧିକ କଣ କରାଯାଇପାରିବ ସେକଥା କେହି ଚିନ୍ତା କରି ନଥିଲେ ।

ମୁଁ ନିୟମିତ ସ୍କୁଲକୁ ଆସୁଥିଲି । ଆମର ସକାଳୁ ୧୨ଟା ଯାଏ ପାଠ ପଢ଼ା ହଉଥିଲା । ତାପରେ ଆମେ ଘରକୁ ଖାଇବାକୁ ଯାଉଥିଲୁ । ଖାଇସାରି ପୁଣି ସ୍କୁଲକୁ ଆସୁଥିଲୁ । ସନ୍ଧ୍ୟା ହବା ପୂର୍ବରୁ ଘରକୁ ଯାଉଥିଲୁ । ସ୍କୁଲରେ ଖେଳ ପିରିୟଡ୍ ନଥିଲା । ବେଳେବେଳେ ବଗିଚା କାମ ହୁଏ । ସେତିକି ଭଲ ଲାଗେ । ସ୍କୁଲର ପାଠପଢ଼ା ନିହାତି ବୋରିଂ । ଅତି ଗତାନୁଗତିକ । ଖାଲି ମାଡ଼ ଓ ଗାଳି । ମୁଁ ମାଡ଼ଗାଳି ନଖାଇଲେ ବି ମତେ ଏସବୁ ଭଲ ଲାଗୁ ନଥିଲା । ଭୟଭୟ ଲାଗୁଥିଲା । ମୋଟ ଉପରେ ନିମ୍ନ ପ୍ରାଥମିକ ବିଦ୍ୟାଳୟର ପାଠପଢ଼ା ମୋ ପାଇଁ ଆଦୌ ଆକର୍ଷଣୀୟ ନଥିଲା । କେବଳ ଗଣେଶ ଓ ସରସ୍ୱତୀ ପୂଜା ଭଲ ଲାଗୁଥିଲା ।

ମୁଁ ଅଧିକ ସମୟ ପାଠ ପଢ଼ିବାକୁ ଭଲ ପାଉନଥିଲି । ସ୍କୁଲରେ ମୋର ପାଠପଢ଼ା ସରି ଯାଉଥିଲା । ସବୁ ଅଙ୍କ କରି ନେଉଥିଲି । ଅନ୍ୟ ସବୁ ପାଠ ମନରଖି ଦେଉଥିଲି । ତେଣୁ ଘରେ ଅନ୍ୟାନ୍ୟ କାମରେ ମନ ଦେଉଥିଲି ।

ମୋର ପ୍ରଥମ କାମ ଥିଲା ବଗିଚା କରିବା । ଆମ ଘର ଆଗରେ ଅଳ୍ପ ଜାଗା ଥିଲା । ତାକୁ ବାଡ଼ ଘେରାଇ ବିଭିନ୍ନ ଫୁଲଗଛ ଲଗାଇ ତାର ଯତ୍ନ ନେଉଥିଲି । ନିରୋଳା ସମୟରେ ସେଠି ଏକୁଟିଆ ବସିବାକୁ ଭଲ ଲାଗୁଥିଲା । ମାଟିରେ ପୋତିଥିବା ଡାଳରେ ଯେତେବେଳେ ନୂଆ ମୁକୁଳ ବାହାରେ ଭାରି ଭଲ ଲାଗେ । କିଛି ନୂଆ କାମ କରି ପକାଇଥିବାର ଆନନ୍ଦ ମୁଁ ଅନୁଭବ କରେ ।

Digitized by srujanika@gmail.com

ଦ୍ୱିତୀୟ କାମଟି ହେଲା ମୋ ଆଈମାକୁ ପାଠ ପଢ଼େଇବା । ସନ୍ଧ୍ୟାହେଲେ ପ୍ରତିଦିନ ଆଈମା ଆମ ଘରକୁ ଚାଲିଆସେ । ମାନେ ସେ ମୋ ସ୍ୱର୍ଗତ ଜେଜେଙ୍କ ସାନଭାଇଙ୍କ ପତ୍ନୀ । ତାଙ୍କ ଘର ଆମ ଘରକୁ ଲାଗିକରି । ମୁଁ ଗୋଟିଏ କାଠ ଖଟୁଲି ଉପରେ ବସେ । ହାତରେ ଗୋଟିଏ ବାଡ଼ିଧରେ । ମୋ ଆଈମାକୁ ପାଠ ପଢ଼ାଏ । ମୋ ଦାଦାଙ୍କ ପୁଅଝିଅ ବା ମୋ ଭାଇ ଭଉଣୀମାନେ ହସିହସି ଗଡ଼ିଯାଆନ୍ତି । ମୋର ମାଷ୍ଟ୍ରଗିରି ସେକାଳରୁ ଆରମ୍ଭ ହେଇଯାଇଥିଲା । ମୋ ଆଈ ବାଧ୍ୟ ଛାତ୍ରୀଟି ପରି ପାଠ ପଢ଼େ । ପାଠପଢ଼ା ବଦଳରେ କ'ଣ ସବୁ ଦିଏ । କେବଳ ଖୋଟ କଥା ମୋର ମନ ଅଛି । ଅନ୍ୟସବୁ ଭୁଲିଯାଇଛି ।

ତୃତୀୟଟି ଭାରି ମଜା କଥା । ଆମ ଘରେ ଗୋଟିଏ 'ବୃକ୍ଷଲତା' ନାମକ ବହିଥିଲା । ତାକୁ ମୁଁ ଅନେକ ଥର ପଢ଼ିଥିଲି । ଆମ ଗାଁରେ ମିଳୁଥିବା ପତ୍ର, ଲତା, ଛେଲି ଚେର ସଂଗ୍ରହ କରୁଥିଲି । ବୃକ୍ଷଲତା ବହିରେ ଦିଆ ଯାଇଥିବା ପ୍ରଣାଳୀ ଅନୁସାରେ ଔଷଧ ତିଆରି କରୁଥିଲି । ମୋର ସାଙ୍ଗ ଏବଂ ଅନ୍ୟମାନଙ୍କୁ ଦେଉଥିଲି । ଆମ ଘରେ ସବୁବେଳେ ପଞ୍ଚଗୁଣା, କୁଇଟାଟନ୍ ମଲମ ଥାଏ । ଲୋକମାନେ ସେଥିପାଇଁ ଆସନ୍ତି । ସେମାନଙ୍କୁ ଔଷଧ ଦେବାକୁ ମତେ ଭାରି ଭଲ ଲାଗେ ।

ମୋର ଅନ୍ୟ କାମଟି ଥିଲା ଚିତ୍ର କରିବା । ମୋ ଦେହି ସେତେ ଭଲ ଚିତ୍ର ହେଉ ନଥିଲେ ବି ମନ୍ଦ ହେଉ ନଥିଲା ।

ଏହିପରି ସବୁ କାମରେ ମୁଁ ଅଧିକ ମନ ଦେଉଥିଲି । ବୋଉ ବ୍ୟସ୍ତ ହଉଥିଲା ମୁଁ ପଢୁନି ବୋଲି । ହେଲେ ସବୁ ପରୀକ୍ଷାରେ ଫାଷ୍ଟ ହଉଥିଲି ।

ପିଲା ଦିନର ସବୁଠାରୁ ସ୍ମରଣୀୟ ଅନୁଭୂତି ହେଲା - ମୋର ମାମୁ ଘର । ମୋ ମାମୁ ଘର ଇଚ୍ଛାପୁର । ଆମ ଘର ପାଖରୁ ୨ କି.ମି ଦୂରରେ । ଇଚ୍ଛାପୁରରେ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର । ପ୍ରତିବର୍ଷ ରଥଯାତ୍ରାରେ ବୋଉ ଓ ମୁଁ ମାମୁ ଘରକୁ ଚାଲିଆସୁ । ମୋର ୫ ମାଉସୀ ଓ ୫ ମାମୁଁ । ୨ ବଡ଼ ମାମୁଙ୍କୁ ଛାଡ଼ିଦେଲେ ସମସ୍ତେ ମୋ ସାଙ୍ଗ ପରି । ସେଠି ୯/୧୦ ଦିନ ଖୁବ୍ ଜମେ । ମୁଁ ସ୍କୁଲ ଓ ପାଠକୁ ଭୁଲିଯାଏ । ଖାଲି ଖେଳିବା ବୁଲିବା ମଜା କରିବା । ସେତେବେଳେ ରଥଯାତ୍ରା ସମୟରେ ବହୁତ ଖେଳ ଓ ଦୋକାନ ବଜାର ଆସୁଥିଲା । ଭାରି ମଜା ଲାଗୁଥିଲା । ଠାକୁରଙ୍କ ପାଖରେ ଗୋଟିଏ ଚିତ୍ରକର ପଡ଼ା ଥିଲା । ସେମାନେ ଠାକୁରଙ୍କୁ ଓ ମନ୍ଦିର ଗାତ୍ରକୁ ଚିତ୍ର କରୁଥିଲେ । ଅନ୍ୟାନ୍ୟ ମୂର୍ତ୍ତି କରି ବିକ୍ରି କରୁଥିଲେ । ମୋର ସେଠାରେ ଅଧିକାଂଶ ସମୟ କଟୁଥିଲା । ମାଟି ଚକଟା, ଛାଞ୍ଚରେ ମୂର୍ତ୍ତି ଉତାରିବା, କପଡ଼ା ପକାଇବା, ଖଡ଼ି ଦେବା, ରଙ୍ଗ ଦେବା, ବାର୍ଣ୍ଣିଶ୍ ଦେବା ସବୁ

Digitized by srujanika@gmail.com

ମନଦେଇ ଦେଖୁଥିଲି । ଭାରି ଭଲ ଲାଗୁଥିଲା । ଦେଉଳ ଭିତରର ଲୋକ ଗହଳି ଓ ପଣ୍ଡାଙ୍କ ବ୍ୟବହାର ମତେ ଆଦୌ ଭଲ ଲାଗୁ ନଥିଲା ।

ରଥଯାତ୍ରା ଭିନ୍ନ ବର୍ଷସାରା ବିଭିନ୍ନ ଯାନିଯାତ୍ରା ଲାଗିରହିଥିଲା । ମୋ ମାମୁ ମତେ ନେଇ ଆସୁଥିଲେ । ମୁଁ ମୋ ମାମୁ ଓ ମାଉସୀମାନଙ୍କ ସହିତ ମିଶି ମଜା କରୁଥିଲି ।

ମୋ ମାମୁ ଘରେ ରହିବା ଭିତରେ ମୋର ଗୋଟିଏ ବଡ଼ ଲାଭ ହୋଇଥିଲା । ଇଛାପୁରକୁ ବହୁ ସଂଖ୍ୟକ ସାଧୁ ସନ୍ନ୍ୟାସୀ ଆସୁଥିଲେ । ଗାଁରେ ବୁଲୁଥିବା ଭିକମଗା ବାବାଜୀଙ୍କ ଠାରୁ ସେମାନେ ଭିନ୍ନ ଥିଲେ । ଆମେ ଚନ୍ଦନପୋଖରୀରୁ ଗାଧୋଇ ସାରି ଫେରିବା ବାଟରେ ଭେଟୁଥିବା ସନ୍ନ୍ୟାସୀମାନଙ୍କୁ ମୁଣ୍ଡ ଲଗେଇ ପ୍ରଣାମ କରୁଥିଲୁ । ଆମ ସମାଜରେ ଥିବା ଏକ ନୂଆ ଜୀବନକୁ ମୁଁ ସେଇଠି ଭେଟିଥିଲି । ପରବର୍ତ୍ତୀ ସମୟରେ ସେମାନଙ୍କ ପ୍ରତି ମୋର ଆଗ୍ରହ ବହୁଗୁଣିତ ହୋଇଥିଲା । ହେଲେ କେତେକଙ୍କ ଭିତରେ ଥିବା ପ୍ରବଞ୍ଚନାକୁ ମୁଁ ଆଦୌ ସହ୍ୟ କରିପାରୁନଥିଲି ।

ସୌଭାଗ୍ୟବଶତଃ ମାମୁ ଘର ପାଖ ଉ.ପ୍ରା. ସ୍କୁଲରେ ମୁଁ ନାମ ଲେଖାଇଲି । ତେଣୁ ମାମୁ ଘର ସହିତ ମୋର ସମ୍ପର୍କ ଆହୁରି ଦୃଢ଼ ହୋଇଗଲା । ମୁଁ ସେ ସ୍କୁଲର ପ୍ରଧାନମନ୍ତ୍ରୀ ଭାବରେ ନିର୍ବାଚିତ ହୋଇଥିଲି । ସ୍କୁଲର ସମସ୍ତ ପୁଅ ଝିଅ ଓ ଶିକ୍ଷକମାନେ ମୋତେ ଭାରି ଶ୍ରଦ୍ଧା କରୁଥିଲେ ।

ସେହି ସମୟରେ ମୋ ଭିତରେ ସାହିତ୍ୟ ରୁଚି ଅଙ୍କୁରିତ ହୋଇଥିଲା । ବିଶେଷ ଭାବ଼ରେ ସାହିତ୍ୟ ବହିରେ ଥିବା ପ୍ରକୃତି ବର୍ଣ୍ଣନା ମୂଳକ ପଦ୍ୟ ବା କବିତା ମୋ ମନକୁ ବେଶ୍ ଛୁଇଁପାରିଥିଲା । ପ୍ରକୃତି ବର୍ଣ୍ଣନାରେ ମୁଁ ଆନମନା ହୋଇ ପଢୁଥିଲି ।

ଅଜାଣତରେ ଲେଖାଲେଖି ଆରମ୍ଭ କରିଦେଇଥିଲି । ଛୁଟିଦିନମାନଙ୍କରେ ବିଶେଷତଃ ଖରାଛୁଟିରେ ଆମେ ସବୁ ଖଳାବାଡ଼ିରେ ଯାତରା କରୁ । ଏମିତି ଆଡୁସାଡୁ ସଂଳାପ କହି କୁଦାକୁଦି କରୁ । ମୋ ମନକୁ କାହିଁକି ଜୁଟିଲା ମୁଁ କେତୋଟି ଐତିହାସିକ କାହାଣୀକୁ ଛୋଟ ଛୋଟ ନାଟକର ରୂପ ଦେଲି । ସେଇ ସବୁ ନାଟକକୁ ଆମେ ଅଭିନୀତ କଲୁ । ଏଥି ସହିତ କେତୋଟି ପାଲା ବି ଲେଖିଥିଲି । ସେସବୁ ଥିଲା ପିଲା ଖେଳ । ହେଲେ ମୋ ଭିତରେ କିଏ ଏସବୁ ଲେଖେଇଲା ?

ଆମଘରେ ଗୋଟିଏ ଛୋଟ ଦସ୍ତା ବାକ୍ସ ଥିଲା । ଆଗରୁ କହିଛି ମୋ ବୋଉ କେତୋଟି ବହି ସାଇତି ରଖିଥିଲା । ସେସବୁ ବହି ସେ ପଢ଼େ ଓ ଚର୍ଚ୍ଚା କରେ । ମୁଁ ତାର ବଡ଼ ବହିମାନଙ୍କୁ ନନେଇ ଘରେ ଥିବା ଛୋଟ ଛୋଟ ବହି ନେଇ ସେଇ ବାକ୍ସ ଭିତରେ ରଖିଲି । ଆଉ ସବୁ ପଢା ବହି ଯୋଗାଡ଼ କରି ଗୋଟିଏ ଲାଇବ୍ରେରୀ କଲି । ଭିନ୍ନ ଭିନ୍ନ ବହି ପଢ଼ିଲି ଓ ଅନ୍ୟମାନଙ୍କୁ ପଢ଼ିବାକୁ ଦେଲି ।

Digitized by srujanika@gmail.com

ସେତେବେଳେ ଆମ ଗାଁର ଭଜମାମୁ ମଧୁସାଗର ବିଦ୍ୟାପୀଠରେ ପଢୁଥାନ୍ତି । ମଧୁସାଗର ବିଦ୍ୟାପୀଠ ଥିଲା ସମସ୍ତଙ୍କ ପାଇଁ ଏକ ଆଦର୍ଶ ବିଦ୍ୟାଳୟ । ସେ ଥରେ ଗାଁକୁ ଆସିଥାନ୍ତି ଓ ସଙ୍ଗରେ ଏକ ହାତଲେଖା ପତ୍ରିକା ଆଣିଥାନ୍ତି । ସେହି ପତ୍ରିକାଟିକୁ ଦେଖି ମୋର ଭାରି ଲୋଭ ହେଲା । ମୁଁ ଘରେ ଗୋଟିଏ ଖାତା କରି ସେଥିରେ ଗପ ଗୀତ ଲେଖିବାକୁ ଲାଗିଲି । ପ୍ରଚ୍ଛଦ ପଟ୍ଟ ଓ ଭିତରେ ବିଭିନ୍ନ ଚିତ୍ର ମଧ୍ୟ ଆଙ୍କିଲି । ତାକୁ ମୋ ସାଙ୍ଗମାନେ ଦେଖି ବେଶ୍ ପସନ୍ଦ କଲେ । କ୍ରମେ କ୍ରମେ ଲେଖାଲେଖି କରିବାର ଏକ ଆଗ୍ରହ ମୋ ଭିତରେ ପ୍ରବେଶ କରିଗଲା ।

ମୁଁ ଇଚ୍ଛାପୁର ଉ.ପ୍ରା. ସ୍କୁଲରୁ ୫ମ ପାଶ୍ କଲା ପରେ କେନ୍ଦ୍ରାପଡ଼ା ସହରର ବଳଦେବଜୀଉ ମି.ଇ. ସ୍କୁଲରେ ନାମ ଲେଖାଇଲି । ସେତେବେଳେ ଇଚ୍ଛାପୁରର ଗୋଟିଏ ବଡ଼ ପାଠାଗାରରେ ସଦସ୍ୟ ହୋଇ ବହି ନେଇ ପଢ଼ିବାକୁ ଲାଗିଲି । ବଡ଼ ଉପକାର ହେଲା ଯେ ସାହିତ୍ୟର ବିଶାଳତା ଓ ପ୍ରକାର ଭେଦ ସମ୍ପର୍କରେ ଧାରଣା ହେଲା । ସାହିତ୍ୟ ପଢ଼ିବା ମୋର ଗୋଟିଏ ନିଶା ହେଇଗଲା । ଆମ ସ୍କୁଲର ସେକେଣ୍ଡ ପଣ୍ଡିତେ ଆମକୁ ସାହିତ୍ୟ ଓ ଜ୍ୟାମିତି ପଢ଼ଉଥିଲେ । ତାଙ୍କ ପାଠପଢ଼ା ମୁଁ ଆଉ ମୋ ଜୀବନରେ ଦେଖିନି । ସେ ସାହିତ୍ୟକୁ ବିଶେଷ ଭାବରେ କବିତାକୁ ଏତେ ରସମୟ କରି ପଢ଼ାନ୍ତି ଯେ କବିତାର କଳ୍ପନା ମନରେ ଜୀବନ୍ତ ହୋଇଉଠେ । ମୁଁ ତାଙ୍କୁ ଏବେ ବି ମୋ ହୃଦୟ ଭିତରେ ପୂଜା କରୁଛି । ଶ୍ରୀଯୁକ୍ତ ନୀଳମଣି ଜେନା ଥିଲେ ସେକେଣ୍ଡ ମାଷ୍ଟ୍ରେ । ଜଣେ ବିରଳ ଜ୍ଞାନୀ ଶିକ୍ଷକ । ସେ ମଧ୍ୟ ଥିଲେ ଜଣେ ଶିଶୁ ସାହିତ୍ୟିକ । ଲେଖା ସମ୍ପର୍କରେ ବେଳେ ବେଳେ ଆଲୋଚନା କରୁଥିଲେ । ଅପରନ୍ତି ପଣ୍ଡିତେ ଥିଲେ ଜଣେ ଆଦର୍ଶ ମଣିଷ ଓ ପ୍ରଚଣ୍ଡ ଜ୍ଞାନୀ । ଏପରିକି ଆଧୁନିକ ସାହିତ୍ୟରେ ମଧ୍ୟ ତାଙ୍କର ବ୍ୟୁତ୍ପତ୍ତି ଥିଲା । ଏହିପରି ବିରାଟ ବିରାଟ ବ୍ୟକ୍ତିତ୍ୱଙ୍କୁ ମୁଁ ଅନେଇପାରେ ନାହିଁ ।

ପାଠପଢ଼ାର ବ୍ୟସ୍ତତା ଭିତରେ ମୁଁ ସାହିତ୍ୟ ସୃଷ୍ଟି ପ୍ରତି ଧ୍ୟାନ ଦେଇପାରିଲି ନାହିଁ । ଏମିତି ଏମିତି ମାଇନର ସରିଗଲା । ହେଲେ ଆଗ୍ରହ ଓ ବ୍ୟାକୁଳତା ବଢ଼ି ଚାଲିଲା । ୭ମ ପରୀକ୍ଷା ପର ଖରାଦିନ ଛୁଟିରେ ଆମ ଗାଁରେ ପ୍ରଥମ ଥର ପାଇଁ ମଞ୍ଚନାଟକ ଆୟୋଜନ ହେଲା । ମୁଁ ସେଥିରେ ମନ ପ୍ରାଣ ଢାଳିଦେଲି । ସେହି ନାଟକଟି ଥିଲା 'ଡାକବଙ୍ଗଳା' । ଏହି ନାଟକର ରାଜନୈତିକ ବ୍ୟଙ୍ଗ ମତେ ଭାରି ଭଲ ଲାଗିଲା । ସେଥିରେ ଗୋଟିଏ ଦାସକାଠିଆ ପାଲା ସଂଯୋଜିତ ହୋଇଥାଏ । ମୁଁ ସେ ପାଲାର ଗାଆଣ ହୋଇଥିଲି । ସେତେବେଳେ ନାଟକ ଆରମ୍ଭରେ ଗୋଟିଏ ନୃତ୍ୟନାଟିକା ମଧ୍ୟ ହେଉଥିଲା । ସେଥିରେ ବି ଅଂଶଗ୍ରହଣ କରିଥିଲି । ଏହା ବାଦ୍ ଗୋଟିଏ ଛୋଟ ଭୂମିକାରେ ଅଭିନୟ କରିଥିଲି । ଦର୍ଶକମାନେ ମୋର ଅଭିନୟକୁ ଖୁବ୍ ପସନ୍ଦ କଲେ । ନାଟକରେ ଅଭିନୟ କରିବା ଓ ପରବର୍ତ୍ତୀ ସମୟରେ ନିର୍ଦ୍ଦେଶନା ଦେବା ମୋ ଜୀବନର ଏକ ବିଶେଷ ଅଂଶ ହୋଇଗଲା ।

Digitized by srujanika@gmail.com

ମାଇନର୍ ସ୍କୁଲ ଅପେକ୍ଷା ହାଇସ୍କୁଲରେ ପାଠ ସହଜ ଲାଗିଲା । ଗଣିତ ମୋର ସବୁଠାରୁ ପ୍ରିୟ ବିଷୟ ଥିଲା । ସେତେବେଳେ ଯାହାର ଅଙ୍କ ଭଲ ହେଉଥିଲା ତାକୁ ମେଧାବୀ ଛାତ୍ର ଭାବରେ ଗ୍ରହଣ କରାଯାଉଥିଲା । ମୋର ଅସୁବିଧା ଥିଲା ଇଂରାଜୀରେ । ମାଇନ୍‌ର ସ୍କୁଲରେ ଇଂରାଜୀ ମୋର ବହୁତ ଭଲ ହେଉଥିଲା । ହାଇସ୍କୁଲରେ ଇଂରାଜୀ ଶବ୍ଦଜ୍ଞାନ କମ୍ ଥିବାର ଅନୁଭବ କଲି । ହାଇସ୍କୁଲରେ ଅଧିକ ସାହିତ୍ୟ ବହି ପଢ଼ିବାର ଓ ଲେଖାଲେଖି କରିବାର ସ୍ୱାଧୀନତା ଓ ସୁଯୋଗ ଥିଲା । ମୁଁ ଲେଖାଲେଖି କରେ ବୋଲି ଆମ ସ୍କୁଲରେ ସମସ୍ତେ ଜାଣିଥିଲେ ।

ଆମର ଓଡ଼ିଆ ପଢ଼ାଉଥିଲେ ଜଣେ ମୁସଲମାନ ସାର୍ । ତାଙ୍କୁ ପିଲାମାନେ ମିଆଁସାର୍ ବୋଲି କହୁଥିଲେ । ତାଙ୍କ ହାତରେ ଚିତାକୁଟା ହୋଇଥିଲା ସୁଦର୍ଶନ ପଣ୍ଡା । ସେ ପୁରୀର ବ୍ରାହ୍ମଣ ଥିଲେ । ମୁସଲମାନ ଝିଅଟିକୁ ବିବାହ କରି ଧର୍ମାନ୍ତରିତ ହୋଇଥିଲେ । ସେ ହିନ୍ଦୀ ଶିକ୍ଷକ ଭାବରେ ନିଯୁକ୍ତି ପାଇଥିଲେ । ହେଲେ ଓଡ଼ିଆ ମଧ୍ୟ ପଢ଼ାଉଥିଲେ । ସାର୍ ମୋଠାରୁ ମୋ ସାହିତ୍ୟଲେଖା ଖାତା ମାଗିନେଲେ ଏବଂ ଦେଖିବା ପାଇଁ ହେଡ୍‌ମାଷ୍ଟର୍‌ଙ୍କୁ ଦେଇଦେଲେ । ହେଡମାଷ୍ଟ୍ରେ ପଢ଼ିଲେ ଏବଂ ପ୍ରୋତ୍ସାହନର ସହିତ ଫେରାଇଦେଲେ । ପ୍ରଥମ ଥର ପାଇଁ ମୋର ଗପଟିଏ ଆମ ସ୍କୁଲ ପତ୍ରିକାରେ ପ୍ରକାଶ ପାଇଲା । ଆଉ ଗୋଟିଏ କବିତା ଅନ୍ୟ ଜଣକ ନାଁରେ ବାହାରିଥିଲା ।

ନବମ ଶ୍ରେଣୀ ବେଳକୁ ନେତୃତ୍ୱ ନେବାର ଦକ୍ଷତା ମୋର ଆସି ଯାଇଥିଲା । ସେତେବେଳେ ସ୍କୁଲମାନଙ୍କରେ ବାର୍ଷିକ ଉତ୍ସବ ହେଉ ନଥାଏ । ତେଣୁ ନାଟକ ମଞ୍ଚସ୍ଥ କରିବାର ପରମ୍ପରା ନଥାଏ । ଆମେ କେତେଜଣ ନାଟ୍ୟପ୍ରେମୀ ପିଲାମିଶି ନିଷ୍ପତ୍ତି ନେଲୁ ଯେ ଏବର୍ଷ ଆମେ ଗୋଟିଏ ନାଟକ କରିବୁ । ସବୁ ପିଲା ଚାନ୍ଦା ଦେବାପାଇଁ ରାଜି ହୋଇଗଲେ । ଯଥା ସମୟରେ ପ୍ରଧାନ ଶିକ୍ଷକ ଓ ଶିକ୍ଷକମାନଙ୍କୁ ଏକଥା ଜଣାଇଲୁ । ସେମାନେ ପ୍ରଥମେ ରାଜି ହେଲେ ନାହିଁ । କିନ୍ତୁ ଆମେ ଆମ ନିଷ୍ପତ୍ତିରେ ଦୃଢ଼ ରହିଲୁ ଓ ନାଟକ ବଛାବଛି ଆରମ୍ଭ କରିଦେଲୁ । ଆମମାନଙ୍କ ଜିଦ୍ ଦେଖି ସାରମାନେ ଆମକୁ ସହଯୋଗ କରିବା ପାଇଁ ଆଗେଇ ଆସିଲେ । ଅତ୍ୟନ୍ତ ସଫଳତାର ସହିତ ନାଟକଟି ମଞ୍ଚସ୍ଥ ହୋଇଥିଲା । କେନ୍ଦ୍ରାପଡ଼ାର ଦର୍ଶକମାନେ ପୁରସ୍କାର ଓଜାଡ଼ି ପକେଇଲେ । ମୁଁ ମୋର ପୁରସ୍କାର ରାଶିକୁ ଦେଶରକ୍ଷା ପାଣ୍ଠିକୁ ଦାନ କରିଦେଇଥିଲି । ତାପର ବର୍ଷ ଅର୍ଥାତ୍ ମୋର ଦଶମ ଶ୍ରେଣୀ ବର୍ଷ ମଧ୍ୟ ଆଉ ଗୋଟିଏ ନାଟକ ମଞ୍ଚସ୍ଥ କରିଥିଲୁ । ଏକାଦଶ ଶ୍ରେଣୀ ବର୍ଷ ନାଟକ କରିବା ଆମ ପକ୍ଷେ ସମ୍ଭବ ନଥିଲା । ଏହା ପରେ ଆଉ ନାଟକ ମଞ୍ଚସ୍ଥ ହେବା ସ୍କୁଲ ଭାଗ୍ୟରେ ଜୁଟିନି ।

Digitized by srujanika@gmail.com

ମୁଁ ହାଇସ୍କୁଲକୁ ଆସିବା ପୂର୍ବରୁ ବହୁବାର ଗୀତା ପଢ଼ିଥିଲି । ଆମଘରେ ସବୁଦିନେ ସଂଧ୍ୟା ସମୟରେ ଗୀତା ପଢ଼େ । ଗୀତାର ଗଭୀର ତତ୍ତ୍ୱ ବୁଝି ନ ପାରିଲେ ବି ମୁଁ ଏତିକି ବୁଝିଥାଏ ଯେ ଈଶ୍ୱର ଏକ । ତେଣୁ ଅନ୍ୟ ଦେବଦେବୀଙ୍କୁ ପ୍ରଣାମ କରିବା ବନ୍ଦ କରି ଦେଇଥାଏ । ଏକରୁ ଅଧିକ ନୁହେଁ କି ଏକରୁ କମ୍ ନୁହେଁ – ଏକମାତ୍ର ଈଶ୍ୱର ହିଁ ସତ୍ୟ । ଏହି କଥା ମୋର ଖାତା ବହି ସବୁଥିରେ ଲେଖିଦିଏ । ସେତେବେଳେ କେବଳ ଆମ ଅଞ୍ଚଳ କାହିଁକି ସମଗ୍ର ଓଡ଼ିଶାରେ ନାମାଚାର୍ଯ୍ୟ ବାୟାବାବା ପ୍ରସିଦ୍ଧ ଥାନ୍ତି । ମୁଁ ତାଙ୍କ ପ୍ରତିଷ୍ଠିତ ନୃସିଂହ ଟିକିରି ମଠକୁ ଯାଏ । ସେଠି ଥିବା ମୟୂର ଓ ସନ୍ଥମାନଙ୍କ ପଥର ମୂର୍ତ୍ତିକୁ ଦେଖେ । ହେଲେ ବାୟାବାବାଙ୍କ ପାଖକୁ ଯିବାକୁ କି ପ୍ରଣାମ କରିବାକୁ ଭଲ ଲାଗେନା । ତାର କାରଣ ହେଲା - ବାବା ପାନଖାଇ ପାନଖଦଡ଼ା ଗୋଟିଏ ଜାଗାରେ ପକାନ୍ତି । ତାକୁ ତାଙ୍କର ଭକ୍ତମାନେ ସେବନ କରନ୍ତି । ମୁଁ ଏହାକୁ ଘୃଣା କରେ ।

୭ମ, ୯ମ, ୧୦ମ ଓ ୧୧ଶ ଶ୍ରେଣୀରେ ମୁଁ ହଷ୍ଟେଲରେ ରହି ପଢୁଥିଲି । ହଷ୍ଟେଲ ଜୀବନ ମୋର ଅଭ୍ୟାସରେ ପରିଣତ ହୋଇ ଯାଇଥିଲା । କେନ୍ଦ୍ରାପଡ଼ା ସହରରେ ଉଭୟ ହିନ୍ଦୁ ଓ ମୁସଲମାନ ବସବାସ କରନ୍ତି । ସେମାନେ ମିଳିମିଶି ଶାନ୍ତିରେ ଚଳୁଥିଲେ । ସମୟକ୍ରମେ ସାମ୍ପ୍ରଦାୟିକତାବାଦ ମୁଣ୍ଡ ଟେକିଲା । କେନ୍ଦ୍ରାପଡ଼ାରେ ସେତେବେଳେ ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘ ଖୁବ୍ ଜୋରରେ ସଙ୍ଗଠିତ ହେଉଥାଏ । ଆମ ସ୍କୁଲରେ ମଧ୍ୟ ସେମାନେ ସକ୍ରିୟ ଥାନ୍ତି । ସେମାନଙ୍କ ସହିତ ମୋର ଭଲ ସମ୍ପର୍କ ଥାଏ ହେଲେ ମୁଁ ସେହି ମତାଦର୍ଶ ପ୍ରତି ଆକୃଷ୍ଟ ହୋଇପାରିଲି ନାହିଁ କି ସେହି ସଙ୍ଗଠନରେ ଯୋଗ ଦେଇପାରିଲି ନାହିଁ । ଆମେ ହଷ୍ଟେଲରେ ଥିବା ବେଳେ ଥରେ ଦଙ୍ଗା ଲାଗିଗଲା । ଆମ ପାଖରେ ମୁସଲମାନ ବସ୍ତି । ଭୟରେ ଆମେ ପିଲାମାନେ ଥରିଥରି ରାତିଟି କଟେଇଦେଲୁ । ଶୋଇପାରିଲୁ ନାହିଁ । ଦଙ୍ଗା ଯେ କେତେ ବିଭତ୍ସ ହୋଇପାରେ ତାହା ଅଙ୍ଗନିଭା କଥା । ସେହି ଦିନରୁ ସାମ୍ପ୍ରଦାୟିକତା ପ୍ରତି ଏକ ପ୍ରକାର ବିରୋଧ ଭାବ ମୋ ଭିତରେ ସୃଷ୍ଟି ହୋଇଗଲା ।

ମୋର ଏବେ ବି ମନେଅଛି ଥରେ ଆଚାର୍ଯ୍ୟ ହରିହର ଆମ ସ୍କୁଲକୁ ଆସିଥିଲେ । ସଭା ହେଲା । ଆଚାର୍ଯ୍ୟ ମହାଶୟ ଭାଷଣ ଦେଲେ । ସେ କଣ କହିଲେ ମୋର ମନେ ନାହିଁ କିନ୍ତୁ ତାଙ୍କର ଋଷିପ୍ରତିମ ବ୍ୟକ୍ତିତ୍ୱ ଏବେ ବି ମୋ ମନ ଭିତରେ ଜୀବିତ ରହିଛି । ଯେମିତି ଏହିପରି ଜଣେ ସନ୍ଥଙ୍କୁ ମୋ ପ୍ରାଣ ଅପେକ୍ଷା କରି ରହିଥିଲି । ତାଙ୍କ ମାଧ୍ୟମରେ ମୁଁ ପଞ୍ଚସଖାଙ୍କ ତ୍ୟାଗ ଓ ଆଦର୍ଶର ସାନିଧ୍ୟ ଲାଭ କରିପାରିଲି ।

ସେହି ସମୟରେ ଭାରତବର୍ଷର ରାଜନୀତିରେ ବହୁ ଆଲୋଡ଼ନ ସୃଷ୍ଟି ହୋଇଥିଲା । ପଣ୍ଡିତ ନେହେରୁ ପରଲୋକ ଗମନ କଲେ । ତାଙ୍କ ପରେ ପ୍ରଧାନମନ୍ତ୍ରୀ ହେଲେ ଲାଲ୍ ବାହାଦୁର ଶାସ୍ତ୍ରୀ । ତାଙ୍କ ନେତୃତ୍ୱ ଉପରେ ଦେଶବାସୀ ନିର୍ଭର କଲା ବେଳକୁ

Digitized by srujanika@gmail.com

ଭାରତ ପାକିସ୍ତାନ ଯୁଦ୍ଧ ଲାଗିଗଲା । ସେହିସମୟରେ ଶାସ୍ତ୍ରୀଜୀ ଦେଶବାସୀଙ୍କୁ ଗୋଟିଏ ଓଳି ଖାଇବା ବନ୍ଦ କରିବାକୁ ଆହ୍ୱାନ ଦେଇଥିଲେ । ତାହା ରବିବାର କି ସୋମବାର ରାତି । ମୋର ଠିକ୍ ମନେ ନାହିଁ କିନ୍ତୁ ମୁଁ ଏହାକୁ ଅକ୍ଷରେ ଅକ୍ଷରେ ପାଳନ କରୁଥିଲି । ଦୁର୍ଭାଗ୍ୟବଶତଃ ଭାରତ ପାକିସ୍ତାନ ମଧ୍ୟରେ କଥାବାର୍ତ୍ତା ଚାଲୁଥିବାବେଳେ ତାସ୍‌କେଣ୍ଟ ନଗରରେ ଶାସ୍ତ୍ରୀଜୀ ପ୍ରାଣତ୍ୟାଗ କଲେ । ପ୍ରଧାନମନ୍ତ୍ରୀ ହେଲେ ଇନ୍ଦିରା ଗାନ୍ଧୀ । ବହୁଘାତ ପ୍ରତିଘାତ ମଧ୍ୟରେ ତାଙ୍କୁ ଆଗେଇବାକୁ ପଡ଼ିଲା ।

କେନ୍ଦ୍ରାପଡ଼ାର ରାଜନୀତି ମୁଖ୍ୟତଃ କଂଗ୍ରେସ ବିରୋଧୀ ଥିଲା । ପ୍ରଜା ସୋସାଲିଷ୍ଟ ପାର୍ଟିର ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ଦୃଢ଼ ସଙ୍ଗଠନ କେନ୍ଦ୍ରାପଡ଼ାକୁ ଆଚ୍ଛନ୍ନ କରି ରଖିଥିଲା । ଆମେମାନେ ସେହି ଦୃଷ୍ଟିରୁ କଂଗ୍ରେସ ବିରୋଧୀ ଥିଲୁ ଓ ମୂଳରୁ ସମାଜବାଦୀ ମତାଦର୍ଶ ଆଡ଼କୁ ଢଳି ଯାଇଥିଲୁ । ସେତେବେଳେ ପିଏସ୍‌ପିର ସମସ୍ତ ସାଧାରଣ ସଭା ଓ ଶୋଭାଯାତ୍ରାରେ ଯୋଗ ଦେଉଥିଲୁ । ଭାଷଣ ଶୁଣୁଥିଲୁ । ଦେଶର ରାଜନୀତି ସମ୍ପର୍କରେ କିଛି କିଛି ଶିଖୁଥିଲୁ ।

ଆମର ଟେଲସ୍ ଫ୍ରମ୍ ଟାଗୋର ନାମକ ଏକ ଗଳ୍ପ ସଙ୍କଳନ ପଢ଼ା ହଉଥାଏ । ସେଥିରେ ଥିବା ଗଳ୍ପଗୁଡ଼ିକ ମୋତେ ଭାରି ଭଲ ଲାଗୁଥାଏ । ମୁଁ ସେଥିରୁ ଦୁଇଟି ଗଳ୍ପ ଓଡ଼ିଆରେ ଅନୁବାଦ କରି ପକାଇଲି । ପଢ଼ିବାର ଝୁଙ୍କ ଥିବାରୁ ମୁଁ ଆସନ୍ତାକାଲି ଓ ସଂସାର ପତ୍ରିକା ଦୁଇଟି ପ୍ରତି ମାସରେ କିଣି ପଢୁଥିଲି । ଆସନ୍ତାକାଲିର କବିତା ବୁଝି ହଉ ନଥିଲା । ଅନ୍ୟ ସବୁ ଲେଖା ବେଶ ଭଲ ଲାଗୁଥିଲା । କ'ଣ ଭାବିଲି ମୋର ଅନୂଦିତ ଗପଟିଏ ଉତାରି ଆସନ୍ତାକାଲିକୁ ପଠାଇ ଦେଲି । ସେତେବେଳେ ମୋର ଦଶମ ଶ୍ରେଣୀ । ପଠାଇବାର ପର ମାସ ତାହା ପ୍ରକାଶିତ ହୋଇଗଲା । ମୁଁ ଆଶ୍ଚର୍ଯ୍ୟ ହେଇଗଲି । ଆସନ୍ତାକାଲି ଭଳି ପତ୍ରିକାରେ ମୋ ନାମ ଦେଖି ଅନ୍ୟମାନେ ବହୁତ ଖୁସିହେଲେ । ମତେ ବଧେଇ ଜଣେଇଲେ । ମୁଁ ପୁଣି ଆଉ ଗପଟି ବି ପଠେଇଦେଲି । ତାହା ବି ପର ମାସରେ ବାହାରିଗଲା । ଆସନ୍ତାକାଲିରେ ଲାଗଲାଗ ୨ ମାସ ମୋ ଲେଖା ବାହାରିଥିବାରୁ ମୋର ଆତ୍ମପ୍ରତ୍ୟୟ ବହୁତ ବଢ଼ିଗଲା । ହେଲେ ପାଠ ଏତେ ଭିଡ଼ ହେଇଯାଇଥାଏ ଯେ ମୁଁ ଆଉ ଲେଖାଲେଖି ପ୍ରତି ଧ୍ୟାନ ଦେଇପାରିଲି ନାହିଁ । ଏମିତି ଏମିତି ମାଟ୍ରିକୁଲେସନ୍ ପଢ଼ା ସରିଗଲା ।

ହଷ୍ଟେଲ ଛାଡ଼ି ଘରକୁ ଆସିଲି । ଘରେ ସବୁବେଳେ ସାଙ୍ଗମାନଙ୍କ କଥା ମନେପଡ଼ିଲା । ପ୍ରତିବର୍ଷ ଖରାଛୁଟିରେ ଆମେ ଗାଁରେ ଡ୍ରାମା କରୁ । ତେଣୁ ଡ୍ରାମାରେ ମାତିଗଲି । ଆମ ଗାଁରେ ଆମେ ଗୋଟିଏ ଯୁବକ ସଂଘ କରିଥାଉ । ତା ସହ ଥାଏ ପାଠାଗାର । ଏହି ସବୁ ସାଙ୍ଗଠନିକ କାର୍ଯ୍ୟ ମତେ ଖୁବ୍ ଭଲଲାଗେ । ଆମ ଗାଁ କଡ଼ ଦେଇ

Digitized by srujanika@gmail.com

ଏନ୍.ଏଚ୍ -୫(ଏ) ଯାଇଛି । ତାର ନିର୍ମାଣ ସମୟରେ ଆମେ ମାଟି ହାଣି, ମୁଣ୍ଡରେ ମୁଣ୍ଡେଇ ରାସ୍ତା ତିଆରି କରୁଥିଲୁ । ସେଥିରୁ ପାଇଥିବା ପଇସା ଯୁବକ ସଂଘ ଓ ପାଠାଗାର ପାଇଁ ଖର୍ଚ୍ଚ ହେଉଥିଲା । ସେହିପରି ମାଟି ହାଣି ଓ ବୋହି ଆମେ ଗୋଟିଏ ପୋଖରୀ ଖୋଳି ଦେଇଥିଲୁ ।

ପିଲାଦିନରୁ ମୋତେ ଗୋଷ୍ଠୀ ଜୀବନ ଭଲ ଲାଗୁଥିଲା । ମୁଁ ଗାଁରେ ଥିବା ସମୟରେ ଘରେ ଶୁଏନା ସ୍କୁଲଘରେ ଆମେ ସବୁ ସାଙ୍ଗମାନେ ଶୋଉ । କେତେକ ବୟସ୍କ ଲୋକ ମଧ୍ୟ ସେଠାରେ ଶୋଉଥିଲେ । ଅନେକ ଦିନ ଭୋଜି ହୁଏ । ଗାଁ ଜୀବନ ବାସ୍ତବରେ ଭାରି ମଜାଦାର । ମୋର ମନେ ଅଛି ଆମେ ଯୁବକ ସଂଘ ତରଫରୁ ସରସ୍ୱତୀ ପୂଜା କରୁ । ଆମ ଭିତରେ ଥିବା ଶିଳ୍ପୀମାନେ ମୂର୍ତ୍ତି ତିଆରି କରନ୍ତି ଓ ରଙ୍ଗ ଦିଅନ୍ତି । ପୂଜାପାଇଁ ଆମେ ବ୍ରାହ୍ମଣ ଡାକୁନା । ମୁଁ ପୂଜା କରେ ।

ମାଟ୍ରିକ୍ ପରୀକ୍ଷା ଫଳ ବାହାରିଲା ପରେ ମୁଁ ରେଭେନ୍ସା ଓ କେନ୍ଦ୍ରାପଡ଼ା କଲେଜରେ ଦରଖାସ୍ତ ପକାଇଲି । ପ୍ରଥମ ସିଲେକ୍‌ସନ୍‌ରେ ରେଭେନ୍‌ସାରେ ନାମଲେଖା ପାଇଁ ଚିଠି ଆସିଗଲା । ସବୁ ଦିଗରୁ ହିସାବ କରି ଦେଖିଲି ଯେ ରେଭେନ୍‌ସାରେ ପଢ଼ିବା ପାଇଁ ପଇସା ଯୋଗାଡ଼କରି ହେବ ନାହିଁ । ତେଣୁ ବିଜ୍ଞାନ ପଢ଼ିବାର ଆଶା ଛାଡ଼ିଦେଇ କେନ୍ଦ୍ରାପଡ଼ା କଲେଜରେ କଳା ପଢ଼ିବି ବୋଲି ସ୍ଥିର କଲି । ବାପାବୋଉଙ୍କର ମୋ ନିଷ୍ପତ୍ତି ଉପରେ କିଛି ଆପତ୍ତି ନଥାଏ । ସେମାନେ ପାଠପଢ଼ା କଥା ସମ୍ପୂର୍ଣ୍ଣ ଭାବରେ ମୋ ଉପରେ ଛାଡ଼ି ଦେଇଥାନ୍ତି । ଘରୁ ଯିବା ଆସିବା କରି ମୁଁ କେନ୍ଦ୍ରାପଡ଼ା କଲେଜରେ କଳା (ପି.ୟୁ.) ପଢ଼ିଲି । ଅବଶ୍ୟ ଗଣିତ ବିଷୟ ମୁଁ ନେଇଥିଲି କାରଣ ଗଣିତ ହିଁ ମୋତେ ସବୁଠାରୁ ଭଲ ଲାଗୁଥିଲା ।

ସେହିବର୍ଷ ମୋର ଆଧୁନିକ ସାହିତ୍ୟରେ ପ୍ରବେଶ ଘଟିଲା କହିଲେ ଚଳେ । ସେତେବେଳେକୁ କେନ୍ଦ୍ରାପଡ଼ାରେ ଶ୍ରାବଣୀ ସାହିତ୍ୟ ସଂସଦ କାର୍ଯ୍ୟ କରୁଥିଲା । ପ୍ରତି ରବିବାର ଅପରାହ୍ନରେ କବି ଅଧ୍ୟାପକ ବ୍ରହ୍ମାନନ୍ଦ ଦାସଙ୍କ ବାସଭବନରେ ଏକ ସାହିତ୍ୟ ପାଠଚକ୍ର ଅନୁଷ୍ଠିତ ହେଉଥିଲା । ଲେଖାଲେଖି କରୁଥିବା କେତେଜଣ ଛାତ୍ର ଏବଂ ଅଧ୍ୟାପକ ସେଥିରେ ଯୋଗ ଦେଉଥିଲେ । ନିଜନିଜର କବିତା ପାଠ କରୁଥିଲେ । ପ୍ରଥମ ଥର ପାଇଁ ମୁଁ ଗପଟିଏ ପଢ଼ିଥିଲି । ପଠିତ ଲେଖାମାନଙ୍କ ଉପରେ ଆଲୋଚନା କରାଯାଉଥିଲା । ଏହି ବୈଠକ ମୋତେ ଭାରି ଭଲ ଲାଗୁଥିଲା । ପ୍ରତି ରବିବାର ଅପରାହ୍ନକୁ ମୁଁ ଅପେକ୍ଷା କରି ରହୁଥିଲି ।

୧୯୬୭ ଦଶହରା ଛୁଟିରେ କେନ୍ଦ୍ରାପଡ଼ାରେ ଏକ ପ୍ରଳୟଙ୍କରୀ ବାତ୍ୟା ବହିଥିଲା । ସେଥିରେ ବହୁ ଧନଜୀବନ ନଷ୍ଟ ହୋଇ ଯାଇଥିଲା । ଆମର ବି ବହୁତ କ୍ଷୟକ୍ଷତି ହୋଇଥିଲା । ତଥାପି ବି ମୁଁ ଗୋଟିଏ ରିଲିଫ୍ ଟିମ୍‌ରେ ମହାକାଳପଡ଼ା ଅଞ୍ଚଳକୁ ଯାଇଥିଲି ।

Digitized by srujanika@gmail.com

ଆମେ ପ୍ରାୟ ୧୦ ଦିନ ସେଠାରେ ରହିଲୁ । ସକାଳୁ ସଞ୍ଜଯାଏ କଠିନ ପରିଶ୍ରମ କରିବାକୁ ହେଉଥିଲା । ଖାଇବାପିଇବାରେ ଠିକ୍ ନଥିଲା । ସବୁଆଡ଼େ କୁଢ଼କୁଢ଼ ମଲା ଗୋରୁ ପଡ଼ିଥିଲେ । ଦୁର୍ଗନ୍ଧରେ ନାକ ଫାଟିଯାଉଥିଲା । ଗାତ ଖୋଳି ସେହି ଶବମାନଙ୍କୁ ପୋତିବା ଥିଲା ଆମର ପ୍ରଧାନ କାର୍ଯ୍ୟ । ଆମେ ଲୋକଙ୍କ ମଧ୍ୟରେ ଚୂଡ଼ା ଚାଉଳ ବାଣ୍ଟୁଥିଲୁ । ଭଙ୍ଗା ଘର ସବୁ ସଜାଡୁଥିଲୁ । ଅକ୍ଳାନ୍ତ ପରିଶ୍ରମ ପରେ ମଧ୍ୟ କ୍ଳାନ୍ତ ଲାଗୁ ନଥିଲା । ଭାରି ଭଲ ଲାଗୁଥିଲା ସେହିସବୁ କାର୍ଯ୍ୟ । ମୋର ଏପର୍ଯ୍ୟନ୍ତ ସେସବୁ କଥା ମନେଅଛି ।

ଜଣେ ବୟସ୍କ ବ୍ୟକ୍ତି ସକାଳେ ଓ ସଞ୍ଜରେ ଆମ ରହିବା ସ୍ଥାନକୁ ଆସନ୍ତି । ଦୁଃଖଭରା ଆଖିରେ ମୋ ଆଡ଼କୁ ଅନେଇ ରହନ୍ତି । ୨/୩ ଦିନ ଏହିପରି ଲକ୍ଷ୍ୟକରି ମୁଁ ତାଙ୍କୁ ସେ ଏପରି କାହିଁକି କରୁଛନ୍ତି ବୋଲି ପଚାରିଲି । ସେ କହିଲେ ଠିକ ମୋପରି ତାଙ୍କର ପୁଅଟିଏ ଥିଲା । ଏଇ ବାତ୍ୟାରେ ତା ଉପରେ କାନ୍ଥ ପଡ଼ିଗଲା । ସେ ତା ତଳେ.......

ତା'ପର ବର୍ଷ ମୁଁ ଆଞ୍ଚଳିକ ଶିକ୍ଷା ମହାବିଦ୍ୟାଳୟ, ଭୁବନେଶ୍ୱରରେ ପଢ଼ିବାପାଇଁ ଦରଖାସ୍ତ କଲି । ସାକ୍ଷାତକାରରେ ମନୋନୀତ ହୋଇ ସେଠାକୁ ପଢ଼ିବା ପାଇଁ ଚାଲିଗଲି । ଆଗରୁ ଅବଶ୍ୟ ଭୁବନେଶ୍ୱର ଦେଖିଥିଲି । କିନ୍ତୁ ଭଲ ଭାବରେ ନୁହେଁ । ପ୍ରଥମ କେତେଦିନ ଖାଲି ସବୁଆଡ଼େ ବୁଲିଲି । ପ୍ରକୃତରେ ମୁଁ ଭୁବନେଶ୍ୱରର ପ୍ରେମରେ ପଡ଼ିଗଲି ।

ଆମେ ସମସ୍ତେ ମାସିକ ବୃତ୍ତି ପାଉଥିଲୁ । ସେହି କଲେଜଟି ଆମେରିକା ସରକାରଙ୍କ ସହାୟତାରେ ପରିଚାଳିତ ହେଉଥିଲା । ମୁଁ ନାମ ଲେଖାଇବାର ପରବର୍ଷ ଆମେରିକା ସରକାର ସହାୟତା ବନ୍ଦ କରିଦେଲେ । ଫଳରେ ଛାତ୍ରବୃତ୍ତି ଅଧାଅଧି ବନ୍ଦ ହୋଇଗଲା । ହେଲେ ଆମର ଚାଲୁ ରହିଲା ।

ଆମର ପାଠ୍ୟକ୍ରମ ସାଧାରଣ କଲେଜଠାରୁ ଭିନ୍ନ ଥିଲା । ୧୧ଶ ଓ ୧୨ଶ ଶ୍ରେଣୀରେ ଇଂରାଜୀ ଓ କଳା ବିଷୟ ପଢ଼ାଇବା ପାଇଁ ଆମର ପାଠ୍ୟକ୍ରମ ପ୍ରସ୍ତୁତ ହୋଇଥିଲା । ତେଣୁ ଆମକୁ ଇଂରାଜୀ ଓ ଓଡ଼ିଆ ବହୁତ ପଢ଼ିବାକୁ ପଡୁଥିଲା । ରାଷ୍ଟ୍ରୀୟ ସ୍ତରୀୟ ଅଧ୍ୟାପକମାନେ ଆମକୁ ପଢ଼ାଉଥିଲେ । ଆମେ ସମସ୍ତେ ହଷ୍ଟେଲ୍‌ରେ ରହୁଥିଲୁ । ଆମର ଗୋଟିଏ ବିରାଟ ପାଠାଗାର ଥିଲା । ସମ୍ପୂର୍ଣ୍ଣ ମୁକ୍ତ । ସକାଳୁ ରାତି ୯ଟା ପର୍ଯ୍ୟନ୍ତ । ଖୋଲା ଥାକରେ ବହିସବୁ ସଜାହୋଇ ରହିଥିଲେ । ଆମେ ଯାହା ପଢ଼ିବାକୁ ଚାହୁଁଥିଲୁ ସେହି ବହି ଆଣି ପଢୁଥିଲୁ ଓ ଟେବୁଲ ଉପରେ ଛାଡ଼ି ଦେଉଥିଲୁ । ବିଭିନ୍ନ ପ୍ରକାରର ଦେଶବିଦେଶର ପତ୍ରିକା ସେଠାକୁ ଆସୁଥିଲା । ମୁଁ ହୁଏତ ଏପର୍ଯ୍ୟନ୍ତ ସେପରି ଲାଇବ୍ରେରୀଟିଏକୁ ଅପେକ୍ଷା କରିଥିଲି ।

ପ୍ରଥମ ବର୍ଷ ଲାଇବ୍ରେରୀରେ ଗଚ୍ଛିତ ଥିବା ସମସ୍ତ ପୁରୁଣା ପତ୍ରିକା ଯଥା:- ଉତ୍କଳ ସାହିତ୍ୟ, ଡଗର, ଝଙ୍କାର, ଆସନ୍ତାକାଲି ଇତ୍ୟାଦି ସବୁ ପଢ଼ିଦେଲି । 'ନୂତନ କବିତା'

Digitized by srujanika@gmail.com

ନାମକ ଏକ ଆଧୁନିକ କବିତା ସଙ୍କଳନ ଆମର ଚଳୁଥାଏ । ମୁଁ ସେଥିରୁ ଅଧିକାଂଶ କବିତା ପଢ଼ିପଢ଼ି ମନେ ରଖିଦେଇଥାଏ । ତେଣୁ ଆଧୁନିକ କବିତା ଅଧିକରୁ ଅଧିକ ପଢ଼ିବାପାଇଁ ଭଲ ଲାଗୁଥାଏ । ଆମ ଲାଇବ୍ରେରୀରେ ଥିବା ସେପର୍ଯ୍ୟନ୍ତ ପ୍ରକାଶିତ ସମସ୍ତ ଆଧୁନିକ କବିତା ସଙ୍କଳନ ଏବଂ ଆଧୁନିକ କବିତା ଓ ସାହିତ୍ୟ ସମ୍ପର୍କିତ ସମସ୍ତ ଓଡ଼ିଆ ଆଲୋଚନା ମଧ୍ୟ ପଢ଼ି ଶେଷ କରିଦେଲି । ଆଧୁନିକ ସାହିତ୍ୟ ସମ୍ପର୍କରେ ଏକ ସ୍ପଷ୍ଟ ଅବବୋଧ ଚାଲିଆସିଲା । ଏଥି ସହିତ ଓଡ଼ିଆ ସାହିତ୍ୟର ଗ୍ରନ୍ଥାବଳୀମାନ ପଢ଼ିବା ଆରମ୍ଭ କରିଦେଲି । ଏଣିକି ଝଙ୍କାର, ନବରବିର କବିତା ଅବୋଧ ହୋଇରହିଲା ନାହିଁ ।

ମୋର କବିତା ଲେଖାର ମାନ ମଧ୍ୟ ବଢ଼ିବାକୁ ଲାଗିଲା । ସେତେବେଳେ ଓଡ଼ିଆ ପତ୍ରପତ୍ରିକାମାନଙ୍କରେ ଆଭାସଗଳ୍ପ ବାହାରୁଥାଏ । ଖୁବ୍ କମ୍ ହେଲେ ମଧ୍ୟ ବେଶ୍ ଭଲ ଲାଗୁଥାଏ । ତାର ତୀକ୍ଷ୍ଣତା ଓ ବ୍ୟଞ୍ଜନା ମୋତେ ଆକର୍ଷିତ କଲା । ମୁଁ ଆଭାସଗଳ୍ପ ଲେଖିବାକୁ ଆରମ୍ଭ କଲି । ମୋର ପ୍ରଥମ ଆଭାସଗଳ୍ପଟି ଦୈନିକ କଳିଙ୍ଗର ସାହିତ୍ୟ ପୃଷ୍ଠାରେ ବାହାରିଥିଲା । ଥରେ ଆମ କଲେଜରେ ଭାଷା ବିଭାଗର ଏକ ସଭା ହେଉଥାଏ । ସେଥିରେ ବକ୍ତା ଥାନ୍ତି କଥାକାର ଶାନ୍ତନୁ ଆଚାର୍ଯ୍ୟ । ମୁଁ ଗୋଟିଏ ଆଭାସ ଗଳ୍ପ ସେହି ସାହିତ୍ୟ ସଭାରେ ପାଠକଲି । ଶାନ୍ତନୁ ଆଚାର୍ଯ୍ୟ ସେଇ ଗଳ୍ପଟିକୁ ଏତେ ପ୍ରଶଂସା କଲେ ଯେ ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ତା'ପରଠାରୁ ମୁଁ ନିୟମିତ ଭାବେ ଆଭାସଗଳ୍ପ ଲେଖିବାକୁ ଲାଗିଲି । ପ୍ରଜାତନ୍ତ୍ରର ସାହିତ୍ୟ ପୃଷ୍ଠା ତଥା ଅନ୍ୟାନ୍ୟ ପତ୍ରପତ୍ରିକାରେ ତାହା ବାହାରିବାକୁ ଲାଗିଲା । ତା' ସହ କବିତା ମଧ୍ୟ ଲେଖୁଥିଲି ।

ଭୁବନେଶ୍ୱରରେ କବି ସାହିତ୍ୟିକମାନଙ୍କୁ ଭେଟିବା ମୋର ଗୋଟିଏ ସଉକ ହୋଇଗଲା । କଥାକାର ଗୋପୀନାଥ ମହାନ୍ତି, ଶାନ୍ତନୁ ଆଚାର୍ଯ୍ୟ, ଚନ୍ଦ୍ରଶେଖର ରଥ, ମହାପାତ୍ର ନୀଳମଣି ସାହୁ, ବିଭୂତି ପଟ୍ଟନାୟକ, ଦଶରଥ ସାମଲ, ରବି ପଟ୍ଟନାୟକ, କବି ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ହର ପ୍ରସାଦ ଦାସ ଏମାନଙ୍କ ଘରକୁ ମୁଁ ଓ ମୋର ସାଙ୍ଗମାନେ ଅନେକ ଥର ଯାଇଛୁ, ଆଲୋଚନା କରିଛୁ । ସେମାନଙ୍କର ସାନିଧ୍ୟ ବେଶ୍ ଉତ୍ସାହପ୍ରଦ ଲାଗେ । ସେମାନଙ୍କ ଠାରୁ ବହୁତ କଥା ଶିଖିବାକୁ ମିଳେ ।

ଆମ କଲେଜରେ ଏକ ସପ୍ତାହ ବ୍ୟାପି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୁଏ । ଓଡ଼ିଆରେ ୩ଟି ନାଟକ, ବଙ୍ଗଳା, ହିନ୍ଦୀ, ଆସାମୀ ଓ ଇଂରାଜୀରେ ଗୋଟିଏ ଗୋଟିଏ ନାଟକ ହୁଏ । ପ୍ରଥମବର୍ଷ ଅଭିନେତା ମନୋନୟନରେ ମୁଁ ଭାଗ ନେଇଥିଲି । ନାଟକଟି ଥିଲା ଭଙ୍ଗା ବେହେଲା । ଗୋଟିଏ ଦୀର୍ଘ ସଂଳାପ ସମସ୍ତଙ୍କୁ ପଢ଼ିବା ପାଇଁ ଦିଆଗଲା । ମୁଁ ଆବେଗର ସହିତ ତାହା ପଢ଼ିଦେଲି । ସମସ୍ତେ ସ୍ତବ୍ଧ ହୋଇଗଲେ । ମୋର ୩ବର୍ଷ ଉପରେ ପଢୁଥିବା ଜଣେ ଅଭିନେତାଙ୍କୁ ମୁଖ୍ୟ ଭୂମିକା ଦିଆଗଲା । ମୁଁ ପାଇଲି ସାନ ଭାଇର ଭୂମିକା କିନ୍ତୁ

Digitized by srujanika@gmail.com

ତାହା ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ଅଭିନୟ ଦିନ ପ୍ରଥମ ଦୃଶ୍ୟ ପରେ ମୋର ଅଧ୍ୟାପକ ଡ. ଶାସ୍ତ୍ରୀ ନିଜ ଆସନରୁ ଉଠି ଆସିଲେ । ଗ୍ରୀନ୍‌ରୁମ୍‌ରେ ମତେ ବଧେଇ ଜଣେଇ କହିଲେ । 'ରବି, ମୁଁ ବିଶ୍ୱାସ କରିପାରୁନି ତମେ ଏତେ ଚମତ୍କାର ଅଭିନୟ କର ବୋଲି ।'

ମୁଁ କଲେଜରେ ସମସ୍ତଙ୍କ ପାଖରେ ପରିଚିତ ହୋଇଗଲି । ଆମ ସହ ଯେଉଁ ୩ଜଣ ଝିଅ ଅଭିନୟ କରୁଥିଲେ ସେମାନଙ୍କ ଭିତରେ ଥିଲେ ଆନନ୍ଦ ଲକ୍ଷ୍ମୀ ପଟ୍ଟନାୟକ ଯାହାଙ୍କୁ ଆମେ ଟୁଲୁ ଅପା ବୋଲି ଡାକୁଥିଲୁ । ଅତି ସ୍ନେହୀ । ସେ ବି.ଏସ୍‌ସି. ପରେ ବି.ଏଡ୍ କରୁଥିଲେ ଆମ କଲେଜରେ । ହଷ୍ଟେଲରେ ରହୁଥିଲେ । ତାଙ୍କର ଭଉଣୀ ବିଜୁନାନୀ ଓ ଭିଣେଇ ଗାଳ୍ପିକ ରବି ପଟ୍ଟନାୟକ ଆମ କଲେଜ ଆଗରେ ରହୁଥିଲେ । ସେ ପ୍ରାୟ ପ୍ରତିଦିନ ତାଙ୍କ ଘରକୁ ଯାଆନ୍ତି । ସେ ଆମ ସହ (ମୁଁ ଓ କୃଷ୍ଣ) ଏତେ ମିଶିଯାଇଥିଲେ ଯେ ଆମକୁ ମଧ୍ୟ ତାଙ୍କ ଭଉଣୀଙ୍କ ଘରକୁ ନେଇଯାନ୍ତି । ସେଇଠି ଭେଟ ହୁଏ ରବି ପଟ୍ଟନାୟକଙ୍କ ସହିତ । ରବି ଭାଇ ଏବଂ ବିଜୁ ନାନୀ ଏତେ ସ୍ନେହୀ ଯେ ଭାଷାରେ ପ୍ରକାଶ କରିହେବନି । ଏପରି କୌଣସି ଦିନ ନାହିଁ ଯେଉଁଦିନ ମୁଁ ଓ କୃଷ୍ଣ ତାଙ୍କ ଘରକୁ ନଯାଇଛୁ । ଚା ଜଳଖିଆ ନ ଖାଇଛୁ । ରବି ଭାଇ ସାହିତ୍ୟ ସମ୍ପର୍କରେ ବହୁତ ଆଲୋଚନା କରନ୍ତି । ବେଶ୍ ଭଲ ଲାଗେ ।

ସେଇ ପ୍ରଥମବର୍ଷ ମୋ ଜୀବନରେ ଆଉ ଗୋଟିଏ ନୂଆ ଘଟଣା ଘଟିଲା । ମୋର ଜଣେ ସହପାଠିନୀ ମୋ ପାଖାକୁ ଚିଠିଟିଏ ପଠେଇଲେ । ମୁଁ ବିହ୍ୱଳ ହୋଇ ତାକୁ ଅନେକଥର ପଢ଼ିଲି । ତାର ଉତ୍ତର ମଧ୍ୟ ଦେଲି । ହାଇସ୍କୁଲରେ ପଢ଼ିବାବେଳେ ମୁଁ ତାଙ୍କୁ ନୀରବରେ ଭଲ ପାଉଥିଲି । ସେ ବି ମୋତେ ଭଲ ପାଆନ୍ତି ବୋଲି ଜାଣି ନଥିଲି । ଆମେ ନିୟମିତ ଚିଠିପତ୍ର ଆଦାନ ପ୍ରଦାନ କରୁଥିଲୁ । ମୋର ସମସ୍ତ ସାଙ୍ଗ ଏକଥା ଜାଣିଥିଲେ । ସମସ୍ତେ ତାଙ୍କୁ ଶ୍ରଦ୍ଧା କରୁଥିଲେ । ମୁଁ ଛୁଟିରେ ଗାଁକୁ ଆସିଲେ ତାଙ୍କ ଘରକୁ ଯାଏ । ତାଙ୍କ ବାପା ବୋଉ ଭାଇ ଭାଉଜ ସାନ ଭାଇ ଭଉଣୀ ସମସ୍ତେ ମତେ ଆଦର କରନ୍ତି । ତାଙ୍କ ଗାଁର ଓ ଆମ ଗାଁର ପ୍ରାୟ ସମସ୍ତେ ଆମ ସମ୍ପର୍କ ବିଷୟରେ ଜାଣିଥିଲେ । ସମସ୍ତେ ଶ୍ରଦ୍ଧାର ସହିତ ଗ୍ରହଣ କରି ନେଇଥିଲେ । ଆମର ଏହି ଭଲ ପାଇବା ଆମ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି କରୁନଥିଲା ।

ତୃତୀୟବର୍ଷ ମୁଁ ଇଂରାଜୀ ଅନର୍ସ ନେଲି । ତୃତୀୟବର୍ଷ ଓ ୪ର୍ଥ ବର୍ଷ ଦୁଇବର୍ଷ ଅନର୍ସ ପାଠ ଭାରି ଭିଡ଼ ପଡ଼ିଲା । ତା ସହ ଶିକ୍ଷା ଓ ଅନ୍ୟାନ୍ୟ ବିଷୟ ପଢ଼ିବାକୁ ପଡୁଥାଏ । ୪ବର୍ଷ ପଢ଼ିଲା ପରେ ଆମେ ବି.ଏ., ବି.ଏଡ୍ ହୋଇ ବାହାରିବୁ । ଇଂରାଜୀ ସାହିତ୍ୟ ବିଶେଷ ଭାବରେ ଆଧୁନିକ ଯୁଗର କବିତା, ଗଳ୍ପ, ଉପନ୍ୟାସ, ସମାଲୋଚନା ବେଶ୍ ଭଲ ଲାଗୁଥିଲା । ମୋତେ ସବୁଠାରୁ ଭଲ ଲାଗୁଥିଲା ଭାଷାତତ୍ତ୍ୱ । ଇଂରାଜୀ ସାହିତ୍ୟରେ

Digitized by srujanika@gmail.com

ପ୍ରବେଶ କରିବା ପାଇଁ ମୁଁ ଗ୍ରନ୍ଥାବଳୀ ଓ ସିଲେକ୍ଟେଡ୍ ୱାର୍କସ୍ ପଢ଼ିବାକୁ ଲାଗିଲି । ଆମ ପାଠରେ ଥିବା ଅଧିକାଂଶ କବି ଲେଖକଙ୍କର ଗ୍ରନ୍ଥାବଳୀ ମୁଁ ପଢ଼ି ଦେଇଥିଲି । ସେଇଠି ପୁରୁଣା ସ୍କୃଟିନି ଓ ଏନ୍‌କାଉଣ୍ଟର୍ ସବୁ ପଢ଼ିବାର ସୁଯୋଗ ପାଇଥିଲି ।

ଇଂରାଜୀ ସାହିତ୍ୟ ମୋତେ ବିଶ୍ୱ ସାହିତ୍ୟ ଅଧ୍ୟୟନରେ ବହୁ ସାହାଯ୍ୟ କଲା । ମୁଁ ଅଧିକରୁ ଅଧିକ ସାହିତ୍ୟ ଭିତରେ ପ୍ରବେଶ କରିଗଲି । ସେତେବେଳେ ଭୁବନେଶ୍ୱରରେ ଯେଉଁଠାରେ ସାହିତ୍ୟ ସଭା ହେଉଥିଲା ସେଠାକୁ ମୁଁ ଯାଉଥିଲି । ସେହିପରି ନାଟକ । ସବୁ ଜାଗାରେ ବୁଲିବୁଲି ନାଟକ ଦେଖୁଥିଲି । କିପରି କେମିତି ଖବର ଚାଲିଆସେ । ସେତେବେଳେ ନବନାଟ୍ୟ ଆନ୍ଦୋଳନର ଯୁଗ । ବୌଦ୍ଧିକ ନାଟକର ନୂତନତ୍ୱ ବେଶ୍ ଚେତନାକୁ ସ୍ପର୍ଶ କରୁଥାଏ । ସେଇଠି ମୁଁ ମନେ ମନେ ନିଜକୁ ନାଟକ ଓ ସାହିତ୍ୟରେ ନିବେଦିତ କରିବି ବୋଲି ସ୍ଥିର କରିନେଲି ।

କଲେଜ ସମୟରେ ଆଉ ଗୋଟିଏ ବିରଳ ଘଟଣା ଘଟିଥିଲା । ଆମ କଲେଜର କେତେକ ତରୁଣ କବି ହଠାତ୍ ଠିକ୍ କରିନେଲୁ କବିତା ସଙ୍କଳନଟିଏ କରିବାକୁ । ଏହି ଦୁଷ୍ଟବୁଦ୍ଧି ମୋ ମୁଣ୍ଡରୁ ହିଁ ବାହାରିଥିଲା । ଗୋଟିଏ କବିତା ଓ ଦଶଟି ଟଙ୍କା – ଏତିକି ଥିଲା ସର୍ତ୍ତ । କେବଳ ଆମ କଲେଜର ପୁଅଝିଅ ଯେଉଁମାନେ କବିତା ଲେଖନ୍ତି । ବେଶ୍ କେତୋଟି କବିତା ଓ ଟଙ୍କା ଆଦାୟ ହୋଇଗଲା । କବିତାଗୁଡ଼ିକୁ ଟିକିଏ ଟିକିଏ ସମ୍ପାଦନା କରିବାକୁ ପଡ଼ିଲା । ତା'ପରେ ଛପାଇବା କଥା । ଏଥିରେ ଆମେ କୌଣସି ଅଧ୍ୟାପକଙ୍କୁ ସାମିଲ୍ କରି ନଥିଲୁ । ତେଣୁ ସବୁକାମ ଆମକୁ କରିବାକୁ ପଡୁଥିଲା । ଆମେ ୨/୩ ସାଙ୍ଗ ଯାଇ ମାଉସୀ ମା' ମନ୍ଦିର ପାଖ ଗୋଟିଏ ପ୍ରେସ୍‌ରେ କଥାବାର୍ତ୍ତା କଲୁ । ଜଣେ କଲିକତାର ବଙ୍ଗାଳୀ ଭଦ୍ରଲୋକ ସେ ପ୍ରେସ୍‌ର ମାଲିକ ଥିଲେ । ତାଙ୍କୁ କାଗଜ ପାଇଁ ପଇସା ଦେଲୁ ଓ ବହି ଛପା ଆରମ୍ଭ ହେଲା । ତାର ନାମ ରଖାଯାଇଥିଲା ମୈନାକ । ପ୍ରତିଦିନ ଯାଇ ମୁଁ ପ୍ରୁଫ୍ ସଂଶୋଧନ କରିଆସୁଥିଲି । କବିତା ସଙ୍କଳନଟିଏ ଛପା ହେଉଛି ଜାଣି ଅନେକ ଛାତ୍ରଛାତ୍ରୀ ନିଜେ ଯାଇ ପ୍ରେସ୍‌ରେ ତାଙ୍କ କବିତା ଦେଇ ଚାଲିଆସିଲେ । ହେଲେ ପଇସା ଦେଲେ ନାହିଁ । ଖୁବ୍ ଶୀଘ୍ର ବହିକାମ ଶେଷ ହୋଇଗଲା । ଆମ ପାଖରେ ଯାହା ପଇସା ଥିଲା ସେତକ ଦେଇ ଆମେ କିଛି ବହି ନେଇ ଆସିଲୁ । ବହି ବିକି ପଇସା ପରିଶୋଧ କଲେ ଅବଶିଷ୍ଟ ବହି ନେବୁ ବୋଲି କଥା ରହିଲା । ବେଶ୍ ଜାକଜମକରେ ବହି ଉନ୍ମୋଚିତ ହୋଇଗଲା । ମୁଖ୍ୟ ଅତିଥି ହୋଇ ଆସିଥିଲେ ଗୋପୀନାଥ ମହାନ୍ତି । ସଙ୍କଳନଟି ପ୍ରକୃତରେ ଭଲ ହୋଇଥିଲା ।

ବହି ବିକିବାରେ ଆଉ କେହି ଆଗ୍ରହୀ ହେଲେନାହିଁ । ମୁଁ ନେତୃତ୍ୱ ନେଇ କେତେଜଣ ସାଙ୍ଗକୁ ଧରି କ୍ୱାଟର୍ସମାନଙ୍କରେ ବିକିବାକୁ ବାହାରିଲି । ବଡ଼ବାବୁମାନଙ୍କର

Digitized by srujanika@gmail.com

ବ୍ୟବହାର ଦେଖି ଆମେ ହତୋତ୍ସାହିତ ହୋଇପଡ଼ିଲୁ । ପ୍ରାୟ ଦୁଇଦିନ ପରେ ଏହି ଅଭିଯାନଟି ବନ୍ଦ ରଖାଗଲା । ପ୍ରେସ୍‌ରୁ ଆଉ ବହି ଆସିପାରିଲା ନାହିଁ । ଭୁବନେଶ୍ୱରର ପ୍ରେସ୍ ମାଲିକ ବେଳେବେଳେ ଦେଖା ହୋଇଯାନ୍ତି । ସାଙ୍ଗେ ସାଙ୍ଗେ ପଇସା ଦେଇ ବହିନେବା କଥା କହନ୍ତି । ଏହା କ୍ରମେ ମୋପାଇଁ ଅସହ୍ୟ ହୋଇପଡ଼ିଲା । ତାଙ୍କ ନଜରରୁ ନିଜକୁ ରକ୍ଷା କରିବା ପାଇଁ ମୁଁ ଚଷମା ପିନ୍ଧିବା ଛାଡ଼ିଦେବା ପାଇଁ ବାଧ ହେଲି ।

ହାଏ, କେତେ ଶୀଘ୍ର ସରିଗଲା ୪ବର୍ଷ । ମୁଁ ଜାଣିଥିଲି ମୋର ଛାତ୍ରଜୀବନ ଏଇଠୁ ସରିଯିବ । ମୁଁ କଲେଜ ଓ ସାଙ୍ଗମାନଙ୍କଠାରୁ ବିଦାୟ ନେଇ ଗାଁକୁ ଫେରିଆସିଲି । ସେତେବେଳେ ଆମ ଅଞ୍ଚଳ ଏକ ଉତ୍କଟ ମରୁଡ଼ିର ସାମ୍ନା କରୁଥାଏ । ପୂର୍ବବର୍ଷର ବାତ୍ୟାରେ ସମସ୍ତ ଫସଲ ନଷ୍ଟ ହୋଇଯାଇଥାଏ । ମୋ ବାପା ବଳଦେବଜୀଉଙ୍କ ଏଣ୍ଡାଓମେଣ୍ଟରେ ଗୋଟିଏ ଚାକିରି କରିଥିଲେ । କୌଣସି କାରଣରୁ ତାହା ମଧ୍ୟ ଚାଲିଯାଇଥାଏ । ଚାରିଆଡ଼େ ଅର୍ଦ୍ଧାହାର ଅନାହାର । ଆମ ଘରେ ବାପା, ବୋଉ ଓ ମୁଁ । ବଡ଼ ଅସୁବିଧାରେ ଚଳୁଥାଉ । କୋଉଠୁ କେମିତି ଧାନ କିଣିବା ପାଇଁ ପାଖରେ ପଇସା ନଥାଏ । ସେହି ସମୟରେ ଇଚ୍ଛାପୁର ହାଇସ୍କୁଲର ସମ୍ପାଦକ ୰ଦିଲ୍ଲୀପ ମିଶ୍ର (କବି ଦୀପକ ମିଶ୍ରଙ୍କ ସାନଭାଇ) ମତେ ଡକେଇ ପଠେଇଲେ । ତାଙ୍କ ସହ ଆଗରୁ ଭଲ ପରିଚୟ ଥିଲା । ସେ ମତେ କହିଲେ ତମେ ପରୀକ୍ଷା ଦେଇ ଆସିଚ । ଆମ ସ୍କୁଲରେ ଜଏନ୍ କର । ସ୍କୁଲଟିକୁ ଗଢ଼ । ସେତେବେଳେ ଖରାଛୁଟି ହୋଇଥିଲା । ମୁଁ ପ୍ରାୟ ୧୧ଶ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ଆରମ୍ଭ କଲି । ସ୍କୁଲରୁ ମତେ ଟ.୧୦୦/- ଅଗ୍ରିମ ଦିଆଗଲା ଯେଉଁଥିରେ ମୁଁ ଧାନ କିଣିଲି ।

ଯଥା ସମୟରେ ପରୀକ୍ଷା ଫଳ ବାହାରିଲା । ଅନର୍ସ ଏବଂ ଡିଷ୍ଟିଂସନ୍ ସହ ପାଶ୍ କରିଥାଏ । ମୋର ଜଣେ ପ୍ରିୟ ଅଧ୍ୟାପକ ସୁଲେଖକ ଅଭିନ୍ନ ଚନ୍ଦ୍ର ସାହୁ ମୋ ପାଖକୁ ଖବର ପଠାଇଲେ । ବାଣୀବିହାରରେ ଇଂରାଜୀ ଏମ୍.ଏ. ପଢ଼ । ଆମ କଲେଜ ହଷ୍ଟେଲରେ ରହିବ । ଚଳିବା ପାଇଁ ମୁଁ ଟିଉସନ୍ ବ୍ୟବସ୍ଥା କରିଦେବି । ଅନ୍ୟ ପଟରେ ମଧ୍ୟ ଆମ କଲେଜରେ କିମ୍ବା ରାଧାନାଥ ଟ୍ରେନିଂ କଲେଜରେ ଏମ୍.ଏଡ୍ ଗୋଟିଏ ବର୍ଷ ପଢ଼ାଯାଇପାରିଥାନ୍ତା । ଘରର ଏ ଆର୍ଥିକ ଅବସ୍ଥା ସବୁ ବାଟ ବନ୍ଦ କରିଦେଲା । ମୁଁ ଚୁପ୍‌ଚାପ୍ ପିଲାଙ୍କୁ ପଢ଼ାଇବାକୁ ଲାଗିଲି ।

ସେଠି ମୁଁ ଯେତେଦିନ ଥିଲି ବେଶ୍ ଆନନ୍ଦରେ ଥିଲି । ସବୁ ବିଷୟ ପଢ଼ାଉଥିଲି । ଇଂରାଜୀ, ଓଡ଼ିଆ, ଅଙ୍କ, ସଂସ୍କୃତ ସବୁ । ହଷ୍ଟେଲରେ ବି ପିଲାଙ୍କୁ ପଢ଼ଉଥିଲି । ପିଲା, ଶିକ୍ଷକ ଓ ଅଭିଭାବକମାନେ ସମସ୍ତେ ଭଲ ପାଉଥିଲେ । ଏମାନଙ୍କ ସ୍ନେହପ୍ରେମରେ ମୁଁ ପୋତି ହେଇ ପଡୁଥିଲି ।

ଅବଶ୍ୟ ନିୟମିତ ଦରମା ମିଳୁନଥିଲା । ପିଲାଙ୍କ ଠାରୁ ଯାହା ଦରମା ଆଦାୟ

Digitized by srujanika@gmail.com

ହେଉଥିଲା ତାହା ଆମେ ବାଣ୍ଟି ନେଉଥିଲୁ । କେବଳ ଖର୍ଚ୍ଚ ମେଣ୍ଟେଇବା ପାଇଁ । ସରକାରୀ ଅନୁଦାନ ମିଳିଲେ ଆମକୁ ଏକ କାଳୀନ ଦରମା ମିଳୁଥିଲା ।

ସେତେବେଳକୁ ମୋ ପାଖରେ ବହୁତ କବିତା ଓ ଆଭାସଗଳ୍ପ ଗଚ୍ଛିତ ଥାଏ । କବିତା ସଙ୍କଳନଟିଏ କରିବା ପାଇଁ ସାହସ ହେଲାନି । ଆଭାସଗଳ୍ପମାନଙ୍କୁ ଏକତ୍ରିତ କରି କ୍ଷୁଦ୍ର ସଙ୍କଳନଟିଏ କାଢ଼ିବାକୁ ଇଚ୍ଛାହେଲା । ହାତରେ ପଇସା ନାହିଁ । ସୌଭାଗ୍ୟକୁ ଆମ କଲେଜର କସେନ୍‌ମନି ଟ.୧୦୦/- ପାଇଗଲି । ମୋର ଜଣେ ଶିକ୍ଷକ କେନ୍ଦ୍ରାପଡ଼ାରେ ଗୋଟିଏ ପ୍ରେସ୍ କରିଥିଲେ । ତାଙ୍କୁ ଏକଥା କହିଲି । ସେ ଉତ୍ସାହର ସହିତ ସଙ୍ଗେ ସଙ୍ଗେ ପାଣ୍ଡୁଲିପି ଦେବାପାଇଁ କହିଲେ । ଛପା ଆରମ୍ଭ ହୋଇଗଲା । ପ୍ରତିଦିନ ଯାଇ ମୁଁ ପ୍ରୁଫ୍ ଦେଖିଆସେ । ବହି ଛପା ସରିବା ପୂର୍ବରୁ ପ୍ରଚ୍ଛଦପଟ୍ଟ କଥା ଚିନ୍ତାକଲି । ମୁଁ ନିଜେ ଚିତ୍ରଟିଏ ଆଙ୍କିଲି । କେନ୍ଦ୍ରାପଡ଼ାର ଏକ ପ୍ରସିଦ୍ଧ କାଠ ଦୋକାନରେ ବସି କାଠ ବ୍ଲକ୍ କରେଇଲି । ମିସ୍ତ୍ରୀ ମାତ୍ର ୫ଟଙ୍କା ନେଇଥିଲେ । ଛପାହେଲା ପରେ ତାହା କାଠ ବ୍ଲକ୍ ବୋଲି ଜଣା ପଡିଲା ନାହିଁ । ବେଶ୍ ସୁଦୃଶ୍ୟ ଓ ଇଙ୍ଗିତଧର୍ମୀ ଦେଖାଗଲା । ବହି ବାହାରି ଗଲା । ମୋ ଜୀବନର ପ୍ରଥମ ବହି । ନାମ ତାର ରଖିଥିଲି – ସମ୍ବିତ୍ । ସାହିତ୍ୟିକ ଓ ସାହିତ୍ୟ ରୁଚିଥିବା ବ୍ୟକ୍ତିମାନେ ଖୁବ୍ ପସନ୍ଦ କଲେ । ସାଧାରଣ ଲୋକମାନେ ସେ ଗଳ୍ପଗୁଡ଼ିକୁ ବୁଝିପାରିଲେ ନାହିଁ । ହେଲେ ନାପସନ୍ଦ କଲେନାହିଁ । ଆଧୁନିକ ଲେଖାବୋଲି ମତବ୍ୟକ୍ତ କଲେ ।

ଶ୍ରାବଣୀ ସାହିତ୍ୟ ସଂସଦ ବିଭିନ୍ନ କାରଣରୁ ଟିକିଏ ନିଷ୍କ୍ରିୟ ହୋଇ ଯାଇଥିଲା । ଅବଶ୍ୟ ବାର୍ଷିକ ଉତ୍ସବଟି ବେଶ୍ ଜାକଜମକରେ ପାଳିତ ହେଉଥିଲା । ମୁଁ ଶ୍ରାବଣୀକୁ ଚଳଚଞ୍ଚଳ କରିବା ପାଇଁ ପ୍ରୟାସ କଲି । ପୁଣି ସାପ୍ତାହିକ ପାଠଚକ୍ର ଆରମ୍ଭ ହୋଇଗଲା । ଥରେ କବି ବ୍ରହ୍ମାନନ୍ଦ ଦାସଙ୍କ ଘରେ ଆମେ ଏକତ୍ରିତ ହୋଇଛୁ । କବି ଦୀପକ ମିଶ୍ର ପହଞ୍ଚିଗଲେ । ଦୀପକ ବାବୁଙ୍କ ସହିତ ପରିଚିତି ଥିଲା । ମୁଁ କଲେଜରେ ପଢୁଥିବା ବେଳେ ତାଙ୍କର ସମସ୍ତ କବିତା ଓ ଆଲୋଚନା ପଢ଼ିଥିଲି । ଅତ୍ୟନ୍ତ ବଦ୍‌ରାଗୀ ବୋଲି ତାଙ୍କର ଗୋଟିଏ ଦୁର୍ନାମ ଥିଲା । ସେଥିପାଇଁ ମୁଁ ତାଙ୍କ ପାଖକୁ କେବେ ଯାଇ ନଥିଲି । ଆମ ସ୍କୁଲର ପିଅନ ହାତରେ ମୋ ବହି ଖଣ୍ଡେ ତାଙ୍କ ପାଖକୁ ପଠାଇ ଦେଇଥିଲି । ମତେ ଦେଖୁ ଦେଖୁ ଚିଡ଼ି ଉଠିଲେ ତମେ ନିଜେ ନ ଆସି ପିଅନ ହାତରେ କାହିଁକି ବହି ପଠାଇଲ ? ସେ ବହିଟି ସମ୍ପୂର୍ଣ୍ଣ ପଢ଼ି ସାରିଥିଲେ । ପ୍ରକାଶିତ ଗଳ୍ପମାନଙ୍କର ଏକ ସୁନ୍ଦର କଳାତ୍ମକ ତଥା ବୌଦ୍ଧିକ ଆଲୋଚନା କଲେ । ମୁଁ ଆଶ୍ଚର୍ଯ୍ୟ ହେଇଗଲି । ମୁଁ ବି ସେହି ଗଳ୍ପମାନଙ୍କ ସମ୍ପର୍କରେ ଏପରି ଚିନ୍ତା କରି ନଥିଲି । ବହିଟି ସାଧାରଣ ପାଠକମାନଙ୍କଦ୍ୱାରା ନୁହେଁ ସାହିତ୍ୟିକମାନଙ୍କଦ୍ୱାରା ବେଶ୍ ଆଦୃତ ହେଲା ।

Digitized by srujanika@gmail.com

ସାହିତ୍ୟ ସଂଗଠନ ସହିତ କେନ୍ଦ୍ରାପଡ଼ାର ଆମ୍ଭେ କେତେଜଣ ମିଶି ଏକ ନାଟ୍ୟସଂସ୍ଥା ଗଠନ କଲୁ । ତାର ନାମ ମୋର ମନେ ନାହିଁ । ଆମେ 'ମୁଁ ସୈତାନ କହୁଚି' । ନାମକ ଏକ ନାଟକ ଅଭ୍ୟାସ ଆରମ୍ଭ କଲୁ । କେତେକ ଥଟ୍ଟାରେ ତାକୁ 'ମୁଁ ଭୂତ କହୁଚି' ବୋଲି କହିଲେ । ଠିକ୍ ସେତିକିବେଳେ ପାରାଦୀପର ପୋଟ୍ ଟ୍ରଷ୍ଟ ଇଂଲିସ୍ ମିଡ଼ିୟମ୍ ସ୍କୁଲ୍‌ରେ ଇଂରାଜୀ ଶିକ୍ଷକ ଚାକିରି ମତେ ମିଳିଗଲା । ମୁଁ ପାରାଦୀପ ଚାଲିଆସିଲି । ପ୍ରତି ଶନିବାର ରବିବାରରେ କେନ୍ଦ୍ରପଡ଼ା ଆସି ଏହି ଅନୁଷ୍ଠାନମାନଙ୍କ ସହ ସମ୍ପର୍କ ରଖୁଥିଲି । ହେଲେ ଆମ ନାଟ୍ୟ ଅନୁଷ୍ଠାନଟି ସେହି ଗୋଟିଏ ନାଟକ ମଞ୍ଚସ୍ଥ କଲାପରେ ବନ୍ଦ ହୋଇଗଲା ।

କେନ୍ଦ୍ରାପଡ଼ା ଆସିଲେ ମୁଁ ସମସ୍ତ ସାହିତ୍ୟିକଙ୍କୁ ଭେଟେ । ଦୀପକ ମିଶ୍ରଙ୍କ ଘରକୁ ଯାଇ ସାଙ୍ଗ ହେଇ ଚା ଜଳଖିଆ ଖାଉ । ସେ ସାହିତ୍ୟ ବିଷୟରେ ବହୁ ସମୟ ଧରି ଆଲୋଚନା କରନ୍ତି । ସେ ସମସ୍ତ ଓଡ଼ିଆ ପତ୍ରିକା ପଢ଼ନ୍ତି । କେତେକ ବଙ୍ଗଳା ପତ୍ରିକା ବିଶେଷ ଭାବରେ 'ଦେଶ' ନିୟମିତ ପଢ଼ନ୍ତି । ଲେଖୁଥିବା କବିତା ମଧ୍ୟ ପଢ଼ନ୍ତି । ମୁଁ ସେ ସବୁ କବିତା ଉପରେ ଆଲୋଚନା କରେ । ସେ ନିର୍ବିବାଦରେ ଗ୍ରହଣ କରିନିଅନ୍ତି । ଦୀପକ ବାବୁଙ୍କ ବ୍ୟତୀତ ଗାଳ୍ପିକ ରାମଚନ୍ଦ୍ର ବେହେରା, କବି ବ୍ରହ୍ମାନନ୍ଦ ଦାସ, ଗବେଷକ ବାସୁଦେବ ଦାସ, ଗାଳ୍ପିକ ରାମଚନ୍ଦ୍ର ସାହୁ ଏବଂ ଅନ୍ୟ କେତେକ ତରୁଣ ଲେଖକଙ୍କୁ ଭେଟେ । ପରବର୍ତ୍ତୀ ପର୍ଯ୍ୟାୟରେ ଲେଖକଲେଖିକାଙ୍କ ସଂଖ୍ୟା ବଢ଼ିଗଲା - କବି ଅପର୍ଣ୍ଣା ମହାନ୍ତି, କବି ଅନ୍ନପୂର୍ଣ୍ଣା ମହାନ୍ତି, ଶ୍ରୀରାମ ଦାଶ, ସୁରେନ୍ଦ୍ର ପଲାଇ ଇତ୍ୟାଦି ସେହି ତାଲିକାରେ ଯୋଗ ହୋଇଗଲେ । ସମାଲୋଚକ ପ୍ରକାଶ ପରିଡ଼ା ବି ଅନେକ ସମୟରେ ଭେଟ ହୁଅନ୍ତି । ସମସ୍ତଙ୍କ ମଧ୍ୟରେ ପ୍ରଗାଢ଼ ନିଜରପଣ ଥାଏ ।

ସେହି ସମୟରେ ଗ୍ରାମାଞ୍ଚଳର ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ଯୁବସଙ୍ଗଠନ ଆମେ ଗଠନ କଲୁ । ତାର ନାମ ରହିଲା ଚେତନା ସମାଜ । ଗ୍ରାମାଞ୍ଚଳର ଉନ୍ନତି ତଥା ସମାଜସଂସ୍କାର ଥିଲା ଏହାର ଲକ୍ଷ୍ୟ । ପ୍ରତି ଶନିବାର କି ରବିବାର ଗୋଟିଏ ଗୋଟିଏ ବୈଠକ ବସୁଥିଲା । ମୁଁ ପ୍ରତ୍ୟେକ ବୈଠକରେ ଯୋଗ ଦେଉଥିଲି । ହାଇସ୍କୁଲ୍‌ମାନଙ୍କରେ ସାମାଜିକ ସମସ୍ୟାମାନଙ୍କୁ ନେଇ ଆଲୋଚନାଚକ୍ର ହେଉଥିଲା । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ କରାଯାଉଥିଲା । ଅନେକ ସ୍ଥାନରେ ଆମେ ମିଳିତ ହୋଇ ବୃକ୍ଷରୋପଣ କରିଥିଲୁ । ତାହା ବେଶ୍ ପ୍ରଭାବଶାଳୀ ହୋଇପାରିଥିଲା । ଆମେ ଅଧିକ ସମୟ ଦେଇ ନ ପାରିବାରୁ ଏବେ ତାହା ସୁପ୍ତ ଅବସ୍ଥାରେ ଅଛି । ହେଲେ ତାର ବିଶେଷ ଆବଶ୍ୟକତା ଅଛି ।

Digitized by srujanika@gmail.com

ମୁଁ ପାରାଦୀପ ଆସୁ ଆସୁ ଗୋଟିଏ ସାହିତ୍ୟ ସଙ୍ଗଠନର ଅଭାବ ଅନୁଭବ କଲି । ସେତେବେଳେ ଏଠାରେ ପ୍ରତାପ ସିଂହ ମହାପାତ୍ର ପୌରୁଷରେ ନିୟମିତ ଲେଖୁଥାନ୍ତି । ଶିଶୁ କବି ପ୍ରହ୍ଲାଦ ପରିଡ଼ା ବିଭିନ୍ନ ଶିଶୁ ପତ୍ରିକାରେ ଲେଖୁଥାନ୍ତି । କବି ଭଗବାନ ମହାପାତ୍ର ମୋ ଆଗରୁ ପାରାଦୀପ ଆସିଥିଲେ ବି ନୀରବି ଯାଇଥାନ୍ତି । ଆଉ କାଁ ଭାଁ କିଏ କେମିତି ସାମୟିକ ଭାବରେ ଲେଖାଲେଖି କରୁଥାନ୍ତି । ଭଗବାନ ବାବୁ ଓ ମୁଁ ମିଳିତ ହୋଇ ଗୋଟିଏ ସାହିତ୍ୟ ସଂସଦ ଗଢ଼ିବା ପାଇଁ ସ୍ଥିର କଲୁ । ପ୍ରଥମ ମିଟିଂରେ ଆମେ ଦିଜଣ ହିଁ ଥିଲୁ । ଅନ୍ୟ ଦିଜଣଙ୍କୁ ନେଇ ସାହିତ୍ୟ ସଂସଦ ଗଠନ ହେଲା । ମୋର ପ୍ରିୟ ନାମ 'ମୈନାକ' ଅନୁସାରେ ତାର ନାମ ରଖାଗଲା ମୈନାକ ସାହିତ୍ୟ ସଂସଦ । ପାରାଦୀପର ସାମୁଦ୍ରିକ ବାତାବରଣକୁ ନାମଟି ବେଶ୍ ଖାପ ଖାଇଗଲା ଓ ଆଦୃତ ହେଲା । ଏବେ ମୈନାକ ଓଡ଼ିଶାର ଏକ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ । କେତୋଟି ସଙ୍କଳନ ପ୍ରକାଶ କରିଛି । ଅସଂଖ୍ୟ ସାହିତ୍ୟ ଉତ୍ସବ କରିଛି । ଓଡ଼ିଶାର ପ୍ରତିଷ୍ଠିତ ସାହିତ୍ୟିକମାନଙ୍କୁ ଉତ୍କଳମଣି ପୁରସ୍କାର ପ୍ରଦାନ କରୁଛି । ଏହା ଏହି ଅଞ୍ଚଳର ସାହିତ୍ୟିକମାନଙ୍କ ଏକୁଟିଆଳ ଭାବରେ ମାନ୍ୟତା ପ୍ରାପ୍ତ ହୋଇଛି ।

ପାରାଦୀପକୁ ଆସିଲା ପରେ ମୁଁ ଲେଖାଲେଖିରେ ଅଧିକ ଧ୍ୟାନ ଦେଲି । ହେଲେ ମୋର ବ୍ୟକ୍ତିଗତ ଜୀବନରେ ଦୁର୍ଦ୍ଦିନ ମାଡ଼ିଆସିଲା । ସେତେବେଳକୁ ମୋ ପ୍ରେମିକା ଏମ୍.ଏ. ପରୀକ୍ଷା ଦେଇସାରି ଘରେ ଆସି ରହୁଥିଲେ । ମୁଁ ବେଳେବେଳେ ତାଙ୍କ ପାଖକୁ ଯାଉଥିଲି । ଆମର ଚିଠିପତ୍ର ଆଦାନ ପ୍ରଦାନ ଏକଦମ୍ କମି ଯାଇଥିଲା । ତାର କାରଣ ଆମ ଭିତରେ ବିବାହ ପ୍ରସ୍ତାବ ଆରମ୍ଭ ହୋଇ ଯାଇଥିଲା ।

ମୋର ଜଣେ ବାଲ୍ୟବନ୍ଧୁ ଏକ ବିରାଟ ପ୍ରତିବନ୍ଧକ ସୃଷ୍ଟି କରିଦେଲା । ମୋ ବୋଉ ମୋର ସାଙ୍ଗମାନଙ୍କୁ ନିଜର ପୁଅପରି ଦେଖୁଥିଲା । ସେ ତାର ସୁଯୋଗ ନେଇଗଲା । ସେହି ଝିଅଟି ନାରେ ବିଭିନ୍ନ ଖରାପ କଥା କହି ମୋ ବୋଉର ମନକୁ ବିଷାକ୍ତ କରିଦେଲା । ମୁଁ ବୋଉକୁ ଯେତେ ବୁଝେଇଲି ସେ କିଛି ଶୁଣିଲା ନାହିଁ । ମୋର ଅନ୍ୟ ସାଙ୍ଗମାନେ ମଧ୍ୟ ବୁଝେଇଲେ । ତା' ଜିଦ୍ ଆଗରେ ସମସ୍ତେ ନଇଁଗଲେ ।

ଆମେ ଦିଜଣ ଆଉ ପିଲା ନଥିଲୁ । ବାସ୍ତବତାକୁ ଭଲ ଭାବରେ ବୁଝୁଥିଲୁ । ମୁଁ ଶେଷ ଚେଷ୍ଟା ସ୍ୱରୂପ ମୋ ମାମୁ ଘର ଅଜାଙ୍କ ମାଧ୍ୟମରେ ପ୍ରସ୍ତାବ ପଠାଇଲି । ସେ ଏହାର ବିଶେଷ ଗୁରୁତ୍ୱ ଅନୁଭବ କରିପାରିଲେ ନାହିଁ କି ସଫଳ ହୋଇପାରିଲେ ନାହିଁ ।

ଆମେ ଅବଶ୍ୟ ବିବାହ କରିବୁ ବୋଲି ପ୍ରତିବଦ୍ଧ ହୋଇ ନଥିଲୁ । କିନ୍ତୁ ତାହା ହିଁ ଥିଲା ଆମର ସାମାଜିକ ପରମ୍ପରା । ବିବାହ ବିହୀନ ପ୍ରେମକୁ ସମସ୍ତେ ଏକ ସାମାଜିକ ଅପରାଧ ଭାବରେ ଏବେବି ଗ୍ରହଣ କରୁଛନ୍ତି । ହେଲେ ମୁଁ ଏପରି ଏକ ପାରିବାରିକ ଅବସ୍ଥାରେ ଥିଲି ଯେ ବାପାବୋଉଙ୍କ ବିରୁଦ୍ଧରେ ଯାଇ ବିବାହ କରିବା ମୋ ପକ୍ଷରେ ସମ୍ଭବ

Digitized by srujanika@gmail.com

ନଥିଲା । ଏହା ନିଶ୍ଚିତ ଭାବରେ ମୋର କାପୁରୁଷ ପଣିଆ । ମୁଁ ଜୀବନସାରା ମତେ କ୍ଷମା କରିନି । ସେ ହୁଏତ ମୋର ଅସହାୟତାକୁ ବୁଝିଥିଲେ । ମୋ ବିବାହର କିଛି ଦିନପରେ ଜଣେ ସୁଯୋଗ୍ୟ ପାତ୍ର ସହ ସେ ବିବାହ କରିଗଲେ । ଚାକିରି ଓ ସଂସାର ଭିତରେ ସେ ହୁଏତ ସୁଖୀ ହୋଇଥିବେ ।

ହେଲେ ମୋ ଜୀବନ ରିକ୍ତ ହୋଇଗଲା । ଆଉ ବଞ୍ଚି ରହିବାର ଅର୍ଥ କିଛି ରହିଲା ନାହିଁ । ଏହି ଦୁଃଖରେ ମୁଁ କାହାକୁ ଭାଗୀ କରିନି । ଜୀବନରେ ଅଧିକ କିଛି କରିବା ଆଉ ମୁଁ ଚିନ୍ତା କରିନି । ପ୍ରସ୍ତୁତ ହେଉଥିଲି କମ୍ପିଟିଟିଭ୍ ଦେବା ପାଇଁ ତାହା ବନ୍ଦ କରିଦେଲି । ଚାକିରି ବାଦ୍ କେବଳ ବହି ଓ ପତ୍ରପତ୍ରିକା ମଧ୍ୟରେ ମତେ ଆବଦ୍ଧ କରିରଖିଲି ।

ମୋ ଜୀବନ ମତେ କ୍ଷମା କଲାନାହିଁ । ମୁଁ ଜଣେ ସମ୍ଭ୍ରାନ୍ତ ବଂଶୀୟା ଝିଅକୁ ବିଭା ହେଲି । ହେଲେ ମୁଁ ତାଙ୍କ ସ୍ୱପ୍ନର ମଣିଷ ନଥିଲି । ମୋର ପ୍ରେମ କାହାଣୀ ମଧ୍ୟ ସେ ଜାଣିଥିଲେ । ଫଳରେ ଆମର ଦାମ୍ପତ୍ୟ ଜୀବନ ସୁଖମୟ ହୋଇପାରିଲା ନାହିଁ । ମୋର ରୁଚି ଓ ତାଙ୍କ ରୁଚି ଭିନ୍ନ ଥିଲା । ମୁଁ ସାହିତ୍ୟ ଓ ସାମାଜିକ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ବେଳେ ସେ ଘର ଜମି, ବନ୍ଧୁବାନ୍ଧବ - ଏଇ ସବୁ କଥାରେ ସମୟ ବିତାଉଥିଲେ । ଗାଁରେ ଜମି କିଣିବା, ଇଟା କରି ଘର ତୋଳିବା ଇତ୍ୟାଦି କାମରେ ସେ ଅକ୍ଲାନ୍ତ ପରିଶ୍ରମ କରିଛନ୍ତି । ମୁଁ କେବଳ ତାଙ୍କୁ ସାହାଯ୍ୟ କରିଛି ମାତ୍ର ।

ତାଙ୍କର ବହୁତ ଭଲ ଗୁଣ ଥିଲା । ଅଭାବୀ, ଗରିବମାନଙ୍କୁ ସାହାଯ୍ୟ କରିବା, ବନ୍ଧୁବାନ୍ଧବମାନଙ୍କୁ ଚର୍ଚ୍ଚା କରିବା, ଗାଁରେ ଓ ସହରରେ ପଡ଼ୋଶୀମାନଙ୍କ ସହ'ସୌହାର୍ଦ୍ଦ୍ୟ ସ୍ଥାପନ କରିବା, ମୋ ବାପାବୋଉଙ୍କର ସେବା କରିବା – ଏମିତି କେତେ କ'ଣ । ସମସ୍ତେ ତାଙ୍କୁ ଭଲ ପାଉଥିଲେ । ପ୍ରଶଂସା କରୁଥିଲେ ।

ମୁଁ ସଂସାର ସହ ସନ୍ଧି କରିନେଇଥିଲି । ମତେ ସୁଖ ଦୁଃଖ ସମାନ ଦେଖାଯାଉଥିଲା । ନିରୋଳା ମୁହୂର୍ତ୍ତରେ ସେ ମୋ ହୃଦୟ ଭିତରୁ ବାହାରି ଆସନ୍ତି । ମୋ ସହ କଥାବାର୍ତ୍ତା କରନ୍ତି । ଏବେ ବି ସେ ସେଇଠି ଅଛନ୍ତି । ବଞ୍ଚିଥିବା ପର୍ଯ୍ୟନ୍ତ ସେଇଠି ଥିବେ ।

ମୁଁ ଆଗରୁ କହିଛି ଯେ ମୋ ଚାକିରି ପୋଟ୍‌ଟ୍ରଷ୍ଟ ଇଂଲିଶ୍ ମିଡିୟମ୍ ସ୍କୁଲରୁ ଆରମ୍ଭ ହୋଇଥିଲା । ତିନିବର୍ଷ ପରେ ତାହା କେନ୍ଦ୍ରୀୟ ବିଦ୍ୟାଳୟରେ ପରିଣତ ହେଲା । ପ୍ରଥମେ ପ୍ରଥମେ ମୋତେ କେନ୍ଦ୍ରୀୟ ବିଦ୍ୟାଳୟ ଭଲ ଲାଗୁଥିଲା । ସମଗ୍ର ଭାରତବର୍ଷର ବିଭିନ୍ନ ପ୍ରାନ୍ତରରୁ ଶିକ୍ଷକଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ସେଠାରେ ପଢ଼ୁଥିଲେ । ମୁଁ ସ୍କୁଲ ନିକଟରେ ଘରଟିଏ ପାଇଥିଲି । ପରିବାର ସହ ରହୁଥିଲି । ଏଇଠି ହିଁ ମୋର ଲେଖାଲେଖି ପାଇଁ ଉତ୍କୃଷ୍ଟ ସୁଯୋଗ ମିଳିଥିଲା । ମୁଁ କବିତା ଲେଖା ବନ୍ଦ କରି ଦେଇଥାଏ । କ୍ଷୁଦ୍ରଗଳ୍ପ ଲେଖିବାରେ ମନ

Digitized by srujanika@gmail.com

ଦେଇଥାଏ । ଆଭାସ ଗଳ୍ପ ମଧ୍ୟ ଛାଁକୁ ଛାଁ ବନ୍ଦ ହୋଇ ଯାଇଥାଏ । ଝଙ୍କାର, ନବରବିରେ ମୋ ଗଳ୍ପ ପ୍ରକାଶ ପାଉଥାଏ । ଅନ୍ୟଠି କାଁ ଭାଁ । କେତେଗୁଡ଼ିଏ ଗଳ୍ପ ହେଇଯାଇଥାଏ । ପ୍ରତ୍ୟେକଟିରେ କିଛି ନା଼ କିଛି ପରୀକ୍ଷାନିରୀକ୍ଷା ଥାଏ । ଗୋଟିଏ ନୂଆ ଗଳ୍ପ ଫର୍ମଟିଏ ଦେବାପାଇଁ ମୁଁ ଉଦ୍ୟମ କରୁଥିଲି । ବିଭିନ୍ନ ଲେଖକ ଓ ପାଠକଙ୍କ ଠାରୁ ଯଥେଷ୍ଟ ପ୍ରୋତ୍ସାହନ ମିଳୁଥିଲା । ଭାରି ଇଚ୍ଛାହେଲା ସଙ୍କଳନଟିଏ କରିବାକୁ । ମୁଁ କବି ଦୀପକ ମିଶ୍ରଙ୍କୁ କହିଲି । ସେ ଅଗ୍ରଦୂତର ମାଲିକ ବୀରବର ମହାନ୍ତିଙ୍କୁ କହିଲେ । ସେ ହଁ ନାଇଁ ହଁ ନାଇଁ ଭିତରେ ପାଣ୍ଡୁଲିପିଟି ଗ୍ରହଣ କଲେ । ସଙ୍କଳନର ନାମ ଥିଲା 'ମୁଁ ଏକ ବନ୍ଦୀଶାଳା' । ଯଥା ସମୟରେ ତାହା ପ୍ରକାଶ ବି ପାଇଗଲା । ସେହି ସଙ୍କଳନର ସଫଳତାରେ ମଉସା (ବୀରବାବୁ) ଏତେ ଖୁସି ହେଇଗଲେ ଯେ ମତେ କହିଲେ - ତମେ ଯେତେ ଗପ ବହି ଲେଖିବ - ମୁଁ ସବୁ ଛପେଇବି । ଦୁଃଖର କଥା ମୋର ଦ୍ୱିତୀୟ ଗଳ୍ପ ସଙ୍କଳନ ପ୍ରସ୍ତୁତ ହେଲା ବେଳକୁ ସେ ଇହଧାମରେ ନଥିଲେ ।

ଏହି ସମୟରେ ମୁଁ ପ୍ରଫେସର୍ ନିତ୍ୟାନନ୍ଦ ଶତପଥୀଙ୍କ ସମ୍ପର୍କରେ ଆସିଲି । ଇସ୍ତାହାରର ଦ୍ୱିତୀୟ ସଂଖ୍ୟା ପାଇଁ କବି ଦୀପକ ମିଶ୍ରଙ୍କ ସାମଗ୍ରିକ କବିତା ଉପରେ ଆଲୋଚନା ଲେଖିବା ପାଇଁ କେହି ମିଳିଲେନି । ମୁଁ ଏହା ଲେଖିବାକୁ ରାଜିହେଲି । ତାଙ୍କର ସମସ୍ତ ସଙ୍କଳନ ପଢ଼ି ଆଲୋଚନାଟି ପ୍ରସ୍ତୁତ କଲି ଓ ପଠାଇଦେଲି । ତାହା ପ୍ରକାଶିତ ହେଲାପରେ ଦୀପକ ମିଶ୍ରଙ୍କ କାବ୍ୟଚେତନାର ବୈଶିଷ୍ଟ୍ୟ ସମସ୍ତଙ୍କ ନଜରକୁ ଆସିଲା । ଏହାଥିଲା ଦୀପକ ମିଶ୍ରଙ୍କ କବିତା ଉପରେ ପ୍ରଥମ ଆଲୋଚନା ।

ଏହାପରେ ମତେ ଇସ୍ତାହାର ପାଇଁ ଅନେକ ଆଲୋଚନା ଲେଖିବାକୁ ହୋଇଚି । ମୁଁ ଇସ୍ତାହାରର ସମ୍ପାଦନା ମଣ୍ଡଳୀରେ ଅନ୍ତର୍ଭୁକ୍ତ ହୋଇଯାଇଛି । ଦୀର୍ଘ ଦିନଧରି ଏହି ପତ୍ରିକା ସହିତ୍ ସମ୍ପୃକ୍ତ ରହିଛି । ମୋର ଦେହ ଖରାପ ହେବା ପରେ ମୁଁ ଅନୁରୋଧ କଲି ମୋତେ ଅବ୍ୟାହତି ଦେବା ପାଇଁ । ମୁଁ ଇସ୍ତାହାରରେ ଯୋଗଦେଇ ନଥିଲେ ହୁଏତ ସମାଲୋଚନା ଲେଖାରେ ହାତ ଦେଇ ନଥାନ୍ତି ।

କେନ୍ଦ୍ରୀୟ ବିଦ୍ୟାଳୟରେ ଥିବା ସମୟରେ ମୋ ପତ୍ନୀ ଶ୍ୱାସରୋଗରେ ପୀଡ଼ିତା ହୋଇଗଲେ । ତାଙ୍କର ଗୋଟିଏ ଖରାପ ଗୁଣ ସେ ଆଦୌ ଔଷଧ ଖାଇବେ ନାହିଁ । କହିଲେ ଚିଡ଼ିବେ । ଏହି ରୋଗ ଅତ୍ୟନ୍ତ ମାରାତ୍ମକ । ସାରାରାତି ସେ ଶୁଅନ୍ତିନି କି ମୁଁ ବି ଶୁଏନି । ଏମିତି ମାସ ମାସ ଧରି ବିଛଣାରେ ପଡ଼ି କଣ୍ଟା ହେଇଯାନ୍ତି । ଅଧିକନ୍ତୁ ମୋ ବାପାଙ୍କର ମୁଣ୍ଡ ଖରାପ ହୋଇଗଲା । ତାଙ୍କୁ ନେଇ କଟକରେ ଚିକିତ୍ସା କରିବାକୁ ପଡ଼ିଲା । ଏହି ସମୟରେ ମୋର ବଦଳି ଆଶଙ୍କା ଦେଖାଦେଲା । କେନ୍ଦ୍ରୀୟ ବିଦ୍ୟାଳୟରେ ସେତେବେଳେ ବହୁତ ଦୂରକୁ ବଦଳି ହେଉଥିଲା । ମୁଁ ଚିନ୍ତା କରିପାରିଲି ନାହିଁ ସେଠାକୁ ଯାଇ କିପରି ମୋ

Digitized by srujanika@gmail.com

ପରିବାରକୁ ସମ୍ଭାଳିବି ? ଠିକ ଏତିକିବେଳେ ପୋଟ୍ ଟ୍ରଷ୍ଟ ହାଇସ୍କୁଲରେ ଚାକିରିଟିଏ ସୃଷ୍ଟିହେଲା । ମୁଁ ମନୋନୀତ ହୋଇ ପୋଟ୍ ଟ୍ରଷ୍ଟ ହାଇସ୍କୁଲକୁ ପଳାଇ ଆସିଲି ।

ଅଳ୍ପ କିଛି ଦିନ ପରେ ମୋ କ୍ଲାଟର୍ସକୁ ନେଇ ସମସ୍ୟା ଉପୁଜିଲା । ତେଣୁ ମୁଁ ୟୁନିୟନ୍ ନେତା ଯଦୁନାଥ ଷଡ଼ଙ୍ଗୀଙ୍କୁ ଦେଖାକଲି । ସେ ଥିଲେ ଜଣେ ସାହିତ୍ୟିକ । ସୋଭିଏତ୍ ଦେଶ ଓଡ଼ିଆ ସଂସ୍କରଣର ସମ୍ପାଦନା କରୁଥିଲେ । ବହୁ ସୋଭିଏତ୍ ପ୍ରକାଶନର ଓଡ଼ିଆ ଅନୁବାଦ କରିଛନ୍ତି । ସେ ମୋତେ ୟୁନିୟନ୍‌ରେ କାମ କରିବା ପାଇଁ ପ୍ରଭାବିତ କରିଦେଲେ । ଏଆଇଟୁୟୁସି ଅନୁବନ୍ଧିତ ଏହି ୟୁନିୟନ୍‌ର ନିତିଦିନିଆ କାମରେ ମୁଁ ସାମିଲ ହେଇଗଲି । କ୍ରମେ କ୍ରମେ ଲୋକନାଥ ଚୌଧୁରୀ ଏବଂ କୁଜଙ୍ଗ ଅଞ୍ଚଳର ଛାମୁଆ ନେତାମାନଙ୍କ ସଂସ୍ପର୍ଶରେ ଆସିଲି । ସେମାନେ ଆଦରରେ ସ୍ୱାଗତ କଲେ । ମୁଁ ସିପିଆଇ ପାର୍ଟିରେ ମଧ୍ୟ ଯୋଗଦେଲି । ସେତେବେଳେ ପାରାଦୀପରେ ପାର୍ଟିର ବହୁତ ଶକ୍ତିଶାଳୀ ଥିଲା । ମୋତେ ପାରାଦୀପ ଶାଖାର ସମ୍ପାଦକ ଏବଂ କୁଜଙ୍ଗ ଜୋନାଲ କମିଟିର ସ୍ୱଦସ୍ୟ ଭାବରେ ନିର୍ବାଚିତ କରାଗଲା । ମୁଁ ନିଷ୍ଠାର ସହିତ ମୋ କାର୍ଯ୍ୟ ସମ୍ପାଦନ କରିଛି । ପାରାଦୀପର ସମସ୍ତ ବସ୍ତି ଗଳିକନ୍ଦି ବୁଲି ଦଳ ସଙ୍ଗଠନ କରିଛି । ଖୁବ୍ କମ୍ ଦିନରେ ପାରାଦୀପରେ ପାର୍ଟିର ସ୍ଥିତି ଖୁବ୍ ପ୍ରଭାବଶାଳୀ ହୋଇଗଲା । ପାରାଦୀପରେ ଗୋଟିଏ ଜୋନ୍ ପ୍ରତିଷ୍ଠା କରିବା ପାଇଁ ପାର୍ଟି ନେତୃତ୍ୱ ବିଚାର କଲେ । କୁଜଙ୍ଗ ଜୋନ୍‌ର ଅଧିକାଂଶ ଶାଖା ସମ୍ମିଳନୀରେ ମୋତେ ଯୋଗଦେବାକୁ ଅନୁରୋଧ କରାଯାଉଥିଲା । ସବୁ ସମ୍ମିଳନୀ ବିଳମ୍ବରେ ଆରମ୍ଭ ହୁଏ । ଖାଲି ପେଟରେ ନାଲି ଚା ଖାଇ ରହିବାକୁ ପଡ଼େ ! ଗୋଟିଏ ପରେ ଭୁରି ଭୋଜନ । ମୋର ଶୃଙ୍ଖଳିତ ଜୀବନଶୈଳୀରେ ତାହା ଚଳିଲା ନାହିଁ । ମୁଁ ରୋଗାକ୍ରାନ୍ତ ହୋଇପଡ଼ିଲି । ପାର୍ଟିକାମରୁ ବିରତ ହେବା ପାଇଁ ମୁଁ ବାଧ୍ୟ ହେଲି । ରାଜ୍ୟ ନେତୃତ୍ୱ ମୋତେ ସାହିତ୍ୟ ବିଭାଗର ଦାୟିତ୍ୱ ଦେବାପାଇଁ ସ୍ଥିର କଲେ । ପୁନର୍ବାର ଆଧୁନିକ ମାସିକ ସାହିତ୍ୟ ପତ୍ରିକା ବାହାରିବାର ଠିକ୍ କରାଗଲା । କିନ୍ତୁ ବିଭିନ୍ନ କାରଣରୁ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ । ସରକାରୀ ଚାକିରି ପୁଣି ଶିକ୍ଷକତା କାର୍ଯ୍ୟରେ ରହି ଖୋଲାଖୋଲି ଭାବରେ ପାର୍ଟି କାମ କରିବା ମୋପାଇଁ ଅସୁବିଧାଜନକ ହେଉଥିଲା । ତେଣୁ ମୋତେ କେବଳ ୟୁନିୟନରେ ସୀମିତ ରହିବାକୁ ହେଲା ।

ପାର୍ଟି ସଂଗଠନରେ ରହିବାଦ୍ୱାରା ମୁଁ ତୃଣମୂଳ ସ୍ତରରେ କାମ କରିବାର ସୁଯୋଗ ପାଇଲି । ଗାଁ ଗଣ୍ଡା ବସ୍ତି କଲୋନୀମାନଙ୍କର ସାଧାରଣ ଲୋକମାନଙ୍କ ସହ ମିଶିଲି । ଅପରପଟରେ ପାର୍ଟିକ୍ଲାସରେ ଯୋଗଦେଇ ବାମପନ୍ଥୀ ଦର୍ଶନ ଓ ଆଦର୍ଶର ଶିକ୍ଷା ଲାଭ କଲି । ପ୍ରଗତିଶୀଳ ସାହିତ୍ୟ ଓ ସାହିତ୍ୟ ଆଲୋଚନା ପ୍ରଚୁର ଭାବରେ ପଢ଼ିଲି । ଏହା ଫଳରେ ମୋ ଗଳ୍ପମାନେ ୟୁଟର୍ଣ୍ଣ ନେଲେ । ପୂର୍ବଗଳ୍ପମାନେ ସ୍ଥିତିବାଦୀ ଆଦର୍ଶରେ ଲେଖା

Digitized by srujanika@gmail.com

ଯାଉଥିଲେ । ଏବେକାର ଗଳ୍ପମାନେ ଅତି ସାଧାରଣ ମଣିଷଙ୍କ ସୁଖଦୁଃଖକୁ ନେଇ ଜିଇଁ ଉଠିଲେ । ମୁଁ କିନ୍ତୁ ତା' ସହିତ ପରୀକ୍ଷାନିରୀକ୍ଷା ମଧ୍ୟ ଜାରି ରଖିଲି । ଏହା ନିଶ୍ଚିତ ଭାବରେ ମୋ ଗଳ୍ପମାନଙ୍କୁ ଗତିଶୀଳତା ଦେଇଛି ଏଥିରେ ସନ୍ଦେହ ନାହିଁ ।

ହାଇସ୍କୁଲରେ କିଛିଦିନ ରହିଲା ପରେ ଦଳର କର୍ତ୍ତୃପକ୍ଷ ମତେ ଭି ପଏଣ୍ଟ ଏମ୍.ଇ. ସ୍କୁଲକୁ ପ୍ରଧାନଶିକ୍ଷକ କରି ପଠାଇଦେଲେ । ମୁଁ ସେଠାକୁ ଆସୁ ଆସୁ ତାହା ପାରାଦୀପର ସାଂସ୍କୃତିକ ପ୍ରାଣକେନ୍ଦ୍ର ହୋଇ ଉଠିଲା । ସମସ୍ତ ଆଧ୍ୟାତ୍ମିକ ଓ କଳାତ୍ମକ କାର୍ଯ୍ୟକଳାପର ମୁଖ୍ୟ ସ୍ଥାନ ହୋଇଗଲା । ପ୍ରତି ଗୁରୁବାର ସଂଧ୍ୟାରେ ସାହିତ୍ୟ ସଭା ବସିଲା । ସବୁ ନାଟକର ରିହିଅରସାଲ୍ ସେଇଠି ହେଲା । ଏଥିପାଇଁ ମୁଁ କେବେବି କାହାକୁ ମନାକରିନାହିଁ । ଏଇଠି ଥିଲା ବେଳେ ପାରାଦୀପରେ ସାକ୍ଷରତା ଆନ୍ଦୋଳନ ହେଲା । ବନ୍ଦର କର୍ତ୍ତୃପକ୍ଷ ମୋତେ ଡେପୁଟେସନ୍‌ରେ ପାରାଦୀପ ସାକ୍ଷରତା ସମିତିକୁ ପଠାଇଦେଲେ । ମୁଁ ସେଠି ପ୍ରକଳ୍ପ ସଂଯୋଜକ ଭାବରେ କାର୍ଯ୍ୟ କରୁଥିଲି । ରାତିଦିନ କାମ । ଯେତେ କାମ କଲେ ବି ଆହୁରି କାମ କରିବାକୁ ଥିବ । ଆମେ ସମସ୍ତେ ମିଶି ଏହାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିପାରିଲୁ । ତାହା ହିଁ ଥିଲା ସଫଳତାର ଚାବିକାଠି । ଏହି ସମୟରେ ମୁଁ ଗଳ୍ପ ଲେଖିପାରିଲି ନାହିଁ । ପତ୍ରପତ୍ରିକା କେବଳ ପଢୁଥାଏ । ଯେତେବେଳେ ଅଳ୍ପ ସମୟ ପାଏ କୌଣସି ଚିନ୍ତାକୁ କବିତା ଆକାରରେ ଡାଏରୀରେ ଟିପିଦିଏ । ସେସବୁ 'ଅକବିତା' ନାମରେ ପରେ ସଙ୍କଳିତ ହୋଇଛି ।

ସାକ୍ଷରତା ଆନ୍ଦୋଳନରେ ସାମିଲ ହେଲା ପରେ ମତେ ଘରକୁ ଘର ବୁଲିବାକୁ ପଡୁଥିଲା । ପାରାଦୀପର ଗଳିକନ୍ଦି ପରିଚିତ ହୋଇଗଲେ । ସମସ୍ତେ ଆପଣାର ହୋଇଗଲେ । ଲୋକମାନଙ୍କୁ ଏତେ ନିକଟରୁ ଦେଖିବାର ସୁଯୋଗ ଅନ୍ୟଥା ମିଳି ନଥାନ୍ତା । ସାକ୍ଷରତା ଆନ୍ଦୋଳନରେ ଆମେ ଅନେକ କିଛି କରିଛୁ । ଏହା ଏଠାରେ ଉଲ୍ଲେଖ କରିବା ଅସମ୍ଭବ । ଏବେ ବି ଏହା ଚାଲୁରହିଛି ଏବଂ ଅବସର ପରେ ମୁଁ ସେହି ପ୍ରକଳ୍ପ ସଂଯୋଜକର କାର୍ଯ୍ୟ ତୁଲାଉଅଛି । କେତେବର୍ଷ ପାଇଁ ଅବଶ୍ୟ ସମ୍ପାଦକର ଦାୟିତ୍ୱ ବହନ କରିଥିଲି । କେବଳ ସାକ୍ଷରତା ସମିତି ନୁହେଁ ପାରାଦୀପର ଅନେକ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ସଙ୍ଗଠନରେ ମତେ ଦାୟିତ୍ୱ ନେବାକୁ ପଡ଼ିଥିଲା ।

ମୁଁ ପୂର୍ବରୁ ଏକଥା ଉଲ୍ଲେଖ କରିଛି ଯେ ପିଲାଦିନରୁ ସାଧୁସନ୍ଥମାନଙ୍କ ପ୍ରତି ମୋର ଶ୍ରଦ୍ଧା ଓ ଭକ୍ତିଭାବ ଥିଲା । ମୋର ବୟସ ବଢ଼ିବା ସଙ୍ଗେ ସଙ୍ଗେ ସେମାନଙ୍କ ପ୍ରତି ସନ୍ଦେହ ଓ ଅନାସକ୍ତ ଭାବ ଜାଗ୍ରତ ହେଲା । ଆମ ସମାଜରେ ତଥାକଥିତ ବାବାମାନଙ୍କର ଭଣ୍ଡାମୀ ମୋର ଅଶ୍ରଦ୍ଧାଭାବକୁ ବଢ଼ାଇ ଦେଲା । ମୋଟ ଉପରେ ଧାର୍ମିକ ଅନୁଷ୍ଠାନ ପ୍ରତି ଆକର୍ଷଣ ରହିଲା ନାହିଁ । ମତେ ମଠମନ୍ଦିର ଯିବାକୁ ଭଲ ଲାଗେନା । କିନ୍ତୁ ରାମକୃଷ୍ଣ

Digitized by srujanika@gmail.com

ପରମହଂସ, ସ୍ୱାମୀ ବିବେକାନନ୍ଦ, ଯୋଗୀ ଶ୍ରୀ ଅରବିନ୍ଦଙ୍କ ପ୍ରତି ମୋର ପରମ ଶ୍ରଦ୍ଧା ରହିଥିଲା, ସେମାନଙ୍କର ଅନେକ ପୁସ୍ତକ ପଢ଼ିଥିଲି ଓ ସେମାନଙ୍କ ଦର୍ଶନଦ୍ୱାରା ପ୍ରଭାବିତ ମଧ୍ୟ ହୋଇଛି । ଉତ୍ତରିତ ବୟସରେ ସ୍ୱାମୀ ତ୍ରୟମ୍ବକେଶ୍ୱର ସରସ୍ୱତୀ ନାମକ ଜଣେ ଯୋଗୀଙ୍କ ସଂସ୍ପର୍ଶରେ ଆସିଲି । ସେ ପରମହଂସ ସତ୍ୟାନନ୍ଦଙ୍କ ଶିଷ୍ୟ । ତାଙ୍କଠାରୁ ଯୋଗ ଶିକ୍ଷାକଲି । ସେ ଈଶ୍ୱରଙ୍କ ବିଷୟରେ କି ଧର୍ମ ବିଷୟରେ କିଛି କହନ୍ତି ନାହିଁ । ଯୋଗକୁ ବିଜ୍ଞାନ ପରି ବିଶ୍ଳେଷଣ କରନ୍ତି ଓ ଶିକ୍ଷାଦାନ କରନ୍ତି । ମୁଁ ଯୋଗକୁ ଜୀବନର ଏକ ବିଶେଷ ଅଂଶ ଭାବରେ ଗ୍ରହଣ କଲି । ଆମେମାନେ ମିଶି ଯୋଗସେବା କେନ୍ଦ୍ର ଗଠନ କଲୁ ଓ ତାର ସଙ୍ଗଠନ ଦାୟିତ୍ୱ ମୋତେ ଅର୍ପଣ କରାଗଲା । ଏହା ବର୍ତ୍ତମାନ ସକ୍ରିୟ ଭାବରେ କାର୍ଯ୍ୟରତ ।

ମୋର ଯୋଗୀ ଓ ସାଧକମାନଙ୍କ ପ୍ରତି ଅସୀମ ଶ୍ରଦ୍ଧା ଅଛି । ମୁଁ ବେଲୁଡ଼ ମଠ, ପଣ୍ଡିଚେରୀ ଆଶ୍ରମ, ମାଉଣ୍ଟ ଆବୁ, ସ୍ୱାମୀ ସତ୍ୟାନନ୍ଦଙ୍କ ମୁଙ୍ଗେର ଆଶ୍ରମ, ହରିଦ୍ୱାର ଓ ଋଷିକେଶର ସମସ୍ତ ଆଶ୍ରମ ତଥା ଓଡ଼ିଶାର ଅନେକ ସାଧନପୀଠ ବୁଲିଛି । ସବୁଠି ଆଧ୍ୟାତ୍ମିକ ପ୍ରଶାନ୍ତିର ଅନୁଭବ ମୁଁ ଲାଭ କରିଛି । ଏବେ ତ ସାଧୁମାନଙ୍କ ମଧ୍ୟରେ ଧନସମ୍ପତ୍ତି ନେଇ ପ୍ରତିଯୋଗିତା ଚାଲିଛି । ସେତିକି ବେଳେ ମନକୁ ଆସୁଛନ୍ତି ଶିରିଡ଼ି ସାଇବାବା । ବାବା ତାଙ୍କ ଭକ୍ତମାନଙ୍କଠାରୁ ପଇସା ମାଗି ରଖୁଥିଲେ ଏବଂ ସଂଧ୍ୟା ପୂର୍ବରୁ ସବୁ ପଇସା ବାଣ୍ଟି ଦେଉଥିଲେ । ଜ୍ଞାନ ଭକ୍ତି ଓ କର୍ମର ଅବତାର ଦରିଦ୍ର ଫକୀର ପରି ଚଳୁଥିଲେ । ଦୁଃଖର କଥା ଏବେ ତାଙ୍କ ଆଶ୍ରମରେ ତାଙ୍କର ସୁବର୍ଣ୍ଣ ପ୍ରତିମା ପୂଜା ପାଉଛି ଏବଂ ଅସୀମ ଧନସମ୍ପତ୍ତିରେ ଆଶ୍ରମ ଭରି ରହିଛି ।

ଚାକିରିରୁ ଅବସର ଗ୍ରହଣ କଲାପରେ ଭାବିଥିଲି ଏଣିକି ଅଧିକ ସମୟ ସାହିତ୍ୟ ଓ ସାମାଜିକ କାର୍ଯ୍ୟରେ ନିୟୋଜିତ କରିବି । ଦୁର୍ଭାଗ୍ୟକୁ ମୁଁ ଏକ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହୋଇପଡ଼ିଲି । ମୋର ସ୍ୱାସ୍ଥ୍ୟ ଅଧିକରୁ ଅଧିକ ଖରାପ ଦିଗକୁ ଗତିକଲା । ମୁଁ କେବେ ବି ମୃତ୍ୟୁକୁ ଭୟ କରିନି କି କରିବି ନାହିଁ । କିନ୍ତୁ ଅନେକ କଥା ଲେଖିପାରିଲିନି ବୋଲି ମନଦୁଃଖ ହେଲା । ହେଲେ ପର ମୁହୂର୍ତ୍ତରେ ମନ ସ୍ଥିର ହୋଇଗଲା ଏଥିରେ ବ୍ୟସ୍ତ ହବାର କିଛି ନାହିଁ । ମୋ'ଦ୍ୱାରା ଯେତିକି ହବାର ଥିଲା ହେଲା । ମୁଁ ଆଉ ବା କଣ କରିପାରିବି ? ସୌଭାଗ୍ୟବଶତଃ ଦିଲ୍ଲୀର ଏମ୍ସରେ ଦୀର୍ଘଦିନ ଚିକିତ୍ସିତ ହୋଇ ଆରୋଗ୍ୟ ଲାଭ କଲି । ଏବେ ଚିକିତ୍ସାରେ ଅଛି ।

ଦୁର୍ଭାଗ୍ୟ ସେତିକିରେ ଶେଷ ହେଲାନି । ଅସମୟରେ ମୋର ପତ୍ନୀ ମୋତେ ଛାଡ଼ି ଚାଲିଗଲେ । ସଂସାର ବାବଦରେ ମୁଁ ସମ୍ପୂର୍ଣ୍ଣ ରୂପରେ ତାଙ୍କ ଉପରେ ନିର୍ଭର କରୁଥିଲି । ମୁଁ ରୋଗାକ୍ରାନ୍ତ ହୋଇପଡ଼ିଲା ପରେ ତାଙ୍କ ଆଶ୍ରୟକୁ ହିଁ ଆଦରି ନେଇଥିଲି ।

Digitized by srujanika@gmail.com

ସେ ଚାଲିଯିବା ପରେ ମୋର ସଂସାର ଭୁଷୁଡ଼ି ପଡ଼ିଲା । ସବୁ ବିଶୃଙ୍ଖଳିତ ହୋଇଗଲା । ତଥାପି ମୁଁ ବଞ୍ଚିଚି । ସାଧ୍ୟମତେ ସାମାଜିକ କାର୍ଯ୍ୟ କରିଚାଲିଛି । କିଛି କିଛି ବି ଲେଖାଲେଖି କରୁଛି ।

ଜଣେ ଲେଖକର ଜୀବନ ଯେତିକି ବୈଚିତ୍ର୍ୟପୂର୍ଣ୍ଣ ହେବା କଥା ମୋ ଜୀବନ ସେପରି ହୋଇପାରିନାହିଁ । କେବଳ ସାଧ୍ୟମତେ ଜୀବନକୁ ପରଖିବା, ଜିଇଁବା ଓ ଭୋଗିବା ପରି କାମ କରିଚାଲିଛି । ମୁଁ ଏତିକି ଅନୁଭବ କରିଛି ଜୀବନ ଆଗରେ ଦୁଇଟି ଗୁଳା ପଡ଼ିଚି - ଗୋଟିଏ ପ୍ରେମର ଓ ଅନ୍ୟଟି ସଂଗ୍ରାମର । ତା ଉପରେ ଯେତେବାଟ ଗଡ଼ିବ ଗଡୁ ।

ଏବେ ତ ବହୁତ ସମୟ ସମୁଦ୍ର ବାଲିରେ ବସି ରହିବାକୁ ଇଚ୍ଛା ହେଉଛି । ଇଚ୍ଛା ହେଉଛି ଜାଣିବାକୁ ସମୁଦ୍ର ଓ ଆକାଶ କ'ଣ କଥାବାର୍ତ୍ତା ହଉଛନ୍ତି । ସବୁବେଳେ ରାତିଦିନ । ଚୁପଚୁପ୍ କିମ୍ବା ବଡ଼ପାଟି କରି । ଥରେ ମୁଁ ଆଶ୍ଚର୍ଯ୍ୟ ହେଇଗଲି - ସେମାନେ ମୋ କଥାହିଁ କଥାବାର୍ତ୍ତା ହଉଛନ୍ତି । ହଃ ସେମାନେ ମୋ ବାବଦରେ କ'ଣ ଜାଣିଚନ୍ତି ଯେ ଏତେ ଗପୁଛନ୍ତି - ହଉ ଗପୁଥାନ୍ତୁ ।..........

●●●

Digitized by srujanika@gmail.com

ମୋ' ଜୀବନ ମୋ' ସାହିତ୍ୟ

ଡ. ସଂଘମିତ୍ରା ମିଶ୍ର (୧୯୫୩)

ମୋ' ଜୀବନ, ମୋ' ସାହିତ୍ୟ, ଏ ତ ରୀତିମତ କାଠଗଡ଼ାରେ ଠିଆ ହୋଇ "ଯାହା କହିବି ସତ କହିବି" ଭଳି ଶପଥ କରିବାର ବ୍ୟାପାର । ତଥାପି ଏଥିରେ ଗୋଟାଏ ଭିନ୍ନ ରକମ ଆନନ୍ଦ ଥିଲା । ସେ ଆନନ୍ଦ ମୋତେ ଦେଇଥିବାରୁ ମୋର ସାନ ଭାଇ ଗିରୀଶ ଓ କୃଷ୍ଣଙ୍କୁ ମୁଁ ଶୁଭେଚ୍ଛା ଜଣାଉଛୁ । ପିଲାଦିନୁ ବଡ଼ ବଡ଼ ଲେଖକଙ୍କର ଜୀବନ ଓ ସାହିତ୍ୟ ବିଷୟ ପଢୁଥିଲି ଓ ପରସ୍ପରର ସମ୍ପର୍କ ଯୋଡୁଥିଲି ପାରୁ ପର୍ଯ୍ୟନ୍ତ । ମୁଁ ଯଦି ମୋ ଜୀବନ ଓ ମୋ ସାହିତ୍ୟ ସମ୍ପର୍କରେ କିଛି ଲେଖିବାକୁ ସମର୍ଥ ହୋଇଛି ସେଥିପାଇଁ ପ୍ରଥମେ ମୁଁ ମୋର ପରମ୍ପରା ତଥା ଗୁରୁ ଗୁରୁଜନଙ୍କ ପାଖରେ କୃତଜ୍ଞତା ସ୍ୱୀକାର କରୁଛି । ମୋର ପରିବାରର ସାହିତ୍ୟ ପ୍ରତି ଥିବା ଶ୍ରଦ୍ଧାକୁ ସ୍ମରଣ କରୁଛି ଓ ମୋ ପରିବେଶରେ ମୋତେ ଘେରି ରହିଥିବା ସମସ୍ତଙ୍କୁ ମୋର ଆନ୍ତରିକତା ଜଣାଉଛୁ ।

ପ୍ରଥମେ ମୋର ପିଲାଦିନ କଥା କହେ । ମୋର ପିଲାଦିନ ଆଉ ପାଞ୍ଚଟା ପିଲାଙ୍କ ପିଲାଦିନଠାରୁ ଭିନ୍ନ ବୋଲି ମୁଁ ଅନେକ ଥର ବିଭିନ୍ନ ପରିବେଶରେ କହିଛି । ମୋର ବାପା ବଂଶୀଧର ମିଶ୍ର ସାଲେପୁର ଥାନା ଖଣ୍ଡସାହୀ ଗ୍ରାମରେ ୧୯୦୧ରେ ଜନ୍ମ ନେଇଥିଲେ ଏକ ଜମିଦାର ପରିବାରରେ । ସେ ସମୟରେ ରେଭେନ୍ସା କଲେଜର କୃତୀଛାତ୍ର ବଂଶୀଧର, ଗୋପବନ୍ଧୁଙ୍କ ସଂସ୍ପର୍ଶରେ ଆସିଲେ । ବିଦେଶୀ ପାଠପଢ଼ିବେ ନାହିଁ ବୋଲି ବି.ଏସ୍‌ସି. ପରୀକ୍ଷା ଦେଲେ ନାହିଁ । ନବପରିଣୀତା ପତ୍ନୀଙ୍କର ପାଟଶାଢ଼ିତକ ପୋଡ଼ିଦେଲେ । ଶେଷରେ 'ଯୁବକ' ନାମକ ଲିଥୋ ପତ୍ରିକା କାଢ଼ି ବିଦେଶୀ ସରକାରଙ୍କ ବିଷଦୃଷ୍ଟିରେ ପଡ଼ିଲେ । କଟକ କଲେକ୍ଟରୀଏଟ୍ ଉପରେ କଂଗ୍ରେସ୍ ପତାକା ଲଗାଇବା ପରେ ତାଙ୍କର ଆଉ ଓଡ଼ିଶାରେ ରହିବାର ନ ଥିଲା । ଅନେକ ୱାରେଣ୍ଟକୁ ପଛରେ ପକାଇ ତରୁଣୀ ପତ୍ନୀ (୧୮ ବର୍ଷ ବୟସ୍କା) ଓ ଶିଶୁକନ୍ୟା (୩ମାସ)କୁ ଛାଡ଼ି ସେ ଅଜଣା ପଥରେ ଗଲେ । ବହୁ କଷ୍ଟ ସ୍ୱୀକାର କରି ସେ ୩/୪ ବର୍ଷ ପରେ ଲଣ୍ଡନରେ ପହଞ୍ଚିଲେ । ସେତେବେଳକୁ ସେ ପାଲଟିଥିଲେ ସୁରତ ଅଲ୍ଲି ।

Digitized by srujanika@gmail.com

ସେଠାରେ Indian Seamen's Association ଗଢ଼ି ସେ ବେଶ୍ ଲୋକପ୍ରିୟ ହୋଇଥିଲେ । ୨୪ ବର୍ଷ ଲଣ୍ଡନରେ ରହିବା ପରେ ସେ ୧୯୫୧ରେ ଭାରତ ଫେରିଲେ । ଦେଶ ସ୍ୱାଧୀନ ହୋଇସାରିଥିଲା ମାତ୍ର ସେ ଆଉ ରାଜନୀତିରେ ରହିବା ପାଇଁ ନ ଚାହିଁ ଗାଁରେ ହାଇସ୍କୁଲ କଲେ । ଶିକ୍ଷକତାରେ ବାକି ତକ ଜୀବନ ବିତାଇଦେଲେ । ୧୯୫୩ ଜୁନ୍ ୨୦ରେ ମୋର ଜନ୍ମ ଯେତେବେଳକୁ ମୋର ବାପାଙ୍କୁ ୫୨ ଓ ବୋଉଙ୍କୁ ୪୨ ବର୍ଷ । ମୁଁ ଦେଖିଛି ଆମ ଘରର ଇଷ୍ଟଦେବୀ ଦୁର୍ଗାଙ୍କ ପାଖରେ ମୋ ନନା (ବାପା) ଚଣ୍ଡୀପାଠ କରନ୍ତି । ଗୀତା ଭାଗବତ କୋରାନ୍ ସହିତ ଦାସ କ୍ୟାପିଟାଲ ତାଙ୍କ ପାଖରେ ଥାଏ । ମୁଁ ଦେଖିଛି ଦିନରାତି ସେ ଗଣିତ କରୁଥାଆନ୍ତି ତକିଆ ଉପରେ ଆଣ୍ଠୁ ମାଡ଼ି ବସି । ଗାଁ ସ୍କୁଲ୍‌ର ସବୁ ପିଲାଙ୍କ ପାଇଁ ଆମ ଘର ଥିଲା ତୀର୍ଥସ୍ଥାନ ଯେଉଁଠି ମୁଁ ଏକୁଟିଆ ବଢ଼ିଲେ ବି ନିଃସଙ୍ଗତା ଅନୁଭବ କରି ନ ଥିଲି । ଆମ ଘରର ପରିବେଶ ସମ୍ପର୍କରେ ଆଉ କିଛି ନିଶ୍ଚୟ ଲେଖିବି । ନନାଙ୍କର ଆଲମିରା ରାଧାନାଥ ଗ୍ରନ୍ଥାବଳୀ, ମଧୁସୂଦନ ଗ୍ରନ୍ଥାବଳୀ ସହିତ ବଙ୍ଗଳାର ଶ୍ରୀରାମକୃଷ୍ଣ ଲୀଳାମୃତ, ସ୍ତବ କୁସୁମାଂଜଳି, ଇଂରାଜୀର ଗ୍ରୀକ୍ ପୁରାଣ କାହାଣୀ, ବାଇବେଲ୍‌ର ବିଭିନ୍ନ କାହାଣୀ, ରବିଠାକୁରଙ୍କର ଗୀତାଞ୍ଜଳି ସଞ୍ଚୟିତା, ନନ୍ଦକିଶୋରଙ୍କର ନିର୍ଝରିଣୀ, ବିଭିନ୍ନ ଇଂରାଜୀ ବ୍ୟାକରଣ, Hidden Treasure, Stories from Roses, Child's Easy First Grammar ପ୍ରଭୃତି ପୁସ୍ତକ । ସ୍କୁଲରୁ ସେ ଆଣୁଥିଲେ ବିଭିନ୍ନ ନୂଆ ବହି । ମୁଁ ନନାଙ୍କ ପାଖରୁ ପ୍ରଥମେ ପଢ଼ିଥିଲି 'ଦାରୁଦେବତା', ବାରମାହାନ୍ତି ପାଞ୍ଜି ଆହୁରି କେତେ କେତେ ବହି । ନନାଙ୍କର ସମୟାନୁବର୍ତ୍ତିତା ଥିଲା । ବୋଉର ଥିଲା ସୁନ୍ଦର କଣ୍ଠ । ସେ ବେଶ୍ ଗାଉଥିଲା ବୈଷ୍ଣବପାଣି ଓ ବାଳକୃଷ୍ଣ ମହାନ୍ତିଙ୍କ ଗୀତାଭିନୟର ଗୀତ ସବୁ । ଏମାନେ ମିଶି ଗଢ଼ିଥିଲେ ମୋର ପିଲାଦିନ । ହଁ ନନା ଶ୍ରୀରାମକୃଷ୍ଣଙ୍କ କଳ୍ପତରୁ ଉତ୍ସବ ପାଇଁ ଭଜନ କୀର୍ତ୍ତନ ଲେଖୁଥିଲେ । ସ୍କୁଲର ବାର୍ଷିକ ଉତ୍ସବ ଓ କାହାର ବିବାହ ଉତ୍ସବ ଉପଲକ୍ଷେ ରଚିତ ତାଙ୍କର ଶତାଧିକ ଗୀତ ମୁଁ ଏବେ ପାଇଛି । (ମୋ ବାପାଙ୍କ ଜୀବନୀ ଇତିହାସର ହଜିଲା ଖିଅରେ ଏସବୁ ବ୍ୟାପକ ଭାବେ ବର୍ଣ୍ଣିତ) । ମୋ ନାନୀ ମୋଠାରୁ ୨୫ ବର୍ଷ ବଡ଼ । ସେ ଲେଖୁଥିଲା ଗ୍ରାମୋଦୟ, ଯୁଗନାରୀ ପ୍ରଭୃତି ପତ୍ରପତ୍ରିକାରେ । ମୁଁ ତା ଗପ ପଢ଼ି ଭାବୁଥିଲି ମୋ ଲେଖା ଟିକେ ଛପା ଅକ୍ଷରରେ ବାହାରନ୍ତାନି ! ନାନୀ ମୋ ପାଇଁ ମଗାଇ ଦେଉଥିଲା ଟୁଆଁଟୁଇଁ ମନପବନ ଓ ସୋଭିଏଟ୍ ଦେଶ । ମୋର ଅସୁବିଧା ଥିଲା ଗଣିତ । ଗଣିତ ଶିକ୍ଷକଙ୍କ କନ୍ୟା ହୋଇ ମଧ୍ୟ ଗଣିତ ମୋତେ ଡରାଉଥିଲା ଓ ମୁଁ ନନାଙ୍କୁ ସେ କଥା ଜାଣିବାକୁ ଦେଉନଥିଲି ମ୍ୟାଟ୍ରିକ ପରୀକ୍ଷା ପର୍ଯ୍ୟନ୍ତ । କବିତା ଲେଖା କହିଲେ

Digitized by srujanika@gmail.com

ମୋ ପାଇଁ ଥିଲା ନନାଙ୍କ ଗୀତ ଉତାରି ଦେବା ଓ କାହା ବାହାଘର ଗୀତ ଲେଖିବା । କିଛିଦିନ ଗୀତ ଗାଇବାକୁ ଆଗ୍ରହ କରିଥିଲି ଯେ ମୋର କଣ୍ଠ ସହଯୋଗ କଲାନି । ତେବେ ପଢ଼ା ଲେଖା ପାଇଁ ମୋର ଆଗ୍ରହ ଏମିତି ବଢ଼ିଥିଲା । ରାଧାନାଥ ଓ ମଧୁସୂଦନ ଗ୍ରନ୍ଥାବଳୀ ମୋର ପ୍ରାୟ ମୁଖସ୍ଥ ଥିଲା (ଆଜି ବି କିଛି ଅଛି) । ତେବେ ଗଣିତ ନ ଆସୁଥିବା ଲାଜୁକୁଳା ସ୍ୱଭାବର ଝିଅ ମୁଁ । ସେ ସମୟରେ ଜିଦ୍ କରି ପଢ଼ିବାକୁ ମୋର ସାହସ ନ ଥିଲା ବା ସେଥିପାଇଁ ଉଦ୍‌ଯୋଗ ମଧ ନ ଥିଲା । ନାନୀର ଆଗ୍ରହ ଫଳରେ ମୁଁ ଖୋର୍ଦ୍ଧା କଲେଜରେ ପ୍ରିୟୁନିଭର୍ସିଟି ପଢ଼ିଲି ଓ ଜଟଣୀରେ ତା ଘରେ ରହିଲି । ଫାଷ୍ଟ ଇୟର୍ ପରୀକ୍ଷା ପରେ ମୋର ବିବାହ ହୋଇଗଲା । ତାପରର ଘଟଣା ବେଶ୍ ଦ୍ରୁତ ତଥା କରୁଣ । ମୋର ଗୋଟିଏ ବର୍ଷ (୭୦-୭୧) ପାଠ ବିଳମ୍ବ ହେଲା । ପ୍ରଥମା କନ୍ୟାର ପୋଲିଓ ପରେ ଆଉ ପଢ଼ିବାର ଇଚ୍ଛା ବା ସୁଯୋଗ ପାଇବା କଠିନ ହେଲା । ସେତେବେଳେ ମୋ ପାଖରେ ଠିଆ ହେଲେ ମୋର ସ୍ୱାମୀ । ପୁଣି ବି.ଏ. ଓଡ଼ିଆ ଅନର୍ସ ନେଇ ପଢ଼ିଲି । ୧୯୭୩ରେ ମୁଁ କେମିତି କେଜାଣି ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଅନର୍ସରେ ପ୍ରଥମ ଶ୍ରେଣୀରେ ପ୍ରଥମ ହେଲି । ତାପରେ ମୋର ଦ୍ୱିତୀୟ ସନ୍ତାନ ଜନ୍ମ ନେଲା । ଉଭୟଙ୍କୁ ନାନୀ ପାଖରେ ଛାଡ଼ି ମୁଁ ଖୋର୍ଦ୍ଧାରୁ ବାଣୀବିହାର ଯା ଆସ କରି ପଢ଼ିଲି । ପରୀକ୍ଷା ପାଖ ହେଲା ବେଳକୁ ମୋ ସ୍ୱାମୀଙ୍କର ଶହୀଦନଗର ଡାକ୍ତରଖାନା ବଦଳି ହେଲା ଓ ମୁଁ ଭୁବନେଶ୍ୱର ଆସିଲି ପ୍ରାୟ ୧୯୭୫ ଜୁଲାଇରେ । ଡିସେମ୍ବର ୭୫ରେ ଏମ୍.ଏ. ପରୀକ୍ଷା ଦେଲି । ପରୀକ୍ଷା ୧୦ ଦିନ ଆଗରୁ ମୋ ସ୍ୱାମୀଙ୍କର ସ୍କୁଟର ଆକ୍ସିଡେଣ୍ଟ ହେଲା । ଯାହାହେଉ ସେସବୁ ବ୍ୟାପକ ଭାବେ କହିବାର ସ୍ଥାନ ଏ ନୁହେଁ ।

ଖୋର୍ଦ୍ଧାରେ ଥିବାବେଳେ ମୋର କେତୋଟି କବିତା ଚିନ୍ତାମଣି ମିଶ୍ରଙ୍କ ସମ୍ପାଦିତ 'ନବଜୀବନ'ରେ ପ୍ରକାଶିତ ହୋଇଥିଲା । ସେ ମୋ ପାଖରୁ କବିତା ନେଇଯାଉଥିଲେ ଓ ଖୋର୍ଦ୍ଧା ବସ୍‌ଷ୍ଟାଣ୍ଡରେ ଆମେ ରହୁଥିବା ଘରେ ଆଣି ପତ୍ରିକାଟିଏ ଦେଇଯାଉଥିଲେ । ବ୍ରଜସୁନ୍ଦର ମହାପାତ୍ର ଓ ଇନ୍ଦୁଭୂଷଣ କରଙ୍କ ସମ୍ପାଦନାରେ ପ୍ରକାଶିତ ମିନି କବିତା 'ବିନ୍ଦୁ'ରେ ମଧ ମୋର କେତୋଟି କବିତା ପ୍ରକାଶିତ ହୋଇଥିଲା । ଖୋର୍ଦ୍ଧା କଲେଜର ମୁଖପତ୍ର 'ପ୍ରତୀକ' ଓ ସାହିତ୍ୟ ସଂସଦର ମୁଖପତ୍ର 'ଧୂଳିମୁଠାଏ'ରେ ମୋର କବିତା ପ୍ରକାଶିତ ହୋଇଥିଲା । ଖୋର୍ଦ୍ଧାର ବଂଶୀଧର ରାଉତଙ୍କ ସମ୍ପାଦନାରେ ପ୍ରକାଶିତ ମହଲରେ ମଧ ମୋର ୩/୪ଟି ଗପ ପ୍ରକାଶିତ ହୋଇଥିଲା ।

ଭୁବନେଶ୍ୱର ଆସିବା ପରେ ସୁଚରିତା (ଶକୁନ୍ତଳା ପଣ୍ଡା)ରେ ମୋର କବିତାମାନ ପ୍ରକାଶିତ ହେଲା ଓ ସୁଚରିତା ଜରିଆରେ ମୋତେ ଏକ ସାଂସ୍କୃତିକ ବାତାବରଣ

Digitized by srujanika@gmail.com

ମିଳିଲା । ବାଲେଶ୍ୱରର ବାର୍ତ୍ତା ଊର୍ମି, ପୁରୀର 'ଗଙ୍ଗଶିଉଳି' ପ୍ରଭୃତି ପତ୍ରିକାରେ ମୋର ଲେଖା ବାହାରିଲା ଓ କ୍ରମେ ସେଥିପାଇଁ ମୋର ଆଗ୍ରହ ମଧ୍ୟ ବଢ଼ିଲା । ଶକୁନ୍ତଳା ପଣ୍ଡାଙ୍କ ଦାୟବଦ୍ଧତା ମୋତେ କବିତା ଲେଖିବାକୁ ପ୍ରେରଣା ଦେଇଛି ଓ 'ସମାବେଶ'ର ସମ୍ପାଦକ ଜଗଦୀଶ ପାଣିଙ୍କ ଆଗ୍ରହ ତଥା ବିଶ୍ୱାସ ମୋତେ ପ୍ରବନ୍ଧ ଲେଖିବାକୁ ସାହସ ଦେଇଛି । ତାପରେ ଫନୀମହାନ୍ତିଙ୍କ ସମ୍ପାଦିତ 'ସଂଯୋଗ', ଶୈଳବାଳା ଦେବୀଙ୍କ ସମ୍ପାଦିତ 'ଚୁମ୍ବକ' ପ୍ରଭୃତିରେ ମୋର ଲେଖା ପ୍ରକାଶିତ ହୋଇଛି । ହଁ 'ଏକାଙ୍କିକା' ଶୀର୍ଷକ ପତ୍ରିକାରେ ମୋର ସହପାଠୀ ପ୍ରାଣରଞ୍ଜନ ଦାସ ଓ ଅଶ୍ୱିନୀ ପଟ୍ଟନାୟକ ମୋର 'ଅରଣ୍ୟ ଫସଲ' ନାଟକ ସମ୍ପର୍କୀୟ ଏକ ଆଲୋଚନା ଛାପିଥିଲେ ଯାହା ମୋର ପିଏଚ.ଡି. ରେଜିଷ୍ଟ୍ରେସନ୍‌ରେ ସହାୟକ ହୋଇଥିଲା ।

ତେବେ ଏକଥା କହିବା ଦରକାର ଯେ ଗପ ଲେଖିବାର ସାମର୍ଥ୍ୟ ମୋର ନାହିଁ । ମୋର ୧୦/୧୫ଟି ପ୍ରକାଶିତ ଗଳ୍ପ ଅଛି ଯଦିଚ ସେସବୁ କଞ୍ଚା ହାତର ଗଳ୍ପ । ଗପ ନ ଲେଖିପାରିଲେ ଉପନ୍ୟାସର କଥା ଉଠିବ ବା କାହିଁକି ? କବିତା ମୋର ଗତକାଲିର ପସନ୍ଦ ଥିଲା ଆଜି ବି କବିତା ହିଁ ମୋର ପ୍ରିୟ, ଯେଉଁଥିରେ ମୁଁ ନିଜକୁ ନିଜେ ଅନୁଭବ କରିପାରେ । ମୋର ପ୍ରଥମ କବିତା ସଙ୍କଳନ 'ମମତାର ଉପପାଦ୍ୟ' (୧୯୭୯) । ପ୍ରାୟ ଏବେ ମୋ କବିତା ଛପା ହେଉନାହିଁ କାରଣ (କ) ମୋଠାରୁ ସମ୍ପାଦକ/ପାଠକମାନେ ପ୍ରବନ୍ଧ, ଫିଚର ନାହିଁ ତ ପୁସ୍ତକ ସମୀକ୍ଷାଟିଏ ଆଶା କରୁଛନ୍ତି । (ଖ) ମୋ କବିତାଠାରୁ ଖୁବ୍ ଉଚ୍ଚମାନର କବିତା ଏବେ ଲେଖାଯାଉଛି ଏକଥା ମୁଁ ଜାଣେ । ତଥାପି ମୋ ପାଖରେ ଏବେ ମୋର ପ୍ରକାଶିତ ୩ଟି କବିତା ସଙ୍କଳନ ସହିତ ଶତାଧିକ ଅପ୍ରକାଶିତ କବିତା ରହିଛି । ତାପରେ ପ୍ରବନ୍ଧ କଥା । ପ୍ରବନ୍ଧ ଲେଖିବା ବେଶ୍ ଧୈର୍ଯ୍ୟ ଓ ଦାୟବଦ୍ଧତା ଚାହେଁ । ବହୁପାଠୀ ନ ହେଲେ ପ୍ରବନ୍ଧ ଲେଖିବା ସମ୍ଭବ ନୁହେଁ । ତେବେ ଏକଥା ମଧ୍ୟ ସତ ଯେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଯିବାପରେ ପ୍ରବନ୍ଧ ଲେଖିବା ମୋ ପାଇଁ ସମୟର ଆବଶ୍ୟକତା ହୋଇପଡ଼ିଥିଲା । ପିଲାଙ୍କର ଅଭାବ ଅସୁବିଧାକୁ ଦୃଷ୍ଟିରେ ରଖି ମୁଁ ଅନେକ ପ୍ରବନ୍ଧ ଲେଖିଛି, ଯେଉଁଗୁଡ଼ିକ ପ୍ରଥମେ ପିଲାଙ୍କର ଆବଶ୍ୟକତା ମେଣ୍ଟାଇଛି ଓ ପରେ ମୋର ପରିଚିତି ପାଲଟିଯାଇଛି । କ୍ରମେ ଗୋଟିକ ପରେ ଗୋଟିଏ ପ୍ରବନ୍ଧ ପୁସ୍ତକ ପ୍ରକାଶକମାନଙ୍କ ଆଗ୍ରହ ଓ ସଦିଚ୍ଛା ନେଇ ପ୍ରକାଶିତ ହୋଇଛି । ଗୋଟିଏ ଗୋଟିଏ ପ୍ରବନ୍ଧ ପାଇଁ ବେଶ୍ ସମୟ (ପ୍ରାୟ ୨୦ ଦିନରୁ ୧ମାସ ଅତିକ୍ରମ୍‌ରେ) ଲାଗୁଥିଲେ ବି ମନେ ହୋଇଛି ଏତିକି ତ ଗୋଟିଏ ସୁଲିଖିତ ପ୍ରବନ୍ଧ ପାଇଁ ନିଶ୍ଚୟ ଲୋଡ଼ା । ପରେ ଅନୁସନ୍ଧାନ, ଟିଉଜ୍‌ଡେ ଭଳି ସାପ୍ତାହିକ ପତ୍ରିକାରେ ଲେଖିଛି । ପୁଣି ପ୍ରଗତିବାଦୀ

Digitized by srujanika@gmail.com

ଓ ଧରିତ୍ରୀରେ ଧାରାବାହିକ ଲେଖୁଛି । ପ୍ରଥମେ ୨୯୮୬ରେ ମୋତେ ବାଲେଶ୍ୱରର 'ବାର୍ତ୍ତା ଉର୍ମି' ପତ୍ରିକାର ସମ୍ପାଦକ ଭବେନ୍ଦ୍ରନାଥ ମହାପାତ୍ର ମାନପତ୍ର ଓ ସମ୍ବର୍ଦ୍ଧନା ଦେଇଛନ୍ତି । ସେ ଆନନ୍ଦ ସତରେ ଅପୂର୍ବ । ପିଏଚ.ଡି. କରିବା ପୂର୍ବରୁ ମୋର ପ୍ରଥମ ପ୍ରବନ୍ଧ ସଙ୍କଳନ 'ନାଟକ, ନାଟ୍ୟକାର ଓ ନାଟକୀୟତା' ଛପା ହୋଇଛି । ଫିଚର୍ ଲେଖିବାରେ ମୋତେ ସୁନାମ ଦେଇଛି ସମ୍ବାଦ ଓ ତହିଁରେ ସ୍ଥାନିତ ଯକ୍ଷ ପ୍ରଶ୍ନ । ତ ଗଲା ମୋଟାମୋଟି ମୋ ଲେଖାର ଧାରା । ହଁ ନାଟକ କଥା କହିନି । ଓଡ଼ିଆ ତଥା ହିନ୍ଦୀ ନାଟକ ମୁଁ ମୋ ଡି.ଲିଟ୍.ପାଇଁ ବହୁଦିନ ଧରି ପଢ଼ିଛି । ଭାବିଛି କିଛି ନାଟକ ଲେଖନ୍ତି । ଏମିତି କେତୋଟି ରେଡ଼ିଓ ନାଟକ ମୋର କଟକ ଆକାଶବାଣୀରୁ ପ୍ରସାରିତ ହୋଇଛି । ବିଶ୍ୱ ରେଡକ୍ରସ ଦିବସରେ ରେଡକ୍ରସର ବାର୍ତ୍ତାକୁ ନେଇ ମୁଁ ଲେଖିଥିବା ତଥା ପ୍ରତିବର୍ଷ ମେ ୮ ତାରିଖରେ ରାଜ୍ୟପାଳଙ୍କ ଉପସ୍ଥିତିରେ ଅଭିନୀତ ହୋଇଥିବା ନାଟକ ପାଇଁ ମୁଁ ପ୍ରାୟ ୩ ଥର ରାଜ୍ୟପାଳଙ୍କ ନିକଟରୁ ମାନପତ୍ର ପାଇଛି ।

କିନ୍ତୁ ଏସବୁ ମୋ ଜୀବନ : ମୋ ସାହିତ୍ୟର ଯାହା ବକ୍ତବ୍ୟ ତାହାର ପାଖାପାଖି ମଧ ହେଲା ନାହିଁ । ମୁଁ ପିଲାଦିନୁଁ ଦେଖିଛି ବାପାଙ୍କର ଈଶ୍ୱରବିଶ୍ୱାସ ଓ ଦୃଢ଼ ଆଶାବାଦର ଜୀବନ । ବୋଉଠାରୁ ଶିଖିଛି ଧୈର୍ଯ୍ୟର ପ୍ରଥମ ପାସ । ନାନୀ ତ ମୋ ପାଇଁ ମା ଭଉଣୀ ବନ୍ଧୁ ଓ ଗୁରୁର ସମାହାର । ତାଠାରୁ ଶିଖିବାର ଥିଲା ବହୁତ । ତେବେ ମୋପାଇଁ ମୋ ସୃଷ୍ଟି ମୋ ପରମ୍ପରାର ପରିପ୍ରକାଶ । ମୋ ସାମର୍ଥ୍ୟ ଓ ମୋ ଅସହାୟତାକୁ ମୁଁ ଏକାଠି ଭୋଗିଛି । ଅଧା ପାଠପଢ଼ି ବିବାହ କଲି । ସନ୍ତାନର ରୋଗଶୋକକୁ ଧରି ପାଠକୁ ମୁଁ ପ୍ରାଣପଣେ ଜାବୁଡ଼ି ଧରିଛି ଓ ମୋର ପରିଚିତି ତାଦ୍ୱାରା ଶାଣିତ ହୋଇଛି । ପାରିବାରିକ ଜୀବନରେ ଅନେକ ଅସହାୟ ମୁହୂର୍ତ୍ତ ଆସିଛି, ଯେଉଁଠି ମନେ ହୋଇଛି ଆଗକୁ ଆଉ ରାସ୍ତା ନାହିଁ, ପର ମୁହୂର୍ତ୍ତରେ ବାଟ ଦିଶିଛି । କ୍ରମେ ଅନ୍ଧାର କଟିଯାଇଛି ଓ ନିଜ ପାଦକୁ ଅନାଇଁ ଚାଲିବା ପାଇଁ ଦମ୍ଭ ଆସିଛି । ଏବେ ମୋର ଜଣେ ଶୁଭାକାଙ୍କ୍ଷୀ ପ୍ରଫେସର କହିଲେ, "ତୁମ ନାଟକରେ ପ୍ରତିବାଦ ଅଛି ଯେ ତାହା ଆଉଟିକେ ଦୃଢ଼ ଓ ଶାଣିତ ହେବାର ଥିଲା ।" ମୁଁ କହିଲି, "ସାର୍ ଲେଖିବା ଲୋକର ସାମର୍ଥ୍ୟ ତ ସେତିକି । ତା ଚରିତ୍ର ଆଉ କେତେ ଦୃଢ଼ ହୋଇ ପାରିଥାଆନ୍ତ ।" ସେ ମୋ କଥାକୁ ସମର୍ଥନ କଲେ ।

କାହାକୁ ଟାଣ କଥା କହିବା ମୋ ପକ୍ଷରେ ସମ୍ଭବ ହୁଏନାହିଁ । ପିଲାଦିନୁ କେଉଁଠି ପାଟିତୁଣ୍ଡ କଳିଗୋଳ ହେଲେ ବୋଉ ମୋତେ ଘରେ ରଖି ଦୁଆର ଆଉଜେଇ ଦେଉଥିଲା । "ତୋର କେଉଁ ସମର୍ଥ ବାପ କି ଡେଙ୍ଗା ଭାଇ ଅଛି ଯେ ତୋ ପାଖରେ ଠିଆ ହେବ ?" ଏଥିଲା ତାର ସତର୍କତା ତେଣୁ ଯଥାସମ୍ଭବ ସମାହିତ ହୋଇ ସମସ୍ୟା ସୃଷ୍ଟି ନ କରି, ଯଦି

Digitized by srujanika@gmail.com

କିଛି ସମସ୍ୟା ଅଛି ତାକୁ ଆତ୍ମସ୍ଥ କରି ବଞ୍ଚିଛି । ମୋ ଜୀବନ ଏତେ ଖୋଲାମେଲା ଯେ ସେଠି କିଛି ଗୋପନୀୟତା ନାହିଁ କହିଲେ ଚଳେ । ମୋର ପ୍ରେମ କର୍ତ୍ତବ୍ୟର ନାମାନ୍ତର ଆଉ କ୍ରୋଧ ଅସହାୟତାର ପ୍ରତିରୂପ । ମୋର ବିଚାର ବୁଦ୍ଧି ଦେଇ ମୁଁ ଦେଖିଛି ଯେ ବାଟରୁ ଅବାଟକୁ ଯାଇ ତୁମକୁ ସାହାଯ୍ୟ କରିବା ଲୋକ କେହିନାହିଁ । କେହି ମନଭରି ପ୍ରଶଂସା କଲେ ଭୟ ହୋଇଛି ଯେ ଏହି ପ୍ରଶଂସା ସହିତ କିଛି ଉଦ୍ଦେଶ୍ୟପୂର୍ତ୍ତି ନାହିଁ ତ ? ଏ ଭୟକୁ ମନରୁ ଜୋର କରି ବାହାର କରିଦେଇଛି ।

ମୁଁ ସାହିତ୍ୟ ସହିତ ଜଡ଼ିତ ହୋଇ ଏହି ଭୟକୁ ଜୟ କରିବାକୁ ଚେଷ୍ଟା କରିଛି । ଏକୁଟିଆ ହୋଇଯାଇନାହିଁ । ସାହିତ୍ୟ ମୋତେ ନିଃସଙ୍ଗତାରୁ ମୁକ୍ତି ଦେଇଛି । ମୋର ଅନେକ ଅଭାବକୁ ସାହିତ୍ୟର ସହୃଦୟତା ଭର୍ତ୍ତି କରିଦେଇଛି । ମୋର ଅଭିମାନ କ୍ଷୋଭ ସବୁ ସାହିତ୍ୟ ମାଧ୍ୟମରେ ବାହାରି ଆସିଛନ୍ତି ଯାହା ଅନ୍ୟମାନଙ୍କୁ ପ୍ରଭାବିତ କରିଛି । ମୋର ଗୋଟିଏ ଫିଚର ସଙ୍କଳନ 'ଆତ୍ମବିଶ୍ୱାସର ଚାବିକାଠି' ପଢ଼ି ଜଣେ ସମ୍ମାନନୀୟ ଲେଖିକା କହିଥିଲେ ତୁମର ଏ ବହିଟି ପଢ଼ିଥିଲେ ସେ ଝିଅଟି ହୁଏତ ଆତ୍ମହତ୍ୟା କରି ନଥାନ୍ତା (ନିକଟ ଅତୀତରେ କୌଣସି ଝିଅ ଆତ୍ମହତ୍ୟା କରିଥିବାର ସମ୍ବାଦ ଖବରକାଗଜରେ ବାହାରିଥିଲା) ଏ ମୋ ପାଇଁ ଖୁବ୍ ବଡ଼ ପ୍ରାପ୍ତି ।

ହଁ ଯେଉଁ ଜୀବନକୁ ମୁଁ ସ୍ୱପ୍ନ ଦେଖିଛି, ସେମିତି ସମତୁଲ ସମ୍ମାନଜନକ ଜୀବନ ବଞ୍ଚିବା ପାଇଁ ସାହିତ୍ୟ ହିଁ ମୋର ସାଧନାର ପୀଠ ପାଲଟିଛି । ମୁଁ ସମାନ୍ତରାଳ ପୃଥିବୀଟିଏ ନିର୍ମାଣ କରିଛି ଯେଉଁଠି ସର୍ବଂସହା ବସୁଧା ମଧ୍ୟ ପ୍ରତିବାଦ କରିପାରେ । ଯେଉଁଠି ଯୋଗ୍ୟ ପିଲାଏ ବାପାମା'ଙ୍କୁ ସମ୍ମାନର ସହିତ ଆସନ ଦେଇ ବସାଇ କହନ୍ତି, " ତୁମେ ବସି ଦେଖ, ଆମେ ପାରୁଛୁ କି ନାହିଁ । ତୁମେ ତ ଢେର ଦିନ ଧାଇଁଲଣି । ଥକ୍କା ମେଣ୍ଟାଅ" ତେଣୁ ସାହିତ୍ୟ ମୋ ପାଇଁ ସାଂସାରିକ କ୍ଷତିପୂର୍ତ୍ତିର ଉପାଦାନ ପାଲଟିଛି । ଏତିକି ନୁହେଁ ସାହିତ୍ୟ ମୋତେ ଆଶ୍ୱାସନା ଦେଇଛି । ମୋ ଦୁଃଖ କେବଳ ମୋର ନୁହେଁ ବରଂ ଏଭଳି ଦୁଃଖର ଅନେକ ଉଦାହରଣ ପୂର୍ବରୁ ରହିଛି । ଏକଥା ମୋତେ ସୂଚନା ଦେଇଛି ସାହିତ୍ୟ । ପରମ୍ପରା ପ୍ରତି ଅନୁରାଗ ମୁଁ ଉତ୍ତରାଧିକାର ସୂତ୍ରରେ ପାଇଛି । ବହୁତ ପଢ଼ିଲେ କିଛି ଲେଖିବା ସମ୍ଭବ ଓ ଯାହା ଲେଖିବ ନୂଆ ଭାବରେ ଲେଖିବ ବୋଲି ମୋ ସାର୍ କହିଥିବା କଥା ମୁଁ ମନେରଖିଛି । ପାରୁ ପର୍ଯ୍ୟନ୍ତ ପଢୁଛି । ପ୍ରାୟ ଓଡ଼ିଆ, କିଛି ହିନ୍ଦୀ ଓ ସବୁଠାରୁ ଅଳ୍ପ ଇଂରାଜୀ । ବଙ୍ଗଳା ବି କିଛି ପଢ଼ିଛି (ନାଟକ ଓ ସମାଲୋଚନା) । ତେବେ ଏସବୁ ସମୁଦ୍ରକୁ ଶଙ୍ଖେ ଭଳି । ଏକଥା କହିବାରେ ମୋର ଦ୍ୱିଧା ନାହିଁ ଯେ ମୋ ବହିଥାକରେ ଥିବା ଅନେକ ବହି ମୁଁ ପଢ଼ିନାହିଁ । ଏହି ଅସହାୟତାରୁ ମୁକ୍ତି ପାଇଁ ବହି ସମୀକ୍ଷା କରିଛି ବାରମ୍ବାର । ସାନବଡ଼

Digitized by srujanika@gmail.com

ଭଲମନ୍ଦ ବାରିନି । କାରଣ, ଭାବିଛି ଯେ ମୋର ବହି କେହି ଆଗ୍ରହରେ ସମୀକ୍ଷା କରିଥିଲେ ମୋତ ଭଲ ଲାଗିଥାଆନ୍ତା । ଜୋର୍ କରି କହିପାରିନି ବୋଲି ବୋଧେ ମୋ ବହିମାନେ ମନଉଣା କରୁଥିବେ ।

ହୁଏତ କେହି ଭାବିବେ ଏହା ମୋର ଅସହାୟତା । ଜଣେ ଆଉ କିଛି କରି ନପାରିଲେ ସେ ଲେଖାଲେଖି କରେ । ଏକଥାରେ ମୁଁ ଏକମତ ନୁହେଁ । ଲେଖିବା ଏକ ସାମର୍ଥ୍ୟ । ତାହା ଦେଶ ଦେଶ ଭିତରେ ଥିବା ବନ୍ଧବାଡ଼ ଭାଙ୍ଗିଦିଏ । ଭାଷାର ପାଚେରୀ ଡେଇଁ ଲେଖକଟିଏ ତାର ସମଧର୍ମାଙ୍କୁ ଭେଟେ ଭାବବିହ୍ୱଳ ହୋଇ । ସାହିତ୍ୟ ଜାତି, ଧର୍ମ, ବର୍ଣ୍ଣରୁ ଊର୍ଦ୍ଧ୍ୱରେ ମଣିଷର ବନ୍ଧୁ । ସେଥିପାଇଁ ତ ଜଣେ ସାରଳାଦାସ, ଜଣେ ଜଗନ୍ନାଥ ଦାସ, ବଳରାମ ଦାସ, ଉପେନ୍ଦ୍ର ରାଜ, ରାଧାନାଥ କି ଗୋପବନ୍ଧୁ ଆମ ପାଇଁ ଆଲୋକବର୍ତ୍ତିକା । ଯେମିତି ଜଣେ ସେକ୍ସପିୟର, ଜଣେ ଦସ୍ତୋଏଭସ୍କି, ଜଣେ ଟଲଷ୍ଟୟ, ଜଣେ ବର୍ଣ୍ଣାଡ଼ ଶ, ଜଣେ ସେଲି ବା ଜଣେ ଇଲିୟଟ୍ ଆମ ପାଇଁ ଆପଣାର । ଛାଡ଼ନ୍ତୁ । ବହି ଯେ ମଣିଷର ଶ୍ରେଷ୍ଠ ବନ୍ଧୁ, ଆମ ସଂସ୍କୃତିର ସଂରକ୍ଷକ, ଆମ ପରମ୍ପରାର ପ୍ରତିଭୂ ଓ ଆମ ଆଚରଣର ପ୍ରତୀକ ଏକଥା ତ ବହୁ ପରୀକ୍ଷିତ ସତ୍ୟ । ମୋ ଜୀବନ କ'ଣ ଏଥିରୁ ଭିନ୍ନ କି ? ନା ତାହା ତ ବହି ସହିତ ଏତେ ବେଶି ଜଡ଼ିତ ଯେ ସେ କଥା ମୁଁ ଅନୁଭବ ହିଁ କରିପାରେ । ବୋଉ କହୁଥିଲା, “ଲେଖା କାଗଜ ପୋଡ଼ିବନି କି ଅଲେଖାକାଗଜ ମାଡ଼ିବନି ।” ବାପା କହିଥିଲେ, “ପାଠ ବିକ୍ରି ହୁଏନି । ଦାନ କରାଯାଏ । ବହି ଏକାଧାରରେ ଗୁପ୍ତ ବନ୍ଧୁ ଓ ପଥପ୍ରଦର୍ଶକ ।” ନାନୀ ବି ସେଇକଥାକୁ ଆଉ ଟିକେ ଭିନେବାଗରେ କହିଥିଲା, “ମଣିଷର ପ୍ରଥମବନ୍ଧୁ ଈଶ୍ୱର ଓ ଦ୍ୱିତୀୟ ବନ୍ଧୁ ବହି ।” ତେବେ ଏମାନଙ୍କର ଆଶୀର୍ବାଦ ମୁଁ ପ୍ରତି ମୁହୂର୍ତ୍ତରେ ଅନୁଭବ କରିଛି । ମୋ ଛାତ୍ରଛାତ୍ରୀଙ୍କୁ ଶିଖାଇଛି, ବହି ଗଣିବନି । ଯାହା ଘରେ ବେଶି ପୁଅଝିଅ ସେମାନେ କାହାକୁ କୁହନ୍ତିନି । ବରଂ ପାରିଲାପିଲାଟିର ଗୌରବ କହି ଗୌରବାନ୍ୱିତ ହୁଅନ୍ତି । ଆମ ଭାଷା ସାହିତ୍ୟ ପାଇଁ ସତରେ ବହିକୁ ସଂଖ୍ୟାରେ ଗଣିବାଠାରୁ ମାନରେ ଗଣିବା ଭଲ ବୋଲି ମୁଁ ଭାବେ । ଆମ ଓଡ଼ିଆ ଭାଷା ସାହିତ୍ୟ କୋର୍ସ ବହିର ବାହାରେ ଅଛି ଓ ସେଥିପାଇଁ ଆଗ୍ରହ ସହିତ ସତର୍କତା ଲୋଡ଼ା ବୋଲି ମୁଁ ଭାବେ । ମୋ କଥା କିଏ କେମିତି ଗ୍ରହଣ କରିଛନ୍ତି ମୁଁ ଜାଣେନି କିନ୍ତୁ ଆଜିକାଲିର ସାହିତ୍ୟ ପଢୁଥିବା ପୁଅଝିଅଙ୍କ ଭିତରେ କିଛି କମିକୁଣ୍ଠା ମୁଁ ଲକ୍ଷ୍ୟ କରିଛି । ଏକଥା ନୁହେଁ ଯେ ଏହା ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ । ସ୍ୱତନ୍ତ୍ର ମଣିଷଟି ସର୍ବଦା ଉଦାହରଣ ହୋଇପାରେ ନାହିଁ, ଏକଥା ମୁଁ ମୋର ଅନୁଭବରୁ ଜାଣିଛି ।

Digitized by srujanika@gmail.com

ସେସବୁ ବିଚାର ଭବିଷ୍ୟତ ଉପରେ ଛାଡ଼ି ଦିଆଯାଉ । ମୁଁ କ'ଣ ସବାଶେଷ ଲୋକ କି ? ଆହୁରି ଶାଣିତ ଚିନ୍ତା ସମ୍ପନ୍ନ ଆଗ୍ରହୀ ପ୍ରତିଭାବାନ ପିଲାଏ ଆସୁଛନ୍ତି ବୋଲି ପରା ମୁଁ ପ୍ରତି ମୁହୂର୍ତ୍ତରେ ଅପେକ୍ଷା କରୁଛି । ହଁ ମୋର ବହି ସହିତ ସମ୍ପର୍କ କଥା କହୁ କହୁ ବାଟ ଭୁଲିଗଲି । ବୋଧେ ଦୀର୍ଘଦିନ ବହି ସହିତ ଯୋଡ଼ି ହୋଇରହିଛି ତ ! ସତକହୁଛି ଅନେକ ସମୟରେ ବହିମାନଙ୍କ ସହିତ ମୁଁ କଥାବାର୍ତ୍ତା କରେ । କାହିଁକି ଅଧାପଢ଼ି ରଖିଛି ବୋଲି ସେମାନଙ୍କୁ ବୁଝାଏ, ସେସବୁ ଚରିତ୍ରମାନଙ୍କୁ ବୁଝେ । ବଞ୍ଚେ ଆଉ କେଉଁ ବିପୁଳ ଜୀବନାନୁଭବର ଅଧିକାରିଣୀ ହୁଏ, ତାହା ମୁଁ ବୁଝାଇପାରିବିନି । ଏପରି କି ଭାଷାକୋଷ, ବିଭିନ୍ନ ଅଭିଧାନ ଏସବୁ ମଧ୍ୟ ମୋ ପାଇଁ ଯେକୌଣସି ଇଣ୍ଟରନେଟ୍‌ଠାରୁ ଅଧିକ ଉପଯୋଗୀ । ହାତ ବଢ଼ାଇଲେ ସେମାନେ ଆଗ୍ରହରେ ମୋ ହାତ ଧରନ୍ତି । ମୋ କଲମକୁ ବାଟଚଲା ଶିଖାନ୍ତି । ଅନେକ ଦୁଃସ୍ଥିତିକୁ ଅତିକ୍ରମ କରିବା ପାଇଁ ମୁଁ ସେମାନଙ୍କ ସାହାଯ୍ୟ ଲୋଡ଼େ । କିନ୍ତୁ ସେମାନଙ୍କୁ ସଜାଡ଼ି ସାଇତି ରଖିପାରେ ନାହିଁ । ସେମାନେ ବେଳେବେଳେ ମୋତେ ସେଥିପାଇଁ ଗାଳିଦିଅନ୍ତି । ଅଭିମାନ କରନ୍ତି । ସେଇଠି ଥାଇ ବି ଶବ୍ଦଟିର ଅର୍ଥ ମୁଁ ଖୋଜିପାରେନି ବାଟବଣା ହୁଏ । ତାପରେ ମୁଁ ସେମାନଙ୍କୁ ଭୁଲ୍ ମାଗେ । ଆଉ ଏମିତି କରିବିନି କହି କାନ ବି ଧରେ । ନୂଆ ବହି ଖଣ୍ଡିଏ ଆଣି ଥାକରେ ରଖିଲାବେଳେ ପୂର୍ବରୁ ସେଠାରେ ଥିବା ବହିମାନଙ୍କୁ କହେ, "ଏଥର ଏ ନୂଆ ସାଙ୍ଗଟି ତୁମ ସହିତ ରହିବ ।"

ହଁ ବହି ପଢ଼ାକଥା କହୁଥିଲି ପରା । ମୁଁ ସବୁଠୁଁ ଭଲ ପାଏ ଜୀବନୀ ଆତ୍ମଜୀବନୀ ଆଉ ଭ୍ରମଣ କାହାଣୀ ପଢ଼ିବାକୁ । ଭ୍ରମଣ କାହାଣୀ ପଢ଼ିଲାବେଳେ ତ ମୁଁ ଲେଖକଙ୍କ ହାତ ଧରି ସେସବୁ ଜାଗାରେ ବୁଲିଆସେ । ଜୀବନୀ ଓ ଆତ୍ମଜୀବନୀ ପଢ଼ି ନାନା ଅଭିଜ୍ଞତା ପାଏ । ବିଶିଷ୍ଟ ବ୍ୟକ୍ତିମାନଙ୍କର ଜୀବନର ଅନେକ ରହସ୍ୟ ବୁଝିପାରେ । ତ୍ୟାଗ ନ ଥିଲେ କେହି ସ୍ୱତନ୍ତ୍ର ହୋଇପାରିବା ସମ୍ଭବ ନୁହେଁ ବୋଲି ବାରମ୍ବାର ଉପଲବ୍ଧି କରେ । ବେଳେବେଳେ ଅନେକ ଆତ୍ମଜୀବନୀ ପଢ଼ିଲେ ପରସ୍ପର ଭିତରେ ଥିବା ଅମେଳ ଆଖି ସାମନାକୁ ଆସିଯାଏ । ହଁ ଅନୁବାଦ ମଧ୍ୟ ଆଉ ଏକ ଝରକା, ଯାହା ବାହାରକୁ ଖୋଲେ ଆଉ ପବନ ଆଲୁଅ ଘର ଭିତରକୁ ହାଲୋଳ କରିଦିଅନ୍ତି । ମୁଁ କିଛି ଅନୁବାଦ ତ କରିଛି । ୪/୫ଟି ନାଟକ, ୨ଟି ଶିଶୁ ଉପଯୋଗୀ ପୁସ୍ତକ ଓ ଗୋଟିଏ ଉପନ୍ୟାସ ।

ମୋ ଲେଖା ମୋ ଜୀବନର ଅନେକ ଅସହାୟତାର କ୍ଷତିପୂରଣ । ଅନେକ ସାମର୍ଥ୍ୟର ବୋନସ୍ । ଏ କ୍ଷତିପୂରଣ ପାଇବା ପାଇଁ ମୁଁ କୋର୍ଟ କଚେରୀ ଯାଇନି, ଯାଇଛି ଶ୍ରଦ୍ଧାଳୁ ପାଠକ ପାଖକୁ । ବୋନସ୍ ତ ଆପେ ଆସିଛି, କାରଣ ବୟସ ଓ ଅନୁଭବ ବଢ଼ିବା ସହିତ ମୁଁ ଲେଖିଛି ମୋ ପ୍ରତି ମୋ ଜୀବିକା ପ୍ରତି ପୂର୍ବରୁ ଉନ୍ନାସିକ ଭାବପୋଷଣ କରୁଥିବା

Digitized by srujanika@gmail.com

ଅନେକବ୍ୟକ୍ତିଙ୍କର ସପ୍ରଶଂସ ଦୃଷ୍ଟି । ଆଉ କି ବୋନସ ମୁଁ ପାଇଥାଆନ୍ତି ଅବା ? ଦୂରରେ ଥିବା ଛାତ୍ରଛାତ୍ରୀ ଓ ବନ୍ଧୁମାନେ ନିର୍ଦ୍ଦିଷ୍ଟ ତଥ୍ୟ ପାଇବା ପାଇଁ ମୋତେ ଫୋନ୍ କରି ଅନାଇ ବସିଛନ୍ତି ଉତ୍ତର ପାଇଁ । ସମ୍ପାଦକମାନେ ନିଃସଙ୍କୋଚରେ ଅନୁରୋଧ କରିଛନ୍ତି ନିର୍ଦ୍ଦିଷ୍ଟ ବିଷୟରେ ନିର୍ଦ୍ଦିଷ୍ଟ ସମୟରେ ଲେଖାଟିଏ ପ୍ରସ୍ତୁତ କରିଦେବାକୁ । ଏ କ'ଣ କମ୍ ସାନ୍ତ୍ୱନା । ଜାଣିନି, ମୁଁ ସମସ୍ତଙ୍କୁ ସନ୍ତୁଷ୍ଟ କରିପାରିଛି କି ନାହିଁ । ତଥାପି ଚେଷ୍ଟା କରିଛି, ଏତିକି ଢେର ।

ଏଥର ମୋ ପରିବାର କଥା ଟିକେ କହେ । ମୋ ପୁଅ ଡି.ଏମ୍. ସ୍କୁଲ୍‌ରେ ପଢୁଥିବା ବେଳେ ମୋତେ ନ ଜଣାଇ ଅଲ୍‌ଟରନେଟିଭ୍ ଇଂରାଜୀ ନେଇଥିଲା ବୋଲି ମୁଁ ୩/୪ଦିନ କାନ୍ଦିଥିଲି । ଖାଇପାରିନଥିଲି । ଆଜି ମୁଁ ସେସବୁ ଅତିକ୍ରମ କରିଆସିଛି । ଝିଅପୁଅ ଉଭୟ ନାଟକ କରିବାରେ ଆଗ୍ରହୀ ଓ ସେମାନେ ଖୁବ୍ ଭଲ ଗୀତ ଗାଆନ୍ତି । ସ୍ୱାମୀ ତ ମୋର ସୌଖୀନ ମଞ୍ଚ ଅଭିନେତା ଓ ନିର୍ଦ୍ଦେଶକ, ମୋ ବୋହୂ ଇଂରାଜୀ କବିତା ଲେଖେ । ପିଲାମାନେ ବଡ଼ ହୋଇ ନିଜ ନିଜ ଦାୟିତ୍ୱ ବୁଝିବାକୁ ଉପଯୁକ୍ତ ହେବା ପରେ ମୋ ପାଇଁ ସମୟ ଢ଼େର ଅଛି ଯଦିଚ ସଭା ସମିତି, ଖାତା ଦେଖା, ପ୍ରଶ୍ନ ତିଆରି, ସେମିନାର ୱାର୍କସପ୍‌ର ଜଞ୍ଜାଳ ଅଛି । ଅଛି ସାମାଜିକ ଦାୟବଦ୍ଧତା ଓ ଡ଼ାକ୍ତରପତ୍ନୀର ଦାୟ । ଦୀର୍ଘଦିନର ଅଭ୍ୟାସ ଫଳରେ ମାଡ଼ି ମକ୍‌ଚି ଚାଲିଛି । ମୋର ନାତିମାନେ (୨ଜଣ) ପଢ଼ାଲେଖା କରୁଛନ୍ତି । ବଡ଼ନାତି କବିତା ଲେଖୁଛି ଓ ସାନ ଚିତ୍ର କରୁଛି, ବାଜା ବଜାଉଛି । ସେସବୁକୁ ଛାଡ଼ି ତ ଜୀବନ ଚାଲିବନି ନା ! ମୋ ନାତିମାନଙ୍କୁ ନେଇ ମୁଁ ଶିଶୁକବିତା, ଶିଶୁ ନାଟକ କିଛି ଲେଖିଛି । ସେସବୁ ପ୍ରାୟ ମୁଦ୍ରିତ । ତଥାପି ଏବେ କିଛି ଲେଖୁଛି । ହଁ ମୋ ପରିବାର କହିଲେ ତାର ବିସ୍ତୃତି କେତେ ମୁଁ ଠିକ୍‌ଭାବେ କହିପାରିବିନି,କାରଣ କ୍ରମେ ତାହା ବଢ଼ିଚାଲିଛି ଋଷିଙ୍କ କମଣ୍ଡଳୁର ଛୋଟ ମାଛ ମତ୍ସ୍ୟ ଅବତାରରେ ରୂପାନ୍ତରିତ ହେବ ଭଳି ।

ମୋତେ ଦିନେ ବାପା କହିଥିଲେ, 'ନିର୍ଭୟ କର ପ୍ରଭୁ ରାଜାରାମ ।' ଆଉ ବୋଉ କହିଥିଲା, 'ଭୟ ଯେଉଁଠି ଜୟ ସେଇଠି ।' ବାପା କହିଥିଲେ, 'ସତ୍ୟ ହିଁ ଈଶ୍ୱର ।' ବୋଉ କହିଥିଲା, 'ସବୁ ସମୟରେ ସତ ଜାଣି ମଧ୍ୟ କୁହାଯାଏନି ।' କ୍ରମେ ଉଭୟଙ୍କ କଥା ମୋତେ ସ୍ୱଷ୍ଟ ଦିଶିଥିଲ ଓ ମୋ ଭିତରେ ଥିବା ଦ୍ୱିଧା କଟିଯାଇଥିଲା । ମୋ ମନଲାଖି ସମୟ ମୋତେ ମିଳିବାର ନାହିଁ ବୋଲି ମୁଁ ବୁଝିପାରିଥିଲି ଖୁବ୍ ପିଲାଦିନୁଁ । ସବୁତକ ପିଲାଳିଆମି ଝାଡ଼ିଝୁଡ଼ି ଦେଇଥିଲି ମୋ ନାନୀ ପାଖରେ । ଠିକ୍ କାମ କଲେ ପ୍ରଶଂସା ମିଳେନି ଓ ଭୁଲ୍ କାମ ପାଇଁ ଦଣ୍ଡ ହିଁ ମିଳେ ଯାହା ମୋ ପାଖରେ ବାରମ୍ବାର ସିଦ୍ଧ

Digitized by srujanika@gmail.com

ହୋଇଥିଲା । ମୁଁ ବିଚାରିଥିଲି ଏମିତି କଣ ସରିଯିବ ଜୀବନ ! ସମସ୍ତେ ତ ମୋ ଭଳି ନୁହଁନ୍ତି ! କେତେ ଚତୁରତାରେ ମିଛ କୁହାଯାଏ, ଚାଲାକ ହୋଇ ଅନ୍ୟର ଆଘାତକୁ ଆଉଁଷି ଦେବା ନାଁରେ ରାମ୍ପୁଡ଼ି ଦେଇହୁଏ ତା ମୁଁ ଅନୁଭବ କରିଥିଲି । ତେବେ ମୋ ପାଇଁ ଆଉ ଏକ ଉଜ୍ଜ୍ୱଳ ଦିଗ ଥିଲା, ଯେଉଁଆଡ଼କୁ ମୁଁ ବାରମ୍ବାର ଆଗ୍ରହରେ ଅନାଉଁଥିଲି ତାହା ଥିଲା ମୋ କାଗଜକଲମ ଆଉ କବିତା ଖାତା । ସେ ଖାତାର ଅନେକ ପୃଷ୍ଠା ମୋ ଲୁହରେ ଅବଶ୍ୟ ଭିଜିଥିବ । ହେଲେ ଆଜି ଆଉ ଲୁହ ଝରୁନି । ବୋଧେ ଶେଷ ହୋଇଯାଇଥିବ କି କ'ଣ ? ହଁ ଯେତେବେଳେ ତଥାକଥିତ ଆତ୍ମୀୟମାନେ ମୁହଁ ଫେରାଇ ନେଇଛନ୍ତି ନିଜ ନିଜ ଝୁଲି ପୂର୍ଣ୍ଣ ହେବା ପରେ, ସେତେବେଳେ ମୋର ସମଧର୍ମୀବନ୍ଧୁ ମୋର ଛାତ୍ରଛାତ୍ରୀ ମୋତେ ଆପଣାଇଛନ୍ତି । ମୋ ଦୁଃଖରେ ସମଦୁଃଖୀ ହୋଇଛନ୍ତି ଓ ମୋ ସୁଖରେ ସମଭାଗୀ ହୋଇଛନ୍ତି । ତେଣୁ ମଣିଷ ପ୍ରତି ଶ୍ରଦ୍ଧା ଓ ସମ୍ମାନ ମୋର ଊଣା ହୋଇନାହିଁ ବରଂ ଆହୁରି ଉଜ୍ଜ୍ୱଳ ହୋଇଛି । ମୋ ସୃଷ୍ଟି ଭିତରୁ ଏଭଳି ଝଲକ ମିଳିପାରିବ ବୋଲି ମୁଁ ଭାବୁଛି । ସୃଷ୍ଟି ସହିତ ସମାଲୋଚନାର ଶୋଣିତ ସମ୍ପର୍କ ରହିଛି ଏକଥା ଅବା ନ ଜାଣେ କିଏ ? ତେବେ ସମାଲୋଚନାକୁ ନିନ୍ଦା ବା ପ୍ରଶଂସା ଭାବି ଉତ୍ତେଜିତ ହେବା ଆମର ସଙ୍କୁଚିତ ଦୃଷ୍ଟିଭଙ୍ଗୀ । ନାଟକର ସମୀକ୍ଷା କରିବାକୁ ଯାଇ ମୁଁ ଏଭଳି ଅସ୍ୱସ୍ତିର ସମ୍ମୁଖୀନ ହୋଇଛି । ଭଲ ବହିଟିଏ ନିଅ ପଢ଼ିବ କହି ଜବରଦସ୍ତି ପରିଚିତ ମଣିଷମାନଙ୍କୁ ବହି ଦେଇ ନାନା ଅସ୍ୱସ୍ତି ବରଣ କରିଛି । ପିଲାଦିନୁ ଯାତ୍ରା, ପାଲା, ଦାସକାଠିଆ ଦେଖିବାର ସୁଯୋଗ ପାଇଥିଲି । ମେଳଣ, ରଜଦୋଳି, ଦଶହରା ସନ୍ଧିପୂଜା ଆଉ ଅଗିରା ପୂନେଇଁ ଦେଖିଥିଲି । ସେସବୁ ମୋର ସାହିତ୍ୟ ଭିତରକୁ ପଶିଆସିଛି । ଦୋଳଭଳି ଉତ୍ସବ କଥା ଲେଖିବାବେଳେ ମୁଁ ଆଜିର ଦୋଳ ସହିତ ତାକୁ ତୁଳନା କରିଛି ଓ ଫଗୁଖେଳକୁ ନେଇ ଯେଉଁ ପ୍ରାଚୀନ ସଙ୍ଗୀତ ରହିଛି ସେସବୁ ସ୍ମୃତିରୁ ସାଉଁଟି ଆଣି ଖଞ୍ଜିଦେଇଛି ମୋ ଲେଖାରେ । ମୋ ଲେଖା ପାଲଟିଯାଇଛି ମୋର ଅତୀତ ଓ ବର୍ତ୍ତମାନର ମାନସିକତାର ତୁଳନା, ସେଥିପାଇଁ ତ ସବୁ ବୟସର ସବୁ ଶ୍ରେଣୀର ମଣିଷ ମୋ ଫିଚରକୁ ଆଦର କରିଛନ୍ତି ।

ଗାଁ ଗହଳର ସାହିତ୍ୟସଭାକୁ ଗଲେ 'ଯକ୍ଷପ୍ରଶ୍ନ'ର ଲେଖିକା ଭାବେ ବେଶ୍ ସମ୍ମାନର ସହିତ ଗୃହୀତ ହୋଇଛି । ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସେମିନାର୍ ପାଇଁ ଯାଇଛି । ସବୁଠି ପାଇଛି ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କର ଆନ୍ତରିକତା ।ବହୁ ଛାତ୍ରଛାତ୍ରୀ ନିଜ ନିଜର ବ୍ୟକ୍ତିଗତ ସମସ୍ୟା ବିଷୟରେ ମୋତେ ଚିଠି ଲେଖି ମୋଠାରୁ ସମାଧାନର ସୂତ୍ରଟିଏ ଚାହିଁଛନ୍ତି । ମୁଁ ସେମାନଙ୍କର ବିଶ୍ୱାସର ଯୋଗ୍ୟ ହୋଇଛି କି ନାହିଁ

Digitized by srujanika@gmail.com

ଜାଣେନି ତେବେ ଏତିକି ଜାଣିଛି ଯେ ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳରେ ମୋର ଛାତ୍ରଛାତ୍ରୀମାନେ ଅଛନ୍ତି ଯେଉଁମାନେ ମୋତେ ଖୁବ୍ ଶ୍ରଦ୍ଧା କରନ୍ତି । ଏକଥା ସତ ଯେ ଅଧ୍ୟାପିକାଟିଏ ହେଲେ ଲେଖାଲେଖି ପାଇଁ ସୁଯୋଗ ଅଧିକ ଥାଏ । ପୁଣି ବାଣୀବିହାରରେ ଦୀର୍ଘଦିନ ରହିବା ଓ ମୋର ଦାୟିତ୍ୱକୁ ଦାୟବଦ୍ଧତାରେ ପରିଣତ କରିବା ସମୟରେ ଲେଖାଲେଖି ଆଉ ମୋ ପାଇଁ ଖୁସିବାସିର କଥା ନୁହେଁ ବରଂ ସମୟର ଆବଶ୍ୟକତା ପାଲଟି ଯାଇଛି । ମୁଁ ଜାଣିଛି ମୋର ସାମର୍ଥ୍ୟ ସଂସାରର ଅସରନ୍ତି ଦୁଃଖ ଦୂର କରିବାକୁ ଅକୁଳାଣ । ମୋର ଭାଷାର ଦମ୍ଭ ମଧ୍ୟ ମୋ ଭାବକୁ ଅନେକ ସମୟରେ ଧରି ରଖିବାରେ ସମର୍ଥ ହୋଇପାରୁ ନାହିଁ । ବିଦ୍ରୋହର କଥା କହିବାବେଳେ କାନ୍ଦ କାନ୍ଦ ହେବା ଭଳି ବ୍ୟାପାର । ଏକଥା ମୁଁ ଜାଣିଛି ଓ ଏହି ଅସହାୟତାରୁ ମୁକ୍ତି ପାଇବାକୁ ଚେଷ୍ଟା କରିଛି । କିନ୍ତୁ ବାରମ୍ବାର ହାରିଯାଇଛି । ଭାବିଛି ମୋ ସାହିତ୍ୟ ତ ମୋ ଜୀବନର ପ୍ରତିଫଳନ ହେବ ନାଁ । ଯେତେ ଦମ୍ଭ ରଖିଲେ ବି ହଳଦୀବସନ୍ତ ଛଆଣ ହେବା ସମ୍ଭବ ନୁହେଁ । ହଁ ନାରୀ ଭାବେ ମୋର କିନ୍ତୁ ସାମାଜିକ ଦାୟ ରହିଛି । ତେବେ ନାରୀର ଦୁଃଖ ଦୁର୍ବିପାକ ମୋତେ ଯେମିତି ଅଭିଭୂତ କରିଛି ତାର ଗର୍ବ, ଆତ୍ମବଡ଼ିମା ଓ ପରମ୍ପରା ବିଚ୍ୟୁତି ମୋ ଆଖିରେ ସେତିକି ଧରାପଡ଼ିଛି । ଅବଶ୍ୟ ସବୁଥିରେ ବ୍ୟତିକ୍ରମ ରହିଛି । ତଥାପି ମୋ ସାହିତ୍ୟରେ ଏସବୁ ପ୍ରତି ମୁଁ ଯଥେଷ୍ଟ ଗୁରୁତ୍ୱ ଦେଇଛି ବୋଲି ମନେ କରୁଛି ।

ମୋ ସାହିତ୍ୟ ଅବା କୋଉ ଅପୂର୍ବ ଯେ ତାର କିଛି ସ୍ୱାତନ୍ତ୍ର୍ୟ ରହିବ, ଏମିତି କିଛି କଥା ନାହିଁ । ତା'ପରେ ମୁଁ ଯେତେବେଳେ ଯାହା ମନେ କରିଛି ତା' ଲେଖିଛି । ମୋର ଶୁଭେଚ୍ଛୁମାନେ କହନ୍ତି ଗୋଟିଏ ଦିଗରେ ହାତ ଦେଇଥିଲେ ଭଲ ହୋଇଥାଆନ୍ତା । ମୁଁ କିନ୍ତୁ ଦି ହାତ ବଢ଼ାଇ ପୃଥିବୀ ଆବୋରିବାର ଚେଷ୍ଟା କରିଛି । ପିଲାଦିନେ ଗୀତ ଗାଉଥିଲି । ଅଧାରୁ ଛାଡ଼ିଲି । କୈଶୋରରେ ଚିତା ମୁରୁଜ ବଡ଼ ପକା ଆଚାର ତିଆରି ଶିଖିଥିଲି, ଭୁଲିଯାଉଛି କ୍ରମେ । ଯୌବନରେ ଚାଉଳ ପାଛୁଡ଼ିବା, ପିଠା ଗଢ଼ିବା, ସିଲେଇ ଶିଖିଲି କିଛି ଲୋଡ଼ା ହେଲାନି । ସେଥିପାଇଁ ମୋର ବିଶେଷ ଅବସୋସ ବି ନାହିଁ । ଏମିତି କିଏ କହିଦେଲେ ଟିକେ ଚାଉଁ କରିଲାଗେ ଯାହା । ସେମିତି ଯାହା ଯେଉଁ ଭାବରେ ମୋ କଲମ ମୁନରେ ଧରା ଦେଇଛି ତାକୁ ମୁଁ ସାଇତିଛି । ବେଳେବେଳେ ଗୁଣୁଗୁଣେଉଥିବା ଗୀତକୁ ଲେଖିବାକୁ ବସି ଭୁଲିଯାଇଛି । ଭାବିଛି ସରସ୍ୱତୀଙ୍କୁ କଣ ମୁଁ ଯେତେବେଳେ ଚାହିଁବି ବାନ୍ଧି ରଖିପାରିବ କି ?

ଯେଉଁ ଦିବ୍ୟଶକ୍ତିର କରୁଣାରେ ସମଗ୍ର ପୃଥିବୀ ଆତଯାତ, ତାଙ୍କ ଉପସ୍ଥିତି ମୁଁ ଅନେକ ସମୟରେ ଅନୁଭବ କରିଛି । କେତୋଟି ଲେଖା ଲେଖିସାରିବା ପରେ ପଢ଼ି ଭାବିଛି

Digitized by srujanika@gmail.com

ଏ ସବୁ ମୁଁ ଲେଖିଛି ତ ? କେତୋଟି ଲେଖା ଲେଖିବା ପୂର୍ବରୁ ମୁଁ କିଛି ନିର୍ଦ୍ଦେଶ ମଧ୍ୟ ପାଇଛି । ଯେଉଁ କବିଜନନୀ ସରସ୍ୱତୀ ବାକ୍ ଦେବୀ ଭାବରେ ମୋ କଣ୍ଠରେ ବିଜେ କରିଛନ୍ତି, କେବଳ ମୋର ବାକ୍ୟ ନୁହେଁ ମୋର କର୍ମ ଓ ମୋର ଚେତନାକୁ ନିୟନ୍ତ୍ରଣ କରୁଛନ୍ତି, ତାଙ୍କ ଉପରେ ମୋର ଅଗାଧ ବିଶ୍ୱାସ । ମୁଁ ତାଙ୍କ ହାତ ଧରିବା ଢେର ନୁହେଁ ଯଦି ସେ ମୋ ହାତ ଧରିବେ, ତେବେ ଆଉ ପଡ଼ିବାର କି ହୁଡ଼ିବାର ଭୟ ରହିବ ନାହିଁ । କଳା (Art)ର ପଥ ତ ସତତ ଉତ୍ତରଣର ପଥ । ଏଠି ଶେଷ କଥା ବୋଲି କିଛି ନାହିଁ; ବରଂ ସବୁ କଥା ଗୋଟିଏ ନୂତନ ଆରମ୍ଭ । ତେବେ ମୋ ଜୀବନ ଓ ମୋ ସାହିତ୍ୟ ସମ୍ପର୍କରେ ଯେ ମୋତେ ଦିନେ ଲେଖିବାକୁ ହେବ, ଏକଥା ମୁଁ ସ୍ୱପ୍ନରେ ମଧ୍ୟ ଭାବିନଥିଲି । ସେଥିପାଇଁ ସୁଯୋଗ ସୃଷ୍ଟି କରିଥିବାରୁ ମୁଁ ଆୟୋଜକମାନଙ୍କ ନିକଟରେ କୃତଜ୍ଞ ।

●●●

Digitized by srujanika@gmail.com

ISBN 81-8119-035-1
9 788181 190352

ଚିନ୍ମୟ ପ୍ରକାଶନ